ଚିକ୍କବୀର ରାଜେନ୍ଦ୍ର

ଶ୍ରୀନିବାସ



Digitized by srujanika@gmail.com

ଚିକ୍କବୀର ରାଜେନ୍ଦ୍ର

Digitized by srujanika@gmail.com

ଅନ୍ତର୍ଭାରତୀୟ ପୁସ୍ତକମାଳା

ଚିକ୍କବୀର ରାଜେନ୍ଦ୍ର

ଶ୍ରୀନିବାସ
(ମସ୍ତି ଭେଙ୍କଟେଶ ଆୟଙ୍ଗାର)

ଅନୁବାଦ

ମିତ୍ରା ଦାସ

ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com

ISBN-81-237-0301-5

1993 (ଶକାବ୍ଦ 1914)
© ମସ୍ତି ଭେଙ୍କଟେଶ ଆୟ୍ୟଙ୍ଗାର, 1972
ଓଡ଼ିଆ ଅନୁବାଦ © ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, 1993
ଟ 54.00
Kannada Original : Chikkaveera Rajendra
Oriya Translation : Chikkavira Rajendra
ନିର୍ଦ୍ଦେଶକ, ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, ଏ - 5, ଗ୍ରୀନ୍ ପାର୍କ,
ନୂଆଦିଲ୍ଲୀ - 110 016 କର୍ତ୍ତୃକ ପ୍ରକାଶିତ ।

Digitized by srujanika@gmail.com

ପ୍ରାକ୍ କଥା

ଭାରତ ଗୋଟିଏ ଦେଶ ହେଲେ ମଧ୍ୟ ଏଥିରେ ଏକ ବିସ୍ତୃତ ଭୂଖଣ୍ଡର ସମସ୍ତ ବିଶେଷତା ବିଦ୍ୟମାନ। "ଗଙ୍ଗେ ଚ ଯମୁନେ ଚୈବ ଗୋଦାବରୀ ସରସ୍ୱତୀ, ନର୍ମଦେ ସିନ୍ଧୁ କାବେରୀ ଜଳେଽସ୍ମିନ୍ ସନ୍ନିଧିମ୍ କୁରୁ"- ସ୍ନାନ ସମୟରେ ଆମର ପୂର୍ବଜମାନେ ଏହି ଶ୍ଳୋକ ଦ୍ୱାରା ଭାରତର ସାତୋଟି ପବିତ୍ର ନଦୀର ନାମ ଅତି କମ୍‌ରେ ଦିନରେ ଥରେ ହେଲେ ସ୍ମରଣ କରି ନେଉଥିଲେ। ଏହି ସ୍ମରଣକାରୀଙ୍କ ମଧ୍ୟରେ ହୁଏତ ଏପରି ଖୁବ୍ କମ୍ ଥିବେ ଯେ କି ଗଙ୍ଗା ଓ କାବେରୀ ଉଭୟଙ୍କୁ ଦର୍ଶନ କରିଥିବେ। ଏହି ବିଶାଳ ଭୂଖଣ୍ଡ, ଧର୍ମ, ନୀତି, ସଂସ୍କୃତି ଦ୍ୱାରା ଶତ ଶତ ବର୍ଷ ଧରି ଏକତାବଦ୍ଧ ହେଲେ ମଧ୍ୟ ଖୁବ୍ ଅଳ୍ପକାଳ ହେବ ରାଜନୀତିକ ଏକତା ପ୍ରାପ୍ତ ହୋଇଛି। ପ୍ରତ୍ୟେକ ପ୍ରାନ୍ତରେ ଅନେକ ରାଜପରିବାର ଅବସ୍ଥାନ କରୁଥିଲେ ଯେଉଁମାନଙ୍କର ଜୀବନଧାରଣ ପ୍ରଣାଳୀ ପରସ୍ପରଠାରୁ ଭିନ୍ନ। ପ୍ରତ୍ୟେକ ପ୍ରାନ୍ତର ଇତିହାସ ଯେ କୌଣସି ରାଜ୍ୟର ଇତିହାସ ପରି ସମୃଦ୍ଧ ଥିଲା। ରାଜସ୍ଥାନ ହେଉଛି ଏହାର ଉଦାହରଣ। ଏହି ରାଜପୁତ୍ ଭୂମି ଭାରତର ଗୋଟିଏ ଛୋଟ ଅଂଶ ହେଲେ ମଧ୍ୟ ଏହା ଅନେକ ଭାଗରେ ବିଭକ୍ତ, ଯାହାର ପ୍ରତ୍ୟେକ ଭାଗର ଇତିହାସ ସମୃଦ୍ଧିଶାଳୀ ଓ ଗୌରବମୟ। ସେଠାରେ ଶୌର୍ଯ୍ୟ, ଧର୍ମ, ନିଷ୍ଠା, ତେଜ, ବୀରତା ଓ ଶ୍ରଦ୍ଧା ପ୍ରଭୃତିର ଅତି ସହଜ ଓ ସ୍ୱାଭାବିକ ଭାବେ ବିକାଶ ହେବା ସଙ୍ଗେ ସଙ୍ଗେ କ୍ରୁରତା, ଅବବେକିତା, ସ୍ୱାର୍ଥପରତା ଓ ଲୋଭ ମଧ୍ୟ ବିକଟ ରୂପ ଧାରଣ କରିଥିଲା। 'ବହୁରତ୍ନା ବସୁନ୍ଧରା' ପ୍ରକୃତରେ ଏଇ ଭାରତଭୂମି ପ୍ରତି ପ୍ରଯୁଜ୍ୟ। ଯେ କୌଣସି ପ୍ରାନ୍ତର ଇତିହାସରୁ ଜଣାଯାଏ ଯେ ଏହା ମନୋହର ଓ ଯଶୋଧବଳ ହେବା ସଙ୍ଗେସଙ୍ଗେ ମାର୍ଗଦର୍ଶନ ମଧ୍ୟ କରାଏ। କ୍ଷୁଦ୍ର କୋଡ଼ଗ ପ୍ରାନ୍ତର ଇତିହାସରେ ଏହି ତିନୋଟି ବିଷୟ ବିଶେଷ ରୂପେ ପରିଲକ୍ଷିତ ହୁଏ। ସହ୍ୟାଦ୍ରି ପର୍ବତ ଶ୍ରେଣୀ ବମ୍ବେରୁ ଆରମ୍ଭ ହୋଇ ଦକ୍ଷିଣକୁ ବିସ୍ତୃତ। ଏହା ସମୁଦ୍ରର ପଶ୍ଚିମ ଦିଗକୁ କ୍ରମେ ଉଚ୍ଚରୁ ଉଚ୍ଚତର ହୋଇ ନୀଳଗିରିରେ ମିଳିତ ହୋଇଛି। ନୀଳଗିରିରେ ମିଳିତ ହେବା ପୂର୍ବରୁ ଏହି ପର୍ବତଶ୍ରେଣୀ କୋଡ଼ଗ ପ୍ରଦେଶର ପଶ୍ଚିମ ପ୍ରାନ୍ତରେ ପୁଷ୍ପଗିରି ଓ ତାବଲଗେରି, ଗୁରୁନାଡ଼ର ବ୍ରହ୍ମଗିରି ପର୍ଯ୍ୟନ୍ତ ପାଞ୍ଚ ଯୋଜନ ଭୂମି ଉପରେ ବିସ୍ତୃତ ହୋଇ ରହିଛି। ପ୍ରସ୍ଥରେ ଏହା ଉଚ୍ଚନୀଚ ହୋଇ ପ୍ରାୟ ତିନି ଚାରି ଯୋଜନକୁ ବିସ୍ତୃତ ଓ ଏଥିରେ କେତଗୁଡ଼ିଏ ପ୍ରସିଦ୍ଧ ଶୃଙ୍ଗ ବିଦ୍ୟମାନ। ମଡ଼କେରୀ ନିକଟରେ 'କୋଟେବେଟ୍ଟା' ଓ ସର୍ବୋଚ୍ଚ 'ତଡ଼ିୟଣ୍ଡମୋଲି' ଶୃଙ୍ଗଦୁଇଟି ପୁଷ୍ପଗିରିରେ ବିଦ୍ୟମାନ। ବ୍ରହ୍ମଗିରିର ଢ଼ାଲୁ ଅଂଶରେ 'ଦେବସିମଲେ' ଅବସ୍ଥିତ। ଶେଷର 'ସୋମନମଲେ' ନାମକ ଶୃଙ୍ଗ ମଧ୍ୟ ଏଠାରେ ରହିଛି। ଏହି ସବୁ ଉଚ୍ଚ ଶିଖର ଗୁଡ଼ିକୁ ଦେଖିଲେ ମନେହୁଏ ଯେପରି କି ଏମାନେ ପରସ୍ପର ଉଚ୍ଚତା ନେଇ ବଡ଼ାଇ କରୁଛନ୍ତି।

Digitized by srujanika@gmail.com

କୋଡ଼ଗ କାବେରୀ ନଦୀର ଉତ୍ପତ୍ତିସ୍ଥାନ। ଏହି ନଦୀ ବ୍ରହ୍ମଗିରିରୁ ନିର୍ଗତ ହୋଇ ଅଗ୍ନିଦିଗରେ ସିଦ୍ଧାପୁର ଆଡ଼କୁ ପ୍ରବାହିତ ହୋଇ ସେଠାରୁ ଈଶାନ କୋଣରେ କୋଡ଼ଗ ରାଜ୍ୟରେ ସରିୟଙ୍ଗଲ ପର୍ଯ୍ୟନ୍ତ ଯାଇଛି। ମଝିରେ ମଝିରେ ତଡ଼ିୟଣ୍ଡମୋଲୁରୁ ପ୍ରବାହିତ 'ବକବେ' ନଦୀ, ସୋମନମଲେରୁ 'କରଡ଼', ହେଲ୍ଲେଗ୍ଗଲରୁ 'କଦମ୍ବର', 'ବେସ୍ତୁନାଡ଼'ରେ 'ଭଗ୍ଗଲ'ରୁ ବହୁଥିବା 'କୁମ୍ମେ', 'ଏଡନାଲକୁନାଡ଼'ରେ 'କଗ୍ଗୋଡୁନାଣ୍ଡେ'ରୁ ବହୁଥିବା 'ମୁଭାରମୁ', ନଦୀ, ହୋଗୂରୁ ନୂରୋକ୍କଲର ଚିକଲୀ ନଦୀ, କକ୍କେ ଚୋରର ନଦୀ ଓ ମାଦାପୁରର ନଦୀଗୁଡ଼ିକ ଏହା ସହିତ ମିଳିତ ହୋଇ କୁଶାଳ ନଗରର ଉତ୍ତର ଦିଗକୁ ପ୍ରବାହିତ ହେଉଛି।

ଦଶଦିଗରୁ ଏହିପରି ଅନେକ ଛୋଟ ନଦୀସବୁ ଏଥିରେ ସମାହିତ ହୋଇ ଏହାକୁ ସମୃଦ୍ଧ କରିଛି। ହେମାବତୀନଦୀ ଏହିଠାରୁ ନିର୍ଗତ ହୋଇ ଉତ୍ତର ସୀମା ଭାବରେ ରହିଛି। ଏହାର ପର୍ବତ ଶ୍ରେଣୀରୁ 'ଲକ୍ଷ୍ମଣ ତୀର୍ଥ'ର ଉତ୍ପତ୍ତି ହୋଇ ଈଶାନ କୋଣରେ ଏହି ପ୍ରଦେଶ ସୀମା ଅତିକ୍ରମ କରି କାବେରୀ ନଦୀ ସହ ମିଳିତ ହୋଇଛି।

ପାଞ୍ଚଯୋଜନ ଲମ୍ବ ଓ ତିନି ଯୋଜନ ପ୍ରସ୍ଥ ବିଶିଷ୍ଟ ଏହି ପାର୍ବତ୍ୟ ପ୍ରଦେଶ ଏକ ବିଶିଷ୍ଟ ଜନସମ୍ପ୍ରଦାୟର ବାସଭୂମି। ଏଠାକାର ଅଧିବାସୀଗଣ କୋଡ଼ଗୀ ନାମରେ ବିଦିତ। ଏହି ଜନସମ୍ପ୍ରଦାୟର ଏକତ୍ର ଜୀବନଯାପନ ପ୍ରଣାଳୀ ଏହି ପ୍ରଦେଶର ବୈଶିଷ୍ଟ୍ୟ। ଦେଶର ଅଧିକାଂଶ ଅଧିବାସୀ କୋଡ଼ଗୀ ହେଲେ ସୁଦ୍ଧା ସେମାନେ ଏହି ପ୍ରଦେଶରେ କେବେହେଲେ ରାଜତ୍ୱ କରିନାହାନ୍ତି। 'କୋଡ଼ଗୀ'ମାନଙ୍କ ବ୍ୟତୀତ ଆହୁରି ଅନେକ ରାଜବଂଶ ଏଠାରେ ରାଜତ୍ୱ କରିଛନ୍ତି। କଦମ୍ବ, ଗଙ୍ଗ, ଚୋଳ, ଚାଲୁକ୍ୟ, ହୋୟ୍ୟସାଲା ଆଦି ରାଜାଗଣ ଏଠାରେ ଶାସନ କରିଥିଲେ। ଶେଷରେ 'ଇକ୍କେରୀ' ରାଜବଂଶର ଉଦ୍ଦିନୀ ପ୍ରଥମ ରାଜବଂଶକୁ ନିର୍ମୂଳ କରି ପ୍ରଜାଙ୍କ ଇଚ୍ଛାନୁଯାୟୀ ନିଜେ ରାଜା ହେଲେ। ତାଙ୍କର ରାଜତ୍ୱ ଦୁଇଶତ ବର୍ଷରୁ ଅଧିକକାଳ ଚାଲିଥିଲା।

ଏକ ଦିଗରୁ ମହୀଶୂର ରାଜ୍ୟ, ଅନ୍ୟ ଦୁଇ ଦିଗରୁ କେରଳ ଓ ମାଙ୍ଗାଲୋର ରାଜ୍ୟର ପ୍ରଭୁତ୍ୱ ଥିଲା। ଏମାନଙ୍କ ମଧ୍ୟରେ କୋଡ଼ଗର ରାଜାଙ୍କୁ ନିଜର ସ୍ୱତନ୍ତ୍ରତା ବଜାୟ ରଖିବା ପାଇଁ ସଦାସର୍ବଦା ସଂଘର୍ଷ କରିବାକୁ ପଡୁଥିଲା। ପାହାଡ଼ି ରାଜ୍ୟ ହୋଇଥିବାରୁ ଏହାକୁ ଦଖଲକରିବା ଅନ୍ୟ ରାଜ୍ୟ ଗୁଡ଼ିକ ପକ୍ଷରେ ସମ୍ଭବପର ହୋଇ ନଥିଲା। ଏହି ବଂଶର ଦୋଡ଼ବୀର ରାଜେନ୍ଦ୍ର ଅତି କୌଶଳର ସହ ରାଜ୍ୟ ଶାସନ କରି ତାଙ୍କ ସମକାଳୀନ ରାଜାଙ୍କର ପ୍ରଶଂସାଭାଜନ ହୋଇଥିଲେ।

ଦୋଡ଼ବୀର ରାଜାଙ୍କର ତାଙ୍କ ଅନ୍ତେ ତାଙ୍କର କନ୍ୟା ଦେବମ୍ମାଜୀଙ୍କୁ ରାଣୀ କରିବାର ଅଭିଳାଷ ଥିଲା। ଦେବମ୍ମାଜୀ ଗାଦୀରେ ବସିଲେ। କିନ୍ତୁ ତାଙ୍କର କନିଷ୍ଠ ଭ୍ରାତା ଲିଙ୍ଗରାଜ ତାଙ୍କର ବିରୋଧ କରିଥିଲେ। କିଛିକାଳ ଦେବାନ ରହିବା ପରେ ଦେବମ୍ମାଜୀଙ୍କୁ ଗାଦୀରୁ ବିତାଡ଼ିତ କରି ସେ ନିଜେ ରାଜା ହେଲେ। ନଅବର୍ଷ ରାଜତ୍ୱ ପରେ ତାଙ୍କର ସ୍ୱର୍ଗବାସ ହେବାରୁ ତାଙ୍କର ବିଂଶବର୍ଷୀୟ ପୁତ୍ର ଚିକ୍କବୀର ରାଜସିଂହାସନରେ ବସିଲେ।

କୋଡ଼ଗର ସେହି ରାଜବଂଶର ସେ ଶେଷ ରାଜା ଥିଲେ। ତାଙ୍କର ରାଜତ୍ୱର ଚଉଦବର୍ଷ ପରେ କୋଡ଼ଗରାଜ୍ୟ ଇଂରେଜଙ୍କ ଅଧୀନସ୍ଥ ହେଲା। ଚିକ୍କବୀରରାଜଙ୍କ ଦ୍ୱାରା ତାଙ୍କ ବଂଶର ସମ୍ମାନବୃଦ୍ଧି ହୋଇ ନଥିଲା। ତାଙ୍କ ରାଜତ୍ୱର ଶେଷ ଆଠବର୍ଷ ହେଉଛି ଏହି ଉପନ୍ୟାସର ପଟ୍ଟଭୂମି।

Digitized by srujanika@gmail.com

କଥାମୁଖ

୧୭୫୫ ଶକାବ୍ଦର ଘଟଣା। ମଡ଼କେରୀ ରାଜଭବନର ଅନ୍ତଃପୁରରେ ଗୋଟିଏ କୋଣିକିଆ କୋଠରୀର ତାଲା ବନ୍ଦ ଥିଲା। ଦ୍ୱିପ୍ରହରର ସମୟ। ରୋଷେଇଘରୁ ଭୋଜନ ଥାଳୀ ସହ ଜଣେ ଭୃତ୍ୟ ସେହି କୋଠରୀର ଦ୍ୱାର ଦେଶରେ ଆସି ଠିଆ ହେଲା। ଠିକ୍ ସେହି ସମୟରେ ଜଣେ ଲେଙ୍ଗଡ଼ା ଲୋକ ଚାବି ସହ ସେଠାରେ ପହଞ୍ଚି ତାଲା ଖୋଲି ଦେଲା।

କୋଠରୀ ଭିତରକୁ ଯାଇ ସେ ଇଶାରା କରିବାରୁ ଦ୍ୱାରଦେଶରେ ଠିଆ ହୋଇଥିବା ଭୃତ୍ୟ ଥାଳୀ ନେଇ ଭିତରକୁ ଗଲା। ଲେଙ୍ଗଡ଼ା ସାମାନ୍ୟ କଠୋର ସ୍ୱରରେ କହିଲା ''ଭାତ ଆସିଲାଣି ରାଣୀ ମା, ନିଅନ୍ତୁ।''

କୋଣରେ ବସିଥିବା ଯୁବତୀ କହିଲେ, ''ତୁ ଚୁଲୀକି ଯା, ତୋ ଭାତବି ଚୁଲୀକି ଯାଉ, ଶୀଘ୍ର ଯା ଏଠାରୁ। ଆଉ କେବେହେଲେ ଆସିବୁନାହିଁ।''

''ଆପଣ କ'ଣ ତେବେ ଆଜି ଭୋଜନ କରିବେ ନାହିଁ?''

''ମୋର ଖାଇବା ନ ଖାଇବା ବିଷୟରେ ତୋର କ'ଣ ଯାଏ ଆସେ? ତୁ ତୋର ନିଜ କାମ ଦେଖ।''

''ଆଉ ମାଗିଲେ କିନ୍ତୁ ମିଳିବ ନାହିଁ।''

''ଓ ହୋ ! ବେଶୀ କଥା ନ କହି ଶୀଘ୍ର ଏଠାରୁ ଚାଲିଯା। ମୁଁ ପୁଣି ଏ ହାରାମଜାଦାକୁ ଖାଇବାକୁ ମାଗିବି !''

ସେହି ସମୟରେ ପ୍ରାୟ ଚଉଦବର୍ଷର ଗୋଟିଏ ଝିଅ ସେହି ଦ୍ୱାର ନିକଟରକୁ ଆସିଲା। ଏମାନଙ୍କ କଥୋପକଥନ ଶୁଣି ତା'ର ମୁହଁ ଶେତା ପଡ଼ିଗଲା ଓ ସେ ଭିତରକୁ ପ୍ରବେଶ କଲା।

ଝିଅଟି ଯେ ଏଠାରେ ଆସି ପହଞ୍ଚିବ ସେ ଧାରଣା ଲେଙ୍ଗଡ଼ାର ନଥିଲା। ସେ ତାକୁ ସେଠାରେ ଦେଖି କହିଲା, ''ରାଜକୁମାରୀ, ଆପଣଙ୍କୁ ଏଠାକୁ କିଏ ଆସିବାକୁ କହିଲା? ଚାଲନ୍ତୁ... ଚାଲନ୍ତୁ। ରାଜା ଜାଣିଲେ ଆମ ସମସ୍ତଙ୍କୁ ମାରିଦେବେ।''

ଝିଅଟି କହିଲା, ''ମାରି ଦିଅନ୍ତୁ ପଛେ ମୁଁ କିନ୍ତୁ ପିଉସୀଙ୍କ ପାଖରେ ରହିବି। ଲେଙ୍ଗଡ଼ା ବିରକ୍ତ ହୋଇ ଭୃତ୍ୟକୁ କହିଲା, ''ମୁଁ ତତେ ଦ୍ୱାର ବନ୍ଦ କରି ଆସିବାକୁ କହିଥିଲି କି ନାହିଁ? ମୋତେ ବିପଦରେ ପକାଇବାକୁ ତୁ ଖୋଲା ରଖିଦେଲୁ। ବୋକା କୋଉଠିକାର।'' ତାପରେ ଝିଅଟିକୁ କହିଲା, ''ମୁଁ ଆପଣଙ୍କୁ ହାତ ଯୋଡୁଛି ଏଥର ଆପଣ ଚାଲନ୍ତୁ। ଇଚ୍ଛା ହେଲେ ପିତାଙ୍କ ସହ କଥାବାର୍ତ୍ତା ହୁଅନ୍ତୁ। ଆଉ ଡେରି କରନ୍ତୁ ନାହିଁ। ପିତା ଯଦି ଦେଖନ୍ତି ତେବେ ଅନର୍ଥ ଘଟିବ।''

Digitized by srujanika@gmail.com

ଲେଙ୍ଗଡ଼ାର କଥାରେ ବନ୍ଦୀ ପ୍ରତି ସମ୍ମାନ ତଥା ଝିଅଟି ପ୍ରତି ବାତ୍ସଲ୍ୟ ଓ ଭୃତ୍ୟ ପ୍ରତି କ୍ରୁରତା ଆଦି ଭାବ ସ୍ପଷ୍ଟ ପରିଲକ୍ଷିତ ହେଉଥିଲା।

ଝିଅଟି କହିଲା, ''ପିତା ଏଠାକୁ ଆସିବେ ବୋଲି ତ ମୁଁ ଆସିଛି। ତାଙ୍କୁ ଆସିବାକୁ ଦିଅ। ମୁଁ ପିଉସୀଙ୍କୁ ଛାଡ଼ି କେବେ ଯିବି ନାହିଁ।''

ଲେଙ୍ଗଡ଼ା ଖୁବ୍ କ୍ରୋଧାନ୍ୱିତ ହୋଇ ଉଠିଲା, ବିରକ୍ତି ସହ ସେ ଭୃତ୍ୟର ଗାଲରେ ଚାପୁଡ଼ା ମାରି କହିଲା, ''ମୂର୍ଖ, ତୋତେ ଦ୍ୱାର ବନ୍ଦ କରିବାକୁ କହିଥିଲି କରିଥିଲୁ? ରହ, ମୁଁ ତତେ ଠିକ୍ କରୁଛି। ତା'ପରେ ଝିଅଟିକୁ ଭୟ ଦେଖାଇବା ପାଇଁ କହିଲା, ''ତା ହେଲେ ମୁଁ ପିତାଙ୍କୁ ଡାକେ?''

ଭୃତ୍ୟ କହିଲା, କ୍ଷେମାଦେଇ, ମୁଁ ମନାକରୁଥିଲି ଆପଣ ଦ୍ୱାର ବନ୍ଦ କରିବାକୁ ଦେଲେ ନାହିଁ। ଆପଣଙ୍କ କଥା ମାନିବା ଯୋଗୁଁ ମୋର ଏହି ଦଶା ହେଲା।''

ଝିଅଟି କହିଲା, ''ଛାଡ଼, ଯାହା ହେବାର ହେଲାଣି। ତୁମେ ବାହାରକୁ ଯାଅ। ଲେଙ୍ଗଡ଼ା ଆଉଥରେ ତୁମ ଦେହରେ ହାତ ଦେଲେ ମୁଁ ତାକୁ ଦେଖିବି।''

ଝିଅଟି ତା'ର ପିତାଙ୍କୁ ଡାକି ଆଣିବାକୁ ଲେଙ୍ଗଡ଼ାକୁ ଆଦେଶ ଦେଲା। କଥାବାର୍ତ୍ତାରେ ତାକୁ ଲେଙ୍ଗଡ଼ା ବୋଲି କୁହାଯାଉଥିବାରୁ ସେ ମନେ ମନେ ବିରକ୍ତ ହେଉଥାଏ। ଝିଅଟି ଆଡ଼କୁ ଖୁବ୍ ବିରକ୍ତ ସହକାରେ ବୁଲିପଡ଼ି ତା'ପରେ କିଛି କ୍ଷଣ ଏପଟ ସେପଟକୁ ଚାହିଁ କ'ଣ ଭାବି ଅନ୍ୟମନସ୍କ ଭାବେ ବାହାରକୁ ଚାଲିଗଲା।

ବାହାରେ ଆଉ ଗୋଟିଏ ସ୍ତ୍ରୀ ମୂର୍ତ୍ତି ତା'ର ଦୃଷ୍ଟିଗୋଚର ହେଲା। ତାଙ୍କୁ ଦେଖିବା ସଙ୍ଗେସଙ୍ଗେ ଲେଙ୍ଗଡ଼ା ମୁଣ୍ଡ ନୁଆଁଇ ହାତଯୋଡ଼ି କହିଲା, ''ଏଠାକୁ କାହାରିକୁ ଆସିବା ପାଇଁ ନ ଦେବାକୁ ମାଲିକ ହୁକୁମ ଦେଇଛନ୍ତି। ରାଜକୁମାରୀ ଆସିଛନ୍ତି ପୁଣି ଆପଣ ସ୍ୱୟଂ ଯଦି ଭିତରକୁ ଯାଆନ୍ତି ତେବେ କ'ଣ ଯେ ହେବ କହି ହେବ ନାହିଁ ।''

ସୌମ୍ୟ ମୁଖରେ ଗମ୍ଭୀର ହୋଇ ସେ କହିଲେ, ''ବସବୟା ରାଜମହଲରେ ଆମର କେଉଁଠାକୁ ଯିବା ଉଚିତ ଓ ଅନୁଚିତ ଏହା କହିବାକୁ ତୁମେ କିଏ?''

ସେ ଥିଲେ କୁର୍ଗର ରାଣୀ ଗୌରମ୍ମା। ତାଙ୍କର ଗମ୍ଭୀର ବ୍ୟକ୍ତିତ୍ୱ ଓ ସ୍ୱର ଶୁଣି ଲେଙ୍ଗଡ଼ା ହତପ୍ରଭ ହୋଇଗଲା।

''ମାଲିକଙ୍କର ଯାହା ହୁକୁମ ଥିଲା ତାହା ହିଁ କହିଲି ରାଣୀ ମା', ସେ ଯଦି ରାଗି ଯାଆନ୍ତି ତେବେ ତାଙ୍କୁ କିଏ ବାଧା ଦେବ?''

''ଠିକ୍ ଅଛି। ତାଙ୍କୁ ମୁଁ ବୁଝାଇଦେବି। ଯାଙ୍କୁ ବି ତ ଦେଖିବାକୁ ପଡ଼ିବ।''

''ଯାହା ଆପଣଙ୍କର ହୁକୁମ, ରାଣୀ ମା'।''

ଗୌରମ୍ମା ପାଦ ବଢ଼ାଇ କୋଠରୀ ଭିତରକୁ ଚାଲିଗଲେ। ବସବ ତାଙ୍କ ପଛେ ପଛେ ଯାଇ ଦ୍ୱାର ନିକଟରେ ଅପେକ୍ଷା କଲା। ରାଣୀ ଭିତରକୁ ଯାଉ ଯାଉ ରାଜକୁମାରୀ ଦୌଡ଼ି ଆସି ତାଙ୍କ ହାତ ଧରି କହିଲେ, ''ମା, ପିଉସୀ ଖାଇବେ ନାହିଁ ବୋଲି କହୁଛନ୍ତି। ତୁମେ ତାଙ୍କୁ ବୁଝାଅ।''

Digitized by srujanika@gmail.com

କୋଣରେ ବସିଥିବା ଯୁବତୀ ଲୁହ ପୋଛି ଚୁପ ହୋଇଗଲେ। ରାଣୀ ତାଙ୍କ ନିକଟକୁ ଯାଇ କହିଲେ, ''ଭଉଣୀ ଆଜି ତୁମର କ'ଣ ହୋଇଛି। ବସବୟା କ'ଣ ତୁମକୁ କିଛି କହିଛି ?''

ଯୁବତୀ କାନ୍ଦ କାନ୍ଦ ହୋଇ କହିଲେ, ''ଦେଖ ଭାଉଜ, ରାତିରେ ଭାଇଙ୍କ ଠାରୁ ଅନେକ କଥା ଶୁଣିବାକୁ ପଡ଼ିଲା। କହିଲେ, 'ଏ ଗର୍ଭ କାହାର କହ ନଚେତ୍ ତତେ ଏଇ ଲେଙ୍ଗଡ଼ା ହାତରେ ଦେଇଦେବି।' ମୋର ମରଣରେ ଯେଉଁଠି ସମସ୍ତେ ଶାନ୍ତି ପାଇବେ ସେତେବେଳେ ମୋ'ର ବଞ୍ଚି ରହିବା ବା ଭୋଜନ କରିବା କି ପ୍ରୟୋଜନ ?''

''ନଖାଇଲେ ତୁମ ଗର୍ଭର ଶିଶୁର କ'ଣ ହେବ ?'' କହିଲେ ରାଜକୁମାରୀ।

ରାଣୀ ମଧ୍ୟ କହିଲେ, ''ସବୁ ଅସୁବିଧା ସତ୍ତ୍ୱେ ଯେଉଁ ଘରେ ତୁମେ ଜନ୍ମ ହୋଇଛ ତା'ର ସମ୍ମାନ ବଞ୍ଚେଇବାକୁ କିଛି ଉପାୟ କରିବାକୁ ହେବ। ପ୍ରତିଶୋଧର ଭାବନା ରଖିଲେ କନ୍ୟାକୁ ହତ୍ୟା କରିବାର ପାପ ଏଇ ଘର ଉପରେ ଲାଗିବ।''

ଯୁବତୀ କହିଲା, ''କନ୍ୟାକୁ ହତ୍ୟା କରିବା ଏଇ ଘର ପକ୍ଷରେ କିଛି ନୂଆ କଥା ନୁହେଁ। ଦଶ ଜଣଙ୍କର ଏଇ ଅବସ୍ଥା ହୋଇଛି। ମୁଁ ହେବି ଏକାଦଶ।''

ରାଜକୁମାରୀ ତା'ର ମା'ଙ୍କୁ କହିଲା, ''ମା, ଆଜି ପିଉସୀଙ୍କୁ ତାଙ୍କ ଗ୍ରାମକୁ ପଠାଇଦିଅ, ନଚେତ୍ ମୁଁ ଖାଦ୍ୟ ସ୍ପର୍ଶ କରିବି ନାହିଁ।''

ଇତ୍ୟବସରରେ ବସବ ଭଗ୍ନୀଙ୍କର ବନ୍ଦୀଗୃହରେ ରାଣୀ ତଥା ରାଜକୁମାରୀଙ୍କର ଉପସ୍ଥିତି ବିଷୟ ଭୃତ୍ୟଦ୍ୱାରା ରାଜାଙ୍କ ନିକଟରେ ସମ୍ବାଦ ପହଞ୍ଚାଇ ସାରିଥିଲା, ସମ୍ବାଦ ପାଇବାମାତ୍ରେ ବୀରରାଜ କ୍ରୋଧାନ୍ୱିତ ହୋଇ ସେଠାରେ ଆସି ପହଞ୍ଚିଲେ।

୨

ବୀରରାଜ ପ୍ରାୟ ୩୫ ବର୍ଷର ଯୁବକ ହେଲେ ମଧ୍ୟ ସେ ଯେପରିଭାବରେ ଜୀବନ ଅତିବାହିତ କରିଥିଲେ ତା'ର ଫଳ ସ୍ୱରୂପ ତାଙ୍କ ମୁଖରେ ରୁଗ୍ଣତା, କାନ୍ତିହୀନତା ଥିଲା। ବାର୍ଦ୍ଧକ୍ୟର ଲକ୍ଷଣ ଦେଖା ଦେଇଥିଲା। ଯୁବା ଶରୀରରେ ବୁଢ଼ାଙ୍କ ପରି ଆଖି ଦୁଇଟିରେ କ୍ରୁରତା ପରିସ୍ଫୁଟ ହେଉଥିଲା।

ରାଜକୁମାରୀ ଦୂରରୁ କୃଦ୍ଧ ପିତାଙ୍କୁ ଦେଖି ମଧ୍ୟ ସେଥିପ୍ରତି ଭ୍ରୂକ୍ଷେପ ନ କରି ତାଙ୍କ ନିକଟକୁ ଦୌଡ଼ିଯାଇ ହାତ ଧରି ପକାଇ କହିଲା, ''ବାପା, ବସବୟା ପିଉସୀଙ୍କୁ କ'ଣ କହିଲ ? କେଜାଣି, ସେ ମୋଟେ ଖାଉନାହାନ୍ତି। ଆପଣତାଙ୍କୁ ତାଙ୍କ ଘରକୁ ପଠାଇ ଦିଅନ୍ତୁ।''

ବୀରରାଜ ତା'ର କଥାରେ ଧ୍ୟାନ ଦେବା ପରିବର୍ତ୍ତେ ବରଂ ତାଙ୍କ ବିନାନୁମତିରେ ରାଜକୁମାରୀ ଏଠାକୁ ଆସିଥିବାରୁ ତାଙ୍କର ବିରକ୍ତି ଆସୁଥିଲା। ''ତୁ ଏଠାକୁ କାହିଁକି ଆସିଲୁ ? ତୋତେ ଏଠାକୁ ଆସିବାକୁ କିଏ କହିଲା ?'' କହି ସେ ତା ନିକଟକୁ ଆଗେଇ ଗଲେ। ତା' ପରେ କୋଠରୀ ମଧ୍ୟକୁ ଯାଇ ରାଣୀଙ୍କୁ ବିରକ୍ତ ହୋଇ କହିଲେ, ''ତୁମକୁ ଏଠାକୁ କିଏ

Digitized by srujanika@gmail.com

ଡାକିଲା ? ତୁମର ଯେଉଁଠାରେ ରହିବା କଥା ସେଠାରେ ସମ୍ମାନର ସହିତ ରୁହ । ମୋର ବିନାନୁମତିରେ ଏଠାରେ ଯେପରି କେହି ପାଦ ନ ପକାନ୍ତି...''

ଗୌରମ୍ମା ତାଙ୍କୁ କୌଣସି ଉତ୍ତର ନ ଦେଇ ଭୃତ୍ୟ ତଥା ବାସବଙ୍କୁ କହିଲେ, ''ତୁମେ ଦୁଇଜଣ କୋଠରୀ ବାହାରେ ଅପେକ୍ଷା କର ।''

ବୀରରାଜ କିନ୍ତୁ ସେ ଦୁଇଜଣଙ୍କୁ ସେହିଠାରେ ରହିବାକୁ କହି ରାଣୀ ଓ ରାଜକୁମାରୀଙ୍କୁ ସେଠାରୁ ଚାଲିଯିବାକୁ କହିଲେ ।

''ମୋ ସ୍ୱାମୀ ମୋତେ କ'ଣ କହିବେ ? ତାହା ଶୁଣିବା ପାଇଁ ଭୃତ୍ୟମାନଙ୍କର କ'ଣ ଏଠାରେ ରହିବା ଉଚିତ ?''

''ହଁ, ସେମାନଙ୍କର ଏଠାରେ ରହିବା ଉଚିତ, ଯେ ମୋର ଆଜ୍ଞାକୁ ଅମାନ୍ୟ କରେ ସେ ମୋର ପତ୍ନୀ ହେବାକୁ ଯୋଗ୍ୟ ନୁହେଁ ।''

''ହାତ ଧରି ଆଣିଥିବା ସ୍ତ୍ରୀ ଅପର ହୋଇପାରେ କିନ୍ତୁ ନିଜର ଜନ୍ମିତ କନ୍ୟାକୁ କ'ଣ କହିବେ । ତାକୁ ମଧ୍ୟ କ'ଣ ଭୃତ୍ୟ ସମକ୍ଷରେ ଦଣ୍ଡ ଦେବେ ।''

''ମୁଁ କ'ଣ କରୁଛି ତାହା ପଚାରିବାକୁ ତୁମେ କିଏ ? ବାହାରକୁ ଯାଅ ।''

''ରାଣୀ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଚାହାଣୀରେ ବସବ ଓ ଭୃତ୍ୟ ଆଡ଼କୁ ଦେଖିଲା ବେଳକୁ ଭୃତ୍ୟ ଦ୍ୱାର ପର୍ଯ୍ୟନ୍ତ ଚାଲିଯାଇଥିଲା । ତାଙ୍କ ଦୃଷ୍ଟି ସାମନାରେ ନତ ହୋଇ ବସବ ମଧ୍ୟ ଧୀରେ ଦ୍ୱାର ଆଡ଼କୁ ଯାଇ ବିପରୀତ ଦିଗକୁ ମୁହଁ କରି ଠିଆ ହେଲା ।

''ଗ୍ରହଦଶାରେ ଖରାପ ଅଛି ବୋଲି ଜ୍ୟୋତିଷ କହିଥିବାରୁ ମୁଁ ଏଠାକୁ ଆସିଛି, ନଚେତ୍ ଭାଇଭଉଣୀଙ୍କ ମଧ୍ୟରେ ମୋର କି ଆବଶ୍ୟକତା ଅଛି ?'' କହିଲେ ରାଣୀ ।

''ତୁମର ଜ୍ୟୋତିଷ ବେଶୀ ଜାଣିଲାବାଲା । ସେ ଯାହା କହିଲା ତୁମେ ମଧ୍ୟ ସେଥିରେ ବିଶ୍ୱାସ କରିଗଲ ମୋର ବିନାନୁମତିରେ ତୁମେ ଏପରି ଖେଳ ଖେଳିଲ ।''

''ମୋର ଏଠାକୁ ଆସିବା ଭୂଲ ହୋଇପାରେ । ତଥାପି ମହାରାଜ ଓ ରାଜକୁମାରୀଙ୍କ ମଙ୍ଗଳପାଇଁ ମୁଁ ଏଠାକୁ ଆସିଛି । ମୋର ଅପରାଧ କ୍ଷମା କରି ଭଉଣୀଙ୍କୁ ତା ଘରକୁ ପଠାଇ ଦିଅନ୍ତୁ ।''

ଗୌରମ୍ମାଜୀ ପତିଙ୍କଠାରୁ ଅନେକ ଥର ଭର୍ତ୍ସନା ଶୁଣିଛନ୍ତି । କେତେଥର ଛାତରେ ଓ ମଦନିଶାରେ ତାଙ୍କ ଉପରେ ହାତ ମଧ୍ୟ ଉଠାଇଛନ୍ତି । କିନ୍ତୁ ସେ କେବେହେଲେ ରାଣୀର ମର୍ଯ୍ୟାଦାକୁ ଭୁଲି ନାହାନ୍ତି । ଆଜି ମଧ୍ୟ ନିଜର ସହଜ ସ୍ୱଭାବ ନେଇ ସେ ପତିଙ୍କର ସାମନା କଲେ ।

ବୀରରାଜ ଦାନ୍ତ ରଗଡ଼ି କହିଲେ, ''ଏତେ କଥା କାହିଁକି କହୁଛ ? କ'ଣ କରିବା ଉଚିତ ଓ ନ କରିବା ଉଚିତ୍ ମୁଁ ଜାଣେ । ବର୍ଷେ ହେବ ବନ୍ଦୀ ଥାଇ ମଧ୍ୟ ତୁମ ନଣନ୍ଦ କାହାର ଗର୍ଭ ଧାରଣ କରିଛି ସତ କରି କୁହ । ନଣନ୍ଦକୁ କାହା ଦ୍ୱାରା ଗର୍ଭବତୀ କରାଇ ବର୍ତ୍ତମାନ ପତି ଘରକୁ ପଠେଇବାକୁ ଚାହୁଁଛ ।''

ଏତିକିବେଳେ ଘର କୋଣରେ କାନ୍ଦି କାନ୍ଦି ଦେବମ୍ମାମୀ ଉଠି ଠିଆ ହୋଇ ନିଆଁ ବରଷୁଥିବା ଚାହାଣୀରେ ଭାଇଙ୍କ ଆଡ଼କୁ ଚାହିଁ କହିଲେ, ''ମୋତେ ଖରାପ କଥା ଯେ

Digitized by srujanika@gmail.com

କହିବ ତା ପାଟିରେ ପୋକ ପଡ଼ିବ। ମୁଁ ତୁମ ପରି ହୋଇନି ଯେ ନିଜ ଇଚ୍ଛାନୁସାରେ ଜୀବନ ବିତେଇବି।''

''ଏ ଛିଣ୍ଡାଳ, କୁକୁରୀ, ଭାଇ ବୋଲି ନାଁ ଧର ନାହିଁ। କାହାର ଗର୍ଭ କହ, ନଚେତ ଦେଖିବୁ।''

ରାଣୀ ସ୍ୱାମୀଙ୍କୁ କହିଲେ, ''ଖରାପ କଥା କହନ୍ତୁ ନାହିଁ। ଝିଅ କିଏ, ଭଉଣୀ କିଏ? ଘର ଝିଅର ଇଜ୍ଜତ ହେଉଛି ନିଜର ଇଜ୍ଜତ। ମାସ ମାସ ଧରି ସେ ଏକାନ୍ତରେ କାନ୍ଦିବାରୁ ଦିନେ ମୁଁ ନଣଦେଇଙ୍କୁ ଡକେଇ ପଠେଇଥିଲି। ଏଥିରେ କ'ଣ ଭୁଲ ହେଲା? ଗୁରୁଜନମାନେ କ'ଣ ଏଇ ଘରେ ଯାଙ୍କର ବିବାହ ଦେଇ ନଥିଲେ? ସେମାନଙ୍କର ଆଶୀର୍ବାଦର ଫଳ ଆଜି ତାଙ୍କୁ ମିଳିଛି। ଏହାକୁ ବନ୍ଦୀ ଗୃହ କାହିଁକି କହିବା? ଏହା ହେଉଛି ବାସର ଘର। ଭଲ କଥା କହନ୍ତୁ। ନିଜର କନ୍ୟା ସଦୃଶ ଭଉଣୀଙ୍କୁ ତା'ର ସ୍ୱାମୀ ଘରକୁ ପଠାଇ ଦିଅନ୍ତୁ।''

ତାଙ୍କ ଆଜ୍ଞାର ଏତେ ଦୂର ଉଲଘଂନ ହୋଇଥିବାର ଜାଣି ବୀରରାଜ ପାଦରୁ ମୁଣ୍ଡ ପର୍ଯ୍ୟନ୍ତ କ୍ରୋଧରେ କମ୍ପିଉଠିଲେ। ''ଓଃ! ହାରାମଜାଦୀ! ତୁ ମୋର ବନାନୁମତିରେ ସେ ମୂର୍ଖକୁ ଏଠାକୁ ଆସିବାକୁ ଅନୁମତି ଦେଲୁ। ଏଇଲାଗେ ତତେ ମୁଁ ଠିକ୍ କରୁଛି ରହ।'' ଏହା କହି ସେ ମାରିବା ପାଇଁ ହାତ ଉଠାଇ ରାଣୀଙ୍କ ଆଡ଼କୁ ଆଗେଇ ଗଲେ।

ମଝିରେ ସେ ବାଧା ପ୍ରାପ୍ତ ନ ହୋଇଥିଲେ ରାଣୀଙ୍କର ଯେ କି ଅବସ୍ଥା ହୋଇଥାନ୍ତା କହି ହେଉ ନାହିଁ। ରାଜା ତାଙ୍କୁ ଜୀବନରେ ମାରି ଦେଇଥିଲେ ମଧ ତାହା ଆଶ୍ଚର୍ଯ୍ୟର ବିଷୟ ହୋଇ ନଥାନ୍ତା। ଭାଗ୍ୟକୁ ସେତିକିବେଳେ ରାଜକୁମାରୀ ଆଣ୍ଠେଇ ପଡ଼ି ରାଜାଙ୍କ ଗୋଡ଼କୁ ଜାବୁଡ଼ି ଧରି କହି ଉଠିଲା, ''ନାଁ ନାଁ ବାପା, ମୁଁ ପିଉସାଙ୍କୁ ଭିତରକୁ ଯିବାକୁ ଦେଇଥିଲି।''

ରାଜା କେବେହେଲେ ଭାବି ନଥିଲେ ଯେ ଝିଅ ତାଙ୍କର ଗୋଡ଼ ଦୁଇଟିକୁ ଜାବୁଡ଼ି ଧରିବ। ସେ ପଡ଼ିଯିବା ପରି ହେବାରୁ ରାଣୀ ଆଗକୁ ଆସି ତାଙ୍କୁ ସମ୍ଭାଳି ନେଲେ। ସେ ସମ୍ଭାଳି ହେବା ପରେ ରାଣୀ ଦୂରେଇ ଠିଆ ହେଲେ।

ଝିଅ ଉପରେ ବୀରରାଜାଙ୍କର ଖୁବ୍ କ୍ରୋଧ ଆସୁଥିଲେ ମଧ ସେ କିଛି ନ କହି ଚୁପରହିଲେ। ଯଦିଓ ସେ ଖୁବ୍ କଠୋର ପ୍ରକୃତିର ଥିଲେ କନ୍ୟା ହିଁ ତାଙ୍କ ଜୀବନର ଏକମାତ୍ର ଦୁର୍ବଳତା ଥିଲା। ଆଣ୍ଠେଇ ପଡ଼ିଥିବା କନ୍ୟାର ହାତ ଧରି ଉଠାଇ ସେ କହିଲେ, ''ତୁ ଯାଇ ଖେଳାବୁଲା କର। ନିଜ କାମ ଛାଡ଼ି ଏ ସବୁ କଥାରେ କାହିଁକି ପଶୁଛୁ?''

''ପିଉସୀଙ୍କୁ ଯେତେ ପର୍ଯ୍ୟନ୍ତ ତାଙ୍କ ଘରକୁ ନ ପଠେଇବେ ସେତେବେଳ ପର୍ଯ୍ୟନ୍ତ ମୁଁ ଅନ୍ନସ୍ପର୍ଶ କରିବି ନାହିଁ,'' ଉତ୍ତର ଦେଲେ ରାଜକୁମାରୀ।

''ଝିଅ ତୁ କି କଥା କହୁଛୁ? ଏ ତୋର ପିଉସୀ ଓ ସେ ମୂର୍ଖ ତୋର ପିଉସା କେମିତି ହେଲେ। ସମ୍ଭବ ହେଲେ ତୋର ପିଉସୀ ମୋତେ ଓ ତୋତେ ମାରି ସ୍ୱୟଂ ରାଣୀ ହୋଇଯିବ। ତୁ ଏ ନାଗୁଣୀକୁ ବଞ୍ଚାଇବାକୁ ଚାହୁଁଛୁ?''

Digitized by srujanika@gmail.com

କୋଣରେ ବସିଥିବା ଦେବକ୍ଷ୍ମାଜୀ କହିଲେ, ''କାହିଁକି ଏପରି ନ ହେବ ? ତୁମେ ଯଦି ରାଜ୍ୟଭାର ନେଇପାରୁଛ ମୁଁ କାହିଁକି ପାରିବି ନାହିଁ ? ଜଣେ ଚମାର ପୁତ୍ର ମଧ୍ୟ ତୁମଠାରୁ ଶ୍ରେଷ୍ଠ ରାଜା ହୋଇ ପାରିବ। ମୁଁ ଯଦି ରାଣୀ ହୁଏ ତେବେ ଏଥିରେ ଭୁଲ କ'ଣ ହେଲା ?''

କଥା ବଢ଼ିବାକୁ ଲାଗିଲା। ବୀରରାଜ ଭଉଣୀଙ୍କୁ ମାରିବାକୁ ଆଗେଇବାରୁ ରାଣୀ ଓ ରାଜକୁମାରୀ ତାଙ୍କୁ ଧରି ପକାଇଲେ। ବିନୀତ ଭାବରେ ରାଣୀ କହିଲେ, ''ସେ ଗର୍ଭବତୀ ଓ ଏଇ ଘରର କନ୍ୟା। ଯାହା ସେ କହିଲେ ମଧ୍ୟ ଆମକୁ ଶୁଣିବାକୁ ପଡ଼ିବ। ଏହା ହିଁ ଆମର ଭାଗ୍ୟ। ଆମେ ସବୁ ସହିଯିବା। ଅତି କମ୍‌ରେ ଏ ଘରେ ତାଙ୍କର ଅମଙ୍ଗଳ ହେଲା ବୋଲି ବଦନାମ ଓ ଆମକୁ ମୁଣ୍ଡେଇବାକୁ ପଡ଼ିବ ନାହିଁ।''

ରାଜକୁମାରୀ: ''ପିଉସୀ, ତୁମେ ଏଣୁ ତେଣୁ କଥା ନ କହି ଚୁପ ହୋଇ ରହ।''

ଦେବକ୍ଷ୍ମାଜୀ: ''ତେବେ ମତେ କାହିଁକି ଏପରି କଥା କୁହାଯାଉଛି ? ଭାଇ ଓ ଝିଅାରୀଙ୍କୁ ମାରି ରାଣୀ ହେବା ପାଇଁ ମୁଁ କେବେ କହିଥିଲି ? ଦେଶ ସାରା ସମସ୍ତେ କହୁଥିଲେ ଯେ ରାଜା ସମସ୍ତଙ୍କ ସହ ଶତ୍ରୁତା କରୁଛନ୍ତି। ତାଙ୍କୁ ତଡ଼ି ତାଙ୍କ କନ୍ୟାକୁ ରାଜସିଂହାସନରେ ବସାଇବା ଉଚିତ। ମୁଁ ମଧ୍ୟ ଏଥିରେ ସହମତ ହୋଇଥିଲି। ସମସ୍ତେ ଶତ୍ରୁ ହୋଇଗଲେ କି ନାହିଁ ?''

''ବାଃ, ବାଃ, ଜନତାଙ୍କ ଶତ୍ରୁତା ବୁଝିବା ଭଳି ସେ ମୂର୍ଖ ରାଜାର ପତ୍ନୀ ଆସିଲେ। ତୁମେମାନେ କ'ଣ ଝିଅାରୀକୁ ଗାଦୀରେ ବସାଇବା ପାଇଁ ସୁପାରିଶ ଚିଠି ବାଙ୍ଗାଲୋର ପଠାଇ ନଥିଲ ?''

କଥା ଶେଷ ହେବାର କୌଣସି ଲକ୍ଷଣ ଦେଖାଯାଉ ନଥିଲା। ରାଣୀ ଭାବୁଥିଲେ କି ଉପାୟରେ ରାଜାଙ୍କୁ ସେଠାରୁ ପଠାଇ ଦେଇ ହେବ। ରାଜକୁମାରୀ ଏମିତିରେ ଖୁବ୍ ସରଳ ହେଲେ ମଧ୍ୟ ତା ମନରେ ମଧ୍ୟ ସେହି ଚିନ୍ତା ଖେଳୁଥିଲା। ସେ ପିତାଙ୍କ ନିକଟକୁ ଯାଇ କହିଲା, ''ବାପା, ଆପଣ କ୍ଲାନ୍ତ ହୋଇ ପଡ଼ିଛନ୍ତି, ଚାଲନ୍ତୁ ଯିବା, ଏ ସବୁ କଥା ପରେ କେତେବେଳେ ହେବ।''

କାହିଁକି କେଜାଣି ବୀରରାଜ କ'ଣ ଭାବି କୌଣସି କଥା ନ କହି କନ୍ୟା ସହ କୋଠରୀ ବାହାରକୁ ଚାଲିଗଲେ।

4

ରାଣୀ ଗୌରମ୍ମାଜୀ ଭୃତ୍ୟକୁ ଡାକି ଥଣ୍ଡା ଭୋଜନଥାଳୀ ପରିବର୍ତ୍ତେ ଗରମ ଖାଦ୍ୟ ଆଣିବାକୁ ଆଜ୍ଞା ଦେଲେ। ତାକୁ ପଠେଇ ଦେଇ ଦେବକ୍ଷ୍ମାଜୀଙ୍କୁ କହିଲେ, ''ଭଉଣୀ, ଅତୀତ କଥା ସବୁ ଭୁଲି ଯାଅ। ଆଜି ତୁମକୁ ତୁମ ଘରକୁ ପଠାଇବାର ବ୍ୟବସ୍ଥା କରିବି। ତୁମେ ନିଜ ଘରେ ଯାଇ ସୁଖରେ ରୁହ।''

Digitized by srujanika@gmail.com

ଦେବକ୍ମାଜୀ: “ଗତକାଲିର ଘଟଣା ଭାବିଲା ବେଳକୁ ମନେ ହେଉଛି ମୋର ମରିଯିବା ହିଁ ଶ୍ରେୟସ୍କର ।”

ରାଣୀ: “ଗୋଟିଏ ମା’ର ପିଲା ଯେଉଁଦିନ କଳିକଜିଆ କରନ୍ତି ତା’ର ଦ୍ୱିତୀୟ ଦିନ ପୁଣି ମିଶିଯାଆନ୍ତି ।”

ଦେବକ୍ମାଜୀ: “ଆଉ କ’ଣ ସୁଧୁରିବ ? ପିତାଙ୍କ ସ୍ୱର୍ଗବାସ ସଙ୍ଗେ ସଙ୍ଗେ ଏ ଘରେ ଯାହା ବି ଭଲ ଥିଲା ସବୁ ସରିଗଲା । ଚଉଦବର୍ଷରେ ଗୋଟିଏ ହେଲେ ଭଲ କଥା ଶୁଣିବାକୁ ମଳିଲା ନାହିଁ ।”

ରାଣୀ: “ବର୍ତ୍ତମାନ ଏମିତି ହେଲେ ମଧ୍ୟ କେବେ ତ ସେ ଭଲ ଥିଲେ । ଯେତେବେଳେ ପିତାଙ୍କ ସ୍ୱର୍ଗବାସ ପରେ ତୁମେ ଓ ନଣଦେଇ ନିଜର ରାଜନଅରକୁ ଯିବାକୁ ଚାହିଁଲ ସେତେବେଳେ ତୁମର ଭାଇ ହିଁ କହିଥିଲେ ଯେ ଇଏ ତ ତୁମ ଘର । ଏଇଠି ରୁହ ।”

ଦେବକ୍ମାଜୀ: “ଆମର ଚାଲିଯିବା ଯୋଗୁଁ ତାଙ୍କର ଦୁଃଖ ହୋଇ ନଥିଲା । ପିତା ଦେଇଥିବା ବସ୍ତ୍ର ଅଳଙ୍କାର ଆମେ ନେଇଯିବା ଭୟରେ ସେ ଆମକୁ ଅଟକାଇଥିଲେ ।”

ରାଣୀ: “ସେ ତ ବର୍ତ୍ତମାନ କହିବା କଥା । ତୁମ ଦୁଇଜଣଙ୍କର ପରସ୍ପର ପ୍ରତି ସ୍ନେହ ବିଷୟ କ’ଣ ମୁଁ ଜାଣିନାହିଁ। ଯେମିତି ପିତାଙ୍କ କୋଳରେ ବସୁଥିଲ ସେମିତି ଭାଇଙ୍କ କୋଳରେ ମଧ୍ୟ ତୁମେ ବସି ଖେଳୁଥିଲ ।”

ଦେବକ୍ମାଜୀ; “ଭାଉଜ, ତାହା ତ ଆପଣଙ୍କୁ ଭଲ ଲାଗି ନ ଥିଲା ବୋଲି ଆପଣ ଭୁଲ ବୁଝିଥିଲେ ।”

ରାଣୀ: “ତାହା ମୋ ନିଜର ଅବୁଝାପଣିଆ ଯୋଗୁ ହୋଇଥିଲା । ବର୍ତ୍ତମାନ ଆଉ ସେ ପ୍ରସଙ୍ଗ କାହିଁକି ଉଠଉଛ ? ଯଦି ମୋର ପୁଅ ଥାଆନ୍ତା ଓ ତା କୋଳରେ ପୁଚ୍ଚୁଣୀ ବସନ୍ତା ତେବେ କ’ଣ ଆମେ ଭୁଲ ବୁଝନ୍ତେ ? ସେମାନେ ଭାଇଭଉଣୀ ବୋଲି ସମସ୍ତେ ଯେମିତି କହନ୍ତେ, ତୁମେମାନେ ବି ତ ସେମିତି ଭାଇଭଉଣୀ ଥିଲ ।”

ଦେବକ୍ମାଜୀ: “ଭାଉଜ, ତୁମେ ସିନା ସବୁ ବୁଝୁଛ କିନ୍ତୁ ଭଇ ଆଉ ସେମିତି ନାହାନ୍ତି। ମୋ ପ୍ରତି ତାଙ୍କର ସ୍ନେହର ଉସ ଶୁଷ୍କ ହୋଇଗଲାଣି ।”

ରାଣୀ: ସ୍ନେହର ଉସ ଶୁଖିଗଲାଣି ଏହା ଭାବି ମୁହଁ ଫେରେଇ ନ ନେଇ ତାଙ୍କୁ ଠିକ୍ ରାସ୍ତାରେ ଫେରେଇ ଆଣିବା ପାଇଁ ଚେଷ୍ଟା କରିବା ଉଚିତ ।”

ଦେବକ୍ମାଜୀ: “ଲେଙ୍ଗଡ଼ା ନିକଟରେ ଛାଡ଼ି ଦେବି” କହିଲେ ମଧ୍ୟ କ’ଣ ତାହା ମାନିନେବା ଉଚିତ ?

ରାଣୀ କ’ଣ କହିବାକୁ ଯାଉଥିବା ବେଳେ ଭୃତ୍ୟ ପୁଣିଥରେ ଭୋଜନ ଥାଳୀ ନେଇ ଆସିବାରୁ ସେ ତାକୁ ପାଖକୁ ଡାକି ଆସନ ପକାଇବାକୁ ଆଦେଶ ଦେଲେ । ପରେ ଦେବକ୍ମାଜୀଙ୍କୁ କହିଲେ, “ଉଠ ଭଉଣୀ, ଭୋଜନ କର ନଚେତ ଥଣ୍ଡା ହୋଇଯିବ ।”

ଦେବକ୍ମାଜୀ: “ଆପଣ ହେଉଛନ୍ତି ରାଣୀ । ମୁଁ ଆପଣଙ୍କର ଆଦେଶ ଅମାନ୍ୟ କରିବି ନାହିଁ କିନ୍ତୁ ଆପଣଙ୍କୁ ଏ ଲେଙ୍ଗଡ଼ାକୁ ଶାସ୍ତି ଦେବାକୁ ପଡ଼ିବ ।”

Digitized by srujanika@gmail.com

ରାଣୀ ସେଥିରେ ରାଜି ହୋଇ ତାଙ୍କୁ ଉଠାଇ ହାତ ଧୋଇବାକୁ ପାଣି ଦେଇ ଆସନ ଉପରେ ବସାଇଲେ। ଦେବମ୍ମାଜୀଙ୍କ ଭୋଜନ ସମାପ୍ତ ହେବା ପରେ ଭୃତ୍ୟ ଥାଳୀ ନେଇ ଚାଲିଗଲା।

ଦେବମ୍ମାଜୀ ରାଣୀଙ୍କୁ କହିଲେ, "ଲେଙ୍ଗଡ଼ା ସହ ପୁଣିଥରେ ଆପଣ କଥା ହୁଅନ୍ତୁ। ନଚେତ କାଲି ରାତି ପରି ଘଟଣା ପୁଣି ଘଟିବ।"

ରାଣୀ ସେଥିରେ ସମ୍ମତ ହୋଇ ଲେଙ୍ଗଡ଼ାକୁ ତାଙ୍କ ନିକଟକୁ ଆସିବାକୁ ଡାକିଲେ। ସେତେବେଳ ପର୍ଯ୍ୟନ୍ତ ଲେଙ୍ଗଡ଼ା କୋଠରୀ ବାହାରେ ଅପେକ୍ଷା କରିଥିଲା। ଡାକ ଶୁଣି ଦ୍ୱାର ନିକଟରେ ଆସି ଠିଆ ହେବାରୁ ରାଣୀ ତାକୁ କହିଲେ, "କାଲି ରାତିରେ ତୁମେମାନେ ଭଉଣୀଙ୍କୁ ଖୁବ୍ ହଇରାଣ କରିଛ। ଖବରଦାର୍, ଆଜି ଯେପରି ତା'ର ପୁନରାବୃତ୍ତି ନ ହୁଏ।"

ଲେଙ୍ଗଡ଼ା, "ମାଲିକ କାଲି ନିଜ ଅକ୍ତିଆର୍‌ରେ ନଥିଲେ। ସେଥିପାଇଁ ଭଉଣୀଙ୍କ ଚାଲିଚଳନ ତାଙ୍କୁ ଭଲ ନ ଲାଗିବାରୁ ସେ ଏପରି କରିଥିଲେ।"

ଦେବମ୍ମାଜୀ: "ସେ ନିଶାରେ ଥିବାରୁ ମୋ ଚାଲିଚଳନକୁ ଭୁଲ ବୁଝିଥିଲେ କିନ୍ତୁ ତୁମର କ'ଣ ହୋଇଥିଲା। କୋଳରେ ବସିବାକୁ ସେ କହୁ କହୁ ତୁମେ ପ୍ରସ୍ତୁତ ହୋଇଗଲ।"

ଲେଙ୍ଗଡ଼ା: "ରାଣୀ ମା, ମୋର ବୁଦ୍ଧି ମଧ ଭ୍ରମ ହୋଇ ଯାଇଥିଲା। ମୁଁ କ'ଣ କଲି କିଛି ଜାଣି ପାରି ନଥିଲି।"

ଦେବମ୍ମାଜୀ: "ଯଦିଓ ତୁମେ ମଦ୍ୟପାନ କରିଥିଲ କିନ୍ତୁ ହୋସ ତ ହରାଇ ନଥିଲ। ଭାଇଙ୍କ ଆଦେଶ ବାହାନାରେ ତୁମେ ସୀମା ଅତିକ୍ରମ କରିବାକୁ ଯାଉଥିଲ।"

ଏତିକି କହି ଦେବମ୍ମାଜୀ ରାଣୀଙ୍କୁ ଧୀର ସ୍ୱରରେ କ'ଣ କହିଲେ, ରାଣୀଙ୍କ ମୁହଁ ଲାଲ ହୋଇ ଉଠିଲା ଓ ସେ ଲେଙ୍ଗଡ଼ାକୁ କହିଲେ, "ମାଲିକ ତାଙ୍କର ଯାହା ଇଚ୍ଛା କରିପାରନ୍ତି, ଭୃତ୍ୟର କିନ୍ତୁ ସେପରି କରିବା ଉଚିତ ନୁହେଁ ବସବୟା।"

"ଯେ ଆଜ୍ଞା ରାଣୀମା" କହିଲା ଲେଙ୍ଗଡ଼ା।

କିଛି ସମୟ ପରେ ରାଣୀ ଦେବମ୍ମାଜୀଙ୍କୁ "ଚିନ୍ତା କରନା ଭଉଣୀ, ଆଜି ତୁମେ ତୁମ ଘରକୁ ଚାଲିଯିବ। କହି ଅନ୍ତପୁରକୁ ଚାଲିଗଲେ। ସେ ଯିବାପରେ ଲେଙ୍ଗଡ଼ା ଦେବମ୍ମାଜୀଙ୍କୁ "ଦ୍ୱାର ବନ୍ଦକରି ରଖିବାକୁ ରାଜା ହୁକୁମ ଦେଇଛନ୍ତି ନାନୀ, ନଚେତ୍ ମୁଁ ବିପଦରେ ପଡ଼ିବି।" କହି ଦ୍ୱାର ବନ୍ଦ କରି ତାଲା ଲଗାଇ ଜଣେ ଭୃତ୍ୟକୁ ସେଠାରେ ଜଗି ରହିବାକୁ କହି ନିଜ କାମରେ ଚାଲିଗଲା।

5

ରାଜମହଲରେ ଏ ଘଟଣା ଘଟୁଥିବା ସମୟରେ ତେଣେ ସୋମବାରିପେଠୁ ମଡ଼କେରୀ ଆଡ଼କୁ ଯାଉଥିବା ରାସ୍ତାରେ ଦୁଇଜଣ ଯାତ୍ରୀ ଧୀରେ ଧୀରେ ମଡ଼କେରୀ ଯାଉଥିଲେ। ସେମାନଙ୍କ ମଧ୍ୟରୁ ପ୍ରୌଢ଼ ବ୍ୟକ୍ତିଟିର ବୟସ ଷାଠିଏ ପାଖାପାଖି ଓ ଯୁବକଟିର ବୟସ କୋଡ଼ିଏ ବର୍ଷରୁ କିଛି ଅଧିକ ହେବ। ପ୍ରୌଢ଼ଟିର ନିଶ ଦାଢ଼ିରେ ବାର୍ଦ୍ଧକ୍ୟର ଲକ୍ଷଣ ଦେଖା ଦେଉଥିଲା। ଏମିତିରେ ଯଦିଓ ତାଙ୍କର ମୁଖମଣ୍ଡଳରେ ବୟସର ଛାପ ନଥିଲା

Digitized by srujanika@gmail.com

ତାଙ୍କର ଉଜ୍ଜ୍ୱଳ ଚକ୍ଷୁ ଦୁଇଟିରୁ ଏହାର ଝଲକ ମିଳୁଥିଲା। ସେ ତାଙ୍କ ଜୀବନରେ ଅନେକ କିଛି ସହିଛନ୍ତି। ଯୁବକଟିର ଚେହେରାରେ ବୃଦ୍ଧଙ୍କ ସହ ଏତେ ସାମଞ୍ଜସ୍ୟ ଥିଲା ଯେ, ଯେ କେହି ତାଙ୍କୁ ପିତାପୁତ୍ର ବୋଲି କହିବ।

''ଏଇ ଉଠାଣିଟା ପାରି ହେଲେ ମଡ଼କେରୀ ଆସିବ, ବାପା'', ଯୁବକଟି କହିଲା।

ପ୍ରୌଢ଼: ''ହଁ ପୁଅ ମୋର ମନେ ଅଛି।''

ଯୁବକ: ''ମଡ଼କେରୀ ଯେତେ ପାଖ ହେଉଛି ମୋ ମନ କହୁଛି ଆପଣଙ୍କର ସେଠାକୁ ଯିବା ଉଚିତ ନୁହେଁ।''

ପ୍ରୌଢ଼: ''ମୋର ମଧ ତାହା ମନେ ହେଉଛି କିନ୍ତୁ ଚେନ୍ନବୀରଙ୍କର କ'ଣ ହେଲା ଆମର ତାହା ଜାଣିବା ଦରକାର। ଏଇ ଭୂମି ଆମର ହୋଇ ରହୁ ସେଥିପାଇଁ ଏସବୁ କରିବାକୁ ପଡୁଛି।''

ଯୁବକ: ''ଆମର ନ ହୋଇ ଆଉ କାହାର ହେବ? ତା'ର ନ ହେଲେ ଭଉଣୀର ହେବ। ଭଉଣୀର ନ ହେଲେ ଝିଅର ହେବ। ଯା'ଠୁ ବଳି ଆଉ ଅଧିକ କ'ଣ ହୋଇପାରେ।''

ପ୍ରୌଢ଼: ''ଅନେକ କିଛି ହୋଇପାରେ। ମହୀଶୂରର କ'ଣ ହେଲା ଦେଖିଲ ତ? ଗୋରାମାନଙ୍କ ହାତରେ ପଡ଼ିଲା କି ନାହିଁ?''

ଯୁବକ: ''ମୁଁ ଶୁଣୁଛି ଗୋରାମାନେ କହୁଛନ୍ତି ପ୍ରଜାମାନଙ୍କୁ ସନ୍ତୁଷ୍ଟ କରି ପୁଣି ରାଜାଙ୍କ ହାତରେ ସମର୍ପି ଦେବେ।''

ପ୍ରୌଢ଼: ''ତିନି ବର୍ଷ ବିତିଗଲାଣି ଏ ପର୍ଯ୍ୟନ୍ତ ଦେଇନାହାନ୍ତି ଆଉ କେବେ ଦେବେ? ଜଣେ କହୁଛି ଦେବେ। ଆଉ ଜଣେ କହୁଛି ହେଲେ ନେତାର ଅସୁବିଧା ହେବ। ଏମାନଙ୍କ ମଧ୍ୟରୁ କାହାକୁ ବିଶ୍ୱାସ କରିବା? ରାଜ୍ୟ ଇଂରେଜଙ୍କ ହାତରେ ଅଛି। ତାହା ଫେରି ପାଇଲେ ତେବେ ତ ଏମାନଙ୍କର ବୋଲି କୁହାଯାଇପାରିବ?''

ଯୁବକ: ''ବାପା, ରାଜାଙ୍କର କ'ଣ ସନ୍ତାନ ନାହିଁ?''

ପ୍ରୌଢ଼: ''ସନ୍ତାନ ଥିଲେ କ'ଣ ଦେଇଥାଆନ୍ତେ? ଦେଲେ ମଧ ନାମମାତ୍ରକୁ ଦେବେ। ସବୁ ତାଙ୍କରି ହାତରେ ରହିବ। ଏ ହେଲା ଚାକରର ଖାଦ୍ୟ କୁକୁର ଖାଇଲାପରି, ଚେନ୍ନବୀର ବା ଇଂରେଜଙ୍କ ହାତରେ ରହିବା ଭିତରେ ପ୍ରଭେଦ କ'ଣ?''

ଯୁବକ: ''ଯାହା ହେଲେ ମଧ ଇଂରେଜମାନେ ବଡ଼ କୁଟିଳ ବାପା।''

ପ୍ରୌଢ଼: ''ଏକଥା ସତ ଯେ ଏଇମାନେ ହିଁ ପ୍ରକୃତ ରାଜନୀତି ବୁଝନ୍ତି। ରାଜନୀତିରେ ହୁସିଆରୀ ଶିଖିବାକୁ ହେଲେ ଏଇମାନଙ୍କଠୁ ଶିଖିବା ଉଚିତ।''

ଯୁବକ ଏହାର ଉତ୍ତର ନ ଦେଇ କ'ଣ ଚିନ୍ତା କରୁ କରୁ ଆଗକୁ ଚାଲିବାକୁ ଲାଗିଲେ।

ପିତାପୁତ୍ରଙ୍କ କଥାବାର୍ତ୍ତାରୁ ସ୍ପଷ୍ଟ ହୋଇଯାଉଥିଲା ଯେ ଏମାନେ କୋଡ଼ଗର ରାଜପରିବାରର ଲୋକ। ଏହାର ଦୁଇବର୍ଷ ପୂର୍ବରୁ ଇଂରେଜମାନେ ମହୀଶୂରର ରାଜା 'ମୁମ୍ମଡୀ କୃଷ୍ଣରାଜ ଓଡେୟର' ଠାରୁ ରାଜ୍ୟାଧିକାର କାଢ଼ି ନେଇଥିଲେ। ପ୍ରୌଢ଼ ଆଶଙ୍କା କରୁଥିଲେ ଯେ ଏମାନେ କୃଷ୍ଣରାଜଙ୍କ ସହ ଯେପରି କଲେ ବୀରରାଜଙ୍କ ସହ ମଧ ସେପରି କରିପାରନ୍ତି।

Digitized by srujanika@gmail.com

ଚାରି ପାହୁଣ୍ଡ ଆଗକୁ ଯାଇ ଯୁବକ କହିଲେ,"ଆମେ ତାହାହେଲେ ଏମାନଙ୍କ ଉପରେ କିପରି ବିଶ୍ୱାସ କରିବା ?"

ପ୍ରୌଢ଼: "ପୁଅ, ଆମର ଓ ତାଙ୍କର ସମ୍ପର୍କ ସାପ ଓ ସାପକେଳା ପରି।"

ଯୁବକ: "ବାପା ଆମେ ଯେମିତି ତାଙ୍କୁ ସାପ ଭାବୁଛୁ ସେମାନେ ଯଦି ଆମକୁ ସେମିତି ସାପ ଭାବନ୍ତେ।"

ପ୍ରୌଢ଼: "ମାନି ନ ନବାର ପ୍ରଶ୍ନ କେଉଁଠି ଉଠୁଛି। ମାନି ସାରିଛନ୍ତି। ସେମାନେ ଆମକୁ ରାଜାଙ୍କ ପ୍ରତିଦ୍ୱନ୍ଦୀ କରି ନିଜର ସତ୍ତା ବଜାୟ ରଖିବାକୁ ଚାହାନ୍ତି। ଆମକୁ ସେମାନଙ୍କ ଫାନ୍ଦରେ ନ ପଡ଼ି ଦେଶକୁ ସେମାନଙ୍କ ହାତରୁ ବଞ୍ଚାଇ ରଖିବାକୁ ହେବ।"

ଯୁବକ: "ସେମାନେ ଆମକୁ ପ୍ରତିଦ୍ୱନ୍ଦୀ କରିବେ କ'ଣ ? ଆମେ ତ ରାଜାଙ୍କ ପ୍ରତିଦ୍ୱନ୍ଦୀ।"

ପ୍ରୌଢ଼: "ପୁଅ ଆମେ ପ୍ରତିଦ୍ୱନ୍ଦୀ ନୁହଁ। ଆମେ ତ ଗୋଟେ ପାଖେ ଅଛୁ, ଏଇମାନେ ହିଁ ପ୍ରତିଦ୍ୱନ୍ଦୀ। ପିତା ଥରେ ଖୁବ୍ ଅସୁସ୍ଥ ଥିବା ସମୟରେ ମତେ ଓ ଲିଙ୍ଗସାଜୀଙ୍କୁ ପାଖକୁ ଡାକି ହାତ ଉପରେ ହାତ ରଖି ଶପଥ କରାଇଥିଲେ ଯେ ଦେବକ୍ଷାଜୀ ରାଣୀ ଓ ଆମେ ଦୁଇଜଣ ପ୍ରଧାନ ହେବା। ମୁଁ ବଡ଼ ଭାଇ ଓ ଲିଙ୍ଗସା ଛୋଟ ଭାଇ। ଆମେ ଦୁଇଜଣ ପ୍ରତିଜ୍ଞାବଦ୍ଧ ହୋଇଥିଲୁ। ଯେଉଁ ଦିନ ପ୍ରତିଜ୍ଞା କରିଥିଲୁ ସେହି ଦିନ ମୋ ଛୋଟ ଭାଇ ଏ ପ୍ରତିଜ୍ଞା ପାଳନ କରି ପାରିବ ନାହିଁ ବୋଲି କହିଥିଲା। ଶପଥ ଭାଙ୍ଗିଲେ ମଧ୍ୟ ବଡ଼ କି ଛୋଟ କିଏ ରାଜା ହେବ। ଲିଙ୍ଗସା ନିଜେ ରାଜା ହେବା ପାଇଁ କହିଲା। "ଏହା କ'ଣ ଉଚିତ ହେବ କି' ବୋଲି ମୁଁ ତାକୁ ପଚାରିଲି। 'ତୁମର ରାଜ୍ୟଶାସନ କରିବାର ସାମର୍ଥ୍ୟ ନାହିଁ। ମୁଁ ଥାଉ ଥାଉ ଏହା କିପରି କହୁଛ' ବୋଲି ପଚାରିବାରୁ ସେ କହିଲା, 'ଯିଏ ଦେଇଥିବା ବଚନ ଭାଙ୍ଗି ପାରିବ ନାହିଁ ସେ କି ରାଜ୍ୟ ଶାସନ କରିବ। ସତ୍ୟରେ ଚାଲୁଥିବା ବ୍ୟକ୍ତିଙ୍କୁ ରାଜଗାଦୀରେ ବସାଇବା ଉଚିତ ନୁହେଁ।" ଶେଷର ମୁଁ ତାକୁ ହିଁ ରାଜା ହେବାକୁ କହିଲି। ମୋର ତ ଆଦୌ ରାଜା ହେବାର ଇଚ୍ଛା ନଥିଲା। ବଡ଼ଭାଇ ଆମ ଦୁଇଜଣଙ୍କୁ ପାଳି ପୋଷି ବଡ଼ କରିଥିଲେ। ତାଙ୍କର ଆମଠାରୁ ପ୍ରତିଜ୍ଞା କରେଇନବା ଉଚିତ ନଥିଲା। କିନ୍ତୁ କରେଇ ନେଇଛନ୍ତି। ଆମର ମଧ୍ୟ 'ଏହା ଆମକୁ ଭଲ ଲାଗୁନି' ବୋଲି କହିବା ଉଚିତ ଥିଲା କିନ୍ତୁ ଆମେ ମଧ୍ୟ କହିପାରିଲେ ନାହିଁ। ଭାଇଙ୍କୁ କଥା ଦେଇ ତାଙ୍କର ମୃତ୍ୟୁ ପରେ ସେ କଥା ନ ରଖିବା କ'ଣ ଭଲ ? ଏହାଦ୍ୱାରା କ'ଣ ପିତାମାତାଙ୍କର କୀର୍ତ୍ତି ରହିବ ନାଁ ସନ୍ତାନର ମଙ୍ଗଳ ହେବ ? କାଳେ ମୁଁ ତା'ର ଇଚ୍ଛାରେ ବାଧା ଦେବି ସେହି ଭୟରେ ଭାଇଙ୍କ ନାଁରେ ସେ ମତେ ମାରିବାର ପ୍ରୟାସ କରିଥିଲା। ମୁଁ ତ କୌଣସି ମତେ ବଞ୍ଚିଗଲି କିନ୍ତୁ କାଳେ ତୁମେ ତାକୁ ବାଧା ଦେବ ବୋଲି ସେ ତୁମକୁ ମଧ୍ୟ ମାରିବାକୁ ଚାହିଁଲା। ବଂଶନାଶ ହେବା ଭୟରେ ମୁଁ ଦେଶତ୍ୟାଗ କଲି। ସେ ଏକୁଟିଆ ଘରେ ରହିଲା। ଖୁସିରେ ରାଜଗାଦୀରେ ବସି କ'ଣ ମିଳିଲା ! ଚାରିଦିନ ପରେ ପୁଣି ସବୁ ଶେଷ ହୋଇଗଲା। ତା'ରି ପୁଅ ବର୍ତ୍ତମାନ ରାଜା ହୋଇ ନିଜର ପିତାଙ୍କୁ ମଧ୍ୟ ଭୁଲିଗଲା। ବଡ଼ବାପା ଝିଅ ଭଉଣୀକୁ ମାରି ନିଜର ଭଉଣୀକୁ ବନ୍ଦୀ କରି

Digitized by srujanika@gmail.com

ରଖିଛି। ଯଦି ସେ ଦେଶର ମଙ୍ଗଳ କରୁଥାନ୍ତା ତେବେ ଆମର ଏଠାକୁ ଆସିବାର କି ଆବଶ୍ୟକତା ଥିଲା ? ଆମେ ସେଠାରେ ସମ୍ମାନର ସହ ରହି ଗୁରୁଜନମାନଙ୍କ ନାମର ଟେକ ରଖିଥାଆନ୍ତେ। ସେ ନିଜର କିମ୍ବା ପ୍ରଜାଗଣଙ୍କର କାହାରି ମଙ୍ଗଳ ସାଧନ କଲା ନାହିଁ। ବର୍ତ୍ତମାନ ବଂଶର ଦାୟିତ୍ୱ ଆମ ଉପରେ ଆସି ପଡ଼ିଛି। ଚେନ୍ନବୀର କହିଥିଲା; "ବୋଝ ଉଠାଉଥିବା କାନ୍ଧ ଥାଉ ମଧ୍ୟ ଅପର ଉପରେ କାହିଁକି ନିର୍ଭର କରୁଛ।" ମୋର ଏହି କଥା ଖୁବ୍ ମନକୁ ପାଇଥିଲା ବୋଲି ଆଠମାସ ପୂର୍ବରୁ ମୁଁ ତତେ ଏଠାକୁ ପଠାଇଥିଲି।"

ଯୁବକ: "ଯେଉଁ ଗାଦୀ ଆପଣ ଛାଡ଼ି ଦେଇଛନ୍ତି ତାହା ମୋତେ କାହିଁକି ମିଳିବ ବାପା ?"

ପ୍ରୌଢ଼: "ମୁଁ ଭାଇଙ୍କୁ କଥା ଦେଇଥିଲି ବୋଲି ପାଳନ କଲି। ତୁ ଘରର ପୁଅ। ତୋର ସେଥିରେ କ'ଣ ଅଛି ?"

"ଚେନ୍ନବୀରୟାଙ୍କ ଆସିବା ପୂର୍ବରୁ ତା ହେଲେ ଏ କଥା ଆପଣ ଚିନ୍ତା କରି ନଥିଲେ।"

"ତା କେମିତି ହୋଇପାରେ ପୁଅ ! ଚିନ୍ତା କରିଥିଲି କିନ୍ତୁ ଚୁପ୍ ହୋଇଥିଲି। ଚେନ୍ନବୀର ଯେତେବେଳେ ଆସି କହିଲେ ଯେ ପ୍ରଜାମାନେ ବ୍ୟତିବ୍ୟସ୍ତ ହେଉଛନ୍ତି ଓ ଇଂରେଜ ମାନେ ଚାଲ ଖେଳୁଛନ୍ତି ସେତେବେଳେ ମୁଁ ଭାବିଲି ଯେ ବର୍ତ୍ତମାନ ଆଉ ଚୁପ୍ ହୋଇ ରହିବା ସମ୍ଭବନୁହେଁ।"

"ତା ହେଲେ ଏମିତି କଥା !"

"ହଁ, ଚେନ୍ନବୀର ପ୍ରଜାମାନଙ୍କୁ ନିଜ ତରଫକୁ ଆଣିବାର ନିଶାରେ ଦୁର୍ଭାଗ୍ୟବଶତଃ ରାଜାଙ୍କ ହାତରେ ପଡ଼ିଲେ। ସେ ବାଙ୍ଗାଲୋର ଚାଲିଗଲା। ରାଜା ଇଂରେଜମାନଙ୍କୁ କହି ତାଙ୍କୁ ସେଠାରୁ ଫେରେଇ ଆଣିଲେ। ପରେ ତାଙ୍କର କୌଣସି ସମ୍ବାଦ ମିଳିଲାନାହିଁ। ତାଙ୍କର କ'ଣ ହେଲା ଜଣା ନ ପଡ଼ିବା ପର୍ଯ୍ୟନ୍ତ ମନକୁ ଶାନ୍ତି ମିଳିବ ନାହିଁ।"

"ହଁ, ବାପା।"

"ବିଚରା ଆମ ପାଇଁ ହୁଏତ ସେ ପ୍ରାଣ ଦେଇଛି। ଆମର ଦୁର୍ଭାଗ୍ୟ ତା ଉପରେ ପଡ଼ିଲା।"

"ବିଚରା..."

"ଇଂରେଜମାନେ ତା'ର କ'ଣ ହେଲା ବୋଲି ଅନେକ ଥର ପଚାରିଥିଲେ ସୁଦ୍ଧା ରାଜା କୌଣସି ଉତ୍ତର ଦେଇ ନଥିଲେ। ସୋମନେ ତାକୁ ହୁଏତ କ'ଣ କରି ଦେଇଥିବ ?"

ପ୍ରୌଢ଼ଙ୍କର କଣ୍ଠସ୍ୱର ସେତେବେଳକୁ ଗମ୍ଭୀର ହୋଇଯାଇଥିଲା। ଯୁବକର ମନରେ ମଧ୍ୟ ଗମ୍ଭୀର ଭାବ ଥିଲା। କଥା ଆଗକୁ ବଢ଼େଇବା ଉଚିତ କି ନାହିଁ ସେ କିଛି ଭାବି ପାରିଲେ ନାହିଁ।

ଯାଉ ଯାଉ ଯୁବକ ଥଳୀ ମଧ୍ୟରୁ ଦୁଇଟି ଯୋଗୀଙ୍କ ବସ୍ତ୍ର ବାହାର କଲେ। ଗୋଟିଏ ଜାଗାରେ ଠିଆ ହୋଇ ଧୋତୀ ଓ ପଗଡ଼ି ପିନ୍ଧି ଶିବଭକ୍ତ ସ୍ୱାମୀଙ୍କ ବେଶ ଧାରଣ କଲେ। ପିତା-ପୁତ୍ର ଚୁପ୍‌ଚାପ୍ ନିଜ ନିଜ ରାସ୍ତାରେ ଚାଲିବାକୁ ଲାଗିଲେ।

Digitized by srujanika@gmail.com

6

ସେହିଦିନ ଓ ପ୍ରାୟ ସେହି ସମୟରେ ମେଡ଼କେରୀର ବ୍ରାହ୍ମଣ ଲକ୍ଷ୍ମୀନାରାୟଣଙ୍କ ଘର ସାମନାରେ ଜଣେ ବ୍ରାହ୍ମଣ ଯୁବକ ଅପେକ୍ଷା କରୁଥିଲେ। ତାକୁ ଦେଖି ଭିତରୁ ଜଣେ ସେବକ ଆସି ପଚାରିଲା, "ବାହାରୁ ଆସିଛନ୍ତି ? ଭୋଜନ କରିବେ ?"

ଆଗନ୍ତୁକ ଚିନ୍ତିତ ସ୍ୱରରେ କହିଲେ, "ନାଁ, ମନ୍ତ୍ରୀ ମହୋଦୟଙ୍କ ସହ ସାକ୍ଷାତ କରିବାକୁ ଚାହେଁ।

ସେବକ: "ସେ ବର୍ତ୍ତମାନ ସ୍ନାନ କରୁଛନ୍ତି। ଭୋଜନ ସମୟରେ ତାଙ୍କ ସହ ବସି ଯାହା ନିବେଦନ କରିବାକୁ ଚାହାଁନ୍ତି କରନ୍ତୁ।"

ଆଗନ୍ତୁକ କିଛି କ୍ଷଣ ଭାବି ସେବକ ସହ ଚାଲୁ ଚାଲୁ କହିଲା, "ଆଚ୍ଛା ତାହାହିଁ କରିବି।"

ମନ୍ତ୍ରୀଙ୍କ ଘର ହେଲେ ମଧ ତାହା ବୈଭବପୂର୍ଣ୍ଣ ନଥିଲା। ଘରଟି ବେଶ୍ ବଡ଼। ପାହାଚ ଅତିକ୍ରମ କରି ବଡ଼ ଅଗଣା ଥିଲା। ଗୋଟେ ଦିଗରେ ବାରଣ୍ଡାରେ ପାଞ୍ଚ/ଛଅ ଜଣ ବ୍ରାହ୍ମଣ ବସିଥିଲେ। ଜଣେ ବସି ପତ୍ରଦନା ବନଉଥିଲା ଓ ଆଉ ଜଣେ ପଇତା ତିଆରି କରୁଥିଲେ। ତୃତୀୟ ଜଣକ ଜପ କରୁଥିଲା। ବାକୀ ସମସ୍ତେ ବସି ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଉଥିଲେ।

ଆଗନ୍ତୁକକୁ ଦେଖିବା କ୍ଷଣି କଥାବାର୍ତ୍ତା କରୁଥିବା ବ୍ରାହ୍ମଣମାନଙ୍କ ମଧ୍ୟରୁ ଜଣେ ଆଗକୁ ଆସି ତାକୁ ସ୍ୱାଗତ କରି କହିଲା, "ଆସନ୍ତୁ ମହାରାଜ"।

ଆଗନ୍ତୁକ: "ମନ୍ତ୍ରୀ ମହୋଦୟଙ୍କ ନିକଟରେ ନିବେଦନ କରିବାର ଥିଲା। ଏମାନେ 'ଭୋଜନ କରିବା ସମୟରେ କଥାବାର୍ତ୍ତା ହୁଅନ୍ତୁ।" କହିବାରୁ ଚାଲି ଆସିଲି।

"କିଛି ଅସୁବିଧା ନାହିଁ, କିଛି କହିବା ପାଇଁ ତାହା ହିଁ ପ୍ରକୃଷ୍ଟ ସମୟ। ସ୍ନାନ କରିଛନ୍ତି ନାଁ କରିବେ ?"

"ସ୍ନାନ ଓ ପୂଜାପାଠ କରି ଆସିଛି", ଉତ୍ତର ଦେଲା ଆଗନ୍ତୁକ। ସେତିକିବେଳେ ସେବକ ଗରମ ପାଣି ଲୋଟାରେ ଆଣି ତାଙ୍କୁ ଦେବାରୁ ସେ ସ୍ନାନାଗାରକୁ ଯାଇ ଗରମପାଣିରେ ଗୋଡ଼ହାତ ଧୋଇ ଲୋଟା ଫେରାଇ ପୁଣି ଆସି ସମସ୍ତେ ଯେଉଁ ବସିଥିଲେ ସେଠାରେ ବସିଲେ। କିଛି ସମୟ ବିତିଗଲା। ପୂଜା-ପାଠ ଶେଷ ହେଲା। ତା'ପରେ ଜଣେ ମଧ୍ୟବୟସ୍କ ବ୍ୟକ୍ତି ବାହାରକୁ ଆସି କହିଲା, "ରାମକୃଷ୍ଣ, ବ୍ରାହ୍ମଣମାନଙ୍କର ପତ୍ର ଲାଗିଲାଣି ?"

ଏହି ବ୍ୟକ୍ତି ହେଉଛନ୍ତି ମନ୍ତ୍ରୀ ଲକ୍ଷ୍ମୀନାରାୟଣ। ତାଙ୍କର ବ୍ୟକ୍ତିତ୍ୱ ଖୁବ୍ ତେଜସ୍ୱୀ ଥିଲା। ସେ ଆସିବା ମାତ୍ରେ ସମସ୍ତେ ଉଠି ଠିଆହୋଇ ତାଙ୍କୁ ନମସ୍କାର କଲେ।

ଯେଉଁ ବ୍ୟକ୍ତି ଆଗନ୍ତୁକର ସ୍ୱାଗତ କରିଥିଲା ସେହି ହେଉଛି ରାମକୃଷ୍ଣୟା। ସେ ମନ୍ତ୍ରୀ ମହୋଦୟଙ୍କୁ 'ହଁ ଆଜ୍ଞା' ବୋଲି କହି ବ୍ରାହ୍ମଣମାନଙ୍କୁ ଭିତରକୁ ଡାକିଲା।

Digitized by srujanika@gmail.com

ଭିତରକୁ ଯିବା ପୂର୍ବରୁ ଲକ୍ଷ୍ମୀନାରାୟଣ ପଚାରିଲେ, "ଆଉ କେହି ବାକୀ ନାହାନ୍ତି ତ ?" "ଆଜ୍ଞା ନାଁ, ସବୁ ମୁଁ ଦେଖି ନେଇଛି" ବୋଲି ରାମକୃଷ୍ଣ ଉତ୍ତର ଦେଲା ।

ଭିତରେ ଖୁବ୍ ବଡ଼ ଭୋଜନାଳୟ ଥିଲା । ସେଠାରେ ପାଖାପାଖି ଚାଳିଶଜଣ ପଙ୍ଗତରେ ବସି ପାରୁଥିଲେ । ପୂର୍ବରୁ ଦୁଇଟି ପଙ୍ଗତ ପଡ଼ି ସାରିଥିଲା । ତୃତୀୟ ଥର ଗୃହସ୍ୱାମୀ ନିଜେ ଓ ବିଳମ୍ବରେ ଆସୁଥିବା ବ୍ୟକ୍ତିମାନେ ମଧ ବସୁଥିଲେ । ଯେଉଁଠାରେ ପତର ଲାଗୁଥିଲା ସେଠାରେ ଜଣେ ବୃଦ୍ଧା ଠିଆ ହୋଇଥିଲା । ସେ ଲକ୍ଷ୍ମୀନାରାୟଣୟାକୁ ପଚାରିଲା, "ପୁଅ, ବାହାରେ ଆଉ କେହି ନାହାନ୍ତି ତ ?"

ସେ ଉତ୍ତର ଦେବା ପୂର୍ବରୁ ରାମକୃଷ୍ଣୟା କହିଲା, "ଆଉ କେହି ନାହାନ୍ତି ମା !"

ବୃଦ୍ଧା: କହିଲେ, "ଦେଖି ନେଇଚ ତ !" କହି ଭିତରେ ଥିବା ଗୋଟିଏ ଝିଅକୁ ଡାକି କହିଲେ, "ମା ଲକ୍ଷ୍ମୀ, ଟିକେ ଦେଖି ଆସ ତ, ବାହାରେ ଆଉ କେହି ଖାଇବାକୁ ବାକୀ ରହି ଯାଇ ନାହାନ୍ତି ତ ?"

ଭିତରୁ ଗୋଟିଏ ସଧବା ଝିଅ 'ଦେଖି ଆସୁଛି' କହି ବାହାରକୁ ଯାଇ ଫେରିଆସି 'କେହି ନାହାନ୍ତି, ମା' ବୋଲି କହିଲା ।

ବୃଦ୍ଧା ହେଉଛନ୍ତି ଲକ୍ଷ୍ମୀନାରାୟଣଙ୍କ ମାତା । ଲକ୍ଷ୍ମୀମ୍ମା ତାଙ୍କର ପତ୍ନୀ । ଭୋଜନ ପାଇଁ ଆଉ କିଏ ବାକୀ ରହିଲେ କି ନାହିଁ ଦେଖିବା ତାଙ୍କର ପ୍ରତିଦିନର କାର୍ଯ୍ୟ ଥିଲା ।

ସମସ୍ତେ ଖାଇବାକୁ ବସିଲେ । ରାମକୃଷ୍ଣୟା ଆଗନ୍ତୁକକୁ କହିଲା, "ଆପଣ କ'ଣ କହିବାକୁ ଚାହୁଁଥିଲେ କହୁ ନାହାନ୍ତି ।"

ଆଗନ୍ତୁକ: "ଭୋଜନ ସମାପ୍ତ ହେବା ପରେ ନିବେଦନ କରିବି ।"

ରାମକୃଷ୍ଣୟା: "ଆମେ ସମସ୍ତେ ଏଠାରେ ଗୋଟିଏ ପରିବାର ପରି । ତେଣୁ କାହାକୁ କିଛି କଥା କହିବା ପାଇଁ ସଂକୋଚ କରିବା ଉଚିତ ନୁହେଁ । ଯଦି ସେପରି କିଛି ଅତି ଗୁପ୍ତ କଥା ହୋଇଥାଏ ତେବେ ଅନ୍ୟ କଥା, ନଚେତ୍ ଆପଣ ବର୍ତ୍ତମାନ କହି ପାରନ୍ତି ।"

ବୃଦ୍ଧା ସେହିଠାରେ ରହି ପରିଚାରକମାନଙ୍କୁ "ୟାଙ୍କୁ ତରକାର ଦିଅ, ସେଠି କୋସମ୍ବରୀ ଦିଅ" ଆଦି କହୁଥାଆନ୍ତି ।

ରାମକୃଷ୍ଣାୟାର କଥା ଶୁଣି ଆଗନ୍ତୁକଙ୍କୁ କହିଲା "ପୁଅ ଖୁବ୍ ଚିନ୍ତିତ ମନେ ହେଉଛି । କୋଉ ଗାଁରୁ ଆସିଛ ?"

ଆଗନ୍ତୁକ: "ମୁଁ 'ପାଣେ' ଗ୍ରାମର ଅଧିକାରୀ ମା' । ସେଠିକାର ପୁରୋହିତଙ୍କର ଦ୍ୱତୀୟ ପୁତ୍ର ମୁଁ । ମୋ ନାଁ ସୂର୍ଯ୍ୟନାରାୟଣ ।"

ବୃଦ୍ଧା: "ତୁମେ 'ପାଣେ'ର ପୁରୋହିତଙ୍କର ଦ୍ୱିତୀୟ ପୁତ୍ର ? ସେଠିକା ବିଷୟରେ ମୁଁ ଅନେକ ଶୁଣିଥିଲି ।"

ସୂର୍ଯ୍ୟନାରାୟଣ: "ହଁ ମା ଶୁଣିଥିବ । ଆଜିକୁ ଛଅ ଦିନ ହେବ ମୋର ପତ୍ନୀ କୂଅକୁ ପାଣି ପାଇଁ ଯାଇ ଆଉ ଫେରିଲା ନାହିଁ । ଗୋଡ଼ ଖସି ପାଣିରେ ହୁଏତ ପଡ଼ିଯାଇଥିବ ଭାବି ଖୋଜିଲି କିନ୍ତୁ ପାଇଲି ନାହିଁ । ଚାରିଆଡକୁ ଲୋକ ପଠାଇ ରାସ୍ତାରେ ଲୋକଙ୍କୁ ପଚାରି ପଚାରି ଏଠାକୁ ଆସିଲି । ଏହି ବିଷୟ ହୁଏତ ଆପଣଙ୍କୁ କିଏ କହିଥିବ ।"

ବୃଦ୍ଧା: "ହଁ ! ସ୍ତ୍ରୀକୁ ସ୍ୱାମୀ ଖୋଜୁଛି ଓ ଏଥିରେ ବ୍ରହ୍ମବର ହାତ ଅଛି ବୋଲି ଲୋକମାନେ ଚର୍ଚ୍ଚା କରୁଥିଲେ ।"

Digitized by srujanika@gmail.com

ସୂର୍ଯ୍ୟନାରାୟଣ: "ହଁ ମା। ଲୋକମାନେ ମତେ କହିଥିଲେ। ମୁଁ ଗୁପ୍ତ ଭାବେ ଖବର ନେଇ ଜାଣିଲି ଯେ ତାଙ୍କୁ ଏଠାକୁ ଅଣାଯାଇ ବନ୍ଦୀ ଭାବେ ରଖାଯାଇଛି। ସମସ୍ତେ କହିଲେ ଯେ ମନ୍ତ୍ରୀଙ୍କ କାନରେ ଏକଥାପଡ଼ିଲେ ସବୁ ଠିକ୍ ହୋଇଯିବ। ସେଥିପାଇଁ ମୁଁ ଆପଣଙ୍କୁ ନିବେଦନ କରିବା ପାଇଁ ଆସିଛି।"

ବୃଦ୍ଧା: "ଆଚ୍ଛା ପୁଅ, ଏହା ଖୁବ୍ ଭଲ କାମ। ନିଶ୍ଚୟ ତୁମକୁ ସାହାଯ୍ୟ କରା ହେବ। କାହାରି ଘରର ଇଜ୍ଜତକୁ ରକ୍ଷା କରିବା ପରି ପୁଣ୍ୟ କାମ ଜଣେ ମନ୍ତ୍ରୀ ପାଇଁ ଆଉ କ'ଣ ହୋଇପାରେ? ପ୍ରଥମେ ଆରାମରେ ଭୋଜନ ସାରି ସବୁ ବିଷୟ କୁହ। ଚିନ୍ତା କର ନାହିଁ ସବୁ ଠିକ୍ ହୋଇଯିବ।"

ଏହା କହି ବୃଦ୍ଧା ପରିଚାରକଙ୍କୁ ଡାକି କହିଲେ, "ଶମ୍ଭୁ, ୟାଙ୍କୁ ପାଟେଡ଼ୀ ଦିଅ।"

ଏହା ଖୁବ୍ ଦୁଃଖଦାୟକ ଓ ଅପମାନଜନକ ପ୍ରସଙ୍ଗ ହୋଇଥିବାରୁ ସମସ୍ତଙ୍କ ମନ ଖରାପ ହୋଇଯାଇଥିଲା। କେହି କୌଣସି କଥା ନ କହି ଚୁପ୍‌ଚାପ୍ ଭୋଜନ କରିବାକୁ ଲାଗିଲେ।

7

ଯେତେବେଳେ ପାଣେର ସୂର୍ଯ୍ୟନାରାୟଣ ମନ୍ତ୍ରୀ ଲକ୍ଷ୍ମୀନାରାୟଣାୟା ଘରେ ପହଞ୍ଚିଲା, ପ୍ରାୟ ସେତିକି ବେଳେ କୋଡ଼ଗର ଜଣେ ବୃଦ୍ଧ ସେ..କୁ ପଚାରିଲା, "ଭାଇ ତଙ୍କ ମହାଶୟ ଅଛନ୍ତି?"

ବୋପଣ୍ଣା ଘରେ ଥିଲେ। ବୃଦ୍ଧର ସ୍ୱର ଶୁଣିବା ମାତ୍ରେ ଦ୍ୱାର ନିକଟକୁ ଆସି କହିଲା, "ଆସନ୍ତୁ ବାବା, ଭିତରକୁ ଆସନ୍ତୁ, କେତେବେଳେ ଆସିଲେ? ସବୁ ଖବର ଭଲ ତ?"

ବୃଦ୍ଧ: "ନମସ୍କାର ତଙ୍କ ମହାଶୟ, ଆପଣମାନେ କେମିତି ଅଛନ୍ତି?" କହି କହି ବୋପଣ୍ଣା ସହ ଭିତରକୁ ଗଲା।

ବୃଦ୍ଧ ନାମ ଉତ୍ତୟା ତଙ୍କ। ତାଙ୍କୁ ସାରା କୋଡ଼ଗରେ ସମସ୍ତେ ଜାଣନ୍ତି। ତାଙ୍କ ପ୍ରସିଦ୍ଧିର ମୁଖ୍ୟ କାରଣ ହେଉଛି ଯେତେବେଳେ ଟୀପୁ ସୁଲତାନଙ୍କ ମୁସଲମାନ ସେନା ଭାଗମଣ୍ଡଳ ଉପରେ ଆକ୍ରମଣ କଲେ ସେତେବେଳେ ସେ ପ୍ରତିଦିନ ଜଣେ ବ୍ରାହ୍ମଣ ବାଳକକୁ କାନ୍ଧ ଉପରେ ବସାଇନେଇ ଭାଗମଣ୍ଡଳ ଦେବାଳୟରେ ପୂଜା କରୁଥିଲେ। ଏ ଘଟଣା ଚାଳିଶ ବର୍ଷ ପୂର୍ବେ ଦୌଡ଼ ବୀରରାଜଙ୍କ ସମୟର ଘଟଣା ଥିଲା। ଶତ୍ରୁ ଫେରିଯିବା ପରେ ଦୋଡ଼ବୀରରାଜ ଯେତେବେଳେ ଏହା ଜାଣିଲେ ସେତେବେଳ ସେ ତାଙ୍କୁ ସମ୍ମାନିତ କରିଥିଲେ।

ଯେତେବେଳେ ନବରାତ୍ରିର ଦରବାରରେ ଦୋଡ଼ ବୀରରାଜ ତାଙ୍କର ପ୍ରଶଂସା କଲେ ସେତେବେଳେ ତାଙ୍କର ଓ କୋଡ଼ଗର ଅଧିବାସୀମାନଙ୍କର ଗର୍ବ ଓ ସନ୍ତୋଷର ସୀମା ରହିଲା ନାହିଁ। ଲିଙ୍ଗରାଜ ମଧ୍ୟ ତାଙ୍କର ପିଠିରେ ହାତ ମାରି ସମ୍ମାନିତ କରି ତାଙ୍କ ସହ ବନ୍ଧୁତା ସ୍ଥାପନ କଲେ। ଉତ୍ତୟା ତାଙ୍କ ସମୟରେ ତିନୋଟି ବାଘ ମାରିଥିଲେ। ବାଘ୍ ମାରିଥିବା ବ୍ୟକ୍ତିମାନେ ଏକ ବିଶେଷ ପ୍ରକାରର ନିଶ ରଖିବା କୋଡ଼ଗର ଏକ ପୁରାତନ ପ୍ରଥା। ବଡ଼ ରାଜାଙ୍କ ସମୟରେ ନବରାତ୍ରି ଦିନ ଏହିପରି ନିଶକୁ କୁଣ୍ଡାଇ

Digitized by srujanika@gmail.com

ଦେଖାଉଥିବା ଚାରି ଛଅ ବ୍ୟକ୍ତିଙ୍କ ମଧ୍ୟରୁ ଉଭୟତଙ୍କ ଅନ୍ୟତମ। ଲିଙ୍ଗରାଜ ଏହାଙ୍କୁ ସାଙ୍ଗରେ ନେଇ ଥରେ ଦୁଇଥର ଶିକାରକୁ ମଧ୍ୟ ଯାଇଛନ୍ତି। ସେହି ସମୟରୁ ସମସ୍ତେ ଜାଣିଥିଲେ ଯେ ସେ ଅନ୍ୟ ସବୁ ବିଷୟରେ ମଧ୍ୟ ପାରଙ୍ଗମ। ସେହି କାରଣ ଯୋଗୁ ସେ ଲିଙ୍ଗରାଜର ପୁତ୍ରକୁ ମଧ୍ୟ ତା'ର ପିଲାଦିନୁ ଜାଣିଥିଲେ। ସ୍ନେହରେ ସେ ସେହି ପିଲାକୁ 'ପୁଟପ୍ପା' ବୋଲି ଡାକୁଥିଲା। ଲିଙ୍ଗରାଜର ଗାଦୀରେ ବସିବା ପ୍ରସଙ୍ଗ ଉଠିବାରୁ ସେ ତାକୁ ସମର୍ଥନ କରିଥିଲେ ଓ ଲିଙ୍ଗରାଜର ପୁତ୍ର ଯେତେବେଳେ ରାଜା ହେଲା ସେଥିରେ ମଧ୍ୟ ଯାଙ୍କର ସ୍ୱୀକୃତି ଥିଲା। ବୋପଣ୍ଣା ଏହାକୁ ଖୁବ୍ ଆଦର କରୁଥିଲା।

ଭିତରକୁ ଯାଉ ଯାଉ ବୋପଣ୍ଣା ପଚାରିଲା, "ଆପଣ ଖାଇ ସାରିଛନ୍ତି ନାଁ ଖାଇବେ? ମୁଁ ଏପର୍ଯ୍ୟନ୍ତ ଖାଇନାହିଁ।"

ବୃଦ୍ଧ: "ତଙ୍କଙ୍କ ଘରକୁ ଆସିଲାବେଳେ କ'ଣ ଖାଇକରି ଆସିବା କଥା?' ଚାଲନ୍ତୁ, ବର୍ତ୍ତମାନ ଖାଇବେ।"

ଘରଟି ଲକ୍ଷ୍ମୀନାରାୟଣର ଘର ପରି ଥିଲା। ଭିତରେ ବଡ଼ ଅଗଣା ଥିଲା ଓ ସେଠିକା ପରି ଏଠାରେ ମଧ୍ୟ ଚାରି ପାଞ୍ଚ ଜଣ ଲୋକ ବସିଥିଲେ, "ବାବାଜୀଙ୍କର ହାତ ଧୋଇବାକୁ ପାଣି ଦେଇ ଭିତରେ ଆଉ ଗୋଟିଏ ଥାଳୀ ଲଗେଇବାକୁ କହ", ବୋପଣ୍ଣା ଭୃତ୍ୟକୁ ଡାକି କହିଲେ।

ବୃଦ୍ଧ ଉଭୟତଙ୍କ ଗୋଡ଼ ହାତ ଧୋଇ ସାରିବା ପରେ ସମସ୍ତେ ଭିତରକୁ ଯାଇ ଭୋଜନ କରିବାକୁ ବସିଲେ।

ଭୋଜନ କରିବା ସମୟରେ ବୋପଣ୍ଣା ଉଭୟାଙ୍କୁ ପଚାରିଲେ, "ସିଧା ଗ୍ରାମରୁ ଆସୁଛନ୍ତି? ସେଠିକାର ଖବର କ'ଣ?"

"ରାଜମହଲରୁ ମିଳୁଥିବା ଜାଗିରୀ ଆଣିବାକୁ ଭୃତ୍ୟକୁ ପଠାଇଥିଲି। ଆଉ ଭବିଷ୍ୟତରେ ମିଳିବ ନାହିଁ। ବନ୍ଦକରି ଦିଆଯାଇଛି" ଯା କହିଲା।

"ଆରେ..."

"ସେ କହୁଛନ୍ତି ତୁମର ତଙ୍କ ରାଜାଙ୍କ ବିରୋଧୀ- ତାକୁ କାହିଁକି ଜାଗିରୀ ମିଳିବ? ତାକୁ କହିବ ଏଠାକୁ ଆଉ ଯେପରି ମୁହଁ ଦେଖାଇବାକୁ ନ ଆସେ ନଚେତ୍ ତାର ନିଶ କଟେଇ ଦେବି।"

"ଆଚ୍ଛା! ତାର ଏତେ ଉଗୁରି? ଏତେ ସାହସ!"

"ଦେଖନ୍ତୁ ତଙ୍କ ମହାଶୟ ତା'ର କେତେ ସାହସ। ମୋର ଭୃତ୍ୟ ତାକୁ କହିଲା ଯେ ବଡ଼ ରାଜା ସାହେବ ଖୁସିରେ କାନ୍ଧରେ ହାତ ରଖି ନିଜେ ଏଇ ଜାଗିରୀ ଦେଇଥିଲେ। ଯାକୁ କିଏ ବାଧା ଦେବ? ବସବୟା କହିଲା, "ଜଣେ ଦେଇ ଥିଲା ଆଉ ଜଣେ ବନ୍ଦକରି ଦେଲା।" କାହିଁକି ବୋଲି ପଚାରିବାରୁ "ସେ ରାଜାର ବିରୋଧୀ" ବୋଲି କହିଲା।

"କି ପ୍ରକାର ବିରୋଧୀ?"

"ତାହାହିଁ ପଚାରିବାକୁ ଆସିଛି, ତଙ୍କଜୀ ପଚାରିବି। ଦେଖ ତୁର୍କୀଙ୍କ ହାତକୁ ଚାଲିଗଲା। ଭାଗମଣ୍ଡଳର ବ୍ରାହ୍ମଣମାନେ ଗାଁ ଛାଡ଼ି ଚାଲି ଯାଉଥିଲେ। ଏପରିକି ଭଗବାନଙ୍କ ଉପରେ ବୁନ୍ଦାଏ ପାଣି ଚଢ଼େଇବାକୁ ମଧ୍ୟ କେହି ନଥିଲେ। ଯେତେବେଳେ ସମସ୍ତେ ଯୁଦ୍ଧ କରୁଥିଲେ

Digitized by srujanika@gmail.com

ସେତେବେଳେ ମୁଁ ଚାରିମାସ ପର୍ଯ୍ୟନ୍ତ ବ୍ରାହ୍ମଣ ବାଳକକୁ କାନ୍ଧରେ ବସାଇ ନେଇ ତାକୁ ସ୍ନାନ କରାଇ ତା'ରି ହାତରେ ଭଗବାନଙ୍କ ସେବା କରି ତାଙ୍କ ଜ୍ୟୋତିକୁ ଅଖଣ୍ଡ ରଖିଛି। ବଡ଼ ରାଜା ସାହେବ ଏ କଥା ଜାଣିବାରୁ ଆଶ୍ଚର୍ଯ୍ୟ ହୋଇଗଲେ। ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ। ସେ କହିଲେ ଯୁଦ୍ଧରେ ଲଢ଼ିବା କିଛି ବଡ଼ କଥା ନୁହେଁ ଓ ମନ୍ଦିର ରକ୍ଷା କରିବା କିଛି ଛୋଟ କଥା ନୁହେଁ। ତୁମେ ଏ ସମ୍ମାନ ସ୍ୱୀକାର କର।'' ତାକୁ ବନ୍ଦ କରିବାକୁ ଇଏ କିଏ ?''

''ଜଣେ ରାଜା ଦେଇଛି ଓ ଆଉ ଜଣେ ''ବନ୍ଦ କରିଛି,'' ଏହା ଯେ କହୁଛି ତା'ର କାରଣ ଜାଣିବା 'ଆବଶ୍ୟକ।''

'ସେମିତି କିଛି କଥା ନାହିଁ। ଯଦି କିଛି ଥାଏ ତା ହେଉଛି ଯେ ମୋର ନାତୁଣୀ ଯୁବତୀ ଓ ସୁନ୍ଦରୀ। ମୋ ବୋହୂ ତା'ର ବିବାହ ନିଜ ଭାଇର ପୁଅ କରିବାକୁ ଚାହୁଁଛି। ଏହି ସମୟରେ ରାଜମହଲ ସମ୍ବାଦବାହକ ଆସି କହିଲା ଯେ 'ରନିବାସ'ର ସେବା ପାଇଁ ଏଇ ଝିଅକୁ ଡକାଇଛନ୍ତି। ବିବାହ ବନ୍ଦ କରିଦିଅ। ବୋହୂ ବ୍ୟସ୍ତ ହୋଇ କ'ଣ କରାଯିବ ବୋଲି ମୋତେ ପଚାରିଲା। ମୁଁ ସମ୍ବାଦ ବାହକକୁ କହିଲି, ''ବିବାହ ପରେ ଝିଅ ଜ୍ୱାଇଁ ଉଭୟଙ୍କୁ ସେବା କରିବା ପାଇଁ ପଠାଇ ଦେବା। ସେମାନେ ଆସି ନେଇ ଯାଆନ୍ତୁ।'' ସେ ସେମିତି ହୋଇପାରିବ ନାହିଁ ବୋଲି କହିବାରୁ 'କାହିଁକି ହେବ ନାହିଁ। ଏହାକୁ ରାଜଆଜ୍ଞା କହନ୍ତି। ସେକଥାବି ଦେଖିବା।''

''ଠିକ୍ ଅଛି ଦେଖିବା, ଏଥିରେ କାହାର ହାତ ଅଛି। ଯଦି ବସବ ରାଜାଙ୍କ ତରଫରୁ ଏପରି କରିଥାଏ ତେବେ ତା'ର ଦ୍ୱିତୀୟ ଗୋଡ଼ଟି ମଧ୍ୟ ଭାଙ୍ଗିଦେବା ଉଚିତ। ରାଜାଙ୍କ ଇଚ୍ଛାରେ ବସବ ଯଦି କରିଥାଏ ତେବେ ସେ ରାଜାକୁ ବୁଦ୍ଧି ବତେଇବାକୁ ହେବ। 'ରନିବାସ'ର ସେବା କରିବା ନାମରେ ଏମାନେ କୋଡ଼ଗର କନ୍ୟାଙ୍କୁ ଶିକାର କରିବାକୁ ଚାହୁଁଛନ୍ତି।''

କ୍ରୋଧରେ ବୋପଣ୍ଣାଙ୍କ ସ୍ୱର କର୍କଶ ହୋଇ ଉଠିଲା। ବୃଦ୍ଧ କୌଣସି ଉତ୍ତର ଦେଲେ ନାହିଁ। ଉତ୍ତର ଦେବାର କିଛି ନଥିଲା। ଚୁପଚାପ ଖାଇସାରି ବୋପଣ୍ଣା ଭୃତ୍ୟକୁ ଡାକି କହିଲେ, ''ବିଦ୍ଦାୟା, ଖାଇସାରି ଆମେ ସନ୍ଧ୍ୟାବେଳେ ଦେଖା କରିବାକୁ ଆସିବୁ ବୋଲି ରାଜମହଲରେ ଖବର ଦିଅ।''

ଭୃତ୍ୟ ବିଦ୍ଦୟା କହିଲା, ''ଯାହା ଆପଣଙ୍କର ହୁକୁମ, ତକ୍କ ମହାଶୟ।''

୪

ସେହିଦିନ ସନ୍ଧ୍ୟାବେଳେ ମଡ଼କେରୀର ଓଁକାରେଶ୍ୱର ମନ୍ଦିର ନିକଟବର୍ତ୍ତୀ ଏକ ବଡ଼ ଘରର ବାହାର ଅଗଣାରେ ଗୃହସ୍ୱାମୀ ଦୀକ୍ଷିତ ଗୋଟିଏ ତାଳପତ୍ର ପୋଥିକୁ ଓଲଟ ପାଲଟ କରି ଦେଖୁଥିଲେ। ସେ ଓଁକାରେଶ୍ୱର ମନ୍ଦିରର ମୁଖ୍ୟ ଉପାସକ ଓ ରାଜପରିବାରର ଜ୍ୟୋତିଷୀ ଥିଲେ।

ଭାଇ ଓ ଭଉଣୀଙ୍କ ବିବାହରେ ଅମଙ୍ଗଳ ହେବ ବୋଲି ସେ ରାଣୀଙ୍କୁ କହିଥିଲେ। ବୃଦ୍ଧ ଜଣକ କିଛି ସମୟ ପୋଥି ପଢ଼ି ପୁଣି କିଛି ସମୟ କ'ଣ ଚିନ୍ତା କରୁଥିଲେ। ଏହାରି ମଧ୍ୟରେ ସେ ବାହାର ଦୁନିଆକୁ ସମ୍ପୂର୍ଣ୍ଣ ରୂପେ ଭୁଲି ଯାଇଥିଲେ।

Digitized by srujanika@gmail.com

ଚିନ୍ତାରେ ବୁଡ଼ି ରହିଥିବା ଏଇ ବୃଦ୍ଧଙ୍କ ସମକ୍ଷରେ ମାଲୟାଲୀ ଢ଼ଙ୍ଗରେ ଧଳା ଶାଢ଼ୀ ପିନ୍ଧିଥିବା ଜଣେ ସ୍ତ୍ରୀଲୋକ ଆସି ଠିଆ ହେଲେ। ସେହି ସ୍ତ୍ରୀ ମୂର୍ତ୍ତି ଯେ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣରୂପେ ବୃଦ୍ଧଙ୍କ ସମକ୍ଷକୁ ଆସି ନଥିଲା, ସେ ପର୍ଯ୍ୟନ୍ତ ବୃଦ୍ଧ ସେ ଦିଗକୁ ଧ୍ୟାନ ଦେଇ ନଥିଲେ। ଅପରିଚିତ ବ୍ୟକ୍ତିର ଅସାଧାରଣ ବେଶ ଦେଖି ଆଶ୍ଚର୍ଯ୍ୟ ହୋଇ ଅଧ୍ୟୟନ ଛାଡ଼ି ବୃଦ୍ଧ ସେହି ସ୍ତ୍ରୀକୁ ଚାହିଁଲେ।

କ୍ଷଣକ ପାଇଁ ସେ ଭାବିଲେ ସ୍ତ୍ରୀଲୋକଟି ହୁଏତ ତାଙ୍କ ନିକଟକୁ ତା'ର ଭବିଷ୍ୟତ ବିଷୟରେ ପଚାରିବାକୁ ଆସିଛି।

ସ୍ତ୍ରୀଲୋକଟି ତାଙ୍କୁ ହାତ ଯୋଡ଼ି ନମସ୍କାର କରି କହିଲା, "ପ୍ରଣାମ ଭାଇନା" ଦୀକ୍ଷିତ ଆଦୌ ଜାଣି ପାରିଲେ ନାହିଁ ଯେ ତାଙ୍କୁ 'ଭାଇନା' କହୁଥିବା ସ୍ତ୍ରୀ ଲୋକଟି କିଏ ହୋଇପାରେ? ତା ଆଡ଼କୁ ସେ ଚାହିଁ ଦେଖିଲେ ଯେ ସେ ଜଣେ ବୟସ୍କା ସ୍ତ୍ରୀ ଲୋକ। ମୁହଁରେ ବାର୍ଦ୍ଧକ୍ୟର ଚିହ୍ନ ନ ଥିଲେ ସୁଦ୍ଧା ଲାଳିତ୍ୟ ନଥିଲା ଓ ସ୍ୱଭାବ କଠୋର ଥିଲା। ନିରେଖି ଚାହିଁବାରୁ ଦୀକ୍ଷିତଙ୍କର ମନେହେଲା ସେ ଯେପରି ତାଙ୍କୁ କେଉଁଠାରେ ଦେଖିଛନ୍ତି। 'ତୁମକୁ ଚିହ୍ନି ପାରୁ ନାହିଁ' ବୋଲି କହିବାକୁ ସେ ଭାବୁଥିଲେ। ତା'ପରେ ସେ କହିଲେ "ତୁମେ ପାପା ନୁହଁ ତ।"

ଆପଣ ଠିକ୍ ଚିହ୍ନିଛନ୍ତି। ମୁଁ ଆପଣଙ୍କର 'ପାପ' ହେଲେ କ'ଣ ହେବ। ଆପଣ ହେଉଛନ୍ତି ମୋର 'ପୁଣ୍ୟ'। ଏହା କହି ସ୍ତ୍ରୀ ଲୋକଟି ହସିଲା। ଦୀକ୍ଷିତ ମଧ୍ୟ ତା ସହ ହସି ଉଠିଲେ।

"ପାପା ତୁ କେବେ ଓ କେଉଁଠାରୁ ଆସିଲୁ? ତିରିଶ ବର୍ଷ ପରେ ତୋତେ ଦେଖୁଛି। ଆସିବାର ଖବର ମଧ୍ୟ ଦେଲୁ ନାହିଁ। ଏମିତି ଭାବରେ ଆସିଲୁ ଯେ ମୋର ମନେ ହେଉଛି ତୁ ଯେମିତି କାଲି ଯାଇଥିଲୁ। ମୁଁ 'ପାପା' ବୋଲି କହିଲେ ଥଟ୍ଟା କରିବା ତୋର ପୁରୁଣା ଅଭ୍ୟାସ।"

"ବିଦେଶରୁ ଫେରି ଆସିଲି। ଆଉ କ'ଣ ବାଜା ବଜେଇ କରି ଆସିଥାନ୍ତି? ଆପଣଙ୍କ ବ୍ୟତୀତ ମତେ ଆଉ ନିଜର ବୋଲି କହିବାକୁ କିଏ ଅଛି? କାହା ହାତରେ ଆପଣଙ୍କ ନିକଟକୁ ଖବର ଦେଇଥାଆନ୍ତି? ସେଥିପାଇଁ ନିଜେ ଚାଲି ଆସିଲି।"

"ଖୁସୀର କଥା ଝିଅ। ବସ, ମଡ଼କେରୀ କେବେ ଆସିଲୁ?" ସ୍ତ୍ରୀ ଲୋକଟି ଅଗଣାର ଗୋଟିଏ କୋଣରେ ବସିଲା।

"ଗାଁକୁ ଆସିବାର ଛଅ ମାସ ହୋଇଯାଇଥିଲେ ମଧ୍ୟ ଆପଣଙ୍କ ସହ ସାକ୍ଷାତ କରିବାର ସୁଯୋଗ କେବେ ଆସିବ ସେଇ ଅପେକ୍ଷାରେ ଥିଲି। ଏଇ ବର୍ତ୍ତମାନ ଏଠାକୁ ଆସିଲି।"

"ଗାଁକୁ ଆସିବାର ଛଅମାସ ହୋଇଗଲାଣି?"

"ହଁ, ଫେରିବାର ଛଅମାସ ହୋଇଗଲାଣି। ଗାଁରେ ଲୋକମାନେ ମତେ ଭଗବତୀଙ୍କ ଉପାସିକା ଭାବରେ ଜାଣନ୍ତି। ରାଜାଙ୍କ ମହଲକୁ ଯାଇଥିଲି ବୋଲି ଆପଣ ବୋଧହୁଏ ଶୁଣିଥିବେ।"

"ଓ ହୋ! ତୁମେ ତା ହେଲେ ସେଇ ଭଗବତୀ? ମୋ କାନରେ ନ ପଡ଼ିବ କେମିତି? ରାଣୀ ଗ୍ରହଶାନ୍ତି କରେଇଛନ୍ତି ବୋଲି ଅନେକ ଥର ଶୁଣିଛି।"

Digitized by srujanika@gmail.com

‘‘ଆଉ କିଛି ପୂଜା କରେଇବାକୁ ଅଛି କି ନାହିଁ, ମୁଁ ପଚାରିଥିଲି କିନ୍ତୁ ଜାଣିବାକୁ ପାଇଲି ଯେ ଆପଣ ବାରଣ କରିଦେଇଛନ୍ତି।’’

‘‘ଭଗବାନଙ୍କ ପୂଜା କରିବାକୁ କିଏ ମନା କରୁଛି? ମୁଁ ତ ସେଇ କିଛି’କୁ ବନ୍ଦ କରିବା ପାଇ ଚାହୁଁଥିଲି।’’

‘‘ଠିକ୍ ଅଛି। ଆପଣ ରାଜମହଲର ଜ୍ୟୋତିଷୀ। ରାଜମହଲର ରକ୍ଷା କରୁଛନ୍ତି ସେଥିରେ ମୋର କ’ଣ ଅଛି! ଭାଇନା, ମୁଁ କହିବାକୁ ଆସିଛି ଯେ ଆପଣ ବର୍ତ୍ତମାନଠାରୁ ମୋ ଉପରେ ମଧ୍ୟ ଧ୍ୟାନ ରଖନ୍ତୁ।’’

‘‘ତୁ କ’ଣ ଚାହୁଁଛୁ ଝିଅ?’’

‘‘କହିବି କିନ୍ତୁ ଏ ସବୁ କଥା ଅଗଣାରେ ବସି କହିବା ଠିକ୍ ହେବ ନାହିଁ। ମନ୍ଦିରରେ ପୂଜା ପୂର୍ବରୁ ବା ପରେ କିଛି ସମୟ ବସିଲେ କହିବି ଯେମିତି କି କେହି ନ ଶୁଣିବେ।’’

‘‘ଏମିତି କି କଥା କହିବାକୁ ଅଛି? କିଏ ଓ କେଉଁଠାରୁ ଆସିଛୁ ଏ କଥା ଏପର୍ଯ୍ୟନ୍ତ ଏଠିକାର ଲୋକ ଜାଣି ନାହାନ୍ତି। ବର୍ତ୍ତମାନ ଏ ଅଞ୍ଚଳରେ ଖାଲି ଜଣେ କି ଦୁଇଜଣ ବୃଦ୍ଧ ଅଛନ୍ତି। ତୁ ଭୟ କରୁଛୁ କାହିଁକି?’’

‘‘ମୁଁ କାହିଁକି ଭୟ କରିବି? ମାଲୟାଲୀ ଭଗବତୀ ଭାବି ଲୋକମାନେ ମତେ ଭୟ କରୁଛନ୍ତି। ମୋର ପ୍ରତିଷ୍ଠା ରକ୍ଷା କରିବାକୁ ମୁଁ ଆପଣଙ୍କୁ ଅନୁରୋଧ କରିବାକୁ ଆସିଛି। ମୋର ପୁଅକୁ ରକ୍ଷା କରନ୍ତୁ।’’

‘‘ତୋର ପୁଅ, ସେ କ’ଣ ଜୀବିତ? ବର୍ତ୍ତମାନ କେଉଁଠି ଅଛି?’’

‘‘ଆଜି ରାତିରେ ସବୁ ବିଷୟରେ ଆପଣଙ୍କୁ ମନ୍ଦିରରେ କହିବି?’’ ‘‘କିନ୍ତୁ ଆପଣ କହନ୍ତୁ ଆଜି ଆସିବି କି ଆଉ କେବେ ଆସିବି?’’

‘‘ପୁଣି କେବେ ଆସିବାକୁ କହିଲେ ତୁ ହୁଏତ ଆଉ ତୋର ମନ୍ଦିରକୁ ଯାଇ ପାରିବୁ ନାହିଁ।’’

‘‘ଆଜ୍ଞା ହଁ,’’

‘‘ତା ହେଲେ ଏଥିପାଇଁ ପୁଣି ଥରେ କାହିଁକି ଆସିବୁ, ଆଜି ଆସିଲେ କଥାବାର୍ତ୍ତା ହେବା।’’

‘‘ଆଚ୍ଛା ହଉ’’ କହି ସ୍ତ୍ରୀ ଲୋକଟି ଉଠି ଠିଆ ହେଲା।

‘‘ଘରେ ପିଲାମାନେ ଭଲ ଅଛନ୍ତି ତ! ପୁଣି କେତେବେଳେ ଆସିଲେ ସେମାନଙ୍କ ସହ ସାକ୍ଷାତ କରିବି।’’ ଏହା କହି ସ୍ତ୍ରୀ ଲୋକଟି ରାସ୍ତା ଆଡ଼କୁ ମୁହାଁଇଲା।

୨

ପାପା ଫେରିଯିବା ଦେଖି ଦୀକ୍ଷିତ ସେହି ଦିଗକୁ ଚାହିଁ ରହିଲେ। ତାଙ୍କ ଦୃଷ୍ଟିରୁ ଅପସରି ଯିବା ପରେ ସେ ପୁଣି ତାଙ୍କର ପୋଥି ଉପରକୁ ଦୃଷ୍ଟି ଫେରାଇଲେ। ଆଉ ଅଧ୍ୟୟନ ନ କରି ପୋଥିକୁ କନାରେ ବାନ୍ଧି ରଖିଲେ। ‘ଭାଇନା’, ବୋଲି ସମ୍ବୋଧନ କରୁଥିବା ଏଇ ସ୍ତ୍ରୀ ଲୋକଟିର କାହାଣୀ ତାଙ୍କର ମନେ ପଡ଼ିବାକୁ ଲାଗିଲା।

Digitized by srujanika@gmail.com

ପଚାଶ ବର୍ଷ ପୂର୍ବରୁ କଥା। ଦୀକ୍ଷିତଙ୍କର ଏକ ସୁନ୍ଦର ସାନ ଭାଇ ଥିଲା। ସମସ୍ତେ କହୁଥିଲେ ସେ ଭାଇଠାରୁ ମଧ୍ୟ ଅଧିକ ବୁଦ୍ଧିମାନ। ସେ ସଙ୍ଗୀତ, ବୈଦ୍ୟକ ଓ ଜ୍ୟୋତିଷ ଶାସ୍ତ୍ରରେ ନିପୁଣ ଓ ପିତାଙ୍କର ପ୍ରିୟପୁତ୍ର ଥିଲା। ତା'ର ବିବାହ ଠିକ୍ ସମୟରେ ହୋଇଥିଲା। କିନ୍ତୁ ପ୍ରସବକାଳରେ ସେଇ ଝିଅଟି ପ୍ରାଣତ୍ୟାଗ କଲା। ଯୁବକଟି ଆଉ ପୁନର୍ବିବାହ କରି ନଥିଲା।

ବଡ଼ ରାଜାଙ୍କ ସମୟରେ ରାଜମହଲରେ ସଙ୍ଗୀତ ଆସର ବସୁଥିଲା, ସେଥିରେ ଜଣେ ଖୁବ୍ ଭଲ ଗାୟିକା ଥିଲା ଯେ କି ଅତି ସୌନ୍ଦର୍ଯ୍ୟମୟୀ ମଧ୍ୟ ଥିଲା। ରାଜମହଲର ସେହି ଗାୟିକା ସହ ଯୁବକଟିର ଭାବ ହୋଇଥିଲା। ଯଦିଓ ସେମାନେ ବିବାହ କରି ନଥିଲେ ସେମାନଙ୍କର ସମ୍ବନ୍ଧ ବିବାହ ଠାରୁ ଆହୁରି ଦୃଢ଼ ଥିଲା। ଗାୟିକାଟି ଗୋଟିଏ କନ୍ୟାକୁ ଜନ୍ମ ଦେଇଥିଲା ଯାହାକୁ ତା'ର ପିତା ସ୍ନେହରେ 'ପାପା' ବୋଲି ଡାକୁଥିଲେ। ପରେ ତା'ର ସେହି ନାମ ରହିଯାଇଥିଲା। ମା' ଓ ଝିଅ କେବେ କେବେ ଦୀକ୍ଷିତଙ୍କ ଘରକୁ ଆସୁଥିଲେ। ଯଦି କେବେ ଏମାନେ ଦୀକ୍ଷିତଙ୍କ ସ୍ନାନ ପୂର୍ବରୁ ଆସୁଥିଲେ ତେବେ ସେ ପିଲାଟିକୁ କୋଳରେ ନେଇ ଖେଳଉଥିଲେ। ପିଲାଟି ତାଙ୍କ ଘରେ ଜନ୍ମ ନ ହୋଇଥିଲେ ମଧ୍ୟ ସେ ତାକୁ ହତାଦର କରୁ ନଥିଲେ। ପିତାଙ୍କର ବଡ଼ଭାଇଙ୍କ ନିକଟରେ ମଧ୍ୟ ତାର ନାମ 'ପାପା' ରହିଲା। ପିତା ତାଙ୍କର ବଡ଼ଭାଇଙ୍କୁ 'ଭାଇନା' ବୋଲି ଡାକୁଥିବାରୁ 'ପାପା' ମଧ୍ୟ ତାହାହିଁ ଡାକିବାକୁ ଲାଗିଲା।

'ପାପା'କୁ ଷୋହଳ ବର୍ଷ ହେଲା ବେଳକୁ ସେ ପରମା ସୁନ୍ଦରୀ ହୋଇ ସାରିଥିଲା। ପିତା ତାକୁ ସଂସ୍କୃତ ଓ ମାତା ସଂଗୀତ ଶିକ୍ଷା ଦେଇଥିଲେ। ସେ ପ୍ରକୃତରେ ରାଜକନ୍ୟା ପରି ଦିଶୁଥିଲା। ଲିଙ୍ଗରାଜ ସେତେବେଳେ ଯୁବକ ଥିଲା। ଏହି କନ୍ୟା ଉପରେ ନଜର ପଡ଼ିବା ମାତ୍ରେ ସେ ତା ପ୍ରତି ଆକର୍ଷିତ ହୋଇଥିଲା। ରାଜାଙ୍କର ନିଜର ରାଣୀ ଥିଲେ ମଧ୍ୟ କୌଣସି ସନ୍ତାନ ସନ୍ତତି ନଥିଲେ। ଗୋଟିଏ ସନ୍ତାନର ମୃତ୍ୟୁ ହୋଇଥିଲା। ସେ ଏଇ ଛୋଟ ଝିଅଟିକୁ ବହୁତ ସ୍ନେହ ଦେଖାଇ ତାକୁ ନିଜର କରି ନେଲେ।

ଏ ପ୍ରକାର ଆଶଙ୍କା ସମସ୍ତଙ୍କର ଆଗରୁ ଥିଲା କିନ୍ତୁ ଝିଅଟି ଗର୍ଭବତୀ ହେବାରୁ ସବୁ ଜଣାପଡ଼ିଲା। ଦୀକ୍ଷିତଙ୍କର ଛୋଟ ଭାଇକୁ ଯଦିଓ ସ୍ତ୍ରୀର ବେଶ୍ୟା-ଗାୟିକା ହେବା ବାଧି ନଥିଲା ଝିଅର ଏ ସବୁ ହେବା ଖୁବ୍ ବାଧିଲା। ଝିଅକୁ ଦ୍ୱିତୀୟ ପତ୍ନୀରୂପେ ଗ୍ରହଣ କରିବାକୁ ସେ ଲିଙ୍ଗରାଜଙ୍କୁ ବାଧ୍ୟ କଲା। ଲିଙ୍ଗରାଜ ଏ ପ୍ରସ୍ତାବକୁ କୌଣସି ପ୍ରକାରେ ସ୍ୱୀକାର କଲା ନାହିଁ। ଏଇ ଘଟଣାର ଦୁଇ ତିନି ମାସ ପରେ ଦୀକ୍ଷିତଙ୍କ ଛୋଟଭାଇ ରୋଗରେ ପଡ଼ି ପ୍ରାଣତ୍ୟାଗ କଲେ। ଲିଙ୍ଗରାଜ ତାକୁ ବିଷଦେଇ ହତ୍ୟା କରିଛି ବୋଲି ସମସ୍ତେ ସନ୍ଦେହ ପ୍ରକାଶ କଲେ।

ବର୍ଷ ପୂରିବା ପୂର୍ବରୁ କଣ ହେଲା କେଜାଣି- ଦୀକ୍ଷିତ କିଛି ଜାଣି ପାରିଲେ ନାହିଁ। ରାଜଭବନରୁ ଝିଅ ଓ ତା'ର ମା ହଠାତ୍ କେଉଁଆଡ଼େ ଚାଲିଗଲେ। ଏମାନଙ୍କ ଖବର ନେବାଭଳି ପରିସ୍ଥିତିରେ ଦୀକ୍ଷିତ ନ ଥିଲେ। ଏମାନେ କୁଆଡ଼େ ଗଲେ ଓ କ'ଣ କଲେ କିଛି ଜଣା ପଡ଼ିଲା ନାହିଁ। ଝିଅଟିର ମା'ର ବଡ଼ ଭଉଣୀ ରାଜଭବନରେ ରହୁଥିଲା।

Digitized by srujanika@gmail.com

ଦୀକ୍ଷିତ ତାକୁ ଏମାନଙ୍କ ବିଷୟରେ ପଚାରି ପାରିଥାଆନ୍ତେ। କିନ୍ତୁ ତାକୁ ସେ କ'ଣ ପଚାରି ଥାଆନ୍ତେ ଓ ପଚାରି କ'ଣ ବା କରି ପାରିଥାଆନ୍ତେ। ଯେତେବେଳେ ଭାଇ ବଞ୍ଚି ରହିଲା ନାହିଁ ସେତେବେଳେ ତା'ର ପରିବାରକୁ ସେ କ'ଣ ନେଇ ପାରିଥାଆନ୍ତେ। କିଛିଦିନ ବିତିବା ପରେ ଦୀକ୍ଷିତ ଏସବୁ ବିଷୟ ଭୁଲିଗଲେ। 'ପାପା' ଓ ତା'ର ସନ୍ତାନର କ'ଣ ହେଲା କିଛି ଜଣାପଡ଼ିଲା ନାହିଁ।

ଦୋଡ୍ଡରାଜଙ୍କ ମୃତ୍ୟୁ ପରେ ତାଙ୍କ କନ୍ୟା ରାଣୀ ହେବାରୁ ଲିଙ୍ଗରାଜ ତାକୁ ରାଜଗାଦୀରୁ ହଟାଇ ନିଜେ ରାଜା ହେଲେ। ତାଙ୍କର ମୃତ୍ୟୁ ପରେ ତା'ର ପୁତ୍ର ରାଜା ହେଲା। ଏହା ମଧ୍ୟରେ କୋଡ଼ଗର ଇତିହାସରେ ପ୍ରାୟ ଚାଳିଶ ବର୍ଷ ବିତି ଯାଇଥିଲେ ମଧ୍ୟ ଦୀକ୍ଷିତଙ୍କ ଖାନଦାନର ଝିଅର ଛାୟା ଥରେ ହେଲେ ସେଠାରେ ପଡ଼ି ନଥିଲା। ଆଜି ସେଇ 'ପାପା' ପ୍ରୌଢ଼ା ହୋଇଛି ଓ ନିଜ ପୁତ୍ରକୁ ରକ୍ଷା କରିବାକୁ ଅନୁରୋଧ କରୁଛି। ଏଇ କଥା କେତେଦୂର ଆଗେଇବ ଓ ତା'ର ପରିଣାମ କ'ଣ ହେବ ଜଣା ନାହିଁ।

ଏହା ସତ ଯେ ରାଜଭବନର ପ୍ରାଚୀର ଭିତରୁ ଯେଉଁ 'ପାପା' ଦିନେ ଅଦୃଶ୍ୟ ହୋଇଯାଇଥିଲା ସେ ଆଜି ଭଗବତୀ ଭାବରେ ଆସିଛି। ଏହାର ନାକ-ନକ୍ସା ଠିକ୍ ତାଙ୍କ ଭାଇ ପରି। ମୁଖ ସୁନ୍ଦର ହେଲେ ମଧ ସେଥିରେ ରୁକ୍ଷତା ଆସିଯାଇଛି। ସେତେବେଳେ ଲିଙ୍ଗରାଜର କେଉଁ କଥାରେ ମନମରା ହୋଇ ଦେଶ ଛାଡ଼ି ଚାଲିଯାଇଥିଲା କେଜାଣି! କିନ୍ତୁ ଆଜି ପୁଣି ଫେରି ଆସିଥିବା 'ପାପା' କାହାରି ନିକଟରେ ମୁଣ୍ଡ ନୁଆଁଇବାକୁ ପ୍ରସ୍ତୁତ ନୁହେଁ।

ସେ ମୋ ଠାରୁ କ'ଣ ଚାହୁଁଛି? ରାଜାର ମଙ୍ଗଳ ସେ କରି ପାରିବ ନାହିଁ। ଯଦି ସେ ରାଜାର ଅମଙ୍ଗଳ ଚାହୁଁଛି ତେବେ ମୋତେ ତାକୁ ବାଧା ଦେବାକୁ ହେବ। ଏ ବଂଶର ବି କି ଦୁର୍ଭାଗ୍ୟ। ପିତାର ଭୁଲ ଆଜି ଏଇ ସ୍ତ୍ରୀ ରୂପେ ବଡ଼ ହୋଇ ନିଜ ପୁତ୍ର ପାଇଁ ଫାଶୀର ଫନ୍ଦା ହେଇ ଆସିଛି।

ଚାଳିଶ ବର୍ଷ ପୂର୍ବେ ଯେତେବେଳେ ଲିଙ୍ଗରାଜ ଗୋଟିଏ କନ୍ୟାକୁ ଭ୍ରଷ୍ଟା କରି ଦେଶତ୍ୟାଗ କରିବାକୁ ବାଧ କରିଥିଲା ସେତେବେଳେ କ'ଣ ସେ ଭାବିଥିଲା ଯେ ସେଇ ପାପା ଚାଳିଶ ବର୍ଷ ପରେ ତା'ର ପୁତ୍ରର ବିପଦର କାରଣ ହୋଇ ଆସିବ! ଜାଣିଥିଲେ ସେ କ'ଣ ଏପରି କରିଥାଆନ୍ତା।

ତା କିପରି କୁହାଯାଇ ପାରିବ? ଲୋକମାନେ କ'ଣ ଜାଣନ୍ତିନି ଯେ ପାପର ପରିଣାମ ସବୁବେଳେ ଖରାପ ହୁଏ? 'ଅଥ କେନ ପ୍ରଯୁକ୍ତେନ ପାପମ୍ ଚରତି ପୁରୁଷବ, ଅନିଚ୍ଛନ୍ନିବ କାର୍ଷ୍ଣେୟ ବଳାଦିବ ନିୟୋଜିତଃ।'' ଗୀତାରେ ଅର୍ଜୁନ କ'ଣ ଶ୍ରୀକୃଷ୍ଣଙ୍କୁ ଏହା ପଚାରି ନଥିଲେ? ମନୁଷ୍ୟ କେତେବେଳେ ଓ କାହିଁକି ଭୁଲ ରାସ୍ତାରେ ଯାଏ- ତାହା ସେ ନିଜେ କହି ପାରିବ ନାହିଁ।

ଏହି ସବୁ କଥା ଭାବି ଦୀକ୍ଷିତ ଗୀତାର ଉପଦେଶସବୁ ମନେ ପକାଇବାକୁ ଲାଗିଲେ।

ଏଇ ଚିନ୍ତା ମଧରେ ତାଙ୍କର ନିଜ ଭାଇର ଚେହେରା ମନେ ପଡ଼ିଗଲା। ପୁଣି କିଛି ସମୟ ପରେ ଭାଇର ମୁହଁ ତା'ର କନ୍ୟାର ମୁହଁରେ ପରିଣତ ହେଲା। ସେଇ ଭାଇ ଓ ତା'ର କନ୍ୟା ପାଇଁ ଦୀକ୍ଷିତଙ୍କ ମନ ଆନ୍ଦୋଳିତ ହୋଇ ଉଠିଲା।

Digitized by srujanika@gmail.com

10

ସେହି ଦିନ ଦ୍ୱିପ୍ରହର ସମୟରେ ବୀରରାଜାଙ୍କୁ ମାଙ୍ଗାଲୋରରୁ ଏକ ପତ୍ର ମିଳିଲା। ପତ୍ର ପ୍ରେରକ ମାଙ୍ଗାଲୋରରେ ନିଯୁକ୍ତ 'ଇଷ୍ଟ ଇଣ୍ଡିଆ କମ୍ପାନୀ'ର କଲେକ୍ଟର ଏଜେଣ୍ଟ ଥିଲା। ସେଥିରେ ଲେଖା ଥିଲା; 'କୋଡ଼ଗର ମହାରାଜା ଶ୍ରୀ ଚିକ୍କବୀର ରାଜେନ୍ଦ୍ରଙ୍କୁ ମାଙ୍ଗାଲୋରସ୍ଥିତ ଇଷ୍ଟ ଇଣ୍ଡିଆ କମ୍ପାନୀର ଏଜେଣ୍ଟ ତରଫରୁ ସାଦର ପ୍ରଣାମ। ଆପଣଙ୍କ ନିକଟରେ କିଛି ନିବେଦନ ଥିବାରୁ ମୁଁ ଏ ପତ୍ର ଲେଖିବାର ଦାୟିତ୍ୱ ନେଇଛି। ଏ ବିଷୟ ମାଦ୍ରାଜର, ମହାମାନ୍ୟ ଗଭର୍ଣ୍ଣର ସାହେବଙ୍କ ନିକଟକୁ ମଧ୍ୟ ଲେଖି ସାରିଛି। ଯଥା ସମୟରେ ତାଙ୍କ ନିକଟରୁ ଆପଣ ପତ୍ର ପାଇବେ। ଆମ ନିକଟକୁ ଖବର ଆସିଛି ଯେ ଆମ ଅଧିନସ୍ଥ ମାଙ୍ଗାଲୋରର ପାଣେ ଗ୍ରାମର ଆମର ଜଣେ ପ୍ରଜା ଘରର ବୋହୂକୁ ଏଇ ସପ୍ତାହରେ କିଏ ନେଇ ଯାଇଛି। ଖବର ନେବାରେ ଜଣାଯାଇଛି ଯେ ଏ କାମ କୋଡଗ ବାସୀ ହିଁ କରିଛନ୍ତି, ଆହୁରି ମଧ୍ୟ ଜଣା ପଡ଼ିଛି ଯେ ସେଇ ଝିଅକୁ ମଡ଼କେରୀ ନିଆଯାଇଛି। ଏଇ ଖବର ଦେଇଥିବା ବ୍ୟକ୍ତିମାନେ ଆହୁରି ଅନେକ ସୂଚନା ଦେଇଛନ୍ତି। କେତେଦୂର ସତ୍ୟ ତା'ର ଖବର ନେଇ ଆପଣଙ୍କ ନିକଟକୁ ପୁଣି ପତ୍ର ପ୍ରେରଣ କରାଯିବ। ବର୍ତ୍ତମାନ ପାଇଁ ଆପଣଙ୍କ ନିକଟରେ ନିବେଦନ ହେଉଛି ଆମ ନିକଟକୁ ଖବର ଆସିଛି ଯେ ଏଇ ଅପହରଣରରେ ଆପଣଙ୍କ ମନ୍ତ୍ରୀ ବସବୟାର ହାତ ଅଛି। ଏ କଥାରେ ଯଦି ଓ ଆମେ ବିଶ୍ୱାସ କରି ପାରୁ ନାହୁଁ ତଥାପି ଆମ କାନରେ ଏ କଥା ପଡ଼ିବା ପରେ କମ୍ପାନୀର ମିତ୍ର ହିସାବରେ ଆପଣଙ୍କୁ ଏହା ନ ଜଣାଇବା ଠିକ୍ ହେବ ନାହିଁ। ସେଥିପାଇଁ ଆପଣଙ୍କ ନିକଟକୁ ଏ ପତ୍ର ଲେଖୁଛି। ଆଶା ମାଦ୍ରାଜରୁ ପତ୍ର ଆସିବା ପୂର୍ବରୁ ଏ ବିଷୟରେ ପୂର୍ଣ୍ଣ ଖବରାଖବର ମିଳିବ ଏବଂ ଆପଣଙ୍କ ମନ୍ତ୍ରୀର ଯେ ଏଥିରେ ଆଦୌ ହାତ ନାହିଁ ତାହା ସ୍ପଷ୍ଟ ହୋଇଯିବ। ଏହା ଆପଣ ଓ ଆମ ମାଲିକଙ୍କର ମିତ୍ରତା ଆହୁରି ଦୃଢ଼ କରିବାରେ ସହାୟକ ହେବ। ମୋର ବିଶ୍ୱାସ ଏ ବିଷୟରେ ଆପଣଙ୍କର ଯାହା କର୍ତ୍ତବ୍ୟ ତାହା ନିଶ୍ଚୟ କରିବେ। ଅନୁଗ୍ରହ ପୂର୍ବକ ଆମ ଉପରେ ବିଶ୍ୱାସ ରଖିବେ। ଇତି ଆଣଙ୍କର ବିନୀତ ସେବକ,' ପତ୍ର ଶେଷରେ ଏଜେଣ୍ଟର ହସ୍ତାକ୍ଷର ଥିଲା।

Digitized by srujanika@gmail.com

ପୂର୍ବ କଥା

ସନ୍ଧ୍ୟା ସମୟରେ ଯେପରି ଅନ୍ଧକାର ଚାରିଦିଗରୁ ଘେରି ଆସେ ଠିକ୍ ସେହିପରି ଚିକ୍କବୀର ରାଜେନ୍ଦ୍ରଙ୍କୁ ଚାରିଆଡୁ ବିପଦ ଘେରି ଭୀଷଣ ରୂପ ଧାରଣ କରିବାକୁ ଲାଗିଲା। ତାହା ଜାଣିବା ପାଇଁ ତା'ର ପୂର୍ବକଥା ଜାଣିବା ଆବଶ୍ୟକ।

ବୀରରାଜ ଜନ୍ମରୁ ଦୁଷ୍ଟ ନଥିଲା। କିନ୍ତୁ ତା'ର ତେତିସ୍ ବର୍ଷର ଜୀବନରେ ସେ ଲୋକମାନଙ୍କୁ ଆଭାସ ହେଇଥିଲା ଯେ ତାପରି ଦୁଷ୍ଟ ଆଉ କେହି ନାହିଁ। ଯଦି ତା'ଠାରୁ ଆଉ କାହାକୁ ବେଶୀ ଦୁଷ୍ଟ କୁହାଯାଇ ପାରେ ତା' ହେଲେ ସେ ହେଉଛି ତା'ର ସହଯୋଗୀ ଓ ମନ୍ତ୍ରୀ ଲେଙ୍ଗଡ଼ା ବସବ।

ବାସ୍ତବରେ ବୀରରାଜର ଭାଗ୍ୟ ହିଁ ଭଲ ନଥିଲା। ରାଜବଂଶରେ ଯଦି ସେ ବଡ଼ଭାଇର ପୁତ୍ର ହୋଇ ଜନ୍ମ ନେଇଥାଆନ୍ତା ତେବେ ଯୁବରାଜ ରୂପେ ତା'ର ପାଳନ ପୋଷଣ ହୋଇଥାଆନ୍ତା। କିନ୍ତୁ ସେ ସାନଭାଇ ଘରେ ଜନ୍ମ ନେଇଥିଲା। ଲିଙ୍ଗରାଜର ବିଶ୍ୱାସ ଥିଲା ଯେ ଭାଇ ତାକୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିବ କିନ୍ତୁ ତା ହେଲା ନାହିଁ। ଦୋଡ଼ବୀରରାଜ ଏକ ପ୍ରଭାବଶାଳୀ ରାଜା ଥିଲେ। ତାଙ୍କର ପରାକ୍ରମ, ଧାର୍ମିକ ପ୍ରବୃତ୍ତି ଓ ଶାସନ ଦକ୍ଷତା ଯୋଗୁଁ ପ୍ରଜାମାନେ ତାଙ୍କୁ ସ୍ନେହ ଓ ସମ୍ମାନ କରୁଥିଲେ। ପଡୋଶୀ ରାଜାମାନେ ଓ ଇଂରେଜ କମ୍ପାନୀର ଅଧିକାରୀ ତାଙ୍କୁ ଆଦର କରୁଥିଲେ। ତାଙ୍କର ନିଜର କେବଳ ଗୋଟିଏ ମାତ୍ର କନ୍ୟା ଥିଲା। ବୟସ ତାଙ୍କର ଏତେ ବେଶୀ ନଥିଲା ଯେ ସେ ପୁତ୍ର ହେବାର ଆଶା ତ୍ୟାଗ କରିବେ। ଏପରି ପରିସ୍ଥିତିରେ କାହିଁକି ବା ସେ ପୋଷ୍ୟପୁତ୍ର କରିଥାଆନ୍ତେ ? ଯଦି ପୋଷ୍ୟପୁତ୍ର କରିବାର ହୋଇଥାନ୍ତା ତେବେ ତାଙ୍କର ଲିଙ୍ଗରାଜଠାରୁ ବଡ଼ ଆଉ ଗୋଟିଏ ଭାଇ ଥିଲା ଯାହାର ଗୋଟିଏ ପୁତ୍ର ଥିଲା। ସେଇ ପୁତ୍ର ସେ ନେଇ ପାରି ଥାଆନ୍ତେ। ସେଥିପାଇଁ ପାଞ୍ଚ ଛଅ ବର୍ଷ ପର୍ଯ୍ୟନ୍ତ ଶିଶୁ ବୀରରାଜ ଲିଙ୍ଗରାଜଙ୍କ ମୁଖରୁ ନିଜର ବଡ଼ବାପାଙ୍କ ପାଇଁ ଉଦ୍ଦିଷ୍ଟ ବିଦ୍ୱେଷଭରା ବାକ୍ୟ ଶୁଣି ଆସିଥିଲେ ଓ ସେଇ ବିଦ୍ୱେଷପୂର୍ଣ୍ଣ ବାତାବରଣରେ ସେ ବଢ଼ି ଉଠିଥିଲେ।

ଏପରି ବାତାବରଣରେ ଯେତେବେଳେ ତାକୁ ଛଅ ବର୍ଷ ହେଲା ଓ ଅନ୍ୟ ପିଲାଙ୍କ ସହ ଖେଳିବା ଯୋଗ୍ୟ ହେଲା ସେତେବେଳେ ଘୋଡାଶାଳରେ ରହୁଥିବା ବାଳକ ବସବ ତାହାର ସାଥୀ ହେଲା। ବସବ କିଏ ଓ କୋଉଠିକାର ତାହା କାହାରିକୁ ଜଣା ନଥିଲା। ବୀରରାଜଙ୍କ ଠାରୁ ସେ କିଛି ବର୍ଷ ବୟସରେ ବଡ଼ ଥିଲା। ସେ ଖୁବ୍ ହୁସିଆର, ଚାଲାକ, ଓ ଫୁର୍ତ୍ତିବାଜ ଥିଲା। ଛୋଟବେଳେ ପାଦରେ କିଛି ଆଘାତ ହୋଇଥିବା ଯୋଗୁଁ ତାର ଡାହାଣ ପାଦ ମୋଡ଼ି ହୋଇ ଯାଇଥିଲା। ଏ ଆଘାତ କେବେ ଲାଗିଥିଲା ତା'ର ନିଜର ମନେ ନଥିଲା। ସେଥି ଯୋଗୁଁ ସେ ଛୋଟେଇ ଛୋଟେଇ ଚାଲୁଥିଲା। ଅନାଥ ବାଳକ

Digitized by srujanika@gmail.com

ଯଦି ଛୋଟେଇ କରି ଚାଲେ ତେବେ ତାକୁ ସମସ୍ତେ ଲେଙ୍ଗଡ଼ା ହିଁ କହିବେ। ସେଥିପାଇଁ ବସବର ନାମ 'ଲେଙ୍ଗଡ଼ା' ରହିଯାଇଥିଲା। ଗୁରୁଜନମାନେ 'ଏ ଲେଙ୍ଗଡ଼ା' ବୋଲି ସମ୍ବୋଧନ କଲେ ସେ କିଛି କହି ପାରୁ ନଥିଲା କିନ୍ତୁ ଆଉ କେହି କହିଲେ ସେ କହୁଥିଲା, "ତୋର ବାପ କ'ଣ ମୋର ନମକରଣ କରିଛି ଯେ ତୁ ମତେ ଏମିତି ସମ୍ବୋଧନ କରୁଛୁ?" ଘୋଡ଼ା ସଇସର ପୁଅର କ୍ରୋଧକୁ କିଏ ବା ଖାତିର କରିବ? ତେଣୁ ବସବ ନ ଚାହିଁଲେ ମଧ୍ୟ ତାର ନାମ 'ଲେଙ୍ଗଡ଼ା' ରହିଗଲା। ଅଜାଣତରେ ଭଲ ଲୋକମାନେ ମଧ ଏହାକୁ ତା'ର ପ୍ରକୃତ ନାମ ଭାବି ସ୍ନେହରେ 'ଲେଙ୍ଗଡ଼ା ପୁଅ' ବୋଲି ଡାକୁଥିଲେ। କେତେକ ଲୋକ ଥଟ୍ଟା ପରିହାସରେ ମଧ ଏପରି ଡାକୁଥିଲେ। ଏହି ସବୁ କାରଣ ଯୋଗୁଁ ପିଲାଦିନରୁ ବସବର ମନ ଖୁବ୍ କଟୁ ପ୍ରକୃତିର ହୋଇ ଯାଇଥିଲା।

ପ୍ରାୟ ଆଠ ବର୍ଷ ବୟସରେ ବସବ ବୀରରାଜର ସାଥୀ ହେଲା। ଛୋଟ ପିଲାମାନଙ୍କର କୁକୁର, ଘୋଡ଼ା, ହାତୀ ଆଦି ଜୀବଜନ୍ତୁ ଦେଖିବାର ଇଚ୍ଛା ଥାଏ। ବସବ ରାଜକୁମାରକୁ ଘୋଡାଶାଳ ନେଇଯାଇ ସେଠାରେ ସେ ଚାହୁଁଥିବା ସବୁ ଜୀବଜନ୍ତୁଙ୍କୁ ଦେଖାଉଥିଲା। ଏହି ପ୍ରକାରେ ବସବ ବୀରରାଜରେ ଅତ୍ୟନ୍ତ ପ୍ରିୟ ଓ ବିଶ୍ୱସ୍ତ ମିତ୍ର ହୋଇଗଲା। ବୀରରାଜର ମାତାଙ୍କର ସ୍ୱାସ୍ଥ୍ୟ ଭଲ ନଥିବାରୁ ସେ ଧାଈମାନଙ୍କ ହାତରେ ପାଳିତ ହୋଇଥିଲା। ପିତା ଲିଙ୍ଗରାଜ ସର୍ବଦା ନିଜ ଧନ୍ଦାରେ ବ୍ୟସ୍ତ ଥିଲେ। ଧନ୍ଦା ନଥିଲେ ମଧ ଅବଶ୍ୟ ସେ ବୀରରାଜ ପ୍ରତି ଧ୍ୟାନ ଦେବାପରି ଲୋକ ନଥିଲା। କାମଧନ୍ଦାରେ ବ୍ୟସ୍ତ ଥିବାରୁ ନିଜ ପୁତ୍ର ପ୍ରତି ସେ ଟିକିଏ ହେଲେ ଧ୍ୟାନ ଦେଇନଥିଲା।

ବସବ ପିଲାଦିନୁ ଗାଈ ଗୋରୁ ଓ କୁକୁରଙ୍କ ସହ ବଢ଼ିଥିବାରୁ ସେମାନଙ୍କର ଜୀବନଚର୍ଯ୍ୟା ଦେଖି ଦେଖି ତା'ର ବିଚିତ୍ର ପ୍ରକାର ରୁଚିବୋଧ ହୋଇଥିଲା। ତା ଦ୍ୱାରା ସେ ଲଜ୍ୟାହୀନ ହୋଇଯାଇଥିଲା। ତା ସହ ରହି ରହି ବୀରରାଜଙ୍କୁ ମଧ ଜୀବଜନ୍ତୁଙ୍କ ଜୀବନ ଦେଖି ଏକ ବିଚିତ୍ର ପ୍ରକାର ଆନନ୍ଦ ମିଳୁଥିଲା। ଦୋଡ୍ଡ ବୀରରାଜଙ୍କର ଦେହାବସାନ ହେବାରୁ ଦେବମ୍ମାଜୀ ରାଣୀ ହେଲେ। ଦେବମ୍ମାଜୀଙ୍କୁତଡ଼ି ଲିଙ୍ଗରାଜ ରାଜା ଓ ବୀରରାଜ ଯୁବରାଜ ହେଲେ। ଲିଙ୍ଗରାଜ ନୂତନ ବୈଭବପୂର୍ଣ୍ଣ ଜୀବନର ଖୁସୀ ସହ ତା'ର ବଦ୍‌ଗୁଣର ମଧ ଶିକାର ହେଲା।

ରାଜା ହେବା ପରେ ଲିଙ୍ଗରାଜଙ୍କ ନିଜ ପୁତ୍ରକୁ ନିରୀକ୍ଷଣ କରିବାର ଅବକାଶ ମିଳିଲା। ଏହାକୁ ତ ଭବିଷ୍ୟତରେ ରାଜା ହେବାକୁ ହେବ? ଏ ସବୁ ତ ଯାରି ପାଇଁ। ଏହାରି ପାଇଁ ତ ନ୍ୟାୟ ଅନ୍ୟାୟ ଭୁଲି ରାଜଗାଦୀ ଉପରେ ବସିଛି। ବୀରରାଜ ଓ ତା'ର ଭଉଣୀର ମଙ୍ଗଳ ପାଇଁ ତ ଏସବୁ ସେ କରିଛନ୍ତି!

ଲିଙ୍ଗରାଜ ଯେ ନିଜର ପିଲାମାନଙ୍କ ପ୍ରତି ଉଦାସୀନତା ଯୋଗୁଁ ସେମାନଙ୍କ ପ୍ରତି ଦୃଷ୍ଟି ଦେଉ ନଥିଲା ତା ନୁହେଁ। ଯେପରି ଜୁଆ ଆଡ୍ଡାରେ ବସିଥିବା ବେଳେ ମନୁଷ୍ୟକୁ ମୃତ୍ୟୁ ସମାଚାର ମିଳିଲେ ମଧ ସେ ଖେଳ ଛାଡେ ନାହିଁ। ସେପରି ରାଜଗାଦୀ ପ୍ରାପ୍ତ କରିବାର ଧନ୍ଦା ଜୁଆଠାରୁ ମଧ ବଡ଼ ନିଶା। ଜୁଆରେ କେବଳ ଧନ ନଷ୍ଟ ହୁଏ କିନ୍ତୁ ଏଥିରେ ଜୀବନ ନଷ୍ଟ ହେବାର ମଧ୍ୟ ଆଶଙ୍କା ରହିଛି। ଯେ ସ୍ୱୟଂ ଅନ୍ୟମାନଙ୍କ ପାଇଁ ଜାଲ ବିଛାଏ ଅନ୍ୟମାନେ ମଧ ସେହିପରି ତାପାଇଁ ଜାଲ ବିଛାଇ ପାରନ୍ତି। ଗଦୀ ପ୍ରାପ୍ତ କରିବା

Digitized by srujanika@gmail.com

ପରେ ଲିଙ୍ଗରାଜଙ୍କର ଦୃଷ୍ଟି ଯେତେବେଳେ ପୁତ୍ର ଉପରେ ପଡ଼ିଲା ସେତେବେଳେ ସେ ବସବ ହାତରେ ପଡ଼ିସାରିଥିଲା । ଏହା ଅନ୍ୟମାନଙ୍କୁ ଯେପରି ଭଲ ଲାଗି ନଥିଲା, ଲିଙ୍ଗରାଜଙ୍କୁ ମଧ୍ୟ ସେପରି ଏହା ଭଲ ଲାଗି ନଥିଲେ ମଧ୍ୟ ସେ ସେମାନଙ୍କର ବନ୍ଧୁତ୍ୱରେ ବାଧା ଦେଉ ନଥିଲା । କିନ୍ତୁ ଖେଳରେ ଯେପରି ସୀମା ଟପି ନ ଯାଆନ୍ତି ସେମାନଙ୍କୁ ସେ ବିଷୟରେ ସାବଧାନ କରାଇ ଦେଉଥିଲା ।

ଲେଙ୍ଗଡ଼ାକୁ ଜଣାଗଲା ଯେପରି ଚେତାବନୀ ଦେବା ସମୟରେ ଲିଙ୍ଗରାଜ ସୁଚିନ୍ତିତ ଭାବରେ କାମ ନେଉଛନ୍ତି । ଏହା ପୂର୍ବରୁ ତା'ର ଧାରଣା ହୋଇଥିଲା ଯେ, ଲିଙ୍ଗରାଜଙ୍କ ବ୍ୟବହାର ତା ପ୍ରତି ଯେପରି ଦୟାପୂର୍ଣ୍ଣ । ଲେଙ୍ଗଡ଼ା ମଧ୍ୟ ନିଜ ତରଫରୁ ଟିକିଏ ସାବଧାନ ରହିଲା ଯେପରି କି ଲିଙ୍ଗରାଜ ତାକୁ ପସନ୍ଦ କରିବ । କିନ୍ତୁ ଏମାନେ ଯେଉଁ ରାସ୍ତାରେ ଆଗଉଥିଲେ ସେଥିରେ ସର୍ବଦା ସୀମା ମଧ୍ୟରେ ରହିବା କଷ୍ଟକର । ବୀରରାଜ ଯେଉଁଭାବରେ ବଢ଼ି ଉଠିଥିଲା ସେଥିରେ ତା ମନରେ ଏପରି ପ୍ରବୃତ୍ତି ପ୍ରବଳ ହୋଇଥିଲାଯେ ଏପରି କଲେ ତା'ର ଫଳ ଏମିତି ହେଉଛି ତେଣୁ ସେପେରି କଲେ ତା'ର କ'ଣ କ'ଣ ହେବ ପରୀକ୍ଷା କରି ଦେଖିବା ଉଚିତ । କୌଣସି ପିଲା କୁକୁର ଭୟରେ ଦଉଡ଼ି ପଳେଇଲେ ତାହା ଦେଖି ସେ ଖୁବ୍ ଆନନ୍ଦ ପାଉଥିଲା । ଖେଳୁଥିବା ଝିଅମାନଙ୍କ ମଧ୍ୟକୁ ଦୂରରୁ ସାପ ଫୋପାଡ଼ି ସେମାନଙ୍କର ଚିତ୍କାର ଶୁଣିବାକୁ ତାକୁ ଖୁବ୍ ମଜା ଲାଗୁଥିଲା । ଖେତରୁ ଫେରୁଥିବା ଲୋକମାନଙ୍କୁ ଭୂତ ବେଶଧରି ଡରାଇବାରେ ତାକୁ ସନ୍ତୋଷ ମିଳୁଥିଲା । ଏଥିମଧ୍ୟରୁ ଚାରିଜଣ ଯଦି ଡରୁଥିଲେ ଜଣେ ଭୟ ନକରି ଏଇ ଭୂତକୁ ଆକ୍ରମଣ କରୁଥିଲା । ଉଭୟତଃ ଥରେ ଏପରି କରି ଏମାନଙ୍କୁ ଧରା ପକେଇଥିଲେ । ଲିଙ୍ଗରାଜ ନିକଟରେ ଖବର ପହଞ୍ଚିବାରୁ ସେ ପୁତ୍ର ଓ ତା'ର ସାଥୀକୁ ଦଣ୍ଡ ଦେଉଥିଲେ । କେବଳ ଏତିକି ନୁହେଁ ଏ ଦୁଇଜଣ ରାତିରେ ସ୍ତ୍ରୀ ଲୋକ ଶୋଉଥିବା ସ୍ଥାନକୁ ଯାଇ ଦୁଷ୍ଟାମୀ କରୁଥିଲେ ବା ଝିଅମାନଙ୍କୁ ଡାକି ସେମାନଙ୍କ ସହ ଥଟ୍ଟା ପରିହାସ କରୁଥିଲେ । ଏ ସବୁ ଖବର ଅବଶ୍ୟ ରାଜାଙ୍କ ନିକଟରେ ପହଞ୍ଚୁ ନଥିଲା । କେବେ କେବେ ରାଜକୁମାର- ସହରର ଗୁଣ୍ଡାମାନଙ୍କ ସହ ଜୁଆଖେଳରେ ମଧ୍ୟ ଭାଗ ନେଉଥିଲେ । ରାଜପୁତ୍ର ହୋଇଥିବାରୁ ତା'ର ଅନ୍ୟମାନଙ୍କଠାରୁ ସବୁଥିରେ ବେଶୀ ଅଧିକାର ଥିଲା । କିନ୍ତୁ ଅନ୍ୟମାନଙ୍କର ହେଉଥିବା କ୍ଷତି ତା ପାଇଁ ପ୍ରଯୁଜ୍ୟ ନଥିଲା । ଏ କଥା ଗୁଣ୍ଡାମାନେ ସର୍ବଦା ବରଦାସ୍ତ କରିପାରୁ ନଥିଲେ ତେଣୁ ଅନେକଥର ଝଗଡ଼ା ଓ ମାରପିଟ ମଧ୍ୟ ହେଉଥିଲା । ଏହିପରି ଯେତେବେଳେ ପିତାଙ୍କ ମୃତ୍ୟୁ ଓ ମାତାଙ୍କ ସତୀ ହେବା ପରେ ବୀରରାଜ ରାଜା ହେଲା, ସେତେବେଳେ ସେ ଦୁଷ୍ଟମାନଙ୍କ ମଧ୍ୟରେ ଅନ୍ୟତମ ଥିଲା ।

Digitized by srujanika@gmail.com

12

ଏହି ପତନରୁ ତାକୁ ବଞ୍ଚାଇବାର ଏକମାତ୍ର ଉପାୟ ଥିଲା ରାଣୀ ଗୌରମ୍ମା ଯାହାକୁ ଲିଙ୍ଗରାଜ ପ୍ରଥମରୁ ଏହାର ପତ୍ନୀରୂପେ ଘରକୁ ଆଣିଥିଲା। ଗୌରମ୍ମା କୋଡ଼ଗୀ ଝିଅ ଥିଲା। ତାହାର ପିତା ବେପ୍ପନାଡ଼ର କୁଂଜଲିମେରୀ ଗ୍ରାମର ଭୁଷାଟୀରର ପଟ୍ଟୟା ଥିଲା, ସେହି ପ୍ରାନ୍ତର ସେ ପ୍ରସିଦ୍ଧ ବ୍ୟକ୍ତି ହୋଇଥିବା ଯୋଗୁଁ ଲିଙ୍ଗରାଜଙ୍କ ଦୃଷ୍ଟିରେ ପଡ଼ିବା ସ୍ୱାଭାବିକ। କୋଡ଼ବୀର ରାଜେନ୍ଦ୍ରଙ୍କର ସେ ଖୁବ୍ ପ୍ରିୟ ବ୍ୟକ୍ତି ଥିଲା ଓ ଲିଙ୍ଗରାଜଙ୍କର ରାଜା ହେବାରେ ତା'ର ସମର୍ଥନ ଥିଲା। ଲିଙ୍ଗଚାଜଙ୍କ ପୁତ୍ର ଗଦୀରେ ବସିବାରେ ମଧ୍ୟ ତା'ର ସହମତି ଥିଲା। ତେଣୁ ଲିଙ୍ଗରାଜ ଯେତେବେଳେ ନିଜର ପୁତ୍ର ପାଇଁ ବଧୂ ଖୋଜିଲେ ସେତେବେଳେ ତା'ର କନ୍ୟାକୁ ବାଛିବା ସ୍ୱାଭାବିକ।

ଗୌରମ୍ମା ରାଣୀ ହେବାର ଯୋଗ୍ୟ ଥିଲେ। ତାଙ୍କର ଓ ତାଙ୍କ ସ୍ୱାମୀ ବୟସରେ ବିଶେଷ ଅନ୍ତର ନଥିଲା। ସେ ରୂପବତୀ, କିନ୍ତୁ ତା'ଠାରୁ ବଳି ଲୋକଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାର ଗୁଣ ଥିଲା ତାଙ୍କର ଗମ୍ଭୀର ବ୍ୟକ୍ତିତ୍ୱ। ସାଧାରଣ ସ୍ତ୍ରୀ ଲୋକଙ୍କଠାରୁ ସାମାନ୍ୟ ଲମ୍ବା, ସର୍ବଦା ସିଧା ଚାଲିବା ଓ ଦେଖିବା, କମ୍ କଥା କହିବା ଓ ମନର ଚିନ୍ତାକୁ ବାହାରେ ବ୍ୟକ୍ତ ହେବାକୁ ନ ଦେବା ଥିଲା ତାଙ୍କର ପ୍ରକୃତି। ଯେ କୌଣସି ପ୍ରସଙ୍ଗରେ ମଧ୍ୟ କ୍ଷଣକ ପାଇଁ ତାଙ୍କ ଆଖିରେ କ୍ରୋଧ, ଘୃଣା, ସନ୍ତୋଷ ଆଦି ପ୍ରକାଶ ପାଇ ପୁଣି ଗାମ୍ଭୀର୍ଯ୍ୟରେ ତାହା ଢ଼ାଙ୍କି ହୋଇଯାଉଥିଲା। ଏହା ହିଁ ଥିଲା ତାଙ୍କର ସହଜ ସ୍ୱଭାବ।

ବିବାହ ସମୟରେ ତାଙ୍କୁ ହୋଇଥିଲା ଷୋହଳ ବର୍ଷ ବୟସ। ନିଜର ସ୍ୱତନ୍ତ୍ର ଜୀବନ ଛାଡ଼ି ଯେତେବେଳେ ନିଜର ସମାନ ଆୟୁର ପତିଙ୍କ ସଙ୍ଗିନୀ ହୋଇ ରାଜମହଲକୁ ଆସିଲେ ସେତେବେଳେ ସେ ଜାଣି ପାରିଲେ ଯେ ସ୍ୱାମୀ ତାଙ୍କର ବଦନାମ ହୋଇ ସାରିଛନ୍ତି। କିନ୍ତୁ ଏହା ବିବାହ ପୂର୍ବରୁ ଜାଣିଥିଲେ ମଧ୍ୟ ସେ ବା କ'ଣ କରିପାରି ଥାଆନ୍ତେ? ଭାବୀପତି ଖରାପ ହୋଇ ଥିବାରୁ ତାଙ୍କୁ ବିବାହ କରିବାକୁ ନାସ୍ତି କରିବା ସେ ସମୟରେ କୋଡ଼ଗର ସମ୍ଭବ ନଥିଲା। ଲିଙ୍ଗରାଜ ଜିଦ୍‌ଖୋର ଓ କଠୋର ପ୍ରକୃତିର ଥିଲା। ଭାଇର ଇଚ୍ଛା ବିରୁଦ୍ଧରେ ତାର ଝିଅକୁ ଗାଦୀରୁ ବାହାର କରି ନିଜେ ରାଜା ହୋଇଥିଲା। ରାଜଗାଦୀକୁ ବଞ୍ଚେଇବାକୁ ନିଜର ଶତ୍ରୁକୁ ଧ୍ୱଂସ କରୁଥିବା ସେହି କ୍ରୁର ବ୍ୟକ୍ତି ଯେତେବେଳେ ଜାଣିବ ଯେ ନିଜର ବଧୂରୂପେ ବାଛିଥିବା ଝିଅ ନିଜେ ଏଇ ବିବାହରେ ସହମତ ନୁହେଁ ସେତେବେଳେ ତାକୁ ନିଜ ଇଚ୍ଛାନୁସାରେ କଠିନ ଦଣ୍ଡ ଦେବାକୁ ସେ ପଶ୍ଚାତ୍‌ପଦ ହେବ ନାହିଁ। ପତ୍ନୀରୂପେ ଜୀବନ କଟାଇବା ପ୍ରତ୍ୟେକ ଝିଅର ଭାଗ୍ୟ ଲିଖନ। ସ୍ୱାମୀ ସୁପୁରୁଷ ହେଲେ ତାହା ତା'ର ସୌଭାଗ୍ୟ କିନ୍ତୁ ତା ଯଦି ନ ହୁଏ ତେବେ ତାକୁ ନିଜର ଦୁର୍ଭାଗ୍ୟ ମନେ କରି ସହ୍ୟ କରିବାକୁ ହୁଏ।

Digitized by srujanika@gmail.com

ବିବାହ ପରେ ପ୍ରଥମ କିଛି ଦିନ ଗୌରାମ୍ମା ସ୍ୱାମୀ ବୀରରାଜଙ୍କର ସ୍ନେହ ଓ ପ୍ରେମ ପାଇଥିଲେ। ତାଙ୍କ ପାଇଁ ସ୍ତ୍ରୀ କିଛି ନୂଆ ଜିନିଷ ନ ଥିଲେ ମଧ୍ୟ ଏପରି ଗମ୍ଭୀର ଦୃଷ୍ଟି, ଚାଲିଚଳନ ଓ କଥାବାର୍ତ୍ତା କରୁଥିବା ସ୍ତ୍ରୀ ଲୋକ ସଂସ୍ପର୍ଶରେ ସେ କେବେହେଲେ ଆସି ନଥିଲେ। ତାଙ୍କ ମହଲରେ ଏପରି ସ୍ତ୍ରୀ ଯେ ନଥିଲେ ତା ନୁହେଁ କିନ୍ତୁ ଗୌରାମ୍ମା ସମ୍ପୂର୍ଣ୍ଣ ଭିନ୍ନ ଧରଣର ଥିଲେ। ଏହାର ମୂଳରେ କ'ଣ ଅଛି ତା ଜାଣିବାର ପ୍ରୟାସ ବୀରରାଜ କରି ନ ଥିଲେ ମଧ୍ୟ ଏତିକି ଅନୁଭବ କରିଥିଲେ ଯେ ଏହାଙ୍କ ସହିତ ବାସ କରିବାରେ ଏକ ପ୍ରକାର ସୁଖ ଓ ତୃପ୍ତି ଅଛି।

କିନ୍ତୁ ଅନେକ ଦିନରୁ ନିଜର ଇଚ୍ଛାନୁସାରେ ଜୀବନ ବିତାଇ ଯାର ସ୍ୱଭାବ ବିକୃତ ହୋଇ ସାରିଛି ତାକୁ ଗୌରାମ୍ମାଙ୍କର ଶୁଦ୍ଧ ଓ ରୁଚିପୂର୍ଣ୍ଣ ଜୀବନ ବେଶୀ ଦିନ ପର୍ଯ୍ୟନ୍ତ ତୃପ୍ତି ଦେଇ ପାରିଲା ନାହିଁ। ଢୋଲ ଜାତୀୟ ବାଦ୍ୟରୁ ତୃପ୍ତି ପାଉଥିବା କାନ ବଂଶୀ ଓ ବୀଣାର କୋମଳ ସ୍ୱରରୁ ରସ ଆହରଣ କରିବାକୁ ଅକ୍ଷମ ହୋଇଯାଏ। ପିମ୍ପୁଡ଼ି ସାମାନ୍ୟ ଚିନିରୁ ଯେପରି ରସ ନିଗାଡ଼ି ଆନନ୍ଦରେ ସହ ଖାଏ, ହାତୀ ମହଣ ମହଣ ଚାଉଳ ଖାଇଲେ ମଧ୍ୟ ସେ ଆନନ୍ଦ ପାଇ ପାରେ ନାହିଁ। ବୟସବର ସମ୍ପର୍କରେ ଆସି ନିଜ ଜୀବନକୁ ବିଗାଡ଼ିବା ଆଗରୁ ବୀରରାଜ ଯଦି ଏଇ ସ୍ତ୍ରୀର ସମ୍ପର୍କରେ ଆସିଥାନ୍ତେ ତେବେ ହୁଏତ ତାଙ୍କ ଜୀବନ ଖୁବ୍ ଉଚ୍ଚ ଆଦର୍ଶପୂର୍ଣ୍ଣ ହୋଇପାରି ଥାଆନ୍ତା। କିନ୍ତୁ ଦୁର୍ଭାଗ୍ୟ ବଶତଃ ଏହା ପୂର୍ବରୁ ସେ ପଙ୍କରେ ବୁଡ଼ି ସୁଖ ପାଉଥିବା ମଇଁଷୀ ପରି ନିଜର ରୁଚିକୁ ବିକୃତ କରି ସାରିଥିଲା।

ପ୍ରତିଦିନ ରାତିରେ ଡେରିରେ ଫେରିବା ଓ ମଦନିଶାରେ ଖରାପ ବ୍ୟବହାର କରିବାଟାକୁ ନାପସନ୍ଦ କରୁଥିବା ସ୍ତ୍ରୀକୁ ଗାଳି ଓ ମାଡ଼ ଦେବାରେ ତାଙ୍କୁ ଡେରି ଲାଗିଲା ନାହିଁ। ପ୍ରଥମେ ପ୍ରଥମେ ଏପରି ବ୍ୟବହାର ଯୋଗୁଁ ଦୁଃଖ ଓ କ୍ରୋଧ ଆସୁଥିଲେ ମଧ୍ୟ ଗୌରାମ୍ମା ପତିଙ୍କ ସହ ଝଗଡ଼ା କରି ନଥିଲେ। କେବଳ ସ୍ୱାମୀଙ୍କ କୋଠରୀ ଛାଡ଼ି ଅନ୍ୟ କୋଠରୀରେ ଦ୍ୱାର ବନ୍ଦ କରି ଶୋଇ ରହୁଥିଲେ। ବୀରରାଜ ଖୁବ୍ ଚିତ୍କାର କରି ଦ୍ୱାର ଦେଶରେ ଆଘାତ କରିବା ଦ୍ୱାରା ଲିଙ୍ଗରାଜ ସ୍ୱୟଂ ଏହାର କାରଣ ଜାଣିବାକୁ ଆସିଲେ। ବୋହୂ କୋଠରୀ ବନ୍ଦ କରି ଭିତରେ ରହିଛି ଜାଣି ସେ ପୁତ୍ରକୁ ବିରକ୍ତ ହୋଇ କହିଲେ, "ଯାହା କହିବାର ଅଛି, ସକାଳେ କହିବ। ବର୍ତ୍ତମାନ ଆଉ ଚିତ୍କାର ନ କରି ଚୁପଚାପ ଶୋଇପଡ଼।"

ପରଦିନ ଲିଙ୍ଗରାଜ ବୋହୂ ନିକଟକୁ ଯାଇ କହିଲେ, "ତୁମେ ଏ ଘରର ଲକ୍ଷ୍ମୀ, ତୁମର ପତି ବୁଦ୍ଧିହୀନ ହୋଇଥିବାରୁ ତୁମକୁ ହିଁ ବୁଦ୍ଧି ଖର୍ଚ୍ଚ କରି ସମସ୍ତ କାର୍ଯ୍ୟ କରିବାକୁ ହେବ। ସଂସାରରେ ରହିବାକୁ ହେଲେ ପତିକୁ ସାଙ୍ଗରେ ନେଇ ରହିବାକୁ ହେବ। ପତି ସୁପୁରୁଷ ନୁହେଁ ଭାବି ଯଦି ପତ୍ନୀ ମଧ୍ୟ ଖରାପ ହେବ ତେବେ ମହଲ କ'ଣ କୁଡ଼ିଆ ମଧ୍ୟ ରହିବ ନାହିଁ। ମହଲ ଓ ରାଜ୍ୟ ଉଭୟ ତୁମର। ଏ ସବୁକୁ ବଜାୟ ରଖିବାକୁ ହେଲେ ପତିକୁ ମଧ୍ୟ ସହ୍ୟ କରିବାକୁ ହେବ। ଫଳ ଖାଇବା ପାଇଁ ଗଛକୁ ବଞ୍ଚେଇ ରଖିବାହିଁ ବୁଦ୍ଧିମାନର କାର୍ଯ୍ୟ।"

ଶାଶୁ ଦେବମ୍ମା ବୋହୂକୁ ସାନ୍ତ୍ୱନା ଦେଇ କହିଲେ, "ରାଜମହଲରେ ବୋହୂମାନଙ୍କୁ ଏହା ସହ୍ୟ କରିବାକୁ ପଡ଼େ ଝିଅ, ମୁଁ ମଧ୍ୟ ଏ ସବୁ ଅନେକ ସହିଛି। ତୁମର ଶ୍ୱଶୁର

Digitized by srujanika@gmail.com

ମୋର ଆଖି ଆଗରେ ଅନ୍ୟ ସ୍ତ୍ରୀମାନଙ୍କୁ ଗ୍ରହଣ କରିଛନ୍ତି। ତାଙ୍କଠାରୁ ପୁଅ ଢେର ଭଲ। ଯାହା କରୁଛି ତୁମ ଆଖି ଅନ୍ତରାଳରେ କରୁଛି। ବ୍ୟସ୍ତ ହୁଅ ନାହିଁ, ଗୋଟିଏ ଦୁଇଟି ସନ୍ତାନ ହେବାପରେ ସେମାନଙ୍କୁର ନେଇ ତୁମର ଦିନ କଟିବ, ସ୍ତ୍ରୀ ଲୋକର ସନ୍ତାନଠୁ ବଳି ବଡ଼ ସୁଖ କ'ଣ ହୋଇପାରେ? ମୁଁ ତା'ଠାରୁ ଶପଥ କରେଇ ନେଇଛି ଯେ ଆଉ କାହାରିକୁ ରାଣୀ ରୂପେ ଘରକୁ ଆଣିବ ନାହିଁ। ଏତିକି ଯଦି ସେ କରେ ତେବେ ତାହା ଯଥେଷ୍ଟ।''

ଗୌରମ୍ମା କେବଳ ଗମ୍ଭୀର ପ୍ରକୃତିର ନୁହେଁ, ଖୁବ୍ ଚତୁର ମଧ୍ୟ ଥିଲା। ଉଭୟ ଶ୍ୱଶୁର ଓ ଶାଶୁଙ୍କର କଥା ଶୁଣି ତା'ର ତଥ୍ୟକୁ ଗ୍ରହଣ କରି, ଗତରାତିର ଘଟଣା ଭୁଲି ସେ ପତିଙ୍କ ସହ ଚଳିବାକୁ ଲାଗିଲା। ମନେ ମନେ ସେ ନିଷ୍ପତ୍ତି କଲା ଯେ ପତିଙ୍କୁ ଭୁଲ ରାସ୍ତାରୁ ଫେରାଇ ଆଣି ତାଙ୍କର ରକ୍ଷା କରିବ।

ତିନିବର୍ଷ ପରେ ଗୌରମ୍ମାଙ୍କର ଗୋଟିଏ କନ୍ୟା ହେଲା। ସାଧାରଣତଃ ପିଲାମାନେ ମା ବା ବାପ ପରି ହୁଅନ୍ତି କିନ୍ତୁ ଗୌରମ୍ମାଙ୍କର କନ୍ୟାଟି ଉପରେ ଉଭୟଙ୍କର ଛାପ ଥିଲା। ଲିଙ୍ଗରାଜ ପୁତ୍ର ସନ୍ତାନ ହୋଇଥିଲେ ଯଦି ବେଶୀ ଖୁସୀ ହୋଇଥାନ୍ତେ ତଥାପି କନ୍ୟାଟିକୁ ନିଜର କରି ଖୁବ୍ ସ୍ନେହରେ ପାଳିଲେ। ବୀରରାଜ ମଧ୍ୟ କନ୍ୟାଟିର ନିକଟକୁ ଆସିଲେ ଭଲ ହୋଇ ଯାଉଥିଲେ। ଯେତେ କ୍ରୋଧ ହେଲେ ମଧ୍ୟ ପିଲାଟିକୁ ଦେଖିଲେ ଶାନ୍ତ ହୋଇଯାନ୍ତି। ସବୁ କ୍ରୋଧ ଭୁଲି ଯାଆନ୍ତି। ପିଲାଟି ଯୋଗୁଁ ଅଜାଣତରେ ଗୌରମ୍ମାଙ୍କ ପ୍ରତି ମଧ୍ୟ ତାଙ୍କର ବ୍ୟବହାର ପରିବର୍ତ୍ତନ ହେବାକୁ ଲାଗିଲା।

ଲିଙ୍ଗରାଜ ଯଦି ଆଉ କିଛି ବର୍ଷ ବଞ୍ଚି ରହିଥାନ୍ତେ ହୁଏତ ବୀରରାଜ ଭୁଲ ବାଟରୁ ଆସି ଠିକ୍ ରାସ୍ତା ବୁଝିପାରି ଥାଆନ୍ତେ। କିନ୍ତୁ ଗୌରମ୍ମାଙ୍କର ସେ ସୌଭାଗ୍ୟ କାହିଁ? ସେହି ବର୍ଷ ପିତାଙ୍କ ସ୍ୱର୍ଗବାସ ପରେ ପୁତ୍ର ରାଜା ହେଲେ। ସେ ଯାହା ମନକୁ ଆସିଲା କଲେ। ଓ ଯେଉଁ ଆଡ଼େ ଇଚ୍ଛା ଗଲେ। ଏହିପରି ସେ ଧୀରେ ଧୀରେ ଆହୁରି ପଥଭ୍ରଷ୍ଟ ହେବାକୁ ଲାଗିଲେ।

13

ଲିଙ୍ଗରାଜଙ୍କ ସମୟରେ ଲେଙ୍ଗଡ଼ା ଟିକିଏ ଭୟ କରୁଥିଲା। ବର୍ତ୍ତମାନ ନିଜର ବନ୍ଧୁ ରାଜା ହେବାରୁ ସେ ନିଜର ହୋଇଗଲା। ଚାରିବର୍ଷରେ ସେ ରାଜମହଲର ଆନ୍ତରିକ ବିଭାଗର ମୁଖିଆ ହେଲା ଓ ତା'ର ତିନିବର୍ଷ ପରେ ବୀରରାଜ ତାକୁ ନିଜର ମନ୍ତ୍ରୀପଦରେ ଅଧିଷ୍ଠିତ କଲେ।

ଯେତେବେଳେ ବୀରରାଜ ରାଜା ହେଲେ ସେତେବେଳେ ବେପଣ୍ଡା ଓ ଲକ୍ଷ୍ମୀ ନାରାୟଣଙ୍କ ସହ ନାଡତଲ୍ଲ ପୋନପ୍ପା ନାମକ ଆଉଜଣେ ମନ୍ତ୍ରୀ ମଧ୍ୟ ଥିଲେ। ସେ କୌଣସି ପ୍ରକାରେ ତିନି ବର୍ଷ ପର୍ଯ୍ୟନ୍ତ ରାଜାଙ୍କ ଅବିବେକିତାକୁ ସହ୍ୟ କଲେ। ତାପରେ ''ମୋ ସ୍ୱାସ୍ଥ୍ୟ ଭଲ ରହୁ ନାହିଁ। ମୋ ସ୍ଥାନରେ ଆଉ କାହାକୁ ରଖି ନିଅନ୍ତୁ।'' କହି ମନ୍ତ୍ରୀପଦରୁ

Digitized by srujanika@gmail.com

ବିଦାୟ ନେଲେ । ତୃତୀୟ ମନ୍ତ୍ରୀପଦ ଶୂନ୍ୟ ପଡ଼ିବାରୁ ବସବଙ୍କୁ ସେହି ସ୍ଥାନରେ ନିଯୁକ୍ତ କରିବାକୁ ରାଜାଙ୍କୁ ଅବସର ମିଳିଲା । ଯଦି ଏ ମନ୍ତ୍ରୀପଦ ଶୂନ୍ୟ ପଡ଼ି ନଥାଆନ୍ତା ତେବେ ହୁଏତ ବସବ ଚତୁର୍ଥ ମନ୍ତ୍ରୀ ହୋଇଥାଆନ୍ତା । କିନ୍ତୁ ପୋନପ୍ପା ନିଜେ ମନ୍ତ୍ରୀପଦ ଛାଡ଼ିଦେବାରୁ ନୂଆ ସ୍ଥାନ କରିବାକୁ ଆଉ ଆବଶ୍ୟକ ହୋଇ ନଥିଲା । କୁକୁର ଜଗୁଥିବା ଲୋକର ମନ୍ତ୍ରୀ ହେବା ଅନ୍ୟ ମନ୍ତ୍ରୀମାନେ ପସନ୍ଦ ନ କଲେ ମଧ୍ୟ ସେମାନେ କ'ଣ କରିପାରନ୍ତି ତାହା ଭାବି ପାରିଲେ ନାହିଁ । ବୋପଣ୍ଣା ଓ ଲକ୍ଷ୍ମୀନାରାୟଣ ପରସ୍ପର ସଙ୍ଗେ କଥାବାର୍ତ୍ତା କରି ନିଷ୍ପତ୍ତି କଲେ ଯେ ସୁବିଧା ପାଇଲେ ବୋପଣ୍ଣା ରାଜାଙ୍କ ନିକଟରେ ନିଜର ଅସନ୍ତୋଷ ବ୍ୟକ୍ତ କରିବେ ।

ବୀରରାଜ ଜାଣିଥିଲେ ଯେ ଏମାନେ ବସବଙ୍କୁ ମନ୍ତ୍ରୀ ରୂପେ ଗ୍ରହଣକରି ପାରିବେ ନାହିଁ । ବସବ ମଧ୍ୟ ଏହା ବୁଝିପାରିଥିଲା, କିନ୍ତୁ କେତେକ କାରଣ ଯୋଗୁଁ ଓ ସେମାନଙ୍କର ହିତ ଲାଗି ତା'ର ମନ୍ତ୍ରୀ ହେବା ଆବଶ୍ୟକ ଥିଲା । ସେଥିପାଇଁ 'ଏ ମଧ୍ୟ ଜଣେ ମନ୍ତ୍ରୀ, ରାଜ୍ୟର ଲୋକଙ୍କୁ ଏହାଙ୍କ ଆଜ୍ଞା ମାନିବାକୁ ହେବ' କହି ବୀରରାଜ ବସବଙ୍କୁ ମନ୍ତ୍ରୀ ପଦରେ ସ୍ଥାପିତ କରିଥିଲେ ।' ରାଜ ଦରବାରରେ ବସବଙ୍କୁ ମନ୍ତ୍ରୀମାନଙ୍କ ସହ ବସାଇବା ପାଇଁ ବୀରରାଜ ବ୍ୟସ୍ତ ହୋଇ ନଥିଲେ । ବୋପଣ୍ଣା ଯେପର୍ଯ୍ୟନ୍ତ ଆଜ୍ଞା ନ ଦେଇଛନ୍ତି ସେ ପର୍ଯ୍ୟନ୍ତ ତାହା ପାଳନ କରାଯିବ ନାହିଁ ବୋଲି କହି କେତେକ ଲୋକ ବସବୟାର ଆଜ୍ଞା ପାଳନ କରିବାକୁ ରାଜି ହେଉ ନଥିଲେ ।

ବର୍ଷକ ପରେ ଯେତେବେଳେ ନବରାତ୍ରି ଉତ୍ସବ ପାଇଁ ରାଜମହଲରେ ସଭା ହେଲା ସେତେବେଳେ ମନ୍ତ୍ରୀଙ୍କ ବସିବା ସ୍ଥାନରେ ଗୋଟିଏ ଅଧିକା ଚୌକି ବସବ ପାଇଁ ରଖାଯାଇଥିଲା । ସେଥିଯୋଗୁଁ ସେ ସଭାକୁ ଆସିବା ପରେ ଲକ୍ଷ୍ମୀନାରାୟଣ ଓ ବୋପଣ୍ଣା ତାକୁ ଦେଖିଲେ । ବୋପଣ୍ଣା ସଭାକୁ କିଛି ସମୟ ପୂର୍ବରୁ ଆସିଥିବାରୁ ଏହାର ଅଭିପ୍ରାୟ ବୁଝିପାରିଥିଲା । ଲକ୍ଷ୍ମୀନାରାୟଣ ଆସିବାରୁ ତାଙ୍କ ସହ କଥାବାର୍ତ୍ତା ହୋଇ ବୋପଣ୍ଣା କହିଲେ, "ଆଜି ଏ ବିଷୟରେ ମୀମାଂସା କରିବାକୁ ହେବ ।" ସମସ୍ତଙ୍କ ସାମନାରେ ଏହା କରିବା ଠିକ୍ ହେବ ନାହିଁ ବୋଲି କହିବାରୁ ବୋପଣ୍ଣା କହିଲେ, "ଏଥିରେ ସମସ୍ତଙ୍କ ପ୍ରତିଷ୍ଠାର ପ୍ରଶ୍ନ ଉଠୁଛି । ତେଣୁ ସମସ୍ତଙ୍କ ଆଗରେ ଏ ପ୍ରସଙ୍ଗ ଉଠାଇବାର କୌଣସି ଭୂଲ ନାହିଁ ।"

କ୍ଷଣକ ପରେ ବୋପଣ୍ଣା ଲକ୍ଷ୍ମୀନରାୟଣଙ୍କୁ କହିଲେ, "ଆଚ୍ଛା ପଣ୍ଡିତେ, ଏହା ପାଇଁ ଅନ୍ୟ କିଛି ଉପାୟ କରୁଛି ।" ଏହା ପରେ ଭୃତ୍ୟକୁ ତୃତୀୟ ଚଉକି ଦେଖାଇ ସେଠାରେ କିଏ ବସିବ ବୋଲି ପଚାରିଲେ । ସେ ଜାଣେ ନାହିଁ, ରାଜମହଲରୁ ଆଦେଶ ହୋଇଥିବାରୁ ଚଉକି ରଖା ହୋଇଛି ବୋଲି ଭୃତ୍ୟ ଉତ୍ତର ଦେଲା । ବୋପଣ୍ଣା ତାକୁ କହିଲେ, "ନିରୀକ୍ଷକଙ୍କୁ ଖବର ଦିଅ ଆମ ସହ ଦେଖା କରିବେ ।"

ନିରୀକ୍ଷକ ଆସି ହାତ ଯୋଡ଼ି ଠିଆ ହେବାରୁ ବୋପଣ୍ଣା ନୂଆ ଚଉକିଟି ସେଠାରୁ ଉଠାଇ ନେବାକୁ ତାକୁ କହିଲେ । ନିରୀକ୍ଷକ 'ଯେ ଆଜ୍ଞା' କହି ମହଲକୁ ଚାଲିଗଲା । ଚଉକି କେହି ଉଠାଇଲେ ନାହିଁ । ଦୁଇ ମିନିଟ୍ ପରେ ଭିତରୁ ଲେଙ୍ଗଡ଼ା ଆସି ମନ୍ତ୍ରୀମାନଙ୍କୁ ନମସ୍କାର କରିବା ବାହାନାରେ ଖୁବ୍ ସ୍ଥିରତା ସହକାରେ କହିଲା, "ମହାରାଜଙ୍କ ଆଜ୍ଞାରେ ଏ ଚଉକି ଏଠାରେ ରଖାଯାଇଛି । ତାହା ଉଠାଇବା ସମ୍ଭବ ନୁହେଁ ।" ବୋପଣ୍ଣାଙ୍କୁ ଖୁବ୍

Digitized by srujanika@gmail.com

କ୍ରୋଧ ଆସିଲା । ସେ କହିଲେ, "ଏ ଚୌକୀ ଏଠାରୁ ଉଠା ନ ହେଲେ ଆମେ ମଧ୍ୟ ନିଜ ସ୍ଥାନରେ ବସିବୁ ନାହିଁ। ମହାରାଜ ବିଜେ ହେବା ପରେ କୌଣସି ଗଣ୍ଡଗୋଳ ହେବା ଉଚିତ ନୁହେଁ। ତା ପୂର୍ବରୁ ତାଙ୍କ ନିକଟରେ' ନିବେଦନ କର।"

ଲେଙ୍କଡ଼ା ଭିତରକୁ ଯାଇ ଶୀଘ୍ର ଫେରି ଆସି ସେ ଚୌକିଟିକୁ ସେଠାରୁ ଉଠାଇ ଦେଲା।

ସଭା ଅନ୍ୟଦିନ ପରି ସମାପ୍ତ ହେଲା। ସଭାରୁ ଉଠି ଭିତରକୁ ଯିବା ସମୟରେ ବୀରରାଜ ମନ୍ତ୍ରୀମାନେ ଭିତରକୁ ଆସି ତାଙ୍କ ସହ ସାକ୍ଷାତ କରିବାକୁ ଆଜ୍ଞା ଦେଲେ। ଲକ୍ଷ୍ମୀନରାୟଣ ତଥା ବୋପଣ୍ଣା ଭିତରକୁ ଗଲେ।

14

ବୀରରାଜ ଅଗଣାରେ ଅପେକ୍ଷା କରୁଥିବାରୁ ସେହିଠାରେ ମନ୍ତ୍ରୀମାନଙ୍କୁ ଅଟକେଇ କ୍ରୋଧରେ ମ୍ରିୟମାଣ ହୋଇ କର୍କଶ ସ୍ୱରରେ ବୋପଣ୍ଣାଙ୍କୁ ପଚାରିଲେ, "ସଭାରେ କିଏ କେଉଁଠାରେ ବସିବ ତାହା ଠିକ୍ କରିବା କ'ଣ ଆପଣଙ୍କ ଦାୟିତ୍ୱ ବୋପଣ୍ଣା ମହାଶୟ ?"

ବୋପଣ୍ଣା କିଛି କହିବାକୁ ଯାଉଥିବା ସମୟରେ ତାଙ୍କୁ କଥା କହିବାକୁ ଅବସର ନ ଦେଇ ଲକ୍ଷ୍ମୀନାରାୟଣ କହିଲେ, "ଯଦି ମହାରାଜ ଉଚିତ ମନେ କରନ୍ତି ତେବେ ଏ ବିଷୟରେ କଥାବାର୍ତ୍ତା ସନ୍ଧ୍ୟାସମୟରେ କରାଯାଇ ପାରେ।"

ବୀରରାଜ: "ମୋର କ୍ଳାନ୍ତି ବିଷୟରେ ଆପଣମାନେ ଚିନ୍ତା କରନ୍ତୁ ନାହିଁ। ଆପଣମାନେ ସବୁ କିଛି ନିଜ ଇଚ୍ଛାନୁସାରେ କରୁଛନ୍ତି। କୋଡ଼ଗର ରାଜା ମୁଁ ନା ଆପଣ - ଏହାର ଜବାବ ମୁଁ ବର୍ତ୍ତମାନ ଚାହେଁ।"

ଲକ୍ଷ୍ମୀନାରାୟଣୟା: "ଏଠାରେ କେବଳ ବୋପଣ୍ଣା ଓ ମୋର ମାନିବାର ନୁହେଁ ସାରା ଦେଶ ଓ ସହରର ପ୍ରଜାମାନଙ୍କ ମାନିବାର ପ୍ରଶ୍ନ ଉଠୁଛି। ସେମାନଙ୍କ ବିରୋଧ କରିବା ଅନୁଚିତ ଭାବି ବୋପଣ୍ଣା ଏପରି କଲେ।" '

ବୀରରାଜ: "ଆପଣ ମଧ୍ୟ ମନା କଲେ ?'

ଲକ୍ଷ୍ମୀନାରାୟଣୟା: "ବୋପଣ୍ଣା ଏ ସବୁ କଥା ମୋ ମନର କଥା ଜାଣି ହିଁ କହନ୍ତି। ପ୍ରଜାଙ୍କୁ ବିରୋଧ କରିବା ଉଚିତ ନୁହେଁ ଭାବି ମୁଁ ଏହା ସ୍ୱୀକାର କରିଥିଲି।"

ବୋପଣ୍ଣା ବୀରରାଜାଙ୍କୁ କଥା କହିବାକୁ ଅବସର ଦେଇ କହିଲେ, "ବାରିକ ଆମ ସମସ୍କନ୍ଧ ହୋଇ ବସିବାଟାକୁ କୋଡ଼ଗର ପିଲା ମଧ୍ୟ ସ୍ୱୀକାର କରିବ ନାହିଁ।"

ବୀରରାଜ: "ଆପଣଙ୍କ ଘରେ ନ ମାନି ପାରନ୍ତି କିନ୍ତୁ, ରାଜମହଲରେ ସେ କିଏ ?"

ଲକ୍ଷ୍ମୀନାରାୟଣ କିଛି ଉତ୍ତର ଦେବାକୁ ଯାଉଥିବା ସମୟରେ ବୋପଣ୍ଣା ତାଙ୍କୁ ବାଧା ଦେଇ କହିଲେ, "ମୁଁ କହୁଛି ମହାରାଜ! ରାଜ ଦରବାର ମହାରାଜାଙ୍କ ଘର ନୁହେଁ। ସେଠ, ଯଜମାନ, ବ୍ରାହ୍ମଣ ପ୍ରଭୃତିଙ୍କର ଏହା ମିଳନ ସ୍ଥଳ। କିଏ କେଉଁଠାରେ ବସିବା ଉଚିତ, ଏହା ଗୁରୁଜନମାନେ ନିଶ୍ଚିତ କରିଯାଇଛନ୍ତି। ଯଦି ମହାରାଜ ସେଥିରେ କିଛି ପରିବର୍ତ୍ତନ କରିବାକୁ ଚାହାନ୍ତି ତ ପ୍ରଥମେ ତାହା ଜନତାକୁ ଜଣାଇବା ଉଚିତ।"

Digitized by srujanika@gmail.com

ବୀରରାଜ: "ଜଣାଇବା ଉଚିତ! ଏ 'ଉଚିତ' ଟା କ'ଣ? କାହାର କେଉଁଠାରେ ବସିବା ଉଚିତ ଏହା କ'ଣ ରାଜା ଆପଣମାନଙ୍କୁ ପଚାରିବେ?"

ବୋପଣ୍ଣା: "ଅଙ୍ଗରକ୍ଷକ, ମହଲର ସେବକ ରାଜାଙ୍କ ବ୍ୟକ୍ତିଗତ ଭୃତ୍ୟ, ଲେଙ୍ଗଡ଼ା ଆପଣଙ୍କ ଅଙ୍ଗରକ୍ଷକ ବା ବ୍ୟକ୍ତିଗତ ମନ୍ତ୍ରୀ ହୋଇପାରେ କିନ୍ତୁ ଦେଶର ମନ୍ତ୍ରୀ ହେବା ଆମେ ସ୍ୱୀକାର କରିବୁ ନାହିଁ। ମହାରାଜାଙ୍କର ଯାହା ପସନ୍ଦ କରିପାରନ୍ତି। ଲେଙ୍ଗଡ଼ା ମନ୍ତ୍ରୀ ହେଲେ ଆମେ ମନ୍ତ୍ରୀପଦରେ ରହିବାକୁ ଚାହୁଁନାହୁଁ। ଯଦି ଆମକୁ ମନ୍ତ୍ରୀ ଭାବରେ ରଖନ୍ତି ତେବେ ଲେଙ୍ଗଡ଼ା ଆମ ସହ ରହିବ ନାହିଁ। ମହାରାଜ ଚାହିଁଲେ ତାକୁ ନିଜର ଶୟନକକ୍ଷ ବା ପୂଜାକୋଠରୀକୁ ନେଇ ପାରନ୍ତି, ଆମେ ବିରୋଧ କରିବୁ ନାହିଁ, କିନ୍ତୁ ଦରବାରରେ ତା'ର ଆମ ସହ ବସିବାଟାକୁ ଜନତା ମାନିବେ ନାହିଁ।"

କଥା ଅନେକ ଦୂରକୁ ଆଗେଇ ଗଲାଣି ବୋଲି ରାଜା, ଲକ୍ଷ୍ମୀନାରାୟଣ ତଥା ବୋପଣ୍ଣା ଅନୁଭବ କରିବାକୁ ଲାଗିଲେ। ଲକ୍ଷ୍ମୀନାରାୟଣ 'ବୋପଣ୍ଣା ଏ ଚର୍ଚ୍ଚା ଏତିକିରେ ରହିବାକୁ ଦିଅନ୍ତୁ' କହି ରାଜାଙ୍କ ଆଡ଼କୁ ଚାହିଁ କହିଲେ, "ମୁଁ ପ୍ରଥମରୁ ଏହି ସବୁ ବିଷୟରେ ସନ୍ଧ୍ୟାବେଳେ ବିଚାର କରିବାକୁ ନିବେଦନ କରିଥିଲି। ବର୍ତ୍ତମାନ ପୁଣି ସେହି ନିବେଦନ କରୁଛି। ଆଉ ବେଶୀ କଥା ନ ବଢ଼ାଇବାକୁ ମୁଁ ମହାରାଜାଙ୍କୁ ପ୍ରାର୍ଥନା କରୁଛି।"

ବୀରରାଜ: "ଠିକ୍ ଅଛି, ଆପଣମାନେ ମୋ ଠାରୁ ବୟସରେ ବଡ଼ ଓ ମନ୍ତ୍ରୀ, ବୋଲି ମୁଁ ଜାଣୁଛି କିନ୍ତୁ ମୋ ଉପରେ ହୁକୁମ ଜାରି କରିବାର ମାଲିକ ତ ନୁହନ୍ତି? ସନ୍ଧ୍ୟାବେଳେ କଥାବାର୍ତ୍ତା ହେବା ଆସିବେ।"

ଲକ୍ଷ୍ମୀନାରାୟଣ: "ଯେ ଆଜ୍ଞା" କହି ମୁଣ୍ଡ ନୁଆଁଇ ନମସ୍କାର କରିବାରୁ ବୀରରାଜ ପ୍ରତି ନମସ୍କାର କଲେ। ବୋପଣ୍ଣା ଅନ୍ୟମନସ୍କ ଭାବେ ହାତ ଯୋଡ଼ି ବୁଲିପଡ଼ିଲେ, ତାଙ୍କ ମୁହଁରେ କ୍ରୋଧର ଝଲକ ଦିଶୁଥିଲା।

ଭିତରୁ ଆସି ଯେତେବେଳେ ଏମାନେ ସଭା ଭବନ ଦ୍ୱାର ନିକଟରେ ପହଞ୍ଚିଲେ ସେତେବେଳେ ବସବ ଏମାନଙ୍କ ନିକଟକୁ ଆସି କହିଲା, "କଣ ବୋପଣ୍ଣା ମନ୍ତ୍ରୀ ମହୋଦୟ, ମୋତେ ବାରିକ ବନେଇ ଦେଲେ।"

ବୋପଣ୍ଣା ମଧ୍ୟ ସେମିତି ବିରକ୍ତଭାବେ କହିଲେ, "ଲେଙ୍ଗଡ଼ା, ତୁ ଆଉ କ'ଣ? ଭୁଲରେ ସିଢ଼ିରେ ଉପରକୁ ଉଠୁଛୁ, ସିଢ଼ି ଶେଷ ନ ହୋଇଗଲେ ହେଲା! ହୁସିଆର ସିଢ଼ି ଉପରେ ଛାୟା ନାହିଁ। ତୁ ବାରିକ ନୁହେଁ? ତୋ ମା ବାରିକାଣୀ, ତୁ ଆଉ କ'ଣ ହେବୁ?"

"ଆଚ୍ଛା! ମୋ ବିଷୟରେ ତ ଯାହା କହିଲେ, ମୋ ମା ବିଷୟରେ ମଧ୍ୟ କହିଦେଲେ। ସୀମାରୁ ବଳି ଆଉ କ'ଣ କରିବେ, ତା ଆପଣ ଜାଣନ୍ତି। କିନ୍ତୁ ଭାବନ୍ତୁ ନାହିଁ ଯେ ମୁଁ ଆପଣଙ୍କ ଅହଙ୍କାରକୁ ଭୟ କରେ। ମୋର ପାଦ ଲେଙ୍ଗଡ଼ା ହୋଇପାରେ କିନ୍ତୁ ବୁଦ୍ଧି ନୁହେଁ।"

"ଯା ରେ, ଗଧ ଚରେଇଲାବାଲା, ମୋ ସାଙ୍ଗେ କ'ଣ କଥା କହୁଛୁ? ଯା! ନିଜର ଗଧ ଚରା। ରାଜସଭାରେ ବସିବା ଯୋଗ୍ୟ ତୁ ନୋହୁଁ।" ଏହା କହି ମହଲ ଆଡ଼କୁ ମୁହଁରେ ସଙ୍କେତ କଲେ। ଅଗଣାକୁ ଆସି ଲକ୍ଷ୍ମୀନାରାୟଣ ମଧ୍ୟ ତାଙ୍କ ସହ ସମ୍ମତ ହେଲେ।

ସେଠାରେ ଠିଆ ହୋଇଥିବା ସେବକବୃନ୍ଦ ଓ ଅନ୍ୟ କିଛି ଲୋକ ଏମାନଙ୍କୁ ନମସ୍କାର କଲେ। ଏମାନେ ବି ସମସ୍ତଙ୍କୁ ଅଭିବାଦନ କରି ସଭାମଣ୍ଡପ ଛାଡ଼ି ବାହାରକୁ ଗଲେ।

Digitized by srujanika@gmail.com

15

ବୀରରାଜଙ୍କର କେବଳ ଗୋଟିଏ ସାନ ଭଉଣୀ ଥିଲା। ଲିଙ୍ଗରାଜ ତାଙ୍କ ମୃତ୍ୟୁ ପୂର୍ବରୁ କୋଡ଼ଗର ଜଣେ ଯୁବକଙ୍କୁ ଲିଙ୍ଗାୟତ ଧର୍ମରେ ଦୀକ୍ଷିତ କରାଇ ନିଜ କନ୍ୟା ସହ ବିବାହ ଦେଇଥିଲେ। ସେ ରାଜ କୁଳର ଏହା ହିଁ ପ୍ରଥା ଥିଲା। ବିବାହ ପୂର୍ବରୁ ଜାମାତାର ନାମ "ଚେନ୍ନବସବ' ରଖାଯାଇଥିଲା। ପିତା କନ୍ୟାକୁ ଅନେକ ଅଳଙ୍କାର ପ୍ରଭୃତି ସହ ଅପ୍ପଗୋଲାଂର ରାଜମହଲ ମଧ୍ୟ ଯୌତୁକ ଦେଇଥିଲେ। କନ୍ୟା ଓ ଜାମାତାଙ୍କୁ ସେହି ରାଜମହଲରେ ରଖାଇ ସପ୍ତାହରେ ଦୁଇ ତିନିଥର ନିଜେ ତାଙ୍କ ନିକଟକୁ ଯାଉଥିଲେ ବା ତାଙ୍କୁ ନିଜ ପାଖକୁ ଡକାଉଥିଲେ। ଏହିପରି ଭାବରେ ଲିଙ୍ଗରାଜ ସେମାନଙ୍କୁ ଖୁବ୍ ସୁଖରେ ରଖାଇଥିଲେ। ମୃତ୍ୟୁ ସମୟରେ 'ସାନ ଭଉଣୀକୁ ସୁଖରେ ରଖିବ' ବୋଲି ପୁତ୍ରକୁ କହି ବୋହୂକୁ ପାଖକୁ ଡାକି କହିଲେ, "ଝିଅ; ମୁଁ ତୁମର କୌଣସି ଅଭାବ ରଖିନାହିଁ। ତେଣୁ ତୁମ ନଣନ୍ଦକୁ ଯାହାକିଛି ଦେଇଛି ସେଥିରେ ହାତ ଦବା ଆବଶ୍ୟକ ନାହିଁ। ତାହା ତା'ରି ନିକଟରେ ରହିବାକୁ ଦେବ?" ବୋହୂ ଉତ୍ତର ଦେଲେ, "ଆପଣ ଚିନ୍ତା କରନ୍ତୁ ନାହିଁ। ଆପଣଙ୍କ କନ୍ୟା ସୁଖରେ ରହିଲେ ମୋର କୌଣସି ଦୁଃଖ ନାହିଁ।"

ଚେନ୍ନବସବ ରାଜାଙ୍କ ଜାମାତା ନ ହୋଇଥିଲେ ହୁଏତ ସାଧାରଣ ଗୃହସ୍ଥ ଭାବରେ ସୁଖୀ ହୋଇଥାନ୍ତା କିନ୍ତୁ ଦୁର୍ଭାଗ୍ୟବଶତଃ ସେ ରାଜାଙ୍କ ଦୃଷ୍ଟିରେ ପଡ଼ିବାରୁ ନିଜକୁ ଖୁବ୍ ବଡ଼ ମନେ କରି ଭ୍ରମରେ ପଡ଼ିଲା। ଅନ୍ୟମାନଙ୍କ ସହ କଠୋର ବ୍ୟବହାର କରୁଥିବା ଲିଙ୍ଗରାଜ ନିଜ କନ୍ୟା ଯୋଗୁଁ ଚେନ୍ନବସବଙ୍କୁ ଖୁବ୍ ଖାତିର କରୁଥିଲେ। ବରଂ ନିଜ ପୁତ୍ରକୁ ଅଯୋଗ୍ୟ, ଦୁଷ୍ଟ, ମୂର୍ଖ କହି ଗାଳି ଦେଇ କହୁଥିଲେ, "ରାଜମହଲରେ ଜନ୍ମ ନ ହୋଇ ମଧ୍ୟ ସ୍ୱାଇଁ କେତେ ସମ୍ମାନର ସହ ରହୁଛି, ତା'ର ପାଦ ତଳେ ରହିଲେ ତୋର ହୁଏତ କିଛି ବୁଦ୍ଧି ହେବ।" ଏପରି କଥା ଶୁଣି ଚେନ୍ନବସବ ମନେ କରୁଥିଲା ଯେ ହୁଏତ ତା'ର ଗୁଣରେ ମୁଗ୍ଧ ହୋଇ ଏପରି ପ୍ରଶଂସା କରାଯାଉଛି। କେବେ କେବେ ତା'ର ଭ୍ରମ ହେଉଥିଲା ଯେ ଶ୍ୱଶୁର ହୁଏତ ପୁତ୍ର ସ୍ଥାନରେ ତାକୁ ରାଜା ହେବାକୁ କହିବେ।

କିନ୍ତୁ ତାହା ହେଲା ନାହିଁ। ବୀରରାଜ ହିଁ ଗଦୀ ଉପରେ ବସିଲେ। ଚେନ୍ନବସବ ଭାବିଲେ "ଗଦୀ ଉପରେ ବସିବାର ଯୋଗ୍ୟତା ତା ଅପେକ୍ଷା ମୋର ବେଶୀ ଅଛି। ଅଧିକାର ବଡ଼ କଥା ନୁହେଁ। ଆଜି ନ ହେଲେ କାଲି ନିଶ୍ଚୟ ରାଜା ହେବି" ବୋଲି ନିଶ୍ଚୟ କରି ସେ ରାଜଦ୍ରୋହର ବିଷଭରା ବାତାବରଣ ଦିଗରେ ମନୋନିବେଶ କରିବାକୁ ଲାଗିଲେ। ଏହା ତାଙ୍କର ବ୍ୟବହାରରୁ ବ୍ୟକ୍ତ ହେଉଥିଲା। ଲିଙ୍ଗରାଜଙ୍କ ମୃତ୍ୟୁର ଏକ ବର୍ଷ ମଧ୍ୟରେ ରାଜା ଓ ଜାମାତା ପରସ୍ପରର ବିରୁଦ୍ଧାଚରଣ କରିବାକୁ ଲାଗିଲେ। ଧୀରେ ଧୀରେ ଏହା ବଢ଼ିବାକୁ ଲାଗିଲା ଓ ଚାରିବର୍ଷ ପରେ ବୀରରାଜ ଭଉଣୀକୁ ନେଇଆସି ଆଉ ଚେନ୍ନବସବ ନିକଟକୁ ପଠାଇଲେ ନାହିଁ। ଚେନ୍ନବସବ ଆସି ପାଦ ତଳେ ପଡ଼ିଲେ,

Digitized by srujanika@gmail.com

ରାଣୀ ବହୁତ ପ୍ରାର୍ଥନା କଲେ, ନିଜ କନ୍ୟା ପିଉସୀଙ୍କ ପାଇଁ ବହୁତ ଅନୁରୋଧ କରିବା ପରେ ବୀରରାଜ ଭଉଣୀଙ୍କୁ ଫେରିବାକୁ ଅନୁମତି ଦେଲେ। ସେହି ସମୟରେ ମହୀଶୂର ଇଂରେଜମାନଙ୍କ ଅଧିକାରରେ ଥିଲା ଓ ବାଙ୍ଗାଲୋରରେ ତାଙ୍କର ପ୍ରତିନିଧି ରହୁଥିଲେ। ଚେନ୍ନବସବ ତାଙ୍କୁ ପତ୍ର ଲେଖିଲେ ଯେ ଯେପରି ମହୀଶୂର ରାଜାଙ୍କୁ ଗଦୀରୁ ହଟାଇ ଦିଆଯାଇଥଲା ସେହିପରି ବୀରରାଜାଙ୍କ ଠାରୁ ରାଜ୍ୟ ଛଡ଼େଇ ନେଇ ତାଙ୍କ ଭଉଣୀ ଦେବକ୍କାଜୀଙ୍କୁ ଦେଇ ଦେବା ଉଚିତ। ଏକଥା ବୀରରାଜାଙ୍କ ନିକଟରେ ପହଞ୍ଚିବା କ୍ଷଣି ସେ ନିଜେ ଅପ୍ପଗୋଲଂ ଯାଇ ଚେନ୍ନବସବଙ୍କୁ ମାଡ଼ ଦେଇ ଭଉଣୀଙ୍କୁ ବଳପୂର୍ବକ ଆଣି ମହଲରେ ବନ୍ଦୀ କରି ରଖିଲେ। ଏ ଘଟଣା ଘଟିବାର ଦୁଇବର୍ଷ ବିତିଗଲା। ରାଣୀ ଓ ରାଜକୁମାରୀ ବହୁତ ମିନତି କରିବା ପରେ ମଧ ରାଜା ତାଙ୍କ କଥାରେ କାନ ଦେଲେ ନାହିଁ। ଚେନ୍ନବସବ ଇଂରେଜମାନଙ୍କୁ ପୁଣି ଆପତ୍ତି କରି ଚିଠି ଲେଖିଲେ। ଏହାଦ୍ଵାରା ରାଜାଙ୍କ ମନ ଆହୁରି କଠୋର ହୋଇ ଉଠିଲା ଓ ଦେବକ୍କାଜୀଙ୍କର ମୁକ୍ତ ହେବାର ଆଉ କୌଣସି ରାସ୍ତା ରହିଲା ନାହିଁ।

16

ଦରବାରରେ ବସବଙ୍କୁ ସମ୍ମାନିତ ସ୍ଥାନ ଦେବା ବିଷୟ ନେଇ ବୀରରାଜ ମନ୍ତ୍ରୀମାନଙ୍କ ସହ ଝଗଡ଼ା କରିଥିଲେ। ଏହି ପ୍ରକାରେ ନିଜର କାମବାସନା ଚରିତାର୍ଥ କରିବା ପାଇଁ ଓ ଧନଲୋଭରେ ଆଉ କେତେକ ଲୋକଙ୍କ ସହ ଶତ୍ରୁତା କଲେ। କାମୁକ ତରୁଣ ଯଦି ଶୀଘ୍ର ରୋଗରେ ପଡ଼େ ତେବେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ରୋଗ ହେବାରୁ ବୈଦ୍ୟ ଆସି ଅନେକ ପ୍ରକାର ଜଡ଼ିବୁଟି, ଭସ୍ମ ତାଙ୍କୁ ଖୁଆଇବାକୁ ଲାଗିଲେ। ଯେତେବେଳେ ସେଥିରେ କୌଣସି ଫଳ ହେଲା ନାହିଁ, ଲେଙ୍ଗଡ଼ାର ସମ୍ପ୍ରଦାୟର ବୈଦ୍ୟ ଆସିବାକୁ ଲାଗିଲେ। ପୁରୁଷ ଶରୀରର ଦୁର୍ବଳତା ଦୂର କରିବା ପାଇଁ ନୂଆ ଓ କମ ବୟସର ଝିଅମାନଙ୍କ ସହ ସହବାସ ହିଁ ଏ ସମ୍ପ୍ରଦାୟର ବିଶ୍ଵାସ ଥିଲା। ରାଜାଙ୍କ ପାଇଁ ଏହା ପ୍ରବନ୍ଧ କରିବା କଠିନ ନ ଥିଲା। ଏହା ସହ କୁପଥ୍ୟ ମଧ୍ୟ ଅନେକ ରହିଲା। ଏହା ପରିଣାମ ସ୍ଵରୂପ ମାତ୍ର ତରିଶ ବର୍ଷ ବୟସରେ ତାଙ୍କର ଶରୀର ଦୁର୍ବଳ ହୋଇପଡ଼ିଲା।

ପ୍ରଥମରୁ ତାଙ୍କ ପାଇଁ ମଦ୍ୟ, ମାଂସ ଓ ସ୍ତ୍ରୀ ଯୋଗାଇ ତାଙ୍କର ସ୍ନେହ ପ୍ରାପ୍ତ କରୁଥିବା ଲେଙ୍ଗଡ଼ା ଅନୁଭବ କଲା ଯେ ରାଜାଙ୍କୁ ସାବଧାନ କରାଇବା ଉଚିତ। ଏହାର ସହାୟତାରେ ପତନ ଦିଗକୁ ଯାଉଥିବା ବୀରରାଜ ତାର ଚେତାବନୀ ପ୍ରତି ଧ୍ୟାନ ଦେଲେ ନାହିଁ-।

ବସବ ଅନେକଥର ଅନୁଭବ କରିଥିଲା ଯେ ରାଜା ଶିଉଳି ହୋଇଥିବା ପଥର ଉପରେ ବସି ଖସି ଆସୁଛନ୍ତି ଓ ସେ ନିଜେ ନିଜର ପାଦକୁ ଅଣ୍ଟାରେ ବାନ୍ଧି ଖସି ଆସୁଛି। ଏହି ଯାତ୍ରା ଆରମ୍ଭ ହେବା ପରେ ଶେଷ ହେବାର ଏକମାତ୍ର ସ୍ଥାନ ହେଉଛି ପଥରର ପାଦଦେଶ। ତା'ର ବେଳେ ବେଳେ ନିରାଶା ହୁଏ ଯେ ସେ ତାଙ୍କୁ ମଝି ରାସ୍ତାରେ ଅବରୋଧ କରି ପାରିଲା ନାହିଁ।

Digitized by srujanika@gmail.com

17

ରାଜ୍ୟରେ ଅବ୍ୟବସ୍ଥା ବଢ଼ିବା ସଂଗେ ସଂଗେ ଦେଶର ଜନସାଧାରଣଙ୍କର ବୀରରାଜାଙ୍କ ପ୍ରତି ଅସନ୍ତୋଷ ବଢ଼ି ଚାଲିଲା। ଏମାନଙ୍କ ମଧ୍ୟରେ ଏପରି ଲୋକ ଥିଲେ ଯେଉଁମାନଙ୍କୁ ଥରେ କର ଦେଇ ସାରିବା ପରେ ମଧ୍ୟ ପୁନର୍ବାର ଦେବାପାଇଁ ବାଧ୍ୟ କରାଯାଉଥିଲା ଓ ଯେଉଁମାନଙ୍କୁ ଇଚ୍ଛା ବିରୁଦ୍ଧରେ ନିଜ ବୋହୂଝିଅଙ୍କୁ ରାଜନିବାସକୁ ପଠାଇବାକୁ ପଡୁଥିଲା। ଏମାନଙ୍କ ମଧ୍ୟରେ କିଛି ନା କଛି କାରଣ ବଶତଃ ବସବ ବା ରାଜାଙ୍କ ଠାରୁ ଭର୍ତ୍ସନା ଶୁଣିଥିବା ଲୋକ ମଧ୍ୟ ଥିଲେ। ଅସନ୍ତୁଷ୍ଟ ପ୍ରଜା ଦେଶର ଚାରିଆଡ଼େ ବ୍ୟାପୀ ରହିଥିଲେ।

ବସବ ମନ୍ତ୍ରୀପଦ ଗ୍ରହଣ କରିବା ପର୍ଯ୍ୟନ୍ତ ଏପରି ଲୋକଙ୍କ ସଂଖ୍ୟା ବହୁତ ବଢ଼ିଯାଇଥିଲା। ସେମାନେ ଭାବିଥିଲେ ଯେ ଦେଶର ମାନ୍ୟଲୋକ ଓ ମନ୍ତ୍ରୀଗଣ ରାଜାଙ୍କ ସହ ସାହସ ପୂର୍ବକ କଥାବାର୍ତ୍ତା କରି ଏହି ସବୁ ବିଷୟ ମୀମାଂସା କରିନେବେ କିନ୍ତୁ ସେପରି କିଛି ହେଲା ନାହିଁ। ବସବ ମନ୍ତ୍ରୀ ହେବା ପରେ ଲୋକମାନେ ଭାବିଲେ ଯେ ତାଙ୍କର ବର୍ତ୍ତମାନ ଏ କାର୍ଯ୍ୟର ଦାୟିତ୍ୱ ନେବା ଉଚିତ।

ଭାଗମଣ୍ଡଳର ଚେନ୍ନବୀର ଏମାନଙ୍କ ମଧ୍ୟରେ ଜଣେ ଥିଲା। ତା'ର ପୂର୍ବପୁରୁଷମାନେ ରାଜମହଲରେ କାର୍ଯ୍ୟ କରୁଥିଲେ। ଅପ୍ପାଙ୍କ ପରିବର୍ତ୍ତେ ଲିଙ୍ଗରାଜ ରାଜା ହେବାରୁ ତାହାର ପରିବାରରେ ଅସନ୍ତୋଷ ପ୍ରକାଶ ପାଇଲା। ଦେଶର ଲୋକମାନଙ୍କ ମନରେ ବିଶ୍ୱାସ ଥିଲା ଯେ ଦୋଡବୀରରାଜ ଅପ୍ପାଙ୍କୁ ମାରିଦେଇଛନ୍ତି। ଚେନ୍ନବୀରର ପରିବାରରେ ବିଶ୍ୱାସ ଥିଲା ଯେ ଅପ୍ପା ଓ ତାଙ୍କର ପୁତ୍ର ମହୀଶୂରରେ ଅଛନ୍ତି। କୋଡ଼ଗର ରାଜଗାଦୀର ସେମାନେ ହିଁ ଅଧିକାରୀ। ଆଜି ନ ହେଲେ କାଲି ରାଜାଙ୍କୁ ହଟେଇ ଅପ୍ପାଙ୍କ ପୁତ୍ରକୁ ଗାଦୀରେ ନ ବସାଇଲେ ଦେଶର ମଙ୍ଗଳ ହେବ ନାହିଁ। ଚେନ୍ନବୀର ଭାବିଲା, ବର୍ତ୍ତମାନ ଠିକ୍ ସୁବିଧା ମଳିଛି। ସେ ବାଙ୍ଗାଲୋର ଗଲା ଯେଉଁଠାରେ କି ଅପ୍ପା ନିଜର୍ ନାମ ପରିବର୍ତ୍ତନ କରି ରହୁଥିଲେ। ସେ ତାଙ୍କଠାରୁ ତାଙ୍କ ପୁତ୍ରର ନାମ ଗୁପ୍ତଭାବେ ବ୍ୟବହାର କରିବାକୁ ଅନୁମତି ନେଇ ଫେରିଆସି ନିଜର ବିଶ୍ୱାସୀ ମିତ୍ରକୁ ଏ ବିଷୟ ଗୁପ୍ତରେ କହିଲେ।

ସମସ୍ତେ ଏହା ସମର୍ଥନ କଲେ। ଏହି ପ୍ରକାର ଯଦି ଆଉ କିଛି ପ୍ରଯତ୍ନ ଗୁପ୍ତ ରୂପେ ଚାଲିଥାଆନ୍ତା ତେବେ ହୁଏତ ଚେନ୍ନବୀର ନିଜ ଉଦ୍ଦେଶ୍ୟରେ ସଫଳ ହୋଇପାରି ଥାଆନ୍ତା କିନ୍ତୁ ଅସାବଧାନତା ବଶତଃ ଏ ଖବର ଭାଗମଣ୍ଡଳର ତକ୍କଙ୍କୁ ମିଳିଗଲା। ସେ 'ପିଲାମାନଙ୍କର ଏପରି କାର୍ଯ୍ୟରେ ହାତ ଦେବା କି ଦରକାର? ଦେଶରେ କ'ଣ ମାନ୍ୟବ୍ୟକ୍ତି ନାହାନ୍ତି।'' କହି ନିଜର କ୍ରୋଧ ପ୍ରକଟ କଲେ।

ରହସ୍ୟ ପ୍ରକଟ ହେବାରୁ ଚେନ୍ନବୀରଙ୍କ ଯୋଜନାରେ ବାଧା ପହଞ୍ଚିଲା। କେବଳ ସେତିକି ନୁହେଁ, ଏ ଖବର ବସବ ନିକଟରେ ପହଞ୍ଚିବାକ୍ଷଣି ସେ ତାହା ରାଜାଙ୍କୁ ଜଣାଇଲା।

Digitized by srujanika@gmail.com

ରାଜା ସେହି ଦୁଷ୍ଟ ଲୋକକୁ ଧରି ଆଣିବାକୁ ଆଜ୍ଞା ଦେଲେ। ଏ ଖବର ପାଇବାକ୍ଷଣି ଚେନ୍ନବୀର ମହୀଶୂର ପଳାଇଲା।

ବସବ ତାକୁ ଖୋଜିବାକୁ ଲୋକ ପଠାଇଲା। ରାଜାଙ୍କ ଆଜ୍ଞା ପ୍ରାପ୍ତ କରି ମହୀଶୂରର ମୁଖ୍ୟ ଆୟୁକ୍ତଙ୍କ ନିକଟକୁ ନିଜର ଅଧିକାରୀ ଦ୍ୱାରା ପତ୍ର ପ୍ରେରଣ କଲା। ସେଥିରେ ଲେଖାଥିଲା, "ଆମ ଦେଶର ଚେନ୍ନବୀର ନାମକ ଜଣେ ଦେଶଦ୍ରୋହୀ ଆପଣଙ୍କ ଦେଶକୁ ପଳାଇ ଯାଇଛି। କୃପା କରି ତାକୁ ଧରାଇ ଆମ ନିକଟକୁ ପଠାଇବେ।"

ମହୀଶୂରର ଅପରାଧି କୋଡ଼ଗକୁ ଓ କୋଡ଼ଗର ଅପରାଧି ମହୀଶୂରକୁ ପଳାୟନ କରିବା କିଛି ନୂଆ କଥା ନୁହେଁ। ତାହା ଗୋଟିଏ ଶାସନରୁ ଆଉ ଗୋଟିଏ ଶାସନକୁ ସହାୟତା ମାଗିବାର ପ୍ରଥା ଥିଲା। ମୁଖ୍ୟ ଆୟୁକ୍ତ ଚେନ୍ନବୀରକୁ ଧରାଇ ବସବର ଲୋକମାନଙ୍କ ସହ କୋଡ଼ଗ ପଠାଇଦେଲେ। ପଠାଇବା ସମୟରେ ପ୍ରଥା ଅନୁଯାୟୀ ପତ୍ର ଲେଖିଲେ, "ଏହାର ଅପରାଧ କ'ଣ? ଏହାକୁ କି ଦଣ୍ଡ ଦିଆଗଲା ଏହା ନିର୍ଣ୍ଣୟ କରିବା ପରେ ଜଣାଇବେ।"

ବସବ ଚେନ୍ନବୀରଙ୍କୁ ରାଜାଙ୍କ ନିକଟରେ ଠିଆ କରାଇବା ପରେ ରାଜା ତାକୁ ପଚାରିଲେ, "କୋଡ଼ଗକୁ ଦ୍ୱିତୀୟ ରାଜା ଆଣୁଥିବା ବୀର ତୁମେ ତ?"

ଚେନ୍ନବୀର: "ମୁଁ ଆପଣଙ୍କୁ କୌଣସି ବିଷୟ କହିବାକୁ ପ୍ରସ୍ତୁତ ନୁହେଁ।"

ରାଜା: "ତୁମର ଅସ୍ତ୍ର କେଉଁଠି? ଏହା କହିଲେ ତୁମକୁ ଛାଡ଼ି ଦିଆଯିବ।"

ଚେନ୍ନବୀର: "ମୁଁ ଆପଣଙ୍କୁ ଏହା ମଧ୍ୟ କହିବି ନାହିଁ।"

ରାଜା ଲୋଭ ଦେଖାଇ କହିଲେ, "ତାକୁ ଛାଡ଼ିଦିଅ। ଅତି କମ୍‌ରେ ତୁମେ ଯଦି ଏ କାମରେ ତୁମକୁ କିଏ ସବୁ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି କହିଦିଅ ତେବେ ମଧ୍ୟ ତୁମକୁ ଛାଡ଼ି ଦିଆଯିବ।"

"ମୁଁ ସେପରି କୁକୁର ନୁହେଁ," ଉତ୍ତର ଦେଲା ଚେନ୍ନବୀର।

ରାଜା ପାଖରେ ରଖିଥିବା ବନ୍ଧୁକ ଉଠାଇ ଗୁଳି କରିଦେଲେ। ଚେନ୍ନବୀର ସେହିଠାରେ ଟଳି ପଡ଼ିଲା। ଏ ଘଟଣା ନାଲ୍କନାଡ଼ର ରାଜମହଲ ନିକଟବର୍ତ୍ତୀ ଜଙ୍ଗଲରେ ଘଟିଥିଲା। ଚେନ୍ନବୀର ମୃତ୍ୟୁ ବିଷୟ ତ ଲୋକମାନେ ଅନ୍ଦାଜ କରି ପାରିଥିଲେ କିନ୍ତୁ ଏ ଘଟଣା କାହାରି ମୁହଁରୁ କାହାରି କାନ ପର୍ଯ୍ୟନ୍ତ ଗଲାନାହିଁ। ବସବ ଘଟଣାସ୍ଥଳରେ ରହି ଦୁଇ ଜଣ ଭୃତ୍ୟଙ୍କୁ ଚେତାବନୀ ଦେଇଥିଲା ଯେ, "ଏ ଘଟଣା ଯଦି ବାହାରେ ପ୍ରକାଶ ପାଏ ତେବେ ସେମାନଙ୍କର ମଧ୍ୟ ଏପରି ଅବସ୍ଥା ହେବ। ରାଜା ବସବକୁ ମୃତ ଦେହ କୁକୁରକୁ ଦେବାକୁ ଆଜ୍ଞା ଦେଇଥିଲେ।

କିଛି ମାସ ପରେ ମୁଖ୍ୟ ଆୟୁକ୍ତଙ୍କ ଠାରୁ ଆସିଥିବା ଚାରି ପାଞ୍ଚୋଟି ପତ୍ରରେ ଏହାର ଉଲ୍ଲେଖ ଥିଲା। ସେ ଲେଖିଥିଲେ, "ଅପରାଧୀ ଚେନ୍ନବୀରର ମାମଲା ଶେଷ ହୋଇ ଯାଇଥିବ। ତା'ର ପରିଣାମ କ'ଣ ହେଲା?" ବସବ ଅନ୍ୟ ସବୁ ବିଷୟରେ ଲେଖିଥିଲେ ମଧ୍ୟ ଏ ବିଷୟରେ କୌଣସି ଉଲ୍ଲେଖ କରି ନଥିଲା।

ମୁଖ୍ୟ ଆୟୁକ୍ତ ପୁଣି ପତ୍ର ଲେଖିଲେ, " ଏ ବିଷୟରେ କୌଣସି ଉତ୍ତର ଆମେ ପାଇନାହୁଁ। ଅନ୍ୟ ସବୁ ଉତ୍ତର ଲେଖିବା ସମୟରେ ହୁଏତ ଆପଣ ଭୁଲିଯାଇଥିବେ।

Digitized by srujanika@gmail.com

ବର୍ତ୍ତମାନ ଆପଣ କୃପା କରି ଲେଖିବେ।'' ରାଜା ଏହାର ଜବାବ ଦେବାକୁ ମନା କରିଦେଲେ। ଏପରି କି ସେଠାରୁ ଆସିଥିବା ଚାରୋଟି ସ୍ମରଣ-ପତ୍ରର ମଧ୍ୟ ଉତ୍ତର ଦିଆ ହେଲା ନାହିଁ।

ଶେଷରେ ମୁଖ୍ୟ ଆୟୁକ୍ତ ଲେଖିଲେ, ''ମୋ ପତ୍ରକୁ ଏପରି ଉପେକ୍ଷା କରିବା ଦ୍ୱାରା ଆମ ଓ ଆପଣଙ୍କ ମଧ୍ୟରେ ଦୂରତା ସୃଷ୍ଟି ହେଉଛି। ମାଦ୍ରାଜର ମାନନୀୟ ଗଭର୍ଣ୍ଣର ମହୋଦୟ ଏ ବିଷୟରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମୁଁ ଜାଣେ ଯେ ଏ ସବୁ ଛୋଟ ଘଟଣା ନେଇ ଆପଣ ଆମ ସହ ମନୋମାଳିନ୍ୟ ସୃଷ୍ଟି କରିବାକୁ ଚାହୁଁନାହାନ୍ତି। ସ୍ଥିତିକୁ ସୁଧାରିବା ବର୍ତ୍ତମାନ ଆପଣଙ୍କ ହାତରେ ଅଛି।'' ବୀରରାଜ ଏହାର ମଧ୍ୟ ଉତ୍ତର ଦେଲେ ନାହିଁ। ଇଂରେଜ ଓ ତାଙ୍କ ମଧ୍ୟରେ ଏ ବିଷୟ ନେଇ ବିଭେଦ ସୃଷ୍ଟି ହେଲା।

18

ରାଜକୋପ ଦ୍ୱାରା ଚେନ୍ନବୀରଙ୍କର ଏପରି ବନ୍ଦି ହେଲେ ମଧ୍ୟ ତାଙ୍କ ଦ୍ୱାରା ଆରମ୍ଭ ହୋଇଥିବା କାର୍ଯ୍ୟ ଅଟକି ନଥିଲା। ଗତବର୍ଷ କାବେରୀ ମେଳାରେ ସେ ରାଜାଙ୍କ ପ୍ରତି ଅସନ୍ତୁଷ୍ଟ ପ୍ରଜାମାନଙ୍କ ସହ ସାକ୍ଷାତ କରି ସେମାନଙ୍କୁ ଏକତାବଦ୍ଧ ହେବା ପାଇଁ ପ୍ରାର୍ଥନା କରିଥିଲେ। ଏହା ପୂର୍ବରୁ କେତେକ ଯୁବକ ଦେଶର ସ୍ଥିତିକୁ ସୁଧାରିବା ପାଇଁ 'କାବେରୀ ସନ୍ତାନ ସଂଘ' ସଂଗଠନ କରିବାକୁ ଭାବିଥିଲେ। ସେମାନଙ୍କ ଯୋଜନା ଥିଲା ଯେ ଯେଉଁଠାରେ ଅଛି ସେଠାରେ ରହି ଗୁପ୍ତରୂପେ ରାଜା ଓ ବସବ ଦ୍ୱାରା ପ୍ରଜାଗଣ ପାଉଥିବା କଷ୍ଟ ଦୂର କରିବେ। ଚେନ୍ନବୀରଙ୍କ ପ୍ରଯତ୍ନରୁ ଏ କାର୍ଯ୍ୟ ରୂପ ପାଇଲା।

ସଂଘର ଉତ୍ତରଦାୟିତ୍ୱ ବୋପଣ୍ଣାଙ୍କର ଭଣଜା ଉତୟା ଉପରେ ନ୍ୟସ୍ତ କରାଗଲା। ସେ କୋଡ଼ଗର ସେନାବାହିନୀରେ ଥିଲା ଓ ଏ ବିଷୟରେ ପ୍ରଥମରୁ ନିର୍ଣ୍ଣୟ କରି ଦେଇଥିଲା। ତା'ର ମିତ୍ରଗଣ ଏ ସମ୍ବନ୍ଧରେ ତରତରରେ କିଛି ନ କରିବାକୁ ଉପଦେଶ ଦେଲେ ମଧ୍ୟ ବର୍ତ୍ତମାନ ଅଟକିଗଲେ ଅନର୍ଥ ହୋଇଯିବ ଭାବି ସଂଘର ସ୍ଥାପନା କରିଥିଲା। ସେହିବର୍ଷ ତାକୁ ମଡ଼କେରୀକୁ ପହରା ଦେବା କାର୍ଯ୍ୟରେ ନିଯୁକ୍ତି ମିଳିଲା ଯାହାଦ୍ୱାରା କି ତା'ର ଉଦ୍ଦେଶ୍ୟ ପୂରା କରିବାକୁ ସୁବିଧା ହେଲା। ମଡ଼କେରୀ ଆସିବାର ଦିନେ ଦୁଇଦିନ ପରେ ସେ ସଂଘର ଯୁବକମାନଙ୍କ ସହ ଭିନ୍ନ ଭିନ୍ନ ସ୍ଥାନରେ ସାକ୍ଷାତ କରିବାକୁ କହିଲା। ପ୍ରତ୍ୟେକଙ୍କୁ ଦେଶର ବିପତ୍ତି ସମ୍ବନ୍ଧରେ ପରିଚୟ ଦେଇ ପଚାରିଲା, ''ଏହାକୁ ଦୂର କରିବା କ'ଣ ଆବଶ୍ୟକ ନୁହେଁ?'' ସେମାନଙ୍କ ମଧ୍ୟରୁ ଜଣ ଜଣ କରି ସମସ୍ତେ ଉତ୍ତର ଦେଲେ, ''ତୁମେ ଆଗୁଆ ହୁଅ, ମୁଁ କାବେରୀର ପୁତ୍ର ସର୍ବଦା ତୁମ ପଛରେ ରହିବି। ଯାହା କହିବ କରିବି। ପ୍ରାଣ ଦେବା ପାଇଁ କହିଲେ ମଧ୍ୟ ମୁଁ ପ୍ରସ୍ତୁତ।'' ଉତୟା ସେମାନଙ୍କୁ ଆଗେ କ'ଣ କରିବାକୁ ହେବ ପରେ କହିବ ବୋଲି କହି, 'କାବେରୀ ମକ୍କଳୁ ମକ୍କଳ ତାଇ'ର ସଙ୍କେତ ଶବ୍ଦ ଦେଇ ତା ମନେ ରଖିବାକୁ କହିଲା।

ଏହି ପ୍ରକାର ଉତୟାକୁ ସାହାଯ୍ୟ କରିବାକୁ ଶପଥ ନେଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ବର୍ତ୍ତକ ପେଟେର ଯଜମାନ ଚିକ୍କଣା ଶେଟ୍ଟୀର ପୁତୁରା ରାମ ଶେଟ୍ଟୀ, ଦୀକ୍ଷିତର ପୁତୁରା

Digitized by srujanika@gmail.com

ନାରାୟଣ, ଲକ୍ଷ୍ମୀନାରାୟଣଙ୍କ ପୁତୁରା ସ୍ୱରୀ, ଦେବାନ ପୋନପ୍ପାର ଜାମାତା ମୃଦ୍ଧା, ରାଜବୈଦ୍ୟଙ୍କ ପୁତ୍ର ବିଶ୍ୱ, ରାଜମହଲର ନିରୀକ୍ଷକର ପୁତ୍ର ମାଚ୍ଚା ଆଦି ଥିଲେ। ଏମାନଙ୍କ ମଧ୍ୟରେ ପ୍ରତ୍ୟେକ ଜଣେ ଜଣେ ବିଶ୍ୱସ୍ତ ବ୍ୟକ୍ତିଙ୍କୁ ସାଙ୍ଗରେ ନେଇ ପରସ୍ପର ସହ ବିଚାରବିମର୍ଶ କରି ପାରୁଥିଲେ। କିନ୍ତୁ ପ୍ରତ୍ୟେକ ଘଟଣାର ଖବର ଓ ବିବରଣ ଉଭୟାକୁ ଦେବାକୁ ପଡୁଥିଲା।

ଏମାନଙ୍କ ମଧ୍ୟରୁ ମାଚ୍ଚା ରାଜମହଲରେ 'ହରକରା' ଥିଲା। ବାକୀ କାହାରି ଉପରେ କୌଣସି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ନ୍ୟସ୍ତ କରା ଯାଇ ନଥିଲା, ଚେନ୍ନବୀର ନିଜର ଅସାବଧାନତା ବଶତଃ ରାଜାଙ୍କ ହାତରେ ପଡ଼ିଥିବାରୁ ସଂଘର ସଭ୍ୟମାନେ କ'ଣ କାଳେ ସେଠାରେ କହିଦବ ବୋଲି ଚିନ୍ତା କରୁଥିଲେ। ଏମାନଙ୍କ ମଧ୍ୟରୁ କାହାରି ନାମ ଚେନ୍ନବୀର ମୁହଁରୁ ଶୁଣି ତାକୁ ଡକାଇ ପଠାଇ ଥିଲେ କିଛି ଆଶ୍ଚର୍ଯ୍ୟର କଥା ହୋଇ ନ ଥାନ୍ତା କିନ୍ତୁ ସେପରି କିଛି ହେଲା ନାହିଁ। ସେଥିରୁ ସେମାନେ ଜାଣି ପାରିଲେ ଯେ ରାଜା ତାକୁ ମାରିଦେଇଛନ୍ତି ଓ ଚେନ୍ନବୀରଙ୍କ ମୃତ୍ୟୁର ପ୍ରତିଶୋଧ ନେବା ସେମାନେ ନିଜର କର୍ତ୍ତବ୍ୟ ବୋଲି ଭାବିଲେ।

ଚେନ୍ନବୀରଙ୍କ ଅଦୃଶ୍ୟ ହେବାର କିଛି ମାସ ପରେ ମଡ଼କେରୀକୁ ଅପରଂପର ନାମକ ଜଣେ ବୀର ଶୈବ ସ୍ୱାମୀ ଆସି ରାଜାଙ୍କ ସମାଧି-ସ୍ଥଳରେ ବାସ କରିବାକୁ ଲାଗିଲେ। ତାଙ୍କ ନିକଟକୁ ଆସୁଥିବା ଲୋକମାନଙ୍କ ସହ ଭଲ କଥା ସବୁ କହୁଥିଲେ ଓ ଅଳ୍ପ ବହୁତ ବୈଦ୍ୟ ଚିକିତ୍ସା ମଧ୍ୟ କରୁଥିଲେ। ଆସିବାର କିଛିଦିନ ପରେ ସ୍ୱାମୀଜୀ ଭିକ୍ଷା କରିବାକୁ ଘର ଘର ବୁଲିବା ସମୟରେ 'କାବେରୀ ସନ୍ତାନ ସଂଘ'ର ସଦସ୍ୟମାନଙ୍କ ସହ ପରିଚିତ ହେଲେ। ଉତ୍ତମ ରୂପେ ପରିଚିତ ହେବା ପରେ ଦେଶର ପରିସ୍ଥିତି ବିଷୟରେ ସେମାନଙ୍କ ସହ ଆଲୋଚନା କଲେ। ସେ ନିଜେ 'କାବେରୀ ପୁତ୍ର' ବୋଲି ସେମାନଙ୍କ ମନରେ ବିଶ୍ୱାସ ଜନ୍ମାଇବାରୁ, ଉଭୟା, ଚିକ୍କ, ଦୀକ୍ଷିତ, ପୂରୀ, ରାମଶେଟ୍ଟୀ ପ୍ରଭୃତି ପ୍ରସନ୍ନତା ସହ ତାଙ୍କୁ ନେତା ରୂପେ ସ୍ୱୀକାର କଲେ।

ସ୍ୱାମୀଜୀଙ୍କ ନେତୃତ୍ୱରେ ଧୀରେ ଧୀରେ ସଂଘର ଉଦ୍ଦେଶ୍ୟ ବିସ୍ତୃତ ରୂପ ନେବାକୁ ଲାଗିଲା। ତାଙ୍କର ପ୍ରଥମ ଉଦ୍ଦେଶ୍ୟ ଥିଲା ରାଜା ଓ ବସବ ଦ୍ୱାରା ତ୍ରସ୍ତ ଜନତାକୁ ଯେ କୌଣସି ଉପାୟରେ ଅତ୍ୟାଚାରରୁ ରକ୍ଷା କରିବା। ଦ୍ୱିତୀୟ ଉଦ୍ଦେଶ୍ୟ ଥିଲା ରାଜାର ଅସନ୍ତୁଷ୍ଟ ନେତାମାନଙ୍କ ସହ ସାକ୍ଷାତ କରି ନିଜର ଉଦ୍ଦେଶ୍ୟ ସଫଳ ପାଇଁ ସେମାନଙ୍କ ଠାରୁ ସହାୟତା ପ୍ରାପ୍ତ କରିବା। ତୃତୀୟ ଉଦ୍ଦେଶ୍ୟ ହେଉଛି ଏଇ ଅସନ୍ତୁଷ୍ଟ ନେତାଗଣକୁ ନେଇ ସମ୍ଭବ ହେଲେ ରାଜା ଓ ବସବଙ୍କ ବିରୁଦ୍ଧରେ ଏକ ଦଳ ଗଠନ କରିବା। ରାଜାଙ୍କ ଠାରୁ ଜନତାଙ୍କ ବିରୋଧର ଆଭାସ ପାଇ ଇଂରେଜମାନେ ମହୀଶୂର ପରି କୋଡ଼ଗକୁ ମଧ୍ୟ ଅଧିକାର କରିବାକୁ ସୁବିଧା ଖୋଜୁଥିଲେ। ସେମାନଙ୍କୁ ସେ ସୁବିଧା ନ ଦେଇ କୋଡ଼ଗ ରାଜ୍ୟକୁ ରକ୍ଷା କରିବା ମଧ୍ୟ ସେମାନଙ୍କର ଉଦ୍ଦେଶ୍ୟ ଥିଲା।

ଏଥିଭିତରେ ଉଭୟା ଦିନେ ସ୍ୱାମୀଜୀଙ୍କୁ କହିଲା, "ମୋର ମାମୁଁଙ୍କୁ କହି ନିଜର ଚାକିରୀ ଛାଡ଼ି ସଂଘର କାର୍ଯ୍ୟ କରିବାକୁ ଚାହୁଁଛି।" ସ୍ୱାମୀଜୀ ଏହା ଶୁଣି ଉତ୍ତର ଦେଲେ, "ତୁମେ ଚାକିରୀ ଛାଡ଼ ନାହିଁ। ଚାକିରୀରେ ଅନେକ ଲୋକ ତୁମ ହାତରେ ରହିବାରୁ କାମରେ ଅନେକ ସୁବିଧା ହେବ। ବର୍ତ୍ତମାନ ରହିଯାଅ, ପରେ ଦେଖାଯିବ।"

Digitized by srujanika@gmail.com

19

ଦୈବଯୋଗରୁ ସେହି ସମୟରେ ଉତ୍ତୟାର ଜୀବନରେ ଦେଶ ଓ ରାଜମହଲକୁ ପ୍ରଭାବିତ କଲାପରି ଏକ ଘଟଣା ଘଟିଲା।

ମଡ଼କେରୀର ପହରାଦାର ଦଳକୁ ରାଜମହଲ ପହରା ଦେବାର ଭାର ଦିଆଗଲା। ସେଥିପାଇଁ ଉତ୍ତୟାକୁ ରାଜମହଲ ଯିବା ଆସିବା କରି ସେଠାକାର ରକ୍ଷଣାବେକ୍ଷଣ କରିବାକୁ ହେଲା। ଉତ୍ତୟା ରୂପବାନ ଯୁବକ ଓ ରାଣୀଙ୍କ ଦୂରସମ୍ପର୍କୀୟ ପୁତୁରା ଥିଲା। ରାଜମହଲରେ ଥିବା ସମୟରେ ଯଦି ରାଣୀ ଓ ରାଜକୁମାରୀଙ୍କର କେଉଁଆଡ଼େ ଯିବାକୁ ଥିଲା ତେବେ ସେମାନଙ୍କ ସଙ୍ଗେ ଯିବାପାଇଁ କିଛି ପ୍ରବନ୍ଧ କରିବାକୁ ବା ତାକୁ ସ୍ୱୟଂ ଯିବାକୁ ପଡୁଥିଲା। ସେଠାରେ ଥିବା ସମୟରେ ସେ ରାଣୀ ଓ ରାଜକୁମାରୀଙ୍କର ପ୍ରକୃତ ଭକ୍ତି ଭାବନା ସହ ସେବା କରିଥିଲା। କୋଡ଼ଗୀ ଯୁବକ ହେବା ସଙ୍ଗେ ସଙ୍ଗେ ବୋପଣ୍ଣାଙ୍କ ସମ୍ପର୍କୀୟ ହୋଇଥିବାରୁ ତା'ର ନିଜକୁ ନେଇ ଖୁବ୍ ଅହଙ୍କାର ଥିଲା। ନିଜର ବଂଶକୁ ଯଶ ମିଳୁ-ଏହା ସେ ସର୍ବଦା ଚାହୁଁଥିଲା।

ଯୁବକଟିର ସର୍ବଦା ରାଜକୁମାରୀଙ୍କ ସହ ଦେଖା ସାକ୍ଷାତ ହେଉଥିଲା। ସେ ରାଜକୁମାରୀ ନ ହୋଇଥିଲେ ହୁଏତ ତାକୁ ବିବାହ କରିବା ବିଷୟ ଚିନ୍ତା କରିଥାଆନ୍ତା, କିନ୍ତୁ ସେ ପରିସ୍ଥିତିରେ ଏହା ଠିକ୍ ନ ଥିଲା। ଠିକ୍ ନଥିଲା ଅର୍ଥ ନୁହେଁ ଯେ ଏହା ଅସାଧ ଥିଲା। ରାଜାର ଝିଅକୁ କେବଳ ଜଣେ ରାଜା ହିଁ ନିଜ ସ୍ତ୍ରୀ ରୂପେ ଆଶା କରିପାରେ, କିନ୍ତୁ ଯେ ରାଜା ନୁହେଁ ସେ ଯେତେ ବଡ଼ ହେଲେ ମଧ ଏହା ଆଶା କରିବା ଅନୁଚିତ। ଏ ସଂକ୍ରାନ୍ତରେ ପ୍ରଥମେ ସେ ରାଜ ପରିବାରର ହେବା ଆବଶ୍ୟକ।

ଏହା ଛଡ଼ା ରାଜବଂଶରେ ସେତେବେଳେ ଶୈବ ମତ ଚାଲୁଥିଲା, ଉତ୍ତୟା ରାଜକୁମାରୀଙ୍କୁ ବିବାହ କରିଥିଲେ ପ୍ରଥମେ ତାକୁ ବୀର ଶୈବ ହେବାକୁ ପଡ଼ିଥାଆନ୍ତା।

ସ୍ୱୟଂ 'କାବେରୀ ମଣ୍ଡଳ'ର ସଦସ୍ୟ ହେଲେ ମଧ୍ୟ ତାକୁ ଏହା ଖରାପ ଲାଗି ନଥିଲା କାରଣ ସେ ରାଜାଙ୍କ ବିରୋଧ କରୁଥିଲା ରାଜପରିବାରକୁ ନୁହେଁ। ରାଣୀ ଓ ରାଜକୁମାରୀଙ୍କୁ ସେ ଭକ୍ତି କରୁଥିଲା।

ବିବାହ କରିବାର ସମ୍ଭାବନା କମ୍ ବା ଆଦୌ ନ ହେଲେ ମଧ ସେହି ବୟସର ଯୁବକ ଯୁବତୀ ପରସ୍ପର ପ୍ରତି ସ୍ନେହପୂର୍ଣ୍ଣ ବ୍ୟବହାର କରିବା କେବଳ ସହଜ ନୁହେଁ, ଅନିବାର୍ଯ୍ୟ। ରାଜଭବନ ପହରାଦଳର ନାୟକରୂପେ ଯେତେବେଳେ ପ୍ରଥମ ଥର ପାଇଁ ରାଣୀଙ୍କ ସହ ସାକ୍ଷାତ କଲେ ସେତେବେଳେ ରାଣୀ ତାଙ୍କ ବିଷୟରେ ସବୁ ପଚାରି ବୁଝିଥିଲେ। ଯେତେବେଳେ ସେ ଜାଣିଲେ ଯେ ବୋପଣ୍ଣାର ଭଣଜା ତାଙ୍କର ଦୂର ସମ୍ପର୍କୀୟ ହେବ ସେତେବେଳେ ସେ ଭାବିଲେ ଯେ ପୁଟ୍ଟମ୍ମା ପାଇଁ କଣ ଏଇ ଯୁବକଟି ଉପଯୁକ୍ତ ହେବ ନାହିଁ।

Digitized by srujanika@gmail.com

ରାଣୀ ତାଙ୍କ ସହ କଥାବାର୍ତ୍ତା ହେଉଥିବା ସମୟରେ ରାଜକୁମାରୀ ରାଣୀଙ୍କ ଗଳାରେ ହାତ ବୁଲାଇ କାନ୍ଧ ଉପରେ ମୁହଁ ରଖି ସେଠାରେ ଠିଆ ହୋଇଥିଲେ। ଉଭୟା ସୁନ୍ଦର ଥିବାରୁ ତାକୁ ନେଇ ଝିଅକୁ ଏକ ପ୍ରକାର ତୃପ୍ତି ମିଳୁଥିଲା। ଉଭୟାକୁ ମଧ୍ୟ ଏହା ଜାଣି ଆନନ୍ଦ ମିଳୁଥିଲା।

ରାତିରେ ଶୋଇବା ସମୟରେ ରାଣୀ ଝିଅକୁ ଆଉଁସି ଦେଉ ଦେଉ ଧୀର ସ୍ୱରରେ କହିଲେ, "ପୁଚ୍ଛମା! ଉଭୟା ତୋ ପାଇଁ ଉପଯୁକ୍ତ ହେବ ନା?"

କନ୍ୟା ଆନନ୍ଦିତ ହୋଇ ମାଙ୍କୁ ବାହୁରେ ଭିଡ଼ି ଧରି ପଚାରିଲା, "ବାପା କଣ ରାଜି ହେବେ? ତାଙ୍କର ବି ତ ରାଜି ହେବା ଦରକାର?"

ରାଜମହଲର ସ୍ନେହମୟ ବାତାବରଣରେ ବଢ଼ିଥିବା ରାଜକୁମାରୀ ବ୍ୟବହାରରେ ପିଲା ହେଲେ ମଧ୍ୟ ପିତାଙ୍କ ଜୀବନ-ମାର୍ଗ, ବପବର ଦୁଷ୍ଟବୁଦ୍ଧି, ବୋପଣ୍ଣାଙ୍କର ଏବଂ ମାତାଙ୍କ ବ୍ୟବହାର-କୁଶଳତା ପ୍ରଭାବରେ ନିଜେ ଲୋକ-ବ୍ୟବହାର ନିପୁଣ ହୋଇଯାଇଥିଲେ। ପିତାଙ୍କ ପ୍ରତି ତାଙ୍କର ଅସୀମ ସ୍ନେହ ଥିଲା। ମାତାଙ୍କ ଛଡ଼ା ସେ ଆଉ କାହାରି ଦ୍ୱାରା ପ୍ରଭାବିତ ହୋଇ ନ ଥିଲେ। ପିତା ଅନ୍ୟାୟରେ ଦେଶର ଜନତା, ମନ୍ତ୍ରୀଗଣ, ଏପରିକି ନିଜ ପତ୍ନୀଙ୍କୁ ମଧ୍ୟ ବିରୋଧ କରୁଥିବାରୁ ତାର ଦୁଃଖ ହେବା ସଙ୍ଗେ ସଙ୍ଗେ ପିତାଙ୍କ ପ୍ରତି ଦୟା ମଧ୍ୟ ଆସୁଥିଲା। ମା ଉଚ୍ଚ ଆସନରେ ଥାଇ ମଧ୍ୟ ଯେ ଏତେ କଷ୍ଟ ସହ୍ୟ କରୁଛନ୍ତି ସେଥିଯୋଗୁଁ ତାର ମା'ଙ୍କ ପ୍ରତି ଦୟା ଓ ସମ୍ମାନ ଆସୁଥିଲା। ପିତା ଯେ ତାକୁ ଅତ୍ୟଧିକ ସ୍ନେହ କରନ୍ତି ତାହା ଜାଣିବା ସଙ୍ଗେ ସଙ୍ଗେ ତା'ଙ୍କୁ ଜଣାଥିଲା ଯେ ମାତା ଯେ କୌଣସି ପ୍ରସଙ୍ଗ ଉଠାନ୍ତୁ ନା କାହିଁକି ପିତା ତାର ବିରୋଧ କରିବେ। ଏହାଛଡା ଯୁବକଟି ବୋପଣ୍ଣାଙ୍କ ଭଣଜା। ବୋପଣ୍ଣା, ତାଙ୍କ କଥା ଓ ସମ୍ପର୍କୀୟମାନଙ୍କୁ ରାଜା ଆଦୌ ପସନ୍ଦ କରୁନଥିଲେ।

ଛୋଟ ଝିଅଟି ଯେ ଏହି ବିଷୟରେ ଏତେ ଗମ୍ଭୀରତା ପୂର୍ବକ ବିଚାର କରିଥିଲା ତା ନୁହେଁ। ଏହି ଧାରଣା ଅଜ୍ଞାତ ରୂପେ ତାଙ୍କ ମନରେ ଆସିଥିଲା। ସେ ଭଲରୂପେ ଜାଣିଥିଲା ଯେ ଏ ସମ୍ବନ୍ଧ ହେବା ସହଜ ନୁହେଁ। ରାଜକୁମାରୀଙ୍କ ମନକୁ ଯେଉଁ ଭାବନା ଆସିଥିଲା ରାଣୀ ଯେ ତା ଭାବୁ ନଥିଲେ ସେପରି ନୁହେଁ। ସେ କେବଳ ଏତିକି ଜାଣିବାକୁ ଚାହୁଁଥିଲେ ଯେ ଝିଅ ଯୁବକଟିକୁ ପସନ୍ଦ କରୁଛି ନାଁ ନାହିଁ। ଯଦି ତାର ପସନ୍ଦ ତେବେ ଚେଷ୍ଟା କରାଯିବ ଓ ଭଗବାନଙ୍କ ଦୟାରୁ ଯଦି ଏ ସମ୍ବନ୍ଧ ହୁଏ ତେବେ ତ ଖୁବ୍ ଭଲ ହେବ। ଝିଅର କଥା ଶୁଣି ସେ କଥା ସତ କହି ତାର ମୁଣ୍ଡ ଆଉଁସି, ପିଠି ଥାପୁଡାଇ ଝିଅକୁ ଶୋଇବାକୁ କହି ପାଖ ବିଛଣାରେ ଶୋଇ ପଡିଲେ।

ଏହାର କିଛିଦିନ ପରେ କୌଣସି କାରଣବଶତଃ ଲକ୍ଷ୍ମୀନାରାୟଣ ମହଲକୁ ଆସିବାରୁ ରାଣୀ ତାଙ୍କୁ ଭିତରକୁ ଡାକି କହିଲେ, "ପଣ୍ଡିତଜୀ, ଆପଣଙ୍କୁ ଏ ଘରର ଗୋଟିଏ ଉପକାର କରିବାକୁ ହେବ।"

"ଆପଣ ଯାହା ଆଜ୍ଞା ଦେବେ କରିବାକୁ ପ୍ରସ୍ତୁତ ଅଛି," ଉତ୍ତର ଦେଲେ ଲକ୍ଷ୍ମୀନାରାଣୟା।

ରାଣୀ ଉଭୟା ସମ୍ବନ୍ଧରେ ନିଜର ଇଚ୍ଛା ପ୍ରକାଶ କରି କହିଲେ, "ତରତରରେ କରିବା କାମ ଏହା ନୁହେଁ। ସମସ୍ତଙ୍କ ମନକଥା ଜାଣି ଶେଷରେ ମହାରାଜାଙ୍କୁ ପଚାରିବାକୁ ହେବ।

Digitized by srujanika@gmail.com

ପ୍ରଥମେ ବୋପଣ୍ଣାଙ୍କୁ ସ୍ୱୀକାର କରିବାକୁ ହେବ କିନ୍ତୁ ମୁଁ ପଚାରିଛି ବୋଲି ସେ ଯେପରି ନ ଜାଣନ୍ତି। ସେ କଣ କହୁଛନ୍ତି ଆପଣ ନିଜ ତରଫରୁ ପଚାରି ବୁଝନ୍ତୁ''

ଲକ୍ଷ୍ମୀନାରାୟଣୟା ଏଥିରେ ରାଜି ହେଲେ।

ପରେ ଯେତେବେଳେ ବୋପଣ୍ଣାଙ୍କ ସହ ତାଙ୍କର ଭେଟ ହେଲା ତାଙ୍କୁ ଡାକି ପଚାରିଲେ, ''ଆପଣଙ୍କ ଭଣଜା ବିବାହ ଯୋଗ୍ୟ ହେଲାଣି, ରାଜାଙ୍କ କନ୍ୟାସହ ଆପଣ ତାର ବିବାହ ଦେଇ ପାରନ୍ତି। ''ବୋପଣ୍ଣା ଉତ୍ତର ଦେଲେ'' ଏହା କଣ ମୋର ଉଠାଇବାର କଥା?।

ଭାବିନିଅନ୍ତୁ ଯେ ସେମାନେ ଉଠାଇଛନ୍ତି। ଆପଣଙ୍କ ମନକୁ ଏହା କିପରି ପାଉଛି''? ବୋପଣ୍ଣା ଓ ଲକ୍ଷ୍ମୀନାରାୟଣଙ୍କ ମନରେ ଏକ ପ୍ରକାର ବିଚାର ଥିଲା। ସେ ଲକ୍ଷ୍ମୀନାରାୟଣଙ୍କୁ ପଚାରିଲେ, ''ଏହା କଣ ରାଣୀମା'ଙ୍କୁ କହିବାକୁ ହେବ?''

ଲକ୍ଷ୍ମୀନାରାୟଣୟା ''ହଁ ତାହା ହିଁ ଧରିନିଅନ୍ତୁ''।

'ଧରିନିଅନ୍ତୁ' ଶବ୍ଦଟି ଏମାନଙ୍କ କଥାବାର୍ତ୍ତାରେ ଏକ ପ୍ରକାର ସଙ୍କେତ ହେଲା। ତାଙ୍କ ଉଦ୍ଦେଶ୍ୟ ଥିଲା ଯେ ରାଣୀଙ୍କୁ ଏହା ପରୋକ୍ଷ ଭାବେ ବୁଝାଇ ଦେବା ଉଚିତ।

ବୋପଣ୍ଣା' ''ଏହା ଲୋକମାନେ ପସନ୍ଦ କରିବେ ନାହିଁ। ଯଦି ପୁଅ ଲିଙ୍ଗାୟତ ହୁଏ ତେବେ ମୋର ଭଉଣୀ ଓ ଭିଣେଇ ପସନ୍ଦ କରିବେ ନାହିଁ। ଏ ରାଜପରିବାରର ସ୍ୱାମିଁ ହେବାକୁ କେହି ଚାହିଁବେ ନାହିଁ। ମଲ୍ଲପ୍ପା ଓ ଚେନ୍ନବସବର ଅବସ୍ଥା ଯାହା ହେଲା ତ ଜାଣନ୍ତି। ତୃତୀୟ ସ୍ୱାମିଁର ଅବସ୍ଥା କଣ ହେବ କେଜାଣି? କେହି ଏହା ଚାହାନ୍ତି ନାହିଁ।''

ଲକ୍ଷ୍ମୀନାରାୟଣ ୟା କଥାବାର୍ତ୍ତା ପରେ ପରଦିନ ରାଣୀଙ୍କ ନିକଟରେ ଏ ବିଷୟରେ ନିବେଦନ କଲେ। ରାଣୀ ଏ ପ୍ରସ୍ତାବକୁ କିଛି ସମୟ ପାଇଁ ସ୍ଥଗିତ ରଖିଲେ।

20

ରାଜମହଲରେ ଡାଲି-ଚାଉଳଠାରୁ ଆରମ୍ଭ କରି ହୀରା ମୋତି ପର୍ଯ୍ୟନ୍ତ ସବୁ କିଛି ପହଞ୍ଚାଇବା ମଡ୍‌କେରୀ ରାଜ୍ୟର ବର୍ତ୍ତକ ପେଟେର ଯଜମାନ ଚିକ୍କଣ୍ଣା ଶେଟ୍ଟୀର ଦାୟିତ୍ୱ ଥିଲା। ତାର ପୂର୍ବଜମାନେ ଚାରି ପୁରୁଷ ଧରି ଏଇ କାମ କରି ଆସୁଛନ୍ତି। ଦଶ ବର୍ଷ ପୂର୍ବେ ଚିକ୍କଣ୍ଣା ଯେତେବେଳେ ପରିବାରର ମୁଖିଆ ହେଲା ରାଜମହଲର ସେବା କରିବା ଭାର ତା ଉପରେ ପଡ଼ିଲା।

ରାଜମହଲରେ ଜିନିଷ ପହଞ୍ଚାଇବା କାର୍ଯ୍ୟ ଖୁବ୍ ଲାଭଦାୟକ ଓ ପ୍ରତିଷ୍ଠାପୂର୍ଣ୍ଣ ଥିଲା। ସମୟ ସମୟରେ ରାଜମହଲରେ ଅର୍ଥାଭାବ ହେଲେ ସେ ତା ମଧ୍ୟ ଯୋଗାଇ ଦେଉଥିଲା। ପରେ ସେ ସବୁ ଅର୍ଥ ଫେରି ପାଉଥିଲା। ଦୋଡ୍ଡବୀରରାଜଙ୍କ ସମୟରେ ମଧ୍ୟ ବର୍ତ୍ତକ ପେଟେର ଶେଟ୍ଟୀ ଏପରି କରି ତା ସେ ଫେରି ମଧ୍ୟ ପାଇଥିଲା। ଲିଙ୍ଗରାଜଙ୍କ ସମୟରେ ଏପରି ମଉକା ବେଶୀ ନ ହେଲେ ମଧ୍ୟ ଥରେ ଦୁଇଥର ଆସିଥିଲା। ଚିକ୍କଣ୍ଣା ଶେଟ୍ଟୀ ମହଲରୁ ଆସିବାକୁ ବିଳମ୍ବ ହେଲେ ମଧ୍ୟ ମାସ ମାସ ଧରି ସବୁ ଆବଶ୍ୟକ ସାମଗ୍ରୀ

Digitized by srujanika@gmail.com

ମହଲରେ ପହଞ୍ଚାଉଥିଲା । ଚିକ୍କବୀରରାଜଙ୍କ ସମୟରେ ଏପରି ମଉକା ବାରମ୍ବାର ମିଳିବାକୁ ଲାଗିଲା ।

ଏହାର ଅନେକ କାରଣ ଥିଲା । ଦେଶ ଓ ରାଜମହଲର ଭଣ୍ଡାର ଅଲଗା ଥିଲା । ବୋପଣ୍ଣା ଦେଶର ଭଣ୍ଡାରର ଯଜମାନ ଥିଲେ । ମହଲର ଖର୍ଚ୍ଚକୁ ଚାହିଁ ଭଣ୍ଡାରକୁ ଆବଶ୍ୟକ ଧନ ପଠାଇବାର ପ୍ରଥା ଥିଲା । ମହଲର କାର୍ଯ୍ୟ ହାତକୁ ଆସିବା ପରେ ବସବ ବୋପଣ୍ଣା ପଠାଉଥିବା ଧନ ପର୍ଯ୍ୟାପ୍ତ ନୁହେଁ ବୋଲି କହି ରାଜାଙ୍କ ନାମ ବ୍ୟବହାର କରି ମହଲର ଭଣ୍ଡାର ପାଇଁ ଭୃତ୍ୟମାନଙ୍କ ଦ୍ୱାରା ଜିନିଷ ମଗାଇବାକୁ ଲାଗିଲା । ବସବର ଭୃତ୍ୟମାନେ ଜିନିଷ ଯାଚିବାରୁ ବୋପଣ୍ଣାଙ୍କ ଲୋକମାନେ ଜିନିଷ ସବୁ ମହଲକୁ ଦେଇଦିଆ ଯାଇଛି ବୋଲି କହନ୍ତି । ଦେଲାବାଲାମାନେ କେତେ ଦେଇଛନ୍ତି ତାହା ସ୍ପଷ୍ଟ ରୂପେ ଜାଣିବା ପାଇଁ ବୋପଣ୍ଣାଙ୍କ ଲୋକମାନେ ରାଜମହଲରୁ ହିସାବ ଚାହିଁଲେ କିନ୍ତୁ ସେଠାରୁ କୌଣସି ସଠିକ ହିସାବ ମିଳିଲା ନାହିଁ । ଶହ ସ୍ଥାନରେ କୋଡ଼ିଏ ପହଞ୍ଚିବାରୁ ଦେଶ ତଥା ମହଲର ଭଣ୍ଡାର ଖାଲି ହେବାକୁ ଲାଗିଲା । ଅବସ୍ଥା ସମ୍ଭାଳିବା ପାଇଁ ବୋପଣ୍ଣାଙ୍କୁ ଅତି କମରେ ଦୁଇ ବର୍ଷ ଲାଗିଲା । ଶେଷରେ ଆଦେଶ ଦିଆଗଲା ଯେ ରାଜମହଲ ପାଇଁ ଯାହା ଅର୍ଥ ଆବଶ୍ୟକ ତାହା ବୋପଣ୍ଣାଙ୍କ ଅନୁମତି ନେଇ ଅଣାଯିବ ।

ମହଲରେ ଯଦି ସାମାନ୍ୟ ଜଗିରଖି ଖର୍ଚ୍ଚ କରା ଯାଇଥାଆନ୍ତା ତେବେ ଏ ପ୍ରଥା ଠିକ୍ ଚାଲିଥାଆନ୍ତା କିନ୍ତୁ ମହଲରେ ରାଜାଙ୍କ ନିଜ ଖର୍ଚ୍ଚ ସୀମାର ବାହାରକୁ ଚାଲିଯାଇ ଥିଲା । ତାଙ୍କର କୁକୁର ଓ ଘୋଡ଼ାଙ୍କ ସଂଖ୍ୟା ଏକରୁ ଚାରିକୁ ବଢ଼ିଲା । ରାଜାଙ୍କ କାମୁକ ଜୀବନ-ଯାପନ ଯୋଗୁଁ ସ୍ତ୍ରୀଲୋକ ଓ ସେମାନଙ୍କ ପରିବାରର ଭରଣ-ପୋଷଣର ଖର୍ଚ୍ଚ ଅନେକ ବୃଦ୍ଧି ପାଉଥିଲା । ଯୁବତୀମାନଙ୍କର ଏକ ଯୁଥ ଗଠନ କରିବା ସଙ୍ଗେ ସଙ୍ଗେ ଇଂରେଜମାନଙ୍କ ସଂସ୍ପର୍ଶରେ ଆସି ଫରାସୀ ମଦ ସେବନ କରିବାକୁ ଆରମ୍ଭ କରିଥିଲେ । ଇଂରେଜମାନଙ୍କୁ ମଡ଼କେରୀକୁ ନିମନ୍ତ୍ରଣ କରି ଭୋଜି ଦେବା, ଦାମିକା ମଦ ପିଇବା ଓ ସେମାନଙ୍କ ପରି ଲୁଗା ପିନ୍ଧିବା ତାଙ୍କ ଅଭ୍ୟାସରେ ପଡ଼ିଯାଇଥିଲା । ସେମାନଙ୍କ ଓ ନିଜର ଇଚ୍ଛା ପୂର୍ଣ୍ଣ କରିବା ପାଇଁ ସ୍ତ୍ରୀ-ପୁରୁଷ ମିଳି ନାଚିବାର ବ୍ୟବସ୍ଥା ମଧ୍ୟ କରିବାକୁ ପଡୁଥିଲା । ଏହି ସବୁ କାରଣ ବଶତଃ ତାଙ୍କର ଖର୍ଚ୍ଚ ଅନେକ ବଢ଼ି ଯାଇଥିଲା । ଇଂରେଜମାନଙ୍କ ମଧ୍ୟରେ କେତେକ ସମାଜର ଉଚ୍ଚ ଶ୍ରେଣୀର ହେଲେ ମଧ୍ୟ ସମସ୍ତେ ଏତେ ଉଚ୍ଚ ସ୍ତରର ବ୍ୟକ୍ତି ନଥିଲେ । ସେମାନଙ୍କ ମଧ୍ୟରୁ କେତେକ ସ୍ତ୍ରୀଲୋକ ରାଜାଙ୍କ ପ୍ରକୃତି ଜାଣି ତାଙ୍କ ସହ ବନ୍ଧୁତା କରି ମୁଦି, ଦାମୀ ଅଳଙ୍କାରମାନ ଠକି ନେଉଥିଲେ ।

ରାଜାଙ୍କ ଭଣ୍ଡାରରେ ଧନ କମିଯିବାର ଆଉ ଗୋଟିଏ କାରଣ ଥିଲା । ସେ ସମୟରେ ଦୋଡ଼ବୀରରାଜ ନିଜ କନ୍ୟା ନାମରେ କମ୍ପାନୀ ନିକଟରେ ସାତ ଲକ୍ଷ ଟଙ୍କା ଅମାନତ ଭାବରେ ରଖିଥିଲେ । ଦେବମ୍ମାଙ୍କୁ ଗଦୀରୁ ହଟାଇବା ସମୟରେ ଲିଙ୍ଗରାଜ ସେଥିରେ ହାତ ଦେଇ ନଥିଲେ । ଚିକ୍କବୀରରାଜ କିଛିଦିନ ପରେ ଏହାର ସୁଧ ନିଜ ପାଇଁ ବ୍ୟବହାର କରିବାକୁ ଆରମ୍ଭ କଲେ । ଦେବମ୍ମାଙ୍କର ଏଥିରେ ବାଧା ଦେବାର ଶକ୍ତି ନ ଥିଲେ ମଧ୍ୟ ବାଧା ଦେବାକୁ ଚେଷ୍ଟା କରିଥିଲେ । ବର୍ଷେ ଦୁଇବର୍ଷ ପରେ ସେ ମହାମାରୀରେ ପ୍ରାଣତ୍ୟାଗ କଲେ । ଲୋକମାନେ ଭାବିଲେ ଯେ ରାଜା ତାଙ୍କୁ ମରେଇ ଦେଇଛନ୍ତି । ସେ ଯାହା

Digitized by srujanika@gmail.com

ହେଉ, ସୁଧର ଅର୍ଥ ନିର୍ବିଘ୍ନରେ ତାଙ୍କୁ ମିଳିବାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ସେ ତାକୁ ଖର୍ଚ୍ଚ କଲେ। ତୃତୀୟ ବର୍ଷ ଏ ସମ୍ପତ୍ତି ଉପରେ ରାଜାଙ୍କର ଅଧିକାର ନାହିଁ ବୋଲି କହି କମ୍ପାନୀର ଅଧିକାରୀମାନେ ଏହା ଦେବାକୁ ନାସ୍ତି କରିଦେଲେ। ରାଜା କହିଲେ, "ବଡ ଭାଇର କନ୍ୟାର ପଇସା ଯଦି ସାନଭାଇ ଓ ତାଙ୍କ ପୁତ୍ରକୁ ନ ମିଳେ ଦେବେ କଣ କୋଉ ବାଟଗଲା ଲୋକକୁ ମିଳିବ?" ସେ ବାଦବିବାଦ, ପାଟିତୁଣ୍ଡ ଓ ପ୍ରାର୍ଥନା କଲେ ମଧ୍ୟ କମ୍ପାନୀ ଶୁଣିଲେ ନାହିଁ ସେମାନେ ମାମଲାକୁ ନ୍ୟାୟାଳୟକୁ ନେବାକୁ କହିଲେ। ଆପଣ ସେଠାରେ ଏହା ପ୍ରମାଣ କରିପାରିବେ ତେବେ ଆମେ ଆପଣଙ୍କ କଥା ମାନିବାକୁ ପ୍ରସ୍ତୁତ ଅଛୁ। ନ୍ୟାୟାଳୟ ବି ତ କମ୍ପାନୀର ଥିଲା। ସେଠାକୁ ମାମଲା ନେବେ କି ନାହିଁ ବିଚାର କରୁ କରୁ କିଛି ଦିନ ବିତିଗଲା। ଏ ମଧ୍ୟରେ ସୁଧର ପଇସା କମ୍ପାନୀ ତହବିଲ୍‌ରେ ବଢ଼ିବା ସଙ୍ଗେ ସଙ୍ଗେ ତାହାର ରୋଜଗାର ବି କମ ହେବାକୁ ଲାଗିଲା।

ରାଜାଙ୍କ ଇଛାନୁସାରେ ଚିକ୍କଣ୍ଣା ଶେଟ୍ଟୀ ଅନେକ ଥର ପଇସା ଦେଇଥିଲେ ମଧ୍ୟ ତାହା ଠିକ ସମୟରେ ଫେରସ୍ତ ମିଳିଲା ନାହିଁ। ବସବୟା ପୁନର୍ବାର ମାଗିବାରୁ ଶେଟ୍ଟୀ ଉତ୍ତର ଦେଲା, "ଏହା କିପରି ହେବ ବସବୟା ପଇସା କେଉଁଠୁ ଆଣି ଦେବି? ଯାହା ମୋ ନିକଟରେ ଥିଲା ସବୁ ରାଜାଙ୍କୁ ଦେଇ ସାରିଛି। ଆଉ କେଉଁଠୁ ଆଣିବି?

ବସବୟା: ଏହା ଖାଉନ୍ଦ ଓ ଆପଣଙ୍କର ନିଜ ଭିତର କଥା। ମୁଁ ବା କଣ କହିବି?"

ଚିକ୍କଣ୍ଣା ଶେଟ୍ଟୀ: 'ମୋ ତରଫରୁ ରାଜାଙ୍କୁ କହିବ ଯେ ମୁଁ ତାଙ୍କ ସହ ସାକ୍ଷାତ କରି ଯାହା ସେ କହିବେ କରିବି।"

ରାଜା କ୍ରୋଧରେ ତାଙ୍କୁ ଆଉ ଡକାଇ ପଠାଇଲେ ନାହିଁ। ଚିକ୍କଣ୍ଣା ଶେଟ୍ଟୀ ଚିନ୍ତାରେ ପଡିଲେ। ତାଙ୍କ କୁଳର ବିଶ୍ୱାସ ଥିଲା ଯେ ଗୁରୁ ଓ ରାଜାଙ୍କ ପରିବାର ସହ ଝଗଡା କରିବା ଉଚିତ ନୁହେଁ। ବର୍ତ୍ତମାନ ସେ ସେଇ ବିଶ୍ୱାସ ଭାଙ୍ଗିବାକୁ ହେବ ବୋଲି ତାଙ୍କର ଚିନ୍ତା ହେଉଥିଲା। ସେ ବୋପଣ୍ଣାଙ୍କ ନିକଟକୁ ଏହା କହି ପଠାଇଲେ।

ବୋପଣ୍ଣା କହିଲେ, "ନିୟମ ଅନୁସାରେ ଭଣ୍ଡାରରୁ ରାଜମହଲକୁ ଯାହା ପଠାଇବା କଥା ତାହା ଯଠାଯାଇଛି। ଆମେ ପଠାଇଥିବା ଧନ ପର୍ଯ୍ୟାପ୍ତ ନୁହେଁ ବୋଲି ଯେ ଆପଣଙ୍କୁ ଧନ ମାଗୁଛନ୍ତି ତା ନୁହେଁ, ଆମେ ଦେଇଥିବା ଧନ ସବୁ ଖଛ ହୋଇଯାଇଥିବାରୁ ଆପଣଙ୍କଠାରୁ ଧନ ଚାହୁଁଛନ୍ତି। ତାହା ମହଲରୁ ହିଁ ଆପଣଙ୍କୁ ଅସୁଲ କରିବାକୁ ହେବ।"

ଶେଟ୍ଟୀ ସହରର ବୟସ୍କ ସାହୁକାର ପାର୍ଶଣ୍ଣା, ରାମପ୍ପା, ସୁରପ୍ପାଙ୍କୁ ଡାକି କହିଲେ, "ଏଥର ଯେପରି ହେଲେ ଧନ ସାହାଯ୍ୟ କରିବା। ଭବିଷ୍ୟତରେ ଆଉ ଆମଦ୍ୱାରା ହୋଇପାରିବ ନାହିଁ ବୋଲି କହିଦେବା। ଆପଣମାନେ କଣ ଭାବୁଛନ୍ତି?" ଏମାନେ ସମସ୍ତେ ସାହୁକାର। ଏମାନେ ମଡ଼କେରୀରୁ ମାଙ୍ଗାଲୋର, ହାସନ ଆଦି ପ୍ରଦେଶମାନଙ୍କରେ ବେପାର କରି ଧନ କମାଇଛନ୍ତି। ପୁରୁଷ ପୁରୁଷ ଧରି ଏମାନେ ମଡ଼କେରୀରେ ବାସ କରି ଆସୁଛନ୍ତି। ରାଜାଙ୍କ ଉପରେ ଅସନ୍ତୁଷ୍ଟ ହୋଇ ଯାହା ହେଲେ ମଧ୍ୟ ସହରର ଯଜମାନଙ୍କ କଥା କିପରି ଏଡ଼େଇ ଦେବେ? ସେମାନେ ରାଜି ହୋଇ ପଇସା ଦେଲେ। ଚିକ୍କଣ୍ଣା ଶେଟ୍ଟୀ ସେ ଧନ ରାଜମହଲ ପଠାଇ ଅପେକ୍ଷା କରିବାକୁ ଲାଗିଲେ।

Digitized by srujanika@gmail.com

21

ଦୁର୍ଭାଗ୍ୟରୁ ରାଜମହଲରେ ଜିନିଷ ପହଞ୍ଚାଇବା ଓ ପଇସା ନେବାରେ ତାଙ୍କର କାର୍ଯ୍ୟ ଶେଷ ହେଲା ନାହିଁ। ସେଇ ବର୍ଷ ଆଉ ଗୋଟିଏ ବିପଦ ପଡ଼ିଲା

ଶେଟ୍ଟୀଙ୍କ ପରିବାର ବେଶ ବଡ଼ ଥିଲା। ତାଙ୍କର ସ୍ୱର୍ଗତଃ ବଡ଼ ଭାଇଙ୍କ ପୁଅ ବିଷୟରେ ପୂର୍ବରୁ ଉଲ୍ଲେଖ କରାଯାଇଥିଲା। ସାରା ପରିବାର ଗୋଟିଏ ଘରେ ରହୁଥିଲେ। ତାଙ୍କ ଛୋଟ ଭଉଣୀର ଝିଅର ବିବାହ ସେଇ ଯୁବକ ସହ ସମ୍ପନ୍ନ ହୋଇ ସାରିଥିଲା। ଏମାନେ ସମସ୍ତେ ଏଥର ଗଙ୍ଗାସ୍ନାନ ସମୟରେ କାବେରୀ ଯାଇଥିଲେ। ସେଇ ଝିଅଟି ମଧ୍ୟ ପରିବାର ସହ ଥିଲା।

ରାଜା ତାକୁ ସେଠାରେ ଦେଖିଲେ। ସେତେବେଳେ ସେ ଅଠର ବର୍ଷର ନବଯୁବତୀ, ଦେହ ତାର ସୁନାପରି ଚମକୁ ଥାଏ। ତା' ବିଷୟରେ ରାଜାଙ୍କର ଖୁବ କୌତୁହଳ ହେଲା। ସେ କିଏ ଓ କେଉଁ ଘରର ଝିଅ ଖବର ନେବାକୁ ବସବଙ୍କୁ କହିଲେ। ବସବ ଏ ସବୁ ବିଷୟରେ ଖୁବ ହୁସିଆର ଥିଲା। ଝିଅଟିକୁ ସେ ପୂର୍ବରୁ ଦେଖି ସାରିଥିଲା। ସେ ଚାହୁଁଥିଲା ଏ ଝିଅଟି ଯେମିତି ରାଜାଙ୍କ ନଜରରେ ନ ପଡୁ। ଯେ କୌଣସି ପ୍ରକାରରେ ଏହା ସେ ଶେଟ୍ଟୀଙ୍କୁ ସୂଚିତ କରିବାକୁ ଚାହୁଁଥିଲା କିନ୍ତୁ ଦୁର୍ଭାଗ୍ୟବଶତଃ ରାଜାଙ୍କ ନଜର ତା ଉପରେ ପଡ଼ିସାରିଥିଲା। ରାଜା ଯେତେବେଳେ ସେ ପ୍ରସଙ୍ଗ ଉଠାଇଲେ ବସବ କହିଲା, "ଚାରିଦିନ ଅପେକ୍ଷା କଲେ ଭଲ ହେବ ମହାରାଜ, ତା ଭିତରେ ମୁଁ ଖବର ନେଇଯିବି।"

ରାଜା: "ଭଲ ମନ୍ଦ ତୁ କ'ଣ ଜାଣୁ। ବେଶୀ କଥା ନ କହି ଯାହା କହୁଛି କର।"

ବସବ: "ସେ ସାହୁକାରଙ୍କ ବୋହୂ। ତା'ର କରଜ ସୁଝା ହୋଇନି ବୋଲି ସେ ଆଗରୁ ବିରକ୍ତ ହୋଇ ଅଛି। ବର୍ତ୍ତମାନ ଏ କଥା କହିଲେ ଠିକ୍ ହେବ ନାହିଁ।

ରାଜା: "ରାଣୀଙ୍କ ସେବା କରିବାକୁ ଝିଅଟିକୁ ମହଲକୁ ପଠାଇବାକୁ କହିବାରେ କ'ଣ ଦୋଷ ଅଛି।"

ବସବ: "ସେବାପାଇଁ ବା ଆଉ କିଛି କାରଣ ପାଇଁ ହେଉ ତାଙ୍କ ଲାଗି ଏକା କଥା ହେବ। ସେ ଜାଣନ୍ତି ଯେ ଏହା ରାଜାଙ୍କ ଇଚ୍ଛା। ଶେଟ୍ଟୀ ରାଜି ହେଲେ ପୁଅ ରାଜି ନ ହୋଇପାରେ, ଯଦି ସେମାନେ ତେବେ ତାର ମା ମାନିବେ ନାହିଁ, ଏମିତି ଭାବରେ କଥା ବଢ଼ିବ।"

ରାଜା: "ପଇସା ମାଗିବା ବିଷୟ ନେଇ ସେ ଆମ ନିକଟରେ ତାର ବଡ଼ପଣ ଓ ସାହୁକାରପଣ ଦେଖେଇଥିଲା। ସେତେବେଳର ଗର୍ବର ଫଳ ବର୍ତ୍ତମାନ ଭୋଗ କରିବାକୁ ଦିଅ। ଏକଥା ତାକୁ କହି ଲଜ୍ଜିତ କର।"

ବସବ ରାଜାଙ୍କୁ ବେଶୀକିଛି ବୁଝେଇବା ବା ଅକଲ ଶିଖାଇବା ଅବସ୍ଥାରେ ନ ଥିବାରୁ 'ଯେ ଆଜ୍ଞା' କହି ଶେଟ୍ଟୀ ନିକଟକୁ ଗଲା। ତାକୁ ଦେଖି ଶେଟ୍ଟୀ ପଇସା ମାଗିବାକୁ

Digitized by srujanika@gmail.com

ଆସିଛି ଭାବି ଆତଙ୍କିତ ହୋଇ ଏଥର କଣ କହିବ ବୋଲି ଭାବିବାକୁ ଲାଗିଲା। ଭିତରର ବ୍ୟାକୁଳତାକୁ ଲୁଚାଇ କହିଲା, ‘‘ଆସନ୍ତୁ ବସବୟା, ରାଜା ଭଲ ଅଛନ୍ତି ତ?’’

ବସବୟା: ‘‘ଭଲ ଅଛନ୍ତି। ବର୍ତ୍ତମାନ ମୁଁ ତାଙ୍କ ନିକଟରୁ ଆସିନାହିଁ। ରାଣୀମା ପଠାଇଥିବାରୁ ଆସିଛି।’’

‘‘ରାଣୀ ମା ପଠାଇଛନ୍ତି? କ’ଣ ଆଜ୍ଞା ଦେଇଛନ୍ତି?’’

‘‘ସେ ଚାହାନ୍ତି ଆପଣଙ୍କ ବୋହୂ ଆସି ଚାରିଦିନ ପାଇଁ ରାଜକୁମାରୀଙ୍କ ସହ ରାଜମହଲରେ ରହନ୍ତୁ।’’

ଶେଟ୍ଟୀ ଏହା ଶୁଣି ସ୍ତମ୍ଭିତ ହୋଇଗଲେ। ଏହାର ମାନେଟା କ’ଣ ସେ ଭଲ ରୂପେ ଜାଣିଥିଲେ। ସହରର ହେଉ ବା ଗାଁର ହେଉ, ଝିଅମାନଙ୍କ ବିଷୟରେ ରାଜା ଓ ତାଙ୍କ ଦୁଷ୍ଟ ମନ୍ତ୍ରୀଙ୍କର ପ୍ରକାରର ମତିଗତି ତାହା ସମସ୍ତେ ଜାଣନ୍ତି। କିନ୍ତୁ ରାଜମହଲ ସହ ସମ୍ପର୍କ ରଖୁଥିବା ପରିବାର ସହ ଆଜି ପର୍ଯ୍ୟନ୍ତ ଏପରି ବ୍ୟବହାର କରିନଥିଲେ। ଏହି ପରିବାରମାନଙ୍କ ମଧ୍ୟରେ ଶେଟ୍ଟୀଙ୍କ ପରିବାର ଅନ୍ୟତମ। ରାଜପରିବାର ସହ ଏହି ସମ୍ପର୍କ ଓ ତାଙ୍କ ବଡ଼ପଣ ବର୍ତ୍ତମାନ ତାଙ୍କୁ ରକ୍ଷା କରିପାରିବ ନାହିଁ ବୋଲି ଶେଟ୍ଟୀ ବୁଝିସାରିଥିଲେ। ଏ ବିପଦରୁ ସେ ଯେ ରକ୍ଷା ପାଇ ପାରିବେ ନାହିଁ ଏହା ଜାଣି ତାଙ୍କୁ ଆଶ୍ଚର୍ଯ୍ୟ ଲାଗିଲା!

ନିଜର ଭୟ ଓ ଆଶ୍ଚର୍ଯ୍ୟକୁ ଲୁଚାଇ ସେ କହିଲେ, ‘‘ଭଲ କଥା, ନିଶ୍ଚୟ ଆସିବ। ମୁଁ ନିଜେ ତାକୁ କହିବି।’’

ବସବ: ‘‘କାଲି ପଠାଇବେ ବୋଲି କହି ଦେବି?’’

ଶେଟ୍ଟୀ: ‘‘କାହିଁକି ନୁହେଁ? ମୁଁ ନିଜେ ଯାଇ କହିବି।’’

ବସବ ଫେରିଗଲା। ନିଜ ପତ୍ନୀଙ୍କୁ ଡାକି ଶେଟ୍ଟୀ କହିଲେ ଯେ ପୁଅ ଓ ବୋହୂଙ୍କୁ ଶୀଘ୍ର ଅରକଲଗୁଡ଼ ଯିବାକୁ ହେବ। ଦୁଇ ଘଣ୍ଟା ବିତିବା ପରେ ପୁଅ, ବୋହୂ ଓ ଦୁଇଜଣ ଭୃତ୍ୟ ଘୋଡ଼ା ଉପରେ ବସି ମଡ଼କେରୀରୁ ବାହାରିଲେ।

22

ସେହିଦିନ ସଂନ୍ଧ୍ୟାରେ ଚିକ୍କଣ୍ଣା ଶେଟ୍ଟୀ ରାଜମହଲରେ ପହଞ୍ଚାଇବା ପାଇଁ ଜିନିଷପତ୍ର ଧରି ରାଣୀ ଗୌରମ୍ମାଙ୍କ ସହ ସାକ୍ଷାତ କରିବାକୁ ଗଲେ। ସେଠାରେ ଯାଇ ରାଣୀ ସାହିବାଙ୍କ ସହ ଦେଖାକରିବାକୁ ଖବର ପଠେଇଲେ। ରାଣୀ ତାଙ୍କୁ ଡାକି ବସିବାକୁ ଆସନ ଦେଇ ପଚାରିଲେ, ‘‘କଣ ଖବର ଶେଟ୍ଟୀ ମହାଶୟ?’’

‘‘କିଛିଦିନ ପରେ ବାଙ୍ଗାଲୋରର ଇଂରେଜମାନଙ୍କୁ ଭୋଜି ଦିଆଯିବ। ଶୁଣୁଛି ସେଥିପାଇଁ କିଛି ଜିନିଷପତ୍ର ଆବଶ୍ୟକ। ଇଂରେଜମାନଙ୍କ ଭୋଜି ପାଇଁ ଜିନିଷପତ୍ର ବାଙ୍ଗାଲୋରରୁ ଅଣାଇବାକୁ ପଡ଼େ। ଟିକେ ଆଗରୁ ଜଣାଗଲେ ଜିନିଷ ମଗେଇବାକୁ ସୁବିଧା ହୁଅନ୍ତା। ଏହି କଥା କହିବାକୁ ଆସିଥିଲି।’’

Digitized by srujanika@gmail.com

ତାଙ୍କ କଥା କହିବାର ଢଙ୍ଗରୁ ରାଣୀ ବୁଝିପାରିଥିଲେ ଯେ ଶେଟ୍ଟୀ ପ୍ରକୃତରେ ସେହି ଉଦ୍ଦେଶ୍ୟରେ ଆସିନାହାନ୍ତି। ଆଶ୍ରିତ ଲୋକମାନେ ଭାବନ୍ତି ଯେ ସିଧା କଥା କହିବା ହେଉଛି ଅସଭ୍ୟତା। ସେମାନେ ଅନ୍ୟ ସବୁ ପ୍ରସଙ୍ଗରେ କଥାବାର୍ତ୍ତା କରି ତା ମଧ୍ୟରେ ନିଜ କଥା କହନ୍ତି। ରାଣୀ କହିଲେ, "ଠିକ୍ ଅଛି ବସବୟାକୁ ଖବର ପଠାଇବା।"

"ଭଲ କଥା ରାଣୀ ମା। ମୁଁ ଶୁଣିଲି ମୋ ଘରୁ କେହି ସ୍ତ୍ରୀ ଲୋକ ଆସି ଆପଣଙ୍କ ସେବା କରିବାକୁ ଆପଣ ଆଜ୍ଞା ଦେଇଛନ୍ତି। କି କାମ ଅଛି ଓ କାହାକୁ ପଠାଇବି ପଚାରିବା ପାଇଁ ଆସିଥିଲି।"

ରାଣୀ ତାହାର ଉଦ୍ଦେଶ୍ୟ ବୁଝିପାରିଲେ। ଏହା ରାଜମହଲ ପାଇଁ ଅନୀତି ହେବ। ନିଜ ମନକଥାକୁ ନ କହି ପତିଙ୍କ ମର୍ଯ୍ୟାଦା ରକ୍ଷା କରିବା ପାଇଁ ଏ ପରିସ୍ଥିତିକୁ ସମ୍ଭାଳିବାକୁ ପଡ଼ିବ।

"ପୁଟମ୍ମା ସହ ଖେଳିବାକୁ ଗୋଟିଏ ଝିଅ ଦରକାର ବୋଲି ମୁଁ କହିଥିଲି। ସେଇ କଥା ଆପଣଙ୍କ ନିକଟରେ ପହଞ୍ଚିଥିବ। ମୁଁ ଦରକାର ପଡ଼ିଲେ ପୁଣି ଖବର ପଠାଇବି। ସେ ପର୍ଯ୍ୟନ୍ତ କାହାରିକୁ ପଠାଇବା ଆବଶ୍ୟକ ନାହିଁ।"

"ଯେ ଆଜ୍ଞା, ରାଣୀ ମା!"

ଏହିପରି ନିଜେ ଆଣିଥିବା ଜିନିଷ ବିଷୟରେ କଥା ହେବାର ବାହାନା କରି ଶେଟ୍ଟୀ ସେଠାରୁ ଯିବାକୁ ବାହାରିଲେ।

ଦ୍ୱିତୀୟ ଦିନ ସେ କାହାରିକୁ ନ ପଠାଇବାରୁ ବସବୟା ତାଙ୍କ ଘରକୁ ଗଲା। ତା'ର ସ୍ୱାଗତ କରି ଶେଟ୍ଟୀ ଇଂରେଜ ମାନଙ୍କୁ ଦିଆଯାଉଥିବା ଭୋଜି ବିଷୟରେ ଏପରି କଥାବାର୍ତ୍ତା କଲେ ଯେପରିକି ଆଉ କୌଣସି ପୁରୁଣା କଥା ତାଙ୍କର ଆଦୌ ମନେ ନାହିଁ। ତା'ର ଉତ୍ତର ଦେଇ ସାରିବା ପରେ ବସବୟା ପଚାରିଲା, "ବୋହୂକୁ କେବେ ପଠାଇବେ?"

"ଗାଁରୁ ଆସିବା ମାତ୍ରେ ହିଁ ପଠାଇବି।"

"କେଉଁ ଗାଁରୁ ଆସିବ? କାଲିତ ଏଇଠି ଥିଲେ?"

"ଘରେ କିଏ ଅଛି ଓ ନ ଅଛି ଏହା କ'ଣ ସମସ୍ତଙ୍କୁ କୁହାଯାଇ ପାରେ ବସବୟା? ରାଣୀମା ଯେତେବେଳେ ପଠାଇବାକୁ କହିଛନ୍ତି ନିଶ୍ଚୟ ପଠାଇବି। କେବେ ପଠାଇବି ପଚାରିଲେ କହିବେ ଆସିଲେ ପଠାଇଦେବି।"

"ମତେ କ'ଣ ତେବେ ପରିଷ୍କାର ଭାବେ କହିବାକୁ ହେବ? ବୋହୂ ତାଙ୍କ ପରିବାରରେ ରହିବା ପାଇଁ ରାଜା ଆଜ୍ଞା ଦେଇଛନ୍ତି।"

"ତେବେ ତ ଏହା ଖୁବ୍ ସୌଭାଗ୍ୟର କଥା। ତାଙ୍କୁ ସୂଚିତ କରନ୍ତୁ ଯେ ପଠାଇଦେବି।"

"ଏହା ରାଣୀମା'ଙ୍କ କଥା ନୁହେଁ ବୋଲି ସ୍ପଷ୍ଟଭାବେ ବୁଝିଲୁ। ତାଙ୍କୁ ଏ ବିଷୟରେ କିଛି କହିବେ ନାହିଁ।"

"କାଲି କାହିଁକି ଏହା କହିଲ ନାହିଁ? ମୁଁ ରାଣୀମାଙ୍କୁ ଏ ବିଷୟରେ କହି ସାରିଛି।"

"ତାହେଲେ ଏହା ମହାରାଜାଙ୍କ ଆଜ୍ଞା ବୋଲି ଆପଣ ଜାଣି ନଥିଲେ।"

"ବସବୟା, ମୁଁ କେତେକ କଥା ବୁଝିପାରେ ଓ କେତେକ କଥା ବୁଝି ପାରେ ନାହିଁ। କ'ଣ ଜାଣିଛି, କ'ଣ ନ ଜାଣିଛି କହିଲେ ଆପଣଙ୍କର ଶୁଣିବାକୁ ସମୟ କାହିଁ? ମୋର

Digitized by srujanika@gmail.com

ମଧ୍ୟ କାମ ଅଛି। ମହାରାଜାଙ୍କ ସେବାରେ ଓ ଆପଣଙ୍କୁ ମୁଣ୍ଡ କୁଣ୍ଡାଇବାକୁ ମଧ୍ୟ ସମୟ ନାହିଁ। ମହାରାଜାଙ୍କ ଆଜ୍ଞା ପାଳନ କରିବା ଆମର କର୍ତ୍ତବ୍ୟ।''

ଶେଟ୍ଟୀ ବୋହୂକୁ ନ ପଠାଇଥିବାରୁ ରାଜା ସକାଳେ କ୍ରୋଧରେ ବସବଙ୍କୁ କହିଲେ, ''ତୁ କି ମନ୍ତ୍ରୀ ହୋଇଛୁରେ ଲେଙ୍ଗଡ଼ା ? ତୋ'ର ମନ୍ତ୍ରୀପଦ ବି ଲେଙ୍ଗଡ଼ଉଛି।'' ଶେଟ୍ଟୀର ଏ ସାହସ ଦେଖି ବସବ ମଧ୍ୟ ଆଶ୍ଚର୍ଯ୍ୟ ହେଲା। ରାଜାଙ୍କ ଆଜ୍ଞା ପାଳନ ନ କଲେ ମଡ଼କେରୀ ବଜାର ତ ଦୂରର କଥା, କୋଡ଼ଗର ଗୋଟିଏ କୋଣରେ ମଧ୍ୟ ରହିବା ଅସମ୍ଭବ ବୋଲି ଜାଣି ମଧ୍ୟ ଶେଟ୍ଟୀ ରାଜାଙ୍କ ଆଜ୍ଞାକୁ ଅବଜ୍ଞା କରିଥିବାରୁ ସେ ଯେ ଖୁବ୍ ଜିଦ୍‌ଖୋର ଏଥିରେ ସନ୍ଦେହ ରହିଲା ନାହିଁ।

ବସବର ମନରେ ଆଉ ଗୋଟିଏ ଚିନ୍ତା ଉଦ୍ରେକ ହେଲା। ସାଧାରଣ ରୂପେ ବିରୋଧ କରୁ ନଥିବା ବ୍ୟକ୍ତି ଯଦି ହଠାତ୍ ବିରୋଧ କରିବାକୁ ଆରମ୍ଭ କରେ ତେବେ ଦୁର୍ଭାଗ୍ୟର ସୀମା ରହିବ ନାହିଁ। ଜନତାର ଯେତେବେଳେ ସହିବାର ସୀମା ଟପିଯାଏ ସେତେବେଳେ ଏମିତି ବିରୋଧ କରିବାକୁ ଆରମ୍ଭ କରନ୍ତି। ଏମିତି ସମୟରେ ଆମକୁ ହିଁ ଲୋକଙ୍କୁ ସହ୍ୟ କରିବାକୁ ପଡ଼ିବ। ତା' ନ ହେଲେ ଖୋଲା ଖୋଲି ଭାବେ ଲଢ଼ିବାକୁ ପଡ଼ିବ। ଯାହାକିଛି ହେବ ତା'ର ମୁକାବିଲା କରିବାକୁ ପଡ଼ିବ।

ରାଜାଙ୍କୁ ''ଯା'ହେବ ଦେଖାଯିବ'' କହିବ ନାଁ ''ବର୍ତ୍ତମାନ ପାଇଁ ଚୁପ୍ ହୋଇ ରହ'' କହିବ ବସବ ଠିକ୍ କରି ପାରିଲା ନାହିଁ। ଏହାସବୁ ଶୁଣି ରାଜା ଯେ ଖୁବ୍ କ୍ରୋଧିତ ହେବେ ତାହା ଭାବି ଭାବି ବସବ ରାଜମହଲ ଫେରିଲା।

23

ଶେଟ୍ଟୀ କହିଥିବା ସବୁ କଥା ବସବ ଯେତେବେଳେ ରାଜାଙ୍କୁ କହିଲା ବୀରରାଜାଙ୍କର ଅସୀମ କ୍ରୋଧ ଆସିଲା। ରାଗିଯାଇ କହିଲେ, ''ଗଧ ! ମହଲରେ ସେବା କରିବାର ବାହାନା କରି ସେ ଝିଅ ସହରରେ ଅଛି କି ନାହିଁ ଖବର ନେବାର ଯୋଗ୍ୟତା ତୋ'ର ନାହିଁ।

''ଖବର ତ ଏତିକି ମଣିମା। ମୋଠାରୁ ଶୁଣି ଭୟରେ ଶେଟ୍ଟୀ ବୋହୂକୁ ଅନ୍ୟ ସ୍ଥାନକୁ ପଠାଇ ଦେଇଛି।''

''ସେ ଗଧ ପଠାଇଦେଲା ତ ତୁ କାହିଁକି ଯିବାକୁ ଦେଲୁ ଗଧ !''

''ପ୍ରକୃତରେ ମୁଁ ଗଧ ମହାରାଜା। ସେ ଏପରି କରିବ ବୋଲି ଭାବି ନଥିଲି।''

''ଭାବି ନଥିଲୁ ? ତେବେ ତୁ କି ମନ୍ତ୍ରୀ ? ଶେଟ୍ଟୀର ଫାନ୍ଦରେ ପାଦ ଦେଲୁ ତୁ। ମହଲର ଭାତ ଖାଇ ଖାଇ ତୋ ବୁଦ୍ଧି ମୋଟା ହୋଇଗଲାଣି।''

''ହଁ ମଣିମା, ଶେଟ୍ଟୀ ଘରର ଭାତ ବୁଦ୍ଧିକୁ ତେଜ କରାଏ।''

''ଏ ଲେଙ୍ଗଡ଼ା ! ମୁଁ ଯାହା କହିଥିଲି ତୁ ବି ବାଜେ କଥା କହି ମତେ ଭୁଲେଇ ପାରିବୁ ବୋଲି ଭାବନା। କାମ ବିଗାଡ଼ୁଛି ଯେତେବେଳେ ତାକୁ ପୁଣି ଠିକ୍‌କରି।''

''ଚେଷ୍ଟା କରିବି, ମଣିମା !''

Digitized by srujanika@gmail.com

''ଯାହା ହେଲେ ମଧ୍ୟ ଶେଟ୍ଟୀର ବହୁତ ସାହସ ହେଲାଣି। କାଲି ତାକୁ ଆସିବାକୁ କହ। ତା ସହ ଦୁଇ ପଦ କଥା ହେବାର ଅଛି।''

''ସେଥିପାଇଁ ଦୁଇ ଦିନ ଅପେକ୍ଷା କରିବା ଠିକ୍ ହେବ, ମଣିମା। କାଲି ଶେଷ କରିବାକୁ ଚାହିଁଲେ ସବୁ ବିଗିଡ଼ି ଯିବ।''

''ବେଶୀ କଥା ନ କହି ଯାହା ମୁଁ କହୁଛି କର। ତୋର ବୁଦ୍ଧି କେତେ ତାହା ଜଣାଗଲାଣି। ଖବରଦାର! ବୋହୁଟ ହାତରୁ ଖସିଗଲାଣି, ବୁଢ଼ା ଯେମିତି ଖସି ନ ଯାଏ''।

''ଯେ ଆଜ୍ଞା ମଣିମା''

ବସବ ଶେଟ୍ଟୀକୁ ଡ଼କାଇ ପଠାଇଲା। ''ଇଂରେଜଙ୍କ ଭୋଜି ବିଷୟରେ ମହାରାଜ ଆପଣଙ୍କ ସନ୍ଦ କଥା ହେବାକୁ ଚାହୁଁଛନ୍ତି। ବିଳମ୍ବ ନ କରି କାଲି ଯେମିତି ହେଲେ ଆସିବେ'' ବୋଲି ଯେତେବେଳେ ସେବକ କହିଲା ଶେଟ୍ଟୀ ବୁଝିପାରିଲେ ଯେ ବୋହୂ ବିଷୟରେ ହିଁ ରାଜା ଡ଼କାଇଛନ୍ତି। ରାଜାଙ୍କ ହାତରୁ କୌଣସି ଉପାୟରେ ଆସିବାର ଉପାୟ ନାହିଁ। ସ୍ପଷ୍ଟଭାବେ ସବୁ କହିବାକୁ ପଡ଼ିବ। ସେ ମନେ ମନେ ନିଷ୍ପତ୍ତି କରି ନେଲେ ଯେ ଏ କଥା ଠିକ୍ କରିବାକୁ ପଡ଼ିବ ନଚେତ ମଡ଼କେରୀରୁ ସବୁଦିନ ପାଇଁ ଚାଲିଯିବାକୁ ପଡ଼ିବ।

24

ଶେଟ୍ଟୀ ସହର ଛାଡ଼ି ଚାଲିଯିବା ଭୟରେ ବସବ ତାଙ୍କ ଚାରିଆଡ଼େ ଲୋକ ଜଗେଇଲା। ଯଦିଓ ସତର୍କ ରହିବାର ଆବଶ୍ୟକତା ଥିଲା ଶେଟ୍ଟୀ ଲୁଚି ପଳେଇବା ପାଇଁ ବିଚାର କରୁ ନଥିଲେ। ସେହି ରାତିରେ ଗୁପ୍ତଭାବେ ପାର୍ଶ୍ୱଣ୍ଣା, ରାମପ୍ପା ତଥା ସୁରପ୍ପା ସହ ସାକ୍ଷାତ କରି ନିଜ ସଂକଟ ବିଷୟରେ କହି, ପନ୍ତ୍ରୀଙ୍କୁ ସବୁ ବିଷୟ ବୁଝେଇ କହିଲେ। ତା'ପରେ ଗୃହ ଦେବତାଙ୍କ ନିକଟରେ ପ୍ରାର୍ଥନା କରି ପର ଦିନ ରାଜାଙ୍କ ସହ ସାକ୍ଷାତ କରିବାକୁ ଗଲେ।

ସବୁଦିନ ପରି ସେ ଦିନ ମଧ୍ୟ ରାଜା ମଦନିଶାରେ ମାତାଲ ହୋଇ ଥାଆନ୍ତି ଶେଟ୍ଟୀ ଆସି ହାତଯୋଡ଼ି ନମସ୍କାର କରିବାରୁ ସେ ପ୍ରତି ନମସ୍କାର ନ କରି କହିଲେ, ''ବସ, ଶେଟ୍ଟୀ''।

''ଆଜ୍ଞା ମଣିମା, ଇଂରେଜମାନଙ୍କ ଭୋଜିପାଇଁ ଜିନିଷ ମଗାଇବାକୁ ଆଜ୍ଞା ହୋଇଥିଲା। କି କି ଜିନିଷ ମଗାଇବାକୁ ହେବ ପଚାରିବାକୁ ଆସିଥିଲି।''

''ଏ ଶେଟ୍ଟୀ, ତୁ ମୋ ସାଙ୍ଗେ ଶେଟ୍ଟୀଗିରି କରୁଛୁ? ତୋତେ କ'ଣ ପାଇଁ ଡକାଇଛି ତୁ କ'ଣ ଜାଣିନାହୁଁ?''

''ଜାଣିଲେ ମଧ୍ୟ କହିବା ଠିକ୍ ନୁହେଁ ମଣିମା। ବଡ଼ଲୋକଙ୍କ ମନକଥା ସେମାନଙ୍କ ମୁହଁରୁ ଶୁଣିବା ଉଚିତ। ଅନ୍ୟଲୋକ କହିବା ଠିକ୍ ନୁହେଁ।''

''ତୋ ବୋହୂ କେଉଁଠି ଅଛି?''

''ଅରକଲଗୁଡ଼ ଯାଇଛି, ମହାରାଜ!''

Digitized by srujanika@gmail.com

"କେବେ ଗଲା ?"

"ପଅରିଦିନ !"

"ଏଠାରୁ ଖବର ମିଳିବା ପରେ ?"

"ଆଜ୍ଞା ହଁ ?"

"ତୋର ଏତେ ସାହସ ? ମୁଁ ଖବର ପଠାଇବା ପରେ ମଧ ତାକୁ ଏତେ ଦୂରକୁ ପଠାଇଦେଲୁ ?"

"ପଠେଇଦେବାର କି ଦରକାର ଥିଲା ମାଲିକ ? ମହଲରେ ତାକୁ କେତେଦିନ ରହିବାକୁ ପଡ଼ିଥାଆନ୍ତା ଠିକ୍ ନାହିଁ। ତେଣୁ ସେ ତାର ନିଜ ଲୋକଙ୍କ ସହ ଦେଖା କରିବାକୁ ଚାହିଁବାରୁ ମୁଁ ପଠାଇଲି।

"ତୋର ବାହାନାସବୁ କ'ଣ ମୁଁ ବୁଝିପାରୁନାହିଁ ଶେଟ୍ଟୀ?"

"ମାଲିକ, ବୁଝିପାରିବେ ନାହିଁ - ଏପରି କି କଥା ହୋଇପାରେ ? ବିକ୍ରୀ ହେଉଥିବା ଦାନାରେ ଶହେଟି ଭଲ ଦାନା ସହ ଦୁଇଟି ଖରାପ ଦାନା ମଧ ଥାଏ। ମୁହଁରୁ ବାହାରିଥିବା କଥା ମଧ୍ୟ ସେହିପରି। ତା ସହ ଗୋଟିଏ ଦୁଇଟି ବାହାନା ମଧ ଥାଏ। ଶୁଣିଲାବାଲାଙ୍କୁ ତାହା ମାନିବାକୁ ପଡ଼େ।"

"ତୁମେ ତେବେ ବୋହୂକୁ ଡକେଇବ ବୋଲି କହୁଛ ?"

"ସେଥିରେ କ'ଣ କ୍ଷତି ଅଛି? ରାଜକୁମାରୀ ପୁଟମ୍ମା ଏକୁଟିଆ ରହୁଛନ୍ତି। ତାଙ୍କୁ ଗୋଟିଏ ବଡ଼ଭଉଣୀ ମିଳିବ। ପୁଟମ୍ମାଜୀଙ୍କ ପରି ସେ ମଧ ଆପଣଙ୍କ ଝିଅ ହୋଇ ଘରେ ରହିବ। ଆପଣ କେବେହେଲେ ତାର ଅମଙ୍ଗଳ କରିବେ ନାହିଁ। ପୁଟମ୍ମାଜୀଙ୍କ ବଡ଼ ଭଉଣୀକୁ ଏଠାକୁ ପଠାଇ ମୁଁ ଶାନ୍ତିରେ ରହିବି।"

"ଏହା କ'ଣ ସତ !"

"ଏ କଥା ଯଦି ସତ ହୁଏ ତେବେ ମୁଁ ଶେଟ୍ଟୀ ଓ ଆପଣ ମାଲିକ। ନଚେତ ମୁଁ ଶେଟ୍ଟୀ ନୁହେଁ ନୁହେଁ କି ଆପଣ ମାଲିକ ନୁହନ୍ତି।"

"ଏଁ - ! - ମୁଁ ମାଲିକ ନୁହେଁ ?"

"ତା ନୁହେଁ ମହାରାଜ। ମହଲକୁ ଯେଉଁ ଯୁବତୀ ଝିଅ ଆସିବ, ସେ ଯଦି ରାଜାଙ୍କ କନ୍ୟା ପରି ରହେ ତ ଗାଁ ହେଉଛି ଗାଁ, ସହର ସହର, ଶେଟ୍ଟୀ ଶେଟ୍ଟୀ ଓ ମାଲିକ ମାଲିକ ହେବେ। ଯଦି ସେପରି ନ ରହେ ତ ଏସବୁ କିଛି ନୁହେଁ।"

"ଖୁବ୍ ଅଖାଡୁଆ କଥା କହୁଛ ଶେଟ୍ଟୀ। ମୋ ସହ ଏପରି ଶତ୍ରୁତା କରି ବର୍ତକ ପେଟେର ଶେଟ୍ଟୀ କ'ଣ ଜୀବନ ଧରି ରହିପାରେ?"

"ମୁଁ ଆପଣଙ୍କ ହାତରେ ମା' କୋଳର ପିଲା ପରି। ମା' ଛୁଆକୁ ଛାତିରେ ଲଗାଇ ଦୁଧ ପିଆଇଲେ ସେ ବଞ୍ଚିଯିବ। ଯଦି ବେକ ଯୋଡ଼ି ତଳେ ପକେଇଦିଏ ତ ଚିତ୍କାର କରି ମରିଯିବ। ଅନେକ ପୁରୁଷ ଧରି ରାଜାଙ୍କ ଆଶ୍ରୟରେ ରହି ଆମେ ବଢ଼ିଛୁ। ଯଦି ସେ ଛାୟା ନ ମିଳେ ତେବେ ସେ ଆଶ୍ରୟ ତଳେ ରହୁଥିବା ବ୍ୟକ୍ତିମାନେ ରୌଦ୍ରତାପରେ ଜଳିଯିବେ।"

"ଠିକ୍ ଅଛି। ଚାଲିବାକୁ ପ୍ରସ୍ତୁତ ହୋଇଯାଅ।"

Digitized by srujanika@gmail.com

"ହଁ ମାଲିକ, ମୁଁ ପ୍ରସ୍ତୁତ ହେବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ମଧ୍ୟ ପ୍ରସ୍ତୁତ ହେବାକୁ କହୁଛି।"

"ତେବେ ଜନତାକୁ ମୋ ବିରୁଦ୍ଧରେ ଠିଆ କରିବା ତୁମର ମତଲବ ?"

"ମୁଁ କ'ଣ ଠିଆ କରାଇବି ମାଲିକ ଆପଣ ନିଜେ ଠିଆ କରଉଛନ୍ତି। ମୁଁ ମୁହଁରୁ ଏପରି କଥା କୁହାଉଥିବା ଲୋକ କାହାକୁ ବଞ୍ଚିବାକୁ ଦେବେ। ଯେତେବେଳେ ଶହ ଶହଙ୍କ ଜୀବନ ନଷ୍ଟ ହେଉଛି ମୁଁ କେବଳ ନିଜ କଥା କାହିଁକି ଭାବିବି। ମୁଁ ନିଜ ବିଷୟରେ ଭାବୁ ଭାବୁ ଅନ୍ୟମାନଙ୍କ ଦୁଃଖ ଅନୁଭବ କରିପାରୁ ନଥିଲି। ଭଗବାନ ମତେ ଦୁଃଖ ଦେଇ ସବୁ ଅନୁଭବ କରିବାକୁ ଶିଖାଇଲେ। ଜଳାନ୍ତୁ ବା ପାଳନ୍ତୁ - ଯାହା କଲେ ବି ମୁଁ ଆପଣଙ୍କ ଆଶ୍ରିତ। ଯାହା ଦୁଃଖ ଆସିବ ସହିବି।"

ଏହି ସମୟରେ ବସବ ରାଜାଙ୍କ ନିକଟକୁ ଆସି କହିଲା, "ମହାରାଜ କ୍ଳାନ୍ତ ହୋଇ ପଡ଼ିଛନ୍ତି। ଶେଟ୍ଟୀ ପୁଣିଥରେ ଆସିବେ।"

ବୀରରାଜ ମଧ୍ୟ ଏତେ କଥା କହି ଥକିଯାଇଥିଲେ। ଶେଟ୍ଟୀ ପରି ନରମ ପ୍ରକୃତିର ଲୋକ ତାଙ୍କ ବିରୋଧ କରୁଥିବା ଜାଣି ତାଙ୍କ ସାହସ କମିଗଲା, ବସବ ମଝିରେ ଆସି ଏହା କହିବାରୁ ସେ ଖୁସି ହେଲେ। 'ଠିକ୍ ଅଛି' କହି ବାମ ହାତ ଉପରେ ମୁଣ୍ଡ ରଖି ବସିଲେ। ବସବ ଶେଟ୍ଟୀକୁ ଚାଲିଯିବା ପାଇଁ ଇଶାରା କଲା। ଶେଟ୍ଟୀ ରାଜାଙ୍କୁ ନମସ୍କାର କରି ଦ୍ୱାର ଆଡ଼କୁ ଯିବାକୁ ବାହାରିଲେ ମଧ୍ୟ ରାଜା ତାଙ୍କ ଆଡ଼କୁ ଦୃଷ୍ଟି ଉଠାଇ ଅନାଇଲେ ନାହିଁ।

25

ରାଜାଙ୍କ ସହ ଏତେ କଥା ହେଉଥିବା ସମୟରେ ତାଙ୍କ ସହ ଆଉ ମନ ମିଳିବ ନାହିଁ ବୋଲି ଯେ ଶେଟ୍ଟୀ ଭାବି ନେଇଥିଲେ ଏହା ବୋଲିବା ବାହୁଲ୍ୟ। ଦେଇଥିବା ଧନ ଫେରସ୍ତ ପାଇବାର ଆଶା ନାହିଁ। ଆଉ ଜିନିଷ ଓ ପଇସା ନ ଦେଇ ରାଜାଙ୍କ ସହ ସମ୍ପର୍କ ରଖିବା ସମ୍ଭବ ନୁହେଁ। ଯେତେ କଷ୍ଟରେ ଚଳାଇନେଲେ ମଧ୍ୟ ମାନ-ମର୍ଯ୍ୟାଦା ସୁରକ୍ଷିତ ରହିବା ସମ୍ଭବ ନୁହେଁ। ଏ ମହଲରେ ସାହୁକାରପଣ କରି ଆଉ ଲାଭ କ'ଣ ?

ଚିକ୍କଣ୍ଣା ଶେଟ୍ଟୀଙ୍କ ପଣଅଜା ଷାଠିଏ ବର୍ଷ ପୂର୍ବେ ଅରକଲଗୂଡ଼ରୁ ମଡ଼କେରୀ ଆସି ବାସ କରୁଥିଲେ। ସେ ସମୟରେ ମହୀଶୂର ଅବ୍ୟବସ୍ଥିତ ସ୍ଥିତିରେ ଥିଲା ଓ ମଡ଼କେରୀ ସୁରକ୍ଷିତ ଜଣାପଡୁଥିଲା। ତାଙ୍କ ପଣଅଜା ବୁଦ୍ଧିମାନ ବ୍ୟକ୍ତି ଥିବାରୁ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିଥିଲେ। ନିଜର ବିନୟଶୀଳ ସ୍ୱଭାବ ଯୋଗୁଁ ରାଜମହଲ ପର୍ଯ୍ୟନ୍ତ ପହଞ୍ଚିପାରିଥିଲେ। ମରିବା ସମୟରେ ପୁତ୍ର ପାଇଁ ସାମାନ୍ୟ କିଛି ସମ୍ପତ୍ତି ଓ ପ୍ରଚୁର ମାନସମ୍ମାନ ଛାଡ଼ି ଯାଇଥିଲେ। ପୁତ୍ର ମଧ୍ୟ ପିତାଙ୍କ ପଦଚିହ୍ନ ଅନୁସରଣ କରି ଲିଙ୍ଗରାଜଙ୍କ ସମୟରେ ବର୍ତ୍ତକ ପେଟେର ମୁଖିଆ ହୋଇପାରିଥିଲେ। ବେପାର ତାଙ୍କ ପୁତ୍ର ହାତରେ ଥିଲା। ବୀରରାଜ ରାଜା ହେବା ପର୍ଯ୍ୟନ୍ତ ପିତାପୁତ୍ର ଦୁହେଁ ଥିଲେ। ଚିକ୍କଣ୍ଣା ଶେଟ୍ଟୀ ଓ ତାଙ୍କ ଭାଇ ପଟେ

Digitized by srujanika@gmail.com

ମୁଖିଆ ହେଲେ । ନିକଟରେ ବଡ଼ଭାଇଙ୍କ ମୃତ୍ୟୁ ହୋଇଯାଇଥିବାରୁ ଘରର ସମ୍ମାନ ରକ୍ଷା ଭାର ତାଙ୍କ ଉପରେ ନ୍ୟସ୍ତ ହୋଇଥିଲା ।

ମଡ଼କେରୀରେ ଅନେକ କାଳଧରି ରହିବା ସତ୍ତ୍ୱେ ଅରକଲଗୁଡ଼ରୁ ଶେଟ୍ଟୀଙ୍କ ପରିବାରର ସମ୍ବନ୍ଧ କଟିଯାଇ ନଥିଲା । ବ୍ୟବସାୟ ଦୃଷ୍ଟିରୁ ନହେଲେ ମଧ୍ୟ ଝିଅ ଦେବାନେବା ଦ୍ୱାରା ସମ୍ପର୍କ ଅତୁଟ ରହିଥିଲା । ଏହି ପରିବାର ପାଇଁ ଅରକଲଗୁଡ଼ ଦୋହରା ଘର ପରି ଥିଲା । ମଡ଼କେରୀ ଛାଡ଼ିବାକୁ ପଡ଼ିବ ବୋଲି ଏହା ପୂର୍ବରୁ ଶେଟ୍ଟୀ କେବେହେଲେ ଭାବି ନଥିଲେ । ପୁଅ-ବୋହୂଙ୍କୁ ଅରକଲଗୁଡ଼ ପଠାଇବା ସମୟରେ ମଡ଼କେରୀ ହୁଏତ ଛାଡ଼ିବାକୁ ପଡ଼ିପାରେ ବୋଲି ତାଙ୍କ ମନରେ ଶଙ୍କା ଉଠିଥିଲା । ଆଜି ରାଜାଙ୍କ ସହ ବାଦ-ବିବାଦ ହେବାରୁ ଏ ଶଙ୍କା ପୁଣି ତାଙ୍କ ମନରେ ଉତ୍ପନ୍ନ ହୋଇଥିଲା ଓ ସେ ମଡ଼କେରୀ ଛାଡ଼ିବା ବିଷୟରେ ନିଶ୍ଚିତ ହୋଇଗଲେ ।

ସେ ଭାବିଲେ- ରାଜାଙ୍କ ସହ ଏତେ କଥା ହୋଇଯିବା ପରେ ସେ କ'ଣ ମୋତେ ଛାଡ଼ିବେ ? ରାଜାଙ୍କ ମନରେ ଯାହା ଥାଉନା କାହିଁକି ଲେଙ୍ଗଡ଼ା ଦୁଷ୍ଟତାର ମୂର୍ତ୍ତି ରୂପେ ତାଙ୍କ ନିକଟରେ ଦଣ୍ଡାୟମାନ ହୋଇଛି । ସେ କ'ଣ ମୋତେ ଛାଡ଼ିବ ? କଥା ହେବାର ଥିଲା ହେଲି । କିନ୍ତୁ ଏହା ଶେଷ ହେବ ବୋଲି ମନେ ହେଉ ନାହିଁ । ଭଗବାନ ମୋ ଦ୍ୱାରା କୁହାଇବାରୁ ମୁଁ କହିଲି, ବର୍ତ୍ତମାନ ଏହାର ପରିଣାମରୁ କିପରି ରକ୍ଷା ପାଇ ହେବ ତାହା ହେଉଛି ଚିନ୍ତା । ସଙ୍କଟରେ ପକାଉଥିବା ଭଗବାନ ହିଁ ସେଥିରୁ ଉଦ୍ଧାର କରିବେ ।

ସବୁ ଭାବି ଚିନ୍ତି ବୋପଣ୍ଣାଙ୍କୁ ସବୁ ବିଷୟ କହି ରାସ୍ତା ଠିକ୍ କରିବାକୁ ଶେଟ୍ଟୀ ମନେ ମନେ ନିଷ୍ପୟ କଲେ । ଘରକୁ ଯିବା ସମୟରେ ଟିକେ ଆଗକୁ ଯାଇ ଦୁଇଟି ଗଳୀ ଅତିକ୍ରମ କରି ବୋପଣ୍ଣାଙ୍କ ଘରକୁ ଗଲେ ।

ବୋପଣ୍ଣାଙ୍କର ଶେଟ୍ଟୀଙ୍କ ସହ ଭଲ ପରିଚୟ ଥିଲା ଓ ସେ ଧନାଢ୍ୟ ବ୍ୟକ୍ତି ଥିଲେ । ତାଙ୍କ ବ୍ୟବସାୟର ସମସ୍ତ କାମ ଶେଟ୍ଟୀଙ୍କ ଦ୍ୱାରା ସମ୍ପନ୍ନ ହେଉଥିଲା । ଏହା ଛଡ଼ା ବୋପଣ୍ଣା ଖୁବ୍ ବଡ଼ ବନ୍ଧୁବାନ୍ଧବବାଲା ଥିଲେ । ସେ ସବୁ ସମ୍ପର୍କୀୟଙ୍କ ବସ୍ତ୍ରାଭୂଷଣ ଶେଟ୍ଟୀଦ୍ୱାରା ହିଁ କିଣା ହେଉଥିଲା । ଶେଟ୍ଟୀ ଓ ବୋପଣ୍ଣା ଉଭୟେ ସତ୍‌ପଥରେ ଚାଲି ଆନନ୍ଦ ଅନୁଭବ କରୁଥିଲେ । ଏହି କାରଣରୁ ଉଭୟେ ପରସ୍ପରକୁ ସ୍ନେହ ଓ ସମ୍ମାନର ଚକ୍ଷୁରେ ଦେଖୁଥିଲେ ।

ଶେଟ୍ଟୀ ଆସିବା ଖବର ପାଇ ବୋପଣ୍ଣା ଦ୍ୱାରା ପର୍ଯ୍ୟନ୍ତ ଆସିଲେ । ସ୍ନେହପୂର୍ବକ ଭିତରକୁ ନେଇ ଥଟ୍ଟା କରି କହିଲେ, "ମୋର କେତେ ଲାଭ ହେଲା କହନ୍ତୁ, ଧାନ ହିସାବ ଖାତାରେ ଆପଣ ମୋ ପାଇଁ କେତେ ରିହାତି ଦେବେ ?"

"ଘର ଛାଡ଼ି ସବୁ ଏକାଠି କରି ଯିବାର ସମୟ ଆସିଗଲାଣି । ବନ୍ଧୁଙ୍କ ନିକଟକୁ ତାହା ହିଁ କହିବାକୁ ଆସିଛି । ତାଙ୍କ ରୂପରେ ଭଗବାନ ମୋର ରକ୍ଷା କରିବେ ବୋଲି ଆଶା କରୁଛି ।"

"ଆରେ ! ଏ କ'ଣ କହୁଛନ୍ତି ଆପଣ ? ରାଜା ବା ଲେଙ୍ଗଡ଼ା କିଛି କରିଛନ୍ତି କି ?"

"ରାଜା ହିଁ କରିଛନ୍ତି । ଲେଙ୍ଗଡ଼ା ତ ତାଙ୍କ ହାତର ଖେଳନା । ଶହ ଶହ ଘରର ଇଜ୍ଜତ୍ ନେଇ ସାରିଲେଣି । କାଲି ମୋ ଘର ତାଙ୍କ ଲକ୍ଷ ଥିଲା । ମୁଁ ତାହା ମାନିବାକୁ

Digitized by srujanika@gmail.com

ରାଜି ନ ହେବାରୁ ମତେ ସାକ୍ଷାତ କରିବାକୁ ଡକାଇଥିଲେ। କିଛି କ୍ଷଣ ପୂର୍ବରୁ ସେଠାକୁ ଯାଇଥିଲି। ମୋ ସାଙ୍ଗେ କୁକୁରଠାରୁ ମଧ୍ୟ ଖରାପ ବ୍ୟବହାରକଲେ। ମଡ଼କେରୀରେ ଆଉ ରହିବା ଉଚିତ ନୁହେଁ। ବଞ୍ଚି ରହିବାକୁ ଦେବେ କି ନାହିଁ ମୋର ସନ୍ଦେହ ହେଉଥିଲା। ଭୟରେ ମୋର ବୁଦ୍ଧି ନଷ୍ଟ ହୋଇ ଯାଇଥିଲା ଓ ମୁଁ ମଧ୍ୟ କଟୁକଥା କହିଦେଲି।''

''ଆପଣଙ୍କ ଘରର ଇଜ୍ଜତ ଉପରେ ହସ୍ତକ୍ଷେପ କରିବାର ଉଦ୍ଦେଶ୍ୟ କ'ଣ ?''

ଶେଟୀ ସଂକୋଚ ନ କରି ଯାହା ସବୁ ହୋଇଥିଲା ସବୁ ଖୋଲିକରି କହିଲେ। ନିଜେ କହିଥିବା କଥା ମଧ୍ୟ କହିଲେ। ''ମୋ ବ୍ୟବହାର ଯେ ଠିକ୍ ଥିଲା ଏହା ମୁଁ କହୁନାହିଁ, ଯଦି ମୋ କଥା ଠିକ୍ ଥିଲା ବୋଲି ଭାବୁଛନ୍ତି ତ ଖୁସିର କଥା। ଯଦି ନଥିଲା ତେବେ ମୋର ଦୋଷ କ୍ଷମା କରି ଆଶ୍ରୟ ଦିଅନ୍ତୁ। ନିଜ ପାଇଁ ମୋର ଚିନ୍ତା ନାହିଁ କିନ୍ତୁ ପିଲାମାନଙ୍କର କୌଣସି ହାନି ହେବା ଉଚିତ ନୁହେଁ। ଘର ଦ୍ୱାର ଛାଡ଼ିବାକୁ ହେଲେ ମଧ୍ୟ ଚିନ୍ତା ନାହିଁ। ଆପଣ ଭାବିଚିନ୍ତି ଯାହା ଠିକ୍ ଭାବୁଛନ୍ତି କହନ୍ତୁ।

26

ଶେଟୀଙ୍କ କାହାଣୀ ଶୁଣି ବୋପଣ୍ଣାଙ୍କ ଛାତି ଥରି ଉଠିଲା। ରାଜାଙ୍କ ଉପରେ ସେ ଅନେକ ଦିନଠାରୁ ଅସନ୍ତୁଷ୍ଟ ଥିଲେ। ପ୍ରକୃତରେ ତାଙ୍କର ରାଜା ହେବାଟା ହିଁ ବୋପଣ୍ଣାଙ୍କ ଇଚ୍ଛା ବିରୁଦ୍ଧ ଥିଲା। କିନ୍ତୁ ବାର ବର୍ଷ ପୂର୍ବେ ଲିଙ୍ଗରାଜ ତାଙ୍କ ମୃତ୍ୟୁ ପୂର୍ବରୁ ସବୁ ଗୁରୁଜନଙ୍କୁ ଏକତ୍ରିତ କରି ପୁତ୍ରକୁ ରାଜା କରିବା ପାଇଁ ରାଜି କରାଇ ନେଇଥିଲେ। ବହୁମତର ବିରୋଧ ନ କରି ବୋପଣ୍ଣା ମଧ୍ୟ ଏଥିରେ ସହମତ ହେଲେ। ରାଜାଙ୍କ ଅତ୍ୟାଚାର ଓ ଉପଦ୍ରବ ବଢ଼ି ଚାଲିଥିବାରୁ ବୋପଣ୍ଣାଙ୍କୁ ବାରମ୍ବାର ତାଙ୍କ ସହ ଲଢ଼ିବାକୁ ପଡ଼ିଲା, ସେଥିପାଇଁ ମନ୍ତ୍ରୀ ରାଜାଙ୍କ ପ୍ରତିପକ୍ଷ ବୋଲି ଚାରିଆଡ଼େ ବ୍ୟାପି ଗଲା। ଶେଟୀଙ୍କ କଥା ଶୁଣି ତାଙ୍କର ମନେ ହେଲା ରାଜାଙ୍କର ଆଉ ରାଜା ହୋଇ ରହିବା ଉଚିତ ନୁହେଁ।

କିଛି କ୍ଷଣ ଚୁପ ରହି ଶେଟୀଙ୍କୁ କହିଲେ, ''ମୋର ଯାହା କହିବାର ଅଛି କିଛି ସମୟ ପରେ କହିବି। ଆପଣ କ'ଣ ଭାବୁଛନ୍ତି କହନ୍ତୁ। ଯାହା ମନରେ ଆସୁଛି କହିବାକୁ ପଛାନ୍ତୁ ନାହିଁ। ମୋର ପ୍ରାଣ ଯିବ ପଛେ, କିନ୍ତୁ ଆପଣଙ୍କର ସଙ୍କଟ ଦେଖି ପାରିବି ନାହିଁ। ମୁଁ କଥା ଦଉଛି।''

ଏହା କହି ନିଜ ହାତ ଆଗକୁ ବଢ଼ାଇବାରୁ ଶେଟୀ ମଧ୍ୟ ନିଜ ହାତ ତାଙ୍କ ହାତ ଉପରେ ରଖି କହିଲେ, ''ମୁଁ ଏଠାକୁ ଆସିବା ସମୟରେ କ'ଣ ଭାବୁଥିଲି ଆପଣଙ୍କୁ କହୁଛି। ଆପଣ ସାହସ ଦେଇଛନ୍ତି, ଆଉ କାହିଁକି ସଙ୍କୋଚ କରିବି ?''

''କହନ୍ତୁ''

''ମୁଁ ତ ଡୁବିଗଲି। ବଜାରର ଚାରିଜଣ ସାହୁକାରଙ୍କ ଠାରୁ ପଇସା ନେଇ ମହଲର ସେବା କରିଥିଲି। ପାର୍ଶଣ୍ଣା, ରାମପ୍ପା, ସୁରପ୍ପା ଏକ ଲକ୍ଷରୁ ବି ଅଧିକ ଧନ ମୋତେ ଦେଇଛନ୍ତି। ସେ ଧନ ଯେ ରାଜାଙ୍କ ପାଇଁ ତାହା ସେମାନେ ଜାଣନ୍ତି। କିନ୍ତୁ ସେ ଧନ

Digitized by srujanika@gmail.com

ମୋ ଦାୟିତ୍ୱରେ ଦିଆଯାଇଥିବାରୁ ତାହା ମତେ ସୁଝିବାକୁ ପଡ଼ିବ। ବର୍ତ୍ତମାନ ଘରକୁଯାଇ ସେମାନଙ୍କୁ ଡାକି ପରିସ୍ଥିତି ବୁଝାଇ ଯେତେ ମୋର ଶକ୍ତି ଦେଇଦେବି। ବାକିତକ ପରେ ସୁଝାଇ ଋଣମୁକ୍ତ ହେବି। ଘରଲୋକମାନଙ୍କୁ ଅରକଲଗୁଡ଼ ପଠାଇବାର ବ୍ୟବସ୍ଥା କରିବି। ବର୍ତ୍ତମାନ ପାଇଁ ମୁଁ ଏହା ହିଁ ବିଚାର କରୁଛି।''

''ଆଉ ଆପଣ ?''

''ମୋର ମଧ୍ୟ ଯିବା କଥା, କିନ୍ତୁ ରାଜା ମତେ ଯିବାକୁ ଦେବେ ନାହିଁ। ସେଥିପାଇଁ ମୋତେ ଏହିଠାରେ ରହି ଯାହା ଭାଗ୍ୟରେ ଥିବ ଭୋଗିବାକୁ ହେବ।''

''ଆପଣଙ୍କ ଏ କଥା କ'ଣ ଠିକ୍ ଶେଟୀ ମହାଶୟ ? ଆଣଙ୍କର ଯାହା ହେଉନା କାହିଁକି ଘରଲୋକଙ୍କୁ ତ ରକ୍ଷା କରି ପାରିବେ। ବର୍ଟକ ପେଟେରା ହଜାର ହଜାର ଲୋକଙ୍କର କ'ଣ ହେବ ? ଆପଣ ହେଉଛନ୍ତି ମୁଖିଆ, ଏମାନଙ୍କୁ କୌଣସି ରାସ୍ତା ବତାଇବେ ନାହିଁ ?''

''କେଉଁ ରାସ୍ତା ବୋପଣ୍ଣା ? ବାଡ଼ି ଯେତେବେଳେ କ୍ଷେତକୁ ଖାଇବ ଓ କ୍ଷେତ ବିଚରା କ'ଣ ଖାଇ ବଞ୍ଚିବ ?''

''କ୍ଷେତ ବାଡ଼ିକୁ ମନା କରିବା ଉଚିତ।''

''ଆପଣ ଏପରି କଥା କହିପାରନ୍ତି। ଆମେ କ'ଣ ଏପରି କହି ପାରିବୁ ବୋପଣ୍ଣା ?''

''ନ କହିଲେ ବଞ୍ଚିବେ କିପରି ? ବର୍ଟକ ପେଟେରେ ଲୋକମାନେ କ'ଣ କହୁଛନ୍ତି ପଚାରି ବୁଝନ୍ତୁ। ସେମାନେ ଯଦି ଏ ରାଜାଙ୍କୁ ଚାହାନ୍ତି ନାହିଁ ତେବେ କହନ୍ତୁ।''

''କହିବି ?''

''ଲୋକମାନେ ଯଦି ନିଜର ମନ କଥା କହନ୍ତି ତେବେ ରାଜାଙ୍କୁ ବାଧ୍ୟ ହୋଇ ବିଚାର କରିବାକୁପଡ଼ିବ। '' ଏ ସବୁ ବିଷୟରେ ଯାଞ୍ଚ ନ କରି ଆପଣଙ୍କର ଜିନିଷପତ୍ର ଧରି ଅରକଲଗୁଡ଼ ଚାଲିଯିବାଟାମୋ ମନକୁ ପାଉନାହିଁ।'' ସାପକୁ ଘରେ ପଶିବାର ଦେଖି ଆଉଗୋଟିଏ ଘର ଖୋଳିବା କ'ଣ ବୁଦ୍ଧିମାନର କାର୍ଯ୍ୟ ? ତାକୁ ବାହାର କରିବାକୁ, ମନ୍ତ୍ର କରି ଧରେଇବାକୁ ବା ଆଉ କିଛି କରେଇବାକୁ ପଡ଼ିବ। ନଚେତ ଘଉଡ଼େଇ ଦେବା ବା ମାରିଦେବା ଉଚିତ। ଏହା ଭିତରୁ କିଛି ଗୋଟାଏ ତ କରିବାକୁ ପଡ଼ିବ। ଅପଣ ଚାଲିଯିବାପାଇଁ ଅରକଲଗୁଡ଼ ଅଛି କିନ୍ତୁ ଆମପାଇଁ କେଉଁ ଯାଗା ଅଛି ଶେଟୀ ମହାଶୟ।

''ଆପଣଙ୍କର କ୍ଷତି କରିବାର ସାହସ କାହାର ଅଛି ? ମତେ ଯେଉଁ କଥା କହିଛନ୍ତି ସେ କଥା କ'ଣ ମହାରାଜ ଆପଣଙ୍କୁ କହି ପାରିବେ ?''

''ଛାତି ପର୍ଯ୍ୟନ୍ତ ପହଞ୍ଚିଥିବା ବିଷ କ'ଣ ଗଳାକୁ ପହଞ୍ଚି ପାରିବ ନାହିଁ ? ଗଳାକୁ ଧରିଲେ କ'ଣ ମୁଣ୍ଡ ଉପରକୁ ଚଢ଼ି ପାରିବ ନାହିଁ ? ଯଦି ବୁଦ୍ଧି ଥାଆନ୍ତା ତେବେ ଏ ଝିଅ କିଏ ଓ ସେ ଝିଅ କିଏ, ନିଜର କିଏ, ପର କିଏ, ଏ ସବୁର ଜ୍ଞାନ ଥାଆନ୍ତା। ବୁଦ୍ଧିଭ୍ରଂଶ ହୋଇଥିଲେ ମା ଓ ବେଶ୍ୟା ମଧ୍ୟରେ ପାର୍ଥକ୍ୟ ଜଣା ପଡ଼େ ନାହିଁ। 'ଯେଉଁ ରାଜାର ବୁଦ୍ଧି ଠିକ୍ ନାହିଁ ତା ପାଇଁ ଶେଟୀ ଓ ମନ୍ତ୍ରୀ ମଧ୍ୟରେ ପ୍ରଭେଦ କ'ଣ ? ଆଜି ଯାହା ଆପଣଙ୍କ ସହ ହେଲା କାଲି ଆମ ସହ ତାହା ହୋଇପାରେ, ମୁଁ କିନ୍ତୁ ଦେଶତ୍ୟାଗ କରି ପାରିବି ନାହିଁ। ମଡ଼କେରୀ ଉପରେ ରାଜା ଓ ଆମର ସମାନ ଅଧିକାର। ଆମେ କ'ଣ କରିବୁ। ଆମକୁ ଏହିଠାରେ ରହିବାକୁ ହେବ, ତା' ଛଡ଼ା ଦ୍ୱିତୀୟ ସ୍ଥାନ ନାହିଁ।''

Digitized by srujanika@gmail.com

"ଯଦି ଆପଣ ଏହା କରିବାକୁ କହୁଛନ୍ତି ତେବେ ନିଶ୍ଚୟ କରିବି। ସମସ୍ତଙ୍କର କି ବିଚାର ଏହାବୁଝି ଆପଣଙ୍କୁ ଜଣାଇବି।"

"ତାହା ହିଁ କରନ୍ତୁ। ସମସ୍ତଙ୍କ ସହ ବିଚାର-ବିମର୍ଷ କରି ସେମାନଙ୍କ ରାୟ ମତେ କହନ୍ତୁ। ତା' ପରେ କ'ଣ କରାଯିବ ଭାବିବା।"

ଶେଟୀ କ'ଣ ଭାବି କହିଲେ, "ଠିକ୍ କଥା ବୋପଣ୍ଣା ମହାଶୟ, ତାହା ହିଁ କରିବି। ଆଜି କି କାଲି ମଧ୍ୟରେ ଆପଣଙ୍କ ସହ ପୁଣି ସାକ୍ଷାତ କରିବି।"

ବୋପଣ୍ଣାଙ୍କର ମନେ ହେଲା ଏହା ଦେଶର ଜୀବନର ଏକ ସନ୍ଧିସ୍ଥଳ। ଗମ୍ଭୀରତା ସହକାରେ ସେ କହିଲେ, "ଠିକ୍ ଅଛି, ଶେଟୀ ମହାଶୟ।" ତାଙ୍କଠାରୁ ବିଦାୟ ନେଇ ଶେଟୀ ନିଜ ଘର ଆଡ଼େ ଗଲେ।

27

ଘରକୁ ଆସି ଶେଟୀ ପାର୍ଶଣ୍ଣାକୁ ଡ଼କାଇ ପଠାଇଲେ। ତାଙ୍କୁ ସବୁକଥା କହି ଆମେ କ'ଣ କରିବାକୁ ହେବ ପଚାରିବା ସଙ୍ଗେ ସଙ୍ଗେ ରାମପ୍ପା ଓ ସୁରପ୍ପାଙ୍କୁ ଡାକି ସେମାନଙ୍କ ସହ କଥାବାର୍ତ୍ତା କରିବାକୁ ବିଚାର କଲେ।

ସେମାନେ ମଧ୍ୟ ଆସିଲେ। ଚାରିଜଣ ଯାକ ବସି ଦେଶର ସ୍ଥିତି, ଜନତାର, ମନ, ରାଜାଙ୍କ ଅତ୍ୟାଚାର, ବୋପଣ୍ଣାଙ୍କ ଶକ୍ତି, ଭବିଷ୍ୟତ କର୍ମପନ୍ଥା ଓ ତା'ର ହାନି ଲାଭ-ସବୁ ବିଷୟରେ ବିଚାରବିମର୍ଷ କଲେ। ଚାରି ବନ୍ଧୁଯାକ ଏକ ମନନେଇ ଚଳୁଥିଲେ ଓ ପରସ୍ପର ନିକଟରୁ କୌଣସି ବିଷୟ ଲୁଚାଛପା କରୁ ନଥିଲେ। ଅନେକ ସମୟ ପର୍ଯ୍ୟନ୍ତ ପରିସ୍ଥିତିକୁ ଓଲଟ ପାଲଟ କରି ଦେଖିବା ପରେ ପାର୍ଶଣ୍ଣା କହିଲେ, "ବୋପଣ୍ଣାଙ୍କୁ ରାଜାଙ୍କ ସ୍ଥାନରେ ବସାଇବା ଛଡ଼ା ଆଉ କୌଣସି ଉପାୟ ନାହିଁ। ଲୋକମାନେ ଯଦି ଏହା ସ୍ୱୀକାର କରନ୍ତି ତେବେ ଆଗକୁ ପାଦ ବଢ଼ାଇବେ। ଆମକୁ ସବୁ ବିଷୟ ଲୋକଙ୍କୁ ବୁଝାଇ ସେମାନଙ୍କ ସ୍ୱୀକୃତି ନେବାକୁ ପଡ଼ିବ। ଯଦି ଆପଣମାନେ ରାଜି ହୁଅନ୍ତି ତେବେ ପୂଜାକରିବା ବାହାନାରେ ସନ୍ଧ୍ୟାବେଳେ ସମସ୍ତଙ୍କୁ ଘରକୁ ଡକାଇବି। ଲୋକମାନେ ଆସିବା ସଙ୍ଗେ ସଙ୍ଗେ ସେମାନଙ୍କୁ ସବୁ କହି ସେମାନଙ୍କର ସମ୍ମତି ନେଇ ପାରିବା। ଆପଣମାନେ ଟିକେ ଆଗରୁ ଚାଲି ଆସିବେ।"

ରାମପ୍ପା, ସୁରପ୍ପା, ଟିକ୍କଣ୍ଣା, ଶେଟୀ ସମସ୍ତେ ଏଥିରେ ରାଜି ହେଲେ। ରାଜାଙ୍କ ଲୋକ ଏମାନଙ୍କ ଉପରେ ନଜର ରଖିଥିବା ବିଷୟ ସମସ୍ତଙ୍କୁ ଜଣାଥିଲା। ମହଲରେ ଶେଟୀ ଓ ରାଜାଙ୍କ ମଧ୍ୟରେ କଥା କଟାକଟି ହେବା ପରେ ଶେଟୀଙ୍କ ଉପରେ ନଜର ରଖିବା ସ୍ୱଭାବିକ। ତେଣୁ ମନ୍ତ୍ରଣା କରିବା ପାଇଁ ସମସ୍ତଙ୍କୁ ପାର୍ଶଣ୍ଣାଙ୍କ ଘରକୁ ଡକାଇବା ସେମାନେ ଉଚିତ ଭାବିଲେ। ଅନ୍ୟମାନେ ମଧ୍ୟ ତାଙ୍କର ଉଦ୍ଦେଶ୍ୟ ବୁଝିପାରୁଥିଲେ।

ସନ୍ଧ୍ୟା ସମୟରେ ବଜାରର ବ୍ୟବସାୟୀ, ମୁଖିଆ ଓ ସାଧାରଣ ଲୋକେ ଧୀରେ ଧୀରେ ପାର୍ଶଣ୍ଣାଙ୍କ ଘରେ ପହଞ୍ଚିବାକୁ ଲାଗିଲେ। ସେମାନେ ବଡ଼ମାନଙ୍କର ସବୁ କଥା

Digitized by srujanika@gmail.com

ଶୁଣି ସେଥିରେ ମହମତି ଦେଲେ। ଶେଷରେ ପାର୍ଶ୍ୱନାଥଙ୍କ ପ୍ରସାଦ ନେଇ କିଛି କଥା ନ କହି ନିଜ ନିଜ ଘରକୁ ଗଲେ। ସେମାନଙ୍କ କଥା ଓ ବ୍ୟବହାରରୁ ଜଣା ପଡୁ ନଥିଲା ଯେ ସେମାନେ ଏବେ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାରେ ଭାଗ ନେଇଥିଲେ। କେତେକ ଲୋକଙ୍କ ମୁହଁରେ ଚିନ୍ତାର ଚିହ୍ନ ଦେଖାଯାଉଥିଲେ ମଧ୍ୟ ବେଶୀ ଲୋକ ଶାନ୍ତ ଥିଲେ। ମେଳାକୁ ଆସି ଧୂଳି ଉଡ଼େଇଲେ ଲାଭ କ'ଣ ? ରାଜା ଦୁଷ୍ଟ ହେଲେ ବର୍ତ୍ତକ ପେଟେର ଏପରି ଅବସ୍ଥା ହେବ। ଯା ହେବ ସହିବାକୁ ପଡ଼ିବ, ମୂଳରୁ ଡରିବା ଉଚିତ ନୁହେଁ।

ଶେଟ୍ଟୀଙ୍କର ପୁନର୍ବାର ବୋପଣ୍ଣାଙ୍କ ଘରକୁ ଯିବା ଉଚିତ ହେବ ନାହିଁ ଭାବି ପାର୍ଶଣ୍ଣା ରାତିରେ ବୋପଣ୍ଣାଙ୍କ ଘରକୁ ଯାଇ କହିଲେ, ''ଆପଣ ସକାଳେ ଯେଉଁ କଥା ଯଜମାନଙ୍କୁ କହିଥିଲେ ସମସ୍ତେ ସେଥିରେ ସହମତ ହୋଇଛନ୍ତି।''

''ଭଲ ହେଲା। କି କି କଥା ସେମାନେ ମାନିନେଲେ ? ପଚାରିଲେ ବୋପଣ୍ଣା।

''ରାଜାଙ୍କର ଗଦୀରୁ ଓହ୍ଲାଇବା ବିଷୟରେ ସମସ୍ତେ ସହମତ।''

''ଗଦୀ ଉପରେ ବସିବ କିଏ ?''

''ସେ ବିଷୟରେ ଆମେ କିଛି ଭାବିନାହୁଁ। ଏହା ଆମ ବୁଦ୍ଧିର ବାହାରେ। ଆପଣ ମନ୍ତ୍ରୀଗଣ ଯାହା ବିଚାର କରିବେ ତାହା ଆମେ ସ୍ୱୀକାର କରିବୁ।''

''ଠିକ୍ କଥା ପାର୍ଶଣ୍ଣା। ମୋତେ ବଡ଼ମାନଙ୍କ ସହ କଥାବାର୍ତ୍ତା କରି ଠିକ୍ କରିବାକୁ ହେବ। ସବୁ ନିଶ୍ଚୟ କରି ଆପଣଙ୍କୁ ଜଣାଇ ଦିଆଯିବ।'' ପାର୍ଶଣ୍ଣା ଚାଲିଯିବା ପରେ ପରଦିନ ସକାଳୁ ଆସି ତାଙ୍କୁ ସାକ୍ଷାତ କରିବାକୁ ବୋପଣ୍ଣା ଲକ୍ଷ୍ମୀନାରାୟଣଙ୍କ ନିକଟକୁ କହି ପଠାଇଲେ।

28

ପରଦିନ ସକାଳେ ଲକ୍ଷ୍ମୀ ନାରାୟଣୟା ପୂଜାପାଠ ସମାପ୍ତ କରିବା ବେଳକୁ ବୋପଣ୍ଣା ତାଙ୍କ ଘରେ ପହଞ୍ଚିଲେ। ଆଗ ଦିନ ଶେଟ୍ଟୀ ଓ ତାଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତା ଓ ପାର୍ଶଣ୍ଣା ଦେଇଥିବା ଖବର ସବୁ କିଛି ତାଙ୍କୁ କହିଲେ।

ଏମାନଙ୍କ ମଧ୍ୟରେ ଏପରି ଚର୍ଚ୍ଚା ହେବା କିଛି ନୂଆ କଥା ନୁହେଁ। ଲକ୍ଷ୍ମୀନାରାୟଣୟା କହିଲେ, ''ସବୁ ଠିକ୍ ଅଛି। କିନ୍ତୁ ଗୋଟିଏ ହେଉଛି ଯେ ଏଥିରେ ରାଜଦ୍ରୋହର ଗନ୍ଧ ଅଛି।''

''ରାଜଦ୍ରୋହ କରିବା ଉଚିତ ନୁହେଁ ବୋଲି ସହ୍ୟ କରି କରି ଏତେ ସମୟ ବିତିଗଲା। ରାଜାଙ୍କ ନିକଟରେ ସବୁ ଆପତ୍ତି ଜଣାଇବା କଥା କିନ୍ତୁ ରାଜା ନିଜେ ଭୁଲ କଲେ ଆପତ୍ତି କାହା ନିକଟରେ କରାଯିବ? ଯେ କୌଣସି ଝିଅକୁ ଧରି ଆଣି ଇଜ୍ଜତ ନଷ୍ଟ କରୁଛନ୍ତି। ସେ ଝିଅ କିଏ, ନିଜେ ଆସିଛି ନାଁ ବଳପୂର୍ବକ ଅଣାଯାଇଛି, ଆମେ ସେ ଦିଗକୁ ଏପର୍ଯ୍ୟନ୍ତ ଧ୍ୟାନ ଦେଇ ନଥିଲୁ। ଆଜି ଶେଟ୍ଟୀଙ୍କ ବୋହୂ ଉପରେ ନଜର ଦେଲେ, କାଲି ମୋ ଘର ଓ ପଅରିଦିନ ଆପଣଙ୍କ ଘରଉପରେ ଖରାପ ନଜର ଦେଇ ପାରନ୍ତି। ଏଥିରେ ବାଧା ଦେବା କ'ଣ ରାଜଦ୍ରୋହ ?''

Digitized by srujanika@gmail.com

"କୋଡ଼ଗୀ ଯୁବତୀ, ବ୍ରାହ୍ମଣ ଝିଅମାନଙ୍କ ଉପରେ କ'ଣ ଆଜି ପ୍ରଥମେ ସେ ହାତ ଦେଲେ ? କିନ୍ତୁ ସେଥିପାଇଁ କ'ଣ କରାଯିବ ଭାବି ହେଉ ନାହିଁ।"

"ପଣ୍ଡିତେ, ପୁରାଣରେ କ'ଣ କୁହାଯାଇ ନାହିଁ ଯେ ନଗରର ପିଲାମାନଙ୍କୁ ପାଣିରେ ବୁଡାଇବା ଯୋଗୁଁ ରାଜପୁତ୍ରଙ୍କୁ ଜଙ୍ଗଲକୁ ପଠାଇ ଦିଆଗଲା, ଦେଶର ଜନତା ଉପରେ ଅତ୍ୟାଚାର କରିଥିବା ଯୋଗୁଁ କ'ଣ ବେନରସର ମୁଣ୍ଡ କାଟି ଦିଆଯାଇ ନଥିଲା ? ଭଲ ଭାବରେ ରହିଲେ ହାତ ଯୋଡ଼ିବେ। ନିଜେ ଠିକ୍ ରାସ୍ତାରେ ନ ଚାଲିଲେ ଚୁପ୍‌ଚାପ୍ ବସିବାକୁ କହିବେ ?"

"ଗଦୀଉପରେ- ?"

"ଏହା ଭାବିବାର କଥା।"

"ରାଣୀମା ତାଙ୍କ ନାମରେ ଶାସନ ଚଳେଇ ପାରିବେ।"

"ସେଥିରେ ଲାଭ କ'ଣ ? ପତି ଯଦି କହେ ଯେ ଏହା କରିବାକୁ ପଡ଼ିବ ତେବେ ପତ୍ନୀଙ୍କୁ କରିବାକୁ ପଡ଼ିବ। ତା ହେଲେ ଆଉ ଜଣେ ରାଜା କ'ଣ ହେଲା ?"

"ଯଦି ତାହା ଠିକ୍ ନୁହେଁ, କନ୍ୟାକୁ ବସାଇବାକୁ ପଡ଼ିବ।"

"ତା ତ ଆହୁରି ଖରାପ କଥା।"

"ଏ ଦୁଇଜଣ ନ ହେଲେ ରାଜାଙ୍କ ଭଉଣୀ ଅଛନ୍ତି।"

"କ'ଣ କହୁଛନ୍ତି ପଣ୍ଡିତେ ? ଆପଣଙ୍କୁ କ'ଣ ବୋଲି ସ୍ତ୍ରୀ ଲୋକ ଦିଶୁଛନ୍ତି। ଏମାନେ କ'ଣ ଶାସନ ଚଳାଇ ପାରିବେ।"

"ଏମାନଙ୍କ ମଧ୍ୟରେ କେହି ଯଦି ଉପଯୁକ୍ତ ନୁହନ୍ତି ତ ରାଜାଙ୍କ ସମ୍ପର୍କୀୟମାନଙ୍କ ମଧ୍ୟରେ କାହାକୁ ଖୋଜିବାକୁ ପଡ଼ିବ।"

"ସମ୍ପର୍କୀୟ ଯଦି ଦରକାର ତ ଅପ୍ପା ଓ ତାଙ୍କ ପୁତ୍ର ଗୁପ୍ତ ଭାବେ କେଉଁଠାରେ ରହୁଛନ୍ତି, ସେମାନଙ୍କୁ ଡ଼କାଇବା ଉଚିତ।"

"ଅଛନ୍ତି ବୋଲି ଶୁଣିଛି। କିନ୍ତୁ ଖୋଜିବାକୁ ପଡ଼ିବ। ଆସିବେ କି ନାହିଁ ପଚାରିବାକୁ ପଡ଼ିବ। ଯଦି ସେ ରାଜି ହୁଅନ୍ତି ତ ଜନତାକୁ କହିବାକୁ ପଡ଼ିବ। ଗୁପ୍ତରୂପେ ଏସବୁ କରିବାକୁ ପଡ଼ିବ। ଏ ରହସ୍ୟ ଜଣାପଡ଼ିଲେ ଆମର କ'ଣ ଆଉ ମୁଣ୍ଡ ରହିବ ? ସବୁ ବିଷୟ ଭାବିଚିନ୍ତି ଦେଖିବାକୁ ପଡ଼ିବ।"

"ଆଜ୍ଞା ହଁ।"

ସବୁ ବିଷୟ ବିଚାର କରିବା ପରେ ସେମାନେ ନିଷ୍ପତ୍ତି କଲେ ଯେ ସବୁ ବିଷୟ ରାଣୀଙ୍କୁ କହି ବର୍ତ୍ତମାନ ପାଇଁ ରାଜ୍ୟ ସମ୍ଭାଳିବାକୁ ତାଙ୍କୁ ପ୍ରାର୍ଥନା କରାଯିବ। ଯଦି ସେ ସ୍ୱୀକାର ନ କରନ୍ତି ତ ପରେ ଦେଖାଯିବ। ଲକ୍ଷ୍ମୀନାରାୟଣାୟା ତଥା ଚିଙ୍କଣ୍ଣା ଶେଟ୍ଟୀ ରାଣୀଙ୍କ ସମ୍ମୁଖରେ ଏ ବିଷୟରେ ନିବେଦନ କରିବେ ବୋଲି ଠିକ୍ ହେଲା। କାରଣ ପଚାରିଲେ କୁହାଯିବ, "ବଜାରରୁ ମହଲର ବହୁତ କରଜ ହୋଇଗଲାଣି। ଦେଶର ଭଣ୍ଡାରରୁ ମହଲର ଭଣ୍ଡାରକୁ ଯାହା ମିଳିବା କଥା ମିଳିସାରିଛି। ଆଉ ପଇସା ଦେବା ସମ୍ଭବ ନୁହେଁ, ବର୍ତ୍ତମାନ ଶାସନରେ ପରିବର୍ତ୍ତନ ହେବା ଛଡ଼ା ଆଉ କୌଣସି ଉପାୟ ନାହିଁ।

Digitized by srujanika@gmail.com

29

ରାଣୀଙ୍କ ସହ ଏ ବିଷୟରେ କଥା ହେବାକୁ ଲକ୍ଷ୍ମୀନାରାୟଣାୟାଙ୍କର ଆଦୌ ଇଚ୍ଛାନଥିଲା। କିନ୍ତୁ ବୋପଣ୍ଣା ତ ତାଙ୍କ ସହ କୌଣସି ବିଷୟରେ କଥା ହେବାକୁ ଚାହୁଁ ନଥିଲେ। ଏହାର ମୁଖ୍ୟ କାରଣ ହେଉଛି ଗୌରମ୍ମା ଓ ବୋପଣ୍ଣା ଉଭୟ କୋଡ଼ଗୀ ଥିଲେ। ତାଙ୍କର ଭୟ ହେଉଥିଲାଯେ ସେ ଗୌରମ୍ମାଙ୍କ ସହ କଥାବାର୍ତ୍ତା କଲେ ବୀରରାଜ ହୁଏତ ଭାବିପାରନ୍ତି ଯେ ସେ ଦୁଇଜଣ ମିଶି ଷଡ଼ଯନ୍ତ୍ର କରୁଛନ୍ତି। ବହୁତ ଦିନ ପୂର୍ବର ଏକ ଘଟଣା ଯୋଗୁଁ ବୋପଣ୍ଣାଙ୍କର ମନେ ହୋଇଥିଲା ଯେ ସେ ରାଣୀଙ୍କ ସହ ସାକ୍ଷାତ କରିବାଟାକୁ ରାଜା ପସନ୍ଦ କରୁନାହାନ୍ତି। ଏହାଛଡ଼ା ରାଣୀ ତାଙ୍କୁ ଅବିଶ୍ୱାସ କରୁଛନ୍ତି ବୋଲି ସେ ଭାବୁଥିଲେ। ବୀରରାଜଙ୍କ ପାଇଁ ଝିଅ ଦେଖୁଥିବା ସମୟରେ ବୋପଣ୍ଣାଙ୍କ ସାନ ଭଉଣୀକୁ ଆଣିବାର କଥା ଚାଲିଥିଲା। କିନ୍ତୁ ତା' ବଦଳରେ ଗୌରମ୍ମାଙ୍କ ସହ ତାଙ୍କର ବିବାହ ହେଲା। ଗୌରମ୍ମା ତାଙ୍କ ଭଉଣୀକୁ ରାଣୀ ହେବାରୁ ବଞ୍ଚିତ କଲେ ବୋଲି ବୋପଣ୍ଣା ଅସନ୍ତୁଷ୍ଟ- ଏପରି କଥା ତାଙ୍କ ବନ୍ଧୁବାନ୍ଧବଙ୍କ ମଧ୍ୟରେ ବ୍ୟାପିଥିଲା। ଗୌରମ୍ମାଙ୍କ ଝିଅକୁ ନିଜ ଭଣଜା ପାଇଁ ଅସ୍ୱୀକାର କରିବା ମଧ୍ୟ ଗୋଟିଏ କାରଣ ଥିଲା।

କିଛି ନା କିଛି କାରଣ ଦର୍ଶାଇ ଲକ୍ଷ୍ମୀନାରାୟଣାୟା ମଧ୍ୟ ରାଣୀଙ୍କ ସହ ଏ ବିଷୟରେ କଥା ହେବାକୁ ରାଜି ହେଉ ନଥିଲେ। ଯେତେବେଳେ ଆଉ ଡେରି କରିବା ଉଚିତ ହେବ ନାହିଁ ବୋଲି ଭାବିଲେ ସେତେବେଳେ ସେ ରାଣୀଙ୍କ ସହ ନଅରର ଖର୍ଚ୍ଚ ବିଷୟରେ କଥା ହେବାକୁ ଚାହୁଁଛନ୍ତି ବୋଲି ଖବର ପଠାଇଲେ। ଦିନେ ଦ୍ୱିପ୍ରହର ସମୟରେ ଚିକ୍କଣ୍ଣା ଶେଟ୍ଟୀଙ୍କ ସାଙ୍ଗରେ ତାଙ୍କୁ ସାକ୍ଷାତ କରିବାକୁ ଗଲେ।

''ନଅରର ଖର୍ଚ୍ଚ ବିଷୟରେ କି କଥା ହେବାକୁ ଅଛି ପଣ୍ଡିତେ? ରାଜନିବାସର ଖର୍ଚ୍ଚ କ'ଣ ବଢ଼ିଗଲା କି?''

''କେବଳ 'ରାଜ ନିବାସ' ନୁହେଁ ମା', ସମଗ୍ର ରାଜମହଲର ଖର୍ଚ୍ଚର କଥା ପଡ଼ିଛି। ମହାରାଜଙ୍କ ଅପେକ୍ଷା ଆପଣଙ୍କ ସହ କଥା ହେବା ବେଶୀ ଉପଯୋଗୀ ବୋଲି ମନେହେଲା। ବୋପଣ୍ଣା ଓ ମୁଁ ପରସ୍ପର ମଧ୍ୟରେ ବିଚାରକରି ଆପଣଙ୍କ ସହ ସାକ୍ଷାତ କରିବାକୁ ଖବର ପଠାଇଲି।''

''ଭଲ କଥା। ଏଥିରେ ମୁଁ କ'ଣ କରିପାରିବି କହନ୍ତୁ।''

''ବର୍ତ୍ତମାନ ରାଜମହଲ ଉପରେ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଧାର ଅଛି। ଚିକ୍କଣା ଶେଟ୍ଟୀ କହୁଛନ୍ତି ଯେ ସବୁ ଆଡୁ ଆସୁଥିବା ପଇସା ଏପରି ଭାବେ ବନ୍ଦ ହୋଇଗଲେ ବ୍ୟବସାୟୀମାନଙ୍କର ହାତ ବାନ୍ଧି ହୋଇଯାଏ। ଦେଶର ଭଣ୍ଡାରରୁ ଏ ଧନ ମିଳିଗଲେ ସେମାନେ ବଞ୍ଚିଯିବେ। ଦେଶର ଭଣ୍ଡାରର ହିସାବରେ ରାଜମହଲର ଖାତାରେ ଆଉ ପଇସା ବାକୀ ନାହିଁ। ବର୍ତ୍ତମାନ ଆଉ ଗୋଟିଏ ମାତ୍ର ରାସ୍ତା ବାକୀ ଅଛି। ତା ହେଉଛି ମହଲର ଖର୍ଚ୍ଚକୁ ନିୟନ୍ତ୍ରଣ କରି

Digitized by srujanika@gmail.com

ପ୍ରତିବର୍ଷ ରାଜ୍ୟର ଖାତାରେ ପଚିଶ ହଜାର ଟଙ୍କା ସଞ୍ଚୟ କରି ବଜାରର କରଜ ସୁଝାଇବାକୁ ପଡ଼ିବ। ଏ ବ୍ୟବସ୍ଥା ଶୀଘ୍ର ହେବା ଦରକାର। ଏହା ଆପଣଙ୍କ କାମ।''

'ରାଜ ନିବାସ'ର ଖର୍ଚ୍ଚ ମୁଁ ସମ୍ଭାଳି ପାରିବି। କିନ୍ତୁ ପୁରା ରାଜମହଲର ଖର୍ଚ୍ଚ ବିଷୟରେ ମହାରାଜାଙ୍କୁ ନିବେଦନ କରିବାକୁ ହେବ।''

''ମହାରାଜାଙ୍କ ନିକଟରେ ଖର୍ଚ୍ଚ ବିଷୟରେ ନିବେଦନ କରି କିଛି ଲାଭ ନାହିଁ ମା। ତାଙ୍କର ମନ ଏବଂ ହାତ ଉଭୟ ଖୋଲା। ପଇସା ବିଷୟରେ କହିଲେ କମ ଖର୍ଚ୍ଚ କରିବାକୁ କହୁଛନ୍ତି। କିନ୍ତୁ ଖର୍ଚ୍ଚ କରିବା ସମୟରେ ପୂର୍ବପରି ଖର୍ଚ୍ଚ କରୁଛନ୍ତି।''

''ଏପରି ହେଲେ ମଧ୍ୟ ମୁଁ ଆଉ କ'ଣ କରି ପାରିବି ?''

''ରାଜମହଲରର ବ୍ୟବସ୍ଥା ଆପଣଙ୍କୁ ହାତକୁ ନେବାକୁ ପଡ଼ିବ।''

''ଆପଣ କ'ଣ କହୁଛନ୍ତି ମୁଁ ବୁଝିପାରୁ ନାହିଁ। ସାରା ରାଜମହଲର ବ୍ୟବସ୍ଥା ରାଣୀଙ୍କର ନିଜ ହାତକୁ ନେବାର ଉଦ୍ଦେଶ୍ୟ କ'ଣ ? ମହାରାଜାଙ୍କ ହାତରୁ ସେ ଦାୟିତ୍ୱ କାଢ଼ିନିଆଯିବ ନାଁ କ'ଣ ?''

''କାଢ଼ି ନିଆ ଯିବାର ପ୍ରଶ୍ନ ନାହିଁ। କ'ଣ ଦେବା କଥା ଓ ନ ଦେବା କଥା, ଏ ଆଜ୍ଞା ଆଜି ପର୍ଯ୍ୟନ୍ତ ମହାରାଜ ଦେଉଥିଲେ, ଭବିଷ୍ୟତରେ ଏହା ରାଣୀ ସାହେବାଙ୍କର କରିବା ଉଚିତ। ଏପରି ବ୍ୟବସ୍ଥା ହେବା ଆବଶ୍ୟକ।''

''ଏ ବ୍ୟବସ୍ଥା କ'ଣ ଆପଣ କରିବେ ?''

''ଏ ଦାୟିତ୍ୱ ନେବାକୁ ଆପଣ ଯଦି ରାଜି ହୁଅନ୍ତି ତେବେ ମହାରାଜଙ୍କ ନିକଟରେ ଆମେ ମନ୍ତ୍ରୀମାନେ ଏହା ନିବେଦନ କରିବୁ।''

ରାଣୀ କିଛି ସମୟ ପର୍ଯ୍ୟନ୍ତ ମୁଣ୍ଡ ତଳକୁ କରି ଚିନ୍ତା କରିବାକୁ ଲାଗିଲେ। ପରେ ଚିକ୍କଣା ଶେଟ୍ଟୀଙ୍କ ଆଡ଼କୁ ବୁଲି କହିଲେ, ''ଲକ୍ଷେରୁ ବେଶୀ କରଜର ଜିନିଷ ଆପଣ ଦେଇଛନ୍ତି ଶେଟ୍ଟୀ ମହାଶୟ। ଯେତେବେଳେ ଆଠ ଦଶ ହଜାର ହେଲା ସେତେବେଳେ ରାଜାଙ୍କ ନିକଟରେ କାହିଁକି ନିବେଦନ କଲେ ନାହିଁ। କରଜକୁ ଭୂତ ପରି ବଢ଼ାଇ ଆପଣ ରାଜମହଲକୁ ଅସୁବିଧାରେ ପକାଇଲେ।''

ଚିକ୍କଣା ଶେଟ୍ଟୀ: ''କରଜ ବନ୍ଦ ହୋଇଯିବା ବିଷୟ କୁହା ଯାଇଥିଲା ରାଣୀମା। ମାଲିକ କହିଲେ, 'ଅପେକ୍ଷା କର ଧନ କେଉଁଆଡ଼େ ଚାଲିଯାଉ ନାହିଁ। ଆଉ ବେଶୀ ମୁହଁ ଖୋଲିଲେ ରାଜା ବିରକ୍ତ ହେବାର ଭୟ ଥିଲା। ସେଥି ଯୋଗୁଁ କରଜ ଦେବାକୁ ଲାଗିଲି। ବର୍ତ୍ତମାନ ଆଉ ଭବିଷ୍ୟତ ଉପାୟ ନ ଥିବାରୁ ମନ୍ତ୍ରୀମାନଙ୍କୁ ନିବେଦନ କଲି''

''ମତେ ଦେଖା କରିବା ସମୟରେ କାହିଁକି କହି ନଥିଲେ।''

ଚିକ୍କଣା ଶେଟ୍ଟୀ ଏହାର ଠିକ୍ ଉତ୍ତର ଦେଇ ପାରିଲେ ନାହିଁ।

କିଛିକ୍ଷଣ ପରେ ଗୌରମ୍ମାଜୀ କହିଲେ, ''ଠିକ୍ ଅଛି, ଏଠାରେ ଯେ କେବଳ ପଇସାର ପ୍ରଶ୍ନ ଉଠୁଛି ତା ନୁହେଁ। ଅନ୍ୟକିଛି କଥା ଅଛି, ସେ ବିଷୟରେ ମଧ୍ୟ ଭାବିବାକୁ ପଡ଼ିବ। ବୋପଣ୍ଣା ମହାଶୟ କ'ଣ କାଲି ଆସି ପାରିବେ, ପଣ୍ଡିତ ମହାଶୟ ? ଆପଣ ଓ ସେ ଉଭୟ ଆସନ୍ତୁ, କଥା ହେବା। ଶେଟ୍ଟୀଙ୍କର ଆସିବା ଦରକାର ନାହିଁ।''

Digitized by srujanika@gmail.com

ଲକ୍ଷ୍ମୀନାରାୟଣାୟା ବୁଝିଗଲେ ଯେ ରାଜାଙ୍କୁ ଶାସନଭାରରୁ ବଞ୍ଚିତ କରି ରାଣୀଙ୍କୁ ତାହା ଦେବା ତାଙ୍କର ଉଦ୍ଦେଶ୍ୟ ବୋଲି ରାଣୀ ତାହା ଜାଣି ପାରିଛନ୍ତି। ସେ ''ଆଜ୍ଞା ହଉ, କାଲି ମୁଁ ଓ ବୋପଣ୍ଣା ଉପସ୍ଥିତ ରହିବୁ' ବୋଲି କହି ନମସ୍କାର କରି ଫେରି ଆସିଲେ।

30

ତା ପରଦିନ ରାଣୀଙ୍କ ସହ ସମୟ ଠିକ୍ କରି ବୋପଣ୍ଣା ତଥା ଲକ୍ଷ୍ମୀନାରାୟଣାୟା ରାଜମହଲ ଗଲେ।

ରାଣୀ ଓ ତାଙ୍କ ମଧ୍ୟରେ ଯେଉଁ କଥାବାର୍ତ୍ତା ହୋଇଥିଲା ସେ ସବୁ ଲକ୍ଷ୍ମୀନାରାୟଣାୟା ବୋପଣ୍ଣାଙ୍କୁ କହିଲେ। ରାଣୀଙ୍କର ତାଙ୍କ ସହ ସାକ୍ଷାତ କରିବାର କି ଉଦ୍ଦେଶ୍ୟ ଥାଇପାରେ ସେ ବିଷୟରେ ବୋପଣ୍ଣାଙ୍କର ସାମାନ୍ୟ ଆଶଙ୍କା ହେବାକୁ ଲାଗିଲା। ଗୌରମ୍ମା ସ୍ୱାଭିମାନିନୀ ମହିଳା ଓ ସେ ନିଜେ ସ୍ୱାଭିମାନୀ ପୁରୁଷ ଥିଲେ। ଏପରି ଲୋକ ଯଦି ପ୍ରତିଦ୍ୱନ୍ଦ୍ୱୀ ରୂପେ ଠିଆ ହୁଅନ୍ତି ତେବେ କଥା ବଢ଼ିଯାଏ। ତା ଛଡ଼ା ତାଙ୍କର ଭଣଜା ସହ ରାଜକୁମାରୀଙ୍କର ବିବାହ ଦେବା ପ୍ରସ୍ତାବକୁ ବୋପଣ୍ଣା ଅସ୍ୱୀକାର କରିଥିଲେ। ଯାହା ହେଉ, ସାବଧାନତାର ସହ କଥା ହେଲେ କଥା ବିଗିଡ଼ିବାର ସମ୍ଭାବନା ନାହିଁ।

ଏମାନେ ଯେତେବେଳେ ମହଲରେ ପହଞ୍ଚିଲେ ରାଜନିବାସର ବୈଠକଖାନାରେ ରାଣୀ ଏମାନଙ୍କର ପ୍ରତୀକ୍ଷା କରୁଥିଲେ। ଏମାନଙ୍କ ସ୍ୱାଗତ କରି ବସିବାକୁ କହି ସ୍ୱୟଂ କିଛି ଦୂରରେ ବସଲେ। ଗୌରମ୍ମା ଦେଖିବାକୁ ଅତି ସୁନ୍ଦରୀ ନ ହେଲେ ମଧ୍ୟ ତାଙ୍କର ଚାଲିଚଳନ, ଗାମ୍ଭୀର୍ଯ୍ୟ ଖୁବ୍ ଆକର୍ଷକ ଥିଲା। ସ୍ୱଭାବତଃ ସେ ଖୁବ୍ ଚିନ୍ତାଶୀଳା ଥିଲେ। କି ସମସ୍ୟାର ସାମ୍ନା କରିବାକୁ ପଡ଼ିବ ଭାବି ସେ ସାମାନ୍ୟ ଦବି ଯାଇଥିଲେ। ତା ଦ୍ୱାରା ତାଙ୍କର ଗାମ୍ଭୀର୍ଯ୍ୟ ଓ ସୌନ୍ଦର୍ଯ୍ୟ ଆହୁରି ଚହଟି ଉଠୁଥିଲା।

ମନ୍ତ୍ରୀମାନେ ବସିବା ପରେ ରାଣୀ ବୋପଣ୍ଣାଙ୍କୁ ଚାହିଁ କହିଲେ, ''ଘରେ ସମସ୍ତେ ଭଲ ଅଛନ୍ତି ତ ବୋପଣ୍ଣା ମାମୁଁ?''

ତାଙ୍କର କଣ୍ଠ ଖୁବ୍ କୋମଳ ଓ ସେଥିରେ ଦୟାର ଝଲକ ଥିଲା। ବୋପଣ୍ଣା ସେହିଠାରେ ହିଁ ତାଙ୍କ ନିକଟରେ ଅଧା ହାରିଯାଇଥିଲେ, ଆଗ ପ୍ରଶ୍ନରେ ଆହୁରି ହାରିଗଲେ।

''ଆପଣଙ୍କ ଛାୟାରେ ସମସ୍ତେ ସୁଖରେ ଅଛନ୍ତି।'' ସେ ଉତ୍ତର ଦେଲେ।

''ପଣ୍ଡିତ ମହାଶୟ କହୁଥିଲେ ଯେ ମହଲର ଖର୍ଚ୍ଚ ବଢ଼ି ଯାଇଥିବାରୁ ତା'ର ବ୍ୟବସ୍ଥା କରିବା କଠିନ ହୋଇ ପଡ଼ିଛି। ସେ ଦାୟିତ୍ୱ ମୁଁ ହାତକୁ ନେବା ଆପଣଙ୍କର ଇଚ୍ଛା ବୋଲି ସେ କହୁଥିଲେ। ଏହି ବିଷୟରେ ପୁଙ୍ଖାନୁପୁଙ୍ଖ ରୂପେ ଜାଣିବା ପାଇଁ ଆପଣମାନଙ୍କ ସହ ସାକ୍ଷାତ କରିବାର ଇଚ୍ଛା ପ୍ରକଟ କରିଥିଲି।

''ପଣ୍ଡିତ ମହାଶୟ ଏଇକଥା ଆମକୁ ମଧ୍ୟ କହିଥିବାରୁ ଆମେ ଦୁଇଜଣ ଚାଲି ଆସିଲୁ?''

''ପଣ୍ଡିତ ମହାଶୟ ଏଇକଥା ଆମକୁ ମଧ୍ୟ କହିଥିବାରୁ ଆମେ ଦୁଇଜଣ ଚାଲି ଆସିଲୁ?''

Digitized by srujanika@gmail.com

"ମତେ ଘରର ଝିଅ ଭାବି ଆପଣଙ୍କୁ ରାସ୍ତା ଦେଖାଇବାକୁ ପଡ଼ିବ। ଘରର ସ୍ଥିତି ତ ଆପଣ ଜାଣନ୍ତି। ସେଥିରେ ନୂଆ କଥା କିଛି ନାହିଁ। ଆପଣଙ୍କ କହିବା ଅନୁସାରେ ଯଦି ମୁଁ ଦାୟିତ୍ୱ ନିଏ ତ ରାଜା ଭାବିବେ ଯେ ମତେ ହଟାଇ ପତ୍ନୀ ଶାସନ ହାତକୁ ନେଲେ। କ'ଣ କରାଯିବ? ଆମର ତ ଗୋଟିଏ ବୋଲି ଝିଅ। ସେ ମଧ୍ୟ ସବୁ ବୁଝିପାରିଲାଣି। ଏପରି ମା ପ୍ରତି ତା'ର କି ଧାରଣା ହେବ? ମା' ଓ ବାପ ମଧ୍ୟରେ କାହା ସହ ରହିବ ତା ବି ତ ଭାବିବାକୁ ପଡ଼ିବ।

"ଭାବିବାର କଥା ମା।"

"ଯେ କୌଣସି ପ୍ରକାର ମହଲର କରଜ ସୁଝି ଭବିଷ୍ୟତ ଖର୍ଚ୍ଚକୁ ସୀମା ମଧ୍ୟରେ ରଖିଲେ ଏ ସଙ୍କଟରୁ ଉଦ୍ଧାର ପାଇ ହେବ। ତା ଦ୍ୱାରା ଘର ଉଜୁଡ଼ିବା ପରିବର୍ତ୍ତେ ବଞ୍ଚିଯିବ।"

"ହଁ ମାଁ। କିନ୍ତୁ ଏ ଋଣ ସୁଝିବା ଖୁବ୍ କଠିନ। ଖର୍ଚ୍ଚକୁ ସୀମା ମଧ୍ୟରେ ରଖିବାର ଉପାୟ ମଧ୍ୟ ଦୃଷ୍ଟି ଗୋଚର ହେଉନାହିଁ।"

"ମୋ ଶ୍ୱଶୁର ମୋ ପାଇଁ ପ୍ରତିବର୍ଷ ଦଶହଜାର ଟଙ୍କାର ସୁନା କିଣୁଥିଲେ। ଅପର୍ଯ୍ୟାପ୍ତ ଅଳଙ୍କାର ଥାଇ ମଧ୍ୟ ଘରର ବୋହୂ ପାଇଁ ପନ୍ଦର ହଜାର ଟଙ୍କାର ହୀରା-ମୋତି ଓ ସୁନା କିଣି ପ୍ରତିବର୍ଷ ଗହଣା ତିଆରି କରିଛନ୍ତି। ପାଞ୍ଚ-ଛଅ ବର୍ଷ ପର୍ଯ୍ୟନ୍ତ ଏପରି କରୁଥିଲେ। ସେ ସବୁ ମିଶି ଆଉ କିଛି ନ ହେଲେ ମଧ୍ୟ ସେ ଋଣ ସହ ସମାନ ହେବ। ସେଇ ଅଳଙ୍କାର ପତ୍ର ଆଉ କି ବଡ଼ କାମରେ ଲାଗିବ? ମୁଁ ତ ସେ ସବୁ ପିନ୍ଧୁନାହିଁ କି ବାହାରକୁ ଯାଉ ନାହିଁ। ସେ ସବୁ ଲକ୍ଷ୍ମୀ ଭାବି ପୂଜା କରୁଛି। ଯେଉଁ ମା'ର ପୂଜା କରିଛି ସେ ବର୍ତ୍ତମାନ ଆମର ରକ୍ଷା କରିବ। ଗହଣା ଆପଣଙ୍କୁ ମୁଁ ସମର୍ପି ଦେବି। ସବୁ ଋଣ ସେଥିରେ ସୁଝି ଦିଅନ୍ତୁ। ଭବିଷ୍ୟତରେ ଦେଖିନାହିଁ ଖର୍ଚ୍ଚ କରିବାକୁ ଚେଷ୍ଟା କରିବି।

ରାଣୀଙ୍କ କଥା ଶୁଣି ବୋପଣ୍ଣାଙ୍କ ମନରେ ଆଶ୍ଚର୍ଯ୍ୟ, ପ୍ରଶଂସା ଓ ଦୟାର ଭାବନା ଗୋଟିଏ ପରେ ଗୋଟିଏ ଉତ୍ପନ୍ନ ହେଲା। ଆଶ୍ଚର୍ଯ୍ୟ ହୋଇ ସେ କ୍ଷଣକ ପାଇଁ ଅବାକ୍ ହୋଇ ରହିଯାଇ ଲକ୍ଷ୍ମୀନାରାୟଣାୟା ଆଡ଼କୁ ବୁଲି କହିଲେ, "ଶୁଣିଲେ ତ ଆପଣ ପଣ୍ଡିତ ମହାଶୟ।"

ଲକ୍ଷ୍ମୀନାରାୟଣାୟାଙ୍କ ମନ ମଧ୍ୟ ରାଣୀଙ୍କ କଥା ଶୁଣି ତରଳି ଯାଇଥିଲା ଓ ଆଖି ଓଦା ହୋଇଯାଇଥିଲା। ସେ ଧୀରେ ଉତ୍ତର ଦେଲେ, 'ହଁ'।

"ଆପଣ କ'ଣ କହୁଛନ୍ତି?"

"ଆପଣ ଦୁଇଜଣଙ୍କ ମତ ଏକ ବୋପଣ୍ଣା।"

ବୋପଣ୍ଣା କିଛି ସମୟ ପରେ କହିଲେ, "ଆପଣଙ୍କର ଏ ପ୍ରକାର ଭାବିବା ଖୁବ୍ ବଡ଼ କଥା ମା। କହନ୍ତି, 'ରାଜପରିବାରର ହେଉ ବା ଯେକୌଣସି ଘରର ସ୍ତ୍ରୀ ହେଉ, ତା'ର ଗହଣା ଦେବା ପୂର୍ବରୁ ପ୍ରାଣ ଦେଇପାରେ।" ଆପଣ ନିଜର ସମସ୍ତ ଅଳଙ୍କାର ଦେବାକୁ ପ୍ରସ୍ତୁତ ଅଛନ୍ତି। ଏହା ଜଣେ ସ୍ତ୍ରୀ ନୁହେଁ ଦେବୀର କଥା।"

Digitized by srujanika@gmail.com

"ଯାହା ହେଲେ ମଧ ମୁଁ ଆପଣଙ୍କ ଠାରୁ ଛୋଟ, ଏତେ ପ୍ରଶଂସା କରନ୍ତୁ ନାହିଁ। କାଳେ କିଛି ଅମଙ୍ଗଳ ହେବ," କହି ତାଙ୍କ କଥା ବନ୍ଦ କରିଦେଲେ।

"ହଁ ମା, ମୁଁ ସତ କଥା କହୁଛି, ପ୍ରଶଂସା ନୁହେଁ।"

"ହଁ ମା, ବୋପଣ୍ଣା ମନ୍ତ୍ରୀଙ୍କ କଥା ଠିକ୍।" କହିଲେ ଲକ୍ଷ୍ମୀନାରାୟଣାୟା।

ରାଣୀ: "ସବୁ ଅଳଙ୍କାର ଭଣ୍ଡାର ପେଟୀରେ ରଖିଛି। ସକାଳେ ମୁଁ ସବୁତକ ଚାରୋଟି ସିନ୍ଦୁକରେ ଭର୍ତ୍ତି କରି ଦେଇଥିଲି। ଆପଣ ଯଦି ରାଜି ହୁଅନ୍ତି..."

ରାଣୀଙ୍କ କଥା ସମାପ୍ତ ହେବା ପୂର୍ବରୁ ବୋପଣ୍ଣା ଲକ୍ଷ୍ମୀନାରାୟଣାୟାଙ୍କ ଆଡ଼କୁ ଅନେଇଲେ। ତା'ପରେ ରାଣୀଙ୍କୁ କହିଲେ, "ଏହା ପାଇଁ ମଧ କ'ଣ ରାଜାଙ୍କ ସହମତିର ଆବଶ୍ୟକତା ନାହିଁ?"

ରାଣୀ: "ମୁଁ ମଧ କହିବାକୁ ଯାଉଥିଲି ଯେ ଯଦି ଆପଣ ରାଜି ହୁଅନ୍ତି ତ ମୁଁ ମହାରାଜାଙ୍କୁ ନିବେଦନ କରି ଅଳଙ୍କାରଗୁଡ଼ିକ ଆପଣଙ୍କ ଭଣ୍ଡାରକୁ ପଠାଇ ଦେବି।"

ବୋପଣ୍ଣା: "ସେ କଥା ଠିକ୍ ମା, କିନ୍ତୁ ଆମେ ତାହା ସ୍ୱୀକାର କରିବୁ ନାହିଁ।"

"ସ୍ୱୀକାର କରିବେ ନାହିଁ।"

"ଗୁରୁଜନମାନେ ବୋହୂକୁ ଦେଇଥିବା ଅଳଙ୍କାର ବୋହୂର ନିଜସ୍ୱ ସମ୍ପତ୍ତି। ମୁଣ୍ଡର ସିନ୍ଦୁର, ବେକର ମଙ୍ଗଳସୂତ୍ର ସାଙ୍ଗେ ସାଙ୍ଗେ ଶରୀର ଉପରେ ଅଳଙ୍କାର ହେଉଛି ମଙ୍ଗଳର ଚିହ୍ନ। ସେଥିରେ ହାତ ଦେବା ଘର ନଷ୍ଟ କରିବା କଥା। ଆପଣ ହେଉଛନ୍ତି ଦେଶର ଲକ୍ଷ୍ମୀ, ତେଣୁ ତାହା ନେବା ଉଚିତ ନୁହେଁ।

31

ଏମାନଙ୍କ କଥା ଶେଷ ହୋଇ ଆସିବା ବେଳକୁ ରାଣୀ ନିକଟରେ ଥିବା ଦ୍ୱାରରେ କାହାର ଛାୟା ଦେଖିବାକୁ ପାଇ, ଡାକିଲେ, "ଦ୍ୱାର ନିକଟରେ କିଏ?" କେହି ନ ଆସିବାରୁ ରାଣୀ ପୁଣି ଦର୍ପଭରା କଣ୍ଠରେ କହିଲେ, "ଦ୍ୱାର ନିକଟରେ କିଏ ଅଛି, ଏଠାକୁ ଆସ।"

ମୁଣ୍ଡ ତଳକୁ କରି ଇତସ୍ତତ ହୋଇ ବସବ ଦ୍ୱାର ନିକଟରେ ଦେଖା ଦେଲା। ରାଣୀ ପଚାରିଲେ "ଦ୍ୱାର ନିକଟରେ ଠିଆ ହୋଇ କ'ଣ କରୁଥିଲ ବସବୟା? ଲୁଚି କରି କଥା ଶୁଣୁ ନଥିଲ ତ?"

"ମହାରାଜ ଦେଖିଆସିବାକୁ କହିବାରୁ ଆସିଥିଲି ମା।"

କଥା ହେଉଛି ଯେ ପୂର୍ବରୁ ଲକ୍ଷ୍ମୀ ନାରାୟଣୟାଙ୍କର ଆସିବା ଓ ଆଜି ଲକ୍ଷ୍ମୀନାରାୟଣାୟା ତଥା ବୋପଣ୍ଣାଙ୍କର ଆସିବା, ଖବର ବସବର ଲୋକ ରାଜାଙ୍କ ନିକଟରେ ପହଞ୍ଚାଇ ଦେଇଥିଲେ। ପତ୍ନୀଙ୍କ ଉପରେ ରାଜାଙ୍କର ସ୍ପଷ୍ଟରୂପେ ଅବିଶ୍ୱାସ ତ ନଥିଲା କିନ୍ତୁ ପୂରା ବିଶ୍ୱାସ ମଧ ନଥିଲା। ସେ ଭାବୁଥିଲେ ଯେ ଯାହା ସବୁ ହେଉଛି, ସବୁ ନିଶ୍ଚୟ ତାଙ୍କ ବିରୋଧରେ ହେଉଛି। 'ସେମାନେ କ'ଣ କଥା ହେଉଛନ୍ତି ଲୁଚି କରି ଟିକିଏ ଶୁଣି ଆସ' ବୋଲି କହି ବସବକୁ ପଠାଇଥିଲେ।

Digitized by srujanika@gmail.com

ସକାଳୁ ସୁରା ପାନ କରି କରି ସେ ନିଜ ଅକ୍ତିଆର୍‌ରେ ନଥିଲେ। ବସବର ଆସିବାରେ ସାମାନ୍ୟ ଡେରି ହେବାରୁ ସେ ସ୍ୱୟଂ ଚାଲି ଆସିଲେ। ବସବର ଉତ୍ତରରେ ଅସନ୍ତୁଷ୍ଟ ହୋଇ ରାଣୀ କହିଲେ, "ମହାରାଜ ଯଦି ଦେଖି ଆସିବାକୁ କହିଥିଲେ ତ ସିଧା ଆମ ନିକଟକୁ ନ ଆସି ଦ୍ୱାର ନିକଟରେ ଲୁଚିଥିଲ କାହିଁକି ?"

ଏ କଥା କହିଲା ବେଳକୁ ରାଜା ଦ୍ୱାରଦେଶରେ ଦେଖାଦେଇ କହିଲେ, "ବେଶ୍ୟାଗିରି କ'ଣ କରୁଛୁ? ଖବର ଦେବାପାଇଁ ମୁଁ ପଠାଇଥିଲି। କ'ଣ କରୁଛୁ ହାରାମଜାଦୀ, ଏ ବ୍ରାହ୍ମଣ ଓ ନିଜର ବନ୍ଧୁଙ୍କୁ ବସେଇ।"

ରାଣୀ ମନ୍ତ୍ରୀଙ୍କୁ "ଏ ସବୁ କଥା ଆପଣଙ୍କର ଶୁଣିବା କଥା ନୁହେଁ ବୋପଣ୍ଣା ମାମୁଁ, ପଣ୍ଡିତ ମହାଶୟ। ଏ ଆମର ଘର କଥା" କହି ରାଜାଙ୍କ ଆଡ଼କୁ ବୁଲି ଉତ୍ତର ଦେଲେ, "ସବୁ କଥା ନିବେଦନ କରିବି। ମୁଁ କୌଣସି ଅପରାଧ କରୁ ନାହିଁ।"

"ଅପରାଧ କରୁନୁ? ନିବେଦନ କରୁଚୁ? ହରାମଜାଦୀ! ନିବେଦନ ତୁ କରିବୁ ଆଉ ମୁଁ ଶୁଣିବି। ରହିଥା ତତେ ମେହେନ୍ତରଙ୍କୁ ଦେଇଦେବି। ବୋପଣ୍ଣା ମାମୁଁ ଓ ଗୌରମ୍ମା ବୋହୂ (୧)। ଆହା ହା କି ସମ୍ପର୍କ, କି ପରିଚୟ! ବୋହୂ ସାଙ୍ଗରେ କ'ଣ ଥଟ୍ଟାତାମସା କରିବାକୁ ଆସିଥିଲ ବୋପଣ୍ଣା ମାମୁଁ! କାହିଁକି ଆସଛୁ ଏଠାକୁ?" ବୋଲି ଚିତ୍କାର କରି କହି ବୋପଣ୍ଣା ଆଡ଼କୁ ଘଲେ।

ଏଥିରୁ ପରିଷ୍କାର ଜଣା ପଡୁଥିଲା ଯେ ମଦ ନିଶାରେ ରାଜା ନିଜ ଅକ୍ତିଆରରେ ନଥିଲେ। କ୍ରୋଧରେ ରାଜାଙ୍କ ମୁହଁରୁ ଫେଣ ବାହାରିବାକୁ ଲାଗିଲା। ବୋପଣ୍ଣାଙ୍କର ମଧ୍ୟ କ୍ରୋଧ ଆସିଲା। ତାଙ୍କ ମୁହଁରୁ ଆଉ କ'ଣ ସବୁ ବାହାରିଥାନ୍ତା ଜଣାନାହିଁ, କିନ୍ତୁ ଲକ୍ଷ୍ମୀନାରାୟଣାୟା ତାଙ୍କୁ ଛୁଇଁ ପାଟି କରନ୍ତୁ ନାହିଁ, ଚୁପ୍ ରହନ୍ତୁ" ବୋଲି କହିଲେ। ବୋପଣ୍ଣା ମଧ୍ୟ ଲକ୍ଷ୍ମୀନାରାୟଣଙ୍କ ଆଡ଼କୁ ଚାହିଁ କ୍ରୋଧ ଚାପି ଦେଲେ।

ରାଣୀଙ୍କ ମୁହଁ ଉପରେ କୌଣସି ବିକାର ଦେଖାଗଲା ନାହିଁ। ସେ ପତିଙ୍କୁ କହିଲେ, "ମନ୍ତ୍ରୀମାନଙ୍କୁ ମୁଁ କାମଥିବାରୁ ଡାକିଛି। ସେ ସବୁ ପରେ କହିବି। ବର୍ତ୍ତମାନ ଆପଣଙ୍କର ଶରୀର ଭଲ ନାହିଁ, ଟିକିଏ ବସି ଯାଆନ୍ତୁ। ପରେ କଥା ହେବା।" ଏତିକି କହି ସେ ଦୁଇଜଣଙ୍କ ମଝିକୁ ଆସିଗଲେ।

ଏ ହାରାମଜାଦୀ, ବନ୍ଧୁକୁ ବଞ୍ଚାଇବାକୁ ଆସୁଛୁ" କହି ସେ ରାଣୀଙ୍କୁ ମାରିବାକୁ ହାତ ଉଠାଇଲେ। ବୋପଣ୍ଣା ତାଙ୍କୁ ଅଟକେଇବା ପାଇଁ ହାତ ବଢ଼ାଇବା ସଙ୍ଗେ ସଙ୍ଗେ ଲକ୍ଷ୍ମୀନାରାୟଣାୟା ତାଙ୍କୁ ପଛରୁ ଟାଣି ଧରିଲେ।

ରାଜାଙ୍କ ହାତ ରାଣୀଙ୍କ ମୁଣ୍ଡରେ ଲାଗିବାରୁ ରାଣୀ ତାଙ୍କୁ ଦୁଇ ହାତରେ ଧରି ପକାଇଲେ। କ୍ରୋଧରେ ନିଃଶ୍ୱାସ ନେଇ ସେ ଗୋଟାଏ ପଟକୁ ନଇଁ ଗଲେ ଓ ତା ମୁହଁରୁ ଚ୍- ଚ୍- ଚ୍ ର ଆବାଜ ବାହାରିବାକୁ ଲାଗିଲା।

ହାତ ବଢ଼ାଇ ରାଣୀ ତାଙ୍କୁ ଧରି ପକାଇ କହିଲେ, "ଏଠାକୁ ଆସ ବସବୟା, ମହାରାଜଙ୍କ ଦେହ ଭଲ ନାହିଁ। ତାଙ୍କୁ ନେଇ ଯାଇ ଶୁଆଇବାକୁ ହେବ।"

---

(୧) ଦକ୍ଷିଣରେ ପିଉସୀ ଝିଅ ସଙ୍ଗେ ବା ମାମୁଁ ଝିଅ ସଙ୍ଗେ ବିବାହ ହୋଇଥାଏ।

Digitized by srujanika@gmail.com

ରାଣୀ ଗୌରମ୍ମାଙ୍କ ବ୍ୟବହାରରେ ବସବ ମଧ୍ୟ ଆଶ୍ଚର୍ଯ୍ୟ ହୋଇଗଲା। ତାଙ୍କ ଆଜ୍ଞା ଅନୁଯାୟୀ ସେ ଆଗକୁ ଆସି ରାଜାଙ୍କୁ ଧରିଲା ବେଳକୁ ସେ ବେହୋସ ହୋଇ ଯାଇଥିଲେ।

ରାଣୀ "ଟିକିଏ ଅପେକ୍ଷା କରନ୍ତୁ, ମୁଁ ଆସୁଛି" ବୋଲି ମନ୍ତ୍ରୀମାନଙ୍କୁ କହି ବସବୟାକୁ "ରାଜାଙ୍କୁ ଛାଡି ସେବିକାକୁ ଡାକ" ବୋଲି 'କହିଲେ। ତାପରେ ରାଜାଙ୍କୁ ପାଖରେ ଥିବା ପଲଙ୍କରେ ଧରି କରି ବସାଇଲେ। ବସବ ଦ୍ୱାର ନିକଟକୁ ଯାଇ ସେବିକାକୁ ଡାକିଲା। ସେ ଆସିବାରୁ ରାଣୀ ତାକୁ ରାଜାଙ୍କ ବାଁ ହାତ ଧରିବାକୁ କହି ନିଜେ ଧରି ତାଙ୍କୁ ଭିତରକୁ ଉଠାଇ ନେଇଗଲେ।

ରାଣୀ ରାଜାଙ୍କୁ ଉଠାଇବା ସମୟରେ ଲେଙ୍ଗଡା ସହାୟତା କରିବାକୁ ଆଗକୁ ଆସିବାରୁ ରାଣୀ ତାକୁ ବାରଣ କଲେ। ବୋପଣ୍ଣା ମଧ୍ୟ ଆଗକୁ ପାଦେ ଆସି 'ରାଣୀମା ଆପଣ ଛାଡ଼ନ୍ତୁ' ବୋଲି କହିଲେ। ତାଙ୍କ କଥାରୁ ମନେ ହେଉଥିଲା ଯେ ଏହା କଠିନ କାମ ନୁହେଁ ଓ ଏହା କରିବା ଦ୍ୱାରା ଇଜ୍ଜତ ନଷ୍ଟ ହୁଏ ନାହିଁ।

ରାଣୀ ରାଜାଙ୍କୁ ଭିତରକୁ ନେଇଯିବା ପରେ ବୋପଣ୍ଣା ଲକ୍ଷ୍ମୀନାରାୟଣାୟାଙ୍କୁ କହିଲେ, "ରାଣୀ ମା'ଙ୍କର ବହୁତ କଷ୍ଟ। ଆଉ ଏ କଥା ଆଗକୁ ବଢ଼ାଇବା ଉଚିତ ନୁହେଁ।"

ଲକ୍ଷ୍ମୀନାରାୟଣାୟା 'ଠିକ୍ ଅଛି' କହି ବସବଙ୍କୁ ଡାକି କହିଲେ, "ବସବୟା ରାଣୀ ମା ଯଦି ଆମ ବିଷୟରେ ପଚାରନ୍ତି କହିବ ଯେ ସେ ବର୍ତ୍ତମାନ ରାଜାଙ୍କୁ ଦେଖାଶୁଣା କରନ୍ତୁ। ଯଦି ଆମକୁ ଭେଟିବାକୁ ଚାହାନ୍ତି ତ କାଲି ଆମେ ଉପସ୍ଥିତ ହେବୁ।"

ବସବୟା, "ଠିକ୍ ଅଛି, ପଣ୍ଡିତ ମହାଶୟ କହିବାରୁ ସେମାନେ ଦୁଇଜଣ ସେଠାରୁ ଚାଲିଗଲେ।

32

ରାଜା ପନ୍ଦର ଦିନ ପର୍ଯ୍ୟନ୍ତ ମୂର୍ଛିତ ହୋଇ ବିଛଣାରେ ପଡ଼ି ରହିଲେ। ପ୍ରଥମ ତିନିଦିନ ତାଙ୍କର ଅଳ୍ପ ବହୁତ ହୋସ ଥିଲା ଓ ସେ ପ୍ରଳାପ କରୁଥିଲେ। ତାଙ୍କ ସୁଶ୍ରୁଷା ପାଇଁ ରାଣୀ ସର୍ବଦା ତାଙ୍କ ପାଖରେ ରହି ବୈଦ୍ୟଙ୍କୁ ଡାକି ତାଙ୍କୁ ପରୀକ୍ଷା କରି ଚିକିତ୍ସା କରିବାକୁ କହିଲେ। ତାର ପରୀକ୍ଷଣକୁ ଧ୍ୟାନର ସହ ଦେଖିବାରୁ ସେ ଚିକିତ୍ସାର ଉତ୍ତମ ବ୍ୟବସ୍ଥା କଲେ। ତା ସଙ୍ଗେ ସଙ୍ଗେ ଦୀକ୍ଷିତଙ୍କୁ ଡକାଇ ରାଜାଙ୍କର ସ୍ୱାସ୍ଥ୍ୟ ଲାଭପାଇଁ ଭଗବାନଙ୍କ ପୂଜା କରାଇବାର ବନ୍ଦୋବସ୍ତ କଲେ। ଦୀକ୍ଷିତ ଜ୍ୟୋତିଷ ବିଦ୍ୟା ଜାଣିଥିବାରୁ ରାଣୀ ତାଙ୍କୁ କହିଲେ, "ଗ୍ରହ ଦଶା କିପରି ଅଛି ଦେଖନ୍ତୁ। ଗ୍ରହଶାନ୍ତି ପାଇଁ ଯାହା ଦରକାର କରନ୍ତୁ।

ରାଜା ପ୍ରଳାପ କରିବା ସମୟରେ ଲୁସି ନାମକ ଜଣେ ଇଂରେଜ ମହିଳା ଓ ହକର ନାମକ ଜଣେ କର୍ମକର୍ତ୍ତାଙ୍କ ନାମ ଉଚ୍ଚାରଣ କରୁଥିଲେ। ସେମାନଙ୍କୁ ଭୋଜି ଦେବାରେ ଡେରି ହୋଇଗଲା ବୋଲି ସେ ଚିନ୍ତା କରୁଥିଲେ। ରାଣୀ ସେମାନଙ୍କୁ ଆଗରୁ ଦେଖିଥିଲେ। ସେ ଠିକ୍ କଲେ ଯେ ରାଜାଙ୍କ ଦେହ ଭଲ ହୋଇଯିବା ପରେ ସବୁ ଇଂରେଜମାନଙ୍କୁ ଡାକି ଭୋଜି ଦେବାକୁ ପଡ଼ିବ।

Digitized by srujanika@gmail.com

ପୂର୍ବରୁ ଥରେ ଯେତେବେଳେ ରାଜାଙ୍କୁ ଏହି ଭଳି ରୋଗ ହୋଇଥିଲା ସେତେବେଳେ ପାଦ୍ରୀ ମେଘଲିଙ୍ଗ ସାହେବ ଦେଇଥିବା ଔଷଧ ଖୁବ୍ କାମ ଦେଇଥିଲା ବୋଲି ବୈଦ୍ୟ କହିଲା । 'ମେଘଲିଙ୍ଗ' ଇଂରାଜୀ 'ମୌଗଲିଙ୍ଗ'ର ଦେଶୀ ରୂପ ଥିଲା । ପାଦ୍ରୀ ମେଘଲିଙ୍ଗ ମାଙ୍ଗାଲୋରରେ ଖ୍ରୀଷ୍ଟଧର୍ମ ପ୍ରଚାର କରିବାକୁ ଭାରତ ଆସିଥିଲେ । ସେ ବୈଦ୍ୟଗିରି ମଧ୍ୟ ଜାଣିଥିଲେ । ରାଣୀ ମାଙ୍ଗାଲୋର ଲୋକ ପଠାଇ ପାଦ୍ରୀଙ୍କୁ ଡକାଇଲେ ।

ବୈଦ୍ୟ ଯେଉଁ ଔଷଧ ଦେଉଥିଲେ ତାହା ରାଜାଙ୍କୁ ଦେବା ପୂର୍ବରୁ କୌଣସି ଲୋକ ବା କୁକୁରକୁ ଖୁଆଇ ଦେଖିବାର ପ୍ରଥା ମହଲରେ ଚାଲି ଆସୁଥିଲା । ଏଥର ମଧ୍ୟ ଔଷଧ ରାଜାଙ୍କୁ ଦେବା ପୂର୍ବରୁ ରାଣୀ ଚାଖି ଦେଖିଲେ । ରାଣୀଙ୍କର ସେ ଦେଇଥିବା ଔଷଧ ଚାଖିବା ଦେଖି ପାଦ୍ରୀ କହିଲେ, "ମୋ ଔଷଧ ଦେବା ପୂର୍ବରୁ ଏତେ ସାବଧାନ ହେବା ଆବଶ୍ୟକ ନାହିଁ ।" "ମୋର ମଧ୍ୟ ସ୍ୱାସ୍ଥ୍ୟ ଭଲ ନଥିବାରୁ ଖାଇଲି ।" ହସି ହସି କହିଲେ ରାଣୀ ।

ରାଣୀଙ୍କ ପ୍ରତି ରାଜାଙ୍କ ବ୍ୟବହାର ଭଲ ନୁହେଁ ବୋଲି କେବଳ ପାଦ୍ରୀ କାହିଁକି, କୋଡଗୁକୁ ଆସୁଥିବା ସବୁ ଇଂରେଜ ଜାଣିଥିଲେ । ଏପରି ପରିସ୍ଥିତିରେ ରାଣୀ ପତିଙ୍କ ପ୍ରତି ଏତେ ଶ୍ରଦ୍ଧା ଓ ତାଙ୍କର ଏତେ ସେବା କରୁଛନ୍ତି ଦେଖି ପାଦ୍ରୀ ଆଶ୍ଚର୍ଯ୍ୟ ହେଲେ । ତାହାଛଡା ତାଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିଲା ଯେ ହିନ୍ଦୁ ଧର୍ମରେ ସ୍ତ୍ରୀମାନଙ୍କର ପ୍ରତିଷ୍ଠା ନାହିଁ ଓ ପତି ଯେପରି ହେଲେ ମଧ୍ୟ ସ୍ତ୍ରୀକୁ ତାଙ୍କୁ ଦେବତା ରୂପେ ମାନିବାକୁ ପଡେ । ଧର୍ମ ସ୍ତ୍ରୀକୁ ଦବାଇ ରଖିଛି । ଏହାଦ୍ୱାରା ତାଙ୍କ ମନରେ ରାଣୀଙ୍କ ପ୍ରତି ସାମାନ୍ୟ ତିରସ୍କାର ମଧ୍ୟ ଉତ୍ପନ୍ନ ହେଲା । ରାଣୀ ପାଦ୍ରୀଙ୍କୁ କହିଲେ, "ରାଜାଙ୍କ ସ୍ୱାସ୍ଥ୍ୟ ଠିକ୍ ହେବାର ମାସେ ଦୁଇମାସ ପରେ ଆମେ ଆପଣଙ୍କ ଇଂରେଜ ମିତ୍ରମାନଙ୍କୁ ଭୋଜି ଦେବାକୁ ଚାହୁଁଛୁ । ଆମର ଇଚ୍ଛା ଯେ ସେଥିରେ ହକର ସାହେବ ତଥା ଲୁସି ମେମସାହେବ ତଥା ଆପଣଙ୍କ ଅନ୍ୟ ମିତ୍ର ଯୋଗ ଦିଅନ୍ତୁ । ମାଙ୍ଗାଲୋରରୁ ଆପଣଙ୍କ ସାହେବଙ୍କୁ ମଧ୍ୟ ଏଥିରେ ଯୋଗଦେବାକୁ କହିବେ । ସମସ୍ତଙ୍କୁ ସୁବିଧା ହେଲା ପରି ଗୋଟିଏ ଦିନ ନିଶ୍ଚିତ କରନ୍ତୁ ।"

ପାଦ୍ରୀ "ଖୁବ୍ ଖୁସିର କଥା । ତାହା ହିଁ ହେବ ।" କହି ଏ ବିଷୟରେ ବାଙ୍ଗାଲୋର ଓ ମାଙ୍ଗାଲୋରକୁ ଦୁଇଟି ପତ୍ର ଲେଖିଲେ ।

33

ରୋଗୀମାନଙ୍କ ପାଖରେ ବସି ତାଙ୍କ ଆତ୍ମାର କଲ୍ୟାଣ ପାଇଁ ପ୍ରାର୍ଥନା କରିବା ଖ୍ରୀଷ୍ଟଧର୍ମ ପ୍ରଚାରକମାନଙ୍କର ଏକ ନିୟମ ଥିଲା । ଅନ୍ୟ ଧର୍ମାବଲମ୍ବୀମାନଙ୍କ ନିକଟରେ ବସି କଥା ହେବା ସମୟରେ ସେମାନଙ୍କୁ ଖ୍ରୀଷ୍ଟଧର୍ମାବଲମ୍ବୀ କରିବାର ଏହା ଏକ ଉପାୟ । ଯୀଶୁ ରକ୍ଷକ, ଖ୍ରୀଷ୍ଟିୟାନମାନଙ୍କ ଉପରେ ହିଁ ଭଗବାନ କୃପା କରନ୍ତି, ଏହା ସେମାନଙ୍କର ଦୃଢ ବିଶ୍ୱାସ । ରୋଗୀର ମନ ଦୁର୍ବଳ ଥିବା ହେତୁ ସେମାନଙ୍କ ନିକଟରେ ନର୍କର ବର୍ଣ୍ଣନା କରି ଭୟ ଉତ୍ପନ୍ନ କରିବାକୁ ସୁବିଧା ହୁଏ । ଖ୍ରୀଷ୍ଟିୟାନ ପାଦ୍ରୀ ଏ ପ୍ରସଙ୍ଗ ଉଠାଇ ରୋଗୀକୁ ଭୟଭୀତ କରିବାପାଇଁ ପଛାନ୍ତି ନାହିଁ । ରୋଗୀର ଆତ୍ମାକୁ ରକ୍ଷା କରିବା ବାହାନାରେ ତାକୁ ଖ୍ରୀଷ୍ଟଧର୍ମାବଲମ୍ବୀ କରିବାକୁ ଏହା ହିଁ ଉପଯୁକ୍ତ ସମୟ । ମନୁଷ୍ୟର ଆତ୍ମାକୁ ନିଜ

Digitized by srujanika@gmail.com

ଆତଙ୍କୁ ମୋଡ଼ିବା ପାଇଁ ଭଗବାନ ମନୁଷ୍ୟଙ୍କୁ ବେମାର କରନ୍ତି ବୋଲି ସେମାନଙ୍କର ବିଶ୍ୱାସ। ମେଘଲିଙ୍ଗ ପାଦ୍ରୀ ମଧ୍ୟ ଏହିପରି ମନୋବୃତ୍ତି ରଖିଥିବା ଧର୍ମ ପ୍ରଚାରକ ଥିଲେ।

ରାଜାଙ୍କୁ ଔଷଧ ଦେବା ସମୟରେ ପାଦ୍ରୀ ରାଣୀ ତଥା ରାଜାଙ୍କୁ ଖ୍ରୀଷ୍ଟଧର୍ମ ବିଷୟରେ ବହୁତ କିଛି କହିଲେ। ସେମାନେ ଖ୍ରୀଷ୍ଟଧର୍ମ ଗ୍ରହଣ କଲେ ଭଗବାନ ତାଙ୍କର ରକ୍ଷା କରିବେ ଓ ଇଂରେଜମାନେ ତାଙ୍କୁ ନିଜ ଭାଇ ପରି ବ୍ୟବହାର କରିବେ ବୋଲି ସେ ଆଶ୍ୱାସନା ଦେଲେ।

ସପ୍ତାହକ ପରେ ଯେତେବେଳେ ରାଜାଙ୍କ ଶରୀରରେ ସାମାନ୍ୟ ଶକ୍ତି ଆସିଲା ରାଜା ଥଟ୍ଟାରେ ପାଦ୍ରୀଙ୍କୁ ପଚାରିଲେ, "ଆମେ ଖ୍ରୀଷ୍ଟିୟାନ ହେଲେ ଆପଣ ଆମକୁ କ'ଣ ଦେବେ?" ପାଦ୍ରୀ କହିଲେ, "ଆପଣଙ୍କ ଆତ୍ମା ବର୍ତ୍ତମାନ ଶଇତାନ ହାତରେ ଅଛି। ମୁଁ ଆପଣଙ୍କୁ ତା ହାତରୁ ବଞ୍ଚେଇ ଦେବି।" ରାଜାଙ୍କୁ ଖୁବ୍ କ୍ରୋଧ ଆସିଲା। ସେ କହିଲେ, "ବଦମାସ, ତୋ ବାପକୁ ଶୈତାନ ବଶ କରିଛି, ପ୍ରଥମେ ତାକୁ ରକ୍ଷା କର।" ପାଦ୍ରୀ କହିଲେ, "ଶୈତାନ ଏପରି କଥା କହେ ବୋଲି ଆମ ଧର୍ମରେ ଅଛି। ମୁଁ ଏଇ ଶୈତାନକୁ ହଟାଇବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବି।"

ପାଦ୍ରୀଙ୍କର ସହିଷ୍ଣୁତା ଦେଖି ରାଣୀ ଆଶ୍ଚର୍ଯ୍ୟ ହେଲେ। ମନେ ହେଲା ଓଁକାର ମନ୍ଦିରର ଦୀକ୍ଷିତଙ୍କ ପରି ସେ ମଧ୍ୟ ଖୁବ୍ ସହନଶୀଳ ବ୍ୟକ୍ତି। ଏହି କାରଣ ଯୋଗୁଁ ପାଦ୍ରୀ ରାଣୀଙ୍କୁ ଭଲ ଲାଗିଲେ। ସେ ରାଣୀଙ୍କ ଆଜ୍ଞା ନେଇ ତାଙ୍କୁ ଓ ରାଜକୁମାରୀଙ୍କୁ ଖ୍ରୀଷ୍ଟ ଧର୍ମର ଶ୍ରେଷ୍ଠତା ବିଷୟରେ ବୁଝାଇ ସେମାନଙ୍କୁ ଖ୍ରୀଷ୍ଟଧର୍ମ ଗ୍ରହଣ କରିବାକୁ କହିଲେ। ରାଣୀ ଉତ୍ତର ଦେଲେ, "ଆମ ଧର୍ମ ଆମ ପାଇଁ ଭଲ ଓ ଆପଣଙ୍କ ଧର୍ମ ଆପଣଙ୍କ ପାଇଁ। ଆପଣ ସେହି ରାସ୍ତାରେ ମୋକ୍ଷ ପାଆନ୍ତୁ, ଆମେ ଆମ ରାସ୍ତାରେ ଚାଲୁଛୁ। ଆପଣ ଔଷଧ ଦେବାପାଇଁ ଆସିଛନ୍ତି- ତାହା ହିଁ ଠିକ୍ ରୂପେ କରନ୍ତୁ। ମୁଁ ଆପଣଙ୍କୁ ପୁରସ୍କୃତ କରିବି।"

ପାଦ୍ରୀ: "ଖ୍ରୀଷ୍ଟଧର୍ମ ଯେ ହିନ୍ଦୁଧର୍ମ ଠାରୁ ଶ୍ରେଷ୍ଠ ମୁଁ ଆପଣଙ୍କୁ ପ୍ରମାଣିତ କରି ଦେଖାଇବି। ଆପଣଙ୍କ ଗୁରୁଙ୍କୁ ଡକାନ୍ତୁ, ମୋ ସହ ସେ ଶାସ୍ତ୍ର ବିଷୟରେ ଆଲୋଚନା କରନ୍ତୁ, ମୁଁ ତାଙ୍କୁ ସେଥିରେ ହରାଇ ଦେବି।"

ରାଣୀ: "ଧର୍ମ ବିଷୟରେ ଏପରି ଆଲୋଚନା କରିବା ଆମ ଗୁରୁଜନମାନେ ସ୍ୱୀକାର କରିବେ ନାହିଁ। ଆପଣଙ୍କ କଥା ମୁଁ ଦୀକ୍ଷିତଙ୍କୁ କହିବି, ଯଦି ସେ ସ୍ୱୀକାର କରନ୍ତି ତ ଆପଣ ଦୁଇଜଣ ଦିନେ ଶାସ୍ତ୍ର ଆଲୋଚନା କରିବେ।"

ସେ ସମୟରେ ଦୀକ୍ଷିତ ମନ୍ଦିରରେ ଗ୍ରହଶାନ୍ତି ତଥା ଦେବପୂଜା କରି ରାଜାଙ୍କ ସ୍ୱାସ୍ଥ୍ୟପାଇଁ ଅନ୍ନଦାନ ତଥା ବସ୍ତ୍ରଦାନ କରାଇଥିଲେ। ସମସ୍ତ ଖର୍ଚ୍ଚ ରାଣୀ ନିଜ ପାଣ୍ଠିରୁ ଦେଲେ।

ମାସକ ମଧ୍ୟରେ ରାଜାଙ୍କ ପୂର୍ବସ୍ୱାସ୍ଥ୍ୟ ଧୀରେ ଧୀରେ ଫେରି ଆସିବାକୁ ଲାଗିଲା। ପତି ମୂର୍ଚ୍ଛିତ ହେବା ସମୟରେ ରାଣୀ ଖୁବ୍ ଡରି ଯାଇଥିଲେ। ବର୍ତ୍ତମାନ ତାଙ୍କର ସେ ଭୟ ଦୂର ହୋଇ ମନକୁ ଶାନ୍ତି ମିଳିଲା। ବୈଦ୍ୟ ଦୀକ୍ଷିତ ଓ ପାଦ୍ରୀଙ୍କୁ ପୁରସ୍କୃତ କରିବା ସମୟରେ ରାଣୀ ସେମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରି କହିଲେ, "ଭଗବାନ ଆପଣ ଦୁଇଜଣଙ୍କ ରୂପରେ ମୋର ରକ୍ଷା କଲେ।"

Digitized by srujanika@gmail.com

34

ଚିହ୍ନଣ୍ଣା ଶେଟ୍ଟୀଙ୍କ ପୁତୁରା ନିଜ ପତ୍ନୀସହ ଅରକଲଗୂଡ ପଳେଇ ଯାଇ ସେଠାରେ ସେ ନିଜ କାକାଙ୍କ ଅବସ୍ଥା ବିଷୟରେ ଭାବିବାକୁ ଆରମ୍ଭ କଲେ। ନିଜ ମିତ୍ରମାନଙ୍କୁ ତାଙ୍କ ଆସିବାର କାରଣ କହି କାକାଙ୍କୁ କିପରି ରକ୍ଷା କରାଯାଇ ପାରିବ ସେ ବିଷୟରେ ସେମାନଙ୍କ ସହ ଆଲୋଚନା କଲେ।

ଦୁଇ ବର୍ଷ ପୂର୍ବେ ମହୀଶୂରର ରାଜା ଠିକ୍ ରୂପେ ରାଜ୍ୟଶାସନ କରିପାରୁ ନାହାନ୍ତି ବୋଲି ବାହାନା କରି ଇଂରେଜମାନେ ମହୀଶୂର ଅଧିକାର କରି ନେଲେ। ତାଙ୍କ ମିତ୍ରମାନେ ଉପଦେଶ ଦେଉଥିଲେ ଯେ "କୋଡଗର ରାଜା ଅଯୋଗ୍ୟ। ତାଙ୍କୁ ଗଦୀରୁ ହଟାଇ ମହୀଶୂର ପରି କୋଡଗକୁ ମଧ୍ୟ ଦଖଲ କରି ନିଅ" ଲେଖି ଇଂରେଜଙ୍କୁ ଗୋଟିଏ ପତ୍ର ଲେଖାଯାଉ। ଏହା ମଧ୍ୟ ଲେଖାଯାଉ ଯେ "ଆମେ ସମସ୍ତେ ମହୀଶୂର ନିବାସୀ। ବର୍ତ୍ତମାନ ଇଂରେଜ ଆମର ପ୍ରଭୁ। ମଡକେରୀରେ ରହୁଥିଲେ ମଧ୍ୟ ଚିହ୍ନଣା ଶେଟ୍ଟୀଙ୍କ ଜନ୍ମସ୍ଥାନ ଅରକଲଗୂଡ଼। କୋଡ଼ଗର ରାଜା ମହୀଶୂରର ସାହୁକାରକୁ ହଇରାଣ କରୁଛନ୍ତି। ଏ ସବୁର ଯାଞ୍ଚ କରାଯାଉ।" ଜନତାଙ୍କ ତରଫରୁ ଏ ପ୍ରାର୍ଥନା ଇଂରେଜମାନେଙ୍କ ନିକଟରେ ପହଞ୍ଚାଇବା ଆବଶ୍ୟକ। ଅରକଲଗୂଡ଼ର ପ୍ରମୁଖ ଲୋକଙ୍କ ତରଫରୁ ଗୋଟିଏ ପ୍ରାର୍ଥନା ପତ୍ର, ଚିହ୍ନଣା ଶେଟ୍ଟୀଙ୍କ ବନ୍ଧୁମାନଙ୍କ ତରଫରୁ ଆଉ ଏକ ପ୍ରାର୍ଥନାପତ୍ର ତଥା ଚିହ୍ନରାମ ଶେଟ୍ଟୀଙ୍କ ତରଫରୁ ଆଉ ଗୋଟିଏ ପତ୍ର ସପ୍ତାହକ ମଧ୍ୟରେ ବାଙ୍ଗାଲୋରର ଇଂରେଜ ଅଧିକାରୀଙ୍କ ନିକଟରେ ପହଞ୍ଚାଇବାକୁ ନିଷ୍ପତ୍ତି କରାଗଲା।

ଅରକଲଗୂଡରୁ ଏପରି ପ୍ରାର୍ଥନାପତ୍ର ପଠାଯାଇଛି ବୋଲି ଚିହ୍ନରାମ ଶେଟ୍ଟୀ ଗୁପ୍ତ ଭାବେ ଚିହ୍ନଣ୍ଣା ଶେଟ୍ଟୀଙ୍କ ନିକଟକୁ କହି ପଠାଇଲେ। ଚିହ୍ନଣା ଶେଟ୍ଟୀ ନିଜେ ପ୍ରାର୍ଥନାପତ୍ର ପଠାଇବାକୁ ପ୍ରସ୍ତୁତ ନ ଥିଲେ ମଧ୍ୟ ଅନ୍ୟମାନେ ପଠାଇଲେ ତାଙ୍କର ଆପତ୍ତି ନଥିଲା। ବରଂ ତାଙ୍କୁ ଏହା ଭଲ ଲାଗିଥିଲା। କିନ୍ତୁ ମହଲରେ ଏ ଖବର ପହଞ୍ଚିବା ପରେ ତାଙ୍କର ଯେପରି କିଛି କ୍ଷତି ନ ହୁଏ- ତାହା ସେ ଚାହୁଁଥିଲେ।

35

ଯେପରି ଆପତ୍ତିପୂର୍ଣ୍ଣ ପତ୍ର ସବୁ ଅରକଲଗୂଡରୁ ଆସିଥିଲା ସେପରି ପତ୍ର ଇଂରେଜମାନଙ୍କର ଅତି ପ୍ରିୟ ଥିଲା। ସେହି ସମୟରେ ଭାରତଭୂମିକୁ ଦଖଲ କରିବା ପାଇଁ ସେମାନେ ଅଜଗରର ଅଭିନୟ କରୁଥିଲେ। ହାଇଦରଙ୍କ ସହ ମତାନ୍ତର ଚାଲିଥିବା ସମୟରେ ସେମାନେ ମହୀଶୂର ପ୍ରଦେଶକୁ ଉତ୍ତମ ରୂପେ ଦେଖି ନେଇଥିଲେ। ଦୋଡ୍ଡବୀରରାଜଙ୍କ ସହ ମିତ୍ରତା ହେତୁ ସେମାନେ କୋଡଗକୁ ମଧ୍ୟ ଭଲରୂପେ ଯାଞ୍ଚ କରି ନେବାର ସୁଯୋଗ ପାଇଥିଲେ।

Digitized by srujanika@gmail.com

ସେତିକିବେଳୁ ଇଂରେଜମାନଙ୍କ ମନରେ ଆଶା ଥିଲା ଯେ, ମହୀଶୂର ଓ କୋଡଗ ପରି ସୁନାର ଦେଶକୁ ପାଇବା ଭାଗ୍ୟର କଥା ।

ଟିପୁ ଅନ୍ତିମ ଥର ପାଇଁ ହାରିଯିବାରୁ ମହୀଶୂର ରାଜ୍ୟର ପୁନର୍ବ୍ୟବସ୍ଥା ସମ୍ବନ୍ଧରେ ଇଂରେଜମାନଙ୍କ ମଧ୍ୟରେ ଦୁଇଟି ମତ ପ୍ରକାଶ ପାଇଲା । "ରାଜ୍ୟ ଆମକୁ ଫେରାଇ ଦିଅନ୍ତୁ" କହି ରାଜମାତା ସେ କାର୍ଯ୍ୟରେ ଖୁବ୍ ସହାୟତା କରିଥିଲେ । ଗୋଟିଏ ଦଳର ମତ ଥିଲା, "ତାଙ୍କ ସହ ବିଶ୍ୱାସଘାତ କରିବା ଉଚିତ ନୁହେଁ । ତାଙ୍କ ରାଜ୍ୟ ତାଙ୍କୁ ଫେରାଇଦେବା ହିଁ ନ୍ୟାୟସଙ୍ଗତ ।" "ନ୍ୟାୟକୁ ଦେଖିଲେ ରାଜ୍ୟପ୍ରାପ୍ତ ହେବ କିପରି ? ଏମାନଙ୍କର କ'ଣ ରାଜ୍ୟଶାସନ କରିବାର ଯୋଗ୍ୟତା ଅଛି ? ତାଙ୍କୁ ଗଦୀ ଉପରେ ବସାଇଲେ ଆମକୁ ସେମାନଙ୍କୁ ଦେଖାଶୁଣା କରିବାକୁ ପଡ଼ିବ । ସେଥିରେ ଲାଭ କିଛି ନାହିଁ । ରାଜା ଆମକୁ ସାହାଯ୍ୟ କରିଥିବାରୁ ପ୍ରତିବର୍ଷ କିଛି ଲକ୍ଷ ଟଙ୍କା ପେନ୍‌ସନ୍ ହିସାବରେ ଦିଆଯିବ । ରାଜ୍ୟ ହାତକୁ ନେବା ଉଚିତ ।" ଏହା ଦ୍ୱିତୀୟ ମତ ଥିଲା । ଏ ଦୁଇ ଦଳ ମଧ୍ୟରେ ବାଦ-ବିବାଦ ଶେଷ ହେବା ଖୁବ୍ କଠିନ ଥିଲା ।

ଶେଷରେ ବାଦବିବାଦ ଶେଷ ହେବାର ଯେଉଁ ଉପାୟ କରାଗଲା ତାହା ନ୍ୟାୟଦୃଷ୍ଟିରୁ ଠିକ୍ ନ ଥିଲା । ଟୀପୁଙ୍କୁ ହରଇବା ପାଇଁ ନିଜାମ ଓ ମରାଠାମାନେ ଇଂରେଜମାନଙ୍କ ସହାୟତା କରିଥିଲେ । ମହୀଶୂର ରାଜାଙ୍କୁ ସମର୍ପି ନ ଥିଲେ ଟୀପୁଙ୍କ ଅଧୀନସ୍ଥ ଏ ବିସ୍ତୃତ ପ୍ରଦେଶକୁ ଇଂରେଜମାନେ ଏକାକୀ ସମ୍ଭାଳି ପାରି ନଥାନ୍ତେ । ଟୀପୁଙ୍କୁ ହରାଇବାରେ ସାହାଯ୍ୟ କରିଥିବାରୁ ନିଜାମ ତଥା ମରାଠାଙ୍କୁ ଭାଗ ଦେବାକୁ ପଡ଼ିଥାଆନ୍ତା । ଏମିତିରେ ସେମାନେ ଶକ୍ତିଶାଳୀ ପୁଣି ରାଜ୍ୟରୁ ଭାଗ ଦେଇଥିଲେ ଆଉ ହାତକୁ ଆସି ନ ଥାଆନ୍ତେ । ଜଣେ ଟୀପୁଙ୍କୁ ହରାଇ ଦୁଇଜଣ ଟୀପୁଙ୍କୁ ତିଆରି କରିବାକୁ ପଡ଼ିଥାଆନ୍ତା । ମହୀଶୂର ରାଜ୍ୟକୁ ହିନ୍ଦୁ ରାଜାଙ୍କୁ ଦେଲେ ସେ ଏହାକୁ ଇଂରେଜମାନଙ୍କ ଉପକାର ଭାବି ସେମାନଙ୍କ ପ୍ରତି କୃତଜ୍ଞ ରହିବେ । ନିଜାମ ଓ ମରାଠାମାନଙ୍କ ବିରୁଦ୍ଧରେ ତୃତୀୟ ଶକ୍ତିର ଆବଶ୍ୟକତା ହେଲେ ସେ ଇଂରେଜମାନଙ୍କୁ ସାହାଯ୍ୟ କରିବ । ଏହା ସବୁ ଭାବିଚିନ୍ତି ଇଂରେଜମାନେ ମହୀଶୂର ରାଜ୍ୟ ହିନ୍ଦୁ ରାଜାଙ୍କୁ ଫେରସ୍ତ ଦେଇଥିଲେ ।

ତିରିଶ ବର୍ଷ ପୂର୍ବେ ଆସିଥିବା ଅଧିକାରୀ ଓ ତାଙ୍କ ସହାୟକମାନେ ଦୁଃଖରେ କହିଲେ, "ଆହା, ଏପରି ଭୂମିକୁ ଆମେ ନିଜେ ନ ରଖି ଫେରସ୍ତ କରିଦେଲେ ।" କୋଡ଼ିଏ ବର୍ଷ ବିତିଯିବା ପରେ ଟୀପୁଙ୍କ ପରାଜୟ ସମୟରେ ଇଂରେଜମାନଙ୍କର ଯେଉଁ ମନୋଭାବନା ଥିଲା ବର୍ତ୍ତମାନ ତାର ଅନେକ ପରିବର୍ତ୍ତନ ହୋଇଥିଲା । ସେତେବେଳର ପ୍ରତିପକ୍ଷୀ ମରାଠା ବର୍ତ୍ତମାନ ଦୁର୍ବଳ ହୋଇ ପଡ଼ିଛନ୍ତି । ମରାଠାଙ୍କ ପରି ନିଜର ଅବସ୍ଥା ହୋଇଯାଇପାରେ ଭାବି ନିଜାମ ମଧ୍ୟ ଡରି ଯାଇଥିଲେ । ଅଜଗରର ସ୍ୱଭାବ ପରି ଇଂରେଜ ଏହି ମଉକାର ଅପେକ୍ଷାରେ ଥିଲେ । ମହୀଶୂର ରାଜ୍ୟର ଅଧିକାରୀମାନଙ୍କର ଅଯୋଗ୍ୟତା ଯୋଗୁ ରାଜ୍ୟରେ ଅବ୍ୟବସ୍ଥା ଉତ୍ପନ୍ନ ହୋଇଯାଇଥିଲା । ଏହି ବାହାନା କରି ଇଂରେଜମାନେ ରାଜାଙ୍କୁ ଗାଦୀରୁ ହଟାଇ ମହୀଶୂର ରାଜ୍ୟକୁ ଦଖଲ କରିନେଲେ ।

Digitized by srujanika@gmail.com

ଗୋଟାଏ ଦୃଷ୍ଟିରୁ କୋଡଗ ଏମାନଙ୍କୁ ମହୀଶୂରଠାରୁ ବେଶୀ ଭଲ ଲାଗିଲା । କୋଡଗର ଜଙ୍ଗଲ, ପାହାଡ, ନଦୀ, ନାଳ, କ୍ଷେତ, ବଗିଚା ସେମାନଙ୍କୁ ବାଇବଲର "ଏଡେନ୍‌ର ବଗିଚା" ପରି ଜଣାଯାଉଥିଲା । ଇଂରେଜମାନଙ୍କ ଧାରଣା ଥିଲା ଯେ ତାଙ୍କ ଦେଶର ସ୍କଟଲାଣ୍ଡ ଖୁବ୍ ସୁନ୍ଦର, କିନ୍ତୁ କୋଡଗର ପ୍ରାକୃତିକ ସୌନ୍ଦର୍ଯ୍ୟ ସେମାନଙ୍କୁ ତା ଠାରୁ ଆହୁରି ଭଲ ଲାଗୁଥିଲା । ତେଣୁ ମହୀଶୂର ପରି କୋଡଗକୁ ହସ୍ତଗତ କରିବାକୁ ଇଂରେଜମାନେ ବ୍ୟସ୍ତ ହୋଇ ପଡିଲେ । ରାଜାଙ୍କ ସହ ବିବାଦ ବଢାଇବା ଏମାନଙ୍କର ଇଚ୍ଛା ଥିଲା । ଆଗରୁ ଆସିଥିବା କେତେକ ଆପତ୍ତିପତ୍ର ସେମାନଙ୍କୁ ଭୋଜନ ପ୍ରସ୍ତୁତ ହେଉଛି ବୋଲି ସୂଚନା ଦେଉଥିବା ମାଳପୁଆର ସୁଗନ୍ଧ ପରି ଜଣାଗଲା । ଅରକଲଗୂଡରୁ ଆସିଥିବା ଆପତ୍ତିପୂର୍ଣ୍ଣ ପତ୍ରଗୁଡିକ ଦେଖି ସେମାନଙ୍କର ଖୁବ୍ ସନ୍ତୋଷ ହେଲା ।

ସେ ସମୟରେ ମହୀଶୂରର ଶାସନଭାର ଆଙ୍ଗ୍ଲୋ ଅଧିକାରୀଙ୍କ ହାତରେ ଥିଲା । ସେଠାରେ ମକ୍ଲୀୟାତ 'ଚିଫ୍ କମିଶନର' ଥିଲେ । କେସମାଇଜର ରେସିଡେଣ୍ଟ ଓ ହକର ତାଙ୍କର ସହାୟକ ଥିଲେ । କେସମାଇଜରଙ୍କର କୋଡଗ ହସ୍ତଗତ କରିବାର ଇଚ୍ଛାଥିଲା । ସେ ସମୟରେ ସେଠାକାର ସମସ୍ତ କାର୍ଯ୍ୟ 'ରେସିଡେଣ୍ଟ'ଙ୍କ ହାତରେ ଥିଲା । ଅରକଲଗୂଡରୁ ପତ୍ର ଆସିବାର ଏକ ସପ୍ତାହ ମଧ୍ୟରେ ମଡ୍‌କେରୀରୁ ମେଘଲିଙ୍ଗ ପାତ୍ରୀଙ୍କର ପତ୍ର ଆସିଲା । ସେଥିରେ ଲେଖା ଥିଲା, "ରାଜାଙ୍କ ସ୍ୱାସ୍ଥ୍ୟ ଠିକ୍ ନାହିଁ ସେ ଠିକ୍ ହେବା ସଙ୍ଗେ ସଙ୍ଗେ ଆପଣମାନେ ଏଠାକୁ ଆସି ତାଙ୍କ ଆତିଥ୍ୟ ସ୍ୱୀକାର କରିବାକୁ ସେ ଚାହୁଁଛନ୍ତି ।" ତା ଉତ୍ତରରେ କେସମାଇଜର ଲେଖିଲେ, "ଆମେ ନିମନ୍ତ୍ରଣ ସ୍ୱୀକାର କରୁଛୁ । ଈଶ୍ୱରଙ୍କ କୃପାରୁ ରାଜାସାହେବ ଶୀଘ୍ର ତାଙ୍କ ସ୍ୱାସ୍ଥ୍ୟ ଫେରି ପାଆନ୍ତୁ । ପରେ ଆମର ଆସିବାର ସମୟ ସୂଚିତ କରିବୁ ।"

36

"ଟିକିଏ ଅପେକ୍ଷା କରନ୍ତୁ, ଆସୁଛି" ବୋଲି ମନ୍ତ୍ରୀମାନଙ୍କୁ କହି ରାଣୀ ଭିତରକୁ ଗଲେ । ରାଜାଙ୍କୁ ପଲଙ୍କ ଉପରେ ଶୁଆଇ ସେବିକାମାନଙ୍କୁ ଡାକି ପଙ୍ଖା ଚଳାଇବାକୁ କହିଲେ ନିଜ ହାତରେ ତାଙ୍କ ମୁଣ୍ଡ ଓ ଗାଲ ଉପରେ ଗୋଲାପ ଜଳ ଛିଞ୍ଚିଲେ । ସେବିକାଙ୍କୁ "ଦୁଇମିନିଟ ଦେଖୁଥାଅ, ମୁଁ ସାଙ୍ଗେ ସାଙ୍ଗେ ଆସୁଛି" କହି ମନ୍ତ୍ରୀମାନଙ୍କ ନିକଟକୁ ଆସିଲେ । "ମନ୍ତ୍ରୀମାନେ କାଲି ପୁଣି ଆସିବେ ବୋଲି କହିଯାଇଛନ୍ତି, ମା" ବୋଲି ବସବ କହିବାରୁ ରାଣୀ ପୁଣି ରାଜାଙ୍କ ପାଖକୁ ଫେରିଗଲେ ।

ରାଜମହଲର ବାହାରେ ପାଦ ରଖୁ ରଖୁ ବୋପଣ୍ଣା କ୍ରୋଧ ପ୍ରକାଶ କରି କହିଲେ, "ପଣ୍ଡିତ ମହାଶୟ, ଦେଖିଲେ ତ ରାଜା କେମିତିକା କଥା କହି ପାରୁଛନ୍ତି ? କୋଡଗୀ ପେଟରୁ ଜନ୍ମ ନେଇ ଓ କୋଡଗୀ ଝିଅକୁ ବିବାହ କରି ମଧ୍ୟ ସେ ଏପର୍ଯ୍ୟନ୍ତ କୋଡଗୀଙ୍କ ଗୁଣ ଜାଣି ପାରିଲେ ନାହିଁ । ଛାଡନ୍ତୁ, ମୁଁ ନିଜେ ଭଗବାନ ନୁହେଁ, ତଥାପି କହୁଛି ପତ୍ନୀ ଘରର ଲକ୍ଷ୍ମୀ, ତାଙ୍କୁ ଯେପରି କଥା କହୁଛନ୍ତି, ଏ କଣ ରାଜା ହେବାର ଉପଯୁକ୍ତ ? ଏପରି ରାଜାର ମନ୍ତ୍ରୀ ହୋଇ ମୁଁ ରହିବି ?"

Digitized by srujanika@gmail.com

ଲକ୍ଷ୍ମୀନାରାୟଣରାୟ: ''ବୋପଣ୍ଣା ରାଜାଙ୍କୁ ଏ ପର୍ଯ୍ୟନ୍ତ ବୁଝି ପାରିଲ ନାହିଁ! ସେ ଶୃଙ୍ଖଳା ମଧ୍ୟରେ ପାଳିତ ହୋଇ ନାହାନ୍ତି। ତାଙ୍କର ଚାଲିଚଳନ ମଧ୍ୟ ଅଶିକ୍ଷିତ। ତାଙ୍କ ସହ କଥା କହି କିଛି ଲାଭ ନାହିଁ। କିନ୍ତୁ ଏହା ରାଜାଙ୍କ ନିଜକଥା। ଆମମାନଙ୍କର କଥା ନୁହେଁ। ମହଲର କଥା ପରି ଦେଶ ଓ ଗାଁର ମଧ୍ୟ କଥା ଅଛି। ଆମେ ରାଗିଲେ ଦେଶର କି ଅବସ୍ଥା ହେବ ?''

''ଦେଶର କଥା ଭିନ୍ନ ପଣ୍ଡିତ ମହାଶୟ। ଯାଙ୍କ କଥା ବର୍ତ୍ତମାନ ଶେଷ ହେଲା। ମୁଁ କହିଛି ନାଁ ଏ ଭିକାରୀ। ଭିକାରୀର ବଡ଼ପଣ କେଉଁଠାରୁ ଆସିବ ?'' ''ଆପଣ ରାଗିବା ଯଥାର୍ଥ ବୋପଣ୍ଣା, କିନ୍ତୁ ରାଗରେ କହିଥିବା କଥା ଠିକ୍ ନୁହେଁ।''

''ଠିକ୍ ଅଛି ପଣ୍ଡିତ ମହାଶୟ ଆଉ ସେ କଥା ଉଠାଇବି ନାହିଁ। କିନ୍ତୁ ଆଜିଠାରୁ ମୁଁ ପୋନପ୍ପାର ସାଥୀ। ମୋ ପାଇଁ ସେ ରାଜା ନୁହେଁ ଓ ତା ପାଇଁ ମୁଁ ମନ୍ତ୍ରୀ ନୁହେଁ। ପ୍ରଥମେ ଆମେ ତିନିଜଣ ତାଙ୍କ ନିକଟକୁ ଯାଉଥିଲୁ, ତାପରେ ଦୁଇଜଣ, ବର୍ତ୍ତମାନ ଆପଣ ଏକା ରହିଗଲେ।''

''ଆପଣଙ୍କ ବିନା ମୁଁ ଏକା କେତେଦିନ ରହି ପାରିବି ? ରହିବାକୁ ଚାହିଁଲେ ମଧ୍ୟ ହୋଇ ପାରିବ ନାହିଁ।''

''ତାହାହିଁ ହେଉ। ମୁସଲମାନମାନେ ଯେତେବେଳେ ଲୁଟପାଟ କଲେ ସେତେବେଳେ କିଏ ରାଜା ଥିଲା ଆଉ କିଏ ମନ୍ତ୍ରୀ ? ଏ ଭିକାରୀଙ୍କ ବଂଶ ନାଶ ହେବାକୁ ଯାଉଥିଲା। ହୋଇଥିଲେ ଦେଶର କଣ ବା କମ ହୋଇଯାଇଥାଆନ୍ତା। ବଡ଼ ରାଜା ସାହେବ ବନ୍ଦୀ ଅବସ୍ଥାରୁ ଛୁଟି ପାଇ ତକ୍କମାନଙ୍କୁ ଏକତ୍ରିତ କରି ଦେଶର ନାମ ରହିଲା ପରି କାର୍ଯ୍ୟ କଲେ। ତା'ପରେ ଯାଇ କୋଡଗ ରାଜାଙ୍କର ହେଲା। ବଡ଼ ରାଜା ଜନ୍ମ ହୋଇ ବଡ଼ପଣର ଜୀବନ ବିତାଇଲେ। କୋଡ଼ଗଭୂମି ପାଇଁ ନାଁ କମେଇଲେ। ବର୍ତ୍ତମାନର ରାଜା କୀଟରୂପେ ଜନ୍ମ ହୋଇ କୀଟ ସଦୃଶ ଜୀବନ ଅତିବାହିତ କରିବା ସଙ୍ଗେ ସଙ୍ଗେ କୋଡଗ ଭୂମିକୁ ନଷ୍ଟ କରି ସାରିଲେଣି। ଦିନେ ନା ଦିନେ କେହି ଏହାକୁ ଶେଷ କରିବ। ପୁଣି ପୂର୍ବ ପରି ଦେଶ ଓ ତକ୍କମାନେ ରହିଯିବେ।''

ଲକ୍ଷ୍ମୀନାରାୟଣରାୟଙ୍କର ଆଉ ସନ୍ଦେହ ରହିଲା ନାହିଁ ଯେ ରାଜା ବୋପଣ୍ଣାଙ୍କ ବିଷୟରେ ବହୁତ ଖରାପ କଥା କହିଛନ୍ତି ସେଥିପାଇଁ ବୋପଣ୍ଣାଙ୍କ ମନ କଷ୍ଟ ହୋଇଯିବା ସ୍ୱାଭାବିକ। କିନ୍ତୁ ରାଜା ଯଦି କୌଣସି କାରଣ ବଶତଃ ଏପରି କଥା କହନ୍ତି ଓ ମନ୍ତ୍ରୀ ତାଙ୍କ ବିରୁଦ୍ଧରେ ଠିଆ ହୁଅନ୍ତି ତେବେ ଦେଶ କିପରି ଚାଲିବ ? ମନ୍ତ୍ରୀମାନଙ୍କର ଅବସ୍ଥା ବା କଣ ହେବ ?

ରାଜା ଓ ମନ୍ତ୍ରୀ ପରସ୍ପରର ବିରୋଧୀ ହେବା କୋଡଗର ଇତିହାସରେ ନୂଆନୁହେଁ। ଲୋକଙ୍କର ଏ ବିଷୟ ମନେ ଅଛି। ବେଶୀ ପୁରୁଣା କଥା ନୁହେଁ, ଲିଙ୍ଗରାଜ ରାଜା ହେବା ପାଇଁ ନିଜର ସାଥୀ କାରିଆପ୍ପାଙ୍କୁ ଶୂଳୀ ଚଢ଼ାଇ ଦେଇଥିଲେ। ବଡ଼ ରାଜାଙ୍କ ମୃତ୍ୟୁ ପରେ ଦେବମ୍ମାଜୀ ରାଣୀ ହେଲେ। ସୌଦେର ନାୟକ ତାଙ୍କର ମନ୍ତ୍ରୀ ହେଲେ। ଲିଙ୍ଗରାଜଙ୍କ ଆପତ୍ତି ଥିଲା ଯେ ସେ ରାଜା ତ ହୋଇ ପାରିଲେ ନାହିଁ କିନ୍ତୁ ମନ୍ତ୍ରୀ କଣ ହେବା ଉଚିତ ନୁହେଁ। ସେତେବେଳେ ତାଙ୍କ ସ୍ଥିତି ଦେଖି କାରିଆପ୍ପାଙ୍କର ଦୟା

Digitized by srujanika@gmail.com

ହେଲା। ସେ 'ତତ୍ତ୍ୱ' ଲୋକଙ୍କୁ ଏକତ୍ରିତ କରି କହିଲେ, ''ବାହାର ଲୋକ ଶ୍ରେଷ୍ଠ ହେଲେ ମଧ୍ୟ ନିଜ ଦେଶବାସୀ ମନ୍ତ୍ରୀ ହେବା ଉଚିତ। ଏଠାରେ କଣ ଯୋଗ୍ୟ ଲୋକ ନାହାନ୍ତି? ଲିଙ୍ଗରାଜଙ୍କର ମନ୍ତ୍ରୀ ହେବା ଆମର ଇଚ୍ଛା।'' ତାହା ହିଁ ହେଲା। ନାୟକଙ୍କୁ ମନ୍ତ୍ରୀପଦ ତ୍ୟାଗ କରିବାକୁ ପଡ଼ିଲା ଓ ଲିଙ୍ଗରାଜ ମନ୍ତ୍ରୀ ହେଲେ। ମନ୍ତ୍ରୀ ହେବାର ବର୍ଷକ ପରେ ନିଜେ ରାଜା ହେବାର ଇଚ୍ଛା ପ୍ରକାଶ କରିବାରୁ କାରିଆପ୍ପା ରାଜିହେଲେ ନାହିଁ। ସେ କହିଲେ, ''ଦେବମ୍ମାଜୀ ରାଣୀ ହୋଇ ରହିବା ବଡ଼ ରାଜାଙ୍କର ଇଚ୍ଛା। କାରିଆପ୍ପା ତାଙ୍କୁ ମନ୍ତ୍ରୀ କରାଇ ଯେଉଁ ଉପକାର କରିଥିଲେ ତାକୁ ଭୁଲି ତାଙ୍କୁ ବିରୋଧୀ ମାନିନେଲେ ଓ ବଳାତ୍କାରରେ ଗାଦୀ ପ୍ରାପ୍ତ କରି ସେ ଓ ତାଙ୍କ ପତ୍ନୀ ତାଙ୍କୁ ଶେଷ କରିବାର ପ୍ରୟାସ କରିଥିଲେ ବୋଲି ମିଥ୍ୟା ଆରୋପ ଲଗାଇଥିଲେ। କାରିଆପ୍ପାଙ୍କୁ ଶୂଳୀରେ ଚଢ଼ାଇ ଦିଆ ହେଲା ଓ ତାଙ୍କ ପତ୍ନୀଙ୍କୁ ଦେଶରୁ ବାହାର କରି ଦିଆହେଲା। ରାଜା ନିଜର ବିବେକ ହରେଇଲେ କଣ ଅନ୍ୟ ସମସ୍ତଙ୍କୁ ବିବେକହୀନ ହେବାକୁ ପଡ଼ିବ? କାରିଆପ୍ପାଙ୍କ ପରି ମହାନ ବ୍ୟକ୍ତିଙ୍କର ପତ୍ନୀଙ୍କୁ ସେ ନିଜ ଘରେ ସ୍ଥାନ ଦେବାକୁ ସାହସ କଲେ ନାହିଁ। କାରିଆପ୍ପା ଫାଶୀ ପାଇଲେ। ତାଙ୍କ ପତ୍ନୀ ସେହି ସ୍ଥାନ ସାମନାରେ ସାତ ଦିନ ପର୍ଯ୍ୟନ୍ତ ଅନ୍ନ, ଜଳ ନ ଛୁଇଁ ପଡ଼ି ରହି ଅଷ୍ଟମ ଦିନ ପ୍ରାଣତ୍ୟାଗ କଲେ। ଏ ଘଟଣା ଘଟିବାର ପଚିଶ ବର୍ଷ ପୂର୍ଣ୍ଣ ହୋଇ ନାହିଁ। ସେତେବେଳେ କାରିଆପ୍ପା ଦେବାନ ଥିଲେ। ବର୍ତ୍ତମାନ ରାଜାଙ୍କ ଅବସ୍ଥା ଲିଙ୍ଗରାଜଙ୍କ ପରି ଦୃଢ଼ ନଥିଲା। ତଥାପି ସେ ଚାହିଁଥିଲେ ବସବ ବୋପଣ୍ଣାଙ୍କ ପ୍ରାଣ ନେବାକୁ ପଛେଇ ନ ଥାନ୍ତା। ପରେ ଜନତା ଯେତେ ପାଟି ବା ବିରୋଧ କରିଥିଲେ ମଧ୍ୟ ବୋପଣ୍ଣା ଜୀବିତ ରହି ପାରି ନଥାଆନ୍ତେ। ଲକ୍ଷ୍ମୀନାରାୟଣୟା ଚାହୁଁଥିଲେ କଥା ଏ ପର୍ଯ୍ୟନ୍ତ ନ ବଢ଼ୁ।

ଏପରି ଅନର୍ଥର ସୂଚନା ରାଜାଙ୍କୁ ଦିଆଗଲେ ମଧ୍ୟ ସେ ଡରିବା ଲୋକ ନୁହନ୍ତି। ବୋପଣ୍ଣାଙ୍କର ମଧ୍ୟ ଭୟ ନ ଥିଲା। ଦୁଇଜଣଙ୍କ ମନୋଭାବ 'ଯାହା ହେବ ହୋଇଯାଉ' ଥିଲା। ରାଜାଙ୍କୁ ବିବେକର ଦୁହାଇ ଦେଇ ଅସୁବିଧାରେ ପକାଇବାର ଅବସ୍ଥା ନ ଥିଲା। ଯାହା ହେଲେ ମଧ୍ୟ ବୋପଣ୍ଣାଙ୍କୁ ବୁଝାଇବାକୁ ପଡ଼ିବ। ଏହା ଭାବି ଲକ୍ଷ୍ମୀନାରାୟଣୟା ଚୁପ୍ ହୋଇ ରହିଲେ।

37

ଲକ୍ଷ୍ମୀନାରାୟଣୟା ଯେତେବେଳେ ଦ୍ୱିତୀୟ ଥର ପାଇଁ ବୋପଣ୍ଣାଙ୍କୁ ଭେଟିଲେ ସେତେବେଳେ କେତେକ ଆବଶ୍ୟକୀୟ କଥା ହେବା ପରେ କହିଲେ, ''ରାଜାଙ୍କ ସ୍ୱାସ୍ଥ୍ୟ ଠିକ୍‌ହେବା ପର୍ଯ୍ୟନ୍ତ ସେ କହିଥିବା କଥା ବିଷୟରେ କିଛି ନ କରିବା ଠିକ୍ ହେବ।''

''ଗୋଟିଏ କଥା ଠିକ୍ ଜାଣିବେ ପଣ୍ଡିତ ମହାଶୟ, ଯେ ମୁଁ କିଛି କହିବି ନାହିଁ। ଯାହା କିଛି କହିବାକୁ ଅଛି ସବୁ କାର୍ଯ୍ୟରେ କରିବାକୁ ହେବ। ସ୍ୱାସ୍ଥ୍ୟ ଠିକ୍ ହେବା ପରେ ନିଜେ କହିଥିବା କଥା ପାଇଁ ପଶ୍ଚାତାପ କଲେ ମୁଁ ''ଆଚ୍ଛା ମହାରାଜ'' କହି ମନ୍ତ୍ରୀ

Digitized by srujanika@gmail.com

ପଦ ତ୍ୟାଗ କରିବି। ସେ ନିଜ ଇଚ୍ଛାରେ ରାଜ୍ୟଶାସନ କରନ୍ତୁ ଓ ମୁଁ ନିଜ ଇଚ୍ଛାରେ ରହିବି। ନିଜ ଭୁଲ ନ ମାନିଲେ ମତେ ମନେଇବାକୁ ପଡ଼ିବ, ନଚେତ୍ ମୋ ଇଜ୍ଜତ୍ କିପରି ରହିବ? ଯାଙ୍କୁ ବିବାହ କରି ବିଚାରୀ କୋତଗୀ ଝିଅର ଇଜ୍ଜତ୍ କିପରି ରହିବ? କିନ୍ତୁ ଆପଣଙ୍କ କହିବା ଅନୁସାରେ ଏ କଥା ରାଜାଙ୍କ ସୁସ୍ଥ ହେବା ପରର କଥା।''

''ଠିକ୍ ଅଛି, ଏତିକି ହେଲେ ଯଥେଷ୍ଟ। ତଥାପି ରାଜାଙ୍କୁ ନିଜ ଭୁଲ ମାନିବାକୁ କହିବା କ'ଣ ଆମ ପକ୍ଷରେ ଠିକ୍?''

''ଏ ଅଭଦ୍ର କଥା ରାଜକୀୟ କଥା ନୁହେଁ'', ରାଜାଙ୍କର ନିଜ କଥା। ଭୁଲ ମାନି ନେଲେ ରାଜତ୍ୱରେ କୌଣସି ଅସୁବିଧା ହେବ ନାହିଁ।''

''ତା ଠିକ୍। ଯେପରି ହେଉ ଚାରି ଦିନ ଶାନ୍ତିରେ ରହି ତାଙ୍କୁ ବୁଝାଇ ଏ ସଙ୍କଟରୁ ଉଦ୍ଧାର କରିବାକୁ ହେବ। ରାଣୀମା ଯଦି ଶାସନ ନିଜ ହାତକୁ ନେବାକୁ ନ ଚାହିଁବେ ତ ରାଜାଙ୍କ ହାତରେ ରହିବାକୁ ଦେବା ଉଚିତ।''

''ବର୍ତ୍ତମାନ ମୋ ପାଇଁ ସେ ଆଉ ରାଜା ନୁହନ୍ତି। ମୁଁ ତ ମନ୍ତ୍ରୀ। ସେ ଏ ପର୍ଯ୍ୟନ୍ତ 'ଛାଡ଼ି ଦିଅ' ବୋଲି କହିନାହାନ୍ତି କି ମୁଁ ଛାଡିଦେଲି ବୋଲି କହି ନାହିଁ।''

''ଠିକ୍ ଅଛି।''

ହଁ, ଆଉ ଗୋଟାଏ କଥା। ସେ ନିଜ ଭୁଲ ସ୍ୱୀକାର କରନ୍ତୁ ବା ନ କରନ୍ତୁ। ଏପରି କଥା ମୁଁ ଆହୁରି ତିନିଥର ସହ୍ୟ କରି ନେବି କିନ୍ତୁ ପରେ କହିଲେ ମୁଁ ତାଙ୍କୁ ଗଦୀ ଉପରେ ରହିବାକୁ ଦେବି ନାହିଁ। ଠିକ୍ ଭାବେ ରହିଲେ ଖୁସୀର କଥା ନ ହେଲେ ତାଙ୍କ ସହ ଲଢ଼ି ଗାଦୀରୁ ହଟେଇ ଦେବି। ଗଦୀରୁ ହଟେଇ ନ ପାରିଲେ ନିଜକୁ ଶେଷ କରି ଦେବି। ଅନେକ ଭାବିଚିନ୍ତି ଏଥର ମୁଁ ଏହା ନିଶ୍ଚୟ କରିଛି।''

''ବର୍ତ୍ତମାନଠାରୁ କିଛି ନିଶ୍ଚୟ କରନ୍ତୁ ନାହିଁ, ବୋପଣା। ଆରାମରେ ଭାବିଚିନ୍ତି ଅବସ୍ଥା ସୁଧାରିବାକୁ ଚେଷ୍ଟା କରିବା। ତାଙ୍କୁ ଏପରି ଅବସ୍ଥା ଦେଖାଇଲେ ସେ କ'ଣ ବୁଝିବେ ନାହିଁ? ସେ ମାନିବେ ନାହିଁ ବୋଲି ଭାବି ଆମର ଏପରି କରିବା ଉଚିତ ନୁହେଁ।''

''ଆପଣଙ୍କ କଥା ଆପଣଙ୍କ ପାଇଁ ଭଲ। ସହନଶୀଳତା ଆପଣଙ୍କ ଗୁଣ। ସହନ କରିବାକୁ ଚାହିଁଲେ ସହନ କରନ୍ତୁ କିନ୍ତୁ ଆପଣଙ୍କ ପାଇଁ ଯାହା ଠିକ୍ ତାହା ଆମ ପାଇଁ ନୁହେଁ। ଲୋକ କହିବେ ବୋପ୍ପା ଭୟାଳୁ, ଗାଳି ଶୁଣି ମଧ୍ୟ ନଅରର ଅଇଁଠା ଖାଉଛି। ଅନ୍ୟ କେହି କହିଲେ ସହ୍ୟ କରାଯାଇ ପାରେ କିନ୍ତୁ ଯଦି ସାଥୀ ଟକ୍କଲୋକ କହିବେ ତ କୋତଗୀ କ'ଣ ସହ୍ୟ କରି ପାରିବ? ସହ୍ୟ କରିନେଲେ କ'ଣ 'ଟକ୍କପଣ' ବଞ୍ଚେଇ ହେବ? ଏପରି ସ୍ଥଳେ ଆପଣଙ୍କର ଓ ମୋର ପଥ ଏକ ନୁହେଁ।''

''ଆପଣଙ୍କର ସବୁ କଥାରେ ମୁଁ ଏକମତ କିନ୍ତୁ ଆପଣ ମନ୍ତ୍ରୀପଦ ଛାଡ଼ିଦେଲେ ମୁଁ ମଧ୍ୟ ମନ୍ତ୍ରୀ ହୋଇ ରହିବି ନାହିଁ। ଉଭୟେ ମନ୍ତ୍ରୀପଦ ଛାଡ଼ିଦେଲେ ଦେଶର ହାନି ହେବ। ସେଥିପାଇଁ ଆଉ କିଛି ବ୍ୟବସ୍ଥା କରି ଆମର ମନ୍ତ୍ରୀପଦ ଛାଡ଼ିବା ଉଚିତ। ନହେଲେ ଦେଶର ମଙ୍ଗଳ ହେବ ନାହିଁ।''

''ସେ କଥା ମୁଁ ମାନୁଛି। ପଣ୍ଡିତ ମହାଶୟ, ଆପଣ ଭାବିଚିନ୍ତି କ'ଣ କରିବା ଉଚିତ କହନ୍ତୁ। ଯଦି ଠିକ୍ ହେବ, ତାହା ହିଁ କରିବା।''

Digitized by srujanika@gmail.com

୩୪

ବୈଦ୍ୟ କହିଲେ ଯେ ବୀରରାଜଙ୍କର ଏଥରର ରୋଗ କାହାର ପ୍ରକୋପର ଫଳ। କିନ୍ତୁ କାହାର ପ୍ରକୋପ ଓ ସେ ପ୍ରକୋପର ଉଦ୍ଦେଶ୍ୟ କଣ ତାହା ଜାଣିବା ପାଇଁ କେହି ବିଶେଷ ଧ୍ୟାନ ଦେଲେ ନାହିଁ। ଯେଉଁ ସତ୍ୟକୁ ସମସ୍ତେ ଜାଣନ୍ତି ତାକୁ ଲୁଚାଇବା ପାଇଁ ବୈଦ୍ୟମାନେ ଏପରି ଶବ୍ଦ-ଜାଲ ପ୍ରୟୋଗ କରନ୍ତି। ସମସ୍ତେ ଜାଣିଥିଲେ ଯେ, ରାଜବୈଦ୍ୟ ଏ ଶବ୍ଦର ପୟୋଗ ଏଥର ମଧ୍ୟ କିଛି ଉଦ୍ଦେଶ୍ୟ ନେଇ କରିଥିଲେ।

ସର୍ବବିଦିତ କଥା ଲୋକମାନେ ନିଜ ନିଜ ମଧ୍ୟରେ ମଧ୍ୟ ମୁହଁ ଖୋଲି କୁହାକୁହି ହେଉ ନଥିଲେ। ଯଦି କେହି କହୁଥିଲା ତ ସେ ହେଉଛି ରାଜମହଲର 'ରନିବାସ'ର ମୁଖିଆ ବୁଢ଼ୀ ଦୋଡ୍ଡବ୍ବା। ସେ ଲିଙ୍ଗରାଜଙ୍କ ସମୟରୁ ଏଇ 'ରନିବାସ'ର ଯଜମାନ ଥିଲା। ରାଜା ଓ ବସବକୁ ସେ ପିଲାଦିନରୁ ଜାଣିଥିଲା। ବସବକୁ ସେ ପାଳିଥିଲା। ତେଣୁ ବୁଢ଼ୀକୁ ରାଜା ବା ବସବ ସହ ଯେ କୌଣସି ବିଷୟରେ ଖୋଲାଖୋଲି କଥା ହେବାର ଅଧିକାର ଥିଲା।

ରାଜମହଲର ସେବିକାମାନଙ୍କ ପାଇଁ ନିର୍ମିତ ଏଇ ଭାଗ ରାଜାଙ୍କ ପାଇଁ ଧରାହୋଇ ଆସିଥିବା ସ୍ତ୍ରୀଲୋକମାନଙ୍କର ନିବାସ ଥିଲା। ବଳପୂର୍ବକ ଅଣାଯାଇଥିବା ସ୍ତ୍ରୀ ଯଦି ଏ ନୂଆ ଜୀବନକୁ ସ୍ୱୀକାର କରି ନେଉଥିଲା ତେବେ ତା ପାଇଁ ଗୋଟିଏ ଅଲଗା ଘରେ ରହିବାର ବ୍ୟବସ୍ଥା କରାଯାଉଥିଲା। ଏ ସବୁର ପ୍ରବନ୍ଧକର୍ତ୍ତା ବସବ ଥିଲା। ତା ତଳେ ସମସ୍ତଙ୍କ ମାଲିକାଣୀ ଦୋଡ୍ଡବ୍ବା ଥିଲା।

ବୀରରାଜ ଯେଉଁଦିନ ବେହୋସ ହୋଇଯାଇଥିଲେ ସେଦିନ ଦୋଡ୍ଡବ୍ବା ମହଲକୁ ଆସି ରାଜାଙ୍କୁ ଦେଖିଲା। ସେ ବସବକୁ ଅଲଗା ଡାକି କହିଲା, "ମାଲିକଙ୍କ ଶରୀରରେ ସତ୍ତ୍ୱ ନାହିଁ, ତାକୁ ଠିକ୍ କରିବାକୁ ଏ ବୈଦ୍ୟର ଔଷଧରେ କାମ ଚଳିବ ନାହିଁ। ମଲୟାଲର ଔଷଧ ହିଁ କାମ କରିବ। ସେଠାରୁ ମଗାଯାଇ ପାରିଲେ ତ ଖୁବ୍ ଭଲ କିନ୍ତୁ ଜଣେ ଭଗବତୀ ମଧ୍ୟ ଆଜିକାଲି ଏଠାକୁ ଆସିଛନ୍ତି। ପାହାଡର ତଳ ଦେଶରେ ନଦୀକୂଳରେ ମନ୍ଦିର ତିଆରି କରି ରହୁଛନ୍ତି। ତାଙ୍କୁ ଡକାଇ ଦେଖାଇବା ମଧ୍ୟ ଭଲ।"

"ବସବ କହିଲା, "ଅପେକ୍ଷାକର, ଦେଖିବା।" ସେ ମଧ୍ୟ ତାହାହିଁ ଭାବୁଥିଲା। କିନ୍ତୁ ଏ ବିଷୟରେ ପ୍ରଥମେ ବୈଦ୍ୟଙ୍କୁ ପଚାରି ପରେ ରାଣୀଙ୍କର ଅନୁମତି ନବା କଥା। ଦୁଇ ତିନି ଦିନ ପରେ ଯେତେବେଳେ ରାଜାଙ୍କର ହୋସ ଆସିଲା ସେ ଏ ବିଷୟ ବୈଦ୍ୟଙ୍କୁ ପଚାରିଲା।

ବୈଦ୍ୟଜୀ ମଲୟାଲୀ ଭଗବତୀଙ୍କ ବିଷୟରେ ଶୁଣିଥିଲା। ଥରେ ସେ ମଡକେରୀର ଜଣେ ସମ୍ପନ୍ନ ବ୍ୟକ୍ତିଙ୍କ ଘରକୁ ଔଷଧ ଦେବାକୁ ଯାଇଥିଲା ବେଳେ ବୈଦ୍ୟମହାଶୟ ତାଙ୍କୁ ଦେଖିଥିଲେ ଓ କଥା କହିଥିଲେ। ତା'ର ଚାଲି ଚଳନ ଓ ବ୍ୟକ୍ତିତ୍ୱ ଦେଖି ସେ ଜଣେ ଭଲ ବୈଦ୍ୟ ବୋଲି ମନେ ହୋଇଥିଲା। ସେ ଆଶା କରୁଥିଲେ ଯେ ଭଗବତୀଙ୍କ ସହ ମୈତ୍ରୀ ହେଲେ ତାଙ୍କଠାରୁ ଅମୂଲ୍ୟ ଔଷଧ ସମ୍ବନ୍ଧରେ ଜ୍ଞାନ ମିଳିବ। ସେ ରାଜମହଲ

Digitized by srujanika@gmail.com

ଆସିବାକୁ ସ୍ୱୀକାର କଲେ ତାଙ୍କ ସହ ମିତ୍ରତା ସ୍ଥାପନ କରିବାର ସୁଯୋଗ ମିଳିବ। ସବୁ ଭାବିଚିନ୍ତି ବୈଦ୍ୟ କହିଲେ, "ଭଗବତୀ ବହୁତ ଜାଣିଛନ୍ତି, ତାଙ୍କୁ ଡକାଇ ଦେଖାଇଲେ ଭଲ ହେବ।" ସଙ୍ଗେ ସଙ୍ଗେ ସେ ଚେତାବନୀ ମଧ୍ୟ ଦେଲେ, "କୌଣସି କାରଣ ବଶତଃ ଭଗବତୀଙ୍କୁ ଅସନ୍ତୁଷ୍ଟ କରିବା ଉଚିତ ନୁହେଁ। ଏ ଉପାସନା ଓ ଔଷଧଗୁଡ଼ିକ ହେଉଛି ଏହିପରି, ଔଷଧର ପ୍ରୟୋଗ ସଙ୍ଗେ ସଙ୍ଗେ ଭଗବତୀଙ୍କ ଉପାସନା ଦ୍ୱାରା ଅଧିକ ଶକ୍ତି ଉତ୍ପନ୍ନ ହୁଏ। ସେହି ଉପାସନା ପାଇଁ ଆବଶ୍ୟକ ସମସ୍ତ ସୁବିଧାର ବ୍ୟବସ୍ଥା ହେବା ଉଚିତ।"

ବସବ କହିଲା, "ରାଣୀ ମା ସ୍ୱୀକାର କଲେ ସେ ସବୁ ହୋଇଯିବ।" ଦ୍ୱିତୀୟ ଦିନ ସେ ଏ ବିଷୟରେ ରାଣୀମାଙ୍କୁ କହିଲା,

ରାଣୀ ଏ କଥା ଭଗବାନଙ୍କ ପ୍ରସାଦ ନେଇ ଆସିଥିବା ଦୀକ୍ଷିତଙ୍କୁ କହିଲେ। "ଭଗବତୀଙ୍କୁ ଡକାଇବାକୁ ଇଚ୍ଛା ହେଉଛି। ଏହା ଉଚିତ କି ନାହିଁ ଆପଣ କହନ୍ତୁ।"

ଦୀକ୍ଷିତ ଭଗବତୀଙ୍କ ବିଷୟରେ ଶୁଣିଥିଲେ ମଧ୍ୟ ତାଙ୍କୁ ଦେଖି ନଥିଲେ। ତାଙ୍କର ଆସିବାର କେତେ ମାସ ହୋଇଥିଲା। ମଡ଼କେରୀ ଓ ତା'ର ଆଖପାଖ ଅଞ୍ଚଳରେ ତାଙ୍କର ଖୁବ୍ ପ୍ରଭାବ ଥିଲା। ଲୋକେ ତାଙ୍କୁ ଖୁବ୍ ଦର୍ପୀମହିଳା ବୋଲି କହୁଥିଲେ।

ରାଣୀଙ୍କ ପ୍ରଶ୍ନ ଶୁଣି ସେ କହିଲେ, "ଡକାଇ ପାରନ୍ତି, ସେଥିରେ କିଛି କ୍ଷତି ନାହିଁ। କିନ୍ତୁ ଡକାଲେ ଖୁବ୍ ସାବଧାନ ହେବାକୁ ପଡ଼ିବ।"

"ସାମାନ୍ୟ ଅସାବଧାନତାରେ କ'ଣ ବହୁତ କ୍ଷତି ହେବ?"

"ଏ ସବୁ ଦୈବି ଶକ୍ତି। ଏ ପଟେ ଓଁକାରେଶ୍ୱର ଓ ସେପଟେ ମହାକାଳୀ ଅଛନ୍ତି। ଦୁଇଜଣ କ'ଣ ଭିନ୍ନ? ଜଣେ ପ୍ରସନ୍ନ ମୂର୍ତ୍ତି ହେଲେ ଆଉ ଜଣେ ଉଗ୍ରମୂର୍ତ୍ତି। ଆମେ ଏଠାରେ ସାଧାରଣ ଢଙ୍ଗରେ ପୂଜାକରୁ। ଏଠାରେ ଧୀରେ ଧୀରେ ଭଗବାନଙ୍କ କୃପାହୁଏ। ଶରୀରକୁ କୌଣସି ପ୍ରକାର କଷ୍ଟ ନ ହୋଇ ଧୀରେ ଧୀରେ ଲାଭ ହୁଏ। କିନ୍ତୁ ସେପଟେ ମହାକାଳୀ ଖୁବ୍ ବେଗବାନ୍। ତା'ର ଫଳ ମଧ୍ୟ ସେହି ପ୍ରକାର। ଯଦି ଠିକ୍ ରୂପେ କୁହାଯାଏ ତ ଈଶ୍ୱରଙ୍କ ପ୍ରସାଦ ଧୀରେ ଧୀରେ ପ୍ରାପ୍ତ ହୁଏ କିନ୍ତୁ ଭଗବତୀଙ୍କ ପ୍ରସାଦର ପ୍ରଭାବ ତୀବ୍ର।"

"ଲୋକେ ଏହାଙ୍କୁ ଭଗବତୀ ବୋଲି ଡାକନ୍ତି ନା ଦୀକ୍ଷିତ ମହାଶୟ?"

"ଭଗବତୀ ମହାକାଳୀଙ୍କ ନାମ। ଏହି ସ୍ତ୍ରୀ ଦେବୀଙ୍କ ଉପାସିକା। ଉପାସନାରୁ ଲାଭ ପାଇବାକୁ ହେଲେ ଖୁବ୍ ନିଷ୍ଠାରେ ରହିବାକୁ ପଡ଼ିବ। ବାହାର ଲୋକଙ୍କ ପାଇଁ ଦେବୀ କ'ଣ ଆଉ ଉପାସିକା କ'ଣ? ତାଙ୍କୁ ଭଗବତୀଙ୍କ ଉପାସିକା ନ କହି 'ଭଗବତୀ' କହନ୍ତି।

"କମ ବେଶୀ ହେଲେ ଯଦି ଅମଙ୍ଗଳ ହୋଇ ପାରେ ତ ଡାକିବା ଠିକ୍ ନୁହେଁ?"

"ମାଲିକଙ୍କର ହୋସ ଆସିଲାଣି। ଔଷଧର ଗୁଣ ଦେଖାଯାଉଛି। ଔଷଧର ଆଉ ଆବଶ୍ୟକ ନାହିଁ। ଦୁଇ ତିନି ଦିନ ଅପେକ୍ଷା କଲେ କିଛି କ୍ଷତି ନାହିଁ। କିଛି ଦିନ ଦେଖି ପୁନଃବିଚାର କରାଯାଇପାରେ।"

ରାଣୀ ଆଉ କିଛିଦିନ ଭାବିଲେ। ଦିନ ପରେ ଦିନ ରାଜା ସୁସ୍ଥ ହେବାକୁ ଲାଗିଲେ। ଆଉ ଭଗବତୀଙ୍କୁ ଡାକିବା ଆବଶ୍ୟକ ନାହିଁ ବୋଲି ବସବକୁ କୁହାଗଲା। କିନ୍ତୁ ସେ ମନେ ମନେ ଭାବିଲେ, "ରାଜାଙ୍କ ମଙ୍ଗଳ ପାଇଁ ଭଗବତୀଙ୍କୁ ଡକାଇ ଦେବୀଙ୍କର ପୂଜା କରାଇବା ଉଚିତ।"

Digitized by srujanika@gmail.com

୩୭

ସପ୍ତାହକ ପରେ ରାଣୀ ଦୀକ୍ଷିତଙ୍କୁ ପୁଣି ପଚାରିଲେ, "ଆପଣଙ୍କ ଆଶୀର୍ବାଦରୁ ରାଜା ଏଥର ଆରୋଗ୍ୟ ଲାଭ କଲେ। ଭଗବତୀଙ୍କୁ ଡାକିବାକୁ ପଡ଼ିଲା ନାହିଁ। ତଥାପି ଆପଣ ଯେତେବେଳେ କହୁଛନ୍ତି ଯେ ତାଙ୍କର ପୂଜାର ଫଳ ତୀବ୍ର, ସେଥିପାଇଁ ମୁଁ ପୂଜା କରାଇବାକୁ ଚାହୁଁଛି।"

ଦୀକ୍ଷିତ କହିଲେ, "ଆମେ, ଭଗବାନଙ୍କୁ ପ୍ରସନ୍ନ ଓ ଉଗ୍ର କହୁ। ଶବ୍ଦର ସୂକ୍ଷ୍ମ ଅର୍ଥକୁ ନ ଜାଣିଥିବା ଲୋକେ ଏହାକୁ ସୌମ୍ୟ ଓ କ୍ରୁର କହନ୍ତି। ଏମିତରେ ଶ୍ରେଷ୍ଠ, କ୍ଷୁଦ୍ର ତଥା ଭଲ ଖରାପ ମଧ୍ୟ କୁହାଯାଏ। ଉପାସନା ଠିକ୍ ହେଲେ ଉପାସକ ଓ ତା'ର ପ୍ରେରକ ବଞ୍ଚିଯିବ। ଯଦି ତାହା ଠିକ୍ ନ ହୁଏ ତେବେ ଉପାସକ ଓ ପ୍ରେରକ ଉଭୟଙ୍କର ଅମଙ୍ଗଳ ହେବ। ଭୁଲ ରାସ୍ତାରେ ଯାଇ କାମ ବିଗାଡ଼ି ଲୋକେ ଭଗବାନଙ୍କୁ କ୍ଷୁଦ୍ର ଓ ଖରାପ କହନ୍ତି। ଉପାସନା କେବେହେଲେ ଖରାପ ହୁଏ ନାହିଁ ବୋଲି ଆମେ କହି ପାରିବା ନାହିଁ। ବର୍ତ୍ତମାନ କାହିଁକି ଭଗବତୀଙ୍କୁ ଖୋଜି ଆଣିବା? ବାଞ୍ଛିତ ମଙ୍ଗଳ ପ୍ରାପ୍ତି ପାଇଁ ପୂର୍ବଜମାନେ ତିଆରି କରିଥିବା ମନ୍ଦିରରେ ଓଁକାରେଶ୍ୱର ପ୍ରତ୍ୟକ୍ଷ ରୂପେ ଅଛନ୍ତି। ଠିକ୍ ଭାବେ ଚାଲିଲେ ବ୍ୟାଧି ହେବ ନାହିଁ କି ବୈଦ୍ୟର ଆବଶ୍ୟକ ପଡ଼ିବ ନାହିଁ। ରାଣୀ ମା, ଆପଣ ଏ ସବୁ ବିଚାର କରି ଦେଖନ୍ତୁ।

ଦୀକ୍ଷିତଙ୍କ କଥାରେ ରାଣୀ ସହମତ ଥିଲେ। ତଥାପି ସେ କାହିଁକି ଭଗବାନଙ୍କ ପୂଜା କରିବାକୁ ମନା କରୁଛନ୍ତି ବୋଲି ରାଣୀ ଭାବୁଥିଲେ। ଗାଁରେ ସମସ୍ତେ ଭଗବତୀଙ୍କର ପ୍ରଶଂସା କରୁଥିଲେ। ଭଗବତୀ ମହଲକୁ ଆସିଲେ ତାଙ୍କର ମହତ୍ତ୍ୱ କାଳେ କମିଯିବ ବୋଲି କ'ଣ ସେ ଆଶଙ୍କା କରୁଛନ୍ତି କି? ଯଦିଓ ଦୀକ୍ଷିତ ଏପରି ବିଚାର କରିବା ଲୋକ ନୁହଁନ୍ତି ତଥାପି ଏ ଈର୍ଷା ଅସମ୍ଭବ ନୁହେଁ। ରାଣୀ ବସବକୁ କହିଲେ, "ବର୍ତ୍ତମାନ ପାଇଁ ଭଗବତୀଙ୍କର ମହଲକୁ ଆସିବାର ଆବଶ୍ୟକତା ନାହିଁ। କିନ୍ତୁ ସାରା ଦେଶରେ ଯାହାର ପୂଜା ହେଉଛି ଆମର ତାଙ୍କଠାରୁ ଦୂରରେ ରହିବାର ଭୁଲ କରିବା ଉଚିତ ନୁହେଁ। ରାଜମହଲ ତରଫରୁ ଦିନେ ପୂଜାର ବ୍ୟବସ୍ଥା କର। ଏସବୁ ତୁମକୁ କରିବାକୁ ହେବ।"

ବସବ ତାହା ହିଁ ଚାହୁଁଥିଲା। ରାଣୀ ସହମତ ନ ହୋଇଥିଲେ ମଧ୍ୟ ସେ ସ୍ୱୟଂ ଭଗବତୀଙ୍କ ସହ ସାକ୍ଷାତ କରି ରାଜାଙ୍କ ଶାରୀରିକ ଶକ୍ତି ପ୍ରାପ୍ତି ପାଇଁ ପ୍ରୟାସ କରିଥାଆନ୍ତା। ଏ ଶାରୀରିକ ଶକ୍ତି ପ୍ରାପ୍ତି ରାଜାଙ୍କ ବାସନାତ୍ମକ ତୁଷ୍ଟି ଦୃଷ୍ଟିରୁ ଆବଶ୍ୟକ ଥିଲା।

ଦୋଡ୍ଡବା କହିଲା, "ରାଣୀ ମା ରାଜି ହୋଇଯିବାରୁ ସୁବିଧା ହେଲା। ନଚେତ୍ ଆମର ଗୁପ୍ତ ରୂପେ ଯିବା ରାଣୀ ମା ପସନ୍ଦ କରି ନ ଥାଆନ୍ତେ।"

ଏ କଥା ଶୁଣି ବସବର ମନେ ହେଲା ଯେ ଦୋଡ୍ଡବା ଭଗବତୀଙ୍କ ସହ କଥା ହୋଇ ସାରିଛି ଓ ସେ କହିଛନ୍ତି ଯେ ରାଜମହଲରେ ଯଦି ଉତ୍ତମ ରୂପେ ତାଙ୍କର

Digitized by srujanika@gmail.com

ତାଙ୍କର ସ୍ବାଗତ କରା ନ ଯାଏ ତେବେ ସେ ସେଠାକୁ ଆସିବାକୁ ପସନ୍ଦ କରିବେ ନାହିଁ। ବସବ ତାକୁ ପଚାରିଲା, "ତାହେଲେ ତୁମେ ଆଗରୁ ଭଗବତୀଙ୍କୁ ଭେଟି ସାରିଛ ?"

"ସାକ୍ଷାତ କରି ନ ଥିଲେ ରାଜା ବଞ୍ଚି ନଥାଆନ୍ତେ। ଯେଉଁ ପୂଜା ଦରକାର ଥିଲା ମୁଁ କରାଇ ଦେଇଛି। ନ ହେଲେ କ'ଣ ରାଜା ଏତେ ଶୀଘ୍ର ସୁସ୍ଥ ହୋଇ ଥାଆନ୍ତେ ?"

"ତା ହେଲେ କ'ଣ ବୈଦ୍ୟର ଔଷଧ, ଭଟ୍ଟର ପୂଜା ଓ ପାଦ୍ରୀଙ୍କ ଔଷଧରେ କିଛି ହେଲା ନାହିଁ? ଭଗବତୀଙ୍କ ପୂଜା ସବୁଠାରୁ ବଡ଼ ହେଲା ?"

"ଆରେ ବାପରେ! ବୈଦ୍ୟଙ୍କ କଥା ଛାଡ଼, ସେ ତ ଦୀକ୍ଷିତ ଓ ପାଦ୍ରୀଙ୍କ ହଁ ରେ ହଁ ମିଳାଏ। ତାଙ୍କ ଔଷଧ ଏ ରୋଗରେ କି କାମ ଦେବ? ଭୂତ ବାହାର କରିବା ପାଇଁ କ'ଣ ଧୂପ-ବତୀ ଜଳାଯାଏ, ପୁଅ? ତା ପାଇଁ ତ ଝାଡୁ ଆବଶ୍ୟକ ପଡ଼େ। ମହାରାଜଙ୍କୁ କ'ଣ ଛୋଟ ବେମାରୀ ହୋଇଥିଲା? ତମେମାନେ ଏପଟେ ଔଷଧ ଦେଉଥିଲା ବେଳେ ସେପଟେ ମୁଁ ଭଗବତୀଙ୍କ ପୂଜା କରାଇଲି। ନ ହେଲେ ଯେଉଁ ସଙ୍କଟ ଆସିଥିଲା ସେଥିରୁ କ'ଣ ରାଜା ଉଦ୍ଧାର ପାଇଥାଆନ୍ତେ ?"

"ଏପରି ପରିସ୍ଥିତିରେ ତୁମେ ନିଜ ମର୍ଜିରେ କାହିଁକି ଚାଲିଲ ଦୋଡବା ?"

"ନିଜ ମର୍ଜିରେ ଚାଲିବାର ପ୍ରଶ୍ନ ଉଠୁଛି କେଉଁଠି ଭାଇ? ସେ କ'ଣ ମୋର ମାଲିକ ନୁହେଁ? ରାଣୀ ମାଙ୍କ ଭାଗ ଯେରେ ହେଲେ ମୋର ଭାଗ ସେରେ ପାଏ।" ବସବ ହସି କ୍ଷଣକ ପରେ କହିଲା, "ତା ହେଲେ ତୁମେ ସେ ଭଗବତୀଙ୍କୁ ଜାଣ ?"

"ହଁ ଜାଣିଛି; ଭଗବତୀ କ'ଣ ମୋର ଅଚିହ୍ନା ?"

"ସେ କିଏ ? ଲୋକେ କହୁଛନ୍ତି ମଲୟାଳରୁ ପାଞ୍ଚ ଛଅ ମାସ ହେବ ଆସିଛି।"

"ମଲୟାଳରୁ ଆସି ତ ଛଅ ମାସ ହୋଇଛି କିନ୍ତୁ ମଲୟାଳ ଯିବାର କେତେ ବର୍ଷ ହେଲା ତାହା କେହି ଜାଣି ନାହାଁ।"

"ତେବେ ଭଗବତୀ କ'ଣ ଏଠିକା ଅଧିବାସୀ ?"

"ମତେ ଆଉ କିଛି ପଚାର ନାହିଁ ଭାଇ। ମୋର ମୁହଁ ଖୋଲିବା ଖରାପ। ମୁହଁ ନ ଖୋଲିବାକୁ ମୁଁ ପିଲାମାନଙ୍କ ରାଣ ପକାଇଛି। ତୁମେ ସବୁ ଜାଣି ସାରିଲା ପରେ ମତେ ପଚାରିବ।"

ଦୋଡବାର କଥା ଶୁଣି ବସବର ଉତ୍ସୁକତା ବଢ଼ିଲେ ମଧ୍ୟ ସେ ଜାଣିଥିଲା ଯେ ଦୋଡବା ଆଉ କିଛି କହିବ ନାହିଁ। ସେଥିପାଇଁ କଥା ଶେଷ କରି ଭୃତ୍ୟକୁ ଡାକି କହିଲା, "ଆରେ। ଭଗବତୀଙ୍କ ମନ୍ଦିରରେ କହି ଆସ ଯେ କାଲି ଆମେ ପୂଜା କରାଇବାକୁ ଆସିବୁ।"

Digitized by srujanika@gmail.com

ତା' ପରଦିନ ବସବ ଭଗବତୀଙ୍କ ପାଖକୁ ପୂଜା କରାଇବାକୁ ଯାଉଛି ବୋଲି ରାଜାଙ୍କୁ କହିଲା । ରାଜା କହିଲେ, "ରସାତଳକୁ ଯା । ତୋ ଦ୍ୱାରା ମୋର ଆଉ କି ଉପକାର ହେବ ?"

ବସବ କହିଲା, "ତାହା ହିଁ ଠିକ୍ କରିବାକୁ ଯାଉଛି ମାଲିକ । ଭଗବତୀଙ୍କ କୃପା ହେଲେ ପୁଣି ହଜିଲା ଯୌବନ ଫେରି ଆସିବ ।"

"ଫେରି ଆସିବ ତୋ ପିଣ୍ଡ । ଏ ଶରୀରରେ ଆଉ କ'ଣ ଅଛି ? ତୋ ସହ ଏ ଖେଳ ଖେଳି ମୁଁ ଆଜି ଜୀଅନ୍ତା ଶବ ହୋଇ ଯାଇଛି ।"

"ବେମାର ଆରାମ ତ ଲାଗି ରହିଛି ମାଲିକ । ଆଜି ଖରାପ ହେଲେ କାଲି ଠିକ୍ ହେବ । ମୁଁ ସବୁ ଠିକ୍ କରିଦେବି, ଆପଣ ଦେଖୁ ଥାଆନ୍ତୁ ।"

"ତତେ କିଏ ମନା କଲା ରେ ? ଯାହା କରି ପାରିବୁ କର । ମୁଁ ସମସ୍ତଙ୍କର ମାଲିକ ହେଲେ ତୁ ମୋର ମାଲିକ । ରାଜା ପ୍ରସନ୍ନ ଥିଲେ, ବସବ ନମସ୍କାର କରି ସେଠାରୁ ଚାଲିଗଲା ।

ତା ପୂର୍ବରୁ ସେ ପୂଜା ସାମଗ୍ରୀ ଦଶଜଣଙ୍କ ଦ୍ୱାରା ପଠାଇ ଦେଇଥିଲା । ଭଗବତୀଙ୍କ ଆଜ୍ଞାନୁସାରେ ପୂଜା ସମୟରେ କେବଳ ବସବର ମନ୍ଦିରରେ ରହିବା କଥା, ଆଉ କେହି ସେ ସମୟରେ ସେଠାରେ ରହିଲେ ପୂଜାର ଫଳ ନିଷ୍ଫଳ ହୋଇଯିବ । ସେଇଥିପାଇଁ ପୂଜା ସାମଗ୍ରୀ ନେଇଥିବା ଲୋକମାନେ ଫେରି ଆସିଥିଲେ । ବସବ ଏକୁଟିଆ ଘୋଡାରେ ଆଶ୍ରମ ନିକଟକୁ ଯାଇ ନଦୀ କୂଳରେ ଓହ୍ଲାଇ ଚାଲିଚାଲି ମନ୍ଦିର ଗଲା ।

ମନ୍ଦିର ଚାରିପାଖରେ ସବୁଜ ବଣ ଥିଲା ; ବଣ ମଧ୍ୟରେ ଭିତରକୁ ଯିବାକୁ ରାସ୍ତାରେ ଗୋଟିଏ ସ୍ତ୍ରୀ ଲୋକ ଠିଆ ହୋଇଥିଲା । ସେ ଲେଙ୍ଗଡ଼ାକୁ ଇଶାରାରେ ଡାକି ଭିତରକୁ ଚାଲିଗଲା ।

ଏ ମନ୍ଦିର ପର୍ବତର ପାଦଦେଶରେ ଥିବା ପ୍ରାଚୀନ କାଳର ଗୋଟିଏ ଗୁମ୍ଫା । କିମ୍ବଦନ୍ତୀ ଥିଲା ଏହି ଗୁମ୍ଫାରେ ମଙ୍ଗେ ବା ଗୌତମ କେହି ଜଣେ ଋଷି ତପସ୍ୟା କରିଥିଲେ । ଭଗବତୀ ଏଇ ଗୁମ୍ଫା ସାମନାରେ କାଠର ଚାରି କାନ୍ଥ ତିଆରି କରିଥିଲେ । ଗୁମ୍ଫା ସମାନାରେ ଏକ ଦ୍ୱାର ଓ ତା ଉପରେ ଗଡ଼ାଣିଆ ଛପର ଥିଲା । ଯାହା ଉପରେ କି ଲତା ମାଡ଼ିଥିଲା । ମନ୍ଦିର ନିକଟରେ ପହଞ୍ଚିଲେ ଏହା ଏକ ବିଶିଷ୍ଟ ସ୍ଥାନ ପରି ମନେହେଉଥିଲା ।

ବସବ ମନରେ ଏକ ପ୍ରକାର ଭୟ ଥିଲା । ଲୋକେ କହୁଥିଲେ ଯେ ଭଗବତୀ ଜଣେ ଦର୍ପବତୀ ସ୍ତ୍ରୀ । ସେ କ'ଣ ପଚାରିବେ ଓ କ'ଣ ଜବାବ ଦେବାକୁ ପଡ଼ିବ ଜଣାନାହିଁ । କ'ଣ କହିବା ଉଚିତ ଓ ଅନୁଚିତ ? ରଜାଙ୍କ ଶରୀର ବର୍ତ୍ତମାନ ଦୁର୍ବଳ ହୋଇ ପଡ଼ିଲାଣି ତାଙ୍କୁ ଶକ୍ତି ପ୍ରଦାନ କର ବୋଲି କହିବା କଥା ନାଁ ? ତା କିପରି କୁହାଯିବ ? ଆଜି ଭାବୁ ଭାବୁ ଦ୍ୱାର ନିକଟକୁ ଆସିଲା, କ୍ଷଣଭରକ ପାଇଁ ତାକୁ ଲାଗିଲା ଯେପରି ଆସିବା ଭୁଲ ହୋଇଛି, ତା'ର ଫେରିଯିବା ଉଚିତ । ସେତିକି ବେଳେ ତାକୁ ମନ୍ଦିର ଦ୍ୱାରରେ ଭଗବତୀଙ୍କ ମୂର୍ତ୍ତି ଦେଖାଗଲା । ସେ ଦୂରରୁ ନମସ୍କାର କରି ଆଗକୁ ଯିବାକୁ ଲାଗିଲା ।

Digitized by srujanika@gmail.com

ବସବ ଛୋଟେଇ ଛୋଟେଇ ଦ୍ୱାର ନିକଟକୁ ଆସୁଥିବା ସମୟରେ ଭଗବତୀ ତାକୁ ସିଧା ଦୃଷ୍ଟିରେ ଦେଖୁଥିଲେ। ସେ ତା ଆଡ଼କୁ ଅନାଇବା ଦେଖି ବସବ ମନରେ ଏକ ଭୟମିଶ୍ରିତ ଆକର୍ଷଣ ଉତ୍ପନ୍ନ ହେଲା। ଆହା! କି ଭବ୍ୟ ମୂର୍ତ୍ତି! ବୟସ ଖସି ଯାଇଥିଲେ ମଧ ମୁଖରେ କି ଜ୍ୟୋତି! ବେଶୀ ସମୟ ଧରି ସିଧା ଦେଖିବା ଉଚିତ· ନୁହେଁ ଭାବି ସେ ନିଜ ଆଖି ଥରେ ତଳକୁ କଲା। ଦ୍ୱିତୀୟ ଥର ମୁଣ୍ଡ ଉଠାଇ ଦେଖିବାରୁ ମନେ ହେଲା ଭଗବତୀ ନିଜ ବାଁ ହାତରେ ଆଖି କୋଣରୁ କିଛି ପୋଛୁଛନ୍ତି। ସେତେବେଳକୁ ସେ ତାଙ୍କର ଆହୁରି ନିକଟକୁ ଆସିଯାଇଥିଲା ଓ ସେ ଲକ୍ଷ୍ୟ କଲା ଯେ ତାଙ୍କ ଆଖି ଅଶ୍ରୁପୂର୍ଣ୍ଣ ହୋଇଯାଇଛି।

ଭଗବତୀ ବସବକୁ ଭିତରକୁ ଆସିବାକୁ ସଙ୍କେତ କରି ଲେଉଟିଗଲେ। ସେ ସାମନାରୁ ଯେତିକି ଗମ୍ଭୀର ଥିଲେ, ପଛଆଡୁ ମଧ ସେତିକି ଗମ୍ଭୀର ଥିଲେ ଓ ସିଧା ଠିଆ ହୋଇ ବେକକୁ ସିଧା ରଖୁଥିଲେ। ବସବ ମନରେ ଭାବିଲା ଯେ, "ଭଗବତୀ ସାଧାରଣ ନୁହେଁ, ଖୁବ୍ ମଜବୁତ ସ୍ତ୍ରୀ ଲୋକ।"

ଭଗବତୀ ବସବକୁ ଗୁମ୍ଫାକୁ ନେଲେ ଯାହାର କି ତିନୋଟି ଭାଗ ଥିଲା। ମଧ ଭାଗର ପଛ କାନ୍ଥରେ ଲାଗିଥିବା ଦୁଇଟି ଦ୍ୱାର ଥିବା କୋଠରୀରେ ଦୀପ ଆଲୁଅ ଦେଖାଯାଉଥିଲା। ବାମ ପାଖର କୋଠରୀରେ ଆଲୁଅ କମ ଥିଲା। ମଝିରେ ପଛ କାନ୍ଥର ଗୋଟିଏ ଚିଦ୍ର ଥିଲା ଯାହାର ସମ୍ମୁଖରେ ଗୋଟିଏ ଦୀପ ଜଳୁଥିଲା।

41

ଭଗବତୀ ବସବକୁ ମନ୍ଦିରଦ୍ୱାର ନିକଟରେ ବସିବାକୁ ସଙ୍କେତ କରି ଭିତରକୁ ଗଲେ। ମନ୍ଦିରରେ ଦ୍ୱାର ଆଡ଼କୁ ମୁହଁ କରି କୋଠରୀ ମଝିରେ ଲୁହାର ଦେବୀ ମୂର୍ତ୍ତିଥିଲେ। ମୂର୍ତ୍ତିର ରଙ୍ଗ ଏପରି ଥିଲା ଯେ ତମ୍ବା ବା ସୁନାର ମୂର୍ତ୍ତି ବୋଲି ଭ୍ରମ ହେଉଥିଲା। ଏହା ଆଗମ ରୀତିରେ ଦେବତାଙ୍କ ବିଗ୍ରହ ତିଆରି କରିବା ପାଇଁ ପୂର୍ବଜମାନଙ୍କ ଦ୍ୱାରା ସ୍ୱୀକୃତ ପଞ୍ଚଲୌହ ନାମକ ଧାତୁର ମୂର୍ତ୍ତି ଥିଲା, ଏ ମୂର୍ତ୍ତି ମନ୍ଦିରରେ ଥିବା ମୂର୍ତ୍ତି ଅପେକ୍ଷା ସାମାନ୍ୟ ଲମ୍ବା ଥିଲା। ଯାହାର ନାକ ଓ ମୁହଁ ଖୁବ୍ ସାବଧାନତାର ସହ ତିଆରି କରାଯାଇଥିଲା। ସଂସାରକୁ ଚଳାଉଥିବା ଶକ୍ତି ଅସାଧାରଣ, ଏହି ଭାବ ସେ ମୂର୍ତ୍ତିରେ ବିଦ୍ୟମାନ ଥିଲା। ମୂର୍ତ୍ତି ଦେଖିଲେ ମନରେ ଭକ୍ତି ଉତ୍ପନ୍ନ ହେଉଥିଲା। ମୂର୍ତ୍ତିର ଗୋଟିଏ ହାତରେ ଖଡ୍ଗ ଥିଲା। ମୂର୍ତ୍ତିର ଆକାର ଓ ଗାମ୍ଭୀର୍ଯ୍ୟକୁ ଦ୍ୱିଗୁଣିତ କରିବା ପାଇଁ ଫୁଲରେ ସଜା ଯାଇଥିଲା ଯେଉଁଥିରେ କି ଲାଲ ରଙ୍ଗର ଅଧିକତା ଥିଲା। ଭୟ ଉତ୍ପନ୍ନ କରିବାର ଏହା ମଧ୍ୟ ଏକ ମୁଖ୍ୟ କାରଣ ଥିଲା। ଏହି ଲାଲ ରଙ୍ଗ ଚାରିଆଡ଼େ ଭରିଯାଇ ଆଖିକୁ ଜଳକା କରିବା ପରି ମନେ ହେଉଥିଲା। ମୂର୍ତ୍ତି ସମ୍ମୁଖରେ ଫୁଲ ମଧ୍ୟରେ କୁଙ୍କୁମ ରାଶୀ ଥିଲା।

ମନ୍ଦିରକୁ ଯିବା ବସବ ପାଇଁ ଏକ ନୂଆକଥା ଥିଲା। ଆସିବା ସମୟରେ ତା ମନରେ ଯେଉଁ ଭୟ ଉତ୍ପନ୍ନ ହୋଇଥିଲା ଅର୍ଦ୍ଧରାତ୍ରିର ମୌନତା, ଗୁମ୍ଫାର ଅନ୍ଧାରତା ଓ ଫୁଲର

Digitized by srujanika@gmail.com

ଲାଲ ରଙ୍ଗ ତାକୁ ଦ୍ୱିଗୁଣିତ କରିଥିଲା । ତା ମନରେ ଏକ ଅପୂର୍ବ ଭକ୍ତି ଜାଗ୍ରତ ହେବାରୁ ସେ ହାତ ଯୋଡ଼ି ମୂର୍ତ୍ତି ଆଡ଼କୁ ଦେଖିବାକୁ ଲାଗିଲା । ତା'ର ହୃଦୟ ଖୁବ୍ ଜୋରରେ କମ୍ପୁଥିଲା ।

ଭଗବତୀ ମୂର୍ତ୍ତି ସମ୍ମୁଖରେ ଗୋଟିଏ ପୁସ୍ତକ ଖୋଲି ବସି ମୂର୍ତ୍ତିର ଉଭୟ ପାର୍ଶ୍ୱରେ ଦୀପ ଠିକ୍ କରି ତେଜି ଦେଲେ । ବସବ ଆଡ଼କୁ ବୁଲି ମୁହଁ ନ ଖୋଲିବାକୁ ଇଶାରା କରି ସ୍ୱୟଂ ପୁସ୍ତକରୁ ମନ୍ତ୍ର ଜପ କରିବାକୁ ଲାଗିଲେ ।

ବସବ ଭଗବତୀଙ୍କର ଉଚ୍ଚ ଓ ଗମ୍ଭୀର କଣ୍ଠସ୍ୱର ଶୁଣି ଭୟରେ ଚମକି ପଡ଼ିଲେ । ତା'ର ମନେ ହେଲା ତାଙ୍କର ରୂପ ପରି ସ୍ୱର ମଧ୍ୟ ଅସାଧାରଣ ।

ମନ୍ତ୍ରୋଚ୍ଚାରଣ କେତେ ସମୟ ପର୍ଯ୍ୟନ୍ତ ଚାଲିଲା ବସବ ଅନୁମାନ କରି ପାରିଲା ନାହିଁ । କିନ୍ତୁ ତାହା ଯେତେ ଲମ୍ବା ଥିଲା ବୋଧହୁଏ ଦୁଇ ତିନି ମିନିଟ୍‌ରୁ କମ ହେବ ନାହିଁ । ପଢ଼ିବା ମଧ୍ୟରେ ସାମାନ୍ୟ ରହି ଭଗବତୀ କୁଙ୍କୁମ ଓ ଫୁଲ ମୂର୍ତ୍ତି ଚରଣରେ ଚଢ଼ାଇ ନମସ୍କାର କରନ୍ତି । ଏଇ ସବୁ କାର୍ଯ୍ୟକଳାପରୁ ବସବର ମନେ ହେଲା ଯେ ଏ ସ୍ଥାନ ମୂର୍ତ୍ତି ଓ ପୂଜାରିଣୀ ସମସ୍ତେ ଅସାମାନ୍ୟ ।

ନିର୍ବିଘ୍ନ ରୂପେ ଅର୍ଚ୍ଚନା ସମାପ୍ତ ହେବା ପରେ ଭଗବତୀ ନିଜେ ଠିଆ ହୋଇ ବସବକୁ ମଧ୍ୟ ଠିଆ ହେବାକୁ ସଂକେତ କଲେ । ଆଗରୁ ସଜାଡ଼ି ରଖିଥିବା କର୍ପୂର ଥାଳୀରେ ଜଳାଇ ଆରତୀ କଲେ । ତାଙ୍କ ମୁହଁରୁ ବାହାରୁଥିବା ମନ୍ତ୍ରଶୁଣି ବସବର ମନେ ହେଲା ଯେପରି ପୂର୍ବରୁ ଏହି ମନ୍ତ୍ର ସେ ମନ୍ଦିରରେ ଦୀକ୍ଷିତଙ୍କ ମୁହଁରୁ ଶୁଣିଥିଲା ।

ଆରତୀ ସମାପ୍ତ କରି ଭଗବତୀ ମୂର୍ତ୍ତି ପାଖରୁ ପାଞ୍ଚବାର ଅଞ୍ଜଳିଭରା କୁଙ୍କୁମ ଓ ପାଞ୍ଚବାର ଅଞ୍ଜଳିଭରା ଫୁଲ ଆଣି ମହଲରୁ ଆସିଥିବା ଥାଳୀରେ ରଖି ବସବ ସମ୍ମୁଖରେ ରଖି କହିଲେ, ''ଆଜିର ପୂଜା ସମାପ୍ତ ହେଲା । ଏ ପୂଜା ଅତି କମରେ ପାଞ୍ଚଦିନ ଚାଲିବ । ଆପଣମାନଙ୍କୁ ସୁବିଧା ହେଲେ ଆଉ ଚାରିଥର ପୂଜା କରାନ୍ତୁ ।''

ବସବ: ''ଠିକ୍ ଅଛି, ମା ।''

''ମୋର ରାଣୀମା'ଙ୍କ ସହ ମଧ୍ୟ କଥା ହେବାର ଅଛି । ମୁଁ ରାଜମହଲ ଆସିବି ବୋଲି ତାଙ୍କୁ ସୂଚିତ କର ।''

''ଆଚ୍ଛା ହଉ, ମା !''

ଉତ୍ତର ଦେବା ସମୟରେ ବସବର ମନକୁ ଆସିଲା ଭଗବତୀ ମୋ ସହ ଏକବଚନରେ କଥା କହିବାର କାରଣ କ'ଣ ? ସେ କ'ଣ ମୁଁ ମନ୍ତ୍ରୀ ବୋଲି ଜାଣନ୍ତି ନାହିଁ ନା ଜାଣି ମଧ୍ୟ ଲେଙ୍ଗଡ଼ା ଭାବି ମତେ ଉପେକ୍ଷା କରୁଛନ୍ତି ନା ଭଗବତୀ ବୋଲି ସମସ୍ତଙ୍କ ସହ ଏପରି କଥା କହନ୍ତି ।

ସେ ଭାବିଲା ଯାହା ହେଉ ପଛେ ଅତି ଶୀଘ୍ର ମୋର ଏଠାରୁ ଚାଲିଯିବା ଉଚିତ । ପ୍ରସାଦ ଥାଳୀ ଉଠାଇ ପଚାରିଲା, ''ଏହା ପରେ ମଗେଇ ନେବି ।''

''ତୁମେ ଘୋଡ଼ାରେ ଆସିଛ ?''

''ଆଜ୍ଞା ହଁ ।''

''ନଦୀ କୂଳରେ ଛାଡ଼ି ଆସିଛ ?''

Digitized by srujanika@gmail.com

"ଆଜ୍ଞା ହଁ।"

"ଠିକ୍ ଅଛି, ଆମର ସେବିକା ସେଠାରେ ପହଞ୍ଚାଇ ଦେବ।"

"ଠିକ୍ ଅଛି, ମା" କହି ସେ ଦ୍ୱାର ଆଡ଼କୁ ଆଗେଇଲା।

ସେ ସମୟରେ କ'ଣ ହେଲା ସେ ଜାଣି ପାରିଲା ନାହିଁ। ଭଗବତୀ ଦୁଇ ବାହୁରେ ତାକୁ ଜଡ଼ାଇ ଧରି ଛାତିରେ ଲଗାଇଲେ। ତା'ର ମୁଣ୍ଡକୁ ନିଜ ଛାତିରେ ଚାପି ଧରି ମୁଣ୍ଡ ଉପରେ ନିଜର ଗାଲ ରଖିଦେଇଥିଲେ। ସେ କାନ୍ଦୁଥିବା ପରି ବସବର ସେତେବେଳେ ମନେହେଲା। ପର ମୁହୂର୍ତ୍ତରେ ତାକୁ ଛାଡ଼ି ଦୂରରେ ଯାଇ ଠିଆ ହେଲେ। "ଆଉ ଏଠାରେ ନ ରହି ଯାଅ। ଖବରଦାର ଏଠାରେ ଯାହା ଘଟିଲା କାହାରିକୁ ଜଣାଇବ ନାହିଁ।" ଏପରି କହି ବସବ ଆଗରୁ ବାହାରକୁ ଯାଇ ସେବିକାକୁ ଡାକି ସ୍ୱୟଂ ପୂଜା ଗୃହକୁ ଚାଲିଗଲେ।

ବସବ ଏପରି ବିଚିତ୍ର ବ୍ୟବହାର ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଗଲା। ସେ ସମୟରେ ଆଉ କିଛି ଭାବିବା ସ୍ଥିତିରେ ନଥିଲା। ତା ମୁଣ୍ଡ କ'ଣ ହୋଇ ଯାଉଛି ଭାବି ସେ ବୁଲିକରି ଦେଖିଲା। ତା ନିଜ ମୁଣ୍ଡର ବାଳ ଓଦାଥିଲା।

ଆରେ ଏ ସ୍ତ୍ରୀ କ'ଣ କଲା? ହୁଏତ ଏହା ଭାବିବା ଭୁଲ ବୋଲି ମନେ କରି ତା'ର ଭୟ ହେଲା, ଏଠାରେ ରହିବା ଠିକ୍ ନୁହେଁ ଭାବି ଶୀଘ୍ର ଛୋଟେଇ ଛୋଟେଇ ବାହାରକୁ ଆସିଲା। ସେ ଅଣନିଃଶ୍ୱାସୀ ହୋଇ ନଦୀ ପର୍ଯ୍ୟନ୍ତ ଆସି ଘୋଡ଼ାରେ ବସିଲାବେଳକୁ ଭଗବତୀଙ୍କ ସେବିକା ଉଭୟ ପ୍ରସାଦ ଥାଳୀ ଧରି ସେଠାରେ ପହଞ୍ଚି ସାରିଥିଲା। ତାହା ଭୃତ୍ୟ ଦ୍ୱାରା ଘୋଡ଼ା ଉପରକୁ ଉଠାଇ ବସବ ମହଲକୁ ଫେରିଗଲା।

42

ଘୋଡ଼ା ଉପରେ ବସି ବସବ ସନ୍ଧ୍ୟାର ଘଟଣାଗୁଡ଼ିକୁ ପୁଣି ମନ ମଧ୍ୟରେ ଦୋହରାଇଲା। ଭଗବତୀ ଜଣେ ବହୁତ ସୁନ୍ଦର ସ୍ତ୍ରୀ- ମନ୍ଦିରରେ ମନ ମଧ୍ୟରେ ଜାଗିଥିବା ଏହି ଭାବନା ପୁଣି ଥରେ ମୁଣ୍ଡ ଟେକି ଉଠିଲା।

ସବୁ ରାଜମହଲ ପରି ମଡ଼କେରୀ ରାଜମହଲରେ ମଧ୍ୟ ସେଇ ଗୋଟିଏ କଥା। ଖାଲି ରାଜମହଲ କାହିଁକି? ଧନୀ ଘରେ ମଧ୍ୟ ସ୍ତ୍ରୀ ସୌନ୍ଦର୍ଯ୍ୟର କିଣାବିକା ଚାଲେ। ଗୃହସ୍ୱାମୀଙ୍କର ଏ ଦିଗକୁ ଆକର୍ଷଣ ଅଛି ଜଣା ପଡ଼ିଲେ ରାଜମହଲ ହିଁ ସୌନ୍ଦର୍ଯ୍ୟର ହାଟ ହୋଇଯାଏ। ବୀରରାଜାଙ୍କର ରାଜା ହେବା ପୂର୍ବରୁ ତାଙ୍କ ନଜରକୁ ଆକର୍ଷିତ କରିବା ପାଇଁ ଅନେକ ପ୍ରକାରର ସୌନ୍ଦର୍ଯ୍ୟ ମହଲକୁ ଆସି ସାରିଥିଲେ। ରାଜାଙ୍କ ଦୃଷ୍ଟି ତା ଉପରେ ପଡ଼ିବା ମାତ୍ରେ ସେ ନିଜକୁ ଧନ୍ୟ ମନେ କରୁଥିଲା। ଖବ୍ ସହଜରେ ମିଳୁଥିବାରୁ ତା'ର ମୂଲ୍ୟ ରାଜାଙ୍କ ନିକଟରେ କମିଯିବା ସଙ୍ଗେ ସଙ୍ଗେ ତାଙ୍କ ମନ ପୁଣି ନୂଆ ସୌନ୍ଦର୍ଯ୍ୟ ଖୋଜୁଥିଲା। ତାଙ୍କୁ ପ୍ରସନ୍ନ କରାଇବା ପାଇଁ ବସବ ନିଜେ ଚେଷ୍ଟା କରି ବହୁତ ସୌନ୍ଦର୍ଯ୍ୟ ପ୍ରାପ୍ତି କରାଇଥିଲା। ବସବର ମନେ ହେଲା ଯେ ନିଜ ଇଚ୍ଛାରେ ଓ ବଳାତ୍କାରରେ ଆସିଥିବା

Digitized by srujanika@gmail.com

ସ୍ତ୍ରୀମାନଙ୍କ ମଧ୍ୟରେ ଯାହା ସେ ଦେଖି ନଥିଲା ଆଜି ଏହି ପ୍ରୌଢ଼ା ସ୍ତ୍ରୀ ଭଗବତୀଙ୍କ ଠାରେ ସେହି ସୌନ୍ଦର୍ଯ୍ୟ ଦେଖିବାକୁ ପାଇଲା।

ତା ସଙ୍ଗେ ସଙ୍ଗେ ବସବ ମନରେ ପ୍ରଶ୍ନ ଉଠିଲା ଯେ ଏ କଣ ଶୁଦ୍ଧ ଚରିତ୍ରର ସ୍ତ୍ରୀ ? ବାହୁବନ୍ଧନରେ ବାନ୍ଧି ଜଣେ ଅପରିଚିତ ପୁରୁଷର ମୁଣ୍ଡ ନିଜ ହୃଦୟରେ କାହିଁକି ଲଗାଇଲା ? କଣ ସେ ଚାହୁଁଥିଲା ? ଆସୁଥିବା ସମସ୍ତ ପୁରୁଷଙ୍କୁ କଣ ଏହିପରି ବ୍ୟବହାର କରୁଛି ? ଏପରି ହୋଇ ନ ପାରେ। ତେବେ ମତେ କାହିଁକି ବାହୁବନ୍ଧନରେ ବାନ୍ଧି ରଖିଲା ? କାମୁକ ରାଜା ସହ ରହି କାମୁକ ଜୀବନକୁ ସେ ଭଲରୂପେ ଚିହ୍ନିଥିଲା। ତାକୁ ଜଣାଥିଲା ଯେ ଯେଉଁ ସବୁ ସ୍ତ୍ରୀ ତାକୁ ଆଦର କରିଥିଲେ ସେମାନେ ସବୁ ତାର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଆସି ନ ଥିଲେ। ଏହି ସ୍ତ୍ରୀ କାହିଁକି ବିନା କାରଣରେ ମୋତେ ନିଜ ବାହୁବନ୍ଧନରେ ବାନ୍ଧିଲା ?

ଏପରି ଭାବୁ ଭାବୁ ତାର ମନେ ପଡ଼ିଲା ଯେ ଏପରି ଲୋକ ମନ୍ତ୍ରୋଚ୍ଚାରଣ ପରେ ରୋଗୀକୁ ଠିକ୍ କରିବା ପାଇଁ ତାକୁ ଛୁଅନ୍ତି ଓ ଆଲିଙ୍ଗନ କରନ୍ତି। ରାଜାଙ୍କ ସ୍ୱାସ୍ଥ୍ୟଲାଭ ପାଇଁ ତ ମୁଁ ପୂଜା କରାଉଥିଲି। ପୂଜା ପାଇଁ ରାଜା ତ ଆସିଲେ ନାହିଁ, ତାଙ୍କ ପ୍ରତିନିଧି ଭାବେ ମୁଁ ଆସିଲି। ଏହା ମଧ୍ୟ ହୋଇପାରେ ଯେ ରାଜାଙ୍କ ସ୍ୱାସ୍ଥ୍ୟଲାଭ ପାଇଁ ଭଗବତୀ ମୋତେ ଆଲିଙ୍ଗନ କଲେ।

ଏହା ମଧ୍ୟ କିପରି ହୋଇପାରେ ? ମୋତେ ଆଲିଙ୍ଗନ କରି ଭଗବତୀ କାନ୍ଦି ଉଠିଥିଲେ ଓ ତାଙ୍କ ଲୁହରେ ମୋର ମୁଣ୍ଡ ଓଦା ହୋଇଯାଇଥିଲା। ଏ କାନ୍ଦ କ'ଣ ପାଇଁ ? ଏହା ଚିକିତ୍ସାର ଏକ ଅଙ୍ଗ ନୁହେଁ ତ ?

ଯଦି ଏହା ହିଁ ସତ ତାଙ୍କର ମୋତେ ଆଗରୁ ଚେତାବନୀ ଦେବା ଉଚିତ ଥିଲା। ଏହା ମଧ୍ୟରେ ତାଙ୍କର ମହଲକୁ ଆସିବାର କଥା ଅଛି। ପୂଜା କିପରି ସମାପ୍ତ ହେବ। ମହଲକୁ ଆସି ଆଉ କଣ କହିବେ କେଜାଣି ? ଭବିଷ୍ୟତ ଆଉ କଣ ସବୁ ହେବ ? ରାଜା କି ପ୍ରକାର ବ୍ୟବହାର କରିବେ ? ସହରର ଲୋକେ ଯା'ଙ୍କ ବିଷୟରେ କଣ କହିବେ ?

ବସବ କିଛି ବୁଝିପାରୁ ନ ଥିଲା। ମହଲରେ ପହଞ୍ଚି ସେ ପୂଜାଥାଳୀ ରାଣୀଙ୍କ ସେବାରେ ପହଞ୍ଚାଇ କହିଲା, "ଭଗବତୀ ମହଲକୁ ଆସିବାକୁ ଚାହୁଁଛନ୍ତି ଓ ଆହୁରି ଚାରିଥର ପୂଜା କରିବାକୁ ପଡ଼ିବ।"

"ଭଲ କଥା, ବସବୟା,' କହିଲେ ରାଣୀ।

ସେତେବେଳେ ରାଜା ମଦନିଶାରେ କୋଠରୀରେ ବେହୋସ ହୋଇ ପଡ଼ିଥିଲେ। ପ୍ରସାଦ କଣ ହେବ ? ସାଧାରଣତଃ ସେତେବେଳେ ସେ କାହାରିକୁ ପାଖକୁ ଆସିବାକୁ ଦେଉ ନ ଥିଲେ ଓ ସେ ଅବସ୍ଥାରେ କିଛି ବୁଝି ମଧ୍ୟ ପାରୁ ନ ଥିଲେ। ତଥାପି ରାଣୀ କିଛି କୁଙ୍କୁମ ଓ ଦୁଇଟି ଫୁଲ ନେଇ ତାଙ୍କ ମୁଣ୍ଡରେ କୁଙ୍କୁମ ଲଗାଇ ଫୁଲକୁ ଲୁଚାଇ ତାଙ୍କ ନିକଟରେ ରଖିଦେଲେ। ସ୍ୱୟଂ କୁଙ୍କୁମ ମୁଣ୍ଡରେ ଓ ବାଳରେ ଫୁଲ ଲଗାଇଲେ। ପରେ ନିଜ କୋଠରୀକୁ ଯାଇ କନ୍ୟାକୁ କୁଙ୍କମ ଲଗାଇ ଦେଇ ପ୍ରସାଦ ଖାଇବାକୁ ଦେଲେ।

Digitized by srujanika@gmail.com

43

ପୂଜା ସପ୍ତାହରେ ଥରେ କରିବାକୁ ରାଣୀ ଆଜ୍ଞା ଦେଲେ। ଦ୍ୱିତୀୟ ଓ ତୃତୀୟ ପୂଜାକୁ ବସବ ଗଲାନାହିଁ। ଚତୁର୍ଥ ପୂଜା ପାଇଁ ଭଗବତୀ ବସବକୁ ଡକାଇବାରୁ ସେ ଗଲା। ସେ ଦିନ ଭଗବତୀ ପୂର୍ବଦିନ ପରି ବିଚିତ୍ର ବ୍ୟବହାର ଦେଖାଇ ନଥିଲେ। "ପଞ୍ଚମ ପୂଜା ଆସନ୍ତା ସପ୍ତାହରେ ହେବ ନାହିଁ କାରଣ ସେଥିପାଇଁ କିଛି ବିଶେଷ ବ୍ୟବସ୍ଥାର ପ୍ରୟୋଜନ। ମୁଁ ସବୁ ବ୍ୟବସ୍ଥା କରି କହିବି।" କହି ଭଗବତୀ ତାହାକୁ ପଠାଇ ଦେଲେ।

ଚାରିଦିନ ପରେ କିଏ ଆସି ଖବର ଦେଲା ଯେ ଭଗବତୀ ଗାଁକୁ ଆସିଛନ୍ତି। କିଛି ସମୟ ପରେ ତାଙ୍କର ସେବିକା ଆସି କହିଲା, "ଭଗବତୀ ଏଠାକୁ ଆସୁଛନ୍ତି ବୋଲି ରାଜମହଲରେ ଖବର ଦେବାକୁ ମୋତେ ପଠାଇଛନ୍ତି।"

ରାଣୀ ମନରେ ଭାବିଲେ, "ଭଗବତୀଙ୍କର ଆସିବାର ସୂଚନା କିଛି ସମୟ ଆଗରୁ ମିଳିଥିଲେ ଭଲ ହୋଇଥାଆନ୍ତା। ବର୍ତ୍ତମାନ ଆମେ ତାଙ୍କୁ ଉପଯୁକ୍ତ ଭାବେ ସ୍ୱାଗତ କରି ପାରିବୁ କି ନାହିଁ କେଜାଣି, କିନ୍ତୁ କଣ ବା କରାଯିବ? ସେ ଯେତେବେଳେ ନିଜେ ଆସିବା ପାଇଁ ଖବର ପଠାଇଛନ୍ତି ତ ସ୍ୱାଗତ କରିବା ଉଚିତ। ଯେତେ ସମ୍ଭବ ମର୍ଯ୍ୟାଦା ଦେଖାଇବା ଉଚିତ ଭାବି ସେବିକାମାନଙ୍କୁ "ଥାଳୀରେ ପାନ ଓ ଫୁଲ ନେଇଆସ।" କହି ସ୍ୱୟଂ ଭଗବତୀଙ୍କ ସ୍ୱାଗତ ପାଇଁ ବାହାରକୁ ଆସିଲେ।"

ବାହାରକୁ ଆସି ଏପାଖ ସେପାଖ ଦେଖିବାକୁ ଯାଉଥିଲାବେଳେ ଭଗବତୀ ଆସିଗଲେ। ତାଙ୍କ ପଛରେ କେବଳ ଜଣେ ସେବିକା ଥିଲେ। ଭଗବତୀ ସେବିକାକୁ ସେହି ଦ୍ୱାର ଦେଶରେ ଠିଆ କରାଇ ଭିତରକୁ ଗଲେ। 'ରନିବାସ' ର ଚେଟୀ ତାଙ୍କୁ ନମସ୍କାର କରି "ରାଣୀ ମା ଦ୍ୱାର ଦେଶରେ ଆପଣଙ୍କ ପ୍ରତୀକ୍ଷା କରୁଛନ୍ତି" ବୋଲି କହିଲା। ଭଗବତୀ 'ହଉ' ବୋଲି କହି ଭିତର ଅଗଣାକୁ ଚାଲିଗଲେ।

ଭଗବତୀଙ୍କର ଚାଲିବା ଓ ଇଶାରା କରିବା ଢଙ୍ଗ ଦେଖି ସେ ଜଣେ ବିଚିତ୍ର ସ୍ତ୍ରୀ ବୋଲି ରାଣୀଙ୍କର ମନେ ହେଲା। ସେ ପୌଢ଼ା ସ୍ତ୍ରୀଙ୍କ ରୂପ ଏ ଯୁବତୀଙ୍କୁ ଖୁବ୍ ଭଲ ଲାଗିଲା। ରାଣୀ ନମସ୍କାର କଲାବେଳକ ତାଙ୍କ ମନରେ ଭକ୍ତି ଭାବନା ଥିଲା।

ରାଣୀଙ୍କୁ ଦେଖି ଭଗବତୀ ମଧ୍ୟ ପ୍ରଭାବିତ ହେଲେ। ଲୋକଙ୍କ ମୁହଁରୁ ରାଣୀଙ୍କ ପ୍ରଶଂସା ଶୁଣିଥିଲେ ମଧ୍ୟ ସେ କଳ୍ପନା ପର୍ଯ୍ୟନ୍ତ କରି ନ ଥିଲେ ଯେ ଏଇ ମଧ୍ୟ ଆୟୁର ସ୍ତ୍ରୀଙ୍କ ଆଖିରେ ଏତେ ବଡ଼ପଣ ରହିବ। ଭଗବତୀ ନିଜର ଗୁରୁଜନଙ୍କ ଅତିରିକ୍ତ ଅନ୍ୟ ସବୁ ଲୋକଙ୍କୁ ଏକବଚନରେ ସମ୍ବୋଧନ କରୁଥିଲେ। ରାଜମହଲ ଆସିବା ସମୟରେ ରାଣୀଙ୍କୁ ଏକବଚନ କି ବହୁବଚନରେ ସମ୍ବୋଧନ କରିବା ଉଚିତ ତାହା ସେ ଭାବି ନ ଥିଲେ। କିନ୍ତୁ ସାମନାରେ ହାତ ଯୋଡ଼ି ଠିଆ ହୋଇଥିବା ମୂର୍ତ୍ତିକୁ ଦେଖି ତାଙ୍କ ମୁହଁରୁ ଏକବଚନ ବାହାରିଲା ନାହିଁ। ସେ ସାଧାରଣତଃ ଭଗବାନ ବା ଗୁରୁଙ୍କ ଅତିରିକ୍ତ କାହାରିକୁ ହାତ

Digitized by srujanika@gmail.com

ଯୋଡ଼ିଲାବାଲା ନ ଥିଲେ। କିନ୍ତୁ ହାତ ଯୋଡ଼ି ଠିଆ ହୋଇଥିବା ରାଣୀଙ୍କୁ ଦେଖି ସେ ସ୍ୱୟଂ ହାତ ଯୋଡ଼ି କହିଲେ, "ଆପଣ ଏ ପର୍ଯ୍ୟନ୍ତ କାହିଁକି ଆସିଲେ, ମୁଁ ତ ଭିତରକୁ ଆସୁଥିଲି।"

ରାଣୀ କହିଲେ, "ଆପଣଙ୍କ ଆସିବା କଥା ଆଗରୁ ଜଣାଥିଲେ ଆପଣଙ୍କ ସ୍ୱାଗତ ପାଇଁ ଉତ୍ତମ ରୂପେ ବ୍ୟବସ୍ଥା କରାଯାଇ ପାରିଥାଆନ୍ତା। କିନ୍ତୁ ଯଦି ବର୍ତ୍ତମାନ କିଛି ଭଣା ହୁଏ ଆପଣଙ୍କୁ ସହନ କରିବାକୁ ପଡ଼ିବ।"

ଏହା କହି ରାଣୀ ଭଗବତୀଙ୍କୁ ଭିତରକୁ ନେଇଗଲେ। ସେଠାରେ ତାଙ୍କ ପାଇଁ ଉଦ୍ଦିଷ୍ଟ ପିଢ଼ାରେ ତାଙ୍କୁ ବସାଇ ନିଜେ ପାଖ ଚୌକିରେ ବସିଗଲେ। ଚାରିପଟେ ସେବିକାମାନେ ଠିଆ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣକୁ ଡାକି ରାଣୀ କହିଲେ, " ପୁଟବୁଲୀକୁ ଡାକ ସେ ଆସି ଭଗବତୀଙ୍କ ଚରଣ ସ୍ପର୍ଶ କରିବ।"

ଭଗବତୀ କହିଲେ, "ଆପଣଙ୍କ କନ୍ୟା ନାଁ ?"

ରାଣୀ: "ଆଜ୍ଞା ହଁ।"

ଭଗବତୀ: "ବିବାହ ଯୋଗ୍ୟ ହେଲାଣି ?"

"ସେ ତ ପିଲା। କିନ୍ତୁ ଏମିତି ବି ଝିଅ ଅଛନ୍ତି ଯେଉଁମାନେ ଏଇ ବୟସରେ ମା ହୋଇଯାଆନ୍ତି। ରାଜପରିବାରର ଝିଅମାନଙ୍କ ବିବାହ ସାମାନ୍ୟ ଡେରିରେ ହୁଏ।"

"ଆପଣଙ୍କର ଜଣେ ନଣନ୍ଦ ମଧ୍ୟ ଅଛନ୍ତି ନାଁ ?"

"ଆଜ୍ଞା ହଁ, ଅଛନ୍ତି।"

ଏହି ପ୍ରଶ୍ନ କରିବା ସମୟରେ ଭଗବତୀଙ୍କୁ ରାଜା ଓ ତାଙ୍କ ଭଉଣୀ ମଧ୍ୟରେ ମନୋମାଳିନ୍ୟ ବିଷୟରେ ଜଣାଥିଲା। ତଥାପି ସେ ଏପରି ଭାବେ ପଚାରିଲେ ଯେମିତି ସେ କିଛି ଜାଣନ୍ତିନି। ରାଣୀ ସ୍ୱାଭାବିକ ଭାବେ 'ହଁ ନଣନ୍ଦ ଅଛନ୍ତି' ବୋଲି ଉତ୍ତର ଦେବାରୁ ତାଙ୍କ ମନରେ ସନ୍ଦେହ ଆସିଲା। ତେବେ କ'ଣ ରାଣୀ ପ୍ରକୃତରେ କିଛି ଜାଣନ୍ତି ନାହିଁ ନା ବାହାନା କରୁଛନ୍ତି ? ନିଜ ମନୋଭାବ ପ୍ରକାଶ ନକରି ସେ ଚୁପ ରହିଲେ।

ଭଗବତୀ କହିଲେ, "ଆତ୍ମୀୟଙ୍କ ମଧ୍ୟରେ ମନୋମାଳିନ୍ୟ ହେଲେ ତାକୁ ଠିକ୍ କରିବାକୁ ଭଗବତୀଙ୍କ ସେବା କରାଯାଇ ପାରେ। ତାହା ଶୀଘ୍ର ଫଳ ଦିଏ। ଆପଣଙ୍କ ପୂଜା ଆଗମ ରୀତିରେ ହୁଏ ଆଉ ସେ ପୂଜା ତାନ୍ତ୍ରିକ ରୀତିରେ ହୁଏ। ସେଥିରେ ନିଷ୍ଠା ବେଶୀ ଦରକାର। ତାର ଖର୍ଚ୍ଚ ବେଶୀ ହେଲେ ମଧ୍ୟ ମହଲ ପାଇଁ ଖର୍ଚ୍ଚ ଆଦୌ ସମସ୍ୟା ନୁହେଁ।"

ଭଗବତୀଙ୍କ କଥାରୁ ଜଣା ପଡୁଥିଲା ଯେ ଭାଇ ଭଉଣୀଙ୍କ ମନୋମାଳିନ୍ୟ ବିଷୟ ସେ ଜାଣନ୍ତି। ରାଣୀ କହିଲେ, "ଘର ସଂସାର କଲେ ଏମିତି ଉଠାଣି ଗଡ଼ାଣି ଲାଗି ରହେ। ସବୁ ଠିକ୍ ରୂପେ ଚାଲିବା ପାଇଁ ଆପଣ ଭଗବତୀଙ୍କୁ ପ୍ରାର୍ଥନା କରନ୍ତୁ। ତାନ୍ତ୍ରିକ ପୂଜା ବର୍ତ୍ତମାନ ପାଇଁ ଆବଶ୍ୟକ ନାହିଁ।"

"ଆବଶ୍ୟକ ଅଛି କି ନାହିଁ ପରେ ଭାବି ଚିନ୍ତି ବିଚାର କରନ୍ତୁ। କେବଳ ସହୋଦର ନୁହେଁ ପତି-ପତ୍ନୀ, ମା-ଝିଅ, ଭୃତ୍ୟ-ମାଲିକ ଆଦି ଯେ କୌଣସି ସମ୍ବନ୍ଧ ବିଗିଡ଼ିଲେ ତାକୁ ଠିକ୍ କରିବା ପାଇଁ ତାନ୍ତ୍ରିକ ପୂଜାର ବ୍ୟବସ୍ଥା ଅଛି।

"ଆଚ୍ଛା ମାଁ।"

Digitized by srujanika@gmail.com

କଥା ଆଉ ଆଗକୁ ବଢ଼ାଇବାର ଉପାୟ ନାହିଁ ଦେଖି ଭଗବତୀ ଚୁପ୍ ରହି ଦୁଇ ମୁହୂର୍ତ୍ତ ପରେ କହିଲେ, "ପୂଜା କରାଉଥିବା ଉପାସକ ଭକ୍ତଙ୍କୁ ଭେଟିବାର ପ୍ରଥା ଅଛି। ଆମେ ପରସ୍ପରକୁ ଭେଟିଲେ, ବର୍ତ୍ତମାନ ଯାଉଛି, ପୁଣି କେବେ ଆସିବି କହି ଉଠି ଠିଆ ହେବାରୁ ରାଣୀ ଉଠିଲେ। ଦାସୀକୁ ଇଶାରାରେ ପାନ ଥାଳୀ ଆଣିବାକୁ କହି ନିଜ ହାତରେ ଥାଳୀ ଧରି ଭଗବତୀଙ୍କ ସମ୍ମୁଖରେ ରଖିଲେ। ଭଗବତୀ ପାନ-ଗୁଆ ନେଇ ବିଦାୟ ହେଲେ।

44

ଭଗବତୀ ସ୍ୱୟଂ ରାଜମହଲ ସହ ସମ୍ବନ୍ଧ ବଢ଼ାଇବାକୁ ପ୍ରଯତ୍ନ କରୁଛନ୍ତି ବୋଲି ସମସ୍ତେ ଆଭାସ ପାଇଲେ। ପ୍ରଥମେ ଦୋଙ୍ଗବ୍ବା ତାଙ୍କ କଥା ଉଠାଇଲା। ଭଗବତୀଙ୍କର ତା ସହ ପରିଚୟ ଅଛି ଓ ଆଗେ ସେ କୋଡ଼ଗରେ ଥିଲା ବୋଲି ବୁଢ଼ୀ କଥାରୁ ଜଣା ପଡୁଥିଲା। ଏ ସ୍ତ୍ରୀର ଉଦ୍ଦେଶ୍ୟ କଣ ହୋଇପାରେ? କେବଳ ରାଜାଙ୍କୁ ଔଷଧ ଦେଇ ଠିକ୍ କରିବା ନାଁ ଆଉ କିଛି? ଏ ସନ୍ଦେହ ତା ମନରେ ଜାଗ୍ରତ ହେଲା।

ସାଧାରଣ ସ୍ତ୍ରୀଲୋକ ହୋଇଥିଲେ ବସବ କ୍ଷଣକ ପାଇଁ ସଂକୋଚ ନ କରି ତା ପଛରେ ନିଜ ଲୋକ ଲଗାଇ ଦେଇଥାଆନ୍ତା। କିନ୍ତୁ ଭଗବତୀ ଖୁବ୍ ଭକ୍ତିମତୀ ସ୍ତ୍ରୀ ହୋଇଥିବାରୁ ଏପରି କଲେ ତାଙ୍କ ଦେବୀ ମୋର ବେକ ମୋଡ଼ି ଦେଲେ କଣ ହେବ? ଏହା ଭାବି ସେ ଆଗପଛ ବିଚାରିଲା। ଶେଷରେ ତାର କିଛି ନ କଲେ ମଧ୍ୟ ଅବସ୍ଥା ଜାଣିବା ପାଇଁ ତାଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ନିଜ ଲୋକ ନିଯୁକ୍ତ କଲା। ମାସେ ଦୁଇମାସ ପରେ ସେ ଜାଣିବାକୁ ପାଇଲା ଯେ ଭଗବତୀ ଯେ କୌଣସି ବାହାନା କରି ମଡକେରୀ ତଥା ଆଖପାଖର ସମ୍ପନ୍ନ ଘରଗୁଡ଼ିକୁ ଯାଉଥିଲେ। ଏମାନଙ୍କ ମଧ୍ୟରେ ବେଶୀ ଲୋକ ରାଜାଙ୍କ ବିରୋଧୀ ଥିଲେ। ବସବର ଗୁପ୍ତଚରମାନେ ସବୁ ସ୍ଥାନରେ ସବୁକଥା ଜାଣି ପାରୁ ନ ଥିଲେ ମଧ୍ୟ କେତେକ କାରଣରୁ ଜଣାଗଲା ଯେ ଏ ସବୁ ଗୁପ୍ତରୂପେ କରାଯାଉଥିଲା।

ଭଗବତୀ ଯିବା ଆସିବା କରୁଥିବା ଘରମାନଙ୍କ ମଧ୍ୟରୁ ଅପ୍ପଗୋଲଂର ରାଜମହଲ ଅନ୍ୟତମ। ସେଠାରେ ଯାହା କିଛି ହୋଇଥିଲା ତାର ଖବର ବସବ ନିକଟରେ ବିସ୍ତୃତ ରୂପେ ପହଞ୍ଚୁଥିଲା।

ଚେନ୍ନବସବଙ୍କ ଦେହ ସାମାନ୍ୟ ଖରାପ ଥିଲା। ଆଖପାଖର ଲୋକେ ଭଗବତୀଙ୍କୁ ଡାକି ଦେଖେଇବାକୁ ଉପଦେଶ ଦେଲେ। ଅବଶ୍ୟ ଏହାର କାରଣ ସ୍ୱୟଂ ଭଗବତୀ ମଧ୍ୟ ହୋଇ ପାରନ୍ତି। ଚେନ୍ନବସବ ଡକାଇ ପଠାଇବାରୁ ସେ ପୂଜା କରାଇବା ପାଇଁ ଖବର ପଠେଇଲେ। ତାଙ୍କର ସ୍ୱୀକୃତିପାଇ ପୂଜା ପାଇଁ ସାମଗ୍ରୀ ପଠାଗଲା। ତାଙ୍କର ସୁସ୍ଥ ହେବା ପରେ ତାଙ୍କୁ ଦେଖା କରିବାକୁ ପ୍ରସାଦ ଦେବାର ବାହାନା କରି ଦୁଇଥର ମହଲକୁ ଗଲେ।

ପ୍ରଥମ ସାକ୍ଷାତରେ ସେ ଚେନ୍ନବସବୟା ଓ ରାଜପରିବାରର ମନୋମାଳିନ୍ୟ କଥା ଉଠାଇ ତାଙ୍କୁ ଠିକ କରିବା ପାଇଁ ପୂଜା କରାଇବାକୁ କହିଲେ। ଚେନ୍ନବସବୟା ରାଗିଯାଇ କହିଲେ, "ଏହାକୁ ଠିକ୍ କରାଇବା ପାଇଁ ପୂଜା କରାଇବି ଓ ଶେଷ କରାଇବା ପାଇଁ ଭୂତ ଜଗାଇବି।"

Digitized by srujanika@gmail.com

ଭଗବତୀ ତାଙ୍କୁ ସାନ୍ତ୍ୱନା ଦେବା ବାହାନାରେ ରାଜମହଲରେ ଦିଆଯାଇଥିବା ଅପମାନ ବିଷୟରେ ମନେ କରାଇ ଦେଇ କ୍ରୋଧ ଉତ୍ପନ୍ନ କରାଇଲେ। ସେ ଯେଉଁ ପତ୍ର ଇଂରେଜମାନଙ୍କୁ ପଠାଇଥିଲେ ତାର ମଧ୍ୟ ଖବର ନେଲେ। ମୁହଁରେ ଏହା ଠିକ୍ ନୁହେଁ ବୋଲି କହିଲେ ମଧ୍ୟ ସେ ତାର ବିରୋଧ କଲେ ନାହିଁ। ଶେଷରେ ଯେଉଁ କଥାବାର୍ତ୍ତା ଚାଲିଲା ତା ଶୁଣି ଯେତେବେଳେ ଚେନ୍ନବସବୟା ଆଉ ଏକ ଆପତ୍ତି ପତ୍ର ପଠାଇବାକୁ ହେବ ବୋଲି କହିଲେ ସେତେବେଳେ ଭଗବତୀ ଏପରି ଭାବ ଦେଖାଇଲେ ଯେପରି କି ସେଥିରେ କିଛି କ୍ଷତି ନାହିଁ। ଏମାନଙ୍କ କଥାବାର୍ତ୍ତାରୁ ଜଣାଗଲା ଯେ ଦେବଯାଙ୍କୁ ଗାଦୀ ଉପରେ ବସାଇବା ପାଇଁ ପୂଜା କରିବାକୁ ସେ ପ୍ରସ୍ତୁତ ଅଛନ୍ତି।

ଅପ୍ପଗୋଲାଂରେ ହୋଇଥିବା ସବୁକଥା ଶୁଣି ବସବ ଭାବିଲା ଯେ ଏହି ସ୍ତ୍ରୀ ରାଜାଙ୍କ ବିରୋଧୀମାନଙ୍କ ସହ ଏପରି କଥାବାର୍ତ୍ତା ହେଉଛନ୍ତି। ରାଜାଙ୍କ କ୍ଷତି କରିବାକୁ ଚେଷ୍ଟା କଲେ ସେ ଚୁପ୍ ହୋଇ ରହି ପାରିବ ନାହିଁ। ତାଙ୍କର ବିରୋଧ କରିବାକୁ ପଡ଼ିବ। ଏକୁଟିଆ ସେ ଏହା କିପରି କରିବ? କାହାରି ସାହାଯ୍ୟର ଆବଶ୍ୟକ ହେଲେ କିଏ ତାକୁ ସାହାଯ୍ୟ ଦେବ? ରାଜାଙ୍କ ପ୍ରତି ନିଷ୍କଳୁଷ ପ୍ରେମ କେବଳ ରାଣୀଙ୍କର ଅଛି। ଆଉ କାହାରି ଉପରେ ତାର ବିଶ୍ୱାସ ନାହିଁ। ଏଣେ ରାଣୀଙ୍କ ପର୍ଯ୍ୟନ୍ତ ସେ ପହଞ୍ଚି ପାରିବ ନାହିଁ। ରାଜାଙ୍କୁ ପଚାରିଲେ କିଛି ଲାଭ ନାହିଁ। ସେ କେବଳ କହିବେ, "ଭଗବତୀଙ୍କ ମୁଣ୍ଡ କାଟି ମୋର ନିକଟକୁ ପଠାଇ ଦିଅ।" ବର୍ତ୍ତମାନ କଣ କରାଯାଇ ପାରିବ?

ଅନେକ ସମୟ ଧରି ଚିନ୍ତା କରିବା ପରେ ବସବ ଦୋଡ୍ଡବ୍ବା ସହ ବିଚାର ବିନିମୟ କରିବାକୁ ନିଶ୍ଚିତ କରି ଦିନେ ତାକୁ ପଚାରିଲା, "ଦୋଡ୍ଡବା ତୁମକୁ ଗୋଟାଏ କଥା ପଚାରିବି?"

ଦୋଡ୍ଡବ୍ବା କହିଲା, "ଗୋଟିଏ କାହିଁକି ଦଶଟା କଥା ପଚାର ଭାଇ। ତୁମ କଥା ଠିକ୍ ମୁକ୍ତା ପରି।"

ଦୋଡ୍ଡବ୍ବାର କଥା କହିବାର ଢଙ୍ଗ ସେହିପରି। ବଡ଼ ଲୋକଙ୍କ ସେବାରେ ରହି ସେ ସମସ୍ତଙ୍କ ସହ କଥା କହିବାର ଅଧିକାର ପ୍ରାପ୍ତ କରି ନେଇଥିଲା, ତା ଛଡା ବସବକୁ ସେ ନିଜ ହାତରେ ପାଳି ଥିଲା। ଏହି ଦୁଇଟି କାରଣ ଯୋଗୁ ବସବ ସହ କଥା ହେବା ସମୟରେ କୌଣସି ପ୍ରକାର ଦ୍ୱିଧା କରୁ ନ ଥିଲା।

"ଦଶଟା କଥା ପରେ କହିବ ପ୍ରଥମେ ଗୋଟିଏ କଥା କହ। ଭଗବତୀ ମା କଣ ଆଗରୁ ଏଠାରେ ଥିଲେ? କହିଲ ଦୋଡ୍ଡବ୍ବା।"

"ଶୁଣ ପୁଅ, ଏଇ ଗୋଟିଏ କଥା ମତେ ପଚାରନାହିଁ, କାରଣ ଏହାର ଉତ୍ତର ମୁଁ ଦେଇ ପାରିବି ନାହିଁ। ଯଦି ଜାଣିବାକୁ ଚାହୁଁଛ ତ ତାଙ୍କୁ ହିଁ ପଚାର।"

"ଏହା ପଚାରିଲେ ଯଦି ସେ ଖରାପ ଭାବି ଅଭିଶାପ ଦିଅନ୍ତି?"

"ତୁମ କଥାରେ ସେ ଖରାପ ଭାବିବେ ନାହିଁ। ଶାପ ମଧ୍ୟ ଦେବେ ନାହିଁ। ନିର୍ଭୀକ ଭାବେ ଯାଇ ପଚାର।"

Digitized by srujanika@gmail.com

ବସବର ମନେ ପଡ଼ିଲା ଯେ ଯେତେବେଳେ ସେ ମନ୍ଦିର ଯାଇଥିଲା ଭଗବତୀ ତାକୁ ଆଲିଙ୍ଗନ କରିଥିଲେ। ଦୋଙ୍ଗ୍ବାର କଥା ଶୁଣି ତାକୁ 'ତଥ୍ୟ' ଦେଖାଗଲା କିନ୍ତୁ ଭଗବତୀ ତା ଉପରେ ପ୍ରସନ୍ନ ବୋଲି ବୁଢ଼ୀ କିପରି ଜାଣିଲା ? ଭଗବତୀଙ୍କର ସେ ଦିନର ବ୍ୟବହାର ବିଷୟରେ ଦୋଙ୍ଗ୍ବାକୁ କହି ତାର କାରଣ ପଚାରିବ କି ? ପ୍ରଶ୍ନ ଜିଭ ଉପରକୁ ଆସିଲେ ମଧ୍ୟ ମନ ତାକୁ ଅଟକାଇ ଦେଲା କାରଣ ଭଗବତୀଙ୍କ ଚେତାବନୀ ତାର ମନେ ପଡ଼ିଗଲା।

45

ଦୋଙ୍ଗ୍ବା ନିକଟରୁ ଯେତେବେଳେ କିଛି ଖବର ମିଳିଲା ନାହିଁ ବସବ ବୁଢ଼ୀର କଥାନୁସାରେ ଭଗବତୀଙ୍କ ନିକଟକୁ ଯିବାକୁ ନିଶ୍ଚିତ କଲା। ଭଗବତୀଙ୍କ ଦେବୀ ଖୁବ୍ ପ୍ରକୋପୀ ଥିବାରୁ ତାଙ୍କୁ ଶତ୍ରୁ କରିବା ଉଚିତ ନୁହେଁ। ସେହି ଦୃଷ୍ଟିରୁ ତାର ସାମାନ୍ୟ ଭୟ ଥିଲା। କିନ୍ତୁ ମନ୍ଦିରକୁ ଯାଇ ଭଗବତୀ ସହ କଥାବାର୍ତ୍ତା ହେବାକୁ ତାର ଇଚ୍ଛାଥିଲା। ତାର ମୁଖ୍ୟ କାରଣ ଥିଲା ବସବର ଅନାଥ ହୋଇ ମହଲର ଚାରିକାନ୍ଥ ମଧ୍ୟରେ ପାଳିତ କୁକୁର ସାଙ୍ଗରେ କୁକୁର ପରି ରହିବା। ତାର ନିଜ ମା କଥା ମନେ ନାହିଁ। ତାକୁ ପାଳିଥିବା ଲୋକଙ୍କ ମଧ୍ୟରେ ଦୋଙ୍ଗ୍ବାର ପ୍ରଥମ ସ୍ଥାନ ଥିଲା। ବାସ୍ତବରେ ଦୋଙ୍ଗ୍ବା ତାକୁ ଯେପରି ଭାବେ ପାଳିଥିଲା ତାକୁ 'ପାଳିବା' କହିବା ଭୁଲ ହେବ। ଅନାଥ ପିଲାକୁ ଆଖପାଖର ଲୋକେ କୁକୁର ବୋଲି ଭାବନ୍ତି। ବଙ୍କା ଗୋଡରେ ଲେଙ୍ଗଡାଉଥିବା ପିଲାକୁ ସମସ୍ତେ ଲେଙ୍ଗଡା ବୋଲି କହିବାକୁ ଆରମ୍ଭ କରି ଦେଇଥିଲେ। ଅଲୋଡା ଅନାଥ ବାଳକକୁ କେହି ଯଦି ପ୍ରଥମେ ସ୍ନେହ ଚକ୍ଷୁରେ ଦେଖିଥିଲେ ସେ ହେଉଛନ୍ତି କୁମାର ବୀରରାଜ। ତା ଠାରୁ ଦୁଇବର୍ଷ ସାନ ରାଜକୁମାର ଲେଙ୍ଗଡା ବସବକୁ ନିଜର ସାଥୀ କରିଥିଲା। ବସବ ମଧ୍ୟ ତାଙ୍କୁ ଖୁବ୍ ସ୍ନେହ କରୁଥିଲା। ଏହିପରି ବୀରରାଜ ଓ ବସବଙ୍କ ମଧ୍ୟରେ ବାଲ୍ୟକାଳରୁ ଏତେ ଗଭୀର ମିତ୍ରତା ଥିଲା ଯେପରି କି ସେମାନଙ୍କର ଦୁଇଟି ଶରୀର ହେଲେ ମଧ୍ୟ ଗୋଟିଏ ପ୍ରାଣ। ଏହି ମିତ୍ରତାର ବିକାଶ କିପରି ହେଲା ତାହା ଆଗରୁ ବର୍ଣ୍ଣନା କରାଯାଇଛି। ଏହାର ସାରାଂଶ ହେଉଛି ବସବକୁ ଆଜିଠୁ ଛଅ ମାସ ପୂର୍ବେ ଯଦି କାହାର ସ୍ନେହ ମିଳିଥିଲା ତ ତାହା ରାଜାଙ୍କର। ତେଣୁ ତା ଜୀବନ ମରୁଭୂମିରେ ସେଦିନ ଭଗବତୀଙ୍କ ସ୍ନେହ ମରୁଦ୍ୱୀପ ପରି ମନେ ହେଲା। ରାଜାଙ୍କ କାମୁକ ଜୀବନର ସଚିବ ରୂପେ ସ୍ତ୍ରୀ ଜାତି ସହ ଏହାର ପରିଚିତି ବହୁ ପୁରାତନ। ପୌଢ଼ାବସ୍ଥାରେ ମଧ୍ୟ ଯେତେବେଳେ ସୁନ୍ଦରୀ ଭଗବତୀ ଅଚାନକ ଭାବେ ଛାତିରେ ଲଗାଇ ଆଲିଙ୍ଗନ କଲେ ତାର ଭୟ ସଙ୍ଗେ ସଙ୍ଗେ ଅସୀମ ସନ୍ତୋଷ ମଧ୍ୟ ହେଲା। ଏ ଜନ୍ମରେ ଏପରି ସୁଖ ସେ ପ୍ରଥମ ଥର ପାଇଁ ପାଇଥିଲା। ସେଥିପାଇଁ ଭଗବତୀ ନିକଟକୁ ଯିବାକୁ ସେ ଖୁବ୍ ଆଗ୍ରହୀ ଥିଲା। ଏପରି ହୃଦୟରେ ଲଗାଥିବା ସ୍ତ୍ରୀ କେବେହେଲେ ତାର ଅନିଷ୍ଟ କରିବ ନାହିଁ। ଏ ବିଶ୍ୱାସ ସଙ୍ଗେ ସଙ୍ଗେ ତା ହୃଦୟରେ ଏକ ଇଚ୍ଛା ଥିଲା ଯାହା କି ସେ ନିଜେ ମଧ୍ୟ ଜାଣି ନ ଥିଲା। ସେ ଦିନ ପରି କଣ ପୁଣି ଆଲିଙ୍ଗନ କରିବ ? ପୁରୁଷ ସ୍ତ୍ରୀକୁ ହୃଦୟରେ ଲଗାଇଲେ

Digitized by srujanika@gmail.com

ସେଥିରେ ଏକ ପ୍ରକାର ଆନନ୍ଦ ମିଳେ। କିନ୍ତୁ ସ୍ତ୍ରୀ ପୁରୁଷକୁ ହୃଦୟରେ ଲଗାଇଲେ ସେ ଆନନ୍ଦ ଅନ୍ୟ ପ୍ରକାର। ପ୍ରଥମ ପ୍ରକାରର ଆନନ୍ଦ ଯେ ଦ୍ୱିତୀୟ ଅପେକ୍ଷା ଉତ୍ତମ ନୁହେଁ, ଏହା ତା ସ୍ତର ପର୍ଯ୍ୟନ୍ତ ପହଞ୍ଚି ପାରି ନଥିଲା। ଭଗବତୀ ବସବକୁ ଏ ଆନନ୍ଦ ଦେଇ ତା ପାଇଁ ଏକ ପ୍ରିୟବସ୍ତୁରେ ପରିଣତ ହୋଇଥିଲେ।

46

ଦିନେ ବସବ ସମସ୍ତ କାର୍ଯ୍ୟ ଶେଷ କରି ଭୃତ୍ୟ ସହ ଭଗବତୀ ନିକଟରେ ପହଞ୍ଚିଲା। ଆଶ୍ରମ ଯିବା ସମୟରେ ରାସ୍ତାରେ ସେ ସ୍ଥିର କଲା ଯେ ଆଶ୍ରମ ଯିବାବେଳେ ଯେଉଁ କାର୍ଯ୍ୟ ସମ୍ବନ୍ଧରେ ଭାବୁଥିଲା ଆଜି ତାହା କରିବ। ରାଜାଙ୍କୁ ଶାରୀରିକ ଶକ୍ତି ପ୍ରଦାନ କରିବା ପାଇଁ ଭଗବତୀଙ୍କ ନିକଟରେ ପ୍ରାର୍ଥନା କରିବାକୁ ହେବ। ପୂର୍ବ ପରି ଘୋଡାକୁ ନଦୀ କୂଳରେ ଛାଡ଼ି ମନ୍ଦିର ସାମନାରେ ପହଞ୍ଚି 'ମା' ବୋଲି ଡାକିଲା। ସେବିକା ଆସି ବସବର ଇଚ୍ଛାରେ ତାର ଆସିବା ଖବର ଭଗବତୀଙ୍କୁ ଦେଲା। ଭଗବତୀ ତାକୁ ଡାକି ଅଗଣାର ଛପର ତଳେ ବସିବାକୁ କହିଲେ। ପରେ ସେବିକାକୁ ବାହାର କବାଟ ପାଖରେ ଛିଡା ହେବାକୁ କହିଲେ। ସେ ଚାଲିଯିବା ପରେ ବସବକୁ "କିପରି ଆସିଲ" ବୋଲି ପଚାରିବାରୁ ତାର ଛାତି ଜୋରରେ କମ୍ପିବାକୁ ଲାଗିଲା। ଭଗବତୀଙ୍କ ସ୍ୱରରେ ସ୍ନେହର ଗନ୍ଧ ମଧ୍ୟ ନଥିଲା। ସେ ଦୃଷ୍ଟିରେ ତାକୁ ଆଲିଙ୍ଗନ କରିବା ପରି ଚାହାଣୀ ନଥିଲା।

"ଆପଣଙ୍କ ନିକଟରେ ଗୋଟିଏ କଥା ନିବେଦନ କରିବାକୁ ଥିବାରୁ ଆସିଲି ମା, ଭୁଲ ହେଲେ ଖରାପ ଭାବିବେ ନାହିଁ।"

"କାହା କଥା, ରାଣୀ ମାଁଙ୍କ କଥା ?"

"ନାହିଁ ମା, ମୋ ନିଜ କଥା।"

"ନିଜର, ମାନେ ? ରାଜା ପଠାଇଛନ୍ତି ନାଁ କଣ ?"

"ନାହିଁ ମା, ମୋ ନିଜର।"

"କଣ କହିବାକୁ ଅଛି କୁହ।"

"କହୁଛି, ଅଧୀର ହୁଅନ୍ତୁ ନାହିଁ। ଆପଣ ଏଇ ଦୁଇ ମାସ ମଧ୍ୟରେ ଅନେକ ଲୋକଙ୍କ ସହ ସାକ୍ଷାତ କରିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ରାଜାଙ୍କ ବିରୋଧୀ। ଏପରି ଲୋକଙ୍କ ସହ ଆପଣଙ୍କର ସାକ୍ଷାତ କରିବା ଦେଖି ରାଜାଙ୍କର ହାନି ହେବ ବୋଲି ଭୟ ହେଉଛି। ସେଥିପାଇଁ ଆପଣଙ୍କୁ ଦେଖା କରିବାକୁ ଆସିଛି।"

"ତୁମେ କଣ ଚାହୁଁଛ ?" ଭଗବତୀଙ୍କ ସ୍ୱର କର୍କଶ ହୋଇ ଉଠିଲା।

"ରାଜାଙ୍କ ଉପରେ କୃପା କରନ୍ତୁ।"

"ତୁମର କଣ ଦରକାର ?"

"ମୁଁ କଣ ତାଙ୍କ ଠାରୁ ଅଲଗା ? ମୁଁ ତ ରାଜାଙ୍କ ଗୋଡାଣିଆ କୁକୁର।"

"ରାଜାଙ୍କ ଗୋଡାଣିଆ କୁକୁର- ଏପରି କଥା କହିବାକୁ ଲଜ୍ଜା ଲାଗୁନି ? ମଣିଷ ଜନ୍ମ ନେଇ କୁକୁର ପରି ବଞ୍ଚିବ ? ତୁମ ମା' କଣ କୁକୁର ହେବା ପାଇଁ ତୁମକୁ ଜନ୍ମ

Digitized by srujanika@gmail.com

ଦେଇଥିଲା ? ଆମର କଣ କରିବା, କିପରି ଚାଲିବା, କେଉଁଠାକୁ ଯିବା ଓ କିପରି ରହିବା ଉଚିତ ? ଏ ସବୁ ନିଜ ଇଚ୍ଛା ଉପରେ ନିର୍ଭର କରେ । ଏହା କହିବା ଅନ୍ୟ କାହାରି ଅଧିକାର ନୁହେଁ । ଭବିଷ୍ୟତରେ ମୁଁ କ'ଣ କରିବି ଓ କେଉଁଠାକୁ ଯିବି, ଏ ସବୁ ଜାଣିବା ଚେଷ୍ଟା କରିବ ନାହିଁ, ଖବରଦାର । ତୁମେ ଏହା ଦେଖିବା ଆବଶ୍ୟକ ନାହିଁ କି ଆଉ କାହାକୁ ଦେଖାଇବା ଆବଶ୍ୟକ ନାହିଁ । ଯଦି କୌଣସି ପ୍ରକାର ଚେଷ୍ଟା କର ତ ସବୁ କାମ ଶେଷ ହୋଇଯିବ, ବୁଝିଲ ।'' ଭଗବତୀଙ୍କ ପ୍ରତ୍ୟେକ କଥା ବସବର ହୃଦୟରେ ଛୁରି ପରି ବାଜି ସେହିଠାରେ ଅଟକି ରହିଲା । ତାର ଧୈର୍ଯ୍ୟ ଶେଷ ହୋଇଗଲା । ସେ ମନୁଷ୍ୟକୁ ଡରିବାଲୋକ ନ ଥିଲା । କିନ୍ତୁ ଏଠାରେ ଦେବୀଙ୍କ ପ୍ରତିନିଧିତ୍ୱର ପ୍ରଶ୍ନ ଉଠୁଥିଲା । ସେ ଉଠିପଡ଼ି ଭଗବତୀଙ୍କୁ ହାତ ଯୋଡ଼ିଲା । ଭୟରେ ତା'ର ଗୋଡ଼ ଥରୁଥିଲା । କହିଲା, ''ଭୁଲ ହେଇଛି ମା, ରାଗନ୍ତୁ ନାହିଁ, ଯିବାକୁ ଆଜ୍ଞା ଦିଅନ୍ତୁ ।''

ଭଗବତୀ ଅନୁଭବ କଲେ ଯେ ସେ ବସବ ପ୍ରତି ଅନାବଶ୍ୟକ ରୂପେ କଠୋର ହୋଇ ଯାଇଥିଲେ । ତାକୁ ଧୈର୍ଯ୍ୟ ଦେବାକୁ କଥା ଆଗକୁ ବଢ଼ାଇ କହିଲେ, ''ତୁମେ ରାଜାଙ୍କୁ ଏତେ ବଡ଼ ଓ ନିଜକୁ ଏତେ ଛୋଟ ମାନୁଥିବାରୁ କ୍ରୋଧ ଆସିଲା । ଏପରି ଭାବିବା ଉଚିତ ନୁହେଁ । ରାଜା ତୁମ ପାଇଁ କଣ ଏପରି କରିଛନ୍ତି ।''

ବସବକୁ ସାମାନ୍ୟ ସାନ୍ତ୍ୱନା ମିଳିଲା କିନ୍ତୁ ରାଜାଙ୍କୁ ଛାଡ଼ିବାକୁ ସେ ପ୍ରସ୍ତୁତ ନ ଥିଲା । କହିଲା, ''କଣ କରିବି ମା, ମୋତେ ମନୁଷ୍ୟ ମାନି ଏକମାତ୍ର ସେହି ସ୍ନେହ ଦେଇଥିଲେ । ଏପରି ବ୍ୟକ୍ତି ସହ କୁକୁର ପରି ରହିବାରେ କୌଣସି ଲଜ୍ଜା ନାହିଁ ।''

''ପୁଣି ଏପରି କଥା କୁହ ନାହିଁ । ତୁମେ ରାଜା ଓ ସେ କୁକୁର ହୋଇଥିଲେ କିଛି କଥା ଥିଲା ।''

''ଶିବ ! ଶିବ ! ଏପରି କଥା କହନ୍ତୁ ନାହିଁ ।''

''ମୋ କଥାର ବିରୋଧ କର ନାହିଁ । ମୋର୍ ରାଜାଙ୍କ ପାଇଁ ଚିନ୍ତା ନାହିଁ, ପ୍ରଜାଙ୍କ ମଙ୍ଗଳ ଯେଉଁଥିରେ ହେବ ତାହା ହିଁ ଆମକୁ ଦେଖିବାକୁ ହେବ । ଆମ କାର୍ଯ୍ୟରେ ବାଧା ଦେବ ନାହିଁ, ଖବରଦାର''-

''ସାବଧାନ ଅଛି ମା । କିନ୍ତୁ ମାଲିକଙ୍କ ହାନି ଯେପରି ନହୁଏ ଧ୍ୟାନ ଦେବେ ।''

''ଭଲ କଥା । ତୁମେ ଏତେ କହୁଛ ବୋଲି କଥା ଦେଉଛି ତୁମ ରାଜାଙ୍କର ପ୍ରାଣ ହାନି ହେବ ନାହିଁ । ସେଥିପ୍ରତି ମୁଁ ଧ୍ୟାନ ନିଶ୍ଚୟ ଦେବି ।''

''ସେତିକି ଯଦି ହୁଏ ଯଥେଷ୍ଟ, ମା । ମୋ ମନକୁ ଶାନ୍ତି ମିଳିଲା । ବର୍ତ୍ତମାନ ମୋତେ ଯିବା ପାଇଁ ଆଜ୍ଞା ଦିଅନ୍ତୁ ମା ।''

''ଆଚ୍ଛା ହଉ, ଯାଅ ।''

ରାଜାଙ୍କ ରକ୍ଷାର ଆଶ୍ୱାସନ ପାଇ ଖୁସୀମନରେ ବସବ ବାହାରକୁ ଗଲା । ଆଗ ପରି ଭଗବତୀ ଆଲିଙ୍ଗନ କଲେ ନାହିଁ । ସେହି ସୁଖ ଆଶାରେ ଆସିଥିବା ବସବ ତାହା ନ ପାଇବାରୁ ଅସନ୍ତୁଷ୍ଟ ହୋଇ ଆଶ୍ରମରୁ ବାହାରିଲା । ରାଜାଙ୍କ ଶାରୀରିକ ଶକ୍ତି ଲାଗି ଜଡ଼ି-ବୁଟୀ ପାଇଁ ଆଜି ମଧ୍ୟ ପ୍ରାର୍ଥନା କରି ପାରିଲା ନାହିଁ ।

Digitized by srujanika@gmail.com

ଏହା ମଧ୍ୟରେ ଦିନେ ଅପରଂପର ସ୍ୱାମୀ ଓଁକାରେଶ୍ୱର ମନ୍ଦିର ସାମନା ପୁଷ୍କରିଣୀର ଉପର ପାହାଚରେ ଧ୍ୟାନ କରିବା ବାହାନାରେ ବସିଥିଲେ। ସେହି ସମୟରେ ସବୁଦିନ ପରି ଦୀକ୍ଷିତ ପୁଷ୍କରିଣୀରେ ସ୍ନାନ ପ୍ରଭୃତି ସାରି ମନ୍ଦିର ଯିବା ପାଇଁ ପାହାଚ ଚଢ଼ିବା ସମୟରେ ତରୁଣ ସନ୍ୟାସୀଙ୍କୁ ଦେଖି କେହି ସନ୍ୟାସୀ ସନ୍ଧ୍ୟା କରିବାକୁ ବସିଛନ୍ତି ଭାବି ଆଗକୁ ପାଦ ବଢ଼ାଇଲେ। ପାଖକୁ ଆସିବାରୁ ସନ୍ୟାସୀ 'ଶରଣ ମହାରାଜ' ବୋଲି କହିଲେ।

ଦୀକ୍ଷିତ ଚମକି ପଡ଼ିଲେ। ତାଙ୍କର ଚମକିବାର କାରଣ ସନ୍ୟାସୀଙ୍କର ଅଚାନକ କଥା କହିବା ନୁହେଁ, ଆଉ କିଛି ଥିଲା। ପ୍ରତ୍ୟୁତ୍ତରରେ 'ଶରଣ ସ୍ୱାମୀଜୀ, କେଉଁଠାରୁ ଆସିଛନ୍ତି ?' ବୋଲି ପଚାରିଲେ।

ମୁଁ ସକଳେଶପୁରର ଅଧିବାସୀ, କେବେ କେମିତି ଏଠାକୁ ଆସେ।''

''ଓହୋ ! ଏପରି କଥା ! ଜାଣିକରି ଭାରି ଖୁସୀ ହେଲି। ମନ୍ଦିରରେ କେବେ ଆପଣଙ୍କୁ ଦେଖି ନାହିଁ। ଏଠାରେ ଯାତ୍ରୀମାନଙ୍କର ରହିବାର ସୁବିଧା ଅଛି। ପୂଜା ସମୟରେ ଆସିଲେ ପ୍ରସାଦ ମଧ୍ୟ ମିଳେ। ଆପଣ ପ୍ରତିଦିନ ଆସିଲେ ମୋତେ ଖୁବ୍ ଭଲ ଲାଗନ୍ତା। ଆମକୁ ଆପଣଙ୍କ ଦର୍ଶନ ମିଳିବା ସଙ୍ଗେ ସଙ୍ଗେ ଆପଣଙ୍କୁ ଭିକ୍ଷା ମିଳିବ।''

''ଭଲ କଥା ଦୀକ୍ଷିତ ମହାଶୟ। ମୁଁ ଆଜି ରହିବି। କିନ୍ତୁ ଆପଣଙ୍କୁ ଗୋଟାଏ କଥା ପଚାରିବାର ଥିଲା।''

''ଆଉ କିଛି ପଚାରିବାର ଆବଶ୍ୟକତା ନାହିଁ। ପ୍ରତିଦିନ ଦଶଜଣ ସନ୍ୟାସୀ ଆସିଲେ ମଧ୍ୟ ପ୍ରସାଦ ମିଳିବାରେ କିଛି ଅସୁବିଧା ହେବ ନାହିଁ।''

''ତା ତ ଠିକ୍ ଦୀକ୍ଷିତ ମହାଶୟ, ମୁଁ କିନ୍ତୁ ଏ କଥା ପଚାରିବାକୁ ଚାହୁଁ ନ ଥିଲି।''

''କଣ ପଚାରିବାକୁ ଚାହୁଁଛନ୍ତି ''

''ମୋ ସ୍ୱର ଶୁଣି ଆପଣ ଚମକି ପଡ଼ିଥିଲେ, ତାହା ହିଁ ଜାଣିବାକୁ ଚାହୁଁଥିଲି।'' ସେତେବେଳକୁ ଦୀକ୍ଷିତ ଶେଷ ପାହାଚରେ ପହଞ୍ଚି ଯାଇଥିବାରୁ ସନ୍ୟାସୀଙ୍କର ସାମନା ସାମନି ହେଲେ। ଉଭୟେ ମନ୍ଦିର ଆଡ଼କୁ ଚାଲିଲେ। ଦୀକ୍ଷିତ ତାଙ୍କ ଆଡ଼କୁ ଧ୍ୟାନର ସହ ଦେଖି କଣ ଭାବି କହିଲେ, ''ଆପଣଙ୍କ ସ୍ୱର ମୋତେ ପରିଚିତ ପରି ଲାଗିବାରୁ ଚମକି ପଡ଼ିଥିବି।''

''ହଁ ଚମକିଥିଲେ। ଆପଣଙ୍କ ପରିଚିତ କିଏ ?''

''ସେ ସବୁ କହି କି ଲାଭ ?''

''ମୋ କଣ୍ଠସ୍ୱର କଣ ରାଜମହଲର ଅପ୍ପାଙ୍କ ପରି ଦୀକ୍ଷିତ ମହାଶୟ ?'' ଚାଲୁ ଚାଲୁ ଦୀକ୍ଷିତ ହଠାତ୍ ଛିଡ଼ା ହୋଇଗଲେ। ସନ୍ୟାସୀଙ୍କୁ ଦେଖି କହିଲେ, ''ତେବେ ତୁମେ କଣ ବୀରଣ୍ଣା ?''

Digitized by srujanika@gmail.com

"ଆଜ୍ଞା ହଁ, ଦୀକ୍ଷିତ ମହାଶୟ।"

"ଆରେ! ଏ କଥା ପ୍ରଥମରୁ ନ କହି ଡରେଇ ଦେଲ ନାଁ ବୀରଣ୍ଣା, ଭଲ ଅଛ ତ? ଅପ୍ପା ଠିକ୍ ଅଛନ୍ତି ତ? ବର୍ତ୍ତମାନ କେଉଁଠି ଓ କିପରି ଅଛନ୍ତି?"

"ଅପ୍ପା ତିନି ଦିନ ସହରରେ, ତିନି ଦିନ ମହୀଶୂରରେ, ତିନି ଦିନ ଅରକଲଗୂଡ଼ରେ ରହୁଛନ୍ତି। ଛଅ ଦିନ ହେବ ବାଙ୍ଗାଲୋରରେ ଅଛନ୍ତି। ଘରଛାଡି ବୁଲିଲା ଲୋକ ଯେତେ ସୁଖୀ ହୋଇ ପାରନ୍ତି ସେତିକି ସୁଖୀ ଅଛନ୍ତି। ମୁଁ ମଧ୍ୟ ତାଙ୍କ ସାଙ୍ଗରେ ଅଛି।"

"ଜୀବନ ଭଦ୍ରାଣି ପଶ୍ୟତି" ଯେଉଁଠାରେ ରହିଲେ ମଧ୍ୟ ସୁଖୀ ରହିଲେ ସମସ୍ତ ସୌଭାଗ୍ୟ ଆପେ ଆପେ ଆସି ଯାଏ। ତା ପୂର୍ବରୁ ଏଠାକୁ ଫେରିବା କଥା କାହିଁକି ଭାବିଲେ ନାହିଁ?"

"ଆପଣଙ୍କୁ କୋଉ କଥା ଅଛପା?" ଫେରି ଆସିଲେ କାଳେ ମୋର ଅମଙ୍ଗଳ ହେବ ବୋଲି ଅପ୍ପା ସ୍ୱୟଂ ଏଠାରେ ପାଦ ପକାଇଲେ ନାହିଁ କି ମୋତେ ମଧ୍ୟ ଏଠାକୁ ଆସିବାକୁ ଦେଲେ ନାହିଁ।" ଅରକଲଗୂଡ଼ର ଚିକ୍କାରାମ ଶେଟ୍ଟୀ ଅପ୍ପାଙ୍କ ନିକଟରେ ପ୍ରାର୍ଥନା କରିଥିଲା ଯେ ମଡକେରୀ ଓ ସାରା କୋଡ଼ଗ ଆପଣଙ୍କ ଭଣଜାକୁ ପସନ୍ଦ କରୁନାହିଁ। ବର୍ତ୍ତମାନ ପ୍ରଯତ୍ନ କଲେ ବୀରଣ୍ଣାଙ୍କ ରାଜା ହେବା ସମସ୍ତେ ସ୍ୱୀକାର କରିବେ। ମୋତେ ମଧ୍ୟ ଖବର ମିଳିଥିଲା ଯେ ରାଜମହଲର ଅତ୍ୟାଚାର ଯୋଗୁ କୋଡଗର ଲୋକମାନେ ବ୍ୟସ୍ତହୋଇ ପଡ଼ିଲେଣି। ସେଥିପାଇଁ ମୋର ଏଠାକୁ ଆସିବା କଥା ଅପ୍ପାଜୀ ସ୍ୱୀକାର କରିନେଲେ। ସାତ ମାସ ପୂର୍ବରୁ ଥରେ ଆସି ସପ୍ତାହେ ରହି ଚାଲିଯାଇଥିଲି। ଏବେ ପୁଣି ଆସିଛି।"

"ଏଥିପୂର୍ବରୁ ବି ଆସିଥିଲ ନାଁ କଣ? ମୁଁ ଦେଖି ନାହିଁ।"

"ଲୋକ ଯାହାକୁ ଅପରଂପର ସ୍ୱାମୀ କହନ୍ତି ମୁଁ ସେଇ।"

"ଓହୋ!"

"ଆଖପାଖର ସବୁ କଥା ଜାଣି ମୁଁ ଅପ୍ପାଙ୍କୁ ଜଣାଇଛି। ସେ ଜ୍ୟୋତିଷୀଙ୍କୁ ପଚାରିବାରୁ ସେ ଲକ୍ଷଣ ଭଲ ଅଛି ବୋଲି କହିଲେ। ତାପରେ ଯାଇ ମୋତେ ଏଠାକୁ ପଠାଇଲେ। ସେ ମୋତେ କହିଛନ୍ତି, "ଦୀକ୍ଷିତଙ୍କୁ ସାକ୍ଷାତ କରି ସେ କଣ କହୁଛନ୍ତି ବୁଝ। ସେଥିପାଇଁ ମୁଁ ଆସିଛି।"

"ତୁମେ କିଏ ତା କେହି ଜାଣନ୍ତିନି ତ?"

"କେବଳ ସୁରପ୍ପା ଜାଣିଛନ୍ତି।"

"ସେଥିରେ କୌଣସି କ୍ଷତି ନାହିଁ। ସେ ତ ଆପଣଙ୍କ ଲୋକ। କୌଣସି ଝଗଡ଼ାରେ ପଡ଼ିବା ଲୋକ ସେ ନୁହେଁ।"

ସୁରପ୍ପା ଲକ୍ଷ୍ମୀନାରାରୟଣଙ୍କର ସାନ ଭାଇ। ପୂର୍ବରୁ ଅପ୍ପାଙ୍କର ସେବକ ଓ ପ୍ରିୟପାତ୍ର ଥିଲା। ବର୍ତ୍ତମାନ ସେ ରାଜମହଲର ସଙ୍ଗୀତ ନାଟକ ବିଭାଗର ମୁଖିଆ।

Digitized by srujanika@gmail.com

48

ତା ପରଦିନ ବୀରଣ୍ଣା ପୁଣି ଆସି ପୁଷ୍କରିଣୀ ସମୀପରେ ବସିଥିବା ସମୟରେ ଦୀକ୍ଷିତ ଜ୍ୟୋତିଷୀ ଲଗାଇ ତାର ଫଳ ତାକୁ କହିଲେ "ଗ୍ରହ ତ ଅନୁକୂଳ ଅଛି କିନ୍ତୁ ବହୁତ ପ୍ରବଳ ହେବାର କୌଣସି ସୂଚନା ନାହିଁ। ପ୍ରାଣ ଭୟ ନାହିଁ, ଲାଭ ମଧ୍ୟ ସାମାନ୍ୟ ଅଛି କିନ୍ତୁ ତାର ସ୍ୱରୂପ ସ୍ପଷ୍ଟ ନୁହେଁ। ଯଦି ଅପ୍ପା ଏଠାରେ ରହିବାକୁ ଚାହୁଁଛନ୍ତି ତାହା ରାଜାଙ୍କୁ ସୂଚିତ କରି ରହିପାରନ୍ତି, କିନ୍ତୁ ବାହାରେ ରହିବା ଶ୍ରେୟସ୍କର। ରାଜମହଲର ଆଉ ସବୁ ଜାତକ ମଧ୍ୟ ଫଳ ଅଛି କିନ୍ତୁ ତାହା ଅନ୍ୟମାନଙ୍କୁ କହିବା ଜ୍ୟୋତିଷୀଙ୍କର ଉଚିତ ନୁହେଁ। ବର୍ଷେ ଗୁପ୍ତ ରୂପେ ରହି ଏଠାକୁ ଚାଲି ଆସି ପାରନ୍ତି। ଗୁପ୍ତ ରୂପେ ରହି ସମସ୍ତଙ୍କର ଲାଭ ହେଲା ପରି କାର୍ଯ୍ୟ କରା ଯାଇପାରେ।

ବୀରଣ୍ଣା ପଚାରିଲେ, "ଏପରି କି କାମ ଅଛି ଯେଉଁଥିରେ କି ସମସ୍ତଙ୍କର ମଙ୍ଗଳ ହେବ ?"

"ତୁମର ଗୁରୁଜନମାନେ ପରସ୍ପର ସହିତ ବନ୍ଧୁତାର ସହ ରହିଲେ ନାହିଁ, ବୀରଣ୍ଣା। ଲାଳସା ଯୋଗୁଁ ଅଧିକାଂଶ ଲୋକ ଭୁଲ ରାସ୍ତାରେ ଗଲେ। ବଡ଼ଭାଇ ଛୋଟର, ପୁଅ ବାପର, କକେଇ ପୁତୁରାର, ଛୋଟଭାଇ ବଡ଼ଭାଇର, ବଡ଼ ଭଉଣୀ ସାନଭଉଣୀର କ୍ଷତି କରି ନିଜେ ଆଗେଇବାକୁ ଚାହିଁଲେ। କେବଳ ତୁମର ପିତା ଅପ୍ପା ଏହା ପସନ୍ଦ କରି ନ ଥିଲେ। ମୁଣ୍ଡରେ ଗଣ୍ଠିରି ଧରି ଚାଲିଗଲେ। ସେ କହିଲେ, "ଦେଶ ଛାଡ଼ିବାକୁ ପଡ଼ିଲେ ମଧ୍ୟ ଅନ୍ୟାୟ ମୁଁ କରିବି ନାହିଁ। ସେ ଖୁବ୍ ସତ୍ୟବାଦୀ ଥିଲେ। ଏପରି ବ୍ୟକ୍ତିଙ୍କୁ କହିବା ପାଇଁ ମୋ ପାଖରେ କଣ ଅଛି ? ସମସ୍ତଙ୍କ ପାଇଁ କଣ ମଙ୍ଗଳକର ତା ସ୍ୱୟଂ ଅପ୍ପା ଜାଣନ୍ତି।"

"ତା ତ ଠିକ୍ କିନ୍ତୁ ବର୍ତ୍ତମାନ ସେ ରାଜା ହେବାକୁ ଚାହୁଁ ନାହାନ୍ତି। ତାଙ୍କର ପୁତ୍ର ରାଜା ହେବାହିଁ ତାଙ୍କର ଇଚ୍ଛା।"

"ନ୍ୟାୟରେ ମିଳିଲେ ତ ଭଲ ନଚେତ୍ ଅପ୍ପା ଏହା ପସନ୍ଦ କରିବେ ନାହିଁ।"

"ଆପଣଙ୍କ କଥା ବୋଧହୁଏ ଠିକ୍ ଦୀକ୍ଷିତ ମହାଶୟ। ରାଜା ଓ ତାଙ୍କ କନ୍ୟାକୁ ହଟାଇ ରାଜ୍ୟ ନେବା କଥା ଅପ୍ପା ସ୍ୱୀକାର କରିବେ ନାହିଁ।"

"ମୋତେ ମଧ୍ୟ ତାହା ହିଁ ଲାଗୁଛି।"

ବୀରଣ୍ଣା ଭାବି ସ୍ଥିର କଲେ ଯେ ଦୀକ୍ଷିତଙ୍କ ସହ ଆଲୋଚନା କରି ସନ୍ୟାସୀ ବେଶରେ ମଡ଼କେରୀ ଓ ଆଖପାଖ ସ୍ଥାନରେ ଭ୍ରମଣ କରି ପରିସ୍ଥିତି ଅଧ୍ୟୟନ କରି ପିତାଙ୍କୁ କହିବେ, ଓ ସେ ଯେପରି କହିବେ କରିବେ। ତାଙ୍କୁ ବିଦା କରିବା ସମୟରେ ଦୀକ୍ଷିତ କହିଲେ, "ଶୁଣ ଭାଇ, ରାଜମହଲର ଜ୍ୟୋତିଷୀର ଭାଗ୍ୟ ଭଲ ନୁହେଁ। ମୋର ତୁମ ସହ ଯେ କୌଣସି ବିଷୟରେ କଥାହେବା ହେଉଛି ରାଜଦ୍ରୋହ। ମୁଁ ତୁମ ସଙ୍ଗେ କଥା କହିବାକୁ ସାହସ କରିବାର କାରଣ ହେଉଛି ଯେ ତୁମ ପିତା କେବେହେଲେ ଧର୍ମ ଛାଡ଼ି ଚାଲିବେ ନାହିଁ।"

ବୀରଣ୍ଣା କହିଲେ, "ଠିକ୍ ଅଛି, ଦୀକ୍ଷିତ ମହାଶୟ।"

Digitized by srujanika@gmail.com

49

ଓଁକାରେଶ୍ୱର ମନ୍ଦିରର ପୂଜାରୀ ପଦ ଓ ରାଜମହଲର ଜ୍ୟୋତିଷୀ ପଦ ଦୀକ୍ଷିତଙ୍କ ବଂଶପରଂପରାରୁ ମିଳି ଆସୁଥିଲା। ବଡ଼ ରାଜା ଓଁକାରେଶ୍ୱର ମନ୍ଦିର ତିଆରି କରି ଯେତେବେଳେ ଦୀକ୍ଷିତଙ୍କ ପିତାଙ୍କୁ ମୁଖ୍ୟ ଅର୍ଚ୍ଚକ ଭାବରେ ନିଯୁକ୍ତ କଲେ ସେତେବେଳେ ଦୀକ୍ଷିତ ଯୁବକ ଥିଲେ। ପିତାଙ୍କ ସହ ମନ୍ଦିର ଓ ରାଜମହଲ ଯିବା ଆସିବା କରି ବ୍ୟବହାର-କୁଶଳ ହୋଇଯାଇଥିଲେ। ଜ୍ୟୋତିଷ ଶାସ୍ତ୍ରରେ ପିତାଙ୍କୁ ସାହାଯ୍ୟ କରିବା ଦ୍ୱାରା ସେ ବିଦ୍ୟାରେ ପିତାଙ୍କ ପରି ନିପୁଣ ହୋଇ ଉଠିଲେ। ତିନିବର୍ଷ ପୂର୍ବେ ଯେତେବେଳେ ପିତାଙ୍କ ସ୍ୱର୍ଗବାସ ହେଲା ଦୀକ୍ଷିତ ମନ୍ଦିରର ମୁଖ୍ୟ ପୂଜାରୀ ଓ ରାଜମହଲର ଜ୍ୟୋତିଷୀ ପଦ ପାଇଲେ।''

କେହି ଜଣେ ସଫଳ ଜ୍ୟୋତିଷୀ ହେଲେ କେବଳ ନିଜ ପ୍ରାନ୍ତ କାହିଁକି, ଆଖପାଖର ଲୋକେ ମଧ୍ୟ ନିଜର ଭବିଷ୍ୟତ ଜାଣିବା ପାଇଁ ତାଙ୍କ ନିକଟକୁ ଆସନ୍ତି। ଏହିପରି ଭାବେ ଦୀକ୍ଷିତ ମଧ୍ୟ ଆଖପାଖ ସ୍ଥାନରେ ପ୍ରସିଦ୍ଧ ହୋଇଗଲେ।

ପିତାଙ୍କ କଥା ଅନୁଯାୟୀ ତିନୋଟି 'ଉପଦେଶକୁ ନିରନ୍ତର ଧ୍ୟାନରେ ରଖି ସେ ଜନତାର ପ୍ରେମ ଓ ଗୌରବ ପ୍ରାପ୍ତ କରିବାକୁ ସମର୍ଥ ହୋଇଥିଲେ। ପ୍ରଥମ ଉପଦେଶ ଥିଲା ଯେ ଜ୍ୟୋତିଷ ଲଗାଇବା ସମୟରେ କେବେ କାହାଠାରୁ ପଇସା ନେବ ନାହିଁ। ଏଇ ପରିବାରର ବିଶ୍ୱାସ ଥିଲା ଯେ ପଇସା ନେଲେ ଗ୍ରହଫଳ ଠିକ୍ ଭାବେ କୁହାଯାଇ ପାରିବ ନାହିଁ। ପଇସା ନେଇ ଗଣନା କରୁଥିବା ଜ୍ୟୋତିଷୀ ଭବିଷ୍ୟତ ଫଳ ଠିକ୍ ରୂପେ ଗଣନା କରିପାରିବ ନାହିଁ। ସେ ଧନୀ ହୋଇଯାଇ ପାରେ କିନ୍ତୁ ଜ୍ୟୋତିଷୀ ନୁହେଁ। ଦ୍ୱିତୀୟ ଉପଦେଶ ଥିଲା ଗ୍ରହଫଳର ନିର୍ଦ୍ଦେଶ ଦେବା ସମୟରେ ଫଳପ୍ରାପ୍ତିର ରାସ୍ତା ବତାଇବ ନାହିଁ। ଜ୍ୟୋତିଷୀ ଭାଗ୍ୟର ଦିଶା ବତାଇପାରେ କିନ୍ତୁ ଏହା ହେବ, ତାହା ହେବ ନାହିଁ ବୋଲି କହିବା ଉଚିତ ନୁହେଁ। ଜୀବନରେ ଗ୍ରହର ଗତି ସଙ୍ଗେ ସଙ୍ଗେ ମନୁଷ୍ୟର ପ୍ରଯତ୍ନ ଓ ତାଠୁ ବଳି ଭଗବାନଙ୍କ କୃପା ଦରକାର। ଯୋଗ୍ୟ ଜ୍ୟୋତିଷୀ ଏଇ ଗ୍ରହମାନଙ୍କର ମିଳନ ଓ ଲୀନ ହେବା ବୁଝି ପାରନ୍ତି କିନ୍ତୁ ସାଧାରଣ ମନୁଷ୍ୟର ଦୃଷ୍ଟି ଏତେ ସୂକ୍ଷ୍ମ ନୁହେଁ। ତୃତୀୟ ଉପଦେଶ ହେଉଛି ଜ୍ୟୋତିଷୀକୁ ଯେ କେହି ଜ୍ୟୋତିଷ ପଚାରିବାକୁ ଆସିବ ତାହାକୁ ସାହାଯ୍ୟ କରିବା ଉଚିତ। ତାର କାର୍ଯ୍ୟରେ ସେ ଗ୍ରହମାନଙ୍କର ପ୍ରତିନିଧି। ସୂର୍ଯ୍ୟ ଚନ୍ଦ୍ର ଭଲ ଖରାପ ଲୋକଙ୍କ ମଧ୍ୟରେ ଅନ୍ତର ନ କରି ସମାନ ରୂପେ ଗରମ ଓ ଥଣ୍ଡା ପହଞ୍ଚାନ୍ତି। ଜ୍ୟୋତିଷୀ ମନରେ ଭଲ ଖରାପ, ସତ ମିଛ, ଉଚ୍ଚ ନୀଚ, ଶତ୍ରୁ ମିତ୍ର ମଧ୍ୟରେ ଭେଦଭାବ ରହିବା ଉଚିତ ନୁହେଁ। ଯେତେ ଦୂର ସମ୍ଭବ ଭାଗ୍ୟାଦେଶ ପଚାରିବା ଲୋକଙ୍କୁ ଉତ୍ତମ ରୂପେ ବୁଝାଇ ଦେବା ଉଚିତ।

ପିତାଙ୍କ ଜୀବିତାବସ୍ଥାରେ ଏ ଉପଦେଶ ମାନି ଚଳିବା ତାଙ୍କର ଦାୟିତ୍ୱ ନ ଥିଲା କିନ୍ତୁ ତାଙ୍କର ସ୍ୱର୍ଗବାସ ପରେ ଏହି ଉପଦେଶଗୁଡ଼ିକୁ ସେ ଦିନକ ପାଇଁ ସୁଦ୍ଧା ଭୁଲି ନଥିଲେ।

Digitized by srujanika@gmail.com

50

ବୀରଣ୍ଣା ଆସି ପରାମର୍ଶ କରିବାରୁ ଦୀକ୍ଷିତ ଦିନକ ପାଇଁ ଅବକାଶ ମାଗି ଘରକୁ ଆସି ବୀରଣ୍ଣା, ରାଜା, ରାଣୀଙ୍କ ଜନ୍ମପତ୍ରିକାରେ କି ଦଶା ଅଛି ପୁଣି ଥରେ ଦେଖିବାକୁ ଲାଗିଲେ। ସ୍ଥୂଳ ଗଣନା କରି ସେ ଜାଣିଲେ ଯେ ରାଜା ନିଜ ସହୋଦରଙ୍କର କ୍ଷତି କରିବେ ଏବଂ ସଙ୍ଗେ ସଙ୍ଗେ ସହୋଦରଙ୍କ ଦ୍ୱାରା ତାଙ୍କର ମଧ୍ୟ ହାନି ହେବ। କିନ୍ତୁ ରାଜାଙ୍କ ତରଫରୁ ସେମାନଙ୍କର ଅଧିକ ହାନି ହେବ। ଏହା ଗ୍ରହଦ୍ୱାରା ଜାଣିବା ରହସ୍ୟ ନ ଥିଲା। ଭିଣୋଇ ରାଜାଙ୍କ ବିରୋଧୀ ଥିବାରୁ ସେ ଭଉଣୀକୁ ବନ୍ଦୀ କରି ରଖିଛନ୍ତି କିନ୍ତୁ ବୀରଣ୍ଣାଙ୍କ ମଡ଼କେରୀ ଆସିବା ଦ୍ୱାରା ରାଜାଙ୍କ ପ୍ରତି ବିଶେଷ ହାନିର ସୂଚନା ସେ ଦେଖି ପାରିଲେ ନାହିଁ। ଏପରି ଦେଖିବାରୁ ଦୀକ୍ଷିତ କାଳିକା କଥା ବୀରଣ୍ଣାଙ୍କୁ କହିଥିଲେ। ରାଜା କି ପ୍ରକାରର ହାନି ପହଞ୍ଚାଇବେ ତାହା ଦେଖିବା ପାଇଁ ଦୀକ୍ଷିତ ପୁଣି ଥରେ ଗଣନା କଲେ। ଏହି ଦୃଷ୍ଟିରେ ଦେଖିବା ଦ୍ୱାରା ପ୍ରଥମରୁ ଦେଖିଥିବା ଗ୍ରହସ୍ଥିତି ଆହୁରି ସ୍ପଷ୍ଟ ହୋଇ ଉଠିଲା। ପୂର୍ବ ପୁରୁଷ ସମୟ ଗ୍ରହଗତିର କେତୋଟି ଚିତ୍ର ଥିଲା ଯାହାକୁ କି ଜ୍ୟୋତିଷୀ କେବେ କେବେ ଦେଖୁଥିଲେ। ସେଦିନ ଚିତ୍ରଗୁଡ଼ିକ ବାହାର କରି ସେ ପୁଣିଥରେ ଦେଖିଲେ। ସେଥିରୁ ସହୋଦରମାନଙ୍କର ଦ୍ୱେଷର ଚିତ୍ର ଖୋଜି ଅଲଗା କରିବାରୁ ରାଜାଙ୍କ ଗ୍ରହଗତି ଏ ବର୍ଷ କଂସର ଅନ୍ତିମ ବର୍ଷର ଗ୍ରହଗତି ସହ ପୁରାପୁରି ମିଶିଗଲା। ଭଉଣୀକୁ ଆଣି ବନ୍ଦୀ କରି ରଖିବା ଦ୍ୱାରା ସହୋଦର ଦ୍ୱେଷ ଦେଖାଯିବାର ଆଶଙ୍କା ହେଉଥାଏ।

ଏମିତି ତ ହେଲା। ରାଜାଙ୍କୁ ଏ ସଙ୍କଟରୁ ବଞ୍ଚାଇବା ତାଙ୍କର କର୍ତ୍ତବ୍ୟ। ରାଜାଙ୍କ ଭଉଣୀକୁ ବନ୍ଦୀରୁ ମୁକ୍ତ କଲେ ହାନିର ପ୍ରଭାବ ଏକ ଭାଗ କମ କରାଯାଇପାରେ। ଏହା କିପରି ସମ୍ଭବ ହେବ? ଭବିଷ୍ୟତ ଗ୍ରହଦଶା ସମ୍ବନ୍ଧରେ ରାଣୀଙ୍କୁ ନିବେଦନ କରି ତାଙ୍କ ଦ୍ୱାରା ରାଜାଙ୍କୁ କୁହାଯାଇପାରେ। ଯେ କୌଣସି ଉପାୟରେ ରାଜାଙ୍କ ଭଉଣୀକୁ ଅପ୍ପଗୋଳଂ ପଠାଇବାର ବ୍ୟବସ୍ଥା କରିବାକୁ ପଡ଼ିବ।

ସପ୍ତାହକୁ ଥରେ ଦୁଇଥର ପ୍ରସାଦ ପହଞ୍ଚାଇବା ପାଇଁ ଦୀକ୍ଷିତ ସ୍ୱୟଂ ରାଜମହଲକୁ ଯାଉଥିଲେ। ଦୀକ୍ଷିତ ମନେ ମନେ ଠିକ୍ କଲେ ଯେ ଏଥର ରାଜମହଲ ଗଲେ ରାଣୀଙ୍କ ସହ ଏପରି ଭାବେ କଥା କହିବେ ଯେ ସେ ସ୍ୱୟଂ ଏ ପ୍ରସଙ୍ଗ ଉପରକୁ ଆସିବେ ଓ ସେ ଭବିଷ୍ୟତ ସମ୍ବନ୍ଧରେ ଚେତାବନୀ ଦେଇପାରିବେ। ଅଚାନକ ରାଣୀ ସେହିଦିନ ତାଙ୍କୁ ଡକାଇ ପଠାଇବାରୁ ସେ ନଅରକୁ ଗଲେ।

ରାଜାଙ୍କ ଦ୍ୱାରା ଇଂରେଜମାନଙ୍କୁ ଦିଆଯାଉଥିବା ଭୋଜି ବିଷୟରେ କଥାବାର୍ତ୍ତା ହେବାପାଇଁ ରାଣୀ ତାଙ୍କୁ ଡକାଇଥିଲେ। ରାଣୀ ତାଙ୍କୁ ମାସେ ଦେଢ଼ମାସ ମଧ୍ୟରେ ବର୍ଷା ଆରମ୍ଭ ହେବା ପୂର୍ବରୁ ଏପରି ଗୋଟିଏ ଦିନ ଠିକ୍ କରିବାକୁ କହିଲେ ଯେଉଁଦିନ କି ମନ୍ଦିରରେ

Digitized by srujanika@gmail.com

ବିଶେଷ ଉତ୍ସବ ପୂଜା ନ ଥିବ ବା ନଅରର ସେବକମାନଙ୍କର କୌଣସି ପର୍ବପର୍ବାଣୀ ନ ଥିବ। ପାଞ୍ଜି ଦେଖି ଉପଯୁକ୍ତ ଦିନ କହିବେ ବୋଲି ଦୀକ୍ଷିତ ରାଣୀଙ୍କୁ କହିଲେ। ଏହାପରେ ରାଣୀ ସ୍ୱୟଂ କହିଲେ, "ଦୀକ୍ଷିତ ମହାଶୟ ଆସନ୍ତା ଦୁଇ ତିନି ମାସ ମଧ୍ୟରେ ରାଜାଙ୍କ ସ୍ୱାସ୍ଥ୍ୟ ତଥା ଅନ୍ୟସବୁ ବିଷୟ କିପରି ହେବ ଟିକିଏ ଦେଖିକରି କହିବେ।"

ଦୀକ୍ଷିତଙ୍କର ମନେ ହେଲା ରାଣୀ ଈଶ୍ୱରଙ୍କ ପ୍ରେରଣାରେ ହିଁ ଏପରି କଥା କହୁଛନ୍ତି ନଚେତ ତାଙ୍କ ଇଚ୍ଛା ଓ ରାଣୀଙ୍କ ପ୍ରଶ୍ନ ଉଭୟ କିପରି ଏକା ହେବ? ଦୀକ୍ଷିତ କହିଲେ, "ସେ ସବୁ ମୁଁ ଦେଖି ସାରିଛି ମା, ଦିନେ ଦୁଇଦିନ ମଧ୍ୟରେ ଆପଣଙ୍କୁ କହିବି।"

"କିଛି ହାନି ହେବ ନାହିଁ ତ?"

"ରାଜା ଓ ତାଙ୍କ ନିକଟତମ କୁଟୁମ୍ବ ପାଇଁ କୌଣସି ହାନି ନାହିଁ କିନ୍ତୁ ଅନ୍ୟଭାବେ ଦେଖିଲେ ଗ୍ରହଦଶା ବହୁତ ଖରାପ ଅଛି।"

ରାଣୀଙ୍କ ହୃଦୟ ଥରି ଉଠିଲା। ତଥାପି ଭୟ ଲୁଚାଇ କହିଲେ, "କଣ ହାନି ଅଛି? ଶାନ୍ତି ପାଇଁ କି ଉପାୟ କରିବାକୁ ହେବ? ଆପଣ ଯାହା ଆଜ୍ଞା ଦେବେ କରେଇବି।"

"ଏ ଗ୍ରହଶାନ୍ତି ଦୂର ହେବା କଥା ନୁହେଁ। ମହାରାଜଙ୍କ ନିକଟରୁ ଆପଣଙ୍କୁ ଗୋଟିଏ କାମ କରାଇବାକୁ ହେବ।" ଏହା କହି ଦୀକ୍ଷିତ ଗ୍ରହଗତି ବିଷୟରେ ବୁଝାଇ କହିଲେ, "ଶୀଘ୍ର ଆପଣଙ୍କ ନଣନ୍ଦଙ୍କୁ ବନ୍ଦୀରୁ ମୁକ୍ତ କରି ଆସ୍ତଗୋଲଂ ପଠାଇବାର ବ୍ୟବସ୍ଥା କରନ୍ତୁ।"

"ଆରେ- ଦୀକ୍ଷିତ ମହାଶୟ, ମହାରାଜ କଣ ଏଥିରେ ରାଜି ହେବେ? ଆପଣଙ୍କୁ କଣ ଏ କଥା ଅଛପା ଅଛି?"

"ଆଜ୍ଞା ରାଣୀମା, ଆପଣଙ୍କ କଥା ତ ଠିକ୍ କିନ୍ତୁ ଏହା ଛଡା ଆମ ପାଇଁ ଆଉ କୌଣସି ରାସ୍ତା ନାହିଁ।"

"ଆପଣ କଂସର ଦଶା କଥା କହୁଛନ୍ତି। ନଣନ୍ଦଙ୍କର ସନ୍ତାନ ନାହିଁ ତେଣୁ ଏ ଭୟ କାହିଁକି?"

"ଗ୍ରହଦଶା ଯେତେବେଳେ ଏହା ହିଁ କହୁଛି ଆମର ତାହା ବିଶ୍ୱାସ କରିବା ଉଚିତ। ଏ ଗ୍ରହଦଶା ମୁଖ୍ୟତଃ କହୁଛି ଯେ ତାଙ୍କର ସହୋଦରାକୁ ତାଙ୍କଠୁ ଦୂରରେ ରଖିବାକୁ ହେବ। ଏଥିରେ ହିଁ ରାଜାଙ୍କ ମଙ୍ଗଳ। ରାଜାଙ୍କ ହିତାକାଙ୍‌କ୍ଷୀ ପାଇଁ ଏହାଠୁ ବଡ଼ କାମ ଆଉ କିଛି ନାହିଁ।"

"ଠିକ୍ ଅଛି ଦୀକ୍ଷିତ ମହାଶୟ, ମୋ ଦ୍ୱାରା ଯାହା ସମ୍ଭବ କରିବି। ଏ ସଙ୍କଟରୁ ରାଜା ମୁକ୍ତ ହେବା ପାଇଁ ପ୍ରାର୍ଥନା କରି ମନ୍ଦିରରେ ପୂଜା କରାନ୍ତୁ।"

"କରିବି ରାଣୀମା, ଆପଣ ଚିନ୍ତା କରନ୍ତୁ ନାହିଁ। ଆପଣ ମହାରାଜାଙ୍କୁ କୌଣସି ପ୍ରକାରେ ବୁଝାଇ ନଣନ୍ଦଙ୍କୁ ଅସ୍ତଗୋଲଂ ପଠାଇବାକୁ ଚେଷ୍ଟା କରନ୍ତୁ।"

ଏହା କହି ରାଣୀଙ୍କ ଠାରୁ ଆଜ୍ଞା ନେଇ ଦୀକ୍ଷିତ ଫେରିଲେ। ରାଣୀ ଭବିଷ୍ୟତ କର୍ମପନ୍ଥା ସମ୍ବନ୍ଧରେ ଚିନ୍ତା କରିବାକୁ ଲାଗିଲେ। ଆଜି ପର୍ଯ୍ୟନ୍ତ ଯେଉଁ ଚିନ୍ତାର କାରଣ ନ ଥିଲା ତାହା ଆଜି ସନ୍ଧ୍ୟା ସମୟରେ ସେ ଜାଣିଲେ।

Digitized by srujanika@gmail.com

51

ବାଙ୍ଗାଲୋର ସ୍ଥିତ ଇଂରେଜମାନଙ୍କ ପ୍ରତିନିଧି ତଥା ତାଙ୍କ ଇଂରେଜ ସାଥୀଙ୍କଠାରୁ ମଡ଼କେରୀରେ ଯେଉଁ ପତ୍ର ପ୍ରାପ୍ତ ହୋଇଥିଲା ତାହାର ବିବରଣୀ ଏହି ପ୍ରକାର।

ପ୍ରତିନିଧି ଦ୍ୱାରା ଲେଖାଯାଇଥିବା ପତ୍ର ଏହି ପ୍ରକାର ଥିଲା:

'କୋଡଗର ମହାରାଜ ଶ୍ରୀମାନ ଚିକ୍କବୀର ରାଜେନ୍ଦ୍ର ଓଡେୟରଙ୍କ ସେବାରେ ଇଂରେଜ ସାର୍ବଭୌମ କମ୍ପାନୀ ସରକାରର ମହୀଶୂରର ରେସିଡେଣ୍ଟ ମହୋଦୟଙ୍କର ଆଦର ପୂର୍ବକ ନମସ୍କାର ତଥା ଶୁଭକାମନା। ଆପଣଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଆପଣଙ୍କ ପ୍ରତିନିଧିଙ୍କ ପତ୍ର ଯଥାସମୟରେ ପ୍ରାପ୍ତ ହୋଇଛି। ସେଥିପାଇଁ ଆମେ ଶ୍ରୀମାନଙ୍କୁ ଅଶେଷ ଧନ୍ୟବାଦ ଦେଉଛୁ। ସାର୍ବଭୌମ ପ୍ରଭୁଙ୍କ ମିତ୍ର ଅଳ୍ପ ଦିନ ଅସୁସ୍ଥ ରହିବା ପରେ ବର୍ତ୍ତମାନ ସ୍ୱାସ୍ଥ୍ୟ ଫେରି ପାଇଛନ୍ତି ଓ ପ୍ରସନ୍ନଚିତ୍ତ ଅଛନ୍ତି ଜାଣି ଆମେ ଅତ୍ୟନ୍ତ ଆନନ୍ଦିତ ହେଲୁ। ମହାରାଜଙ୍କ ସ୍ୱାସ୍ଥ୍ୟଲାଭ ବିଷୟ ବୈଦ୍ୟରାଜ ମହୋଦୟଙ୍କୁ ନିବେଦନ କରି ଦିଆଯାଇଛି ବୋଲି ଆପଣ ଜାଣି ପାରିଥିବେ। ଏହା ପୂର୍ବରୁ ଆମକୁ ପରିବାର ସହ ମଡ଼କେରୀ ଆସିବାକୁ ମହାରାଜ ଆଗ୍ରହ ପ୍ରକାଶ କରିଥିଲେ। ମହାରାଜ ପୁନର୍ବାର ତାହା ଆମକୁ ସ୍ମରଣ କରାଇ ଦେଇଥିବାରୁ ଆମେ ସମସ୍ତେ ଖୁବ୍ ପ୍ରସନ୍ନ ହେଲୁ। ମହାରାଜ ଆଦରର ସହ କରିଥିବା ନିମନ୍ତ୍ରଣ ସ୍ୱୀକାର କରି ଆମେ ପ୍ରସନ୍ନତା ଓ ଗୌରବ ଅନୁଭବ କରୁଛୁ। 'ଯୁଗାଦି' ସମୟରେ ଆମେ ଆପଣଙ୍କ ସେବାରେ ଉପସ୍ଥିତ ହୋଇ ପାରିଲୁ ନାହିଁ। ମହାରାଜଙ୍କ ସୁବିଧାନୁସାରେ ବର୍ଷାଋତୁ ପୂର୍ବରୁ ଏଇ ଦୁଇମାସ ମଧ୍ୟରେ ଯେଉଁ ସମୟ ସୁବିଧାଜନକ ହେବ ସେହି ସମୟରେ ଆମେ ଆପଣଙ୍କ ସେବାରେ ଉପସ୍ଥିତ ହେବୁ। ଆଉ କେଉଁ ଦିନ ସୁବିଧାଜନକ ନ ହେଲେ ନବରାତ୍ରୀରେ ଆସିପାରୁ। ଏମିତିରେ ଏ ଯାତ୍ରା ମହାରାଜାଙ୍କ ଦର୍ଶନ ଉପଲକ୍ଷେ କରାଯାଉଛି। କିନ୍ତୁ ଏ ଯାତ୍ରାରୁ ସୁଯୋଗ ନେଇ ସେହି ସମୟରେ ସାର୍ବଭୌମ ସଭାର ପ୍ରତିନିଧି ତଥା ମହାରାଜଙ୍କ ମଧ୍ୟରେ କେତେକ ବିଷୟରେ ବିଚାର କରିବାର ଅଛି। ତାହା ଆପଣଙ୍କ ସମକ୍ଷରେ ରଖି ତାର ନିର୍ଣ୍ଣୟ ଆପଣଙ୍କ ଦ୍ୱାରା କରାଇବାକୁ ଚାହୁଁଛି। ଏଇ ବିଷୟରେ ଆଉ ଏକ ପତ୍ର ଆପଣଙ୍କୁ ପଠାଇଛି। ଆପଣଙ୍କ ସେବାରେ ଏପରି ନିବେଦନ କରୁଛନ୍ତି-

କେସମାଇକର

ମହୀଶୂର ରେସିଡେଣ୍ଟ

ଏହି ପତ୍ର ସହ ରେସିଡେଣ୍ଟଙ୍କ ସହାୟକ ପାର୍କର ମହୋଦୟ ମନ୍ତ୍ରୀ ଶ୍ରୀ ବସବୟାକୁ ଏକ ବ୍ୟକ୍ତିଗତ ପତ୍ର ପଠାଇଥିଲେ। ତାହା ଏହିପ୍ରକାର ଥିଲା- ପ୍ରିୟ ମିତ୍ର ସୌଭାଗ୍ୟବତୀ ମହାରାଣୀ ତଥା ଶ୍ରୀମାନ ମହାରାଜଙ୍କ ଦ୍ୱାରା ପ୍ରେରିତ ନିମନ୍ତ୍ରଣ ପତ୍ରର ରେସିଡେଣ୍ଟ ମହୋଦୟ ବିଧିମତ ଉତ୍ତର ଦେବାର କୃପା କରିଛନ୍ତି। ତାହା ସହ ମୁଁ ଏ ପତ୍ର ପ୍ରେରଣ କରୁଛି।

Digitized by srujanika@gmail.com

ସେଠାକୁ ଆସିବା ସମ୍ଭାବନାରେ ମହାରାଜଙ୍କ କେତେକ ପ୍ରିୟବସ୍ତୁ ଆଗରୁ ମଗାଇଛି, ଆସିବା ସମୟରେ ତାହା ନେଇ ଆସିବି। ରେସିଡେଣ୍ଟ ମହୋଦୟ ତଥା ତାଙ୍କର ସହାୟକ ସେନାଧିକାରୀ ଓ ମୁଁ ଆସୁଛୁ। ଶ୍ରୀମତୀ ଲୁସି ତଥା ତାଙ୍କ ବନ୍ଧୁ ହେଲେନ ମଧ୍ୟ ଆମ ସହିତ ଆସୁଛନ୍ତି।

ଆମେ ତ ଆସୁଛୁ। ତେଣୁ ଆମର ବରିଷ୍ଠ ମିତ୍ର ଦିନେ ଦୁଇଦିନ ଶିକାର ଖେଳିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଯଦି ସମ୍ଭବ ହୁଏ ଏହାର ବ୍ୟବସ୍ଥା କରିବାକୁ ପ୍ରାର୍ଥନା କରୁଛି।

ଶ୍ରୀମତୀ ଲୁସି ଓଡେୟର ତଥା ଆପଣଙ୍କୁ ନମସ୍କାର ପଠାଉଛନ୍ତି। ଦୟା କରି ମୋ ତରଫରୁ ଆଦର ସ୍ୱୀକାର କରି ଏହି ସବୁ କଥା ମହାରାଜଙ୍କ ନିକଟରେ ନିବେଦନ କରନ୍ତୁ।''

ଏକାନ୍ତଭାବେ

ଆପଣଙ୍କର

* * * *।

ପରେ ଏହା ଲେଖା ଯାଇଥିଲା: ''ଆମେ ରାଜମହଲକୁ ଏଥି ପୂର୍ବରୁ ଅନେକ ଥର ଯାଇଛୁ, କିନ୍ତୁ ସେଠିକାର ଭଲ ଘରର ଝିଅମାନଙ୍କର ସୌନ୍ଦର୍ଯ୍ୟ ତଥା ବ୍ୟବହାର ଦେଖିବାର ସୌଭାଗ୍ୟଲାଭ କରିନାହୁଁ। ଏ ବିଷୟରେ ମୁଁ ଆଗରୁ ମଧ୍ୟ ସାମାନ୍ୟ ସଙ୍କେତ ଦେଇଥିଲି। ଆପଣଙ୍କର ସ୍ମରଣ ଥିବ ବୋଧହୁଏ। ଏଥର ସେ ସୁଖ ପ୍ରାପ୍ତ କଲେ ଆମେ ଆପଣଙ୍କ ନିକଟରେ ଚିରଋଣୀ ହୋଇ ରହିବୁ। ଉଚ୍ଚ ଶ୍ରେଣୀର ସ୍ତ୍ରୀମାନଙ୍କ ସମ୍ପର୍କରେ ଆସିବା ପାଇଁ ଶ୍ରୀମତୀ ଲୁସୀଙ୍କର ଖୁବ୍ ଇଚ୍ଛା। ଏ କଥା ଅଲଗା ଲେଖାଯାଇ ଥିବାରୁ ମୋ ବିଶ୍ୱାସ ଆପଣ ଏହାର ଆଉ କୌଣସି ଅର୍ଥ କରିବେ ନାହିଁ।''

ଏ ଦୁଇଟି ପତ୍ର ଛଡା ରାଣୀଙ୍କ ନାମରେ ଏକ ଛୋଟ ପତ୍ର ଥିଲା। 'ଆପଣଙ୍କ ଆଦର ପୂର୍ବକ ନିମନ୍ତ୍ରଣର ଉତ୍ତର ମହାରାଜଙ୍କ ପତ୍ର ସହ ପଠାଯାଇଛି।'

52

ଏହି ତୃତୀୟ ପତ୍ର ହିଁ ରାଣୀଙ୍କର ଦୀକ୍ଷିତଙ୍କୁ ଡକାଇବାର କାରଣ ଥିଲା। ରାଜାଙ୍କ ପତ୍ରକୁ ବସବ ରାଜାଙ୍କୁ ପଢ଼ି ଶୁଣାଇ ମନ୍ତ୍ରୀମାନଙ୍କ ପାଖକୁ ପଠାଇଦେଲା। ନିଜ ପାଇଁ ଆସିଥିବା ପତ୍ର ସ୍ୱୟଂ ପଢ଼ି ରାଜାଙ୍କୁ ଏକାନ୍ତରେ ପଢ଼ି ଶୁଣାଇଲା।

ରାଜାଙ୍କ ପାଇଁ 'ପ୍ରିୟବସ୍ତୁ'ର ଯେଉଁ ଉଲ୍ଲେଖ କରାଯାଇଥିଲା ତାହା ସେ ଉତ୍ତମ ମଦ୍ୟ ବୋଲି ଭାବିଥିଲେ। ଲୁସୀ ଅତ୍ୟନ୍ତ ସୁନ୍ଦରୀ ଯୁବତୀ ହୋଇଥିବାରୁ ତାଙ୍କର ଆସିବା ସୂଚନା ପାଇ ରାଜାଙ୍କୁ ଅତ୍ୟନ୍ତ ସନ୍ତୋଷ ହେଲା। ଶିକାର ପାଇଁ ବ୍ୟବସ୍ଥା କରିବା କିଛି କଠିନ କାମ ନ ଥିଲା। କିନ୍ତୁ ଶେଷରେ ଯେଉଁ କଥା ଉଲ୍ଲେଖ କରାଯାଇଥିଲା ତାହା ହିଁ ବାକୀ ରହିଗଲା। ରାଜା ବସବଙ୍କୁ ପଚାରିଲେ, 'ସେ ଥର ପାର୍କର ସାହେବଙ୍କର କଣ ଦରକାର ଥିଲା ?'

Digitized by srujanika@gmail.com

"ସେ ଲୋକ ଭଲ ନୁହେଁ ମହାରାଜ।" ତାଙ୍କ ନିକଟକୁ ଦୋଡ଼ବ୍ରା ଯେଉଁ ସବୁ ଝିଅଙ୍କୁ ପଠାଇଥିଲା ସେମାନେ ଉଚ୍ଚବର୍ଣ୍ଣର ମହିଳା ନୁହନ୍ତି ବୋଲି ସେ କହିଲେ।"

"ତେବେ ଉଚ୍ଚ ବର୍ଣ୍ଣର ମହିଳା, ବ୍ରାହ୍ମଣ, କୋଡଗୀ-ସ୍ତ୍ରୀ ଇତ୍ୟାଦିଙ୍କୁ ଡକାଇଲେ ଭଲ।"

"ଆରେ ଚମାର... ମିଛ କହିଥିଲା। ଚାଖି କରି ଦେଖିଛ ନାଁ କଣ?"

"ହଁ ମଣିମା।"

"ଆଉ କେବେ ହୋଇଥିଲେ ମୁହଁ ଉପରେ ଛେପ ପକାଯାଇ ପାରିଥାଆନ୍ତା। ଆଉ କିଛି ଲେଖିଛନ୍ତି କି?"

"ହଁ ମଣିମା।"

"ସେ ଲଫଙ୍ଗା ଚେନ୍ନବସବ ଆମ ବିରୁଦ୍ଧରେ ଲେଖି ପଠାଇବାରୁ ଚନ୍ଦ୍ର ସୂର୍ଯ୍ୟ ରହିବା ପର୍ଯ୍ୟନ୍ତ ବନ୍ଧୁତା ରଖିବାକୁ ପ୍ରତିଜ୍ଞାବଦ୍ଧ ଇଂରେଜ ଆମକୁ ଜବାବ ତଲବ କରିବାକୁ ଆସୁଛନ୍ତି।"

"ହୋଇପାରେ ମଣିମା।"

"ବର୍ତ୍ତମାନ ଏମାନଙ୍କ ସହ ଝଗଡା କରିବା ଉଚିତ ନୁହେଁ। ଜଣେ ବ୍ରାହ୍ମଣ ଓ ଜଣେ କୋଡଗୀ ଝିଅ ଆଣି ଏମାନଙ୍କୁ ଯୋଗାଇଦିଅ।"

"ଏହା ଦ୍ୱାରା ତ ଆହୁରି ଆପତ୍ତି ହୋଇପାରେ।"

"ଛାଡ, କଣ ଆଉ ହେବ? ଜବାବ ତଲବ କଲେ ସେମାନଙ୍କ ପାଇଁ ଏହା ହୋଇଛି ବୋଲି କହିବା।"

"ସେ ଆଡକୁ ସେମାନେ ଧ୍ୟାନ ଦେଉନହାନ୍ତି ମାଲିକ। ସେମାନେ ତ କହୁଛନ୍ତି ଯାହା ତୁମେ ଆଣୁଛ ସେଥିରେ ଆମର ଭାଗ ଅଛି। କିଛି ଅନର୍ଥ ହେଲେ ସେ ଦାୟିତ୍ୱ ତୁମର।"

"ଯାହା ତୁମେ କରିପାରିବ କର। ଦେବତାଙ୍କୁ ସ୍ଥାପନା କଲେ ଛାଗ ବଳି ଦେବାକୁ ହିଁ ପଡ଼ିବ।"

ବସବ: "ଆଜ୍ଞା ମଣିମା।"

ଏମାନଙ୍କୁ ପୃଥକ୍ ଭାବେ ଡକାଇଲେ ଭଲ ହେବ। ନଚେତ୍ ନବରାତ୍ରୀରେ ଆସିବାକୁ ଦିଅ। ଏକଥା ଚାରି ଦିନ ପରେ ଲେଖି ପଠାଅ।

"ଆଜ୍ଞା ମଣିମା।"

53

ଆଗରୁ କୁହାଯାଇଛି ଯେ ରାଣୀଙ୍କର ନଣନ୍ଦ ବିଷୟରେ ଯେଉଁ ଚିନ୍ତା ଥିଲା ଓ ଯାହା ସେ ଆଗରୁ ଭାବି ପାରି ନଥିଲେ ତାହା ଆଜି ସନ୍ଧ୍ୟା ସମୟରେ ଜାଣିଲେ। ତାହା ବର୍ତ୍ତମାନ ସବିସ୍ତାରେ କୁହାଯାଇପାରେ।

ଉଭୟାଙ୍କ ରାଜମହଲ ସୁରକ୍ଷାଦଳ ନାୟକ ନିଯୁକ୍ତ ହେବାର ଦୁଇ ମାସ ହୋଇ ଯାଇଥିଲା।

ସେତିକିବେଳେ ଦିନେ ରାଜକୁମାରୀ ମାଙ୍କ ନିକଟକୁ ଆସି କହିଲେ, " ମାଁ, ପିଉସୀ ବହୁତ କାନ୍ଦୁଛନ୍ତି। ପିଉସାଙ୍କର ଏଠାକୁ ଆସିବା ବ୍ୟବସ୍ଥା କରିବା?"

Digitized by srujanika@gmail.com

ରାଣୀ କହିଲେ, "ତୁମର ପିତା ରାଜି ହେବେ ନାହିଁ, ଝିଅ।"

"ଏକଥା ପିତାଙ୍କୁ ଜଣାଯିବ ନାହିଁ।"

"ଗୁପ୍ତ ରୂପେ ଏପରି କାମ କରିବା ଖରାପ ଝିଅ। କିଛି ଅନର୍ଥ ହେଲେ ତୁମର ପିତା ଭଉଣୀ ଭିଣୋଇଙ୍କୁ କିଛି କରି ବସିଲେ କଣ ହେବ?"

"ସେ ସବୁ ମୁଁ ଜାଣେ ନାହିଁ ମାଁ। ପିଉସୀ ଏଇ ଘରେ ଜନ୍ମ ହୋଇ ଏପରି ଦୁଃଖି ହେଲେ ମୁଁ ସହ୍ୟ କରି ପାରୁ ନାହିଁ। ମନେ ହେଉଛି ଯେପରି କାଲି ମୋର ମଧ୍ୟ ଏଇ ଅବସ୍ଥା ହେବ।"

ଅନ୍ତିମ ବାକ୍ୟ ଶୁଣି ରାଣୀ ସାମାନ୍ୟ ନରମ ହୋଇଗଲେ। "ଏପରି କଥା ମୁହଁରୁ ବାହାର କରିବା ଉଚିତ ନୁହେଁ। ଘରଝିଅ କାହିଁକି କାନ୍ଦିବେ। କିନ୍ତୁ ନଣନ୍ଦେଇ ଆସିବେ ବା କେମିତି?"

"ସେ ଆସିଲାବେଳେ ମୁଁ ବାହାର କବାଟ ନିକଟରେ ଠିଆ ହୋଇଥିବି। ମୋର ଚିହ୍ନା ପରିଚୟ ବୋଲି ବାହାନା କରି ତାଙ୍କୁ ଭିତରକୁ ନେଇଗଲେ କିଏ ବାଧା ଦେବ?"

"ନ ଚିହ୍ନି ପହରାଦାର କାହାରିକୁ ଭିତରକୁ ଆସିବାକୁ ଦେବେ ନାହିଁ।"

"ମୁଁ ନେଇ ଆସିବି। ଉଭୟାକୁ କହିଦେବି।"

"ଉଭୟା କଣ ମାନିଯିବ ଝିଅ?"

"ମାନିଯିବେ ମାଁ।"

ନିଜ ଝିଅର ଏ ବିଶ୍ୱାସ ଦେଖି ରାଣୀଙ୍କୁ ହସ ମାଡ଼ିଲା। ସେ କହିଲେ, "କାଲି ହୁଏତ ଏଥିପାଇଁ ଉଭୟାର କ୍ଷତି ହୋଇପାରେ।"

"କଣ କ୍ଷତି ହୋଇପାରେ ମାଁ? ରାତିରେ ଡାକିଆଣି ସକାଳୁ ପଠାଇଦେଲେ କିଏ ଜାଣିବ?"

"ରାଣୀ ଏ ବିଷୟରେ ବହୁତ ଭାବିଲେ। ଏପଟେ ଝିଅର ଇଚ୍ଛା ଓ ନଣନ୍ଦର ଦୁଃଖ, ସେପଟେ ସ୍ୱାମୀଙ୍କ ନଅରର ବିରୁଦ୍ଧାଚରଣ କରୁଛି। ରାଜମହଲକୁ କ୍ଷତିରୁ ରକ୍ଷା କରିବା ପାଇଁ ଭଗବାନ କଣ ଝିଅ ମନରେ ଏପରି ଭାବନା ଉଦ୍ରେକ କରାଇଛନ୍ତି! ବାରମ୍ବାର ଚିନ୍ତା କରି ସେ କହିଲେ, "ଭଲ କଥା ପୁଚୁଛୁ। ଯାହା ତୁମେ ଠିକ୍ ଭାବୁଛ କର, ହୁସିଆର, ଖାଲି ଥରକ ଲାଗି ଏକାମ କରିବ।" ଉଭୟାକୁ ବୁଝେଇବା ରାଜକୁମାରୀଙ୍କ ପାଇଁ କଠିନ କାମ ନ ଥିଲା। ଆଠ ଦଶ ଦିନ ପରେ ଦିନେ ରାତିରେ ଚେନ୍ନବସବୟା ରାଜମହଲକୁ ଆସିଲା, ପତ୍ନୀଙ୍କୁ ସାକ୍ଷାତ କରି ସକାଳୁ ଉଠି ଚାଲିଗଲେ।

ଥରେ ଆସିବା ପରେ ପୁଣି ନିଜକୁ ସଂଯତ କରିବା ତା ପକ୍ଷରେ ସମ୍ଭବ ହେଲା ନାହିଁ। ଦେବମ୍ମା ମଧ୍ୟ ରହି ପାରିଲେ ନାହିଁ। ରାଜକୁମାରୀଙ୍କର କ୍ଷତି ନ ହେବା ପାଇଁ ସେମାନେ ଦଶ ଦିନ, ମାସେ ଅନ୍ତରରେ ସାକ୍ଷାତ କରିବାକୁ ଲାଗିଲେ। ତୃତୀୟ ମାସରେ ସାକ୍ଷାତ କରିବା ସମୟରେ ଯେତେବେଳେ ଜାଣିଲେ ଯେ ଦେବମ୍ମା ଗର୍ଭବତୀ ସେତେବେଳେ ଉଭୟେ ଡରିଗଲେ। ଚେନ୍ନବସବୟା ଆସିବା ବନ୍ଦ କରିଦେଲେ।

ଦେବମ୍ମାଙ୍କ ଗର୍ଭବତୀ ହେବା ବିଷୟ ରାଣୀ ଛଅମାସ ପର୍ଯ୍ୟନ୍ତ ଜାଣି ନଥିଲେ। କେତେ ମାସ ପରେ ଜାମାତାଙ୍କର ନ ଆସିବା ଦେଖି ତାଙ୍କୁ ସନ୍ତୋଷ ହେଲା। କିନ୍ତୁ ଏ ସନ୍ତୋଷ ବେଶୀ ଦିନ ରହିଲା ନାହିଁ।

Digitized by srujanika@gmail.com

ପିଉସୀଙ୍କ ସହ ପଶା ଖେଳିସାରି ଫେରିବା ପରେ ରାଜକୁମାରୀ ତାଙ୍କର ଗର୍ଭବତୀ ହେବା ବିଷୟ କହିଲେ। ଦୀକ୍ଷିତ ସେହିଦିନ ଦ୍ୱିପ୍ରହର ସମୟରେ ରାଣୀଙ୍କୁ ରାଜାଙ୍କ କଂସ-ଯୋଗ ବିଷୟରେ କହିଥିଲେ। ଗ୍ରହ ଯୋଗର ଏତେ କ୍ରୁର ଗତି ଦେଖି ରାଣୀଙ୍କର ଖୁବ୍ ଭୟ ହେଲା। ଚେନ୍ନବସବ ବିଷୟରେ କନ୍ୟାର କଥା ମାନି ସେ ଯେଉଁ ଭୁଲ କରିଛନ୍ତି ତାର ପରିଣାମ ସ୍ୱରୂପ କି ଅନର୍ଥ ହେବ, ଏହା ଭାବି ରାଣୀ ଚିନ୍ତିତ ହେଲେ।

ତାଙ୍କ ଚିନ୍ତା ବିଲ୍‌କୁଲ ଠିକ୍। ଏ କଥା ପ୍ରାୟ ପନ୍ଦର-କୋଡ଼ିଏ ଦିନ ପରେ ସେ ବୁଝି ପାରିଲେ। ରାଜା କେବେ କେମିତି ଯାଇ ଭଉଣୀଙ୍କୁ କଟୁ କଥା କହି ଆସୁଥିଲେ। ଏଥର ସେ ଆସିବାରୁ ବସବ ଭଉଣୀର ଗର୍ଭବତୀ ହେବା ବିଷୟ ତାଙ୍କୁ କହିଲା।

ଭଉଣୀଙ୍କୁ ପଚାରିବା ପରେ ସେ କିଛି ନ କହିବାରୁ ରାଜା କ୍ରୋଧରେ ଚିତ୍କାର କରି କହିଲେ, " କାହାର ଗର୍ଭ କହ ନଚେତ ଚମାର ପାଖକୁ ପଠାଇ ଦେବି।" ତଥାପି ସେ ଚୁପ୍ ରହିଲେ। ରାଜା ବସବଙ୍କୁ କହିଲେ, "ଯାଙ୍କୁ ନିଜ କୋଳରେ ବସାଅ, ବସବ।" ବସବ ମଧ୍ୟ ରାଜାଙ୍କ ସହ ମଦ୍ୟପାନ କରି ଆସିଥିବାରୁ ତାର ମୁଣ୍ଡ ଠିକ୍ ନ ଥିଲା। ସେ ଦେବମ୍ମାଙ୍କୁ ଧରି କୋଳରେ ବସାଇଦେଲା। ରାଜାଙ୍କୁ ଖୁସୀ କରିବା ପାଇଁ ତାଙ୍କୁ ବେଇଜ୍ଜତି କରି ଟାଣିଲା। ଏତିକି କରି ବାହାରକୁ ଆସିବା ସମୟରେ ରାଜା ବସବଙ୍କୁ କହିଲେ, "ଏ ବସବ, ଏ କାହା ଦ୍ୱାରା ଗର୍ଭବତୀ ହୋଇଛି ଖବର ନେବୁ। ବର୍ତ୍ତମାନ ତା କୋଠରୀରେ ତାଲା ଲଗାଇ ଦେ। ମୋତେ ନ ପଚାରି କାହାରିକୁ ଭିତରକୁ ଆସିବାକୁ ଦେବୁ ନାହିଁ।"

କଥା ଆରମ୍ଭରେ କୁହାଯାଇଛି ଯେ ତା ପରଦିନ ରାଜକୁମାରୀ ତଥା ରାଣୀ ଦେବମ୍ମାଙ୍କୁ ବଞ୍ଚାଇବା ପାଇଁ ପ୍ରୟାସ କଲେ।

Digitized by srujanika@gmail.com

କଥା ଗର୍ଭ

ଗର୍ଭିଣୀ ଭଉଣୀ ଉପରେ ହାତ ଉଠାଇବା ସେହିଠାରେ ଛାଡି ବୀରରାଜ କନ୍ୟା ସହ ଲମ୍ବ ଲମ୍ବ ପାହୁଣ୍ଡ ପକାଇ ନିଜ ନିବାସ ଆଡକୁ ଚାଲିଗଲେ। ତାଙ୍କର ରାସ୍ତା ଯେ ଠିକ୍ ସେ ଭ୍ରମ ତାଙ୍କର ନ ଥିଲା, କିନ୍ତୁ ତାହା ସୁଧାରିବାର କୌଣସି ସରଳ ରାସ୍ତା ମଧ୍ୟ ତାଙ୍କ ମନକୁ ଆସୁ ନ ଥିଲା। ଫେରିବା ସମୟରେ ତାଙ୍କ ମନକୁ ମୁଖ୍ୟରୂପେ ତିନୋଟି କଥା ଆସୁଥିଲା। ନିଜର କନ୍ୟା ଭଲ ମନ୍ଦ ନ ବୁଝି ରାଜାଙ୍କୁ ବିରୋଧ କରି ପିଉସୀ ଦେବକୀଙ୍କ ତରଫ ହେଉଛି। ଏମିତିରେ ରାଣୀ ଗୌରମ୍ମା ସ୍ୱାମୀଙ୍କ ବିରୋଧ କରି ନଣନ୍ଦଙ୍କ ପକ୍ଷ ନେଇ ଠିଆ ହୋଇଛନ୍ତି। ରାଜାଙ୍କ ଜନ୍ମ କୁଣ୍ଡଳୀ ଦେଖି ଜ୍ୟୋତିଷୀ ଭବିଷ୍ୟତବାଣୀ କରିଥିବା କଂସ ଦେବକୀ ଯୋଗ ହିଁ ଏ ସବୁର ମୁଖ୍ୟ କାରଣ। ଏ ପଣ୍ଡିତ ଖାଇ ପିଇ ଚୁପ୍ ରହୁନାହିଁ କାହିଁକି? ବାଜେ କଥା କହିବାର ମତଲବ କଣ? ତାକୁ ଡାକି ଭଲ କରି ଶୁଣାଇବାକୁ ପଡ଼ିବ।

ଏହା ଭାବି ବୀରରାଜ ସେବକକୁ ଡାକି 'ମନ୍ଦିର ପୂଜାରୀକୁ ଡାକ' କହି ନିଜ ବୈଠକଖାନାରେ ଯାଇ ବସିଲେ। ବାପା କଣ କରିବେ କେଜାଣି ବୋଲି ଭାବି ରାଜକୁମାରୀ କିଛି ସମୟ ତାଙ୍କ ପାଖରେ ବସି ତାଙ୍କ କ୍ରୋଧ କମାଇବା ଉଦ୍ଦେଶ୍ୟରେ କହିଲେ, "ବାପା, କାଲି ଦ୍ୱିପହରଠାରୁ ପୂଜାରୀ ବାବା ଅନ୍ତଃପୁରରେ ପୁରାଣ ପାଠ କରିବେ।"

କିନ୍ତୁ ଏ କଥା ରାଜାଙ୍କ ମନରେ ପଶିଲା କି ନାହିଁ ଜଣା ଗଲା ନାହିଁ। ତାଙ୍କର ରକ୍ତ କ୍ରୋଧରେ ଗରମ ହୋଇ ଉଠୁଥିଲା। ପିତାଙ୍କ ଧ୍ୟାନ ଅନ୍ୟ ଆଡେ ଅଛି ଦେଖି ଚୁପ୍ ହୋଇ ଆଉ କିଛିକ୍ଷଣ ବସି ରାଜକୁମାରୀ ଅନ୍ତଃପୁର ଆଡକୁ ଯାଇ ଦ୍ୱାର ନିକଟରେ ଛିଡା ହୋଇଥିବା ସେବକକୁ କହିଲେ, "ପୂଜାରୀ ବାବା ସେଠାକୁ ଯଦି ଆସନ୍ତି ମୁଁ ତାଙ୍କୁ ସାଙ୍ଗରେ ନେଇ ଆସିବି, ଏଠାକୁ ଯଦି ଆସନ୍ତି ତାଙ୍କୁ କହିବ ଯେ ମା ତାଙ୍କୁ ଡାକୁଛନ୍ତି।"

ରାଜା କ୍ରୋଧରେ ଅଭିଭୂତ ହୋଇ ସେଠାରେ ଅନେକ ସମୟ ବସି ରହିଲେ। ସେତିକିବେଳେ ଦ୍ୱାର ନିକଟରେ ଥିବା ସେବକକୁ ଦୀକ୍ଷିତ ଅନ୍ତଃପୁର ଆଡକୁ ଯିବାର ଦେଖିଲେ।

କିଛିକ୍ଷଣ ପରେ ରାଜକୁମାରୀ ପିତାଙ୍କ ନିକଟକୁ ଆସି କହିଲେ, "ବାପା, ପୂଜାରୀ ବାବା ଆସିଲେଣି, ଏଠାକୁ ପଠାଇ ଦେବି?"

ବୀରରାଜ 'ହଁ' ବୋଲି କହିଲେ। ସେ ସମୟରେ ନିଜର ଭବିଷ୍ୟତ ସମ୍ବନ୍ଧରେ ଭାବି ତାଙ୍କର ସମସ୍ତ କ୍ରୋଧ ଦୀକ୍ଷିତଙ୍କ ଉପରେ କେନ୍ଦ୍ରୀଭୂତ ହେଲା। ଦୀକ୍ଷିତଙ୍କ ସହ ଭେଟ ନ ହେବାରୁ ଯେ ତାଙ୍କ ସାମନାରେ ପଡୁଥିଲା ତା ଉପରେ ରାଗି ଯାଉଥିଲେ।

ରାଜକୁମାରୀ ସ୍ୱୟଂ ରନିବାସ ଯାଇ ଦୀକ୍ଷିତଙ୍କୁ ଡାକି ଆଣିଲେ। ତାଙ୍କ ପଛେ ପଛେ ରାଣୀ ମଧ୍ୟ ଆସିଲେ।

Digitized by srujanika@gmail.com

55

ଦୀକ୍ଷିତଙ୍କୁ ଦେଖି ରାଜାଙ୍କ କ୍ରୋଧ ସପ୍ତମକୁ ଉଠିଗଲା। ସେ କହିଲେ, "ଆସନ୍ତୁ ପୂଜାରୀ ମହାଶୟ, ଆପଣଙ୍କୁ ପଚରା-ପଚରି କରିବାକୁ କେହି ନାହିଁ ନାଁ କଣ? ଆପଣ କଣ କଂସ-ଦେବକୀ ଦଶା କଥା କହୁଥିଲେ? ସ୍ତ୍ରୀ ଲୋକଙ୍କୁ ଡରାଇବା ଆପଣଙ୍କ କାମ? ଦୟା କରି ପାଟିରେ ତାଲା ଲଗାଇ ରଖନ୍ତୁ।"

କ୍ଷଣକ ପାଇଁ ଦୀକ୍ଷିତ ଅକାବକ୍କା ହୋଇ ରହିଗଲେ। ତାଙ୍କ ମୁହଁରୁ କଂସ ଦେବକୀ କଥା ଶୁଣି ସେ ବୁଝି ପାରିଲେ ଯେ ରାଜା ଜ୍ୟୋତିଷ ପ୍ରସଙ୍ଗ ଉଠାଉଛନ୍ତି। ରାଜାଙ୍କ ନିକଟକୁ ଆସିବା ସମୟରେ ନଣନ୍ଦଙ୍କର ଗର୍ଭବତୀ ହେବା କଥା ରାଣୀ ତାଙ୍କୁ କହିଥିଲେ।

ଭଉଣୀ ବିଷୟରେ ଏ କଥା ଶୁଣି ରାଜାଙ୍କୁ ଆଶ୍ଚର୍ଯ୍ୟ ଲାଗିଲା। ଜନ୍ମକୁଣ୍ଡଳୀ ଦେଖି ସେ ଯେତେବେଳେ ରାଜାଙ୍କର କଂସ ଯୋଗ ଅଛି ବୋଲି କହିଥିଲେ ସେତେବେଳେ ସେ ଜାଣିଥିଲେ ଯେ ରାଜାଙ୍କ ଭଉଣୀ ବନ୍ଦୀଗୃହରେ ଥିବାରୁ ତାଙ୍କର ଗର୍ଭବତୀ ହେବାର ସମ୍ଭାବନା ନାହିଁ। ଏ ଲକ୍ଷଣ ଶୁଭ ବୋଲି ତାଙ୍କର ମନେ ହୋଇଥିଲା। ଭଉଣୀର ସନ୍ତାନ ହେଲେ ସେ ଭଣଜା ତାଙ୍କର ପ୍ରାଣନାଶ କରିବ। ବନ୍ଦୀଗୃହ ମଧ୍ୟରେ ରହି ଗର୍ଭବତୀ ହେବା ଦେବେଚ୍ଛା ବ୍ୟତୀତ ଆଉ କିଛି ନୁହେଁ। ଗ୍ରହ ନିଜର କାମ କରିବାକୁ ନିଶ୍ଚୟ କରିଥିବା ପରି ମନେ ହେଲା।

ନିଜର ଶାସ୍ତ୍ରଜ୍ଞାନ ବିଷୟରେ ଗର୍ବିତ ଦୀକ୍ଷିତ ରାଜାଙ୍କ କଟୂକଥା ଶୁଣି ମନେକଲେ ଯେପରି କେହି ତାଙ୍କ ଉପରେ ଛେପ ପକାଇ ଦେଲା। ଦୀକ୍ଷିତଙ୍କୁ କ୍ଷଣକ ପାଇଁ କ୍ରୋଧ ଆସିଲେ ମଧ୍ୟ ସେ ନିଜକୁ ସମ୍ଭାଳି ନେଲେ। ରାଜାଙ୍କୁ ସମ୍ବୋଧନ କରି ସେ କହିଲେ, "ମହାରାଜ, ଯେଉଁ ବିଷୟରେ ଆପଣ ପଚାରୁଛନ୍ତି, ଆଜ୍ଞା ଦେଲେ ତାହା ଶାନ୍ତିରେ ଦେଖି କହିବି।"

"ଆଉ ଆଜ୍ଞା ଦେବାର କଣ ଅଛି? ଶୁଣିଲି, ଆପଣ କଂସ ଦେବକୀ ଯୋଗ ବିଷୟରେ କହିଛନ୍ତି, ଏ ସବୁ କଣ? ଆପଣ ତ ଭବିଷ୍ୟତର ଜ୍ଞାତା, କହିଲେ ଟିକେ ଶୁଣିବା।"

ଦୀକ୍ଷିତ ରାଣୀଙ୍କ ଆଡକୁ ବୁଲି କହିଲେ, "ଆପଣ ମହାରାଜଙ୍କ ସହ ଏ ବିଷୟରେ ଚର୍ଚ୍ଚା କରିଥିଲେ ରାଣୀ ମା?

ରାଣୀ: "ଆଜ୍ଞା ହଁ! କିନ୍ତୁ ସବୁ କଥା ଆପଣ ଠିକ୍ ରୂପେ କହନ୍ତୁ। ମହାରାଜ ଭଉଣୀଙ୍କୁ ଅପଗୋଲଂ ପଠାବାକୁ ଚାହାନ୍ତି। ଶୁଭ ମୁହୂର୍ତ୍ତ ଜାଣିବା ପାଇଁ ଆପଣଙ୍କୁ ଡକାଇଛି।"

ତାଙ୍କ ଅବିବେକିତାକୁ ରାଣୀ ସୁଧାରିବାକୁ ଚେଷ୍ଟା କରୁଛନ୍ତି ବୋଲି ରାଜା ମଧ୍ୟ ବୁଝି ପାରୁଥିଲେ। ପତ୍ନୀଙ୍କୁ ତୀକ୍ଷ୍ଣ ଦୃଷ୍ଟି ଦେଇ କିଛି ନ କହି ଦୀକ୍ଷିତଙ୍କ ଆଡକୁ ମୁହାଁଇଲେ।

ଦୀକ୍ଷିତ: "ମୁଁ ସବୁ କଥା ନିବେଦନ କରିପାରେ। ବର୍ତ୍ତମାନ କହିବି, ନା ଆଉ କେବେ ଆସିବି ଆପଣ ଭାବିକରି କହନ୍ତୁ। ମୋ କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ମନ ଶାନ୍ତ କରି ପଚାରିଲେ ଯାହା ମୁଁ ଜାଣିଛି ସବୁ ନିବେଦନ କରିବି।"

Digitized by srujanika@gmail.com

ଏହି ସବୁ କଥା ଶୁଣି ବୀରରାଜ ଆହୁରି ବିରକ୍ତ ହେଲେ ସିନା କିଛି ଲାଭ ହେଲା ନାହିଁ। ପୁଣି ଆଗ ପରି କର୍କଶ ସ୍ୱରରେ କହିଲେ, "ବାହାନା କରନ୍ତୁ ନାହିଁ। ସେଇ ଯୋଗ କଥା କହନ୍ତୁ। କାଲି ଯାହା କହିଥାଆନ୍ତେ ଆଜି କହି ଦିଅନ୍ତୁ। ମୁଁ ଶୁଣିବାକୁ ପ୍ରସ୍ତୁତ ଅଛି। କହି ସାରି ଏଠାରୁ ଚାଲିଯାନ୍ତୁ।"

ଦୀକ୍ଷିତ କହିଲେ "ମୋ କଥା ଭଲ ନ ଲାଗିଲେ ମଧ୍ୟ ମହାରାଜ ରାଗିବେ ନାହିଁ। ମୋର ପୂର୍ବପୁରୁଷମାନେ ଶିଖାଇଥିବା ବିଦ୍ୟା ଯାହା ଦେଖାଉଛି ତାହା ହିଁ କହୁଛି। ବର୍ତ୍ତମାନ ମହାରାଜଙ୍କ ଯୋଗ ଆମ ଘରେ ଥିବା ପୁରାତନ କୁଣ୍ଡଳୀର ପ୍ରତିରୂପ। ତା ଅନୁସାରେ ଗ୍ରହ କହୁଛି ଯେ ଭାଇ ଭଉଣୀ ଓ ତାର ସନ୍ତାନଙ୍କୁ କଷ୍ଟ ପହଞ୍ଚାଇବେ। ବଡ଼ମାନେ ଏହା ହିଁ କହିଛନ୍ତି। ଗ୍ରହ ଯାହା ସବୁ ଦେଖାଉଛନ୍ତି ସେ ସବୁ ଜାଣି ସେଥିରୁ ରକ୍ଷା ପାଇବାର ପ୍ରଯତ୍ନ କରିବା ଉଚିତ। ଆଜିକାଲି ମହାରାଜ ଭଉଣୀଙ୍କୁ ଜ୍ୱାଇଁଠାରୁ ଅଲଗା କରି ଏଠାରେ ରଖିଛନ୍ତି। ଭଉଣୀଙ୍କୁ ଜ୍ୱାଇଁ ସହ ପଠାଇ ଦେବାକୁ ଗ୍ରହ ଦଶା ଚେତାବନୀ ଦେଉଛି। ପ୍ରଥମ ଯେତେବେଳେ ମୁଁ ଦେଖିଲି ଭଉଣୀ ଗର୍ଭବତୀ ବୋଲି ଜାଣି ନ ଥିଲି। ବର୍ତ୍ତମାନ ସେ ଗର୍ଭବତୀ ଥିବାରୁ ସ୍ପଷ୍ଟ ଜଣାଯାଉଛି ଯେ ଗ୍ରହ ଯାହା ଦେଖାଉଛନ୍ତି ସେଥିରେ ସତ୍ୟତା ଅଛି। ଭଉଣୀଙ୍କୁ ଅପ୍ପଗୋଲଂ ପଠାଇ ପ୍ରସବ ହେବାର ଏକ ବର୍ଷ ପର୍ଯ୍ୟନ୍ତ ମହାରାଜଙ୍କର ସେଠାକୁ ଯିବା ଉଚିତ ନୁହେଁ। ଭଉଣୀ ଓ ତା ସନ୍ତାନଙ୍କୁ ଏଠାକୁ ଆସିବାରେ ପୂର୍ଣ୍ଣଭାବେ ବାଧା ଦେବା ଉଚିତ। ଏହା ମଧ୍ୟରେ କିଛି ଅନର୍ଥ ନ ହେବାକୁ ପ୍ରାର୍ଥନା କରନ୍ତୁ। ବିନା ସଙ୍କଟରେ ବର୍ଷେ ବିତିଗଲେ ଆଉ କୌଣସି ଭୟ ନାହିଁ।"

ରାଜା: "ମୋର କେବେ ହେଲେ ଭୟ ନ ଥିଲା। ଆପଣ ଡରାଇଲେ ଡରିବା ପାଇଁ ମୁଁ ସାଢ଼ୀ ପିନ୍ଧି ନାହିଁ। ଆପଣ ଯାହା ଇଚ୍ଛା କହି ପାରନ୍ତି। ଆପଣଙ୍କ ପୋଥିକୁ ମିଥ୍ୟା ସାବ୍ୟସ୍ତ କରି ଦେଖାଇ ଦେବି। ମୋ ଭଉଣୀ ଏହିଠାରେ ରହିବ।"

ଦୀକ୍ଷିତ: "ମହାରାଜ ମର୍ଜି, ସେ ଯାହା ଚାହିଁବେ କରି ପାରନ୍ତି।"

ରାଜକୁମାରୀ ପିତାଙ୍କ ନିକଟକୁ ଯାଇ ତାଙ୍କର ଓଠ ଧରି କହିଲେ, "ବାପା, ପିଉସୀ ଏଠାରେ ରହିଲେ ଭୋଜନ କରିବେ ନାହିଁ। ତାଙ୍କୁ ତାଙ୍କ ମହଲକୁ ପଠାଇ ଦିଅନ୍ତୁ।"

ରାଣୀ: "ଭଉଣୀ ମହଲରେ ରହିଲେ କିଛି ଦୋଷ ନାହିଁ। ଏହିଠାରେ ହିଁ ତାଙ୍କର ପ୍ରସବ ହେବାକୁ ଦିଅନ୍ତୁ। ପରେ ମା ଓ ସନ୍ତାନ ଉଭୟଙ୍କୁ ତାଙ୍କ ଘରକୁ ପଠାଇ ଦିଆଯାଇ ପାରେ। ତେବେ ବି ଜ୍ୱାଇଁ ଏଥିରେ ଖୁସୀ ହେବେ ନାହିଁ। ବର୍ତ୍ତମାନ ପଠାଇଲେ ତାଙ୍କର ଆନନ୍ଦ ହେବ, ଦେଶର ବି ଯଶ ହେବ ଓ ଭଉଣୀ ପ୍ରସନ୍ନ ହେବେ। ଶାସ୍ତ୍ର କଥା ମଧ୍ୟ ପୂର୍ଣ୍ଣ ହୋଇ ଯିବ। ପୁଟକ୍କା ଯେତେବେଳେ ଚାହିଁଲେ ଦେଖି ଆସି ପାରିବେ। ବର୍ତ୍ତମାନ ପଠାଇଦେବା ଠିକ୍ ମନେ ହେଉଛି।"

ରାଜକୁମାରୀ ପିତାଙ୍କ ଗଳାରେ ହାତ ରଖି ଗାଲ ଉପରେ ଗାଲ ରଖି କହିଲେ, "ହଁ ବାପା, ତାଙ୍କୁ ପଠାଇ ଦିଅନ୍ତୁ ନାଁ।"

କାହାରି ଠାରୁ ହାର ନ ମାନିଥିବା ବୀରରାଜ କନ୍ୟାର ସ୍ନେହ ସାମନାରେ ହାରିଗଲେ। "ଆଜ୍ଞା ହଉ, ତାହା ହିଁ ହେଉ, ତାଙ୍କୁ ପଠାଇ ଦିଅ। ଆଜି ସେ ଚାଲିଯାଉ। ପଣ୍ଡିତଙ୍କୁ ଜିତିବାକୁ ଦିଅ। ପୂଜା ପୂଜା ଘୋଷି ହେଉଛି। ତାର ଯାହା କିଛି ଅନ୍ନ, ସୁନା ରୂପା, ଗହଣା ବସ୍ତ୍ର ଦରକାର ଦେଇ ପଠାଇ ଦିଅ।"

Digitized by srujanika@gmail.com

ଏହି ବ୍ୟଙ୍ଗୋକ୍ତି ଯୋଗୁଁ ଦୀକ୍ଷିତ କିଛି କହି ପକାଇବେ ବୋଲି ରାଣୀଙ୍କର ଭୟ ଥିଲା କିନ୍ତୁ ଦୀକ୍ଷିତ 'ଯିବାକୁ ଆଜ୍ଞା ଦିଅନ୍ତୁ' ବୋଲି କହିଲେ।

ରାଣୀ କିଛି ଉତ୍ତର ଦେଲେ ନାହିଁ ବା ସେ ଆଡ଼କୁ ଅନାଇଲେ ନାହିଁ। ରାଜକୁମାରୀ ଆଗରୁ ବାହାରକୁ ଚାଲି ଯାଇ ଦୁଇ ମିନିଟ ମଧ୍ୟରେ ବସବକୁ ସାଙ୍ଗରେ ନେଇ ଫେରି ଆସି ରାଜାଙ୍କୁ କହିଲେ, ''ବାପା, ବସବକୁ କହି ଦିଅନ୍ତୁ।''

ରାଜା ବସବକୁ କହିଲେ, ''ଦେବମ୍ମାକୁ ଅପ୍ପଗୋଲଂ ପଠାଇ ଦେ ଲେଙ୍ଗଡା। ରାଜ ମହଲର କେଉଁ ପହରାଦାର ଚେନ୍ନବସବକୁ ଭିତରକୁ ଆସିବାକୁ ଦେଲା, ସେ ବଦମାସକୁ ଡାକ। ସେ ତାକୁ କିପରି ଭିତରକୁ ଆସିବାକୁ ଦେଲା, ତାକୁ ବେତ ଲଗାଇବି।''

ରାଜାଙ୍କ ଅନ୍ତିମ ଶବ୍ଦ ଶୁଣି ରାଜକୁମାରୀ ରାଣୀଙ୍କ ଆଡକୁ ଚାହିଁଲେ। ରାଣୀ ତାହା ନ ଦେଖିଲା ପରି ଦୀକ୍ଷିତଙ୍କୁ ''ଆସନ୍ତୁ ଦୀକ୍ଷିତ ମହାଶୟ ସବୁ ସାମଗ୍ରୀ ଦେଉଛି'' କହି ଅନ୍ତଃପୁର ଆଡକୁ ଗଲେ। ଦୀକ୍ଷିତ ମଧ୍ୟ ରାଜାଙ୍କୁ ନମସ୍କାର କରି ତାଙ୍କ ପଛେ ପଛେ ଗଲେ।

ଭିତରକୁ ଯିବା ସମୟରେ ରାଣୀ ମୁଣ୍ଡ ହଲାଇ କନ୍ୟାକୁ ଆସିବା ପାଇଁ ସଙ୍କେତ କରିବାକୁ ରାଜକୁମାରୀ ମା'ଙ୍କ ପଛେ ପଛେ ଗଲେ।

56

ବୀରରାଜ ଭଉଣୀକୁ ବନ୍ଦୀରୁ ମୁକ୍ତ କରିବାକୁ ମାନି ଯିବାରୁ ରାଣୀ ଖୁବ୍ ସନ୍ତୋଷ ଓ ଆଶ୍ଚର୍ଯ୍ୟ ଅନୁଭବ କଲେ। ବାସ୍ତବରେ ସନ୍ତୋଷରୁ ବଳି ତାଙ୍କର ଆଶ୍ଚର୍ଯ୍ୟ ବେଶୀ ହୋଇଥିଲା। ସେ ସମୟରେ ତାଙ୍କର ଗୋଟିଏ ମାତ୍ର ଚିନ୍ତା ଥିଲା- ଆଉ କୌଣସି କଥା ଉଠାଇ ନିଜ ବଚନ ଫେରାଇ ନେବା ପୂର୍ବରୁ ଦେବମ୍ମାକୁ ଅପ୍ପଗୋଲଂ ପଠାଇ ଦେବା ଉଚିତ। ଅନ୍ତଃପୁରକୁ ଯିବା ମାତ୍ରେ ରାଣୀ ଦୀକ୍ଷିତଙ୍କୁ ବସିବାକୁ ଆସନ ଦେଇ ପଚାରିଲେ, ''ଭଉଣୀର ବାପଘରୁ ଯିବା ଦିନ ଆଜି ଠିକ୍ ହୋଇଛି ତ ଦୀକ୍ଷିତ ମହାଶୟ ?

ଦୀକ୍ଷିତ କହିଲେ, ''ସେ ସବୁ ଦେଖିବା ଆବଶ୍ୟକ ନାହିଁ। ଭଲ କାମ କରିବାର ସୁଯୋଗ ମିଳିଲେ ଅନ୍ୟ କୌଣସି କଥା ଭାବିବାର ନୁହେଁ। ତାଙ୍କୁ ବର୍ତ୍ତମାନ ଏଠାରୁ ପଠାଇବାର ବ୍ୟବସ୍ଥା କରନ୍ତୁ। ଭଗବାନ ରକ୍ଷା କରିବେ।''

କନ୍ୟାକୁ ରାଣୀ କହିଲେ, ''ଝିଅ, ଆଜି ଯିବାକୁ ହେବ ବୋଲି ପିଉସୀଙ୍କୁ କୁହ। ପିତା ରାଜି ହୋଇଛନ୍ତି। ତାଙ୍କୁ ଏଠାକୁ ନେଇ ଆସ। ତା ଭିତରେ ମୁଁ ସବୁ ଜିନିଷପତ୍ର ଠିକ୍ଠାକ୍ କରୁଛି।'' ଏହା ଶୁଣି ରାଜକୁମାରୀ ତୁରନ୍ତ ପିଉସୀଙ୍କ ନିକଟକୁ ଚାଲିଗଲେ।

ନଣନ୍ଦ ଆସିବା ପୂର୍ବରୁ ସବୁ ଜିନିଷ ସଜାଡ଼ିବା ପାଇଁ ରାଣୀ ତିନିଜଣ ସେବିକାଙ୍କୁ ଜଣ ଜଣ କରି ଡାକିଲେ। ଜଣକୁ କହିଲେ, ''ତୁ ଯାଇ ଶୀଘ୍ର ଏକ ପାଲିଙ୍କି ମଗାଇବାକୁ ଗୁରିକାରଙ୍କୁ କହ। ତା ସହିତ ଅଧିକା ଦୁଇଜଣ ଗଉଡ ଓ ଦୁଇଜଣ ବନ୍ଧୁକଧାରୀ ମଧ୍ୟ ରହିବେ। ସମସ୍ତେ ତିଆର ହୋଇ ଏଠାକୁ ଆସିଲେ ମୋତେ ଖବର ଦେବା।''

Digitized by srujanika@gmail.com

ଦ୍ୱିତୀୟ ଜଣକୁ ଆଦେଶ ଦେଲେ, "ଦେବକ୍କା ଏଠାକୁ ଆସୁଛନ୍ତି ବୋଲି ଅନ୍ତଃପୁର ରନିବାସରେ ଯାଇ କହ। ଥାଳୀରେ ଫଳ, ଫୁଲ, ଦୁଧ ଠିକ୍ କରି ରଖିବେ।" "ଦୁଇଟି ବଡ଼ ଥାଳୀରେ ପାନ-ଗୁଆ, ଫୁଲ, ଗନ୍ଧ, ଚାଉଳ ଶୀଘ୍ର ଠିକ୍ କରି ରଖ।" ତୃତୀୟ ସେବିକାକୁ କହିଲେ, "ନଣନ୍ଦଙ୍କୁ ଦେବା ଯୋଗ୍ୟ ବସ୍ତ୍ର ଆଦି ଆଣିବାକୁ ମତେ ସ୍ୱୟଂ ଯିବାକୁ ପଡ଼ିବ।" ଦୀକ୍ଷିତଙ୍କୁ "କିଛି ସମୟ ଅପେକ୍ଷା କରି ଝିଅଙ୍କୁ ଆଶୀର୍ବାଦ ଦେଇ ଯାଆନ୍ତୁ" କହି ଭିତର କୋଠରୀକୁ ଗଲେ।

ଶୀଘ୍ର କାର୍ଯ୍ୟ ଶେଷ କରିବା ପାଇଁ ରାଣୀ ଦୁଇଟି କଡ଼ା, ଦୁଇଖଣ୍ଡ ଶାଢ଼ୀ, ଦୁଇଟି ବ୍ଲାଉଜର କପଡା ଆଣି ଫେରିଲେ। ସବୁ ଜିନିଷ ଗୋଟିଏ ଜାଗାରେ ରଖି ଦୀକ୍ଷିତଙ୍କୁ "ମୁଁ ଆପଣଙ୍କୁ ଗୋଟିଏ ବିନତି କରୁଛି ପଣ୍ଡିତ ମହାଶୟ ବୋଲି କହିଲେ।

"ସଙ୍କୋଚର ଆବଶ୍ୟକତା ନାହିଁ ରାଣୀମାଁ, ଆଜ୍ଞା ଦିଅନ୍ତୁ।" କହିଲେ ଦୀକ୍ଷିତ।

କୌଣସି କାରଣରୁ ବିରକ୍ତ ହୋଇ ମହାରାଜ ଆପଣଙ୍କ ସହ ଭଲ ରୂପେ କଥା କହିଲେ ନାହିଁ। ସେଥିପାଇଁ ଆପଣ ଖରାପ ଭାବିବେ ନାହିଁ। ତାଙ୍କ କଥା ଭୁଲି ଯାଆନ୍ତୁ।"

ଦୀକ୍ଷିତ କହିଲେ, "ରାଣୀ ମା ଆପଣଙ୍କର ଏ ବିଷୟରେ ଚିନ୍ତା କରିବାର ଆବଶ୍ୟକତା ନାହିଁ। ମହାରାଜ କଣ ମୋ ପାଇଁ ନୂଆ ଓ ମୋର ସମାସ୍କନ୍ଧ? ଆପଣଙ୍କ ଶ୍ୱଶୁର ମଧ୍ୟ ମୋ ଠାରୁ ବୟସରେ ଛୋଟ। ତାଙ୍କ ପୁତ୍ରକୁ ମୁଁ ଆଶୀର୍ବାଦ ଦେବା ଛଡା ମୁଁ ଆଉ କଣ କହି ପାରିବି।"

"ମୋର କଣ, ମୁଁ ସାତ ଘେରା ନେଇ ତାଙ୍କ ସହ ଆସିଛି, ଭାଇଭଉଣୀ ଆଉ ଯା'ମାନଙ୍କୁ ତ ସହ୍ୟ କରିବାକୁ ପଡ଼େ। ଏପରି ଅନେକ କାରଣ ଯୋଗୁ ମନ ଦୁଃଖ ହୁଏ। ଆପଣଙ୍କର ତାଙ୍କୁ କ୍ଷମା କରିବା ଯଥେଷ୍ଟ ନୁହେଁ, ତାଙ୍କ ମୁହଁରୁ ବାହାରିଥିବା କଥା ଯୋଗୁ ତାଙ୍କର ଯେପରି କୌଣସି ହାନି ନ ହୁଏ ତାହା ମଧ୍ୟ ଦେଖିବାକୁ ପଡ଼ିବ।"

"ଭଗବାନ ତାଙ୍କର ରକ୍ଷା କରନ୍ତୁ ରାଣୀମାଁ। ଆପଣ ମଧ୍ୟ ପ୍ରାର୍ଥନା କରନ୍ତୁ। କ୍ଷଣକ ପାଇଁ ହବା-ବକ୍କା ରହି ଯାଇ ଭଗବାନଙ୍କୁ ସ୍ମରଣ କଲି- 'ହେ ଓଁକାର, ମୋତେ ରକ୍ଷା କର, ମୋର ପରୀକ୍ଷା ନିଅ ନାହିଁ।"

"ଏହା ମନରେ ଭାବିବାରୁ ମନକୁ ବୁଦ୍ଧି ଆସିଗଲା।"

"ଆପଣ ପୁଣ୍ୟବାନ, ପଣ୍ଡିତ ମହାଶୟ।"

"ଗୁରୁଜନମାନଙ୍କ ଆଶୀର୍ବାଦ, ରାଣୀମାଁ। ଏଇ ନଅରର ଅନ୍ନଖାଇ ବଞ୍ଚିଛି ବୋଲି ମୋର ସର୍ବଦା ମନେ ଥାଏ। ତିନି ପୁରୁଷରୁ ଏଇ ଘରର ଖାଇ ମୋର ପରିବାର ଚଳି ଆସୁଛନ୍ତି। ଷାଠିଏ ବର୍ଷର ଉପକାର କଣ ଭୁଲି ହେବ ମାଁ? ଭାତ ଥାଳୀରୁ ଗୋଟିଏ ଗୋଡି ବାହାରିଲେ ତାହା ଭାତ ନ ହୋଇ କଣ ଆଉ କିଛି ହୋଇଯାଏ? ମୁଁ ଖରାପ ଭାବିଲେ ମୋରି ଅମଙ୍ଗଳ ହେବ। ମୋର କୌଣସି ହାନି ନ ହେଉ ବୋଲି ଆପଣ ମଧ୍ୟ ଭଗବାନଙ୍କୁ ପ୍ରାର୍ଥନା କରନ୍ତୁ।"

ଦୀକ୍ଷିତଙ୍କ ସାନ୍ତ୍ୱନାପୂର୍ଣ୍ଣ କଥା ଶୁଣି ରାଣୀଙ୍କ ବ୍ୟାକୁଳତାର ଉପଶମ ହେଲା। ଏତିକିବେଳେ ପାଲିଙ୍କି ଆସିଗଲାଣି ବୋଲି ବାହାର ସେବିକା ଆସି ଖବର ଦେଲା। ରାଜକୁମାରୀ, ଦେବକ୍କା ତଥା ତାଙ୍କ ପଛେ ପଛେ ବସବ ଆସି ପହଞ୍ଚିଲେ। ବସବ ହାତ ଯୋଡ଼ି ପାଲିଙ୍କି ଭିତରକୁ ମଗାଇବ କି ନାହିଁ ବୋଲି ରାଣୀଙ୍କୁ ପଚାରିଲା।

Digitized by srujanika@gmail.com

ରାଣୀ: "କହି ସାରିଛି ବସବୟା। ଭଉଣୀଙ୍କୁ ନେଇକରି ଆସୁଛନ୍ତି। ସମସ୍ତେ ମିଶି ତାଙ୍କୁବିଦା କରିବା, ଭୃତ୍ୟଙ୍କୁ ବାହାରେ ରହିବାକୁ କହ।"

ବସବ ଦ୍ୱାର ନିକଟକୁ ଯାଇ ପୁଣି ବୁଲିପଡି କହିଲା, "ଭଉଣୀ ମୋ ଉପରେ ବିରକ୍ତ ନ ହେଲେ ହେଲା।" ରାଜକୁମାରୀ ଫିକ୍ କରି ହସିଦେଲେ। ରାଣୀ, ଦେବମ୍ମା ଓ ଦୀକ୍ଷିତଙ୍କ ମୁହଁରେ ମଧ୍ୟ ହସ ଦେଖାଦେଲା। ବସବ ଉତ୍ତରର ପ୍ରତୀକ୍ଷା ନ କରି ବାହାରକୁ ଚାଲିଗଲା।

ଅନ୍ତଃପୁରର ଭୃତ୍ୟ ଦୁଧ ଫଳ ପ୍ରଭୃତି ନେଇ ଆସି ଯାଇଥିଲେ। ରାଣୀ ସେ ସବୁ ଦେବମ୍ମାଙ୍କୁ ଦେଇ ତାଙ୍କୁ ଫୁଲ, ବିଭୂତି, କୁଙ୍କୁମ ଆଦି ଲଗାଇ ଦେଇ କଡା ପିନ୍ଧାଇଦେଲେ ଓ ନୂତନ ବସ୍ତ୍ର ଦେଇ କହିଲେ, "ବର୍ତ୍ତମାନ ଆପଣ ନିଜ ଘରକୁ ଯାଆନ୍ତୁ। ଭଗବାନ ଆପଣଙ୍କ ଉପରେ ଦୟା ରଖନ୍ତୁ। ଆପଣ ମଧ୍ୟ ଭଗବାନଙ୍କ ନିକଟରେ ନିଜର ଭାଇ ଘରର ମଙ୍ଗଳ କାମନା କରନ୍ତୁ। ଯିବା ପୂର୍ବରୁ ଦୀକ୍ଷିତ ମହାଶୟଙ୍କ ପାଦଛୁଇଁ ଆଶୀର୍ବାଦ ନିଅନ୍ତୁ।"

ଦେବମ୍ମାଙ୍କ ମୁହଁରୁ କଥା ବାହାରିଲା ନାହିଁ। ଯାହା ସ୍ୱପ୍ନରେ ମଧ୍ୟ ଭାବି ନ ଥିଲେ ସେ ସୌଭାଗ୍ୟ ତାଙ୍କୁ ଆଜି ହଠାତ୍ ମିଳିଲା। ଅଶ୍ରୁପୂର୍ଣ୍ଣ ନୟନରେ ଦୀକ୍ଷିତଙ୍କୁ ନମସ୍କାର କଲେ। କିଛି କଥା ନ କହି ଭାଉଜଙ୍କ ଛାତି ଉପରେ ମୁଣ୍ଡ ରଖିଲେ ଓ ଝିଆରୀର ମୁଣ୍ଡରେ ଚୁମା ଦେଲେ। ମନେ ମନେ 'ଭଗବାନ ତୁମେ ମୋତେ ରକ୍ଷା କଲ କହି' ଈଶ୍ୱରଙ୍କୁ ଧନ୍ୟବାଦ ଦେଇ ମହଲରୁ ବାହାରକୁ ଗଲେ। ରାଣୀ ତଥା ରାଜକୁମାରୀ ଓ ଦୀକ୍ଷିତ ଚାରୋଟି ଅକ୍ଷତ ଚାଉଳ ନେଇ ତାଙ୍କ ପଛେ ପଛେ ଚାଲିଲେ। ଦେବମ୍ମା ଯିବା ସମୟରେ 'ସ୍ୱସ୍ତ୍ୟସ୍ତୁ' କହି ସେ ଚାଉଳ ତାଙ୍କ ଉପରେ ପକାଇଲେ।

ରାଜାଙ୍କ ଭଉଣୀଙ୍କୁ ନେଇ ପାଲିଙ୍କି ଅସ୍ତଗୋଲଂ ଆଡକୁ ଚାଲିଲା। ରାଣୀଙ୍କ ଠାରୁ ଆରମ୍ଭ କରି ମେହେନ୍ତରାଣୀ ପର୍ଯ୍ୟନ୍ତ ସମସ୍ତେ ଅନୁଭବ କଲେ ଯେ ବର୍ଷ ବର୍ଷ ଧରି ଘୋଟିଥିବା ଅନ୍ଧକାର ଆଜି ଯେପରି ପରିଷ୍କାର ହୋଇଗଲା।

57

ନଣନ୍ଦଙ୍କୁ ରକ୍ଷା କରିବା କାର୍ଯ୍ୟ ଶେଷ ହେଲା। ବର୍ତ୍ତମାନ ରାଣୀଙ୍କ ପାଇଁ ଆଉ ଏକ କଠିନ କାର୍ଯ୍ୟ ବାକୀ ଅଛି। ତା ହେଉଛି ତାଙ୍କ କଥା ଶୁଣି ସଙ୍କଟରେ ପଡ଼ିଥିବା ଉତ୍ତୟାର ରକ୍ଷା କରିବା। ଏପରି ଅସୁବିଧା ପଡ଼ିବ ବୋଲି ସେ ପୂର୍ବରୁ ଆଶଙ୍କା କରୁଥିଲେ। କିନ୍ତୁ ବର୍ତ୍ତମାନ ପରି ସେତେବେଳେ ଆଶଙ୍କାକୁ ଭୟ ଲାଗୁ ନ ଥିଲା। ରାଜାଙ୍କର ମନସ୍ଥିତିକୁ ଦେଖି ମନେ ହେଉଥିଲା ଯେ ସେ ଉତ୍ତୟାର କଣ କରିବେ କିଛି ଠିକ୍ ନାହିଁ। ବର୍ତ୍ତମାନ ଏ ଯୁବକର କଣ ହେବ? ନିଜ କନ୍ୟାର କଣ ହେବ? ବୋପଣ୍ଣା କଣ କହିବେ? ଦେଶର କଣ ହେବ? ମାଡ଼ି ଆସୁଥିବା ସଙ୍କଟ ବିଷୟରେ ଯେତେ ଚିନ୍ତା କରୁଥିଲେ ସେତେ ଭୟ ଲାଗୁଥିଲା। ରାଣୀ ଭାବିଲେ କୌଣସି କାରଣ ବଶତଃ ଉତ୍ତୟାକୁ ଡକାଇବାକୁ ରାଜା ଯଦି ଭୁଲି ଯାଆନ୍ତି ତେବେ ଖୁବ୍ ଭଲ ହୁଅନ୍ତା। କି କାରଣ ହୋଇପାରେ?

Digitized by srujanika@gmail.com

ରାଜା ଅଧିକ ମଦ୍ୟପାନ କରନ୍ତୁ ବୋଲି ଇଚ୍ଛା ତାଙ୍କ ଅବଚେତନ ମନରେ ଥିଲା । ରାଜା ଅତ୍ୟଧିକ ମଦ୍ୟପାନ କରୁଥିବାରୁ ତାଙ୍କର ସ୍ୱାସ୍ଥ୍ୟ ଖରାପ ହେଉଛି ବୋଲି ରାଣୀଙ୍କ ମନରେ ଦୁଃଖ ଥିଲା । କିନ୍ତୁ ସେ ସମୟରେ ରାଣୀଙ୍କର ମନେ ହେଉଥିଲା ଯେ ରାଜା ଅତ୍ୟାଧିକ ପିଇ ହୋସ ହରାଇଲେ ଖୁବ୍ ଭଲ ହୁଅନ୍ତା ।

କିନ୍ତୁ ସେ ଆଶା ପୂର୍ଣ୍ଣ ହେଲା ନାହିଁ । ରାଜା ଯେତେ ପିଉଥିଲେ ତାଙ୍କ କ୍ରୋଧ ସେତେ ବଢ଼ି ବଢ଼ି ଯାଉଥିଲା । ସେ ଦିନ ପିଇବା ବେଳେ ବସବଙ୍କୁ ଚାରିଥର "ଉଭା କାହିଁ" ବୋଲି ପଚାରିଲେ ।

ରାଜମହଲ ପହରା ଦେବା ସଙ୍ଗେ ସଙ୍ଗେ ନଗରକୁ ପହରା ଦେବା ଦାୟିତ୍ୱ ମଧ୍ୟ ଉଭୟାର ଥିଲା । ସେହି ଦ୍ୱିପହରରରେ ନଗରର କୌଣସି କାମ ଦେଖିବାକୁ ଯାଇଥିବାରୁ ରାଜମହଲର ରାତି ପହରାର ପ୍ରବନ୍ଧ ମଧ୍ୟ ଦେଖିବାକୁ ଆସି ପାରିଥିଲା ।

ମହଲର ବାହାର ଦ୍ୱାର ନିକଟରେ ପହଞ୍ଚିବା କ୍ଷଣି ପହରାଦାର କହିଲା, "ମହାରାଜ ଦ୍ୱିପ୍ରହରବେଳେ ଆପଣଙ୍କୁ ଡକାଇଥିଲେ ।"

କି କାମ ଥାଇପାରେ ବୋଲି ଭାବୁ ଭାବୁ ଆଉ ଜଣେ ସେବକ ତାଙ୍କୁ ଖୋଜି ଖୋଜି ଉଭୟା ନିକଟରେ ପହଞ୍ଚିଲା । ସେ ରାଜାଙ୍କ ଡକାଇବା କାରଣ କହିବା ସଙ୍ଗେ ସଙ୍ଗେ ସେହି ସନ୍ଧ୍ୟାରେ ରାଜାଙ୍କ ଭଉଣୀର ଅପ୍ପଗୋଳଂ ଯିବା କଥା ମଧ୍ୟ କହିଲା ।

ଉଭୟା ମନରେ ଗୋଟିଏ ମାତ୍ର କଥା ଥିଲା ଯେ ରାଜା ଯାହା ଇଚ୍ଛା କହି ପାରନ୍ତି କିନ୍ତୁ ମୁଁ କ୍ରୋଧରେ କିଛି ଜବାବ ଦେଲେ ତାହା ଅବିବେକିତା ହେବ । ଯାହା ହେଲେ ବି ଚେନ୍ନବସବଙ୍କୁ ଭିତରକୁ ଆସିବାକୁ ଦେବାରେ ରାଜକୁମାରୀଙ୍କର ହାତ ଅଛି ବୋଲି କହିବା ଉଚିତ ନୁହେଁ । ମନେ ମନେ ଏହା ସବୁ ଭାବି ସେ ରାଜାଙ୍କ ନିବାସ ନିକଟରେ ପହଞ୍ଚିଲା । ଦ୍ୱାରପାଳ "ଟିକିଏ ରହନ୍ତୁ" କହି ତାର ଆସିବାର ସୂଚନା ବସବଙ୍କୁ ଦେବା ପାଇଁ ଜଣେ ଲୋକ ପଠାଇଲା । କିଛି ସମୟ ପରେ ବସବୟା ଆସି ରାଜାଙ୍କ କୋଠରୀକୁ ଦେଖିଲା । ସେ ନିଦରେ ଶୋଇଛନ୍ତି ଭାବି ଚୁପଚାପ ଦ୍ୱାର ନିକଟକୁ ଫେରି ଆସିବାରୁ ରାଜା ଉଠିପଡି ଚିତ୍କାର କରି କହିଲେ, "କିଏ ? ଲେଙ୍ଗଡା ନାଁ କଣ ? ଉଭୟାକୁ ଡକାଇବାକୁ ଏତେ ଡେରି ହେଉଛି କାହିଁକି ?"

"ପହରାର ନାୟକ ଆସିଛନ୍ତି ମହାରାଜ !"

"ସେ ହାରାମଖୋରକୁ ଏଠାକୁ ଆସିବାକୁ କହ ।"

ବସବ ପୁଣି ଦ୍ୱାର ନିକଟକୁ ଆସି କହିଲା "ମହାରାଜ ଖୁବ ରାଗିଛନ୍ତି । ଆପଣ କୌଣସି କାମ ବାହାନା କରି ଯିବେ ତ ଚାଲି ଯାଆନ୍ତୁ । ମୋ ଉପରେ ରାଗିଲେ ମୁଁ ସମ୍ଭାଳି ନେବି । କଣ କହୁଛନ୍ତି ?"

ଉଭୟା ମନକୁ ଏକଥା ପାଇଲା ନାହିଁ । ତା ଛଡା ସେ ଜାଣିଥିଲେ ଯେ ବୋପ୍ପଣ୍ଣାଙ୍କ ସମ୍ବନ୍ଧୀ ହୋଇଥିବାରୁ ବସବୟା ତା ଉପରେ ବିରକ୍ତ । ଏହା ମଧ୍ୟ ସତ୍ୟ ଥିଲା ଯେ ଆଉ କୌଣସି ସମୟ ହୋଇଥିଲେ ବସବ ବୋପ୍ପଣାଙ୍କର ଏଇ ସମ୍ବନ୍ଧୀକୁ ଅପମାନିତ କରିବାକୁ ପଛେଇ ନଥାନ୍ତା । କିନ୍ତୁ ବର୍ତ୍ତମାନ ତାର ଭୟ ଥିଲା ଯେ ବୋପ୍ପଣ୍ଣାଙ୍କୁ ନୀଚ ବୋଲି ସାବ୍ୟସ୍ତ କରିବା ଓ ରାଜାଙ୍କ ଶତ୍ରୁମାନଙ୍କୁ ଏକାଠି ମିଳେଇ ଦେବା ସମାନ ହେବ ।

Digitized by srujanika@gmail.com

ଉଭୟାକୁ ଏ କଥା ଜଣା ନ ଥିଲା। ତାର ଆଶଙ୍କା ଥିଲା ଯେ ବସବୟାର ଚେତାବନୀ ତାକୁ ହୁଏତ ହାନି ପହଞ୍ଚାଇବ। ଏହା ଛଡା ସାହସର ସହିତ ବିପଦ ସହ୍ୟ କରିବାର ଅଭ୍ୟାସ ତାର ଥିଲା। କୌଣସି ବିପଦର ଖବର ମିଳିବା ମାତ୍ରେ ସେ ସଙ୍କଟର ସାମନା କରିବା ହିଁ ତାଙ୍କର ପ୍ରଥମ ପ୍ରତିକ୍ରିୟା ହେଉଥିଲା। ବସବର କଥା ଶୁଣି କ୍ଷଣକ ପାଇଁ ଚୁପ ରହି କହିଲା, "ସେ ଯାହା ପଚାରିବାକୁ ଚାହୁଁଛନ୍ତି ପଚାରନ୍ତୁ, ଚାଲନ୍ତୁ ଭିତରକୁ ଯିବା।" ବସବ ତାକୁ ସାଙ୍ଗରେ ନେଇ ନିଜେ ଗୋଟାଏ ପାଖେ ଠିଆ ହୋଇ ତାକୁ ଆଉ ଗୋଟାଏ ପାଖରେ ଠିଆ ହେବାକୁ କହି, "ଉଭୟାଜୀ ଆସିଲେଣି, ମଣିମା" ବୋଲି କହିଲା।

58

ରାଣୀ ଗୌରମ୍ମା ଓ ରାଜକୁମାରୀ ସେତିକିବେଳେ ଅନ୍ତଃପୁର ରନିବାସରୁ ଆସି କୋଠରୀ ବାହାର ବାରଣ୍ଡାର ଗୋଟିଏ ପାଖରେ ଠିଆ ହେଲେ। ରାଜା ତାଙ୍କୁ ଦେଖି ପାରୁ ନ ଥିଲେ। ପ୍ରଥମେ ଉଭୟା ମଧ୍ୟ ଏମାନଙ୍କୁ ଦେଖି ପାରୁ ନଥିଲା କିନ୍ତୁ ପରେ କାନ୍ଥରେ ଲାଗିଥିବା ଦର୍ପଣରେ ସେମାନଙ୍କୁ ସେ ଦେଖି ପାରିଲା। ବସବ ଯେତେବେଳେ ତାଙ୍କ ଆଡକୁ ଦେଖିଲା ନିଜ ବିଷୟରେ ଯାହା ସେ ରାଜାଙ୍କୁ କହିବାକୁ ନିଶ୍ଚୟ କରିଥିଲା ଏମାନଙ୍କ ମୁହଁ ଦେଖି ତା ମନ ଆହୁରି ଦୃଢ଼ ହେଲା। ବସବର ସ୍ୱର ଶୁଣି ରାଜା ପଚାରିଲେ, "କିଏ ଉଭୟା, ତୁମେ ଆସିଗଲ ?"

"ହଁ ମଣିମା, କହିଲା ଉଭୟା।

"ଉଭୟା, ମହଲର ପହରାଦାରର କାମ ତୁମକୁ ଦିଆହେଲା, ଚେନ୍ନବସବକୁ ତୁମେ କିପରି ଭିତରକୁ ଆସିବାକୁ ଦେଲ ?"

ଉଭୟା କୌଣସି ଉତ୍ତର ଦେଲା ନାହିଁ।

ରାଜା କହିଲେ, "କଣ ପୁଅ, କଥାର ଉତ୍ତର କାହିଁକି ଦେଉନାହିଁ ?"

"ପୁଅ ସମ୍ବୋଧନ ଶୁଣିବାର ମୋର ଅଭ୍ୟାସ ନାହିଁ ମହାରାଜ। ଭୁଲ ହୋଇଥିଲେ ଜବାବ-ତଲବ କରନ୍ତୁ, ଦୋଷ ଥିଲେ ଦଣ୍ଡ ଦେଇ ପାରନ୍ତି କିନ୍ତୁ ମୁଁ ପୁଅ ଓ ହାରାମଖୋର ନୁହେଁ।" ଉଭୟା ଜବାବ ଦେଲା।

"ଦଣ୍ଡ ଦେବି ନାହିଁ ଆଉ କଣ ଛାଡ଼ିବି ? କୁହ କାହିଁକି ଆସିବାକୁ ଦେଲ ?"

"ଆସିବାକୁ ତ ନିଶ୍ଚୟ ଦେଇଥିଲି ମହାରାଜ। ଶାସ୍ତି କଣ ତାହା ଆଜ୍ଞା ଦିଅନ୍ତୁ, ଭୋଗିବାକୁ ପ୍ରସ୍ତୁତ ଅଛି।"

"ଭୋଗିବ କଣ ବଦମାସ ? ଶେଷ କରି ଦିଆଯିବ। ମୁଣ୍ଡ କାଟି ଶୂଳୀରେ ଚଢ଼େଇ ଦେବି।"

ରାଣୀଙ୍କର ମନେ ହେଲା ଆଉ ଯୁବକକୁ ଅସହାୟ ଅବସ୍ଥାରେ ଛାଡିବା ଉଚିତ ନୁହେଁ। କଥା ମଝିରେ କେମିତି କହିବେ ବୋଲି ଭାବୁ ଭାବୁ ହଠାତ୍ କଣ ଭାବି କେଜାଣି ମା'ଙ୍କୁ କିଛି କହିବାର ଅବକାଶ ନ ଦେଇ ରାଜକୁମାରୀ ହଠାତ୍ କୋଠରୀ ମଧ୍ୟକୁ

Digitized by srujanika@gmail.com

ପଶିଗଲେ। ପିତାଙ୍କ ଆଡକୁ ମୁହଁ ଉଠାଇ ତାଙ୍କ ହାତ ଧରି କହିଲେ, "ବାପା, ଆପଣ ଉଭୟଙ୍କୁ କିଛି କହନ୍ତୁ ନାହିଁ। ପିଉସାଙ୍କୁ ମୁଁ ଲୁଚେଇକରି ଭିତରକୁ ନେଇ ଯାଇଥିଲି। ପିଉସୀ ବହୁତ କାନ୍ଦୁଥିବାରୁ ମୁଁ ଦେଖି ସହି ପାରିଲି ନାହିଁ। ସବୁ ଦୋଷ ମୋର।"

"ବାହାରକୁ ଯାଅ ପୁଚ୍ଛମା। ତୁ କାହିଁକି ଏଠାକୁ ଆସିଲୁ? ତୁ ଗୁପ୍ତଭାବେ ତାକୁ ଭିତରକୁ ଆଣିଲୁ କିନ୍ତୁ ସେ ତୋତେ ତାର ସୁବିଧା କାହିଁକି ଦେଲା? ତୋ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ତାକୁ ଆସିବାକୁ ଦେଲା ନାଁ କଣ?"

"ହଁ ବାପା, ରାଜାଙ୍କ ଝିଅ କହିଲେ ରାଜା କଣ ଓ ତାଙ୍କ ଝିଅ କଣ? ଉଭୟଙ୍କ ମଧ୍ୟରେ ପ୍ରଭେଦ କଣ? ସେଥିପାଇଁ ମୋ ମୁହଁ ଦେଖି ତାଙ୍କୁ ଆସିବାକୁ ଦେଲା।"

ସେତେବେଳକୁ ରାଣୀ ମଧ୍ୟ ଭିତରକୁ ଆସି ଯାଇଥିଲେ। ଝିଅକୁ ଡାକି କହିଲେ, "ଏଠିକି ଆସ ପୁଚ୍ଛମା! ବାପାଙ୍କୁ ବ୍ୟସ୍ତ କର ନାହିଁ। ନଅର ପହରାଦାରର କଣ ଦୋଷ? ଭଉଣୀକୁ ନ କନ୍ଦାଇବା ପାଇଁ ରାଣୀ ଓ ରାଜକୁମାରୀ ତାଙ୍କୁ ଭିତରକୁ ନେଇ ଆସିଲେ ପହରାଦାର କଣ ରାଜାଙ୍କ ନିକଟରେ ଆପତ୍ତି କରି ପାରିବ?"

ରାଣୀ ଆହୁରି କଣ କହିବାକୁ ଯାଉଥିବା ବେଳେ ରାଜା ବିରକ୍ତ ହୋଇ କହିଲେ, "ଓହୋ! ତୁମେ ମଧ୍ୟ ଆସିଗଲ କୋଡଘର ରାଣୀ? ତୁମର ବୋପଣ୍ଣାଙ୍କ ଭଣଜାକୁ ବଞ୍ଚେଇବା ପାଇଁ? ବାହାରକୁ ଯାଅ। ଏକଣ ପୁଚ୍ଛମା ମୁଁ କିଛି କରିବାକୁ ଗଲେ ତୁ ଆସି ବାଧା ଦେଉଛୁ। ତା ମାନେ ମୁଁ ଯାହା କରିବି ତୋତେ ପଚାରି କରିବି ନାଁ! କଣ?"

"ଏଥର ଆପଣ ମୋ କଥା ମାନି ଯାଆନ୍ତୁ ଭବିଷ୍ୟତରେ ଆଉ ବିରକ୍ତ କରିବି ନାହିଁ", କହିଲେ ରାଜକୁମାରୀ।

ରାଜା ପଚାରିଲେ, "ଏହାର ମୁହଁ ଦେଖି କଣ ମୁଗ୍ଧ ହୋଇଗଲୁ ଝିଅ? କାଲି ତାକୁ ବିବାହ କରିବୁ?"

ରାଜକୁମାରୀ: "ସେ ପ୍ରସ୍ତୁତ ବାପା, ପଚାରନ୍ତୁ।"

ରାଜାଙ୍କ ମନରେ ଭାବନା ଉତ୍ପନ୍ନ ହେଲା, କେଜାଣି କେଉଁ ତାର ବାଜିଲା କେଜାଣି ସେ କହିଲେ, "ହଁ ଝିଅ, ତୋ ପାଇଁ ଗୋଟିଏ ଭଲ ପିଲା ଖୋଜି ଆଣିବା ଉଚିତ। ଭଲ ବାପ ହୋଇଥିଲେ ଏତେବେଳକୁ ନେଇ ଆସିଥାନ୍ତା। ଛଏ ଏମିତି କି ସୁନ୍ଦର! ଏହାଠାରୁ ବଳି ଆଉ ସୁନ୍ଦର ନାହାନ୍ତି ବୋଲି କ'ଣ ତୁ ଭାବୁଛୁ?" ତା' ପରେ ଉଭୟଙ୍କୁ କହିଲେ, "ଏ ଉତା! ରାଜମହଲ ପହରାଦାର କରି ରଖିବାରୁ ତୋ ମୁହଁ ବଢ଼ିଗଲାଣି। ଯା ପଳା ଏଠୁ। ସରଳ ଝିଅକୁ ଫୁସଲେଇବାକୁ ଭାବୁଛି ନାଁ କ'ଣ ରେ? ମୋ ଚକ୍ଷୁ ସାମନାରୁ ଦୂର ହୋଇ ଯା। ଖବରଦାର ଏ ଆଡ଼କୁ ଯେମିତି ଆଉ ଆଖି ଉଠାଇ ନ ଦେଖୁ।" ଏହା କହି ସାରି ବସବକୁ ଚାହିଁ କହିଲେ, "ଏ ବସବ! ଏ ହାରାମଖୋରର ବୋପଣ୍ଣାଙ୍କ ଭଣଜା ବୋଲି ଖୁବ୍ ଗର୍ବ ହୋଇଛି। ବୋପଣ୍ଣାଙ୍କୁ କହ ଏହାକୁ ସୀମା ପହରା ଦେବାକୁ ପଠାଇ ଦିଅନ୍ତୁ। ଏଥର ଛାଡ଼ିଦେଲି। ବେତ ଲଗାଇଲି ନାହିଁ କି ମୁଣ୍ଡ କାଟ କଲି ନାହିଁ। ସମସ୍ତେ ଏଠାରୁ ଚାଲିଯାଅ। ଆରେ ବାପ୍‌ରେ ମୋ ମୁଣ୍ଡ ବ୍ୟଥାରେ ଫାଟି ପଡ଼ୁଛି। ମୋତେ ଟିକିଏ ପାଣି ଦେ।"

Digitized by srujanika@gmail.com

ବୀରରାଜ ବହୁତ ଥକି ଯାଇଥିଲେ। ଗଲାବର୍ଷ ସେ କ୍ରୋଧରେ ବେହୋସ ହୋଇଯିବା ସମୟରୁ ଭାବୋଦ୍ରେକ ହେଲେ ସେ ଶୀଘ୍ର ଥକି ଯାଉଥିଲେ। ପୁଣି ବେହୋସ ହୋଇଯିବା ଭୟରେ କଥା ସେଇଠି ଶେଷ କରି ଦେଉଥିଲେ। ଏଣୁ ଆଉ ବେଶୀ କିଛି ସେ କହିବେ ବୋଲି ମନେ ହେଲା ନାହିଁ। ରାଣୀ ଉଭୟାଙ୍କୁ ହାତଠାରି ଚାଲିଯିବାକୁ କହିବାରୁ ସେ ରାଣୀ ଓ ରାଜକୁମାରୀଙ୍କ ଆଡ଼କୁ ଚାହିଁ ବାହାରକୁ ଚାଲିଗଲା। ବସବ ତା ପଛେ ପଛେ କୋଠରୀକୁ ଯାଇ ପାଣି ଆଣିବାରୁ ରାଣୀ ନିଜ ହାତରେ 'ପାଣି ନିଅନ୍ତୁ' ବୋଲି କହିଲେ। ରାଜା ଗ୍ଲାସ ହାତକୁ ନେଇ ଅଳ୍ପ ପାଣି ପିଇ ବ୍ୟଙ୍ଗଭରା ସ୍ୱରରେ କହିଲେ, "କୋଡ଼ଗ ରାଣୀ, ଯାହାକୁ ତାହାକୁ ଝିଅ ନ ଦେଇ ଭଲ ଲୋକ ଦେଖି ଦେବ।" ପାଖରେ ବସିଥିବା ଝିଅ ମୁଣ୍ଡରେ ସ୍ନେହରେ ହାତ ବୁଲାଇ ଆଖି ବନ୍ଦ କରି ନେଲେ। କ୍ଷଣକ ପରେ ସେ ଘୁଙ୍ଗୁଡ଼ି ମାରିବା ପରି ଶୁଣାଗଲା।

ପର୍ବତ ପରି ଦିଶୁଥିବା ଭୟ କ୍ଷଣକ ମଧ୍ୟରେ ସୋରିଷ ପରି ଉଡ଼ିଗଲା ଦେଖି ରାଣୀ ମନ ମଧ୍ୟରେ ଓଁକାରେଶ୍ୱରଙ୍କୁ ସ୍ମରଣ କରିବାକୁ ଲାଗିଲେ। ଝିଅକୁ ଡାକି ଅନ୍ତଃପୁର ଆଡ଼କୁ ନେଇଗଲେ।

୫୨

ସେହି ସନ୍ଧ୍ୟାରେ ନିଜ କଥାନୁସାରେ ଭଗବତୀ ଦୀକ୍ଷିତଙ୍କ ସହ ମନ୍ଦିରରେ ସାକ୍ଷାତ କରି ନିଜ କାହାଣୀ ବଡ଼ବାପାଙ୍କୁ ଶୁଣାଇଲେ।

"ମୁଁ କେବଳ ଷୋହଳ ବର୍ଷର ଥିଲି ଭାଇନା, ମହଲର ପ୍ରଥା ବିଷୟରେ ମୁଁ ବା କ'ଣ ଜାଣେ! ରାଜା ମହଲର ମନ୍ଦିରକୁ ଡକାଇଲେ। କେମିତି ମନା କରିଥାଆନ୍ତି। ପାଖରେ ଯାଇ ଠିଆ ହେବାରୁ କହିଲେ, "ବିବାହ ହୋଇଗଲାଣି ବୋଲି ଭାବ ଓ ମୋ ସାଙ୍ଗେ ଚାଲ।" ମାଁକୁ ପଚାରିବାକୁ କହିବାରୁ ପରେ ପଚାରିବ କହି ଟାଣି ନେଇଗଲେ। ଯାହା ମନକୁ ପାଇଲା କଲେ। ପରେ ମାଁକୁ କହିଲି। 'ମୋ ଝିଅ ଆଉ କ'ଣ ବା ହୋଇପାରେ' ବୋଲି ମା କହିଲା। ରାଜାଙ୍କ ପାଖକୁ ଯାଇ ପଚାରିଲା, 'ଏପରି କରିବା କ'ଣ ଠିକ୍ ହେଲା ?' ସେ କହିଲେ, 'କିଛି କରି ନାହିଁ, ତୁମେ ଚୁପ ରୁହ। ବିବାହ କରିଛି ବୋଲି ଭାବ।' ମା ଚୁପ ହୋଇଯାଇ ମତେ କହିଲା, ଚାରି ଦିନ ଦେଖ୍'।

ଦେଖ କହି ରହିଯିବାରୁ ସେ ଝିଅ ବୁଢ଼ୀ ହୋଇଗଲା ଭାଇନା। ତାହା କ'ଣ ଦେଖିବାର ବୟସ ଥିଲା ? ଦେଖିଲା-ବାଲା ପରିବାର ଥିଲା। ଦେଖିବା କହିଲେ କ'ଣ ଅପେକ୍ଷା କରାଯାଇପାରେ ? ଚାରିଦିନ ଦେଖିବା ଭିତରେ ଚାରିଥର ଭେଟିଲୁ। ବାପା ଜାଣିବାକୁ ପାଇ 'ରାଜା ସାହେବଙ୍କ ସହ କଥା ହେଉଛି' ବୋଲି କହିଲେ। ସେ ବାପାଙ୍କୁ ବୁଝାଇ ଦେଲେ। 'ଏ ମୋର ପତ୍ନୀ, ପୋଇଲି ନୁହେଁ' ବୋଲି। ମୋତେ ହାଲେରୀରୁ ନାଲକୁନାଡ଼ ନେଇଗଲେ।

ବଡ଼ରାଜାଙ୍କ ପର୍ଯ୍ୟନ୍ତ କିପରି ଖବର ପହଞ୍ଚିଲା କେଜାଣି। ସନ୍ଧ୍ୟା ସମୟରେ ସେ ଘୋଡାରେ ନାଲକୁନାଡ଼ ଆସିଲେ। କୋଠରୀରୁ ତଳଘରକୁ ଓହ୍ଲାଇ ସୁଡ଼ଙ୍ଗରେ ବାହାରକୁ

Digitized by srujanika@gmail.com

ପଠାଇଦେଇ କବାଟ ଖୋଲି ଭାଇକୁ ଭେଟିଲେ। ପଚାରିବାରୁ 'ନାହିଁ ତ' ବୋଲି କହିଲେ, ଏହା ସତ। କିନ୍ତୁ ପରେ ବହୁତ ରାଗିଲେ। 'ରାଜାଙ୍କ ପାଖରେ ଆପତ୍ତି କରିଛି, ଯାହା ଇଚ୍ଛା କର' ବୋଲି କହିଲେ।

ପୁତ୍ର ଜନ୍ମ ହେଲା। ବାପା ଓ ମାଁ ତାଙ୍କୁ ଦେଖାକରି ବହୁତ ବିନତି କଲେ। ପିଲାର ବାପା କହିଲେ ଝିଅକୁ ପଠାନ୍ତୁ, ତା ସହ କଥା ହେବି। ପୁଣି ଫୁସୁଲେଇ ପାଖରେ ରଖିଲେ। ପୁଣି କହିଲେ ଯେ ବିବାହ କରିଛି ବୋଲି ଭାବି ନିଅ। ମତେ ଫେରାଇଦେଲେ। ଚୁପ୍ ରହିଲେ ବିବାହ କରିବି। ଆପତ୍ତି କଲେ କରିବି ନାହିଁ। ଆଚ୍ଛା ବୋଲି କହି ଚୁପ୍ ରହିବାରୁ ସେ ବାପାଙ୍କୁ ଜୀବନରେ ମାରିଦେଲେ।

ସାଙ୍ଗରେ ଥିଲାବେଳେ ତାଙ୍କ କଥା ଶୁଣିବା ଯୋଗ୍ୟ, ଭାଇନା। ଭାଇଙ୍କ ପରେ ମୁଁ ରାଜା ହେବି ଓ ମୋ ପରେ ମୋ ପୁଅ ହେବ। ମୁଁ ତ ସତ ଭାବିଥିଲି, ଭାଇନା। ଆପଣ ତ ଜାଣନ୍ତି ଯେ ତାଙ୍କ ଘରେ ପିଲା ନଥିଲେ। ଦେବଙ୍କା ଗୋଟିଏ ସନ୍ତାନକୁ ଜନ୍ମ ଦେଇଥିଲେ ସେ ମଧ୍ୟ ମରିଗଲା। ତା'ପରେ ଅନେକ ବର୍ଷ ବିତିଗଲେ ମଧ୍ୟ ଆଉ ଗର୍ଭବତୀ ହେଲେ ନାହିଁ। ତାଙ୍କ କଥା ମାନି ଯଦି ବିବାହ ହୋଇଯାଇଛି ବୋଲି ଭାବିଥାଆନ୍ତି ତ ତାଙ୍କ ପୁତ୍ର ହିଁ ଏ ରାଜ୍ୟର ଅଧିକାରୀ ହୋଇଥାନ୍ତା। ଠିକ୍ ଭାବି ଚୁପ୍ ରହିଲି।

ମୁଁ ଖୁସୀ ଥିଲି ବୋଲି ଭାବି ନିଅନ୍ତୁ। ବିବାହ ନ ହେଲେ ମଧ୍ୟ ସେ ପତି ଥିଲେ ଓ ମୁଁ ପତ୍ନୀ। ମୁଁ ତାଙ୍କୁ ଠକି ନାହିଁ। ମୁଁ ତାଙ୍କ ସାଙ୍ଗରେ ଏପରି ଭାବରେ ଥିଲି ଯେପରି ସେ କଙ୍କଣ ଓ ମଙ୍ଗଳ ସୂତ୍ର ବାନ୍ଧିଛନ୍ତି। ମୁଁ ସତ୍ୟପଥରେ ଚାଲି କୌଣସି ପ୍ରତିଫଳ ମାଗି ନାହିଁ। ସପ୍ତପଦୀ ନବୁଲି ପତ୍ନୀ ହୋଇଛି। ନିଜକୁ ପତ୍ନୀ ଭାବି ଖୁସୀ ରହିଛି।

ବର୍ଷେ ବିତିଗଲା। ଦେବଙ୍କା ଘରେ ଗୋଟିଏ ସନ୍ତାନ ହେଲା। ମୋ ସନ୍ତାନ ବିବାହ ନ ହୋଇ ହୋଇଥିଲା ଓ ତା'ର ବିବାହ ହୋଇ। ଏହାର କି ଅବସ୍ଥା ହେବ ଭାବି ମୁଁ ଭୟ ପାଇଗଲି।

ସନ୍ତାନକୁ ନେଇ ମା'ଙ୍କ ସହ ତାଙ୍କ ନିକଟକୁ ଗଲି। ଶିକାର ପାଇଁ ସେ ଓ ତାଙ୍କ ସାଥୀ ଦୁଇଜଣ ନାଲକୁନାଡ଼ ମହଲରେ ଥିଲେ। ଦେବଙ୍କା ହାଲେରୀ ମହଲରେ ପ୍ରସବ କରିଥିଲେ। ସେ ମୋତେ ଓ ମା'ଙ୍କୁ ଭିତରକୁ ଡାକି ଦାସୀ, ହରାମଜାଦୀ ଓ ଆଉ ବହୁତ ଗାଳି ଦେଲେ। ମା' ପିଲାକୁ ପାଖକୁ ନେଇ କହିଲା, "ଏ ତ ତୁମର ପୁଅ। ମୋ ଝିଅ ହାରାମଜାଦୀ ହୋଇପାରେ କିନ୍ତୁ ସେ ତ ତୁମର ପୁତ୍ରକୁ ଜନ୍ମ ଦେଇଛି। ଏ କ'ଣ ତୁମର ପୁତ୍ର ନୁହେଁ? ପିଲାକୁ ଦେଖି ପିତା କ୍ରୋଧରେ ଫାଟି ପଡ଼ିଲେ। ପିଲାର ଗୋଡ଼ ମୋଡ଼ି ଦେଇ ଟାଣି ଆଣି କହିଲେ, "ପୁଅ ମୋର, ଏଇଠି ଛାଡ଼ି ଚାଲିଯାଅ।" ଗୋଡ଼ ମୋଡ଼ିବା ଦ୍ୱାରା ପିଲାଟି କାନ୍ଦି ଉଠିଲା। ମୋର କଳିଜା ଥରି ଉଠିଲା ଭାଇନା। ମୁଁ ତାଙ୍କୁ "ତୁମର ବଂଶ କ'ଣ ରହିବ" ବୋଲି ଗାଳି ଦେବାରୁ ସେ କହିଲେ ବର୍ତ୍ତମାନ ବଂଶ ରକ୍ଷା କରୁଛି। ପିଲାକୁ ତଳେ ରଖୁଛନା ମାରି ପକେଇବି। ମା' ଭୟରେ ପିଲାକୁ ତଳେ ରଖି ଦେବାରୁ ସେ କାନ୍ଦି ଉଠିଲା। ପିଲାର ବାପ କହିଲେ, "ମୋ ପୁଅକୁ ମୁଁ ସମ୍ଭାଳି ନେବି, ତା ସହିତ ତୁମର କିଛି ସମ୍ବନ୍ଧ ନାହିଁ। ଉଭୟେ ସିଧା ଏଠାରୁ

Digitized by srujanika@gmail.com

ଓ କୋଡ଼ଗ ସୀମାରୁ ବାହାରି ଯାଅ। ମୋ ବିନା ଅନୁମତିରେ ଏଠାରେ ପୁଣି ପାଦ ରଖିଲେ ଦେଖିବ। ଚାଲି ଯାଅ ନଚେତ୍ ପିଲାକୁ ଜୀବନରେ ମାରି ତା ମୃତ ଦେହ ତୁମକୁ ଦେବି। ବାହାରି ଯାଅ।''

ପୁଣି ଚାରିଜଣ ଲୋକଙ୍କୁ ଡାକି ବାହାର କରି ଦେବାକୁ କହିଲେ। ଆମେ ମା' ଝିଅ ମୁଣ୍ଡ ତଳକୁ କରି ବାହାରି ଗଲୁ ଭାଇନା। ମନରେ ଖାଲି ଏତିକି ପ୍ରାର୍ଥନା ଥିଲା ଯେ ହେ ଭଗବାନ ଯେମିତି ହେଲେ ଏ ପିଲାକୁ ବଞ୍ଚାଅ। ଏହାପରେ ଛଉତ୍ରିଶ ବର୍ଷ ବିତିଗଲାଣି। ପିଲାକୁ ବଞ୍ଚାଇବା ଆଶାରେ ଇଆଡ଼େ ଚାହିଁ ନାହିଁ। ବଡ଼ ଭାଇନାର ମୃତ୍ୟୁ ହେବାରୁ ସାନ ଭାଇ ରାଜା ହେଲା। ଆସିବାକୁ ଅନୁମତି ଚାହିଁଲେ ପିଲାକୁ ମୃତ ରୂପେ ଦେଖିବି ବୋଲି କହି ପଠାଇଲେ। ଠିକ୍ ଅଛି ପିଲା ତ ମୋର ନିଜର ନୁହେଁ। ଯାଇକରି କ'ଣ ବା କରିବି? ଯେଉଁଠି ରହିଲେ ମଧ ବଞ୍ଚି ରହୁ! ମୁଁ ଯେଉଁଠି ହେଲେ ପଡ଼ି ରହିବି। ମା ମଧ ମରିଯିବାରୁ ମୁଁ ଏକୁଟିଆ ହୋଇଗଲି। ଗୁରୁଙ୍କ ସେବା କଲି, ଭଗବତୀ ଶରଣ ନେଲି। ତାଙ୍କୁ ପ୍ରାର୍ଥନା କଲି ଆଜି ନ ହେଲେ କାଲି ଯେବେ ଆପଣଙ୍କ ଦୟା ହେବ ମୋ ସନ୍ତାନ ବାପର ଗାଦୀ ସମ୍ଭାଳୁ। ସେ ପିଲାକୁ ନ ଦେଖି ତା'ର ଖବର ନେବାକୁ ଲାଗିଲି।

ଗୁରୁଦେବ ମଧ ଆପଣଙ୍କ ପରି ଖୁବ୍ ଭଲ ଥିଲେ ଭାଇନା। ସେ ମଧ ମୋତେ 'ପାପା' ବୋଲି ଡାକି ଝିଅପରି ଦେଖୁଥିଲେ। ପିତାଙ୍କ ପରି ସେ ବୈଦ୍ୟକ, ସଙ୍ଗୀତ ଓ ଆପଣଙ୍କ ପରି ଜ୍ୟୋତିଷ ଶାସ୍ତ୍ର ମଧ ଜାଣି ଥିଲେ। ସେ କହିଲେ ଚୁପ୍‌ଚାପ ନ ରହି ମୋତେ ଯେତିକି ଜଣା ଶିଖି ନିଅ। ମୁଁ 'ହଁ' ମାରି ଯାହା ସେ ଶିଖାଇଲେ ଶିଖିଲି। ସେହିତକ ବୈଦ୍ୟକ ଓ ଜ୍ୟୋତିଷ ଶାସ୍ତ୍ର ମୁଁ ଜାଣିଛି।

ଜ୍ୟୋତିଷୀ ଶିଖିବା ପରେ ମୁଁ ପୁଅର ଜନ୍ମକୁଣ୍ଡଳୀ ଅଧୟନ କଲି। ଗଣନାକରି ଗୁରୁଦେବଙ୍କୁ ଦେଖାଇ ପଚାରିଲି। ଦଶ ପଂକ୍ତି ପଢ଼ି ସେ 'ଠିକ୍ ଦେଖାଯାଉଛି' ବୋଲି କହିଲେ। ଆପଣଙ୍କ ପରି ସେ ମଧ କହୁଥିଲେ ଯେ ଜ୍ୟୋତିଷଶାସ୍ତ୍ରରେ ବହୁତ ଆଗର କଥା ଦେଖିବା ଉଚିତ ନୁହେଁ। ଗୁରୁଜୀ ମଧ୍ୟ ଦୁଇ ବର୍ଷ ପୂର୍ବେ ଚାଲିଗଲେ ଭାଇନା। ମରିବା ସମୟରେ କହିଲେ, ''ତୁମର ବନବାସ ଶେଷ ହେବାପରି ମନେ ହେଉଛି। ଛଅମାସ ପରେ ସେଠାରେ ରହିବା ପରେ ଏଠାକୁ ଆସିବାକୁ ଇଚ୍ଛା ହେଲା। ଜନ୍ମପତ୍ରରେ ପୁତ୍ରର ଗ୍ରହଦଶା ଖୁବ୍ ଭଲ ଥିଲା। ହଜିଥିବା ବନ୍ଧୁଙ୍କୁ ଦେଖିବ ଓ ଉଚ୍ଚ ପଦ ପ୍ରାପ୍ତ ହେବ। ମୋ ଛଡ଼ା ଆଉ ବନ୍ଧୁ କିଏ? ଆପଣଙ୍କ ଛୋଟ ଭାଇର କନ୍ୟା ପାଖରେ ରହିବାକୁ ଆସିଛି। ତା'ର କୁଣ୍ଡଳୀ ଦେଖି ଯେଉଁଥିରେ ମଙ୍ଗଳ ହେବ ତାହା ହିଁ କରନ୍ତୁ। ମୁଁ ଆପଣଙ୍କର ପାପୀ। ମୋର ପୂଣ୍ୟ କ'ଣ କହନ୍ତୁ।''

Digitized by srujanika@gmail.com

60

ଭାଇର କନ୍ୟାର ଆତ୍ମକଥା ଶୁଣି ଦୀକ୍ଷିତ ଦୁଃଖିତ ହୋଇଗଲେ। ହେ ଭଗବାନ୍ ଝିଅ କେତେ କଷ୍ଟ ସହିଲା। ଘରେ ଜନ୍ମ ହୋଇ ଯଦି ସମସ୍ତଙ୍କ ପରି ଜୀବନ ଅତିବାହିତ କରିଥାନ୍ତା ତେବେ କ'ଣ ଝିଅକୁ ଏତେ ଉପର ତଳ ଦେଖିବାକୁ ପଡ଼ିଥାଆନ୍ତା। କିଏ ଜାଣେ। ହୁଏତ ପଡ଼ିଥାଆନ୍ତା, ଆମ ଘରେ ଯେତେ ଝିଅ ଜନ୍ମ ହୋଇଛନ୍ତି ସମସ୍ତେ କ'ଣ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସୁଖୀ ରହିଛନ୍ତି ? କିନ୍ତୁ ସେମାନଙ୍କର ଦୁଃଖ ସୁଖ ଅନ୍ୟ ପ୍ରକାର ଥିଲା ଓ ଏହାର ଅନ୍ୟ ପ୍ରକାର। ସବୁ ଭଗବାନଙ୍କ ଇଚ୍ଛା। ଏ ସବୁ କାହିଁକି ହେଉଛି ଆମେ କିଛି ଜାଣୁନାହିଁ। କିନ୍ତୁ ସବୁ କିଛି ଭଗବାନ ଦେଖୁଛନ୍ତି ବୋଲି ଦୃଢ଼ ବିଶ୍ୱାସ ରଖି କଷ୍ଟକୁ ଶାନ୍ତିରେ ସହ୍ୟ କରାଯାଇ ପାରେ।

ନିଜ କଥା କହି ସାରିବା ପରେ ମଧ ବଡ଼ବାପା ମୁହଁ ନ ଖୋଲିବାରୁ ପାପା ପଚାରିଲା, "ଭାଇନା କ'ଣ କହୁଛନ୍ତି ? ଆପଣ ଚୁପ୍ ରହିଛନ୍ତି କାହିଁକି ?"

ଦୀକ୍ଷିତ: "ପୁଅ କେଉଁଠି ଅଛି ଝିଅ, ତୁ କହୁଛୁ ଯେ ବାପ ପାଖରେ ଥିଲା। ବର୍ତ୍ତମାନ କେଉଁଠି ଅଛି ?"

"ସେ ସବୁ ପରେ କହିବି। ତାକୁ ରାଜା ହେବାର ଯୋଗ ଅଛି ବୋଲି ଆପଣ କଥା ଦିଅନ୍ତୁ। ଆପଣ ସେ କାମରେ ସାହାଯ୍ୟ କରିବେ।"

"ପାପା ତୋର ବଡ଼ବାପା ହେବା ସଙ୍ଗେ ସଙ୍ଗେ ମୁଁ ରାଜପରିବାରର ଜ୍ୟୋତିଷୀ। ତୋର ପୁଅ ରାଜା ହେବ ବୋଲି ମାନି ନେଲେ ଏ ରାଜାଙ୍କର କ'ଣ ହେବ ?"

"ତେବେ କନ୍ୟା ଅପେକ୍ଷା ଏମାନେ କ'ଣ ଆପଣଙ୍କର ବେଶୀ ନିଜର ?"

"ଏମିତି କହନା ଝିଅ। ମୋ ଝିଅ ହେଉଛି ଝିଅ ଆଉ ପର ହେଉଛନ୍ତି ପର। ପାପା ତୁ କ'ଣ ଜାଣୁନାହିଁ ଯେ ଧର୍ମ ବୋଲି ଗୋଟାଏ ଜିନିଷ ଅଛି ? ନିଜ ଦୁହିତାର ମଙ୍ଗଳ ପାଇଁ ପରର ଅମଙ୍ଗଳ କରିବି ? ଏପରି କରିବାକୁ ତୁ ମଧ କହିବୁ ନାହିଁ।"

"ଅପରର ହାନି କରନ୍ତୁ ନାହିଁ ଭାଇନା। ଦୁହିତା ପାଇଁ ନ୍ୟାୟୋଚିତ ରୂପେ ଆଶ୍ରା ମିଳୁ-ଖାଲି ସେତିକି ମୋର ପ୍ରାର୍ଥନା। ଏହା କ'ଣ ଆପଣଙ୍କ ଧର୍ମ ନୁହେଁ ?"

"ତୋର ପୁତ୍ର ଲିଙ୍ଗରାଜର ପୁତ୍ର, କିନ୍ତୁ ସେ ରାଜାର ଅଧିକାରୀ ହୋଇ ପାରିବ ନାହିଁ।"

"ଆପଣ ମଧ ସେଇଆ କହୁଛନ୍ତି।"

"ଦେଖ ଝିଅ ମୋ କଥା ତୋତେ ଖରାପ ଲାଗୁଛି। ଏ ବିଷୟରେ ମୁଁ ଆଲୋଚନା କରିବାକୁ ଚାହୁଁନାହିଁ। ତୁ କିନ୍ତୁ ସାଧାରଣ ସ୍ତ୍ରୀ ପରି ସ୍ତ୍ରୀ ନୁହେଁ। ତୋତେ ଈଶ୍ୱର ଯେକୌଣସି ପୁରୁଷଠାରୁ ଅଧିକ ବୁଦ୍ଧି ଦେଇଛନ୍ତି। ତା ଉପରେ ପୁଣି ତିରିଶ ବର୍ଷ ପର୍ଯ୍ୟନ୍ତ ତପସ୍ୟା କରିଛୁ।"

Digitized by srujanika@gmail.com

"ତପସ୍ୟା ?"

"ହଁ ପାପା । ଦୁଃଖ ସମୟରେ ମନସ୍ଥିର କରି ଭଗବାନଙ୍କ ସାମନାରେ ବସି 'ହେ ଭଗବାନ, ସନ୍ତାନଙ୍କୁ ରକ୍ଷା କରି ମୋତେ ରାସ୍ତା ଦେଖାଅ' ବୋଲି ଯେଉଁ ପ୍ରାର୍ଥନା କରିଛୁ ତାହା ହିଁ ତୋର ତପସ୍ୟା । ତୋ'ର ମା ଓ ବାପା ଉଭୟେ ପୁଣ୍ୟାତ୍ମା ତୋ'ର ଭଲ ହେବା କ'ଣ କିଛି ଆଶ୍ଚର୍ଯ୍ୟ କଥା ? ହଁ, କ'ଣ ମୁଁ କହୁଥିଲି ?"

"କନ୍ୟାର ବୁଦ୍ଧିର ପ୍ରଶଂସା କରୁଥିଲେ ?"

"ହଁ, ଦେଖିଲୁ ? ଆଉ କେହି ହୋଇଥିଲେ ଏ ସବୁ କଥା ମୁଁ କହିନଥାନ୍ତି । ତୁ ବୁଝିଲାବାଲା ବୋଲି କହୁଛି । ତୁ ଘରର ଝିଅ ହେଲେ ମଧ୍ୟ ତୋର ମା' ଆମ ଘରର ବୋହୂ ନଥିଲା । ସେଥିରେ କ'ଣ ଅଛି ? ତୁ ଆମ ଘରେ ରହି ନାହୁଁ । ସେହିପରି ଭାବିନେ ତୋର ପୁଅ ରାଜପୁତ୍ର ହେଲେ ମଧ୍ୟ ତୁ ରାଜାର ବୋହୂ ନୁହେଁ ଓ ତୋ'ର ପୁଅ ରାଜପରିବାରର ପୁଅ ନୁହେଁ । ବର୍ତ୍ତମାନ କ'ଣ କରିବା ଝିଅ । ବିବାହ ନ ହୋଇଥିବାରୁ ପୁତ୍ରର ଅଧିକାର ଚାଲିଗଲା ।"

"ଯାହାଙ୍କର ରାଜା ହେବାର ଥିଲା ସେହି ବିଶ୍ୱାସ ଦେଇଥିଲେ । ମୁଁ ବିଶ୍ୱାସ କରି ଠକିଛି । ଏତିକି ଦଣ୍ଡ କ'ଣ ଯଥେଷ୍ଟ ନୁହେଁ ? ଜନ୍ମ ହୋଇଥିବା ସନ୍ତାନଙ୍କୁ ମଧ୍ୟ ତା'ର ଦଣ୍ଡ ଭୋଗିବାକୁ ପଡ଼ିବ ?"

"ପାପା ତୋ'ର ପିତାଙ୍କ କର୍ମରୁ ତୋ'ର ଘର ରହିଲା ନାହିଁ । ଏହା କ'ଣ ତତେ ଭୋଗିବାକୁ ପଡ଼ିନାହିଁ ? କର୍ମ ସର୍ବଦା ସାଙ୍ଗରେ ଚାଲେ । ତୋର ଜନ୍ମ କେଉଁଠାରେ ହୋଇଥିଲା ଆଉ ତୋ ପୁତ୍ରର ଜନ୍ମ ଏଇଠି ହେଲା । ମୋ ଜନ୍ମ କାହିଁକି ଏଠାରେ ହେଲା ? ଲିଙ୍ଗରାଜ ସେଠାରେ କାହିଁକି ଜନ୍ମ ହେଲା ? ପୂର୍ବପୁରୁଷମାନେ ଏହାକୁ ହିଁ କର୍ମ ବୋଲି କହିଛନ୍ତି । ଯେଉଁଠାରେ ଜନ୍ମ ନେଇଛ ସେହିଠାରେ ହିଁ ଠିକ୍ ରୂପେ ରହିବା ଉଚିତ ।"

"ଲିଙ୍ଗରାଜ କ'ଣ ଧର୍ମରେ ଚାଲିଲେ ? ଯେଉଁଥି ପାଇଁ ମୁଁ ଧର୍ମ ଛାଡ଼ି ଚାଲିବି ନାହିଁ ? ତାଙ୍କ ପାଇଁ ଅନ୍ୟାୟ ବଦଳରେ ମୁଁ ଅନ୍ୟାୟ କରିବି ନାହିଁ ?"

ଏ ସବୁ ପୁରୁଣା କଥା ପାପା । ଲିଙ୍ଗରାଜ ଅନ୍ୟାୟ କରିଥିଲେ । ତାହା ହିସାବ ଭଗବାନଙ୍କ ଘରେ ହେବ । ସେ ଭୁଲ କରି ନର୍କକୁ ଯିବାକୁ ପ୍ରସ୍ତୁତ ବୋଲି ତୁ ଭୁଲ କରି ନର୍କର ମାର୍ଗ କାହିଁକି ଖୋଜୁଛୁ ଝିଅ ? ବର୍ତ୍ତମାନ ମଧ୍ୟ କାହାର ଫାଶରେ ପଡ଼ି ଦୁଃଖ ପାଉଛୁ । ହରିଣ ପରି ଫାଶ ଛିଣ୍ଡେଇ ସ୍ୱର୍ଗର ରାସ୍ତା ଧର ଝିଅ ।"

"ଭାଇନା, ମୋର ବୁଦ୍ଧି ଠିକ୍ ଅଛି । ନିଜ ପୁତ୍ର ବିଷୟରେ ଭାବିଲେ ମୋ ପେଟରେ ନିଆଁ ଲାଗିଯାଉଛି । ସ୍ୱର୍ଗକୁ ଗଲେ ମଧ୍ୟ ଏ ନିଆଁ ମୋତେ ଜଳାଇବ । ସନ୍ତାନଙ୍କ ଅବସ୍ଥା ଦେଖି କାମଧେନୁ ମଧ୍ୟ ଇନ୍ଦ୍ରଙ୍କ ନିକଟରେ କାନ୍ଦି ଉଠିଥିଲା । ଇନ୍ଦ୍ରଙ୍କ ଘରକୁ ଆସି ମଧ୍ୟ ମୋ ଆଖିରୁ ଲୁହ ଶୁଖିଲା ନାହିଁ ।"

"ପାପା ତୋ ସନ୍ତାନ କ'ଣ ଏତେ ସଙ୍କଟରେ ପଡ଼ିଛି ? ତେବେ ପୁରା କଥାଟା କହୁନୁ କାହିଁକି ?"

Digitized by srujanika@gmail.com

''ସମୟ ଆସିଲେ କହିବି ବାଇନା, ବର୍ତ୍ତମାନ ସମୟ ଆସିନାହିଁ। ତା ଛଡ଼ା ଛୋଟ ଭାଇକୁ ହଟେଇ ସେ ନିଜେ ରାଜା ହେବାକୁ ମୁଁ ଚାହୁଁନାହିଁ। ସେ ଭାଇ ରାଜ୍ୟ ହରେଇଲେ ଆଉ କାହାକୁ ରାଜା ହେବାକୁ ପଡ଼ିବ। ତା' ପରେ ଯାଇ ଆପଣଙ୍କ ନାତି ରାଜା ହେବ ବୋଲି ମୁଁ କହୁଛି। ସେ ସବୁ ମୁଁ ପରେ କହିବି।''

''ବହୁତ ଦୂରର କଥା ଭାବୁଛୁ ଝିଅ। ରାଜା ଓ ପୁତ୍ର ଉଭୟଙ୍କର ଜାତକ ତୁ ଦେଖିଛୁ?''

''ଆଜ୍ଞା ହଁ। ଦେଖିଛି, ଗଣନା ମଧ୍ୟ କରିଛି। ଆପଣ ମଧ୍ୟ ଦେଖନ୍ତୁ।''

''ଆଚ୍ଛା ହଉ ଝିଅ, ମୁଁ ଦେଖିବି।''

''ଆପଣଙ୍କ ନାତି ରାଜା ହେଉ ବୋଲି ଆପଣ ଚାହିଁ ନ ପାରନ୍ତି କିନ୍ତୁ ମୁଁ ଆପଣଙ୍କ କନ୍ୟା ବୋଲି ଏତିକି ସ୍ନେହ ତ ଅଛି! କେତେ ବର୍ଷ ବିତିଗଲାଣି। ଡରି ଡରି ଆସିଲି। ଆପଣ କିପରି ବ୍ୟବହାର କରିବେ କେଜାଣି? ମନେହେଲା ଯେପରି ସ୍ୱର୍ଗତ ପିତା ପୁଣି ମତେ ଆଲିଙ୍ଗନ କଲେ। ଏପର୍ଯ୍ୟନ୍ତ ଦୁଃଖ ଜଣାଇ ମନ ହାଲୁକା କରିବାକୁ କେହି ନିଜର ନ ଥିଲେ। ଭୋଜନ ସହ ଦୁଃଖକୁ ମଧ୍ୟ ହଜମ କରିବାର ଚେଷ୍ଟା କରିଥିଲି। ଆଜି ମୁଁ ନିର୍ଭୟରେ ମୁହଁ ଖୋଲି ସବୁ କିଛି କହିଦେଲି। ଏ କାଗଜ ନେଇ ମୁଁ ଯେଉଁ ଗଣନା କରିଛି ତାହା ଦେଖି ନିଅନ୍ତୁ। ବର୍ତ୍ତମାନ ମୁଁ ଯାଉଛି।''

''ମନ୍ଦିରକୁ ଯିବୁ ନାଁ କ'ଣ? ରାତିରେ ଏତେ ଦୂର ଏକୁଟିଆ ଯିବୁ?''

''ଆପଣଙ୍କ କନ୍ୟା ପାଇଁ ଭଗବତୀ ଦିନକୁ ରାତି ଓ ରାତିକୁ ଦିନ କରି ଦେଇଛନ୍ତି। ମୋତେ ଭୟ ଲାଗିବ ନାହିଁ। ତା ହେଲେ ମୁଁ ଯାଏ? ଏହା କହି ଭଗବତୀ ଉଠିଲେ। ପିତାଙ୍କ ଚରଣରେ ମଥାନତ କରି ତାଙ୍କ ଉତ୍ତରର ପ୍ରତୀକ୍ଷା ନ କରି ଯେଉଁଠାରେ ଠିଆ ହୋଇଥିଲେ ସେହିଠାରେ ପ୍ରଦକ୍ଷିଣ କରି ମନ୍ଦିରକୁ ବାହାରକୁ ଚାଲିଗଲେ।

61

ପଦ୍ମାଙ୍କୁ ମୁକ୍ତି ଦେବା ବିଷୟରେ ପାଣେ ସୂର୍ଯ୍ୟନାରାୟଣ ମନ୍ତ୍ରୀ ଲକ୍ଷ୍ମୀନାରାୟଣଙ୍କୁ ପ୍ରାର୍ଥନା କରିବାକୁ ଚାହୁଁଥିଲେ। ତା ପୂର୍ବରୁ ସେ ବସବ ଅଧୀନରେ ଅଛି କି ନାହିଁ ସେ ବିଷୟରେ ପକ୍କା ଖବର ନେବାକୁ ଚାହୁଁଥିଲେ। ମଡ଼କେରୀରେ ତାଙ୍କର ବନ୍ଧୁବାନ୍ଧବ ରହୁଥିଲେ। ମଡ଼କେରୀରେ ପହଞ୍ଚି ପ୍ରଥମେ ନିଜ ପଦ୍ମାଙ୍କ ମାଉସୀ ଘରକୁଯାଇ ପଦ୍ମାଙ୍କୁ ଖୋଜିବା ପାଇଁ ସେଠାରେ କାହାଠାରୁ ସାହାଯ୍ୟ ମିଳିବ ବୋଲି ପଚାରିବାରୁ କହିଥିଲେ ଦେବାଳୟର ଦୀକ୍ଷିତଙ୍କ ଭଣଜା ନାରାୟଣ ଦୀକ୍ଷିତ ଏପରି କାମରେ ସହାନୁଭୂତିଶୀଳ। ଏହାଶୁଣି ସେ ସୂର୍ଯ୍ୟନାରାୟଣ ନିକଟକୁ ଯାଇଥିଲା। ଛୋଟ ଦୀକ୍ଷିତ ସୂର୍ଯ୍ୟନାରାୟଣଙ୍କର ପୂରା କାହାଣୀ ଶୁଣି କହିଲେ, ''ଆପଣ ଆଜି ଓ କାଲି ଏଠାରେ ରହନ୍ତୁ। ମୁଁ ସବୁ ଖବର ନେଇ ଜଣାଇବି।''

ସେହି ସନ୍ଧ୍ୟାରେ ନାରାୟଣ ଦୀକ୍ଷିତ ଉରୟାକୁ ଭେଟି ସୂର୍ଯ୍ୟନାରାୟଣର କାହାଣୀ ଶୁଣାଇଲା। ଉରୟା କହିଲା, ''କାଲି ଭିତରେ ଖବର ନେଇ କହିବି।''

ଉରୟା ତା' ରାତି ଗସ୍ତ ସମୟରେ ଦାସୀ ଗୃହ ନିରୀକ୍ଷକ ମାଚ୍ଚାକୁ କହିଲା, ''ମାଙ୍ଗାଲୋର

Digitized by srujanika@gmail.com

ତରଫର ଜଣେ ବ୍ରାହ୍ମଣ ସ୍ତ୍ରୀ ଲୋକକୁ ଏଠାକୁ ଅଣାଯାଇଛି କି ନାହିଁ ଟିକିଏ ଖବର ନେଇ କହିବ ?'' ମାଚ୍ଚା 'ଠିକ୍ ଅଛି' ବୋଲି କହିଲା ।

ମାଚ୍ଚା ପହରା ଦାୟିତ୍ୱରେ ଥିବାରୁ ଆସୁଥିବା ବା ଯାଉଥିବା ଲୋକଙ୍କ ଉପରେ ବେଶୀ ଉତ୍ସୁକତା ଦେଖାଇବା ଦୋଷାବହ ଥିଲା । ସେ ଗୁପ୍ତ ଭାବେ ଖବର ନେଲା ଯେ ଜଣେ ସ୍ତ୍ରୀ ଲୋକକୁ ଅଣାଯାଇଛି କିନ୍ତୁ ତା ନିକଟରେ ପହଞ୍ଚିବା କଷ୍ଟକର । ତା' ବିଷୟରେ ଆହୁରି ଖବର ନେବାକୁ ହେବ ବୋଲି ଦ୍ୱିତୀୟ ଦିନ ସେ ଉରୟାକୁ କହିଲା । ଉରୟା ନାରାୟଣଙ୍କୁ 'ଏ ଲୋକ ବେଶ ଦକ୍ଷତାର ସେ ଘରକୁ ଯାଇ ନିଜ ପତ୍ନୀର ଖବର ନେଇ ପାରିବ କି ନାହିଁ ପଚାର' ବୋଲି କହିଲା ।

ଦୀକ୍ଷିତ ଏ କଥା ସୂର୍ଯ୍ୟନାରାୟଣଙ୍କୁ ପଚାରିବାରୁ ସେ କହିଲେ, ''ମୁଁ ଏତେ ଚତୁର ବ୍ୟକ୍ତି ନହେଲେ ମଧ ଥରେ ଅଧେ 'ଯକ୍ଷଗାନ'[୧] ରେ ଭାଗ ନେଇଛି । ଆପଣ ଯାହା ଠିକ୍ ଭାବିବେ ସେହି ବେଶ ଧାରଣ କରି ଯାହା ଆପଣ କହିବେ ତାହା କରି ପାରିବି ।''

ବଳପୂର୍ବକ ଅଣାଯାଇଥିବା ସ୍ତ୍ରୀମାନଙ୍କୁ ଦାସୀ-ଗୃହ ପଛପଟେ ଗୋଟିଏ ସ୍ଥାନରେ ରଖାଯାଏ । ସେଠାରେ ସାଧାରଣତଃ କେହି ପ୍ରବେଶ କରି ପାରନ୍ତି ନାହିଁ । କେବଳ କଥାବାଚକ, ନାଚିଲାବାଲା, ଚୁଡ଼ୀବାଲା, ସାପକେଳା ଆଦି ଯାଇ ପାରୁଥିଲେ । ଏମାନଙ୍କ ମଧ୍ୟରେ ସୂର୍ଯ୍ୟନାରାୟଣ କେବଳ 'ମନିହାରୀ' ହିଁ ହୋଇ ପାରିଥାନ୍ତେ ।

ଉରୟା ଓ ନାରାୟଣ ଦୀକ୍ଷିତ ପରସ୍ପର ସହ କଥାବାର୍ତ୍ତା ହୋଇ ସ୍ଥିର କଲେ ଯେ ସୂର୍ଯ୍ୟନାରାୟଣ 'ଚୁଡ଼ୀବାଲା' ବେଶରେ ଦାସୀ-ଗୃହକୁ ଯିବେ । ସେ ଯେପରି ଏ କାମରେ ଆସିନାହିଁ ଏପରି ଦେଖାଇବା ପାଇଁ ମାଚ୍ଚା ତାହାକୁ ପାଉଣା ଠିକ୍ କରିବା ବାହାନାରେ ଦାସୀଗୃହ ପର୍ଯ୍ୟନ୍ତ ନେଇଯିବ । ପତ୍ନୀ ସେଠାରେ ଅଛନ୍ତି କି ନାହିଁ ସୂର୍ଯ୍ୟନାରାୟଣଙ୍କୁ ଯାଇ ସେ ଖବର ଦେବା ପାଇଁ ଚେଷ୍ଟାକରିବାକୁ ପଡ଼ିବ । କଥାବାର୍ତ୍ତା ସମୟରେ ତା'ର ଛଦ୍ମବେଶ ଯେପରି ଜଣାପଡ଼ି ନ ଯାଏ ସେ ବିଷୟରେ ସାବଧାନ ରହିବାକୁ ହେବ । ପରିସ୍ଥିତି ଦେଖି ଖବର ଜଣାପଡ଼ିବା ସଙ୍ଗେ ସଙ୍ଗେ ଫେରି ଆସିବାକୁ ହେବ । ତାଙ୍କ ପତ୍ନୀ ସେଠାରେ ନଥାଇ ପାରନ୍ତି । ସେଥିପାଇଁ କୌଣସି ବିଷୟରେ ସୀମା ଅତିକ୍ରମ କରିବା ଉଚିତ ନୁହେଁ । ଏ କାମରେ କିଛି ଅନର୍ଥ ହେଲେ ଚୁପ୍‌ଚାପ୍ ସ୍ୱାଭାବିକ ରୂପେ ଚାଲି ଆସିବା ଉଚିତ ।

ସୂର୍ଯ୍ୟନାରାୟଣଙ୍କୁ ନାରାୟଣ ଦୀକ୍ଷିତ ଏସବୁ କଥା ବିସ୍ତାର କରି ବାରମ୍ବାର ବୁଝାଇଲେ ଯେପରିକି ତାଙ୍କ ମନ ମଧ୍ୟରେ ଏହା ଉତ୍ତମ ରୂପେ ବସିଯାଏ । ତା' ପରଦିନ ସୂର୍ଯ୍ୟନାରାୟଣ ବଜାରରୁ ଏକ ପୂର୍ବ ନିଶ୍ଚିତ ଦୋକାନରୁ ଚୁଡ଼ୀବାଲା ବେଶ ଧାରଣ କରି ଦାସୀ-ଗୃହ ଆଡ଼କୁ ଗଲେ ।

ସବୁ କାର୍ଯ୍ୟ ଯୋଜନା ଅନୁସାରେ ହେଲା । ମାଚ୍ଚା ଖୁବ୍ ସାବଧାନତାର ସହ ଛାଡ଼ି ଆସିଲା । ଚାରିଜଣ ଯୁବତୀ ଆସି ନିଜ ନିଜ ପସନ୍ଦର ଚାରୋଟି ଜିନିଷ କିଣିଲେ ।

---

[୧] କର୍ଣ୍ଣାଟକର ଲୋକନାଟ୍ୟ

Digitized by srujanika@gmail.com

ମାଚ୍ଚା କହିଲା, ''ପଞ୍ଚପଟ ମହଲରେ ମଧ କ'ଣ କିଣିବେ? ଗୌଡ଼ୀ (ମୁଖ୍ୟ ଦାସୀ) ଉତ୍ତର କଲା, 'ନେଇଯାଇ ଦେଖାଇ ଆଣ।'

ସେଠାରେ ମଧ ତିନିଜଣ ନବଯୁବତୀ ଆସିଲେ। ଜଣେ ମୋତି ଓ ଆଉ ଦୁଇଜଣ ମାଳା ଓ ସୁତା କିଣିଲେ। ମାଚ୍ଚା 'ବର୍ତ୍ତମାନ ସେ କ'ଣ ଯିବେ?' ବୋଲି ପଚାରିବାରୁ ଭିତରେ ଜଣେ ସ୍ତ୍ରୀ ଆଉ ଜଣକୁ କହିଲା, 'ଆପଣ ମଧ୍ୟ ଯାଇ ଦେଖନ୍ତୁ ନାଁ' ଉତ୍ତରରେ ଶୁଣାଗଲା, 'ମୁଁ ଯେଉଁ ଅବସ୍ଥାରେ ଅଛି ସେଥିରେ ମଣି-ମୁକ୍ତା କ'ଣ ହେବ?''

ସେ ସ୍ୱର ପଦ୍ମାର ବୋଲି ସୂର୍ଯ୍ୟନାରାୟଣ ନିଶ୍ଚିତ ହୋଇଗଲେ। ପଦ୍ମାଙ୍କ ନାମ ଦେଇ ନ ଡାକିବା ତାଙ୍କ ପକ୍ଷରେ କଠିନ ହୋଇଗଲା। କିନ୍ତୁ କୌଣସି ପ୍ରକାରେ ସେ ନିଜକୁ ସମ୍ଭାଳି ନେଲେ। ଭିତରକୁ ଶୁଣାଯିବା ଭଳି 'ମୁଁ ପୁଣି ଆସିବି' କହି ନିଜ ଥଳୀ ସମ୍ଭାଳି ଫେରିଲେ। ପଦ୍ମା ତାଙ୍କର ସ୍ୱର ଚିହ୍ନି ଶୀଘ୍ର ଦ୍ୱାର ନିକଟକୁ ଚାଲିଆସିବାରୁ ସୂର୍ଯ୍ୟନାରାୟଣ ତାଙ୍କୁ ଦେଖିନେଲେ। ଆଉ ସେଠାରେ ରହିଲେ ବିପଦ ଆସିପାରେ ଭାବି 'କାଲି ଆସିବି' କହି ଚାଲିଆସିଲେ।

ସବୁ କିଛି ଖୁବ୍ ସୁବିଧାରେ ହୋଇଗଲା। ଖାଲି ତାଙ୍କୁ ସେଠାରୁ ମୁକୁଳେଇବା ବାକୀ ରହିଲା। ଉଭୟା ତଥା ନାରାୟଣ ଦୀକ୍ଷିତ ଭାବିଚିନ୍ତି ନିଷ୍ପତ୍ତି କଲେ ଯେ ମନ୍ତ୍ରୀ ଲକ୍ଷ୍ମୀନାରାୟଣଙ୍କ ସହାୟତାରେ ତାଙ୍କୁ ମୁକୁଳେଇବାକୁ ଚେଷ୍ଟାକରିବା ଉଚିତ। ସେପରି ନ ହେଲେ ସେ ନିଜେ ତାଙ୍କୁ ମୁକୁଳେଇବାର ପ୍ରଯତ୍ନ କରିବେ।

ଏହା ପରେ ସୂର୍ଯ୍ୟନାରାୟଣ ଲକ୍ଷ୍ମୀନାରାୟଣଙ୍କ ଘରକୁ ସହାୟତା ମାଗିବାକୁ ଗଲେ।

62

ଉଭୟା ତଲ୍ଲଙ୍କର ଜାଗିରି ବନ୍ଦ ହୋଇଯିବା ବିଷୟରେ ଚର୍ଚ୍ଚା କରିବା ପାଇଁ ବୋପଣ୍ଣା ସେହି ଦିନ ସନ୍ଧ୍ୟାରେ ତଲ୍ଲଙ୍କ ସହ ପ୍ରଥମେ ଲକ୍ଷ୍ମୀନାରାୟଣଙ୍କ ଘରକୁ ଗଲେ। ଲକ୍ଷ୍ମୀନାରାୟଣ ଉଭୟଙ୍କୁ ସାଦର ଅଭ୍ୟର୍ଥନା ଜଣାଇ ସ୍ୱାଗତ କଲେ। ବୋପଣ୍ଣା କହିଲେ, ''ଆପଣ ଯେତେବେଳେ ମୋତେ ଡକାଇ ପଠାଇଲେ ସେତେବେଳେ ତଲ୍ଲଣ୍ଣା ଏପରି ଏକ ସମସ୍ୟାର ସମାଧାନ ପାଇଁ ମୋ ନିକଟକୁ ଆସିଥିଲେ ଯେ ମୁଁ ସ୍ୱୟଂ ଆପଣଙ୍କ ସହ ସାକ୍ଷାତ କରିବାକୁ ଚାହୁଁଥିଲି। ସେଥିଯୋଗୁଁ ମୁଁ ସଙ୍ଗେ ସଙ୍ଗେ ଆସୁଛି ବୋଲି କହିଥିଲି। ଆପଣ ନିଜ କଥା ପ୍ରଥମେ କହିବେ ନା ମୁଁ ଆରମ୍ଭ କରିବି?''

ଲକ୍ଷ୍ମୀନାରାୟଣ ''ସେ କଥା ପରେ ଦେଖାଯିବ, ଟିକିଏ ଦୟାକରି ଏପଟକୁ ଆସନ୍ତୁ'' କହି ତାଙ୍କୁ ଭିତର କୋଠରୀକୁ ନେଇଯାଇ ପାଶେ ସୂର୍ଯ୍ୟନାରାୟଣଙ୍କ କଥା କହିଲେ। ବୋପଣ୍ଣା ଉଭୟା ତଲ୍ଲଙ୍କ ବିଷୟରେ କହି ପଚାରିଲେ, ''ବର୍ତ୍ତମାନ ସୁଦ୍ଧା ଏହି ରାଜାଙ୍କର ରାଜ୍ୟଶାସନ କରିବା ଉଚିତ ବୋଲି ଆପଣ କହୁଛନ୍ତି ପଣ୍ଡିତ ମହାଶୟ?''

''ବୋପଣ୍ଣା, ମୁଁ କ'ଣ କରିବି? ମୋର ସ୍ୱଭାବ ସେହିପରି। ମୋ ପାଇଁ ଏହା ଧର୍ମ-ସଂକଟ। ମନ୍ତ୍ରୀର ରାଜାଙ୍କୁ ଠିକ୍ ରାସ୍ତାରେ ନେବାକୁ ଚେଷ୍ଟା କରିବା ଉଚିତ। ଯଦି

Digitized by srujanika@gmail.com

ଭଲ ନ ଲାଗେ ତେବେ ମନ୍ତ୍ରୀପଦ ଛାଡ଼ି ରାଜାଙ୍କ ବିରୋଧ କରିବ ତାଙ୍କୁ ଗାଦୀରୁ ହଟାଇ ଦଆଯାଇପାରେ। ମୋ ମତରେ ମନ୍ତ୍ରୀପଦରେ ଅଧିଷ୍ଠିତ ରହି ଏପରି କରିବା ରାଜଦ୍ରୋହ ସଙ୍ଗେ ସମାନ। ଆପଣଙ୍କୁ ବଳି ମୋର ନିଜର ଆଉ କେହି ନାହିଁ। ଆପଣ କହିଲେ ମୁଁ ମନ୍ତ୍ରୀପଦ ଛାଡ଼ିବାକୁ ପ୍ରସ୍ତୁତ। ରାଜାଙ୍କର କ'ଣ କରିବା ଉଚିତ କହନ୍ତୁ ମୁଁ ଆପଣଙ୍କ ସହ ଏକମତ କିନ୍ତୁ ମନ୍ତ୍ରୀପଦରେ ରହି ରାଜାଙ୍କୁ ଉପେକ୍ଷା କରିବା ସମ୍ଭବ ନୁହେଁ। ରାଜାଙ୍କର ଭୁଲ ଦେଖି ମଧ ତାଙ୍କୁ ଦଣ୍ଡ ଦିଆଯାଇ ପାରିବ ନାହିଁ।''

''ଠିକ୍ ଅଛି ପଣ୍ଡିତ ମହାଶୟ। ଆପଣ ଯାହା ଭଲ ଭାବୁଛନ୍ତି କରନ୍ତୁ ଓ ମୁଁ ଯାହା ଠିକ୍ ଭାବିବି କରିବି। ମୁଁ ପ୍ରଥମରୁ କହିଛିଯେ ରାଜାଙ୍କର ତିନୋଟି ଭୁଲରୁ ଆଉ ବେଶୀ ସହ୍ୟ କରିବି ନାହିଁ। ଦେଖନ୍ତୁ ବର୍ତ୍ତମାନ ତିନୋଟି ଭୁଲ ସେ କରିସାରିଛନ୍ତି। ସେ ବ୍ରାହ୍ମଣବଧୂଙ୍କୁ ଚୋରୀ କରିଛନ୍ତି, କୋଡ଼ଗୀ ପରିବାରକୁ ଉପହାସ କରିଛନ୍ତି ଓ ଟଙ୍କ ପାଉଣା ବନ୍ଦ କରି ଦେଇଛନ୍ତି। ମୁଁ ଆପଣଙ୍କ ନିକଟରେ ଶପଥ କରୁଛି ଯେ ଅତିଶୀଘ୍ର ତାଙ୍କୁ ଗାଦୀରୁ ହଟେଇବି। ଆପଣଙ୍କ କଥା ଅନୁସାରେ ତାଙ୍କ ପତ୍ନୀ ରାଣୀ ହୋଇ ରାଜ୍ୟଶାସନ କରନ୍ତୁ। ସେଥିରେ ମୁଁ ରାଜି। କିନ୍ତୁ ତାଙ୍କର ରାଜା ହୋଇ ରହିବା ମୁଁ ଆଉ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ।''

''ଆମ ଦୁଇଜଣଙ୍କର ପଥ ଭିନ୍ନ ଭିନ୍ନ ହେଲେ କିପରି ଚଳିବ ବୋପଣ୍ଣା? ଆପଣ କହିଲେ ମୁଁ ମନ୍ତ୍ରୀତ୍ୱ ଛାଡ଼ିବାକୁ ପ୍ରସ୍ତୁତ ଅଛି କହନ୍ତୁ।''

''ତାଙ୍କର ରାଜା ହୋଇ ରହିବା ଉଚିତ ନୁହେଁ କହି ମଧ ମୁଁ ମନ୍ତ୍ରୀ ପଦ ଛାଡୁ ନାହିଁ। ଆପଣତ ଏ ରାଜା ରହନ୍ତୁ ବୋଲି କହୁଛନ୍ତି। ତେବେ ଆପଣ କାହିଁକି ମନ୍ତ୍ରୀପଦ ଛାଡ଼ିବେ? ଅପେକ୍ଷା କରନ୍ତୁ, ଯେତେଦିନ ସମ୍ଭବ ଚଳେଇବା। ପରେ ଦେଖାଯିବ।''

''ବୋପଣ୍ଣା, ମୋର ମଧ ଇଚ୍ଛା ଯେ ଯେତେଦୂର ସମ୍ଭବ ଆପଣଙ୍କ କଥା ଅନୁସାରେ କାର୍ଯ୍ୟ କରିବି, ତା'ପରେ ଦେଖାଯିବ। ଆପଣ ମଧ ସେହିପରି ମୋ କଥା ଅନୁସାରେ ଚାଲନ୍ତୁ।''

ଲକ୍ଷ୍ମୀନାରାୟଣ ଏ ଅନୁରୋଧ ଖୁବ୍ ନମ୍ରତା ସହ କରିବାରୁ ବୋପଣ୍ଣାଙ୍କର ତାଙ୍କ ପ୍ରତି ଦୟା ଆସିଲା। ସେ କହିଲେ, ''ଠିକ୍ ଅଛି ପଣ୍ଡିତ ମହାଶୟ। ଆପଣ ଗୁରୁଜନ। ଯାହା ଠିକ୍ ଆପଣ କହନ୍ତୁ। ମୋର ପାରୁପର୍ଯ୍ୟନ୍ତ ମୁଁ ତାହା ପାଳନ କରିବି।''

କଥା ଶେଷ କରି ଉଭୟେ ପୁଣି ବାହାରକୁ ଆସିଲେ।

63

ବାହାର କୋଠରୀକୁ ଆସିବା ପରେ ସୂର୍ଯ୍ୟନାରାୟଣଙ୍କ ପତ୍ନୀକୁ ମୁକ୍ତ କରିବା ପାଇଁ କି କି ଉପାୟ ଅବଲମ୍ବନ କରିବା ଉଚିତ ସେ ବିଷୟରେ ଉଭୟ ଟଙ୍କ ସହ ଆଲୋଚନା ହେଲା।

ବୋପଣ୍ଣା କହିଲେ, ''ସୂର୍ଯ୍ୟନାରାୟଣ ବାବୁ, ଆପଣ କ'ଣ ଭାବୁଛନ୍ତି ଯେ ଆପଣଙ୍କ ପତ୍ନୀ ସେହି ଦାସୀ-ଗୃହ ମଧରେ ଅଛନ୍ତି?''

Digitized by srujanika@gmail.com

ସୂର୍ଯ୍ୟନାରାୟଣ: "ନିଜ ଆଖିରେ ମୁଁ ଦେଖି ଆସିଛି ସେଥିରେ ଆଉ ସନ୍ଦେହ କରିବାର କିଛି ନାହିଁ। ମୋର ସ୍ୱର ଶୁଣିଲେ ତା'ର ଆଉ ଧୈର୍ଯ୍ୟଚ୍ୟୁତି ହେବନାହିଁ ଭାବି ମୁଁ ଜୋର୍‌ରେ 'ପୁଣି ଆସିବି' କହି ଚାଲିଆସିଲି। ମୋର ସ୍ୱର ଚିହ୍ନିପାରି ସଙ୍ଗେ ସଙ୍ଗେ ଦ୍ୱାର ନିକଟକୁ ଆସି ମୋତେ ସାମନା ସାମନି ଚାହିଁଲା। ସେ ହୁଏତ ମୋତେ ଚିହ୍ନିପାରି ନଥିବ। ମୁଁ ଯେ ବେଶ ପରିବର୍ତ୍ତନ କରି ଆସିଛି ତାହା ତାକୁ ଜଣାଇବା ପାଇଁ କାଲି ପୁଣି ଆସିବି ବୋଲି କହି କରି ଆସିଲି।" କ୍ଷଣକ ପାଇଁ ଚୁପ୍ ରହି ପୁଣି ସେ କହିଲେ, "କି ପାପ କରିଥିଲି ବୋଲି ଏ ଦୁଃଖ ସହିବାକୁ ପଡ଼ିଲା କେଜାଣି? ହୁଏତ ତା ଭାଗ୍ୟରେ ଏହାହିଁ ଲେଖା ଥିଲା। ଆପଣ ଗୁରୁଜନ, ଆମ ଉପରେ ଦୟା କରି ଆମକୁ ରକ୍ଷା କରନ୍ତୁ।"

ଲକ୍ଷ୍ମୀନାରାୟଣ, ବୋପଣ୍ଣା ଓ ଉତୟା ତକ୍କ କିଛି ସମୟ ପର୍ଯ୍ୟନ୍ତ ବିଚାର ବିମର୍ଷ କରି ସ୍ଥିର କଲେ ଯେ ପରଦିନ ଲକ୍ଷ୍ମୀନାରାୟଣ ରାଜାଙ୍କୁ ଭେଟି ସୂର୍ଯ୍ୟନାରାୟଣଙ୍କର ଆସିବା ବିଷୟ ରାଜାଙ୍କୁ କହିବେ ଓ ତାଙ୍କ ପତ୍ନୀଙ୍କୁ ଦାସୀଗୃହରୁ ମୁକ୍ତି ଦେଇ ତାଙ୍କ ସହ ପଠାଇ ଦେବାକୁ ପ୍ରାର୍ଥନା କରିବେ।

ଏ ଆଲୋଚନା ସମାପ୍ତ କରି ସେମାନେ ସୂର୍ଯ୍ୟନାରାୟଣଙ୍କୁ ବିଦାୟ ଦେଲେ। ତା'ପରେ ଉତୟା ତକ୍କଙ୍କ ବିଷୟ ବିଚାର କଲେ। ତାଙ୍କ ନାତୁଣୀକୁ ରଜାମହଲକୁ ପଠାଇବା କଥା ମଝିରେ ବନ୍ଦ ହୋଇଗଲା। ସେ କଥା ଉଠାଇବାର ଆଉ ଆବଶ୍ୟକତା ନଥିଲା। ବରଂ ପାଉଣା ବିଷୟରେ ନିଶ୍ଚିତ କରିବା ବେଶୀ ଜରୁରୀ ଥିଲା। ରାଜାଙ୍କ ଆଜ୍ଞା ହେଉ ବା ବସବ ସ୍ୱୟଂ ଏହା କରିଥାଉ- ଏ ପ୍ରକାର ଅତ୍ୟାଚାରକୁ ଯେ କୌଣସି ପ୍ରକାରେ ବନ୍ଦ କରିବାକୁ ହେବ। ପ୍ରଥମେ ତକ୍କ ରାଜାଙ୍କୁ ସାକ୍ଷାତ କରି ସବୁ ବିଷୟ କହି ନିଜର ଜାଗିରି ପୁଣି ଆରମ୍ଭ କରିବାକୁ ଚେଷ୍ଟା କରିବେ। ଯଦି ଏହା ସମ୍ଭବ ନ ହେଲା ତେବେ ମନ୍ତ୍ରୀ ଏ ଦାୟିତ୍ୱ ନିଜ ହାତକୁ ନେଇ ଭବିଷ୍ୟତ ପଦକ୍ଷେପ ନେବେ।

ଏତକ କଥା କହି ବୋପଣ୍ଣା ତଥା ଉତୟା ତକ୍କ ଲକ୍ଷ୍ମୀନାରାୟଣଙ୍କ ଗୃହରୁ ବିଦାୟ ନେଇ ଆସିଲେ।

64

ସେହିଦିନ ଦ୍ୱିପ୍ରହରରେ ଅପ୍ପା ଓ ବୀରଣ୍ଣା ଧୀରେ ଧୀରେ ଯାଇ ସନ୍ଧ୍ୟାଦୀପ ଜଳିବା ବେଳକୁ ଗ୍ରାମରେ ପହଞ୍ଚିଲେ। ବୀରଣ୍ଣା ଅପରଂପର ସ୍ୱାମୀ ରୂପେ ପ୍ରହରୀମାନଙ୍କ ନିକଟରେ ପରିଚିତ ଥିଲେ। ତାଙ୍କ ସହ ତାଙ୍କ ଶିଷ୍ୟ ରହୁଥିବାରୁ ପ୍ରହରୀମାନେ ଅପ୍ପା କିଏ କ'ଣ ଇତ୍ୟାଦି ପଚାରିଲେ ନାହିଁ।

ଗ୍ରାମ ସୀମା ମଧ୍ୟକୁ ଆସିବା ମାତ୍ରେ ଅପ୍ପା କହିଲେ, "ମନର ଭ୍ରାନ୍ତିକୁ ଦେଖ। ଏଠାକୁ ଆସିବା ମାତ୍ରେ ମୋର ମନେ ହେଉଛି ଯେପରି ସନ୍ତାନ ତା'ର ମା' କୋଳକୁ ଫେରି ଆସିଛି।"

Digitized by srujanika@gmail.com

''ହଁ ଅପା।''

''ଦେଖ, ବାସ୍ତବରେ ଯେଉଁ କାମ ପାଇଁ ମୁଁ ଆସିଥିଲି ତାହା ବର୍ତ୍ତମାନ ଶେଷ ହୋଇ ଗଲାଣି। ବର୍ତ୍ତମାନ ଯାହା କରିବାର ଅଛି ତାହା କେବଳ ମୁଁ ଏଠାକୁ ଆସିଯାଇଛି ବୋଲି କହିବାକୁ ହେଉଛି। ଏ ମର ଶରୀର ତ ଏହି ପର୍ଯ୍ୟନ୍ତ ଆସିବାକୁ ଚାହୁଁଥିଲା। ସେ ଆଶା ପୂର୍ଣ୍ଣ ହୋଇଗଲା।''

''ଏ ତ ଭଲ ହେଲା ଅପା।''

''ବର୍ତ୍ତମାନ ମୁଁ ବସା ଆଡ଼କୁ ଯାଉଛି ତୁମେ ସୁରସ୍ତାକୁ ଡାକି ଆଣିବ?''

''ଆପଣଙ୍କର ଏକୁଟିଆ ଯିବା ଠିକ୍ ହେବନାହିଁ ଅପା। ମୁଁ ସାଙ୍ଗରେ ଥିଲେ କେହି ଅଟକେଇ ପାରିବେ ନାହିଁ। ଯିବା ବେଳେ ବାଟରେ ସୁରସ୍ତାକୁ ଡାକି ଦେବି। ଆପଣ ମଧ ସାଙ୍ଗରେ ଚାଲନ୍ତୁ।''

''ତା ମଧ ଠିକ୍ କଥା ପୁଅ।''

ଏହିପରି କଥାବାର୍ତ୍ତା ହେଉ ହେଉ ଉଭୟେ ବ୍ରାହ୍ମଣ ଗଳୀରେ ପହଞ୍ଚିଲେ। ଲକ୍ଷ୍ମୀନାରାୟଣଙ୍କ ଘରୁ ଟିକେ ଦୂରରେ ପିତାଙ୍କୁ ଅଟକାଇ ବୀରଣ୍ଣା ଏକାକୀ ସୁରସ୍ତା ଘରକୁ ଯାଇ ସମାଧି-ସ୍ଥଳ ନିକଟକୁ ଆସିବାକୁ କହି ଆସିଲେ।

ଏମାନେ ଦୁଇଜଣ ସମାଧି-ସ୍ଥଳ ନିକଟରେ ପହଞ୍ଚିବା ପୂର୍ବରୁ ସୁରସ୍ତା ସେଠାରେ ପହଞ୍ଚିଥିଲା। ସୁରସ୍ତା ଓ ଅପା ପରସ୍ପରର କୁଶଳ ସମାଚାର ଜାଣିବା ପରେ ବୀରଣ୍ଣା କହିଲେ, ''ଅନେକ ବାରଣ କରିବା ସତ୍ତ୍ୱେ ମଧ ଅପା ଆସିଲେ ସୁରସ୍ତା।''

ସୁରସ୍ତା: ''ଏହିଠାରେ ଜନ୍ମିତ ଓ ପାଳିତ ହୋଇଥିବା ଯୋଗୁଁ ଦେଖିବାର ଇଚ୍ଛା ସ୍ୱଭାବିକ। ଆପଣ କିନ୍ତୁ କାଲି ଏଠାରେ ରହିବାର ବିଚାର ଛାଡ଼ି ଦିଅନ୍ତୁ। ଉଭୟା ତଲ୍ ଏଠାକୁ ଆସିଛନ୍ତି। ମୋ ଘରେ ଭାଇ ଓ ବୋପଣ୍ଣା ମନ୍ତ୍ରୀ କୌଣସି ଦୁଇ ତିନିଟି ବିଷୟରେ ଚର୍ଚ୍ଚା କରୁଛନ୍ତି। ବୁଢ଼ା ଖୁବ୍ ଚତୁର। ଶିକାରୀ କୁକୁର ପରି ଗନ୍ଧ ବାରି ପାରୁଛନ୍ତି।''

''ଠିକ୍ ଅଛି, ଏଠାରୁ ଚାଲିଯିବା ଉଚିତ ହେବ।''

''ହଁ, କିନ୍ତୁ ବର୍ତ୍ତମାନ ଆପଣ ଭୋଜନ କରିବେ ତ?''

ବୀରଣ୍ଣା କହିଲେ, ''ଆପଣ ଦୁଇଜଣ କଥାବାର୍ତ୍ତା ହେଉଥାଆନ୍ତୁ। ମୁଁ ଯାଇ ଭୋଜନ ବସ୍ତୁ ନେଇ ଆସୁଛି।''

ଏହା ସମସ୍ତଙ୍କ ମନକୁ ପାଇଲା। ବୀରଣ୍ଣା ସହର ମଧକୁ ଗଲେ। ଅପା କହିଲେ, ''ମୋର କିଛି ପଚାରିବାର ଥିଲା ସୁରସ୍ତା। ପତ୍ର ଦ୍ୱାରା ଖବର ଦେବା ଠିକ୍ ମନେ ହେଲା ନାହିଁ। ପ୍ରତ୍ୟକ୍ଷଭାବେ କଥା ହେବା ଉଚିତ ଭାବି ସାକ୍ଷାତ କରିବାକୁ ଚାଲି ଆସିଲି।''

ସୁରସ୍ତା: ''ଭଲ କରିଛନ୍ତି। ଜନ୍ମଭୂମି ମଧ ଦେଖିନେଲେ।''

''ହଁ, ଆମ ଚେନ୍ନବୀରଙ୍କର କ'ଣ କୌଣସି ସମ୍ବାଦ ମିଳିଲା ନାହିଁ?''

''ଚେନ୍ନବୀରଙ୍କୁ ସେମାନେ ଶେଷ କରିଦେଇଥିବେ। ଇଂରେଜମାନେ ତାଙ୍କୁ ଏଠାକୁ ପଠାଇଲାବେଳକୁ ରାଜା ନାଲକ୍ନାଡ଼ ଜଙ୍ଗଲକୁ ଶିକାର ପାଇଁ ଯାଇଥିଲେ। ଖବର ମିଳିଛି ଯେ ତାଙ୍କୁ ମଧ ସେଠାକୁ ନେଇଯାଇଥିଲେ। ପରେ ଆଉ ତାଙ୍କର କୌଣସି ଖବର ମିଳିଲା ନାହିଁ। ଶୁଣାଯାଉଥିଲା ଯେ ସେ ପୁଣି ମଲୟାନ ଆଡ଼କୁ ପଳାୟନ କରିଛି।

Digitized by srujanika@gmail.com

ଏହା ଉଡ଼ା ଖବର ହୋଇଥିବ ଓ ତାହା ବସବ ଦ୍ୱାରା ପ୍ରଚାର କରାଯାଇଥାଇ ପାରେ। ମିଥ୍ୟା କହିବା ତା ପାଇଁ କିଛି ନୂତନ ନୁହେଁ।''

''ଲୋକମାନେ କେତେ ପାପୀ ହୋଇଯାଇଛନ୍ତି ?''

'ଆପଣ କେବଳ ପାପୀ କହୁଛନ୍ତି, କିନ୍ତୁ ଏମାନେ ତ ପିଶାଚ। ଏମାନଙ୍କ ପାଇଁ ଯମରାଜଙ୍କୁ ଆଉ ଗୋଟିଏ ନର୍କ ତିଆରି କରିବାକୁ ପଡ଼ିବ।''

''ତା ଠିକ୍ କିନ୍ତୁ ଆମ ଲୋକମାନେ କ'ଣ କହୁଛନ୍ତି ?''

''ଆପଣ ନିଜେ କିଛି ସ୍ଥିର କଲେ ସେମାନେ କାଲି ଆପଣଙ୍କ ସହ ସହମତି ଦେବେ। ସେମାନଙ୍କୁ ସମୟ ବଢେଇବାକୁ ପଡ଼ିବ।''

''ଏହା ଚିନ୍ତା କରିବା କଥା ସୁରପା। ଏମାନଙ୍କ ସହ ଯଦି ଲଢ଼ିବାର ଥିଲା ତ ଏତେ ଦିନ ପର୍ଯ୍ୟନ୍ତ କାହିଁକି ଚୁପ୍ ଥିଲେ ? ମୋର ଏକମାତ୍ର ଇଚ୍ଛା ହେଉଛି ଯେ ଦେଶ ଅପର ହାତରେ ନ ପଡ଼ୁ।''

''ଆପଣ ସର୍ବଦା ଏହିପରି ରହିଛନ୍ତି ଓ ପୁତ୍ରକୁ ମଧ୍ୟ ସେହିପରି କରିଛନ୍ତି। ଆମେ କଣ କରି ପାରିବା ଯଦି କିଏ ସାହସ ଦେଖାଇଛି ତ ସେ ହେଉଛି ଚେନ୍ନବୀର। ସାହସ ଦେଖାଇବାର ଶାସ୍ତି ମଧ୍ୟ ତାକୁ ମିଳିଯାଇଛି। ସେଥିପାଇଁ ଆପଣଙ୍କୁ ଖବର ପଠାଇଥିଲି। ଏ କାମରେ ହାତ ଦେବାକୁ ହେଲେ ମନକୁ ମଜବୁତ କରିବାକୁ ପଡ଼ିବ।''

''ତାହା ହିଁ ହେବ ସୁରପା। ଇଂରେଜମାନେ ଆସି କଣ କରିବେ କେଜାଣି ? ଯଦି ଜଣାପଡ଼େ ଯେ ଦେଶ ଇଂରେଜଙ୍କ ହାତରୁ ଯିବ ତେବେ ଆମକୁ ଆଗକୁ ପାଦ ବଢ଼ାଇବାକୁ ପଡ଼ିବ।''

''ଆଗ ହେଉ ବା ପଛ ହେଉ ଆଜି ହିଁ ନିଶ୍ଚୟ କରିବାକୁ ପଡ଼ିବ।''

''ହଁ। କାବେରୀ ମଣ୍ଡଳ ସଂଘର ଖବର କଣ ?''

ଏଇ ଯୁବକମାନେ ତାକୁ ଗଠନ କରିଛନ୍ତି। ସେ ବିଷୟରେ ମୁଁ ବେଶୀ କିଛି ଜାଣେ ନାହିଁ। ସେଥିରେ କିଏ କିଏ ଅଛନ୍ତି ତା ମଧ୍ୟ ମୋର ଅଜଣା। ସେମାନେ ତାକୁ ଖୁବ୍ ଗୁପ୍ତ ରୂପେ ଚଳାଉଛନ୍ତି।''

''ଏହା ତ ଭଲ କଥା। ଆଉ ସବୁ ଖବର କଣ ? ମା ଭଲ ଅଛନ୍ତି ? ଭାଇ କେମିତି ଅଛନ୍ତି ? ପତ୍ନୀ ଓ ପିଲାମାନେ କେମିତି ଅଛନ୍ତି ?''

''ଈଶ୍ୱରଙ୍କ କୃପାରୁ ସମସ୍ତେ ଭଲ ଅଛନ୍ତି। ମନ୍ତ୍ରୀ ହୋଇ ଭାଇ ଅସୁବିଧାରେ ପଡ଼ିଛନ୍ତି।''

''ମନ୍ତ୍ରୀଙ୍କ ପାଇଁ ତ ଅସୁବିଧା ନିଶ୍ଚୟ ଥିବ। କଣ୍ଟାରେ ଚାଲିବାକୁ ପଡ଼େ। ସେ କାମ ହିଁ ସେହିପରି।''

''ଅନ୍ୟ କୌଣସି ଅସୁବିଧା କିଛି ନାହିଁ ଯେ, ରାଜା ହେଉଛନ୍ତି ସ୍ୱୟଂ କଣ୍ଟା। ସେ କଣ୍ଟା ଯେପରି ପ୍ରଜାଙ୍କୁ ନ ଛୁଏଁ ସେଥିପାଇଁ ଭାଇ ଢ଼ାଲ ରୂପେ ରହିଛନ୍ତି।''

''ଏହା ମଧ୍ୟ ଏକ ପ୍ରକାର ପୁଣ୍ୟକାର୍ଯ୍ୟ। ସେ ପ୍ରଜାଙ୍କ ମଙ୍ଗଳ କଲେ ଭଗବାନ ତାଙ୍କର ମଙ୍ଗଳ କରିବେ।''

Digitized by srujanika@gmail.com

65

ବୀରଣ୍ଣା ସେତିକିବେଳେ ଜଣେ ଭୃତ୍ୟ ହାତରେ ଭୋଜନ ନେଇ ଆସିବାରୁ ସୁରପ୍ପା କହିଲେ, "ଆପଣ ଭୋଜନ କରନ୍ତୁ, ମୁଁ ଏହିଠାରେ ଅପେକ୍ଷା କରୁଛି।"

ପିତାପୁତ୍ର ଭୋଜନ କଲେ। ଅପ୍ପା କହିଲେ, "କାଲି ଯଦି ଏଠାରେ ରହିବାର ନାହିଁ ତ ବର୍ତ୍ତମାନ ଦୀକ୍ଷିତଙ୍କୁ ସାକ୍ଷାତ କରି ମନ୍ଦିରରେ ରାତ୍ରିଯାପନ କରି ସକାଳୁ ଚାଲିଯାଇ ହେବ।"

ଟିକିଏ ବେଶୀ କ୍ଳାନ୍ତ ଲାଗିଲେ ମଧ୍ୟ ଦୀକ୍ଷିତଙ୍କୁ ସାକ୍ଷାତ ନ କରି ଯିବା ଉଚିତ ହେବ ନାହିଁ ଭାବି ସେମାନେ ଦୀକ୍ଷିତଙ୍କ ନିକଟକୁ ଗଲେ।

ବାଟରେ ଲକ୍ଷ୍ମୀନାରାୟଣଙ୍କ ଘରର ଆଗକୁ ସାମାନ୍ୟ ଗଡ଼ାଣିଆରେ ଦୀକ୍ଷିତଙ୍କ ଘର। ତାଠାରୁ ଆଗକୁ ସାମାନ୍ୟ ଉଚ୍ଚତାରେ ବୋପଣ୍ଣାଙ୍କ ଘର ଥିଲା। ଏକତ୍ର ଯିବା ଠିକ୍ ହେବ ନାହିଁ ଭାବି ସୁରପ୍ପା ଟିକିଏ ଆଗରେ ଚାଲିବାକୁ ଲାଗିଲେ। ଏମାନେ ଲକ୍ଷ୍ମୀନାରାୟଣଙ୍କ ଗୃହ ସାମନାରେ ପହଞ୍ଚିଲା ବେଳକୁ ବୋପଣ୍ଣା ଓ ଉଭୟା ଭିତରୁ କଥା ଶେଷ କରି ବାହାରକୁ ଆସୁଥିଲେ।

ଆଗକୁ ଯାଇ ଅପ୍ପା ସୁରପ୍ପାକୁ କହିଲେ, "ମୁଁ ଯାଉଛି ଭାଇ।" ସୁରପ୍ପା "ଆଚ୍ଛା" କହି ଘର ସମ୍ମୁଖରେ ପହଞ୍ଚିଗଲା।

ଅପ୍ପାଜୀଙ୍କ ସ୍ୱର ଶୁଣି ଏଣେ ଉଭୟା ଟକ୍କ ଚମକି ପଡ଼ି ପଚାରିଲେ, "ଏ କାହା ସ୍ୱର ଟକ୍କ ମହାଶୟ ?

"ଜାଣି ପାରୁ ନାହିଁ" ବୋଲି ବାପଣ୍ଣା କହିଲେ। ସେତେବେଳକୁ ସୁରପ୍ପା ଏମାନଙ୍କ ନିକଟରେ ପହଞ୍ଚି ଯାଇଥିବାରୁ ଉଭୟା ତାକୁ ପଚାରିଲେ, ତୁମ ସହ କିଏ କଥା ହେଉଥିଲା ଭାଇ ?"

ସୁରପ୍ପା କଣ ଭାବି କିଛି ସମୟ ପରେ ପ୍ରଶ୍ନ କଲା, "ଆପଣ କାହା ବିଷୟରେ ପଚାରୁଛନ୍ତି ?"

"ସେ 'ମୁଁ ଯାଉଛି ଭାଇ' କହିବାରୁ ଆପଣ 'ଆଚ୍ଛା' ବୋଲି କହିଲେ।"

"ସେତେବେଳକୁ କଣ ଉତ୍ତର ଦେବ ସୁରପ୍ପା ଭାବି ସାରିଥିଲା। ସେ କହିଲା, "ଓହୋ ! ତାଙ୍କ କଥା ? ସେ ଆପଣଙ୍କ ସହ ସାକ୍ଷାତ କରିବାକୁ ଚାହୁଁଥିଲେ। କହିଲେ ଆପଣ ବୋପଣ୍ଣା ମନ୍ତ୍ରୀଙ୍କ ଘରେ ଅଛନ୍ତି ସେଠାକୁ ଯିବେ। ଆପଣ ଏଠାରେ ଆମ ଘରେ କଥା ହେଉଛନ୍ତି ବୋଲି ମୁଁ କହିବାରୁ ସେ କହିଲେ ଯେ ମୁଁ ଏଠାରେ ପ୍ରତୀକ୍ଷା କରିବି।"

ଉଭୟା ଟକ୍କ କହିଲେ, "ସେ ମୋ ସହ ସାକ୍ଷାତ କରିବାକୁ ଚାହୁଁଥିଲେ। ତେବେ ମୁଁ ଯାହା କଥା ଭାବୁଥିଲି ସେ ସ୍ୱର ତାଙ୍କର ନୁହେଁ।"

ଏଠାରେ ସାକ୍ଷାତ କରିବାକୁ କହିଲେ ନାହିଁ କାହିଁକି ? କହିଲେ ବୋପଣ୍ଣା।

"ମୁଁ କଣ ଜାଣିଥିଲି ଯେ ଆପଣ ଏଠାରେ କଥା ଶେଷ କରି ସାରିଛନ୍ତି ? ବର୍ତ୍ତମାନ ଯାଇ ଡାକି ଆଣୁଛି।" କହି ସୁରପ୍ପା ଶୀଘ୍ର ପାଦ ପକାଇ ଫେରିଗଲା। ସେଠାରେ ଅପ୍ପା

Digitized by srujanika@gmail.com

ଓ ବୀରଣ୍ଣାଙ୍କ ନିକଟକୁ ଯାଇ ତାଙ୍କ କାନ୍ଧରେ ହାତରଖି ତାଙ୍କ କାନରେ କହିଲା, "ଯାହା ମୁଁ କହିଥିଲି ତାହା ହିଁ ହେଲା। ଉଭୟା ତପ୍ପ ଦ୍ୱାର ନିକଟରେ ହିଁ ଥିଲେ। ଆପଣଙ୍କ ସ୍ୱର ଶୁଣି "ଆପଣ କିଏ ?' ବୋଲି ମୋତେ ପଚାରିଲେ। ଆଉ ଦୀକ୍ଷିତଙ୍କୁ ସାକ୍ଷାତ କରିବାର ଆବଶ୍ୟକତା ନାହିଁ। ସକାଳ ପର୍ଯ୍ୟନ୍ତ ରହିବା ମଧ୍ୟ ଆବଶ୍ୟକ ନାହିଁ। ବର୍ତ୍ତମାନ ସହର ଛାଡ଼ି ଚାଲିଯିବା ହିଁ ଶ୍ରେୟସ୍କର।"

ଉଭୟେ ଦୁଇ ମିନିଟ କଥା ହୋଇ ଏହା ହିଁ ଠିକ୍ ବୋଲି ନିଶ୍ଚିତ କଲେ। ସୁରପ୍ପା ଫେରିଆସି ବୋପଣ୍ଣାଙ୍କୁ କହିଲା, "ସେ ଏହିଠାରେ ହିଁ ସାକ୍ଷାତ କରିବେ ବୋଲି କହି ଭିତରକୁ ଚାଲିଗଲେ। ବୀରଣ୍ଣା ପିତାଙ୍କୁ କୁଶାଳନଗର ନେଇ ସଙ୍ଗେ ସଙ୍ଗେ ସହର ବାହାରକୁ ନେଇଗଲେ।"

୬୬

ଏମାନେ ଏପଟେ କଥାବାର୍ତ୍ତା ହେଉଥିବା ସମୟରେ ତେଣେ ସେହି ସନ୍ଧ୍ୟାରେ ବୋପଣ୍ଣାଙ୍କ ଲୋକ ରାଜମହଲ ଯାଇ ବସବକୁ ପଚାରିଲା, "ଉଭୟା ତପ୍ପ ଆସିଛନ୍ତି। କାଲି ପ୍ରାତଃକାଳରେ କଣ ମହାରାଜଙ୍କୁ ଭେଟିବା ସମ୍ଭବ ହେବ ?" ଉଭୟା ତପ୍ପ କାହିଁକି ଆସିଛନ୍ତି ବସବକୁ ଜଣାଥିଲା। ରାଜାଙ୍କ ନିକଟରେ ଏ ସମାଚାର ଦେଇ କହିଲା, "ବୋପଣ୍ଣା କହି ପଠେଇଛନ୍ତି ଆପଣ ତପ୍ପଙ୍କ ସହ ସାକ୍ଷାତ କରିବେ ?"

ରାଜା: "ଜାଗିରି କାହିଁକି ବନ୍ଦ କଲୁ ?" "ମହାରାଜଙ୍କୁ ପଚାରି ବନ୍ଦ କରିଥିଲି" କହିଲା ବସବ।

ରାଜା: "କିଏ ହିଁ କରିଥିଲା ? ତୁ ଅଟକେଇବାକୁ କହିବାରୁ ମୁଁ ହିଁ କହିଥିଲି। କାହିଁକି ତୁ ଅଟକେଇବାକୁ କହିଥିଲୁ କହ ?"

ବାସ୍ତବରେ ଜାଗିରି ବନ୍ଦ କରିବା କଥା ପ୍ରଥମେ ରାଜା ହିଁ କହିଥିଲେ। କିନ୍ତୁ ଏପରି ସମୟରେ ରାଜାଙ୍କ ଦୋଷ ନିଜ ଉପରକୁ ନେବାକୁ ବସବ ସଦା ପ୍ରସ୍ତୁତ ରହୁଥିଲା। ଏହିପରି କରି ସେ ରାଜାଙ୍କ ଏତେ ନିଜର ହୋଇପାରିଥିଲା।

"ତାହା ମୁଁ ପ୍ରଥମରୁ ନିବେଦନ କରି ସାରିଛି ମଣିମା।

ବାଙ୍ଗାଲୋରରୁ ଇଂରେଜମାନେ ଆସୁଥିବାରୁ ସେମାନଙ୍କ ସ୍ତ୍ରୀମାନଙ୍କ ସହ ରହିବା ପାଇଁ ଦୁଇଜଣ ସ୍ତ୍ରୀଲୋକ ଆବଶ୍ୟକ ବୋଲି ଆପଣ ନିଜେ କହିଥିଲେ। ଏହାର ପ୍ରବନ୍ଧ କରିବାକୁ ମୁଁ ମୋର ଲୋକକୁ କହିଥିଲି। ତାର କନ୍ୟା ସୁନ୍ଦର ବୋଲି ସେମାନେ କହିବାରୁ ମୁଁ ଖବର ପଠାଇଲି। ସେ ପଠାଇବାକୁ ମନା କରି ଦେଲେ। ସେ ମନା କରିବାରୁ ମୁଁ କଣ ଚୁପ୍ ହୋଇ ରହିଯାଇ ଥାଆନ୍ତି ? ସବୁ ଆଡୁ ସମସ୍ତେ ମନା କରୁଛନ୍ତି। ମୁଣ୍ଡ ଉପରେ ଠେଙ୍ଗା ନ ରହିଲେ ଏମାନେ ଭୟ କରୁନାହାନ୍ତି। ସେଥିପାଇଁ ମୁଁ ଜାଗିରି ଅଟକେଇବାକୁ କହିବାରୁ ମହାରାଜା ତାହା ବନ୍ଦ କରିଦେଲେ।"

"ତୁ ଖୁବ୍ ସୌଭାଗ୍ୟବାନ ଲେଙ୍ଗଡ଼ା। ସେତେବେଳେ ଶୁଣିଲେ ତୋ ମୁହଁରେ ସ୍ତ୍ରୀଲୋକଙ୍କ କଥା। କେତେବେଳେ ମୋ ପାଇଁ ଓ ବର୍ତ୍ତମାନ ଗୋରାମାନଙ୍କ ପାଇଁ।"

Digitized by srujanika@gmail.com

"ମହାରାଜ ଖୁସୀ ହେଲେ ମୋର କଣ ଦୋଷ? ଶରୀର ସହ ତାର ଛାୟା ମଧ୍ୟ ବୁଲେ। ଆପଣଙ୍କ ପସନ୍ଦ ମୋ ପସନ୍ଦ। ଯାହା ଆପଣ ଚାହାଁନ୍ତି ନାହିଁ ତାହା ମୋର ମଧ୍ୟ ଆବଶ୍ୟକ ନାହିଁ।"

"ସେ କଥା କହ। ଏ ସବୁ ତୁ ମୋ ପାଇଁ କରୁଛୁ!"

"ଏଥିରେ କୌଣସି ସନ୍ଦେହ ନାହିଁ ମହାରାଜ। ନ ହେଲେ, କେବେଠୁଁ ମୁହଁ ତଳକୁ କରି ଯାଇ ସାରନ୍ତିଣି।"

"କିଛି ମନେ କର ନାହିଁ। ମୁଁ ହିଁ ଏପରି କରିବାକୁ କହିଥିଲି।"

"ମୋର ପାଳନକର୍ତ୍ତା ଯଦି ମୋ ସହ ମିଛରେ କିଛି ମଜା କରନ୍ତି ତେବେ କଣ ମୁଁ ଖରାପ ଭାବିବି? ଯେଉଁଠି ଆପଣଙ୍କର ଶ୍ରୀପାଦ ପଡ଼େ ସେଠାରେ ମୁଁ ଭକ୍ତି ସେବା କରୁଥାଏ। ଏହା ଆପଣ ତ ଜାଣନ୍ତି।"

"ଏ ଶରୀରରେ ଆଉ କିଛି ସୁଖ ନାହିଁ ରେ ଲେଙ୍ଗଡ଼ା। ଔଷଧ ବା ମନ୍ତ୍ରତନ୍ତ୍ର କେଉଁଥିରେ କିଛି ଲାଭ ହେଲା ନାହିଁ। ଏଇ ଗୋରାଙ୍କ ପାଖରେ ହୁଏତ କିଛି ଥାଇପାରେ। ଆସିଲେ ପଚାରିବୁ।"

"ସେମାନଙ୍କ ପାଖରେ କଣ ନାହିଁ? ଆସିଲେ ନିଶ୍ଚୟ ପଚାରିବା।"

"ଯାହା କିଛି ହେଲେ କରିବାକୁ ହେବ। ନିଆଁ ନାହିଁ ବୋଲି ଧୂଆଁ ମଧ୍ୟ ରହିଲା ନାହିଁ। ଏ ଶରୀର ପୋଡ଼ି ପାଉଁଶ ହୋଇଗଲାଣି।"

"ଅଶୁଭ କଥା କାହିଁକି କହୁଛନ୍ତି ମଣିମା। ସବୁ ଠିକ୍ ହୋଇଯିବ। ତତ୍ତ୍ୱକୁ କାଲି ସକାଳେ ଆସିବାକୁ କହିଦେବି?"

"ଆସିବାକୁ ଦେ, ଟିକିଏ ଧମକେଇ ଦେବା। ପୁଣି ଜାଗିରି ଦେବାକୁ ଆରମ୍ଭ କରି ଦେ। ସେ ପିତାଙ୍କ ଲୋକ।"

"ଯେ ଆଜ୍ଞା, ମଣିମା, କିନ୍ତୁ ନିଶ୍ଚୟ ଟିକିଏ ଧମକାଇ ଦେବେ। ନଚେତ୍ ଆମର କୋମଳତାର ସୁଯୋଗ ନେଇ ଦେଶରେ ଆମର କୌଣସି ଆଦେଶ ପାଳନ କରିବାକୁ ଦେବେ ନାହିଁ।"

"ହଁ ଧମକେଇ ଦେବି। ତୁ ଆଗେ ତାକୁ ଡାକ।"

67

ପରଦିନ ସକାଳୁ ଉଭୟା ତତ୍ତ୍ୱ ଆସିବାରୁ ବସବ ତାଙ୍କୁ ସ୍ୱାଗତ କରି ରାଜାଙ୍କ ନିକଟକୁ ନେଇଗଲା। ବୃଦ୍ଧ ରାଜାଙ୍କ ନିକଟକୁ ଯାଇ ହାତ ଯୋଡ଼ି "ନମସ୍କାର କରୁଛି। ପୁଟ୍ଟଣ୍ଣା କୁମାର ଭଲ ଅଛନ୍ତି ତ?" ବୋଲି ଖୁବ୍ ସ୍ନେହରେ କହିଲା।

ରାଜାଙ୍କର ତତ୍କ୍ଷଣାତ୍ ବାଲ୍ୟକାଳ କଥା ମନେପଡ଼ିଯିବାରୁ କହିଲେ, "ଆସନ୍ତୁ ତତ୍ତ୍ୱ ମହାଶୟ, ବସନ୍ତୁ। ଆପଣଙ୍କର ସବୁ କୁଶଳ ତ?"

Digitized by srujanika@gmail.com

ଟଲ୍କ ହାତ ଯୋଡ଼ି ରାଜାଙ୍କ ସମ୍ମୁଖରେ ସତରଞ୍ଜୀ ଉପରେ ବସି ପଡ଼ିଲେ। ରାଜା ପଚାରିଲେ, "କୁଆଡ଼େ ଆସିଲେ ଟଲ୍କ ମହାଶୟ ଜାଗିରି ସମ୍ବନ୍ଧରେ କିଛି କଥା ଅଛି ବୋଲି ବସବ କହୁଥିଲା।"

ଟଲ୍କ: "ଆଜ୍ଞା ହଁ, ତାହା ବଡ଼ ରାଜାଙ୍କ ଦ୍ୱାରା ବନ୍ଧା ଜାଗିରି ଥିଲା। ଯେତେବେଳେ ମୁଁ ଲଗାତାର ତିନିମାସ ପର୍ଯ୍ୟନ୍ତ ବ୍ରାହ୍ମଣ ପୁତ୍ରକୁ କାନ୍ଧରେ ବସାଇ ମନ୍ଦିରକୁ ପୂଜା କରିବାକୁ ନେଇ ଯାଇଥିଲି ସେତେବେଳେ ଜାଗିରି ଆଶାରେ ମୁଁ ତାହା କରି ନ ଥିଲି। ଭଗବାନଙ୍କ ସେବା କରିବା ଉଦ୍ଦେଶ୍ୟରେ କରିଥିଲି। ରାଜା ମୁହଁ ଖୋଲି କହିଥିଲେ, 'ଉରୟା, ମୁଁ ନିଜ ପ୍ରାଣ ବଞ୍ଚାଇବା ଚିନ୍ତାରେ ଭଗବାନଙ୍କର ଜଣ ହେବ ବୋଲି ଭାବି ନ ଥିଲି। ତୁମେ ବାସ୍ତବରେ ସାହସୀ ଓ ଭଗବାନଙ୍କର ପ୍ରକୃତ ସେବକ। ନିଜର ଜୀବନ ପଣ କରି ଶହ ଶହ ଲୋକଙ୍କ ମଧ୍ୟରୁ ତୁମେ ହିଁ କେବଳ ଭଗବାନଙ୍କ ପୂଜା କଲ। ଭଗବାନ ଏପରି ଭୃତ୍ୟର ସଙ୍ଗ କେବେହେଲେ ଛାଡ଼ନ୍ତି ନାହିଁ। କିନ୍ତୁ ମୁଁ ଯଦି କେବଳ ଭଗବାନଙ୍କ ଉପରେ ଆପଣମାନଙ୍କୁ ରକ୍ଷା କରିବା ଭାର ଛାଡ଼ିଦିଏ ତ ମୁଁ ରାଜା ନୁହେଁ। ରାଜମହଲର ପ୍ରସାଦ ଦିଅ। ଭଗବାନଙ୍କ ଜାଗିରି ସହ ଏହା ତାଙ୍କ ସେବକର ମଧ୍ୟ ଜାଗିରି। ଦିନକୁ ସେରେ ଧାନ ମିଳିବ। ଭଗବାନଙ୍କ ଦୟାରୁ ଆପଣଙ୍କ ଘର ଧାନ ଚାଉଳରେ ପରିପୂର୍ଣ୍ଣ। ଏହି ସେରକ ଧାନ ମଧ୍ୟ ଭଗବାନ ଦେଇଛନ୍ତି ବୋଲି ଭାବନ୍ତୁ।' "ଆପଣ ସେ ସମୟରେ ଜନ୍ମ ହୋଇ ନ ଥିଲେ ପୁଚମ୍ମାଜୀ। ମହାରାଜଙ୍କ ଏ କଥା ଶୁଣି ମୋର ଯେପରି ଚାରୋଟି ବାହୁ ହୋଇ ତାହା ସୁଦୃଢ଼ ହୋଇ ଉଠିଲା। ସେ ସମୟରେ ବାଘ ମଧ୍ୟ ମୋ ସାମନାକୁ ଆସିଥିଲେ ମୁଁ ତାର ବେକ ମୋଡ଼ି ଦେଇଥାନ୍ତି। ସେତେବେଳେ ମୁଁ ଯୁବକ ଥିଲି, ଗର୍ବରେ ଫୁଲି ଉଠିଲି।"

"ଆଚ୍ଛା। ବର୍ତ୍ତମାନ ଆସିବାର କାରଣ କହନ୍ତୁ।"

ରଜାଙ୍କ ମନର ଶାନ୍ତି କମ ହେବାକୁ ଲାଗିବା ସଙ୍ଗେ ସଙ୍ଗେ ଟଲ୍କଙ୍କ ପାଇଁ ମନ ମଧ୍ୟରେ ଥିବା ପ୍ରୀତି ଫିକା ପଡ଼ିଗଲା।

"କହୁଛି ଆଉ ଟିକିଏ ଶୁଣନ୍ତୁ। ଆପଣଙ୍କ ପିତା ମୋତେ ତାଙ୍କର ସହାୟକ ଓ ବନ୍ଧୁ ରୂପେ ମାନୁଥିଲେ। ଆପଣଙ୍କୁ ହିଁ କହୁଛି, ଅପରକୁ କହିବା ପରି କଥା ଏହା ନୁହେଁ। ଥରେ ସେ ମୋତେ ତାଙ୍କ ଗୁପ୍ତ ନିବାସକୁ ଡକାଇଥିଲେ। ମହାରାଜଙ୍କ ଭାଇଙ୍କ ସହ ମୁଁ ଏପରି ବ୍ୟବହାର କରି ପାରିବି ନାହିଁ ବୋଲି କହିଲି। ସେହି ସମୟରେ ଆପଣ ଜନ୍ମ ହୋଇଥିଲେ। ଆପଣଙ୍କ ପିତା ଅନେକ ଥର ଆପଣଙ୍କୁ ମୋ ହାତରେ ଦେଇଛନ୍ତି ଓ ମୁଁ ଆପଣଙ୍କୁ ଅନେକ ଥର କୋଳରେ ବସାଇ ଖେଳାଇଛି ମହାରାଜ।"

ରାଜା କିଛି କହିବେ ଭାବି ଟଲ୍କ କିଛିକ୍ଷଣ ଚୁପ୍ ରହିଲେ କିନ୍ତୁ ରାଜା କିଛି ନ କହିବାରୁ ସେ ପୁଣି କଥା ଆଗକୁ ବଢ଼ାଇବାକୁ ଲାଗିଲେ।" ବଡ଼ ରାଜାଙ୍କ ସମୟରେ ଏ ଜାଗିରି ରାମନବମୀ ସମୟରେ ଦିଆଯାଉଥିଲା। ଆପଣଙ୍କ ପିତା ମଧ୍ୟ ଚାରି ବର୍ଷ ପର୍ଯ୍ୟନ୍ତ ତାହା ହିଁ କରୁଥିଲେ। ପରେ କହିଲେ, 'ଜାଗିରି ନେବାକୁ ମଡ଼କେରୀ କାହିଁକି ଆସୁଛ। ସେହିଠାରେ ହିଁ ତୁମକୁ ଦେବାକୁ ମୁଁ କରଣିକକୁ କହିଦେବି।' ଆପଣଙ୍କ ସମୟରେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା ହିଁ ହେଉଥିଲା, ଏ ବର୍ଷ ଜାଗିରି ବନ୍ଦ କରି ଦିଆଯାଇଛି

Digitized by srujanika@gmail.com

ବୋଲି କରଣିକ କହିଲା। କାହିଁକି ଭାଇ' ବୋଲି ପଚାରିବାରୁ ସେ 'ମୁଁ ଜାଣିନାହିଁ, ମହଲରୁ ମନ୍ତ୍ରୀ ଆଜ୍ଞା ଦେଇଛନ୍ତି' ବୋଲି କହିଲା! ବଡ଼ ରାଜା ସ୍ୱୟଂ ନିଜ ହାତରେ ଦେଉଥିଲେ, ହୁଏତ ପୁଣି ତାହା ହିଁ ହୋଇଥିବ ବୋଲି ଭାବି ମୁଁ ଏଠାକୁ ଚାଲି ଆସିଲି।''

ଏ କଥା ମିଥ୍ୟାଥିଲା। ରାଜାଙ୍କୁ ବିରକ୍ତି ସହ କ୍ରୋଧ ମଧ୍ୟ ଆସିଲା। ବୁଢ଼ା ତାଙ୍କୁ ବିରକ୍ତ କରୁଥିଲେ ମଧ୍ୟ ସେ କିଛି କହିଲେ ନାହିଁ। ବୁଢ଼ା କହିବାକୁ ଲାଗିଲା।

''କାଲି ଆସି ବୋପଣ୍ଣା ତଥା ଲକ୍ଷ୍ମୀନାରାୟଣ ମନ୍ତ୍ରୀଙ୍କୁ ସାକ୍ଷାତ କଲି। ସେମାନେ କହିଲେ ଏହା ଆମେ ନୁହେଁ ଲେଙ୍ଗଡ଼ା ବସବ କରିଛି। ବସବୟାକୁ କାହିଁକି ପଚାରିବି ଭାବି ଆପଣଙ୍କୁ ଭେଟିଲି। ସବୁ ବିଷୟରେ ଆପଣଙ୍କ ନିକଟରେ ନିବେଦନ କଲି। ସବୁ ଆପଣ ଠିକ୍ କରି ଦିଅନ୍ତୁ।

୬୫

ରାଜା ''ବସବ, ଏଠାରେ ଅଛ କି?'' ବୋଲି ପଚାରିବାରୁ ବସବ ବାହାରେ ଠିଆ ହୋଇଥିଲା, ଭିତରକୁ ଆସିଲା। ''ଏହାଙ୍କର ଜାଗିରି କାହିଁକି ବନ୍ଦ କରି ଦିଆ ଯାଇଛି ତାଙ୍କୁ କହିଦିଅ'' ରାଜା କହିଲେ।

ବସବ କହିଲା, ''ପୁଟମ୍ମାଙ୍କ ସହ ରହିବା ପାଇଁ ଗୋଟିଏ ଝିଅକୁ ଏହାଙ୍କ ଗ୍ରାମରୁ ପଠାଇବାକୁ କହିବାରୁ ସେ ଖରାପ କଥା କହି ଝିଅ ପଠାଇବାକୁ ମନା କରିଦେଲେ। ପଚାରିବାରୁ ସେ କହିଲେ, ''ଆମର ତମ୍ମ, ସେ ସବୁ ସମ୍ଭାଳି ଦେବେ।'' ମୁଁ ଭାବିଲି ତମ୍ମଙ୍କ ସହ ଝଗଡ଼ା କରିବା ଅପେକ୍ଷା ତାକୁ ଏଠାକୁ ଡାକି ଆଣିବା ଭଲ। ସେଥିପାଇଁ ମହାରାଜଙ୍କୁ ପଚାରି ଜାଗିରି ବନ୍ଦ କରିଥିଲି।''

କ୍ଷଣକ ପରେ ରାଜା ତମ୍ମଙ୍କୁ ପଚାରିଲେ, ''ଏହା କଣ ଠିକ୍ ତମ୍ମ ମହାଶୟ?'' ଉଭୟାଙ୍କୁ କ୍ରୋଧ ଆସିଲା।

''ଭୁଲ କଣ ଓ ତାର ଦଣ୍ଡ କଣ? ପାଦ ଲେଙ୍ଗଡ଼ା ହେଲେ କଣ ମୁଣ୍ଡ କାଟି ଦିଆଯାଏ। ଏପରି କଣ କରିବା ଉଚିତ? ବୋପଣ୍ଣା ଓ ମନ୍ତ୍ରୀଙ୍କୁ ଆପଣ ପଚାରନ୍ତୁ ପୁଟମ୍ମାକୁମାର!

''ଏଥିରେ ସେମାନଙ୍କୁ ପଚାରିବାର କଣ ଅଛି?''

''ଏହା ବସବୟାର କଥା। ମୁଁ ମନ୍ତ୍ରୀ ଓ ସେ ମଧ୍ୟ ମନ୍ତ୍ରୀ। ତାଙ୍କ ଠାରୁ ମୁଁ କେଉଁଥିରେ ଊଣା? ତାଙ୍କ ଇଚ୍ଛା ଆପଣଙ୍କ ମୁହଁରୁ ପ୍ରକାଶ ପାଇବା ଉଚିତ ନୁହେଁ। ଆପଣ କଣ ଜାଣନ୍ତି ନି କିଏ ବଡ଼ ଓ କିଏ ଛୋଟ?''

ବସବଙ୍କୁ ଖୁବ୍ କ୍ରୋଧ ଆସୁଥିଲେ ମଧ୍ୟ ସେ ଶାନ୍ତ ସ୍ୱରରେ କହିଲା, ମହାରାଜା ମୋତେ ମନ୍ତ୍ରୀ ପଦରେ ଅଧିଷ୍ଠିତ କରିଥିଲେ ମଧ୍ୟ ତମ୍ମ ମହାଶୟଙ୍କ ପାଇଁ ସେଇ ବସବ, ଲେଙ୍ଗଡ଼ା। ସେଥିପାଇଁ ସେ ମୋ ସହ ତୁଚ୍ଛ ଭାବେ କଥା କହୁଛନ୍ତି।''

ଉଭୟା କହିଲେ, ''ଭୁଲ ହୋଇଗଲା ବସବୟା। ତମେ ଯେ ବଡ଼ ଲୋକ ଏହା ସତ। ତୁମେ ଯେ କେତେ ବଡ଼ ତାହା ତୁମେ ନିଜେ ଜାଣ ନାହିଁ। କିନ୍ତୁ ତିରିଶ ବର୍ଷ

Digitized by srujanika@gmail.com

ହେଲା ଯାହା ଅଭ୍ୟାସ ହୋଇଯାଇଛି ତାହା ସହଜରେ ଛାଡ଼ୁନାହିଁ।'' ତାପରେ ରାଜାଙ୍କ ଆଡ଼କୁ ବୁଲି କହିଲେ, ''ପୁଟ୍ଟମ୍ମାକୁମାର, କୁର୍ଗୀମାନଙ୍କର ଗୋଟିଏ କଥା ଅଛି ଯେ ''ମହତ କାମ ପାଇଁ ମହତ୍ ଲୋକ।''

ଷାଠିଏ ବର୍ଷର ତକ୍କଙ୍କ ସମ୍ମୁଖରେ ତିନିବର୍ଷର ମର୍ଦ୍ଦ ସମ୍ମାନ ପାଇଁ ଛିଡ଼ା ହୋଇଛି। ଯେ ମହାରାଜଙ୍କୁ ହିଁ 'ପୁଟ୍ଟମ୍ମାକୁମାର ବୋଲି ସମ୍ବୋଧନ କରୁଛି ସେ ତାକୁ କଣ କହିବ ?'

ରାଜା କହିଲେ, ''ଏ ସବୁ ପରେ ଦେଖାଯିବ। ପୁଟ୍ଟମ୍ମା ଡେମାଦେଇଙ୍କ ସହ ରହିବା ପାଇଁ ଝିଅ ପଠାଇବାକୁ ଯେ ଆପଣ ମନା କଲେ, ସେ ବିଷୟରେ ଆପଣଙ୍କର କଣ କହିବାର ଅଛି ?''

''ସେ ତ ଆପଣଙ୍କ କଥା ଥିଲା। ତାହା ମଧ୍ୟ ନିବେଦନ କରୁଛି'' କହି ବସବ ଆଡ଼କୁ ବୁଲି ବ୍ୟଙ୍ଗପୂର୍ଣ୍ଣ ନମ୍ରତା ଦେଖାଇ କହିଲେ, ''ବସବୟା ଟିକେ ବାହାରେ ଅପେକ୍ଷା କରନ୍ତୁ। ମୁଁ ମହାରାଜଙ୍କ ନିକଟରେ ମୁଁ ଗୋଟିଏ କଥା ନିବେଦନ କରିବି।''

ରାଜା କହିଲେ, ସେ ଏଠାରେ ରହିଲେ କିଛି କ୍ଷତି ନାହିଁ। ଆପଣଙ୍କର ଯାହା କହିବାର ଅଛି କହନ୍ତୁ।''

ଏପରି ପରିସ୍ଥିତିରେ ଏମିତି ଜିଦ୍ କରିବା ତାଙ୍କର ଅଶିକ୍ଷିତ ସ୍ୱଭାବର ଅନୁକୂଳ ଥିଲା।

''ଯାହା ଆପଣଙ୍କର ଇଚ୍ଛା ପୁଟ୍ଟମ୍ମା କୁମାର। ଝିଅକୁ ପୁଟ୍ଟମ୍ମାଡେମାଙ୍କ ସହ କେବଳ ରହିବା ପାଇଁ ଡକା ଯାଇଥିଲା ନାଁ। ଏଥିରେ କୌଣସି ଠକାମି ତ ନାହିଁ।''

''ଏଥିରେ କଣ ଠକାମୀ ଦେଖିଲେ ଆପଣ ?''

''ମୁଁ ଦେଖିଥିଲେ ନିଶ୍ଚୟ କହିଥାନ୍ତି। ଆପଣ ଜାଣିଥିବେ ବୋଲି ମୁଁ ପଚାରିଲି।''

''ଆପଣଙ୍କର ତେବେ ଏତେ ସାହସ ହେଲାଣି ଯେ ଆପଣ ଏପରି କଥା ମୋତେ ପଚାରିବେ ?''

''ମୋର ସାହସ କଥା ପଚାରୁଛନ୍ତି ପୁଟ୍ଟମ୍ମାକୁମାର ? ସେମିତି ମରିବାବାଲା ହୋଇଥିଲେ ଏ ପର୍ଯ୍ୟନ୍ତ ଶହେ ଥର ମରି ସାରନ୍ତିଣି। ମୋର ପୁଟ୍ଟମ୍ମାକୁମାର ଯଦି ମୋର ମୁଣ୍ଡ ଚାହାନ୍ତି ତ ସେଥିପାଇଁ ମୁଁ ପ୍ରସ୍ତୁତ। ନିଅନ୍ତୁ!'' ବସବ ମଝିରେ କହିଲା, ''ମହାରାଜ ଏପରି କଣ କହିଲେ ତକ୍କ ମହାଶୟ ?''

''ଜଣଙ୍କର ମନକଥା ଅନ୍ୟଜଣେ ଜାଣି ପାରିବ ନାହିଁ। ଭଗବାନ ହିଁ ସଭିଙ୍କ ମନ କଥା ଜାଣନ୍ତି। 'ଆପଣ ଠିକ୍ କଥା କହୁଛନ୍ତି କି ?' ବୋଲି ମୁଁ ପଚାରିଥିଲି। ଆପଣ 'ହଁ' କହନ୍ତୁ ନାଁ ?''

''ଆମେ କିଛି ଖରାପ କରୁଛୁ ବୋଲି ଆପଣ ଭାବଛନ୍ତି କାହିଁକି ? ବସବ କହିଲା।

ଉତ୍ତୟା: ''ସେଥିପାଇଁ ମୁଁ ଏହାଙ୍କୁ ବାହାରକୁ ଯିବାକୁ କହିଥିଲି ପୁଟ୍ଟମ୍ମାକୁମାର। ମୋର ବସବୟା ସହ ବାଦବିବାଦ କରିବା କଥା ନୁହେଁ। ମୁଁ ରାଜାଙ୍କ ପୁତ୍ର ନିକଟରେ ନିବେଦନ କରିବାକୁ ଆସିଥିଲି। ବସବୟା ନିକଟରେ ପ୍ରାର୍ଥନା କରିବାକୁ ମୁଁ ପ୍ରସ୍ତୁତ ନୁହେଁ।''

ରାଜା କହିଲେ,''ଯାହା କହିବାର ଅଛି ଶୀଘ୍ର କହି ଶେଷ କରନ୍ତୁ।''

ଉତ୍ତୟା: ''ଜ୍ଞାନୀ ଲୋକମାନେ କହିଛନ୍ତି ଯେ ବନ୍ଧ ନ ଥିବା ପୋଖରୀରେ ବିନା ଡେମ୍ବର ପଦ୍ମଫୁଲ ହୁଏ। ଭଗବାନ ମନୁଷ୍ୟର ପ୍ରତ୍ୟେକ କର୍ମର ହିସାବ ରଖନ୍ତି। ଦ୍ୱାର

Digitized by srujanika@gmail.com

ବନ୍ଦ କଲେ କଣ କିଛି ବାଧାପ୍ରାପ୍ତ ହୁଏ ? ଦୀପ କଣ ଅନ୍ଧକାରକୁ ବିଦାୟ ଦେଇପାରେ ? ମନରେ କୌଣସି ବିଚାର ଉଠିବା ପୂର୍ବରୁ ହିଁ ମନର ଅବସ୍ଥା ଭଗବାନଙ୍କ ନିକଟରେ ଖୋଲିଯାଏ । ଆପଣ ମୋତେ 'ପୁଚ୍ଛମ୍ମାଜେମା ନିକଟରେ ରହିବା କଥା କହି ପାରନ୍ତି । କିନ୍ତୁ ମନ ମଧ୍ୟରେ ଥିବା ଭଗବାନଙ୍କୁ କି ଜବାବ ଦେବେ ? ବୁଢ଼ା କେମିତି ହେଲେ ଆସିଛି । 'ଜାଗିରି ଦେଲେ, ଖୁସୀର କଥା, ନ ଦେଇଥିଲେ ଏହା ହିଁ ହୋଇଥାନ୍ତା ଯେ ବଡ଼ ଦେଇଥିବା ଜିନିଷ ଛୋଟ ବନ୍ଦ କରି ଦେଇଥାଆନ୍ତେ । ମୁଁ ହସି ହସି ଘରକୁ ଚାଲିଯିବି । କିନ୍ତୁ ଲୋକେ କଣ କହୁଛନ୍ତି ଭାବିବା କଥା । ଆଗେ ତ ବଡ଼ଙ୍କ ହାତରେ ଦେଶ ଥିଲା । କିନ୍ତୁ ବର୍ତ୍ତମାନ ଛୋଟମାନଙ୍କ ହାତକୁ ତାର ଗୋଟିଏ ଅଂଶ ମଧ୍ୟ ଆସୁନାହିଁ । ତାହା ଦେଖି ମୋ ପରି ବୃଦ୍ଧର ଆଖିରେ ଲୁହ ଆସୁଛି । ଠିକ୍ ରାସ୍ତା ତ ବଡ଼ ରାଜା ଦେଖାଉଥିଲେ । ଆପଣଙ୍କ ପିତା ମଧ୍ୟ ତାହା ହିଁ ବତାଉଥିଲେ । ସେ ଦୁଇଜଣଯାକ ଆଉ ନାହାନ୍ତି । ମୁଁ ମଧ୍ୟ ତାହା ହିଁ କରୁଛି । ମନ୍ତ୍ରୀ ଲକ୍ଷ୍ମୀନାରାୟଣ, ବୋପଣା, ଯାହାକୁ ହେଲେ ପଚାରିଲେ ସେମାନେ ଠିକ୍ ରାସ୍ତା ବତାଇବେ । କଣ ବା କାହାକୁ ପଚାରିବାକୁ ଅଛି ? ଆପଣ ନିଜେ ତାହା ଜାଣନ୍ତି । କିଛିକ୍ଷଣ ଚିନ୍ତା କଲେ ସବୁ ଜାଣି ପାରିବେ । ଠିକ୍ ରାସ୍ତା ଧରି ନିଜର ଓ ଦେଶର ମଙ୍ଗଳ କରନ୍ତୁ । ବର୍ତ୍ତମାନ ମୋତେ ଯିବାକୁ ଆଜ୍ଞା ଦିଅନ୍ତୁ ।'' ଏହା କହି ଉଭୟା ଉଠିଲେ । ରାଜା ଅତ୍ୟଧିକ କ୍ରୋଧରେ କଥା ମଧ୍ୟ କହି ପାରୁ ନଥିଲେ ।

ଉଭୟା ଗୋଟିଏ ପାଦ ପକାଇ ପୁଣି ରାଜାଙ୍କ ଆଡ଼କୁ ବୁଲି ''ଦେଶକଥା ଛାଡ଼ନ୍ତୁ, ପ୍ରଥମେ ନିଜର ଶରୀରକୁ ଦେଖନ୍ତୁ । ମୋର ଷାଠିଏ ବର୍ଷ ବୟସ କିନ୍ତୁ, ବର୍ତ୍ତମାନ ମଧ୍ୟ ସ୍ତ୍ରୀକୁ ବାହୁ ବନ୍ଧନରେ ବାନ୍ଧି ପାରିବି । ଶରୀର ଉପରେ ଅତ୍ୟାଚାର କଲେ ତାହା ପୂର୍ଣ୍ଣକୁମ୍ଭକୁ ଲେଉଟାଇ ଦେବା ପରି ହୋଇଯାଏ । ଯୁବକର ବୃଦ୍ଧଠାରୁ ମଧ୍ୟ ଅଧିକ ଦୁର୍ବଳ ହେବା କଥା ନୁହେଁ । ଆପଣ ମୋ କଥା ଶୁଣି ଖରାପ ଭାବିବେ ନାହିଁ । ପିତାଙ୍କ ବନ୍ଧୁ ଆପଣଙ୍କ ମଙ୍ଗଳ ପାଇଁ ଏହା କହୁଛି ବୋଲି ମନେ କରିବେ । ବର୍ତ୍ତମାନ ମୁଁ ହାତ ଯୋଡ଼ି ବିଦାୟ ନେଉଛି ।'' କହି ଦ୍ୱାର ନିକଟରେ ଥିବା ବସବ ଆଡ଼କୁ ନଜର ନ ଦେଇ ବାହାରକୁ ଚାଲିଗଲେ ।

୬୨

ଉଭୟା ଅନ୍ତଃପୁର ନିବାସରୁ ଦଶ ପାହୁଣ୍ଡ ଆଗକୁ ଯାଇଛନ୍ତି କି ନାହିଁ ଜଣେ ସେବିକା ଆସି କହିଲା, ''ରାଣୀ ମା ଆପଣଙ୍କୁ ତାଙ୍କ ସହ ସାକ୍ଷାତ କରି ଯିବାପାଇଁ ଅନୁରୋଧ କରିଛନ୍ତି ।''

''ରାଣୀ ମା ଡକାଇଛନ୍ତି ? ଚାଲ ଯାଉଛି ।'' କହି ତା ସହ ଅନ୍ତଃପୁରକୁ ଗଲେ । ରାଣୀ ସେଠାରେ ତାଙ୍କର ପ୍ରତୀକ୍ଷା କରୁଥିଲେ । ତାଙ୍କୁ ଦେଖି ସ୍ୱୟଂ ପ୍ରଥମେ ''ନମସ୍କାର ବାବାଜୀ, ବସନ୍ତୁ ସାମାନ୍ୟ ଦୁଧ ପିଇ ଯାଆନ୍ତୁ'' ବୋଲି କହିଲେ ।

ବୃଦ୍ଧଙ୍କର ଅସନ୍ତୋଷ କେଉଁଆଡ଼େ ଉଭେଇଗଲା । ସମ୍ମୁଖରେ ଥିବା ଗମ୍ଭୀର ପ୍ରସନ୍ନ ମୂର୍ତ୍ତି ତାଙ୍କ ମନକୁ ଶାନ୍ତ କଲା । ତାଙ୍କ କଥା ଶୁଣି ସେ ନିଜକୁ ମଧ୍ୟ ଭୁଲିଗଲେ ।

Digitized by srujanika@gmail.com

"ମୁଁ ଆସିଲି ମାଁ। ଆପଣ ରାଣୀ, ଆପଣଙ୍କର ହାତ ଯୋଡ଼ିବା ଉଚିତ ନୁହେଁ। ମୁଁ ଆପଣଙ୍କର ପ୍ରଜା, ତେଣୁ, ହାତ ଯୋଡୁଛି।"

"ଆପଣ ତେଣୁ ହେଲେ ମଧ୍ୟ ଗୁରୁଜନମାନଙ୍କର ମିତ୍ର। ହାତ ଯୋଡୁଥିବା କନିଷ୍ଠଙ୍କୁ ଆଶୀର୍ବାଦ ଦେଇ ବସନ୍ତୁ।"

"ତେଣୁ ରାଣୀ ଦେଖାଇଥିବା ସ୍ଥାନରେ ବସିଲେ। ସାମାନ୍ୟ ଦୂରରେ ନିଜ ଆସନରେ ବସୁ ବସୁ ରାଣୀ ସେବିକାକୁ କହିଲେ, "ପୁଚ୍ଛମାଜୀଙ୍କୁ କହ ସେ ଆସି ବାବାଜୀଙ୍କୁ ନମସ୍କାର କରିବ।"

ରାଜକୁମାରୀ ନିଜ କୋଠରୀରେ ଥିଲେ। ମା ଡାକିବାରୁ ବୈଠକକୁ ଆସି 'ନମସ୍କାର କରୁଛି, ବାବା।' କହି ହାତ ଯୋଡ଼ି ନମସ୍କାର କରି ମାଙ୍କ ନିକଟରେ ଆସି ଠିଆ ହେଲେ।"

"ରାଜକୁମାରୀ, ଭଲ ଅଛ ତ, ଭଉଣୀ? ଏଠିକି ଆସ। ତୁମକୁ ଦେଖି ମୋ ଆଖି ଶୀତଳ କରି ନିଏ।"

ରାଣୀଙ୍କୁ ହସ ମାଡ଼ିଲା, କନ୍ୟାକୁ କହିଲେ, "ପୁଚ୍ଛମା ଟିକିଏ ତାଙ୍କ ପାଖକୁ ଯାଅ, ବାବାଜୀ ଭଲ ଭାବେ ତୁମକୁ ଦେଖନ୍ତୁ।" ରାଜକୁମାରୀ ସାମାନ୍ୟ ଲାଜ କରି ବୃଦ୍ଧଙ୍କ ନିକଟରେ ଯାଇ ଠିଆ ହେଲେ।

ଉଭୟା ନିଜ ସମୟର ବଡ଼ ରସିକ ଭାବେ ଧରାଯାଉଥିଲେ ମଧ୍ୟ କେବେହେଲେ ସେ ମର୍ଯ୍ୟାଦାରୁ ବାହାରକୁ ଯିବାର କେହି କହି ନାହାନ୍ତି। ସୁନ୍ଦର ମୁଖ ଦେଖିଲେ ନିଃସଙ୍କୋଚ ଭାବେ ତାର ତାରିଫ କରିବା ତାଙ୍କର ପ୍ରକୃତି ଥିଲା। ତା ସଙ୍ଗେ ସଙ୍ଗେ ସମାଜର କୌଣସି ନିୟମକୁ ଉଲ୍ଲଙ୍ଘନ ନ କରିବା ମଧ୍ୟ ତାଙ୍କର ପ୍ରବୃତ୍ତି ଥିଲା। ସମାଜ କୌଣସି ବିଷୟରେ ବିରୋଧ ନ କଲେ ମଧ୍ୟ ସେ ନିଜ ପାଇଁ ସାମାଜିକ ମର୍ଯ୍ୟାଦାର ଗୋଟିଏ ସୀମା ରଖିଥିଲେ। ଲିଙ୍ଗରାଜ ଯେତେବେଳେ ତାଙ୍କୁ ନିଜର ଗୁପ୍ତ ନିବାସକୁ ନିମନ୍ତ୍ରଣ କରିଥିଲେ ସେତେବେଳେ ସେ କଥା କଥାରେ ନିଜ ଜୀବନର ଦୃଷ୍ଟିକୋଣ ବ୍ୟକ୍ତ କରିଥିଲେ। ଲିଙ୍ଗରାଜ ଓ 'ପାପା' ମଧ୍ୟରେ ପ୍ରେମ ପ୍ରସଙ୍ଗ ଚାଲିଥିବା ସମୟରେ ସେ 'ପାପା'କୁ ପ୍ରଶଂସାପୂର୍ଣ୍ଣ ଦୃଷ୍ଟିରେ ଦେଖିଥିଲେ। ଏହା ଦେଖି ଲିଙ୍ଗରାଜ ତାଙ୍କ କାନରେ କହିଥିଲେ, "ଏହାକୁ କଣ ତୁମ ପାଖକୁ ପଠାଇବି?" ଏହା ସେ ମନ ମଧ୍ୟରୁ କହିଥିଲେ କିମ୍ବା କେବଳ ପରୀକ୍ଷା ନେବା ପାଇଁ କହିଥିଲେ ତାହା ଜଣା ନଥିଲା। କିନ୍ତୁ ଏ ଦୁଇଜଣଙ୍କ ମଧ୍ୟରେ କୃତ୍ରିମତା ବା କପଟତା ନ ଥିଲା। ଉଭୟା ଲିଙ୍ଗରାଜଙ୍କ କଥାକୁ ସତ୍ୟ ବୋଲି ଭାବିଥିଲେ ମଧ୍ୟ ଜଣେ ସ୍ତ୍ରୀକୁ ଦୁଇଜଣ ପୁରୁଷ ବାଣ୍ଟିନେବାଟାକୁ ତାଙ୍କୁ ଭଲ ଲାଗି ନଥିଲା। ମିତ୍ରତାରେ କେବେ କେମିତି ମନକୁ ଉଦାରତା ଆସିଲେ ସେତେବେଳେ ଯେ କୌଣସି ବସ୍ତୁକୁ ତ୍ୟାଗ କରାଯାଇପାରେ କିନ୍ତୁ ସେ ଉଦାରତା ମଳିନ ପଡ଼ିଗଲେ ନିଜର କର୍ମ ଯୋଗୁଁ ମନରେ ପଶ୍ଚାତାପ ଆସେ। ଏହା ଚିନ୍ତା କରି ସେ ଲିଙ୍ଗରାଜଙ୍କୁ କହିଲେ, "ଆପଣଙ୍କ ଉଦାର ପ୍ରକୃତି ପାଇଁ ଏ କାର୍ଯ୍ୟ କଠିନ ନୁହେଁ। କିନ୍ତୁ ମୁଁ ତାହା ମାନି ଆପଣଙ୍କ ସହ ମିତ୍ରତାର ମର୍ଯ୍ୟାଦା ଦେଇ ପାରିବି ନାହିଁ।" ଏହାଙ୍କ ସଂଯମ ଦେଖି ଲିଙ୍ଗରାଜ ଆଶ୍ଚର୍ଯ୍ୟ ହେବା ସଙ୍ଗେ ସଙ୍ଗେ ସନ୍ତୋଷ ମଧ୍ୟ ହେଲେ ଓ "ଆପଣ ଖୁବ ସଂଯମୀ, ତେଣୁ ମହାଶୟ ବୋଲି କହିଲେ। ଏପରି ସଂଯମୀ ହେବା ଯୋଗୁଁ ହିଁ ସେ ନିଃସଙ୍କୋଚ ହୋଇ ରାଜକୁମାରୀଙ୍କୁ ପାଖକୁ ଡାକିଲେ।

Digitized by srujanika@gmail.com

ରାଜକୁମାରୀ ଆସି ସାମନାରେ ଛିଡ଼ା ହେବାରୁ ଉଭୟା ତାଙ୍କୁ ମୁଣ୍ଡରୁ ଗୋଡ଼ ପର୍ଯ୍ୟନ୍ତ ଭଲଭାବେ ନିରୀକ୍ଷଣ କରି କହିଲେ, "ମନେ ହେଉଛି ଯେପରି ସାକ୍ଷାତ୍ କାବେରୀ ମାତା ଆଗରେ ଆସି ଠିଆ ହୋଇଛନ୍ତି। ସୁନା ପ୍ରତିମା ଏ।" ରାଜକୁମାରୀ ସାମାନ୍ୟ ହସି ଲାଜରେ ମାଙ୍କ ନିକଟରେ ଆସି ଛିଡ଼ା ହେଲେ। ରାଣୀ ଉଭୟାଙ୍କୁ କହିଲେ, "ବଡ଼ମାନଙ୍କ ଇଚ୍ଛା ଗୋଟାଏ ପ୍ରକାର। ଜେଜେ ବାପା ଯୁବତୀ ନାତୁଣୀକୁ ଦେଖି ନ ପାରିଲେ ମଧ୍ୟ ତାଙ୍କ ମିତ୍ର ତାଙ୍କ ବଦଳରେ ଦେଖିନେଲେ।"

"ହଁ ରାଣୀମା। ଆଜି ଆପଣଙ୍କ ଶ୍ୱଶୁର ଥିଲେ ଅନେକ କିଛି ସୁଧୁରି ଯାଇଥାଆନ୍ତା।"

"ଭଗବାନଙ୍କର ଇଚ୍ଛା ନଥିଲା, କଣ ବା କରାଯିବ? ବର୍ତ୍ତମାନ ଆପଣଙ୍କ ପରି ଗୁରୁଜନ ଏ ଘରର ମଙ୍ଗଳପ୍ରତି ଧ୍ୟାନ ଦେବା ଆବଶ୍ୟକ।"

"ସେଥିପାଇଁ ମୁଁ ଆସିଛି; ରାଣୀମା। ବଡ଼ ରାଜା ସାହେବ ଦେଇଥିବା ଜାଗିରି, ମହାରାଜ ବନ୍ଦ କରି ଦେଇଛନ୍ତି। ଏହା ହିଁ କହିବାକୁ ଆସିଛି ଯେ ଗ୍ରାମର ଲୋକମାନେ ବିରୋଧ କରିବେ।"

ଏହା କାହାର କାମ କେଜାଣି? ମହାରାଜଙ୍କର ହୋଇ ନ ପାରେ। ଜାଗିରି ବନ୍ଦ ହେବ ନାହିଁ। ପିତା ଦେଇଥିବା ଜାଗିରି କଣ ପୁତ୍ର ବନ୍ଦ କରିପାରେ? ମହାରାଜ କହିଥିଲେ ମଧ୍ୟ ତାହା ପ୍ରକୃତରେ କାର୍ଯ୍ୟକାରୀ କରିବାକୁ କହି ନ ଥିବେ। ଏମିତି କହି ଦେଇଥିବେ।"

"ଠିକ୍ ଅଛି, ରାଣୀମା। ମୁଁ ଭାବିଥିଲି ରାଜମହଲରେ ଆମ ଗୁହାରୀ ଶୁଣିବାକୁ ଆଉ କେହି ନାହାନ୍ତି। କିନ୍ତୁ ଆଜି ଜାଣିଲି ରାଣୀମା ଆମ ପ୍ରତି ଧ୍ୟାନ ଦିଅନ୍ତି। ଆପଣ ଯେମିତି କହୁଛନ୍ତି, ତାହା ହିଁ ହୋଇଥିବ।"

ତାଙ୍କ ସହ କଥା ହେଉଥିବା ସମୟରେ ରାଣୀ କନ୍ୟାଙ୍କୁ ଗିନାରେ ବାବାଙ୍କ ପାଇଁ ଦୁଧ ଆଣିବାକୁ କହିଥିଲେ। ରାଜକୁମାରୀ ଭିତରକୁ ଯାଇ ଥାଳୀରେ ଦୁଧଗିନା ରଖି ନିଜେ ନେଇ କରି ଆସିଲେ। ତାଙ୍କ ପଛେ ପଛେ ଜଣେ ଦାସୀ ଥାଳୀରେ ପାନ-ଗୁଆ, ଅଙ୍ଗୁର, ଖଜୁର ଆଦି ଅତର ଛିଞ୍ଚି ଆଣିଲା। ରାଜକୁମାରୀ ଦେଇଥିବା ଗିନା ନେଇ ତଲ୍ଲ 'ଗୋଟିଏ ଗିନାରେ କଣ ଦୁଇ ପ୍ରକାର ତେଲ ରହିପାରେ? ମା ଯେପରି କନ୍ୟା ସେପରି' କହି ଦୁଧ ପିଇ ଗିନାକୁ ପୁଣି ଥାଳୀରେ ରଖିଦେଲେ।

ପରେ ସେବିକା ଆଣିଥିବା ଥାଳୀରୁ ପାନ-ଗୁଆ, ଅଙ୍ଗୁର, ଖଜୁର ଆଦି ନେଇ 'ମତେ ବିଦାୟ ଦିଅନ୍ତୁ, ରାଣୀମା" କହି ଉଠି ଠିଆ ହେଲେ। ରାଣୀ ହାତ ଯୋଡ଼ି ନମସ୍କାର କରି କହିଲେ "ଶ୍ୱଶୁର ତ ଚାଲିଗଲେ କିନ୍ତୁ ତାଙ୍କ ସ୍ଥାନରେ ଆପଣ ଅଛନ୍ତି। ପିଲାମାନଙ୍କୁ ନିଜର ଭାବି ବଡ଼ମାନଙ୍କ ଦୃଷ୍ଟିରେ ଦେଖୁଥିବେ। ଏଥର ଆସନ୍ତୁ ବାବା।"

ରାଜକୁମାରୀ ମଧ୍ୟ ନମସ୍କାର କଲେ। ସେ ଯେ ତାଙ୍କ ଆଡ଼କୁ ଖୁବ୍ ଧ୍ୟାନର ସହ ଦେଖୁଛନ୍ତି ତାହା ବୃଦ୍ଧ ପ୍ରଥମରୁ ଜାଣି ପାରିଥିଲେ। ବର୍ତ୍ତମାନ ପୁଣି ଦେଖିବାରୁ ସେ ଜାଣିଲେ ଯେ ରାଜକୁମାରୀଙ୍କ ଧ୍ୟାନ ତାଙ୍କ ନିଶ ଆଡ଼କୁ ରହିଛି। "ଏ ନିଶ ମୁଁ ବାଘକୁ ମାରି ରଖିଛି ଝିଅ। ଆଜିକାଲିକା ଲୋକଙ୍କ ପରି ବିନା କାରଣରେ ନୁହେଁ।" କହି ହସି ଉଠିଲେ।

ରାଜକୁମାରୀ ମଧ୍ୟ ହସିଲେ। ବୃଦ୍ଧଙ୍କ ଅହଙ୍କାର ଦେଖି ରାଣୀଙ୍କୁ ମଧ୍ୟ ହସ ମାଡ଼ିଲା। ଉଭୟା ତଲ୍ଲ ପୁଣି ରାଣୀଙ୍କୁ ନମସ୍କାର କରି ବୈଠକରୁ ବାହାରକୁ ଆସିଲେ।

Digitized by srujanika@gmail.com

ଭଉୟା ତଙ୍କ କୋଠରୀରୁ ବାହାରକୁ ଯିବାର କିଛି ସମୟ ପରେ ରାଜା "ଏ ଲେଙ୍ଗଡ଼ା, ବାହାରେ ଠିଆ ହୋଇଛୁ ନାଁ କଣ" କହି ବସବକୁ ଡାକିଲେ। ବସବ ସେହିଠାରେ ରହି "ଏଇଠି ଅଛି ମଣିମା" ବୋଲି କହିଲା।

ରାଜା: " ଏଥରର ଅସୁସ୍ଥତା ପରେ କେବେ କେମିତି ମୁଣ୍ଡ ବୁଲେଇଲା ପରି ଜଣାଯାଏ। ଆଜି ମଧ୍ୟ ସେହିପରି ହେଉଛି।"

ବସବ: 'ହଁ ମାଲିକ, ବର୍ତ୍ତମାନ ସୁଦ୍ଧା ଆପଣଙ୍କ ଶରୀର ପୂରା ସୁସ୍ଥ ହୋଇ ନାହିଁ ତଥା ପୂର୍ବର ବଳ ଫେରି ଆସିନାହିଁ।"

ରାଜା: "ଶରୀର ଠିକ୍ ନାହିଁ? ସେ ଚାକିରିଖୋର ବୁଢ଼ାର କଥା ଶୁଣିଲୁ?

ବସବ: "ପିତାଙ୍କ ବନ୍ଧୁ ହୋଇଥିବାରୁ ଟିକିଏ ସାହସର କଥା କହୁଛି।"

ରାଜା:"ଆରେ! ତାର ସାହସ ଦେଖିଲୁ! ବୁଢ଼ା କହୁଛି ତା ଦ୍ୱାରା ଯେଉଁ କାମ ହୋଇପାରିବ ତାହା ଅନ୍ୟମାନଙ୍କ ଦ୍ୱାରା ହୋଇପାରିବ ନାହିଁ। ତାର ଚର୍ବି ଟିକିଏ କମେଇବାକୁ ପଡ଼ିବ।"

ବସବ: "ଭଲ କଥା, ମଣିମା।"

ରାଜା: "ତେବେ ସୁଦ୍ଧା ସେ ଯେତେବେଳେ କଥା କହୁଥିଲା ମୋର ପିତା ସାମନାରେ ଥିବା ପରି ମନେ ହେଉଥିଲା।"

ବସବ: "ଏହା ହେବା ସ୍ୱାଭାବିକ ମଣିମା।"

ରାଜା: " ସେ କିଛି କରି ତ ପାରିବ ନାହିଁ। କିନ୍ତୁ ସେ ଯେହେତୁ ପିତାଙ୍କ ବନ୍ଧୁ ତା ସହ ଝଗଡ଼ା ଠିକ୍ ନୁହେଁ।"

ବସବ: "ଆଜ୍ଞା ମହାରାଜ।"

ରାଜା: "ତାଙ୍କର ସମ୍ପର୍କୀୟ କୌଣସି ଝିଅକୁ ପଠାଇବାପାଇଁ କହିବାର ନ ଥିଲା।"

ବସବ: "ହୁକୁମ ପଠାଇବା ପରେ ସେ ବିଷୟ ଜଣାଗଲା। କିଏ କାହାର ସମ୍ପର୍କୀୟ ଜାଣିବା କଷ୍ଟକର।"

ରାଜା: "ମୁଁ ଚାକିରି ବନ୍ଦ କରିବାକୁ କହୁ କହୁ ତୁ ବନ୍ଦ କରି ଦେଲୁ।"

ବସବ: "ହଁ, ମାଲିକ।"

ରାଜା: "ଛାଡ଼, ମୁଁ କହିଲି ବୋଲି ତୁ କଲୁ। କିନ୍ତୁ ଚାକିରି ବନ୍ଦ କରିବା ଠିକ୍ ହେଲା ନାହିଁ।"

ବସବ: "ହଁ ଆଜ୍ଞା।"

ରାଜା: "ତାର ସାହସ ବଢ଼ି ଯାଇଛି, ତାକୁ ଠିକ୍ କର। ଚାକିରି ପୁଣି ଚାଲୁ କରାଯାଇଛି ବୋଲି ତାକୁ କହିଦେ। ମରୁ ସେ କଟାସଟା।"

Digitized by srujanika@gmail.com

ବସବ: "ଠିକ୍ ଅଛି, ମାଲିକ।"

ରାଜା: "କାଲିର ଓ ଆଜିର ସବୁ କଥା ମିଶିଗଲା। ତମ ମୁଣ୍ଡ ବୁଲାଉଛି। ବୋତଲ ଏଠିକି ଆଣ ତ ଲେଙ୍ଗଡ଼ା।"

ବସବ ରାଜାଙ୍କ ହାତରେ ବୋତଲ ଦେଲା। ଉତ୍ତୟାର କଥା କହିବାର ଢଙ୍ଗ ଦେଖି ତାକୁ ଆଶ୍ଚର୍ଯ୍ୟ ଲାଗୁଥିଲା। ପ୍ରତ୍ୟକ୍ଷ ରୂପେ ତା ସହ ଶତ୍ରୁତା କରିବା ଠିକ୍ ହେବ ନାହିଁ। ଭାରି ଜିଦ୍‌ଖୋର ସେ। ପରୋକ୍ଷଭାବେ ତାକୁ ଶାସ୍ତି ଦେବାକୁ ପଡ଼ିବ। ଗୋରାମାନେ ଆସିବାର ଅଛି। ସେତେବେଳେ ଏହାର ଆମ ତରଫରେ ରହିବା ଆବଶ୍ୟକ। ଏହା ଭାବି କିଛି ସମୟ ପରେ ରାଜାଙ୍କୁ ପଚାରିଲା, "ତକ୍କଙ୍କୁ ଏ କଥା ବର୍ତ୍ତମାନ ଜଣାଇଦେବି ମାଲିକ?"

ରାଜା: "ହଁ, ଜଣାଇଦିଅ।

ରାଣୀଙ୍କୁ ଦେଖା କରି ବାହାରକୁ ଆସିବାପରେ ବସବ ତକ୍କକୁ ଭେଟି କହିଲା, "ମହାରାଜ ପୁଣି ଆପଣଙ୍କ ଚାକିରି ଦେବାକୁ ରାଜି ହୋଇଛନ୍ତି।" ତକ୍କ ଶୁଣି ଖୁବ୍ ଖୁସୀ ହୋଇ କହିଲେ, "ଏପରି ଆଜ୍ଞା ଦେଇଛନ୍ତି ତ ମହାରାଜଙ୍କୁ ମୋର ନମସ୍କାର କହି ଦେବ।"

ଏ କଥା ରାଣୀଙ୍କ କାନରେ ପଡ଼ିବାରୁ ତାଙ୍କୁ ମଧ୍ୟ ଶାନ୍ତି ମିଳିଲା।

71

ମହଲରୁ ଫେରି ଉତ୍ତୟା ତକ୍କ ସବୁ କଥା କହିବାରୁ ଲକ୍ଷ୍ମୀନାରାୟଣ କହିଲେ, "ଏ ପ୍ରସଙ୍ଗ ଭଲରେ ସମାଧାନ ହୋଇଗଲା।"

ବୋପଣ୍ଣା କହିଲେ: " ତା ତ ହେଲା, କିନ୍ତୁ ଭବିଷ୍ୟତରେ ତାଙ୍କର ଆମ ଝିଅମାନଙ୍କୁ ହଇରାଣ କରିବା ଉଚିତ ନୁହେଁ।"

ଉତ୍ତୟା: "ସେ କଥା ଛାଡ଼ନ୍ତୁ। ନିକଟରୁ କେବେ ଦେଖି ନ ଥିଲି। କିନ୍ତୁ ବର୍ତ୍ତମାନ ଜଣାଗଲା ଯେ ସ୍ତ୍ରୀମାନଙ୍କ ସହ ସେ କିଛି କରି ପାରିବ ନାହିଁ। ଯିଏ ଆସିବ ସେ ସେହିପରି ଅକ୍ଷତ ଅବସ୍ଥାରେ ଫେରିବ।"

ବୋପଣ୍ଣା: "ମୁଁ ମଧ୍ୟ ତାହା ହିଁ ଭାବିଥିଲି। ତାକୁ ଚାହୁଁଥିବା ଅନେକ ସ୍ତ୍ରୀଲୋକ ଅଛନ୍ତି କିନ୍ତୁ ତଥାପି ସେ ପାଣେର ଝିଅକୁ ଉଠାଇ ଅଣେଇଲା।"

ଉତ୍ତୟା: "ହୁଏତ ଏହା ତାର ପାଗଳାମି ହୋଇଥିବ ନଚେତ୍ ବସବର କାରସାଦି।"

ବୋପଣ୍ଣା: "ତା ମଧ୍ୟ ହୋଇପାରେ ତକ୍କ ମହାଶୟ। ରାଜାଙ୍କ ସହ ସମ୍ପର୍କ ବଢ଼ାଇ ବଡ଼ ହେବାକୁ ତ ଅନେକେ ଇଚ୍ଛା କରୁଥିବେ କିନ୍ତୁ ବସବ ସହ ସମ୍ପର୍କ ରଖି ବଡ଼ ହେବାକୁ ଚାହୁଁଥିବା ଲୋକ ମଧ୍ୟ ଏ ସଂସାରରେ ଅଛନ୍ତି।"

ଉତ୍ତୟା: "ଲୋକଙ୍କ କଥା ଛାଡ଼ନ୍ତୁ। ତା'ର କୌଣସି ମୂଲ୍ୟ ନାହିଁ। ଏ ଦୁଇଜଣ ଯାହା କଲେ ମଧ୍ୟ ରାଣୀ ମାଁ ସେଥିରୁ ରକ୍ଷା କରୁଛନ୍ତି। ଲେଙ୍ଗଡ଼ା କହିବା ପୂର୍ବରୁ ମୋର ଚାକିରି ଚାଲୁ ରହିବ ବୋଲି ସେ କହି ସାରିଥିଲେ। ସେ ଯେତେବେଳେ ସାମନାକୁ ଆସନ୍ତି ମୋର ମନେ ହୁଏ ଯେପରି ସାକ୍ଷାତ କାବେରୀ ମା' ଆସି ଠିଆ ହୋଇଛନ୍ତି।"

Digitized by srujanika@gmail.com

ବୋପଣ୍ଣା: "ଆପଣଙ୍କ ଚକ୍ଷୁ ହିଁ ସେହିପରି। ସୁନ୍ଦରୀ ସ୍ତ୍ରୀ ବ୍ୟତୀତ ଆପଣ ଆଉ କିଛି ଦେଖି ପାରନ୍ତି ନାହିଁ।

"ଛାଡ଼ନ୍ତୁ। ବାର୍ଦ୍ଧକ୍ୟକୁ ଦେଖି ଯୌବନ କଣ ନ ହସି ରହିପାରିବ? ସେହିପରି ବଡ଼କୁ ଦେଖି ଛୋଟ ହସେ।"

ସେହିଠାରେ ତାଙ୍କର କଥା ଅଟକି ଗଲା। ବୋପଣ୍ଣା ଲକ୍ଷ୍ମୀନାରାୟଣଙ୍କୁ କହିଲେ, "ପଣ୍ଡିତ ମହାଶୟ ବର୍ତ୍ତମାନ ଆପଣ ଯାଇ ପାଣେ ବିଷୟରେ ଖବର ନିଅନ୍ତୁ।"

ଲକ୍ଷ୍ମୀନାରାୟଣୟା କହିଲେ, "ଜାଗିରି ବିଷୟରେ କଥା ହୋଇ ମହାରାଜ ବର୍ତ୍ତମାନ କ୍ଲାନ୍ତ ହୋଇ ପଡ଼ିଥିବେ। କାଲି କଥା ହେଲେ ଠିକ୍ ହେବ।"

ବୋପଣ୍ଣା: "ଆପଣ କ୍ଲାନ୍ତ ହୋଇଯାଇଛନ୍ତି ତ କାଲି ଦେଖାଯିବ କାଲି ନ ହେଲେ ପଅରିଦିନ ସାକ୍ଷାତ କରାଯାଇପାରେ। ମୋ ପାଇଁ ତ ସମସ୍ତେ ସମାନ। କିନ୍ତୁ ଯନ୍ତାରେ ପଡ଼ିଥିବା ମୂଷା କଥା ଭିନ୍ନ। ତାକୁ ଏ ବିରାଡ଼ିମାନଙ୍କଠାରୁ ବଞ୍ଚାଇବାକୁ ପଡ଼ିବ।"

ଲକ୍ଷ୍ମୀନାରାୟଣଙ୍କର ଏ କାମରେ ରୁଚି ନ ଥିଲା। ତାଙ୍କ ଇଚ୍ଛା ଥିଲା ଯେ ଆଉ ଗୋଟିଏ ଦିନ ବିତିଗଲେ ଭଲ। କିନ୍ତୁ ବିପଦରେ ପଡ଼ିଥିବା ସ୍ତ୍ରୀ ଉପରେ ଯେ ତାଙ୍କର ଦୟା ନ ଥିଲା ତା ନୁହେଁ, ଦୟା ସଙ୍ଗେ ସଙ୍ଗେ ତାକୁ ମୁକ୍ତି ଦେବାର ଇଚ୍ଛା ମଧ୍ୟ ଥିଲା, କିନ୍ତୁ ମହାରାଜଙ୍କ ସହ ଚର୍ଚ୍ଚା କରିବା ସମୟରେ ଏହା କି ରୂପ ଧାରଣ କରିବ ତାର ଭୟ ମଧ୍ୟ ଥିଲା। ସେ କହିଲେ, "ଆଜି ଯାଇ ତାଙ୍କ ସହ ସାକ୍ଷାତ କରୁଛି।"

72

ସେହିଦିନ ସନ୍ଧ୍ୟାରେ ଲକ୍ଷ୍ମୀନାରାୟଣୟା ଅନ୍ୟମନସ୍କ ଭାବେ ରାଜମହଲ ଯାଇ ନିଜେ ଆସିଥିବାର ସୂଚନା ଦେଲେ। ବୀରରାଜ ବେଶୀ ମଦ୍ୟପାନ କରି ଶୋଇ ରହିଥିଲେ ଓ ବସବ ତାଙ୍କ ନିକଟରେ ଥିଲା। ସେ କହିଲା, "କି କଥା ଅଛି ବୋଲି ମହାରାଜ ପଚାରୁଛନ୍ତି।"

ଲକ୍ଷ୍ମୀନାରାୟଣଙ୍କର ତାକୁ କିଛି କହିବାର ଇଚ୍ଛା ନ ଥିଲା। ସେ ସିଧା ରାଜାଙ୍କ ସହ କଥା ହେବାକୁ ଚାହୁଁଥିଲେ। ସେଥିଯୋଗୁ ସେ କହିଲେ, "ବର୍ତ୍ତମାନ ଦେଖା ହେଲେ ତ ଭଲ ନଚେତ୍ କାଲି ଆସିବି।" ମନ୍ତ୍ରୀ ତା ସହ କିଛି ଚର୍ଚ୍ଚା କରିବାକୁ ଚାହୁଁ ନାହାନ୍ତି ବୋଲି ବସବ ଜାଣି ପାରିଲା। ଏପରି ସୂକ୍ଷ୍ମ କଥା ବୁଝିବାରେ ସେ କାହାରିଠାରୁ କମ ନଥିଲା। ତେଣୁ କହିଲା, "ପଚାରି କହୁଛି ପଣ୍ଡିତ ମହାଶୟ" ପୁଣି ଭିତରକୁ ଯାଇ ଦୁଇ ମିନିଟ ପରେ ଫେରି ଆସି କହିଲା, "ଆପଣ କହୁଥିଲେ ଯେ କାଲି ଆସିଲେ ଭଲ ହେବ, ମହାରାଜା କାଲି ସାକ୍ଷାତ କରିବାକୁ ଆଜ୍ଞା ଦେଇଛନ୍ତି।" ଲକ୍ଷ୍ମୀନାରାୟଣ ଫେରି ଆସିଲେ।

ଲକ୍ଷ୍ମୀନାରାୟଣଙ୍କ ମାତା ସବିତ୍ରମ୍ମା ଏ ବିଷୟରେ ପଚରା ପଚରି କରୁଥିଲେ। ସନ୍ଧ୍ୟାବେଳେ ପୁଅ ରାଜାଙ୍କୁ ଭେଟିବାକୁ ଯିବାବେଳେ ସେ କହିଲେ, "ଭଗବାନ ରାଜାଙ୍କୁ ସୁବୁଦ୍ଧି ଦିଅନ୍ତୁ ଓ ସମସ୍ତଙ୍କୁ ରକ୍ଷା କରନ୍ତୁ।" ପୁଅ ଫେରି ଆସିବାର ଦେଖି ସେ ରାଜାଙ୍କୁ ଭେଟିନାହିଁ

Digitized by srujanika@gmail.com

ବୋଲି ତାଙ୍କର ମନେ ହେଲା। ଲକ୍ଷ୍ମୀନାରାୟଣ ଘରେ ପାଦ ରଖୁ ରଖୁ ସେ ପଚାରିଲେ, "ପୁଚ୍ଛାମ୍ମା କୁମାର ସହ ଦେଖା ହୋଇପାରିଲା ନାହିଁ ପୁଅ ?" ସେ ଉତ୍ତର ଦେଲେ, "ନାହିଁ ମା, କାଲି ଆସିବାକୁ ବସବ ହାତରେ କହି ପଠେଇଲେ।" "କାଲି ପର୍ଯ୍ୟନ୍ତ ପ୍ରତୀକ୍ଷା କରାଯାଇ ପାରିବ ନାହିଁ। ଜରୁରୀ କାମ ବୋଲି କହିବାର ଥିଲା।"

"ମୁଁ ଯେ କୌଣସି କାମ ପାଇଁ ଗଲେ ମଧ୍ୟ ତାହା ଜରୁରୀ ହୋଇଥାଏ। ଆଜି ଯେଉଁ କାମ ପାଇଁ ଯାଇଥିଲି ତାହା ଜରୁରୀ ଥିଲା। କାଲି ଆଉ କିଛି ଜରୁରୀ କାମ ଥିବ। ତାଙ୍କର କାହାରି ଆବଶ୍ୟକତା ନାହିଁ। କାଲି ଆସିବାକୁ କହିଛନ୍ତି। ଜରୁରୀ କହିଥିଲେ ସେ ପଅରିଦିନ ଆସିବାକୁ କହି ପାରିଥାନ୍ତେ।"

"ତାଙ୍କ କଥାକୁ ଧରି ତୁମେ ତ ଫେରି ଆସିଲ, କିନ୍ତୁ ସେ ଝିଅର କଣ ହେବ ?"

"ଦିନକର କଥା ତ ମା।"

"ତୁମର କଥା ହେବା ପାଇଁ ଦିନେ ଦରକାର। କିନ୍ତୁ ତାକୁ ଯେ ଧରି ଆଣିବାର ଦଶଦିନ ହୋଇଗଲାଣି। ଦଶ ଦିନ ହେଲା ଯେଉଁ କଷ୍ଟ ସେ ସହିଲାଣି ତାକୁ କଣ ଆଉ ଦିନେ ସହିବାକୁ କହିବା ? ମୋତେ ବା ତୋର ପତ୍ନୀକୁ କିଏ ଧରି ନେଇଗଲେ କଣ ଏମିତି କହିବୁ ?"

"ଈଶ୍ୱରଙ୍କର ଦୟାରୁ ସେ ପର୍ଯ୍ୟନ୍ତ କଥା ଯାଇନାହିଁ। ଏପରି ହେଲେ ମଧ୍ୟ ଏ ଦେଶର ଭାଗ୍ୟ କଣ ହେବ ?"

"ପୁଅ, ଜନତାର ସେବକକୁ ସାମାନ୍ୟ ମଜବୁତ ହେବାକୁ ପଡ଼ିବ। ମାଛମାନେ ଗଭୀର ଜଳକୁ ଭୟ କଲେ କେମିତି କାମ ଚାଲିବ ? ତୁମ ପିତା ଏମିତି ଛାଡ଼ି ଦେଉ ନ ଥିଲେ। ବର୍ତ୍ତମାନ କଣ କରାଯିବ ? ମୁଁ ପୁଚ୍ଛାମ୍ମାକୁମାରଙ୍କୁ ଯାଇ ପଚାରିବି।"

"ତୁମେ ତ ତାଙ୍କୁ ଖୁବ୍ ସ୍ନେହରେ ପୁଚ୍ଛାମ୍ମା କୁମାର କହୁଛ ମାଁ। ଭେଟିବାକୁ ଚାହୁଁଛ ତ ଯାଅ। ସେଥିରେ ଦୋଷ କଣ ? କିନ୍ତୁ ତୁମେ ଯେପରି ତାଙ୍କୁ ପୁଚ୍ଛାମ୍ମା କୁମାର କହୁଛ ସେ ମଧ୍ୟ ତୁମକୁ ସାତମ୍ମା ସାନ୍ତାଣୀ କହିବା ଉଚିତ ନାଁ ?

"ନ ଡାକିଲେ କହିବି ? ନ ଡାକିଲେ ମଧ୍ୟ ମୁଁ କଣ ତାଙ୍କୁ ଛାଡ଼ିଦେବି ? ମୁଁ ତ ତାଙ୍କ ସେବିକା ନୁହେଁ ଯେ କାଲି ଚାକିରୀରୁ ତଡ଼ିଦେବେ ? ମନ୍ତ୍ରୀର ମା ନିଜ ପୁଅର କଥା ନ ମାନି ରାଜାଙ୍କ ସାକ୍ଷାତ ପାଇଁ ଯିବ। ମୋର କଣ କରିବେ ? ମୁଁ ଯାଇ ଭେଟିବି।"

ଏତିକି କହି ସବିତ୍ରମ୍ମା ଭିତରେ ବୋହୂକୁ କହି ରାଜମହଲ ଗଲେ।

Digitized by srujanika@gmail.com

ରାଜମହଲରେ ସବିତ୍ରମ୍ମା ରାଣୀଙ୍କୁ ଭେଟି ସବୁ ବିଷୟ ବୁଝାଇ କହିଲେ, "ମହାରାଜଙ୍କୁ ଗୋଟିଏ କଥା ପଚାରିବାର ଅଛି, ଆପଣ ମଧ୍ୟ ସାଙ୍ଗରେ ଚାଲନ୍ତୁ।"

ଗୌରମ୍ମାଜୀ କହିଲେ, "ଆପଣ ମହାରାଜଙ୍କୁ ଭେଟିବାକୁ ଯାଉଛନ୍ତି, ମୋର ସାଙ୍ଗରେ ଯିବା କି ଦରକାର? ନାନୀ, ଆପଣ ମହାରାଜଙ୍କ ପୁତ୍ରଙ୍କୁ ବାଲ୍ୟକାଳରେ ନିଜ ହାତରେ ଖୁଆଇଛନ୍ତି। ଏଥିରେ କାହାର ଦୟା କରିବାର କଣ ଅଛି?"

"ସେଥିରେ କିଛି ନାହିଁ, ତା ସତ। କିନ୍ତୁ ବ୍ରାହ୍ମଣ ସାହୀରୁ ସିଧା ରାଜନିବାସକୁ ଯିବା କଣ ଠିକ୍ ହେବ? ଅନ୍ତତଃ ପକ୍ଷେ ପୁଟମ୍ମାଜେମା ମୋ ସାଙ୍ଗରେ ଆସି ସାତମ୍ମା ନାନୀ ଆସିଛି ବୋଲି କୁହନ୍ତୁ।"

ରାଣୀ କନ୍ୟାକୁ ଡାକି କହିଲେ, "ପୁଟମ୍ମାଜେମା ସାତମ୍ମା ନାନୀ ଆସିଛନ୍ତି, ତୁମ ପିତାଙ୍କ ସହ ସାକ୍ଷାତ କରିବାକୁ ଚାହୁଁଛନ୍ତି। ତାଙ୍କୁ ସାଙ୍ଗରେ ନେଇଯାଅ।"

ରାଜକୁମାରୀ ଆସି ତାଙ୍କ ହାତ ଧରି ରାଜାଙ୍କ ନିବାସକୁ ନେଇଗଲେ। ବୃଦ୍ଧାଙ୍କୁ ଦ୍ୱାର ନିକଟରେ ଠିଆ କରାଇ ଭିତରକୁ ଯାଇ ପିତାଙ୍କୁ କହିଲେ, "ବାପା, ସାତମ୍ମା ନାନୀ ଆପଣଙ୍କ ସହ ସାକ୍ଷାତ କରିବାକୁ ଚାହୁଁଛନ୍ତି।"

ବୀରରାଜ ଯେ କୌଣସି ଅବସ୍ଥାରେ ଥିଲେ ମଧ୍ୟ କନ୍ୟାର କଥା ତାଙ୍କୁ ଅମୃତ-ବାଣୀ ସଦୃଶ ଲାଗେ। ତାଛଡ଼ା ସେତେବେଳକୁ ତାଙ୍କ ନିଶା କମି ଯାଇଥିଲା। "କାହିଁକି ସାକ୍ଷାତ କରିବାକୁ ଆସିଛନ୍ତି" ବୋଲି ରାଜାଙ୍କ ମୁହଁରୁ ଶୁଣିବା ମାତ୍ରେ ବୃଦ୍ଧା କୋଠରୀ ମଧ୍ୟକୁ ଆସି, "କିଛି ବଡ଼ କଥା ନୁହେଁ, ଛୋଟ କଥାଟିଏ ଥିଲା ପୁଟମ୍ମା କୁମାର। ସେତିକି କହି ଆପଣଙ୍କ ଅନୁମତି ନେଇ ଚାଲିଯିବି।" କହି ରାଜାଙ୍କ ନିକଟରେ ଯାଇ ଛିଡ଼ା ହେଲେ।

"କି ଛୋଟ କଥା?"

"ତୁମେ ମାଙ୍କ ନିକଟକୁ ଯାଅ ମୁଁ ସଙ୍ଗେ ସଙ୍ଗେ ଆସୁଛି" କହି ବୃଦ୍ଧା ରାଜକୁମାରୀଙ୍କୁ ବାହାରକୁ ପଠାଇଦେଲା। ତାପରେ ବୀରରାଜଙ୍କୁ ଧୀର ସ୍ୱରରେ କହିଲା, "ଛୋଟପିଲା, ତାଙ୍କ କାନରେ ଏହା ପଡ଼ିବା ଉଚିତ ନୁହେଁ ବୋଲି ପଠେଇ ଦେଲି।"

ବୀରରାଜ: "ତେବେ ସ୍ତ୍ରୀ ସମ୍ବନ୍ଧୀୟ କଥା ବୋଲି ମନେ ହେଉଛି?

"ସ୍ତ୍ରୀଲୋକଙ୍କ ପ୍ରସଙ୍ଗ ବୋଲି ତ ମୁଁ ଆସିଛି ରାଜକୁମାର। ପୁରୁଷର କଥା ହୋଇଥିଲେ ପୁରୁଷ ହିଁ ଆସିଥାନ୍ତା।"

"ସବୁବେଳେ ସେପରି ହୁଏ ନାହିଁ ନାନୀ। ନାରୀ ପୁରୁଷର କଥା ପାଇଁ ଓ ପୁରୁଷ ନାରୀର କଥା ପାଇଁ ଆସିବାର ପ୍ରଥା ମଧ୍ୟ ଅଛି।" ଏହା ତାଙ୍କର ପରିହାସ ଥିଲା। ରାଜା ସ୍ୱୟଂ ନିଜ କଥାରେ ନିଜେ ହସି ଉଠିଲେ। ଝିଅ ହୋଇଥିଲେ ପରିହାସ ବୁଝିଥାନ୍ତା। ବୃଦ୍ଧା ବା କଣ ବୁଝିବ? ତୁମେ ଯେତେବେଳେ ରାଜାଙ୍କ ଘରେ ଜନ୍ମନେଇଥିଲ ସେତେବେଳେ

Digitized by srujanika@gmail.com

ମୁଁ ହିଁ ସର୍ବ ପ୍ରଥମେ ତୁମକୁ କୋଳକୁ ନେଇଥିଲି। ବର୍ତ୍ତମାନ ଗୋଟିଏ ସ୍ତ୍ରୀ ପାଇଁ ଆସିଛି। ତୁମକୁ ମୋ କଥା ମାନିବାକୁ ପଡ଼ିବ।''

''କେଉଁ ସ୍ତ୍ରୀ ଲୋକ ?''

''ପାଣେଙ୍କ ଝିଅ ମୋର ସମ୍ପର୍କୀୟ। ତାକୁ ଅଣାଯାଇ ଦାସୀ ଗୃହରେ ରଖାଯାଇଛି। ତା'ର ପତି ଆସି କାନ୍ଦି ତାକୁ ମୁକ୍ତ କରେଇବାକୁ ଅନୁରୋଧ କରିବାରୁ ପୁଟମ୍ମା କୁମାରଙ୍କୁ କହି ମୁକ୍ତ କରେଇଦେବି ବୋଲି ତାକୁ ମୁଁ କଥା ଦେଇ ଆସିଛି। ପୁଅ, ବୃଦ୍ଧାର କଥା ରଖି ତାକୁ ଛାଡ଼ି ଦିଅ।''

''ପାଣେଙ୍କ କନ୍ୟା କଥା ମତେ ଜଣାନାହିଁ, ପଚାରୀ ବୁଝି କାଲି କହିବି ନାନୀ।''

''ଆଉ ପଚରା ପଚରି କାରିବାର ସମୟ ନାହିଁ ପୁଟମ୍ମାଜୀ। ବର୍ତ୍ତମାନ ବସବନ୍ନୁ ଡାକି କୁହ ଯେ ଯଦି ସେ ଝିଅ ଥାଏ ତେବେ ସାତମ୍ମାଜୀ ସାଙ୍ଗରେ ପଠାଇ ଦେଉ। ଗୋଟିଏ ଝିଅ ଛାଡ଼ିଲେ ଆଉ ତିନିଜଣ ଆସିବେ। କାହା ସଂସାର ନଷ୍ଟ କରି କ'ଣ ମିଳିବ? ଭୃତ୍ୟମାନଙ୍କର ଟିକିଏ ହେଲେ ଅକଲ ନାହିଁ।''

''ତେବେ ଆପଣ ମୋ ମୁଣ୍ଡ ଉପରେ ବସି କାମ କରାଇବାକୁ ଚାହୁଁଛନ୍ତି।''

''ଏହା କେବେହେଲେ ସମ୍ଭବ କୁମାର? ଯେତେହେଲେ ତୁମେ ହେଲ ରାଜା। ପୁଟମ୍ମା କୁମାର ମୋ ନିଜର ହୋଇପାରନ୍ତି କିନ୍ତୁ ରାଜା କଥା ଭିନ୍ନ। ଏହା ତୁମକୁ କୋଳରେ ଧରିଥିବା ବୃଦ୍ଧାର ବିନତି। ରାଜାଙ୍କୁ କଥା ରଖିବାକୁ ପଡ଼ିବ। ବୃଦ୍ଧାର କଥା ମାନି ଆଜି ତାକୁ ବଞ୍ଚେଇଲେ କାଲି ଭଗବାନ୍ ଆପଣଙ୍କ କନ୍ୟାକୁ ରକ୍ଷା କରିବେ। ସମସ୍ତଙ୍କ କନ୍ୟା ଏକ। ନିଜର କ'ଣ, ପର କ'ଣ? କାଲି ପୁଟମ୍ମାଜେମାଙ୍କୁ ଭଗବାନ କୌଣସି ଦୁଃଖ ନ ଦିଅନ୍ତୁ।''

ବୀରରାଜ ଜାଣିପାରୁଥିଲେ ଯେ ବୃଦ୍ଧା ତାଙ୍କ କନ୍ୟା ପ୍ରସଙ୍ଗ କୌଣସି ବିଶେଷ ଉଦ୍ଦେଶ୍ୟରେ ଉଠାଉଛି। କିନ୍ତୁ ତା ସଙ୍ଗେସଙ୍ଗେ କନ୍ୟା ସୁଖୀ ହେବା ଉଚିତ ବୋଲି ଭାବି ତାଙ୍କ ମନ ସାମାନ୍ୟ ତରଳି ଗଲା। ସେ, ''ଆରେ ବସବ ଏଠି ଅଛୁ? କ'ଣ ଏ ବୁଢ଼ିକୁ ମୋ ଉପରେ ଛାଡ଼ିଦେଲୁ। ଏଠିକି ଆ ତ!'' କହି ବସବକୁ ଡାକିଲା।

ଏମାନଙ୍କ କଥାବାର୍ତ୍ତା ବସବ ବାହାରେ ଠିଆ ହୋଇ ଶୁଣୁଥିଲା। ରାଜା ଡାକିବାରୁ ''ଆସୁଛି ମଣିମା'' କହି ଭିତରକୁ ଆସିଲା।

ବୀରରାଜ କହିଲେ, ''ସେ ପାଣେର ଝିଅ କିଏ? ସେ କ'ଣ ବ୍ରାହ୍ମଣ? ଏ ବୁଢ଼ି ମୋ ପ୍ରାଣ ଖାଇ ଯାଉଛି। ତାକୁ କିଛି କହି ବିଦା କର।''

''ବିଦା କରିଦେଲେ କିଛି କ୍ଷତି ନାହିଁ। ଝିଅକୁ ଫେରେଇ ଦିଅ। ତା'ପରେ ମୋ ମୁହଁରେ ଛେପ ପକାଇଲେ ମଧ ଦୋଷ ଦେବି ନାହିଁ। ଯେଉଁଦିନ ତୁମ ମା ତୁମ ଛୋଟ ଭଉଣୀକୁ ଜନ୍ମ ଦେଇଥିଲେ ସେ ଦିନ ମୁଁ ତୁମକୁ କୋଳର ଧରି ବାହାରେ ଶୋଇଥିଲି। ନିଦ ଭାଙ୍ଗିବାରୁ ଦେଖିଲି ଯେ ରାଜାପୁଅ ମୋ କାନରେ ମୁତୁଛି। ସେତେବେଳେ ପରିଶ୍ରା ଓ ବର୍ତ୍ତମାନର ଛେପ ମଧ୍ୟରେ କିଛି ଫରକ୍ ନାହିଁ। ମୋ କାମ କରିଦେଲେ ତୁମ ସନ୍ତାନ ସୁଖୀ ହେବାକୁ ଆଶୀର୍ବାଦ କରି ମୁଁ ହସି ହସି ଚାଲିଯିବି।''

Digitized by srujanika@gmail.com

ବୃଦ୍ଧା ହାତରୁ ରକ୍ଷା ପାଇବାର କୌଣସି ରାସ୍ତା ନ ଦେଖି ରାଜା କହିଲେ, "ଠିକ୍ ଅଛି ନାନୀ, ନେଇ ଯାଅ। ଏ ବସବ, ସାତମ୍ମା ଯାହାକଥା କହୁଛନ୍ତି, ସେ ଝିଅକୁ ତାଙ୍କ ହାତରେ ଦେଇ ଦେ।"

ବସବ: "କିଏ, କେଉଁ ଝିଅ ଦେଖି ଆସିବି ମାଲିକ?"

"ଏଥିରେ ଦେଖି ଆସିବାର କ'ଣ ଅଛି? ଥିଲେ ନେଇ ଯାଆନ୍ତୁ ନଚେତ୍ ଖାଲି ଫେରିଯାଆନ୍ତୁ। ଏ କଥା ଆଉ ମୁଁ ଶୁଣିବାକୁ ଚାହୁଁନାହିଁ। ସକାଳେ ବୁଢ଼ା ଓ ସନ୍ଧ୍ୟାରେ ଏ ବୁଢ଼ୀ, ସେଥିରେ ପୁଣି ତୁ ଯାଇ ଦେଖି ଆସିବାକୁ ଆହୁରି ଡେରି କରିବୁ। ମୁଁ ଆଉ ପାରିବି ନାହିଁ। ଯା ବାହାରକୁ। ସେ କଥା ତୁ ଜାଣୁ, ସେ ବୁଢ଼ୀ ଜାଣେ।"

ବୃଦ୍ଧା ସ୍ନେହରେ ବୀରରାଜାଙ୍କ ଓଠ ଧରି ତାଙ୍କୁ ଆଉଁଷି କହିଲା, "ହେଲା ନାଁ ମୋ ପୁଟଙ୍ମା କୁମାର କଥା। ସେଥି ପାଇଁ ତ ମୁଁ ନିଜେ ଆସିଥିଲି। ମୋ ରାଜାପୁଅର ମଙ୍ଗଳ ହେଉ। ତା'ର ସନ୍ତାନ ସୁଖୀ ହେଉ। ମୁଁ ଏଥର ଯାଏ ପୁଅ?" ଏତିକି କହି ସେ ବସବ ସହ ଚାଲିଗଲା।

ସେ ଦ୍ୱାରବନ୍ଧ ପାର ହେବାକୁ ଯାଉଥିବା ବେଳେ ବୀରରାଜ ବୃଦ୍ଧାକୁ ଡାକି କହିଲେ, "କୋଉ କାନରେ ମୁଁ ପରିଶ୍ରା କରିଥିଲି ନାନୀ, ଡାହାଣ ନାଁ ବାମରେ?"

"ଡାହାଣରେ, ମୋର ଭଲ ରୂପେ ମନେ ଅଛି।"

ରାଜା: "ସେଥିପାଇଁ ଏତେ ଲମ୍ବା ଆୟୁଷ ପାଇଛ।" କହି ହସି ଉଠିଲେ। ବୃଦ୍ଧା ମଧ୍ୟ ହସି ହସି ଚାଲିଗଲା।

74

ବସବ ସହ ବାହାରକୁ ଆସି ବୃଦ୍ଧା, "ଗୋଟେ ମିନିଟରେ ଆସୁଛି ବସବୟା କହି ଶୀଘ୍ର ପାଦ ପକାଇ ଅନ୍ତଃପୁରର ନିବାସକୁ ଯାଇ ରାଣୀଙ୍କୁ କହିଲା, "ସେ ଝିଅକୁ ଛାଡ଼ିଦେବାକୁ ପୁଟଙ୍ମା କୁମାର ବସବୟାକୁ କହିଛନ୍ତି ରାଣୀ ମା। ଏହା ଭଗବାନଙ୍କ କୃପା ଛଡ଼ା ଆଉ କିଛି ନୁହେଁ।"

"ଖୁବ୍ ଭଲ କାମ କରିଛ ନାନୀ। ରାଜମହଲର ପ୍ରତିଷ୍ଠାକୁ ବଞ୍ଚେଇଲ," କହିଲେ ରାଣୀ।

ବୃଦ୍ଧା କହିଲା, "ମୁଁ ତେବେ ଯାଉଛି। ପୁଣି କେତେବେଳେ ଭେଟିଲେ ସବୁ କଥା କହିବି। ସେ ଝିଅକୁ ମୁକ୍ତି ଦେବା ହେଉଛି ପ୍ରଥମ କାମ।"

ରାଣୀ ପାଖରେ ଥିବା ପାନ-ଗୁଆ ଥାଳୀରୁ ପାନ-ଗୁଆ ବୃଦ୍ଧା ହାତରେ ଦେଇ କହିଲେ, "ହଁ ନାନୀ, ଯାଆନ୍ତୁ। ଆଜି ହିଁ ସେ ଝିଅକୁ ଘରକୁ ନେଇ ଯାଆନ୍ତୁ।" ବୃଦ୍ଧା ନିଜ ବୟସ ତୁଳନାରେ ବେଶ ଫୁର୍ତ୍ତି ଥିଲେ। ସେ ଶୀଘ୍ର ବାହାରକୁ ଆସି ବସବୟାକୁ କହିଲା, "ବସବୟା ସେ ଝିଅକୁ ଏଠାକୁ ଡାକାଇବ ନାଁ କ'ଣ?"

ବସବ କହିଲା, "ସେ କ'ଣ ସେ ଭିତରୁ ବାହାରିବ? ଆପଣ ନିଜେ ଯାଇ ଡାକିଲେ ହୁଏତ ଚାଲିଆସି ପାରେ। ମୁଁ କହିଲେ ପ୍ରାଣ ଥିବା ପର୍ଯ୍ୟନ୍ତ ସେ ବାହାରକୁ ଆସିବ ନାହିଁ।"

Digitized by srujanika@gmail.com

ବୃଦ୍ଧା: "ସତ କଥା, ଚାଲ ତେବେ ମୁଁ ଯାଉଛି।"

ଉଭୟେ ଝିଅଟିକୁ ବନ୍ଦୀ କରି ରଖାଯାଇଥିବା ସ୍ଥାନକୁ ଗଲେ।

"ମହାରାଜ ଆପଣଙ୍କୁ ଘରକୁ ପଠେଇ ଦେବାକୁ ଆଜ୍ଞା ଦେଇଛନ୍ତି। ମନ୍ତ୍ରୀ ଲକ୍ଷ୍ମୀନାରାୟଣଙ୍କର ବୃଦ୍ଧା ମାତା ଆପଣଙ୍କୁ ନେବାକୁ ଆସିଛନ୍ତି କହିଲେ ମଧ୍ୟ ପାଣେ ନାଗମ୍ମାଙ୍କର ବିଶ୍ୱାସ ହେଲା ନାହିଁ। ସେ କହିଲେ, "ମୋର ଚିହ୍ନା ପରିଚୟ ଥିବା କେହି ଆସିଲେ ଯାଇ ମୁଁ ତା ସାଙ୍ଗରେ ଯିବି। ଆପଣ ମୋତେ ଅନ୍ୟ କେଉଁଠାକୁ ପଠାଇବାକୁ ଚିନ୍ତା କରୁଛନ୍ତି।" ସେତିକିବେଳେ ସବିତ୍ରମ୍ମା ନିଜେ ଯାଇ କହିଲେ, "ଦେଖ ଝିଅ, ଯଦି ତୁମ ପତିଙ୍କୁ ଡାକିବାକୁ ଚାହୁଁଛ ମୁଁ ଯାଇ ତାଙ୍କୁ ପଠାଇଦେବି। ମୋର ଏଥିରେ କିଛି ଆପତ୍ତି ନାହିଁ କିନ୍ତୁ ଡେରି କାହିଁକି ହେବ? ଦୁଇ ମିନିଟ ଆଗରୁ ଏ ସ୍ଥାନ ଯଦି ଛାଡ଼ିଦିଅ ତେବେ ଭଲ ହେବ। ମୁଁ କ'ଣ ଠକ ପରି ଦିଶୁଛି?"

"ନାନୀ, ଆପଣ ବହୁତ ବଡ଼, ସେ କଥା ଠିକ୍ କିନ୍ତୁ ମୁଁ ତ ଆପଣଙ୍କୁ ଚିହ୍ନିନାହିଁ। ଏଠିକାର ଲୋକେ ବିଶ୍ୱାସରେ କଥା କହି ଫୁସୁଲେଇବାକୁ ଭାବୁଛନ୍ତି।"

ବୃଦ୍ଧା: "ଠିକ୍ ଅଛି ଝିଅ, ତୁମର ଭୟ କରିବାର ଯଥାର୍ଥତା ଅଛି। ସେଥିରେ ତୁମର କିଛି ଦୋଷ ନାହିଁ। ବସବୟା! ଆମ ଘରକୁ ପାଣେ ସୂର୍ଯ୍ୟନାରାୟଣୟା ଆସିବାକୁ ଟିକେ ଖବର ପଠାଅ। ମୁଁ ଥକି ଯାଇଛି। ସେ ପର୍ଯ୍ୟନ୍ତ ମୁଁ ଏଇଠି ଅପେକ୍ଷା କରିବି।"

ବସବୟା ବାହାରକୁ ଯାଇ ଜଣେ ଭୃତ୍ୟକୁ ଆଜ୍ଞା ଦେଲା। ଭୃତ୍ୟ ଚାଲିଯିବାର ଦୁଇ ମିନିଟ ପରେ ନାଗମ୍ମା କହିଲେ। "ତୁମେ ମୋତେ ରକ୍ଷା କରିବାକୁ ଆସିଛ ନାନୀ। ଚାଲନ୍ତୁ ଯିବା, ଯିବାବେଳେ ଯଦି ଅନ୍ୟ କେଉଁଆଡ଼େ ନେଉଛନ୍ତି ବୋଲି ଜାଣିପାରେ ତେବେ ନିଜ ହାତରେ ନିଜର ତଣ୍ଟି ଚିପି ପ୍ରାଣ ଦେଇଦେବି।"

ସବିତ୍ରମ୍ମା କହିଲେ, "ତୁ ତ ଜୀବନ ଦେବା ଭଳି ଝିଅ ତୁ ଖୁବ୍ ସାହସୀ। କ'ଣ ଦେଖି ଭୟ ପାଇବୁ କେଜାଣି। ତାଠାରୁ ବରଂ ତୋର ପତି ଆସିଲେ ସମସ୍ତେ ଏକାଠି ଯିବା ଭଲ ହେବ।"

ସୂର୍ଯ୍ୟନାରାୟଣକୁ ଡାକି ଆଣିବା ପାଇଁ ଭୃତ୍ୟକୁ ତନି ଘଣ୍ଟାରୁ ବେଶୀ ସମୟ ଲାଗିଲା। ବୃଦ୍ଧା ଭଗବାନ ନାମ ଜପ କରି ବସିଥିଲେ। ସୂର୍ଯ୍ୟନାରାୟଣଙ୍କର ଆସିବା ଶବ୍ଦ ଶୁଣି କହିଲେ, "ଆସ ପୁଅ, ପତ୍ନୀକୁ ମନରେ ସାହସ ଦେଇ ନିଜ ସାଙ୍ଗରେ ଡାକି ନେଇଯାଅ।"

ସୂର୍ଯ୍ୟନାରାୟଣ ଭୂମି ଉପରେ ସାଷ୍ଟାଙ୍ଗ ଦଣ୍ଡବତ କରି ବୃଦ୍ଧାଙ୍କ ପାଦ ଉପରେ ମଥା ରଖି କହିଲେ, "ଆପଣ ମୋର ଘର ବଞ୍ଚେଇଛନ୍ତି ଦେବୀ, ନାନୀ ମା। ମୋ ପ୍ରତିଷ୍ଠା ଓ ମୋ ପତ୍ନୀର ପ୍ରାଣ ଆପଣ ହିଁ ରକ୍ଷା କଲେ।"

"ରକ୍ଷାକଲାବାଲା ହେଉଛନ୍ତି ଭଗବାନ। କାହାରି ରକ୍ଷା କରିବାକୁ ମଣିଷ କିଏ? ଯଦି କହିବାକୁ ଚାହୁଁଛ ତେବେ ଆମର ପୁଟମ୍ମା କୁମାର ରକ୍ଷା କରିଛନ୍ତି ବୋଲି କୁହ। ମୁଁ କହୁ କହୁ ନେଇ ଯାଅ ବୋଲି କହିଲେ।"

ଏତିକିବେଳେ ନାଗମ୍ମା ଭିତରୁ ଆସି ସବିତ୍ରମ୍ମାଙ୍କ ପାଦ ଉପରେ ମୁଣ୍ଡ ରଖି କହିଲେ, "ମୁଁ କିଛି ଭୁଲ କରି ନାହିଁ। କେହି ମୋତେ ପରିହାସ କଲେ ମୋ ହାତ ଧରିଥିବା ଲୋକକୁ ହିଁ ବୁଝାଇବାକୁ ପଡ଼ିବ। ଏହା ତାଙ୍କୁ କହିଦିଅନ୍ତୁ ନାନୀ ମା।"

Digitized by srujanika@gmail.com

"ତୋତେ ପରିହାସ କିଏ କରିବ ? ଯିଏ କରିବ ମୁଁ ତାକୁ ଦେଖିନେବି।" ସୂର୍ଯ୍ୟନାରାୟଣ କହିଲେ।

ପବିତ୍ରମ୍ମା ! "ତୁ ହିଁ କେତେବେଳେ କ୍ରୋଧରେ କହିଦେବୁ। ମୋ ହାତ ଉପରେ ହାତ ରଖି କଥା ଦେ ଯେ ପତ୍ନୀକୁ କେବେହେଲେ ଏପରି କଥା କହିବୁ ନାହିଁ।" ଏତିକି କହି ବୃଦ୍ଧା ଆଗକୁ ହାତ ବଢ଼ାଇଲେ।

ବୃଦ୍ଧାଙ୍କ ହାତକୁ ନିଜ ମୁଣ୍ଡ ଉପରେ ରଖି ସେ କହିଲେ, "ଯଦି ମୁଁ ଏହାକୁ କିଛି ଖରାପ କଥା କହେ ତ ମୋତେ ନର୍କବାସ କରିବାକୁ ପଡ଼ିବ।"

ଏ ପର୍ଯ୍ୟନ୍ତ ନିଜକୁ ସଂଯତ କରି ରଖିଥିବା ନାଗମ୍ମାର ଦୁଃଖ ତା'ର ସହନଶକ୍ତି ସୀମା ଟପିଯିବାରୁ ସେ, "ହେ ପ୍ରଭୁ, ଆପଣଙ୍କୁ ଏପରି ଅବସ୍ଥାକୁ ମତେ ଟାଣି ଆଣିବାକୁ ମୋ କପାଳରେ ଲେଖାଥିଲା !" କହି ପତିଙ୍କ କାନ୍ଧ ଉପରେ ମୁଣ୍ଡ ରଖି ଜୋରରେ କାନ୍ଦି ଉଠିଲେ। ସମସ୍ତଙ୍କସାମନାରେ ପତ୍ନୀଙ୍କୁ ସାନ୍ତ୍ୱନା ଦେବାକୁ ସୂର୍ଯ୍ୟନାରାୟଣଙ୍କୁ ସଙ୍କୋଚ ଆସୁଥିଲେ ମଧ୍ୟ ତାହା କରିବା ଆବଶ୍ୟକ ଥିଲା। ତା'ର ପିଠି ଥାପୁଡ଼ାଇ ସେ, "କିଛି ହୋଇ ନାହିଁ, ଚୁପ୍ ହୋଇଯାଅ। ଅମ୍ମା ନାନୀଙ୍କ ରୂପରେ ଆସି ଆମକୁ ରକ୍ଷା କରିଛନ୍ତି। ଭଗବାନ ଏପରି ରକ୍ଷା କରିବେ ବୋଲି କ'ଣ ତୁମେ ଘଡ଼ିକ ପୂର୍ବରୁ ଜାଣିଥିଲ ? ଭବିଷ୍ୟତରେ ମଧ୍ୟ ସେଇ ସବୁ ଠିକ୍ କରିଦେବେ। ହସିବା ସମୟରେ ଲୁହ ବୁହାଅ ନାହିଁ।" କହି ଘୋଡ଼େଇ ହୋଇଥିବା ଚାଦର କୋଣରେ ତା'ର ଲୁହ ପୋଛି ଦେଲେ।

ପତି-ପତ୍ନୀଙ୍କ ବାର୍ତ୍ତାଳାପ ଶୁଣି ସେଠାରେ ଉପସ୍ଥିତ ଲୋକମାନଙ୍କର ମନ କୋମଳ ହୋଇଗଲା। ଏପରିକି ବସବ ମନର କେଉଁ କୋଣରେ ମଧ୍ୟ ଦୟାର ଉଦ୍ରେକ ହୋଇଥିଲା।

ବୃଦ୍ଧା, "ଚାଲ ଭାଇ ଏଥର ଯିବା" କହିବାରୁ ସମସ୍ତେ ସେଠାରୁ ଚାଲି ଆସିଲେ।

75

ରାଜାଙ୍କ ଭଉଣୀ ଦେବମ୍ମା ଯେତେବେଳେ ବନ୍ଦୀ ଅବସ୍ଥାରୁ ମୁକ୍ତି ପାଇ ଅପ୍ପଗୋଲଂ ପହଞ୍ଚିଲେ ସେତେବେଳେ ଚେନ୍ନବସବଙ୍କୁ ସନ୍ତୋଷରୁ ବେଶୀ ଆଶ୍ଚର୍ଯ୍ୟ ଲାଗିଲା। ଆଶ୍ଚର୍ଯ୍ୟରୁ ମଧ୍ୟ ବେଶୀ ତାଙ୍କ ମନରେ ଏକପ୍ରକାର ଜିଦ୍ ଉଠିଲା।

ଯେତେବେଳେ ସମ୍ବାଦ ବାହାକ ଆସି ଖବର ଦେଲା ଯେ ଦେବମ୍ମାଜୀ ଆସୁଛନ୍ତି ଓ ତାଙ୍କ ପାଲିକି ଅଧା ରାସ୍ତା ପାର ହୋଇ ସାରିବଣି, ସେତେବଳେ ଅପ୍ପଗୋଲଂ ମହଲର ଲୋକଙ୍କର ଏ କଥା ବିଶ୍ୱାସ ହେଲାନାହିଁ। କିନ୍ତୁ ସନ୍ଧ୍ୟା ବେଳକୁ ସେ ଆସି ପହଞ୍ଚିଲେ। ସେ ଗର୍ଭବତୀ। ଚେନ୍ନବସବ ଯେ ବଡ଼ ମହଲକୁ ଯାଇ ପତ୍ନୀଙ୍କୁ ସାକ୍ଷାତକରିଥିଲେ ସେକଥା ଲୋକମାନଙ୍କୁ ଜଣା ନଥିଲା। ତେଣୁ ସମସ୍ତେ ପରସ୍ପରର ମୁହଁ ଚାହିଁବାକୁ ଲାଗିଲେ। ଦେବମ୍ମାଜୀଙ୍କର ସ୍ୱାଗତ କରି ମହଲ ଭିତରକୁ ନେଇଯାଇ ବସାଇଲେ। ବଡ଼ ଝିଅ ପାଖକୁ ଆସି କହିଲା, "ଟିକିଏ ଦୁଧ ପିଇବ ମା ? ତୁମେ ଥକି ଯାଇଥିବ ବୋଧହୁଏ।" ଦାସୀ ଗୋଟିଏ ଥାଳୀରେ ଦୁଧ ଗିନା ରଖି ଆଣିଲା।

Digitized by srujanika@gmail.com

ପାଲିଙ୍କି ଆସିଲା ବେଳେ ଚେନ୍ନବସବ ଦ୍ୱାରମୁହଁରେ ଠିଆ ହୋଇ ତା'ର ପ୍ରତୀକ୍ଷା କରୁଥିଲେ। ସେ ପହଞ୍ଚିବାରୁ 'କେମିତି ଅଛ?' କହି ତାଙ୍କର ସ୍ୱାଗତ କଲେ। ସେ ମଧ୍ୟ ଉତ୍ତରରେ "ଆପଣ କେମିତି ଅଛନ୍ତି? ବହୁତ ଝଡ଼ି ଯାଇଛନ୍ତି" କହି ଭିତରକୁ ଗଲେ। ଚେନ୍ନବସବ ଦୁଇମିନିଟ ପାଇଁ ନିଜ କୋଠାରୀକୁ ଯାଇ ସେବିକାମାନଙ୍କୁ ତାଙ୍କର ସେବା କରିବାକୁ ଅବକାଶ ଦେଲେ। ପରେ ବୈଠକରେ ଆସି ପତ୍ନୀଙ୍କ ନିକଟରେ ବସିବାରୁ ଭୃତ୍ୟମାନେ ଅନ୍ୟଆଡ଼େ ଗଲେ।

"କ'ଣ ହେଲା? ତୁମକୁ ଏକବାର ପଠାଇ ଦେଲେ ଯେ? ବାଙ୍ଗାଲୋରରୁ ଚାପ ପଡ଼ିଥିବ।"

"ଏଥିସହ ବାଙ୍ଗାଲୋରର କିଛି ସମ୍ବନ୍ଧ ନାହିଁ। ଆପଣ ଖାଲି ସେପରି ଭାବୁଛନ୍ତି।"

"ତୁମେ ଜାଣନାହିଁ। ମୁଁ ମାସେକ ପୂର୍ବରୁ ଚିଠି ଲେଖିଥିଲି ଯେ ଏ ହତ୍ୟାକାରୀ ଭଉଣୀକୁ ନିଜ ପାଖରେ ହିଁ ରଖିବାକୁ ଚାହୁଁଛି। ତାକୁ ଉଚିତ ଦଣ୍ଡ ଦିଆଯାଉ। ସେମାନେ ଚେତାବନୀ ଦେଇଥିବାରୁ ସେ ଭୟ ପାଇ ଯାଇଥିବ।"

"ଆପଣ ତ ନିଜ ଶଳାକୁ ଗାଳି ଦେଇ ଦେଇ ମୋର ଇଜ୍ଜତକୁ ତଳେ ପକାଉଛନ୍ତି। ଆପଣଙ୍କ ଚିଠି ପାଇ ସେମାନେ ଭାବିଥିବେ ଯେ ଏ ସ୍ତ୍ରୀଲୋକ ପତିକୁ ଛାଡ଼ି ଭାଇ ଘରେ ରହୁଛି। ଏପରି ସ୍ତ୍ରୀ କେମିତି ହୋଇଥିବ? ସେମାନେ ଏଠାକୁ ଆସିଲେ ଦେଖିବାକୁ ଚାହିଁବେ। ତେବେ ଯାଇ ଆପଣଙ୍କ ମନକୁ ଶାନ୍ତି ମିଳିବ।"

"ତୁମେ ନିଜ ଭାଇର ପକ୍ଷନେଇପାର। କିନ୍ତୁ କେଉଁ କଥାକୁ ଖାତିର? ଭାଇକୁ ଗଦୀରୁ ହଟାଇ ଯଦି ଭଉଣୀକୁ ନ ବସାଇଛି ତ ମୋ ନିଶ କାଟି କୁକୁର ବାଳ ତା ସ୍ଥାନରେ ଲଗାଇବି। ଏ ଦାସୀ ପୁତ୍ର କ'ଣ ଭାବିଛି!"

"ତାକୁ ଦାସୀ ପୁତ୍ର କହିଲେ ଆପଣଙ୍କୁ ମଧ୍ୟ ଦାସୀର ଜ୍ୱାଇଁ ବୋଲି କହିବେ? ମୋତେ ଜନ୍ମ ଦେଇଥିବା ମାତା ଦେବକ୍କା ରାଣୀ ଶହେ ଦାସୀଙ୍କ ଉପରେ ରାଜ୍ଯା କରିଥିଲେ। ସେ ରାଣୀ ଥିଲେ। ଆପଣ ଦୁଇଜଣ ଶଳା-ଭିଣୋଇଙ୍କ ଝଗଡ଼ାରେ ମୋ ପିତାମାତାଙ୍କ ନାମକୁ କଳଙ୍କ ଲଗାନ୍ତୁ ନାହିଁ।"

"ମା-ବାପଙ୍କୁ କିଏ କ'ଣ କହୁଛି? ପୁତ୍ର ମୁହଁ ଉପରେ ଯଦି ଛେପ ପକାଯାଏ ତେବେ ମା-ବାପଙ୍କ ଉପରେ ତ ତା'ର ଛିଟା ପଡ଼ିବ। ଏପରି ପୁତ୍ରକୁ ଜନ୍ମ ଦେଇଥିବା ପିତା-ମାତାଙ୍କର କ'ଣ ସୁନାମ ହେବ?"

"ଛାଡ଼ନ୍ତୁ, ତାଙ୍କ ସହ ମୋ ଭାଗ୍ୟ ଓ ମୋ ସହ ଆପଣଙ୍କ ଭାଗ୍ୟ ବନ୍ଧା ହୋଇଛି। ଏଇତ? ମୁଁ ଯାହା ଭୋଗିଲି ତାହା ଯଥେଷ୍ଟ ନଥିଲା ଯେ ଶେଷକୁ ଦୁଃଖ ଭୋଗିବା ପାଇଁ ମୋ ପେଟରେ ଆଉ ଗୋଟିଏ ଜୀବ ଆସିଲା।"

ଚେନ୍ନବସବ ପତ୍ନୀଙ୍କ ଅତି ନିକଟକୁ ଆସି ପଚାରିଲେ, "ମନ ଜଳୁଥିବାରୁ ମୁହଁରୁ ଖରାପ କଥା ବାହାରି ଗଲା। କିଛି ମନେ କର ନାହିଁ। ବର୍ତ୍ତମାନ କେତେ ମାସ ଚାଲୁଛି?"

"ସାତ ପୂର୍ଣ୍ଣ ହୋଇଗଲାଣି। ସେଠାରେ ଯେଉଁ କଷ୍ଟ ସହିବାକୁ ପଡ଼ିଲା ମୋର ମନେ ହେଉଥିଲା ଏ ରହିବ ନାହିଁ। କାଲି ମଧ୍ୟ ମୁଁ ଭାବୁଥିଲି ଯେ ଏପରି ହେଲେ ଭଲ ହୁଅନ୍ତା। କିନ୍ତୁ ମୋ ଭାଗ୍ୟରେ ତ ବନ୍ଦୀ ଅବସ୍ଥା ଥିଲା। ତା'ର ବି କ'ଣ ଭାଗ୍ୟରେ

Digitized by srujanika@gmail.com

ବନ୍ଦୀ ହେବାର ଥିଲା! କାଲି ଏଇ ସମୟରେ ଭଗବାନ ଦୟା ଦୃଷ୍ଟିରେ ଦେଖିଲେ। ଏହା ଭାଗ୍ୟରେ ବନ୍ଦୀ ହେବାକୁ ନଥିଲା। ତା'ରି ଭାଗ୍ୟଲିପି ଯୋଗୁଁ ମୁଁ ଏଠାକୁ ଆସି ପାରିଲି। ଭାଗ୍ୟରେ ଯାହା ଥାଉ ନା କାହିଁକି, ନିଜ ପତିଙ୍କ ନିକଟକୁ ତ ଫେରି ଆସି ପାରିଲି। ଭଗବାନଙ୍କ ଦୟା ଦୃଷ୍ଟି ଆପଣ ଓ ଆପଣଙ୍କ ଘରକୁ ରକ୍ଷା କରୁ।''

ପତି-ପତ୍ନୀଙ୍କ ମଧ୍ୟରେ ଯଥେଷ୍ଟ ପ୍ରେମ ଥିଲା। ରାଜାଙ୍କ ପାଇଁ ଉଭୟଙ୍କ ମନରେ ଅସନ୍ତୋଷ ମଧ୍ୟ ଥିଲା। କିନ୍ତୁ ଜାମାତା ଚେନ୍ନବସବଙ୍କର ଅସନ୍ତୋଷ ଏକ ରକମର ଥିଲା ଓ ଘର 'ଝିଅ ଦେବମ୍ମାଜୀଙ୍କ ଅସନ୍ତୋଷ ଭିନ୍ନ ପ୍ରକାର।

ପତି-ପତ୍ନୀ ଏପରି ଭାବେ କିଛି ସମୟ ପର୍ଯ୍ୟନ୍ତ କଥାବାର୍ତ୍ତା କଲେ। ଦେବମ୍ମାଜୀ ପତିଙ୍କୁ ତାଙ୍କ ବନ୍ଦୀରୁ ମୁକ୍ତି ପାଇବାର କାରଣ କହିଲେ। ତା ମଧ୍ୟରେ ସେ କିନ୍ତୁ ବସବ ତାଙ୍କୁ କୋଳରେ ବସାଇ ଛାତିରେ ଚାପି ଧରିଥିଲା ବୋଲି କହି ନଥିଲେ। ତା'ର କାରଣ କହିବାର ଆବଶ୍ୟକତା ମଧ୍ୟ ନ ଥିଲା। ଏପରି ଖରାପ କଥା ମନେ ପକାଇବା ହିଁ ସ୍ତ୍ରୀ ପକ୍ଷରେ ଉଚିତ ନୁହେଁ। ମନେ ପଡ଼ିଲେ ମଧ୍ୟ ତାହା ପତିଙ୍କୁ କହିଲେ ନିଜର ଯେ କ୍ଷତି ହିଁ ହେବ ତାହା ତାଙ୍କ ଅନ୍ତଃକରଣରୁ ଜାଣି ପାରୁଥିଲେ। ବଳାତ୍କାରରେ ଏପରି କରିଥିବା ବ୍ୟକ୍ତି ଆଉ କ'ଣ କରିଥିବ, ଏହା ଭାବିବା ପତିମାନଙ୍କର ସ୍ୱାଭାବିକ ପ୍ରକୃତି। ସଂକ୍ଷେପରେ ତାଙ୍କ କଥାରୁ ସ୍ପଷ୍ଟ ଜଣାପଡୁଥିଲା ଯେ ଗୌରମ୍ମା ବଧୂ ରୂପେ ଖୁବ୍ ସ୍ନେହଶୀଳ ଓ ଭାଉଜ ରୂପେ ଖୁବ୍ ସ୍ୱାଭିମାନିନୀ ସ୍ତ୍ରୀ ଥିଲେ। ମା ଓ କନ୍ୟା ମିଶି ତାଙ୍କୁ ଯେ ରକ୍ଷା କଲେ, ସେଥିପାଇଁ ପ୍ରାଣଭରି ସେ ସେମାନଙ୍କର ପ୍ରଶଂସା କଲେ।

ସେତେବେଳକୁ ଭୋଜନ ତିଆରି ସାରଲାଣି ବୋଲି ଭୃତ୍ୟ ଆସି ସୂଚନା ଦେଲା। ଉଭୟେ ଉଠି ଭୋଜନ କରିବାକୁ ଗଲେ। ତା ପରଦିନ ସୂର୍ଯ୍ୟୋଦୟର କିଛି ସମୟ ପୂର୍ବରୁ ଦେବମ୍ମାଜୀ ଗୋଟିଏ ପୁତ୍ର ସନ୍ତାନକୁ ଜନ୍ମ ଦେଲେ।

76

ସନ୍ତାନ ଜନ୍ମହେବା ଖବର ମଡ଼କେରୀ ରାଜମହଲରେ ପହଞ୍ଚିଲା, ଅପ୍ପାଗୋଳ' ମହଲରେ ସମସ୍ତେ ଖୁବ୍ ଆନନ୍ଦିତ ହେଲେ। ରାଜମହଲ ବନ୍ଦୀ ଗୃହରେ ଖୁବ୍ ଦୁଃଖ ସହି ସେ ଗର୍ଭଧାରଣ କରିଥିଲେ। ଗର୍ଭଦଶାରେ ମାତା ଦୁଃଖୀ ରହୁଥିବା ହେତୁ ନଅମାସ ସ୍ଥାନରେ ସାତ ମାସରେ ହିଁ ସନ୍ତାନ ଜନ୍ମ ହୋଇଗଲା। ସେଥିଯୋଗୁଁ ପିଲା ଖୁବ୍ ଦୁର୍ବଳ ହୋଇଥିଲେ ମଧ୍ୟ ଅତ୍ୟଧିକ ସୁନ୍ଦର ଥିଲା। ଶେଷ ଦୁଇଦିନର କଷ୍ଟ ଅସହ୍ୟ ହେବାରୁ ଶୀଘ୍ର ଜନ୍ମ ହେଲା। ପ୍ରସବ ବେଳେ ନିକଟରେ ଥିବା ପରିଚାରିକା ବନ୍ଦୀଗୃହରୁ ମାତାକୁ ବାହାରକୁ ଆଣି ନିଜ ନଅରରେ ଜନ୍ମ ହୋଇଥିବା ସନ୍ତାନଟି ନିଶ୍ଚୟ ଖୁବ୍ ଭାଗ୍ୟବାନ ହେବ ବୋଲି ଯାହା କହିଥିଲା ସେ କଥା ସମସ୍ତେ ସମର୍ଥନ କଲେ।

ମଡ଼କେରୀ ରାଜମହଲରୁ ମାତା-ପୁତ୍ରଙ୍କ ପାଇଁ ପ୍ରସାଧନାଦି ମାଙ୍ଗଳିକ ବସ୍ତୁ ଭେଟି ରୂପେ ଆସିଲା। ରାଣୀ ନିଜ ନଣନ୍ଦକୁ ଶୁଭେଚ୍ଛା ପଠାଇବା ସଙ୍ଗେସଙ୍ଗେ ଭଲ ଭାବେ

Digitized by srujanika@gmail.com

ଖାଇପିଇ ଶୀଘ୍ର ସୁସ୍ଥ ହୋଇ ଉଠିବାକୁ ଉପଦେଶ ଦେଇଥିଲେ। ରାଜକୁମାରୀ ସେ ପିଲାକୁ ଦେଖିବାକୁ ଚାହୁଁଥିଲେ ମଧ୍ୟ ଶୁଭଦିନରେ ଦେଖିବା ଉଚିତ ବୋଲି ବର୍ତ୍ତମାନ ନ ଆସି ପରେ ଆସିବ ବୋଲି ଖବର ପଠାଇଥିଲେ।

ରାଜାଙ୍କ ତରଫରୁ କିଛି ହେଲେ କୁହାଯାଇ ନଥିଲା। ପ୍ରକୃତରେ ସେ ଯାହା କିଛି କହିଥିଲେ ତାହା କାହାରି ଶୁଣିବା ଯୋଗ୍ୟ ନ ଥିଲା। ସମ୍ବାଦ ପ୍ରଥମେ ଅନ୍ତଃପୁରରେ ପହଞ୍ଚିବାରୁ ରାଜକୁମାରୀ ତାହା ପିତାଙ୍କୁ ଶୁଣାଇଥିଲେ। ତାହା ଶୁଣି ସେ କହିଲେ, "ସେ ତ ଆଗରୁ ଶାସନର ବାହାରେ ଥିଲା। ବର୍ତ୍ତମାନ ଆହୁରି ସାହସ ମିଳିଗଲା। ପୁତ୍ର ହେବାରୁ ତ ତା'ର ଗର୍ବ ଆହୁରି ବଢ଼ିଯିବ।"

ତା'ପରେ ବସବକୁ ଡାକି କହିଲେ, "ଆରେ ବସବ, ସେ ବଦମାସ (ଚେନ୍ନବସବ) ଆଗରୁ ମାସକୁ ଥରେ ଆପତ୍ତି ପଠଉଥିଲା, ଏଥର ସପ୍ତାହକୁ ଥରେ ପଠାଇବ। ଦେଖ ଏଥର କି ଖେଳ ଖେଳୁଛି।"

ବସବ: "ଠିକ୍ କଥା, ମଣିମା।"

ପିଲାଜନ୍ମର ପ୍ରକୃତ ସମୟ ବୁଝି ରାଣୀ ଗୋଟିଏ ଥାଳୀରେ ମଙ୍ଗଳ ଦ୍ରବ୍ୟ ରଖି ଦୀକ୍ଷିତଙ୍କୁ ଡାକି ଜନ୍ମକୁଣ୍ଡଳୀ ଦେଖିବାକୁ କହିଲେ। ଦୀକ୍ଷିତ କହିଲେ, "ତା ତ ନିଶ୍ଚୟ ଦେଖିବି। କିନ୍ତୁ ତା ପୂର୍ବରୁ ଗୋଟାଏ କଥା ନିବେଦନ କରିବାକୁ ଚାହୁଁଛି। କୁଣ୍ଡଳୀ ଦେଖିଲା ପରେ କହିଲେ ଆପଣ ହୁଏତ ଭାବିବେ ଏହି କୁଣ୍ଡଳୀରେ ଅଛି ବୋଲି କହିଲି ସେଇପାଇଁ ଜାତକ ଦେଖିବା ଆଗରୁ କହୁଛି।"

"ନିଶ୍ଚୟ କହନ୍ତୁ ଦୀକ୍ଷିତ ମହାଶୟ, ଆପଣ ବର୍ତ୍ତମାନ କହନ୍ତୁ ବା ପରେ କହନ୍ତୁ ମୁଁ ଜାଣେ, ଆପଣ ତ ଭଗବାନ କରିଥିବା ସତ୍ୟ ହିଁ କହିବେ, ଆପଣଙ୍କ ଉପରେ ମୋର କୌଣସି ପ୍ରକାର ସନ୍ଦେହ ନାହିଁ।"

"ଆଗରୁ ଦେଖିଥିବା ବିଷୟରେ ହିଁ ପୁନରାବୃତ୍ତି କରୁଛି। କିଛି ଅଶୁଭ ଯୋଗ ଅଛି ବୋଲି ମୁଁ ପ୍ରଥମରୁ କହିଛି। ମୁଁ ଦେଖିଥିବା କୁଣ୍ଡଳୀର ଗୋଟିଏ ଅଂଶ ସତ୍ୟ ବୋଲି ପ୍ରତିପାଦିତ ହୋଇଛି ମୁଁ ଭାବିଥିଲି ଯେ ସ୍ୱାମୀ ସେଠାରେ ଓ ଝିଅ ଏଠାରେ ଥିବାରୁ ଗର୍ଭବତୀ ହେବାର ସମ୍ଭାବନା ନାହିଁ। ମୋ ହିସାବରେ ଭଗବାନ ସେମାନଙ୍କୁ ମିଳାଇ ଗର୍ଭାଧାନ କରାଇଲେ। ଯେଉଁ ଯୋଗ ଦେଖାଯାଉଛି ତାହା ଭଗବାନଙ୍କ କୃପାରୁ ହିଁ ଦୂର ହୋଇ ପାରିବ। ତାକୁ ରୋକିବା ପାଇଁ ଆମକୁ "ଭାଗୀରଥ ତପସ୍ୟା କରିବାକୁ ପଡ଼ିବ।"

"ଠିକ୍ ଅଛି ଦୀକ୍ଷିତ ମହାଶୟ, ଆପଣ କ'ଣ କରିବାକୁ କହୁଛନ୍ତି ?"

"ଏ ବର୍ଷଟି ବିତିଗଲା ଆଉ କୌଣସି ଭୟ ନାହିଁ। ଆପଣ ଅତି ଶୀଘ୍ର ସ୍ୱାମୀଙ୍କୁ ଯେଉଁଠାକୁ ହେଲେ ତୀର୍ଥ କରିବାକୁ ପଠାଇ ଦିଅନ୍ତୁ। ଏଥିରେ ଆପଣଙ୍କର ମଙ୍ଗଳ ହେବ।'

ସେଇ ଛୋଟ ଶିଶୁକୁ ରାଜାଙ୍କ ହାତରୁ ଦୂରରେ ରଖିବା ଯେ ଦୀକ୍ଷିତଙ୍କ ଉଦ୍ଦେଶ୍ୟ ତାହା ରାଣୀ ବୁଝି ପାରିଲେ। ସେ କହିଲେ, 'ଭଲ କଥା ଦୀକ୍ଷିତ ମହାଶୟ, ଜନ୍ମହୋଇଥିବା ଶିଶୁକୁ କୌଣସି ପୁଣ୍ୟକ୍ଷେତ୍ରରେ ଭଗବାନଙ୍କ ସାନ୍ନିଧ୍ୟରେ ରଖାଗଲେ ଭଲ ହେବ। ମାସେ ବିତିଗଲା ପରେ ତା'ର ବ୍ୟବସ୍ଥା କରିବା।"

Digitized by srujanika@gmail.com

ଜନ୍ମକୁଣ୍ଡଳୀ ଦେଖିସାରି ଦୀକ୍ଷିତ ଦ୍ୱିତୀୟ ଦିନ ଆସି କହିଲେ, "କୁଣ୍ଡଳୀ ଦେଖି ଦେଇଛି ରାଣୀ ମା। ମୁଁ ଭାବୁଛି ଏତେ ଶୀଘ୍ର ଏହାର ହିସାବ କହିବା ଠିକ୍ ହେବ ନାହିଁ। ପ୍ରକୃତରେ ଏହି କୁଣ୍ଡଳୀ ତିଆରି କରିବା ହିଁ ଏକ କଠିନ କାର୍ଯ୍ୟ। ଜଳୋଦୟ ଓ କ୍ଷିରୋପୟ ସମୟରେ କେଉଁ ଗ୍ରହ, କେଉଁ ନକ୍ଷତ୍ର କେଉଁଠାରେ ଥିଲା ତାହା ଜାଣିବା ପରେ ବି ଗଣନା କରିବାକୁ କିଛି ନା କିଛି ଅସୁବିଧା ରହିଯାଏ। ଏହାଦ୍ୱାରା ଯାହା କୁହାଯାଏ ସେହି ଫଳ ହୁଏ ନାହିଁ। ତା ଛଡ଼ା ପ୍ରସବ ଅସ୍ତଗୋଳାଂରେ ହୋଇଛି ଓ ସେମାନେ କହିବା ସମୟକୁ ଆଧାର କରି ଆମେ କୁଣ୍ଡଳୀ ତିଆରି କଲେ ତାହା ଠିକ୍ ହେବ ନାହିଁ। ସେ ଟିକିଏ ବଡ଼ ହୋଇଗଲା ପରେ ଜନ୍ମକୁଣ୍ଡଳୀ କଲେ ଠିକ୍ ହେବ କାରଣ ତା'ର ସୁଖ ଦୁଃଖକୁ ଧ୍ୟାନରେ ରଖି ଅମୁକ ସମୟରେ ଜନ୍ମ ହୋଇଥିଲେ ଏପରି ହୋଇ ନଥାନ୍ତା ଓ ଯଦି ଏଇ ଘରେ ଜନ୍ମହୋଇଥାନ୍ତା ଏହା ଅବଶ୍ୟ ହୋଇଥାନ୍ତା ଇତ୍ୟାଦି ଚିନ୍ତା କରି ଠିକ୍ ଗଣନା କରିବା ସଙ୍ଗେ ସଙ୍ଗେ ଜ୍ୟୋତିଷୀ ଭବିଷ୍ୟତ ଠିକ୍ ରୂପେ କହି ପାରିବ। ଜନ୍ମ ହେବାର ଦୁଇ ଦିନ ପରେ ଏପରି କୌଣସି ଘଟଣା ଘଟେ ନାହିଁ ଯାହା ହିସାବରେ ଠିକ୍ ଗଣନା କରାଯାଇ ପାରିବ। କିଛି ସମୟ ଅପେକ୍ଷା କରିବା ଠିକ୍ ହେବ।"

ଦୀକ୍ଷିତଙ୍କର ଲମ୍ବା ଭୂମିକା ଶୁଣି ରାଣୀଙ୍କ ମନେ ହେଲା ଯେ କୁଣ୍ଡଳୀ ଏପରି କିଛି ଅମଙ୍ଗଳର ସୂଚନା ଦେଉଛି ଯାହା ଦୀକ୍ଷିତ କହିବାକୁ ଚାହୁଁ ନାହାନ୍ତି। ସେ କହିଲେ, "ତେବେ ବର୍ତ୍ତମାନ ପାଇଁ କୁଣ୍ଡଳୀ ନ ତିଆରି କରିବାକୁ ଆପଣ କ'ଣ ଉପଦେଶ ଦେଉଛନ୍ତି ଦୀକ୍ଷିତ ମହାଶୟ।

"ହଁ ରାଣୀମା।"

"ଠିକ୍ ଅଛି। ତେବେ ଥାଉ।"

"ଏ ମଧ୍ୟରେ କୁଣ୍ଡଳୀ ତିଆରି କରିବା ଠିକ୍ ହେବ ନାହିଁ ଭାବି ମୁଁ ଆପଣଙ୍କୁ ନିବେଦନ କରିଥିଲି ଯେ ମା, ପୁତ୍ର ଓ ପିତାଙ୍କୁ କୌଣସି ତୀର୍ଥ ସ୍ଥାନକୁ ପଠାଇ ଦେବା ଉଚିତ।"

"ତା'ର ବ୍ୟବସ୍ଥା କରାଯିବ, ଦୀକ୍ଷିତ ମହାଶୟ।"

ରାଣୀଙ୍କ ସନ୍ଦେହ ସତଥିଲା। ମୋଟାମୋଟି ଉପରେ ଦେଖିଲେ ମଧ୍ୟ ଏ ଶିଶୁର ଆୟୁକମ୍ ପରି ଦୀକ୍ଷିତଙ୍କୁ ଜଣାଗଲା। କଂସ ଯୋଗ ଥିବା ମାମୁଁ ସହ କମ ଆୟୁ ଭଣଜା।' ଦୀକ୍ଷିତଙ୍କୁ ଏ ସାନିଧ୍ୟ କ୍ଷତିକାରକ ପରି ଲାଗିଲା। ଗ୍ରହମାନଙ୍କ ଦ୍ୱାରା ସୂଚିତ ଅମଙ୍ଗଳକୁ ଖଣ୍ଡନ କରିବାକୁ ଚେଷ୍ଟା କରିବା ଭଗବାନଙ୍କ ଅସାଧ୍ୟ। ଦୀକ୍ଷିତଙ୍କର ବିଶ୍ୱାସ ଥିଲା ଯେ, ମନୁଷ୍ୟର ଅମଙ୍ଗଳକୁ ନିବାରଣ କରିବା ମନୁଷ୍ୟର ଧର୍ମ। ସେ ନିଜର ଏ ବିଚାର ରାଣୀଙ୍କ ସମ୍ମୁଖରେ ମଧ୍ୟ କହିଥିଲେ।

Digitized by srujanika@gmail.com

ସନ୍ତାନର କୁଣ୍ଡଳୀ ଦେଖାଇବାର ଇଚ୍ଛା ମା ମନରେ ଜାଗ୍ରତ ହେବା କିଛି ଆଶ୍ଚର୍ଯ୍ୟ କଥା ନୁହେଁ। ସେ ଚେନ୍ନବସବଙ୍କୁ କହିଲେ, "ଭାଉଜ ପୂଜାରୀ ବାବାକୁ ନିଶ୍ଚୟ ଖବର ପଠାଇଥିବେ। କୁଣ୍ଡଳୀରୁ କ'ଣ ଜଣା ପଡ଼ିଲା ସେ ଖବର ଟିକିଏ ବୁଝିବାକୁ କାହାକୁ ପଠାନ୍ତୁ।"

ଚେନ୍ନବସବ କହିଲେ, "ତୁମ ପୂଜାରୀ ବାବା ଶିଉଳିଲଗା ପଥର। ଖାଲି ଚିକ୍କଣ କଥା କହି ଜାଣେ। ଠିକ୍ ଗଣନା କରିବା ତା' ଦ୍ୱାରା ହେବ ନାହିଁ। ମୁଁ ଆଉ କାହାକୁ ପଚାରୁଛି।"

"କାହାକୁ ପଚାରିବ ?"

"ମୁଁ ଡାକୁଛି ତୁମେ ନିଜେ ଦେଖିବ।"

ଚେନ୍ନବସବ ଭଗବତୀଙ୍କ କଥା ମନରେ ରଖି ଏହା କହୁଥିଲେ। ସେହିଦିନ ସେ ଭୃତ୍ୟ ହାତରେ ମା ଓ ଶିଶୁକୁ 'କବଚ' ପିନ୍ଧାଇ ଜନ୍ମକୁଣ୍ଡଳୀ ତିଆରି କରିବାକୁ ଅନୁରୋଧ କରି ନିକଟକୁ ଖବର ପଠାଇଲେ।

ଚେନ୍ନବସବଙ୍କ ଭୃତ୍ୟ ଭଗବତୀଙ୍କ ଆଶ୍ରମରେ ପହଞ୍ଚିଲାବେଳକୁ ସେ ମଡ଼କେରୀ ଯାଇ ଓଁକାରେଶ୍ୱର ମନ୍ଦିରରେ ଦୀକ୍ଷିତଙ୍କ ସହ କଥା ହେଉଥିଲେ। ନବଜାତ ଶିଶୁର ଜନ୍ମକୁଣ୍ଡଳୀ ହିଁ ପିତା-ପୁତ୍ରୀଙ୍କ ମଧ୍ୟରେ ଆଲୋଚନାର ବିଷୟ ଥିଲା।

"ମାମୁଁ ଓ ଭଣଜାଙ୍କ କୁଣ୍ଡଳୀ ପୂର୍ଣ୍ଣଭାବେ ମିଳିଯାଉଛି ଭାଇନା। ପରସ୍ପର ସହ ଏପରି ମିଳୁଛି ଯେ ଉପର ତଳର ଦାନ୍ତ ମଧ୍ୟ ସେମିତି ମିଶୁ ନଥିବ। ମାମୁଁ ତାକୁ ମାରିବ ଓ ସେ ମାମୁଁ ହାତରେ ପ୍ରାଣଦେବ।"

"ଛାଡ଼ ସେ କଥା ପାପା। ସେ ସବୁ କଥା ତୁ କାହିଁକି ଚିନ୍ତା କରୁଛୁ ?"

"ମୁଁ କାହିଁକି ଚିନ୍ତା କରୁଛି? ଯଦି ଏ ସବୁ ଘଟେ ତେବେ ଏହା ସତ୍ୟ ଯେ ରାଜାର ରାଜ୍ୟ ରହିବ ନାହିଁ ଓ ମୋ ପୁଅ ରାଜା ହେବ।"

"ରାଜାର ଅମଙ୍ଗଳ ହେଉ ବୋଲି ତୁ କରିପାରୁ ପାପା। କିନ୍ତୁ ତାଙ୍କର ଅନ୍ନରେ ପାଳିତ ମୁଁ ରାଜାଙ୍କର କ୍ଷତି ନ ହେବା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବି।"

"ତେବେ ମୋ ପୁଅ ରାଜା ନ ହେଉ ବୋଲି ଆପଣ କ'ଣ କହୁଛନ୍ତି ?"

"ଯଦି ରାଜାର ରାଜ୍ୟ ହରେଇବା ଛଡ଼ା ଆଉ କୌଣସି ଚାରା ନଥାଏ ତେବେ ତ ଅନ୍ୟକୁ ରାଜା ହେବାକୁ ହେବ। ଯଦି ତୋର ପୁଅ ରାଜା ହେବାକୁ ଚାହୁଁଛି ତେବେ ମୁଁ କାହିଁକି ମନା କରିବି? ଅଭାଗିନୀ କନ୍ୟା ଏତେ ଦିନ ପର୍ଯ୍ୟନ୍ତ କଷ୍ଟ ସହିଛି। ଯଦି ତାକୁ ଏତେ ଦିନ ପରେ ସୁଖ ମିଳେ ତେବେ ମୋର ଆନନ୍ଦ ହେବ।"

"ସେ ସୁଖ ଦେଖିବା ବିଷୟରେ ଆପଣଙ୍କର କିଛି ସନ୍ଦେହ ଅଛି ଭାଇନା ?"

Digitized by srujanika@gmail.com

"କହିବାକୁ ଗଲେ ସନ୍ଦେହ ନାହିଁ କିନ୍ତୁ ଗୋଟିଏ କଥାର ଦଶୋଟି ଅର୍ଥ ଥାଏ। କେତେବେଳେ କୋଉ ଅର୍ଥଟି ଲଗାଇବା ଉଚିତ ତାହା ଗଣକର ବୁଦ୍ଧି ଉପରେ ନିର୍ଭର କରେ। ନିଜ କୁଣ୍ଡଳୀ ନିଜେ ଦେଖିଲେ ମମତା ଭ୍ରମରେ ପକାଏ। କଥାକୁ ନିଜ ଇଚ୍ଛାନୁସାରେ ବୁଲେଇବାକୁ ମନ ହୁଏ। ସେଥିପାଇଁ ଜ୍ୟୋତିଷୀଗଣ ନଜ ସମ୍ପର୍କୀୟମାନଙ୍କର ଜନ୍ମପତ୍ରିକା ନ ଦେଖିବାର ନିୟମ କରିଛନ୍ତି।"

ଏ ଦୁହିଁଙ୍କ ମଧ୍ୟରେ କଥାବାର୍ତ୍ତା ଚାଲିଥିବା ବେଳେ ଚେନ୍ନବସବଙ୍କ ଭୃତ୍ୟ ଭଗବତୀଙ୍କୁ ଖୋଜି ମନ୍ଦିରରେ ପହଞ୍ଚି ଆଣିଥିବା ଖବର ଭଗବତୀଙ୍କୁ ଦେଲା। ସେ କେଉଁଠାରୁ ଆସିଛି ଜାଣି ଦୀକ୍ଷିତ ପଚାରିଲେ, "ତୋର କ'ଣ ଏହା ସାଙ୍ଗରେ ଖୁବ୍ ଚିହ୍ନାପରିଚୟ ଅଛି ପାପା ?"

"ହଁ! କାହିଁକି ଭାଇନା ?"

"ଦେଖ ଝିଅ। ୟାଙ୍କର ଓ ରାଜାଙ୍କର ମଧ୍ୟରେ ଶତ୍ରୁତା ଅଛି। ଖବରଦାର୍, ତାଙ୍କୁ ଭେଟି ରାଜାଙ୍କର ବିରୋଧ କରିବାକୁ ଉସ୍କେଇ ନିଜ ଜାତକର ଗଣନାକୁ ସତ୍ୟ କରିବାକୁ ପ୍ରୟାସ କରିବୁ ନାହିଁ।"

"ଏମିତି କାହିଁକି କହୁଛନ୍ତି ଭାଇନା।"

"ତା'ଠାରୁ ଖରାପ କଥା ଆଉ କିଛି ହେବ ନାହିଁ ପାପା। କେବଳ ତାଙ୍କ ପାଇଁ ନୁହେଁ ତୋ ପୁତ୍ର ପାଇଁ ମଧ୍ୟ ତାହା ଅମଙ୍ଗଳଜନକ। ଦୁରାଶା ନେଇ ତୁ ତାଙ୍କର ଯେଉଁ କ୍ଷତି କରିବୁ ତାହା ଦ୍ୱିଗୁଣିତ ହୋଇ ତୋତେ ଲାଗିପାରେ। ସାବଧାନ ରହିବୁ।"

ଭଗବତୀଙ୍କ ମୁହଁର ରଙ୍ଗ ଫିକା ପଡ଼ିଗଲା। ସେ "ଆଚ୍ଛା ମୁଁ ଏଥର ଯାଉଛି" ବୋଲି କହିବାରୁ ଦୀକ୍ଷିତ "ହଁ ଯାଅ" ବୋଲି କହି ସେ ଚାରିପାଦ ଯାଇଛି କି ନାହିଁ ଦୀକ୍ଷିତ କହିଲେ, "ଜନ୍ମ ଦେଉଥିବା ଓ ଜନ୍ମ ହୋଇଥିବା ଲୋକଙ୍କୁ ଜ୍ୟୋତିଷୀ କ'ଣ କହିପାରେ ଓ କ'ଣ ନାହିଁ ତାହା ତୁ ଜାଣିଛୁ।"

"ମୋର ମନେ ଅଛି ଅଣ୍ଣୟା" କହି ଭଗବତୀ ଚାଲିଗଲେ। ବାପା, ମା ଓ ଶିଶୁ କୌଣସି ତୀର୍ଥ ସ୍ଥାନକୁ ଯାଇ ଏକବର୍ଷ ରହିବା ଉଚିତ ବୋଲି ଦୀକ୍ଷିତ ତାଙ୍କୁ ମଧ୍ୟ କହିଥିଲେ। ସେ ମଧ୍ୟ ଚେନ୍ନବସବଙ୍କୁ ଆଉ କିଛି ନ କହି ସେତିକି କହିଲେ।

78

ସେତେବେଳକୁ ନବରାତ୍ରିକୁ ସେଠାକୁ ଆସିବାର ନିମନ୍ତ୍ରଣ ଇଂରେଜମାନଙ୍କୁ ପଠାଯାଇ ସାରିଥିଲା। ନବରାତ୍ରି ଉତ୍ସବ ତଥା ଇଂରେଜଙ୍କ ଆତିଥ୍ୟର ବ୍ୟବସ୍ଥା ନେଇ ବୋପଣ୍ଣା ଓ ରାଜାଙ୍କ ମଧ୍ୟରେ ବିବାଦ ଆହୁରି ତୀବ୍ର ହୋଇ ଉଠିଥିଲା। ନବରାତ୍ରି ପରେ ରାଜମହଲରେ 'କେଲ୍ଲୁ' ଉତ୍ସବ ହେଉଥିଲା। ଖେଳ କାର୍ଯ୍ୟକ୍ରମରେ କୋଡ଼ଗୀ ନୃତ୍ୟ ଏକ ମୁଖ୍ୟ ଅଂଶ ଥିଲା। ବାହାରର ଅତିଥି ଆସି ଦେଖିବେ ବୋଲି ବୀରରାଜ ତାହାର ସମୟ ବଢ଼ାଇ ଦେବାକୁ ଚାହୁଁଥିଲେ। କୋଡ଼ଗୀଙ୍କର ମୁଖିଆ ତଥା ମନ୍ତ୍ରୀ ହୋଇଥିବା ଦୃଷ୍ଟିରୁ ବୋପଣ୍ଣାଙ୍କୁ ଏହି କାର୍ଯ୍ୟକ୍ରମ ଦେଖାଶୁଣା କରିବାକୁ ପଡୁଥିଲା।

Digitized by srujanika@gmail.com

ବସବୟା ବୋପଣ୍ଣାଙ୍କ ଘରକୁ ଯାଇ ଏ ପ୍ରସଙ୍ଗ ଉଠାଇବାରୁ ସେ କହିଲେ, "ଏଥର ଉତ୍ସବକୁ ଆସିବାର ସୁବିଧା ମୋର ନାହିଁ। ଏ ଭାର ଆଉ କାହା ହାତରେ ଦେଇ ଦିଅନ୍ତୁ।'

ବୋପଣ୍ଣା ଉତ୍ସବକୁ ନ ଆସିଲେ ରାଜାଙ୍କ ସହ ତାଙ୍କ ବିରୋଧର ସମ୍ବାଦ ସାରା ଦେଶରେ ବ୍ୟାପିଯିବା ସଙ୍ଗେ ସଙ୍ଗେ ବାହାରୁ ଆସୁଥିବା ଅତିଥିଙ୍କ ପାଇଁ ତାହା ପ୍ରତ୍ୟକ୍ଷ ପ୍ରମାଣ ହେବ। ସେଥିପାଇଁ ବସବକୁ ଭୟ ହେବା ସଙ୍ଗେ ସଙ୍ଗେ ବୋପଣ୍ଣା ଏ ପ୍ରବନ୍ଧ ନ କଲେ ଆଉ କିଏ କରିବ ବୋଲି ଚିନ୍ତା ମଧ ହେଲା।

ବୋପଣ୍ଣା ନିଜ ଲୋକମାନଙ୍କ ମଧରେ ଅତ୍ୟନ୍ତ ବିଶ୍ୱସନୀୟ ଥିଲେ ଓ ତାଙ୍କ ପରି ଯୋଗ୍ୟତା ଆଉ କାହାରି ନଥିଲା। ତାଙ୍କଠାରୁ ସାମାନ୍ୟ କମ ଯୋଗ୍ୟତା ସମ୍ପନ୍ନ ବ୍ୟକ୍ତି ହେଲେ ମଧ୍ୟ ଚଳିବ କିନ୍ତୁ ଆଉ କିଏ ଅଛି? ବୋପଣ୍ଣାଜୀ ଏ କାମ କାହିଁକି କରିବେ ନାହିଁ ବୋଲି ପଚାରିବ କି? କାରଣ ଜଣାପଡ଼ିଲେ ସେ କହିବ, ସେ ଯେଉଁ କାମକୁ ବିରକ୍ତ ହୋଇ ଛାଡ଼ିଦେଲେ ତାହା କରି ମୁଁ କିପରି ତାଙ୍କ ମିତ୍ରତା ହରାଇବି? କଣ କରାଯିବ? ବସବ ଏ କଥା ପ୍ରଥମେ ରାଣୀଙ୍କୁ କହିଲା। ତା'ର ମନେ ହେଲା ରାଜାଙ୍କ ସିଂହାସନର ଗୋଟିଏ ଗୋଡ଼ ଯେପରି ଭାଙ୍ଗି ଯାଇଛି। ବୋପଣ୍ଣା ଯେତେବେଳେ ସ୍ୱଷ୍ଟ ରୂପେ ନିଜର ବିରୋଧ ପ୍ରକଟ କରୁଛି ତା ଅର୍ଥ ହେଉଛି ଯେ ସ୍ୱଷ୍ଟ ରୂପେ ରାଜାଙ୍କ ବିରେଧୀ ହୋଇ ଠିଆ ହୋଇଛନ୍ତି। ତାଙ୍କୁ ଯେ କୌଣସି ପ୍ରକାରେ ଠିକ୍ କରିବାକୁ ହେବ। ରାଣୀ ଭାବିଚିନ୍ତି କହିଲେ, "ଲକ୍ଷ୍ମୀନାରାୟଣ ପଣ୍ଡିତ ମହାଶୟଙ୍କୁ କହ ସେ ବୋପଣ୍ଣାଙ୍କ ସହ କଥା ହୋଇ ତାଙ୍କୁ ବୁଝାଇ ଦିଅନ୍ତୁ।"

ବସବ ଯେତେବେଳେ ଏ କଥା ଲକ୍ଷ୍ମୀନାରାୟଣଙ୍କୁ କହିଲା ବୋପଣ୍ଣା ମନରେ କ୍ରୋଧ ଯେ ଏତେ ବଢ଼ି ଯାଇଛି ତାହା ଭାବି ତାଙ୍କୁ ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା। ପ୍ରଥମେ ଯେତେବେଳେ ସେ ବୋପଣ୍ଣା ସହ କଥା ହୋଇଥିଲେ ତାଙ୍କର ମନେ ହୋଇଥିଲାଯେ ସେ ରାଜାଙ୍କ ପ୍ରତି ଅସନ୍ତୁଷ୍ଟ। କିନ୍ତୁ ମନ୍ତ୍ରୀ ହୋଇ ଦେଶର କାର୍ଯ୍ୟରେ ଭାଗ ନ ନେଇ ଅଲଗା ରହିଲେ କିପରି କାମ ଚଳିବ? ବୋପଣ୍ଣା ଯେ ଏପରି ଭୁଲ ସିଦ୍ଧାନ୍ତ କରିବେ ତାହା ଲକ୍ଷ୍ମୀନାରାୟଣ କେବେହେଲେ ଭାବି ନଥିଲେ। ବସବ ନିକଟରେ ମନ କଥା ପ୍ରକାଶ ନକରି ସେ କହିଲେ, "ବୋପଣ୍ଣାଜୀଙ୍କ ସହ ମୁଁ ସାକ୍ଷାତ କରି କଥା ହେବି ବୋଲି ଆପଣ ରାଣୀମା'ଙ୍କ ନିକଟରେ ନିବେଦନ କରନ୍ତୁ।" ସେହିଦିନ ସେ ବୋପଣ୍ଣାଙ୍କ ସହ ସାକ୍ଷାତ କଲେ।

ବୋପଣ୍ଣା: "ଦେଖନ୍ତୁ ପଣ୍ଡିତ ମହାଶୟ, ଆପଣଙ୍କ ରାଜା ମୋତେ ଘରଭଙ୍ଗା କହିବା ସତ୍ତ୍ୱେ କ'ଣ ମୁଁ ତାଙ୍କ ଘରକୁ ଯିବି? ମୋତେ ଦେଖି ସେ ପୁଣି ସେହି କଥା କହିଲେ କ'ଣ ମୁଁ ଚୁପ୍ ରହିବି? ଏ କଥା ବାହାରେ ପ୍ରଚାର ହୋଇ ରାଣୀମାଙ୍କ ନାମ ମୋ ସହ ନିଆଗଲେ କ'ଣ ଭଲ ହେବ? ମୋତେ ନଅର ଯିବାକୁ ହେଲେ ଦୁଇଟି କଥା ହେବା ଆବଶ୍ୟକ। ପ୍ରଥମ ହେଉଛି ରାଜା ମାନି ନିଅନ୍ତୁ ଯେ ଅତୀତରେ କହିଥିବା ସବୁ କଥା ଭୁଲ। ଦ୍ୱିତୀୟରେ ଏପରି କଥା ଆଉ କେବେ କହିବେ ନାହିଁ ବୋଲି ତାଙ୍କୁ ଶପଥ ନେବାକୁ ପଡ଼ିବ।"

ଲକ୍ଷ୍ମୀନାରାୟଣ ତାଙ୍କୁ ଏ ବିଷୟରେ ଅନେକ ବୁଝେଇଲେ ମଧ ବୋପଣ୍ଣା କହିବାକୁ ଲାଗିଲେ, "ସେଦିନ ରାଜା ମୁହଁ ଉପରେ ଛେପ ପକାଇ ପଠାଇ ଦେଇଥିଲେ। ଯଦି

Digitized by srujanika@gmail.com

ପୁଣି ସେ କହନ୍ତି ଯେ ତୁମକୁ ଏଠାକୁ ଆସିବାକୁ ଲଜ୍ଜା ଲାଗୁନାହିଁ ତେବେ ମୁଁ କି ଉତ୍ତର ଦେବି ?"

"ସେତେବେଳେ ଖରାପ ସମୟ ଥିଲା। କ୍ରୋଧରେ ସେ ନିଜ ଅକ୍ତିଆରରେ ନଥିବାରୁ ମୁହଁରୁ ଏପରି କଥା ବାହାରି ଥିଲା ନଚେତ ସୀତା ପରି ପତିବ୍ରତା ପତ୍ନୀକୁ କେହି କ'ଣ ଏପରି କଥା କହେ ? ଏହା ତାଙ୍କର ଅନ୍ତରର କଥା ନଥିଲା।" ଲକ୍ଷ୍ମୀନାରାୟଣ ବୁଝାଇଲେ।

ବୋପଣ୍ଣା: "ଆପଣ ଗୁରୁଜନ, ପଣ୍ଡିତ ମହାଶୟ। ମୁଁ ଆପଣଙ୍କୁ ଅବଜ୍ଞା କରିବାକୁ ଇଚ୍ଛା କରୁନାହିଁ। ଧରିନିଅନ୍ତୁ ମୁଁ ରାଗିନାହିଁ, କେବଳ ସଙ୍କୋଚ କରୁଛି। ମହାରାଜଙ୍କ ନିକଟରେ ସବୁ ବିଷୟ ନିବେଦନ କରିଦେବେ। ସେତେବେଳର କଥା ତାଙ୍କ ମନର କଥା ନୁହେଁ ବୋଲି ଯଦି ସେ କହନ୍ତି ତେବେ ଦୋଷ ମାନିବା ବା ବୁଝାମଣା କରିବାର ଆବଶ୍ୟକତା ନାହିଁ।

"ତା'ର ଅର୍ଥ ସେଇଆ ହେଲା ନାହିଁକି ! ମାଲିକଠାରୁ ଏପରି ଆଶା କରିବା ଅନୁଚିତ।"

"ପଣ୍ଡିତ ମହାଶୟ ମୁଁ ମଧ୍ୟ ତାହା ବୁଝୁଛି। କିନ୍ତୁ ସେ ସେତିକି ନ କହିଲେ ତାଙ୍କ ନିକଟକୁ ଯିବାପାଇଁ ମୋତେ ସଙ୍କୋଚ ଲାଗୁଛି। ଆପଣଙ୍କ ସାମନାରେ ଯାହା ସେ କହିଲେ, ଯଦି ଅନ୍ୟ ଆଗରେ କହିଥାନ୍ତେ ତ ମୋର ଓ ତାଙ୍କର ଅବସ୍ଥା କ'ଣ ହୋଇଥାନ୍ତା ?"

ଆଉ କଥା କହି କିଛି ଲାଭ ନାହିଁ ଜାଣି ଲକ୍ଷ୍ମୀନାରାୟଣ ସବୁ କଥା ରାଣୀଙ୍କୁ କହିବାରୁ ସେ କହିଲେ, "ମହାରାଜଙ୍କ କଥା ବୋପଣ୍ଣାଙ୍କୁ ଖୁବ୍ କଟୁ ବୋଲି ମନେ ହୋଇଥିବ। ମୁଁ ତ ବିବାହିତା। ଖରାପ ସମୟରେ ନ ବୁଝି କହି ଦେଇଛନ୍ତି ଭାବି ମୁଁ ସେ ସବୁ ମନରେ ଧରେ ନାହିଁ। କିନ୍ତୁ ଅନ୍ୟମାନଙ୍କୁ ଏପରି କଥା ଶୁଣିଲେ ଦୁଃଖ ହେବା ସ୍ୱାଭାବିକ।"

ସେ ଭାବିଚିନ୍ତି ଠିକ୍ କଲେ ଯେ ସ୍ୱୟଂ ବୋପଣ୍ଣାଙ୍କୁ ଡକେଇ ଏ ଉତ୍ସବର ବ୍ୟବସ୍ଥା କରିବାକୁ କହିବାକୁ ରାଜାଙ୍କୁ ରାଜି କରାଇବାକୁ ପଡ଼ିବ। ଏହା ପଛ କଥାକୁ ଭୁଲିଯିବାକୁ ପ୍ରାର୍ଥନା କରିବା ପରି ହେବ। ଲକ୍ଷ୍ମୀନାରାୟଣ ରାଜାଙ୍କୁ ଭେଟି ଚତୁରତାର ସହ ପରିସ୍ଥିତି ବୁଝାଇ ବୋପଣ୍ଣାଙ୍କୁ ଡକାଇବାର ବ୍ୟବସ୍ଥା କରିବେ।

79

ଲକ୍ଷ୍ମୀନାରାୟଣୟା ବସବଙ୍କୁ ଡାକି ପଚାରିଲେ, "ଉତ୍ସବ ସମ୍ବନ୍ଧରେ ମହାରାଜାଙ୍କ ସହ କଥା ହେବାର ଅଛି। କେବେ ସାକ୍ଷାତ ହୋଇ ହେବ ପଚାରି ମୋତେ କହନ୍ତୁ।" ବସବ ରାଜାଙ୍କଠାରୁ ଆଜ୍ଞା ନେଇ ଲକ୍ଷ୍ମୀନାରାୟଣଙ୍କୁ ସୂଚିତ କଲା।

ଲକ୍ଷ୍ମୀନାରାୟଣ ଖୁବ୍ ବିନମ୍ର ଭାବେ ବୋପଣ୍ଣାଙ୍କ କଥା ରାଜାଙ୍କୁ କହିଲେ, "ମାଲିକ ହଜାରଥର ଆଦରର ସହ କଥା କହି ଥରେ ନିରାଦରରେ କହିଲେ ସେବକ ତାହା ମନେ ରଖେ ନାହିଁ। ସ୍ୱାମୀ ଓ ସେବକର ସମ୍ବନ୍ଧ ହିଁ ସେହିପରି। ବୋପଣ୍ଣା ଏ କଥା ଜାଣିଲେ ମଧ୍ୟ ତାଙ୍କ ମନରେ ଗୋଟିଏ ବିଷୟ ନେଇ ସଙ୍କୋଚ ଆସୁଛି। ସେଦିନ ମାଲିକ

Digitized by srujanika@gmail.com

ଯେଉଁ କଥା କହିଲେ ତାହା ଘରୋଇ ଥିଲା। ସେ କଥା ରାଜମହଲର କଳଙ୍କ ଓ ମନ୍ତ୍ରୀପଦରେ ଥିବା ଲୋକପାଇଁ ଅନିଷ୍ଟକାରକ। ସେଥିପାଇଁ ଆପଣ ତାଙ୍କୁ ଡାକି ସେ ଦିନର କଥା ମନରେ ନ ଧରିବା ପାଇଁ ଆଜ୍ଞା ଦିଅନ୍ତୁ। ତା ହେଲେ ଉତ୍ସବ ସୁଚାରୁ ରୂପେ ସମ୍ପନ୍ନ ହୋଇ ପାରିବ।''

ରାଜା କହିଲେ, ''ପ୍ରତି ବର୍ଷ କରାଯାଉଥିବା କାର୍ଯ୍ୟକୁ ଏ ବର୍ଷ ବିଶେଷ ରୂପେ କରିବା ପାଇଁ କାହିଁକି କହିବାକୁ ପଡ଼ିବ ?''

''ସେ ନିଜେ ନିଜେ ଆସି ଏ କାମ କଲେ ମହାରାଜ ହୁଏତ ସନ୍ତୁଷ୍ଟ ହେବନାହିଁ ବୋଲି ବୋପଣ୍ଣାଙ୍କୁ ସଙ୍କୋଚ ଆସୁଛି।''

''ବସବ କ'ଣ ତାକୁ ଯାଇ କହି ନାହିଁ?''

''ବସବୟା କହିଲେ ମଧ ବୋପଣ୍ଣା ସଙ୍କୋଚ ଅନୁଭବ କରୁଛନ୍ତି। ତେଣୁ ମୁଁ ତାଙ୍କ ସହ କଥା ହୋଇ ଆପଣଙ୍କୁ ନିବେଦନ କରିବାକୁ ଆସିଲି।''

''ଓ ହୋ। ମୁଁ ଭୁଲ କରିଛି ବୋଲି ସ୍ୱୀକାର କରିବାକୁ ହେବ। ସେଥିପାଇଁ ବୋପଣ୍ଣା ଜିଦ୍ ଧରିଛନ୍ତି ଓ ସେ ଖବର ମୋ ନିକଟରେ ପହଞ୍ଚାଇବା ପାଇଁ ଆପଣ ଦୂତ ରୂପେ ଆସିଛନ୍ତି।''

''ଏକଥା ଠିକ୍ ଯେ ଏ ବିଷୟରେ ମୁଁ ବୋପଣ୍ଣାଙ୍କ ସହ ମନ୍ତ୍ରୀ ରୂପେ କାର୍ଯ୍ୟ କରୁଛି କିନ୍ତୁ ମୂଳତଃ ଅନ୍ନଦାତାଙ୍କୁ ଶ୍ରେୟ ପ୍ରାପ୍ତି କରାଇବା ସେବକ ରୂପେ କାର୍ଯ୍ୟ କରୁଛି। ଆପଣ ଯେଉଁ ଉତ୍ସବ ଓ ଆତିଥ୍ୟର ପ୍ରବନ୍ଧ କରିଛନ୍ତି ତାହା ସୁଚାରୁ ରୂପେ ସମ୍ପନ୍ନ ହେବା ଆବଶ୍ୟକ। ତା'ର ଗୋଟାଏ ଭାଗ ବୋପଣ୍ଣା ଉପରେ ନିର୍ଭର କରେ। ସେ ଭାର ନିଜ ଉପରେ ନେବାପାଇଁ ସଙ୍କୋଚ କରି ପଛଘୁଞ୍ଚା ଦେଉଛନ୍ତି। ଅନ୍ନଦାତା କୃପାକରି ଗୋଟିଏ ବାକ୍ୟ କହିଲେ ତାଙ୍କ ସଙ୍କୋଚ ନିବାରଣ ହେବ। ସେଇ ଉଦ୍ଦେଶ୍ୟ ପୂର୍ତ୍ତି ପାଇଁ ଗୋଟିଏ ଉପଯୁକ୍ତ ବାକ୍ୟ ଭାବୁଛି। ମୋର କଥା କହିବାର ଢଙ୍ଗ ଆପଣଙ୍କ ମନରେ ସନ୍ଦେହ ଉପୁଜାଉଛି ବୋଲି ମୁଁ ଜାଣୁଛି। କିନ୍ତୁ ବଡ଼ ଲୋକଙ୍କୁ କଥା କହିବା ସମୟରେ ପ୍ରିୟବାକ୍ୟ ସିଧା କୁହାଯାଇପାରେ କିନ୍ତୁ ଅପ୍ରିୟ ବାକ୍ୟ ସିଧା କହିବା ଉଚିତ ନୁହେଁ ବୋଲି ଗୁରୁଜନମାନେ ଶିକ୍ଷା ଦେଇଛନ୍ତି। ଏପରି କହିବା ଉପଯୁକ୍ତ ବୋଲି ସେମାନେ ସ୍ପଷ୍ଟ ରୂପେ କହିଛନ୍ତି। ସେଥିପାଇଁ ମୁଁ ସେଇ ରାସ୍ତାରେ ଚାଲିଛି। ଏହା ଆପଣଙ୍କୁ ଖରାପ ଲାଗିଲେ ମଧ ମୋର ଉଦ୍ଦେଶ୍ୟ ଭଲ ବୋଲି ଭାବି ତାହା ସହ୍ୟ କରିବାକୁ ଅନୁରୋଧ କରୁଛି। ଏମିତିରେ ରାଜକାର୍ଯ୍ୟ ଚଳାଇବା ମହାରାଜଙ୍କ ହାତରେ ଅଛି।''

ଏତେ କଥା ହେବା ପରେ ରାଜା କହିଲେ, ''ଠିକ୍ ଅଛି ତାଙ୍କୁ ଡାକନ୍ତୁ, ଯାହା କହିବାର ଅଛି ସାମନାରେ କହିବି।''

Digitized by srujanika@gmail.com

୪୦

ଲକ୍ଷ୍ମୀନାରାୟଣୟା ବାହାରକୁ ଯାଇ ମହାରାଜ ଡାକୁଛନ୍ତି, ଆସି କଥା ହୋଇ ଯାଆନ୍ତୁ ବୋଲି ବୋପଣ୍ଣାଙ୍କୁ କହି ପଠାଇଲେ। କିଛି ସମୟ ପରେ ବୋପଣ୍ଣା ଅନ୍ୟମନସ୍କ ଭାବେ ଆସିବାରୁ ଉଭୟେ ରାଜାଙ୍କ କୋଠରୀକୁ ଯାଇ ବସିଲେ।

"ମୁଁ ଯେଉଁ କଥା କହିଥିଲି ତାହା ଭୁଲ ଥିଲାବୋଲି ସ୍ୱୀକାର କରିନେବାକୁ ଆପଣ ପଣ୍ଡିତ ମହାଶୟଙ୍କ ହାତରେ କହି ପଠାଇଥିଲେ" ବୋଲି କହି ତାଙ୍କ ଆଡ଼କୁ ଅସନ୍ତୁଷ୍ଟ ଦୃଷ୍ଟିରେ ଚାହିଁଲେ।

ରାଜା ଏପରି ଭାବେ କଥା କହିବେ ବୋଲି ଲକ୍ଷ୍ମୀନାରାୟଣୟା କଳ୍ପନା ମଧ୍ୟ କରି ନଥିଲେ। ବୋପଣ୍ଣାଙ୍କର କେବଳ ରାଜାଙ୍କ ଉପରେ ନୁହେଁ, ନିଜ ସାଥୀ ମନ୍ତ୍ରୀଙ୍କ ଉପରେ ମଧ୍ୟ କ୍ରୋଧ ଆସିଲା। ସେ ଭାବିଲେ ଯେ ଲକ୍ଷ୍ମୀନାରାୟଣୟା କ'ଣ ତାଙ୍କ ବିଚାରକୁ ଏପରି ସିଧାସଳଖ ଭାବେ କହିଦେଲେ! ରାଜାଙ୍କର ଏକଥା ଯୁଦ୍ଧର ଆହ୍ୱାନ ପରି ଜଣାଗଲା।

ଏହା ପୂର୍ବରୁ ଏପରି ହୋଇଥିଲେ ବୋପଣ୍ଣା ଝଗଡ଼ା କରି ଥାଆନ୍ତେ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ସେ ତାହା କରିବାକୁ ପ୍ରସ୍ତୁତ ନଥିଲେ। ରାଜା ଓ ତାଙ୍କ ମଧ୍ୟରେ ଆଉ ଚର୍ଚ୍ଚା କରିବା ପାଇଁ କିଛି ନାହିଁ ବୋଲି ତାଙ୍କର ମନେ ହେଲା। ସେ ଲକ୍ଷ୍ମୀନାରାୟଣଙ୍କ ଆଡ଼କୁ ବୁଲି କହିଲେ, 'ପଣ୍ଡିତ ମହାଶୟ ଏ ସବୁର କ'ଣ ଆବଶ୍ୟକତା ଥିଲା ?' ଲକ୍ଷ୍ମୀନାରାୟଣୟା ରାଜାଙ୍କୁ ଶୁଣାଇବା ଉଦ୍ଦେଶ୍ୟରେ ତାଙ୍କୁ କହିଲେ, "ସେ ଦିନ ମହାରାଜଙ୍କ କଥା ଶୁଣି ଆପଣଙ୍କର ନଅରକୁ ଆସିବା ସେ ପସନ୍ଦ କରୁନାହାନ୍ତି ବୋଲି ଆପଣଙ୍କର ମନେ ହେଲା। ସେଥିପାଇଁ ଆପଣ ଆସିବାକୁ ସଙ୍କୋଚ କରୁଛନ୍ତି! ସେ କଥା ମୁଁ ମହାରାଜଙ୍କ ନିକଟରେ ନିବେଦନ କରିଥିବାରୁ ସେ କଥାକୁ ମହାରାଜ ଏ ରୂପରେ ନେଉଛନ୍ତି। ଆପଣ ମହାରାଜଙ୍କୁ କ୍ଷମା ମଗେଇବାକୁ ଚାହୁଁଛନ୍ତି ବୋଲି ମୁଁ କହି ନଥିଲି।'

ବୋପଣ୍ଣା କହିଲେ, "ସେ କଥା ଆପଣ ଶୁଣି ମହାରାଜଙ୍କୁ କହନ୍ତୁ। ମୁଁ ହୁଏତ ସୀମା ବାହାରକୁ ଚାଲିଯାଇପାରେ ସେଥିପାଇଁ ମୋର ଆଉ କିଛି କହିବା ଠିକ୍ ନୁହେଁ।"

ଲକ୍ଷ୍ମୀନାରାୟଣୟା ରାଜାଙ୍କୁ କହିଲେ, "ବୋପଣ୍ଣା ମହରାଜଙ୍କ ଠାରୁ କ୍ଷମା ଯାଚନା ଚାହୁଁନାହାନ୍ତି। ସେବକ ମାଲିକ ମୁହଁରୁ ସେ କଥା କୁହାଇବାକୁ ପ୍ରୟାସ କରେ ନାହିଁ। ବୋପଣ୍ଣା ଭାବୁଛନ୍ତି ସେ ମହଲକୁ ଆସିବା ରାଜାଙ୍କର ପସନ୍ଦ ନୁହେଁ। ତେଣୁ ସେ ରାଜାଙ୍କୁ ଅସନ୍ତୁଷ୍ଟ ନ କରି ଦୂରରେ ରହିବାକୁ ଚାହୁଁଛନ୍ତି। ତାଙ୍କର ଏଠାକୁ ଆସିବା ମହାରାଜଙ୍କୁ ଯେ ଖରାପ ଲାଗୁନାହିଁ ତା ମୁଁ ଜାଣେ, ସେ କଥା ମୁଁ ତାଙ୍କୁ ମଧ୍ୟ କହିଛି। ଆଉ ପୁରୁଣା କଥା ନ ଉଠାଇ ରାଜା ଖାଲି 'ହଁ' କହିଲେ ଯଥେଷ୍ଟ।"

"ଆପଣ ନିଜ ସାଥି ମନ୍ତ୍ରୀଙ୍କ ପ୍ରତିଷ୍ଠା ରକ୍ଷାକରିବାକୁ ଚାହୁଁଛନ୍ତି କିନ୍ତୁ ମାଲିକର ପ୍ରତିଷ୍ଠା ପ୍ରତି ଧ୍ୟାନ ଦେଉନାହାନ୍ତି କାହିଁକି? ସେ ଯେଉଁ କାମ କରୁଛନ୍ତି ତାହା କରିବାକୁ କ'ଣ

Digitized by srujanika@gmail.com

ମୁଁ କହୁଛି ? ଏ କାମ କରିବାକୁ କ'ଣ ଅଲଗା କରିବାକୁ ପଡ଼ିବ ? ଯେମିତି ଅନ୍ୟ କାମ କରୁଛନ୍ତି ସେମିତି ଏ କାମ ମଧ୍ଯ କରିବା କଥା। ସେଥିପାଇଁ ଅଲଗା ଡାକିବାର କି ଆବଶ୍ୟକତା ରହିଛି ?"

ବୋପଣ୍ଣା ପୁଣି ଲକ୍ଷ୍ମୀନାରାୟଣଙ୍କ ଆଡ଼କୁ ଚାହିଁ କହିଲେ, "ବାକୀ କାମ ଛାଡ଼ି ଦେବାକୁ କହୁଛନ୍ତି ନାଁ ?"

ଲକ୍ଷ୍ମୀନାରାୟଣ ତାକୁ "ଅପେକ୍ଷା କରନ୍ତୁ" କହି ରାଜାଙ୍କୁ କହିଲେ "ମୁଁ ଆଗରୁ ନିବେଦନ କରିଥିଲି, ଅନ୍ୟ କୌଣସି କାମ କରିବାକୁ ହେଲେ ମହଲକୁ ଆସିବା ଆବଶ୍ୟକ ପଡ଼େ ନାହିଁ। ଏଇ ଉତ୍ସବ ପାଇଁ ଭିତରକୁ ଆସିବାକୁ ପଡ଼େ ବୋଲି ମହାରାଜାଙ୍କ ଆଜ୍ଞାର ଆବଶ୍ୟକ"

ରାଜା: "ଆପଣ ଚତୁରତା ଛାଡ଼ନ୍ତୁ ପଣ୍ଡିତ ମହାଶୟ। ଆପଣ ମୋ ତରଫରୁ କଥା କହିବାର ବାହାନା କଲେ ମଧ୍ଯ ବାସ୍ତବରେ ନିଜ ମିତ୍ରଙ୍କ ତରଫରୁ କଥା କହୁଛନ୍ତି। ଛାଡ଼ନ୍ତୁ ଆପଣଙ୍କ ଇଚ୍ଛା ହିଁ ହେଉ ଆପଣ ଦୁଇଜଣ ମନ୍ତ୍ରୀ ମହୋଦୟ ଦୟାକରି ରାଜମହଲକୁ ଆସ ନିଜ ନିଜ କାମ କରି ମୋତେ ରକ୍ଷା କରନ୍ତୁ।"

ବୋପଣ୍ଣା ଝଟ୍ କରି ଉଠି ଠିଆ ହେଲେ। ତାଙ୍କ ମୁହଁ ଲାଲ ହୋଇ ଉଠିଥିଲା। ସେ ଲକ୍ଷ୍ମୀନାରାୟଣଙ୍କ ଆଡ଼କୁ ବୁଲି କହିଲେ "ଏପରି ଧମକ ଦେଲେ କ'ଣ ମୁଁ ଏଠାରେ ଆସି କାମ କରିପାରିବି ? ମୋର ଏଠି ଆଉ ଅଧିକ ସମୟ ରହିଲେ ଅନର୍ଥ ହୋଇପାରେ।" ଏତିକି କହି ରାଜାଙ୍କୁ ନମସ୍କାର କରି ବୁଲିପଡ଼ିଲେ। ଲକ୍ଷ୍ମୀନାରାୟଣ ତାଙ୍କ କାନ୍ଧ ଉପରେ ହାତରଖି ବସାଇ ନିଜେ ବସି ରାଜାଙ୍କୁ କହିଲେ, "ଆପଣଙ୍କ ଆଜ୍ଞା ହେଲା କିନ୍ତୁ ସେଥିରେ ଅସନ୍ତୋଷର ଆଭାସ ମିଳୁଛି। ସେ ଆଡ଼କୁ ଧ୍ୟାନ ନ ଦେବାକୁ ଆଜ୍ଞା ଦେଲେ ଭଲ ହୁଅନ୍ତା।"

ରାଜା: "ପଣ୍ଡିତ ମହାଶୟ, ଆପଣ ଚାହିଁଲେ ଜୀବନ ଦେଇପାରନ୍ତି କିନ୍ତୁ ଆତ୍ମସମ୍ମାନ ହରାଇବାକୁ ପ୍ରସ୍ତୁତ ନୁହନ୍ତି। ଠିକ୍ ଅଛି। ମୁଁ ଆଜ୍ଞା ଦେଇଛି ମୋର କୃପା ମଧ୍ଯ ଘେନି ଯାଆନ୍ତୁ।"

କଥା ଆଉ ଆଗକୁ ବଢ଼ାଇବା ସମ୍ଭବ ନୁହେଁ, ଏତିକି ଯଥେଷ୍ଟ ବୋଲି ଲକ୍ଷ୍ମୀନାରାୟଣ ଭାବିଲେ। ସେ ମହାରାଜଙ୍କୁ "ଯଥା ଆଜ୍ଞା" କହି ଉଠି ଠିଆ ହେଲେ ଓ ବୋପଣ୍ଣାଙ୍କୁ ସଙ୍କେତ କରିବାରୁ ସେ ମଧ୍ଯ ଉଠି ଠିଆ ହେଲେ। ଉଭୟେ ହାତଯୋଡ଼ି ରାଜାଙ୍କୁ ନମସ୍କାର କରି ବିଦାୟ ନେଲେ।

୫୧

ନବରାତ୍ରୀର 'କେଲୁ' ଉତ୍ସବରେ ଭାଗନେବା ପାଇଁ ଇଂରେଜ ଅତିଥି ରୂପେ ଆସୁଛନ୍ତି, ସେ ବିଷୟରେ ବୀରରାଜ ଓ ରାଣୀ ଏକତ୍ର ବସି କୌଣସି ବିଚାର ବିମର୍ଷ କରି ନଥିଲେ। କିନ୍ତୁ କେତେକ ପ୍ରମୁଖ ବ୍ୟକ୍ତି ରାଜପରିବାର ବିରୋଧୀ ବୋଲି ଉଭୟେ ମନେମନେ ଭାବୁଥିଲେ। ମନ୍ତ୍ରୀ ବୋପଣ୍ଣା ରାଜାଙ୍କ ପ୍ରତି ଅସନ୍ତୁଷ୍ଟ, ଘରର କ୍ବାଇଁ ଚେନ୍ନବସବ ମଧ୍ଯ ରାଜାଙ୍କ ବିରୁଦ୍ଧରେ ଆପତ୍ତି ଲେଖି ପଠାଉଥିଲା। ଉତ୍ସବରେ ଇଂରେଜଙ୍କୁ ନିମନ୍ତ୍ରଣ କରି ସେମାନଙ୍କ ବିଶ୍ୱାସ ବଢ଼ାଇ ଓ ଭଲ କଥାବାର୍ତ୍ତା କରି ସେମାନଙ୍କର ପ୍ରିୟପାତ୍ର ହେଲେ ରାଜବଂଶକୁ

Digitized by srujanika@gmail.com

ଏକଶକ୍ତିଶାଳୀ ବନ୍ଧୁ ମିଳିପାରେ। ଯେଉଁ ଅଧିକାରୀମାନେ ଚେନ୍ନବସବର ଆପତ୍ତିପୂର୍ଣ୍ଣ ପତ୍ର ପଢ଼ିଛନ୍ତି ଚେନ୍ନବସବଙ୍କୁ ଦେଖିଲେ ସେ କୌଣସି ପ୍ରମୁଖ ବ୍ୟକ୍ତି ନୁହେଁ ବୋଲି ସେମାନେ ଜାଣିପାରିବେ। ଏସବୁ ଦେଖି ରାଜାଙ୍କ ଆସନ ଯେ ଦୃଢ଼ ତାହା ସେମାନେ ବୁଝିଯିବେ।

ରାଣୀଙ୍କର ମନେ ହେଲାଯେ ଘରର ଝିଅକୁ ବନ୍ଧନମୁକ୍ତ କରି ତା'ର ପତି ନିକଟକୁ ପ୍ରେରଣ କରିବା ଖୁବ୍ ଉତ୍ତମ କାର୍ଯ୍ୟ ହୋଇଛି। ପ୍ରକୃତରେ ରାଜାଙ୍କର ଭଉଣୀ ପ୍ରତି କୌଣସି ଆକ୍ଷେପ ନଥିଲା। କୌଣସି ବିପଦ ହେତୁ ତା'ର ପତି ତା ପ୍ରତି ଭଲ ବ୍ୟବହାର କରୁ ନଥିବାରୁ ତାକୁ ଏଠାକୁ ଆଣି ରଖିବାକୁ ପଡ଼ିଥିଲା। ଏହିଭଳି କଥା କାହାଦ୍ୱାରା କୁହାଇଲେ ସବୁ ଠିକ୍ ହୋଇଯିବ। କିନ୍ତୁ ରାଣୀ ସ୍ୱୟଂ ମିଥ୍ୟା କହିବାକୁ ପ୍ରସ୍ତୁତ ନ ଥିଲେ ମଧ ରାଜା ଯଦି କହନ୍ତି ତେବେ ସେ ତା'ର ବିରୋଧ କରିବେ ନାହିଁ।

୪୨

ରାଜା ଓ ରାଣୀ ଏପରି ଭାବୁଥିବା ବେଳେ ତେଣେ ସେମାନଙ୍କ ଦ୍ୱାରା ନିମନ୍ତ୍ରିତ ଗୋରାମାନେ ଅନ୍ୟ କିଛି ଭାବୁଥିଲେ। ସେମାନଙ୍କ ଉଦ୍ଦେଶ୍ୟ ମାନ୍ଦ୍ରାଜର ଗଭର୍ଣ୍ଣର ମହୋଦୟଙ୍କ ବାଙ୍ଗାଲୋରର 'ରେସିଡେଣ୍ଟ'ଙ୍କୁ ଲେଖିଥିବା ପତ୍ର ଓ 'ରେସିଡେଣ୍ଟ' ଦେଇଥିବା ଉତ୍ତରରୁ ସ୍ପଷ୍ଟ ଜଣାପଡ଼ି ଯାଉଥିଲା। ମାନ୍ଦ୍ରାଜ ଗଭର୍ଣ୍ଣରଙ୍କ ପତ୍ରର ସାରାଂଶ ଏହିପରି ଥିଲା।

"ମାଙ୍ଗାଲୋର ଜିଲ୍ଲାପାଳ ପଠାଇଥିବା ରିପୋର୍ଟରୁ ଜଣାଯାଇଛି ଯେ କୋଡ଼ଗ ରାଜାଙ୍କ ଲୋକ ମାଙ୍ଗାଲୋର ନିକଟବର୍ତ୍ତୀ ଏକ ଗ୍ରାମରୁ ଗୋଟିଏ ଝିଅକୁ ଚୋରି କରି ନେଇ ଯାଇଛନ୍ତି। ଆମ ନିକଟରେ ପକ୍କା ଖବର ପହଞ୍ଚିଛି ଯେ କୋଡ଼ଗର ଏହି ରାଜା ନିଜ ବଡ଼ବାପା ଓ ପିତା ଲିଙ୍ଗରାଜଙ୍କ ପରି ଠିକ୍ ରାସ୍ତାରେ ଚାଲୁ ନାହାନ୍ତି। ଏ ବିଷୟ ଆଗରୁ କେତେକ ପ୍ରସଙ୍ଗରୁ ସ୍ପଷ୍ଟ ଜଣାପଡ଼ିଛି କିନ୍ତୁ ସେ ନିଜ ଦୁଷ୍ଟତା ଆଜି ପର୍ଯ୍ୟନ୍ତ ନିଜ ପ୍ରଦେଶ ଭିତରେ ସୀମିତ ରଖିଥିଲେ। ବର୍ତ୍ତମାନ ତାହା ନିଜ ରାଜ୍ୟର ସୀମା ଲଙ୍ଘନ କରି ବାହାରକୁ ବ୍ୟାପିଲାଣି। ଏହା ଆମ ପାଇଁ ଅସହ୍ୟ ବୋଲି ରାଜାଙ୍କୁ ସ୍ପଷ୍ଟ ରୂପେ ଜଣାଇଦେବା ଉଚିତ। ତାଙ୍କ ଲୋକ ଦ୍ୱାରା ନିଆଯାଇଥିବା ଝିଅକୁ ଖୋଜି ତାକୁ ତାର ଗ୍ରାମରେ ପହଞ୍ଚାଇବାର ଖବର ରାଜାଙ୍କୁ ଆମ ନିକଟକୁ ପହଞ୍ଚାଇବାକୁ ହେବ। ଯଦି ସେ ତାହା ନ କରନ୍ତି ତ ଆମ ଲୋକ ତାଙ୍କୁ ଖୋଜିବାକୁ ଆସିବେ ଓ ସେମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ରାଜାଙ୍କୁ କରିବାକୁ ପଡ଼ିବ। ସେ ଝିଅ ମିଳିଗଲେ ତାଙ୍କୁ ଆମ ଲୋକଙ୍କ ସହ ପଠାଇ ନିଜ ଭୁଲ ପାଇଁ ପଶ୍ଚାତ୍ତାପ କରିବାକୁ ପଡ଼ିବ।"

ଏହା ପୂର୍ବରୁ ତଥା ଏହି ଘଟଣାରୁ ଆମେ ମନେ କରୁଛୁ ଯେ, ଏ ଦେଶର ଜନତା ନିଜ ସମସ୍ୟା ନିଜେ ସମାଧାନ କରିବାକୁ ଅସମର୍ଥ। ଏବେ ମଧ୍ୟ ଏମାନେ କେତେକ ବିଷୟରେ ଅସଭ୍ୟ, ଜଙ୍ଗଲୀ ପଶୁ ପରି ବ୍ୟବହାର କରୁଛନ୍ତି। ନିଜ ନିଜ ମଧ୍ୟରେ ଲଢ଼ୁଛନ୍ତି ଓ ଛୋଟ ପିଲାଙ୍କ ପରି ଅସହାୟ। ରାଜା ଭୁଲ ରାସ୍ତାରେ ଚାଲିଲେ ଅଧିକାରୀମାନେ

Digitized by srujanika@gmail.com

ତାଙ୍କୁ ବାଧା ଦେଇନାହାନ୍ତି ଓ ଅଧିକାରୀ ଭୁଲ ରାସ୍ତାରେ ଚାଲିଲେ ପ୍ରଜାଏ ତାର ବିରୋଧ କରୁନାହାନ୍ତି। ଏପରି ସ୍ଥଳେ ପ୍ରଜାଙ୍କର ପ୍ରଗତି ସମ୍ଭବ ନୁହେଁ।''

ଏ ବିଷୟରେ ଯେତେ ଭାବିଲେ ଆମକୁ ସ୍ପଷ୍ଟ ଜଣା ପଡୁଛି ଯେ, ଏଇ ଅବୋଧ ପ୍ରଜାଙ୍କୁ ଇଂରେଜମାନେ ନିଜ ହାତକୁ ନେଇ ସେମାନଙ୍କର ରକ୍ଷା କରନ୍ତୁ ବୋଲି ଭଗବାନଙ୍କ ଇଚ୍ଛା। ଆଜି ପର୍ଯ୍ୟନ୍ତ ଥିବା ଇତିହାସକୁ ଦେଖିଲେ ମନରେ ଏହି ବିଚାର ଉତ୍ପନ୍ନ ହେଉଛି। ଭାରତର ଅଧିବାସୀଗଣ ସବୁ ସ୍ଥାନରେ ପରସ୍ପର ମଧ୍ୟରେ ଲଢ଼ି ଗୋଟିକ ପରେ ଗୋଟିଏ ପ୍ରାନ୍ତ ଆମ ହାତରେ ଦେଇଛନ୍ତି। ଶାସନ ଡୋର ଆମେ ହାତକୁ ନ ନେବା ପର୍ଯ୍ୟନ୍ତ କୌଣସି ପ୍ରାନ୍ତର ଲୋକ ସୁଖ ଶାନ୍ତିରେ ରହିପାରିବେ ନାହିଁ। ଯେଉଁ ସବୁ ରାଜ୍ୟର ଶାସନଭାର ଆମେ ହାତକୁ ନେଇଛୁ ସେ ସ୍ଥାନର ଅଧିବାସୀଙ୍କୁ ସୁଖ-ଶାନ୍ତି ମିଳିଛି। ଲୋକମାନେ ଖୁବ୍ ଆରାମରେ ରହି ଇଂରେଜ ଶାସନ ବଜାୟ ରହୁ ବୋଲି ଚାହୁଁଛନ୍ତି। ସାରା ଉତ୍ତର ଭାରତ, ଦକ୍ଷିଣରେ କର୍ଣ୍ଣାଟକ, ପଶ୍ଚିମତଟବର୍ତ୍ତୀ ମହୀଶୂର ରାଜ୍ୟ ଓ ବର୍ତ୍ତମାନ ମହାରାଷ୍ଟ୍ର ଏହାର ଉଦାହରଣ। ସମ୍ପୂର୍ଣ୍ଣ ଭାରତବର୍ଷ ଆମ ହାତକୁ ଆସିଲେ ଲୋକେ ଆମ ନୀତିବନ୍ଧ ଓ ଦକ୍ଷ ଶାସନରେ ସୁଖ ଅନୁଭବ କରି ଉନ୍ନତିର ମାର୍ଗ ଦେଖି ପାରିବେ। ଏହା ହିଁ ଆମର ସୁନିଶ୍ଚିତ ଓ ସୁଦୃଢ଼ ବିଚାର।

ମହୀଶୂରର ଜନତାଙ୍କୁ ଅବ୍ୟବସ୍ଥିତ ଶାସନରୁ ମୁକ୍ତ କରି ସେମାନଙ୍କୁ ରକ୍ଷା କରିବା ପାଇଁ କମ୍ପାନୀର ସରକାର ଦୁଇ ବର୍ଷ ପୂର୍ବେ ସେ ପ୍ରାନ୍ତର ଶାସନ ଦାୟିତ୍ୱ ନିଜ ହାତକୁ ନେଇଛନ୍ତି। କୋଡ଼ଗର ରାଜା ଅତି ଶୀଘ୍ର ନିଜର ଦୁଷ୍ଟତା ତ୍ୟାଗ କରି ଶାସନ ବ୍ୟବସ୍ଥା ଠିକ୍ ରୂପେ କଲେ ଖୁବ୍ ଆନନ୍ଦିତ ହେବୁ। ଏ ବିଷୟରେ ଆମକୁ ସନ୍ତୋଷଜନକ ବିଶ୍ୱାସ ନ ଦେଇ ପାରିଲେ ମହୀଶୂର ରାଜାଙ୍କ ପରି ରାଜାଙ୍କୁ କିଛି ବର୍ଷ ପାଇଁ ଶାସନ ଭାରରୁ ମୁକ୍ତ କରି କମ୍ପାନୀ ସରକାର କୋଡ଼ଗ ରାଜ୍ୟର ଶାସନ ଭାର ନେବା ଉଚିତ।

ଏହା ଆମର ନିଶ୍ଚିତ ବିଚାର। ଆମେ ଗଭର୍ଣ୍ଣର ଜେନେରାଲ ମହୋଦୟଙ୍କୁ ଏ ବିଷୟରେ ସୂଚିତ କରିଛୁ। ଏ ବିଷୟ ପ୍ରତି ଧ୍ୟାନ ରଖି ନିଜର ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରନ୍ତୁ ବୋଲି ଆପଣଙ୍କୁ ମଧ୍ୟ ସୂଚିତ କରି ଦିଆଯାଇଛି।

୪୩

ତା ଉତ୍ତରରେ ମହୀଶୂରର 'ରେସିଡେଣ୍ଟ' ଦ୍ୱାରା ଲେଖାଯାଇଥିବା ପତ୍ରର ସାରାଂଶ ଏହି ପ୍ରକାର:

''ଆପଣ ଆପଣଙ୍କ ପତ୍ରରେ ଯେଉଁ ନୀତିର ଉଲ୍ଲେଖ କରିଛନ୍ତି ତାହା ଆମର ମଧ୍ୟ ନୀତି ଜାଣି ଆଶ୍ଚର୍ଯ୍ୟ ଲାଗିଲା। ଏ ଦେଶର ଜନତାଙ୍କ ସମ୍ବନ୍ଧରେ ଆପଣଙ୍କର ଯେଉଁ ଧାରଣା ସେଥିରେ ଆମେ ପୂର୍ଣ୍ଣତଃ ଏକମତ। ଅସହାୟ ଓ ଅବୋଧ ଜନତାଙ୍କୁ ରକ୍ଷା କରିବାର ଦାୟିତ୍ୱ ଭଗବାନ ଆମକୁ ଦେଇଛନ୍ତି। ଆପଣଙ୍କ ଏପରି ସିଦ୍ଧାନ୍ତରେ ଆମେ

Digitized by srujanika@gmail.com

ଏକମତ। ଶାସନ କିଛି ଫୁଲର ବିଛଣା ନୁହେଁ। ଯେ ପର୍ଯ୍ୟନ୍ତ ସମଗ୍ର ଭାରତବର୍ଷର ଶାସନ ବ୍ୟବସ୍ଥା କମ୍ପାନୀ ନିଜ ହାତକୁ ନ ନେଇଛି ସେ ପର୍ଯ୍ୟନ୍ତ ଏଠିକା ଜନତା ଭାଗ୍ୟରେ ସୁଖ ନାହିଁ।

ଏ ବିଷୟ ଅନ୍ୟ ପ୍ରାନ୍ତ ଅପେକ୍ଷା କୋଡ଼ଗ ପ୍ରତି ଅଧିକ ପ୍ରଯୁଜ୍ୟ। ରାଜା ଠିକ୍ ରୂପେ ରାଜ୍ୟ ଶାସନ କରୁନାହାନ୍ତି। ଲୋକେ ଅସନ୍ତୁଷ୍ଟ ହୋଇ ରାଜାଙ୍କୁ ଦଣ୍ଡ ଦେବା ପାଇଁ ପ୍ରାର୍ଥନା କରୁଛନ୍ତି। ରାଜବଂଶର ଜାମାତାଙ୍କ କେତେକ ପତ୍ରରୁ ଏହା ଆମେ ଜାଣିଛୁ। ତାର ପତ୍ନୀକୁ ରାଜା ବନ୍ଦୀ କରି ରଖିଛନ୍ତି। ତାଙ୍କର ପ୍ରାର୍ଥନା ହେଉଛି ରାଜା ଅଯୋଗ୍ୟ ହୋଇଥିବାରୁ ତାଙ୍କୁ ଗାଦୀରୁ ଉଠାଇ ତାଙ୍କ ଭଉଣୀ ଅର୍ଥାତ୍ ନିଜ ପତ୍ନୀଙ୍କୁ ଗାଦୀରେ ଅଧିଷ୍ଠିତ କରାଯାଉ। ଏଣେ ରାଜାଙ୍କ ବଡ଼ବାପା ବୋଲି ପରିଚୟ ଦେଉଥିବା ଜଣେ ବୃଦ୍ଧ ଆସିଛି। ତାଙ୍କର ପ୍ରାର୍ଥନା ହେଉଛି ଯେ ରାଜାଙ୍କୁ ଗାଦୀରୁ ହଟାଇ ଦିଆଗଲେ ତାଙ୍କ ପୁତ୍ରକୁ ରାଜା କରାଯାଉ। ସେ ଓ ତାଙ୍କ ତରଫରୁ କେହି ଜଣେ ସୂଚନା ଦେଇଛି ଯେ ରାଜାଙ୍କର ଜଣେ ଭାଇ ଅଛି ଯେ କି ରାଜା ହେବାର ଥିଲା। ଏ ରାଜା ଗଦୀରେ ବସିବା ଭୁଲ। ତା ବ୍ୟତୀତ ତାଙ୍କର ଶାସନ ବ୍ୟବସ୍ଥା ଠିକ୍ ନ ହୋଇଥିବାରୁ ତାଙ୍କ ଠାରୁ ରାଜ୍ୟ କାଢ଼ି ନେଇ ଭାଇକୁ ଦେବା ଉଚିତ। ଯେଉଁ ଭାଇର ଉଲ୍ଲେଖ କରାଯାଇଛି ସେ ଏଇ ବୃଦ୍ଧଙ୍କ ପୁତ୍ର କି ନୁହେଁ ସେ ବିଷୟରେ ନିଶ୍ଚିତ ରୂପେ କିଛି କୁହାଯାଇ ପାରିବ ନାହିଁ। ଯାହା ହେଉ ସର୍ବ ପ୍ରଥମେ ଏଇ ରାଜାଙ୍କୁ ଗାଦୀରୁ ହଟେଇବା ଶ୍ରେୟସ୍କର ହେବ। ତା ପରେ ପ୍ରଶ୍ନ ଉଠୁଛି ଯେ ଯେଉଁମାନେ ନିଜକୁ ରାଜା ପଦର ଅଧିକାରୀ ବୋଲି ମନେ କରୁଛନ୍ତି ସେମାନଙ୍କ ମଧ୍ୟରୁ କାହାରିକୁ ରାଜଗାଦୀ ଦିଆଯାଇ ପାରିବ କି ନାହିଁ? ଏମାନଙ୍କ ମଧ୍ୟରୁ କାହାକୁ ଗାଦୀରେ ବସାଯାଇ ପାରିବ ଓ ଯାହାକୁ ବସାଯିବ ସେ ମହୀଶୂରର ରାଜା ଅପେକ୍ଷା ବେଶୀ ଯୋଗ୍ୟ ବିବେଚିତ ହେବ ବୋଲି ଠିକ୍ ଜଣାପଡୁ ନାହିଁ। ଜଣେ ବ୍ୟକ୍ତିକୁ ରାଜ୍ୟ ଦିଆଗଲେ ଦେଶ ପୁଣି ସଙ୍କଟର ସମ୍ମୁଖୀନ ହୋଇପାରେ ଓ ତାହା ଦେଖି ଆମକୁ ପୁଣି ଶାସନ ଦାୟିତ୍ୱ ନିଜ ହାତକୁ ନେବାକୁ ପଡ଼ିପାରେ।

ଯାହାହେଉ ଆମେ ନିକଟରେ ରାଜାଙ୍କ ଅତିଥି ରୂପେ ମଡ଼କେରୀ ଯାଉଛୁ। ଏ ସବୁ ବିଷୟରେ ରାଜାଙ୍କୁ ଚେତାବନୀ ଦେବୁ। ସେଠାକାର ସ୍ଥାନୀୟ ପରିସ୍ଥିତିକୁ ସାବଧାନତାର ସହ ଅଧ୍ୟୟନ କରି କୋଡ଼ଗକୁ କମ୍ପାନୀ ସରକାର ଅଧୀନରେ ରଖିବା ବିଷୟରେ ଚିନ୍ତା କରିବୁ। ସେ ସମୟରେ ଆପଣ ଅତିକମରେ ଦିନକ ପାଇଁ ଆସି ପାରିଲେ ସ୍ଥିତିକୁ ଅଧ୍ୟୟନ କରିବାରେ ସହାୟତା ମିଳନ୍ତା।

ଆପଣଙ୍କ ପତ୍ରରେ ଗୋଟାଏ ବିଷୟର ଉଲ୍ଲେଖ ନାହିଁ ଯାହା କି ଗୁରୁତ୍ୱପୂର୍ଣ୍ଣ ବୋଲି ମନେ ହେଉଛି। ତାହା ହେଉଛି ଇଂରେଜମାନଙ୍କର ଏଠାକୁ ଆସି ଦେଶର ଜନତାକୁ ଯେ କେବଳ ଏକ ସୁବ୍ୟବସ୍ଥିତ ରାଜନୈତିକ ଜୀବନ ପ୍ରଦାନ କରିବା ଉଦ୍ଦେଶ୍ୟ ତା ନୁହେଁ, ବରଂ ଯୀଶୁଙ୍କ ପବିତ୍ର ବାଣୀ ପ୍ରଚାର କରି ଜନତାଙ୍କ ହୃଦୟର ଅନ୍ଧକାର ଦୂର କରି ସେମାନଙ୍କୁ ଉଦ୍ଧାର କରିବାକୁ ହେବ। ଏହା ହିଁ ଈଶ୍ୱରଙ୍କ ଇଚ୍ଛା। ମୁଁ ଜାଣେ ଯେ ଅନ୍ୟ ପ୍ରାନ୍ତର ହିନ୍ଦୁଧର୍ମ ଯଥେଷ୍ଟ ଅବିବେକପୂର୍ଣ୍ଣ କିନ୍ତୁ ସ୍ଥାନୀଲୋକମାନେ କହନ୍ତି କୋଡ଼ଗରେ ତାର ରୂପ ଆହୁରି ବିକୃତ। ପୂଜ୍ୟ ମେଘଲିଙ୍ଗ ନାମକ ଆମର ଧର୍ମପ୍ରଚାରକ କୋଡ଼ଗରେ

Digitized by srujanika@gmail.com

ଭ୍ରମଣ କରି ଭଲ ରୂପେ ସେଠାକାର ପରିସ୍ଥିତି ଅଧ୍ୟୟନ କରି ଏହା କହିଛନ୍ତି। ତାଙ୍କ ମତରେ କୋଡ଼ଗ ଖ୍ରୀଷ୍ଟଧର୍ମ ପ୍ରଚାର ପାଇଁ ପ୍ରକୃଷ୍ଟ କ୍ଷେତ୍ର। ପ୍ରଯତ୍ନ କଲେ କିଛି ବର୍ଷ ମଧ୍ୟରେ କୋଡ଼ଗ ରାଜ୍ୟ ଖ୍ରୀଷ୍ଟଧର୍ମର ପ୍ରାଣକେନ୍ଦ୍ର ହୋଇପାରେ। ରାଜନଵରର ଲୋକମାନଙ୍କର ମଧ୍ୟ ଏ ଦିଗରେ ଆଗ୍ରହ ଅଛି।

ଏଥର କୋଡ଼ଗ ଗଲେ ଏ ବିଷୟରେ ଅଧ୍ୟୟନ କରିବି।"

84

ଉତ୍ସବ ପାଇଁ ପ୍ରସ୍ତୁତି ହେବାକୁ ଲାଗିଲା। ବୋପଣ୍ଣା ତାଙ୍କ କାର୍ଯ୍ୟ କରିବି ନାହିଁ ବୋଲି କହିବା ସତ୍ତ୍ୱେ ଛାଡିଲେ ନାହିଁ କିନ୍ତୁ ସେଥିପାଇଁ ବିଶେଷ ପରିଶ୍ରମ ମଧ୍ୟ କଲେ ନାହିଁ। ଉତ୍ତୟା ମଡ଼କେରୀରେ ନ ଥିବାରୁ କାର୍ଯ୍ୟରେ ସାମାନ୍ୟ ଅସୁବିଧା ହେଲା। ରାଜନଵର ପହରା ଦେବାର ବନ୍ଦୋବସ୍ତ ଠିକ୍ ରୂପେ କରିନାହିଁ କହି ତାଙ୍କୁ ରାଜା ସୀମାପ୍ରାନ୍ତକୁ ପଠାଇ ଦେବାକୁ ଆଜ୍ଞା ଦେଇଥିଲେ। ତାଙ୍କୁ ହେଗ୍ଗଡ ସୀମାବର୍ତ୍ତୀ ପ୍ରଦେଶକୁ ପଠାଇ ଦିଆଯାଇଥିଲା। କୋଡ଼ଗୀଙ୍କର ଖେଳକୁଦରେ ଉତ୍ତୟା ଖୁବ୍ ଦକ୍ଷ ଓ ଉତ୍ସାହୀ ଥିଲେ। ସେ ଯେଉଁଠାରେ ଠିଆ ହେଉଥିଲେ ସେଠାରେ ଶହେ ଲୋକ ଆସି ଜମା ହୋଇ ଯାଉଥିଲେ। ଏତେ ପ୍ରଭାବ ଆଉ କାହାରି ନ ଥିଲା।

ସ୍ନେହ ସମ୍ବନ୍ଧ ପୁଣି ଫେରି ଆସିଥିବାରୁ ଘରର ଜାମାତା ଚେନ୍ନବସବକୁ ଉତ୍ସବରେ ଭାଗ ନେବାକୁ ଡକାଯାଇଥିଲା। କୋଡ଼ଗୀ ଗୀତ ଓ ନୃତ୍ୟ ସମ୍ବନ୍ଧରେ ତାର ଜ୍ଞାନ ଥିବାରୁ ଉତ୍ତୟାଙ୍କ କାର୍ଯ୍ୟର କିଛି ଅଂଶର ଭାର ତାକୁ ଦିଆଯାଇଥିଲା।

କୋଡ଼ଗର ସଂସ୍କୃତି ଓ ଇତିହାସ ସମ୍ବନ୍ଧରେ ଆସୁଥିବା ଅତିଥିମାନଙ୍କୁ ପରିଚିତ କରାଇବା ପାଇଁ ପୁରାତନ କେତେକ ଦୃଶ୍ୟକୁ ଗ୍ରାମର ଲୋକମାନେ ପ୍ରସ୍ତୁତ କରିବେ। ଯେ କେହି କବିତା ପଢ଼ିବା ବା ନାଟକରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିଲା ତାକୁ ତାହା କରିବା ପାଇଁ ସୁବିଧା ଦିଆଯାଉଥିଲା। ଏ ସବୁ ବ୍ୟବସ୍ଥା କରିବାର ଦାୟିତ୍ୱ ଲକ୍ଷ୍ମୀନାରାୟଣଙ୍କ ଭାଇ ମଣେଗାର ସୁରପ୍ପାଙ୍କୁ ଦିଆଯାଇଥିଲା।

ଶିକାର କରିବାକୁ ଯିବା ଇଂରେଜମାନଙ୍କର ଅତି ପ୍ରିୟ ଥିଲା ବୋଲି ଦୁଇ ତିନି ଦିନ ଶିକାରରେ ଯିବାର ବ୍ୟବସ୍ଥା କରାଯାଇଥିଲା। ରାଜଭବନର 'ଆୟୁଧଶାଳା'ରୁ ପର୍ଯ୍ୟାପ୍ତ ଅସ୍ତ୍ର, ଜାଲ, ଦଉଡ଼ି ଆଦି ବାହାର କରାଯାଇ ଶିକାର ପାଇଁ ନିଶ୍ଚିତ ଜଙ୍ଗଲର ଆଖପାଖ ଗ୍ରାମଗୁଡ଼ିକୁ ଶିକାରରେ ସାହାଯ୍ୟ କରିବା ପାଇଁ ଆଜ୍ଞା ଦିଆ ଯାଇଥିଲା।

ରାଜଭବନର ଘୋଡ଼ାଶାଳରେ ଅନେକ ଘୋଡ଼ା ଓ ଶିକାରୀ କୁକୁର ଦଳ ଥିଲେ। ମନ୍ତ୍ରୀ ହୋଇ ସୁଦ୍ଧା ବସବ ସେମାନଙ୍କର ଦେଖାଶୁଣା କରୁଥିଲା। ଅତିଥିମାନଙ୍କ ଭୋଜନ ସମ୍ବନ୍ଧରେ ବିଚାର-ବିମର୍ଷ କରାହେଲା। ଗୋମାଂସ ଓ ଗହମର ପ୍ରୟୋଗ ହିଁ ସେମାନଙ୍କ ବିଜୟର କାରଣ ବୋଲି ଇଂରେଜମାନଙ୍କର ଅହଙ୍କାର ଥିଲା। ରାଜାଙ୍କ କୁଳରେ ମଦ୍ୟପାନ ବର୍ଜିତ ଥଲେ ମଧ୍ୟ କୋଡ଼ଗରେ ମଦ୍ୟପାନ କରିବାରେ କୌଣସି ବାଧା ନ ଥିଲା। ତାଙ୍କ ପିତା ଓ ବଡ଼ବାପା ପୂର୍ବଜଙ୍କର ଆଚାର-ବିଚାର ଛାଡ଼ି ନ ଥିଲେ ମଧ୍ୟ ସେ

Digitized by srujanika@gmail.com

ଅନ୍ୟଙ୍କୁ ପିଇବାରେ ବାଧା ଦେଇ ନ ଥିଲେ। ଇଂରେଜ ତାଙ୍କ ସହ ସାକ୍ଷାତ କରିବାକୁ ଆସିଲେ ସେମାନଙ୍କ ପାଇଁ ସେ ମଦ୍ୟର ବ୍ୟବସ୍ଥା କରୁଥିଲେ। ଏହି କାରଣରୁ ବସବର ସହାୟତାରେ ଚଲ୍କାବୀରରାଜ ମଦ୍ୟପାନରେ ଅଭ୍ୟସ୍ତ ହୋଇଯାଇଥିଲେ। ସେ ଏତେ ମଦ୍ୟ ଏକାଠି କରି ରଖିଥିଲେ ଯେ ସବୁ ଅତିଥିଙ୍କୁ କେବଳ ସପ୍ତାହେ ନୁହେଁ ତିନି ମାସ ପର୍ଯ୍ୟନ୍ତ ପେଟ ପୂରାଇ ମଦ୍ୟପାନ କରାଇ ପାରିଥାନ୍ତେ। ତେଣୁ ମଦ୍ୟ ବିଷୟରେ କୌଣସି ଚିନ୍ତା ନ ଥିଲା କିନ୍ତୁ ଗୋମାଂସ ବିଷୟରେ କଣ କରାଯିବ? କୋଡ଼ଗରେ ଏ ପର୍ଯ୍ୟନ୍ତ ଗୋ-ହତ୍ୟା ହୋଇ ନାହିଁ ବା କରାଯାଇ ପାରିବ ନାହିଁ।

ଆସୁଥିବା ଅତିଥିମାନଙ୍କୁ ସେମାନଙ୍କ ପ୍ରିୟ ଆହାର ଯୋଗାଇବା ପାଇଁ ରାଜା ଆଜ୍ଞା ଦେଇଛନ୍ତି ବୋଲି ବସବ ମନ୍ତ୍ରୀମାନଙ୍କୁ ସୂଚିତ କଲା। ସେମାନେ ଗୋମାଂସ ଚାହିଁଲେ ତାହା ମଧ୍ୟ ଦିଆଯାଉ। ଲକ୍ଷ୍ମୀନାରାୟଣ ଏଥିରେ ସହମତ ନଥିଲେ। ବୋପଣ୍ଣା ମଧ୍ୟ "ଆମ ଦେଶରେ ଏ ନିୟମ ନାହିଁ ତେଣୁ ଏହା କରିବା ଉଚିତ ନୁହେଁ" ବୋଲି କହିଲେ। ରାଣୀଙ୍କୁ ପଚାରିବାରୁ ସେ ମଧ୍ୟ ଯାହା ଆମର ନିୟମ ନାହିଁ ତାହା କରିବା ଉଚିତ ନୁହେଁ ବୋଲି କହିଲେ। ବସବ କହିଲା, "ରାଜ୍ୟରେ ଗୋ-ହତ୍ୟା କରିବାର ଆବଶ୍ୟକ ନାହିଁ କିନ୍ତୁ 'ପିରାୟାପଟ୍ଟର' ବା 'ପାଣେ'ରୁ ମଗାଇଲେ କ୍ଷତି କଣ? ଏହା ଦ୍ୱାରା ଧର୍ମରକ୍ଷା ହେବା ସଙ୍ଗେ ସଙ୍ଗେ ଅତିଥିମାନଙ୍କୁ ସନ୍ତୁଷ୍ଟ ମଧ୍ୟ କରାଯାଇ ପାରିବ।" "ଯାହା ତୁମର ଇଚ୍ଛା" କହି ଏ କଥା ତା ଉପରେ ଛାଡ଼ି ଦିଆଗଲା।

ଇଂରେଜ ସ୍ତ୍ରୀ-ପୁରୁଷ ଏକତ୍ର ଆସନ୍ତି। ତେଣୁ ସେମାନଙ୍କ ପଦ୍ଧତି ଅନୁଯାୟୀ ସେମାନଙ୍କ ପାଇଁ ଭୋଜନ ଓ ନୃତ୍ୟର ପ୍ରବନ୍ଧ ହେବା ଉଚିତ ବୋଲି ନିଶ୍ଚିତ କରାଗଲା।

ଉତ୍ସବରେ ମେଘଲିଙ୍ଗ ପାଦ୍ରୀ କହିଥିବା ଏକ କାର୍ଯ୍ୟକ୍ରମକୁ ଅନ୍ତର୍ଭୁକ୍ତ କରାଯିବା ପାଇଁ ଠିକ୍ ହେଲା। ଭାରତବର୍ଷରେ ଯେତେ ଧର୍ମ ପ୍ରଚଳିତ ସେମାନଙ୍କ ମଧ୍ୟରୁ ଖ୍ରୀଷ୍ଟଧର୍ମ ଯେ ଶ୍ରେଷ୍ଠ ଓ ଉନ୍ନତ ତାହା ସେ ପ୍ରମାଣ କରି ଦେଖାଇବେ। ଏ ବିଷୟରେ ହିନ୍ଦୁ ଧର୍ମର ଯେ କେହି ପ୍ରମୁଖ ବ୍ୟକ୍ତି ତାଙ୍କ ସହ ବାଦ-ବିବାଦ କରିପାରନ୍ତି। ରାଜା ଓ ଇଂରେଜ ଅତିଥିମାନଙ୍କ ସମ୍ମୁଖରେ ଯଦି ତାହା ଶ୍ରେଷ୍ଠ ବୋଲି ବିବେଚିତ ହେଲା ତେବେ କୋଡ଼ଗରେ ଖ୍ରୀଷ୍ଟଧର୍ମ ତଥା ତାଙ୍କ ଗୁରୁଙ୍କ ବାଣୀ ପ୍ରଚାର କରିବାରେ ସୁବିଧା ହେବ। ଏ କଥା ଲକ୍ଷ୍ମୀନାରାୟଣ ତଥା ବୋପଣ୍ଣାଙ୍କ ମନକୁ ନ ପାଇଲେ ମଧ୍ୟ ତାହା କରିବାକୁ ଦିଆଯାଉ ବୋଲି ରାଜା କହିଲେ। ମେଘଲିଙ୍ଗ ପାଦ୍ରୀଙ୍କୁ ସନ୍ତୁଷ୍ଟ କରି ନିଜ ଶରୀର ପାଇଁ କିଛି ଉତ୍ତମ ଔଷଧ ପ୍ରାପ୍ତ କରିବା ତଥା ଦୃଢ଼ ମତରେ ନିଜର ନିରପେକ୍ଷ ଭାବ ଦେଖାଇ ଇଂରେଜଙ୍କୁ ପ୍ରସନ୍ନ କରିବା ତାଙ୍କର 'ହଁ' କହିବାର କାରଣ ଥିଲା। ତୃତୀୟ ଓ ଆଉ ଗୋଟିଏ ଛୋଟ ଉଦ୍ଦେଶ୍ୟ ମଧ୍ୟ ଥିଲା। ତାଙ୍କ ସମାସ୍କନ୍ଧ କେହି ନାହାନ୍ତି ବୋଲି ମନ୍ଦିରର ଦୀକ୍ଷିତଙ୍କର ଅହଙ୍କାର ଥିଲା। ଉତ୍ସବ ଦିନମାନଙ୍କରେ ଚାଉଳ ପାଇଁ କାନି ଦେଖାଇବା ଓ ସୁନା ପାଇଁ ହାତ ଦେଖାଇବା ହିଁ ତାର କାମ ଥିଲା। ଅନ୍ୟ ମତର ଲୋକେ ନିଜ ଧର୍ମ ପାଇଁ କେତେ କଷ୍ଟ କରୁଛନ୍ତି ତାହା ସେ ଜାଣିବା ଉଚିତ। ନିଜ ଜ୍ଞାନକୁ ସମସ୍ତଙ୍କ ସମ୍ମୁଖରେ ପ୍ରକଟ କଲେ ଜଣାଯିବ। ତେଣୁ ତାର ମଧ୍ୟ ପ୍ରବନ୍ଧ କରାଯାଇ ଦୀକ୍ଷିତଙ୍କୁ ଆଗରୁ ସୂଚନା ଦିଆ ହେଲା।

Digitized by srujanika@gmail.com

୪୫

ଉତ୍ସବ ଦିନ ଅତିଥିମାନେ ଆସି ପହଞ୍ଚିଲେ। ରାଜଭବନର ଆତିଥ୍ୟ ବାଧା ପ୍ରାପ୍ତ ନ ହୋଇ ଚାଲିଲା।

'ରେସିଡେଣ୍ଟ' ଓ ତାଙ୍କ ସଙ୍ଗୀମାନେ ମଡ଼କେରୀ ଆସିବା ଦିନ ବସବ ସହରର ବଡ଼ ଫାଟକ ନିକଟରେ ରାଜାଙ୍କ ତରଫରୁ ସେମାନଙ୍କ ସ୍ୱାଗତ କଲା। ରାଜଭବନରେ ପହଞ୍ଚିବାରୁ ଲକ୍ଷ୍ମୀନାରାୟଣ ତଥା ବୋପଣ୍ଣା ସେମାନଙ୍କୁ ସ୍ୱାଗତ କରି ଭିତରକୁ ନେଇଗଲେ। ବୀରରାଜ ଇଂରେଜ କର୍ଣ୍ଣେଲଙ୍କ ପରି ବସ୍ତ୍ର ଧାରଣ କରିଥିଲେ, କମ୍ପାନୀ ଦ୍ୱାରା ନିଜ ବଡ଼ବାପା ଦୋଡ୍ଡବୀର ରାଜଙ୍କୁ ପ୍ରଦାନ କରାଯାଇଥିବା ତରବାରୀ ବାନ୍ଧି ହୀରା ଖଚିତ ପଗଡି ଧାରଣ କରି ନିଜ ବୈଠକରେ ସେମାନଙ୍କୁ ସ୍ୱାଗତ କଲେ। କୁଶଳ ସମାଚାର ପଚାରିବା ପରେ ବଡ଼ରାଜାଙ୍କ ଦ୍ୱାରା ଏମାନଙ୍କ ପାଇଁ ନିର୍ମିତ ଦୁଇ ମହଲା ବିଶିଷ୍ଟ ଭବନକୁ ସେମାନଙ୍କୁ ନିଆଗଲା।

ବାଙ୍ଗାଲୋରରୁ ଏମାନେ ଆସି ପହଞ୍ଚିବା ବେଳକୁ ମାଙ୍ଗାଲୋରର କଲେକ୍ଟର ମଧ୍ୟ ଆସି ପହଞ୍ଚିଥିଲେ। ବୀରରାଜଙ୍କ ଆଜ୍ଞାନୁସାରେ ବସବ ଦ୍ୱିପ୍ରହର ବେଳେ ତାଙ୍କୁ ସାକ୍ଷାତ କରି କହିଲା, "ପାଣେରୁ ଗୋଟିଏ ଝିଅକୁ କିଏ ରାଜମହଲକୁ ନେଇ ଆସିଥିଲା। ତାକୁ ଏଠାକୁ ଚୋରାଇ ଅଣାଯାଇଛି ଓ ଏଠାକୁ ଆସିବାକୁ ତାର ସହମତି ନ ଥିଲା ବୋଲି ଜଣାପଡ଼ିବାରୁ କୁଶଳପୂର୍ବକ ତାକୁ ଘରକୁ ପଠେଇଦେବାକୁ ସ୍ଥିର କରାହେଲା। ଏ ଖବର ଲକ୍ଷ୍ମୀନାରାୟଣଙ୍କ ନିକଟରେ ପହଞ୍ଚିବାରୁ ଏ ଝିଅ ଯେ ତାଙ୍କ ଜାତିର ତାହା ସେ ଜାଣିଲେ। ସେଥିପାଇଁ ତାଙ୍କ ବୃଦ୍ଧମାତା ଆସି ତାଙ୍କୁ ନିଜ ଘରକୁ ନେଇ ପରେ ପାଣେରୁ ତାକୁ ଖୋଜିବାକୁ ଆସିଥିବା ତାର ପତି ନିକଟରେ ପହଞ୍ଚାଇ ଦିଆଗଲା। ନିକଟରେ ଏ ବିଷୟ ନେଇ ଯେଉଁ ଚର୍ଚ୍ଚା ଚାଲିଥିଲା ତା ଶେଷ ହୋଇଗଲା। ଏ କଥା ମୁଁ ଆଗରୁ ଆପଣଙ୍କ ନିକଟରେ ନିବେଦନ କରିଥିଲି।" କଲେକ୍ଟର କହିଲେ, "ଏହା ଶୁଣି ଖୁବ୍ ଆନନ୍ଦିତ ହେଲି। ଏ ବିଷୟ ମୁଁ ମାନ୍ଦ୍ରାଜକୁ ଲେଖିଦେଇଛି।"

ଦ୍ୱିତୀୟ ଓ ଚତୁର୍ଥ ଦିନ ଶିକାରର ପ୍ରବନ୍ଧ କରାଯାଇଥିଲା। ଶରୀର ପୂର୍ଣ୍ଣ ସୁସ୍ଥ ହୋଇ ନ ଥିବାରୁ ବୀରରାଜ ଶିକାରରେ ଗଲେ ନାହିଁ। ସବୁ ଭଲ ଥିଲେ ବୋପଣ୍ଣା ଯାଇ ପାରି ଥାନ୍ତେ କିନ୍ତୁ କାମର ବାହାନା କରି ସେ ରହିଗଲେ। ଅତିଥିଙ୍କୁ ଜଙ୍ଗଲକୁ ନେଇ ଚାରିଆଡ଼ ବୁଲାଇ ପୁଣି ଫେରାଇ ଆଣିବାର ଭାର ବସବ ଉପରେ ପଡ଼ିଲା।

ତାର ଡାହାଣ ଗୋଡ଼ ମୋଡ଼ି ହୋଇଥିବାରୁ ଲେଙ୍ଗଡ଼େଇ ଚାଲୁଥିଲେ ମଧ୍ୟ ଘୋଡ଼ାରେ ଚଢ଼ିବା ପରେ ଯେକୌଣସି ଚତୁର ଘୋଡାସବାରଠାରୁ କୌଣସି ଗୁଣରେ କମ ନ ଥିଲା। ତାର ଦେହ ରାଜାଙ୍କଠାରୁ ଶକ୍ତିଶାଳୀ ଥିଲା ଓ ରାଜା ନ ହୋଇ ଥିବାରୁ ତାର ବିଳାସ ବ୍ୟସନ ସୀମାବଦ୍ଧ ଥିଲା। ସେଥିପାଇଁ ବୟସରେ ରାଜାଙ୍କଠାରୁ ଦୁଇ ବର୍ଷ ବଡ଼ ହେଲେ

Digitized by srujanika@gmail.com

ମଧ୍ୟ ସେ ସୁସ୍ଥ-ସବଳ ଥିଲା। ଶିକାରର ଏପରି ବ୍ୟବସ୍ଥା କରାଯାଇଥିଲା ଯେପରି କି ପ୍ରତ୍ୟେକଙ୍କୁ ପ୍ରତ୍ୟେକ ଦିନ ଗୋଟିଏ ଶିକାର ମିଳି ପାରିବ। ପୁରୁଷଙ୍କ ପରି ସ୍ତ୍ରୀଲୋକମାନଙ୍କୁ ଶିକାର କରିବାର ସୁବିଧା ମିଳିଲା। ସମସ୍ତଙ୍କୁ ଶିକାର କରିବାର ସଫଳତା ପ୍ରାପ୍ତ ହେବାର ବ୍ୟବସ୍ଥା କରାଯାଇଥିଲା। ଯେଉଁ ତିନି ଦିନ ଶିକାରରେ ଯିବାର ନ ଥିଲା ସେଥିରେ ପ୍ରଥମ ଦିନ ରେସିଡେଣ୍ଟ ରାଜାଙ୍କ ସହ, ଦ୍ୱିତୀୟ ଦିନ ତାଙ୍କର ସମ୍ମତି ନେଇ ମନ୍ତ୍ରୀଗଣଙ୍କ ସହ ଓ ତୃତୀୟ ଦିନ ଜାମାତା ଚେନ୍ନବସବ ସହ କଥାବାର୍ତ୍ତା ହେଲେ।

ସେ ଦିନମାନଙ୍କରେ ସାମାନ୍ୟ ଅବସର ମିଳିବା ମାତ୍ରେ ଅତିଥିଗଣ ରାଜାଙ୍କ ଅସ୍ତ୍ରାଗାର, ଘୋଡ଼ାଶାଳ ତଥା ଶିକାରୀ କୁକୁରଦଳଙ୍କୁ ଦେଖିଲେ। ଅତିଥି ସ୍ତ୍ରୀମାନେ ରାଣୀଙ୍କୁ ଭେଟି ତାଙ୍କର ବସ୍ତ୍ର, ଅଳଙ୍କାର ଆଦି ଦେଖି ବହୁତ ପ୍ରଭାବିତ ହେଲେ।

୪୬

ଉତ୍ସବ ଦିନରେ ନିଜ ଦେଶ ଇତିହାସର ଏକ ପ୍ରସଙ୍ଗ ନେଇ ନାଟକ ଅଭିନୟ କରିବାର ପରମ୍ପରା ପୂର୍ବରୁ ରାଜମହଲରେ ଥିଲା। କୋଡ଼ଗର ରାଜା ସେମାନଙ୍କ ମିତ୍ରତା କିପରି ପ୍ରାପ୍ତ କଲେ ତାହା ଇଂରେଜ ମିତ୍ରମାନଙ୍କୁ ଦେଖାଇବା ହିଁ ଏହାର ଉଦ୍ଦେଶ୍ୟ। ଏଥର ପାଞ୍ଚଦିନ ଭୋଜନୋପରାନ୍ତ ଏପରି ନାଟକ ଅଭିନୀତ ହେଲା।

ଲକ୍ଷ୍ମୀନାରାୟଣଙ୍କ ଭାଇ ସୁରପ୍ପା ଏପରି ନାଟକ ପ୍ରସ୍ତୁତ କରୁଥିବା ଅଭିନେତାମାନଙ୍କୁ ଜାଣିଥିଲେ। ସେମାନଙ୍କୁ ଏକାଠି ଡକାଇ କିଏ କେଉଁ ଦୃଶ୍ୟ ପ୍ରସ୍ତୁତ କରି ପାରିବ ଖବର ନେଇ ସେମାନଙ୍କୁ ସେ ଗୋଟିଏ କ୍ରମରେ ବାନ୍ଧି ଦେଲେ। ସେ ନିଜେ ନିର୍ଦ୍ଦେଶକ ରୂପେ ପରଦା ଆଢୁଆଳରେ ଅତୀତ ଘଟଣାର ପୂର୍ବ ସୂଚନା ଦେଇ ଚରିତ୍ରଗୁଡ଼ିକୁ ନିର୍ଦ୍ଦେଶନା ଦେବା ସଙ୍ଗେ ସଙ୍ଗେ କଥା-ସୂତ୍ର ଯୋଡ଼ିବାର ଦାୟିତ୍ୱ ନେଲେ।

କୋଡ଼ଗର ଏହି ନାଟକ ଶୈଳୀ ମାଙ୍ଗଲୋରର ଯକ୍ଷଗାନ ଓ ମଲୟାଲର କଥାକଳୀ-ଏ ·ଦୁଇ ଶୈଳୀର ମିଶ୍ରିତ ରୂପ ଥିଲା।

ପ୍ରଥମ ଦିନ କୋଡ଼ଗ ରାଜାମାନଙ୍କର ମୂଳ ପୁରୁଷ ଚରିତ୍ର ନାଟକ ରୂପ ପ୍ରଦର୍ଶିତ ହେଲା। ସର୍ବପ୍ରଥମ ଶାସକ ବଂଶର ଅନ୍ତିମ ରାଜା ବହୁତ ଦୁଷ୍ଟ ଥିବାରୁ ଜନତା ତାଙ୍କର ବିରୋଧୀ ଥିଲେ ଓ ଜନତାର ନେତାମାନେ ତାଙ୍କୁ ଖୁନ୍ କରିଥିଲେ। ଇକ୍କେରୀରୁ ଜଣେ ସନ୍ୟାସୀ ଆସି ସେମାନଙ୍କ ବୀରତ୍ୱର ପ୍ରଶଂସା କରି ସେମାନଙ୍କ ମଧ୍ୟରୁ ଜଣଙ୍କୁ ରାଜା ହେବାକୁ କହିଲେ। ସେମାନେ ସେ କଥା ସ୍ୱୀକାର ନ କରି ସନ୍ୟାସୀଙ୍କୁ ହିଁ ରାଜା କଲେ। ସେ ଦିନର ନାଟକର ସାରାଂଶ ଥିଲା ଉକ୍ତ ରାଜା ମାଲିକ ହୋଇ ରାଜ୍ୟ ଶାସନ ନ କରି ଜନତାକୁ ରାସ୍ତା ଦେଖାଉଥିବା ଗୁରୁ ରୂପେ ଗାଦୀରେ ବସିଲେ। ଜନତା ତାଙ୍କର ସେବକ ନୁହେଁ ବରଂ ତାଙ୍କ ପରିବାରର ସଦସ୍ୟ ପରି ଥିଲେ। ସେମାନେ ତାଙ୍କୁ ଯେଉଁ କର ଦେଉଥିଲେ ତାହା ରାଜ-କର ନୁହେଁ, ଗୁରୁ ଦକ୍ଷିଣା ରୂପେ ଦେଉଥିଲେ। ଏହି ନାଟକ ଅନୁସାରେ ଶେଷରେ ଯେ ରାଜା ହେଲେ, ସେ କହିଲେ ଯେ ସେ ଓ

Digitized by srujanika@gmail.com

ତାଙ୍କ ବଂଶଜ ଜନତାକୁ ନିଜ ସନ୍ତାନ ରୂପେ ଦେଖନ୍ତି। ଏ ବଂଶରେ ଯେ ତାହା ନ କରିବ ତାକୁ ଆପଣମାନେ ପୂର୍ବ ରାଜାଙ୍କୁ ଦେଇଥିବା ଦଣ୍ଡ ଦେଇ ପାରନ୍ତି।

ଏ ଦୃଶ୍ୟ ଚିକ୍କବୀରଙ୍କ ପ୍ରତି ପ୍ରଯୁଜ୍ୟ ଥିଲା। ଏକଥା ରାଜା, ରାଣୀ, ମନ୍ତ୍ରୀ ଓ ଅନ୍ୟାନ୍ୟ ଦର୍ଶକଗଣ ବୁଝିପାରିଲେ ମଧ୍ୟ ଏହାକୁ ସୁରପ୍ପା ଯେ କୌଣସି ବିଶେଷ ଉଦ୍ଦେଶ୍ୟରେ ପ୍ରସ୍ତୁତ କରୁଛନ୍ତି ତାହା ପ୍ରତୀତ ହେଉ ନ ଥିଲା। କଥା ପ୍ରବାହରେ ସେ ସବୁ ସ୍ୱତଃ ଆସିଯାଇଥିଲା।

କୌଣସି ବିଶେଷ ଉଦ୍ଦେଶ୍ୟରେ ଏହା କୁହାଯାଇ ନାହିଁ ଭାବି କେହି ଆଉ ସେ ପ୍ରଶ୍ନ ଉଠାଇଲେ ନାହିଁ। ଅନ୍ତର୍ନିହିତ ଅର୍ଥକୁ କିଏ ବା କାହିଁକି ଉତ୍‌ଥାପନ କରିବ ?

ଦୋଡ୍ଡବୀର ରାଜାଙ୍କର ଟୀପୁଙ୍କ ବିରୁଦ୍ଧରେ ଇଂରେଜମାନଙ୍କୁ ସାହାଯ୍ୟ କରିବା ପରଦିନ ନାଟକର କଥାବସ୍ତୁ ଥିଲା। ଟୀପୁଙ୍କ ମୁସଲମାନ ସୈନିକଗଣ କୋଡ଼ଗ ଜନତାକୁ ହଇରାଣ କରିବା, ଦେଡ୍ଡେବୀରମାଜଙ୍କର ଜେଲରୁ ଚାଲି ଆସି ଜନତାକୁ ଏକତ୍ରିତ କରି ଟୀପୁଙ୍କ ସେନାପତି ବିରୁଦ୍ଧରେ ଯାଇ ତାଙ୍କୁ ତଡ଼ି କୋଡ଼ଗକୁ ସ୍ୱାଧୀନ କରିବା, ତକଚେରୀ ତଥା ମାଙ୍ଗାଲୋରରୁ ଇଂରେଜ ସେନା ଯିବାବେଳେ ସେମାନଙ୍କୁ ସାହାଯ୍ୟ କରିବା ଇତ୍ୟାଦି ଦୃଶ୍ୟ ସେଥିରେ ଅନ୍ତର୍ଭୁକ୍ତ ଥିଲା। ଟୀପୁ ଦୋଡ୍ଡବୀର ରାଜଙ୍କୁ ଡାକି 'ଇଂରେଜ ବିଦେଶୀ, ତୁମେ ନିଜର ହୋଇଥିବାରୁ ଉଭୟେ ମିଶି ସେମାନଙ୍କୁ ଦେଶରୁ ତଡ଼ି ଜୟ କରିଥିବା ରାଜ୍ୟକୁ ସମାନ ଭାଗରେ ବାଣ୍ଟି ନେବା ବୋଲି କହିଲେ। କିନ୍ତୁ ବୀରରାଜ ଇଂରେଜ ତାଙ୍କର ମିତ୍ର, ତାଛଡ଼ା ଟୀପୁ ପ୍ରଥମେ ତାଙ୍କ ଦେଶର ଜନତା ଉପରେ ଅତ୍ୟାଚାର କରିଥିଲେ କହି ସେଥିରେ ରାଜି ହୋଇ ନ ଥିଲେ। ଇଂରେଜମାନେ ଏଥିରେ ପ୍ରସନ୍ନ ହୋଇ ତାଙ୍କୁ ଏକ ତରବାରୀ ପ୍ରଦାନ କରିଥିଲେ। ଏ ସମସ୍ତ କାହାଣୀ ନାଟକରେ ପ୍ରସ୍ତୁତ କରାଯାଇଥିଲା। ଜଣେ ଟୀପୁ, ଜଣେ ଇଂରେଜ ଟେଲର, ଜଣେ ବୀରରାଜ ଓ ଜଣେ ମୁସଲମାନ ସେନାପତି ଓ ଅନ୍ୟ ଦୁଇ ଜଣ କୋଡ଼ଗୀ ରୂପେ ଅଭିନୟ କରିଥିଲେ। ଏ ସବୁ ସୁରପ୍ପା ପଛ ଆଡୁ ନିର୍ଦ୍ଦେଶନା ଦେଉଥିଲା। ଅଭିନେତାଗଣ ଏହି ପ୍ରସଙ୍ଗ ସଙ୍ଗେ ପରିଚିତ ଥିଲେ। ଇଂରେଜ ଅଧିକାରୀ କଣ କହିଲେ କହିବା ସମୟରେ ସାହେବର ଅଭିନୟ କରୁଥିବା ବ୍ୟକ୍ତି ଉତ୍ସାହିତ ହୋଇ ମନେ ରଖିଥିବା ଅଂଶ ସହ ନିଜ ତରଫରୁ ମଧ କିଛି ଯୋଡ଼ି କହିଲା। ତା ସଙ୍ଗେ ସଙ୍ଗେ ସୁରପ୍ପା ମଧ ନିଜ ତରଫରୁ କିଛି କହିଲା। ଦର୍ଶକଗଣ ଖୁବ୍ ପ୍ରଶଂସା କଲେ। ଇଂରେଜମାନେ ମଧ୍ୟ ଅନୁବାଦକଠାରୁ ଏହାର ଅର୍ଥ ବୁଝି ଦୃଶ୍ୟକୁ ପସନ୍ଦକଲେ। ଶେଷରେ ଦୋଡ୍ଡବୀର ରାଜେନ୍ଦ୍ରଙ୍କ ନାମ ନେବା ମାତ୍ରେ ଇଂରେଜମାନେ ତାଙ୍କ ସମ୍ମାନରେ ଟୋପି ଓହ୍ଲାନ୍ତି ବୋଲି କୁହାଗଲା। ଜନତା 'ହଁ' କହି ସେ କଥାକୁ ସମର୍ଥନ କଲେ। 'ଦ୍ୱିଭାଷୀ'ମାନେ ଏହାର ଅର୍ଥ ରେସିଡ଼େଣ୍ଟଙ୍କୁ ବୁଝାଇବାରୁ ସେ ଠିଆ ହୋଇ ନିଜ ଟୋପି ହାତରେ ଧରି ସମ୍ମାନର ସହ ମୁଣ୍ଡ ନୁଆଁଇ 'ଆମେ ମଧ୍ୟ ତା କରୁଛୁ' ବୋଲି କହିବାରୁ ତାଙ୍କ ସାଥୀ ଇଂରେଜମାନେ ମଧ୍ୟ ଉଠି ସମ୍ମାନ ପ୍ରଦର୍ଶନ କଲେ। ଏହା ଦ୍ୱାରା ଜନତାର ଆନନ୍ଦର ସୀମା ରହିଲା ନାହିଁ ଓ ନାଟକ ମଧ୍ୟ ଖୁବ୍ ଉତ୍ସାହର ସହ ସମାପ୍ତ ହେଲା।

Digitized by srujanika@gmail.com

ତା'ପର ଦିନର କଥା ମାଲବୀରର ମୁସଲମାନ ରାଣୀଙ୍କ କାହାଣୀ ଥିଲା । ଟୀପୁ ତାଙ୍କ ଠାରୁ ରାଜ୍ୟ ଛଡ଼େଇ ନେଇ ସେଠାରୁ ତାଙ୍କୁ ବିଦା କରିଦେଇଥିଲେ । ରାଣୀ ଦୋଡ୍ଡବୀର ରାଜଙ୍କ ନିକଟକୁ ସହାୟତା ପାଇଁ ଦୂତ ପଠାଇଲେ । ବୀରରାଜ ଟଲଚେରୀର ଫେକର ସାହେବଙ୍କ ନିକଟକୁ ସମ୍ବାଦ ପଠାଇ ଇଂରେଜଙ୍କ ସହାୟତାରେ ଟୀପୁଙ୍କ ସେନାକୁ ମଲାବାରରୁ ମାଡ଼ ଦେଇ ବିଦା କରି ଦେଇ ସେଠିକା ରାଜ୍ୟ ରାଣୀଙ୍କୁ ଫେରସ୍ତ ଦେଲେ । କୋଡ଼ଗର ରାଜା ପରସ୍ତ୍ରୀକୁ ନିଜ ଭଉଣୀ ସଦୃଶ ଦେଖନ୍ତି ଓ ନିଜ ପ୍ରାଣ ଦେଇ ଶରଣାପନ୍ନକୁ ରକ୍ଷା କରନ୍ତି ବୋଲି ଏହି କଥାରୁ ଓ ଥରେ ମିତ୍ରତା କଲେ କେବେ ହେଲେ ପ୍ରତାରଣା କରନ୍ତି ନାହିଁ- ସେଥିରେ ଏହି ଆଦର୍ଶର ଭାବପୂର୍ଣ୍ଣ ଅଭିବ୍ୟକ୍ତି ହୋଇଥିଲା । ଏ ନାଟକକୁ ଇଂରେଜ ଅତିଥି ଖୁବ୍ ପସନ୍ଦ କରିଥିଲେ ।

ଲିଙ୍ଗରାଜଙ୍କ ଭୂମି-ବ୍ୟବସ୍ଥା ଥିଲା ଚତୁର୍ଥ ଦିନର କଥାନକ । ସେଥିରେ ଦେଖାଯାଇଛି ଯେ, ପୂର୍ବତନ ରାଜାଙ୍କ ସମୟରେ କୃଷକମାନେ 'ଖଜଣା' ଦେବାକୁ ଆସିଲେ ରାଜା ତାଙ୍କୁ କେତେ ଆମଦାନୀ ହୋଇଛି ବୋଲି ପଚାରୁଥିଲେ । ସେମାନେ ତାର ଉତ୍ତର ଦେବାପରେ ଆମଦାନୀର ଦଶମାଂଶ ନେଇ ବାକୀ ତାଙ୍କୁ ଛାଡ଼ି ଦେଇ ଭବିଷ୍ୟତରେ ଏହି ବ୍ୟବସ୍ଥା ଦେଶରେ ଲାଗୁ ହେବ ବୋଲି କହୁଥିଲେ । କୃଷକମାନେ ଆସି ଗ୍ରାମର ମୁଖିଆ ଅଧିକ ଖଜଣା ନେଇଛନ୍ତି ବୋଲି ଆପତ୍ତି କଲେ ସେ କଥା ଯଦି ସତ୍ୟ ବୋଲି ପ୍ରତିପାଦିତ ହୁଏ ତେବେ ତାକୁ ଦ୍ୱିଗୁଣ ଶସ୍ୟ ଫେରସ୍ତ ଦିଆଯାଏ । ଥରେ ମରୁଡ଼ି ଯୋଗୁଁ ଫସଲ ନଷ୍ଟ ହୋଇଥିବାରୁ କୃଷକମାନେ କମ ଶସ୍ୟ ଦେବାରୁ ମୁଖିଆ ତାହା ସ୍ୱୀକାର କଲା ନାହିଁ । କୃଷକ ରାଜାଙ୍କ ନିକଟରେ ନିଜର ଆପତ୍ତି ଜଣାଇଲା । ଯାହା ଆମଦାନୀ ହୋଇଛି ସେଥିରେ କୃଷକର ପେଟ ପୂରିବ ନାହିଁ ବୋଲି ରାଜା ଜାଣିବାରୁ ଖଜଣା ଦେବା ଆବଶ୍ୟକ ନାହିଁ ବରଂ ତାର ଆଉ ଯେତେ ଦରକାର ତାହା ରାଜଭବନର ଭଣ୍ଡାରରୁ ଦିଆଯାଉ ବୋଲି କହିଲେ । "ମୋ ଉପରେ ମାଲିକଙ୍କ ଋଣ ରହିବା ଉଚିତ ନୁହେଁ" ବୋଲି କୃଷକ କହିବାରୁ ରାଜା "ଫସଲ ହେଲେ ତାହା ଦ୍ୱିଗୁଣିତ କରି ମୋତେ ଫେରାଇ ଦେବ" ବୋଲି କହିଲେ ।

ଏ ସବୁ କଥା କୋଡ଼ଗର ଜନତା ଜାଣିଥିଲେ ମଧ୍ୟ ଇଂରେଜ ଅତିଥିମାନେ ଜାଣି ନଥିଲେ । ସେମାନଙ୍କୁ ଏହାର ଅର୍ଥ ବୁଝାଇ ଦିଆଯିବାରୁ ଏ ଦେଶର ରାଜଧର୍ମ କେତେ ଉନ୍ନତ ଥିଲା ଜାଣି ସେମାନେ ଆଶ୍ଚର୍ଯ୍ୟ ହେଲେ ।

87

ଶିକାରର ପୂର୍ବ ଦିନ ବସବ ଏକୁଟିଆ ଅତିଥିମାନଙ୍କ ସାଙ୍ଗରେ ଥିଲା । ବୋପଣ୍ଣା ସର୍ବଦା ଶିକାର ପାଇଁ ଯାଉଥିଲେ ମଧ୍ୟ ଏଥର ଆତିଥ୍ୟର ଦାୟିତ୍ୱ ସେ ନେଉ ନ ଥିଲେ । ଅତିଥିଙ୍କ ସଂଖ୍ୟା ଅଧିକ ଥିବାରୁ ସମସ୍ତଙ୍କର ସୁବିଧା ଦେଖିବା ଜଣଙ୍କ ପକ୍ଷରେ ଅସାଧ୍ୟ ହୋଇ ଉଠିଲା । ଲୁସି ପାର୍କର ଶିକାରରେ ନିପୁଣା ଥିଲେ । ସେ ବସବଙ୍କୁ ପଚାରିଲେ, "ଭଲ ଶିକାରୀ ଏଠାରେ ନିଶ୍ଚୟ ଥିବେ ବୋଧହୁଏ ।"

Digitized by srujanika@gmail.com

ସେ ଏଠିକାର ଲୋକଙ୍କ ମଧ୍ୟରୁ କାହାରିକୁ ସାଥୀ ରୂପେ ଚାହୁଁଛି ବୋଲି ବସବ ମନେ ମନେ ଭାବିଲା। "ମୁଁ ଡାକୁଛି" କହି ରାଜଭବନ ଫେରି ଆସି ରାଜାଙ୍କୁ ଏ କଥା କହି ପଚାରିଲା, "ମହାରାଜ ଉଭୟା ତକ୍କ ଓ ଗୁରୁ ନାୟକ ଉଭୟାକୁ ଡାକିବି କି?"

ରାଜା ମଧ୍ୟ ବସବ ପରି ସ୍ତ୍ରୀ ଲୋକଙ୍କ ବିଷୟରେ ଖରାପ କଥା ଭାବିବା ଲୋକ ଥିଲେ। ସେ କହିଲେ, "ତୁ କଣ ଏତିକି ବୁଝି ପାରୁନୁ ଯେ ବୃଦ୍ଧକୁ ନେଇ ସେ କଣ କରିବ?" "ସେଥିପାଇଁ ଯୁବକକୁ ଡାକିବାକୁ ଚାହୁଁଛି ମହାରାଜ", ହସି ହସି କହିଲା ବସବ।

"ଏଠି ଯେ ପହରା ଦେଉଥିଲା ତା ବିଷୟରେ ତୁ କହୁଛୁ ନାଁ?"

"ହଁ ମହାରାଜ।"

"ସେ ଗଲେ ତୋତେ ଆଉ ସେ ପଚାରିବ ନାହିଁ।"

"ଭିନ୍ନ ଭିନ୍ନ ସ୍ୱାଦ ଚାଖୁଥିବା ଜିଭ ଗୋଟିଏ ଜିନିଷରେ ସନ୍ତୁଷ୍ଟ ହେବ ନାହିଁ।"

"ହଁ ରେ ଲେଙ୍ଗଡା, ଏ ସବୁ ବିଷୟରେ ତୁ ଧୁରନ୍ଧର।"

"ଉଭୟଙ୍କୁ ସାଙ୍ଗରେ ନେଇଗଲେ ବୃଦ୍ଧ କଥା କହିବାକୁ ଓ ଯୁବକ ଶିକାର କରିବାକୁ ରହିବ। ଠିକ୍ ଅଛି ନାଁ ମହାରାଜ।"

"ଯାହା ତୋର ଇଚ୍ଛା କର। ତୁ ପ୍ରକୃତରେ କୋଡ଼ଗର ରାଜା।"

"ନିଜ କଥା ଫେରାଇ ନିଅନ୍ତୁ ମହାରାଜ। ଏପରି କହିବା ଠିକ୍ ନୁହେଁ।"

ବସବ ତୁରନ୍ତ ସେଇ ଦୁଇ ଶିକାରୀଙ୍କୁ ଡକାଇ ପଠାଇଲା। ବୃଦ୍ଧ ଉଭୟା ଉତ୍ସବରେ ଭାଗ ନେବା ପାଇଁ ମଡ଼କେରୀ ଆସିଥିଲା ଓ ଯୁବକ ଉଭୟା ଖବର ପାଇବାର ପରଦିନ ଆସି ପହଞ୍ଚିଗଲା। ଦ୍ୱିତୀୟ ଦିନର ଶିକାର ଖୁବ ଆନନ୍ଦ ଦାୟକ ହେଲା। ବୃଦ୍ଧ ତକ୍କ ବଡ଼ମାନଙ୍କ ସହ ରହି ନିଜର କରାମତି ଶୁଣେଇ ନିଜେ ସନ୍ତୁଷ୍ଟ ହେବା ସଙ୍ଗେ ସଙ୍ଗେ ସେମାନଙ୍କୁ ମଧ୍ୟ ଖୁସୀ କଲା। ଯୁବକ ଉଭୟା ଯୁବକଙ୍କ ସହ ରହି ଲୁସୀ ପାର୍କରକୁ ପସନ୍ଦ ହେଲା ପରି ଚାତୁର୍ଯ୍ୟର ପ୍ରଦର୍ଶନ କଲା।

ଲୁସୀ ପାର୍କର "ମୋର ରବିନ୍ ହୁଡ୍" କହି ତାକୁ ପ୍ରଶଂସା କଲେ। ସେଦିନ ଶିକାରରେ ଏମାନେ ଯେଉଁ ବାଘକୁ ଅନୁସରଣ କରୁଥିଲେ ସେ ଏମାନଙ୍କ ହାତରେ ନ ପଡ଼ି ଘନ ଜଙ୍ଗଲ ମଧ୍ୟରେ ପଶିଯିବାରୁ ଲୁସୀ ଓ ହକର ଉଭୟେ ତାର ପଛେ ପଛେ ଘନ ଜଙ୍ଗଲ ମଧ୍ୟରେ ପଶିଗଲେ। ବସବ ସେମାନଙ୍କୁ ଡାକି ଅଟକାଇଲା। ଶୀଘ୍ର ନିଜର ଘୋଡ଼ା ଦଉଡ଼ାଇ ସେମାନଙ୍କ ନିକଟରେ ପହଞ୍ଚି "ଏହା ଭଗବତୀଙ୍କ ଜଙ୍ଗଲ। ଏଠାରୁ ଆଗକୁ ଯାଇ ଶିକାର କରିବା ଠିକ୍ ହେବ ନାହିଁ।" ବୋଲି କହିଲା।

ଶିକାର ଶେଷ କରି ଫେରିବା ସମୟରେ ସେମାନଙ୍କୁ ଭଗବତୀଙ୍କ ଆଶ୍ରମ ସମ୍ମୁଖ ଦେଇ ଫେରିବାକୁ ପଡ଼ିଲା। ଭଗବତୀ ଦ୍ୱାର ନିକଟରେ ଠିଆ ହୋଇଥିଲେ। ତାଙ୍କୁ ଦେଖି କିଛି ଦୂରରେ ଘୋଡ଼ାରୁ ଓହ୍ଲାଇ ତାର ଲଗାମ ଧରି ବସବ ଆଶ୍ରମ ଦ୍ୱାର ନିକଟରେ ପହଞ୍ଚିଲା।

ବଡ଼ ସାହେବ "ଇଏ କିଏ?" ବୋଲି ପଚାରିବାରୁ ବସବ କହିଲା, "ସେ ଏଠାରେ ଆଶ୍ରମ ତିଆରି କରିଛନ୍ତି ଓ ଭଗବତୀଙ୍କ ଉପାସିକା। ଏଇ ଭଗବତୀଙ୍କ ନାମରେ ଏ ଜଙ୍ଗଲ ଅର୍ପିତ ହୋଇଛି। ଏଠାରେ କେହି ଶିକାର କରନ୍ତି ନାହିଁ।"

Digitized by srujanika@gmail.com

ସାହେବ: "ଆପଣ ଯେଉଁ ସବୁ ସ୍ଥାନକୁ ସମ୍ମାନ ଦେଉଛନ୍ତି ଆମେ ମଧ୍ୟ ତାହାକୁ ସମ୍ମାନ ଦେବୁ। ଭଗବାନ ତ ସମସ୍ତଙ୍କର ଏକ" କହି ସେ ଘୋଡ଼ାରୁ ଓହ୍ଲାଇ ଟୋପି ବାହାର କରି ମଥାନତ କରି ଆଶ୍ରମର ଦ୍ୱାର ପାର ହେଲେ। ତାଙ୍କ ସଙ୍ଗୀମାନେ ମଧ୍ୟ ତାହା କଲେ। ଭଗବତୀ କିଛି ନ କହି ପ୍ରସନ୍ନ ବଦନରେ ଏମାନଙ୍କୁ ଦେଖି ସେଠାରେ ଠିଆ ହୋଇ ରହିଲେ। ଆଶ୍ରମ ପାର ହେବା ପରେ ବଡ଼ ସାହେବ ଘୋଡ଼ା ଉପରେ ଚଢ଼ିଲେ। ବସବ ଭଗବତୀଙ୍କୁ "ଦେବତାଙ୍କ ବନରେ ମୁଁ ପାଦ ପକାଇ ନାହିଁ ମା" ବୋଲି କହିବାରୁ ଭଗବତୀ "ଆଚ୍ଛା" ବୋଲି କହିଲେ। ବସବ ମଧ୍ୟ ଆଉ ଚାରି ପାଦ ଯାଇ ଘୋଡ଼ାରେ ଚଢ଼ି ଅତିଥିଙ୍କ ସହ ମିଶିଲା।

ସଭିଙ୍କ ପରି ଘୋଡ଼ାରୁ ଓହ୍ଲାଇ ଉରୟା ତଙ୍କ ଭଗବତୀଙ୍କ ଆଡ଼କୁ ଚାହିଁ ଭାବିଲେ, "ଏ ଚେହେରା ଆଗରୁ କେଉଁଠି ଦେଖିଲା ପରି ମନେ ହେଉଛି। "ହଁ କି ନାହିଁ" କିଛି ଠିକ୍ କରି କହି ହେଉ ନାହିଁ। ହୁଏତ 'ନାହିଁ' ହଁ ଠିକ୍ ବୋଲି ମନେ ହେଉଛି। ଚାଳିଶ ବର୍ଷ ପୂର୍ବେ ଦେଖିଥିବା ଚେହେରା ଆଜି ଚିହ୍ନିବା କଷ୍ଟକର।"

ବଡ଼ ସାହେବ କହିଲେ, " କି ସୁନ୍ଦର ଚେହେରା! ଯଦି ଦେବୀ ନିଜ ଉପାସିକାର ଅନୁରୂପ ହୋଇଥାନ୍ତି ତେବେ ସେ ନିଜ ସ୍ଥାନର ଅଧିକାରିଣୀ।"

ଲୁସୀ ହସି ହସି କହିଲେ, "ନିର୍ଜନତା କଣ ତୁମ ଅଭିପ୍ରାୟ?" ସାହେବ ଉତ୍ତର ଦେଲେ, "ପ୍ରିୟେ, ଦେବୀଙ୍କ ସ୍ଥାନ କଥା କହୁଛି।"

ଡେରା ନିକଟରେ ପହଞ୍ଚିବା ପରେ ମଧ୍ୟ ଇଂରେଜ ଅତିଥି ଭଗବତୀଙ୍କ ସୌନ୍ଦର୍ଯ୍ୟ, ଠିଆ ହେବାର ଢଙ୍ଗ ପ୍ରଭୃତି ବାରମ୍ବାର ମନେ ପକାଇ ପ୍ରଶଂସା କରୁଥିଲେ।

ଉରୟା ତଙ୍କ ସବୁ ଘଟଣା ବୋପଣ୍ଣାଙ୍କୁ କହିଲେ, "ଇଂରେଜମାନେ ଖୁବ୍ ଭଲ ଲୋକ ତଙ୍କ ମହାଶୟ, ଲେଙ୍ଗଡ଼ା ପୂଜାସ୍ଥାନ ବୋଲି କହିବାରୁ ବଡ଼ ସାହେବ ତତ୍କ୍ଷଣାତ୍ ଘୋଡ଼ାରୁ ଓହ୍ଲେଇ ପଡ଼ି କହିଲେ, "ତୁମ ଓ ଆମ ଭଗବାନ ମଧ୍ୟରେ କିଛି ପାର୍ଥକ୍ୟ ନାହିଁ। ଆମ ଈଶ୍ୱର ବଡ଼ ବୋଲି ଆମ ମନରେ ଅହଙ୍କାର ନାହିଁ। କେବଳ ସେ ଯେ ଘୋଡ଼ାରୁ ଓହ୍ଲେଇ ପଡ଼ିଲେ ତା ନୁହେଁ ବରଂ ଟୋପି ଓହ୍ଲାଇ ମୁଣ୍ଡ ନୁଆଁଇ ମଧ୍ୟ ଚାଲିଲେ। ଇଂରେଜମାନେ ଖୁବ୍ ମହତ୍।"

ବୋପଣ୍ଣା କୌଣସି ଉତ୍ତର ନ ଦେଇ ଚୁପ୍‌ଚାପ୍ ଶୁଣିବାକୁ ଲାଗିଲେ। କ୍ଷଣକ ପରେ ଉରୟା ତଙ୍କ ପୁଣି ପଚାରିଲେ, "ଏ ଭଗବତୀ କିଏ? ଆପଣ କଣ ତାକୁ ଜାଣନ୍ତି?"

"ନାଁ ତଙ୍କ ମହାଶୟ, ମଳୟାଳର ବୋଲି ଲୋକେ କହୁଛନ୍ତି। ମନ୍ତ୍ର ଯନ୍ତ୍ର କରେ, ଏତିକି ମାତ୍ର ମୁଁ ଶୁଣିଛି।"

ଉରୟା ତଙ୍କ "ଏମିତି କଥା?" କହି ଆଉ ଆଗକୁ କଥା ବଢ଼ାଇଲେ ନାହିଁ। ଏ ଯେ 'ପାପା' ତାହା ସେ ମନରେ ଭାବିଲେ। ଚୌତ୍ରିଶ ବର୍ଷ ପୂର୍ବେ ଲିଙ୍ଗରାଜ ଏହାକୁ ଦେଶରୁ ବାହାର କରି ଦେଇଥିଲେ ବୋଲି ତାଙ୍କର ମନେ ପଡ଼ିଲା।

Digitized by srujanika@gmail.com

ଯେଉଁଦିନ ଶିକାରର କାର୍ଯ୍ୟକ୍ରମ ନ ଥିଲା ତାର ପୂର୍ବ ଦିନ ବଡ଼ ସାହେବ ରାଜାଙ୍କୁ ସାକ୍ଷାତ କରି ତାଙ୍କ ସହ କୋଡ଼ଗର ଶାସନ ବିଷୟରେ ଆଲୋଚନା କଲେ। ସେ ଦିନ ରାଜା ଅନ୍ୟ ଦିନ ଅପେକ୍ଷା ଅଳ୍ପ ମଦ୍ୟପାନ କରି ନିଜକୁ ଅକ୍ତିଆରରେ ରଖିଥିଲେ। ସାହେବ ପଚାରିଥିବା ପ୍ରତ୍ୟେକ ପ୍ରଶ୍ନର ଠିକ୍ ରୂପେ ଉତ୍ତର ଦେଲେ। ସାହେବ ପଚାରିଲେ, "ଆପଣଙ୍କ ପ୍ରଜା ଚେନ୍ନବୀରୟା ନାମକ ଜଣେ ଅପରାଧୀକୁ ଆପଣଙ୍କ ନିକଟକୁ ପଠାଇଥିଲେ ତାର କଣ ହେଲା ? ଏ ବିଷୟରେ ଆପଣଙ୍କ ନିକଟକୁ ଆମେ ବହୁବାର ପତ୍ର ପ୍ରେରଣ କରିଥିଲେ ମଧ୍ୟ ଆପଣଙ୍କ ଠାରୁ ଉତ୍ତର ମିଳିଲା ନାହିଁ।" ତାର ଉତ୍ତରରେ ରାଜା କହିଲେ, "ଏ ସବୁ ଛୋଟ ଛୋଟ ସମସ୍ୟାର କେମିତି ହେଲେ ଆମେ ସମାଧାନ କରିଦେଉଛୁ। ଏ ସବୁ ପଚାରିବା ଆପଣଙ୍କର ଉଚିତ ନୁହେଁ।"

"ଆପଣ ସ୍ୱୟଂ ଯେତେବେଳେ ମୋ ସାମନାରେ ଅଛନ୍ତି ବର୍ତ୍ତମାନ ତ କହି ପାରନ୍ତି ନାଁ ?"

"ବସବକୁ ପଚାରନ୍ତୁ କହିବ।"

"ମୁଁ ଶୁଣୁଛି ଯେ କେତେକ ବଦମାସ ମିଶି ମାଙ୍ଗାଲୋର ଇଲାକାରୁ ଗୋଟିଏ ଝିଅକୁ ଚୋରାଇ ଆଣି ବସବୟା ମନ୍ତ୍ରୀ ଉପରେ ଦୋଷ ଲଦି ଦେଇଛନ୍ତି। ଝିଅର ଅନିଚ୍ଛା ଜାଣି ଆପଣ ତାଙ୍କୁ ତୁରନ୍ତ ଫେରସ୍ତ ପଠେଇ ଦେଇଛନ୍ତି। ଏହା ଖୁବ୍ ଖୁସୀର କଥା। ଲୋକେ ଆଉ ଅଯଥାରେ ଆପଣଙ୍କୁ ଦୋଷ ଦେବେ ନାହିଁ।"

"ଯେ ଆମ ପରିବାରରେ ରହିବାକୁ ନ ଚାହେଁ ତାକୁ ଜବରଦସ୍ତି ରଖା ନ ଯିବା ପାଇଁ ମୁଁ ଆଜ୍ଞା ଦେଇଛି।"

"ଖୁବ୍ ଖୁସୀର କଥା। ଆପଣ ନିଜ ଭଉଣୀଙ୍କୁ ତାର ପତି ଘରକୁ ଯିବାକୁ ବାଧା ଦେଉଛନ୍ତି ବୋଲି ମୋ ନିକଟରେ ଆପତ୍ତି ପହଞ୍ଚିଥିଲା। ନିକଟରେ ଆପଣ ତାଙ୍କୁ ସ୍ୱାମୀଙ୍କ ଘରକୁ ପଠାଇ ଦେଇଛନ୍ତି ବୋଲି ବସବୟା ମହାଶୟ କହୁଥିଲେ। ଏହା ମଧ୍ୟ ଖୁବ୍ ଭଲ ହେଲା।"

"ଭଲ କିଛି ତ ହେଲା ନାହିଁ, ଛାଡ଼ନ୍ତୁ। ଭଉଣୀ ମୋ ମହଲରେ ରହିଥିଲେ ଭଲ ହୋଇଥାନ୍ତା। ଆମକୁ ଯେଉଁ ଜାମାତା ମିଳିଛି ସେ ଯୋଗ୍ୟ ନୁହେଁ। ରାଜବଂଶର ଜାମାତା ହୋଇଥିବାରୁ ନିଜକୁ ଖୁବ୍ ବଡ଼ ବୋଲି ଭାବୁଛି। ଗୋଟାଏ କଥା ଅଛି, 'ଅଲଣା ପେଜ ପିଇ ଘର ପୁଅ ଚୁପ୍ ରହେ, କିନ୍ତୁ ପୁରା ମାଠିଆ ଘିଅ ପିଇ ମଧ୍ୟ ଜ୍ୱାଇଁ ଗାଁ ଦାଣ୍ଡରେ ନିନ୍ଦା କରେ।' ଚେନ୍ନବସବର ସବୁ ଆପତ୍ତି ଆପଣ ସତ ବୋଲି ଭାବନ୍ତୁ ନାହିଁ।"

"ଆମ କାନକୁ ଏପରି କଥା ଆସିଲେ ତାକୁ କମ୍ପାନୀ ସରକାର ଆପଣଙ୍କ ପରି ମିତ୍ର ନିକଟରେ ନିବେଦନ କରିବାଟାକୁ ନିଜର କର୍ତ୍ତବ୍ୟ ମନେକରେ। ସେହି କାରଣରୁ ଏ କଥା ଆପଣଙ୍କ କାନକୁ ଅଣାଯାଇଛି। ଖୁବ୍ ବାଧ୍ୟ ନହେଲେ ଆମେ ପାଦ ଆଗକୁ ପକାଉ

Digitized by srujanika@gmail.com

ନାହିଁ। ଏହା ହିଁ କମ୍ପାନୀ ସରକାରର ଅଭିପ୍ରାୟ। ଭାରତର ଗଭର୍ଣ୍ଣର ଜେନେରାଲ ତଥା ମାନ୍ଦ୍ରାଜର ଗଭର୍ଣ୍ଣରଙ୍କର ମଧ୍ୟ ସେହି ଆଜ୍ଞା। ଆମ ନିକଟକୁ ଯେ କୌଣସି ପ୍ରକାରର ଅଭିଯୋଗ ଆସିଲେ ମଧ୍ୟ ଆମେ ତାକୁ ସତ ବା ମିଛ କିଛି ନ କହି ମୌନ ରହୁ। ଆପଣ ଆମର ମିତ୍ର ବୋଲି ସେଥିପ୍ରତି ଆପଣଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି।''

''ଆପଣ କହିବାର କିଛି ଭୁଲ ନାହିଁ। ବାସ୍ତବରେ ଅଭିଯୋଗ କରୁଥିବା ବ୍ୟକ୍ତିମାନେ ବୁଦ୍ଧିହୀନ। ବସବ ନିକଟରେ ଆପତ୍ତି କଲେ ସେ ସବୁ ଠିକ୍ କରି ଦେବ। ସେ ବୁଢ଼ା ଆସି ଜାଗିରି ମିଳୁନାହିଁ ବୋଲି କହିବାରୁ ମୁଁ ଦିଆଇ ଦେଲି। ଲୋକେ ଆସି କିଛି କହିବେ ନାହିଁ ଅଥଚ ବାହାର ଲୋକଙ୍କ ନିକଟରେ ଅଭିଯୋଗ କରିବେ।''

''ବାହାର ଲୋକଙ୍କ କଥା ନୁହେଁ। ଆପଣଙ୍କ ସ୍ଥାନ ଉଚ୍ଚରେ ଥିବାରୁ ଆପଣଙ୍କ ସମ୍ମୁଖରେ କହିବାକୁ ସେ ଭୟ କରୁଛନ୍ତି। ଆପଣଙ୍କ ମିତ୍ର ହୋଇଥିବା ଦୃଷ୍ଟିରୁ ଆମକୁ ସେମାନେ ଅତି ସହଜରେ ସାକ୍ଷାତ କରି ପାରିବେ। ଆପଣ ଆମ କଥାକୁ ତଳେ ପକାଇବେ ନାହିଁ ଭାବି ସେମାନେ ଆମ ନିକଟକୁ ଆସୁଛନ୍ତି।''

''ଛାଡ଼ନ୍ତୁ। ସେଥିରେ କିଛି ନାହିଁ। ବସବ ଓ ଆପଣଙ୍କ ମଧ୍ୟରେ ପାର୍ଥକ୍ୟ ବା କ'ଣ ?''
''ଆପଣଙ୍କ ପ୍ରଜାମଧ୍ୟରୁ କେହି ଆମ ପ୍ରଜାଦ୍ୱାରା ଅଭିଯୋଗ କରିଛନ୍ତି ଯେ ତା'ର କିଛି ଅର୍ଥ ଆପଣଙ୍କ ନିକଟରୁ ପ୍ରାପ୍ୟ ଥିଲା କିନ୍ତୁ ପାଇ ନାହିଁ। ଆପଣ ସେପରି କରିବେ ନାହିଁ ବୋଲି ଆମର ବିଶ୍ୱାସ।''

''ରାଜମହଲ ପ୍ରବନ୍ଧରେ ଅନେକ ପ୍ରକାର କଥା ଅଛି। ଆଜି ଉଧାର ଦେଲେ କାଲି ନଗଦ। ଆଣିଲାବାଲା ଆଣନ୍ତି। ରାଜମହଲକୁ ତଳିତଳାନ୍ତ କରିବାପାଇଁ ସଦାବ୍ରତ ଓ ଭଗବାନଙ୍କ ପୂଜା ହିଁ ଯଥେଷ୍ଟ। ତା' ଛଡ଼ା ଆମର ଲକ୍ଷ ଲକ୍ଷ ଟଙ୍କା କମ୍ପାନୀ ସରକାର ହାତରେ। ଏପରି ସାହୁକାରଙ୍କ ହାତରେ ପଡ଼ି ଆମେ କରଜରେ ନ ବୁଡ଼ି ଆଉ କରିବୁ କ'ଣ ?''

''ଆପଣ ତେବେ ଦୋଡବୀରରାଜଙ୍କ କନ୍ୟାପାଇଁ ରଖାଯାଇଥିବା ଧନର କଥା କହୁଛନ୍ତି।''

''ଆଜ୍ଞା ହଁ।''

''ସେ ବିଷୟରେ କଥାବାର୍ତ୍ତା ଚାଲିଛି। ଫଇସଲା ହେବା ମାତ୍ରେ ଆପଣଙ୍କୁ ଜଣାଇ ଦିଆଯିବ।''

''ଶୀଘ୍ର କରେଇ ଦିଅନ୍ତୁ ନାଁ ?''

''କେତେକ କାରଣ ବଶତଃ ଅସନ୍ତୁଷ୍ଟ ହୋଇ କେତେକ ଲୋକ ଆମକୁ ଗାଦୀ ଛାଡ଼ିଦେବା ପାଇଁ ଆପଣଙ୍କୁ କହିବାକୁ କହୁଛନ୍ତି। ଆମ ଉପର ଅଧିକାରୀମାନେ ଏପରି କରିବାର କୌଣସି ଆବଶ୍ୟକତା ନାହିଁ ବୋଲି ନିଶ୍ଚିତ କରିଛନ୍ତି।''

''ଆପଣଙ୍କ ଉଚ୍ଚ ଅଧିକାରୀ ବିଚାରବନ୍ତ ଲୋକ। ବାସ୍ତବରେ ଏ କଥାର ତାଙ୍କ ସହ କୌଣସି ସମ୍ବନ୍ଧ ନାହିଁ ବୋଲି ସେମାନଙ୍କର କହିବା ଉଚିତ।''

''ମୁଁ ତାହା ହିଁ କହିଲି। କିନ୍ତୁ ମନେ ହେଉଛି ଜନତାଙ୍କ ଧାରଣା ଯେ ଆମେ ଯେପରି ମହୀଶୂର ରାଜାଙ୍କୁ ଗାଦୀରୁ ହଟାଇଛୁ, ସେହିପରି କୋଡ଼ଗର ରାଜାଙ୍କୁ ମଧ୍ୟ ହଟାଇପାରୁ।''

''ମହୀଶୂର ରାଜାଙ୍କ କଥା ଭିନ୍ନ। ଗଦୀରେ ବସାଇବାବାଲା ଗଦୀରୁ ହଟାଇ ମଧ୍ୟ ପାରନ୍ତି। କିନ୍ତୁ ମୋତେ କମ୍ପାନୀର ବାପା ଆଣି ଗଦୀ ଉପରେ ବସାଇ ନାହାନ୍ତି।''

Digitized by srujanika@gmail.com

"ସେ କଥା ଲୋକ ବୁଝିବେ ନାହିଁ। ସେମାନେ ଭାବୁଛନ୍ତି ଆମେ ବସେଇ ନ ପାରିଲେ ଓହ୍ଲେଇ ତ ପାରିବୁ। ବିପଦ ବେଳେ ତାଙ୍କୁ କିଏ ରକ୍ଷା କରିବ- ଏହା ହିଁ ସେମାନେ ଭାବୁଛନ୍ତି। ଅନ୍ୟମାନଙ୍କୁ ଏ ବିଷୟରେ ପରାମର୍ଶ କରିବା ଆବଶ୍ୟକ କି ନାହିଁ ସେମାନେ ଭାବନ୍ତି ନାହିଁ।

ସେଥିଯୋଗୁଁ କମ୍ପାନୀ ଅନେକଥର ଦ୍ୱିଧାରେ ପଡ଼ିଛି। କଷ୍ଟରେ ପଡ଼ିଥିବା ଲୋକଙ୍କ ପ୍ରତି ଦୟା ଆସିବା ସଙ୍ଗେ ସଙ୍ଗେ ଆପଣଙ୍କ ମିତ୍ରତା ବିଷୟ ମଧ୍ୟ ଭାବିବାକୁ ପଡ଼େ। କ'ଣ କରାଯିବ କିଛି ଭାବି ହେଉ ନାହିଁ।"

"ଜନ୍ମ ନେଇଥିବା ପିତାଠାରୁ ବାହାର ଲୋକଙ୍କୁ ବେଶୀ କଷ୍ଟ ହେଉଛି। ଦେଶର ଜନତାଙ୍କୁ ମୁଁ ପୁନାଚୂପା ସମାନ ଭାବେ। ଏ ବିଷୟରେ ଆପଣଙ୍କ କମ୍ପାନୀ ମୁଣ୍ଡ ଖେଳେଇବା ଆବଶ୍ୟକ ନାହିଁ।"

"ଠିକ୍ ଅଛି। ମୁଁ ଆପଣଙ୍କ ସହ ଯେଉଁ ବିଷୟରେ ଆଲୋଚନା କରୁଛି ତା'ର ରିପୋର୍ଟ ଆମ ଉଚ୍ଚ ଅଧିକାରୀଙ୍କୁ ଦେଇ ଆପଣ କହିଥିବା ବିଷୟ ମଧ୍ୟ କହିବି। ଆଉ ଗୋଟାଏ କଥା ଅଛି। ଆପଣଙ୍କ ରାଜ୍ୟରୁ ଆସିଥିବା ଅଭିଯୋଗରୁ ଜଣାପଡ଼ିଛି ଯେ ଆପଣଙ୍କର ଜଣେ ଭାଇ ମଧ୍ୟ ଅଛି ଯାହାର ରାଜା ହେବାର ଥିଲା। ତାକୁ ତଡ଼ି ଆପଣ ରାଜା ହୋଇଛନ୍ତି। ଆପଣ ଗାଦୀ ଛାଡ଼ି ତାକୁ ଦେଲେ ନ୍ୟାୟ ହେବ। ଆପଣ ରାଜ୍ୟ ଭାର ନେବାର କଷ୍ଟରୁ ମୁକ୍ତ ହେବା ସଙ୍ଗେ ସଙ୍ଗେ ଜନତା ମଧ୍ୟ ଖୁସୀ ହେବ। କିନ୍ତୁ ଆପଣଙ୍କର ଜଣେଭାଇ ଅଛି ବୋଲି ଏ ପର୍ଯ୍ୟନ୍ତ ଆମେ ଜାଣି ନ ଥିଲୁ।"

"ଏକଥା ତ ମୋତେ ବି ଜଣା ନଥିଲା। ଅଭିଯୋଗ କରିଥିବା ଓ ଅଭିଯୋଗ ଶୁଣିବା ଲୋକ ଭାଇ କ'ଣ ବାପ ମଧ୍ୟ ତିଆରି କରି ପାରନ୍ତି।" ସାହେବ ହସି ଉଠିଲେ। "ଆପଣଙ୍କ କଥା ଖୁବ୍ ମଜାଦାର, ମହାରାଜ। ଆପଣ ପ୍ରକୃତରେ କେତେ ଚାଲାକ ତାହା ଏପରି ପରିସ୍ଥିତିରେ ହିଁ ଜଣାପଡ଼େ। ଆପଣଯେ ଅନୁଗ୍ରହ କରି ମୋ ସହ ଆଲୋଚନା କରିବାକୁ ସମ୍ମତ ହେଲେ ସେଥିପାଇଁ ମୁଁ ଆପଣଙ୍କ ନିକଟରେ କୃତଜ୍ଞ। କଥାବାର୍ତ୍ତା ଖୁବ୍ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ହେଲା ବୋଲି ମୁଁ କହିବାକୁ ଚାହୁଁଛି। ଆପଣ ମୋତେ ଓ ମୋ ସଙ୍ଗୀମାନଙ୍କୁ ନିମନ୍ତ୍ରଣ କରି ଯେପରି ଭାବେ ଆପ୍ୟାୟିତ କଲେ ତାହା ମୁଁ କେବେହେଲେ ଭୁଲିବି ନାହିଁ ବୋଲି ଯିବା ଆଗରୁ ପୁଣି କହୁଛି।"

"ଆଚ୍ଛା!"

"ଏ ଆଲୋଚନା ପତ୍ରଦ୍ୱାରା ଏତେ ସ୍ପଷ୍ଟ ରୂପେ ହୋଇ ପାରିନଥାନ୍ତା। ସେଥିପାଇଁ ଆପଣଙ୍କ ସହ ସାକ୍ଷାତ ହେବାରୁ ଅବସର ମିଳିବାରୁ ମୁଁ ଆନନ୍ଦିତ ହେଲି। ଆପଣଙ୍କୁ ଆଉ ବର୍ତ୍ତମାନ କଷ୍ଟ ଦେବି ନାହିଁ। ଆଜ୍ଞା ହେଲେ କାଲି ପଅରିଦିନ ମୁଁ ଆପଣଙ୍କ ମନ୍ତ୍ରୀ ଓ ଜାମାତା ସହ ଗୋଟାଏ ଦୁଇଟା ବିଷୟରେ ଆଲୋଚନା କରନ୍ତି।"

"କିଛି କଥା ନାହିଁ, କରନ୍ତୁ। ଆପଣମାନେ ଆସିବାରୁ ମୁଁ ଖୁବ୍ ଆନନ୍ଦିତ ହେଲି। ସମ୍ମାନ ଦେବା ଓ ସମ୍ମାନ ପାଇବା ହେଉଛି ମୋର ସିଦ୍ଧାନ୍ତ। ମୁଁ ସର୍ବଦା ସମ୍ମାନ ଦେବାକୁ ପ୍ରସ୍ତୁତ। ଆପଣ ମଧ୍ୟ ମୋତେ ସେପରି ସମ୍ମାନ ଦୃଷ୍ଟିରେ ଦେଖନ୍ତୁ। ସବୁ ଠିକ୍‌ଠାକ୍ ରହିଲେ ମୁଁ ମଧ୍ୟ ମହତ୍‌ପଣିଆରେ କାହାରିଠାରୁ ଊଣା ନୁହେଁ।"

Digitized by srujanika@gmail.com

ସାହେବ ଉଠି ଠିଆ ହେଲେ। ବାହାରେ ଠିଆ ହୋଇଥିବା ବସବ ସେବକ ହାତରେ ଫୁଲ- ଫଳର ଥାଳୀ ଅଣାଇ ସାହେବଙ୍କୁ ନିଜେ ମାଳା ପିନ୍ଧାଇ ତାଙ୍କୁ ଦେବାପାଇଁ ରାଜାଙ୍କ ହାତରେ ଫୁଲତୋଡ଼ା ଦେଲା। ରାଜା ତୋଡ଼ାଟିକୁ ସାହେବଙ୍କ ହାତରେ ଦେଇ ଅତର ଲଗାଇଦେଲେ। ସାହେବ ତାଙ୍କ ସହ ହାତ ମିଳାଇ ବିଦାୟ ଦେଇ ବାହାରକୁ ଆସିଲେ।

୪୨

ତୃତୀୟ ଦିନ ସାହେବ ସକାଳୁ-ସକାଳୁ ବୋପଣ୍ଣା, ଲକ୍ଷ୍ମୀନାରାୟଣୟା ଓ ଚେନ୍ନବସବଙ୍କୁ ଡାକି କଥାବାର୍ତ୍ତା କଲେ। "ବାହାର ଲୋକଙ୍କୁ ଏମିତି ନିଜ ଲୋକଙ୍କ ସହ ସାକ୍ଷାତ କରିବାକୁ ସୁଯୋଗ ଦେବା ଠିକ୍ ହେବ ନାହିଁ ବୋଲି ବସବ ରାଜାଙ୍କୁ ସୂଚିତ କରିବାରୁ ରାଜା କହିଲେ, 'ସାକ୍ଷାତ କରିବାକୁ ଦିଅ, ଜାଣିକରି ଏମାନେ କ'ଣ କରି ପକେଇବେ? ଦେଖା କରିବାର ସୁଯୋଗ ନ ଦେଲେ କ'ଣ ଲୁଚେଇବାକୁ ଚାହୁଁଛ ବୋଲି ଭାବିବେ। ସେମାନଙ୍କୁ ଭେଟି ଆମର କ'ଣ କ୍ଷତି କରିବେ?"

ସାହେବଙ୍କର ବୋପଣ୍ଣା ଓ ଲକ୍ଷ୍ମୀ ନାରାୟଣୟଙ୍କ ସହ ଅଲଗା କଥା ହେବାକୁ ଇଚ୍ଛା ଥିଲା। କିନ୍ତୁ ସେଥିପାଇଁ ବୋପଣ୍ଣା କିମ୍ବା ଲକ୍ଷ୍ମୀନାରାୟଣ କେହି ପ୍ରସ୍ତୁତ ନଥିଲେ। ତେଣୁ ଉଭୟଙ୍କୁ ଏକ ସଙ୍ଗେ ଭେଟିବାକୁ ପଡ଼ିଲା।

ସେମାନେ ଆସିବାରୁ କୁଶଳ-ସମାଚାର ପଚାରି ସମ୍ମାନ ପୂର୍ବକ ବସି ସାହେବ କହିଲେ, "ମନ୍ତ୍ରୀପଦରେ ରହି ଆପଣ ଦୁହିଁଙ୍କର ଏକମତ ହେବା ଖୁବ୍ ଆନନ୍ଦର କଥା। ଅଧିକାରୀବର୍ଗଙ୍କର ଏପରି ଏକମତ ହେବାଠାରୁ ବଳି ଭଲ କଥା ରାଜ୍ୟପାଇଁ ଆଉ କ'ଣ ହୋଇପାରେ।"

ବୋପଣ୍ଣା: "ପଣ୍ଡିତ ମହାଶୟ ମୋର ଗୁରୁଜନ ହୋଇଥିବାରୁ ମୋତେ ରକ୍ଷା କରି ଜାଣନ୍ତି। ମୁଁ ସର୍ବଦା ତାଙ୍କ ସାଙ୍ଗରେ ଅଛି। ଆମ ମଧରେ ଭେଦଭାବର କୌଣସି କାରଣ ନାହିଁ।"

"ଖୁବ୍ ଖୁସୀର କଥା। ମୁଁ ଆପଣମାନଙ୍କ ସହ କାହିଁକି ସାକ୍ଷାତ କରିବାକୁ ଚାହୁଁଥିଲି ଆପଣମାନେ ଜାଣି ନଥିବେ ବୋଧହୁଏ। ଆମ ନିକଟକୁ କେତେକ ଅଭିଯୋଗ ଆସିଛି। ସେ ବିଷୟରେ ମୁଁ ମୋଟାମୋଟି ଭାବେ ଆପଣଙ୍କ ମହାରାଜ ସାହେବଙ୍କୁ ନିବେଦନ କରିଛି। କିନ୍ତୁ କେତେକ କଥା ବିସ୍ତୃତ ଭାବେ ଜାଣିବା ପାଇଁ ଅଧିକାରୀଙ୍କ ସହ କଥା ହେବା ନିତାନ୍ତ ଆବଶ୍ୟକ। କାରଣ ଏହି ଘଟଣା ସବୁ ମହାରାଜ ବିସ୍ତୃତ ଭାବେ ଜାଣନ୍ତି ନାହିଁ। ସେଥିପାଇଁ ମୁଁ ଆପଣଙ୍କ ମହାରାଜାଙ୍କ ଆଜ୍ଞା ନେଇ ଆପଣଙ୍କୁ ଡକାଇଛି।"

ବୋପଣ୍ଣା: "ମହରାଜ ସାହେବଙ୍କ ବ୍ୟକ୍ତିଗତ ମନ୍ତ୍ରୀ ଆମକୁ ଏକଥା କହିଛନ୍ତି।"

"ମହାରାଜ ସାହେବଙ୍କ ବ୍ୟକ୍ତିଗତ ମନ୍ତ୍ରୀ ବସବୟା ମହାଶୟ ଛୋଟ ଜାତିର ଲୋକ, ମହାରାଜଙ୍କ ଦୁର୍ଭାଗ୍ୟରୁ ଏପରି ବ୍ୟକ୍ତି ତାଙ୍କର ମନ୍ତ୍ରୀ ହୋଇଛି। ରାଜାଙ୍କ ଖରାପ ଅଭ୍ୟାସ ପାଇଁ ସେ ଦାୟୀ ବୋଲି ଅନେକଙ୍କଠାରୁ ଆମେ ଶୁଣିଛୁ। ଏଥିରେ କେତେ ସତ୍ୟତା ଅଛି ତାହା ଆମେ ଜାଣିବାକୁ ଚାହୁଁଛୁ।"

ବୋପଣ୍ଣା ଲକ୍ଷ୍ମୀନାରାୟଣଙ୍କ ଆଡ଼କୁ ବୁଲି "କ'ଣ କହୁଛନ୍ତି ପଣ୍ଡିତ ମହାଶୟ!" ବୋଲି ପଚାରିବାରୁ ଲକ୍ଷ୍ମୀନାରାୟଣ କହିଲେ, "ଜାଣି କ'ଣ ହେବ?"

Digitized by srujanika@gmail.com

"ଏହା ଜାଣି ଆପଣ କ'ଣ କରିବେ ?" ବୋଲି ବୋପଣା ସାହେବଙ୍କୁ ପଚାରିଲେ। ସାହେବ ଏକପ୍ରକାର ହସ ହସି ତାଙ୍କ ଆଡ଼କୁ ଚାହିଁ କହିଲେ, "ଏ କଥାରେ କେତେ ସତ ଓ କେତେ ମିଛ ଅଛି ତାହା ଜାଣିବାକୁ ଇଚ୍ଛା ହେଉଛି।"

ବୋପଣା: "ଏହା ସତ ବୋଲି କୁହାଗଲେ କ'ଣ କରିବେ ?"

"ତେବେ ଆମେ ଏ ବିଷୟରେ ଉଚ୍ଚ ଅଧିକାରୀଙ୍କ ନିକଟକୁ ରିପୋର୍ଟ ଦେବୁ।"

"ସେମାନେ କ'ଣ କରିବେ ?"

"ସେମାନେ କ'ଣ କରିବେ ମୁଁ କହି ପାରିବି ନାହିଁ।"

"ଆପଣ 'ଏହା କେବେ' ବୋଲି କହି ନ ପାରିଲେ ମଧ କ'ଣ କରାଯାଇପାରେ ଓ କ'ଣ ନାହିଁ ତାହା ତ କହିପାରିବେ। ରାସ୍ତା ତ ଅନେକ ଅଛି।"

"ଏହା ମଧ କହିବା କଷ୍ଟକର।"

"ଆପଣଙ୍କ ଉଚ୍ଚ ଅଧିକାରୀ କ'ଣ ସବୁ କରିପାରନ୍ତି ତାହା ନ ଜାଣିବା ପର୍ଯ୍ୟନ୍ତ ଆମେ ନିଜ ମତ ଦେଇ ମିଥ୍ୟାଜାଲରେ ପଡ଼ିବାକୁ ଚାହୁଁନୁ।"

"ଆମେ କାହାରି ଅମଙ୍ଗଳ ଚାହୁନାହୁଁ। ଆପଣ ଶାସନ ଚଳାଉଛନ୍ତି ଓ ଲୋକଙ୍କର ଆପଣଙ୍କ ଉପରେ ଖୁବ୍ ବିଶ୍ୱାସ ଅଛି ବୋଲି ଆମକୁ ଜଣା। ସେମାନଙ୍କର ସମସ୍ତ ଅଭିଯୋଗ ମହାରାଜ ଓ ତାଙ୍କ ବ୍ୟକ୍ତିଗତ ମନ୍ତ୍ରୀ ବସବ ବିରୁଦ୍ଧରେ। ଆମେ ବାହାର ଲୋକ। ଆମେ ଚାହୁଁ ଯେ କାହାରି ଉପରେ କିଛି ଅଭିଯୋଗ ନ ରହୁ। ଜନତା ସୁଖୀ ରହୁ ଓ ଶାସନ ଠିକ୍ ରୂପେ ଚାଲୁ ଏହାଠାରୁ ଅଧିକ ଆମର ଆଉ କ'ଣ ଆବଶ୍ୟକ ?"

"ଆପଣ ଆମକୁ ଏ ସବୁ କଥା ପଚାରିବେ ବୋଲି କ'ଣ ମହାରାଜଙ୍କୁ କହିଥିଲେ ?"

"ମୁଁ ଶାସନ ସମ୍ବନ୍ଧୀୟ ଆଲୋଚନା କରିବି ବୋଲି ତାଙ୍କୁ କହିଥିଲି।"

"ଆମ ମହାରାଜ ଆପଣଙ୍କ କମ୍ପାନୀର ମିତ୍ର ଏବଂ ମିତ୍ରର ଶାସନ ବିଷୟରେ ଏପରି ଚର୍ଚ୍ଚା କରିବା ଠିକ୍ ନୁହେଁ।"

"ଠିକ୍ କଥା। ଆମର ଆପଣଙ୍କ ଶାସନ ସମ୍ବନ୍ଧରେ ଜାଣିବା ଆବଶ୍ୟକ ନାହିଁ। କିନ୍ତୁ ଏଠାରେ ଅଶାନ୍ତି ହେଲେ ତା'ର ପ୍ରଭାବ ଅନ୍ୟ ଦେଶ ଉପରେ ପଡୁଛି। କୋଡ଼ଗରେ ଚାଲୁଥିବା ଦୂଷିତ ବାତାବରଣର ପ୍ରଭାବ ଆମ ଦ୍ୱାରା ଶାସିତ ପ୍ରାନ୍ତ ଉପରେ ମଧ ପଡ଼ିପାରେ। ସେଠାକାର ଶାନ୍ତି ପାଇଁ ଏଠାରେ ମଧ ସବୁ ଠିକ୍ ରୂପେ ହେବା ଆବଶ୍ୟକ। ତାହା ହିଁ ଆମର ଚିନ୍ତା।"

"ବାସ୍ତବରେ ଯଦି ଏଠାକାର ଶାସନରେ କିଛି ଭୁଲ ଥାଏ ତେବେ ଆପଣ କ'ଣ କରିବେ ?"

"ବାସ୍ତବରେ ପରିସ୍ଥିତି ଖରାପ ଥିଲେ ଆମ ଉଚ୍ଚ ଅଧିକାରୀ କ'ଣ କରିବେ ତାହା କୁହାଯାଇ ପାରୁ ନାହିଁ। ସେମାନଙ୍କ ମଧରୁ କେତେକ ଅଛନ୍ତି ଯେଉଁମାନେ କି ମହୀଶୂରର ଶାସନ ହାତକୁ ନେବା ପରି କୋଡ଼ଗର ଶାସନ ମଧ କିଛି ଦିନ ପାଇଁ ହାତକୁ ନେଲେ ଭଲ ହେବ ବୋଲି ଭାବୁଛନ୍ତି। କଂପାନୀ ସରକାର ରାଜ୍ୟ ଦଖଲ କରିବାକୁ ଚାହେଁ ନାହିଁ। ଏ ପର୍ଯ୍ୟନ୍ତ ଯେତେକ ହାତରେ ଅଛି ତା'ର ଶାସନ ଚଳାଇବା ଯଥେଷ୍ଟ। ସେମାନେ ମଧ ନାଚାର ହୋଇ ଆମ ଅଧୀନତା ସ୍ୱୀକାର କଲେ। ଏମାନେ ମଧ ନାଚାର ହୋଇ ତାହା କରି ପାରନ୍ତି। ଏତେ ଦାୟିତ୍ୱ ଆମେ କିପରି ନେବୁ ? ଏ ବିଷୟରେ କେତେ

Digitized by srujanika@gmail.com

ଲୋକଙ୍କର ସନ୍ଦେହ ଅଛି। କେତେକ କହୁଛନ୍ତି, "ଆମର ସୁଖ ଦୁଃଖରୁ କ'ଣ ମିଳିବ, ଜନତାର ମଙ୍ଗଳ ହିଁ ଅସଲ କଥା।" କୋଡ଼ଗର ପ୍ରଜା ସୁଖୀ ହେଲେ କମ୍ପାନୀର କୌଣସି ଦୁଃଖ ନାହିଁ କିନ୍ତୁ ସେମାନେ ଦୁଃଖୀ ହୋଇ ଅଭିଯୋଗ କଲେ ତାହା ଆମେ କେମିତି ସହ୍ୟ କରିବୁ ? ଏହା ହିଁ କମ୍ପାନୀର ଚିନ୍ତା।"

ବୋପଣ୍ଣା ଧୀରେ ଲକ୍ଷ୍ମୀନାରାୟଣଙ୍କୁ କହିଲେ, "ପଣ୍ଡିତ ମହାଶୟ 'ଆଚ୍ଛା' କହି କଥା ଶେଷ କରୁଛି।"

ଲକ୍ଷ୍ମୀନାରାୟଣ: "ତାଙ୍କୁ କହନ୍ତୁ ଯେ ଜନତାର ମଙ୍ଗଳ ପାଇଁ ଆମେ ସହାୟତାକରିବୁ। କିନ୍ତୁ କମ୍ପାନୀ କୋଡ଼ଗକୁ ଦ୍ୱିତୀୟ ମହୀଶୂର ନ ଭାବନ୍ତୁ।"

ବୋପଣ୍ଣା ସାହେବଙ୍କୁ ସେ କଥା କହିବାରୁ ସାହେବ କହିଲେ, "ଆପଣ ନିସଙ୍କୋଚ ହୋଇ ଯେ ଏତେ କଥା କହୁଛନ୍ତି ସେଥିରେ ମୁଁ ଖୁବ୍ ଖୁସୀ ହେଲି। ସବୁ ମନ୍ତ୍ରୀ ଏହିପରି କଥା କହିଲେ ରାଜ୍ୟ କି ସୁଚାରୁ ରୂପେ ଚାଲନ୍ତା। କମ୍ପାନୀ ଯେ ମହୀଶୂରରେ କିଛି ଜବରଦସ୍ତି କରିଛି ତା ନୁହେଁ। ଆଜି ମଧ୍ୟ ଯଦି ଆପଣଙ୍କ ପରି ଦକ୍ଷ ଓ ସତ୍ୟବାଦୀ ମନ୍ତ୍ରୀ ଶାସନ ଦାୟିତ୍ୱ ନେବାକୁ ପ୍ରସ୍ତୁତ ହୁଅନ୍ତି ଓ ରାଜା ମନ୍ତ୍ରୀଙ୍କ ପରାମର୍ଶ ମାନି ଚଳିବେ ବୋଲି କଥା ଦିଅନ୍ତି ତେବେ କମ୍ପାନୀ କାଲିରାଜ୍ୟ ସେ ରାଜାକୁ ଫେରାଇ ମନ୍ତ୍ରୀଙ୍କ ହାତରେ ଦେବ। ଯଦି ଆପଣ ଦୁଇଜଣ ଜନତାକୁ କଷ୍ଟ ନ ଦେଇ ଶାସନ ଚଳାଇବେ ବୋଲି ଏକସ୍ୱରରେ କଥା ଦିଅନ୍ତି ତେବେ ଏଠାକାର କୌଣସି ବିଷୟରେ କମ୍ପାନୀ ସରକାର ମୁଣ୍ଡ ପୂରାଇବ ନାହିଁ। ମୁଁ ତ କହିବି ଯେ ଆପଣମାନେ ନିଜ ସୁବିଧାରେ ରାଜ୍ୟ ଚଳାନ୍ତୁ; କମ୍ପାନୀର ଖାଲି ଏତିକି ଭୟ ଯେ ଏଠାକାର ଅଶାନ୍ତିର ପରିଣାମସ୍ୱରୂପ ଆମ ଅଧିନସ୍ଥ ସମୀପବର୍ତ୍ତୀ ରାଜ୍ୟରେ ଅଶାନ୍ତି ବ୍ୟାପିପାରେ।"

ବୋପଣ୍ଣା ଲକ୍ଷ୍ମୀନାରାୟଣଙ୍କୁ କହିଲେ, "ସମୟ ଆସିଲେ ଆପଣଙ୍କୁ ସୂଚିତ କରିବୁ ବୋଲି ମୁଁ ଏହାଙ୍କୁ କହୁଛି।"

ଲକ୍ଷ୍ମୀନାରାୟଣ ସମ୍ମତିରେ ମୁଣ୍ଡ ହଲାଇଲେ।

ସାହେବଙ୍କୁ ବୋପଣ୍ଣା କହିଲେ, "ଆପଣ ସଙ୍କେତ କରୁଥିବା ପରିସ୍ଥିତି ବର୍ତ୍ତମାନ କୋଡ଼ଗରେ ନାହିଁ। ଯଦି ସେପରି କିଛି ହେଲେ ଜନତା ଆପଣଙ୍କ ନିକଟରେ ପ୍ରାର୍ଥନା କରନ୍ତି ତେବେ ଆପଣ ସହାୟତା ଦେଇ ପାରନ୍ତି। କିନ୍ତୁ ଆପଣ ନିଜେ ଏଥିରେ ଦଖଲ ଦେଲେ ଆମେ ସେଥିରେ ଏକମତ ହେବୁନାହିଁ। ଏ ବିଷୟରେ କୌଣସି ପ୍ରକାର ସନ୍ଦେହ ରହିବା ଉଚିତ ନୁହେଁ।"

"ଆପଣଙ୍କ କଥା ଶୁଣି ମୁଁ ଶୁଣି ଖୁସୀ ହେଲି। ଏପରି ନିଷ୍ଠା ଓ ଦୃଢ଼ତା ଜାତିର ରକ୍ଷା କରି ପାରିବ। ଏପରି ନିଷ୍କପଟ ଭାବେ ଆମ ସହ କଥା ହେବା ଯୋଗୁଁ ମୋର କୃତଜ୍ଞତା ସ୍ୱୀକାର କରନ୍ତୁ।"

ଏହା କହି ସେ ଦ୍ୱାରରେ ଠିଆ ହୋଇଥିବା ସେବକକୁ ଇଶାରା ଦେଲେ। ସେ ଆଣିଥିବା ପାନ-ଗୁଆ, ଫୁଲତୋଡ଼ାର ଥାଳୀ ନିଜ ପାଖେ ରଖି ପ୍ରଥମେ ଲକ୍ଷ୍ମୀନାରାୟଣୟା ପରେ ବୋପଣ୍ଣାଙ୍କୁ ପାନ-ଗୁଆ ତଥା ଫୁଲତୋଡ଼ା ଭେଟି ଦେଲେ। ମନ୍ତ୍ରୀଦ୍ୱୟ ପ୍ରସନ୍ନତା ସହକାରେ ସବୁ ସ୍ୱୀକାର କରି ତାଙ୍କୁ ହାତଯୋଡ଼ି ନମସ୍କାର କଲେ ଓ ତାଙ୍କ ଆଜ୍ଞା ନେଇ ବାହାରକୁ ଆସିଲେ।

Digitized by srujanika@gmail.com

୨୦

ଟେନ୍ନବସବ ଆସିବା ଦିନ ସାହେବ ରାଜୋଚିତ ମର୍ଯ୍ୟାଦାରେ ତାଙ୍କର ସ୍ୱାଗତ କରି ଅତ୍ୟନ୍ତ ଆତ୍ମୀୟତା ସହ ତାଙ୍କ ସଙ୍ଗେ କଥାବାର୍ତ୍ତା କଲେ । "ଆପଣଙ୍କର କୋଡ଼ଗର ଉଚ୍ଚବଂଶ ସହ ସମ୍ବନ୍ଧ ଅଛି ବୋଲି ମୁଁ ଶୁଣିଛି । ସେଥିପାଇଁ ଲିଙ୍ଗରାଜ ଖୋଜି ଖୋଜି ଆପଣଙ୍କୁ ହିଁ ଜାମାତା କଲେ ।"

"ଆଜ୍ଞା ହଁ, ସାହେବ, ଆମ ବଂଶ କୋଡ଼ଗୀମାନଙ୍କ ମଧ୍ୟରେ ସବୁଠାରୁ ଉଚ୍ଚ । ମନ୍ତ୍ରୀ ବୋପଣ୍ଣାଙ୍କଠାରୁ ମଧ୍ୟ ଆମ ବଂଶ ଉଚ୍ଚ ।"

"ଏଇ କଥା ମୁଁ ମଧ୍ୟ ଶୁଣିଥିଲି । ବାଙ୍ଗାଲୋର ଆସିବା ଦିନଠାରୁ ମୋର ଆପଣଙ୍କୁ ଦେଖିବାକୁ ଇଚ୍ଛାଥିଲା, ଆଜି ତାହା ପୂର୍ଣ୍ଣ ହେଲା, ଏହା ମୋ ପାଇଁ ଖୁବ୍ ଖୁସୀର କଥା ।"

"ଆପଣଙ୍କ ସହ ସାକ୍ଷାତ କରି ମୋତେ ମଧ୍ୟ ଆନନ୍ଦ ଲାଗିଲା ସାହେବ । ଆପଣଙ୍କ ପୂର୍ବର ବଡ଼ସାହେବଙ୍କ ସହ ମୋର ଦେଖା ହୋଇଛି । ତାଙ୍କ ନିକଟକୁ ମୁଁ ଥରେ ଦୁଇଥର ଦରଖାସ୍ତ ପଠେଇଥିଲି । ଆପଣଙ୍କୁ ମଧ୍ୟ ସେହିପରି ଗୋଟିଏ ଚିଠି ଦେଇଥିଲି ।"

"ଆଜ୍ଞା ହଁ, ଆପଣ ଲେଖିଥିବା ପ୍ରତ୍ୟେକ ପତ୍ର ମୁଁ ଟିକିନିଖି କରି ପଢ଼ିଛି । ଆପଣ ଓ ରାଜାଙ୍କ ମଧ୍ୟରେ ମତଭେଦ ହୋଇଛି ବୋଲି ମଧ୍ୟ ମୁଁ ଜାଣିଛି । ବନ୍ଧୁବାନ୍ଧବ ମଧ୍ୟରେ ଅଳ୍ପବହୁତ ମନ କଷାକଷି ଥାଏ । ବର୍ତ୍ତମାନ ଯେ ସବୁ ଠିକ୍ ହୋଇଯାଇଛି ତାହା ଆନନ୍ଦର କଥା ?"

"କ'ଣ ଠିକ୍ ହୋଇଛି ସାହେବ । ମୁଁ ଆପଣଙ୍କୁ ଲେଖିଥିବା ପତ୍ର ଯୋଗୁଁ ଆପଣ ତାଙ୍କୁ କିଛି କହିଥିବାରୁ ସେ ବିଚଳିତ ହୋଇ ନିଜ ଭଉଣୀକୁ ମୋ ନିକଟକୁ ପଠାଇ ଦେଇଛନ୍ତି । ସବୁ କେଉଁଠି ଠିକ୍ ହେଲା ?"

"ତାହା ହେଲେ ଆଉ କି କଥା ଅଛି ? ଆମେ ବାହାର ଲୋକ । ଆପଣଙ୍କ ଘର କଥାରେ ମୁଣ୍ଡ ଖେଳେଇବା ଆମର ଉଚିତ ନୁହେଁ । କିନ୍ତୁ ରାଜା ଆମର ମିତ୍ର ହୋଇଥିବାରୁ ତାଙ୍କ ଜାମାତା ହିସାବରେ ଆପଣ ଆମର ମାନ୍ୟ । ସେଥିପାଇଁ ଉଭୟ ପକ୍ଷର ହିତ ପାଇଁ ଜଣେ ମିତ୍ର ହିସାବରେ କିଛି ସହାୟତା କରିବାକୁ ଆମେ ପ୍ରସ୍ତୁତ । ମିତ୍ରଙ୍କ ମଧ୍ୟରେ ମତଭେଦ ରହିବା ଆମକୁ ଭଲ ଲାଗୁ ନାହିଁ । ଯେତେ କଷ୍ଟ ହେଲେ ମଧ୍ୟ ତାହା ଠିକ୍ କରିବା ଆମର କର୍ତ୍ତବ୍ୟ ବୋଲି ଆମେ ଜାଣୁଁ ।"

"ଛାଡ଼ନ୍ତୁ ସାହେବ, ଏହା କାହାରି ହାତରେ ଠି ! ହେବା ପରି ରୋଗ ନୁହେଁ । ମୋର ଓ ରାଜାଙ୍କର ଏକତ୍ର ହେବା ସ୍ୱପ୍ନ ସଦୃଶ୍ୟ ।"

"ଆପଣଙ୍କର ନିରାଶା ଦେଖି ମୋତେ ଦୁଃଖ ଲ'ଗୁଛି । କ'ଣ ଏମିତି ମତଭେଦ ହୋଇଛି ମୋତେ କହିବା ଯୋଗ୍ୟ ହେଲେ କହି ପାରନ୍ତି ।"

"କହିବାକୁ ତ ଆସିଛି, ଶୁଣନ୍ତୁ । ପ୍ରଥମ କଥା ହେଉଛି ମୋ ଶ୍ୱଶୁର କନ୍ୟାକୁ ଯେଉଁ ଅଳଙ୍କାର ଦେଇଥିଲେ ସେଥିରୁ ଅର୍ଦ୍ଧେକ ମୋତେ ନ ଦେଇ ରାଜମହଲରେ ରଖି ନେଇଛନ୍ତି । ମୁଁ ତାଙ୍କୁ ବଦନାମ କରୁଥିବାରୁ ଦେବେ ନାହିଁ ବୋଲି କହୁଛନ୍ତି ।"

Digitized by srujanika@gmail.com

‘‘ଠିକ୍’’।

‘‘ପିତା ପୁତ୍ରୀକୁ ଅସ୍ତଗୋଲଂ ଆଖପାଖରେ ଦଶଟି ଗ୍ରାମ ଜାଗିରରେ ଦେଇଥିଲେ। ସେ ଥିବା ପର୍ଯ୍ୟନ୍ତ ଏ ବ୍ୟବସ୍ଥା ଚାଲିଲା। ସେ ଆଖି ବୁଜିବା ମାତ୍ରେ ଜାଗିର ଶେଷ ହୋଇଗଲା, ରାଜାଙ୍କ କନ୍ୟା ଓ ଜାମାତା ଉଭୟେ ସାଧାରଣ ଜମିଦାର ହୋଇ ରହିଲେ। ଏହିପରି ଦଶବର୍ଷ ବିତିଗଲା। ବର୍ଷକରେ ମିଳୁଥିବା ହଜାରେ ଟଙ୍କା ମହଲକୁ ଗଲା।’’

‘‘ବୁଝିଲି।’’

‘‘ପୂର୍ବ ଚାରି ଓ ବର୍ତ୍ତମାନ ଦୁଇବର୍ଷ ଭଉଣୀଙ୍କୁ ମହଲର ଜେଲରେ ରହିବାକୁ ପଡ଼ିଲା। ରାଜା ନାମକୁ ମାତ୍ର ଶିବାଚାରୀ, ତା’ର କୌଣସି ନିୟମ ତାଙ୍କୁ ଜଣାନାହିଁ। ଶିବାଚାର ଓ ତାଙ୍କ ଆଚରଣରେ ଅନେକ ତଫାତ୍ ଅଛି। ମଦ୍ୟପାନ କରି ସେ ନିଜ ଭଉଣୀ ସହ କିପରି ବ୍ୟବହାର କରିଛନ୍ତି ତାହା ଅକଥ୍ୟ। ସେ ଭଉଣୀ ବା ତା’ର ସ୍ୱାମୀ କିଛି ଚାହାନ୍ତି ନାହିଁ। ମୋର ମଧ ନିଜ ସମର୍ଥକ ଥିବାରୁ ଏ ପର୍ଯ୍ୟନ୍ତ ମୁଁ ବଞ୍ଚିଛି। ନଚେତ୍ ମୁଁ ଆଜି ଏ ପୃଥିବୀରେ ନ ଥାଆନ୍ତି।’’

‘‘ଆପଣଙ୍କ କହିବା ମୁତାବକ ଏ ପରିସ୍ଥିତି ଠିକ୍ ହେବା କଷ୍ଟକର। ଆପଣ ଭବିଷ୍ୟତ କର୍ମପନ୍ଥା କ’ଣ ଭାବିଛନ୍ତି ?’’

‘‘ଆପଣଙ୍କୁ ମୋ ବିଚାର କହିବା ପୂର୍ବରୁ ମୁଁ ଆପଣଙ୍କ ସହାୟତା ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ଆପଣଙ୍କଠାରୁ ଶପଥ ଚାହୁଁଛି। ଆପଣଙ୍କ ଉପରେ ବିଶ୍ୱାସ ରଖି ମୋର ମନ କଥା କହିଲେ ଆପଣ ଯେପରି ରାଜାଙ୍କ ମିତ୍ରତା ବଜାୟ ରଖିବାକୁ ତାଙ୍କୁ ସବୁ କଥା କହି ନ ଦିଅନ୍ତି। ଏପରି ହେଲେ ଛାତି ପର୍ଯ୍ୟନ୍ତ ଚଢ଼ିଥିବା ବିଷ ମୁଣ୍ଡକୁ ଚଢ଼ିଯିବ ଓ ମୋର ସତ୍ୟାନାଶ ହେବ।’’

‘‘ଆପଣ ସେ ବିଷୟରେ ଟିକେ ହେଲେ ଶଙ୍କା କରନ୍ତୁ ନାହିଁ। ପଦ ଗ୍ରହଣ କରିବା ସମୟରେ ଆମେ ଗୋଟିଏ ଶପଥ କରୁ। ସେହି ପଦରେ ଥିବାବେଳେ ଯାହା ଆମେ ଜାଣିବୁ ତାହା ଆମ ଭିତରେ ହିଁ ରହିବ। କଥା ବାହାରକୁ ଯିବ ନାହିଁ। ବିରୋଧୀମାନଙ୍କୁ ମଧ ଆମେ ଏପରି କଥା କହୁ ନାହିଁ। ସେପରି ଭାବେ ଚାଲିଲେ ଜନତାଙ୍କ ଦୁଃଖରେ ସହାୟତା କିପରି କରିବୁ ? ଆପଣ ଏ ପର୍ଯ୍ୟନ୍ତ ଯାହା କହିଛନ୍ତି ଓ ଭବିଷ୍ୟତରେ ଯାହା କହିବେ ସେସବୁ କଥା ଆପଣ ଓ ମୋ ମଧରେ ରହିବ। ଆମର ସେବାକାରୀ ବ୍ୟକ୍ତି ମଧ ଗୋପନୀୟତାର ଶପଥ ନେଇଛନ୍ତି। ଆମ ମଧରେ ହୋଇଥିବା କଥା ସାମାନ୍ୟ ମାତ୍ର ବାହାରକୁ ଗଲେ ଏମାନେ କ୍ଷଣକ ପାଇଁ ମଧ ଏଠାରେ ରହିପାରିବେ ନାହିଁ। ଏ କଥା ଆପଣ ନିଶ୍ଚିନ୍ତ ରୂପେ ମନେ ରଖନ୍ତୁ।’’

‘‘ଠିକ୍ ଅଛି, ସାହେବ ତେବେ କହୁଛି, ଶୁଣନ୍ତୁ। ମୋ ଶ୍ୱଶୁର ନିଜ ପୁତ୍ରକୁ ଗଦୀରେ ବସାଇବାକୁ ଚାହିଁବାରୁ ଜନତା ରାଜି ହେଲେ ନାହିଁ। ସେମାନେ କହିଲେ ଯଦି ରାଜାର ସନ୍ତାନ ହିଁ ରାଜା ହେବା କଥା ତେବେ କନ୍ୟାକୁ ଗଦୀ ଦିଆଯାଉ। ଭାଇ ଥାଉ ଥାଉ ଭଉଣୀ ଗଦୀରେ ବସିବ ? ଏ କଥା ତାଙ୍କ ମନକୁ ପାଇଲା ନାହିଁ। ତତ୍ତ୍ୱଲୋକଙ୍କୁ ଏକତ୍ରିତ କରି ସେମାନଙ୍କ ସହ ଆଲୋଚନା କରି ସ୍ଥିରକଲେ ଯେ ବର୍ଷେ ଦୁଇବର୍ଷ ଅପେକ୍ଷାକରି ଆବଶ୍ୟକ ହେଲେ ପରେ କନ୍ୟାକୁ ରାଣୀ କରାଯିବ। ଏହା ଲୋକମାନେ ସ୍ୱୀକାରକଲେ।

Digitized by srujanika@gmail.com

ତା'ପରେ ସେ ପ୍ରାଣତ୍ୟାଗ କଲେ। ସ୍ତ୍ରୀ ରୂପେ ଜନ୍ମ ହୋଇ ସୁଦ୍ଧା ତାଙ୍କ ସମାସ୍କନ୍ଧ ରୂପେ ଗାଦୀ ଛଡ଼େଇ ନବ ବୋଲି ଭାବି ପ୍ରଥମରୁ ହିଁ ସେ ଭଉଣୀ ପ୍ରତି ଶତ୍ରୁତା କରୁଥିଲେ। କିନ୍ତୁ ବର୍ତ୍ତମାନ କ'ଣ ହେଲା ? ଜନତା ଏତେ ବିରକ୍ତ ଯେ ରାଜା ମରିଗଲେ ମଧ୍ୟ ସେମାନଙ୍କର ଦୁଃଖ ହେବ ନାହିଁ। ତାଙ୍କଠାରୁ ଗାଦୀ ଛଡ଼ାଇ ଭଉଣୀ ରାଣୀ ହେଲେ ସମସ୍ତେ ଭଲ ବୋଲି ହିଁ କହିବେ। କିନ୍ତୁ ଦେଶରେ ରହି ବିରୋଧ କରିବାକୁ ମୋର ଇଚ୍ଛା ନାହିଁ। ଉଭୟ ପକ୍ଷର ଲୋକ ମରିବେ। ଅଯଥାରେ ରକ୍ତନଦୀ ବୁହାଇ ଲାଭ କ'ଣ ? ସେଥିପାଇଁ ଆପଣଙ୍କୁ ଏହା କହୁଛି। ଏ ରାଜାଙ୍କ ରାଜତ୍ୱ ଶେଷ ହେବା କୋଡ଼ଗ ଜନତାର ଇଚ୍ଛା। କମ୍ପାନୀସରକାର ଶକ୍ତିଶାଳୀ, ମହୀଶୂର ଆପଣଙ୍କ ହାତରେ ଅଛି। ଆପଣ ରାଜାଙ୍କୁ କହନ୍ତୁ ଯେ, ତୁମେ ଚଉଦ ବର୍ଷ ରାଜତ୍ୱ କଲଣି। ଏଥର ଗାଦୀ ଛାଡ଼ିଦିଅ। ତୁମ ପିତାଙ୍କ ଇଚ୍ଛାନୁସାରେ ତୁମ ଭଉଣୀ କିଛି ଦିନ ରାଜତ୍ୱ କରୁ। ରାଜା ଆପଣଙ୍କ କଥା ଏଡ଼େଇ ନ ପାରି ଗଦୀ ଛାଡ଼ିବେ। ତାଙ୍କ ଭଉଣୀ ଗଦୀରେ ବସି ଆପଣମାନଙ୍କର ଧ୍ୟାନ ରଖିବ। ଦୋଡ଼ବୀରରାଜ ତିରିଶ ବର୍ଷ ପର୍ଯ୍ୟନ୍ତ ଯେପରି ଆପଣଙ୍କ ଡାହାଣ ହାତରୂପେ ରହିଲେ ସେ ମଧ୍ୟ ସେପରି ରହିବ। ଆପଣଙ୍କ ହାତରେ ମହୀଶୂର ଯେପରି କୋଡ଼ଗ ମଧ୍ୟ ସେହିପରି। ଆପଣ ତାଙ୍କୁ ଗାଦୀରେ ବସାଇ ଦେଖନ୍ତୁ।''

''ଆପଣ ଖୁବ୍ ସ୍ୱଚ୍ଛତା ଓ ସାହସ ସହକାରେ କଥା କହିଥିବାରୁ ମୁଁ ଖୁବ୍ ଖୁସୀ। କିନ୍ତୁ ଏ ସମ୍ବନ୍ଧରେ ମୋତେ ଆହୁରି ଚିନ୍ତା କରିବାକୁ ପଡ଼ିବ। ଆପଣଙ୍କ ପତ୍ନୀଙ୍କୁ ରାଣୀ କରିବାର ସୂଚନା ରାଜାଙ୍କୁ ଆମ ତରଫରୁ ଦିଆଗଲେ ସେ ଆପଣଙ୍କର କ୍ଷତି କରିପାରନ୍ତି ନାଁ ?''

''ହଁ, ତାହା ସମ୍ଭବ।''

''ଏହା କିପରି ବାଧା ଦିଆ ଯାଇପାରିବ ?''

''ମୋର ମଧ୍ୟ ଲୋକ ଅଛନ୍ତି, ସାହେବ। ଏତେ ଭୟ କରିବାର କିଛି ନାହିଁ।''

''ଆପଣ ଯେ ସାହସୀ, ସେଥିରେ ସନ୍ଦେହ ନାହିଁ। କିନ୍ତୁ ଆପଣ ହିଁ ତ କହିଲେ ଯେ ଅଯଥାରେ ରକ୍ତପାତ ହେବା ଉଚିତ ନୁହେଁ। ଆମଠାରୁ ସୂଚନା ପାଇବା ମାତ୍ରେ ଆପଣଙ୍କୁ ଦଣ୍ଡ ଦେବାକୁ ଆସିଲେ ଆପଣଙ୍କୁ ତ ବାଧା ଦେବାକୁ ପଡ଼ିବ। ଫଳରେ ଝଗଡ଼ା ହୋଇ ରକ୍ତପାତ ହେବ। ଏକଥା ସହଜରେ ସମାଧାନ ହେବ ନାହିଁ।''

''ଆପଣ କି ସୂଚନା ଦେବେ ?''

''ମୁଁ କିଛି ହେଲେ କହିବାକୁ ଯାଉନାହିଁ। ଆପଣ ନିକଟରେ ରହିଲେ ସେ ଆପଣଙ୍କୁ ଦଣ୍ଡ ଦେବାର ପ୍ରୟାସ କରିପାରନ୍ତି। ସେଥିରୁ ରକ୍ଷାପାଇବା ପାଇଁ କଣ କରିବା ଉଚିତ ଦୟାକରି ଭାବନ୍ତୁ।''

''ପାଖରେ ରହିବା ଉଚିତ ନୁହେଁ।''

''ତେବେ କ'ଣ କରିବେ ?''

''ମାସେ ଦୁଇମାସ କୋଡ଼ଗ ଛାଡ଼ି ବାହାରକୁ ଯାଇପାରେ।''

''ନିର୍ଭୟ ହୋଇ କେଉଁଠାରେ ରହିପାରିବେ ତାହା ଭାବିଛନ୍ତି ?''

''ମୁଁ ନଞ୍ଜନଗୂଡ଼ରେ ବୁଲି ଆସିବାକୁ ଭାବୁଛି।''

''ସେଠାରେ କ'ଣ ଆପଣଙ୍କୁ ରକ୍ଷା କରିବାର ପ୍ରର୍ଯ୍ୟାପ୍ତ ବ୍ୟବସ୍ଥା ହୋଇ ପାରିବ ?''

Digitized by srujanika@gmail.com

"ସୁରକ୍ଷାର ପ୍ରଶ୍ନ ଉଠିଲେ ମୁଁ ବାଙ୍ଗାଲୋର ଆସିପାରେ ?"

"ନିଶ୍ଚୟ ଆସନ୍ତୁ। ଆମେ ଆପଣଙ୍କୁ ଦେଖାଶୁଣା କରିବୁ। ସେଠାରେ ରହି ଆପଣଙ୍କୁ ନିଶ୍ଚିତ କାର୍ଯ୍ୟକ୍ରମକୁ ପୂରା କରିବାକୁ ସୁବିଧା ହେବ।"

"ଏହା କ'ଣ ସତ, ସାହେବ ?"

"ସବୁ ବିଷୟ ଭାବିଚିନ୍ତି ଆପଣ ଯାହା ନିଶ୍ଚିତ କରିବେ ଆମକୁ ଜଣାଇବେ। ଆମେ ତ ଆଉ ଚାରି-ଛଅ ଦିନ ଏଠାରେ ଅତିଥି ରୂପେ ଅଛୁ। ଆମ ରାଜ୍ୟରେ ପହଞ୍ଚିବାକୁ ଆଉ କିଛି ଦିନ ଲାଗିବ। ଆପଣ ଆମଠାରୁ ଯାହା ସାହାଯ୍ୟ ଚାହିଁବେ ଆମେ ଆନନ୍ଦର ସହ ତାହାକରିବୁ।"

"ଖୁବ୍ ଭଲ କଥା, ସାହେବ।"

"ବର୍ତ୍ତମାନ ଆମ ଭିତରେ ଯେଉଁ ଆଲୋଚନା ହେଲା ତାହା ଆମ ପରି ଆପଣ ମଧ୍ୟ ଯେମିତି ଗୁପ୍ତ ରଖିବେ। ସେ କଥା ମନେ ରଖିଥିବେ।"

"ହଁ, ମନେ ରଖିବି।"

"କୋଡ଼ଗ ଜନତା ଚାହୁଁଥିବା ଲୋକ ରାଜା ହୋଇ କୋଡ଼ଗବାସୀ ଖୁସୀରେ ରହନ୍ତୁ-ଏହାହିଁ ଆମର ଇଚ୍ଛା। କୌଣସି ଗଣ୍ଡଗୋଳ ଓ ଅସନ୍ତୋଷ ନ ହୋଇ ଏ କାମ ହୋଇଯିବାକୁ ଆମେ ଚାହୁଁଛୁ। ଏ କାମ ପୂରା କରିବାର ଦାୟିତ୍ୱ ଆପଣଙ୍କ ଉପରେ।"

"ଆଚ୍ଛା ସାହେବ।"

ସାହେବ ସେବକ ହାତରେ ତାମ୍ବୁଳ ଓ ଅତର ଆଦି ଅଣାଇ ସ୍ୱୟଂ ନିଜ ହାତରେ ଚେନ୍ନବସବଙ୍କୁ ଦେଇ ଖୁବ୍ ଆଦରର ସହ ବିଦାୟ ଦେଲେ। କିଛିଦିନ ପରେ ତାଙ୍କ ପତ୍ନୀ ଗଦୀରେ ବସିଲେ ତାଙ୍କ ନାମରେ ସେ କୋଡ଼ଗ ଶାସନ କରି ପାରିବେ ବୋଲି ଭାବି ଭାବି ଚେନ୍ନବସବ ଘରକୁ ଫେରିଲେ।

91

ପଞ୍ଚମ ଦିନ ରାଜଭବନରେ 'କେଲୁ' ଉତ୍ସବ ଥିଲା। କୋଡ଼ଗୀମାନଙ୍କ ମତରେ 'କେଲୁ' ଆୟୁଧ ପୂଜା ପାଇଁ ପାଳନ କରାଯାଉଥିଲା। ଭିନ୍ନ ଭିନ୍ନ ପ୍ରଦେଶରେ ଏହା ଭିନ୍ନ ଭିନ୍ନ ଦିନରେ ପାଳନ କରାଯାଉଥିଲା। ଦଶୋଟି ବିଭିନ୍ନ ପ୍ରଦେଶର ଦକ୍ଷ ଲୋକଙ୍କୁ ଡକାଇ ଏହା ଅନ୍ୟ ଉତ୍ସବ ପରି ରାଜଭବନର ବାହାର ଅଗଣାରେ ପାଳନ କରାଯାଉଥିଲା।

ପ୍ରତିବର୍ଷ ପରି ଦଶୋଟି ପ୍ରଦେଶର ଲୋକ ମଡ଼କେରୀନାଡ଼ ମନ୍ଦିରରେ ଏକତ୍ରିତ ହୋଇ ପଣ୍ଡିତଙ୍କୁ ପଚାରି ଆୟୁଧ ପୂଜାର ଶୁଭମୁହୂର୍ତ୍ତ ଠିକ୍ କଲେ। କେଉଁ କୋଣରେ ଶିକାର କରିବା ଉଚିତ, କେଉଁ ନକ୍ଷତ୍ରରେ ଜନ୍ମିତ ବ୍ୟକ୍ତିକୁ ତାହା ଫଳିବ, ଶମି ବୃକ୍ଷ କେଉଁ ସମୟରେ କଟା ଯିବ ଆଦି ସବୁ ବିଷୟ ପଣ୍ଡିତଙ୍କୁ ପଚାରି ନିଶ୍ଚିତ କରାଗଲା।

ପ୍ରାତଃକାଳରେ ସମସ୍ତେ ବନ୍ଧୁକ, ତରବାରୀ, କଟୁରୀ, ବର୍ଚ୍ଛା ଆଦି ଯାହା ଅସ୍ତ୍ର ଘରେ ଥିଲା; ବାହାରକରି ମଜାମଜି କରି ସଫା କଲେ। କେହି ସେ ସବୁ ଘର କୋଣରେ ଓ କେହି ଧାନ-ଚାଉଳ ଭଣ୍ଡାରରେ ରଖିଲା।

Digitized by srujanika@gmail.com

ଭୋଜନ ତିଆରି ହେବା ମାତ୍ରେ ସର୍ବ ପ୍ରଥମେ ଆୟୁଧଙ୍କୁ ନୈବେଦ୍ୟ ଦିଆଗଲା। ବୀର ବାଳକମାନେ ନିଜ ଆୟୁଧ ସମ୍ମୁଖରେ ଠିଆ ହୋଇ ଧୂପ-ଦୀପ, ଚନ୍ଦନଟିପା ଆଦି ଦେଲେ। ଅକ୍ଷତ କଳଦୀ ପତ୍ରରେ ଭୋଜନ ପରଶି ଆୟୁଧ ଦେବତାଙ୍କୁ ଅର୍ପଣ କରାଗଲା।

ତା'ପରେ ଯାଇ ଘରର ଲୋକମାନଙ୍କୁ ଭୋଜନ ମିଳିଲା। କିଛି ସମୟ ବିଶ୍ରାମ ନେଇ ବୀରମାନେ ନୂତନ ବସ୍ତ୍ର ଧାରଣ କରି ରାଜଭବନର ବାହାର ଅଗଣାରେ ଆୟୁଧ ସମ୍ମୁଖରେ ଆସି ଠିଆ ହେଲେ। ପ୍ରତ୍ୟେକ ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତି ପୂର୍ବପ୍ରଚଳିତ ମନ୍ତ୍ର ଉଚ୍ଚାରଣ କରୁଥିବା ବେଳେ ଘରର କନିଷ୍ଠ ସଦସ୍ୟ ନିଜ ହାତରେ ଗୋଟିଏଲେଖା ବନ୍ଧୁକ ନେଇ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ଦେଲା। ପରେ ଆୟୁ ଅନୁସାରେ ବାକୀ ଲୋକ ମଧ୍ୟ ନିଜ ନିଜ ଗୁରୁଜନଙ୍କଠାରୁ ଗୋଟିଏ ଲେଖା ବନ୍ଧୁକ ପାଇଲେ। ଶହେ ଗଜ ଦୂରରେ ଥିବା ଗୋଟିଏ ଦଉଡ଼ିରେ ଗଜେ ଅନ୍ତରରେ କୋଡ଼ିଏଟି ନଡ଼ିଆ ଓହଳାଇ ଦିଆଯାଇଥାଏ। ବନ୍ଧୁକଧାରୀମାନଙ୍କୁ ଏହି ନଡ଼ିଆକୁ ଲକ୍ଷ୍ୟ କରି ମାରିବାକୁ ହେଉଥିଲା। ଏ ନିୟମ ଖୁବ୍ ଭଲ ଥିଲା।

ଶହେରୁ ନବେ ଲୋକଙ୍କର ଲକ୍ଷ୍ୟ ଠିକ୍ ଥିଲା। ଲକ୍ଷ୍ୟ ଠିକ୍ ନ ଥିବାଲୋକଙ୍କ ମଧ୍ୟରେ କମ୍ ଅଭ୍ୟାସ ଥିବା ପିଲା ବା ବେଶୀ ବୟସର ବୃଦ୍ଧ ଥିଲେ।

ଭରୟା ତନ୍ତ୍ର ବେଶୀ ବୁଢ଼ା ନ ହୋଇଥିବା ଯୋଗୁଁ ଯୁବକମାନେ ବାଧ କରିବାରୁ ବନ୍ଧୁକ ଉଠାଇ କହିଲେ, "ଆରେ ପିଲେ, ତମେ ସବୁମତେ ପରିହାସ କରୁଛ? ତମେ ସବୁ କହୁଛ ଯେ ବାଘ ମାରିଥିଲ ଯେତେବେଳେ ନଡ଼ିଆକୁ ମାରି ଦେଖାଅ। ସେମିତି କୁହ ନାହିଁ। ତମ ବୟସରେ ମୁଁ ମଧ୍ୟ ଏମିତି ବୃଦ୍ଧମାନଙ୍କୁ ପରିହାସ କରୁଥିଲି। ଶୁଖିଲା ପତ୍ର ଦେଖି କଅଁଳିଆ ପତ୍ର ହସେ।"

ଯେତେବେଳେ କମ୍ପିତ ହସ୍ତରେ ବନ୍ଧୁକ ଉଠାଇ ଲକ୍ଷ୍ୟ କରିବା ପାଇଁ ତା'ର ବେଣ୍ଟକୁ ଛାତିରେ ଲଗାଇ ଧରିଲେ ସେତେବେଳେ ଭରୟା ତନ୍ତ୍ର ଗୋଟିଏ ବଳବାନ ମନୁଷ୍ୟର ମୂର୍ତ୍ତି ପରି ଦେଖା ଯାଉ ଥାଆନ୍ତି। ସେ ତିନି ଥର ଲକ୍ଷ୍ୟ କରି ଭିନ୍ନ ଭିନ୍ନ ନଡ଼ିଆ ଭାଙ୍ଗିଲେ। ଏହା ଦେଖି ତା ପଛରେ ଥିବା ଜନତା, ଡାହାଣ ପଟେ ଥିବା ରାଜମହଲର ଲୋକ ଓ ଅତିଥିଗଣ ତାଙ୍କ ଦକ୍ଷତାର ଜୟଘୋଷଣା କଲେ। ବୃଦ୍ଧ "ଏ ନିଶ ଦେଖେଇବାକୁ ବଢ଼ାଇ ନାହିଁ, ମୁଁ ମଧ୍ୟ ବନ୍ଧୁକ ପରି ପୁରୁଣା ହୋଇଗଲିଣି।" କହି ହସି ଉଠିଲେ। ଯୁବକଗଣ ମଧ୍ୟ ହସିଲେ। "ଦେଖ ତୁମ ବନ୍ଧୁକ ମୋ ବନ୍ଧୁକ ପରି ଭଲ ନୁହେଁ" କହି ବୃଦ୍ଧ ନିକଟରେ ଥିବାଜଣେ ଯୁବକଠାରୁ ବନ୍ଧୁକ ନେଇ ନିଶାଣ କରି ଦୁଇଟି ନଡ଼ିଆର ମଧ୍ୟ ସ୍ଥଳକୁ ମାରି ବନ୍ଧୁକ ଫେରାଇ ଦେଲେ। ତାଙ୍କ ଖେଳ ଦେଖି ଜନତା ହସୁଥିବା ବେଳେ ସେ କହିଲେ, "ଦୃଷ୍ଟି ପଡ଼ିବନି ବୋଲି ଏପରି ଲକ୍ଷ୍ୟ ମଧ୍ୟ କରିବା ଉଚିତ।" ସବୁ ଗୁଳି ଠିକ୍ ସ୍ଥାନରେ ବାଜିଲେ ଦୃଷ୍ଟି ପଡ଼ିଯିବ ଓ ମୋ ପରି ବୁଢ଼ା ହୋଇଯିବ। ବାଳ ଧଳା ହୋଇଯିବ। ମନେ ରଖିଥାଅ"। ଏତକ କହି ନିଜ କଥାରେ ନିଜେ ଖୁସୀ ହୋଇ ପୁଣି ନିଜର ସାଥୀ ବୃଦ୍ଧମାନଙ୍କ ନିକଟକୁ ଫେରି ଆସିଲେ।

ଅନୁବାଦକ ବସବ ନିକଟରେ ଠିଆହୋଇ ସବୁ ବୁଝି ଅତିଥିମାନଙ୍କୁ ଖେଳ ବିଷୟରେ ବୁଝାଇଲା। ବଡ଼ ସାହେବ କହିଲେ, "ବଡ଼ମାନେ ଛୋଟଙ୍କ ପ୍ରତି ଧ୍ୟାନ ରଖିବା ଓ ଛୋଟମାନେ ବଡ଼ଙ୍କୁ ସାଙ୍ଗରେ ନେଇ ଚାଲିବା ଖୁବ୍ ଭଲ କଥା।" ଭରୟା ତନ୍ତ୍ରଙ୍କୁ ମଧ୍ୟ ସେ ପ୍ରଶଂସା କଲେ।

Digitized by srujanika@gmail.com

ଏହା ପରେ ଶହେ ଗଜ ଅନ୍ତରରେ ଦୁଇଟି ଦଉଡ଼ି ବନ୍ଧାହେଲା । ଗୋଟିଏ ଦଉଡ଼ି ନିକଟରେ ଠିଆ ହୋଇ ଅନ୍ୟ ଦଉଡ଼ି ଆଡ଼କୁ ଦୌଡ଼ିବାର ପ୍ରତିଯୋଗିତା ହେଲା । ତା'ପରେ ଦୂରକୁ ଗୋଳାପକାଇବାର ଓ ଲାଠି ଚଳାଇବାର ଖେଳ ହେଲା । ସବୁ ପ୍ରତିଯୋଗିତାରେ ସର୍ବୋଚ୍ଚ ପ୍ରଶଂସାର ଅଧିକାରୀ ଗୁଲୁନାୟକ ଉଭୟା ହିଁ ଥିଲା ।

ଶିକାରରେ ତା'ର କୌଶଳ ଦେଖି ଅତିଥିଗଣ ପ୍ରସନ୍ନ ହୋଇଥିଲେ । ସେହି ଯୁବକକୁ ପୁଣି ଗୁଳି ମାରିବା, ଗୋଳା ଫୋପାଡ଼ିବା ଓ ଲାଠି ଚାଳନା ଆଦିର ପ୍ରଥମ ଦେଖି ଖୁବ୍ ପ୍ରଶଂସାକଲେ ।

ଉଭୟା ତଦ୍ଦ, "ଭାଇ ଉଭୟା, ତୁମେ ଏତେ ଦକ୍ଷ କିପରି ହେଲ ଜାଣ ?"

ଯୁବକ କହିଲା, "କହିଲେ ମୁଁ ବୁଝିଯିବି ଡେଙ୍ଗେ ।"

"ତୁମକୁ ମୋ ନାମ ଦିଆଯାଇଛି ।"

"ହଁ ଡେଙ୍ଗେ ।"

"ନ ହେଲେ ଏତେ ସୁନ୍ଦର ଲକ୍ଷ୍ୟ ତୁମର ହୋଇ ନଥାନ୍ତା ।"

ଏ ଥଟ୍ଟା-ପରିହାସର ଅର୍ଥ ଅତିଥିଙ୍କୁ ବୁଝାଯିବାରୁ ବଡ଼ ସାହେବ ବସବଙ୍କୁ କହିଲେ, "ଏ ବୃଦ୍ଧ ଓ ଯୁବକ ଉଭୟ ଶକ୍ତିଶାଳୀ ହେବା ସଙ୍ଗେ ସଙ୍ଗେ ଭଦ୍ର ମଧ୍ୟ । ସେମାନଙ୍କୁ ଆମେ କିଛି ପୁରସ୍କାର ଦେବାକୁ ଚାହୁଁଛୁ । କ'ଣ ଦିଆଯାଇ ପାରିବ ? ରାଜାଙ୍କୁ ଦୟାକରି ପଚାରନ୍ତୁ ।" ବସବ ରାଜାଙ୍କୁ ଏ କଥା କହିବାରୁ ସେ ଅସନ୍ତୋଷ ପ୍ରକାଶ କରି କହିଲେ, "ଏ ଦୁଇଜଣ କି କାରସାଦି କରି ଦେଖାଇଲେ ? ଦୁଇଜଣଙ୍କ ଚର୍ବି ବଢ଼ିଗଲାଣି ।"

ବସବ: "ପୁରସ୍କାର ଦେବାକୁ ଦିଅନ୍ତୁ, ମାଲିକ । ଆମେ ମନା କଲୁ ବୋଲି ଅନ୍ୟମାନେ କାହିଁକି କହିବେ ?"

ରାଜା କହିଲେ: "ଯାହା ଇଚ୍ଛା କରନ୍ତୁ ।"

ସାହେବ ସେହି ସମୟରେ ପୁରସ୍କାର ଦେଲେ । ଏହା ପରେ ବଡ଼ ସାହେବ ପଚାରିଲେ, "ଆମ ଲୋକଙ୍କର ବନ୍ଧୁକ ଲକ୍ଷ୍ୟ କ'ଣ ରାଜା ଦେଖିବେ ?" "ନିଶ୍ଚୟ" ରାଜା କହିଲେ । ବଡ଼ ସାହେବ ଦୁଇ ଥର ଗୁଳି ମାରିବାରୁ ଥରେ ନଡ଼ିଆରେ ବାଜିଲା ଓ ଆଉ ଥରେ ଲକ୍ଷ୍ୟଚ୍ୟୁତ ହେଲା । ହକର ତଥା ପାର୍କର ସାହେବ ମଧ୍ୟ ଦୁଇଥର ଲେଖା ବନ୍ଧୁକ ମାରିଲେ । ଗୋଟିଏ ଲେଖାଁ ଲାଗି ଅନ୍ୟଟି ଲକ୍ଷ୍ୟଚ୍ୟୁତ ହେଲା । କପ୍ତାନ ସାହେବଙ୍କ ତିନିଥରଯାକ ସଫଳ ଭାବେ ଗୁଳି ମାରିଲେ । ସେ କୁଶଳ ଶିକାରୀ ବୋଲି ସମସ୍ତେ ସ୍ୱୀକାର କଲେ ।

ଏହାପରେ କୋଡ଼ଗର ଯୁବକମାନେ ଦୁଇଜଣ ଲେଖା ଆସି ପାଞ୍ଚ ମିନିଟ୍ ଲେଖାଏଁ କୁସ୍ତି କଲେ । ତାହା ଦେଖିବାକୁ ଖୁବ୍ ଆନନ୍ଦଦାୟକ ଥିଲା । ଏମାନଙ୍କ କୁସ୍ତିରେ ହାର-ଜୀତ ନୁହେଁ କିନ୍ତୁ କୁସ୍ତିର ପ୍ରଣାଳୀ ହିଁ ମୁଖ୍ୟ ଥିଲା । ଜଣେ ଅନ୍ୟଜଣକୁ ମାରି ପକାଇ ଦେଲେ ମଧ୍ୟ ଉଭୟେ ଉଭୟଙ୍କ ହାତଧରି ଆଖଡ଼ାରୁ ବାହାରୁଥିଲେ । ଏହା ବଡ଼ସାହେବଙ୍କୁ ଖୁବ୍ ଭଲ ଲାଗିଥିଲା ।

ଗୋରାମାନେ ତାଙ୍କୁ ପସନ୍ଦ କଲେ ବୋଲି କୋଡ଼ଗର ଜନତାକୁ ଖୁବ୍ ଆନନ୍ଦ ଲାଗିଲା । ବିଦେଶୀମାନେ ତାଙ୍କ ଲୋକଙ୍କୁ କୁଶଳୀ ବୋଲି ମାନିବାରୁ ସେମାନେ ଖୁବ୍ ଗର୍ବ ଅନୁଭବ କରୁଥିଲେ । ଯାହା ହେଉ ସବୁ କାର୍ଯ୍ୟକ୍ରମ ଅପେକ୍ଷା ଅତିଥିମାନଙ୍କୁ 'କେଲୁ' ଉତ୍ସବ ବେଶୀ ପସନ୍ଦ ହେଲା ଓ ସେମାନେ ତାହା ଦେଖି ସନ୍ତୁଷ୍ଟ ହେଲେ ।

Digitized by srujanika@gmail.com

92

ସେଦିନ ରାତିରେ ପ୍ରୀତି ଭୋଜନ ଥିଲା। ଅତିଥି ଆସିବାରୁ ରାଣୀ ନିଜ କନ୍ୟା ଓ ରାଜାଙ୍କ ସହ ବୈଠକଖାନାର ଦ୍ୱାର ଦେଶରେ ସେମାନଙ୍କର ସ୍ୱାଗତ କଲେ। ବୈଠକର ଗୋଟିଏ କୋଣରେ ଇଂରେଜ ପଦ୍ଧତିରେ ଦୁଇଟି ମେଜ ଚାରିପଟେ ଚଉକି ରଖାଯାଇ ଖାଇବାର ବ୍ୟବସ୍ଥା ହୋଇଥିଲା। ରାଣୀ ଅତିଥିମାନଙ୍କୁ ବସିବାକୁ କହିସାରି ସ୍ତ୍ରୀଲୋକମାନଙ୍କ ପାଖରେ କିଛି ସମୟ ବସି ଅନୁବାଦକ ଦ୍ୱାରା ରାଜପରିବାର ତରଫରୁ ତାଙ୍କର ସ୍ୱାଗତ କଲେ। ସେତେବେଳକୁ ରାଜା ସେଠାକୁ ଆସି ସାରିଥିଲେ। ଅତିଥିଙ୍କୁ ଦେଖାଶୁଣା କରିବାକୁ ତାଙ୍କୁ ସେଠାରେ ଛାଡ଼ି କନ୍ୟାକୁ ପିତାଙ୍କ ସଙ୍ଗରେ କିଛି ସମୟ ରହି ଭିତରକୁ ଆସିବାକୁ କହି ସେ ଭିତରକୁ ଗଲେ।

ଅତିଥିମାନେ କିଛି ସମୟ ପର୍ଯ୍ୟନ୍ତ ଶିକାର ଓ ଖେଳ ବିଷୟରେ ଆଲୋଚନା କରିବାକୁ ଲାଗିଲେ। ପାର୍କର୍ ରାଜାଙ୍କୁ ଚାହିଁ ପଚାରିଲେ, "ଆପଣଙ୍କ ପିସ୍ତଲର ଲକ୍ଷ୍ୟ ଅବ୍ୟର୍ଥ ବୋଲି ଶୁଣିଛି।"

"ସେ ସବୁ କଥା ପୁରୁଣା ହେଲାଣି, ଯୁବକ ବେଳେ ମୁଁ ଦୁଇଶହ ହାତୀ ମାରିଛି ଓ ଆଉ ଦୁଇଶହ ଧରିଛି।"

ସମସ୍ତେ ଖୁବ୍ ଆଶ୍ଚର୍ଯ୍ୟ ହେଲେ। "ଆପଣ ମଧ୍ୟ ଆପଣଙ୍କ ଦକ୍ଷତା ଦେଖାନ୍ତୁ" ବୋଲି ଲୁସୀ କହିଲେ।

ରାଜା କିଛି ଦୂରରେ ଠିଆ ହୋଇଥିବା ବସବଙ୍କୁ "କ'ଣ ମୋର ନିଶାନବାଜୀ ଦେଖାଇବି ?" ବୋଲି ପଚାରିବାରୁ ସେ "ହାତରେ କଷ୍ଟ ନ ହେଉଥିଲେ ଦେଖାନ୍ତୁ, ମଣିମା" ବୋଲି କହିଲା।

ରାଜା ଗୋଟିଏ ଥାଳୀ ଦେଖାଇ ତାହା ଆଣିବାକୁ ଆଜ୍ଞା ଦେଲେ। ବସବ ତାହା ଆଣିବାରୁ ସେଥିରେ କୋଇଲାରେ ଚାରୋଟି ଦାଗ ଦେଇ ତାଙ୍କ ପିସ୍ତଲରେ ଚାରୋଟି ଗୁଳି ଭର୍ତ୍ତିକରି ଆଣିବାକୁ କହିଲେ।

ଥାଳୀ କଡ଼ ଆଡ଼କୁ ତିନୋଟି ଓ ମଝିରେ ଗୋଟିଏ ଗୋଲ ଦାଗ କୋଇଲାରେ ଦିଆଗଲା। ପିସ୍ତଲରେ ଗୁଳି ଭର୍ତ୍ତି କରି ଅଣାଗଲା। ରାଜା ଥାଳୀକୁ ଦଶଗଜ ଦୂରରେ ରଖିବାକୁ ଆଜ୍ଞା ଦେଇ ନିଜ ଚଉକୀ ସାମାନ୍ୟ ପଛକୁ ଘୁଞ୍ଚାଇ ବସିଲେ। ତିନିମିନିଟ ପର୍ଯ୍ୟନ୍ତ ଲକ୍ଷ୍ୟ କରି ଗୁଳି ଚଳାଇଲେ ଓ ଗୁଳି ଠିକ୍ ଉପର ଚିହ୍ନରେ ବାଜିଲା।

ଥାଳୀକୁ ପୁଣି କାଛରୁ ଘୁଞ୍ଚାଇବାକୁ କହି ରାଜା ପୁଣି ଦ୍ୱିତୀୟ ଚିହ୍ନ ଉପରେ, ତୃତୀୟ ଥର ବାମପଟର ଦାଗ ଓ ଚତୁର୍ଥ ଥର ମଝିରେ ଥିବା ଦାଗ ଉପରକୁ ଅବ୍ୟର୍ଥ ଲକ୍ଷ୍ୟରେ ଗୁଳି ଚଳାଇଲେ। ଅତିଥିମାନଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ତାଙ୍କ ହାତରେ ଏପରି ଶକ୍ତି ଓ ଆଖିରେ ଏପରି ଲକ୍ଷ୍ୟ ଅଛି ବୋଲି ବୀରରାଜଙ୍କୁ ଦେଖିଲେ ତାହା ପ୍ରତୀତ ହେଉ ନଥିଲା।

Digitized by srujanika@gmail.com

ବଡ଼ ସାହେବ କହିଲେ, ''ଏହାତ ମୋ କଳ୍ପନା ବାହାରର କଥା।''

ରାଜା ବସବଙ୍କୁ କହିଲେ, ''କ'ଣ ଯାଦୁ-ମନ୍ତ୍ର କରିଥିଲୁ କିରେ? ଚାରୋଟି ଯାକ ଗୁଳି ଠିକ୍ ସ୍ଥାନରେ ବାଜିଲା।'' ବସବ କହିଲା, ''ସେ ତ ଆପଣଙ୍କ ହାତର ଯାଦୁ-ମନ୍ତ୍ର ମହାରାଜ।''

ପାର୍କର ବଡ଼ ସାହେବଙ୍କୁ କହିଲେ, ''ଆଜି ସନ୍ଧ୍ୟାରେ ତ ରବିନହୁଡ୍ ବଢ଼ିଆ କୁସ୍ତି କରିବା କଥା ଲୁସୀ କହୁଛି। ଆମ କପ୍ତାନ ସାହେବ ମଧ୍ୟ ଭଲ କୁସ୍ତି କରନ୍ତି। ଏ ଦୁଇଜଣଙ୍କୁ ଏକାଠି କରାଗଲେ ଖୁବ୍ ଭଲ ହୁଅନ୍ତା।''

ହକର କହିଲେ, ''ଗୁଲୁ ଉଭୟାଙ୍କୁ ଡକାଇଲେ ଏହାର ବ୍ୟବସ୍ଥା ହୋଇ ପାରିବ।'' ବଡ଼ ସାହେବ ରାଜି ହେବାରୁ ତୁରନ୍ତ ଉଭୟାଙ୍କୁ ଡକାହେଲା।

ଉଭୟା ଆସିବାରୁ କୁସ୍ତି ହେଲା। କପ୍ତାନ ସାହେବ ପଶ୍ଚମୀ ପଦ୍ଧତିରେ କୁସ୍ତି ଅଭ୍ୟାସ କରିଥିଲେ। ଉଭୟା ଦକ୍ଷିଣ ଭାରତୀୟ ପଦ୍ଧତିରେ ଶିକ୍ଷା କରିଥିବା ପହିଲମାନ ଥିଲା। ତଥାପି କୁସ୍ତି ଖୁବ୍ ଉପଭୋଗ୍ୟ ହୋଇଥିଲା। ରାଜା ବସବଙ୍କୁ କହିଲେ, ''ଆରେ, ସାହେବଙ୍କୁ ଚିତ୍ ନ କରିବାକୁ ତାକୁ କହିଥାନ୍ତୁ।'' ଉଭୟା ଏ କଥା ବୁଝିପାରି ନିଜେ ଚିତ୍ ନ ହେବାକୁ ପ୍ରାଣପଣେ ଚେଷ୍ଟା କଲା। କପ୍ତାନ ଓ ଉଭୟା ଉଭୟଙ୍କର ଶରୀର ଗଠନ ସୁନ୍ଦର ଥିଲା ଓ କେହି କାହାକୁ କମ୍ ନ ଥିଲେ। କୁସ୍ତି କରିବା ପଦ୍ଧତି ଭିନ୍ନ ହେଲେ ମଧ୍ୟ ଯୋଡ଼ି ଉପଯୁକ୍ତ ଥିବାରୁ ତାହା ଦେଖିବା ଯୋଗ୍ୟ ଥିଲା।

ବଡ଼ ସାହେବ, ''ମହାରାଜ ସମ୍ମତି ଦେଲେ ଏ ଦୁଇଜଣଙ୍କୁ ଗୋଟିଏ ଲେଖା ପୁରସ୍କାର ଦିଆଯାଇ ପାରିବ'' ବୋଲି କହିବାରୁ ରାଜା ସେ ପ୍ରସ୍ତାବରେ ରାଜି ହେଲେ।

''ଏପରି ଅବସରରେ ଏଠାରେ ଉପସ୍ଥିତ ପ୍ରମୁଖ ସ୍ତ୍ରୀଙ୍କ ହାତରେ ପୁରସ୍କାର ଦିଆଯିବାର ପ୍ରଥା ଅଛି। ଆପଣ ରାଜି ହେଲେ ମହାରାଣୀ ବା ରାଜକୁମାରୀଙ୍କ ହାତରେ ପୁରସ୍କାର ଦିଆଯାଇ ପାରନ୍ତା।'' ରାଜା କ'ଣ ଭାବି ''ରାଜକୁମାରୀ ଏ କାର୍ଯ୍ୟ କରିବେ'' ବୋଲି କହିଲେ।

''ଏଇ ଅବସରରେ ଆମେ ମହାରାଜଙ୍କୁ ମଧ୍ୟ ଗୋଟିଏ ଭେଟି ଦେବାକୁ ଚାହୁଁଛୁ।''

ରାଜା ସେଥିରେ ମଧ୍ୟ ରାଜି ହେଲେ। ରାଜକୁମାରୀ ସ୍ତ୍ରୀମାନଙ୍କ ଗହଣରୁ ଉଠି ଉଭୟା, କପ୍ତାନ ତଥା ମହାରାଜଙ୍କୁ ପାରିତୋଷିକ ଦେଲେ। ସେ ସରଳ ହୋଇଥିବାରୁ ଏସବୁ କାର୍ଯ୍ୟରେ ଅଭ୍ୟସ୍ତ ନଥିଲେ। ତରୁଣ ତାଙ୍କୁ ଆକର୍ଷିତ କରିପାରନ୍ତି। ସେମାନଙ୍କୁ ପାରିତୋଷିକ ଦେବା ସମୟରେ ରାଜକୁମାରୀଙ୍କ ମନରେ ଲଜ୍ଜା ଓ ସଙ୍କୋଚ ଭାବଥିଲା।

ଉଭୟା ମନରେ ଅନେକ ଦିନରୁ ତାଙ୍କ ପାଇଁ ଉତ୍ସୁକତା ଥିଲା। ତା ସହ ରାଜକୁମାରୀଙ୍କର ବିବାହ ହେଲେ କେତେ ଭଲ ହୁଅନ୍ତା ବୋଲି କପ୍ତାନ ମନରେ ଭାବିଲେ। ନିଜ କନ୍ୟାର ଠିଆ ହେବାର ଢଙ୍ଗ ଓ ସଙ୍କୋଚ ରାଜାଙ୍କୁ ଖୁବ୍ ଭଲ ଲାଗିଲା।

Digitized by srujanika@gmail.com

୨୩

ଦ୍ୱିତୀୟ ଦିନ ପ୍ରାତଃ କାଳରେ କମ ବୟସର ଅତିଥିମାନେ ରାଜପରିବାରର ଅଳଙ୍କାର ଆଦି ଦେଖି ଖୁସି ହେଲେ।

ମଡ଼କେରୀ ରାଜବଂଶର ଆଭୂଷଣଶାଳା ପୂର୍ବରୁ ଅପୂର୍ବ ରତ୍ନର ଭଣ୍ଡାର ବୋଲି ପ୍ରସିଦ୍ଧି ଲାଭ କରିଥିଲା। ସେଥିରେ ହାଲେରୀ ଓ ହୋରମଲେ ଉଭୟ ବଂଶର ରାଜାଙ୍କ ଦ୍ୱାରା ଲୁଟତରାଜ କରି ନିଜ ରାଣୀମାନଙ୍କ ପାଇଁ ସଂଗୃହୀତ ଅନେକ ଆଭୂଷଣ ଥିଲା। ସେଥିରୁ କିଛି ହୋରମଲେ ବଂଶର ପତନପରେ ହାଲେରୀ ବଂଶକୁ ମିଳିଥିଲା। ଏ ଅଳଙ୍କାର ମଧ୍ୟରୁ କେଉଁ ଅଳଙ୍କାର କେଉଁଠାରୁ ଆସିଥିଲା ତାହା ମଧ ଜାଣିଥିବା ଲୋକ ଥିଲେ। ହାଲେରୀ ବଂଶ ହାଇଦରଙ୍କ ନିକଟରେ ପରାଜିତ ଓ ସେ ରାଜାଙ୍କ ପୁତ୍ର ବନ୍ଦୀ ହେବାରୁ ସେ ବଂଶର ଅଳଙ୍କାର ଚିକ୍କଣ୍ଣା ଶେଟ୍ଟୀଙ୍କ ବଡ଼ବାପାଙ୍କ ନିକଟରେ ସୁରକ୍ଷିତ ରଖାଯାଇଥିଲା। ଦୋଡ୍ଡବୀରରାଜ ରାଜା ହେବାରୁ ତାହା ତାଙ୍କୁ ମିଳିଲା। ଦୋଡ୍ଡବୀରରାଜଙ୍କ ଶାସନ କାଳରେ ଆହୁରି ଅନେକ ଆଭୂଷଣ ତାଙ୍କୁ ମିଳିଥିଲା। ଦୋଡ୍ଡବୀରରାଜଙ୍କ କନ୍ୟା ଦେବମ୍ମାଙ୍କ ନିକଟରେ ଅନେକ ଆଭୂଷଣ ଥିଲା ଯାହା ସେ ନିଜ କାକା ଲିଙ୍ଗରାଜଙ୍କୁ ନ ଦେଇ ନିଜ ପାଖରେ ରଖିଥିଲେ। ଚିକ୍କବୀରରାଜ ରାଜା ହେବାପରେ ତାହା ରାଜଭଣ୍ଡାରରରେ ଜମା କରିଦେବାକୁ କହି ପଠାଇଲେ ମଧ ସେ ମାନିଲେ ନାହିଁ। ତାଙ୍କ ମୃତ୍ୟୁ ପରେ ରାଜା ସମସ୍ତ ଆଭୂଷଣ ନିଜେ ଅଧିକାର କରିନେଲେ।

ପିତା ଲିଙ୍ଗରାଜ ତାଙ୍କ ଭଉଣୀ ଦେବମ୍ମାଙ୍କୁ ଯେଉଁ ଅଳଙ୍କାର ଯୌତୁକରେ ଦେଇଥିଲେ ସେଥିରୁ ଅଧିକାଂଶ ସେ ବଳପୂର୍ବକ ନେଇ ରାଜମହଲରେ ରଖିନେଲେ।

ଗହଣାକୁ ପସନ୍ଦ କରୁଥିବା ଅତିଥିଗଣ ଭାବି ନଥିଲେ ଯେ ଏହି ଆଭୂଷଣ କେତେକଙ୍କ ଶରୀରର ଶୋଭାବର୍ଦ୍ଧନ କରିବା ଓ କେତେକଙ୍କ ମନରେ ଦୁରାଶା ଉତ୍ପନ୍ନ କରିବା ସଙ୍ଗେ ସଙ୍ଗେ କେତେ ଲୋକଙ୍କ ପ୍ରାଣ ନେଇଥିବ।

ରାଜବଂଶର ଏଇ ଆଭୂଷଣ ସଙ୍ଗେ ସଙ୍ଗେ ଅତିଥିଗଣ ରାଣୀ ଓ ରାଜକୁମାରୀଙ୍କର ନିଜ ଆଭୂଷଣ ଦେଖି ପସନ୍ଦ କଲେ।

ସ୍ୱଭାବତଃ ପୁରୁଷଙ୍କ ଅପେକ୍ଷା ଲୁସୀ ଓ ହେଲେନ ଗହଣା ଦେଖି ଚକିତ ଓ ପ୍ରସନ୍ନ ହେଲେ। ସେମାନେ ହକରଙ୍କ କାନରେ "ମହାରାଜଙ୍କୁ କହିଲେ ଏଇ ହାରରୁ ଗୋଟିଏ (ଲର୍ଖୀ କ'ଣ ଆମକୁ ମିଳିବ ?" ବୋଲି କହିବାରୁ ହକର "ସୁବିଧା ଦେଖି କହିବି। ହୁଏତ ଦେଇ ପାରନ୍ତି। ବର୍ତ୍ତମାନ ଚୁପ୍ ରୁହ" ବୋଲି କହିଲେ।

ସେଦିନ ରାତ୍ରଭୋଜନ ପରେ ନୃତ୍ୟର କାର୍ଯ୍ୟକ୍ରମ ଥିଲା। ନିଶ୍ଚିତ କାର୍ଯ୍ୟକ୍ରମ ସମାପ୍ତ ହେବା ପରେ ବଡ଼ ସାହେବ ଅନ୍ୟମାନଙ୍କ ସହ ନିଜ ଶିବିରକୁ ଯିବାକୁ ଉଠିଲେ। ହକର କହିଲେ, "ମହାରାଜ ସାହେବ ଆମ ତରଫରୁ ଆଉ ଦୁଇଟି ନୃତ୍ୟ ଦେଖିବାକୁ ଚାହୁଁଛନ୍ତି।

Digitized by srujanika@gmail.com

ଲୁସୀ, ହେଲେନ ଓ ମୁଁ ସେ ନୃତ୍ୟ ଦେଖାଇବା ପରେ ଆସିବୁ।" ବଡ଼ ସାହେବ 'ହଉ' ବୋଲି କହିଲେ ଓ ତାପରେ ସେହି ତିନିଜଣଙ୍କ ଛଡ଼ା ସମସ୍ତେ ଚାଲିଗଲେ।

ଆଗଥର ଏମାନେ ଆସିଥିବା ସମୟରେ ଲୁସୀ ଓ ହକର ଏହି ନୃତ୍ୟ ପ୍ରଦର୍ଶନ କରିଥିଲେ। ସେଥିରେ ସାମାନ୍ୟ ଅଶ୍ଳୀଳତା ଥିବାରୁ ତାହା ସେହି ରୁଚିର ଲୋକଙ୍କୁ ପସନ୍ଦ ହେଉଥିଲା।

ରାଜା ତଥା ବସବ ବସିଥିଲେ। ହକର-ଲୁସୀ, ହକର-ହେଲେନ ଓ ଲୁସୀ-ହେଲେନ ନୃତ୍ୟ ଯୋଡ଼ିରେ ଦୁଇ ଥର ଲେଖା ନାଚି ରାଜାଙ୍କୁ ପ୍ରସନ୍ନ କରାଇଲେ।

ଏ ନୃତ୍ୟର ବର୍ଣ୍ଣନ କରିବା ଉଚିତ ହେବ ନାହିଁ। ସଂକ୍ଷେପରେ ଏତିକି କୁହାଯାଇ ପାରେ ଯେ ଏହା ଦେଖି ରାଜାଙ୍କର ସନ୍ତୋଷର ସୀମା ରହିଲା ନାହିଁ। ଯିବା ପୂର୍ବରୁ ହକର ବସବର କାନରେ ଧୀରେ କହିଲେ, "ଲୁସୀ ଓ ହେଲେନଙ୍କୁ ମହାରାଜ ଗୋଟିଏ ଲେଖାଏଁ ଅଳଙ୍କାର ଦେଲେ ସେମାନେ ଖୁବ୍ କୃତଜ୍ଞ ହେବେ।" ରାଜା ସଙ୍ଗେ ସଙ୍ଗେ କଥା କଣ ବୁଝି ପାରି କହିଲେ, "ଏମାନେ କେତେ ସୁନ୍ଦର ନାଚୁଛନ୍ତି। ଆମ ଦେଶର ବେଶ୍ୟା ମଧ୍ୟ ଏତେ ନିଃସଙ୍କୋଚ ହୋଇ ନାଚନ୍ତି ନାହିଁ। ତାଙ୍କୁ ପରେ ଆସିବାକୁ କୁହ। ଯାହା ଚାହିଁବେ ଦିଆଯିବ।"

94

ଷଷ୍ଠ ଦିନ ଆଗରୁ କରାଯାଇଥିବା ବ୍ୟବସ୍ଥା ଅନୁସାରେ ମେଘଲିଙ୍ଗ ପାଦ୍ରୀଙ୍କ ସଭାରେ ଖ୍ରୀଷ୍ଟଧର୍ମ ଶ୍ରେଷ୍ଠତା ପ୍ରତିପାଦନ କରିବା ପାଇଁ ବାଦ ବିବାଦ ହେଲା। ଦୀକ୍ଷିତ ପ୍ରଥମରୁ ହିଁ ଏଇ ବାଦ-ବିବାଦ ପାଇଁ ନିଜର ଅନିଚ୍ଛା ପ୍ରକଟ କରିଥିଲେ ମଧ୍ୟ ରାଜା ତାହା ମାନି ନ ଥିଲେ। ମହୀଶୂରରୁ କୌଣସି ବିଦ୍ୱାନଙ୍କୁ ଡକାଯାଉ ବୋଲି ପ୍ରାର୍ଥନା କରିଥିଲେ ମଧ୍ୟ ଭବିଷ୍ୟତରେ ଦେଖାଯିବ, ଏଥର ଦୀକ୍ଷିତ ମହାଶୟ ଅଂଶ ଗ୍ରହଣ କରନ୍ତୁ ବୋଲି ରାଜା କହିଲେ।

ସଭା ସମୟରେ ବହୁତ ଲୋକ ଆସି ଏକତ୍ରିତ ହେଲେ। ଖେଳ ପରି ବାଦ-ବିବାଦ ଶୁଣିବାକୁ ଲୋକଙ୍କର ଖୁବ୍ ଉତ୍ସାହ ଥିଲା।

ସବୁ ଅତିଥି ଆସିବା ପରେ ରାଜା ମଧ୍ୟ ଆସିଲେ। ମେଘଲିଙ୍ଗ ଓ ଦୀକ୍ଷିତ ଆଗରୁ ଆସି ମଞ୍ଚ ଉପରେ ସାମନା-ସାମନି ବସିଥିଲେ। ପାଦ୍ରୀ ବାଦ-ବିବାଦ ଆରମ୍ଭ କଲେ।

"ମୋ ମତରେ ଆମ ଗୁରୁ ଯୀଶୁଙ୍କ ଦ୍ୱାରା ପ୍ରତିଷ୍ଠିତ ଧର୍ମ ଆପଣଙ୍କ ଠାରୁ ଶ୍ରେଷ୍ଠ। ଆପଣ ଏ କଥା ମାନିନେଲେ ତ ଆଉ କିଛି କହିବାର ନାହିଁ। ଏ ବିଷୟରେ ଆପଣ କଣ କହିବାକୁ ଚାହାନ୍ତି?"

ଦୀକ୍ଷିତ: "ଆମ ମତ ବିଷୟରେ ବାଦ-ବିବାଦ କରିବାର ଅଭ୍ୟାସ ମୋର ନାହିଁ। ଆପଣ ନିଜ ମତକୁ ଶ୍ରେଷ୍ଠ ବୋଲି କହିବାକୁ ଚାହିଁଲେ ତାହା ଆପଣଙ୍କର ଇଚ୍ଛା। ସେଥିରେ ଆମ ତରଫରୁ ବାଧା ଦେବାର କିଛି ନାହିଁ। ଆମ ମତ ଶ୍ରେଷ୍ଠ ବୋଲି ଆମର ବିଶ୍ୱାସ। ଆମେ ସେହି ଅନୁସାରେ ଚାଲୁଛୁ। ସେଥିରେ ଆପଣଙ୍କର ବାଧା ଦେବା ଉଚିତ ନୁହେଁ।"

Digitized by srujanika@gmail.com

"ଆମ ମତ ଶ୍ରେଷ୍ଠ ବୋଲି କହିବାର ଅଭିପ୍ରାୟ ହେଉଛି ଯେ, ଆପଣଙ୍କୁ ସେଥିରେ ରାଜି କରାଇ ଆମ ଧର୍ମରେ ଦୀକ୍ଷିତ କରାଇବୁ। ଏହା ହିଁ ଆପଣଙ୍କ ପାଇଁ ପ୍ରକୃତ ରାସ୍ତା। ଆପଣ ଆମ ମତକୁ ସ୍ୱୀକାର କଲେ ଜନତା ମଧ୍ୟ ତାହା ସ୍ୱୀକାର କରିବେ-ା- ଯୀଶୁଙ୍କ କୃପାରୁ ସମସ୍ତଙ୍କର ଉଦ୍ଧାର ହୋଇପାରିବ।"

ମୁଁ ବା ଜନତା କାହାରିକୁ ନିଜ ରାସ୍ତା ଛାଡ଼ି ଅନ୍ୟ ରାସ୍ତା ଧରିବାର ପ୍ରୟୋଜନ ନାହିଁ। ଯେ ଯେଉଁ ରାସ୍ତାରେ ଚାଲୁଛି ସେଥିରେ ହିଁ ତାର ଉଦ୍ଧାର ହେବା ସମ୍ଭବ।"

"ଲୋକେଶ୍ୱର ଭଗବାନଙ୍କୁ ଛାଡ଼ି ଆପଣମାନେ ଛୋଟ ଛୋଟ ଦେବତାଙ୍କୁ ପୂଜା କରୁଛନ୍ତି। ଏଥିରେ ଆପଣଙ୍କର ଉଦ୍ଧାର ହେବା ଅସମ୍ଭବ। ଆମ ଭଗବାନଙ୍କୁ ମାନିଲେ ହିଁ ଆପଣଙ୍କର ଉଦ୍ଧାର ହେବା ସମ୍ଭବ।"

"ଆପଣ ଭଗବାନଙ୍କୁ ଲୋକେଶ୍ୱର କହି ବର୍ଣ୍ଣନା କରୁଛନ୍ତି। ଆମେ ମଧ୍ୟ ଭଗବାନଙ୍କୁ ତାହା ହିଁ କହୁ। ଈଶ୍ୱର ସମାନ କିନ୍ତୁ ବ୍ରହ୍ମ ଗୋଟିଏ। ତାଙ୍କୁ ଲୋକେ ନିଜ ବିଚାର ଅନୁସାରେ ବର୍ଣ୍ଣନା କରି ନିଜ ଭାଷାରେ ନାମକରଣ କରି ପୂଜା କରନ୍ତି। ଆପଣ ଯେଉଁ ନାମରେ ପୂଜା କଲେ ମଧ୍ୟ ସବୁ ସେହି ଲୋକେଶ୍ୱର ଭଗବାନଙ୍କୁ ହିଁ ପ୍ରାପ୍ତ ହୁଏ। ଏପରି କୌଣସି ଦେଶ ନାହିଁ ଯେଉଁଠାରେ ଭଗବାନ ନାହାନ୍ତି। ଏପରି କୌଣସି ଭାଷା ନାହିଁ ଯାହା ଭଗବାନ ବୁଝନ୍ତି ନାହିଁ। ସମସ୍ତେ ତାଙ୍କରି ସନ୍ତାନ। ସେ ସମସ୍ତଙ୍କର ରକ୍ଷା କରନ୍ତି।"

"ଓଁକାରେଶ୍ୱର, ଇମୁଲସ୍ତା, ମୈତ୍ରରସ୍ତା, କରିଙ୍ଗାଲୀ, ଏମାନେ ସମସ୍ତେ ଏକ?"

"ସେଥିରେ କୌଣସି ଭୁଲ ନାହିଁ। ସବୁ ଦେଖିବା ବାଲାର ମନର ଭାବନା।"

"ଓଁକାରେଶ୍ୱରଙ୍କୁ ଆପଣ ଫଳ-ଫୁଲ ଦିଅନ୍ତି କିନ୍ତୁ ଅନ୍ୟ ଦେବତାଙ୍କ ନିକଟରେ ଜୀବ-ବଳି ଦିଅନ୍ତି। ଓଁକାରେଶ୍ୱର ଜୀବ-ବଳି ଗ୍ରହଣ କରନ୍ତି?"

"ମନୁଷ୍ୟ ଯାହା ଉତ୍ପନ୍ନ କରେ ଓ ଯାହା ଖାଏ ତାହା ହିଁ ଭଗବାନଙ୍କୁ ଅର୍ପିତ କରେ। ଭଗବାନଙ୍କର ଭୋଜନର ଆବଶ୍ୟକତା ନାହିଁ। ତାଙ୍କ ପାଇଁ ଭୋକ ବୋଲି କିଛି ନାହିଁ।"

"କରିଙ୍ଗାଲୀର ଭକ୍ତ ଓଁକାରେଶ୍ୱରଙ୍କୁ ମାଂସ ଅର୍ପିତ କରିପାରେ?"

"ଯଦି ସେ ସ୍ୱୟଂ ପୂଜା କରୁଥାଏ ତେବେ କରିପାରେ।"

"ଆପଣ ତାକୁ ଛୁଇଁବା ସ୍ୱୀକାର କରିବେ ନାହିଁ?"

"ନାଁ।"

"କାହିଁକି? ଆପଣ ଓ ସେ ଉଭୟେ ଗୋଟିଏ ଭଗବାନଙ୍କ ସନ୍ତାନ। ତଥାପି ଆପଣ ତାକୁ ବା ତାର ଭୋଜନସାମଗ୍ରୀ ଛୁଅଁ ନାହାନ୍ତି। ସେ ଆଣିଥିବା ପୂଜା ସାମଗ୍ରୀ ନ ଛୁଇଁ ନିଜକୁ ଶ୍ରେଷ୍ଠ ଭାବୁଛନ୍ତି। ଏହା କଣ ଭୁଲ ନୁହେଁ?

"ଏ ବ୍ୟବସ୍ଥା ଆଗରୁ ପ୍ରଚଳିତ। ଗୋଟିଏ ଧର୍ମକୁ ମାନୁଥିବା ବ୍ୟକ୍ତି ଅନେକ ପ୍ରକାର ଆଚରଣ କରନ୍ତି। ଆଚାର ବିଭିନ୍ନ ହେଲେ ସମୁଦାୟ ମଧ୍ୟ ଭିନ୍ନ ହେବା ଉଚିତ।"

"ଆପଣ ବ୍ରାହ୍ମଣ ନାଁ?"

"ଆଜ୍ଞା ହଁ।"

"ଆପଣ ନିଜକୁ ଅନ୍ୟ ଜାତିଠାରୁ ଶ୍ରେଷ୍ଠ ମାନନ୍ତି ନାଁ?

"ଆମେ ତାହା କହୁନୁ, ବେଦ କହୁଛି। ଆମ ଜନତା ମଧ୍ୟ ତାହା ସ୍ୱୀକାର କରି ନେଇଛନ୍ତି।"

Digitized by srujanika@gmail.com

"ଆପଣଙ୍କ ଜନ୍ମ ଭଗବାନଙ୍କ ମସ୍ତକରୁ ଓ ଶୂଦ୍ରର ପାଦରୁ ହୋଇଛି ବୋଲି ଆପଣ କହୁଛନ୍ତି ?"

"ବେଦରେ ଏ କଥା କୁହାଯାଇଛି।"

"ସେଥିପାଇଁ ଆପଣ ଶ୍ରେଷ୍ଠ।"

"ଭଗବାନଙ୍କ ବିରାଟ ସ୍ୱରୂପକୁ କଳ୍ପନା କରାଯାଇ ତାଙ୍କର ବିଭିନ୍ନ ଅଙ୍ଗରୁ ବିଭିନ୍ନ ପ୍ରକାରର ବୃତ୍ତି ଜୀବରୁ ଉତ୍ପତ୍ତି ହୋଇଥିବା ବିଷୟ ବେଦମାନଙ୍କରେ କୁହାଯାଇଛି। ବୃତ୍ତି ଶ୍ରେଷ୍ଠ ହେଲେ ଜାତି ମଧ୍ୟ ଶ୍ରେଷ୍ଠ ବୋଲି ଧରାଯାଇଛି।"

"ଆମ ମତରେ କାହାକୁ କାହାରି ଠାରୁ ଶ୍ରେଷ୍ଠ ବୋଲି କୁହାଯାଇ ନାହିଁ। ସମସ୍ତେ ଭଗବାନଙ୍କ ସନ୍ତାନ, ସମସ୍ତେ ସମାନ ବୋଲି କୁହାଯାଇଛି। ଆପଣଙ୍କୁ କଣ ଉଚିତ ବୋଲି ମନେ ହେଉ ନାହିଁ ?

"ଆପଣମାନେ ଅନ୍ୟ ଦେଶର ଅଧିବାସୀ। ଏ ବ୍ୟବସ୍ଥା ଆପଣଙ୍କ ପାଇଁ ଠିକ୍। ଏ ଦେଶ କର୍ମଭୂମି। ଏଠାରେ ମନୁଷ୍ୟର କିପରି ଚଳିବା, କିପରି ଜୀବନ ଅତିବାହିତ କରିବା ଉଚିତ, କିପରି ଅନେକ ଜନ୍ମ ନେଇ ଜ୍ଞାନ, ଭକ୍ତି ତଥା କର୍ମ ଦ୍ୱାରା ମୋକ୍ଷପ୍ରାପ୍ତି ହୋଇ ପାରିବ, ଏ ସବୁର ବ୍ୟବସ୍ଥା ଅଛି। ଆମ ପାଇଁ ସେଇ ବ୍ୟବସ୍ଥା ଠିକ୍।"

"ଓଁକାରେଶ୍ୱର ଓ କରିଙ୍ଗାଲୀକୁ ଆପଣ ଭଗବାନଙ୍କର ଦୁଇଟି ରୂପ ବୋଲି ମାନନ୍ତି ନାଁ ?

"ଓଁକାରେଶ୍ୱର ଭଗବାନ, ଉମା ଦେବୀ ତାଙ୍କ ପତ୍ନୀ, ଲୋକମାତା। କାଳୀ ଲୋକମାତାଙ୍କ ସଂହାର ରୂପ, କରିଙ୍ଗାଲୀ ଅର୍ଥ କଳା ରଙ୍ଗର କାଳୀ ଦେବୀ। କଳା ରଙ୍ଗର ଦେବୀ କାଳୀ ବୋଲି ଶାସ୍ତ୍ରରେ କୁହାଯାଇଛି। କରିଙ୍ଗାଲୀଙ୍କ ଆରାଧନା ଓଁକାରେଶ୍ୱରଙ୍କ ପତ୍ନୀଙ୍କ ଆରାଧନା। ଓଁକାରେଶ୍ୱରଙ୍କର ସମସ୍ତ ଶକ୍ତି ତାଙ୍କ ପତ୍ନୀଙ୍କ ଠାରେ ବିଦ୍ୟମାନ। ମାତା ପ୍ରସନ୍ନ ହେଲେ ପିତା ସ୍ୱତଃ ପ୍ରସନ୍ନ ହୁଅନ୍ତି।"

"ଭଗବାନଙ୍କର ଗୋଟିଏ ପତ୍ନୀ ମଧ୍ୟ ଆବଶ୍ୟକ ?"

"କିନ୍ତୁ ବ୍ରହ୍ମ ସ୍ତ୍ରୀ ନୁହନ୍ତି କି ପୁରୁଷ ନୁହନ୍ତି। ତାଙ୍କ ରୂପର ବର୍ଣ୍ଣନା କରାଯାଇ ପାରିବ ନାହିଁ। ସେ ସଂସାରର ସୃଷ୍ଟି, ରକ୍ଷା ଓ ସଂହାର ପାଇଁ ତିନୋଟି ରୂପ ଧାରଣ କରନ୍ତି। ଏହିପରି ତିନି ଦେବତାଙ୍କ ସ୍ୱରୂପ ସହ ଶକ୍ତିମାନଙ୍କର ଯେଉଁ କଳ୍ପନା କରାଯାଇଛି ତାକୁ ପତ୍ନୀ କୁହାଯାଇଛି। ମନୁଷ୍ୟକୁ ବୁଝାଇବା ପାଇଁ ଏ ସମ୍ବନ୍ଧ କଥା କହିବାକୁ ପଡ଼େ।"

"କେବଳ ସେତିକି ନୁହେଁ, ଆପଣ ଏମାନଙ୍କର ମୂର୍ତ୍ତି ସାମନାରେ ରଖି ପୂଜା କରନ୍ତି। ଭଗବାନ ଅବତାର ନେଇ ମନୁଷ୍ୟ ରୂପ ଧାରଣ କରନ୍ତି ବୋଲି କହନ୍ତି। ସେ ଘୁଷୁରି ଓ ମତ୍ସ୍ୟ ରୂପ ଧାରଣ କରିଛନ୍ତି। ମାଙ୍କଡ଼ମାନଙ୍କୁ ଭଗବାନଙ୍କ ସେବକ କରାଇଛନ୍ତି। ମାଙ୍କଡ଼ ଶହ ଯୋଜନ ସମୁଦ୍ର ପାର କରିବାକୁ ସମର୍ଥ। ଏପରି କପୋଳକଳ୍ପିତ କାହାଣୀ ପଢ଼ି ଲୋକଙ୍କୁ ଭ୍ରମରେ ପକାଇବା ଭୁଲ।"

"ମନୁଷ୍ୟ ଶକ୍ତି ଅନୁରୂପ ଭଗବାନଙ୍କ କଳ୍ପନା କରେ। ଯୋଗୀ ନିଜ ମନ ମଧ୍ୟରେ ହିଁ ବ୍ରହ୍ମଙ୍କ ଦର୍ଶନ କରନ୍ତି। ଯୋଗୀଙ୍କ ବ୍ୟତୀତ ଆମ ପରି ସାଧାରଣ ମନୁଷ୍ୟ ପାଇଁ ମୂର୍ତ୍ତିର ଆବଶ୍ୟକତା ପଡ଼େ। ଆମକୁ ରକ୍ଷା କରିବାକୁ ହେଲେ ଭଗବାନଙ୍କର ଆମ ସମ୍ମୁଖକୁ ଆସିବା ଆବଶ୍ୟକ। ସେଥିପାଇଁ ଅବତାର ନେଇଛନ୍ତି ବୋଲି ଆମେ କହୁ। ମତ୍ସ୍ୟ ଓ ଶୂକର ମନୁଷ୍ୟଠାରୁ ନୀଚ ସ୍ତରର ଜୀବ ପରି ଦେଖାଯାନ୍ତି। ଭଗବାନଙ୍କ ନିକଟରେ ଜୀବମାନଙ୍କ

Digitized by srujanika@gmail.com

ମଧ୍ୟରେ କୌଣସି ଭେଦଭାବ ନାହିଁ। ଏପରି କୌଣସି ରୂପ ନାହିଁ ଯାହା ଭଗବାନ ଧାରଣ କରି ନାହାନ୍ତି ବା କରି ପାରିବେ ନାହିଁ। ଅଣୁ, ରେଣୁ, ବୃକ୍ଷ ଓ କାଷ୍ଠରେ ମଧ୍ୟ ସେ ଅଛନ୍ତି। ତାଙ୍କ ସେବକ ମଧ୍ୟ ସେହି ପ୍ରକାର। କେବଳ ମନୁଷ୍ୟ କାହିଁକି, କୁକୁର ଓ ଘୁଷୁରି ମଧ୍ୟ ଭଗବାନଙ୍କ ସେବା କଲେ ସେ ତାହା ସ୍ୱୀକାର କରିବେ। ମାଙ୍କଡ଼ର ସମୁଦ୍ର ଲଙ୍ଘନ କରିବା ଆମ ପାଇଁ ଆଶ୍ଚର୍ଯ୍ୟଜନକ ନୁହେଁ। ନିଶ୍ଚଳ ମନରେ ଭଗବାନଙ୍କ ଧ୍ୟାନ କଲେ ମାଙ୍କଡ଼ ମଧ୍ୟ ଶହେ ଯୋଜନ ସମୁଦ୍ର ଲଙ୍ଘନ କରିପାରେ। ଆପଣ ଯାହା ଭୁଲ ବୋଲି କହୁଛନ୍ତି ଆମ ପୂର୍ବପୁରୁଷମାନେ ତାହା ଠିକ୍ ବୋଲି କହିଛନ୍ତି। ଆପଣ ପସନ୍ଦ ନ କଲେ ତାହା ସ୍ୱୀକାର କରିବାର କୌଣସି ଆବଶ୍ୟକତା ନାହିଁ। ଆପଣ କହିଥିବା କଥା ମଧ୍ୟ ଆମର ସ୍ୱୀକାର୍ଯ୍ୟ ନୁହେଁ। ଆପଣ ନିଜ ମତରେ ଚାଲନ୍ତୁ ଓ ଆମେ ଆମ ମତ ଅନୁସାରେ ଚାଲିବୁ।''

''ତା କେମିତି ହେବ? ଉଭୟ ମତ ଠିକ୍ ହୋଇ ନପାରେ। ଏହା ଠିକ୍ ହେଲେ ତାହା ଭୁଲ ଓ ତାହା ଯଦି ଠିକ୍ ହୁଏ ତେବେ ଏହା ଭୁଲ।''

''ମତର ଠିକ୍ ଭୁଲ ଯାଞ୍ଚ କରିବା ତତ୍ତ୍ୱଜ୍ଞଙ୍କ କାମ। ଠିକ୍ ରାସ୍ତା ଦେଖାଉଥିବା ମତ ହିଁ ପ୍ରକୃତ ଧର୍ମ। ବାସ୍ତବରେ ସତ୍ୟବାଦୀ, ପରୋପକାରୀ ହୋଇ ମର୍ଯ୍ୟାଦା ପୂର୍ବକ ଜୀବନ ଅତିବାହିତ କରିବା ଉଚିତ। ଏ ସବୁ କହୁଥିବା ଧର୍ମ ହିଁ ସତ୍ୟ। ଆପଣଙ୍କ ଧର୍ମ ମଧ୍ୟ ଆପଣଙ୍କୁ ତାହା ହିଁ ଶିକ୍ଷା ଦେଉଛି। ତେଣୁ ଗୋଟିଏ ଧର୍ମକୁ ଶ୍ରେଷ୍ଠ ଓ ଆଉ ଗୋଟିଏକୁ ନିମ୍ନ କହିବାର କୌଣସି କାରଣ ନାହିଁ।''

ଏପରି ଉଭୟଙ୍କ କଥା ବଢ଼ିବାକୁ ଲାଗିଲା। ତାହା ଆଉ ଶେଷ ହେବାପରି ମନେ ହେଉ ନଥିଲା। ପ୍ରଥମେ କିଛି ସମୟ ପର୍ଯ୍ୟନ୍ତ ଏ ବାଦ-ବିବାଦ ଶୁଣିବାକୁ ଭଲ ଲାଗିଲେ ମଧ୍ୟ ପରେ ସମସ୍ତେ ବ୍ୟସ୍ତ ହୋଇ ଉଠିଲେ।

95

ସେତିକିବେଳେ ସ୍ତ୍ରୀ-ସମୁଦାୟ ମଧ୍ୟରୁ ଶୁଭ୍ର ଶାଢ଼ୀ ପିନ୍ଧିଥିବା ଗୋଟିଏ ନାରୀମୂର୍ତ୍ତି ଠିଆହେଲା। ହଠାତ୍ ଠିଆ ହୋଇ ପଡ଼ିବା ଯୋଗୁଁ ସେହି ମୂର୍ତ୍ତି ଆଡ଼କୁ ସଭାରେ ସମସ୍ତଙ୍କର ଦୃଷ୍ଟି ଆକର୍ଷିତ ହେଲା।

ଠିଆ ହୋଇ ପଡ଼ିବା ମୂର୍ତ୍ତି ଭଗବତୀ ଥିଲେ। ହାତ ଯୋଡ଼ି ସେ କହିଲେ, ''ଦୀକ୍ଷିତ ମହାରାଜ ଆଜ୍ଞା ଦେଲେ ମୁଁ ପାଦ୍ରୀ ମହୋଦୟଙ୍କୁ ଗୋଟିଏ ଦୁଇଟି କଥା ପଚାରନ୍ତି।''

ଦୀକ୍ଷିତଙ୍କୁ ବିସ୍ମୟ ଓ ତାଠୁ ବେଶୀ ଭୟହେଲା। କ'ଣ ପଚାରି ବସିବ କେଜାଣି! ସେ ରାଜାଙ୍କ ଆଡ଼କୁ ଚାହିଁ ଦେଖିଲେ ଯେ ତାଙ୍କ ମୁଖ ଭାବଶୂନ୍ୟ। ପୁଣି ସାହେବଙ୍କ ଆଡ଼କୁ ଚାହିଁଲା ବେଳକୁ ଅନୁବାଦକ ସାହେବଙ୍କୁ ତାଙ୍କ କଥା ବୁଝାଉଥିଲା।

କ୍ଷଣକ ପରେ ସାହେବ କହିଲେ, ''ରାଜା ସାହେବ ଅନୁମତି ଦେଲେ ସେ ପାଦ୍ରୀଙ୍କ ସହ ବାଦ-ବିବାଦ କରି ପାରନ୍ତି।'' ଅନୁବାଦକ ଏ କଥା ରାଜାଙ୍କୁ ନିବେଦନ କରିବାରୁ ସେ ନିଜର ସମ୍ମତି ପ୍ରଦାନ କଲେ।

Digitized by srujanika@gmail.com

"ଆମେ ଯାହାଙ୍କୁ ତିନି ଦିନ ପୂର୍ବରୁ ଆଶ୍ରମରେ ଦେଖିଥିଲେ ଏ ସେହି ସ୍ତ୍ରୀ" ବୋଲି କହିବାରୁ ଲୁସୀ ସେଥିରେ "ହଁ" ଭରିଲେ।

ଭଗବତୀଙ୍କ ସହ ବିବାଦ କରିବାକୁ ପାଦ୍ରୀ ପ୍ରସ୍ତୁତ ଥିଲେ। ସେ କହିଲେ, "ଏଠାକୁ ସାମନାରେ ଆସି ବସି ଯାହା ପଚାରିବାକୁ ଚାହାନ୍ତି ପଚାରନ୍ତୁ।"

ଭଗବତୀ ମଞ୍ଚ ଉପରକୁ ଆସି ଦୀକ୍ଷିତଙ୍କ ସମ୍ମୁଖରେ ଭୂମି ଛୁଇଁ ପ୍ରଣାମ କରି କହିଲେ, "ଆମ ଗୁରୁ ଖୁବ୍ ଶାନ୍ତ ଭାବେ ଆପଣଙ୍କୁ ଆମ ଧର୍ମ ସମ୍ବନ୍ଧରେ ବୁଝାଇଲେ ମଧ୍ୟ ଆପଣ ତାଙ୍କ ଅଭିପ୍ରାୟ ନ ବୁଝି ଭୁଲ କଥା କହି ଯାଉଛନ୍ତି। ଆମ ଧର୍ମ ବିଷୟରେ ଆପଣ ଏତେ କଥା କହି ଯାଉଛନ୍ତି, ଦୟା କରି ଆପଣଙ୍କ ଧର୍ମ ବିଷୟରେ ମଧ୍ୟ କିଛି କହନ୍ତୁ! ତାହେଲେ ସଭାରେ ସମସ୍ତେ ଜାଣିବେ।"

"ନିଶ୍ଚୟ ଯାହା ଇଚ୍ଛା ପଚାରନ୍ତୁ" କହିଲେ ମେଘଲିଙ୍ଗ ପାଦ୍ରୀ।

"ଆପଣ ଭଗବାନଙ୍କୁ ପିତା କହନ୍ତି ମାତା ନୁହେଁ।"

"ହଁ, ଭଗବାନ ପିତା।"

"ମାତା ନୁହନ୍ତି ?"

"ଆମେ ମାତା କହୁ ନାହିଁ।"

"ଭଗବାନଙ୍କ ସହ ତାଙ୍କ ପୁତ୍ର ମଧ୍ୟ ଅଛନ୍ତି।"

"ଆଜ୍ଞା ହଁ। ଭଗବାନଙ୍କ ମଧ୍ୟରେ ଭଗବାନ, ତାଙ୍କ ପୁତ୍ର ଓ ପବିତ୍ର ଆତ୍ମା ସବୁ ମିଶିଛନ୍ତି।"

"ଭଗବାନଙ୍କର ପତ୍ନୀ ନାହାନ୍ତି ?"

"ନାଁ"

"ପତ୍ନୀ ବିନା ପୁତ୍ର କେଉଁଠାରୁ ଆସିଲା ?"

"ଭଗବାନଙ୍କ ଶକ୍ତିର କୌଣସି ସୀମା ନାହିଁ।"

"ବିନା ପତ୍ନୀରେ ପୁତ୍ରପ୍ରାପ୍ତ କରିଥିବା ଭଗବାନ କଣ ମାଙ୍କଡ଼ହୋଇ ସମୁଦ୍ର ଲଂଘନ କରି ପାରିବ ନାହିଁ ?"

"ଏ ସବୁର ପରସ୍ପର ସାଙ୍ଗେ କୌଣସି ସମ୍ବନ୍ଧ ନାହିଁ।"

"ଆପଣ କହୁଛନ୍ତି ଯେ ଭଗବାନଙ୍କ ଅଦ୍ଭୁତ ଶକ୍ତି ଯୋଗୁଁ ସବୁ ସମ୍ଭବ। ଆମେ ତାହା କହିଲେ ଆପଣ ସ୍ୱୀକାର କରୁନାହାନ୍ତି। ଆପଣ ସ୍ୱୟଂ ଯେଉଁ କଥା କହିଲେ ସେଥିରେ ସମ୍ବନ୍ଧ କାହିଁ ?"

"ଆପଣ ଆମ ଧର୍ମ ବିଷୟରେ ଜାଣନ୍ତି ନାହିଁ। ଏ ଯୁକ୍ତି କେଉଁଠାରୁ ଶୁଣି ତାହା ଶୁଆ ପରି ଦୋହରାଉଛନ୍ତି।"

"ଆପଣଙ୍କର ଏପରି କହିବା ଠିକ୍ ନୁହେଁ।"

"ଆପଣଙ୍କୁ ଏହା ଭୁଲ ପରି ଜଣାଯିବା ସ୍ୱଭାବିକ କିନ୍ତୁ ଏହାକୁ ଠିକ୍ ବା ଭୁଲ କହିଲାବାଲା ଆପଣ ନୁହଁ ବା ମୁଁ ନୁହେଁ। ସଭାରେ ବସିଥିବା ଗୁରୁଜନମାନେ ହିଁ ତାହା ସ୍ଥିର କରିବେ। ତାଙ୍କୁ ଏହା ଠିକ୍ ବା ଭୁଲ ବୋଲି ମନେ ହେଉଛି ତାହା ତାଙ୍କୁ ହିଁ କହିବାକୁ ଦିଅନ୍ତୁ।"

Digitized by srujanika@gmail.com

ଅନୁବାଦକ ଏ କଥୋପକଥନକୁ ପୂରା ବ୍ୟାଖ୍ୟା କରି ସାହେବଙ୍କୁ ବୁଝାଇଲା। ସେ କହିଲା, "ମୁଁ ତର୍କ ବିଷୟରେ ଅବଗତ ନ ହେଲେ ମଧ୍ୟ ଆପତ୍ତି ଯେ ଚାତୁର୍ଯ୍ୟ ପୂର୍ଣ୍ଣ ଏଥିରେ ସନ୍ଦେହ ନାହିଁ। ଅନୁବାଦକ ଏ କଥା କନ୍ନଡ଼ରେ କହିବାରୁ ଜନତା 'ସାବାସ, ସାବାସ' କହିବାକୁ ଲାଗିଲେ। ରାଜା ବସବକୁ ଧୀରେ କହିଲେ, "ତୁମର ଏ ଭଗବତୀ ଖୁବ୍ ଚତୁର।"

ଭଗବତୀ ତର୍କକୁ ଆଗକୁ ବଢ଼ାଇ କହିଲେ, "ଆପଣଙ୍କ ଗୁରୁ ପ୍ରତିଦିନ ପ୍ରାର୍ଥନା କରିବା ପାଇଁ କେତେକ ବାକ୍ୟ ତିଆରି କରିଛନ୍ତି, ଏହା କଣ ଠିକ୍?"

"ଆଜ୍ଞା ହଁ।"

"ସେଥିରେ ଭଗବାନଙ୍କୁ ସ୍ୱର୍ଗରେ ରହୁଥିବା ପିତା ଭାବେ ସମ୍ବୋଧନ କରାଯାଇଛି?"

"ଆଜ୍ଞା ହଁ।"

"ତେବେ ତା ଅର୍ଥ ହେଉଛି ଭଗବାନ ପୃଥିବୀରେ ରହନ୍ତି ନାହିଁ।"

"ଏ ସମ୍ବନ୍ଧରେ ଆପଣଙ୍କର ଯାହା କହିବାକୁ ଅଛି କହି ଦିଅନ୍ତୁ। ଶେଷରେ ମୁଁ ତାହାର ଜବାବ ଦେବି।"

"ଠିକ୍ ଅଛି। 'ସ୍ୱର୍ଗରେ ରହୁଥିବା ପିତା' ଅର୍ଥ ଭଗବାନ ପୃଥିବୀରେ ରହନ୍ତି ନାହିଁ। ତୁମର ନାମ ପବିତ୍ର ହେଉ ଅର୍ଥ ଏ ପର୍ଯ୍ୟନ୍ତ ଅପବିତ୍ର ଥିଲେ। 'ତୁମ ସାମ୍ରାଜ୍ୟର ନିର୍ମାଣ ହେଉ' ଅର୍ଥ ସେ ଏ ପର୍ଯ୍ୟନ୍ତ ତାର ମାଲିକ ନୁହେଁ। 'ତୁମ ସଙ୍କଳ୍ପ ସ୍ୱର୍ଗରେ ଚାଲୁଛି ସେହିପରି ବର୍ତ୍ତମାନ ପୃଥିବୀରେ ଚାଲୁ' ଅର୍ଥ ଏ ପର୍ଯ୍ୟନ୍ତ ତାହା ହୋଇ ନଥିଲା। 'ବର୍ତ୍ତମାନ ହେଉ' ବୋଲି ଭକ୍ତ ଆଶୀର୍ବାଦ କରୁଛି। ଭଗବାନଙ୍କୁ ପୃଥିବୀ ଉପରେ ରାଜତ୍ୱ କରିବାକୁ ଆଶୀର୍ବାଦ କରୁଥିବା ବ୍ୟକ୍ତି ପର ମୁହୂର୍ତ୍ତରେ 'ଆଜି ମୋତେ ଖାଇବାକୁ ଦିଅ' ବୋଲି ମାଗୁଛି। 'ଆମେ ଯେପରି ଶତ୍ରୁର ଅପରାଧ କ୍ଷମା କରୁଛୁ ସେହିପରି ଆପଣ ଆମ ଦୋଷ କ୍ଷମା କରନ୍ତୁ' ର ଅର୍ଥ ହେଉଛି 'ଆମ ଅପରାଧ କ୍ଷମା କର' ବୋଲି କହିବା ପର୍ଯ୍ୟାପ୍ତ ନୁହେଁ। ଭଗବାନଙ୍କୁ ଏକ ଆଦର୍ଶ ଦେଖାଇବାର ଆବଶ୍ୟକତା ପଡ଼ୁଛି। 'ଆମକୁ ଆଶା ଦେଇ ନିରାଶା କର ନାହିଁ', ନାଁ କଣ? ଭଗବାନଙ୍କର ଆଉ କିଛି କାମ ନାହିଁ? ଆମ ସଙ୍କଟରେ ରକ୍ଷା କର, ଏହି ପ୍ରାର୍ଥନା ହିଁ ଠିକ୍ ବୋଲି ମନେ ହେଉଛି। 'ରକ୍ଷା କର' କାରଣ ରାଜ୍ୟ ତୁମର, ଶକ୍ତି ତୁମର, କୀର୍ତ୍ତି ତୁମର- ଏ ପ୍ରାର୍ଥନାରେ କିଛି ସାମଞ୍ଜସ୍ୟ ଅଛି?"

"ଆପଣ ପ୍ରାର୍ଥନାର ଅର୍ଥ ଠିକ୍ ଭାବେ ବୁଝି ପାରି ନାହାନ୍ତି।"

"ହୋଇପାରେ। ଆମେ ଆମ ଧର୍ମକୁ ହିଁ ଠିକ୍ ରୂପେ ବୁଝିପାରି ନାହୁଁ, ଆପଣଙ୍କ ଧର୍ମକୁ ବୁଝିବାକୁ ସମୟ କାହିଁ? ଆପଣ କହୁଥିବା କଥା ହିଁ ମୁଁ ଆପଣଙ୍କୁ କହୁଛି ଯେ ଆପଣ ମଧ୍ୟ ଆମ ଧର୍ମର ଅର୍ଥ ଠିକ୍ ରୂପେ ବୁଝିପାରି ନାହାନ୍ତି।"

ସଭାର ଜନତା ସନ୍ତୋଷ ପୂର୍ବକ ଏକ ସଙ୍ଗରେ 'ଠିକ୍, ଠିକ୍' ବୋଲି କହି ଉଠିଲେ। ଅନୁବାଦକ ତାହା ମଧ୍ୟ ସାହେବଙ୍କୁ ବୁଝାଇବାରୁ ସେ କହିଲେ, "ବାସ୍ତବରେ ସେ ଖୁବ୍ ଚତୁରା ସ୍ତ୍ରୀ। ସେ ଜାଣନ୍ତି ଯେ ଆକ୍ରମଣ ହିଁ ସବୁଠୁ ଶ୍ରେଷ୍ଠ ରକ୍ଷା ପାଇବାର ଉପାୟ।"

Digitized by srujanika@gmail.com

ଏହି ସଭାରେ କହିବାର କୌଣସି ଆବଶ୍ୟକତା ନ ଥିଲେ ମଧ୍ୟ ଅନୁବାଦକ ହିନ୍ଦୁ ଥିଲା। ନିଜ ଧର୍ମର ମାନ-ରକ୍ଷା ବିଷୟରେ ସଭାକୁ ଅବଗତ କରାଇବାରେ ତାକୁ ସନ୍ତୋଷ ପ୍ରାପ୍ତ ହେଲା। ତେଣୁ ସାହେବର ଭାବନାକୁ ଜନତାକୁ କନ୍ନଡ଼ ଭାଷାରେ ଜଣାଇଲା। ସଭାରୁ ମଧ୍ୟ 'ହଁ ସାହେବ' ବୋଲି ଶୁଣାଗଲା।

''ଆଉ ପଚାରିବି ନାଁ ସେତିକି ଯଥେଷ୍ଟ?'', ପାଦ୍ରୀଙ୍କୁ ଭଗବତୀ ପଚାରିଲେ।

ପାଦ୍ରୀ: ''ଆଉ ଗୋଟିଏ ପ୍ରଶ୍ନ ପଚାରନ୍ତୁ। ତା ପରେ ଆଜି ବାଦ-ବିବାଦ ବନ୍ଦ କରି ପରେ ତାହା ଆଗକୁ ବଢ଼ାଇବା।''

''ଭଗବାନ ଅବତାର ଗ୍ରହଣ କରନ୍ତି ବୋଲି ଆମେ କହିଲେ ଆପଣ ତାହା ମାନିବାକୁ ପ୍ରସ୍ତୁତ ନୁହନ୍ତି। କିନ୍ତୁ ଆପଣମାନେ କହନ୍ତି ଯେ ଭଗବାନଙ୍କ ପୁତ୍ର ଇଶା ମସୀହ ଗୁରୁରୂପେ ଅବତାର ନେଇଥିଲେ? ଆମ ଅବତାର କଥା ଆପଣ ମାନୁ ନାହାନ୍ତି ଅଥଚ ଆପଣ ସ୍ୱୟଂ ସେହି କଥା କହୁଛନ୍ତି? ତା କେମିତି?''

''ଭଗବାନଙ୍କ ପୁତ୍ର ମନୁଷ୍ୟ ରୂପ ଧାରଣ କରିଥିଲେ, ଏତିକି ମାତ୍ର କଥା। ସେ ମନୁଷ୍ୟ ଠାରୁ ଜନ୍ମ ନେଇ ନାହାନ୍ତି। ଭଗବାନଙ୍କ ଠାରୁ ଜନ୍ମ ହୋଇଛନ୍ତି।''

''ମୋ କଥା ଶୁଣି ଆପଣ ବିରକ୍ତ ହେବେ ନାହିଁ। ଆପଣଙ୍କ କଥା ଇଶାଙ୍କ ମାତା ମେରୀଙ୍କୁ ବଦନାମ କରୁଛି। ଆପଣଙ୍କର କଣ ତାହା ମନେ ହେଉ ନାହିଁ?

''ସେ ଭଗବାନଙ୍କ କୃପାରୁ ସେହି ସନ୍ତାନକୁ ଗର୍ଭରେ ଧାରଣ କରିଥିଲେ। ଏଥିରେ କିଛି କଳଙ୍କ ଲାଗିବାର କଥା ନାହିଁ।''

''ଜଣେ ପୁରୁଷର ସହବାସରୁ ଗର୍ଭଧାରଣ କରିଥିଲେ କଳଙ୍କ ହୋଇଥାଆନ୍ତା ନାଁ?''

''ଆଜ୍ଞା ହଁ।''

''ସ୍ତ୍ରୀ ପୁରୁଷର ସମ୍ବନ୍ଧକୁ ଆପଣ ଖରାପ ବୋଲି ଭାବୁଛନ୍ତି। ଏହା ତ ଈଶ୍ୱର କରିଥିବା ନିୟମ। ଏଥିରେ ଖରାପ କଣ ଅଛି? କେହି ନ ଜାଣି ଗୁପ୍ତ ଭାବେ ହେଲେ ତାହା ଖରାପ। ବିବାହିତା ସ୍ତ୍ରୀ ପତି ସହବାସରୁ ସନ୍ତାନକୁ ଜନ୍ମ ଦେଲେ ତାହା କଣ କଳଙ୍କ?''

''ଭଗବାନଙ୍କ ପୁତ୍ର ଜନ୍ମ ନେବା ପାଇଁ ଏକ ଅଦ୍ଭୁତ ଉପାୟ କରିଥିଲେ। ସେଥିପାଇଁ ତାଙ୍କୁ ଭଗବାନଙ୍କ ପୁତ୍ର ବୋଲି କୁହାଯାଇଛି।''

''ଆପଣଙ୍କ ଦେଶ ହେଉ ବା ଆମ ଦେଶ ହେଉ, ଯଦି ଜଣେ ଅବିବାହିତା ସ୍ତ୍ରୀ ସନ୍ତାନ ଜନ୍ମ ଦେଇ ଭଗବାନ ତାର ପିତା ବୋଲି କହେ ତେବେ ଆପଣ ତାହା ସ୍ୱୀକାର କରିବେ?''

''ଦେବୀ ମେରୀଙ୍କ ଚରିତ୍ର ଧର୍ମଗ୍ରନ୍ଥରେ ଅଛି ବୋଲି ଆମେ ତା ଉପରେ ବିଶ୍ୱାସ କରୁଛୁ।''

''ତାହାକୁ ଆଧାର କରି ଆମେ ଯଦି ଗୋଟିଏ ଶାସ୍ତ୍ର ପ୍ରଣୟନ କରୁ?''

''ତାହା ଆପଣଙ୍କ ଦ୍ୱାରା ଲିଖିତ ଶାସ୍ତ୍ର ହେବ। ଜନତା ତାହା ସ୍ୱୀକାର କରିବ ନାହିଁ।''

''ସେ ସମୟରେ ମଧ୍ୟ ଏହି ଶାସ୍ତ୍ର କେହି ହେଲେ ତ ଲେଖିଥିବ। ତାହା ଆପଣ ସ୍ୱୀକାର କରିଛନ୍ତି। ଆଜି ମୁଁ ଲେଖିବା ଶାସ୍ତ୍ରକୁ ଶହେ ବର୍ଷ ପରେ ଜନତା ସ୍ୱୀକାର କରିନେବେ। ସେ ଝିଅ ଆଶ୍ଚର୍ଯ୍ୟଜନକ ଭାବେ ଗର୍ଭବତୀ ହେଲା ବୋଲି ଆମେ ବର୍ତ୍ତମାନ

Digitized by srujanika@gmail.com

ବିଶ୍ୱାସ କରି ପାରିବୁ ନାହିଁ। ଭବିଷ୍ୟତରେ ପାଦ୍ରୀ ଏହା ସମର୍ଥନ କରି ପାରନ୍ତି। ଏହା ବିଶ୍ୱାସ କରିବାଟାକୁ ହିଁ ଧର୍ମ ବୋଲି ମାନିବାକୁ ହେବ।''

ସଭାରେ ପଛ ଆଡ଼କୁ ବସିଥିବା ଉଭୟା ତଙ୍କ କହିଲେ, 'ଭଲ କହିଲୁ ମା'। ପାଦ୍ରୀ କହୁଥିବା କଥା ସମସ୍ତେ ମାନିଲେ ଦେଶର ସତ୍ୟାନାଶ ହେବ।'' ସଭାରେ ସମସ୍ତେ ହସି ଉଠିଲେ।

''ଏପରି କୌଣସି ଯୁକ୍ତି-ତର୍କରେ ଶୁଣିଥିବା ଦୁଇ ଚାରିଟା କଥାକୁ ଶିଖି ଏଠାରେ ତାହା ଆପଣ ଦୋହରାଉଛନ୍ତି ବୋଲି ମନେ ହେଉଛି। ଏହା ଧର୍ମ-ଚର୍ଚ୍ଚା ନୁହେଁ। ଧର୍ମର ଆଉ କିଛି ରହସ୍ୟ ଅଛି। ତାହା ଆତ୍ମାର ସ୍ୱରୂପ, ଈଶ୍ୱରଙ୍କ ସ୍ୱରୂପ ଓ ମୁକ୍ତିର ସ୍ୱରୂପ ଜନତାକୁ କହେ। ଆପଣ ଯାହା କହୁଛନ୍ତି ତାହା ସଭାକୁ ହସାଇବା ପାଇଁ କହୁଛନ୍ତି।''

''ହିନ୍ଦୁ ଧର୍ମ ସମ୍ବନ୍ଧରେ ଆପଣ ଯାହା କହିଥିଲେ ତାହା ମଧ୍ୟ ଏହିପରି ଥିଲା। ହିନ୍ଦୁ ଧର୍ମ ମଧ୍ୟ ଜୀବାତ୍ମା, ପରମାତ୍ମା, ପୁରୁଷାର୍ଥ ଓ ନୀତି ଆଦି ବିଷୟରେ କହୁଛି। ତାହା ଛାଡ଼ି ଆପଣ ପରିହାସ କରିବା ପାଇଁ ଯୁକ୍ତିର ଆଶ୍ରୟ ନେଇଥିଲେ। ଆମ ବୃଦ୍ଧ ଗୁରୁଦେବ ଶାନ୍ତ ଭାବେ ମର୍ଯ୍ୟାଦାପୂର୍ବକ ଯେଉଁ ଉତ୍ତର ଦେଲେ ତାହା ସ୍ୱୀକାର ନ କରି ଆପଣ ନିଜକୁ ବୁଦ୍ଧିମାନ ବୋଲି ପ୍ରମାଣିତ କରିବାକୁ ପ୍ରୟାସ କରିଥିଲେ। ଆପଣଙ୍କ ପରି ବୁଦ୍ଧିମାନ ଉତ୍ତର ମୁଁ ମଧ୍ୟ ଆପଣଙ୍କୁ ଦେଲି। ଆପଣଙ୍କ ଧର୍ମ ଆପଣଙ୍କ ପାଇଁ ଓ ଆମ ଧର୍ମ ଆମ ପାଇଁ ଭଲ। ସମସ୍ତେ ସୁଖୀ ରହନ୍ତୁ। ଆମେ ଆପଣଙ୍କ ଯୁକ୍ତିକୁ ସ୍ୱୀକାର କରିବୁ ନାହିଁ।''

ସଭାସ୍ଥଳରୁ 'ଠିକ୍ କଥା, ଠିକ୍ କଥା' ବୋଲି ଶୁଣାଗଲା। ଅନୁବାଦକ ଧୀରେ ଧୀରେ ସବୁକଥା ସାହେବଙ୍କୁ ବୁଝାଇ ଦେଉଥିଲା। ତର୍କର ଶେଷ ଅଂଶ ଶୁଣି ସାହେବ କହିଲେ, 'ଏ ମହିଳାଙ୍କୁ କି ନାମରେ ସମ୍ବୋଧନ କରାଯାଏ ? ଭଗବତୀ ? ତା ଅର୍ଥ ଦେବୀ। ନୁହେଁ କି ?' ଏ ଭଗବତୀଙ୍କ ଉପାସିକା ବୋଲି ତାଙ୍କୁ କୁହାଯିବାରୁ ସେ କହିଲେ, ''ହଁ, ପ୍ରକୃତରେ ସେ ଖୁବ୍ ବୁଦ୍ଧିମତୀ ମହିଳା। ସେ ପାଦ୍ରୀ ଓ ନିଜ ଗୁରୁ ଦୀକ୍ଷିତଙ୍କ ଠାରୁ ମଧ୍ୟ ଅଧିକ ଅକାଟ୍ୟ ଯୁକ୍ତି ଦେଖାଇଲେ। ବର୍ତ୍ତମାନ ଏ ବିବାଦ ଶେଷ କରିବାକୁ ହେବ। ମହାରାଜ ଚାହିଁଲେ ଅନ୍ୟ କୌଣସି ସମୟରେ ଏ ବାଦ-ବିବାଦ ପୁଣି କରାଇ ପାରନ୍ତି।''

ରାଜାଙ୍କ ଅନୁମତି ନେଇ ସଭା ସମାପ୍ତ କରାଗଲା।

୨୬

ଦ୍ୱିତୀୟ ଦିନ ସୁରସା ଖବର ପଠାଇଲା, ''ଚାରିଦିନ ଧରି ଲାଗି ଲାଗି କଥା କହିବାରୁ ମୋର ଗଳା ବସିଯାଇଛି ଓ ସାମାନ୍ୟ ଜ୍ୱର ମଧ୍ୟ ହୋଇଛି। ଯେଉଁ ନାଟକ ପ୍ରସ୍ତୁତ କରିଥିଲି ତାହା ହୋଇ ପାରିବ ନାହିଁ।'' ରାଜା ଅନ୍ୟ କୌଣସି ଖେଳ ଦେଖାଇବାକୁ କହିବାରୁ ପାଣେ ସୂର୍ଯ୍ୟନାରାୟଣ ବୀରରାଜଙ୍କ ପ୍ରଶଂସାରେ ଏକ ପ୍ରହସନ କରିବାକୁ ପ୍ରସ୍ତୁତ ହେଲେ। ଚାରିମାସ ହେବ ସେ ପିରିୟା ପଟଣରେ ରହି ଏଠାକୁ ଯିବା ଆସିବା କରି ଚେନ୍ନବସବୟା ସହ ଚିହ୍ନା ପରିଚୟ କରି ନେଇଥିଲା। ନାଟକର ବିଷୟବସ୍ତୁ ଶୁଣି ତାହା

Digitized by srujanika@gmail.com

କରାଯାଇ ପାରେ ବୋଲି ଚେନ୍ନବସବୟା କହିଥିଲେ। ସୂର୍ଯ୍ୟନାରାୟଣ ଏପରି ନାଟକ ପ୍ରସ୍ତୁତ କରିବାରେ ଦକ୍ଷ ଥିବାରୁ ସେ ତାହା କରିବାକୁ ସ୍ୱୀକାର କରି ନେଇଥିଲା।

ସଭାରେ ସମସ୍ତେ ଉପସ୍ଥିତ ହେବା ପରେ ସୂର୍ଯ୍ୟନାରାୟଣ 'ଭୁଜକୀର୍ତ୍ତି' ର ମୁକୁଟ ପିନ୍ଧି, ପଛପଟେ ଗୋଟାଏ ଲମ୍ବା ଲାଞ୍ଜ ଲଗାଇ ଓ ଅଣ୍ଟାରେ ପଟି ବାନ୍ଧି ରଙ୍ଗମଞ୍ଚ ଉପରେ ଉପସ୍ଥିତ ହେଲା। ମହୀଶୂର ଆଡ଼େ ବଡ଼ ବଡ଼ ନାଟକରେ ରାଜାର ଅଭିନୟ କରୁଥିବା ବ୍ୟକ୍ତି ଯେପରି 'ତାକାଥୈୟା' ଆଦି କହି ନୃତ୍ୟ କରିନ୍ତି ସେହିପରି ସେ ଅନ୍ୟ ରକମର ପାଦ ପକାଇ ନୃତ୍ୟ କଲା। "ହା! ରାଜା ହୋଇ ରାଜସଭାରେ ଏତେ କଷ୍ଟ କରି ନୃତ୍ୟ କଲେ। କିନ୍ତୁ ତୁମେ କିଏ? ଏହା ପଚାରିବାକୁ ଜଣେ ସାରଥୀ ପର୍ଯ୍ୟନ୍ତ ନାହିଁ? ମୁଁ କିଏ" କହି ଚିନ୍ତିତ ମୁଦ୍ରାରେ ଠିଆ ହୋଇ ରହିଲା। ପରେ ପୁଣି କହିଲା, "ଆହା। ଏବେ ବୁଝିଲି ବୁଦ୍ଧିମାନ ଲୋକ କେଉଁ ବିଷୟରେ ବୁଝି ପାରନ୍ତି ନାହିଁ। ମୋ ପରି ବୁଦ୍ଧିମାନ ବ୍ୟକ୍ତି ବୁଝି ନ ପାରିବା ଭଳି ଏମିତି କି ବିଷୟ ଅଛି? ସାରଥୀ ମଧ୍ୟ ନାହିଁ ବୋଲି ମୁଁ ବର୍ତ୍ତମାନ କହିଲି ନାଁ? ସାରଥୀ ନିଯୁକ୍ତ କରି ନେଲେ କାମ ଛିଣ୍ଡିଯିବ।"

ତାର ନୃତ୍ୟ, ଠିଆ ହେବାର ଭଙ୍ଗୀ, କହିବା ଢଙ୍ଗ, ଜଣେ ସାରଥୀ ପାଇଁ ଇଚ୍ଛା, ଚିନ୍ତାର ମୁଦ୍ରା ଓ ନିଜକୁ ବୁଦ୍ଧିମାନ କହିବା ଦେଖି ଏକତ୍ରିତ ଜନତା ହସି ହସି ନୟାନ୍ତ ହୋଇ ପଡ଼ିଲେ। ସାମନାରେ ବସିଥିବା ରାଜପରିବାରର ଲୋକେ ଏହାର ଅର୍ଥ ବୁଝି ଖୁବ୍ ଖୁସୀ ହେଲେ। ବଡ଼ ସାହେବ କହିଲେ- "ଏ ନଟ ଖୁବ୍ ଭଲ ଅଭିନୟ କରୁଛି। ଏହାର ଭାବ-ଭଙ୍ଗୀ ଖୁବ୍ ହାସ୍ୟୋଦ୍ଦୀପକ।" ସାରଥୀ ନିଯୁକ୍ତ କରିବି ବୋଲି କହୁଥିବା ଅଭିନେତା ଦର୍ଶକ ଆଡ଼କୁ ଚାହିଁ କହିଲା, "ଉପସ୍ଥିତ ସଭାସଦ୍‌ଗଣ, ଦୟା କରି ଆପଣଙ୍କ ମଧ୍ୟରୁ କେହି ଜଣେ ରଙ୍ଗମଞ୍ଚ ଉପରକୁ ଆସି ମୋ ସାରଥୀ ହୁଅନ୍ତୁ। ମୁଁ ବେତନ ଦେବି। ମୁଁ 'ବେଶଧାରୀ' ରାଜା ନୁହେଁ। କୃତ୍ରିମ ରାଜା ମଧ୍ୟ ନୁହେଁ।"

ସଭାରୁ ଜଣେ ବ୍ୟକ୍ତି ଆସି ତା ସମ୍ମୁଖରେ ଠିଆ ହୋଇ କହିଲା, "ମୋତେ ସାରଥୀର ବାର୍ତ୍ତାଳାପ ଶିଖିବାକୁ ପଡ଼ିବ ନାହିଁ? ରାଜା କହିଲେ, "ଆରେ ମୋ ରାଜ୍ୟରେ ଅଭିନୟ କଲାବାଲା ମୁଁ ଏକା। ଏ ଲାଙ୍ଗୁଡ଼ ଦେଖୁଛ?" ଏହା କହି ନିଜ ଲାଞ୍ଜ ଟାଣି ଦେଖାଇଲା।

"ଦେଖିଲି।"

"ଯେତେବେଳେ ରାଜାଙ୍କ ଲାଙ୍ଗୁଡ଼ ଏପରି ହୋଇପାରେ ଅନ୍ୟ ଲାଙ୍ଗୁଡ଼ କଥା କ'ଣ କହିବି? କ୍ଷଣକ ପରେ ଆଉ ନା କହିବ ନାହିଁ। କହୁଛ ସାରଥୀର ବାର୍ତ୍ତାଳାପ ଶିଖି ନାହଁ ନାଁ? ବର୍ତ୍ତମାନ ଶିଖେଇ ଦଉଛି। ମୁଁ ଯେତେବେଳେ ଅମୁକ କଥା ଏମିତି ବୋଲି କହିବି ତୁମେ 'ଠିକ୍ କଥା ମହାପ୍ରଭୁ' ବୋଲି କହିବ। ମୁଁ ଯଦି 'କିରେ! ଏହା କଣ ଏମିତି ନୁହେଁ?' ବୋଲି କହେ ତେବେ ତୁମେ 'ହଁ ମହାପ୍ରଭୁ' ବୋଲି କହିବ। ମୋ ଦେଶରେ ମୋର ଲାଙ୍ଗୁଡ଼ କେବଳ ହଲିପାରେ, ଅନ୍ୟମାନଙ୍କର ନୁହେଁ। ମୋ କଥା କେବଳ ଚାଲିପାରେ, ଆଉ କାହାରି ନୁହେଁ।"

ସାରଥୀ ହୋଇ ଆସିଥିବା ବ୍ୟକ୍ତି କହିଲା, "ଏତିକି କାମ ପାଇଁ ମୋ 'ଲଜ୍ଜା' ହିଁ ଯଥେଷ୍ଟ। ମୋ ଦ୍ୱାରା ହୋଇ ପାରିବ ନାହିଁ।" ଏତିକି କହି, "ଏ 'ଲଜ୍ଜା' ଏତିକି

Digitized by srujanika@gmail.com

ଆସି ସାରଥୀ ହୁଅ'' ବୋଲି ଡାକିଲା । ପଛରେ ଠିଆ ହୋଇଥିବା ଲୋକଙ୍କ ମଧ୍ୟରୁ ଜଣେ ଲେଙ୍ଗଡ଼ା ରଙ୍ଗମଞ୍ଚ ଉପରକୁ ଆସିଲା । 'ନିଅନ୍ତୁ ଏହାକୁ ସାରଥୀ କରନ୍ତୁ' ବୋଲି ରାଜାଙ୍କୁ କହି ସେ ଯାଇ ଦର୍ଶକମାନଙ୍କ ମଧ୍ୟରେ ବସିଲା ।

97

ନାଟକର ରାଜା ନୂତନ ବ୍ୟକ୍ତିଟିର ମୁଣ୍ଡରୁ ଗୋଡ଼ ପର୍ଯ୍ୟନ୍ତ ନିରୀକ୍ଷଣ କଲା । ବିଶେଷ ରୂପେ ଲେଙ୍ଗଡ଼ା ପାଦକୁ ଚାହିଁଲା । ହଠାତ୍ ତା ପାଖରେ ବସି ଯାଇ ତାର ଲେଙ୍ଗଡ଼ା ପାଦକୁ ମୁଣ୍ଡକୁ ଏପଟ ସେପଟ କରି ଭଲ ଭାବେ ଦେଖି ସଭା ଆଡ଼କୁ ବୁଲି ପଡ଼ିଲା । ତାପରେ ରାଜାଙ୍କ ପଛରେ ଛିଡ଼ା ହୋଇଥିବା ବସବ ଉପରେ ଦୃଷ୍ଟି ପକାଇ ଚାରି ଥର ମୁଣ୍ଡ ହଲାଇଲା ଓ ନୂଆ ସାରଥୀ ସାମନାରେ ଠିଆ ହୋଇ କହିଲା, ''କ'ଣ, ତୁ ମୋର ସାରଥୀ ହେବୁ ?''

''ହଉ ମାଲିକ ।''

''ତତେ ଡାକିଥିବା ସେ ମାଙ୍କଡ଼କୁ ଯାହା କହିଥିଲି ତୁ ଶୁଣିଛୁ ? ତତେ ଖାଲି ଦୁଇଟା କଥା କହିବାକୁ ପଡ଼ିବ । ମୁଁ କୌଣସି ବିଷୟରେ ପଚାରିଲେ 'ଆଚ୍ଛା ମହାପ୍ରଭୁ' କହିବୁ । ମୁଁ ଯଦି ଏ କଥା ଏମିତି ବୋଲି କହେ ତତେ 'ହଁ' କହିବାକୁ ପଡ଼ିବ । ବୁଝିଲୁ ?''

''ହଁ ମହାପ୍ରଭୁ ।''

''ବୁଝିଲୁ । ଖେଳବେଳେ ସେମିତି କହିବୁ । ବର୍ତ୍ତମାନ ଠିକ୍ ଭାବେ କଥା କହ ।''

''ତେବେ ସେତେବେଳେ କଣ ଠିକ୍ ଭାବେ କହିବା କଥା ନୁହେଁ ମହାରାଜ ?''

''ବେଶୀ କଥା କହ ନାହିଁ । ମୁଁ ଯାହା ଶିଖେଇଲି ସେହି ଦୁଇଟି କଥା କହିବୁ ।''

''ଆଚ୍ଛା ମହାପ୍ରଭୁ ।''

''ମୁଁ ରାଜା । ଏଠି ଠିଆ ହୋଇ ମୋ ନୃତ୍ୟ ଦେଖ'' କହି ନାଟକର ରାଜା 'ଛିଉତେଙ୍ଗ, ତାକାଥୈୟା' କହି ତାଳବୋତାଳ କରି ଚାରିଖୁଆ ଏପଟ ସେପଟ କରିନୃତ୍ୟ ସମାପ୍ତ କଲା । ଏ ନୃତ୍ୟ ଜନତାକୁ ହସାଇବା ପାଇଁ କରାଯାଇ ଥିଲା । ପୁରା ସଭା ହସି ଉଠିଲେ । ''ଆରେ ସାରଥୀ ମୁଁ କିଏ ବୋଲି ତୁ ପଚାରୁଛୁ ନାଁ ? (ଏହା ଜୋରରେ କହି ପୁଣି ଶୁଣିହେଲା ପରି ଧୀର ସ୍ୱରରେ କହିଲା) ''ହଁ, ମହାପ୍ରଭୁ ବୋଲି କହ ବଦମାସ ।''

ସାମନାରେ ଥିବା ଅଭିନେତା କହିଲା, ''ଏ ତୁମେ କ'ଣ କହୁଛ ଭାଇ ? ଯଦି ଏହା ମୋତେ କହିବାକୁ ହେବ ତ ତୁମେ ନିଜେ କହି ଦେଉନା କାହିଁକି ?''

''ସେମିତି ହେଲେ ତୁ କହ ।''

''କହିବି ?''

''ଠିକ୍ ଅଛି ତ କହ ।''

''ତୁମେ କିଏଯେ ଏମିତି କିମ୍ଭୂତ କିମ୍ଭାକାର ନୃତ୍ୟ କରୁଛ ?''

''ହାୟ ! ରାଜାକୁ 'ତୁମେ' ବୋଲି କହୁଛ ।''

Digitized by srujanika@gmail.com

"ମୁଁ କେମିତି ଜାଣିବି ଯେ ତୁମେ ରାଜା।"

ରାଜା ତା ଆଡ଼କୁ ଧ୍ୟାନପୂର୍ବକ ଚାହିଁ କହିଲା, "ତୁ କ'ଣ ଦେଖି ପାରୁନୁ ମୁଁ କିଏ ?"

"ମୁଁ କଣ କରିବି ? ଦେଖାଯାଉ ନାହିଁ। ଅନ୍ୟ କିଛି ମତେ ଦେଖାଯାଉଛି।"

"କ'ଣ ଦେଖାଯାଉଛି ?"

ପାଖକୁ ଯାଇ ତା ଲାଙ୍ଗୁଡ଼ ଛୁଇଁ ଆଶ୍ଚର୍ଯ୍ୟ ହୋଇ କହିଲା, "ଏହା ଦେଖା ଯାଉଛି।"

"ଓହୋ ! ତେବେ ତତେ ଏହା ଦେଖା ଯାଉଛି।"

"ନ ଦେଖିବାର ଉପାୟ ଅଛି ? ସେଇଟା ତ ଆଖିରେ ପଶିବା ଯୋଗାଡ଼। ଏ କ'ଣ ସତସତିକା ଲାଞ୍ଜ ?'

"ତେବେ ତୁ ଆଉ କ'ଣ ବୁଝୁଛୁ ?"

'ଏ ନିଜେ ନିଜେ ହଲେ ନାଁ ହାତରେ ହଲେଇବାକୁ ପଡ଼େ ?"

"ଓ ହୋ ! ଗପୁଡ଼ା ସାରଥୀ- ତୁ ଆଉ ଏତେ ବକ୍‌ବକ୍ କରନାହିଁ। ଚୁପ୍‌ଚାପ୍ ଆପଣ କିଏ ବୋଲି ପଚାର। ବୋକାଙ୍କ ପରି ତୁ ଲାଙ୍ଗୁଡ଼ ଧରି ଠିଆହୋଇ ରହିଲେ ଖେଳ ଆଉ ହୋଇ ପାରିବ ନାହିଁ।"

"ଆଚ୍ଛା ତୁମେ କିଏ କୁହ।"

"ଏ ଯେ କଥା ପରି କଥା ହେଲା। ଆଚ୍ଛା ସାରଥୀ ମୁଁ କିଏ ବୋଲି ତୁ ଭକ୍ତିପୂର୍ବକ ପଚାରୁଛୁ ତ ?" ପୁଣି ନିଶ ଆଉଁଷି ନୃତ୍ୟ କରୁକରୁ କହିଲା, "ମୁଁ କିଏ ? ତୁମେ ପ୍ରସନ୍ନ ହେବ ବୋଲି ମୁଁ ଖୁବ୍ ଖୁସିର ସହ ଏହା କହୁଛି। ସମସ୍ତ ପୃଥିବୀରେ ଶୋଭାୟମାନ କୋଡ଼ଗ ନାମକ ଗୋଟିଏ ଦେଶ ଅଛି ବୋଲି ତୁମେ ଜାଣ ସାରଥୀ ?"

"କୋଡ଼ଗ, କୋଡ଼ଗ। ସେ କି ଜିନିଷ ?"

"ଆରେ ମୂର୍ଖ। ନିଜକୁ କୋଡ଼ଗର ରାଜା କହିଲେ ଲୋକମାନେ କ'ଣ ମୋତେ ବଞ୍ଚିବାକୁ ଦେବେ ? ସାମନାରେ ବିରାଜମାନ ଚିଲ୍‌ବୀର ରାଜେନ୍ଦ୍ର ମହାରାଜ କୋଡ଼ଗର ରାଜା। ମୁଁ କୋଡ଼ଗ ଦେଶର ଅଧିବାସୀ, ତାହା କେଉଁଠି ବୋଲି ଜାଣିବାକୁ ଚାହୁଁଛ ?"

"ହଁ, କହନ୍ତୁ।'

"ଶୁଣ ସାରଥୀ। ସେ ଦେଶର ରାଜା ଆଗରୁ ତାକୁ କିଷ୍କିନ୍ଧ୍ୟା କହୁଥିଲେ।"

"ଓ ହୋ ! ତେବେ ତୁମେ ମାଙ୍କଡ଼।"

"ଆରେ ସାରଥୀ, ତୁ ମୋତେ ମାଙ୍କଡ଼ କହିବା ଦ୍ୱାରା ତୋ ବୁଦ୍ଧି ତୀକ୍ଷ୍ଣ ବୋଲି ଜଣାପଡ଼ିଲା। ସେଥିପାଇଁ ତୋର ଆଉ ସାରଥୀ ହୋଇ ରହିବା ଠିକ୍ ନୁହେଁ। ଏଇ ମୁହୂର୍ତ୍ତରୁ ତୁମେ ମୋର ମନ୍ତ୍ରୀ ହେଲ। ତୋ ନାମ କ'ଣ ?"

"ବସବ ବୋଲି କହିପାର।"

"କି ଆଶ୍ଚର୍ଯ୍ୟ କଥା ! ମନେ ହେଉଛି ଯେପରି ଏହି ନାମଧାରୀ ବ୍ୟକ୍ତି ହିଁ ବୁଦ୍ଧିମାନ ହୁଅନ୍ତି। ଏବେ କେହି ତୋ ନାମ ପଚାରିଲେ। ମନ୍ତ୍ରୀ ବସବୟା ବୋଲି କହିବୁ।"

"ମନ୍ତ୍ରୀ ତ ହେଲି। କିନ୍ତୁ କେହି ରାଜା କିଏ ବୋଲି ପଚାରିଲେ କ'ଣ ବଡ଼ ଲାଞ୍ଜ ଥିବା ବାନର ମହାରାଜ ବୋଲି କହିବି ?"

Digitized by srujanika@gmail.com

"ଆରେ ମନ୍ତ୍ରୀ, ଏଇଠି ତୋର କୁଶାଗ୍ର ବୁଦ୍ଧି ଜଣାପଡ଼ିଲା। ମୋ ନାମ ହେଉଛି ବାଳୀ।"

"ଆପଣ ବାଳୀଙ୍କ ସହ କିଛି...।"

"ହଁ ମନ୍ତ୍ରୀ ମହୋଦୟ, ମୁଁ ରାମଚନ୍ଦ୍ରଙ୍କ ଅମଳର ବାଳୀଙ୍କର ନାତିଙ୍କର ଅଣନାତିର ଅଣନାତିର ଅଣନାତି...।"

"ସେତିକି ଯଥେଷ୍ଟ। ଆପଣଙ୍କ ଲାଙ୍ଗୁଡ଼ ପରି ଲମ୍ବା ସମ୍ବନ୍ଧ ଆଉ ଶେଷ ହେବାର ନୁହେଁ। ତୁମେ ଯେ ତାଙ୍କ ବଂଶଧର, ଏତିକି ଜାଣିଲେ ଯଥେଷ୍ଟ।"

"ଓହୋ! ପୁଣି ଥରେ ତୁମର କୁଶାଗ୍ର ବୁଦ୍ଧିକୁ ମାନିଲି। ତୁମର ଏ ବୁଦ୍ଧି କେଉଁଠୁ ଆସିଲା ତା ମୁଁ ଜାଣି ପାରିଲିଣି।"

"ଏମିତି କଥା।"

"ଆରେ ମନ୍ତ୍ରୀ ମହୋଦୟ, ମୁଁ ବକ୍ତା, ତୁମେ ଶ୍ରୋତା ହୁଅ। ଭଗବାନଙ୍କ କୃପାରୁ ତୁମର ପଙ୍ଗୁ ହେବା ହିଁ ତୁମର ଏତେ ତୀକ୍ଷ୍ଣ ବୁଦ୍ଧିର କାରଣ।"

"ପଙ୍ଗୁ ମାନେ?"

ନାଟକର ରାଜା 'ଏହା' କହି ମନ୍ତ୍ରୀର ଲେଙ୍ଗଡ଼ା ଗୋଡ଼ ଆଡ଼କୁ ଆଙ୍ଗୁଳି ଦେଖାଇଲେ।

"ତା ଅର୍ଥ କ'ଣ ଲେଙ୍ଗଡ଼ା?"

"ହଁ, ମନ୍ତ୍ରୀ ମହୋଦୟ।"

"ତୁମେ ମତେ ଲେଙ୍ଗଡ଼ା ବୋଲି କହୁଛ?"

"ସାଧାରଣ ବ୍ୟକ୍ତି ଲେଙ୍ଗଡ଼ା ହେଲେ ତାକୁ ଲେଙ୍ଗଡ଼ା କୁହାଯାଏ। କିନ୍ତୁ ବ୍ୟକ୍ତି ଅସାଧାରଣ ହେଲେ ତାକୁ ପଙ୍ଗୁ କୁହାଯାଏ।"

"ଭାଇ ବଡ଼ ଲୋକ ହୋଇଗଲେ କ'ଣ ମୁଣ୍ଡବଥା, ପାଦବଥାର ଅଲଗା ଅଲଗା ନାମ ହୋଇଯାଏ?"

"ହଁ ରେ ଲେଙ୍ଗଡ଼ା, ଆରେ ଭୁଲିଗଲି, ହଁ ଭାଇ ପଙ୍ଗୁ ମନ୍ତ୍ରୀ ମହୋଦୟ।" ଏତିକି ବେଳେ ନାରୀମାନଙ୍କ ଗହଣରୁ କେତେଥର ଲେଙ୍ଗଡ଼ା ଲେଙ୍ଗଡ଼ା ବୋଲି କହୁଛ, ଆଉ କିଛି କଥା କ'ଣ ମନକୁ ଆସୁନାହିଁ?" ବୋଲି ଶୁଣାଗଲା। ସବା ପଛ ଧାଡ଼ିରୁ ସ୍ୱର ଶୁଣାଯିବାରୁ ସମସ୍ତଙ୍କ ମୁଣ୍ଡ ସେ ଆଡ଼କୁ ବୁଲିଗଲା। କିନ୍ତୁ ସେ କାହାର ସ୍ୱର କେହି ବୁଝି ପାରିଲେ ନାହିଁ। ପଛ ପଟେ ଭଗବତୀ ସବୁ ଦିନ ପରି ଧଳା ବସ୍ତ୍ର ପିନ୍ଧି ଠିଆ ହୋଇଥିଲେ। ଏ ସ୍ୱର ତାଙ୍କରି ଥିଲା।

ନାଟକର ରାଜା ସେ ଆଡ଼କୁ ମୁହଁ ବୁଲାଇ, "ଆଚ୍ଛା ମା, ଆଉ କହିବି ନାହିଁ" ବୋଲି କହିଲା। ପୁଣି ନାଟକର ମନ୍ତ୍ରୀ ଆଡ଼କୁ ବୁଲି କହିଲା, "ଆରେ ମନ୍ତ୍ରୀ ମହୋଦୟ, ବର୍ତ୍ତମାନଠାରୁ ତୁମେ ମୋର ମନ୍ତ୍ରୀ ରୂପେ ନିଯୁକ୍ତ ହେଲ। ତୁମ ଉଚ୍ଚ ପଦବୀର କର୍ତ୍ତବ୍ୟ କ'ଣ ତାହା ସବିସ୍ତାରେ କହୁଛି ଶୁଣ। ମୋର ମନ୍ତ୍ରୀର କାର୍ଯ୍ୟ କୋଡ଼ଗର ମନ୍ତ୍ରୀଙ୍କ ପରି ନୁହେଁ। କାହିଁକି କହିବି?"

"କହନ୍ତୁ।"

"ମୁଁ କୋଡ଼ଗର ରାଜାଙ୍କ ପରି ନୁହେଁ।"

Digitized by srujanika@gmail.com

"ଏମିତି କଥା ?"

"କାହିଁକି ତା'ର କାରଣ କହୁଛି। ତୁମେ ଶ୍ରୋତା ହୁଅ। କୋଡ଼ଗର ରାଜା ଚିକ୍କବୀର ରାଜେନ୍ଦ୍ର ଓଡ଼େୟର। ହେଇ ସାମନାରେ ବସିଛନ୍ତି ଦେଖିଲ।" ରଙ୍ଗମଞ୍ଚର ଚାରିପଟେ ବସିଥିବା ଲୋକଙ୍କ ମଧ୍ୟରୁ ଶୁଣାଗଲା, "ସାବଧାନ, ହସ ଯେପରି କାଳରେ ବଦଳି ନ ଯାଏ।'

ସମସ୍ତେ ବକ୍ତା ଆଡ଼କୁ ଚାହିଁଲେ। ସେ ଉଭୟ ତବ୍ଧ ଥିଲେ। "ଆରେ ଭାଇ, ତୁମ ପରିହାସର ଶିକାର ଆମକୁ ଯେପରି ହେବାକୁ ନ ପଡ଼େ," ସେ ପୁଣି କହିଲେ।

ନାଟକର ରାଜା ଉତ୍ତରରେ "ନାହିଁ ମହାଶୟ" ବୋଲି କହିଲା। ସେତେବେଳକୁ ପରିହାସ କରିବା ପାଇଁ ପାଟି ଥରେ ଖୋଲି ସାରିଥିବାରୁ ସେ ତାହା ଆଉ ବନ୍ଦ କରିବା ସ୍ଥିତିରେ ନଥିଲା। ଯକ୍ଷଗାନରେ ବେଶ ଧାରଣ କରି ଲମ୍ବା-ଚଉଡ଼ା କଥା କହିବାରେ ଅଭ୍ୟସ୍ତ ତା'ର ମନ ସେ ସମୟରେ ନିଜ ଅସନ୍ତୋଷ ବ୍ୟକ୍ତ କରିବାର ଅବସର ଛାଡ଼ିବାକୁ ଚାହୁଁ ନଥିଲା। କଥା ପ୍ରବାହରେ ନିଜକୁ ସେ ଆଉ ବାଧା ଦେଲା ନାହିଁ। "ଶୁଣୁଛ ମନ୍ତ୍ରୀ ?" ଚିକ୍କବୀର ରାଜେନ୍ଦ୍ର ଓଡ଼େୟାର ସତ୍ୟବାଦୀ। କୋଡ଼ଗ ରାଜ୍ୟରେ ସତ୍ୟର ଖୁବ୍ ଆବଶ୍ୟକତା ରହିଛି। ମୋତେ ସତ୍ୟର ଗନ୍ଧ ପର୍ଯ୍ୟନ୍ତ ଜଣାନାହିଁ। କୋଡ଼ଗ ଦେଶରେ ତା'ର ଆବଶ୍ୟକତା ନାହିଁ। ଚିକ୍କବୀର ରାଜେନ୍ଦ୍ର ଧର୍ମନିଷ୍ଠ କୋଡ଼ଗରେ ଧର୍ମର ଆବଶ୍ୟକତା ରହିଛି। ମୁଁ ଧର୍ମକୁ ସହ୍ୟ କରିପାରେ ନାହିଁ। ତା ଦ୍ୱାରା କୋଡ଼ଗରେ କୌଣସି କାମ ଚାଲି ପାରିବ ନାହିଁ। ଚିକ୍କବୀର ରାଜେନ୍ଦ୍ର ନିଜ ବଡ଼ବାପା, ଜେଜେବାପା ଓ ପିତା ଲିଙ୍ଗରାଜଙ୍କ ପରି ନିଜ ପ୍ରଜାଙ୍କୁ ସନ୍ତାନ ସଦୃଶ ପାଳନ କରନ୍ତି। ପର-ସ୍ତ୍ରୀକୁ ଭଉଣୀ ଦୃଷ୍ଟିରେ ଦେଖନ୍ତି। ଦେଶର ସବୁ ନାରୀଙ୍କୁ ମାତାର ସମ୍ମାନ ଦିଅନ୍ତି। କୋଡ଼ଗ ଦେଶରେ ଏହାର ଆବଶ୍ୟକତା ଅଛି। କିନ୍ତୁ ମୋ କୋଡ଼ଗ ଦେଶରେ ସମସ୍ତ ନାରୀ ହେଉଛନ୍ତି ମୋର ପତ୍ନୀ। ସେହିପରି ସମସ୍ତଙ୍କ ସନ୍ତାନ ହେଉଛନ୍ତି ମୋର ସନ୍ତାନ।"

୨୪

ସଭାସ୍ଥଳରୁ ଖୁବ୍ ଜୋର୍‌ରେ ହାସ୍ୟରୋଳ ଶୁଣାଗଲା। ସାମନାରେ ବସିଥିବା ରାଜାଙ୍କୁ ପରିହାସ ଶୁଣି ମନେହେଲା ଯେପରି କିଏ ତାଙ୍କ ମୁହଁ ଉପରେ ଛେପ ପକାଇ ଦେଲା। କ୍ରୋଧରେ ସେ ଚିତ୍କାର କରି ଉଠିଲେ। "କିଏ ସେ ? ତାକୁ ଦୁଇଟା ମାର।" ରାଜାଙ୍କର ପଛ ଛିଡ଼ା ହୋଇଥିବା ବସବ ପାଦେ ଆଗକୁ ଆସି ପାଖରେ ଠିଆ ହୋଇଥିବା ସିପେଇକୁ "ତାକୁ ଅଟକାଅ" ବୋଲି କହିଲା।

ପାହୁଣ୍ଡେ ମଧ୍ୟ ଆଗକୁ ଯାଇପାରିଲା ନାହିଁ। ଜନତାଙ୍କ ମଧ୍ୟରୁ ହୋ-ହୋ ଆବାଜ ଶୁଣାଗଲା। ନାଟକର ରାଜା 'କାବେରୀ ମହ୍ଲୁ' ବୋଲି ପାଟିକରିବାରୁ ଚାରି ଦିଗରୁ "ମହ୍ଲ ତାୟୀ"ର ପ୍ରତିଧ୍ୱନୀ ଶୁଣାଗଲା। ଜଙ୍ଗଲରେ ବହୁଥିବା ଝରଣାଗୁଡ଼ିକ ଏକାଠି ମିଶି ନଦୀର ଆକାର ଧାରଣ କଲା ପରି ଜନତା ତାକୁ ଚାରିଆଡୁ ଘେରିଗଲେ। ପଛଲୋକ ସେ ପଳାୟନ କରିବା ପାଇଁ ମାର୍ଗ ତିଆରି କରିଦେଲେ। ଦଶଜଣ ସିପାହୀଙ୍କୁ ନେଇ 'ମାଚା ସେଠାରେ ପହଞ୍ଚିଲାବେଳକୁ ନାଟକର ରାଜା ସେଠାରୁ ଖସି ପଳାଇ ଯାଇଥିଲା।

Digitized by srujanika@gmail.com

ସେ ସନ୍ଧ୍ୟାର ମନୋରଞ୍ଜନ ଏପରି ଭାବେ ସମାପ୍ତ ହେଲା। ଇଂରେଜ ଅତିଥିଙ୍କ ପାଖରେ ଠିଆ ହୋଇଥିବା ଅନୁବାଦକ ତାଙ୍କୁ ନାଟକର ଅର୍ଥ ବୁଝାଉଥିଲା। ନାଟକ ଏପରି ବନ୍ଦ ହେବାର କାରଣ ମଧ୍ୟ ସେ କହିଲା। ରାଜାଙ୍କର ଖୁବ୍ ଉତ୍କଟ ବିରୋଧୀ ପକ୍ଷ ମଧ୍ୟ ଏଠାରେ ଅଛନ୍ତି ଜାଣି ଅତିଥି ବର୍ଗଙ୍କ ମନରେ ସନ୍ତୋଷ ହେଲେ ମଧ୍ୟ ସେମାନେ ତାହା ପ୍ରକଟ କଲେନାହିଁ।

୨୨

ତା ପରଦିନ ଅତିଥିଗଣଙ୍କୁ ବିଦାୟ ଦିଆଗଲା।

ତା'ପରେ ରାଜା ବସବଙ୍କୁ କହିଲେ, "ସେ କ୍ଲାର୍କଙ୍କୁ ଡାକ ତ ବସବ। ଏମିତି ନାଟକ କେମିତି କରେଇଲା ସେ କଥା ପଚାରିବି। ଠିକ୍ ଭାବେ ସବୁ କହିବ ନାହିଁ ତ ତା ମୁଣ୍ଡ ଗଣ୍ଡି ଅଲଗା କରିଦେବା।"

ଏକଥା ସମସ୍ତଙ୍କ ମନରେ ଥିଲା। ଚେନ୍ନବସବ କହିଲା, "ବର୍ତ୍ତମାନ ମୋ ଦେହ ଭଲ ନାହିଁ। ଭଲ ହେବା ମାତ୍ରେ ମହାରାଜଙ୍କ ସେବାରେ ଉପସ୍ଥିତ ହେବି। ଏଥି ମଧ୍ୟରେ ଯାହା ଭୁଲ ହୋଇଛି ତା'ର କାରଣ ସୁରପ୍ପା ଜାଣେ। ତାଙ୍କୁ ଡାକି ପଚାରନ୍ତୁ।"

ରାଜାଙ୍କୁ ଠିକ୍ ଉତ୍ତର ଦେଇ ତିରସ୍କୃତ ଓ ଅପମାନିତ ହେବାର ଇଚ୍ଛା ସୁରପ୍ପାର ନଥିଲା। କିନ୍ତୁ ରାଜ ପରିବାରର ଜାମାତାଙ୍କ ପରି କଥା ଏଡ଼େଇ ଦେବାର ଅବସ୍ଥାରେ ମଧ୍ୟ ସେ ନଥିଲା। ଇଚ୍ଛା ନଥିଲେ ମଧ୍ୟ ବସବ ସହ ଯାଇ ସମ୍ମୁଖରେ ଠିଆ ହେଲା।

"ରାଜା ତା ସହିତ ସିଧା କଥା ନ କହି ବସବଙ୍କୁ କହିଲେ, "ଏ ବ୍ରାହ୍ମଣ କ'ଣ କହୁଛି ରେ?" ବସବ ସୁରପ୍ପାକୁ କହିଲା, "ଏ ନାଟକର ବ୍ୟବସ୍ଥା କିଏ କହିଥିଲା ସେ କଥା ରାଜାଙ୍କ ନିକଟରେ ନିବେଦନ କର।"

ସୁରପ୍ପା: "ସେ ଦିନ ସଭାରେ କ'ଣ ହେଲା ମୁଁ ଜାଣି ନାହିଁ। ମୋ ଗଳା ବସି ଯାଇଥିବାରୁ ମୁଁ ଘରେ ଥିଲି। ନାଟକ ନ ହେଲେ କ'ଣ ହେବ ବୋଲି ଆମେ ଭାବୁଥିବା ବେଳେ ପାଣେ ସୂର୍ଯ୍ୟନାରାୟଣ କହିଲା, "ମହାରାଜଙ୍କ ସ୍ତୁତିରେ ସେ ଗୋଟିଏ ଭଲ ଯକ୍ଷଗାନ ପ୍ରସ୍ତୁତ କରିବ।" ନାଟକର ବିଷୟବସ୍ତୁ କ'ଣ ବୋଲି ଆମେ ପଚାରିବାରୁ କହିଲା, "କୋଡ଼ଗର ରାଜା ଖୁବ୍ ଉତ୍ତମ, ମନ୍ତ୍ରୀମହୋଦୟ ଖୁବ୍ ବୁଦ୍ଧିମାନ, ଅନ୍ୟ ଦେଶପରି ନୁହେଁ ଇତ୍ୟାଦି।" ବଡ଼ ମହାରାଜଙ୍କ ଓ ଲିଙ୍ଗରାଜଙ୍କ କାହାଣୀ ପ୍ରସ୍ତୁତ କରାଯାଇ ସାରିଥିଲା। ତେଣୁ ବର୍ତ୍ତମାନ ମହାରାଜଙ୍କ କାହାଣୀ ପ୍ରସ୍ତୁତ କରିବାକୁ ଇଚ୍ଛାଥିଲେ ମଧ୍ୟ ତାହା ହୋଇ ପାରି ନଥିଲା। ଯେତେବେଳେ ସୂର୍ଯ୍ୟନାରାୟଣ ତାହା ପ୍ରସ୍ତୁତ କରିବାକୁ କହିଲା, ସେତେବେଳେ ଆମେ 'ଭଲହେଲା' ଭାବି ସେଥିରେ ରାଜି ହେଲୁ। ସେ ଯକ୍ଷଗାନରେ ଖୁବ୍ ଦକ୍ଷ ଥିଲା। ସମୟ ଅନୁସାରେ ସାଙ୍ଗେ ସାଙ୍ଗେ କାହାଣୀ ଗଢ଼ି ନିଏ। ଶୁଣିଲି ସେଦିନର ପରିହାସ ଟିକେ ବେଶୀ ପରିମାଣରେ ହୋଇଥିଲା। ଲୋକେ ଖୁବ୍ ହସୁଥିବାରୁ ତା'ର ମୁଣ୍ଡ ଖରାପ ହୋଇଗଲା। ଏଣୁ ତେଣୁ ଗପିଲା, ହୁଏତ ଆହୁରି ଗପିଥାନ୍ତା, ଭଗବାନଙ୍କ ଦୟାରୁ ଆପଣ

Digitized by srujanika@gmail.com

ସେଥିରେ ବାଧା ଦେଲେ। ଏହା ଆମେ ଜାଣିଶୁଣି କରାଇ ନାହୁଁ, ମହାରାଜ। ମୋତେ କ୍ଷମାକରନ୍ତୁ। ଏ କଥା ଶୁଣିବା ମାତ୍ରେ ମୁଁ ସୂର୍ଯ୍ୟନାରାୟଣଙ୍କୁ ବହୁତ ଗାଳିଦେଲି।'' ଏପରି ଭାବେ ଖୁବ୍ ବିନୟପୂର୍ବକ ସବୁ କଥା କହିଲା।

ରାଜା: ''କ'ଣ ରେ ଲେଙ୍ଗଡ଼ା, ଏ ବ୍ରାହ୍ମଣର କଥା କ'ଣ ସତ?''

ବସବ! ''ଦେଖିବାକୁ ପଡ଼ିବ ମହାରାଜ। ସେ ସୂର୍ଯ୍ୟନାରାୟଣଙ୍କୁ ଡାକି ଦୁଇ ଚାରିଟା ବସେଇବାକୁ ପଡ଼ିବ।

''ଡକେଇ ପଠାଅ।''

ସୁରପା: ''ମୁଁ ତା ଉପରେ ବିରକ୍ତ ହେବାରୁ ତା ଉପରେ ଦୋଷ ପଡ଼ିବ ଭାବି ସେ ପଳେଇ ଯାଇ ବର୍ତ୍ତମାନ ପିରିୟାପଟ୍ଟଣରେ ଅଛି।''

ରାଜା: ''ତାକୁ ଡକେଇ ଆଣ ନ ହେଲେ ତୋ ମୁଣ୍ଡ ରହିବ ନାହିଁ।''

''ମୁଁ ତ କହି ପଠେଇବି। କିନ୍ତୁ ସେ କ'ଣ ଆସିବ ମହାରାଜ? ମହାରାଜଙ୍କ କ୍ରୋଧକୁ କିଏ ଭୟ ନ କରେ? ଆଜ୍ଞା ହେଲେ ମୁଁ ନିଜେ ଚାଲିଯିବି।''

''ଯିବୁ ତ ଠିକ୍, କିନ୍ତୁ ଫେରି ଆସୁ ଯେମିତି, ଚୋର କୋଉଠିକାର।''

''ଆପଣ ଯେତେବେଳେ ମୋତେ ଚୋର ବୋଲି ଭାବୁଛନ୍ତି ମୁଁ ନ କହିଲେ କ'ଣ ହେବ ମହାରାଜ। ଭୁଲ ହୋଇ ଯାଇଛି। ମୁଁ ସବୁ କରେଇଛି ବୋଲି ଆପଣ ଭାବୁଛନ୍ତି। ଏଥିରେ ମୋର ହାତ ନାହିଁ ବୋଲି ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ମୁଁ ହିଁ ଚୋର।''

''ଠିକ୍ ଅଛି, ସେଇଆ ଭାବିନିଅ। ତିନି ଦିନରେ ମୁଣ୍ଡ କଟେଇ ଦେବି।''

''ଯାହା ଆପଣଙ୍କ ହୁକୁମ ମାଲିକ। ଯେ କୌଣସି ଶାସ୍ତି ଦେଲେ ମୁଁ ଭୋଗିବାକୁ ପ୍ରସ୍ତୁତ। ଦୟା କଲେ ବଞ୍ଚିଯିବି, ମାରିଲେ ମରିବି। ଏ ଜୀବନ ଆପଣଙ୍କର।''

ଚେନ୍ନବସବର ଶରୀର ସୁସ୍ଥ ହେଲେ ତାଙ୍କୁ ପଚାରି କାହାକୁ ଦଣ୍ଡ ଦିଆଯିବ ନିଶ୍ଚିତ କରାହେବ ବୋଲି ରାଜା ଆଜ୍ଞା ଦେଲେ। ସେ ପର୍ଯ୍ୟନ୍ତ ସୁରପାକୁ ନିଜ ଘରେ ନଜରବନ୍ଦୀ ରଖାଯିବ।

100

ଚେନ୍ନବସବଙ୍କୁ ଭଲ ଭାବେ ଜଣାଥିଲା ଯେ ସୁରପା ଦ୍ୱାରା ରାଜାଙ୍କ କ୍ରୋଧ ଶାନ୍ତ କରାଯାଇ ପାରିବ ନାହିଁ। କ'ଣ କରାଯାଇ ପାରିବ ବୋଲି ସେ ଭାବିଲେ। ବାସ୍ତବରେ ସେ ଅସୁସ୍ଥ ନ ଥିଲେ। ସୂର୍ଯ୍ୟନାରାୟଣ ସ୍ୱୟଂ କାହାଣୀ ଗଢ଼ି ତାକୁ ନାଟକ ରୂପେ ପ୍ରସ୍ତୁତ କରିବାକୁ ସୁରପାକୁ ସେ ସ୍ୱୀକୃତି ଦେଇଥିଲେ। ସୂର୍ଯ୍ୟନାରାୟଣ ସମୟାନୁକୂଳ କଥା ଗଢ଼ି ଯକ୍ଷଗାନ କରିବାରେ ଦକ୍ଷ ବୋଲି ସୁରପାକୁ ଜଣାଥିଲା। ନାଟକ ହାସ୍ୟରସପୂର୍ଣ୍ଣ ରଖିବାକୁ ଚେନ୍ନବସବୟା ସୂର୍ଯ୍ୟନାରାୟଣଙ୍କୁ କହିଥିଲେ। ତେବେ ଯାଇ ଜନତାର ଆଗ୍ରହ ଅବ୍ୟାହତ ରହିବ। କିନ୍ତୁ ତାହା ସୀମା ମଧ୍ୟରେ ନରଖି ସୂର୍ଯ୍ୟନାରାୟଣ ଅତିରିକ୍ତ କରିଦେଲେ। ଏହା କେତେକଙ୍କୁ ଖରାପ ଲାଗିପାରେ ବୋଲି ମନରେ ସନ୍ଦେହ ହେବାରୁ ସେ ଦୀକ୍ଷିତଙ୍କ

Digitized by srujanika@gmail.com

ଭଣଜା ନାରାୟଣଙ୍କୁ ତା'ର ସୂଚନା ଦେଇ ରଙ୍ଗମଞ୍ଚର ଚାରିପଟେ ଲୋକ ଠିଆ ହେବାର ବ୍ୟବସ୍ଥା କରିଥିଲା। ସୂର୍ଯ୍ୟନାରାୟଣ ଯେତେବେଳେ ନିଜେ କ'ଣ କହିବ ବୋଲି ଜାଣି ନଥିଲା ସେତେବେଳେ ଚେନ୍ନବସବ କିପରି ଜାଣିଥାଆନ୍ତେ ? କିନ୍ତୁ ସେ ରାଜପରିବାର ସମ୍ମୁଖରେ ଓ ରାଜାଙ୍କ ପଛରେ ବସି ରାଜାଙ୍କ ସମ୍ବନ୍ଧରେ ପରିହାସକୁ ଖୁବ୍ ପସନ୍ଦ କରିଥିଲେ। ତାହା ଶୁଣି ସମସ୍ତଙ୍କ ସହ ହସି ଉଠିଥିଲେ। ସେ ସମୟରେ ତାଙ୍କ ବ୍ୟବହାର ରାଜଦ୍ରୋହ ନୁହେଁ ବୋଲି ତାଙ୍କର ମନେ ହୋଇଥିଲା। ଗଣ୍ଡଗୋଳ ହେବା ମାତ୍ରେ ଏ ବିଷୟରେ ଚର୍ଚ୍ଚା ହେବ ଜାଣି ତାଙ୍କର କ'ଣ କରିବା ଉଚିତ ତାହା ସେ ଭାବି ନେଇଥିଲେ।

ରାଜାଙ୍କ ସହ ସାକ୍ଷାତ ନ କରି ତାଙ୍କର ଯେ କୌଣସି ବାହାନାରେ ଦୂରରେ ରହିବା ଆବଶ୍ୟକ। ତେବେ ବି ଯଦି ସେ ଜିଦ୍ ଧରନ୍ତି ତେବେ ତାଙ୍କୁ ପତ୍ନୀ ଓ ସନ୍ତାନ ସହ କୋଡ଼ଗ ଛାଡ଼ି ବାଙ୍ଗାଲୋର ଚାଲିଯିବାକୁ ହେବ। ଏ ପ୍ରସଙ୍ଗ ବଡ଼ ସାହେବଙ୍କ ସହ ବିଚାର-ବିମର୍ଶ କରିବାବେଳେ ଉଠିଥିଲା। ସାରା ଜନତା ଏ ରାଜାଙ୍କୁ ଚାହାନ୍ତି ନାହିଁ ବୋଲି କହୁଛନ୍ତି। ତାଙ୍କୁ ଗାଦୀର ହଟେଇବା ପାଇଁ ଇଂରେଜମାନେ ପ୍ରସ୍ତୁତ। ଲିଙ୍ଗରାଜଙ୍କ ପୁତ୍ରଙ୍କୁ ଗଦୀରୁ ହଟାଇ ତାଙ୍କ କନ୍ୟାଙ୍କୁ ଗଦୀରେ ବସାଇବା ସରଳ ଓ ଅନିବାର୍ଯ୍ୟ। ସୂର୍ଯ୍ୟନାରାୟଣ ସହ ଏ ଝଗଡ଼ା ଏକ ଶୁଭ ସଙ୍କେତ ହେବା ଉଚିତ। ଭଗବାନଙ୍କ ଇଚ୍ଛାଥିଲେ ତାହା ହେବ ବୋଲି ସେ ଭାବିଥିଲେ।

ମନରେ ଏହା ନିଶ୍ଚୟ କରି ବସବ ସୁରପ୍ପାକୁ ନେଇ ଚାଲିଯିବା ମାତ୍ରେ ସେ ଅପ୍ପାଗୋଲାଂ ଚାଲିଗଲେ। ଯିବା ସମୟରେ ସେ ରାଣୀଙ୍କୁ କହି ପଠାଇଥିଲେ, "ମୁଁ ଆଜି ବା କାଲି ନଞ୍ଜନଗୂଡ଼ ଗଲେ ଠିକ୍ ହେବ। ଦୟାକରି ତା'ର ବ୍ୟବସ୍ଥା କରାଇ ଦିଅନ୍ତୁ।"

ସୁରପ୍ପା ସହ କଥା ହେବାପରେ ଚେନ୍ନବସବଙ୍କୁ ରାଜାଙ୍କ ସହ ସାକ୍ଷାତ କରିବାକୁ ଆଜ୍ଞା ପହଞ୍ଚିବାରୁ ଜଣାଗଲା ଯେ ସେ ଅପ୍ପଗୋଲାଂ ଚାଲିଯାଇଛନ୍ତି। ରାଜାଙ୍କ କ୍ରୋଧର ସୀମା ରହିଲାନାହିଁ। "ଏ ହାରାମଜାଦା ଅପ୍ପଗୋଲାଂକୁ ନିଜ ରାଜମହଲ ବୋଲି ଭାବିଛି। ଦେଖି ନେବି ବଦମାସକୁ। ହାତ-ଗୋଡ଼ ବନ୍ଧେଇ ପକେଇଦେବି। ସେ ଦିନ ହସି ହସି ପେଟ ଦରଜ ହୋଇଯାଇଥିଲା ନାଁ ? ଠିକ୍ କରି ଦଉଛି ବଦମାସକୁ।" କ୍ରୋଧରେ ଏହିପରି ବକିବାକୁ ଲାଗିଲେ।

ରାଜମହଲରେ ଏ ସବୁ କଥା ସମସ୍ତଙ୍କ ମନରେ ଭୟ ସଞ୍ଚାର କଲା। ମହଲର ଜାମାତାହିଁ ଏପରି ନାଟକ କରାଇ ରାଜାଙ୍କୁ ଅପମାନିତ କରାଇଲେ ବୋଲି ରାଣୀଙ୍କ ମନରେ କ୍ରୋଧ ଆସିବା ସଙ୍ଗେ ସଙ୍ଗେ ରାଜା ଭଉଣୀ, ଭିଣୋଇ ଓ ତାଙ୍କ ସନ୍ତାନଙ୍କୁ ଶେଷ କରିଦେବେ ବୋଲି ତାଙ୍କ ମନରେ ଭୟ ମଧ୍ୟ ଆସିଲା। ମନରେ ସେ ଭାବିଲେ, "ଏ ବର୍ଷଟା କୌଣସି ପ୍ରକାରେ କଟିଗଲେ ଆସନ୍ତା ବର୍ଷ ଆଉ କୌଣସି ସଙ୍କଟ ଆସିବ ନାହିଁ। ଭଗବାନଙ୍କ କୃପାରୁ ସବୁ ଠିକ୍ ହୋଇଯିବ।" ତା'ପରେ ଏମାନେ ନଞ୍ଜନଗୂଡ଼ ଯିବାକୁ ଚାହୁଁଛନ୍ତି ବୋଲି ମହରାଜଙ୍କୁ ନିବେଦନ କରିବା ପାଇଁ ରାଣୀ ବସବକୁ ଆଜ୍ଞା ଦେଲେ।

ସ୍ୱାର୍ଥ ପାଇଁ ଭବିଷ୍ୟତକୁ ନ ବୁଝି ଚେନ୍ନବସବୟା ନଜର ସ୍ୱାର୍ଥକୁ ହିଁ ଈଶ୍ୱରଙ୍କ ଇଚ୍ଛା ବୋଲି ଭାବିଲେ। ନିସ୍ୱାର୍ଥପର ରାଣୀଙ୍କୁ ଅପରର ମଙ୍ଗଳ ପାଇଁ ଭଗବନଙ୍କୁ ପ୍ରାର୍ଥନା କରିବାକୁ

Digitized by srujanika@gmail.com

ପଡୁଥିଲା, ବାସ୍ତବରେ ଭବିଷ୍ୟତ ବିଷୟରେ ସ୍ବାର୍ଥୀ ବା ପରମାର୍ଥୀ କେହି ହେଲେ ଅବଗତ ନୁହନ୍ତି, ଜଣେ ବ୍ୟକ୍ତି, ଜନତା ଓ ଗୋଟିଏ ରାଷ୍ଟ୍ରର ଜୀବନରେ ସମସ୍ତଙ୍କ ଅବସ୍ଥା ଏହିପରି। କାଲି କ'ଣ ହେବ ତାହା ଆଜି କେହି ହେଲେ ନିଶ୍ଚିତ ରୂପେ କହିପାରିବ ନାହିଁ।

101

ଇଂରେଜ ଅତିଥି ଠିକ୍ ସମୟରେ ବାଙ୍ଗାଲୋରରେ ପହଞ୍ଚିଗଲେ। "ରେସିଡେଣ୍ଟ' ମାନ୍ଦ୍ରାଜର ଗଭର୍ଣ୍ଣରଙ୍କୁ ଏଠାକାର ପରିସ୍ଥିତି ବିଷୟରେ ନିମ୍ନଲିଖିତ ରିପୋର୍ଟ ଓ ଗର୍ଭଣ୍ଡର ଜେନେରାଲ ମହୋଦୟଙ୍କୁ ତା'ର ପ୍ରତିଲିପି ପଠାଇଲେ।

"ମୁଁ ଆପଣଙ୍କୁ ଆଗରୁ ଯେଉଁ ସୂଚନା ଦେଇଥିଲି ସେହି ଅନୁସାରେ କୋଡ଼ଗ ରାଜାଙ୍କ ନିମନ୍ତ୍ରଣ କ୍ରମେ ଏଥର ନବରାତ୍ରୀ ସମୟରେ ମୁଁ ମଡ଼କେରୀ ଯାଇଥିଲି। ସେଠାରୁ କାଲି ଫେରିଲି। ସେଠାକାର ପରିସ୍ଥିତି ସମ୍ବନ୍ଧରେ ଆପଣଙ୍କୁ ଅବଗତ କରାଇବା ପାଇଁ ଏ ପତ୍ର ଲେଖୁଛି।

ଜନତା ଯେ କୋଡ଼ଗ ରାଜାଙ୍କର ସମ୍ପୂର୍ଣ୍ଣ ବିରୋଧ କରୁଛନ୍ତି ସେଥିରେ କୌଣସି ସନ୍ଦେହ ନାହିଁ। ଦୋଡବୀରରାଜ ନିଜ ଶାସନକାଳରେ ଅନ୍ତିମ ସମୟରେ ଅର୍ଦ୍ଧପାଗଳପଣ ଯୋଗୁଁ ଯେଉଁ ଅତ୍ୟାଚାର କରିଥିଲେ ଏ ରାଜା ସେତିକି ନିଜ ଯୌବନକାଳରେ କରି ନେଇଛନ୍ତି। ସେଥିପାଇଁ ଜନତାଙ୍କ ମନରେ ଆକ୍ରୋଶ ଦେଖା ଦେଇଛି।

ଆମେ ମଡ଼କେରୀରେ ଥିବାବେଳେ ପ୍ରତିଦିନ ସେଠାକାର ନାଟକ ମଣ୍ଡଳୀ ଶାସନ ସମ୍ବନ୍ଧରେ ଯେଉଁ ଛୋଟ ଛୋଟ ନାଟକ ଦେଖାଇଥିଲେ ସେଥିରେ ପୂର୍ବତନ ରାଜାମାନଙ୍କର ପ୍ରଶଂସା ସଙ୍ଗେ ସଙ୍ଗେ ବର୍ତ୍ତମାନ ରାଜାଙ୍କର ଦୁଷ୍ଟତା ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏପରି ରାଜାଙ୍କ ସମ୍ମୁଖରେ ଏପରି ପ୍ରହସନ ଦେଖାଇବା କିପରି ସମ୍ଭବ ହେଲା ତାହା ଜାଣିବା କଠିନ। ଜନତା ସ୍ପଷ୍ଟ ରୂପେ ରାଜାଙ୍କର ବିରୋଧ କରୁଥିବା ଯୋଗୁଁ ରାଜା ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିଛନ୍ତି। ମନ୍ତ୍ରୀଗଣ ବାହାରେ ବିରୋଧ ପ୍ରକଟ ନ କଲେ ମଧ୍ୟ ସେମାନଙ୍କ ମନରେ ଯେ ରାଜାଙ୍କ ପ୍ରତି ପୂର୍ବର ଶ୍ରଦ୍ଧା ଓ ଭକ୍ତି ନାହିଁ ତାହା ସେମାନଙ୍କ ବ୍ୟବହାରରୁ ଜଣା ପଡୁଥିଲା। ସେମାନଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ ଲକ୍ଷ୍ମୀନାରାୟଣ କୌଣସି ବିଷୟ ସ୍ପଷ୍ଟରୂପେ ବ୍ୟକ୍ତ କରିବା ପରି ସ୍ବଭାବର ନୁହନ୍ତି। ବୋପଣ୍ଣା କୋଡ଼ଗୀ ଓ ସ୍ପଷ୍ଟବାଦୀ। ଠିକ୍ ସମୟରେ ତାଙ୍କୁ ନିଜ ତରଫକୁ ଆଣିପାରିଲେ ସେ ଜନତାଙ୍କ ତରଫରୁ ଆମକୁ ସାହାଯ୍ୟ କରିପାରିବେ।

ତୃତୀୟ ମନ୍ତ୍ରୀ ହେଉଛି ବସବୟା। ସେ ରାଜାଙ୍କ ସଙ୍ଗ ଛାଡ଼ିବା ଭଳି ବ୍ୟକ୍ତି ନୁହେଁ। ବାସ୍ତବରେ ଏମାନଙ୍କ ମଧ୍ୟରେ ରାଜା ଓ ମନ୍ତ୍ରୀ ଅପେକ୍ଷା ମିତ୍ରତାର ସମ୍ବନ୍ଧ ବେଶୀ। ଏମାନଙ୍କ ପରସ୍ପରର ସମ୍ପର୍କକୁ ଜନତା ବିଭିନ୍ନ ରୂପେ ନିଅନ୍ତି। ସେମାନଙ୍କ ସମ୍ବନ୍ଧର ସ୍ୱରୂପକୁ କହିବାରେ ମୋତେ ମଧ୍ୟ ସଙ୍କୋଚ ଲାଗୁଛି। କଥା ହେଉଛି ଯେ ବାଲ୍ୟକାଳରୁ ରାଜା ତା ସହିତ ମିଶି ସମସ୍ତ ବଦ୍‌ଗୁଣକୁ ଅକ୍ତିଆର କରିଛନ୍ତି। ଅନ୍ୟ ଲୋକ ଯେଉଁ ବୟସରେ ସ୍ତ୍ରୀ କ'ଣ ବୋଲି ଭଲ ଭାବେ ଜାଣି ନଥାନ୍ତି ସେହି ବୟସରୁ ରାଜା ଏତେ ଦୁରାଚାର କରିଛନ୍ତି ଯେ ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ଶକ୍ତିହୀନ ହୋଇପଡ଼ିଛନ୍ତି। ଏ ମନ୍ତ୍ରୀ ସମସ୍ତ କୁକାର୍ଯ୍ୟରେ

Digitized by srujanika@gmail.com

ରାଜାଙ୍କୁ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ତାଙ୍କୁ ସମସ୍ତ ପ୍ରକାର ସୁଖ ଉପଲବ୍ଧ କରାଏ। ଜନତାଙ୍କ ମଧ୍ୟରେ କଥା ଉଠିଛି ଯେ ଯେଉଁ ସୁଖ ରାଜା ସ୍ୱୟଂ ଭୋଗ କରିପାରନ୍ତି ନାହିଁ ତାହା ବସବୟା ଭୋଗ କରିବାର ଦେଖି ସୁଖ ଉପଲବ୍ଧି କରନ୍ତି।

ଏହା ଜନତା ଆମକୁ ସ୍ପଷ୍ଟ ରୂପେ କହିବା ପରି ବିଷୟ ନୁହେଁ। ଆମ ଲୋକ ଶିବିରକୁ ଯିବା ଆସିବା କରୁଥିବା ବ୍ୟକ୍ତି ସହ ପ୍ରକାରାନ୍ତରେ କଥାବାର୍ତ୍ତା କରି ଏସବୁ ଖବର ସଂଗ୍ରହ କରିଛନ୍ତି।

ଯେଉଁ ସୁଖ ଆଉ ସେ ଉପଭୋଗ କରି ପାରୁ ନାହାନ୍ତି ତା ସ୍ଥାନରେ ସେ ମଦ୍ୟପାନ କରୁଛନ୍ତି। ଆମେ ସେଠାରେ ଥିବା ସମୟରେ ସେ ବେହୋସ ହେବା ପର୍ଯ୍ୟନ୍ତ ଯାଇ ନଥିଲେ। ହୁଏତ ଆମର ଉପସ୍ଥିତି ହିଁ ତା'ର କାରଣ ଥିଲା।

ରାଣୀ ଖୁବ୍ ସାଧ୍ୱୀ ଓ ଗମ୍ଭୀର ସ୍ୱଭାବରେ ମହିଳା। ରାଜମହଲର ଯାହା କିଛି ପ୍ରତିଷ୍ଠା ବାକୀ ଅଛି ତାହା କେବଳ ତାଙ୍କରି ଯୋଗୁଁ ହିଁ ସମ୍ଭବପର ହୋଇଛି।

ତାଙ୍କ କନ୍ୟା ବର୍ତ୍ତମାନ ଯୁବାବସ୍ଥାରେ ପଦାର୍ପଣ କରିଛି। ଅତି ଆଦରରେ ପାଳିତ ହେଉଥିବାରୁ ଏ ପର୍ଯ୍ୟନ୍ତ ପିଲାଳିଆ ଢଙ୍ଗ ଅଛି। ରାଣୀଙ୍କ ପ୍ରତି ଜନତା ମନରେ ଯେଉଁ ଆଦର ଓ ସମ୍ମାନ ଅଛି ତାହା ରାଜକୁମାରୀ ପ୍ରତି ଉତ୍ପନ୍ନ ହୋଇନାହିଁ।

ଏ ସବୁର ସାରାଂଶ ହେଉଛି ଆମେ ଉଚିତ ସମୟ ଦେଖି ରାଜାଙ୍କୁ ଗାଦୀରୁ ହଟାଇବାକୁ ଚାହିଁଲେ ସେଥିରେ କୌଣସି ବାଧା ଆସିବ ନାହିଁ। ଅବଶ୍ୟ କେତେକ ଲୋକ ତା'ର ବିରୋଧ ମଧ୍ୟ କରୁଛନ୍ତି। କିନ୍ତୁ ଆମକୁ ଏ କାର୍ଯ୍ୟରେ ସାହାଯ୍ୟ କରିବାକୁ ପର୍ଯ୍ୟାପ୍ତ ସଂଖ୍ୟାରେ ଲୋକ ଅଛନ୍ତି।

ସୁବିଧା ମିଳିବା ମାତ୍ରେ ଆମକୁ ତାହା କରିବାକୁ ହେବ। ଅସମୟରେ ପାଦ ବଢ଼ାଇଲେ ତାହା ଆମ ପକ୍ଷରେ ବୁଦ୍ଧିମାନର କାର୍ଯ୍ୟ ନ ହେବା ସଙ୍ଗେ ସଙ୍ଗେ ଜନତାଙ୍କଠାରୁ ସହାୟତା ମଧ୍ୟ ମିଳି ନପାରେ। ଏ କାର୍ଯ୍ୟରେ ନ ବୁଝି ନ ସୁଝି କିଛି ନ କରିବା ହିଁ ଶ୍ରେୟସ୍କର।

ତା ମାନେ ନୁହେଁ ଯେ ଆମକୁ ଅନେକ ଦିନ ପର୍ଯ୍ୟନ୍ତ ଚୁପ ହୋଇ ରହିବାକୁ ପଡ଼ିବ। ରାଜା ଚାରିଆଡ଼େ ଶତ୍ରୁ କରି ନେଇଛନ୍ତି। ତାଙ୍କର ଜଣେ ବଡ଼ବାପା ଅଛନ୍ତି ଯେ ଆମ ନିକଟରେ ନିବେଦନ କରିଛନ୍ତି ଯେ ରାଜାଙ୍କୁ ଯଦି ଗାଦୀରୁ ଉଠାଇ ଦିଆଯାଏ ତେବେ ତାଙ୍କ ପୁତ୍ର ରାଜା ରୂପେ ଅଧିଷ୍ଠିତ ହୋଇପାରିବ। ରାଜାଙ୍କର ଜଣେ ବଡ଼ବାପା ଅଛନ୍ତି ବୋଲି ଲୋକମାନେ ମାନୁଛନ୍ତି। ବହୁତ ଦିନ ହେଲା ରାଜ୍ୟରୁ ଦୂରରେ ଥିବାରୁ ତାଙ୍କୁ ଅଳ୍ପ ଲୋକ ଚିହ୍ନନ୍ତି। ଆମେ ଚାହିଁଲେ ସେ ନିଜ ପକ୍ଷର ଲୋକଙ୍କୁ ପ୍ରସ୍ତୁତ କରି ଆମ ସହାୟତା ପ୍ରାର୍ଥନା କରିପାରେ।

ଆମ ପାଖକୁ ଏପରି ପତ୍ର ଆସିଛି ଯେଉଁଥିରେ କି ରାଜାଙ୍କର ଜଣେ ନିଜ ବଡ଼ଭାଇ ଥିବାର ଉଲ୍ଲେଖ କରାଯାଇଛି। ଏ ପତ୍ରର ପ୍ରେରକ କିଏ ତାହା ଜାଣିବାର ଚେଷ୍ଟା ମୁଁ କରିଥିଲେ ମଧ୍ୟ ଜାଣି ପାରିଲି ନାହିଁ। ସେ କିଏ ତାହା ଠିକ୍ ସମୟରେ ଜଣାପଡ଼ିବ। ସେହି କାରଣରୁ ଦେଶରେ ବିଦ୍ରୋହ ଆରମ୍ଭ ହେଲେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

ଏ ସବୁ ଛଡ଼ା ରାଜା ନିଜ ଭିଣେଇଙ୍କୁ ମଧ୍ୟ ନିଜର ଶତ୍ରୁ କରି ନେଇଛନ୍ତି। ସେଥିଯୋଗୁଁ ଅତି ଶୀଘ୍ର ରାଜାଙ୍କର କ୍ଷତି ହୋଇପାରେ। ଏ ବ୍ୟକ୍ତିର ନାମ ଚେନ୍ନବସବୟା ଓ ସେ କୋଡ଼ଗୀ। ରାଜପରିବାରର କନ୍ୟାକୁ ବିବାହ କରି ସେ ତାଙ୍କ ମତକୁ ସ୍ୱୀକାର କରି

Digitized by srujanika@gmail.com

ଦେଇଛି। ରାଜାଙ୍କ କନ୍ୟାକୁ ବିବାହ କରି ତାଙ୍କର ଉପକାର କରିଛି ବୋଲି ତା'ର ଧାରଣା। ସେ ସ୍ୱଭାବତଃ ଖୁବ୍ ଅହଙ୍କାରୀ, ରାଜପରିବାରର ଜାମାତା ହୋଇ ତା'ର ଅହଙ୍କାର ଆହୁରି ବଢ଼ି ଯାଇଛି। ଜାମାତାର ସ୍ଥାନ ପୁତ୍ରଠାରୁ ମଧ୍ୟ ଉପରେ। ଏହା ଏ ଦେଶର ପ୍ରଥା। ତେଣୁ ଚେନ୍ନବସବ ନିଜକୁ ରାଜାଙ୍କଠାରୁ ବଡ଼ ବୋଲି ଭାବିଲେ ତାହା ଆଶ୍ଚର୍ଯ୍ୟର କଥା ନୁହେଁ।

ମୁଁ କହିଥିବା ଏଇ ଚାରି ପାଞ୍ଚୋଟି ପ୍ରସଙ୍ଗରୁ ଯେ କୌଣସି ଗୋଟିଏ କାରଣରୁ ବିଦ୍ରୋହ ଆରମ୍ଭ ହେଲେ ତାହା ଆମେ ଦମନ କରିବାକୁ ସକ୍ଷମ ହୋଇ ପାରିବା। ସେତେବେଳେ ରାଜ୍ୟ ବିସ୍ତାର କରିବା ଉଦ୍ଦେଶ୍ୟରେ ଆମେ ସୈନ୍ୟ ନେଇ ଗଲୁ ବୋଲି ଅପବାଦରୁ ରକ୍ଷା ପାଇପାରିବୁ।

ବିଦ୍ରୋହର ନିଆଁ ଲଗାଇବାରେ ସ୍ୱୟଂ ରାଜାଙ୍କର କ୍ରୋଧୀ ସ୍ୱଭାବ ସହାୟକ ହେବ। ନିରଙ୍କୁଶ ରୂପେ ଚାଲିବା କୋଡ଼ଗ ରାଜବଂଶର ଅଭ୍ୟାସ। ଏ ଅଭ୍ୟାସ ରାଜାଙ୍କ ଚରିତ୍ରରେ ଖୁବ୍ ପ୍ରବଳ। ଯେତେବେଳେ ଯାହା ମନରେ ଆସେ ତାହା କହିଦେବା ଉଚିତ ବୋଲି ସେ ଭାବନ୍ତି। ସେ ଯେ କୋଡ଼ଗ ନାମକ ଏକ ଛୋଟ ପ୍ରଦେଶର ରାଜା ତାହା ସେ ଜାଣନ୍ତି ନାହିଁ। ତାଙ୍କ ସମାନାରେ ରେସିଡେଣ୍ଟ, ଗଭର୍ଣ୍ଣର ଓ ଗଭର୍ଣ୍ଣର ଜେନେରାଲ କାହିଁକି ଇଂଲଣ୍ଡର ରାଣୀ ମଧ୍ୟ କେହି ନୁହନ୍ତି ବୋଲି ତାଙ୍କର ଧାରଣା। ତାଙ୍କ କଥାବାର୍ତ୍ତାରେ ଅହଙ୍କାରର ସୀମା ନାହିଁ।

ଏପରି ବ୍ୟକ୍ତିର ଅବିବେକିତା ଯୋଗୁଁ ନିଆଁ ଲାଗିବାରେ ବିଳମ୍ବ ହେବ ନାହିଁ। କୋଡ଼ଗ ରାଜାଙ୍କର ଆମ ଉପରେ ସର୍ବଦା ବିଶ୍ୱାସ ରହିଛି। ଇଂରେଜ ସରକାରର ଭୟ ହେଉଛି ଏବିଶ୍ୱାସର ଆଧାର। ମିତ୍ର ରାଜା ସହ ଆମେ କିପରି ବିରୋଧୀ ରୂପେ ବ୍ୟବହାର କରିବୁ ତାହା ଭାବିବା କଥା। ଏ ଆଶଙ୍କା ଯେତିକି ସ୍ପଷ୍ଟ ତା'ର ସମାଧାନ ମଧ୍ୟ ସେତିକି ଜଷ୍ଟ। ସେ ଆମର ମିତ୍ର। ଜନତା ଆମକୁ ତାଙ୍କ ଅତ୍ୟାଚାରରୁ ରକ୍ଷା କରିବାକୁ କହିଲେ ଆମ ସମ୍ମୁଖରେ ଗୋଟିଏ ମାତ୍ର କର୍ତ୍ତବ୍ୟ ରହୁଛି। ତାହା ହେଉଛି ଦୁଷ୍ଟ ରାଜାର ସହାୟତା ନ କରି ପୀଡ଼ିତ ଜନତାର ସହାୟତା କରିବା। ଏହା କଂପାନୀର ପୂର୍ବର ନୀତିରୁ ସ୍ପଷ୍ଟ ହେଉଛି।

ମହୀଶୂର ରାଜା ଆମର ମିତ୍ର ଥିଲେ ଓ ବର୍ତ୍ତମାନ ମଧ୍ୟ ମିତ୍ର ଅଛନ୍ତି। କିନ୍ତୁ ତାଙ୍କର କୁଶାସନ ହେତୁ ମହୀଶୂର ଜନତାର ସୁଖ ପାଇଁ ଆମେ ସେ ମିତ୍ରଙ୍କୁ ଗଦୀରୁ ହଟେଇ ଦେଲୁ।

ଯଦି କୋଡ଼ଗରେ ଏହି ସମସ୍ୟା ଉତ୍ପନ୍ନ ହୁଏ ତେବେ ସମାଧାନ ମଧ୍ୟ ତାହାହିଁ ହେବ। ଏପରି ସମସ୍ୟା ଉତ୍ପନ୍ନ ହେବାକୁ ମୁଁ ଚାହୁଁନାହିଁ। ଯଦି ବା ହୁଏ ତେବେ ତାହା ସମାଧାନ କରିବାକୁ ମୁଁ ପଶ୍ଚାଦ୍‌ପଦ ହେବି ନାହିଁ।

ରାଜା ଖୁବ୍ ଆଦରରେ ଆମକୁ ଦେଖାଶୁଣା କଲେ। ଆଦର ଓ ଅତିଥି ସତ୍କାରରେ ଏ ଦେଶର ଜନତା ଉଦାର। କୋଡ଼ଗରେ ଯେଉଁ ଛଅ ଦିନ ଆମେ ରହିଲୁ ତାହା ଦେବଲୋକରେ ବାସ କରିବା ପରି ଥିଲା। ସୁଖରେ ଗୋଟିଏ ଅଭାବ ଥିଲା; ଆପଣଙ୍କର ଅନୁପସ୍ଥିତି। ସଦା ଆପଣଙ୍କର''। ଶେଷରେ ରେସିଡେଣ୍ଟଙ୍କ ଦସ୍ତଖତ ଥିଲା।

Digitized by srujanika@gmail.com

ଅପଗୋଲଂ ପହଞ୍ଚିବାକ୍ଷଣି ଚେନ୍ନବସବୟା ଶୀଘ୍ର ଶୀଘ୍ର ଦେଶ ଛାଡ଼ି ବାଙ୍ଗାଲୋର ଯାତ୍ରା ପାଇଁ ପ୍ରସ୍ତୁତ ହେବାକୁ ଲାଗିଲେ। ମହଲରେ ପହଞ୍ଚି ଏକାନ୍ତରେ ଦେବମ୍ମାଙ୍କୁ ନିଜ ଯୋଜନା ବିଷୟରେ କହି ଦିନେ ଦୁଇଦିନ ଭିତରେ ଚାଲିଯିବା ପାଇଁ ପ୍ରସ୍ତୁତ ହେବାକୁ କହିଲେ।

''ବାଙ୍ଗାଲୋର ଯିବା ?''

''ହଁ। ସାହେବଙ୍କୁ କହିଥିଲି। ସେ ଆମ ତରଫରୁ ଲଢ଼ିବେ। ତୁମ ଭାଇ ଭଲ ବ୍ୟବହାର କରିବାକୁ କଥା ଦେଲେ ଫେରିବା। ନଚେତ ତାଙ୍କୁ ଗାଦୀରୁ ହଟେଇ ତୁମେ ଗଦୀରେ ବସିବ।''

''ସବୁ ଠିକ୍ ରୂପେ ହେଲେ ତ ଭଲ, ନ ହେଲେ ବିପଦରେ ପଡ଼ିବା।''

''ବର୍ତ୍ତମାନଠାରୁ ଆଉ ଅଧିକା ଖରାପ ଅବସ୍ଥା କ'ଣ ହୋଇପାରେ ? ଏଠି ତ ସର୍ବଦା ପ୍ରାଣ ଶୂଳୀରେ ଚଢ଼ି ରହିଲା ପରି ମନେ ହେଉଛି। ଏ ଅବସ୍ଥାଠାରୁ ତାହା ଶ୍ରେୟସ୍କର।''

''ହଁ। ସମସ୍ତଙ୍କ ସାମନାରେ ସୁରପ୍ପା କାହିଁକି ଭାଇଙ୍କୁ ଅପମାନ ହେବା ପରି କାମ କଲା ?''

''ସେ କାହାଣୀ ବହୁତ ବଡ଼। ସୁରପ୍ପା କାହିଁକି ତା'ର ପିତା ସ୍ୱର୍ଗରୁ ଓହ୍ଲେଇ ଆସିଥିଲେ ମଧ୍ୟ ପାଣେର ସେ ବ୍ରାହ୍ମଣର ମୁହଁ ବନ୍ଦ କରିବା ସମ୍ଭବ ନ ଥିଲା। ତା'ର ପତ୍ନୀକୁ ଏମାନେ ଚୋରାଇ ଆଣିଥିଲେ। କୌଣସି ମତେ ତାକୁ ସେ ମୁକ୍ତ କରି ନେଲା। ପରିହାସ ଛଳରେ ଜଣେ ସଇତାନ ଆଉ ଜଣେ ସଇତାନ ମୁହଁ ଉପରେ ଛେପପକାଇ ନିଜର କ୍ରୋଧ ଶାନ୍ତି କଲା।''

''ତା'ର ତ କ୍ରୋଧ ଶାନ୍ତ ହେଲା କିନ୍ତୁ ଆମ ଉପରେ ବିପଦ ମାଡ଼ି ଆସିଲା।''

''ଆରେ କେଇଟା ଦିନର କଥା। ତା'ପରେ ତୁମେ ରାଣୀ ହେବ।''

''ମୋ ଭାଗ୍ୟରେ ତାହା ଲେଖା ନାହିଁ।''

''ଛାଡ଼, ତାହା କିଏ ଜାଣେ! ଏ ଆମ ହାତର କଥା ନୁହେଁ। କିନ୍ତୁ ଯଦି ତୁମ ଭାଇଙ୍କୁ ବୁଦ୍ଧି ନ ବଟେଇଛି ତ ମୋ ନାଁ ଚେନ୍ନବସବ ନୁହେଁ।''

''ଠିକ୍ ଅଛି, କିଛି ବସ୍ତ୍ର ଅଳଙ୍କାର ତ ବାନ୍ଧିବା କଥା। ପ୍ରସ୍ତୁତ ହେବାକୁ ଆଉ କେତେ ସମୟ ଲାଗିବ ? ଯେତେବେଳେ ଯିବାକୁ ହେବ, ବାହାରି ପଡ଼ିବି। ଆପଣ ସବୁ ବ୍ୟବସ୍ଥାକରନ୍ତୁ।''

ଚେନ୍ନବସବଙ୍କ ପରିବାରରେ ଯେଉଁ ସବୁ ଭୃତ୍ୟ ଥିଲେ ସମସ୍ତେ ବିଶ୍ୱାସୀ। ନିଜ ପ୍ରଭୁଙ୍କ ଆଜ୍ଞା ଜୀବନ ଦେଇ ପାଳନ କରିବାକୁ ପ୍ରସ୍ତୁତ ଥିଲେ। ଚେନ୍ନବସବ ଚୋମାକୁ ଡାକି କହିଲେ, ''ତୁମ ଛଅ ଜଣଙ୍କୁ କୌଣସି କାମରେ ଆଜି ବା କାଲି ଯିବାକୁ ପଡ଼ିବ। ଘୋଡ଼ାସବୁ ପ୍ରସ୍ତୁତ କରି ରଖ।''

ଚୋମା, ''ଯେ ଆଜ୍ଞା'' କହି ମୁଣ୍ଡ ନୁଆଁଇ ଚାଲିଗଲା।

କିନ୍ତୁ ଚେନ୍ନବସବ ଏ କାମ ଯେତେ ସହଜ ବୋଲି ଭାବିଥିଲେ ସେତେ ସହଜ ନଥିଲା। ସେହି ସନ୍ଧ୍ୟାରେ ମଡ଼କେରୀରୁ ବସବ ପଠାଇଥିବା ସିପାହୀ ଅପଗୋଲଂ ପହରା ଦେବାପାଇଁ ପହଞ୍ଚିଲେ।

Digitized by srujanika@gmail.com

ସେମାନଙ୍କ ଆସିବାର ସୂଚନା ପାଇବା ମାତ୍ରେ ସେମାନଙ୍କୁ ରାଜା ପଠାଇଛନ୍ତି ବୋଲି ଚେନ୍ନବସବ ବୁଝିପାରିଲା। ବର୍ତ୍ତମାନ ସେ, ତାଙ୍କ ପତ୍ନୀ ଓ ସନ୍ତାନ ବନ୍ଦୀ। ଦେବମ୍ମା ମଧ୍ୟ ଏକଥା ବୁଝି ପରିଲେ। ରାଜମହଲର ବନ୍ଦୀଘରୁ ମୁକ୍ତ ହେବାର ଅତି ବେଶୀ ହେଲେ ଚାରିମାସ ହୋଇନାହିଁ ବର୍ତ୍ତମାନ ତାଙ୍କ ସହ ତାଙ୍କ ପତି ଓ ସନ୍ତାନ ମଧ୍ଯ ବନ୍ଦୀ ହେଲେ। ଏହା ଭାବି ସେ ଖୁବ୍ ଦୁଃଖିତ ହେଲେ। ତାଙ୍କ ଆଖିରୁ ଅଶ୍ରୁର ଧାର ବହିବାକୁ ଲାଗିଲା। ଏପରି ସମୟ ଦେଖିବାକୁ ଏ ସନ୍ତାନ କାହିଁକି ଜନ୍ମ ନେଲା ଭାବି ସେ ଖୁବ୍ ଅସୁଖୀ ହେଲେ।

ରାତିରେ ଚେନ୍ନବସବୟା କହିଲେ, "କାଲି ବା ପଅରିଦିନ ଭୃତ୍ୟମାନଙ୍କ ପାଇଁ 'କେଲୁ' ଉତ୍ସବର ଆୟୋଜନ କର। ରାତିରେ ସମସ୍ତେ ଭୋଜି କରିବେ। ତା ପର କଥା କହିବି ପରେ।" ଚୋମାକୁ ମଧ୍ଯ ଏକଥା ବୁଝାଇଲେ।

ରାଜମହଲରେ 'କେଲୁ' ଉତ୍ସବର ଆୟୋଜନ ହେଲା। ଦ୍ୱିପ୍ରହରର ଖେଳକୁଦରେ ମହଲର ଲୋକଙ୍କ ସହ ମଡ଼କେରୀରୁ ଆସିଥିବା ଲୋକ ମଧ୍ଯ ସମ୍ମିଳିତ ହେଲେ।

ରାତିରେ ସମସ୍ତଙ୍କ ପାଇଁ ଭୋଜିର ବ୍ୟବସ୍ଥା ହୋଇଥିଲା। ଚେନ୍ନବସବୟା ବସବର ପହରାଦାରଙ୍କୁ ଗୋଟିଏ ପଂକ୍ତିରେ ବସାଇ ସେମାନଙ୍କ କ୍ଷୀରରେ ବହୁତ ଅଫିମ ଘୋରି ମିଶାଇଦେଲେ। ଦେବମ୍ମାଜୀଙ୍କୁ ପ୍ରସ୍ତୁତ ରହିବାକୁ କହି ଚୋମାକୁ ତାଙ୍କ ଯୋଜନା ବିଷୟରେ ସଙ୍କେତ ଦେଲେ।

ଅଫିମ ପରି ନିଶାଦ୍ରବ୍ୟ ସେ ସମୟରେ ମହଲମାନଙ୍କରେ ପର୍ଯ୍ୟାପ୍ତ ମାତ୍ରାରେ ରହୁଥିଲା। ରାଜମହଲର ଜୀବନରେ ଅନ୍ନର ଯେତିକି ମହତ୍ତ୍ୱ ଥିଲା ବିଷର ମଧ୍ଯ ସେତିକି ଥିଲା। ଜୀବନର ପ୍ରକୃତ ସୀମା ପାରହୋଇ ଜୀବନ ଯାପନ କରୁଥିବା ବ୍ୟକ୍ତିଙ୍କ ପାଇଁ ଅନ୍ନଠାରୁ ବିଷ ଅଧିକ ପ୍ରିୟ ଥିଲା।

ରାତିରେ ଅଧରାତି ପର୍ଯ୍ୟନ୍ତ ଦୁଇଜଣ ବାକୀ ଅଧରାତି ଆଉ ଦୁଇଜଣ ବ୍ୟକ୍ତିଙ୍କର ପହରା ଦେବାର ଥିଲା। ଚାରିଜଣ ତ ଶୋଇଗଲେ। ଦୁଇଜଣ ପହରା ଦେବାକୁ ଆସି ଥରେ ଦୁଇଥର ବୁଲିଗଲେ। ଦୁଇଜଣ ଯାକ ଉଠି ଘୁମାଇବାକୁ ଲାଗିଲେ। ଜଣେ ଅନ୍ୟଜଣକୁ ପଚାରିଲା, "ଆଜି କାହିଁକି ଆଖି ଏମିତି ବୁଜି ହୋଇ ଯାଉଛି।" କିଛି ସମୟ ପରେ ସେମାନଙ୍କ ମଧ୍ଯରୁ ଯେ ବଡ଼ "ମୁଁ ଟିକିଏ ଗଡ଼ି ପଡୁଛି, ଅଳ୍ପ ସମୟ ପରେ ଉଠାଇ ଦେବୁ" କହି ଚଉତରା ଉପରେ ଶୋଇପଡ଼ିଲା। ତାକୁ ଉଠାଉ ଉଠାଉ ଛୋଟ ମଧ୍ଯ ଅଧଘଣ୍ଟା ପରେ ନିଦ ସମ୍ଭାଳି ନ ପାରି ଶୋଇଗଲା।

ଏମାନଙ୍କୁ ସବୁ କର୍ତ୍ତବ୍ୟ ଭୁଲି ଓ କାଣ୍ଡଜ୍ଞାନ ହରାଇ ଶୋଇବାକୁ ଦେଖି ଚୋମା ଚେନ୍ନବସବଙ୍କୁ "ବର୍ତ୍ତମାନ ଚାଲନ୍ତୁ, ମାଲିକ" ବୋଲି କହିଲା। ଦେବମ୍ମାଦେବୀ ପ୍ରସ୍ତୁତ ହୋଇ ଥିଲେ। ଚୋମା ଶୋଇଥିବା ଦୁଆର ଦୋଳି ଉଠେଇ ନେଲା।

ଘୋଡ଼ା ମହଲ ସାମନା ଡାଲୁ ଜାଗାରେ ଗଛରେ ବନ୍ଧା ହୋଇ ଥିଲେ। ଏମାନେ ମହଲର ପଛପଟେ ବାହାରି ନିସ୍ତବ୍ଧ ଭାବେ ନାଳପାରି ହୋଇ ସେମାନଙ୍କ ନିକଟରେ ପହଞ୍ଚିଲେ।

Digitized by srujanika@gmail.com

ଚେନ୍ନବସବୟା ଗୋଟାଏ ଘୋଡ଼ାରେ ସବାର ହେଲେ। ଦେବମ୍ମାଦେବୀ ତାଙ୍କ ପଛରେ ଅଣ୍ଡାଧରି ବସିଲେ। ଚୋମା ଗୋଟାଏ ଘୋଡ଼ାରେ ଚଢ଼ି ନିଜ ସାଥୀ ତୁର୍କକୁ ଅନ୍ୟ ଘୋଡ଼ାରେ ଚଢ଼ି ଦୋଳି ଧରିବାକୁ କହିଲା ଓ ନିଜେ ଗୋଟାଏ ଧଳା ଘୋଡ଼ା ସାଙ୍ଗରେ ଚଳାଇ ଆଗକୁ ଚାଲିଲା, ତା ପଛରେ ଉଗ୍ରୀ ଯେ ତାହାଠାରୁ ଛୋଟ ଥିଲା ଗୋଟାଏ ଘୋଡ଼ାରେ ବସି ଆଉ ଗୋଟାଏ ଖାଲି ଘୋଡ଼ାକୁ ନେଇ ଚାଲିଲା।

ବର୍ତ୍ତମାନ ସେ ସତର୍କତାର ଆବଶ୍ୟକତା ନଥିଲେ ମଧ ଶହେ ଗଜ ପର୍ଯ୍ୟନ୍ତ ଅତି ଧୀରେ ଧୀରେ ଯାଇ ପରେ ଗତି ବଢ଼ାଇ ସାମନା ଘାଟୀ ଆଡ଼କୁ ଗଲେ।

Digitized by srujanika@gmail.com

କଥାପୂର୍ଣ୍ଣ

ଅପ୍ପଗୋଲାଙ୍କୁ ସିପାହୀ ପଠାଇ ରାଜା ବସବକୁ କହିଲେ, "ଏ ଲେଙ୍ଗଡ଼ା, ଖେଳ ସମୟରେ ସେ ଢାଗିରବାଲା ବୁଢ଼ା ଠିଆ ହୋଇ ସେ ବ୍ରାହ୍ମଣ ଟୋକାକୁ ଉସକଉଥିଲା। ତାକୁ ଟିକେ ଧରି ଆଣିଲୁ ପଚ୍ଚରା ପଚ୍ଚରି କରିବା।"

ବୁଢ଼ା ସେଠାରେ କ'ଣ କହିଥିଲା ବୋଲି ତାଙ୍କୁ ଜଣା ଥିଲା, କିନ୍ତୁ ସେ ଯେ ତାଙ୍କ ବିରୁଦ୍ଧରେ କହି ନଥିଲା ତାହା ସେ ଜାଣି ନଥିଲେ। ବସବ କହିଲା, "ତାକୁ ଡକାଇବାର କ'ଣ ଆବଶ୍ୟକତା ଅଛି ମାଲିକ? ମୁଁ ନିଜେ ସେ କଥା ବୁଝିଛି।"

ବସବର ମଧ ସେ ଲେଙ୍ଗଡ଼ା ଭିକାରୀ ଉପରେ କ୍ରୋଧ ଆସୁଥିଲା ଯେ କି ଲେଙ୍ଗଡ଼ାର ଅଭିନୟ କରି ମିଛରେ ନିଜ ନାମ ବସବ ବୋଲି କହି ତାକୁ ଉପହାସ କଲା। ତାକୁ ଧରି ଭଲଭାବେ ମାଡ଼ ଦେବାର ନିଷ୍ପତ୍ତି ସେ କଲା।

ଏ ଦ୍ୱିତୀୟ କାମ ସେହି ସମୟରେ କରାଯାଇ ପାରିଥାଆନ୍ତା। ଭିକ୍ଷୁକକୁ ଧରି ଆଣିବା ପାଇଁ ସେ ଦୁଇଜଣ ଲୋକ ପଠାଇଲା।

ଲେଙ୍ଗଡ଼ା ଭିକାରୀ ଲମ୍ବା ନାଟକ ଶେଷ ହେବା ମାତ୍ରେ ତା'ଉପରେ ଯେ ବିପଦ ଆସିବ ତାହା ବୁଝିପାରିଥିଲା। ତାକୁ ଯେତେବେଳେ ସମସ୍ତେ ନାଟକରେ ଅଂଶ ଗ୍ରହଣ କରିବାକୁ କହିଲେ ସେତେବେଳେ କି ଖେଳ ହେବ ତାହା ସେ ଜାଣି ନଥିଲା। ଏ ନାଟକରେ ଯେ ରାଜା ଓ ଲେଙ୍ଗଡ଼ା ମନ୍ତ୍ରୀକୁ ଉପହାସ କରାଯିବ ତାହା ସେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲା। ଯାହା ସେ ବୁଝିବ ତାହା କହିବାକୁ ତାକୁ କୁହାଯାଇଥିଲା। ସୂର୍ଯ୍ୟନାରାୟଣୟା କାମ ଚଳେଇ ନେବ ଓ ତାକୁ କ'ଣ କହିବାକୁ ହେବ ବତାଇଦେବ। ଖାଲି ନାଁ ପଚାରିଲେ "ବସବ" ବୋଲି କହିବାକୁ ହେବ।

ରାଜା ତଥା ଦୂରରୁ ଆସିଥିବା ଇଂରେଜ ଅତିଥିଙ୍କ ସମ୍ମୁଖରେ ଅଭିନୟ କରିବାକୁ ତାକୁ ସୁଯୋଗ ମିଳିବ ଭାବି ତାକୁ ଖୁସୀ ଲାଗୁଥିଲା।

ସେହି ଖୁସୀରେ ସେ ରଙ୍ଗମଞ୍ଚ ଉପରକୁ ଆସିଥିଲା। ସୂର୍ଯ୍ୟନାରାୟଣ ଯେ ରାଜା ଓ ବସବକୁ ଉପହାସ କରୁଛି ତାହା ସେ ବୁଝି ପାରି ନଥିଲା। କିନ୍ତୁ ଯେତେବେଳେ ରାଜା କ୍ରୋଧରେ ଗର୍ଜିଉଠିଲେ ଓ ବସବ ଉଠିପଡ଼ିଲା ତଥା ମାଚା ତା ଆଡ଼କୁ ଆଗେଇ ଆସିଲେ, ସେତେବେଳେ କିଛି ଗଡ଼ବଡ଼ ହୋଇଯାଇଛି ବୋଲି ଲମ୍ବାର ମନେ ହେଲା। ଲୋକମାନେ ଚାରିଆଡୁ ଘେରିଯାଇ ସେମାନଙ୍କୁ ସେଠାରୁ ପାର କରାଇ ଦେଲେ। ରାଜମହଲ ସୀମା ଅତିକ୍ରମ କରିବା ମାତ୍ରେ ତାକୁ ବର୍ତ୍ତମାନ ପାଇଁ କେଉଁଠାରେ ଲୁଚି ଯିବାକୁ କୁହାଗଲା।

ରାଜା କ୍ରୋଧିତ ହେଲେ ଆଉ କେହି ରକ୍ଷା କରି ପାରିବେ ନାହିଁ ବୋଲି ଲମ୍ବାକୁ ଭଲ ରୂପେ ଜଣାଥିଲା। ବର୍ତ୍ତମାନ ମଡ଼କେରୀ ଛାଡ଼ି ମହୀଶୂର ପଳେଇ ଯିବା ଠିକ୍ ହେବ ଭାବି ଖୁବ୍ ନିରାଶାର ସହିତ ଭୋର ହେବା ପୂର୍ବରୁ କୁଶାଳନଗର ଆଡ଼କୁ ଯିବାକୁ ବାହାରିଲା।

Digitized by srujanika@gmail.com

ତାକୁ ଧରି ନେବାକୁ ବସବଦ୍ୱାରା ପ୍ରେରିତ ଭୃତ୍ୟମାନେ ଯେତେବେଳେ ସେ ବସୁଥିବା ଛକ ଉପରେ ତାକୁ ଦେଖିଲେ ନାହିଁ ସେତେବେଳେ ସେ କେଉଁଆଡ଼େ ଯାଇପାରିଥାଏ ବୋଲି ସେମାନେ ପଚରା ପଚରି କଲେ। ଲଙ୍କାକୁ କାହିଁକି ଖୋଜା ହେଉଛି ନ ଜାଣି ଜଣେ ବୃଦ୍ଧା ସେ କେଉଁଆଡ଼େ ଯାଇଛି ସେମାନଙ୍କୁ କହିଦେଲା। ଭିକାରୀ ଭିକ୍ଷା କରୁଥିବା ସମୟରେ ବସବର ଲୋକ ଯମଦୂତ ପରି ତା ନିକଟରେ ପହଞ୍ଚିଗଲେ। ତାକୁ ଖୁବ୍ ଜୋର୍‌ରେ ଏକ ଲାତ ମାରି ଦଉଡ଼ିରେ ହାତବାନ୍ଧି ମଡ଼କେରୀ ପେରେଇ ଆଣି ବସବ ସାମନାରେ ଛିଡ଼ାକରାଇ ଦେଲେ।

ବସବ କୁକୁରମାନଙ୍କର ଦେଖାଶୁଣା କରୁଥିବା ସମୟରେ ଲଙ୍କା ତା ସାମନାରେ ଆସି ଠିଆ ହେଲା। ମନ୍ତ୍ରୀ ସେ ଗରୀବକୁ ବହୁତ ଗାଳି ଦେଲା।

ସେ ଗର୍ଜନ କରି କହିଲା, "ଭିକ୍ଷାର ଅନ୍ନ ଖାଇ ମୋତେ ପରିହାସ କରିବା ପାଇଁ ତୋର ଚର୍ବି ବଢ଼ିଗଲାଣି।" ଭୟରେ ଭିଖାରୀର ମୁହଁରୁ କଥା ବାହାରୁ ନଥାଏ। ବସବ ହାତରେ ଖାଦ୍ୟ ଖାଉଥିବା ବେଳେ ଦଶଟି କୁକୁର ତା ଆଡ଼କୁ ବାଘ ପରି ଅନାଉଥିଲେ। ବସବର ମୁଖ ଓ କୁକୁରମାନଙ୍କର ଚାହାଣୀ ଦେଖି ତାକୁ ଯମଲୋକ ପରି ମନେ ହେଉଥିଲା। ଭୟରେ ଥଙ୍ଗେଇ ଥଙ୍ଗେଇ ସେ କହିଲା, "ନାଁ ମାଲିକ! ରାଜା ଓ ମନ୍ତ୍ରୀଙ୍କ ପ୍ରଶଂସାରେ ନାଟକ କରିବା ବୋଲି ସେ କହିଲେ। ତୁ ମନ୍ତ୍ରୀର ଅଭିନୟ କର। ପୁରସ୍କାର ଦିଆଯିବ ବୋଲି ମଧ୍ୟ କହିଲେ।

"ମୁଁ ଲେଙ୍ଗଡ଼ା, ତୋର ଏତେ ସାହସ ଯେ ମୋତେ ଉପହାସ କରିବାକୁ ସେମାନେ କହିବାରୁ ତୁ ଆସି ଛିଡ଼ା ହୋଇଗଲୁ।"

"ହେ ଭଗବାନ! ମୁଁ କ'ଣ ଜାଣେ? ଡାକିବାରୁ ଚାଲିଗଲି। ଭୁଲ ହୋଇଗଲା।"

"ଲେଙ୍ଗଡ଼ା ହେବା କଥା ତ ତୁ ନ ବୁଝି କରିଦେଲୁ। କିନ୍ତୁ ତୋ ନାମ ପଚାରିବାରୁ 'ବସବ' ବୋଲି କହିଲୁ। ତୋ ନାମ କ'ଣ ବସବ?

"ହେ ମୋର ଭଗବାନ, ମୋତେ 'ବସବ' ବୋଲି କହିବାକୁ ମା ବାପ କେଉଁଠି ଥିଲେ? ମୁଁ ତ ଛେଉଣ୍ଡ। କିଏ ମୋତେ ଲେଙ୍ଗଡ଼ା ଲଙ୍କା କହିଦେଲା। ବାସ୍, ମୋ ନାଁ ତାହା ହୋଇଗଲା। ମୁଁ 'ବସବ' କେମିତି ହୋଇପାରିବି।'

"ତା ହେଲେ ନିଜ ନାମ 'ବସବ' ବୋଲି କାହିଁକି କହିଲୁ?"

"ମନ୍ତ୍ରୀ ବସବୟା ଖୁବ୍ ବୁଦ୍ଧିମାନ ବୋଲି ଦେଖେଇବାର ଥିଲା। ମନ୍ତ୍ରୀ ଅର୍ଥ ବସବୟା। ଅନ୍ୟ ନାମ ମନ୍ତ୍ରୀର ଯୋଗ୍ୟ ନୁହେଁ। ସେଥିପାଇଁ ସେ ଯାହା ବତେଇଥିଲେ ମୁଁ କହିଦେଲି ମାଲିକ। ସେ କଥା ତ ଗଲାଣି। ବର୍ତ୍ତମାନ ଉଦାର ମନରେ କ୍ଷମା କରି ଦିଅନ୍ତୁ।"

"ନ ଖେଳିବା ଖେଳ ଖେଳି ବର୍ତ୍ତମାନ ବକବକ କରୁଛି ହାରାମଜାଦା" କହି ବସବ ଆଗକୁ ଚାରି ପାହୁଣ୍ଡ ଯାଇ ହାତରେ ଧରିଥିବା ଚାବୁକରେ ତା ମୁଣ୍ଡ ଓ କାନ୍ଧ ଉପରେ ମାଡ଼ ଦେବାକୁ ଲାଗିଲା। ପରମୁହୂର୍ତ୍ତରେ କେଜାଣି କେମିତି ବସବର ଇଶାରାରେ ପ୍ରଭୁର କ୍ରୋଧ ବୁଝିପାରି କୁକୁର ଡେଇଁ ଆଗକୁ ଆସି ଭିକାରୀର ବେକକୁ କାମୁଡ଼ି ଧରିଲା। ଚିତ୍କାର କରି ସେ ତଳେ ପଡ଼ିଯିବା ମାତ୍ରେ ପୁଣି ମୁହଁ ଖୋଲି ତାକୁ ଆକ୍ରମଣ କଲା।

Digitized by srujanika@gmail.com

ମାଲିକଙ୍କ ଇଚ୍ଛା ଠିକ୍ ଭାବେ ନ ବୁଝିପାରି ଭୃତ୍ୟଗଣ ମଧ୍ୟ ଚୁପ୍‌ଚାପ ଠିଆ ହୋଇ ରହିଲେ। କୁକୁର ଭିକାରୀର ନାକ କାମୁଡ଼ିଦେଲେ। ତା ପରେ ଯାଇଁ ବସବ "ଏଠିକି ଆସ" ବୋଲି କହିବାରୁ ଭୃତ୍ୟଗଣ ଆଗକୁ ଯାଇ କୁକୁରକୁ ଧରି ନେଲେ।

ଏ ଆଘାତରେ ଭିକାରୀ ଅର୍ଦ୍ଧମୃତ ଅବସ୍ଥାରେ କାନ୍ଦି କାନ୍ଦି ଯେଉଁଠି ପଡ଼ିଯାଇଥିଲା ସେଇଠି ପଡ଼ି ରହିଲା। ବସବ କହିଲା, "ଏ ଭିଖ ମଗା କୁକୁରକୁ ବାହାର କର। ଏଠି ଯେମିତି ମରି ନ ଯାଏ। ଏଠାରେ ମଲେ ତା'ର କ୍ରିୟାକର୍ମ କିଏ କରିବ?" ଭୃତ୍ୟମାନେ ଲଙ୍କାକୁ ଉଠାଇ ବାହାରକୁ ନେଇଗଲେ। କ୍ଷତସ୍ଥାନରୁ ରକ୍ତ ବୋହି ତା ଶରୀର ଲହୂଲୁହାଣ ହୋଇଯାଇଥିଲା। ଅସହ୍ୟ ପୀଡ଼ା ଯୋଗୁଁ ବ୍ୟାକୁଳ ହୋଇ ସେ ଚିତ୍କାର କରୁଥିଲା। ଭୃତ୍ୟମାନେ ତାକୁ ସେପରି ଭାବରେ ଘୋଷାରି ଘୋଷାରି ଧକ୍କା ଦେଇ ବାହାରେ ଛାଡ଼ିଦେଇ ଫେରି ଆସିଲେ।

ବସବ କରିଥିବା ଅନ୍ୟାୟ ବା ନିଜ କ୍ରୂରତା ଭୃତ୍ୟଗଣଙ୍କ ମନ ଉପରେ କୌଣସି ଚିହ୍ନ ରଖିଲା ନାହିଁ।

ବାହାରେ ରାସ୍ତା ଉପରେ ପଡ଼ି ଚିତ୍କାର କରୁଥିବା ଭିଖାରୀ ନିକଟକୁ କେହି ଜଣେ ଆସି ପଚାରିଲା, "କ'ଣ ହେଲାରେ?" "ମନ୍ତ୍ରୀ ବସବୟା ମୋ ଉପରେ କୁକୁର ଛାଡ଼ିଦେଲେ। ସେମାନେ ମୋ ନାକ କାମୁଡ଼ି ପକାଇଲେ" ବୋଲି ଭିକ୍ଷୁକ କହିଲା।

ଆଗନ୍ତୁକ ଅପରତୋଟ ସ୍ୱାମୀ ଥିଲେ। ସେ ଭିଖାରୀକୁ ଉଠାଇ କହିଲେ, "ସେ ଘର ପର୍ଯ୍ୟନ୍ତ ଯାଇ ମୁହଁ ଧୋଇ ପକାଅ।"

ଭିଖାରୀର ମୁହଁ ଦେଖି ସ୍ୱାମୀଙ୍କ ମନରେ ଦୟା ସ୍ଥାନରେ ଭୟ ଜାଗ୍ରତ ହେଲା। କୁକୁରମାନେ ତା ନାକର ହାଡ଼କୁ ଛାଡ଼ି ବାକୀ ମାଂସକୁ ଖାଇ ଯାଇଥିଲେ।

ସ୍ୱାମୀ ଭିକାରୀକୁ ଧରି ପାଖଘର ପର୍ଯ୍ୟନ୍ତ ନେଇଯାଇ ଘରବାଲାଙ୍କୁ ଡାକି ପାଣି ଦେବାକୁ କହିଲେ। ଘରବାଲାଙ୍କଠାରୁ ପାଣି ଲୋଟା ନେଇ ଭିଖାରୀର ମୁହଁ ଆସ୍ତେ ଆସ୍ତେ ଧୋଇଦେଲେ। "ଟିକିଏ ସିନ୍ଦୁର ଦିଅନ୍ତୁ" ବୋଲି କହିବାରୁ ଘରବାଲା ହାତ ମୁଠାରେ ସିନ୍ଦୁର ଆଣିଦେଲେ। ସ୍ୱାମୀ କ୍ଷତ ସ୍ଥାନରେ ସିନ୍ଦୁର ଲଗାଇ ନିଜ ଧୋତି ଚିରି ସେ କ୍ଷତସ୍ଥାନରେ ଭଲ ଭାବେ ବାନ୍ଧିଦେଲେ। ପରେ ସେ ମନ୍ତ୍ରୀ ବୋପଣ୍ଣାଙ୍କ ନିକଟକୁ ଯାଇ ସବୁ କଥା କହି ସହାୟତା ମାଗିଲେ। ଭିକ୍ଷୁକ ସେ ଅସହନୀୟ ପୀଡ଼ାରେ କୌଣସି ପ୍ରକାରେ 'ବାପ୍ ରେ' ବୋଲି କହି ବୋପଣ୍ଣା ଘର ଆଡ଼କୁ ଗଲା।

ସ୍ୱାମୀ ଘରବାଲାଙ୍କର ବାସନ ଫେରେଇ "କୋଡ଼ଗର ଲୋକେ ଶୀକାରର ଜନ୍ତୁ ହୋଇଗଲେଣି" ବୋଲି କହି ମନ ଦୁଃଖରେ ନିଜ ରାସ୍ତାରେ ଗଲେ।

Digitized by srujanika@gmail.com

ବସବୟା ଅପମାନିତ କରିଥିବା ଭିକ୍ଷୁକଙ୍କୁ ଦଣ୍ଡ ଦେବା କାର୍ଯ୍ୟରୁ ନିବୃତ୍ତ ହୋଇ ମାଲିକଙ୍କ ଆଜ୍ଞା ପାଳନ କରିବା ପାଇଁ ଉଭୟା ତକ୍କଙ୍କ ବିଷୟରେ ଖବର ନେବାକୁ ଗଲା।

ଏପରି କାମରେ ତାକୁ ସାହାଯ୍ୟ କରିବା ପାଇଁ ସହରରେ ଶହେରୁ ଅଧିକ ଗୁଣ୍ଡା ଥିଲେ ଯେଉଁମାନଙ୍କ ମଧ୍ୟରେ ଚାରିଜଣ ସର୍ଦ୍ଦାର ଥିଲେ। ସେଥିରୁ ଜଣକର କୋଡ଼ିଏ ତିରିଶ ଲେଖା ଅନୁଚର ଥିଲେ।

ଏ ସର୍ଦ୍ଦାରମାନଙ୍କ ମଧ୍ୟରୁ କାହାକୁ ବସବ ଡକାଇଲେ କିଛି ବିଶେଷ କଥା ଅଛି ବୋଲି ମହଲର ସବୁ ଭୃତ୍ୟ ବୁଝିପାରୁଥିଲେ। ଖବର ବ୍ୟାପିବା ସଙ୍ଗେ ସଙ୍ଗେ ସହରର କୌଣସି ସମ୍ଭ୍ରାନ୍ତ ବ୍ୟକ୍ତି ଉପରେ ବିପଦ ଆସିଛି ବୋଲି ସେମାନଙ୍କର ଶଙ୍କା ହୁଏ। ଆଜି ବସବ ଗୁଣ୍ଡା ସର୍ଦ୍ଦାର' ମାଲିଗାକୁ ଡକାଇ ପଠାଇବାରୁ ପହରାଦାର ମାଚ୍ଚାଠାରୁ ସେମାନେ ଖବର ଜାଣିଲେ।

ରାଜମହଲରେ ସବୁ ପ୍ରକାର ସେବକଙ୍କ ଟୋଳୀରେ ତା'ର ଦୁଇଜଣ ନିଜ ଲୋକ ଥିଲେ। ବସବ ମାଲିଗାକୁ ଡକେଇବାରୁ ସେ ଖବର ସେମାନେ ମାଚ୍ଚା ନିକଟରେ ପହଞ୍ଚାଇ ଦେଲେ।

"ରାଜମହଲରୁ ଜାଗିରି ପାଉଥିବା ଉଭୟା ତକ୍କ ବୋପଣ୍ଣା ମନ୍ତ୍ରୀଙ୍କ ଘରେ ରହୁଛି। ସେ ରାଜାଙ୍କୁ ଅପମାନିତ କରିବା ପାଇଁ ନାଟକର ଅଭିନେତାଙ୍କୁ ଉତ୍ସାହିତ କରିଥିଲା। ସେ ଏକୁଟିଆ କେଉଁଆଡ଼େ ଯାଉଥିବା ବେଳେ ତୁମର ଦୁଇ-ଚାରିଜଣ ଲୋକ ମିଶି ତାକୁ ଭଲ ଭାବେ ମାଡ଼ ଦିଅନ୍ତୁ। ପ୍ରାଣ ନେବାର ଆବଶ୍ୟକତା ନାହିଁ, ହାତ ଗୋଡ଼ ଭାଙ୍ଗିଦେବା ହିଁ ଯଥେଷ୍ଟ" ବୋଲି ମାଲିଗାକୁ ଏପରି ଆଜ୍ଞା ମିଳିଥିଲା।

ଏକଥା ଜାଣିବା ମାତ୍ରେ ମାଚ୍ଚା ଦୀକ୍ଷିତ ନାରାୟଣଙ୍କୁ ସୂଚନା ଦେଇଦେଲା। ଦୀକ୍ଷିତ ଏ ସବୁ କଥା କାହାକୁ ନ କହି ନିଜର ଜଣେ ଲୋକକୁ ତକ୍କଙ୍କର ସୁରକ୍ଷା ପ୍ରତି ଦୃଷ୍ଟି ରଖିବାକୁ ଓ ତକ୍କ କେଉଁଆଡ଼େ ଏକାକୀ ଗଲେ ତାଙ୍କ ପଛେ ପଛେ ଅନୁସରଣ କରିବାକୁ ଆଦେଶ ଦେଲେ। ତାଙ୍କ ଉପରେ କେହି ହାତ ଉଠାଇଲେ ତାଙ୍କୁ ରକ୍ଷା କରିବାକୁ ହେବ।

ତକ୍କଙ୍କୁ ସତର୍କ କରେଇବାକୁ କାହାରି ଇଚ୍ଛା ନଥିଲା। ତାଙ୍କ ଦଳର କିଛି ସଙ୍କେତ ଶବ୍ଦ ଅଛି ବୋଲି କହିବାକୁ ସମୟ ନଥିଲା। ଦଳ କଥା ଗୁପ୍ତ ରଖି ନିଜ କାର୍ଯ୍ୟ ପୂର୍ଣ୍ଣ କରିବା ହିଁ ସେମାନଙ୍କର ଉଦ୍ଦେଶ୍ୟ ଥିଲା।

'କାବେରୀ ମଙ୍ଗଲ କୂଟ' ସେତେବେଳେ ଆଗକୁ ଆସି କାର୍ଯ୍ୟ କରିବା ସ୍ଥିତିରେ ନଥିଲା। କାରଣ ବୃଦ୍ଧ ଦୀକ୍ଷିତ ଧର୍ମର ପଥ ଛାଡ଼ିବା ଉଚିତ ନୁହେଁ ବୋଲି କହି ବୀରଣ୍ଣାର ହାତ ବାନ୍ଧି ଦେଇଥିଲେ। ଗୁଲ୍ଲ ନାୟକ ଉଭୟାର ଯେପରି କୌଣସି କ୍ଷତି ନ ହୁଏ ସେଥିପାଇଁ ସ୍ୱାମୀ ଆହୁରି ସତର୍କ ହୋଇଯାଇଥିଲେ। ସେ ଉଭୟାଙ୍କର ଇଲାକା ଥିଲା। 'କୂଟ' ଆଉ ଅଧିକ କ'ଣ କରିପାରିଥାନ୍ତା ?

Digitized by srujanika@gmail.com

ବସବର ଆଜ୍ଞା ପାଇବା ପରେ ତାକୁ କାର୍ଯ୍ୟକାରୀ କରିବାରେ ମାଲିଗା ଅଧିକ ସମୟ ନଷ୍ଟ କଲା ନାହିଁ। ସେହି ସନ୍ଧ୍ୟାରେ ତଲ୍ଲ ନିଜ ସାହୁକାର ଦୋକାନକୁ ବଜାର ମଧ ଦେଇ ଯାଉଥିବା ବେଳେ ଜଣେ ଲୋକ ବେଶୀ ଗହଳି ନଥିବା ସ୍ଥାନରେ ଠିଆହୋଇ କହିଲା, "ଜେଜେ ଏ ବାଘ ନିଶପରି ନିଶ କେମିତି ହେଲା ?"

ତଲ୍ଲ "କିଏ ରେ ନିଶ ବିଷୟରେ କହୁଛି !" କହି ତା ଆଡ଼କୁ ବୁଲି ପଡ଼ିଲେ।

ସେ ଲୋକ କହିଲା, "କାହିଁକି ଜେଜେ, ମୁଁ କହିଲି।"

ତଲ୍ଲ: "ନିଶକଥା କ'ଣ ପଡ଼ିଥିଲା ?"

"ଯାହା କହିଲି ସେଥିରେ ଆପଣଙ୍କର କ'ଣ ଅଛି ?"

"ମତେ ଦେଖି କହିଲ ନାଁ ?"

"ଓ ହୋ ହୋ, ଜେଜେ ସାରା ସହର ମଧ୍ୟରେ କେବଳ କ'ଣ ଆପଣଙ୍କର ନିଶ ଅଛି ?"

"ସହରରେ ତ ଅଛି, ଏଠି କାହାରି ବାଘପରି ନିଶି ଦେଖୁଛ ?"

"ହେଲା ଆପଣଙ୍କର ଅଛି, କ'ଣ ଭଲ ବୋଲି ମଧ କହିବି ନାହିଁ?"

"କହିବା ଉଚିତ ନୁହେଁ ପୁଅ ? ବାଳ ଧଳା ହୋଇଛି ବୋଲି କ'ଣ ମୋର କ୍ରୋଧ ଥଣ୍ଡା ହୋଇ ଗଲାଣି ? ବେଶୀ କଥା କହିଲେ ଦେଖିନେବି।"

"ଆରେ ଯା, ଯା, ନିଶ ଲମ୍ବା ହୋଇଛି ବୋଲି ରାଜା ହୋଇଗଲେ। ଭାରି ଦେଖିଲା ବାଲା।"

ଏ ଦୁଇଜଣଙ୍କର କଥା ଶୁଣି ଏପଟୁ ସେପଟୁ ଜଣେ ଦୁଇଜଣ ଲେଖା ଆସି ଆଠ-ଦଶ ଜଣ ଲୋକ ଏକାଠି ହୋଇଗଲେ। ବୁଢ଼ା ଓ ସେ ଲୋକର କଥା ଶୁଣି କେହି 'ହୁଁ' କହିଲା କେହି ହସିଲା। ସ୍ତ୍ରସ୍ତଙ୍କୁ ଗଳୀରେ କଳି ଦେଖିବାକୁ ମଜା ଲାଗୁଥିଲା। ନାରାୟଣ ଦୀକ୍ଷିତଙ୍କ ଲୋକ ମଧ ଆସି ଗୋଟାଏ କୋଣରେ ଠିଆ ହୋଇ ସବୁ ଦେଖିବାକୁ ଲାଗିଲା।

ତଲ୍ଲ: "କ'ଣ ପୁଅ ? ଗୁଣ୍ଡାକୁ ଠିକ୍ କରିବାକୁ ରାଜା ଆସିବେ ନା କ'ଣ ? ଧମକ ଦେଖଉଛୁ ?"

ଗୁଣ୍ଡାର ସାଥୀ କହିଲା, "ଏ ବୁଢ଼ା କିଏ ? କ'ଣ ବଢ଼ି ବଢ଼ି କଥା କହୁଛି ? ଟିକିଏ ମାଡ଼ ଲଗାଅ ତ ବୁଦ୍ଧି ବାଟକୁ ଆସିଯିବ।

ତଲ୍ଲ: "କିଏ ଅଛି ଲଗେଇଲା ବାଲା ? ଟିକିଏ ଦେଖେ ! ଲଗେଇ କରି ଦେଖତ !" କହି ନିଜ ହାତରେ ଲାଠି ଉପରକୁ ଉଠାଇଲେ। ବୁଢ଼ା ହାତ ଉଠାଇବା ମାତ୍ରେ ଗୁଣ୍ଡାଙ୍କ ମଧ୍ୟରୁ କେହି 'ଓହୋ' ବୋଲି ଚିତ୍କାର କଲେ କହି 'ବୁଢ଼ାକୁ ଧର' ବୋଲି ପାଟି କରୁଥାଏ। ଆଉ ଦୁଇଜଣ ଆସି ବୁଢ଼ାକୁ ଆକ୍ରମଣ କଲେ। ଜଣେ ତାଙ୍କ ହାତ ଓ ଆଉ ଜଣେ ଶୀଘ୍ର ତାଙ୍କ ଅଣ୍ଟାକୁ ଧରି ପକାଇଲେ। ବୁଢ଼ାର ଲାଠି ଛଡ଼େଇ ନେଇ ପ୍ରଥମ ଗୁଣ୍ଡା ତାଙ୍କ ହାତ ଉପରେ ଲାଠି ଚଳାଇବାକୁ ଯାଉଥିବା ବେଳେ ପଛରେ ଠିଆ ହୋଇଥିବା ଦୀକ୍ଷିତଙ୍କ ଲୋକ ତା ହାତରୁ ଲାଠି ଛଡ଼ାଇ ନେଇ କହିଲା, "ଜେଜେଙ୍କୁ କାହିଁକି ମାରୁଛ ଭାଇ ? ତାଙ୍କୁ ନିଜ ରାସ୍ତାରେ ଯିବାକୁ ଦିଅ।"

ଗୁଣ୍ଡାମାନେ ନିଜ କାର୍ଯ୍ୟରେ ଏପରି ବାଧା ଆସିବ ବୋଲି କଳ୍ପନା କରି ନଥିଲେ। ସେ ନୂଆ ଲୋକ ଆଡ଼କୁ ବୁଲି "ଇଏ କିଏ ? ତାକୁ ବି ଦୁଇଟା ଲଗାଅ" କହି ତାକୁ ଆକ୍ରମଣ କଲା। ତଲ୍ଲଙ୍କୁ ଘେରି ଠିଆ ହୋଇଥିବା ଗୁଣ୍ଡାମାନେ ସେ ଆଡ଼କୁ ସାମାନ୍ୟ ବୁଲିପଡ଼ିଲେ। ଦୀକ୍ଷିତଙ୍କ ଲୋକ ଲାଠି ବୁଲାଇ "କାବେରୀ ମଲ୍ଲୁ, କାବେରୀ ମଲ୍ଲୁ"

Digitized by srujanika@gmail.com

ବୋଲି ଚିତ୍କାର କଲା। ଗୁଣ୍ଡାମାନେ ତାକୁ ଆକ୍ରମଣ କରିବାକୁ ଯିବାରୁ ସେ ଲାଠି ବୁଲାଇ ଆହୁରି ଜୋର୍‌ରେ ଚିତ୍କାର କରିବାକୁ ଲାଗିଲା। ସେଠାକାର କୌଣସି ଘର ମଧ୍ୟରୁ 'ମଲ୍ଲ ତାଇ'ର ଶବ୍ଦ ଶୁଣାଗଲା। ସେଇ ମୁହୂର୍ତ୍ତରେ ଜଣେ ଲୋକ ହାତରେ ଲାଠି ନେଇ ଆସୁଥିବା ଦେଖାଗଲା। ସେ ମଧ୍ୟ 'କାବେରୀ ମଲ୍ଲୁ' ବୋଲି ଚିତ୍କାର କରୁଥାଏ। ଏତିକି ବେଳେ "ମଲ୍ଲ ତାଇ! ମଲ୍ଲ ତାଇ!" କହି ବଜାର ଆଡୁ ଗଳି ମଧ୍ୟରୁ ଲାଠି ସହ ଆଠ ଦଶଜଣ ଲୋକ ଆସି ପହଞ୍ଚିଲେ।

ଏତେ ଲୋକଙ୍କ ସହ ମୁକାବିଲା କରିବାର କଳ୍ପନା ମାଲିଗାର ଗୁଣ୍ଡାମାନେ କରି ନଥିଲେ। ସେ ଓ ତା'ର ସାଥୀ ଭୟରେ ପଳାୟନ କଲେ। ଅନ୍ୟମାନେ ତଲ୍ଲଙ୍କୁ ଘେରି ଠିଆ ହୋଇ ପଡ଼ିଲେ। ଦୀକ୍ଷିତଙ୍କ ଲୋକ କହିଲା, "କୁଆଡ଼େ ଯିବ ଜେଜେ? ଆମେ ଦୁଇଜଣ ଆପଣଙ୍କ ସଙ୍ଗେ ଯିବୁ।"

ତଲ୍ଲ କହିଲେ: "ଏମାନେ କିଏ ଭାଇ? ବିନା କାରଣରେ ପରିହାସ କରିବାକୁ ଆସିଥିଲେ?"

ଦୀକ୍ଷିତଙ୍କ ଲୋକ: "କୋଉ ଗଳିର ଗୁଣ୍ଡା ହୋଇଥିବେ? ଝଗଡ଼ା ଆରମ୍ଭ କରିବା ମାତ୍ରେ ମୁଁ ପହଞ୍ଚିଗଲି। ମାରପିଟ୍ ହୋଇଯିବା ଭୟରେ ମୁଁ ଅନ୍ୟ ଲୋକଙ୍କୁ ଡାକିଲି।'

ତଲ୍ଲ: "ଭଗବାନଙ୍କ ପରି ଆସି ମୋତେ ତୁମେ ରକ୍ଷା କଲ ଭାଇ। କିଏ ତୁମେ?"

"ମୁଁ କିଏ ସେକଥା ଛାଡ଼ନ୍ତୁ। ମୋ ଡାକ ଶୁଣି ଏମାନେ ଦୌଡ଼ି ଆସିଲେ। ଆପଣ କେଉଁଠାକୁ ଯିବେ କହନ୍ତୁ। ସାଙ୍ଗରେ ଦୁଇଜଣ ଲୋକ ଯିବେ।"

"ତୁମେ ନିଜ କାମ ଛାଡ଼ି ମୋ ସାଙ୍ଗେ କାହିଁକି ଆସୁଛ? ମୋର ଏମିତି କି କାମ ଅଛି? ଆପଣମାନେ ନିଜ କାମରେ ଯାଆନ୍ତୁ। ମୁଁ ବୋପଣ୍ଣା ମନ୍ତ୍ରୀଙ୍କ ଘରକୁ ଯାଉଛି।"

"ମୋର ମଧ୍ୟ ସେଇଆଡ଼େ ଯିବାର ଥିଲା। ଆସନ୍ତୁ ସାଙ୍ଗହୋଇ ଯିବା।"

"ସହରରେ ସାଙ୍ଗର ଆବଶ୍ୟକତା କ'ଣ? ମୁଁ ଚାଲିଯିବି।"

"ସହର ମଧ୍ୟରେ ଏମାନେ ଝଗଡ଼ା କରିଥିଲେ କି ନାହିଁ? ଆଉ କିଏ ଏମିତି କଲେ? ମୋର ଆଉ କିଛି କାମ ନାହିଁ। ସାଙ୍ଗ ହୋଇ ଯିବା।"

"ଠିକ୍ ଅଛି ଭାଇ। ଜଙ୍ଗଲରେ ବାଘ ମଧ୍ୟ ମୋତେ ରାସ୍ତା ଛାଡ଼ି ଦେଉଥିଲା। ବର୍ତ୍ତମାନ ସହରରେ ରାସ୍ତାରେ ଚାଲୁଥିବା ବେଳେ ଗୁଣ୍ଡା ଝଗଡ଼ା କରୁଛନ୍ତି। ସହର ଜଙ୍ଗଲ ଠାରୁ ମଧ୍ୟ ହୀନ ହେଲାଣି।"

ଏହା କହି କହି ବୁଢ଼ା ଦୀକ୍ଷିତଙ୍କ ଲୋକ ସହ ବୋପଣ୍ଣାଙ୍କ ଘର ଆଡ଼କୁ ଗଲେ। 'କାବେରୀ ମଲ୍ଲୁ'ର ସଦସ୍ୟମାନେ ତାଙ୍କୁ ହାତ ଯୋଡ଼ି ନମସ୍କାର କରି ଚାଲିଗଲେ।

ତଲ୍ଲ ଠିକ୍ ସ୍ଥାନରେ ପହଞ୍ଚି ନିଜକୁ ରକ୍ଷା କରିଥିବା ବ୍ୟକ୍ତିକୁ ଧନ୍ୟବାଦ ଦେବାକୁ ବୁଲି ଦେଖିଲେ ଯେ ସେଠାରେ କେହି ନାହାନ୍ତି। ବୃଦ୍ଧ ଭିତରକୁ ଯାଇ ସବୁ ବିଷୟ କହିଲେ।

Digitized by srujanika@gmail.com

ଅସ୍ତଗୋଳାଂରୁ ବାହାରି ରାସ୍ତାରେ ଚେନ୍ନବସବୟା ଚୋମାକୁ ସଂପାଦେ ଯିବାକୁ କହିଲେ। ଚୋମା, ଚେନ୍ନବସବ, ତଲ୍ଲ, ଉଗ୍ରୀ ଏଇ କ୍ରମରେ ଯିବାବେଳେ ସେମାନେ ଏକ ଫର୍ଲଙ୍ଗ ଦୂରତା ଖୁବ୍ ଶୀଘ୍ର ପାର ହେଲେ। ତାପରେ ପିଲା ଉଠିପଡ଼ି କାନ୍ଦିବାରୁ ଚେନ୍ନାବସବ ଘୋଡ଼ା ଅଟକାଇଲେ। ମା' ଛୁଆକୁ ଉଠାଇ ଦୁଧ ପିଆଇଲେ ହାତରେ ବିଛଣା ସଜାଡ଼ି ନେଇ ପୁଣି ଥରେ ଦୋଳିରେ ଶୁଆଇ ଦେଲେ।

ଘୋଡ଼ା ଚାଲିବାର ଧକ୍କାରେ ପିଲା ପଡ଼ି ନ ଯିବା ପାଇଁ ଦୋଳି ଧାରରେ ଗୋଟିଏ ପଟି ବାନ୍ଧି ଦେଇଥିଲେ। ପିଲାକୁ ଦୋଳିରେ ଶୁଆଇ ଦେବମ୍ମା ତୃକ୍ରକୁ ପଟି ଠିକ୍ ରୂପେ ବାନ୍ଧିବାକୁ ଆଜ୍ଞା ଦେଲେ।

ପୂର୍ଣ୍ଣିମା ଯିବାର ଦୁଇଦିନ ହୋଇଥାଏ। ଚନ୍ଦ୍ର ଆଲୋକ ଗଛରେ ପଡ଼ି ଅଧାଛାଇ ଅଧା ଅନ୍ଧାର ଦେଖାଯାଉଥିଲା। ଚୋମା ଏ ରାଜ୍ୟର ପ୍ରତ୍ୟେକ ସ୍ଥାନ ସହ ପରିଚିତ ହୋଇଥିବାରୁ ଆଖିରେ ପଟି ବାନ୍ଧି ମଧ୍ୟ ଠିକ୍ ସ୍ଥାନରେ ପହଞ୍ଚି ପାରିଥାନ୍ତା।

ଅଧିକାଂଶ ରାସ୍ତା ପାହାଡ଼ର ତଳ ଦେଶରେ ଉଠାଣି ଗଡ଼ାଣିରେ ଥିଲା। ନୀଚ୍ ସ୍ଥାନରେ କେତେବେଳେ କେମିତି ଛୋଟ ଛୋଟ ନାଳ ମଧ୍ୟ ଥିଲା ଯାହାକୁ ଘୋଡ଼ା ଖୁବ୍ ସହଜରେ ପାର ହୋଇ ପାରୁଥିଲେ। କେବଳ ଦୁଇଟି ସ୍ଥାନରେ ନାଳ ଚଉଡ଼ା ଓ ଗଭୀର ଥିଲା। ସେଠାରେ ଚୋମା କହିଲା, "ମାଲିକ, ଏ ନାଳ ଉପରେ ଘୋଡ଼ାକୁ ଡିଆଁଇବାକୁ ପଡ଼ିବ। ମୋର ଓ ଆପଣଙ୍କ ଘୋଡ଼ା ଡେଇଁଯିବେ। ଟିକିଏ ଭଲଭାବେ ମଜବୁତ ହୋଇ ବସନ୍ତୁ।"

ଆଗ ଲୋକ ଯେମିତି ଘୋଡ଼ାକୁ ଡିଆଁଇଲା ବାକୀ ଘୋଡ଼ାସବୁ ମଧ୍ୟ ସେମିତି ନାଳ ପାରହୋଇ ଆଗକୁ ଚାଲିଲେ। ସମସ୍ତେ ସାବଧାନରେ ବସିଥିଲେ।

ବାଟରେ କେଉଁଠି କେଉଁଠି ଦୁଇ ଚାରିଟା ଲେଖା କୁଟୀର ପଡ଼ିଲା। ସେଥିରେ ରହୁଥିବା ଲୋକମାନେ ଯିବା ଆସିବା କରୁଥିବା ପଥିକଙ୍କୁ ସାହାଯ୍ୟ କରିବା ପାଇଁ ଚୌକିଦାର ଥିଲେ। ଦୁଇ ତିନିଟି ଜାଗାରେ ଚୌକିଦାରମାନେ "ଘୋଡ଼ା ସବାର କିଏ ଭାଇ" ବୋଲି ପଚାରିବାରୁ ଚୋମା "ଆମେ ରାଜମହଲର ସେବକ। ସଂପାଦେ ଯାଉଛୁ" ବୋଲି କହିଲା। ସଙ୍ଗୀ ଦରକାର କି ବୋଲି ଚୌକିଦାର ପଚାରିବାରୁ ସେମାନେ ଚାରି ପାଞ୍ଚ ଜଣ ଅଛନ୍ତି ଆଉ ଆବଶ୍ୟକ ନାହିଁ ବୋଲି ଚୋମା ଉତ୍ତର ଦେଲା।

ଚୌକିଦାର ଆଉ କିଛି ପଚାରିଲେ ନାହିଁ ବା ବାହାରକୁ ଆସି ଦେଖିଲେ ନାହିଁ। ଏପରି ରାତ୍ରିର ଯାତ୍ରା ପ୍ରତିଦିନର ଘଟଣା ଥିଲା। ରାସ୍ତା ମଧ୍ୟ ସୁରକ୍ଷିତ ଥିଲା। କେବେ କେମିତି କୌଣସି ଯାତ୍ରୀର କଷ୍ଟ ହେଲେ ଘଟଣା କେଉଁ ଗ୍ରାମର ସୀମାରେ ହୋଇଛି ଖବର ନେଇ ଗାଁର ମୁଖିଆ ନିଜ ଭୃତ୍ୟଙ୍କୁ ଗୁଣ୍ଡାମାନଙ୍କୁ ଧରିବା ପାଇଁ ଆଜ୍ଞା ଦିଏ। ସେମାନେ ଧରା ନ ପଡିଲେ ଗାଁ ବାଲାଙ୍କୁ ସେହି ଯାତ୍ରୀମାନଙ୍କୁ କ୍ଷତି ପୂରଣ ଦେବାକୁ

Digitized by srujanika@gmail.com

ପଡୁଥିଲା । ଏପରି ବ୍ୟବସ୍ଥା ଯୋଗୁଁ ଗାଁର ଗୁଣ୍ଡାମାନେ ନିଜ ଦେଶରେ ଗୁଣ୍ଡାମୀ ନ କରି କୋଡ଼ଗ ବାହାରକୁ ଚାଲିଯାଉଥିଲେ ।

ରାସ୍ତାରେ ଚୌକିଦାର ପହରା ପହରି କରିବେ ବୋଲି ତୋମା ଜାଣିଥିଲା । ଅଧିକାଂଶ ଲୋକ ତାକୁ ଜାଣିଥିଲେ । ସଂପାଦେ ନିକଟରେ ସୀମା ଚୌକିଦାର ଯାତ୍ରୀଙ୍କୁ ଅଟକାଇ ପହରା ପହରି କରୁଥିଲେ । ସେଠାରୁ କୌଣସି ପ୍ରକାରେ ଚାଲିଯାଇ ପାରିଲେ ତିନି ମାଇଲ ପରେ ସୀମା ପାର କରାଯାଇ ପାରନ୍ତା । ତୋମା ଚେନ୍ନବସବଙ୍କୁ କହିଲା, "ମାଲିକ, ସଂପାଦେ ନିକଟରେ 'ଚୌକୀ' ପାର ହୋଇ ଯିବାକୁ ପଡ଼ିବ । ଆପଣଙ୍କ ଘୋଡ଼ା ତଳ ରାସ୍ତାରେ ଗଲେ ଭଲ ହୁଅନ୍ତା । ଉଗ୍ରୀ ରାସ୍ତା ଦେଖାଇବ । ଜଗୁଆଳି ପଚାରିଲେ ମୁଁ ତା ସହ କଥା ହେଉଥିବା ବେଳେ ଆପଣ ଧୀରେ ସେ ସ୍ଥାନ ପାର ହୋଇ ଚାଲିଯିବେ! ତାକୁ ବୁଝାଇ ମୁଁ ଆପଣଙ୍କ ନିକଟକୁ ଆସିବି ।" "ତାହା ହିଁ ହେବ" ବୋଲି ଚେନ୍ନବସବ କହିଲେ ।

ସଂପାଦେର 'ଚୌକୀ' ଆସିଲା । ନିର୍ଜନ ରାସ୍ତାରେ ଉଗ୍ରୀର ଘୋଡ଼ା ଆଗେଇ ଚାଲିଲା । ଚେନ୍ନବସବଙ୍କ ଘୋଡ଼ା ମଝିରେ ଓ ତୁକ୍କର ଶେଷରେ ଥିଲା । 'ଚୌକୀ' ସାମନା ରାସ୍ତାରେ ତୋମା ଯିବାକୁ ଲାଗିଲା ।

'ଚୌକୀ'ର ଦ୍ୱାର ଦେଶରେ ବସିଥିବା ଜଗୁଆଳୀକୁ ତୋମା ପୂର୍ବରୁ ତଳ ରାସ୍ତାରେ ଯାଉଥିବା ଘୋଡ଼ା ପ୍ରଥମେ ଦୃଷ୍ଟି ଗୋଚର ହେଲା । ସେ 'କିଏ' ବୋଲି ପଚାରିବାରୁ ତୋମା ଆଗକୁ ଆସି, "ମୁଁ ରାଜମହଲର ଭୃତ୍ୟ" ବୋଲି କହିଲା ।

"ତଳ ରାସ୍ତାରେ କିଏ ଯାଉଛି?" ଜଗୁଆଳୀ ଡାକିଲା । "ଆପଣ କିଏ ଯାଉଛନ୍ତି?" ସେ ପୁଣି କହିଲା, ସେଠାରୁ କୌଣସି ଉତ୍ତର ମିଳିଲା ନାହିଁ ।" ସଙ୍ଗୀ ଦରକାର?" ସେ ପୁଣି ପଚାରିଲା । ଏ ପ୍ରଶ୍ନର ମଧ୍ୟ ଜବାବ ମିଳିଲା ନାହିଁ ।

"ଆରେ ଭାଇ, କିଏ ଲୁଚି ଚାଲି ଯାଉଛି, ନାୟକଙ୍କୁ ଡାକିବାକୁ ପଡ଼ିବ ।" ସେ କହିଲା ।

ତୋମା: "ତୁମ ସ୍ୱର ତାକୁ ଶୁଣାଯାଇଛି କି ନାହିଁ ସନ୍ଦେହ । ଲୁଚିକରି ଯାଉଥିବା ଘୋଡ଼ାସବାର କିଏ ହୋଇପାରେ?"

"କିନ୍ତୁ ସେମାନେ କିଏ ଜଣା ତ ପଡ଼ିଲା ନାହିଁ । କାଲି ପୁଣି ମୋତେ ଜବାବ ଦେବାକୁ ପଡ଼ିବ ତ!"

"ମୁଁ ଯାଇ ଖବର ନେବି?"

"ଏତିକି ସାହାଯ୍ୟ କରନ୍ତୁ ମହାରାଜ ନ ହେଲେ ମୋ ଉପରେ ବିପତ୍ତି ପଡ଼ିବ । ମୁଁ ମଧ୍ୟ ସାଙ୍ଗରେ ଆସୁଛି ।"

ତୋମାର ଘୋଡ଼ା ଆଗକୁ ଚାଲିଲା । ଜଗୁଆଳୀ ପଛେ ପଛେ ଗଲା । ନିର୍ଜନ ରାସ୍ତା ଶହେ ଗଜ ପରେ ବଡ଼ ରାସ୍ତାରେ ମିଶୁଥିଲା । ତୋମା ଘୋଡ଼ା ଦଉଡ଼ାଇ କହିଲା, "ଘୋଡ଼ା କାହାର? ନ ରୁହ, ମୁଁ ଅନୁସରଣ କରୁଛି ।" ଚେନ୍ନବସବୟା ଏହାର ଅର୍ଥ ବୁଝିପାରିଲେ । ସେ ତୁକ୍କକୁ ସୀମା ପାର ହେବା ପର୍ଯ୍ୟନ୍ତ ଘୋଡ଼ା ନ ଅଟକେଇବାକୁ ଆଜ୍ଞା ହେଲେ ।

ଜଗୁଆଳୀ ହାତରେ ପଡ଼ିବା ଭୟରେ ଏମାନେ ଘୋଡ଼ା ଦଉଡ଼ାଇ ତିନି ମାଇଲ ରାସ୍ତା କେତେ ମିନିଟରେ ପାର ହୋଇ ସୀମା ଅତିକ୍ରମ କରିଗଲେ ।

Digitized by srujanika@gmail.com

ଇଆଡ୍ରେ ଚୋମା "ମୋ ସ୍ୱର ତାଙ୍କୁ ଶୁଣାଯିବା ପରି ମନେ ହେଉ ନାହିଁ। ସେଥିପାଇଁ ଜବାବ ମିଳିଲା ନାହିଁ। ତୁମେ କେତେ ଦୂର ପର୍ଯ୍ୟନ୍ତ ଦୌଡ଼ିବ? ମୁଁ ପଚାରି ଆସୁଛି। ତୁମେ ଏଇଠି ଅପେକ୍ଷା କର।" କହି ତାଙ୍କ ପଛେ ପଛେ ଘୋଡ଼ା ଛୁଟାଇ ଦେଲା। ଚୌକିଦାରକୁ ସାନ୍ତ୍ୱନା ଦେବାପାଇଁ ଯେ ସେ ଏପରି କହିଥିଲା ସେଥିରେ ସନ୍ଦେହ ନାହିଁ। ଚୋମା ଭାବିଲା ପହରାଦାର ନାୟକକୁ କହି ସେ ଘୋଡ଼ାରେ ଚଢ଼ି ଆସିବାକୁ ଅଧଘଣ୍ଟା ସମୟ ଦରକାର। ସେଥି ମଧ୍ୟରେ ଆମେ ସୀମା ପାର ହୋଇ ଯିବୁ। ତା ପରେ ଆଉ କୌଣସି ଭୟ ନାହିଁ। ଚେନ୍ନବସବ, ତୁକ୍ର ଓ ଉଗ୍ରୀ ସୀମା ପାର କରି ଘୋଡ଼ା ଅଟକାଇଲା ବେଳକୁ ଚୋମା ମଧ୍ୟ ସେଠାରେ ପହଞ୍ଚିଗଲା।

ଚେନ୍ନବସବୟା ପଚାରିଲେ, "କେହି ଆମକୁ ଅନୁସରଣ କରୁନାହାନ୍ତି ତ?"

ଚୋମା, "କିଏ ପିଛା କରିବ? ଘୋଡ଼ାରେ ଜୀନ ନେଇ ସେଥିରେ ଚଢ଼ି ଆସିବା କେତେ ମିନିଟର କାମ। ସାମାନ୍ୟ ଆଗେଇ ଆଖି ଆଡୁଆଳକୁ ଚାଲିଗଲେ ସେମାନେ ଆଉ ଆମକୁ ଧରି ପାରିବେ ନାହିଁ।"

ସେତେବେଳକୁ କୁକୁଡ଼ା ଡାକିବା ବେଳ ହୋଇଗଲାଣି। ଚନ୍ଦ୍ର କିରଣ ନିଷ୍ପ୍ରଭ ହେବା ସଙ୍ଗେ ସଙ୍ଗେ ସିନ୍ଦୁରା ଫାଟିବାକୁ ଆରମ୍ଭ କଲାଣି। ଆଉ କିଛି ସମୟ ପରେ ସୂର୍ଯ୍ୟ ଉଦୟ ହେବ।

ଚୋମାର କଥା ଶେଷ ହେଲା ବେଳକୁ ତୁକ୍ର ଘୋଡ଼ା ଉପରୁ "ଆରେ, ଏ କ'ଣ ହେଲା" ବୋଲି ଚିତ୍କାର କରି ନିଜ ସମ୍ମୁଖରେ ଥିବା ଦୋଳିକୁ ଏକ ନଜରରେ ଚାହିଁ ରହିଲା।

ତା'ର ଭୟପୂର୍ଣ୍ଣ ଚିତ୍କାର ଶୁଣି କେହି ତାଙ୍କ ପିଛା କରୁଛି ଭାବି ସମସ୍ତେ ରାସ୍ତା ଆଡ଼କୁ ଦେଖିବାକୁ ଲାଗିଲେ। ସେଠାରେ କେହି ଦୃଷ୍ଟିଗୋଚର ହେଲେ ନାହିଁ। ତା' ଭୟର କାରଣ ଜାଣିବାକୁ ସମସ୍ତେ ତା' ଆଡ଼କୁ ଚାହିଁବାରୁ ସେ ପୁଣି 'ଦୋଳିରେ ଛୁଆ ନାହିଁ' ବୋଲି ଚିତ୍କାର କରି ଉଠିଲା।

106

ତୁକ୍ରର ଚିତ୍କାର ସମସ୍ତଙ୍କ ହୃଦ ଚିରିଦେଲା ପରି ମନେ ହେଲା। ଦେବମ୍ମା କାନ୍ଦି କାନ୍ଦି ପତିଙ୍କ ଅଣ୍ଟା ଛାଡ଼ି ଡେଇଁବାକୁ ଗଲା ବେଳକୁ ପତିଙ୍କ ଶରୀର ସହ ଧକ୍କା ଲାଗି ଭୂମି ଉପରେ ପଡ଼ିଗଲେ।

ତା ପୂର୍ବରୁ ତୁକ୍ର, ଚୋମା, ଉଗ୍ରୀ ସମସ୍ତେ ନିଜ ନିଜ ଘୋଡ଼ାରୁ ଓହ୍ଲାଇ ପଡ଼ି ଥିଲେ। ଚୋମା ଧୀରେ 'ମାଁ' କହି ତାଙ୍କ ପାଖକୁ ଆସିଲା। ଚେନ୍ନବସବୟା ଘୋଡ଼ାରୁ ଓହ୍ଲାଇ ପତ୍ନୀଙ୍କୁ ଉଠାଇ ଠିଆ କରାଇଲେ। ପୁଣି ତୁକ୍ର ଆଡ଼କୁ ବୁଲି କହିଲେ, "କ'ଣ କହୁଛୁ? ପିଲାକୁ କ'ଣ କଲୁ?"

ତୁକ୍ର: "ମୁଁ କ'ଣ କଲି ମାଲିକ! ନାଳ ପାର ହେବା ସମୟରେ ବା ଅତି ବେଗରେ ଯାଉଥିବା ବେଳେ କେଉଁଠାରୁ ଖସି ପଡ଼ିଥିବ?"

Digitized by srujanika@gmail.com

''ଖସି ପଡ଼ିବ କେମିତି? ପଟୀ ବନ୍ଧା ହୋଇଥିଲା'' କହି ସମସ୍ତେ ତୁକ୍ରର ଘୋଡ଼ା ନିକଟକୁ ଆସି ଦୋଳିକୁ ଦେଖିଲେ। ପଟୀ ଗୋଟାଏ ପଟୁ ଆଉ ଗୋଟାଏ ପଟକୁ ବନ୍ଧା ନ ହୋଇ କେବଳ ଗୋଟିଏ ପାଖରେ ଦୁଇଥର ବନ୍ଧା ହୋଇଥିଲା।

ଦେବମ୍ମାଜୀ ପିଲାକୁ ଦୁଧ ପିଆଇ ଦୋଳିରେ ଶୁଆଇ ତୁକ୍ରକୁ ପଟି ବାନ୍ଧି ଦେବାକୁ କହିଥିଲେ। ତୁକ୍ର ତରତରରେ ଯେଉଁଠାରୁ ପଟି ବାହାର କରିଥିଲା ପୁଣି ସେହିଠାରେ ବାନ୍ଧି ଦେଇଥିଲା। ତାହା ପିଲାକୁ ଘୋଡ଼ା ଡ଼ିଆଁରୁ ରକ୍ଷା କରିବାରେ କାମ ଦେଲା ନାହିଁ।

ଯାତ୍ରା ଆରମ୍ଭରେ ପିଲାକୁ ଦୁଧ ଦିଆଯାଇଥିଲା। ତା'ପରେ ଚାରି ଯୋଜନରୁ ଅଧିକ ରାସ୍ତା ସେମାନେ ପାର ହୋଇସାରିଥିଲେ। ସେଥି ମଧ୍ୟରେ ପିଲା ଦୋଳିରୁ ଖସି କେଉଁଠି ପଡ଼ିଯାଇଥିଲା ବୋଲି ସମସ୍ତେ ବୁଝି ପାରିଲେ।

ଚେନ୍ନବସବୟା ''ଆରେ ବଦମାସ, ଘରର ସତ୍ୟାନାଶ କଲୁ'' କହି ତୁକ୍ର ଗାଲ ଉପରେ ଜୋରରେ ଚାପୁଡ଼ା ମାରିଲେ।

''ଭଗବାନଙ୍କ ଦ୍ୱାହି ଦେଇ କହୁଛି ମୁଁ ଅଜାଣତରେ ଏମିତି କରିଦେଇଛି। ମୋର କିଛି ଭୁଲ ନାହିଁ'' କହିଲା ତୁକ୍ର।

''କାହିଁକି ଜାଣି ପାରିଲୁ ନାହିଁ।'' କହି ଚେନ୍ନବସବ ପୁଣି ତାକୁ ମାରିବାକୁ ଗଲାବେଳକୁ ଦେବମ୍ମା ତାଙ୍କ ହାତ ଧରି ପକାଇ କହିଲେ, 'ଆମ ଭାଗ୍ୟ, ଏଥିରେ କାହାର କ'ଣ କରିବାର ଅଛି। ଚାଲନ୍ତୁ ଫେରି ଯାଇ ପିଲା ଯେଉଁଠି ପଡ଼ିଥିବ ଉଠାଇ ନେବା। ଆଉ ଡେରି ହେଲେ ବାଘ, ସାଗୁଣା ମୁହଁରେ ପଡ଼ିଯାଇପାରେ।''

କ'ଣ କରାଯିବ କେହି ଭାବି ପାରିଲେ ନାହିଁ। ମା' ମନରେ ଖାଲି ନିଜ ସନ୍ତାନର ରକ୍ଷା ବିଷୟ ଭାବୁଥିଲେ। ବାକୀ ଲୋକ ପୁଣି ଫେରିବାକୁ ସହଜରେ ରାଜି ହେଉନଥିଲେ। ସଂପାଦେର ଜଗୁଆଳୀ ପଛରେ ଆସୁଥିଲେ। ସୀମା ପାର ହେଲେ ମଧ୍ୟ ସେମାନେ ଏମାନଙ୍କୁ ଜବରଦସ୍ତି ଧରି ପାରିଥାନ୍ତେ। ଆଉ ସୀମା ଭିତରେ ପାଇଲେ କ'ଣ ଛାଡ଼ିବେ? ଧରା ପଡ଼ିଲେ ସମସ୍ତଙ୍କର ଗୋଟିଏ ଅବସ୍ଥା ହେବ। ତାହା ହେଉଛି ଫାଶୀ। ପିଲା ଯେ ବଞ୍ଚିଥିବ ତା'ର ମଧ୍ୟ କୌଣସି ସ୍ଥିରତା ନାହିଁ। ବାଘ, ଭାଲୁଙ୍କ ମୁହଁରେ ନ ପଡ଼ିଲେ ମଧ୍ୟ କୌଣସି ଲୋକ ହାତରେ ପଡ଼ିଲେ ସେ ତାକୁ ନେଇ ରାଜାଙ୍କ ନିକଟରେ ପହଞ୍ଚିବ ଓ ସେତେବେଳେ ଏ ପାଞ୍ଚଜଣଙ୍କ ଆୟୁ ସହ ତା'ର ଆୟୁ ମଧ୍ୟ ଶେଷ ହେଲା ବୋଲି ଭାବିବାକୁ ହେବ। ବର୍ତ୍ତମାନ କ'ଣ କରିବା ଉଚିତ? ପିଲାକୁ ଆଣିବା ପର୍ଯ୍ୟନ୍ତ କେହି ଆଗକୁ ନ ଯିବା ପାଇଁ ଦେବମ୍ମା ଜିଦ୍ କଲେ। ସୂଲ୍ୟା ପର୍ଯ୍ୟନ୍ତ ଯାଇ ସେଠାକାର ଅଧିବାସୀଙ୍କଠାରୁ ସୁରକ୍ଷା ପ୍ରାପ୍ତ କରିବାକୁ ହେବ, ନ ହେଲେ ଏମାନେ ବା ପିଲା କେହି ବଞ୍ଚି ରହି ପାରିବେ ନାହିଁ ବୋଲି ବାରମ୍ବାର ଚେନ୍ନବସବ ତଥା ଚୋମା କହିବାକୁ ଲାଗିଲେ। ଶେଷରେ ସେମାନେ ନିଷ୍ପତ୍ତି କଲେ ଯେ ଚୋମା ଯେଉଁ ରାସ୍ତାରେ ଆସିଛି ସେହି ରାସ୍ତାରେ ପିଲାକୁ ଖୋଜି ଖୋଜି ଫେରିବ। ଘୋଡ଼ା ଡ଼ିଆଁଇଥିବା ଓ ବେଗରେ ଦଉଡ଼ାଇଥିବା ସ୍ଥାନରେ ପିଲା ମିଳିବାର ସମ୍ଭାବନା ଅଛି ନଚେତ୍ କୌଣସି ପଥିକ ହାତରେ ପଡ଼ିଯାଇଥିବ। ଏ ବିଷୟ ସାବଧାନତାର ସହ ବୁଝି ସୂଲ୍ୟାରେ ପହଞ୍ଚିବାକୁ ପଡ଼ିବ।

Digitized by srujanika@gmail.com

ଦେବମ୍ମାଙ୍କୁ ସାନ୍ତ୍ୱନା ଦେବାପାଇଁ ଏହା ନିଶ୍ଚୟ କରାଯାଇଥିଲା। ମୁହଁରେ ନ କହିଲେ ମଧ୍ୟ ପିଲାର ଯେ ମୃତ୍ୟୁ ହେବାର ସମ୍ଭାବନା ବେଶୀ ତାହା ଚେନ୍ନବସବ ଓ ଚୋମା ଉଭୟେ ମନେମନେ ଜାଣି ପାରୁଥିଲେ। ଚେନ୍ନବସବ ଆଉ ମଧ୍ୟ ଭାବୁଥିଲେ ଯେ ଅତି ଶୀଘ୍ର ମାଙ୍ଗାଲୋର କଲେକ୍ଟରଙ୍କୁ ଭେଟି ଇଂରେଜଙ୍କ ସହାୟତାରେ ପିଲାକୁ ଖୋଜିବାକୁ ଫେରିଲେ ହେବ। ଚୋମା ମନେ ମନେ ଠିକ୍ କଲା, ସମ୍ଭବ ହେଲେ ପିଲାକୁ ରକ୍ଷା କରାଯିବ ନ ହେଲେ ଈଶ୍ୱରଙ୍କ ଯାହା ଇଚ୍ଛା ଥିବ ହେବ। ସେ ନିଜେ ରକ୍ଷା ନ ପାଇଲେ ମଧ୍ୟ ତା'ର ମାଲିକ ଓ ମାଲିକାଣି ସୁଖରେ ରହିଲେ ହିଁ ଯଥେଷ୍ଟ।

ତୁକ୍ର ଚୋମାର ମନକଥା ବୁଝିପାରିଲା। ତା'ର ଭୁଲ ଯୋଗୁଁ ଚୋମାର କାହିଁକି ପ୍ରାଣ ଯିବ ଭାବି କହିଲା, "ଚୋମା, ତୁମେ ମାଲିକଙ୍କ ସହ ଯାଅ, ପିଲାକୁ ମୁଁ ଖୋଜି ଆଣୁଛି।"

"ଆମ ଭିତରେ ଫରକ କ'ଣ? ସୂଲ୍ୟାରେ ତୁମ ସହ ସାକ୍ଷାତ ହେବ" କହିଲା ଚୋମା।

ଦେବମ୍ମାଙ୍କୁ ଚୋମାର ଯିବା ଠିକ୍ ବୋଲି ମନେ ହେଲା, ଚେନ୍ନବସବ ମଧ୍ୟ ତାହା ଚାହୁଁଥିଲେ କାରଣ ଚୋମା କାର୍ଯ୍ୟଦକ୍ଷ ଓ କଥା କହିବାରେ ଚତୁର ଥିଲା। ଚେନ୍ନବସବ, ଦେବମ୍ମା, ତୁକ୍ର, ଉଗ୍ରୀ ଆଗକୁ ଚାଲିଲେ। ଖାଲି ଦୋଳିକୁ ପଛରେ ବାନ୍ଧି ଚୋମା ଗୋଟାଏ ଖାଲି ଘୋଡ଼ା ଚଢ଼ି ଫେରିଲା।

ସୂର୍ଯ୍ୟ ଉଦୟ ହୋଇ ସାରିଥିଲା। କିନ୍ତୁ ଏଯାଏ ସମସ୍ତଙ୍କ ମନ ଅନ୍ଧାକାରପୂର୍ଣ୍ଣ ହୋଇଥିଲା।

107

କିଛି ଦୂର ଯାଇ ଚୋମା କ୍ଷଣକ ପାଇଁ ପଛକୁ ବୁଲି ଚାହିଁଲା ଓ ସଙ୍ଗୀମାନେ ଦୃଷ୍ଟି ଅନ୍ତରାଳକୁ ଚାଲି ଯିବା ମାତ୍ରେ ଦୋଳୀକୁ ଘୋଡ଼ାରୁ ଓହ୍ଲାଇ ଜଙ୍ଗଲରେ ପକାଇ ଦେଲା। ଆସିବା ସମୟରେ ଜଗୁଆଳୀକୁ ମିଥ୍ୟା କହି ଆସିଥିଲା। ବର୍ତ୍ତମାନ ପୁଣି ମିଥ୍ୟାକୁ କହିବାରେ ଏହି ଦୋଳୀ ବାଧକ ହୋଇଥାନ୍ତା। ଜଗୁଆଳୀ ନିଜ ଅଧିକାରୀଙ୍କୁ ଡାକି ଆଣିଥିଲେ ଏ ବିଷୟରେ ନିଶ୍ଚୟ ପଚରା ପଚରି କରିବେ। ସମୟ ଦେଖି ବିଶ୍ୱାସ ଉତ୍ପନ୍ନ କରାଇବା ପାଇଁ ଯାହା ଆବଶ୍ୟକ କରିବାକୁ ପଡ଼ିବ। ପିଲାକୁ ଖୋଜିବାରେ କିଛି ଗଡ଼ବଡ଼ ହେଲେ ବେକ କଟାଇବାକୁ ପଡୁ ବା ଶୂଳୀରେ ଚଢ଼ିବାକୁ ପଡୁ, ଯାହା ଭାଗ୍ୟରେ ଥିବ ଭୋଗିବାକୁ ପଡ଼ିବ।

ସେ ଯାହା ଭାବିଥିଲା ଠିକ୍ ସେମିତି ଫାଣ୍ଡି ନିକଟରେ ପହଞ୍ଚିବାରୁ 'ଦେଖନ୍ତୁ, ସେ ଘୋଡ଼ା ସବାର ଆସୁଛି' ବୋଲି ଶୁଣାଗଲା। ଏ ସ୍ୱର ଯେ ଜଗୁଆଳୀର ଓ ସେ ନିଜ ଅଧିକାରୀଙ୍କୁ ଏହା କହୁଛି ତାହା ଚୋମା ବୁଝି ପାରିଲା। ପରମୁହୂର୍ତ୍ତରେ ସେ ଦେଖିଲା ଯେ ଫାଣ୍ଡିର ବାହାର କବାଟ ନିକଟରେ ଛିଡ଼ା ହୋଇଥିବା ଜଣେ ଯୁବକ ତା ଆଡ଼କୁ ଚାହୁଁଛି। ଚୋମା ବେଶୀ ଜୋର୍‌ରେ ବା ଅତି ଧୀରେ ନ ଆସି ସାଧାରଣ ଭାବେ ଫାଣ୍ଡି ଆଡ଼କୁ ଅଗ୍ରସର ହେଲା।

ଚୌକିଦାର: "କ'ଣ ଭାଇ ଏମିତି ଭାବେ ଚାଲିଗଲ, ମୋତେ ଗୁରିକାର ସାହେବଙ୍କ ନିଦ ଭଙ୍ଗାଇବାକୁ ପଡ଼ିଲା।"

Digitized by srujanika@gmail.com

ଚୌକିଦାର ଭାବୁଥିଲା ଗୁରିକାରଙ୍କ ପ୍ରଶ୍ନର ଜବାବ ଏ ଲୋକ ଠିକ୍ ଭାବେ ନ ଦେଲେ ତାଙ୍କୁ ନିଦରୁ ଉଠାଇଥିବାରୁ ଗୁରିକାର ତା ଉପରେ ବିରକ୍ତ ହେବେ।

ଚୋମା: "ଆରେ କାହିଁକି ତାଙ୍କୁ ଉଠାଇଲ? ତୁମେ ହିଁ ତ ମୋତେ ତାଙ୍କୁ ବାଧା ଦେବାପାଇଁ ପଠାଇଥିଲ। କିଏ ସେମାନେ କେଜାଣି! ଜଣାପଡୁଛି ଖୁବ୍ ଭୟ ପାଇ ଯାଇଛନ୍ତି। ତୀବ୍ର ବେଗରେ ସୀମା ପାର କରିଗଲେ। ଆଉ କ'ଣ କରାଯିବ? ଆପଣଙ୍କୁ କହିବାକୁ ଫେରିଲି।"

ଗୁରିକାର "ତୁମେ କିଏ? ବୋଲି ପଚାରିବାରୁ ସେ କହିଲା, "ମୁଁ ଅପ୍ସଗୋଲାଂର ଚୋମା। କ୍ବାଇଁ-ରାଜା ମଂଜୁନାଥ ଭଗବାନଙ୍କୁ ପୂଜାପାଇଁ ମାନସିକ କରିଥିବା ଦୁଇଟି ମୋହର ଦେଇଥିଲେ, ସେଥିପାଇଁ ଯାଉଥିଲି। ଚୌକିଦାର ସେମାନଙ୍କୁ ଦେଖି ଡାକିଲା, ମୁଁ ଘୋଡ଼ା ଉପରେ ଥିବାରୁ ସେମାନଙ୍କୁ ଅନୁସରଣ କଲି।"

"ଏ କ'ଣ କହୁଛ ଭାଇ, ତୁମେ ତ ତାଙ୍କୁ ନ ଅଟକି ପଳେଇ ଯାଅ ବୋଲି କହିଲ।'

ଚୋମା: 'ଏମିତି କେବେହେଲେ ହୋଇ ପାରେ? ମୁଁ ତ ତାଙ୍କୁ ରହ, ପଳାଇ ଯାଅ ନାହିଁ ବୋଲି କହିଲି। ନ ଅଟକି ପଳାଅ ବୋଲି କାହିଁକି କହିବି? ସେମାନେ ମୋର କ'ଣ?"

ଗୁରିକାର ଏ ପର୍ଯ୍ୟନ୍ତ ତାକୁ ଦେଖୁଥିଲା। ଚୋମା ବହୁତ ସହଜ ଭାବେ କଥା କହୁଥିଲେ ମଧ୍ୟ ଗୁରିକାର ତା' କଥା ବିଶ୍ୱାସ କରୁ ନଥିଲା। ସେଥିପାଇଁ ତାକୁ ପଚାରିଲା, "କ୍ବାଇଁ ସାହେବ କୌଣସି ପତ୍ର ଦେଇଛନ୍ତି? କାହିଁ?"

ଚୋମା ମୋହର ବାହାର କରିବାକୁ ହାତ ପକେଟରେ ପୁରାଇ ବାରମ୍ବାର ଖୋଜି ନ ମିଳିବାର ବାହାନା କରି କହିଲା, "ଆରେ ଏ ଧାଁ ଧପଡ଼ରେ କୁଆଡ଼େ ପଡ଼ି ଗଲାଣି। ବର୍ତ୍ତମାନ ଅପ୍ସଗୋଲାଂ ଫେରିଯାଇ ରାଜାଙ୍କ ପାଦ ଧରିବାକୁ ପଡ଼ିବ। ମୁଁ କ'ଣ କରିବି? ମୋ ଭାଗ୍ୟ।"

ଏ କଥା ମିଛ ବୋଲି ଗୁରିକାର ନିଶ୍ଚିତ ହେଲା। ତାକୁ ପହରାରେ ରଖି ସବୁ ପଚରାପଚରି କରିବାର ଥିଲା। କିନ୍ତୁ ତା'ର ଭୟ ଥିଲା ଯେ ଯଦି ପ୍ରକୃତରେ କ୍ବାଇଁ ତାକୁ ପଠାଇଥିବେ ତେବେ ତାକୁ ଅଟକାଇଲେ ସେ ଅପମାନିତ ହୋଇପାରନ୍ତି। ସାରା ଦେଶରେ ତାଙ୍କ ଜିଦ୍ କଥା ଜଣାଥିଲା। ସେ ଏଥିପାଇଁ ପ୍ରତିଶୋଧ ନ ନେଇ ଛାଡ଼ିବେ ନାହିଁ। ଏ ସମସ୍ୟା କିପରି ସମାଧାନ ହେବ?"

ସେ କ'ଣ ଘୋଡ଼ା ଚୋରୀ କରି ରାଜମହଲରୁ ଚାଲି ଆସି ମାଙ୍ଗାଲୋର ପଳାୟନ କରୁଥିଲା? ତା ହୋଇ ନପାରେ। ଲୁଚି କରି ମାଙ୍ଗାଲୋର ପଳାୟନ କରୁଥିବା ବ୍ୟକ୍ତି କାହିଁକି ଆସିବ? ପ୍ରକୃତରେ କ'ଣ ଘୋଡ଼ାସବାରମାନେ ଚାଲିଗଲେ ବୋଲି ସେ ଚୌକିଦାରକୁ କହିବାକୁ ଆସିଥିଲା? ହୁଏତ ତାହା ହିଁ ସତ। ଚିଠି ଓ ମୋହର ହଜି ଯିବା କଥା ମଧ୍ୟ ସତ ହେବା ଅସମ୍ଭବ ନୁହେଁ।

ଏପରି ଭାବି ସ୍ୱୟଂ ତାହା ସାଙ୍ଗେ ଅପ୍ସଗୋଲାଂ ଯିବାକୁ ଗୁରିକାର ସ୍ଥିର କଲା। ଚୋମା କଥା ସତ ହୋଇଥିଲେ ଚେନ୍ନବସବଙ୍କୁ କ୍ଷମା ମାଗି ଫେରି ଆସିବ।

Digitized by srujanika@gmail.com

ଏହା ଭାବି ସେ ଚୌକିଦାରକୁ ଘୋଡ଼ା ଆଣିବା ପାଇଁ କହିବାକୁ ଯାଉଥିବା ବେଳେ ପାଣ୍ଡିର ଡାହାଣ ପଟେ ସାମାନ୍ୟ ଉଚ୍ଚତାରେ ଥିବା ଗଉଡ଼ ଘର ପାଖରେ ପାଞ୍ଚ-ଦଶମିନିଟ କଥାବାର୍ତ୍ତା ଶୁଣାଗଲା। ଗୁରିକାର ଚୌକିଦାରକୁ "ସେଠାରେ କିଏ ଦେଖିଆ" ବୋଲି କହିବାରୁ ସେ ଗଲା। ଗୁରିକାର ଚୋମାକୁ ପଚାରିଲା, "ତୁମେ ନିଜ ନାମ ଚୋମା ବୋଲି କହିଥିଲ ନାଁ ?"

"ଆଜ୍ଞା ହଁ ହଜୁର।"

"ତୁମ ଘୋଡ଼ା ଏ ଖମ୍ବରେ ବାନ୍ଧି ଦିଅ, ମୁଁ ମଧ ତୁମ ସାଙ୍ଗେ ଅସ୍ତଗୋଲାଂ ଯିବି।"

"ହଉ ଆଜ୍ଞା।"

"ଚୋମା ଘୋଡ଼ା ଲଗାମକୁ ଖମ୍ବରେ ବାନ୍ଧି ଗୁରିକାରକୁ କହିଲା, "ଯାକୁ ଘାସ ଓ ପାଣି ଦେବାକୁ ଚୌକିଦାରକୁ କହିଦେବି।" ଗୁରିକାର ସେଥିରେ ସମ୍ମତି ଦେଇ ମୁଣ୍ଡ ହଲାଇଲା।

ଗଉଡ଼ା ଘରକୁ ଯାଇଥିବା ଚୌକିଦାର ଫେରି ଆସି କହିଲା, "କପଡ଼ା ରଖୁଥିବା କୋଗ୍ଗାର ଚାଳିଆ ସାମନାରେ କେହି ଗୋଟିଏ ଛୁଆ ପକାଇ ଦେଇ ଯାଇଛି। କୋଗ୍ଗା ଓ ତା' ପତ୍ନୀ ତାକୁ ଗୌଡ଼ା ନିକଟକୁ ନେଇ ଆସିଛନ୍ତି।"

ଗୁରିକାର ମୁହଁରୁ ବାହାରି ପଡ଼ିଲା, "ଛୁଆ !"

"ପୁଅ, ଛଅ ମାସ ହେବ।"

"ତୁମେ ଏଇଠି ଥାଅ। ମୁଁ ଦେଖି ଆସୁଛି।"

"ଏ ଚୋମା, ତୁମେ ମଧ ମୋ ସାଙ୍ଗେ ଆସ।"

ମାଲିକଙ୍କ ସନ୍ତାନ ବଞ୍ଚିଯାଇଛି ଜାଣି ଚୋମା ସନ୍ତୋଷ ହେଲା। ତାକୁ ଏଠାରୁ ନେଇ ମାଙ୍ଗାଲୋର କିପରି ପହଞ୍ଚାଇ ହେବ ବୋଲି ଭାବିବାକୁ ଲାଗିଲା, "ମୁଁ କ'ଣ କରିପାରିବି ମା' କରିଙ୍ଗାଲୀ, ତୁମେ ରାସ୍ତା ଦେଖେଇଲେ ମୁଁ ସେଥିରେ ଚାଲିବି। ପିଲାକୁ ବଞ୍ଚେଇ ଦେଲେ ଦୁଇଟା ଛେଳି ବଳି ଦେବି।" ମନକୁ ମନ ଦେବୀଙ୍କ ନିକଟରେ ଏପରି ପ୍ରାର୍ଥନା କରି ଗୁରିକାର ସହ ଗୌଡ଼ାର ଘର ଆଡ଼କୁ ଅଗ୍ରସର ହେଲା।

108

ଗୁରିକାର ଓ ଚୋମା ଗୌଡ଼ା ଘରେ ପହଞ୍ଚିଲା ବେଳକୁ ସେଠାରେ ଆହୁରି ଅନେକ ଲୋକ ପହଞ୍ଚି ଯାଇଥିବାରୁ ସେ ସ୍ଥାନ ହାଟପରି ମନେ ହେଉଥିଲା। ଗୌଡ଼ା ଘରେ ନଥିଲା। ତା'ର ପତ୍ନୀ ଓ ପୁତ୍ରବଧୂ ବାହାର କବାଟ ପାଖରେ ଠିଆ ହୋଇ କୋଗ୍ଗା ସହ କଥାବାର୍ତ୍ତା ହେଉଥିଲେ। କୋଗ୍ଗାର ପତ୍ନୀ ପିଲାକୁ କୋଳରେ ଧରି ତା ନିକଟରେ ଛିଡ଼ା ହୋଇଥିଲା। ଗୁରିକାରକୁ ଆସିବାର ଦେଖି ଭିଡ଼ ଭିତରୁ ଜଣେ କହିଲା, "ରାସ୍ତା ଛାଡ଼ ଭାଇ, ଗୁରିକାର ସାହେବ ଆସୁଛନ୍ତି।" ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତି ଆସିବାର ଦେଖି ସମସ୍ତେ ଖୁସୀରେ ରାସ୍ତା ଛାଡ଼ିଦେଲେ। ଗୁରିକାର ଭିଡ଼ ଭିତରେ ପଶି ଗୌଡ଼ାର ସ୍ତ୍ରୀଠାରୁ କିଛି ଦୂର ଛାଡ଼ି ଠିଆ ହେଲେ।

Digitized by srujanika@gmail.com

ଗୌଡ଼ତୀ କୋଗ୍ଲାକୁ ଗୁରିକାର ସାହେବଙ୍କୁ ସବୁ କଥା କହିବାକୁ ଆଜ୍ଞା ଦେଲା। କୋଗ୍ଲା କହିଲା, "କୁକୁଡ଼ା ଡାକି ସାରିଥିଲା ଆଜ୍ଞା, ମୋ ପତ୍ନୀ ବିଛଣାରୁ ଉଠିବାକୁ ଯାଉଥିବା ସମୟରେ ତଳୁ ପିଲାର କୁଆଁ କୁଆଁ ଶବ୍ଦ ଶୁଣାଗଲା। ସେ 'ଏ କ'ଣ, ପିଲା ପରି କିଏ କାନ୍ଦୁଛି ବୋଲି କହିବାରୁ ମୁଁ 'ହଁ, ସେମିତି ଜଣାଯାଉଛି' ବୋଲି କହିଲି। ମୋ ପତ୍ନୀ ଭୂତ ହୋଇଥିବ ବୋଲି କହିବାରୁ ମୁଁ କହିଲି କୁକୁଡ଼ା ଡାକିବାପରେ ଭୂତ କେଉଁଠୁ ଆସିବ? ଏତେବେଳେ ଆଉ ଭୟ କ'ଣ, ଚାଲ ଦେଖି ଆସିବା ବୋଲି ମୋ ପତ୍ନୀ କହିଲା।"

"କୋଗ୍ଲାର ପତ୍ନୀ ତା'ପରେ କହିଲା, "ଭୂତ ଏତେବେଳେ ନାହିଁ ଆଉ ସଙ୍ଗୀ କ'ଣ ଦରକାର ଭାବି ମୁଁ ଆଗେ ଆଗେ ଗଲି। ଆପଣ ଜାଣନ୍ତି ପୁରୁଷମାନଙ୍କୁ କେଉଁଠାକୁ ବାହାରିବାକୁ ସବୁବେଳେ ବେଶୀ ସମୟ ଲାଗେ। ଚାରି ପାହୁଣ୍ଡ ଯାଇଛି କି ନାହିଁ ମନରେ କାଳେ ଭୂତ ହୋଇଥିବ ବୋଲି ଭାବି ଛାତି ଧଡ଼ ଧଡ଼ ହେବାକୁ ଲାଗିଲା। ପିଲା କୁଆଁ କୁଆଁ ହେଉଥିବା ଶୁଣି ଶୀଘ୍ର ବାହାରି ଗଲି। ତଳେ ଥିବା ରାସ୍ତା କଡ଼ରେ ଯୁଇ ବୁଦା ପାଖରେ ଗୋଟିଏ ପୁତ୍ରସନ୍ତାନ ପଡ଼ି କାନ୍ଦୁଥିଲା। ରାଜକୁମାର ପରି ଉଜ୍ଜ୍ୱଳ ଆଖି, କୁଙ୍କୁମ ଲଗାଇଥିବା ପରି ଓଠ ଲାଲ ଦିଶୁଥିଲା। ଭୂତ ହେଉ ବା ପିଶାଚ ହେଉ ମୁଁ ତାକୁ ଭଗବାନ ଭାବି ଉଠାଇ ମୋ କୁଡ଼ିଆ ଆଡ଼କୁ ଗଲି।"

କୋଗ୍ଲା: "ମୁଁ ବାହାରକୁ ଆସି ମୋ ପତ୍ନୀ ଯେଉଁଆଡ଼େ ଯାଇଥିଲା ସେ ଆଡ଼କୁ ଗଲି। ଦଶ ପାହୁଣ୍ଡ ଯିବା ପରେ ସେ ପିଲାକୁ ଧରି ଇଆଡ଼େ ଆସୁଛି ଦେଖି କହିଲି 'ଭଗବାନ ପରି ଛୁଆ।' ଏଠାକୁ କେମିତି ଆସିଲା ବୋଲି ପଚାରିବାରୁ ମୁଁ 'କାହାର ଜାରଜ ସନ୍ତାନ ହୋଇଥିବ' ବୋଲି ଉତ୍ତର ଦେଲି। ପିଲାଟି କିଛି ମାସର ହୋଇଥିବାରୁ ଭାବିଲି 'ଜାରଜ ହୋଇଥିଲେ ଜନ୍ମ ହେବା ମାତ୍ରେ ହିଁ ମରିଯାଇଥାଆନ୍ତା। ତେବେ ଏ କାହାର ସନ୍ତାନ? ଲୁଗାପଟା ଦେଖି ରାଜମହଲର ରାଜକୁମାର ପରି ମନେ ହେଉଥିଲା। ମନେ ହେଉଥିଲା କିଏ ପିଲାକୁ ଚୋରି କରି ଆଣି ପକେଇ ଦେଇଛି। 'ତେବେ ତ ମୁଁ ଏହାକୁ ପାଳିବି ନାହିଁ ବୋଲି ପତ୍ନୀ କହିଲା। ମୁଁ କହିଲି, "ଏ କ'ଣ ତୋର ପାଳିବା ପରି ପିଲା? କେତେ ସାହସ ତୋର?"

କୋଗ୍ଲାର ପତ୍ନୀ: "କୋଗ୍ଲାର କଥା ମୋତେ ଠିକ୍ ମନେହେଲା। ଜାରଜ ସନ୍ତାନ ହୋଇଥିଲେ ପାଳିଥାନ୍ତି। ଚୋରୀ ହୋଇଥିବା ପିଲାକୁ ମା ବାପାଙ୍କ ନିକଟରେ ପହଞ୍ଚାଇ ଦେବା ଉଚିତ। ସେଥିପାଇଁ ଗୋଡ଼ା ହାତରେ ଦେଇ ଆସିବା ଭାବି ଏଠାକୁ ନେଇ ଆସିଲି।"

ଗୁରିକାର ପିଲାକୁ ପିଣ୍ଡା ଉପରେ ରଖିବାକୁ ଆଜ୍ଞା ଦେବାରୁ କୋଗ୍ଲାର ପତ୍ନୀ ପିଲାକୁ କନା ସହ ଶୁଆଇ ଦେଲା। ଗୌଡ଼ତୀ, ତା'ର ବୋହୂ ଓ ଚାରିଜଣ ଭଲ ଘରର ସ୍ତ୍ରୀ ତାକୁ ଘେରିଗଲେ। 'ପ୍ରକୃତରେ ତ ଏ ରାଜକୁମାର', କହିଲା ଗୌଡ଼ତୀ। ତା'ର ବୋହୂ "ମୋ ପୁଅ ମଧ୍ୟ ଏମତି ହୋଇଥିଲା ତାକୁ ପାଳିବା ମୋ ଭାଗ୍ୟରେ ନଥିଲା" କହି କାନ୍ଦିବାକୁ ଲାଗିଲା। ସେ ଚାରି ମାସ ପୂର୍ବରୁ ଗୋଟିଏ ସନ୍ତାନକୁ ଜନ୍ମ ଦେଇ ହରେଇଥିଲା। ଏଇ ପିଲାକୁ ରଖି ପାଳିଲେ କେତେ ଭଲ ହୁଅନ୍ତା ବୋଲି ସେ ମନେ ମନେ ଭାବୁଥିଲା। ପେଟର ସନ୍ତାନକୁ ନେଇଯାଇ ଭଗବାନଙ୍କ ପୁଣି ଏଇ ରୂପରେ ତାକୁ ଫେରେଇ ଦେବାର ନ ଥିଲା।

Digitized by srujanika@gmail.com

ବାକୀ ସ୍ତ୍ରୀମାନେ କିଏ ଆଖି, କିଏ ନାକ କିଏ ତା'ର ଚିବୁକ ବର୍ଣ୍ଣନା କରିବାକୁ ଲାଗିଲେ। ଜଣେ ବୃଦ୍ଧା ନିକଟକୁ ଆସି ପିଲାର ମୁଣ୍ଡରେ ହାତ ରଖି ତାକୁ ଚୁମା ଦେଇ ନଜର ଛଡେଇବାକୁ ଲାଗିଲା।

ଚୋମା ସବୁ ଶୁଣି ନିଜ ମାଲିକର ଦୁର୍ଭାଗ୍ୟ ଦେଖି ଦୁଃଖ ଅନୁଭବ କଲା। ତିନି ମାଇଲ ପରେ ସୀମା ପାର ହେବା ପର୍ଯ୍ୟନ୍ତ ପିଲା ଦୋଳୀରେ ଥିଲେ ଆଉ କିଛି ଚିନ୍ତା କରିବାର ନଥିଲା। ଦୌଡ଼ରେ ଜିତିବାକୁ ଯାଉଥିଲା ବେଳେ ହିଁ ଗୋଡ଼ ଖସିବାକୁ ଥିଲା? ବର୍ତ୍ତମାନ କ'ଣ କରାଯିବ? ଏହା ପରେ କ'ଣ ହେବ? ଏହା ସବୁ ଭାବି ସେ ବ୍ୟଥିତ ହେଲା। କରିଙ୍ଗାଲୀଙ୍କ ନିକଟରେ ପୁଣି ମାନସିକ କଲା।

ଏତିକିବେଳେ ଗୌଡ଼ା ଘରକୁ ଫେରିଲା। ସବୁ କଥା ଶୁଣି ସେ କହିଲା, "ଲୁଗାପଟା ଦେଖିଲେ ତ ରାଜପରିବାର ପିଲା ପରି ମନେ ହେଉଛି। ଅପ୍ପଗୋଲଂର ପିଲାକୁ କିଏ ଚୋରୀ କରି ନେଇ ଆସିଛି।"

ଗୁରିକାର ଗୌଡ଼ାକୁ କହିଲା, 'ତେବେ ତୁମେ ଏହା ଭାବୁଛ?" ତା'ପରେ ଚୋମା ଆଡ଼କୁ ବୁଲି କହିଲା, "ଆରେ ତୁ ତ ଅପ୍ପଗୋଲଂର ଅଧିବାସୀ ବୋଲି କହୁଛୁ। ଏ ପିଲା ତୁମ ମହଲର କି ନାହିଁ ଚିହ୍ନି ପାରୁଛୁ?"

ଚୋମା ପିଲାକୁ ଚୋରାଇ ଆଣିଛି ବୋଲି ତା ମନରେ ସନ୍ଦେହ ଘନୀଭୂତ ହୋଇଥିଲା। ଅଳଙ୍କାର ଓହ୍ଲେଇ ନେଇ ପିଲାକୁ କେଉଁଠି ପକାଇ ଦେବାକୁ ଯାଉଥିଲା। ରାସ୍ତାରେ ପିଲା ଖସି ପଡ଼ିବାରୁ ତାକୁ ପୁଣି ଖୋଜିବାକୁ ଫେରି ଆସିଛି। ତେଣୁ ତାକୁ ଓ ପିଲାକୁ ନେଇ ଅପ୍ପଗୋଲଂ ଯିବ ବୋଲି ସେ ମନେ ମନେ ଠିକ୍ କରି ସାରିଥିଲା।

ଏପରି ସମୟରେ କ'ଣ କରିବ ଭାବି ନ ପାରିଲେ ମଧ୍ୟ ଚୋମା କହିଲା, "ବସ୍ତ୍ର ଦେଖିଲେ ତ ରାଜମହଲର ପରି ମନେ ହେଉଛି। ମାଲିକଙ୍କ ପିଲା ହୋଇପାରେ।"

ଏତିକିବେଳେ ଗୌଡ଼ାର ପୁତ୍ରବଧୂ ଭିତରୁ ଆସି ପତିକୁ ନିଜ ମନ କଥା କହିଲା ଓ ସେ ନିଜ ମା'କୁ ସେକଥା କହିଲା। ଗୌଡ଼ତୀ ସ୍ୱାମୀକୁ କହିଲା, "ଯେ ପର୍ଯ୍ୟନ୍ତ ପିଲା ବିଷୟରେ କିଛି ନ ଜଣାପଡ଼ିଛି ସେ ପର୍ଯ୍ୟନ୍ତ ତାକୁ ମୋ ବୋହୂ ପାଳିବ। ଅନ୍ୟ ପିଲାମାନେ ତା'ର ଯେଉଁ ଦୁଧ ପିଉଛନ୍ତି ତାକୁ ଏ ପିଉ।"

ଗୌଡା: "ଆମ ଘରେ ସନ୍ତାନ ରହୁ ବୋଲି ଈଶ୍ୱରଙ୍କ ଇଚ୍ଛା ଥିଲେ ସେ ଆମ ପିଲାକୁ କାହିଁକି ନେଇ ଯାଇ ଥାଆନ୍ତେ? ଚୋରୀ ହୋଇଥିବା ପିଲା କଣ ଆମକୁ ମିଳି ପାରିବ? ବର୍ତ୍ତମାନ ତ କି କି ଅଳଙ୍କାର ଥିଲା, କିଏ ଖୋଲିଲା, କଣ ହେଲା ଇତ୍ୟାଦି ପଚରା ପଚରି ହେବ। ଆମ ପାଖରେ ପିଲାକୁ ରଖିବାକୁ କହିଲେ ସମସ୍ତେ ସନ୍ଦେହ କରିବେ ଯେ ଆମେ ହିଁ ଚୋରାଇ ଅଣେଇଛୁ।" ପରେ ନିଜ ପୁତ୍ରକୁ ଡାକି କହିଲା, "ଭୃତ୍ୟ ହାତରେ ପିଲାକୁ ନେଇ ଅପ୍ପଗୋଲଂ ଯାଇ ସେ ମହଲର କି ନୁହେଁ ଖବର ନିଅ। ସେମାନେ ନ କହିଲେ ମଡ଼କେରୀ ନେଇ ରାଣୀ ସାହିବାକୁ ଦେଖାଅ। ଯଦି ତାଙ୍କର ନୁହେଁ ବୋଲି କହନ୍ତି ତେବେ ତାଙ୍କ ଆଜ୍ଞା ନେଇ ଖୁସିରେ ପିଲାକୁ ଫେରେଇ ଆଣି ବୋହୂ ହାତରେ ଦିଅ।" ଗୁରିକାର ଗୌଡ଼ା ସହ ଏକାନ୍ତ ଭାବେ କଥା ହେବାକୁ ଲୋକମାନଙ୍କୁ ଦୂରକୁ ଚାଲିଯିବାକୁ ଆଜ୍ଞା ଦେବାରୁ ସମସ୍ତେ ଦୂରକୁ ଚାଲିଗଲେ। ଗୁରିକାର କୋସ୍ପା ଓ

Digitized by srujanika@gmail.com

ତା ପତ୍ନୀକୁ ସେଇଠି ରହିବାକୁ କହି ଚୋମାକୁ ପାଖରେ ରହିବାକୁ କହିଲା । ପୁଣି ଗୌଡ଼ାକୁ କହିଲା, "କୋଗ୍ମା ଓ ତା' ପତ୍ନୀ ସର୍ବପ୍ରଥମେ ପିଲାକୁ ଦେଖିଥିଲେ । ସେମାନେ ତାକୁ ଅପ୍ପଗୋଲଂ ନିଅନ୍ତୁ । ସବୁ କଥା କହିବାରେ ସୁବିଧା ହେବ । ଆପଣଙ୍କ ପୁତ୍ର ଚାଲୁ । ମୁଁ ମଧ୍ୟ ସାଙ୍ଗରେ ଯିବି । ଇଏ ନିଜକୁ ରାଜମହଲର ସେବକ ଓ ଆଉ ଅନେକ କଥା କହୁଛି । ଇଏ ସାଙ୍ଗରେ ଯିବ । ତା ସମ୍ବନ୍ଧରେ ଖବର ନେଇ ଆସିବି ।"

ଗୌଡ଼ା ସେ କଥା ମାନିଗଲା । ପିଲା ତାକୁ ମିଳିବ ନାହିଁ ଦେଖି ଗୌଡ଼ାର ପୁତ୍ରବଧୂ ଜୋରରେ କାନ୍ଦିବାକୁ ଲାଗିଲା । ତା ଶାଶୁ କହିଲା, "ପିଲା ରାଜମହଲର ନ ହୋଇଥିଲେ ଫେରେଇ ଆଣିବ । ତୁ ତାକୁ ପାଳିବୁ । ବର୍ତ୍ତମାନ ଚୁପ ହୋଇଯା ।

ବୋହୂ "ପାଳିବା ମୋ ଭାଗ୍ୟରେ ଥିଲେ ଗର୍ଭର ସନ୍ତାନ କଣ ରହି ନ ଥାନ୍ତା ।" କହି ଜୋରରେ କାନ୍ଦି କାନ୍ଦି ଭିତରକୁ ଚାଲିଗଲା ।

ଦେବମ୍ମାଙ୍କ ସନ୍ତାନକୁ ଗୋଟିଏ ଡୋଲୀରେ ଶୁଆଇ କୋଗ୍ମା ମୁଣ୍ଡରେ ଉଠାଇ ଦେଇ ଚୋମା, ଗୁରିକାର ଓ ଗୌଡ଼ାର ପୁତ୍ର ପୁଣି ତାର ଜନ୍ମସ୍ଥାନ ଅପ୍ପଗୋଲଂ ରାଜମହଲ ଆଡ଼କୁ ଅଗ୍ରସର ହେଲେ ।

109

ଏଣେ ଅପ୍ପଗୋଲଂ ରାଜମହଲରେ ଅଫିମ ପ୍ରଭାବରୁ ଶୋଇଥିବା ପହରାଦାରଙ୍କ ମଧ୍ୟରୁ ନାୟକର କୁକୁଡ଼ା ଡାକିବା ସମୟରେ ସାମାନ୍ୟ ନିଦ ଭାଙ୍ଗିଲା । ତାର ଅର୍ଦ୍ଧରାତ୍ରିରେ ଉଠି ପହରା ଦେବାର କଥା । ଭୃତ୍ୟମାନଙ୍କର ତାକୁ ଉଠେଇ ଦେବା ଉଚିତ ଥିଲା । ନାୟକ ସାମାନ୍ୟ ଭୟ ପାଇଲେ ମଧ୍ୟ ଆଖି ଖୋଲି ପାରୁ ନ ଥିଲା । ତାର ମନେ ହେଲା ଏ ନିଦ ସବୁଦିନ ପରି ନୁହେଁ । ତାର ଗୁଡ଼ ଖାଇବା ବାରଣ ଥିବାରୁ ଅନ୍ୟମାନଙ୍କ ପରି ସେ କ୍ଷିରୀ ସବୁ ଖାଇ ନ ଥିଲା । ପୂର୍ବ ଦିନ ମୁଣ୍ଡବ୍ୟଥା ଭୟରେ ସେ ଅଧେ କ୍ଷିରୀ ଏମିତିରେ ଛାଡି ଦେଇଥିଲା । ସେଥିପାଇଁ ଡେରି ହେଲେ ମଧ୍ୟ ତାର ସର୍ବପ୍ରଥମେ ନିଦ ଭାଙ୍ଗି ଯାଇଥିଲା । ସେ ଭାବିଲା ଖାଦ୍ୟରେ କିଛି ନିଶାଦ୍ରବ୍ୟ ତ ମିଶା ହୋଇ ନ ଥିଲା ?· କିଛି ଅସ୍ୱାଭାବିକ କଥା ନିଶ୍ଚୟ ହୋଇଥିବ ଭାବି ଭୟରେ ତା ବୁଦ୍ଧି କାମ କରିବାକୁ ଲାଗିଲା । ପାଖରେ ଶୋଇଥିବା ପ୍ରହରୀମାନଙ୍କୁ ଜୋରରେ ହଲାଇ କହିଲା, "କେତେ ଶୋଉଛ ? ଏ ପହରାଦାରୀ ?" ଜଣେ ପ୍ରହରୀ କହିଲା, "ଏ କେମିତି ନିଦ କେଜାଣି ? ଖୁବ୍ ଜୋରରେ ଆସୁଛି ।" ଆଉ ଜଣେ ଉଁ-ଉଁ କରି ନ ଉଠି ପୁଣି ଶୋଇଗଲା ।

ନାୟକ ଉଠି ମହଲ ସାମନା ପୋଖରୀରେ ମୁହଁ ଧୋଇ ଫେରି ଆସିଲା । ତାପରେ ଲାଠି ନେଇ ରାଜମହଲ ପ୍ରଦକ୍ଷିଣ କରିବାକୁ ଲାଗିଲା ।

ରାଜମହଲ ନିସ୍ତବ୍ଧ । ଦ୍ୱିତୀୟ ମହଲା ଉପରେ ଥିବା ମାଲିକ ଓ ମାଲିକାଣୀଙ୍କ ଶୟନ କକ୍ଷରେ ସବୁଦିନ ପରି ଛୋଟ ଦୀପ ଜଳିବା ପରି ଦେଖା ଯାଉଥିଲା । ଘର ପଛପଟକୁ ଯିବାରୁ ଶେଷ କୋଠରୀରେ ଦୁଇ ଜଣ ସେବିକାଙ୍କର କଥାବାର୍ତ୍ତା ଶୁଣାଯାଉଥିଲେ ମଧ୍ୟ

Digitized by srujanika@gmail.com

ତାହା ସ୍ପଷ୍ଟ ନ ଥିଲା। ସେ ଗୋଟାଏ ଘେରା ବୁଲି ପୁଣି ସାମନାକୁ ଆସିଲା। ଚୌକିଦାରଙ୍କୁ ପୁଣି ଉଠାଇବାର ପ୍ରୟାସ କଲେ ମଧ୍ୟ ସେମାନେ ଉଠିଲେ ନାହିଁ। କଥା କଣ ବୋଲି ଭାବି ନାୟକ ବାହାରେ ପଡ଼ିଥିବା ଗୋଟିଏ ପଥର ଉପରେ ଜାନ୍ତୁକୁ ଆଉଜି ବସିପଡିଲା।

ସେତିକିବେଳେ ତାର ମନେ ପଡ଼ିଲା ଯେ ନିୟମ ଅନୁସାରେ ରାତିରେ ସେ ଚେନ୍ନବସବୟା ଓ ଦେବମ୍ମାଜୀଙ୍କ ସାମନାକୁ ଯାଇ ନମସ୍କାର କରି ନ ଥିଲା।

ସକାଳେ ଥରେ ଓ ରାତିରେ ସର୍ବଶେଷରେ ଥରେ ସାକ୍ଷାତ କରିବା ତାର ପହରାଦାରୀର ଗୋଟିଏ ଅନିବାର୍ଯ୍ୟ ଅଙ୍ଗ ଥିଲା। ଏ କଥା ମନେ ପଡ଼ିବାରୁ ତାର ଛାତି ଧକ୍- ଧକ୍ କରିବାକୁ ଲାଗିଲା। ରାତିର ଅନ୍ତିମ ନମସ୍କାର କରିବା ସମୟ ପରେ ଅନେକ ବେଳ ପର୍ଯ୍ୟନ୍ତ ସେମାନଙ୍କ ସ୍ୱର ସେ ଶୁଣି ପାରିଥିଲା। କିନ୍ତୁ ସେ ତା କାମ ଠିକ୍ ଭାବେ କରି ନ ଥିଲା। ଏ କଥା ବସବ ଜାଣିଲେ ସେମାନଙ୍କୁ ସହଜରେ ଛାଡ଼ିବ ନାହିଁ।

ଦୁଇ ଘଡ଼ି ପରେ ଆଗର ଲୋକମାନେ ଉଠିଲେ। ସେତେବେଳକୁ ମହଲର କେତେକ ସେବକଙ୍କର ଉଠିବା କଥା ଥିଲେ ମଧ୍ୟ ସେ ଦିନ କେହି ଉଠି ନ ଥିଲେ।

କୁକୁଡ଼ା ଡାକିବା ବେଳକୁ ଗତ ଦୁଇ ଦିନ ହେଲା ପିଲା ନିଦରୁ ଉଠି ପଡୁଥିଲା। ଆଜି ନାୟକ ତାର ସ୍ୱର ମଧ୍ୟ ଶୁଣିବାକୁ ପାଇଲା ନାହିଁ। ଏ ସବୁ ଦେଖି ନାୟକକୁ ଭୟ ଲାଗୁଥିଲେ ମଧ୍ୟ କିଛି ଅନର୍ଥ ହୋଇ ଯାଇଛି ବୋଲି ତାର ବିଶ୍ୱାସ ହେଉ ନ ଥିଲା। ପଅର ଦିନ ଠାରୁ ଏ ପହରା ଲଗାଯାଇଛି। ନଞ୍ଜନଗୂଡ଼ ଯିବାର ବ୍ୟବସ୍ଥା କରିବା ପାଇଁ କାଲି ତ କହି ପଠା ହୋଇଥିଲା। ତା ଛଡା ଏ ପର୍ଯ୍ୟନ୍ତ ଅଟକି ଥିବା 'କେଲୁ' ଉତ୍ସବ ମଧ୍ୟ କାଲି ପାଳିତ ହୋଇଛି ? ଏପରି ଶଙ୍କାର କଣ କାରଣ ଅଛି ?

ଦିନ ବଢ଼ିବାକୁ ଲାଗିଲା। ରାଜମହଲରେ ସମସ୍ତେ ଉଠିଥିବା ପରି ମନେ ହେଲେ ମଧ୍ୟ କେହି କବାଟ ଖୋଲିଲେ ନାହିଁ। ନାୟକ ବାହାର କବାଟରେ ଧକ୍କା ଦେବାରୁ ଭିତରୁ ଜଣେ ସେବିକା ଆସିଲା। ନାୟକ ପଚାରିଲା, "ଆଜି କଣ ହୋଇଛି ? ଏତେ ଡେରି ହୋଇଥିଲେ ମଧ୍ୟ କବାଟ ଖୋଲି ନାହିଁ।" ସେ ଝିଅଟି କିଛି ଉତ୍ତର ଦେବା ପୂର୍ବରୁ ପ୍ରଧାନ ସେବିକା ସେଠାକୁ ଆସି କହିଲା, "ରାତିରେ ଉତ୍ସବର ଭୋଜି ଥିଲା ନାୟକ ସାହେବ। ମାଲିକ-ମାଲିକାଣି ସମସ୍ତଙ୍କୁ ଭୋଜନ କରାଇ ନିଜେ ଭୋଜନ କଲା ବେଳକୁ ଅଧ ରାତିରୁ ବେଶୀ ହୋଇଯାଇଥିଲା।" ନାୟକ କହିଲା, "ଠିକ୍ ଅଛି। ମାଲିକ-ମାଲିକାଣି ଉଠିବା ମାତ୍ରେ ଖବର ଦେବ। ତାଙ୍କୁ ସାକ୍ଷାତରେ ନମସ୍କାର କରି ମୋତେ ମଡ଼କେରୀକୁ ଲୋକ ପଠାଇବାକୁ ହେବ। ସେବିକା ତଥା ଯଜମାନ ଭିତରକୁ ଗଲେ ଓ ନାୟକ ବାହାରେ ଠିଆ ହୋଇ ରହିଲା। ଅନେକ ସମୟ ଅତିବାହିତ ହେଲେ ମଧ୍ୟ କେହି ତାଙ୍କୁ ଭିତରକୁ ନ ଡାକିବାରୁ ସେ ଧୀରେ କବାଟ ଠେଲି ସାମାନ୍ୟ ଜୋରରେ କହିଲା, "ଭିତରେ କିଏ ଅଛ ? ଟିକେ ଏଠିକି ଆସିବ ?" ଭିତରୁ ଜଣେ ଆସିବାରୁ ନାୟକ କହିଲା, "ଲୋକ ପଠାଇବା ସମୟ ହୋଇଗଲାଣି। ମାଲିକଙ୍କ ଦର୍ଶନ ମିଳି ଯାଇଥିଲେ ଭଲ ହୋଇଥାନ୍ତା। ସେ "ସେମାନେ ଏ ପର୍ଯ୍ୟନ୍ତ ଉଠି ନାହାନ୍ତି ଭାଇ। କବାଟ ବନ୍ଦ ଅଛି" କହି ପୁଣି ଭିତରକୁ ଚାଲିଗଲା। କ'ଣ କରିବ କ'ଣ ନାହିଁ ନ ବୁଝିପାରି ନାୟକ ଠିଆ ହୋଇ ଭାବିବାକୁ ଲାଗିଲା। ଏମାନଙ୍କ କଥାରେ କାନ ଦେଲେ ବସବ ବଞ୍ଚିବାକୁ ଦେବ ନାହିଁ।

Digitized by srujanika@gmail.com

ତା କଥା ପାଳନ କରିବାକୁ ଏଠାରେ ଜବରଦସ୍ତି ନ କଲେ ଚଳିବ ନାହିଁ। ସେ ଅନେକ ଥର ଭାବିଲେ ମଧ୍ୟ କିଛି ନିଶ୍ଚୟ କରି ପାରିଲା ନାହିଁ। ଶେଷକୁ ଠିକ୍ କଲା ଯାହା ହେଉ ପଛେ ଭୃତ୍ୟମାନେ ନ ଉଠାଇଲେ ସେ ନିଜେ ଉଠାଇ ନମସ୍କାର କରିବା ବାହାନାରେ କ୍ଷମା ପ୍ରାର୍ଥନା କରି ନବ। ମଡ଼କେରୀ ଲୋକ ନ ପଠାଇଲେ ଅବସ୍ଥା ସାଙ୍ଘାତିକ ହେବ? ଏହା ନିଶ୍ଚୟ କରି ଭିତରକୁ ଯାଇ କହିଲା, "କିଏ ଅଛି ଭିତରେ? ମୁଁ ଦର୍ଶନ କରିବାକୁ ଚାହୁଁଛି ବୋଲି ମାଲିକଙ୍କ ନିକଟରେ ନିବେଦନ କର।" ସେହି ସେବିକା ପୁଣି ଆସି କହିଲା, "ରାତିରେ ବିଳମ୍ବ ହୋଇ ଯାଇଥିଲା ନା? ଏ ପର୍ଯ୍ୟନ୍ତ ସେମାନେ ଉଠି ନାହାନ୍ତି, କଣ କରିବା?

"ଦୟା କରି ସେମାନଙ୍କୁ ଉଠାଇ ଦିଅ ଭଉଣୀ। ଆଉ ଡେରି ହେଲେ ଅନର୍ଥ ହେବ।"

"ହାୟରେ ଏହା କେମିତି ହେବ? ସବୁ ଭୃତ୍ୟ ଆଦିଙ୍କୁ ଖୁଆଇ ପିଆଇ ଅଧରାତି ପରେ ଶୋଇବାକୁ ଯାଇଥିବା ମାଲିକଙ୍କୁ କେମିତି ଉଠେଇବି?"

"ତା ତ ଠିକ୍। ମାଲିକ ଶୋଇଛନ୍ତି ବୋଲି ଦେଖିବା ମୋ ପକ୍ଷରେ ଯଥେଷ୍ଟ। ଉଠାଇବାର ଆବଶ୍ୟକତା ନାହିଁ।"

ସେବିକା: "ଆପଣଙ୍କ ଇଚ୍ଛା ନାୟକ ସାହେବ। ଆପଣ ଏ ଘରର ଭୃତ୍ୟ ନୁହନ୍ତି। ଆପଣଙ୍କ ମାଲିକ ଭିନ୍ନ। ଆପଣ ଯାହା ଠିକ୍ ଭାବୁଛନ୍ତି କରନ୍ତୁ।"

"ଚାଲ ଭଉଣୀ" କହି ତା ପଛେ ପଛେ ଚାଲିଲା। ତାକୁ ସେ ଉପର ମହଲାକୁ ନେଇଗଲା। ନାୟକ ଚେନ୍ନବସବୟାଙ୍କ କୋଠରୀର କବାଟ ନିକଟରେ ଠିଆ ହେଲା। ଭିତରେ କିଏ ଅଛି କି ନାହିଁ ଜାଣିବାକୁ କାନ ପାରିଲା। କିନ୍ତୁ ତାକୁ କିଛି ଶବ୍ଦ ଶୁଣାଗଲା ନାହିଁ। ଧୀରେ କବାଟରେ ଆଘାତ କରି ଦେଖିଲା। କେହି ବିଛଣାରେ କର ଲେଉଟେଇବାର ଶବ୍ଦ ଶୁଣାଗଲା ନାହିଁ। ଧୀରେ କବାଟ ଠେଲି ଭିତରକୁ ଚାହିଁ ବିଛଣାରେ କେହି ନ ଥିବାର ଦେଖିଲା। ବାହାରକୁ ଆସି ଦାସୀକୁ "ମାଲିକ ତ ବିଛଣାରେ ନାହାନ୍ତି?" ବୋଲି କହିବାରୁ ସେ "ଭିତରେ ଥିବେ" ବୋଲି କହିଲା। ଅତି କର୍ତ୍ତବ୍ୟ ପରାୟଣ ହେଲେ ମଧ୍ୟ ପତି-ପତ୍ନୀ କୋଠରୀ ମଧ୍ୟରେ ଅଛନ୍ତି କି ନାହିଁ ଦେଖିବା ପାଇଁ ନାୟକର ବିବେକ ବାଧା ଦେଲା। କିଛି ସମୟ ସେଠାରେ ଠିଆ ହୋଇ ଦେବମ୍ମାଙ୍କ କୋଠରୀରେ କିଛି ଶବ୍ଦ ଶୁଣିବାକୁ ଚେଷ୍ଟା କଲା। ସେଠାରେ ମଧ୍ୟ କିଛି ଶୁଣି ପାରିଲା ନାହିଁ। ସେ ପୁଣି ଧୀର ସ୍ୱରରେ ଯଜମାନଙ୍କୁ ପଚାରିଲା, "ପିଲା କେଉଁଠି ଶୁଏ?" ସେ କହିଲା, "ପିଲାର ଦୋଳୀ ଆଜିକାଲି ରାଣୀମାଁଙ୍କ କୋଠରୀରେ ରହୁଛି।"

ତଳ ମହଲାରେ ଭୃତ୍ୟମାନେ ଉଠି ନିଜ କାମରେ ଲାଗିଗଲେ। ଆଉ କିଛି ସମୟ ଅପେକ୍ଷା କରାଯାଉ ଭାବି ନାୟକ ତଳକୁ ଓହ୍ଲେଇଗଲା।

Digitized by srujanika@gmail.com

110

ନାୟକ ଅତି କଷ୍ଟରେ ଆଉ ଘଡ଼ିଏ ପର୍ଯ୍ୟନ୍ତ ଅପେକ୍ଷା କଲା । ଆଉ ଡେରି କରିବା ସମ୍ଭବ ନୁହେଁ ଭାବି ପୁଣି ଉପରକୁ ଗଲା । ଚେନ୍ନବସବ ଓ ଦେବମ୍ମାଙ୍କ କୋଠରୀ ସାମନାରେ ସେ ଯଥା ସମ୍ଭବ ଜୋରରେ ଚାଲିଲା ଓ କଥା କହିଲା । ଚେନ୍ନବସବଙ୍କ କୋଠରୀ ସାମନାରେ ଠିଆ ହୋଇ 'ମାଲିକ, ମାଲିକ' ବୋଲି ଡାକି ଜୋରରେ କବାଟରେ ଆଘାତ କଲେ ମଧ୍ୟ କୌଣସି ଉତ୍ତର ମିଳିଲା ନାହିଁ। ପୁଣି କୋଠରୀ ମଧ୍ୟକୁ ଯାଇ ଭିତର କୋଠରୀର କବାଟରେ ଆଘାତ କରି 'ମାଲିକ-ମାଲିକ' ବୋଲି ଡାକିଲା । ସେଠାରେ ମଧ୍ୟ ନିରାଶ ହେଲା । ସେ କବାଟ ଠେଲିବା ଦ୍ୱାରା ସାମାନ୍ୟ ଖୋଲିଯିବାରୁ ଭିତରକୁ ଝୁଙ୍କିକରି ଦେଖିଲା, ସେଠାରେ କେହି ନ ଥିଲେ । ଦୋଳୀ ଗୋଟିଏ କରରେ ଥିଲା, କିନ୍ତୁ ସେଥିରେ ଶିଶୁ ଶୋଇ ନ ଥିଲା । ଶେଷ ଆଶାନେଇ ସେ ତୃତୀୟ କୋଠରୀ ମଧ୍ୟକୁ ଗଲା । ସେଠାରେ ଦେବମ୍ମାଙ୍କ ବସ୍ତ୍ର ସବୁ ପଡ଼ିଥିଲା । ଭୂମି ଉପରେ ବାକ୍ସ ସବୁ ଥିଲା । କିନ୍ତୁ ମନୁଷ୍ୟର ଚିହ୍ନ-ବର୍ଣ୍ଣ ନ ଥିଲା ।

ତା ପହରାରେ ତାର ଅସାବଧାନତା ବଶତଃ ରାଜାଙ୍କ ଭଉଣୀ ଭିଣୋଇ ନିଜ ପିଲାକୁ ନେଇ ଯେ ପଳାୟନ କରିଛନ୍ତି, ଏ କଥା ନାୟକ ତୁରନ୍ତ ଜାଣି ପାରିଲା । ଭୟରେ ତା ଦେହରୁ ଝାଳ ବୋହି ସେଇଠି ପଡ଼ିଯିବା ପରି ଅବସ୍ଥା ହେଲା । ଭୟରେ କମ୍ପି କମ୍ପି ତିନୋଟି କୋଠରୀ ପାର ହୋଇ ବାହାରକୁ ଆସି ଦାସୀକୁ ପଚାରିଲା, "ଭଉଣୀ, ତୁମେ କାହିଁକି ଏମିତି ପ୍ରତାରଣା କଲ ? ମାଲିକ ଓ ମାଲିକାଣି ପିଲାକୁ ନେଇ ପଳାୟନ କରିଛନ୍ତି ।"

"ଆରେ ଭାଇ, ଏ କଣ କହୁଛ !" କହି ଯେପରି ତା କଥା ସତ କି ନାହିଁ ଜାଣିବାରୁ ସେ କୋଠରୀ ଭିତରକୁ ଗଲା ।

111

ଚେନ୍ନବସବୟା ତଥା ଦେବମ୍ମା ଦେବୀ ପିଲାକୁ ନେଇ ଘରଛାଡ଼ି ଚାଲିଯିବା କଥା ରାଜମହଲର ସେବକମାନଙ୍କ ମଧ୍ୟରୁ ଅନେକଙ୍କୁ ଜଣା ନ ଥିଲା । ଏ କଥା କେବଳ ମୁଖ୍ୟ ସେବିକା ଓ ତାର ସାଥୀମାନଙ୍କୁ ଜଣାଥିଲା । କିନ୍ତୁ ସେମାନେ ଏ କଥା ନ ଜାଣିବାର ବାହାନା କରୁଥିଲେ । ସେଥିଯୋଗୁଁ ସେ ଏପରି ଅଭିନୟ କରୁଥିଲା । ନାୟକ ସବୁ ସେବକ ସେବିକାଙ୍କୁ ଡାକି ପଚରା ପଚରି କଲା । ସେ ଜାଣିଥିଲା ଯେ ସେ ବସବର କ୍ରୋଧ ଦୃଷ୍ଟିରୁ ରକ୍ଷା ପାଇ ପାରିବ ନାହିଁ। ମାଲିକ-ମାଲିକାଣିଙ୍କ ସହ ଘରର କେତେକ ଭୃତ୍ୟ ମଧ୍ୟ ନିଶ୍ଚୟ ଯାଇଥିବେ । ସେ କଥା ଜାଣିବା ପାଇଁ ତାକୁ ଆହୁରି ବେଶୀ ଖବର ନେବାକୁ ହେଲା ।

Digitized by srujanika@gmail.com

ଏ ସବୁ କରି ସାରିବା ପରେ ମଡ଼କେରୀ ଯାଇ ମନ୍ତ୍ରୀ ବସବୟା ନିକଟରେ ଖବର ପହଞ୍ଚାଇବାକୁ 'ତୈନାତ' ଚୌକିଦାରକୁ ପଠାଇବାର ଥିଲା। ସେ କିନ୍ତୁ କହିଲା, "ମୁଁ ଏକୁଟିଆ ଏ ସମାଚାର କିପରି ଦେବି। ଦୟାକରି ଆପଣ ମୋ ସଙ୍ଗେ ଗଲେ ସବୁ ପ୍ରଶ୍ନର ଠିକ୍ ଉତ୍ତର ଦିଆଯାଇ ପାରିବ।"

ତା କଥାରେ ଆଉ ଗୋଟିଏ ଅର୍ଥ ଲୁଚି ରହିଥିଲା ଯାହା ସମସ୍ତେ ବୁଝିପାରୁଥିଲେ। ନାୟକ ମଧ୍ୟ ତାହା ବୁଝିପାରିଥିଲା। ଖବର ପାଇବା ମାତ୍ରେ ରାଜା ଓ ମନ୍ତ୍ରୀ ଉଭୟେ କ୍ରୋଧିତ ହେବେ। ସେ କ୍ରୋଧ ସେତେବେଳେ ଖବର ଦେଲାବାଲା ଉପରେହିଁ ପଡ଼ିବ। ଏକୁଟିଆ ଭୃତ୍ୟ କାହିଁକି ତା'ର ଶିକାର ହେବ? ନାୟକର ହିଁ ସେ ଦାୟିତ୍ୱ ନେବା କଥା। ତାକୁ ହିଁ ଏ ଖବର ପହଞ୍ଚାଇବାକୁ ହେବ।

ନାୟକ: "ଠିକ୍ ଅଛି, ଚାଲ" କହି ବାକୀ ଲୋକଙ୍କୁ ରାଜମହଲର ଅବଶିଷ୍ଟ ସେବକ ଯେପରି ପଳାଇ ନ ଯାଆନ୍ତି ସେଥିପ୍ରତି ଦୃଷ୍ଟି ରଖିବାକୁ ଆଦେଶ ଦେଇ 'ତୈନାତ' ଚୌକିଦାର ସହ ନିଜେ ମଡ଼କେରୀ ଗଲା।

112

ମଡ଼କେରୀ ରାଜମହଲରେ ସେଦିନ ପ୍ରାତଃକାଳରେ ରାଜା ସବୁଦିନ ଠାରୁ ସାମାନ୍ୟ ବିଳମ୍ବରେ ଉଠିଲେ। ଗତ ସନ୍ଧ୍ୟାରେ ଚେନ୍ନବସବ ନଞ୍ଜନଗୂଡ଼ ଯିବା ପାଇଁ ଅନୁମତି ମାଗିବାକୁ ପଠାଇଥିବା ପତ୍ର ବସବ ପାଇଥିଲା। ରାଜା ସେ ପତ୍ର ଶୁଣି କିଛି ଆଜ୍ଞା ଦେବା ସ୍ଥିତିରେ ନଥିଲେ। ଆଜି ରାଜା ସକାଳୁ ଉଠି ନିତ୍ୟକର୍ମ ସାରି ବୈଠକକୁ ଆସିବାରୁ ବସବ ନମସ୍କାର କରି ଚେନ୍ନବସବଙ୍କ ପତ୍ର ବିଷୟରେ ରାଜାଙ୍କୁ ନିବେଦନ କଲା। ରାଜା ପଚାରିଲେ, "କଣ ଚୌକିଦାର ଏତେ ଶୀଘ୍ର ଆସିଗଲା?"

ବସବ:" ନାଁ ମାଲିକ, ପତ୍ର ଗତକାଲି ସନ୍ଧ୍ୟାରେ ଆସିଥିଲା।"

"ଆସୁ, ଯେତେବେଳେ ପୁଣି ଥରେଲୋକ ଆସିବ ସେତେବେଳେ କହିବି।"

ବସବ ଅନ୍ୟ କାମରେ ଚାଲିଗଲା। ଅପ୍ପଗୋଳଂରୁ ଲୋକ ଆସିବାର ସମୟ ଅତିକ୍ରମ କରି ଯାଇଥିଲା। ଘଡ଼ିଏ ବିତିଲା, ଦୁଇ ଘଡ଼ି ବିତିଲା, ତଥାପି ଆସିବା ଲୋକର ନାମ ଗନ୍ଧ ନଥିଲା। କାହିଁକି ଡେରି ହେଉଛି ବୋଲି ଚିନ୍ତା କରିବାକୁ ଲାଗିଲେ। ଜଣେ ସେବକକୁ ଡାକି ଆଜ୍ଞା ଦେଲେ, "ଅପ୍ପଗୋଳଂରୁ ପହରାବାଲା ଆସିନାହିଁ। କଥା କଣ? ଜଣେ ଘୋଡ଼ାସବାରକୁ ଡାକି କୁହ, ଯାଇ ଖବର ନେଇ ଆସୁ।" ପୁଣି ବୀରରାଜଙ୍କ ନିକଟକୁ ଆସି ସେ ତାହା ମଧ୍ୟ ନିବେଦନ କଲା।

"ଏ କି ପ୍ରକାର ବ୍ୟବସ୍ଥା? ଏବେ ଆସି କହିଥିଲୁ ଯେ ସେ ନଞ୍ଜନଗୂଡ଼ ଯିବାକୁ ଚାହୁଁଛନ୍ତି। ବର୍ତ୍ତମାନ କହୁଛୁ ସେଠାରୁ କୌଣସି ଖବର ଆସି ନାହିଁ। ମୁଁ ହଁ କହିବା ପୂର୍ବରୁ ଚାଲିଗଲେ ନାଁ କଣ?"

Digitized by srujanika@gmail.com

''ଏମିତି କେବେ ହୋଇପାରେ ମାଲିକ? ଏପରି ମୁଣ୍ଡ କଟାହେବା କାମ କଣ କରି ପାରିବେ? ଚୌକିଦାର ଆସିଲେ ଜଣାପଡ଼ିବ।''

ରାଜା କିଛି କହିଲେ ନାହିଁ। ବସବ ବାହାରକୁ ଆସି ଅପ୍ପଗୋଲଂରୁ ପହରାଦାର କାହିଁକି ଆସିନାହିଁ ଯାଇ ଦେଖି ଆସିବାକୁ ଘୋଡ଼ା ସବାରକୁ ଆଜ୍ଞା ଦେଲା। ରାସ୍ତାରେ ନ ଭେଟିଲେ ରାଜମହଲ ଯାଇ ନାୟକକୁ ଡାକି ଆଣିବାକୁ କହିଲା।

ଘୋଡ଼ାସବାର ମଡ଼କେରୀ ସୀମା ପାର ହେବା ମାତ୍ରେ କିଛି ଦୂରରେ ଅପ୍ପଗୋଲଂ ପହରାର ନାୟକ ଓ ତାର ସାଥୀ ପହରାଦାର ଆସୁଥିବାର ଦେଖିବାକୁ ପାଇଲା। ସେ ତାଙ୍କୁ ନିଜ ଆସିବା କଥା କହିଲା।

ନାୟକର ସେଇଠି ଅଧାପ୍ରାଣ ବାହାରି ଯିବା ପରି ମନେ ହେଲା। ସେ ଓ ତାର ସାଥୀ ସେ ଘୋଡ଼ାସବାର ସହ ଶୀଘ୍ର ଘୋଡ଼ା ଦୌଡାଇ ରାଜମହଲରେ ପହଞ୍ଚିଲେ।

ବସବ ଦ୍ୱାର ନିକଟରେ ଅପେକ୍ଷା କରୁଥିଲା। ନାୟକ ଦୌଡ଼ି ଯାଇ ତାର ପାଦ ତଳେ ପଡ଼ି କହିଲା, ''କାମ ବିଗିଡ଼ି ଯାଇଛି ମାଲିକ, ମୋତେ ରକ୍ଷା କରନ୍ତୁ।''

ବସବ: ''କାହିଁକି କଣ ହେଲା?''

''କ୍ଲାଇଁ ସାହେବ ଓ ଭଉଣୀ ଶିଶୁ ସହିତ ଲୁଚି ପଳାୟନ କରିଛନ୍ତି। ସକାଳେ ବଡ଼ କଷ୍ଟରେ ଏ କଥା ଜଣା ପଡ଼ିଲା।'' ଏ କଥା ଶୁଣି ବସବ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଓ କ୍ରୋଧିତ ହେଲା।

''ତୁ ହୋସରେ ଅଛୁ ନାଁ ନାହିଁ? ଏମାନେ ଲୁଚି ଚାଲିଗଲେ ତ ତୁ ଓ ପହରାବାଲା କଣ କରୁଥିଲ?''

''ମାଲିକ, ଖାଦ୍ୟରେ କିଛି ମିଶା ହୋଇଥିଲା ବୋଲି ମନେ ହେଉଛି। ପହରାଦାର ବେହୋସ ହୋଇ ଶୋଇଥିଲେ। ସକାଳେ ଉଠିବା କଷ୍ଟକର ହୋଇଥିଲା। ଉଠି ଦେଖିଲା ବେଳକୁ ସେମାନେ ଚାଲି ଯାଇଥିଲେ।''

''ସେମାନେ ତ ଗଲେ, ତୋ ମୁଣ୍ଡ ମଧ୍ୟ ଯିବ ବୋଲି ଜାଣିଛୁ ତ?''

''ମାଲିକଙ୍କ ଇଚ୍ଛା। ଭୁଲ ହୋଇଗଲା। ମୁଣ୍ଡ କାଟିବା କଥା ତ କାଟନ୍ତୁ।''

ବସବ: ''ଆଚ୍ଛା ସାଙ୍ଗରେ ଚାଲ'' କହି ରାଜା ନିକଟରେ ପହଞ୍ଚି କହିଲା, ''କଣ ହୋଇଛି ନିବେଦନ କର।''

''ଭିଣୋଇ ଓ ଭଉଣୀ ପିଲାକୁ ନେଇ ପଳାୟନ କରିଛନ୍ତି ମାଲିକ।''

''ଲୁଚିକରି ଚାଲିଗଲେ, ତୁ କଣ କରୁଥିଲୁ ଲେଙ୍ଗଡ଼ା? ତୋରି ମୁଣ୍ଡ ଯିବ ବୋଲି କଣ ଜାଣି ନ ଥିଲୁ?''

''ଲୁଚି କରି ଯାଇଥିବା ବ୍ୟକ୍ତି ମିଳିଗଲେ ମୁଣ୍ଡ କଟିଲେ ମଧ୍ୟ ଚିନ୍ତା ନାହିଁ ମାଲିକ।''

''ଏ ଲେଙ୍ଗଡ଼ା, ଏପରି କଥା କହି ତୁ ମୋତେ ଭୁଲେଇ ପାରିବୁ ନାହିଁ। ଏ ସବୁ ତୋର କାମ। ନଞ୍ଜନଗୂଡ଼ୁ ନାଁରେ ମତେ ଠକି ନିଜକୁ ବଞ୍ଚାଇବାକୁ ଚାହୁଁଛୁ। ଏଠି ଏ ସବୁ ଚଳିବ ନାହିଁ। ପ୍ରଥମେ ତତେ ଶେଷ କରି ପରେ ଅନ୍ୟ କଥା ଭାବିବି। ଏ କଥା ମନେ ରଖି ଥା।''

Digitized by srujanika@gmail.com

''ଭଲ କଥା ମହାରାଜ। ବର୍ତ୍ତମାନ ସେମାନେ କୁଆଡ଼େ ଗଲେ ଖବର ନେବାକୁ ଲୋକ ପଠାଉଛି।''

''ଯେଉଁଆଡ଼େ ଯାଇ ନାହାନ୍ତି ସେଠାକୁ ଲୋକ ପଠା, ଏ କିଛି ସାମାନ୍ୟ କଥା ନୁହେଁ। ବହୁତ ବଡ଼ ଘଟଣା ହେବ। ଏଥିପାଇଁ ତୋତେ ଫାଶୀର ସ୍ୱାଦ ଚଖାଇବି।''

ବସବ ଏ କଥାର କିଛି ଉତ୍ତର ଦେଲା ନାହିଁ। ବାହାରେ ଥିବା ସେବକକୁ ଡାକି ଆଜ୍ଞା ଦେଲା, ''ପହରାର ନାୟକ ଉପରେ ଦୃଷ୍ଟି ରଖ ଓ ଲୋକ ଡାକ। ସେମାନଙ୍କୁ ଚାରି ଆଡ଼କୁ ଯିବାକୁ ହେବ।'' ଲୋକ ଆସିବା ମାତ୍ରେ ସେମାନଙ୍କୁ ସୋମବାର ପେଟେ, କୁଶାଳ ନଗର, ସିଦ୍ଧାପୁର, ସଂପାଦେ, ହେଗ୍ଗଲପାଦେ ଆଦି ଚାରି ଦିଗକୁ ଯିବାକୁ ଆଦେଶ ଦେଲା।'' ଏଇ ରାସ୍ତା ମଧ୍ୟରୁ କେଉଁ ବାଟେ ସେମାନେ ଗୁପ୍ତ ଭାବେ ପଳାୟନ କରିଛନ୍ତି। ସେମାନେ ମିଳିଲେ ତ ଭଲ। ନଚେତ ତାଙ୍କ ଖବର ନିଶ୍ଚୟ ଆଣିବାକୁ ପଡ଼ିବ। ସୀମା ପର୍ଯ୍ୟନ୍ତ ଯିବାକୁ ହେବ। ସେମାନଙ୍କ ପରି କେହି ଯାଇଥିଲେ ତାଙ୍କ ଖବର ଆଣିବ। ସୂର୍ଯ୍ୟ ଅସ୍ତ ହେବା ଭିତରେ ଏଠାକୁ ଆସି ଖବର ଦେବାକୁ ହେବ। କିଛି ଖବର ନ ମିଳିଲେ ମଧ୍ୟ ଫେରି ଆସିବା ଜରୁରୀ। ନଚେତ ମୁଣ୍ଡ କାଟି ଦିଆଯିବ, ସାବଧାନ।'' ସେମାନେ ଯିବା ପରେ ରାଜାଙ୍କ ପାଖକୁ ଆସି କହିଲା, ''ଲୁଚି କରି ତ ଗଲେ। ବସ୍ତ୍ର ଅଳଙ୍କାର ନେଇ ପାରି ନ ଥିବେ। ଯାଇ ତାଙ୍କ ବାକ୍ସ ପତ୍ର ସବୁ ନେଇ ଆସୁଛି ମାଲିକ।''

''ହଁ, ଦାମିକା ଜିନିଷ ଭାବି ସେ ଦାସୀ ସବୁ ନେଇ ଚାଲିଗଲା। ଚାଲ ମୁଁ ମଧ୍ୟ ସାଙ୍ଗରେ ଯାଉଛି।''

ବସବ ତାଙ୍କୁ ପ୍ରତାରଣା କରିଥିବ ବୋଲି ସନ୍ଦେହ ପ୍ରକୃତରେ ରାଜାଙ୍କ ମନରେ ନ ଥିଲା। କିନ୍ତୁ କାହାକୁ ପ୍ରତାରଣା କରିବା କିଛି ଆଶ୍ଚର୍ଯ୍ୟ କଥା ନୁହେଁ ବୋଲି ସେ ଜାଣିଥିଲେ। ସେ ଯେ ସର୍ବଦା ତାଙ୍କ ମଙ୍ଗଳ ଚିନ୍ତା କରେ ତାହା ରାଜା ବୁଝନ୍ତୁ ବୋଲି ବସବ ଚାହୁଁଥିଲା। ତା ଦ୍ୱାରା ରାଜାଙ୍କର ତା ଉପରେ ସର୍ବଦା ବିଶ୍ୱାସ ରହିବ ବୋଲି ସେ ଭାବୁଥିଲା। ଯାହା ହେଉ ଦ୍ୱିପ୍ରହରରେ ମାଲିକ ଓ ସେବକ ଉଭୟେ ଘୋଡ଼ାରେ ଚଢ଼ି ଚାରିଜଣ ହରକରାଙ୍କୁ ଆଗରେ ଓ ଚାରିଜଣଙ୍କୁ ପଛରେ ନେଇ ଅପ୍ପଗୋଳଂ ଆଡ଼କୁ ଅଗ୍ରସର ହେଲେ।

ଏଣେ ଯିବାର ପ୍ରସ୍ତୁତି ଚାଲିଥିବା ବେଳେ ତେଣେ ଅନ୍ତଃପୁରରେ ରାଣୀଙ୍କୁ କିଛି ଅନର୍ଥ ହୋଇଯାଇଛି ବୋଲି ଆଭାସ ମିଳିଲା। ସେ ''ଘଟଣା କଣ? ସାବଧାନ ହୋଇ ଖବର ନେଇ ଆସ'' କହି ମୁଖ୍ୟ ସେବିକାକୁ ପଠାଇଲେ। ସେବିକା ବାହାରକୁ ଯାଇ ଲୋକଙ୍କ ଠାରୁ ଖବର ନେଇ ରାଣୀଙ୍କୁ କହିଲା। ରାଣୀ ତାକୁ କହିଲେ, ''ବସବୟାକୁ ଅଳ୍ପ ସମୟ ପାଇଁ ଏବାଟ ଦେଇ ଯିବାକୁ କୁହ।'' ରାଜା ଘୋଡ଼ାରେ ଚଢ଼ିବାକୁ ପ୍ରସ୍ତୁତ ହେବା ବେଳକୁ ବସବ ରାଣୀଙ୍କ ପାଖକୁ ଦୌଡ଼ି ଦୌଡ଼ି ଆସିଲା। ରାଣୀ ପଚାରିଲେ, ''ଏ ଖବର କଣ ସତ ବସବୟା?''

''ହଁ, ସତ ପରି ମନେ ହେଉଛି ମା।''

''ତେବେ ନଞ୍ଜନଗୁଡ଼ ଯିବା କଥା ମିଛ ଥିଲା?''

Digitized by srujanika@gmail.com

"ଆଖିରେ ଧୂଳି ପକାଇଥିଲେ। ନଞ୍ଜନଗୂଡ଼ ଯିବା କଥା କହିଲେ ପହରା କୋହଳ କରି ଦିଆଯିବ, ବୋଲି ଏପରି ଯୋଜନା କରିଥିବେ।"

"ହେଇଥିବ। ବର୍ତ୍ତମାନ କଣ କରାଯାଉଛି?"

"ସ୍ୱୟଂ ରାଜା ଅପ୍ପଗୋଲଂ ଯାଉଛନ୍ତି। ମୁଁ ମଧ୍ୟ ସାଙ୍ଗରେ ଯାଉଛି।"

"ଘୋଡ଼ା ଚଢ଼ିବା ଅଭ୍ୟାସ ଛାଡ଼ିଗଲାଣି। ଟିକିଏ ଧ୍ୟାନ ରଖିଥିବ।"

ବସବ "ହଉ ମା" କହି ମୁଣ୍ଡ ନୁଆଁଇ ନମସ୍କାର କରି ରାଜାଙ୍କ ବୈଠକ ଆଡ଼କୁ ଗଲା।

ପତିଙ୍କ ଉପେକ୍ଷା ସତ୍ତ୍ୱେ ନିଜ କର୍ତ୍ତବ୍ୟ ଶ୍ରଦ୍ଧାର ସହିତ ପାଳନ କରୁଥିବା ଏହି ମାଲିକାଣିଙ୍କ ପ୍ରତି ବସବ ମନରେ ଅପୂର୍ବ ଶ୍ରଦ୍ଧା ଉତ୍ପନ୍ନ ହେଲା।

ରାଣୀ ମନ ମଧ୍ୟରେ ଚିନ୍ତା କରିବାକୁ ଲାଗିଲେ। ଲୁଚି ପଳାୟନ କରିବା ଅନୁଚିତ ହେଲେ ମଧ୍ୟ ସେ ସନ୍ତାନର ରାଜାଙ୍କ ନିକଟରୁ ଦୂରକୁ ଚାଲିଯିବା ଶ୍ରେୟସ୍କର। ଏ ବର୍ଷ ସମାପ୍ତ ହେବା ପର୍ଯ୍ୟନ୍ତ ଭଉଣୀ ତଥା ଶଳା ଓ ଭିଣୋଇ ଦୂରରେ ରହିଲେ ଭଗବାନ ରାଜାଙ୍କୁ ରକ୍ଷା କରିବେ।

113

ବୀରରାଜ ନଅରରୁ ବାହାରକୁ ଆସିବାରୁ ସାରା ମଡ଼କେରୀରେ ସମସ୍ତେ ଆଶ୍ଚର୍ଯ୍ୟ ହେଲେ। ତା ଛଡ଼ା ସେ ଘୋଡ଼ା ଉପରେ ବସିଥିଲେ। ଏ ଖବର କେମିତି ଚାରିଆଡ଼େ ବ୍ୟାପିଗଲା କେଜାଣି? ସହରର ଲୋକେ ଦୌଡ଼ି ଦୌଡ଼ି ଆସି କିଛି ଏପରି ଭାବେ ଏକତ୍ରିତ ହେଲେ ଯେପରି କି କିଛି ଆଶ୍ଚର୍ଯ୍ୟକର ଘଟଣା ଦେଖୁଛନ୍ତି। ରାଜାଙ୍କ ତୁରୀବାଦକ ସେ ବାହାରିବା ମାତ୍ରେ ତୁରୀ ବଜାଇଲା। ପରେ ପରେ ସାଙ୍ଗରେ ଯାଉଥିବା ଚାରିଜଣ ସାଥୀ ମଧ୍ୟ ଜଣକ ପରେ ଜଣେ ତୁରୀ ଓ ଢୋଲବାଦକମାନେ ଢୋଲ ମଧ୍ୟ ବଜାଇଲେ।

ରାଜା ପଛେ ପଛେ ଚାଲୁଥିବା ବସବ ପ୍ରଥା ଅନୁସାରେ ଗରୀବଙ୍କ ପାଇଁ ପଇସା ବିଞ୍ଚିବାରୁ ସେମାନେ ତାହା ଗୋଟାଉ ଗୋଟାଉ "ଆମ ରାଜା ଅନେକ ବର୍ଷ ବଞ୍ଚନ୍ତୁ" ବୋଲି କହିବାକୁ ଲାଗିଲେ। ଭିଡ଼ ମଧ୍ୟରୁ କେତେକ ଲୋକ ତାହା ଦୋହରାଇଲେ। ସମୟ ଥିଲା ଯେତେବେଳେ ରାଜା ପଟୁଆରରେ ଯାଉଥିଲେ ସେତେବେଳେ ସହରର ସ୍ତ୍ରୀ-ପୁରୁଷ ରାସ୍ତାର ଉଭୟ ପାର୍ଶ୍ୱରେ ଆସି ଠିଆ ହେଉଥିଲେ। ଏହାଙ୍କ ନଜର ଖରାପ, ହୃଦୟ ନିଷ୍ଠୁର ଜାଣି ସୁଦ୍ଧା କିଛି ବର୍ଷ ପର୍ଯ୍ୟନ୍ତ ଜନତା ରାଜାଙ୍କୁ ଶ୍ରଦ୍ଧା ହିଁ କରୁଥିଲେ। ସେ ଲୋକଙ୍କ ଶ୍ରଦ୍ଧାକୁ ଭ୍ରୂକ୍ଷେପ ନ କରି ଭୁଲ ରାସ୍ତାରେ ଚାଲି ସେମାନଙ୍କ ଶ୍ରଦ୍ଧା, ସ୍ନେହ ହରାଇଲେ। ଜନତା ଯେ ଆଗପରି ଏତେ ଜୟ ଜୟକାର କରୁନାହାନ୍ତି ତାହା ବସବ ଅନୁଭବ କରୁଥିଲା। ସେବକ ଯାହା ବୁଝି ପାରୁଥିଲା ତାହା କଣ ମାଲିକଙ୍କ ମନକୁ ଆସୁ ନ ଥିଲା?

ସହର ସୀମା ଅତିକ୍ରମ କରି ରାଜା ଦ୍ରୁତ ଗତିରେ ଅପ୍ପଗୋଲଂ ଆଡ଼କୁ ଅଗ୍ରସର ହେଲେ। ତାଙ୍କ ଆସିବା ସମାଚାର ପାଇବା ମାତ୍ରେ ମହଲର ସେବକ ଯେଉଁ ଆଡ଼େ

Digitized by srujanika@gmail.com

ପାରିଲେ ପଳାୟନ କଲେ। ଚାରିଜଣ ଚୌକିଦାର ସେମାନଙ୍କୁ ଅଟକେଇବାର ଚେଷ୍ଟା କରିଥିଲେ ମଧ୍ୟ ତା ମଧ୍ୟରୁ ଦଶ ଜଣ ଲୋକ ଖସି ଚାଲିଗଲେ। ରାଜା ଦ୍ୱାର ନିକଟରେ ପହଞ୍ଚିଲା ବେଳକୁ ମୁଖ୍ୟ ସେବିକା, ତାର ଦୁଇଜଣ ସାଥୀ ଓ ଦୁଇଜଣ ସେବକ ଠିଆ ହୋଇଥିଲେ। ରାଜା ଫାଟକ ନିକଟରେ ଘୋଡ଼ାରୁ ଓହ୍ଲାଇବା ପୂର୍ବରୁ ମୁଖ୍ୟ ସେବିକା ମାଟି ଉପରେ ଶୋଇପଡ଼ି "ମହାରାଜ, ମୋତେ ରକ୍ଷା କରନ୍ତୁ, ମୋର କିଛି ଦୋଷ ନାହିଁ" ବୋଲି କହିବାକୁ ଲାଗିଲା।

ରାଜା: "ମୁଁ କଣ ରକ୍ଷା କରିବି ? ତୁ ତ କେତେ ଲୋକଙ୍କୁ ରକ୍ଷା କରୁଛୁ" କହି ହସି ହସି ବସବକୁ ପଚାରିଲେ, "ନୁହେଁ ରେ ଲେଙ୍ଗଡା ?"

ଏହା ତାଙ୍କର ପରିହାସ ଥିଲା। ଏଥିରେ କେହି ପ୍ରସନ୍ନ ନ ହେଲେ ମଧ୍ୟ ରାଜାଙ୍କ ପରିହାସରେ 'ହଁ' ମିଳେଇବା ଗରିବଙ୍କର କର୍ତ୍ତବ୍ୟ। ଆଗେ ପଛେ ଠିଆ ହୋଇଥିବା କେତେକ ଲୋକ ତାଙ୍କ ସହ ହସିଲେ। ବସବ ରାଜାଙ୍କ ଅଧିକ ନିକଟରେ ଥିବାରୁ ତା ପାଇଁ ଏହାର ଆବଶ୍ୟକତା ନ ଥିଲା। ସେ ହସିଲା ନାହିଁ। ଗମ୍ଭୀର ହୋଇ "ହଁ ମାଲିକ" କହି ପରେ ସେବିକାକୁ କହିଲା, "ମାଲିକ ଉଠିବାକୁ କହୁଛନ୍ତି, ଉଠ, ସେ ଭିତରକୁ ଯିବେ, ରାସ୍ତା ଦେଖାଅ।"

ସେବିକା ଉଠିବାବେଳେ ତା ଗୋଡ଼ ଥରୁଥାଏ। ହାତ ଯୋଡ଼ି ପଛେ ପଛେ ଯାଉଥିବାବେଳେ ପଛରେ ସିଡ଼ି ନ ଦେଖି ପାରି ଧକ୍କା ଖାଇ ପଡ଼ିଗଲା। ଲୋକେ ହସି ଉଠି ପୁଣି ଚୁପ୍ ହୋଇଗଲେ। ରାଜା ହୋ-ହୋ କରି ହସି ଉଠି ଅଙ୍ଗରକ୍ଷକ ସାହାଯ୍ୟରେ ଘୋଡ଼ାରୁ ଓହ୍ଲାଇଲେ।

ସେବିକା ଉଠି ରାସ୍ତା ଦେଖାଇ ଆଗେ ଆଗେ ଚାଲିଲା। ପ୍ରଥମେ ରାଜା, ତାପରେ ବସବ ଓ ଶେଷରେ ପହରାର ନାୟକ, ଏଇ କ୍ରମରେ ଭିତରକୁ ଗଲେ।

ରାଜା ଯାହା ସବୁ ତନଖି କଲେ ତାର ବିବରଣର ଏଠାରେ ଆବଶ୍ୟକତା ନାହିଁ। ବାସ୍ତବରେ ସେ ନୁହେଁ, ବସବ ହିଁ ତନଖି କଲା।

'କେଲ୍ଲୁ' ଉତ୍ସବର ବ୍ୟବସ୍ଥା, ସେଥିରେ ଜିତିଲାବାଲାଙ୍କୁ ଦିଆଯାଇଥିବା ପୁରସ୍କାର, ରାତିର ଭୋଗ, ଏ ସବୁ କଥା ସେବିକା ସବିସ୍ତାରେ କହିଲା। ତା ସଙ୍ଗେ ସଙ୍ଗେ ଭୃତ୍ୟ, ନାୟକ ଓ ତାର ସାଥୀ ଚୌକିଦାରଙ୍କ ନିକଟରୁ ସବୁ ଖବର ମିଳିଲା। ସକାଳେ ସେବିକା ନାୟକକୁ ଦେଇଥିବା ମିଥ୍ୟା ଖବର କଥା ମଧ୍ୟ ରାଜା ଜାଣିଲେ। ସେ ବସବକୁ ଆଜ୍ଞା ଦେଲେ, "ଏ ବଦମାସକୁ ଗଧ ଉପରେ ବସାଇ ମଡ଼କେରୀରେ ଶୋଭାଯାତ୍ରାରେ ନେଇ ଚମାର ପାଖକୁ ପଠାଇ ଦିଅ ଆଉ ଯାକୁ ଶୂଳୀରେ ଚଢ଼ାଇ ଦିଅ।" ବସବ କହିଲା "ଆଚ୍ଛା ମାଲିକ !" ଏହା ପରେ ସେ ମହଲର ପ୍ରତ୍ୟେକ କୋଠରୀ ତନଖି କରି କି କି ଜିନିଷ ଅଛି ଦେଖି ତାଲା ମୋହର ଲଗାଇଲା। ଦେବକ୍କାଙ୍କ ଭିତର କୋଠରୀରେ ପଡ଼ିଥିବା ଲୁଗାପଟାକୁ ସିନ୍ଦୁକରେ ପୁରାଇ ସେଥିରେ ଓ ଅନ୍ୟ ସିନ୍ଦୁକ ସବୁରେ ତାଲା ମୋହର ଲଗାଇ ତାହା ଭୃତ୍ୟ ଦ୍ୱାରା ପଠାଇବାକୁ ଆଜ୍ଞା ଦେଇ ମଡ଼କେରୀ ଯିବା ଲାଗି ରାଜା ଘୋଡ଼ା ଉପରେ ବସିଲେ।

ଅପଗୋଳଂରୁ ମଡ଼କେରୀ ଯିବା ରାସ୍ତା ମଝିରେ ସଂପାଦେ ଯିବା ରାସ୍ତାରେ ମିଶୁଥିଲା। ସେଠାରେ ଏମାନେ ପହଞ୍ଚିଲା ବେଳକୁ ସାମନାରୁ ଜଣେ ଲୋକ, ଜଣେ ସ୍ତ୍ରୀ ଲୋକ

Digitized by srujanika@gmail.com

ଓ ତାଙ୍କ ପଛରେ ଘୋଡ଼ା ଉପରେ ଦୁଇଜଣ ବ୍ୟକ୍ତି ଆସିବାର ଦେଖାଗଲା । ରାଜାଙ୍କ ଲୋକମାନେ କହିଲେ, "ଏ ଘୋଡ଼ାରୁ ଓହ୍ଲାଇ ରାସ୍ତା ଛାଡ଼, ମହାରାଜ ଆସୁଛନ୍ତି ।"

କିଛି ସମୟ ପାଇଁ ମନେ ହେଲା ଯେପରି ସେମାନେ ଏ କଥା ବୁଝି ପାରିଲେ ନାହିଁ। ସେମାନେ ସମସ୍ତେ ଏ ପଟକୁ ବୁଲି ଚାହିଁ ଘୋଡ଼ା ଉପରେ ଥିବା ରାଜାଙ୍କୁ ଚିହ୍ନିଲେ ।

ଉଭୟ ଘୋଡ଼ାସବାର ସେହି ମୁହୂର୍ତ୍ତରେ ଭୂମି ଉପରକୁ ଡେଇଁ ପଡ଼ି ମୁଣ୍ଡ ନୁଆଁଇ ହାତ ଯୋଡ଼ି କହିଲେ, "ନମସ୍କାର କରୁଛୁ ମହାରାଜ ।"

ଏମାନେ ସଂପାଦେର ଗୌଡ଼ର ପୁତ୍ର ଓ ଗୁରିକାର ଥିଲେ । ଆଗରେ ଯାଉଥିବା ଚୋମା ରାଜାଙ୍କ ସାମନାରେ ସାଷ୍ଟାଙ୍ଗ ପ୍ରଣାମ କରିବା ପାଇଁ ଭୂମିରେ ଶୋଇ ପଡ଼ିଲା । କୋସ୍ଥା ଓ ତା ପତ୍ନୀ ମଧ୍ୟ ଦୋଳୀ ଭୂମି ଉପରେ ରଖି ଚୋମା ପରି ଦଣ୍ଡବତ କରିବାକୁ ଲାଗିଲେ ।

114

ରାଜା ଓ ବସବ ଏମାନଙ୍କୁ କି ଅପୂର୍ବ ଯୋଗରେ ଭେଟିଲେ ତା କେମିତି କୁହାଯାଇ ପାରିବ ? ଚୌକିଦାର କୌଣସି ପଥିକଙ୍କୁ ଅଟକାଇଛି ଭାବି ରାଜା ଘୋଡ଼ାରେ ଆଗକୁ ଗଲେ ।

ଗୁରିକାର ସାମନାକୁ ଆସି ବସବଙ୍କୁ କହିଲା, "ଗୋଟାଏ କଥା ମାଲିକଙ୍କୁ ନିବେଦନ କରି ଏ ପିଲାଟିକି ଦେଖେଇବାର ଥିଲା ।"

"ପିଲା ? କୋଉ ପିଲା ?"

"ଏ ଅପ୍ପଗୋଳଂ ମହଲର ପିଲା ପରି ଦେଖା ଯାଉଛି । ତ୍ଯାଇଁ ରାଜା ଓ ଭଉଣୀଙ୍କୁ ଦେଖାଇବାକୁ ଯାଉଥିଲୁ ।"

ଏମିତି କଥା ହୋଇ ଏମାନେ ସାଙ୍ଗରେ ଚାଲୁଥିବା ବେଳେ ରାଜା ସେ କଥା ଶୁଣି ପାରିଲେ । "ଅପ୍ପଗୋଳଂର ପିଲା" ଶବ୍ଦ କାନରେ ପଡ଼ିବା ମାତ୍ରେ ରାଜା ତତ୍‌କ୍ଷଣାତ୍ ଘୋଡ଼ା ଅଟକାଇ ପଛକୁ ବୁଲି ପଡ଼ିଲେ । ବସବ ମଧ୍ୟ ନିଜ ଘୋଡ଼ା ଅଟକାଇ ଲଗାମ ଟାଣି ପଛକୁ ଗଲା ।

ବସବ ଗୁରିକାରକୁ "ଆପଣମାନେ କିଏ ?" ବୋଲି ପଚାରିବାରୁ ଗୁରିକାର କହିଲା, "ମୁଁ ସଂପାଦେ ପାଣ୍ଡିର ଗୁରିକାର ମାଲିକ । ଭୋର ହେବା ପୂର୍ବରୁ ପ୍ରାୟ ପାଞ୍ଚ ଜଣ ଲୋକ ଘୋଡାରେ ଚଢ଼ି ଗୁପ୍ତ ଭାବେ ତଳ ରାସ୍ତାରେ ଯାଉଥିଲେ । ଜଣେ ଘୋଡ଼ା ସବାର ଉପର ରାସ୍ତାରେ ଆସି 'ସେମାନଙ୍କୁ ଧରି ଆଣୁଛି' କହି ସେ ମଧ୍ୟ ତାଙ୍କ ପଛରେ ଗଲା । କିନ୍ତୁ 'ସେମାନେ ମିଳିଲେ ନାହିଁ' କହି ଫେରି ଆସିଲା । ତାକୁ ମୁଁ ଅଟକାଇ ରଖିଛି । ଗୋଟିଏ ପିଲା ମିଳିଛି, ଏ କୋସ୍ଥା ଓ ତା ପତ୍ନୀ ପିଲାଙ୍କୁ ନେଇ ଗୌଡ଼ ଘରକୁ ଆସିଲେ । ତାର ଲୁଗାପଟା ଦେଖି ରାଜପରିବାରର ସନ୍ତାନ ବୋଲି ମନେ ହେଉଛି । ଏ ଲୋକ ତାର ସାଥୀମାନଙ୍କ ସହ ପିଲାକୁ ଚୋରାଇ ତାର ଅଳଙ୍କାର ଓହ୍ଲାଇ ରଖି ତାକୁ ପକେଇ ଦେଇଛି । ଅପ୍ପଗୋଳଂରେ ଦେଖାଇବା ପାଇଁ ଏ ଲୋକ ସହ ଶିଶୁଟିକୁ ମଧ୍ୟ ନେଇ ଆସିଛି ।"

Digitized by srujanika@gmail.com

ରାଜା, ବସବ, ମୁଖ୍ୟ ଚୌକିଦାର ନାୟକ ଓ ପଛରେ ଆସୁଥିବା ଅପ୍ପଗୋଲଂର ସେବକମାନଙ୍କର ଏକ ସଙ୍ଗରେ ମନେ ହେଲା ଯେପରି ଲୁଚି ପଳାଇଥିବା ପାଞ୍ଚଜଣ ଘୋଡ଼ାସବାର ନିଶ୍ଚୟ ଚେନ୍ନବସବ ଓ ଦେବମ୍ମାଙ୍କ ପରିବାରର ସଦସ୍ୟ। ଯଦି ଏ ପିଲା ତାଙ୍କର ତେବେ ତାକୁ ସଂପାଦେ ନିକଟରେ କାହିଁକି ଛାଡ଼ି ଦେଇଗଲେ? ଅପ୍ପଗୋଲଂର ସେବକ ତାଙ୍କୁ କାହିଁକି ମନା କଲା? ଯଦି ସେ ସେମାନଙ୍କୁ ଲୁଚି ପଳାଇବାରେ ସହାୟତା ଦେଇଥିଲା ତେବେ ପୁଣି ଫେରି ଆସିଲା କାହିଁକି?

ବସବଙ୍କୁ ରାଜା ପଚାରିଲେ, "ଏ କଣ ଅପ୍ପଗୋଲଂର ସନ୍ତାନ? ଦେଖିଲୁ- ଚିହ୍ନି ପାରୁଛୁ?" ବସବ ଆଗରୁ ଘୋଡ଼ାରୁ ଓହ୍ଲେଇ ପଡ଼ିଥିଲା। ବର୍ତ୍ତମାନ ଦୋଳୀ ପାଖକୁ ଯାଇ ପିଲାକୁ ଦେଖିଲା। ଏଠାକୁ ଆସିବା ପୂର୍ବରୁ କୋଗ୍ଗାର ପତ୍ନୀ ତାକୁ କୌଣସି ସ୍ତ୍ରୀ ଠାରୁ ତାର ଦୁଧ ପିଆଇ ଆଣିଥିଲା। ପିଲା ଶାନ୍ତିରେ ଶୋଇଥିଲା। ବସବ ତା ମୁହଁରୁ ଲୁଗା କାଢ଼ିବାରୁ ଖରା ଯୋଗୁଁ ସେ ମୁହଁ ବିକୃତ କଲା। କୋଗ୍ଗାର ପତ୍ନୀ "ଖରା ପଡୁଛି, ମାଲିକ" କହି ନଇଁ ପଡି ନିଜକୁ ଅଣ୍ଟୁ ନ ଥିବା କାନି ପିଲା ଉପରେ ଧରିଲା ଯେପରି କି ତା ମୁହଁରେ ଖରା ନ ପଡ଼େ। ବସବ ପିଲାର ମୁହଁ ଦେଖିଲା, ବସ୍ତ୍ର ଦେଖିଲା, ତାପରେ ରାଜାଙ୍କ ଆଡକୁ ବୁଲି କହିଲା, "ଇଏ ରାଜମହଲର ସନ୍ତାନ, ମାଲିକ।"

ରାଜା: "ତେବେ ଏହାର ପିତା-ମାତା ହିଁ ପଳାୟନ କରିଥିବେ? ଏ ଲୋକ ସେମାନଙ୍କର ଭୃତ୍ୟ ହୋଇଥିବ। କଥା କଣ ତାକୁ ପଚାର।" "ତୁ ଅପ୍ପଗୋଲଂର ସେବକ?" ବସବ ଚୋମା ଆଡ଼କୁ ବୁଲି ପଚାରିଲା।

115

ଏସବୁ ହେଉଥିବା ସମୟରେ ଚୋମାର ବୁଦ୍ଧି ଲଟୁ ପରି ଘୁରୁଥିଲା। ଏ ଛକ ପର୍ଯ୍ୟନ୍ତ ଆସିବାରୁ ସେ ଭାବିଲା, "ଅପ୍ପଗୋଲଂ ଯାଉଛି। ସେଠାରେ କାହାରିକୁ ନ ପାଇ ସେମାନେ ମଡ଼କେରୀ ଯିବେ। ମୁଁ ବି କଣ ସାଙ୍ଗରେ ରହିବି? ଅପ୍ପଗୋଲଂରେ ବା ରାସ୍ତାରେ କୌଣସି ଜଙ୍ଗଲରେ ପଶି ଲୁଚି ଲୁଚି ମାଙ୍ଗାଲୋର ଯାଇ ମାଲିକ ଓ ମାଲିକାଣିଙ୍କୁ ପିଲାର ଖବର ଦେବାକୁ ହେବ। ଭାବି ଭାବି ଶେଷରେ ସ୍ଥିର କଲା କରଙ୍ଗାଲୀଙ୍କ ଦୟାରୁ ରାସ୍ତାରେ ପିଲା ଓ ମୁଁ ଏକାଠି ହୋଇଗଲୁ। ସେଥିପାଇଁ ଯେତେଦୂର ସମ୍ଭବ ମୋତେ ପିଲା ସାଙ୍ଗରେ ରହିବାର ପ୍ରୟାସ କରିବାକୁ ହେବ। ମଡ଼କେରୀରେ ରାଣୀ ପିଲାକୁ ଦୟା କରିବେ। ହୁଏ ତ ମୋତେ ମଧ୍ୟ ଯେ କୌଣସି ପ୍ରକାରେ ବଞ୍ଚାଇବେ। କରଙ୍ଗାଲୀ କଣ କରୁଛନ୍ତି ଦେଖାଯାଉ। ଏ କଥା ଭାବି ସେ ସାମାନ୍ୟ ନିଶ୍ଚିନ୍ତ ହୋଇଥିବା ବେଳେ ହରିଣ ଛୁଆ ବାଘ ମୁହଁରେ ପଡ଼ିବା ଭଳି ଏମାନେ ରାଜାଙ୍କ ସାମନାରେ ପଡ଼ିଗଲେ। ଚୋମା ଜାଣିଥିଲା ଯେ ଦୁଇ-ଚାରି କଥା ହେବା ପରେ ଏ ବିଷୟରେ ଯାଞ୍ଚ କରାଯିବ। ତାର କଣ ଉତ୍ତର ଦେବ? ମିଛ କହିବା ଠିକ୍ ହେବ ନାହିଁ। ଯଦି ଆଉ ଦଶ ବର୍ଷ ରହିବା ସମ୍ଭବ ହୁଏ ତେବେ କାଲି କରିଙ୍ଗାଲୀଙ୍କ ନିକଟରେ ପ୍ରାୟଶ୍ଚିତ କରାଯାଇପାରେ। ରାଜା ଓ ବସବ ଉଭୟଙ୍କ ହୃଦୟ

Digitized by srujanika@gmail.com

ପଥର। ଏମାନେ ବିନା କାରଣରେ ଲୋକଙ୍କୁ ମୃତ୍ୟୁ ମୁଖରେ ପକାନ୍ତି। ମୋତେ ମଧ୍ୟ ଆଜି ବା କାଲି ଶେଷ କରି ଦେବେ। ଏପରି ଅବସ୍ଥାରେ ମିଛ କହିବା ଠିକ୍ ହେବ ନାହିଁ। ସତ କଥା କହିଦେଲେ ଏ ପର୍ଯ୍ୟନ୍ତ ଯେଉଁ ମାଲିକଙ୍କର ଲୁଣ ଖାଇ ଆସିଛି ସେମାନଙ୍କ ପ୍ରତାରଣା କରାହେବ। ମାଲିକ ଓ ମାଲିକାଣୀ ମାଙ୍ଗାଲୋର ଯାଇ ରାଜାଙ୍କ ନିକଟକୁ ପତ୍ର ଲେଖେଇବେ। ସେମାନେ ଏ ସବୁ କରିବାକୁ ବର୍ତ୍ତମାନ ମୁକ୍ତ। କିନ୍ତୁ ତାଙ୍କରି ଅନ୍ନରେ ବଞ୍ଚିଥିବା ଏଇ ସେବକର ସେମାନେ ଲୁଚି ପଳାଇଛନ୍ତି ବୋଲି କହିବାର କି ଅଧିକାର ଅଛି? ଯାହା କହିଲେ ମଧ୍ୟ ଏମାନେ ମୋର କିଛି ନା କିଛି କ୍ଷତି କରିବେ। ତେଣୁ ଚୁପ୍ ରହିବା ଉଚିତ ହେବ। ଭଗବାନଙ୍କର ଯାହା ଇଚ୍ଛା ଥିବ ହେବ କିନ୍ତୁ ମୋ ମୁହଁରୁ ମାଲିକଙ୍କୁ କଷ୍ଟ ପହଞ୍ଚାଇବା ପରି କଥା କେବେ ହେଲେ ବାହାରିବ ନାହିଁ।''

ବସବ ପ୍ରଶ୍ନ ପଚାରିବା ପୂର୍ବରୁ ଚୋମା ଏହା ସ୍ଥିର କରି ସାରିଥିଲା। ତେଣୁ ସେ ଉତ୍ତର ଦେଲା, ''ଓହୋ ମୋର କଥା ପୁଣି କଣ ମାଲିକ?''

ସଂପାଦେର ଗୁରିକାର, ''ଏ କଣ କହୁଛୁ? ତୁ ତ ଅପ୍ପଗୋଲଂର ସେବକ ଚୋମା ବୋଲି ନିଜର ପରିଚୟ ଦେଇଥିଲୁ।''

ଚୋମା: ''ଛୋଟ ମାଲିକ ଆଗରେ କହିଥିବା କଥା କଣ ବଡ ମାଲିକଙ୍କ ସାମନାରେ କହି ହେବ?''

ପଛରେ ଥିବା ଅପ୍ପଗୋଲଂର ସେବକମାନେ ହସି ଉଠିଲେ। ନାୟକ ଏହାକୁ ଚିହ୍ନି ପାରି କହିଲା, ''ମାଲିକ, ଏ ତ ଅପ୍ପଗୋଲଂର ସେବକ।''

ରାଜା ବସବଙ୍କୁ କହିଲେ, ''କିରେ, ଇଏ ତ କଣ ଖୁବ୍ ଚାଲାକିରେ କଥା କହୁଛି?''

ବସବ: ''ମାଲିକ, ଏ ଚାକର ଜାତି ସେମିତି ହୋଇଯାଉଛନ୍ତି। ଏମାନଙ୍କ ହୁସିଆରି ଦେଖି ରାଜା ହସିଲେ ତାଙ୍କ ସାହସ ଆହୁରି ବଢ଼ି ଯାଉଛି। ଏମାନଙ୍କର ଚମଡା ଉତାରି ଦେବା ଦରକାର।''

ରାଜା ଚୋମାକୁ କହିଲେ, ''ଏ ସୂଅର କା ବଚ୍ଚା, ମିଛ କଥା କହ ନାହିଁ। ଜିଭ କାଟି ଦେବି। ସଂପାଦେ ବାଟେ କଣ ତୋର ମାଲିକ-ମାଲିକାଣି ପଳାୟନ କରୁଥିଲେ?''

''ସେ କଥା କେମିତି କହିବି, ମାଲିକ।''

''କଣ ତୁ କହିବାକୁ ଚାହୁଁନୁ ତୁ ଜାଣିନାହୁଁ?''

ବସବ: ''ମାଲିକ, ତା କଥାର ଅର୍ଥ ହେଉଛି ଜାଣିଥିଲେ ମଧ୍ୟ କହିବା ସମ୍ଭବ ନୁହେଁ।''

ତାପରେ ଚୋମାକୁ ଚାହିଁ ପଚାରିଲା, ''କଣ ଏ କଥା ଠିକ୍ ନାଁ?

''ଆପଣ ନିଜେ ଜାଣନ୍ତି, ମାଲିକ।''

''ସେମାନେ ଯଦି ପଳାଇଲେ ପିଲା କେମିତି ଏଠାରେ ରହିଗଲା?''

ଭଗବାନଙ୍କ ଇଚ୍ଛା; ତାହା କିଏ କହି ପାରିବ।''

''ଏ କଣ ସେମାନଙ୍କର ସନ୍ତାନ?''

''ଏ କଥା ମୋର କହିବାର ନୁହେଁ, ଜନ୍ମଦେଲାବାଲା ବା ପାଳିଲାବାଲା କହି ପାରନ୍ତି।'' ରାଜା ବିରକ୍ତ ହୋଇ ଉଠି କହିଲେ, ''ଏ କୁକୁରର ତ ଡରଭୟ କିଛି ନାହିଁ। ସତ କଥା କହିଲେ ତ ଭଲ ନଚେତ ଶୂଳୀରେ ଚଢ଼ାଇ ଦିଆଯିବ।''

Digitized by srujanika@gmail.com

ଚୋମା ହଠାତ୍ ବସବ ପାଦ ତଳେ ପଡ଼ି କହିଲା, "ମାଲିକ ଆପଣଙ୍କ ପାଦ ତଳେ ପଡୁଛି। ମୋତେ ଶୂଳୀରେ ଚଢ଼ାଇ ଦିଅନ୍ତୁ ମୁଁ ମନା କରୁନାହିଁ। କିନ୍ତୁ ମାଲିକ ମାଲିକାଣିଙ୍କ ସନ୍ତାନଙ୍କୁ ବଞ୍ଚାନ୍ତୁ, ମୁଁ ଖୁସୀରେ ମରିବାକୁ ପ୍ରସ୍ତୁତ ଅଛି।"

ରାଜା: "ଖୁସୀରେ ନ ହେଲେ ଦୁଃଖରେ ମରିବୁ। ତୋ ମାଲିକ ମାଲିକାଣୀଙ୍କର କଣ କରିବି ସେ କଥା ପଚାର ନାହିଁ। ଯାହ ପଚରା ଯାଉଛି ତାର ଠିକ୍ ଉତ୍ତର ଦେ।"

"ମିଛ କହିଲେ ମରିବି, ସତ କହିଲେ ମଧ୍ୟ ମରିବି। ଆପଣ ଯାହା ଠିକ୍ ବୁଝୁଛନ୍ତି, କରନ୍ତୁ। ମୁଁ ଭୋଗ କରିବାକୁ ପ୍ରସ୍ତୁତ ଅଛି।" କହି ଚୋମା ପଛକୁ ଘୁଞ୍ଚି ଠିଆ ହେଲା।

ରାଜା ଏହାର ସାହସ ଦେଖି ଆଶ୍ଚର୍ଯ୍ୟ ହେବା ସଙ୍ଗେ ସଙ୍ଗେ ପସନ୍ଦ ମଧ୍ୟ କଲେ। ସେବକମାନଙ୍କ ମନରେ ଏତେ ସ୍ନେହ ଉତ୍ପନ୍ନ କରିପାରିଥିବା ହେତୁ ତାଙ୍କର ନିଜ ଭିଣୋଇ ପ୍ରତି ଈର୍ଷା ଆସିଲା। ତା ଛଡ଼ା ଜଣେ ସାମାନ୍ୟ ଭୃତ୍ୟ ତାଙ୍କୁ ଛୋଟ କରିଦେଉଛି ଭାବି କ୍ରୋଧିତ ମଧ ହେଲେ। ବଞ୍ଚି ପଳାୟନ କରିଥିବା ଭଉଣୀ ଓ ଭିଣୋଇଙ୍କ ପ୍ରତି ରାଗ ସୁଝାଇବା ପାଇଁ ଏଇ ଦୁଷ୍ଟ ମିଳିଲା। ସେ ବସବକୁ "ଗୋଟାଏ ଗାତ ଖୋଳି ଏହାକୁ ଏଇଠି ଶୂଳୀରେ ଚଢ଼େଇ ଦିଅ" ବୋଲି କହିବାରୁ ବସବ ଉତ୍ତର ଦେଲା, "ଆପଣ ମହଲକୁ ଯାଆନ୍ତୁ। ମୁଁ ଏହା କଥା ବୁଝି ସାରି ଆସୁଛି।"

ରାଜା କହିଲେ, "ମୋ ଆଜ୍ଞାକୁ ତୁ କେତେ ଅକ୍ଷରେ ଅକ୍ଷରେ ପାଳନ କରୁଛୁ ତା ଦେଖିଲିଣି। ଏହା ମୋ ସାମନାରେ କରିବାକୁ ହେବ।

ତା ପର ଘଟଣାର ବିବରଣ ଦେବାର ଆବଶ୍ୟକତା ନାହିଁ। ପାଖରେ ଥିବା ଗଛରୁ ଗୋଟାଏ ଡାଳ କାଟି ଦୁଇ ହାତ ଲମ୍ବ ଗୋଜିଆ କଡ଼ି ତିଆରି କରାଯାଇ ତିନିମୁହାଁ ଛକର ଗୋଟାଏ ପାଖରେ ପୋତି ଦିଆ ହେଲା। ବସବ, ଚୌକିଦାର ନାୟକ, ଓ ଅପଗୋଲଂ ଭୃତ୍ୟମାନେ ଚୋମାକୁ ଧରି କଡ଼ିର ମୁନିଆ ଅଂଶରେ ପେଟକୁ ଘଷି ଛାତିରେ ରଖିଲେ। ମୁନିଆ ଅଂଶ ପେଟରେ ଘଷି ହେବା ସମୟରେ ଚୋମା ଚିତ୍କାର କଲା, "ମା କରିଙ୍ଗାଳୀ, ତୋର ଏଇ ଇଚ୍ଛା ଥିଲା; ମା, ମୋର ମାଲିକ-ମାଲିକାଣି ଓ ତାଙ୍କ ସନ୍ତାନଙ୍କୁ ରକ୍ଷା କର।" ପରକ୍ଷଣରେ ତାର ପ୍ରାଣ ବାୟୁ ଉଡ଼ିଗଲା। ତାର ମୁହଁ, ନାକ ଓ ଆଖିରୁ ରକ୍ତର ଧାରା ବହିବାକୁ ଲାଗିଲା।

ଏ ନିଷ୍ଠୁର କାର୍ଯ୍ୟ କରିବା ସମୟରେ ଯେଉଁ ଦୁଇଜଣଙ୍କର ମନ ଖରାପ ହୋଇ ନଥିଲା ସେ ଦୁଇଜଣ ହେଉଛନ୍ତି ରାଜା ଓ ବସବ। ଚୋମାକୁ ଶୂଳୀରେ ଚଢ଼ାଇଥିବା ଭୃତ୍ୟ ଚଢ଼ାଇବା ସମୟରେ ଆଖି ଖୋଲା ରଖିଥିଲେ ମଧ୍ୟ ତୁରନ୍ତ ବୁଜି ଦେଇଥିଲା। ଶୂଳୀରେ ଚଢ଼ିଥିବା ଚୋମାର ଶରୀର କାହାରି ପକ୍ଷରେ ଦେଖିବା ସମ୍ଭବପର ନ ଥିଲା।

ରାଜା ବସବକୁ ଡୋଳୀ ତା ସାମନାରେ ରଖିବାକୁ ଆଦେଶ ଦେବାରୁ ବସବ ତାକୁ ହାତରେ ଧରିବା ମାତ୍ରେ ରାଜା ନିଜ ଘୋଡ଼ା ସହର ଆଡ଼କୁ ମୁହାଁଇଲେ। ଦୁଇ ପାହୁଣ୍ଡ ଯାଇ ହଠାତ୍ ବୁଲି ପଡ଼ି ବସବକୁ କହିଲେ, "ଏ ବସବ, ଏ ହାରାମଖୋରର ଶବ ତିନି ଦିନ ପର୍ଯ୍ୟନ୍ତ ଶୂଳୀରେ ଟଙ୍ଗା ହୋଇ ରହୁ। ଏଠାରେ ଜଗୁଆଳୀ ରଖାଇ ତାର ଚର୍ବିକୁ ଚିଲ ଆଉ କାଉଙ୍କୁ ଖୁମ୍ପି ଖାଇବାକୁ ଛାଡ଼ି ଦେ।"

Digitized by srujanika@gmail.com

ବସବ: "ଯାହା ହୁକୁମ୍ ମାଲିକ" କହିଲା । ରାଜା ପୁଣି ଘୋଡ଼ା ସହର ଆଡ଼କୁ ବୁଲାଇଲେ ।

ଅପ୍ପଗୋଲଂରୁ ଆସିଥିବା ଚାରିଜଣ ଲୋକଙ୍କୁ ସେଠାରେ ଜଗିବାକୁ କହି ବସବ ଚୌକିଦାର ନାୟକ ଓ ଅନ୍ୟ ଭୃତ୍ୟମାନଙ୍କ ସହ ରାଜାଙ୍କ ପଛେ ପଛେ ଚାଲିଲା ।

ରାଜା ଓ ତାଙ୍କ ସାଥୀ ଦଶ କଦମ ଯିବା ପରେ ସଂପାଦେ ଗୌଡ଼ର ପୁଅ ଗୁରିକାରକୁ କହିଲା, "ଆଉ କଣ ବାକୀ ରହିଲା, ଏଥର ଫେରିବା ତ?" ଗୁରିକାର କହିଲା, "ଆଉ କଣ।" "ଏହାକୁ ଚୋର ଭାବି ଆମେ ଆଣିଥିଲୁ। ପ୍ରକୃତରେ କିନ୍ତୁ ସେ କି ନିମକପଚ୍ଛା ଲୋକ ଥିଲା।"

"ହଁ ବିଶ୍ୱାସୀ ହବ ତ ଏମିତି । ଏଥିରେ ଗୌଡ଼ କଣ କୋଡ଼ଗୀ କଣ ?"

କୋଗ୍ଗା ଓ ତା ପତ୍ନୀ ମଧ୍ୟ ଏ କଥା ଶୁଣୁଥିଲେ। କୋଗ୍ଗା ନିଜ ପତ୍ନୀକୁ କହିଲା, "ଗୌଡ଼ ସାହେବଙ୍କ କଥା ଶୁଣିଲୁ।" ସେ କହିଲା କହୁଥାନ୍ତୁ ଆମର କଣ ଅଛି? ଉଚ୍ଚ କୁଳର ଲୋକ ନିଜ ବିଶ୍ୱସ୍ତତା ଛାଡ଼ି ପାରନ୍ତି। କିନ୍ତୁ ଆମର ତ କେବଳ ସେତିକି ହିଁ ସମ୍ବଳ।"

ସେମାନେ ସେହିଠାରୁ ଗ୍ରାମକୁ ଫେରିଗଲେ ।

116

ବହୁତ ଦିନ ହେଲା ଘୋଡ଼ା ଚଢ଼ିବାର ଅଭ୍ୟାସ ଛାଡ଼ିଯିବା ପରେ ରାଜା ପୁଣି ଘୋଡ଼ା ଚଢ଼ି ଅପ୍ପଗୋଲଂ ଯାଇଥିବାରୁ ରାଣୀ ଚିନ୍ତିତ ଥିଲେ। ଅନେକ ସମୟ ବାଦ ଉପର ମହଲାର ଝରକାରୁ ଦୁଇ ତିନିଥର ଚାହିଁବାରେ ମଧ୍ଯ ଯେତେବେଳେ ତାଙ୍କର ଆସିବାର କୌଣସି ଚିହ୍ନ ଦେଖାଗଲା ନାହିଁ ତାଙ୍କ ଚିନ୍ତା ଆହୁରି ବଢ଼ି ଯାଇଥିଲା । ଶେଷରେ ଯେତେବେଳେ ରାଜା ଆସିବାର ଦେଖାଗଲା ତାଙ୍କୁ ସାନ୍ତ୍ୱନା ମିଳିଲା ।

ରାଣୀଙ୍କ ସହ ଠିଆ ହୋଇଥିବା ରାଜକୁମାରୀ ପିତାଙ୍କ ପଛରେ ଆସୁଥିବା ବସବ ଗୋଟିଏ ଦୋଳୀ ଆଣିଥିବାର ଦେଖି କହିଲେ, "ମା' କୁନିପୁଅକୁ ନେଇ କରି ଆସିବା ପରି ମନେ ହେଉଛି।"

ଏହା କିପରି ସମ୍ଭବ ରାଣୀ ବୁଝି ପାରିଲେ ନାହିଁ ଚେନ୍ନବସବ ଓ ଦେମ୍ମାଙ୍କର ଲୁଚି ପଳାୟନ କରିବା ଖବର କ'ଣ ମିଛ? ପିଲା ସେମାନଙ୍କ ପାଖରୁ ଅଲଗା ହେଲା କିପରି? ସେ ପଚାରିଲେ, "ସ୍ବାଇଁ ମଧ କ'ଣ ପଛରେ ଦେଖାଯାଉଛନ୍ତି ଝିଅ?"

"କାହିଁ ଦେଖାଯାଉ ନାହାନ୍ତି ମା।"

"ତେବେ ଏହାର ଅର୍ଥ କ'ଣ? ସେଠାରେ ଏମିତି ତ ହୋଇନି ଯେ ସେମାନଙ୍କୁ ଅଟକାଇବା ପାଇଁ ବନ୍ଧକ ରୂପେ ପିଲାକୁ ନେଇ ଆସିଛନ୍ତି? ବର୍ତ୍ତମାନ କ'ଣ କରାଯିବ? ଗ୍ରହପତି କ'ଣ ବଳବାନ ହେଲା? ଭଗବାନ କ'ଣ ସାହାଯ୍ୟ କରିବେ ନାହିଁ?

ରାଜା ମହଲରେ ପହଞ୍ଚିବାରୁ ରାଣୀ ଖୁବ୍ ବ୍ୟାକୁଳ ହୋଇ ତାଙ୍କ ସାମନାକୁ ଆସିଲେ। ପିଲା ଆସିବାର ଖୁସୀରେ ରାଜକୁମାରୀ ମା'ଙ୍କ ପଛରେ ଶୀଘ୍ର ଶୀଘ୍ର ଆସି ତାଙ୍କ ପୂର୍ବରୁ

Digitized by srujanika@gmail.com

ଯାଇ ପିତାଙ୍କୁ "ବାବା କୁନିପୁଅକୁ ଆଣିଛନ୍ତି।" କହି ଆତୁର ହୋଇ ବସବ ପାଖରେ ଦୋଳୀ ସମ୍ମାନାରେ ଠିଆ ହୋଇଗଲେ।

ପଛରେ ଠିଆ ହୋଇଥିବା ଜଣେ ଭୃତ୍ୟ ଦୌଡ଼ି କରି ବସବ ନିକଟକୁ ଆସିବାରୁ ବସବ ତାକୁ ଦୋଳୀ ଓହ୍ଲାଇଦେବାକୁ କହିଲା। ସେ ଦୋଳୀ ଓହ୍ଲେଇବା ପରେ ବସବ ନିଜେ ଘୋଡ଼ାରୁ ଓହ୍ଲାଇଲା।

ରାଜକୁମାରୀ ଭୃତ୍ୟ ହାତରୁ ଦୋଳୀ ଟାଣିଲେ। ତାକୁ ତଳେ ରଖିବାରୁ ପିଲାକୁ ଉଠାଇ ତାକୁ ଗେଲ କରି ଦୋଳୀ ଭିତରକୁ ନେବାକୁ କହିଲେ।

କନ୍ୟାର ଏ ଖୁସୀ ରାଜାଙ୍କର ଆଦୌ ପସନ୍ଦ ହେଲା ନାହିଁ। ସେ କନ୍ୟାକୁ କହିଲେ, "ତୁମେ ଭିତରକୁ ଯାଅ, ଦୋଳୀ ଭିତରକୁ ଯିବାର ଆବଶ୍ୟକତା ନାହିଁ। ତାଙ୍କ ଉପରେ ବିରକ୍ତ ହୋଇ ବସବକୁ କହିଲେ, "ଏ ଲେଙ୍ଗଡ଼ା ଏହାକୁ ଦାସୀ ଘରକୁ ପଠାଇ ସେ ଦୋଣ୍ଡୀକୁ ଏହା ପ୍ରତି ନଜର ରଖିବାକୁ କହ।"

ବସବ "ଯେ ଆଜ୍ଞା, ମହାରାଜ" କହିଲା।

ରାଜା: "ଖବରଦାର, ପିଲାକୁ ଯେପରି କେହି ଚୋରାଇ ନ ନିଅନ୍ତି। ଲୁଟ କରି ପଳାଇଥିବା ହାରାମଜାଦା ଆସି ପାଦତଳେ ପଡ଼ିଲେ ଯାଇ ତାକୁ ସନ୍ତାନ ଫେରସ୍ତ ଦିଆଯିବ। ସେ ପର୍ଯ୍ୟନ୍ତ କେହି ଯେପରି ଏହାର ପାଖ ପଶି ନ ପାରନ୍ତି। ନଚେତ୍ କାନ୍ଧରୁ ମୁଣ୍ଡ ଅଲଗା କରି ଦିଆଯିବ, ଖବରଦାର।"

ବସବ: "ଯାହା ହୁକୁମ ମାଲିକ।"

ରାଣୀ ବସବକୁ ପଚାରିଲେ, "ଇଏ ଭଉଣୀଙ୍କର ପିଲା ନାଁ ବସବୟା।"

"ହଁ ମା।"

"ସେ ଓ ବ୍ରାଇଁ ସାହେବ କ'ଣ ପଳାଇଲେ ?"

"ହୋଇପାରେ, ମା।"

"ସେମାନେ ଛାଡ଼ିଦେଇଗଲେ ଭାବି ଆମେ କ'ଣ ଛାଡ଼ି ଦେବା ? ଦୋଳୀ ଭିତରକୁ ଅଣାଅ।" ରାଜାଙ୍କର ଏହା ପସନ୍ଦ ହେଲା ନାହିଁ। କିନ୍ତୁ ସେ ଜାଣିଥିଲେ ଯେ ରାଣୀ ଯେତେବେଳେ ପରୋକ୍ଷ ଭାବେ କଥା କହନ୍ତି ସେତେବେଳେ ତାଙ୍କରି କଥା ରହେ। ଖୁବ୍ ହେଲେ ସେ ବିରକ୍ତ ହୋଇ ଗାଳି ଦେଇ ପାରନ୍ତି।

ରାଜା କହିଲେ, "ଭାଉଜ ପାଳିବା ପାଇଁ ସେ ସନ୍ତାନକୁ ଛାଡ଼ିଦେଇ ଯାଇଛି। କେମିତି କଥା କହୁଛ ? ତା'ର ସମ୍ପର୍କ, ସ୍ନେହ ମମତା ବିଷୟରେ କ'ଣ କହିବି।"

ରାଣୀ: "ଏ ସବୁ ଆମର ଭାଗ୍ୟ। ମୁଁ ମୋର ପାରୁପର୍ଯ୍ୟନ୍ତ ତାଙ୍କ ପାଇଁ କରିଛି। ତଥାପି ସେ ବୁଝିପାରିଲେ ନାହିଁ।"

ରାଜା: "ତୁମେ ତ ବୁଝୁଛ ? ତୁମେ ତେବେ ବୁଝେଇ ଦିଅ" କହି ନିଜ ବୈଠକକୁ ଚାଲିଗଲେ।

ରାଣୀଙ୍କ କଥାରେ ରାଜାଙ୍କର ସମ୍ମତି ଅଛି ଭାବି ବସବ ଭୃତ୍ୟକୁ ଦୋଳୀ ଅନ୍ତଃପୁର ନେଇଯିବାକୁ ଆଦେଶ ଦେଲା। ରାଣୀ ଓ ରାଜକୁମାରୀ ତାକୁ ସାଙ୍ଗରେ ନେଇ ଭିତରକୁ ଗଲେ।

ସେତିକିବେଳେ ରାଜା ନିଜ ବୈଠକରୁ "ଏ ଲେଙ୍ଗଡ଼ା।" ବୋଲି ଡାକିବାରୁ ବସବ ତାଙ୍କ ନିକଟକୁ ଦୌଡ଼ିଲା।

Digitized by srujanika@gmail.com

ରାଜା: "ଦୋଷ୍ତୀ ପାଇଁ ଯାହା କିଛି କହିଥିଲି ସେ ସବୁ ନିଜ ମାଲିକାଣିଙ୍କୁ ମଧ୍ୟ ଶୁଣାଇ ଦିଅ। ପିଲା ବନ୍ଦୀ ଭାବେ ଅଛି ବୋଲି ଯେପରି ଭାବନ୍ତି। କେହି ଯେପରି ପାଖ ନ ପଶନ୍ତି। ଦୋଷ୍ତୀ ଯେଉଁ ଦୁଧ ପିଆଉଛି ତାହା ଏମାନେ ପିଆନ୍ତୁ। ଲୁଗା ପିନ୍ଧାନ୍ତୁ ଓ ଦେଖାଶୁଣା କରନ୍ତୁ। କିନ୍ତୁ ଯେତେବେଳେ ମୁଁ ଡକାଇବି ସେତେବେଳେ ମୋ ପାଖକୁ ଆଣିବାକୁ ପଡ଼ିବ। ଯଦି ଏଥିପାଇଁ ସେ ପ୍ରସ୍ତୁତ ତେବେ ପିଲାକୁ ଏଠାରେ ରଖ, ନଚେତ୍ ବାହାରକୁ ନେଇଯାଅ।"

ରାଣୀଙ୍କ ସାମନାରେ ରାଜା ଜିଦ୍ କରି ଜିତି ପାରୁ ନଥିଲେ ମଧ୍ୟ ତାଙ୍କ ପଛରେ ତାଙ୍କର ବିରୋଧ କରି ସେବକ ଦ୍ୱାରା କାର୍ଯ୍ୟ ସମ୍ପନ୍ନ କରିପାରନ୍ତି। ତାଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା ଯେ ତାଙ୍କ ଆଜ୍ଞାକୁ କାର୍ଯ୍ୟକାରୀ ନ କରି ବସବ ଫେରିବା ଲୋକ ନୁହେଁ। ବସବ "ଯେ ଆଜ୍ଞା, ମାଲିକ।" କହି ଅନ୍ତଃପୁରରେ ରାଜାଙ୍କ କଥା ରାଣୀଙ୍କ ନିକଟରେ ନିବେଦନ କଲା।

ସେତେବେଳେ ରାଜକୁମାରୀ ପିଲାକୁ ପଲଙ୍କ ଉପରେ ଶୁଆଇ ଖେଳଉଥିଲେ। ପିଲାଟି ଛୋଟ ଥିଲେ ମଧ୍ୟ ସେଇ ମୁହଁ ଯେ ତାକୁ 'ସ୍ନେହ କରୁଛି ତା ଜାଣି ପାରି ତା ଆଡ଼କୁ ପ୍ରସନ୍ନତା ସହକାରେ ଦେଖୁଥିଲା।

ରାଣୀ ବସବକୁ କହିଲେ, "ସ୍ୱାମୀଙ୍କୁ ରାଜା ଯାହା ଚାହାଁନ୍ତି କରିପାରନ୍ତି। ରାଜାଙ୍କ ଯୋଗୁଁ ମୋର ତାଙ୍କ ସହ ସମ୍ପର୍କ। ଭୃତ୍ୟମାନଙ୍କ ପାଖରେ ସେ କାହିଁକି ରହିବ? ମୁଁ କେବଳ ଏତିକି କହିବାକୁ ଚାହୁଁଛି ଯେ ରାଜମହଲର ସନ୍ତାନ ରାଜମହଲରେ ପାଳିତ ହେଉ।" ବସବ "ଯେ ଆଜ୍ଞା ମା" ବୋଲି କହିଲା। ସେ ରାଜାଙ୍କ ନିକଟକୁ ଯିବା ପାଇଁ ପାଦ ବଢ଼ାଉଥିବା ସମୟରେ ରାଣୀ ତାକୁ "କଣ ହେଲା ବସବୟା ସେମାନେ ପିଲାକୁ ଛାଡ଼ି ଚାଲିଗଲେ।" ବୋଲି ପଚାରିବାରୁ ସେ କୋଗ୍ମା, ତା'ର ପତ୍ନୀ ଗୁରିକାର ଓ ଅନ୍ୟମାନେ କହିଥିବା ସବୁ କଥା ସଂକ୍ଷେପରେ ରାଣୀଙ୍କୁ କହିଲା। ତା ସଙ୍ଗେ ସଙ୍ଗେ ଚୋମା ପ୍ରତାରଣା କରି ପିଲାକୁ ପଛରେ ରଖି ନେଇଛି ବୋଲି ସେ ଅନୁମାନ କରୁଥିବା କଥା କହିଲା। କିନ୍ତୁ ସେ ପିଲା ତାକୁ ମିଳିଲା ନାହିଁ।

ଏ କଥା ଶୁଣି କ'ଣ ହୋଇଥିବ ସେ କଥା ରାଣୀ ଅନୁମାନ କରିପାରିଲେ। ଚୋମା ନିଜ ମାଲିକ ଓ ମାଲିକାଣୀଙ୍କ ପ୍ରତି ବିଶ୍ୱାସଘାତକତା କରିବା ଲୋକ ନୁହେଁ। ତାକୁ ଧରିଥିବା ଲୋକ ହାତରୁ ପିଲା ତଳ ରାସ୍ତାରେ ଖସି ପଡ଼ିଥିବ। କିଛି ଦୂର ଯିବା ପରେ ଦୋଳୀରେ ପିଲାକୁ ନ ଦେଖି ତାକୁ ଖୋଜିବା ପାଇଁ ଚୋମା ଫେରିଥିବ ବୋଲି ମନରେ ଭାବି ସେ ପଚାରିଲେ, "ଚୋମା କ'ଣ କହିଲା?"

"ସେ ମାଲିକ ଓ ମାଲିକାଣୀ ଲୁଚି ଯାଇଛନ୍ତି ବୋଲି କେମିତି କହିବ ବୋଲି କହିଲା।" "ଏ ପିଲା କ'ଣ ସେମାନଙ୍କର?" ବୋଲି ପଚାରିବାରୁ ମଧ୍ୟ ହଁ କହିଲା ନାହିଁ। ମହାରାଜଙ୍କୁ ସେ ଖୁବ୍ ରଗେଇଦେଲା ମାଁ।"

"ସେ କେଉଁଠି ଅଛି?"

"ବହୁତ କ୍ରୋଧ ଆସିବାରୁ ମହାରାଜ ତାକୁ ସେହିଠାରେ ହିଁ ଶୂଳୀରେ ଚଢ଼େଇଦେଲେ।"

"ଚୋମାକୁ?"

Digitized by srujanika@gmail.com

"ହଁ, ରାଣୀମା।"

ରାଣୀ ଖୁବ୍ ଦୁଃଖିତ ହେଲେ। ଗ୍ରହ ଗତି ଖୁବ୍ ବଳବାନ ବୋଲି ତାଙ୍କର ମନେ ହେବାରୁ ଖୁବ୍ ଚିନ୍ତିତ ହେଲେ। ଗୋଟାଏ ଜୀବନ ତ ଗଲା, ଆଉ କାହାରି କିଛି ଅମଙ୍ଗଳ ନ ହେଉ ବୋଲି ମନେ ମନେ ପ୍ରାର୍ଥନା କରି କନ୍ୟା ସହ ଖେଳୁଥିବା ପିଲା ଆଡ଼କୁ ବୁଲିଲେ। ବସବ ରାଜାଙ୍କ ବୈଠକ ଆଡ଼କୁ ଚାଲିଗଲା।

117

ଚୋମାକୁ ପିଲାକୁ ଖୋଜି ଆଣିବା ପାଇଁ ସଂପାଦେ ଆଡ଼କୁ ପଠାଇ ଚେନ୍ନବସବ ଠିକ୍ ସମୟରେ ସୂଲ୍ୟାରେ ପହଞ୍ଚିଲେ। ଯାତ୍ରା ସମାପ୍ତ ହେବା ବେଳକୁ ଦେବମ୍ମା ଦେବୀ ପୁରା ଥକି ଯାଇଥିଲେ। ରାତାରାତି ଅପ୍ପଗୋଲାଂରୁ ଆସି ଚାଲି ଚାଲି ସୀମା ପାର କରିବାର କ୍ଳାନ୍ତି ଓ ଅନ୍ୟ ଆଡ଼େ ପିଲାକୁ ହଜାଇବାର ଅପ୍ରତ୍ୟାଶିତ ଦୁଃଖ ଯୋଗୁଁ ସେ ଭାଙ୍ଗି ପଡ଼ିଥିଲେ। ଏହି କାରଣ ଯୋଗୁଁ ଓ ଚୋମାକୁ ଯଦି ପିଲାକୁ ପାଏ ତେବେ ଏଠାକୁ ଆସି ସେମାନଙ୍କୁ ଭେଟି ପାରିବ ବୋଲି ଚେନ୍ନବସବୟା ସେହି ଦିନ ସନ୍ଧ୍ୟା ପର୍ଯ୍ୟନ୍ତ ସେଠାରେ ରହିବାକୁ ସ୍ଥିର କଲେ।

ଗାଁର ଗୌଡ଼ା ଘର ଖୋଜି ତାକୁ ଗୁପ୍ତରୂପେ ନିଜ ପରିଚୟ ଦେଇ ଚେନ୍ନବସବ ସେଠାରେ ରହିବାର ବ୍ୟବସ୍ଥା କଲେ। ଚୋମା ଯଦି ଆସେ ତାକୁ ଅଟକାଇବା ପାଇଁ ଉଗ୍ରୀ ଓ ତୁର୍କୀଙ୍କୁ ମଝିରେ ମଝିରେ ରାସ୍ତାରେ ପ୍ରତୀକ୍ଷା କରିବାକୁ ଆଦେଶ ମଧ୍ୟ ଦେଲେ।

ଅନେକ ବିଳମ୍ବ ହେଲେ ମଧ୍ୟ ଚୋମା ଆସିଲା ନାହିଁ। କିନ୍ତୁ ସଂପାଦେ ଆଡୁ ଆସିଥିବା ବଳଦ ବେପାରୀ ଆଣିଥିବା ସମାଚାର ଗାଁ ଯାକ ବ୍ୟାପିଗଲା। ଏମାନଙ୍କ କାନରେ ମଧ୍ୟ ସେ କଥା ପଡ଼ିଲା।

ସମାଚାର ଏହିପରି ଥିଲା। ସକାଳେ ସଂପାଦେର ସୀମା ମାର୍ଗ କଡ଼ ଜଙ୍ଗଲରେ କୋଗ୍ଗାର ପତ୍ନୀ ଗୋଟିଏ ପିଲାକୁ ପାଇ ତାକୁ କୋଗ୍ଗା ସହ ଗୌଡ଼ା ପାଖକୁ ନେଇଗଲେ। ଠିକ୍ ସେତିକିବେଳେ ଫାଣ୍ଡିର ଗୁରିକାର ଅପ୍ପଗୋଲଂର ଜଣେ ଭୃତ୍ୟକୁ ଭେଟିଲା। ପିଲା ଅପ୍ପଗୋଲଂର ହୋଇପାରେ ଓ ସେ ତାକୁ ଚୋରାଇ ଆଣିଥିବ ଭାବି ଗୌଡ଼ା ଓ ଗୁରିକାର ଭୃତ୍ୟ ଓ ପିଲାକୁ ଅପ୍ପଗୋଲଂ ନେଇଗଲେ।

ସୂଲ୍ୟାର ଲୋକେ ଏ ବିଷୟରେ ଖୁବ୍ ମଜାରେ ନିଜ ମଧ୍ୟରେ ଆଲୋଚନା କରୁଥିଲେ। ଖବର ଖୁବ୍ ଆଶ୍ଚର୍ଯ୍ୟଜନକ ଥିବାରୁ ସେମାନେ ଏଥିରେ ଖୁବ୍ ଆଗ୍ରହାନ୍ୱିତ ଥିଲେ। ସରଳ କୌତୂହଳ ଦେଖାଇ ଚେନ୍ନବସବୟା ଏ ଖବର କଥା ଲୋକଙ୍କୁ ପଚାରି ଜାଣିନେଲେ।

ପିଲା ଆମର, ଅପ୍ପଗୋଲଂର ଭୃତ୍ୟ ବୋଲି କୁହାଯାଉଥିବା ଲୋକ ହେଉଛି ଚୋମା। ସଂପାଦେରେ ଗୌଡ଼ା ଓ ଗୁରିକାର ସହ ଯାଇଥିବା ପିଲା ଓ ଚୋମା ରାଜାଙ୍କ ପହରାଦାରଙ୍କ ହାତରେ ପଡ଼ିବ। ଆମର ଲୁଚି ପଳାଇ ଆସିଥିବା ଖବର ମଧ୍ୟ ଏପର୍ଯ୍ୟନ୍ତ ଚାରିଆଡ଼େ ବ୍ୟାପିଯାଇଥିବ। ପହରାବାଲା ପିଲା ଓ ଚୋମାକୁ ମଡ଼କେରୀ ନେଇ ରାଜାଙ୍କୁ ସମର୍ପି ଦେବେ। ରାଜା ପିଲା ଓ ଚୋମାକୁ ନ ମାରି କ'ଣ ଛାଡ଼ିବେ ? କାହିଁକି ବା ଛାଡ଼ିବେ ?

Digitized by srujanika@gmail.com

ଏହା ଭାବି ଚେନ୍ନବସବ କମ୍ପି ଉଠିଲେ। ଏ କଥା ଦେବମ୍ମା ଦେବୀଙ୍କୁ କହିବା ଉଚିତ ହେବ କି ନାହିଁ ଭାବିବାକୁ ଲାଗିଲେ। ବହୁତ ଭାବି ଚିନ୍ତି ସ୍ଥିର କଲେ ଯେ ଏ ସବୁ କଥା ଦେବମ୍ମାଙ୍କୁ କହି ତାଙ୍କ ମତ ଅନୁସାରେ ଭବିଷ୍ୟତ କାର୍ଯ୍ୟକ୍ରମ ଠିକ୍ କରିବାକୁ ହେବ। ସେଥିପାଇଁ ଯେଉଁ ସମାଚାର ତାଙ୍କୁ ମିଳିଥିଲା ସବୁ ଦେବମ୍ମାଙ୍କୁ କହି ଶୁଣାଇଲେ।

ପିଲାକୁ ଦୋଳୀରେ ନ ଦେଖି ଦେବମ୍ମାଜୀଙ୍କ ମନ ଖରାପ ହୋଇଯାଇଥିଲା। ତାକୁ ଫେରି ପାଇବାର ଯାହା ବା ଆଶା ଥିଲା ଏ ଖବର ପାଇବା ପରେ ତା ମଧ୍ୟ ଭାଙ୍ଗିଗଲା। ଭଗବାନ କ'ଣ ଏହା ଦେଖିବା ପାଇଁ ପତିଙ୍କୁ ଗୁପ୍ତଭାବେ ଅଣାଇ ବନ୍ଦୀ ଅବସ୍ଥାରେ ନଅ ମାସର ଗର୍ଭଭାର ତାଙ୍କ ଦ୍ୱାରା ବୁହାଇଥିଲେ? ସଂସାରରେ କେତେ ଅନ୍ୟାୟ କେତେ ପାପ ହେଉଛି କିନ୍ତୁ ଏଡ଼େ ଦୁଃଖ ସହିବାବାଲା ମୋ ପରି ଆଉ ବେଶୀ ନାହାନ୍ତି। ମୋ ପରି ଅସହନୀୟ ଦୁଃଖ କୋଟିକ ମଧ୍ୟରେ ଜଣଙ୍କୁ ମଧ୍ୟ ଭୋଗ କରିବାକୁ ପଡୁ ନଥିବ। ମୋର ପୂର୍ବ-ଜନ୍ମର କର୍ମଫଳ ହିଁ ମୋତେ ଖାଇଯାଉଛି। ନିଜ ଦୁଃଖ ଭାରରେ ସେ ପୂର୍ଣ୍ଣଭାବେ ଦବି ଯାଇଥିଲେ।

ଶିଶୁ ଓ ଚୋମାର କ'ଣ ହେଲା ବୋଲି ଜାଣିବା ପାଇଁ କ'ଣ କରାଯାଇପାରେ, ଚେନ୍ନବସବଙ୍କୁ ଏହି ଚିନ୍ତା ଲାଗିଲା। ବର୍ତ୍ତମାନ ମାଙ୍ଗାଲୋର ପହଞ୍ଚି ସେଠାକାର ଇଂରେଜ ଅଧିକାରୀଙ୍କୁ ଭେଟି ସେମାନଙ୍କ ସାହାଯ୍ୟ ପ୍ରାର୍ଥନା କରିବା ଉଚିତ ହେବ। ବର୍ତ୍ତମାନ ପତ୍ନୀଯାତ୍ରା କରିବା ଅବସ୍ଥାରେ ନାହାନ୍ତି। ପର ଦିନ ହୁଏତ ତା ସମ୍ଭବ ହେବ। ଘୋଡ଼ା ଉପରେ ଯିବାକୁ କଷ୍ଟ ହେଲେ ଦେବମ୍ମାଙ୍କୁ ଗୋଟିଏ ପାଲିଙ୍କିରେ ବସାଇ ନେଇ ଯାଇ ହେବ। ମାଙ୍ଗାଲୋରରେ ପହଞ୍ଚି କାହାକୁ ମଡ଼କେରୀ ପଠାଇ ପିଲାର ଖବର ନିଆଯାଇ ପାରିବ।

କିନ୍ତୁ ପିଲାର ଖବର ପାଇବା ପାଇଁ ତାଙ୍କୁ ଏତେ କଷ୍ଟ ପଡ଼ିଲା ନାହିଁ। ଦେବମ୍ମାଙ୍କୁ ସେଦିନ ଜ୍ୱର ଆସିଗଲା। ସେ ପାଲିଙ୍କିରେ ମଧ୍ୟ ଯାତ୍ରା କରିବା ଅବସ୍ଥାରେ ନଥିଲେ। ଚେନ୍ନବସବୟାଙ୍କୁ ତାଙ୍କ ମୁଣ୍ଡ ପାଖରେ ବସିବାକୁ ପଡ଼ିଲା।

ଗୌଡ଼ା ସାହାଯ୍ୟନେଇ ପତ୍ନୀଙ୍କର ସୁଶ୍ରୁଷା କରି ତାଙ୍କୁ ଦ୍ୱିତୀୟ ଦିନ ସୂଲ୍ୟାରେ କଟେଇବାକୁ ପଡ଼ିଲା।

ସଂପାଦେର ଗୌଡ଼ର ପୁଅ, ଫାଣ୍ଡିର ଗୁରିଜାର, କୋସ୍ସା ଓ ତା'ର ପତ୍ନୀ ସନ୍ଧ୍ୟା ବେଳେ ଗାଁରେ ପହଞ୍ଚି ସବୁ କଥା ଗାଁ ଲୋକଙ୍କୁ କହିଲେ। ବେପାରୀଙ୍କ ଦ୍ୱାରା ଏ ସମାଚାର ମଧ୍ୟ ସୂଲ୍ୟାରେ ଚେନ୍ନବସବୟାଙ୍କ କାନରେ ପଡ଼ିଲା। ପିଲା ରାଜାଙ୍କ ହାତରେ ଅଛି। ଚୋମା ତାଙ୍କ କ୍ରୋଧର ପ୍ରଥମ ଶୀକାର ହେଲା। ରାଜାଙ୍କ ଆଖିରେ ଧୂଳି ଦେବାକୁ ତାଙ୍କର ପ୍ରଯତ୍ନର ଫଳ ଓଲଟା ହେଲା ବୋଲି ଚେନ୍ନବସବୟା ବୁଝିପାରିଲେ। ଏ ଖବର ସେ ତତ୍କ୍ଷଣାତ୍ ଦେବମ୍ମାଜୀଙ୍କୁ ନ ଜଣାଇ ଦୁଇଦିନ ପରେ କହିବାକୁ ସ୍ଥିର କଲେ।

ତା'ପର ଦିନ ଦେବମ୍ମାଙ୍କ ଜ୍ୱର କମିଲା। ଚେନ୍ନବସବୟା ସୂଲ୍ୟାର ଗୌଡ଼ାଠାରୁ ଆବଶ୍ୟକ ସହାୟତା ନେଇ ମାଙ୍ଗାଲୋର ପ୍ରସ୍ଥାନ କଲେ। ଗୋଟାଏ ଓଳି ପ୍ରଭୁରରେ ରହି ଦ୍ୱିତୀୟ ଦିନ ମାଙ୍ଗାଲୋରରେ ପହଞ୍ଚିଲେ। ପତ୍ରଦ୍ୱାରା ସେ ନିଜର ପହଞ୍ଚିବା ଖବର ଓ କଲେକ୍ଟରଙ୍କୁ ସାକ୍ଷାତ କରିବାର ଇଚ୍ଛା ବ୍ୟକ୍ତ କଲେ।

Digitized by srujanika@gmail.com

118

ତାଙ୍କର ପତ୍ର ଦେଖି କଲେକ୍ଟରଙ୍କୁ ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା। ସେ ଚେନ୍ନବସବୟାଙ୍କୁ ଡାକି ସବୁ ବିଷୟରେ ଖବର ନେଲେ। କମ୍ପାନୀ ସରକାରର ଉପରିସ୍ଥ ଅଫିସରଙ୍କ ଇଚ୍ଛାପୂର୍ଣ୍ଣ ହେବାର ସୁଯୋଗ ଏତେ ଶୀଘ୍ର ମିଳୁଛି ଜାଣି ସେ ଖୁବ୍ ଖୁସୀ ହେଲା। ସେ ଚେନ୍ନବସବୟାକୁ କହିଲେ, "ଅପଗୋଲଂରେ ରହିବା ସଙ୍କଟପୂର୍ଣ୍ଣ ଦେଖି ଆପଣ ତୁରନ୍ତ ଏଠାକୁ ଚାଲି ଆସି ଠିକ୍ କରିଛନ୍ତି। ଆପଣ ଓ ଆପଣଙ୍କ ଶଳା ମହାରାଜଙ୍କ ମଧ୍ୟରେ ହୋଇଥିବା ବିବାଦକୁ ରେସିଡେଣ୍ଟ ସାହେବ ଖୁସୀରେ ତୁଟାଇବାରେ ସାହାଯ୍ୟ କରିବେ। ଆପଣ ଚିନ୍ତା କରନ୍ତୁ ନାହିଁ। ପିଲାକୁ ବାଙ୍ଗାଲୋର ପଠାଇବା ପାଇଁ ମୁଁ ସାଙ୍ଗେ ସାଙ୍ଗେ ମହାରାଜଙ୍କ ନିକଟକୁ ପତ୍ର ଲେଖୁଛି। ଆପଣ ବାଙ୍ଗାଲୋର ଯାଇ ପିଲା ପାଇଁ ଅପେକ୍ଷା କରନ୍ତୁ।" ସେ ଚେନ୍ନବସବ, ଦେବମ୍ମା ଓ ତାଙ୍କ ଭୃତ୍ୟମାନଙ୍କର ମାଙ୍ଗାଲୋରରେ ଦିନେ ରହିବାର ବ୍ୟବସ୍ଥା କରି ବୀରରାଜ, ମାନ୍ଦ୍ରାଜ ଗଭର୍ଣ୍ଣର ତଥା ମାଙ୍ଗାଲୋରରେ ଚିଫ୍ କମିଶନରଙ୍କୁ ଖଣ୍ଡେ ଲେଖା ପତ୍ର ଲେଖିଲେ। ତୃତୀୟ ଦିନ ସେ ଚେନ୍ନବସବୟା ଓ ଦେବମ୍ମାଙ୍କ ଆବଶ୍ୟକ ସହାୟତା ଦେଇ ବାଙ୍ଗାଲୋର ପଠାଇ ଦେଲେ।

ସେ ପଠାଇଥିବା ପତ୍ରର ସାର ଏହି ପ୍ରକାର ଥିଲା :-

"କୋଡ଼ଗର ମହରାଜ କମ୍ପାନୀ ସରକାରର ଅଭିନ୍ନ ମିତ୍ର ଶ୍ରୀ ଚିକ୍କବୀର ରାଜେନ୍ଦ୍ର ଓଡ଼େୟରଙ୍କୁ ମାଙ୍ଗାଲୋର ସ୍ଥିତ କମ୍ପାନୀ କଲେକ୍ଟଙ୍କର ଆଦର ପୂର୍ବକ ନମସ୍କାର।

ଏହାର ପୂର୍ବ ସପ୍ତାହରେ ଆପଣଙ୍କର ଅତିଥି ସତ୍କାରକୁ ଆଜି ପର୍ଯ୍ୟନ୍ତ ମୁଁ ବରାବର ମନେ ପକାଉଛି। ମୁଁ ଆଶା କରୁଛି ଯେ ଏ ବିଷୟରେ ଆମ ସମସ୍ତଙ୍କ ତରଫରୁ ଆମ ନେତା ରେସିଡେଣ୍ଟ ମହାଶୟ ଆପଣଙ୍କ ନିକଟକୁ ଧନ୍ୟବାଦ ସହ ପତ୍ର ପ୍ରେରଣ କରିଥିବେ। ଆପଣଙ୍କୁ ମୁଁ ବ୍ୟକ୍ତିଗତ ଭାବେ ଧନ୍ୟବାଦ ଦେଉଛି।

ଏହା ସହିତ ଗୋଟିଏ ବିଷୟ ଆଡ଼କୁ ମୁଁ ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛି। ଏ କଥା ଘଣ୍ଟେ ଦୁଇଘଣ୍ଟା ପୂର୍ବରୁ ମୁଁ ଜାଣିଲେ ମଧ୍ୟ ତାହା ବହୁତ ଗୁରୁତ୍ୱ ପୂର୍ଣ୍ଣ ହୋଇଥିବାରୁ ଅବିଳମ୍ବେ ଏ ପତ୍ର ଆପଣଙ୍କ ନିକଟକୁ ପଠାଉଛି।

ଆପଣଙ୍କ ସହୋଦରା ଦେବମ୍ମା ଓ ତାଙ୍କ ସ୍ୱାମୀ ଶ୍ରୀମାନ୍ ଚେନ୍ନବସବୟା ମହାଶୟ ଆଜି ଏଠାରେ ଆସି ପହଞ୍ଚିଛନ୍ତି। ଶ୍ରୀମାନ୍ ଚେନ୍ନବସବ ବର୍ତ୍ତମାନ ମୋ ସହିତ ସାକ୍ଷାତ କରି ନିଜ ବସାକୁ ଯାଇଛନ୍ତି। ସେ ଓ ଆପଣଙ୍କ ଭଉଣୀ କାଲି ଏଠାକୁ ଆସିଲେ ଓ ପଅରିଦିନ ବାଙ୍ଗାଲୋର ଯିବେ।

ତିନି ଦିନ ପୂର୍ବେ ସେମାନେ ଏଠାକୁ ରାତ୍ରିରେ ଆସିବା ସମୟରେ ତାଙ୍କର ସନ୍ତାନ-ଆପଣଙ୍କ ନିଜ ଭଣଜା ରାସ୍ତାରେ ଦୋଳୀରୁ ଖସି ପଡ଼ିଯାଇଥିଲା ବୋଲି ଆପଣଙ୍କ ଭିଣୋଇ ସାହେବ କହୁଥିଲେ। ଦ୍ୱିତୀୟ ଦିନ ସଂପାଦେ ଗୌଡ଼ା ସାହେବ ଦ୍ୱାରା ସୁରକ୍ଷିତ ରୂପେ

Digitized by srujanika@gmail.com

ତାକୁ ମଡ଼କେରୀ ଆପଣଙ୍କ ମହଲକୁ ପଠାଇ ଦିଆଯାଇଥିଲା। ବର୍ତ୍ତମାନ ପିଲା ମହଲରେ ଅଛି। ଦୋଳୀରୁ ଖସି ପଡ଼ିଥିବା ସନ୍ତାନ ପାଇଁ ଚିନ୍ତିତ ମାତା-ପିତା ଆପଣଙ୍କ ମହଲରେ ସେ ସୁରକ୍ଷିତ ଅବସ୍ଥାରେ ଅଛି ଜାଣି ସାମାନ୍ୟ ଶାନ୍ତ ହୋଇଛନ୍ତି। ସେଥିଯୋଗୁଁ ମୋତେ ମଧ୍ୟ ସାନ୍ତ୍ୱନା ମିଳିଲା।

ପିଲାକୁ ଫେରି ପାଇବା ପାଇଁ ଆପଣଙ୍କ ଭଉଣୀ ବ୍ୟସ୍ତ ହୋଇ ପଡ଼ିଛନ୍ତି। କିନ୍ତୁ ମୁଁ ଜାଣୁଛି ଯେ ଆପଣଙ୍କର ନିଜ ଭିଣୋଇ ଉପରେ ଏତେ ସ୍ନେହ ଥିବାଯୋଗୁଁ ପିଲା ସେଠାରେ ରହିଲେ କ୍ଷତି କ'ଣ ବୋଲି ଆପଣ ଭାବି ପାରନ୍ତି। କିନ୍ତୁ ପିଲା ଓ ମା'ର ମଙ୍ଗଳ ପାଇଁ ଯଥାଶୀଘ୍ର ପିଲାର ମା' ପାଖକୁ ଆସିବା ଉଚିତ ହେବ ବୋଲି ଆପଣ ତ ଜାଣନ୍ତି। ସେଥିପାଇଁ ଏ ପତ୍ର ପାଇବା ମାତ୍ରେ ତାକୁ ବାଙ୍ଗାଲୋର ପଠାଇ ଦେବା ପାଇଁ ଆପଣଙ୍କ ନିକଟରେ ମୁଁ ପିଲାର ମାତା-ପିତାଙ୍କ ତରଫରୁ ପ୍ରାର୍ଥନାକରୁଛି। ଏମାନେ ବାଙ୍ଗାଲୋରରେ ରେସିଡେଣ୍ଟ ମହୋଦୟଙ୍କ ଅତିଥି ରୂପେ ରହିବେ। ପିଲାକୁ ଆଣିଥିବା ଲୋକ ରେସିଡେଣ୍ଟ ମହୋଦୟଙ୍କୁ ସାକ୍ଷାତ କଲେ ସବୁ ସମସ୍ୟା ସୁବିଧାରେ ସମାଧାନ ହୋଇଯିବ। ଏ ପତ୍ରର ଉତ୍ତର ନିଶ୍ଚିତ ରୂପେ ପଠାଇବାକୁ ମୋର ପ୍ରାର୍ଥନା।

ଆପଣଙ୍କର ବିନମ୍ର ସେବକ "ବାଙ୍ଗାଲୋର ରେସିଡେଣ୍ଟ ମହୋଦୟଙ୍କୁ ଲିଖିତ ପତ୍ରର ସାରାଂଶ: "ପ୍ରିୟ ମହୋଦୟ, ଏ ପତ୍ର ମୁଁ ଆପଣଙ୍କ ବ୍ୟକ୍ତିଗତ ଭାବେ ଜାଣିବା ପାଇଁ ଲେଖୁଛି। ବର୍ତ୍ତମାନ ପାଇଁ ଏ ସବୁକଥା ଗୋପନୀୟ ରହିବା ଆବଶ୍ୟକ।

ଆମେ ମଡ଼କେରୀରେ ଥିଲାବେଳେ ଅନ୍ତିମ ଦିନର ନାଟକରେ ହୋଇଥିବା ଗୋଳମାଳ କଥାତ ଆପଣ ଜାଣନ୍ତି। ଭିଣୋଇ ଚେନ୍ନବସବୟା ଜାଣିଶୁଣି ତାଙ୍କୁ ଏପରି ଅପମାନ କରିଛନ୍ତି ବୋଲି ଅନୁମାନ କରି ରାଜା ତାଙ୍କୁ ନଜର ବନ୍ଦୀରେ ରଖି ଥିଲେ। ତାଙ୍କୁ ଲୁଚି ସେ ପତ୍ନୀ ଓ ପୁତ୍ର ସହ ଏଠାକୁ ଆସୁଥିବାବେଳେ ପିଲାଟି ରାସ୍ତାରେ ଖସି ପଡ଼ିଲା। ସେ ଦୁଇଜଣ ଏଠାରେ ଆସି ପହଞ୍ଚିଛନ୍ତି। ପିଲା କାହାରି ହାତରେ ପଡ଼ି ରାଜମହଲରେ ପହଞ୍ଚି ବର୍ତ୍ତମାନ ରାଜାଙ୍କ ପାଖରେ ଅଛି।

ଚେନ୍ନବସବ ବାଙ୍ଗାଲୋର ଯାଉଥିଲେ। ସକାଳ ହେବା ପୂର୍ବରୁ ସୀମା ପାର କରିବା ପାଇଁ ଏ ରାସ୍ତାରେ ଆସିଛନ୍ତି। କାଲି ଏଠାରେ ରହି ପଅରିଦନ ଏଠାରୁ ବାଙ୍ଗାଲୋର ଯାତ୍ରା କରିବେ। ତା'ର ବ୍ୟବସ୍ଥା ମୁଁ କରିଦେବି।

ପିଲାକୁ ବାଙ୍ଗାଲୋର ରେସିଡେଣ୍ଟ ସାହେବଙ୍କ ପାଖକୁ ପଠାଇଦେବାକୁ ମୁଁ ରାଜାଙ୍କୁ ପତ୍ର ଲେଖିଛି। ଆପଣ ମଧ୍ୟ ଏ ପତ୍ର ପାଇବା ମାତ୍ରେ ଏ କଥା ଉଲ୍ଲେଖ କରି ବୀରରାଜଙ୍କ ନିକଟକୁ ଖଣ୍ଡେ ପତ୍ର ଲେଖି ଦିଅନ୍ତୁ।

ରାଜା ପିଲାକୁ ପଠାଇବେ ବୋଲି ମୋର ଆଶା ନାହିଁ। ଆପଣ ମଧ୍ୟ ଏହା ଆଶା କରନ୍ତୁ ନାହିଁ। ଆମେ ତାଙ୍କ ସ୍ୱଭାବ ସମ୍ବନ୍ଧରେ ଯାହା ଜାଣୁ ବାସ୍ତବରେ ସେ ଆମ କଥାକୁ ଉପେକ୍ଷା କରିବେ। ପିଲାକୁ ପଠାଯିବ ନାହିଁ। ବରଂ ଭଉଣୀ ଭିଣୋଇଙ୍କୁ ମଡ଼କେରୀ ପଠାଇ ଦେବାପାଇଁ ସେ ଜିଦ୍ କରିବେ।

ଏମାନଙ୍କର ପ୍ରାଣର ଭୟ ଅଛି। ତେଣୁ ଯିବାକୁ ରାଜି ହେବେ ନାହିଁ। କ'ଣ ହେବ କହିହେବ ନାହିଁ ଓ ଏହା ମୋର ଭାବିବାର କଥା ମଧ୍ୟ ନୁହେଁ, ମାମଲା ଆପଣଙ୍କ

Digitized by srujanika@gmail.com

ସୁଦକ୍ଷ ହାତରେ ଅଛି। ଆପଣ ତାକୁ ଠିକ୍ ରୂପେ ସମ୍ଭାଳି ନେବେ। ଏ ସବୁ କଥା ଲେଖି ମୁଁ ମାନ୍ଦ୍ରାଜର ଗଭର୍ଣ୍ଣର ମହୋଦୟଙ୍କୁ ଏକ ପତ୍ର ପ୍ରେରଣ କରିଛି।

ଆପଣଙ୍କର ବିଶ୍ୱସନୀୟ !

ମାନ୍ଦ୍ରାଜର ଗଭର୍ଣ୍ଣରଙ୍କୁ ଲିଖିତ ପତ୍ର :-

"ମାନ୍ୟବର ଗଭର୍ଣ୍ଣର ମହୋଦୟଙ୍କ ସେବାରେ ନିବେଦନ

କୋଡ଼ଗ ରାଜାଙ୍କ ଭଉଣୀ ଓ ଭଗ୍ନୀପତି ଏଠାକୁ ଆସିଛନ୍ତି। ସେ ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣସହ ମହୀଶୂରର ରେସିଡେଣ୍ଟ ମହୋଦୟଙ୍କୁ ଲେଖିଥିବା ପତ୍ର ଏହା ସହ ସଂଲଗ୍ନ କରୁଛି। ଦୟାକରି ଆଣି ତାହା ଦେଖିବେ।

ଏ ସମସ୍ୟାକୁ ମହାରାଜ ଶାନ୍ତିରେ ସମାଧାନ କରିବେ ବୋଲି ମୋର ମନେ ହେଉ ନାହିଁ। ହୁଏତ ସେ କଠୋର ବ୍ୟବହାର କରିବେ। ଏପରି ହେଲେ ଆମକୁ ଉଚିତ ବ୍ୟବସ୍ଥା କରିବାକୁ ପଡ଼ିବ। ଏ ବିଷୟରେ ପ୍ରସ୍ତୁତ ହୋଇ ରହିଗଲୁ ବାଙ୍ଗାଲୋରକୁ ଆଦେଶ ଦେବା ଉଚିତ ହେବ। କ'ଣ କରିବା ଉଚିତ ତାହା ଆପଣ ମୋଠାରୁ ବେଶୀ ଜାଣନ୍ତି। ତଥାପି ଏ ପରିସ୍ଥିତିରେ ମୁଁ ଯାହା ଭାବୁଛି ତାହା ଆପଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଦୁଇ ଧାଡ଼ି ଲେଖିବାର ସାହସ କରୁଛି। ଦୟାକରି ସେଥିପାଇଁ କ୍ଷମା କରିବେ। ବର୍ତ୍ତମାନ ପାଇଁ ଏ ସବୁ କଥା ମୁଖ୍ୟ ଅଫିସର ମଧ୍ୟରେ ସୀମିତ ଓ ଗୁପ୍ତ ରଖିବା ପାଇଁ ମୁଁ ରେସିଡେଣ୍ଟ ମହୋଦୟଙ୍କୁ ନିବେଦନ କରିଛି।

ଆପଣଙ୍କ ବିଶ୍ୱସନୀୟ

................."

119

ଭଣଜାକୁ ଅନ୍ତଃପୁରରେ ରାଣୀଙ୍କ ପାଖରେ ଛାଡ଼ି ବୀରରାଜ ନିଜ ବୈଠକକୁ ଆସିବା ପରେ ସ୍ଥିର କଲେ ଯେ ତାଙ୍କୁ ପ୍ରତାରଣା କରି ପଳାଇଥିବା ଭଉଣୀ ଓ ଭିଣୋଇଙ୍କୁ ଫେରିବାକୁ ପଡ଼ିବ ·ନଚେତ ଏଇ ପିଲାକୁ ଶେଷ କରି ଦିଆହେବ। ସେତେବେଳେ ଯାହା ଇଚ୍ଛା କରିବା। ନିଜ ବରୋଧୀଙ୍କ ପ୍ରତି ଧ୍ୟାନ ରହିବା ହିଁ ତାଙ୍କର ପ୍ରକୃତି ଥିଲା। ତାଙ୍କୁ ବାଧା ଦେବାକୁ କେହି ନ ଥିଲେ। ତେଣୁ ନିରଙ୍କୁଶ ପ୍ରବୃତ୍ତି କ୍ରୂରତାର ସୀମା ଲଙ୍ଘନ କରି ସାରିଥିଲା। ନିଜର କନ୍ୟା ଛଡ଼ା ଆଉ କାହାରି ପ୍ରାଣ ନେବାକୁ ସେ ଇତଃସ୍ତତ କରୁ ନଥିଲେ। ତୁରନ୍ତ ଫେରି ନ ଆସିଲେ ପୁତ୍ର ଜୀବିତ ଭାବେ ରହିବ ନାହିଁ ବୋଲି ଭଉଣୀ ଭିଣୋଇଙ୍କୁ କହି ପଠାଇବାକୁ ହେବ ବୋଲି ସେ ଭାବୁଥିଲେ। କିନ୍ତୁ ସେଥିପାଇଁ ସେମାନେ କେଉଁଠାରେ ଅଛନ୍ତି ତା ଖବର ନେବାକୁ ପଡ଼ିବ। ଏମାନେ କ'ଣ ମାଙ୍ଗାଲେରରେ ରହିବେ ନାଁ ବୁଲି ବୁଲି ନଞ୍ଜନଗୁଡ଼ରେ ପହଞ୍ଚିବେ ?

ବସବ ପାଖକୁ ଆସିବାରୁ ତାଙ୍କୁ ପଚାରିଲେ, "ଏମାନେ କ'ଣ ମାଙ୍ଗାଲୋର ଯାଇ ଥିବେନାଁ କ'ଣ ରେ ?"

Digitized by srujanika@gmail.com

"ହଁ ମାଲିକ, ଆଉ କେଉଁଠିକି ଯିବାର ଥିଲେ ମଧ୍ୟ ସେମାନେ ସେବାଟ ଦେଇଯିବେ।"

"ନଞ୍ଜନଗୂଡ଼ ଯିବେ ନାହିଁ?"

"ସେଠାରେ କ'ଣ ଅଛି ମାଲିକ, ସେ ତ ଗୋଟାଏ ବାହାନା ଥିଲା।"

"ଭଗବାନଙ୍କ ଦର୍ଶନ ପାଇଁ?"

"ବାହାନା ତ ତାହା ହିଁ ଥିଲା ମାଲିକ। ଆମକୁ ଠକିବାକୁ ନଞ୍ଜନଗୂଡ଼ କଥା କହିଥିଲେ ମଧ୍ୟ ମନରେ ଆଉ କିଛି ଥିଲା।"

"ଦେଖନ୍ତୁ ସେ ହାରାମଜାଦା କେମିତି ପ୍ରତାରଣା କଲା? ମନରେ ଅନ୍ୟ କିଛି ଅଛି କିନ୍ତୁ ବାହାରକୁ ଦେଖଉଛି ଆଉ କିଛି।"

"ଆଉ କ'ଣ ହୋଇଥାନ୍ତା ମାଲିକ, ସମସ୍ତେ ସେମିତି। ସମସ୍ତେ ନିଜ ପାଇଁ ଭାବୁଛନ୍ତି। ଅନ୍ୟମାନଙ୍କ କଥାରୁ ତାଙ୍କୁ କ'ଣ ମିଳିବ?"

"ଯାହା ହେଲେ ମଧ୍ୟ ରାଜମହଲର ଲୁଣ ଖାଇଥିବା କେହି ଜଣେ ହେଲେ ବିଶ୍ୱସ୍ତ ହେଲେନାହିଁ ଲେଙ୍ଗଡ଼ା।"

"ହଁ ମାଲିକ।"

"ଠିକ୍ ଅଛି! ଏମାନେ କୁଆଡ଼େ ଗଲେ କାହାକୁ ମାଙ୍ଗାଲୋର ପଠାଇ ଖବର ନିଅ।"

"ଯେ ଆଜ୍ଞା, ମାଲିକ।"

ଏହା କହି ବସବ ଅନ୍ୟ କାମ ଦେଖିବାକୁ ଚାଲିଗଲା। ସେହି ରାତିରେ ସେ ମାଙ୍ଗାଲୋର ଯାଉଥିବା ବେପାରୀଙ୍କ ସହ ନିଜର ଦୁଇଜଣ ଲୋକ ପଠାଇବାର ବ୍ୟବସ୍ଥା କଲା। ସେ ଲୋକ ଦୁଇଜଣଙ୍କୁ ମାଙ୍ଗାଲୋର ଯାଇ ସବୁ ଖବର ନେଇ ଫେରି ଆସିବାକୁ ଅତି କମ୍‌ରେ ଏକ ସପ୍ତାହ ସମୟ ଦରକାର କିନ୍ତୁ ଏଥି ମଧ୍ୟରେ ଏମାନେ ଯାହା ଜାଣିବାକୁ ଚାହୁଁଥିଲେ ତହା କଲେକ୍ଟରଙ୍କ ପତ୍ର ଦ୍ୱାରା ଜାଣିବାକୁ ପାଇଲେ।

କଲେକ୍ଟରଙ୍କ ପତ୍ର ଦେଖି ବୀରରାଜ କ୍ରୋଧରେ ଅସ୍ଥିର ହୋଇଉଠି ଗର୍ଜନ କଲେ, "ପିଲାକୁ ତା ପାଖକୁ ପଠାଇବି! ଇଏ କହିବାରୁ କଲେକ୍ଟର ମୋତେ ପତ୍ର ଲେଖିଛି। ଏ ହାରାମଖୋର ଇଂରେଜଙ୍କ ସାହସ ଦେଖ। ଚାରିଜଣ ଲୋକ ପଠାଇ ସେ ହାରାମଜାଦାକୁ ଧରି ଆଣ। ଯୋତା ଉପରେ ଯାଉଥିବା ବେଳେ ତଳେ ପକାଇ ଦେବାରୁ ମୁଁ ଉଠାଇ ଆଣିଲି। ତାକୁ ଡକାଇ ଲାତ ମାରିବି। ସପ୍ତାହେ କାଳ ମୋରି ଖାଇ ମୋତେ ଏମିତି କଥା କହୁଛି!"

ବସବ ସଙ୍ଗେ ସଙ୍ଗେ କିଛି ଉତ୍ତର ଦେଲା ନାହିଁ। ବାଙ୍ଗାଲୋରର କଲେକ୍ଟରଙ୍କୁ ନିଜ ବିରୋଧୀ କରି ବୀରରାଜ ଠିକ୍ କରୁନାହାନ୍ତି ବୋଲି ସେ ଜାଣି ପାରୁଥିଲା। କଲେକ୍ଟରଙ୍କ ପତ୍ର ପଢୁପଢୁ ତା ଉତ୍ତରର ରୂପରେଖା ବସବ ମନେ ମନେ ତିଆରି କରି ସାରିଥିଲା। ରାଜାଙ୍କର କ୍ରୋଧିତ ହେବା ସ୍ୱାଭାବିକ। କ୍ରୋଧ ଶାନ୍ତ ହେଲେ ପତ୍ରର ଉତ୍ତର କ'ଣ ହେବା ଉଚିତ ତାହା ରାଜାଙ୍କୁ ବୁଝାଇ ପାରିବ ବୋଲି ସେ ଭାବିଲା।

ବୀରରାଜ ଅନେକ ସମୟ ପର୍ଯ୍ୟନ୍ତ ଚିତ୍କାର କରିବା ପରେ ମଝିରେ ପୁଣି ମଦ ପିଇ ସମାନ୍ୟ ଶାନ୍ତ ହୋଇ ବସିବାରୁ ବସବ ପାଖରେ ବସି କହିଲା, "କ୍ଲାଇଁ ସାହେବ ପ୍ରତାରଣା କରି ରାଜମହଲରୁ ପଳାୟନ କରିଛନ୍ତି। ମାଲିକଙ୍କ ଭଉଣୀଙ୍କୁ ସେ ଚୋର

Digitized by srujanika@gmail.com

କରି ନେଇ ଯାଉଛନ୍ତି। ତରତରରେ ଚାଲିଯିବା ବେଳେ ପିଲାର କ'ଣ ହେଲା ସେ ବିଷୟରେ ତାଙ୍କର ଖିଆଲ ନ ଥିଲା। ଭଗବାନ ବଡ଼ ପିଲା ଆପଣଙ୍କ ହାତରେ ପଡ଼ିଲା। ତାକୁ ପୁଣି ଏପରି ଦାୟିତ୍ୱହୀନ ପିତା ହାତରେ ସମର୍ପଣ କରିବା ଠିକ୍ ହେବ ନାହିଁ। ପୁତ୍ରପାଳନ କରିବାକୁ ଇଚ୍ଛା ଥିଲେ ସେମାନଙ୍କର ଅବିଳମ୍ବେ ଏଠାକୁ ଫେରିଆସି ଆମ ନିକଟରେ ରହି ପିଲାକୁ ପାଳନ ପୋଷଣ କରିବା ଉଚିତ। ଆପଣ ଏକ ସପ୍ତାହ ଏଠାରେ ରହି ଆମ ଆତିଥ୍ୟ ସ୍ୱୀକାର କରିଥିଲେ। ଆମ ଉପରେ ଆପଣଙ୍କର ବିଶ୍ୱାସ ରହିବା ଦରକାର। ମୋ ଭଉଣୀ ଓ ଭିଣୋଇଙ୍କର ବାଙ୍ଗାଲୋର ଯିବାର କୌଣସି ଆବଶ୍ୟକତା ନାହିଁ। ତାଙ୍କୁ ଏଠାକୁ ପଠାଇ ଦେଇ ଆମର ଓ କମ୍ପାନୀର ସମ୍ପର୍କକୁ ଆହୁରି ଦୃଢ଼ କରିବାରେ ସାହାଯ୍ୟ କରନ୍ତୁ।'' ମାଙ୍ଗାଲୋର ସାହେବଙ୍କ ପାଖକୁ ଏହିପରି ଭାବେ ପତ୍ର ଲେଖିଲେ ଭଲ ହେବ ବୋଲି ରାଜାଙ୍କୁ ବୁଝାଇ ''ଆଜ୍ଞା ହେଲେ ଏପରି ପତ୍ର ଲେଖାଇ ନେଇ ଆସିବି'' ବୋଲି ବସବ କହିଲା।

''କିରେ, ତାଙ୍କୁ ଡରିଗଲୁ। ଟିକିଏ ଧମକାଇଲେ ବୋଲି ପାଦ ତଳେ ପଡ଼ିବୁ ନାଁ କ'ଣ ?''

''ନମ୍ରତା ସହ କଥା କହିଲେ କେହି କାହାରି ପାଦତଳେ ପଡ଼େ ନାହିଁ ମାଲିକ। ଏମିତିରେ କାମ ନ ହେଲେ ଶକ୍ତ ହେବାକୁ ପଡ଼ିବ। ପ୍ରଥମେ ଏ ପରି କରି ଦେଖିବା ଉଚିତ।''

''ତୁ ତ ପୁରା ମନ୍ତ୍ରୀ ହୋଇଗଲୁଣିରେ ଲେଙ୍ଗଡ଼ା। ମନ୍ତ୍ର ଦ୍ୱାରା କ'ଣ ମାଙ୍କଡ଼ ଧରିବୁ ?''

''ମନ୍ତ୍ର ଦ୍ୱାରା ମାଙ୍କଡ଼କୁ କାବୁ ନ କରିପାରିଲେ ପିଞ୍ଜରା ବ୍ୟବହାର କରିବା ମାଲିକ।''

''ଆଚ୍ଛା ତାହା ହିଁ କର। ତାଙ୍କ ପାଇଁ ପିଞ୍ଜରାର ବ୍ୟବସ୍ଥା କରୁ କରୁ ନିଜେ ସେଥିରେ ଅଟକି ନ ଗଲେ ହେଲା।''

'ମାଛ ମାଂସର ସ୍ୱାଦ ପାଇଥିବା ଏ ଲୋକ କ'ଣ ମୋତେ ଧରିପାରିବେ ମାଲିକ।''

''କଣ୍ଟା ଆଡ଼କୁ ମୁହଁ ବଢ଼ାଉଥିବା ଲୋକର ଅବସ୍ଥା ମାଛ ପରି ହୋଇଯାଏ।''

''ଏ ଇଂରେଜଙ୍କ ପାଇଁ ଆମ ପାଖରେ ଅନେକ ଫାନ୍ଦ ଅଛି। ଭିଣୋଇ ସାହେବଙ୍କ ପାଖରେ ଅଛି ବା କ'ଣ ?''

''ହଁ, ପୁଣି ଥରେ ଭୋଜିକୁ ନିମନ୍ତ୍ରଣ କଲେ ସାଙ୍ଗେ ସାଙ୍ଗେ ଚାଲି ଆସିବେ ଏମାନେ। ଯାହା ତୁ କହୁଥିଲୁ ଲେଖ। ଦେଖାଯାଉ କ'ଣ ଉତ୍ତର ଆସୁଛି।''

''ଯାହା ହୁକୁମ, ମାଲିକ।''

''ସେ ସୁଅର କା ବଚ୍ଚା ଯାହାକୁ ତୁ କ୍ୱାଇଁ ବୋଲି କହୁଛୁ ଯଦି ଏଠାକୁ ଆସେ ସେହିଦିନ ହିଁ ତା'ର ମୁଣ୍ଡ ଉଡ଼ାଇ ଦେବାକୁ ହେବ, ବସବ। ମନେ ରଖ, ଯେମିତି ଛାଡ଼ି ନ ଦେଉ, ଖବରଦାର।''

''ଆସିବାକୁ ଦିଅନ୍ତୁ, ମାଲିକ।''

''ଏ କୁଳାଙ୍ଗାର ସହିତ ମିଶି ଯୋଉ କୁତିଟା ନିଜ ବାପଘର ଥାଳୀ କଣାକରିଛି ତାକୁବି ତା'ର ସ୍ୱାମୀ ସହିତ ମରିବାକୁ ପଡ଼ିବ।''

''ଆଚ୍ଛା ମାଲିକ।''

ଭଉଣୀ ଓ ଭିଣୋଇ ଯଦି ଫେରି ଆସନ୍ତି ତାଙ୍କୁ କି ପ୍ରକାରେ କଷ୍ଟ ଦିଆଯାଇ ପାରିବ ତା'ର କଳ୍ପନା କରୁକରୁ ବୀରରାଜ ଚୁପ୍ ହୋଇଗଲେ।

Digitized by srujanika@gmail.com

120

ନିଜ କହିବା ଅନୁସାରେ ବସବ ଖୁବ୍ ବିନମ୍ର ଭାବେ କଲେକ୍ଟରଙ୍କ ପାଖକୁ ପତ୍ର ଲେଖାଇ ଆଣି ରାଜାଙ୍କୁ ପଢ଼ି ଶୁଣାଇବା ପରେ ତାଙ୍କର ଆଜ୍ଞା ନେଇ ମାଙ୍ଗାଲୋର ପଠାଇ ଦେଲା। ଏ ପତ୍ର କଲେକ୍ଟରଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ଚେନ୍ନବସବ ଓ ଦେବମ୍ମା ବାଙ୍ଗାଲୋର ଅଭିମୁଖେ ଯାତ୍ରା କରିଥିଲେ। ପତ୍ର ତା ପୂର୍ବରୁ ପହଞ୍ଚିଥିଲେ ମଧ୍ୟ ସେ ପଛକୁ ଫେରିବା ଲୋକ ନଥିଲେ ଓ କଲେକ୍ଟର ମଧ୍ୟ ତାଙ୍କୁ ଫେରିଯିବାକୁ କହି ନଥାନ୍ତେ। ଯାହା ହେଉ ପଛେ ଏ ପତ୍ରର କି ଉତ୍ତର ଦେବାକୁ ହେବ ତାହା କଲେକ୍ଟରଙ୍କର ଚିନ୍ତା ନ ଥିଲା। ଖୁବ୍ ସଂକ୍ଷେପରେ ବୀରରାଜଙ୍କୁ ସେ ଉତ୍ତର ଦେଲେ, "ଆପଣଙ୍କ ପତ୍ର ପାଇଲି। କିନ୍ତୁ ତା ମୋ ନିକଟରେ ପହଞ୍ଚିବା ପୂର୍ବରୁ ଆପଣଙ୍କ ଭଉଣୀଓ ଭିଣୋଇ ବାଙ୍ଗାଲୋର ଅଭିମୁଖେ ଯାତ୍ରା କରିସାରିଥିଲେ। ସେହି କାରଣରୁ ଆପଣଙ୍କ ଇଚ୍ଛା ପୂରଣ କରିବାକୁ ମୁଁ କିଛି କରି ପାରିଲି ନାହିଁ। ଆପଣଙ୍କ ପତ୍ର ରେସିଡେଣ୍ଟ ସାହେବଙ୍କ ନିକଟକୁ ପଠାଇ ଦେଉଛି। ଭବିଷ୍ୟତରେ ଏ ସମ୍ବନ୍ଧରେ ଆପଣ ତାଙ୍କ ସହ ପତ୍ରାଳାପ କରନ୍ତୁ।"

ଏପରି ଉତ୍ତର ପାଇ ବୀରରାଜ କ୍ରୋଧରେ ଖୁବ୍ ଚିତ୍କାର କରିବା ପରେ ଅଧିକ ମାତ୍ରାରେ ସୁରାପାନ କଲେ। ତା' ପର ଦିନ ରେସିଡେଣ୍ଟ ମହୋଦୟଙ୍କ ନିକଟକୁ ପତ୍ର ଲେଖିଲେ। "ମୋ ଭିଣୋଇ ଏଠାରୁ ଅପରାଧ କରି ବନ୍ଦୀ ଅବସ୍ଥାରେ ଖସି ପଳାଇଯାଇ ସେଠାରେ ପହଞ୍ଚିଛନ୍ତି। ସାଙ୍ଗରେ ମୋର ଭଉଣୀଙ୍କୁ ମଧ୍ୟ ନେଇ ଯାଇଛନ୍ତି। ଆପଣ ସେମାନଙ୍କୁ ଏଠାକୁ ପଠାଇ ଦିଅନ୍ତୁ।" ଏହା ହିଁ ସେ ପତ୍ରର ସାରାଂଶ ଥିଲା। ଏ ପତ୍ର 'ଚିଫ୍ କମିଶନର'ଙ୍କ ନିକଟରେ ପହଞ୍ଚିବା ଦିନ ହିଁ ଦେବମ୍ମା ଓ ଚେନ୍ନବସବ ବାଙ୍ଗାଲୋରରେ ପହଞ୍ଚିଲେ।

121

କୋଡ଼ଗ ସମ୍ବନ୍ଧରେ ସେ ଉପରିସ୍ଥ ଅଫିସର ନିକଟରେ କରିଥିବା ଭବିଷ୍ୟତବାଣୀ ଏତେ ଶୀଘ୍ର ଏପରି ରୂପ ଧାରଣ କରିବ ବୋଲି ରେସିଡେଣ୍ଟ ସାହେବ ଭାବି ନଥିଲା। ଚେନ୍ନବସବ ତଥା ଦେବମ୍ମାଜୀଙ୍କ ସମ୍ବନ୍ଧରେ ମାଙ୍ଗାଲୋର କଲେକ୍ଟର ଲେଖିଥିବା ପତ୍ର ସେମାନେ ବାଙ୍ଗାଲୋର ପହଞ୍ଚିବା ତିନିଦିନ ପୂର୍ବରୁ ତାଙ୍କୁ ମିଳିଥିଲା। ସେ ତୁରନ୍ତ ଏ କଥା ମାନ୍ଦ୍ରାଜ ତଥା କଲିକତା ପତ୍ର ଦ୍ୱାରା ଲେଖି ଜଣାଇଲେ। ଚେନ୍ନବସବ ତଥା ଦେବମ୍ମାଙ୍କର ସ୍ୱାଗତ କରିବା ପାଇଁ ସେ ଦଶ ଜଣ ଅଙ୍ଗରକ୍ଷକ ପଠାଇଲେ ଓ ସେମାନେ ବାଙ୍ଗାଲୋରରେ ରହିବାର ଉତ୍ତମ ବ୍ୟବସ୍ଥା କଲେ। ସେ ମନେ ମନେ ସ୍ଥିର କଲେ ଯେ କୋଡ଼ଗର ରାଜା ଠିକ୍ ଭାବେ ରହିଲେ ରାଜ୍ୟ ତାଙ୍କ ହାତରେ ରହିବ ନଚେତ ତାଙ୍କୁ ରାଜଗାଦୀରୁ ହଟେଇବାକୁ ପଡ଼ିବ। କିନ୍ତୁ ଏ କାର୍ଯ୍ୟରେ ତାଙ୍କ ସହ ଅନ୍ୟାୟ କରାଗଲା ବୋଲି କାହାରି ଯେପରି ମନେ ନହୁଏ।

Digitized by srujanika@gmail.com

ଚେନ୍ନବସବ ତଥା ଦେବମ୍ମାଜୀ ବାଙ୍ଗାଲୋର ପହଞ୍ଚିବାରୁ ରେସିଡେଣ୍ଟ ଓ ଚିଫ୍ କମିଶନରଙ୍କ ପ୍ରତିନିଧି ସେମାନଙ୍କୁ ଭେଟି ସେମାନଙ୍କ ରହିବା ସ୍ଥାନକୁ ନେଇଗଲେ। ସେମାନଙ୍କୁ ରାଜକୀୟ ସତ୍କାର କରି କହିଲେ,"ଆପଣଙ୍କ ଯାତ୍ରାର କ୍ଳାନ୍ତି ଦୂର ହେବାପରେ ଆପଣ ନିଜ ସୁବିଧାନୁସାରେ ବଡ଼ ସାହେବଙ୍କୁ ସାକ୍ଷାତ କରି ପାରନ୍ତି।" ଚେନ୍ନବସବ ଓ ଦେବମ୍ମା ଏପରି ଆଦର ଦେଖି ଆଶ୍ଚର୍ଯ୍ୟ ହେଲେ। ଏଠାରେ ସେମାନେ ସ୍ୱର୍ଗସୁଖର ଅଧିକାରୀ ବୋଲି ସେମାନଙ୍କର ମନେ ହୋଇପାରି ଥାଆନ୍ତା। କିନ୍ତୁ ସେ ସୁଖରେ ଗୋଟିଏ କଣ୍ଟା ଥିଲା ଓ ତାହା ହେଉଛି ସେମାନଙ୍କ ସନ୍ତାନ ନର୍କ ମଧ୍ୟରେ ଅଛି। ଉଭୟଙ୍କ ମନରେ ଏହି ଚିନ୍ତା ଥିଲା। ଚେନ୍ନବସବଙ୍କ ଅପେକ୍ଷା ଦେବମ୍ମା ଏ ଯାତନାକୁ ଅଧିକ ପରିମାଣରେ ଅନୁଭବ କରୁଥିଲେ।

ଦିନେ ବିଶ୍ରାମ କରିବା ପରେ ଚେନ୍ନବସବ ରେସିଡେଣ୍ଟ ସାହେବଙ୍କୁ ସାକ୍ଷାତ କରିବାକୁ ତାଙ୍କ ନିବାସ ସ୍ଥାନକୁ ଗଲେ।

ସାହେବ ତାଙ୍କୁ ବହୁତ ଆଦର-ଯତ୍ନ କଲେ। ମଡ଼କେରୀଠାରୁ ଚାରିଗୁଣ ଅଧିକ ସମ୍ମାନ ଦେଇ ତାଙ୍କୁ ପ୍ରଥମେ ବସିବାକୁ କହି ନିଜେ ବସିଲେ। କୁଶଳ ସମାଚାର ପଚାରିବା ପରେ କହିଲେ, "ମଡ଼କେରୀରେ ଯେତେବେଳେ ଆପଣଙ୍କୁ ମୁଁ ଭେଟିଥିଲି ସେତେବେଳେ ରାଜା ଓ ଆପଣଙ୍କ ମଧ୍ୟରେ ଭଲ ସମ୍ବନ୍ଧ ନାହିଁ ବୋଲି ମୋର ମନେ ହୋଇଥିଲା। କିନ୍ତୁ ସେ ସମ୍ବନ୍ଧ ଏତେ ଶୀଘ୍ର ଏତେ ଖରାପ ହୋଇଯିବ ବୋଲି ମୁଁ ଭାବି ନଥିଲି। ନିଜର ନିକଟ ସମ୍ପର୍କୀୟଙ୍କ ପ୍ରତି ରାଜାଙ୍କର ଏପରି ଅନୁଚିତ ବ୍ୟବହାର ଦେଖି ମୁଁ ଆଶ୍ଚର୍ଯ୍ୟ ହେବା ସଙ୍ଗେ ସଙ୍ଗେ ଦୁଃଖିତ ମଧ୍ୟ ହେଲି।"

ଚେନ୍ନବସବ: "ହଁ ସାହେବ, ସେ ତ ତାଙ୍କର ଅଭ୍ୟାସରେ ପଡ଼ିଗଲାଣି। ତାଙ୍କୁ ବାଧା ଦେବାକୁ କେହି ନ ଥିବାରୁ ରାଜା ଏତେ ଅହଙ୍କାରୀ ହୋଇଯାଇଛନ୍ତି। ସେହି ଅହଂକାର ଭାଙ୍ଗିଦେବାକୁ ହିଁ ମୁଁ ଆପଣଙ୍କର ସହାୟତା ମାଗିବାକୁ ଆସିଛି।"

"ଦେଶୀ ରାଜାଙ୍କ କ୍ରୁରତାରୁ ପୀଡ଼ିତ ପ୍ରଜାଙ୍କୁ ରକ୍ଷାକରି ଉଚିତ ଶାସନ ବ୍ୟବସ୍ଥା କରିବା ସେମାନଙ୍କର କର୍ତ୍ତବ୍ୟ ବୋଲି କମ୍ପାନୀ ସ୍ଥିର କରିଛି। ଏ ବିଷୟରେ ଆପଣଙ୍କର ଚିନ୍ତା କରିବାର ଆବଶ୍ୟକତା ନାହିଁ। ଏଥିପାଇଁ ସମସ୍ତ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ମୁଁ ଆମର ଉଚ୍ଚ ଅଧିକାରୀଙ୍କଠାରୁ ଆଜ୍ଞା ନେଇ ଉଚିତ ସମୟରେ ସମସ୍ତ ବ୍ୟବସ୍ଥା କରିଦେବି।"

"ରାଜାଙ୍କୁ ଗଦୀରୁ ଓହ୍ଲାଇ ଶାସନଭାର ଆପଣ ନିଜ ହାତକୁ ନେଇ କୋଡ଼ଗକୁ ଆଉ ଏକ ମହୀଶୂରରେ ପରିଣତ କରନ୍ତୁ ନାହିଁ।"

"ବର୍ତ୍ତମାନ ପାଇଁ ଏ କଥା ଅସଙ୍ଗତ। ଆପଣ ଯାହା ଭାବୁଛନ୍ତି ତାହା ଅନୁଚିତ। କୋଡ଼ଗକୁ ରାଜାଙ୍କ ହାତରୁ କାଢ଼ିନେବା ହେଉଛି ପ୍ରଥମ କାର୍ଯ୍ୟ, ତା'ପରେ କି ବ୍ୟବସ୍ଥା ହେବା ଉଚିତ ଭାବି ଦେଖିବା।"

"ତା କେମିତି ହୋଇପାରେ ସାହେବ? ରାଜାଙ୍କୁ ଗାଦୀରୁ ହଟାଇବା ପୂର୍ବରୁ ତାଙ୍କ ପରେ କିଏ ରାଜା ହେବ ତାହା ସ୍ଥିର ହେବା ଉଚିତ।" ପରେ ସେ କଥା ଭାବିବାକୁ ଆଉ ସମୟ କାହିଁ?"

Digitized by srujanika@gmail.com

"ଠିକ୍ କଥା, ଏ ବିଷୟରେ ପରେ ବିଚାର କରାଯାଇ ପାରେ। ବର୍ତ୍ତମାନ ପାଇଁ ଆପଣ ଏଠାରେ ନିର୍ଭୀକ ଚିତ୍ତରେ ରହନ୍ତୁ। ଆପଣଙ୍କ ସୁରକ୍ଷାର ବ୍ୟବସ୍ଥା କରିବା ଆମର ପ୍ରଥମ କର୍ତ୍ତବ୍ୟ।"

"ଆମର ସନ୍ତାନକୁ ଏଠାକୁ ଅଣାଇ ଦିଅନ୍ତୁ, ତାହା ହେଉଛି ପ୍ରଥମ କାମ।"

"ଅଣାଇ ଦେବା, ପିଲାର ପ୍ରାଣଭୟ ନାହିଁ ତ?"

"କହି ହେବ ନାହିଁ। ରାଜକନ୍ୟାଙ୍କ ମତରେ ଆମ ଉପରେ କ୍ରୋଧିତ ହୋଇ ସେ ସବୁ କିଛି କରିପାରନ୍ତି।"

"ରାଜାଙ୍କ କନ୍ୟାତ ଆପଣଙ୍କ ସମ୍ପର୍କୀୟ ନାଁ?"

"ଆଜ୍ଞା ହଁ।"

"ତାଙ୍କର ଭୟ ସ୍ୱାଭାବିକ। କିନ୍ତୁ ରାଜା ପିଲାର କିଛି କ୍ଷତି କରିବେ ନାହିଁ ବୋଲି ମୋର ମନେ ହେଉ ନାହିଁ।"

"ସେ କଥା ଜୋର ଦେଇ କୁହାଯାଇ ପାରିବ ନାହିଁ।"

"ଠିକ୍ ଅଛି। ପିଲାକୁ ତୁରନ୍ତ ପଠାଇବା ପାଇଁ ମୁଁ ତାଙ୍କୁ ଲେଖିବି। ତାକୁ ତା'ର ପିତା-ମାତା ନିକଟରେ ପହଞ୍ଚାଇବା ଆମର କାମ।"

"ଏପରି ହେଲେ ଆପଣଙ୍କ ଉପରେ ବିରକ୍ତ ହୋଇ ରାଜା ଯଦି ଶିଶୁକୁ କିଛି କରନ୍ତି?"

"ଆମ ଉପରେ ବିରକ୍ତ ହୋଇ କ'ଣ ରାଜା ରହିପାରିବେ? କମ୍ପାନୀ ସରକାର ସହ ଏପରି ଚଳିବ ନାହିଁ।"

ଏହି ପ୍ରକାର ସାନ୍ତ୍ୱନା ଦେଇ ରେସିଡେଣ୍ଟ କହିଲେ, "ଦେବମ୍ମାଙ୍କ ସହ ରହିବା ପାଇଁ ଲୁସୀକୁ ପଠାଇ ଦେବି ବୋଲି ଆପଣ ପତ୍ନୀଙ୍କୁ ଜଣାଇ ଦେବେ।" ଏହା କହି ସେ ଚେନ୍ନବସବୟାଙ୍କୁ ବିଦାୟ ଦେଲେ। ସେହି ଦିନ ବୀରରାଜଙ୍କୁ ଏକ ପତ୍ର ଲେଖି ତାକୁ ଜଣେ ଘୋଡ଼ାସବାର ପତ୍ରବାହକ ହାତରେ ପଠାଇ ଦେଲେ। ସେ ପତ୍ର ଏହିପରି ଥିଲା: .

"ଆପଣଙ୍କ ଭଉଣୀ ଓ ଭିଣୋଇଙ୍କ ବିଷୟରେ ଆପଣ ପଠାଇଥିବା ପତ୍ର ମିଳିଛି। ଆପଣଙ୍କର ଆଦରପୂର୍ଣ୍ଣ ଆତିଥ୍ୟ ଗ୍ରହଣ କରି ଫେରିବାର ପନ୍ଦର ଦିନ ମଧ୍ୟରେ ଏପରି ପତ୍ର ବ୍ୟବହାର କରିବାକୁ ମୁଁ ଖୁବ୍ ଦୁଃଖ ଅନୁଭବ କଲେ ମଧ ବର୍ତ୍ତମାନ ଏପରି ପରିସ୍ଥିତି ଉତ୍ପନ୍ନ ହେବା ଯୋଗୁଁ ଆପଣଙ୍କ ସହ ଏହା ପତ୍ର ବିନିମୟ କରିବାକୁ ପଡୁଛି। ଏହାକୁ ଆପଣ ମନୋମାଳିନ୍ୟ ହେଉଛି ନ ଭାବି ସମସ୍ୟା ସମାଧାନ କରିବାର ଉପାୟ ରୂପେ ନିଅନ୍ତୁ ବୋଲି ମୋର ପ୍ରାର୍ଥନା।

ଆପଣଙ୍କ ଭିଣୋଇଙ୍କର ଅପରାଧ କ'ଣ ତାହା ମୋତେ ଜଣା ନାହିଁ। ତାଙ୍କୁ ବନ୍ଦୀ ଭାବେ ରଖିବା ଆପଣଙ୍କ ପକ୍ଷରେ ଉଚିତ ହୋଇପାରେ। ଏ ବିଷୟରେ ମୋର କିଛି କହିବାର ନାହିଁ। ବାସ୍ତବରେ ଏହାର ଆମ ସହ କୌଣସି ସମ୍ବନ୍ଧ ନାହିଁ। ସେ ବନ୍ଦୀ ଅବସ୍ଥାରୁ କମ୍ପାନୀ ସରକାରର ଶରଣାର୍ଥୀ ଭାବେ ଆସିଛନ୍ତି। ସବୁ ବିଷୟ ବୁଝି ସାରିବା ପରେ ଯାଇ ତାଙ୍କୁ ଆପଣଙ୍କ ନିକଟକୁ ପଠାଇ ଦିଆଯାଇ ପାରେ କିନ୍ତୁ ତାଙ୍କୁ ଏପରି ଭାବେ ପଠାଇବା ସମ୍ଭବ ନୁହେଁ। କମ୍ପାନୀ ସରକାର ନିଜର ସାହାଯ୍ୟପ୍ରାର୍ଥୀକୁ କେବେହେଲେ ଅରକ୍ଷିତ ଭାବେ ଛାଡ଼ିଦିଏ ନାହିଁ।

Digitized by srujanika@gmail.com

ସେଥିପାଇଁ ଚେନ୍ନବସବୟାଙ୍କ ଅପରାଧ କ'ଣ, ତାଙ୍କ ପ୍ରତି ଅଭିଯୋଗ କିପରି ପ୍ରମାଣିତ ହେଲା ? ପରିସ୍ଥିତିରେ ପଡ଼ି ସେ ଅପରାଧୀ ହୋଇପାରିଥାନ୍ତି । ଏ ବିଷୟରେ ପୂର୍ଣ୍ଣ ବିବରଣୀ ଦେବାପାଇଁ ଆପଣଙ୍କ ନିକଟରେ ପ୍ରାର୍ଥନା କରା ଯାଉଛି ।

ବନ୍ଦୀ ଅବସ୍ଥାରୁ ପଳାୟନ କରିବାବେଳେ ଅସାବଧାନତା ବଶତଃ ଏମାନେ ନିଜ ସନ୍ତାନଙ୍କୁ ହରାଇଛନ୍ତି ଯେ କି ଆପଣଙ୍କ ନିକଟରେ ଅଛି । ଆପଣ ଓ ତାଙ୍କ ମଧ୍ୟରେ ମନୋମାଳିନ୍ୟ ଦୂର ହେବାକୁ କିଛି ସମୟ ଲାଗି ପାରେ । ଏଥି ମଧ୍ୟରେ ପିଲାର ପିତା-ମାତା ଠାରୁ ଦୂରରେ ଆପଣଙ୍କ ନିକଟରେ ରହିବାର କୌଣସି କାରଣ ନାହିଁ । ତେଣୁ ଉଦାର ହୃଦୟର ପରିଚୟ ଦେଇ ପିଲାକୁ ଆମ ନିକଟକୁ ପଠାଇବାକୁ ମୋର ଆପଣଙ୍କୁ ପ୍ରାର୍ଥନା । ସନ୍ତାନଙ୍କୁ ଆପଣ ଭଉଣୀଙ୍କ ନିକଟରେ ନ ପହଞ୍ଚାଇବା ପର୍ଯ୍ୟନ୍ତ ମୋର କର୍ତ୍ତବ୍ୟ ପୂର୍ଣ୍ଣହେଲା ବୋଲି ମନେ କରୁନାହିଁ । ସେଥିପାଇଁ ଆଉ କୌଣସି କାରଣ ଯୋଗୁଁ ନ ହେଲେ ମଧ୍ୟ ଅତି କମ୍‌ରେ ମୋ ପାଇଁ ପିଲାକୁ ଅବିଳମ୍ବେ ଆମ ନିକଟକୁ ପଠାଇ ଦିଅନ୍ତୁ ।''

122

ମାଙ୍ଗାଲୋରରୁ କଲେକ୍ଟର ଓ ବାଙ୍ଗାଲୋରରୁ ରେସିଡେଣ୍ଟଙ୍କ ପତ୍ର ଏକ ସଙ୍ଗେ ପାଇବା କ୍ଷଣି ମାଡ୍ରାଜ ଗଭର୍ଣ୍ଣରଙ୍କର ମନେହେଲା ଯେ କୋଡ଼ଗର ଇତିହାସରେ ତାଙ୍କର ଇଚ୍ଛାନୁସାରେ ପରିବର୍ତ୍ତନ ହେବାକୁ ଯାଉଛି । ଗଭର୍ଣ୍ଣର ଜେନେରାଲ ବେଣ୍ଟିକ୍ ମହୋଦୟଙ୍କୁ ନିଜ ବିଚାର ପ୍ରକଟ କରି ଏକ ପତ୍ର ଲେଖିଲେ । ତାହା ଏହି ପ୍ରକାର ଥିଲା:

ରାଜା କିପରି ଭାବେ ବ୍ୟବହାର କରିବେ ତାହା ନିଶ୍ଚିତରୂପେ ଅନୁମାନ କରିବା ମୋ ପକ୍ଷରେ ସମ୍ଭବ ନୁହେଁ । କିନ୍ତୁ ସେ ଯେ ଆପଣଙ୍କୁ ସଠିକ୍ ଭାବେ ଉତ୍ତର ଦେବେ ନାହିଁ ତାହା ନିଶ୍ଚିତ । ଯଦି ଏପରି କରନ୍ତି ତ ତାଙ୍କୁ ଦଣ୍ଡ ଦେବା ଅନିବାର୍ଯ୍ୟ ହେବ । ସେତେବେଳେ ଆପଣଙ୍କୁ ସବୁ କଥା କହି ଆପଣଙ୍କ ଆଜ୍ଞା ଦେଇ କାର୍ଯ୍ୟ ସମ୍ପନ୍ନ କରିବାକୁ ଆଉ ସମୟ ରହିବ ନାହିଁ । ତେଣୁ ସମୟ ପଡ଼ିଲେ ଭବିଷ୍ୟତରେ ଯେପରି କାର୍ଯ୍ୟ କରିବା ଉଚିତ ଭାବିବେ ତାହା କରିପାରନ୍ତି ବୋଲି ବର୍ତ୍ତମାନଠାରୁ ଆପଣ ମାଡ୍ରାଜ ସରକାରଙ୍କୁ ଆଜ୍ଞା ଦେଇ ଦିଅନ୍ତୁ । ପରିସ୍ଥିତି ଅନୁକୂଳ କାର୍ଯ୍ୟ କରିବାକୁ ଆମକୁ ସୁବିଧା ହେବ । ତା ଛଡ଼ା ବର୍ତ୍ତମାନ ବାଙ୍ଗାଲୋର ସ୍ଥିତ ଅଫିସର ଏହା ପୂର୍ବରୁ ରାଜାଙ୍କୁ ସାକ୍ଷାତ କରି ତାଙ୍କର ଆତିଥ୍ୟ ସ୍ୱୀକାର କରି ସାରିଛନ୍ତି । ସେମାନଙ୍କ ମଧ୍ୟରୁ କେହି ସେନା ନେଇ କୋଡ଼ଗ ଯିବାକୁ ପସନ୍ଦ କରିବେ ନାହିଁ ତେଣୁ ବାଙ୍ଗାଲୋରକୁ ଜଣେ ନୂଆ ମୁଖ୍ୟ ସେନା ଅଧିକାରୀ ପଠାଇବାକୁ ହେବ । ତୃତୀୟ କଥା ହେଉଛି ବର୍ତ୍ତମାନ ଏହା ଆରମ୍ଭ ହେଉଛି । ଏ ବିଷୟରେ ଆବଶ୍ୟକ ପତ୍ର ବ୍ୟବହାର ହେବାରେ ଓ ଏହାର ପ୍ରକୃତ ରୂପ ଦେଖା ଯିବାକୁ ତିନି-ଚାରି ମାସ ଲାଗିପାରେ । ଇତି ମଧ୍ୟରେ ଆପଣ ଯଦି ମାଡ୍ରାଜ ଗସ୍ତରେ ଆସି ପାରନ୍ତି ତେବେ ସବୁ ବିଷୟ ପ୍ରତ୍ୟକ୍ଷ ରୂପେ ଜାଣିବା ସଙ୍ଗେ ସଙ୍ଗେ ସମସ୍ତ ଆବଶ୍ୟକ ଆଜ୍ଞା ମଧ୍ୟ ପ୍ରତ୍ୟକ୍ଷ ରୂପେ ଦେଇ ପାରିବେ । ଏହା ମୋର ଆପଣଙ୍କ ନିକଟରେ ନିବେଦନ । ମାଙ୍ଗାଲୋରର

Digitized by srujanika@gmail.com

କଲେକ୍ଟର ଓ ବାଙ୍ଗାଲୋରକୁ ଏପରି ଆଦେଶାତ୍ମକ ଉତ୍ତର ଗଭର୍ଣ୍ଣର ପଠାଇଛନ୍ତି। କୋଡ଼ଗ ଅଧିକାର କରିବା ପାଇଁ ଇଂରେଜମାନେ ତରତର ହେଲେ- ଲୋକେ ଏହା କରିବା ଭଳି କୌଣସି କାର୍ଯ୍ୟ ଆମ ତରଫରୁ ହେବା ଉଚିତ ନୁହେଁ। ରାଜାଙ୍କ ଅବିବେକ ପୂର୍ଣ୍ଣ ବ୍ୟବହାରକୁ ଆମେ ଖାଲି ନାମକୁ ମାତ୍ର ସହ୍ୟ କଲୁ- ଏ କଥା ମଧ୍ୟ ଉଠିବା ଉଚିତ ନୁହେଁ। ଦେଶର ଜନତାଙ୍କ ମଙ୍ଗଳ ପାଇଁ ଆମେ କୋଡ଼ଗ ଅଧିକାର କରିବାକୁ ସ୍ୱୀକାର କଲୁ ବୋଲି ସ୍ପଷ୍ଟ ଜଣା ପଡ଼ିବା ଉଚିତ। ଏ କଥା ଧ୍ୟାନରେ ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଆପଣ ସକ୍ଷମ। ପ୍ରଥମେ ସୂଚିତ କରିବାକୁ ସମୟ ନ ହେଲେ କାର୍ଯ୍ୟକାରୀ କରିବା ପରେ ସୂଚନା ଦେଇପାରନ୍ତି। ଏ ସବୁ ବିଷୟ ପାଇଁ ମୁଁ ଅଗ୍ରୀମ ଅନୁମତି ନେଉଛି।''

ସେ ସମୟରେ କମ୍ପାନୀ ସରକାରଙ୍କର ଏପରି ପତ୍ର ବିନିମୟରେ ଯେଉଁଠାରେ ସୁବିଧା ହେଉଥିଲା ଡାହାକ ଦ୍ୱାରା ଅଥବା ଅନ୍ୟ ସ୍ଥାନରେ ଘୋଡ଼ାସବାର-ପତ୍ରବାହକ ଦ୍ୱାରା କରାଯାଉଥିଲା। ଏପରି ପତ୍ର ଆବଶ୍ୟକ ହେଲେ ଦିନକୁ ତିରିଶ ମାଇଲ ପର୍ଯ୍ୟନ୍ତ ପ୍ରେରଣ କରାଯାଉଥିଲା। କୋଡ଼ଗ ସମ୍ବନ୍ଧରେ ଏପରି ପତ୍ର ମାନ୍ଦ୍ରାଜ, କଲିକତା ଓ ବାଙ୍ଗାଲୋର ମଧ୍ୟରେ ଆଦାନ-ପ୍ରଦାନ ହୋଇଥିଲା। ଗଭର୍ଣ୍ଣର ଜେନେରାଲ, ଗଭର୍ଣ୍ଣର ତଥା ରେସିଡେଣ୍ଟ ଏ ତିନି ଦିନ ଗୋଟିଏ ଯନ୍ତ୍ରର ତିନୋଟି ଅଂଶ ପରି କାର୍ଯ୍ୟ କରୁଥିଲେ।

ଗଭର୍ଣ୍ଣର ଜେନେରାଲ ବେଣ୍ଟିକ ମହୋଦୟ ମାନ୍ଦ୍ରାଜ ଗଭର୍ଣ୍ଣର ତଥା ବାଙ୍ଗାଲୋରର ରେସିଡେଣ୍ଟଙ୍କୁ ଯଥା ସମୟରେ ଉତ୍ତର ପଠାଇଲେ। ''ମହୀଶୂରର ରାଜା ଯାହା ଭୁଲ କଲେ ମଧ୍ୟ କୋଡ଼ଗ ରାଜାଙ୍କ ପରି ସେ ହତ୍ୟାକାରୀ ଓ ଦୁରାଚାରୀ ନ ଥିଲେ। ଏପରି ଲୋକକୁ ଯେତେବେଳେ ଆମେ ଜନତାର ମଙ୍ଗଳ ପାଇଁ ଗାଦୀରୁ ହଟେଇ ଦେଲେ ସେତେବେଳେ କୋଡ଼ଗ ରାଜାଙ୍କୁ ରାଜ୍ୟଶାସନ କରିବାକୁ ଛାଡ଼ିଦେଲେ ତାହା ଦେଶର ଜନତାଙ୍କ ପ୍ରତି ପକ୍ଷପାତ ହେବ। ଏହାଙ୍କର ପୂର୍ବଜମାନଙ୍କୁ ଆମେ ମିତ୍ରତାର ଆଶ୍ୱାସନା ଦେଇଥିଲେ। କିନ୍ତୁ ତା ଅର୍ଥ ନୁହେଁ ଯେ ରାଜା ଯେତେ ଦୁର୍ବ୍ୟବହାର କଲେ ମଧ୍ୟ ତାହା ଆମେ ସହ୍ୟ କରି ମିତ୍ରତା ବଜାୟ ରଖିବା। ଆମ ଆଶ୍ରୟକୁ ଆସିଥିବା ରାଜବନ୍ଧୁଙ୍କୁ ଫେରେଇ ଦେବାକୁ କହିବା ରାଜାଙ୍କ ପକ୍ଷରେ ଅନୁଚିତ। ତେଣୁ ଏ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ପଦକ୍ଷେପ ଆପଣ ନେଇ ପାରନ୍ତି। ସେଥିରେ ମୋର ପୂର୍ଣ୍ଣ ସହମତି ଅଛି। ମହୀଶୂର ନେବାର ମୁଖ୍ୟାଧିକାରୀ ରୂପେ ମୁଁ ଲେଫ୍‌ଟନାଣ୍ଟ କର୍ଣ୍ଣେଲ୍ ଫ୍ରେସରଙ୍କୁ ଓ ରାଜାଙ୍କ ସହ କଥାବାର୍ତ୍ତା କରିବା ପାଇଁ ନାଗପୁର ସ୍ଥିତ ଗ୍ରାହମ ମହୋଦୟଙ୍କୁ ନିଯୁକ୍ତ କରିଛି। ଗ୍ରାହମ ହିଁ ଏଥି ପୂର୍ବରୁ କୋଡ଼ଗ ମହାରାଜଙ୍କ ସହ ଆମ ତରଫରୁ କଥାବାର୍ତ୍ତା କରିଥିଲେ। ନୂତନ ବ୍ୟକ୍ତି ଅପେକ୍ଷା ସେ ଆମ ବିଚାରକୁ ଠିକ୍ ଭାବେ ରାଜାଙ୍କ ସମ୍ମୁଖରେ ଉପସ୍ଥାପନା କରି ପାରିବେ। ଏ କଥା ଆଗକୁ ବଢ଼ି ଅନ୍ୟ ରୂପ ନେବା ମଧ୍ୟରେ ମୁଁ ନିଶ୍ଚୟ ଥରେ ମାନ୍ଦ୍ରାଜ ଗସ୍ତରେ ଯିବି।''

ମାସକ ମଧ୍ୟରେ ଲେଫ୍‌ଟନାଣ୍ଟ କର୍ଣ୍ଣେଲ ଫ୍ରେସର ବାଙ୍ଗାଲୋର ଯାଇ ସେନାଧ୍ୟକ୍ଷ ରୂପେ କାର୍ଯ୍ୟଭାର ଗ୍ରହଣ କଲେ। ତାର ଦଶଦିନ ପରେ ଗ୍ରାହମ ମଧ୍ୟ ନାଗପୁରରୁ ଆସି ପହଞ୍ଚିଲେ।

Digitized by srujanika@gmail.com

ଏହା ମଧ୍ୟରେ ରେସିଡ଼େଣ୍ଟ ବୀରରାଜଙ୍କୁ ଓ ବୀରରାଜ ରେସିଡ଼େଣ୍ଟଙ୍କୁ ତିନି ଖଣ୍ଡ ଲେଖା ପତ୍ର ଲେଖିଥିଲେ। ସେ ସବୁର ସାରାଂଶ ଏହିପରି ଥିଲା:

ବୀରରାଜ ଲେଖିଥିଲେ: "ନିଜ ଭଉଣୀ ଓ ଭିଣୋଇଙ୍କ ସହିତ ଏପରି ବ୍ୟବହାର କରିବାରେ ମୋର ପୂର୍ଣ୍ଣ ସ୍ୱତନ୍ତ୍ରତା ଅଛି। ଆପଣ ମୋର ମିତ୍ର ବୋଲି ବାରମ୍ବାର ଦୋହରାଉଛନ୍ତି। ମୋର ଭଣଜାକୁ ପଠାଇବାକୁ ଲେଖୁଛନ୍ତି। ଆପଣଙ୍କର କଣ ଏପରି କହିବାର ଅଧିକାର ଅଛି? ଦେବମ୍ମା ଓ ଚେନ୍ନବସବୟାଙ୍କୁ ଏଠାକୁ ପଠାଇ ଦିଅନ୍ତୁ। ପିଲା ସେମାନଙ୍କୁ ଫେରାଇ ଦିଆଯିବ। ତାଙ୍କୁ ଆପଣ ଏଠାକୁ ନ ପଠାଇଲେ ସେ ପିଲାକୁ ଶେଷ କରିଦିଆଯିବ, ସାବଧାନ। ଏ କଥା ଆପଣଙ୍କ ଆଶ୍ରୟରେ ଥିବା ଆପଣଙ୍କ ଦାସ ଚେନ୍ନବସବୟାକୁ ମଧ୍ୟ ଜଣାଇଦେବେ। ଆପଣ ନିଜ ଅହଂକାର ବଜାୟ ରଖିବାକୁ ସେମାନଙ୍କୁ ପଠାଇବାକୁ ନ ଚାହିଁଲେ ମଧ୍ୟ ସେମାନେ ନିଜ ପିଲାକୁ ରକ୍ଷା କରିବାକୁ ଫେରି ଆସିବାକୁ ଚାହିଁବେ। ମୋ କଥାରେ କାନ ନ ଦେଲେ ଆପଣଙ୍କୁ ଶାସ୍ତି ଦେବା ପାଇଁ ସେମାନଙ୍କ ପିଲାକୁ ଯଦି ମାରି ଦିଆଯାଏ ତେବେ ସେଥିପାଇଁ ଆପଣ ଓ ସେମାନେ ଦାୟୀ ହେବେ, ମୁଁ ନୁହେଁ। ଏ କଥା ଯେପରି ମନେ ରହେ।"

ରେସିଡ଼େଣ୍ଟ ଉତ୍ତର ଦେଲେ: "ଆପଣଙ୍କ ଭଉଣୀ ଓ ଭିଣୋଇଙ୍କୁ ଫେରାଇ ଦେବା ପାଇଁ ମୋର କୌଣସି ଆପତ୍ତି ନାହିଁ। କିନ୍ତୁ ସେମାନେ ଫେରିଯିବାକୁ ପ୍ରସ୍ତୁତ ହେବା ଦରକାର। ସେମାନଙ୍କ ଇଚ୍ଛା ବିରୁଦ୍ଧରେ ଏଠାରୁ ପଠାଇ ଦେବା ଆଶ୍ରୟଦାତାର କର୍ତ୍ତବ୍ୟ ଦୃଷ୍ଟିରୁ ଅଧର୍ମ ହେବ। ସେମାନେ ଆପଣଙ୍କ ପାଖକୁ ଫେରିବାକୁ ପଛଘୁଞ୍ଚା ଦେଉଛନ୍ତି। ପ୍ରଥମେ ପିଲା ଏଠାକୁ ଆସିଲେ ପରେ ସମସ୍ତେ ମିଶି ଫେରିଯିବେ ବୋଲି ସେମାନେ କହୁଛନ୍ତି। ଏପରି ପରିସ୍ଥିତିରେ ଆପଣଙ୍କ ଇଚ୍ଛାନୁସାରେ ସେମାନଙ୍କୁ ଆପଣଙ୍କ ନିକଟକୁ ପଠାଇବା ଅସମ୍ଭବ। ଏ ବିଷୟରେ ମୁଁ ଆପଣଙ୍କ ସହ ବନ୍ଧୁତାରେ କୌଣସି ପ୍ରକାର ଆଞ୍ଚ ଆଣିନାହିଁ। ଆପଣଙ୍କ ବଦନାମ ନ ହେବାକୁ ଓ ଆପଣଙ୍କ ବିରୋଧୀ ସଂଖ୍ୟା ଯେପରି ନ ବଢ଼େ, ସେଥିପାଇଁ ଏପରି କରଯାଉଛି। ଏ କଥା ସତ୍ୟ ବୋଲି ଭାବି ଭଣଜାକୁ ଏଠାକୁ ପଠାଇବାକୁ ମୋର ପ୍ରାର୍ଥନା। ନଚେତ୍ ଆପଣ ନିଜ ଜିଦ୍ ଯୋଗୁଁ ଏପରି ମିତ୍ରତାକୁ ହରାଉଛନ୍ତି ବୋଲି ଆମେ ଭାବିବୁ। ସଂକ୍ରାନ୍ତି ପୂର୍ବରୁ ଆପଣଙ୍କ କଥା ରଖା ନଗଲେ ପିଲାକୁ ବିପଦ ବୋଲି ଆପଣ ଲେଖିଛନ୍ତି। ଏପରି ଅମାନୁଷିକ କାର୍ଯ୍ୟ ଆପଣ କରିବେ ନାହିଁ ବୋଲି ମୋର ବିଶ୍ୱାସ। ତଥାପି ଆପଣ ଯଦି କ୍ରୋଧରେ ପିଲାର କୌଣସି କ୍ଷତି କରିନ୍ତି ତେବେ କମ୍ପାନୀ ସରକାରକୁ ଆପଣଙ୍କର ଏ କୁକାର୍ଯ୍ୟ ପାଇଁ କିଛି କରିବାକୁ ପଡ଼ିବ। ବର୍ତ୍ତମାନ ଏ କଥା ଆମେ ଆପଣଙ୍କୁ ସୂଚିତ କରୁଛୁ। ପରେ ଯେପରି ଆପଣ ନ କହନ୍ତି ଯେ କମ୍ପାନୀ ସରକାରର ଉଦ୍ଦେଶ୍ୟ ଆପଣଙ୍କୁ ଜଣା ନ

Digitized by srujanika@gmail.com

ଥିଲା ସେଥିପାଇଁ ଏବେଠାରୁ ଆପଣଙ୍କୁ ସବୁ ସ୍ପଷ୍ଟଭାବେ ଜଣାଇଲି। ଏ ପତ୍ରରେ ସବୁ ବିସ୍ତାର କରି ଲେଖାଯାଇଥିଲେ ମଧ୍ୟ ଯେପରି କୌଣସି ପ୍ରକାରର ସନ୍ଦେହ ନ ରହେ ସେଥିପାଇଁ ଏ କଥା ପ୍ରତ୍ୟକ୍ଷ ରୂପେ ଜଣାଇବା ପାଇଁ ମୁଁ ମୋର ପ୍ରତିନିଧିଙ୍କୁ ଆପଣଙ୍କ ନିକଟକୁ ପଠାଉଛି। ମୋର ମିନତି, ଆପଣ ମୋର ପ୍ରତିନିଧିଙ୍କ କଥାଶୁଣି ଏପରି ଭାବେ କାର୍ଯ୍ୟ କରିବେ ଯେଉଁଥିରେ କି ଆମର ଓ ଆପଣଙ୍କର ବନ୍ଧୁତାରେ କୌଣସି ଆଞ୍ଚ ନ ଆସେ, ଆପଣ ବନ୍ଧୁଙ୍କ କୌଣସି ହାନି ନ ହୁଏ ଓ ଆପଣଙ୍କ ସୁନାମରେ ଦାଗ ନ ଲାଗେ।''

124

ଏହି ପତ୍ରର ବିନିମୟ ମଧ୍ୟରେ ଗୋଟିଏ କଥା ବିଶେଷ ରୂପେ ପ୍ରକଟ ହେଲା ଓ ତାହା ହେଉଛି ଯେ ବୀରରାଜଙ୍କ ମନର କ୍ରୂରତାର ସୀମା ଲଂଘନ କରିଥିଲା। ଦେବମ୍ମା ଓ ଚେନ୍ନବସବୟ୍ୟ ନିକଟରେ ଥିଲେ ସେ ତାଙ୍କୁ ଛାରପୋକ ପରି ମାରି ଦେଇଥାଆନ୍ତେ।

ରେସିଡ଼େଣ୍ଟ ବା ତାଙ୍କର କୌଣସି ଦଳ ଲୋକ ହାତରେ ପଡ଼ିଥିଲେ ସେ ତାଙ୍କର କ୍ରୋଧର ବଳୀ ହୋଇଥାଆନ୍ତା। କିନ୍ତୁ କେହି ତାଙ୍କ ଅକ୍ତିଆରରେ ନ ଥିଲେ। କେବଳ ଥିଲା ଭଉଣୀର ସନ୍ତାନ। ରାଜାଙ୍କର ସମସ୍ତ କ୍ରୋଧ ଗୋଲ କାଚ୍‌କୁ ପାରକରି ଆସୁଥିବା ସୂର୍ଯ୍ୟକିରଣ ପରି ସେହି ନିରୀହ ନିରପରାଧ ବାଳକ ଉପରେ କେନ୍ଦ୍ରୀତ ହେଲା। ଏ ବଦମାସକୁ ବୁଦ୍ଧି ଶିଖେଇବାକୁ ପଡ଼ିବ।'' ବୋଲି ବାରମ୍ବାର ଭାବି ଭଣଜାର ପ୍ରାଣ ନେବାକୁ ପ୍ରସ୍ତୁତ ହେବାକୁ ଲାଗିଲେ।

ସେ ସମୟ ଭିତରେ ଗ୍ରାହମ ମହାଶୟଙ୍କ ସୂଚନା ଅନୁସାରେ ରେସିଡେଣ୍ଟ ମାଙ୍ଗାଲୋର କଲେକ୍ଟରଙ୍କୁ ପତ୍ର ଲେଖିଲେ ଓ ନିଜ ତରଫରୁ ରାଜାଙ୍କ ସହ କଥାବାର୍ତ୍ତା କରିବାକୁ ତଲଚେରୀର ଫରାସୀ ବେପାରୀ ଦାରା ସେଠ ଓ ମାଲବାର କଲେକ୍ଟରଙ୍କ ସମ୍ପର୍କୀୟ କୁଳପତି କରୁଣାକର ମେନନଙ୍କୁ ମଡ଼କେରୀ ପଠାଇଲେ। ବୀରରାଜ ଏମାନଙ୍କୁ ଭେଟିବାକୁ ପ୍ରସ୍ତୁତ ହେଲେ ନାହିଁ। ବସବ ବହୁତ ବୁଝାଇଲା ପରେ ସେମାନଙ୍କୁ ଭେଟିବାକୁ ସେ ରାଜି ହେଲେ କିନ୍ତୁ ସେମାନଙ୍କୁ କିଛି କହିବା ଅବକାଶ ନ ଦେଇ କହିଲେ, ''ଆମ ଦେଶର ହୋଇ ମଧ୍ୟ ଆପଣମାନେ ଇଂରେଜଙ୍କ ଅଇଁଠା ଖାଇ କୁକୁର ସଦୃଶ ହୋଇ ଗଲେଣି। କୋଡ଼ଗ ରାଜାଙ୍କୁ କଥା କହିବାକୁ ଆପଣମାନେ କିଏ? 'ଏପରି ମହତ୍ କାମ କରିବାର ଯୋଗ୍ୟତା ଆମର ନାହିଁ' ବୋଲି ନିଜ ମାଲିକଙ୍କୁ କହି ଘରେ ନ ରହି ଏଠାକୁ ଆସିବାର ସାହସ କେମିତି ଆପଣମାନଙ୍କର ହେଲା? ଯଦି ମୋ ସାଙ୍ଗେ କଥା ହେବାର ଥିଲା ତେବେ ତୁମର ରେସିଡ଼େଣ୍ଟ, ଗ୍ରାହମ ସାହେବ ବା କଲେକ୍ଟରଙ୍କର ଆସିବାର ଥିଲା। ଆପଣଙ୍କୁ ପଠାଇ ନିଜର ଅବିବେକତା ଦେଖାଇବା ସଙ୍ଗେ ସଙ୍ଗେ ମୋର ଅପମାନ କଲେ। ସେଥିପାଇଁ ମୋତେ ଆପଣଙ୍କୁ ଦଣ୍ଡ ଦେବାକୁ ପଡ଼ିବ। ଏହି ମୁହୂର୍ତ୍ତରୁ ଆପଣମାନେ ନିଜକୁ ମୋର ବନ୍ଦୀ ବୋଲି ମନେ କରନ୍ତୁ।''

Digitized by srujanika@gmail.com

ଦାରା ସେଠ ରାଜାଙ୍କୁ କହିଲେ, "ଆମେ ଇଂରେଜଙ୍କ ସ୍ୱାର୍ଥ ସିଦ୍ଧ କରିବା ପାଇଁ ଆପଣଙ୍କ ନିକଟକୁ ଆସିନାହୁଁ, ବରଂ ଆପଣ କୋଡ଼ଗର ରାଜା ହୋଇ ରହନ୍ତୁ- ଏଇ କାର୍ଯ୍ୟର ଦାୟିତ୍ୱ ନେଇ ଆସିଛୁ। ଇଂରେଜମାନେ ଅତ୍ୟନ୍ତ ଶକ୍ତିଶାଳୀ। ହାଇଦରରୁ ବଳୀ ସେନାପତି ତ ନାହାନ୍ତି, କିନ୍ତୁ ତାଙ୍କୁ ତ ସେମାନେ ହରାଇ ଦେଲେ। ଟୀପୁଙ୍କଠାରୁ ବଳୀ ସାହସୀ ନାହାନ୍ତି, କିନ୍ତୁ ସେ ଇଂରେଜଙ୍କ ସଙ୍ଗରେ ମୁକାବିଲା କରି ପାରିଲା ନାହିଁ। ସେମାନଙ୍କ ନିକଟରେ ଆମେ ଗୋଟିଏ ପରେ ଗୋଟିଏ ରାଜ୍ୟ ହାରି ଚାଲିଛୁ। ଆମ ଜନତା ଇଂରେଜଙ୍କ ପ୍ରଜା ହୋଇଯାଇଛନ୍ତି। ଆପଣ ବୀର, ଆପଣଙ୍କ ପ୍ରଜା ଲଢ଼ି ପାରନ୍ତି କିନ୍ତୁ ତାହା ବେଶୀ ଦିନ ପାଇଁ ନୁହେଁ। ଦୁଇ ଚାରି ବର୍ଷ ମଧ୍ୟରେ ଇଂରେଜ ସେନା ଏ ପ୍ରଦେଶର ଏ କୋଣରୁ ସେ କୋଣ ପର୍ଯ୍ୟନ୍ତ ଦଖଲ କରିବେ। ହାଇଦରଙ୍କ ସେନା ମଧ୍ୟ ଦିନେ ଏ ପ୍ରଦେଶକୁ ଏହିପରି ମାପିଥିଲେ। ଜନତା ଅସହନୀୟ କଷ୍ଟ ସହିଥିଲେ। ଆପଣଙ୍କ ଜେଜେବାପା ରାଜ୍ୟ ହରାଇ ବନ୍ଦୀ ହୋଇଥିଲେ। ଆପଣ ଇଂରେଜଙ୍କ ନିକଟରେ ପରାଜିତ ହୋଇ ନାହାନ୍ତି କିନ୍ତୁ ସେମାନଙ୍କ ହାତରୁ ରକ୍ଷା ପାଇବା ପାଇଁ ସର୍ବଦା ସତର୍କ ରହିବାକୁ ପଡ଼ିବ। ଏପରି ବିରୋଧକୁ ଆମେ ଦଳବଦ୍ଧ ବିରୋଧକୁ ଆମେ ବିରୋଧ କହୁ। ଆପଣଙ୍କର ଏପରି ବିରୋଧୀ ହେବା ଉଚିତ ନୁହେଁ। ଆମର ଆପଣଙ୍କ ନିକଟରେ ଏହା ହିଁ ପ୍ରାର୍ଥନା। ଆପଣଙ୍କର ରାଜଗାଦୀ ସ୍ଥିର ରହୁ ବୋଲି ଆମର ଇଚ୍ଛା।"

ବୀରରାଜ: "ଏହା କଣ ତୁମେ ମୋ ପକ୍ଷ ନେଇ କହୁଛ? ଶତ୍ରୁକୁ ବଡ଼ ଓ ମୋତେ ଛୋଟ କରି ତୁମେ ଆମର ହୋଇ ରହିବ? ତୁମେ ତ ଅଇଁଠା ଖୁଆଉଥିବା ଲୋକର ହାତ ଚାଟି ଆମକୁ ଦେଖି ଭୁକୁଛ। ତୁମ ପ୍ରଭୁଙ୍କ ସେନା କୋଡ଼ଗରେ ପାଦ ପକାଇବେ- ଏ ସ୍ୱପ୍ନ ତୁମେ କେବେ ଦେଖିଲ? କୋଡ଼ଗ ବାଙ୍ଗାଲୋର ନୁହେଁ କି ମାଙ୍ଗାଲୋର ନୁହେଁ ଯେ ଯାହାର ଇଚ୍ଛା ସେ ଏଠାକୁ ଅଧୁଆ ମୁହଁରେ ଚାଲି ଆସିବ। ଆସିବାକୁ ଦିଅ ତୁମ ମାଲିକଙ୍କୁ, ଦେଖିବା। ପ୍ରଥମେ ତୁମକୁ ମୁକ୍ତ କରି ଏଠାରୁ ନିଅନ୍ତୁ ବୋଲି ତୁମ ମାଲିକଙ୍କୁ ଖବର ପଠାଅ।"

କରୁଣାକର ମେନନ ରାଜାଙ୍କୁ ଶାନ୍ତ କରିବା ପାଇଁ କହିଲେ, "ଶେଠ ବାବୁ ଇଂରେଜଙ୍କ ବଡ଼େଇ କରି ଆପଣଙ୍କୁ ଛୋଟ ବୋଲି ଦେଖାଇବା ଲୋକ ନୁହଁନ୍ତି। ବାସ୍ତବରେ ଆମ ଦୁହିଁଙ୍କର ମନେ ହେଉଛି ଯେ ଆପଣ ଇଂରେଜଙ୍କର ମିତ୍ର ଭାବେ ରହିଲେ ସବୁଆଡ଼ୁ ମଙ୍ଗଳ ହେବ। କୋଡ଼ଗରେ ପାଦ ପକାଇବା ସହଜ ନୁହେଁ ଓ ଆମେ ଦଶବର୍ଷ ପର୍ଯ୍ୟନ୍ତ ତାର ମୁକାବିଲା କରିବାକୁ ସମର୍ଥ- ଏକଥା ଠିକ୍ ହେଲେ ମଧ୍ୟ ଅନାବଶ୍ୟକ ଲଢ଼େଇ କରି ଲାଭ କଣ? ଆଉ ଇଂରେଜ କଣ ବା ମାଗୁଛନ୍ତି? ଆପଣଙ୍କ ଭଉଣୀର ସନ୍ତାନଙ୍କୁ ତାର ମା ପାଖକୁ ପଠାଇବାକୁ ତ କହୁଛନ୍ତି! ଆପଣ କହିବେ ଏହାତ ଆପଣ ମଧ୍ୟ ଚାହୁଁଛନ୍ତି। ଆପଣଙ୍କ ଭଉଣୀ ଓ ଭିଣୋଇ ଭୟରେ ଇଂରେଜଙ୍କ ପାଖକୁ ଚାଲି ଯାଇଛନ୍ତି। ପିଲାକୁ ପଠାଇ ଯଦି କହନ୍ତି ଯେ ଭୟ ନ କରି ଫେରି ଆସ' ତେବେ ସେମାନେ ପୁଣି ଫେରି ଆସିବେ। ପିଲାକୁ ପଠାଇ ଦେବା ହିଁ ଆପଣଙ୍କ ଦୟା ଓ ଉଦାରତାର ସାକ୍ଷୀ। ସନ୍ତାନଙ୍କୁ ଫେରି ପାଇଲେ ଭଉଣୀ ଓ ଭିଣୋଇ ଆପଣ ସେମାନଙ୍କ ଉପରେ କ୍ରୁଦ୍ଧ ନୁହନ୍ତି ବରଂ ନିଜ ବାହୁ ଛାୟା ତଳେ ନେଇ ସେମାନଙ୍କୁ ରକ୍ଷା କରିବେ ବୋଲି

Digitized by srujanika@gmail.com

ଭାବିବେ। ଏମାନେ ସାଙ୍ଗେ ସାଙ୍ଗେ ଫେରିଆସିଲେ ଇଂରଜଙ୍କ ସହ ମନୋମାଳିନ୍ୟ ମଧ୍ୟ ଶେଷ ହୋଇଯିବ।''

ଏ ସବୁ କଥା ରାଜା ଶୁଣିଲେ କି ନାହିଁ କୁହାଯାଇ ନ ପାରେ କିନ୍ତୁ ସବୁ କଥା ଶେଷ ହେବା ପରେ ମଧ୍ୟ କିଛିକ୍ଷଣ ଚୁପ୍ ରହି ସେମାନଙ୍କ ଆଡ଼କୁ ବୁଲି କହିଲେ, ''ତୁମର ଏତେ ସାହସ ହେଲାଣି ଯେ କୋଡ଼ଗ ରାଜାଙ୍କ ସହିତ ସମାସ୍କନ୍ଧ ପରି କଥା କହୁଛ। ଏତେ ଅହଙ୍କାର! ଅନ୍ୟର ଅଇଁଠା ଖାଇ ତୁମର ଗର୍ବ ବଢ଼ି ଗଲାଣି। ତେଣୁ ତୁମର ମୁଣ୍ଡ କାଟିବା ଉଚିତ। ମୁଣ୍ଡ ତ କାଟିବି ନାହିଁ କିନ୍ତୁ ବନ୍ଦୀ ନିଶ୍ଚୟ କରାଯିବ। ତୁମ ମାଲିକ ନିଜ ଭୁଲ ମାନିଲେ ଯାଇ ତୁମକୁ ଛଡ଼ାଯିବ। ତୁମେ ନିଜକୁ କୋଡ଼ଗ ରାଜାଙ୍କ ସମାସ୍କନ୍ଧ ଭାବିବା ଭଳି ଅବସ୍ଥା ଆସିନାହିଁ।''

ବସବ ସେ ଦୁଇଜଣଙ୍କୁ ''ବାପ୍, ବହୁତ କଥା ହୋଇ ସାରିଲାଣି ଆପଣ ବାହାରକୁ ଚାଲିଆସନ୍ତୁ'' କହି ଇଶାରା କଲା। ଦୁଇଜଣଯାକ ତା ସହ ବାହାରକୁ ଆସିବାରୁ ବସବ ସେମାନଙ୍କୁ କହିଲା, ''ମହାରାଜଙ୍କର ଇଂରେଜଙ୍କ ଉପରେ ଖୁବ୍ ବିରକ୍ତି ଆସିଯାଇଛି। ଇଂରେଜ ନିଜକୁ ମିତ୍ର ବୋଲି କହି ଶତ୍ରୁ ବତ୍ ବ୍ୟବହାର କରୁଥିବାରୁ ରାଜା ଖୁବ୍ କ୍ରୋଧିତ। ଆପଣଙ୍କ ଉପରେ ତାଙ୍କର କିଛି ଆକ୍ରୋଶ ନାହିଁ। ତାଙ୍କ ଭଉଣୀ ଭିଣୋଇ ଏଠାକୁ ଆସିଗଲେ ଆଉ କିଛି ମତାନ୍ତର ରହିବ ନାହିଁ। ସେମାନଙ୍କୁ ଏଠାକୁ ପଠାଇଦେବା ପାଇଁ ଆପଣ ନିଜ ମାଲିକଙ୍କୁ ଖଣ୍ଡେ ପତ୍ର ଲେଖିଦେଲେ ମୁଁ ତାହା ତାଙ୍କ ପାଖକୁ ପଠାଇ ଦେବି।''

ଉଭୟ ପ୍ରତିନିଧିଙ୍କୁ ଭଲରୂପେ ଜଣାଥିଲା ଯେ ରାଜାଙ୍କ ଭଉଣୀ ତଥା ଚେନ୍ନବସବଙ୍କର ଫେରି ଆସିବା ଏତେ ସହଜ ନ ଥିଲା। ସେମାନେ ନ ଫେରିବା ପର୍ଯ୍ୟନ୍ତ ଏମାନେ ଯାଇ ପାରିବେ ନାହିଁ ବୋଲି ଯଦି ରାଜା କହନ୍ତି ତେବେ ସେମାନଙ୍କ ଅବସ୍ଥା କଣ ହେବ ତାହା ମଧ୍ୟ ସେମାନଙ୍କୁ ଜଣାଥିଲା। ବୀରରାଜ ଖୁବ୍ ଦୁରାଚାରୀ ଓ ଅହଙ୍କାରୀ ବ୍ୟକ୍ତି। ଇଂରେଜଙ୍କ ଉପରେ ରାଗ ସୁଝାଇବା ପାଇଁ ସେମାନଙ୍କ ମୁଣ୍ଡ କାଟିବାକୁ ଚାହିଁଲେ ମଧ୍ୟ କାଟି ପାରନ୍ତି। ସେଠାରୁ କିପରି ଭାବେ ଖସି ଚାଲିଯାଇହେବ ତାହା ସେମାନଙ୍କର ଚିନ୍ତାର ବିଷୟ ଥିଲା।

କ୍ଷଣକପରେ ମେନନ ବସବକୁ ପଚାରିଲା, ''ଏ ବିଷୟରେ କଣ ଆମେ ଆପଣଙ୍କ ସାଥୀ ମନ୍ତ୍ରୀମାନଙ୍କ ସହ କଥା ହୋଇ ପାରିବୁ? ବସବ ଉତ୍ତର ଦେଲା, ''ସେଥିରେ କୌଣସି ବାଧା ନାହିଁ, କିନ୍ତୁ ସେମାନେ ଏ ବିଷୟରେ କିଛି କହି ପାରିବେ ନାହିଁ। ଏହା ରାଜାଙ୍କର ଏକାନ୍ତ ବ୍ୟକ୍ତିଗତ ବ୍ୟାପାର। ତାଙ୍କ ଭଉଣୀ ଓ ଭିଣୋଇଙ୍କ ବ୍ୟାପାରରେ ଅନ୍ୟମାନେ କଣ ବା କରି ପାରିବେ?''

ସେଠ ଓ ମେନନ ପରସ୍ପର ମଧ୍ୟରେ ବିଚାର-ବିମର୍ଷ କରିବା ପରେ ମେନନ ବସବକୁ କହିଲା, ''ଠିକ୍ ଅଛି। ରାଜାଙ୍କ ଆଜ୍ଞା ସମ୍ବନ୍ଧରେ ସୂଚିତ କରି ମୁଁ ମାଲିକଙ୍କ ନିକଟକୁ ପତ୍ର ଲେଖୁଛି। ତାହା ବାଙ୍ଗାଲୋର ପଠାଇବାର ବ୍ୟବସ୍ଥା କରି ଦିଅନ୍ତୁ। ଉତ୍ତର ଆସିବା ପର୍ଯ୍ୟନ୍ତ ଆମେ ଏଠାରେ ରହିବୁ।''

ବସବ: ''ଆପଣ ଲେଖିଥିବା ପତ୍ର ରାଜାଙ୍କୁ ଦେଖାଇବାକୁ ପଡ଼ିବ ବୋଲି କହିବାରୁ'' ମେନନ ସେଥିରେ ରାଜି ହେଲା।

Digitized by srujanika@gmail.com

ଏଥି ମଧ୍ୟରେ ଦେଶର ଜନତାଙ୍କ ମନ ରାଜାଙ୍କ ପ୍ରତି ବିରକ୍ତ ହୋଇ ଉଠିଥିଲା। ଦେବମ୍ମା ତଥା ଚେନ୍ନବସବଙ୍କୁ ଯେ ସେମାନେ ବେଶୀ ଶ୍ରଦ୍ଧା କରୁଥିଲେ ତା ନୁହେଁ କିନ୍ତୁ ଦେବମ୍ମାଙ୍କ ଅପେକ୍ଷା ରାଜାଙ୍କ ବ୍ୟବହାର ଭଲ ନୁହେଁ ବୋଲି ସେମାନଙ୍କୁ ଜଣାଥିଲା। ଉତ୍ସବରେ ଅଭିନୀତ ହୋଇଥିବା ନାଟକରେ ରାଜାଙ୍କୁ ଯେଉଁପରି ପରିହାସ କରାଯାଇଥିଲା ସେଥିରେ କିଛି ଲୋକ ସନ୍ତୁଷ୍ଟ ଓ କିଛି ଅସନ୍ତୁଷ୍ଟ ଥିଲେ। କିନ୍ତୁ ଚେନ୍ନାବସବୟା ତଥା ଦେବମ୍ମାଙ୍କ ମହଲରେ ପହରାଦାର ମୁତୟନ କରି ସେମାନଙ୍କୁ ନଜରବନ୍ଦୀ ରୂପେ ରଖିବା କାହାରି ପସନ୍ଦ ନ ଥିଲା। ରାଜାଙ୍କର ଏପରି ଅନ୍ୟାୟ ଯୋଗୁଁ ହିଁ ସେମାନଙ୍କୁ ଲୁଚି ପଳାୟନ କରିବାକୁ ହେଲା। ସେମାନଙ୍କର ଦେଶତ୍ୟାଗ କରି ଚାଲିଯିବା ନ୍ୟାୟସଙ୍ଗତ ଥିଲା। ଦୁର୍ଭାଗ୍ୟବଶତଃ ତାଙ୍କର ସନ୍ତାନ ରାସ୍ତାରେ ଖସି ପଡ଼ି ମାମୁଁ ନିକଟରେ ପହଞ୍ଚିଛି। ତାକୁ ଭଉଣୀ ନିକଟକୁ ନ ପଠାଇ ରାଜା ବନ୍ଧକ ରୂପେ ରଖିଛନ୍ତି। ରାଜା କେବେହେଲେ ଠିକ୍ ରାସ୍ତାରେ ଚାଲି ନାହାନ୍ତି କିନ୍ତୁ ବର୍ତ୍ତମାନ ତ ସେ ପୂର୍ବାପେକ୍ଷା ବେଶୀ ଅନ୍ୟାୟ କରିଛନ୍ତି। ତାଙ୍କର କଂସେଇପଣ ଦେଖି ଅନ୍ନଦାତା ମାଲିକ ଓ ମାଲିକାଣୀଙ୍କ ବିଶ୍ୱସ୍ତ ଭୃତ୍ୟ ଚୋମାକୁ ଶୂଳୀରେ ଚଢ଼ାଇଦେଲେ। ସେ ପୁଣି କେମିତି? ଶୂଳୀ ଆଣି ପୋତିବାଯାକେ ତର ସହିଲା ନାହିଁ ଯେ ସେହି ସ୍ଥାନରେ ସଙ୍ଗେ ସଙ୍ଗେ ତାର ପ୍ରାଣ ନେଇ ତିନି ଦିନ ପର୍ଯ୍ୟନ୍ତ ସେହିଠାରେ ଶବକୁ ରଖି ପଚାଇବା ପାଇଁ ଆଜ୍ଞା ଦେଲେ। ଏପରି ସତ୍ ଲୋକର ମାଂସ ଚିଲ ଶାଗୁଣା ପେଟପୂରାଇ ଖାଇଲେ। ନିଜ ମାଲିକ ପ୍ରତି ବିଶ୍ୱସ୍ତ ରହିବା ଯଦି ତାର ଅପରାଧ ଥିଲା ତେବେ ସେବକ ଏହା ପ୍ରତି କିପରି ବିଶ୍ୱସ୍ତ ହୋଇ ରହିବେ? ଏହାଙ୍କ ରାଜତ୍ୱରେ ଦେଶ ଦିନକୁ ଦିନ ଖରାପ ଆଡ଼କୁ ଗତି କରୁଛି। ତା ଅପେକ୍ଷା ତ ତାହା ଶେଷ ହୋଇଗଲେ ମଙ୍ଗଳ।

ଜନତାଙ୍କ ମନରେ ଏପରି ଭାବନା କିପରି ଭାବେ ଜନ୍ମ ନେଇ ଚାରିଆଡ଼େ ବ୍ୟାପେ ତାହା ବର୍ଣ୍ଣନା କରିବା ସମ୍ଭବ ନୁହେଁ। ଏ ପ୍ରସଙ୍ଗରେ ଚୋମାର ପତ୍ନୀ ଓ ତାର ଭଉଣୀ ଜନତାଙ୍କ ମନରେ ଅସନ୍ତୋଷ ଆଣିବାରେ ସହାୟକ ଥିଲେ। ଚୋମା ଶୂଳୀରେ ଚଢ଼ିବାର ଖବର ପାଇବା ମାତ୍ରେ ସେମାନେ ସେଠାକୁ ଦୌଡ଼ିଯାଇ ଛାତି ପିଟି ବିଳାପ କରି ତାକୁ ଶୂଳୀ ଚଢ଼ାଇଥିବା ବ୍ୟକ୍ତିର ସତ୍ୟାନାଶ ହେଉ କହି ଗାଳି ଦେବାକୁ ଲାଗିଲେ। ସେଠାରେ ପହରାରେ ଥିବା ସିପାହୀମାନେ କହିଲେ, "ଏଠାରୁ ଘୁଞ୍ଚିଯାଅ, ପାଖକୁ ଆସ ନାହିଁ। ଦେଶ ଛାଡ଼ି ଚାଲି ଯାଅ। ଶୂଳୀରେ ମହାରାଜ ହିଁ ତ ଚଢ଼ାଇଛନ୍ତି। ତାଙ୍କର ସତ୍ୟାନାଶ ହେବା କଥା କହୁଛ ମୁଣ୍ଡ କାଟିଦେବେ।" ସେ କହିଲା, "ଏପରି ବୀର ଭାଇ ଓ ସ୍ୱାମୀ ଚାଲିଗଲା, ଆମେ ଚାଲିଗଲେ କଣ ହେବ? ଡାକ ତୁମ ପିଶାଚ ମାଲିକକୁ। ଆମର ବେକ କାଟି ରକ୍ତ ପିଇ ନେଉ।" ସେମାନେ ତିନିଦିନ ପର୍ଯ୍ୟନ୍ତ ସେଠାରେ

Digitized by srujanika@gmail.com

ପଡ଼ି ରହି ଶବକୁ ଚିଲ ଶାଗୁଣା ମୁହଁରୁ ବଞ୍ଚାଇବାକୁ ଚେଷ୍ଟା କରି ଶେଷରେ ବାକୀ ରହିଥିବା ଶବକୁ ନେଇ ସତ୍କାର କଲେ। ତାର ଶବ ସତ୍କାର ଶେଷ କରି ସେମାନେ ଦୁଇଜଣ ମହଲ ସାମନାକୁ ଆସି "ଆମର ପତିକୁ ଖାଇଲୁ, ଭାଇକୁ ଖାଇଲୁ, ମା କରିଙ୍ଗାଲୀ ତତେ ବି ଏମିତି ଶୂଳୀରେ ଚଢ଼ାନ୍ତୁ, ତୋର ବଂଶ ନାଶ ହେଉ, ପୃଥିବୀରେ ତୋର ନାଁ ନ ରହୁ।" କହି ନିର୍ଭୟ ହୋଇ ରାଜାଙ୍କୁ ଗାଳି ଦେବାକୁ ଲାଗିଲେ। ପ୍ରଥମେ ରାଜା କିଛି ବୁଝି ପାରିଲେ ନାହିଁ। ପରେ ବୁଝିପାରି "ଏମାନଙ୍କୁ ମଧ୍ୟ ଶୂଳୀରେ ଚଢ଼ାଇ ଦିଅ" ବୋଲି ଆଜ୍ଞା ଦେଲେ। ଭୃତ୍ୟମାନେ ଯାଇ ସେମାନଙ୍କୁ ଦୁଇ ଚାପୁଡ଼ା ଲେଖା ଦେଇ ବାହାର କରିଦେଲେ। ସେମାନେ ମନଇଚ୍ଛା ରାଜାଙ୍କୁ ଗାଳି ଦେଇ, ତାଙ୍କ ବଂଶକୁ ଶାପ ଦେଇ "ମା କରିଙ୍ଗାଲୀ, ଏହାର ଦଶା କୁକୁର ଠାରୁ ମଧ୍ୟ ହୀନ କର" କହି ସାରା ମଡ଼କେରୀରେ ବୁଲିଲେ।

ରାଜମହଲ ସାମନାରେ ଏମାନଙ୍କର ବିଳାପ ଓ ଦୁଃଖ ଦେଖି ରାଣୀ ଗୌରମ୍ମା ଦୁଃଖିତ ହେବା ସଙ୍ଗେ ସଙ୍ଗେ ସେମାନଙ୍କ ଅଭିଶାପକୁ ଭୟ ମଧ୍ୟ ପାଇଲେ। ଚୋମାକୁ ମାରିବା ରାଜାଙ୍କର ଉଚିତ ନଥିଲା ବୋଲି ତାଙ୍କର ମନେ ହେଲା। ବେଶୀ ହେଲେ ତାକୁ ବନ୍ଦୀ ଭାବେ ରଖି ମାଡ଼ ଦିଆଯାଇ ପାରିଥାଆନ୍ତା। ତା ନ କରି କଂସାଇ ପରି ନିଜେ ଶୂଳୀ ତିଆରି କରି ସେହିଠାରେ ତାର ପ୍ରାଣ ନେବାଟା ଅତିରିକ୍ତ ହୋଇଗଲା। ରାଜା ଏପରି କରିଥିବାରୁ ଏ ସ୍ତ୍ରୀଲୋକ ଦୁଇଜଣ କଣ ଅଭିଶାପ ନ ଦେଇ ରହିପାରିବେ? ଏମାନଙ୍କ ପରେ ମଧ୍ୟ ଅତ୍ୟାଚାର ହୋଇଯାଇ ପାରେ ଭାବି ରାଣୀ ସାମାନ୍ୟ ଭୟ ପାଇଥିଲେ ମଧ୍ୟ ଭଗବାନଙ୍କ ଦୟାରୁ ତାହା ହେଲା ନାହିଁ। ସେମାନେ ଛାତି ପିଟି ବିଳାପ କରି କରି ସେଠାରୁ ଚାଲିଗଲେ। ରାଣୀ ଗୁପ୍ତ ଭାବେ ଜଣେ ଗୁରିକାରକୁ ଡାକି ଆଜ୍ଞା ଦେଲେ, "ଏ ସ୍ତ୍ରୀ ଦୁଇଜଣ ଆମ ଯୋଗୁଁ ଦୁଃଖ ପାଇଲେ। ସେମାନଙ୍କୁ ଡାକି ଖାଇବାକୁ ଓ କ୍ଷତିପୂରଣ ଦେଇ ପଠାଇ ଦିଅ। କିନ୍ତୁ ଏହା ମୋର ଆଜ୍ଞା ବୋଲି ସେମାନେ ଯେପରି ନ ଜାଣନ୍ତି।" ଗୁରିକାର ଭାବିଲା ଯେ ଏହି ଧର୍ମପରାୟଣା ସ୍ତ୍ରୀଙ୍କ ଯୋଗୁଁ ହିଁ ରାଜା ଏପର୍ଯ୍ୟନ୍ତ ଅଛନ୍ତି। ପରେ ନିଜ ଲୋକଙ୍କୁ ଡାକି ଗୁପ୍ତ ରୂପେ ସେହି ପରି ବ୍ୟବସ୍ଥା କରାଇ ସନ୍ଧ୍ୟାବେଳେ ସେ ସ୍ତ୍ରୀଲୋକ ଦୁଇଜଣ ସହର ଛାଡ଼ି ଚାଲିଯାଇଛନ୍ତି ବୋଲି ରାଣୀଙ୍କୁ ଆସି ଖବର ଦେଲା। ଆଉ ଚିନ୍ତାର କୌଣସି କାରଣ ନାହିଁ।

ଛୋଟ ଦୀକ୍ଷିତ ତଥା ଲକ୍ଷ୍ମୀନାରାୟଣଙ୍କ ଭଣଜା ସୂରୀ ନିଜ ଲୋକମାନଙ୍କ ଦ୍ୱାରା ସେମାନଙ୍କୁ ବାଙ୍ଗାଲୋର ଯାଇ ଗୋରାସାହେବଙ୍କ ନିକଟରେ ଆପତ୍ତି କରିବା ଉଚିତ ବୋଲି ବୁଝାଇଲେ। ସେ ସ୍ତ୍ରୀ ଲୋକଙ୍କର ଏ କଥା ମନକୁ ପାଇବାରୁ ସେମାନେ ଅରକଲଗୂଡ଼ ଯାଇ ସେଠାରେ ରାସ୍ତା ପଚାରି ପଚାରି ବାଙ୍ଗାଲୋର ପହଞ୍ଚିଲେ। ରେସିଡେଣ୍ଟ ନିବାସ ସାମନାରେ ଠିଆହୋଇ ଛାତି ପିଟିବାକୁ ଲାଗିଲେ। ସେବକମାନେ ପଚାରିବାରୁ ନିଜ ପରିଚୟ ଦେଲେ।

ଚେନ୍ନାବସବୟା ନିଜ କଥା କହି ସହାୟତା ମାଗିବା ସମୟରେ ଚୋମାର କଣ ହେଲା ତାହା ବିଶେଷ ରୂପେ କହି ନଥିଲେ। ଚୋମାର ପତ୍ନୀ ଓ ଭଉଣୀ କାନ୍ଦି କାନ୍ଦି କହିବାରୁ ରେସିଡେଣ୍ଟ ସମସ୍ତ ବୃତ୍ତାନ୍ତ ଜାଣି କେବଳ ରାଜାଙ୍କ ଉପରେ ନୁହେଁ ଚେନ୍ନବସବୟା ଉପରେ

Digitized by srujanika@gmail.com

ମଧ୍ୟ ବହୁତ ବିରକ୍ତ ହେଲେ। ପୁଣି ସେ ସ୍ତ୍ରୀଲୋକ ଦୁଇଜଣଙ୍କୁ "ଆପଣମାନଙ୍କ ପ୍ରତି ଅନ୍ୟାୟ କରାଯାଇଛି। ମୁଁ ମହାରାଜଙ୍କୁ ଏ ବିଷୟରେ ପଚରାପଚରି କରିବି। ସେ ପର୍ଯ୍ୟନ୍ତ ଯଦି ଆପଣମାନେ ଏଠାରେ ରହିବାକୁ ଚାହୁଁଛନ୍ତି ତେବେ ରହନ୍ତୁ। ଆମେ ଆପଣଙ୍କୁ ଦେଖାଶୁଣା କରିବୁ।" କହି ସେମାନଙ୍କ ରହିବାର ବ୍ୟବସ୍ଥା କଲେ। ପୁଣି ଥରେ ଚେନ୍ନବସବୟା ତାଙ୍କୁ ସାକ୍ଷାତ କରିବାକୁ ଆସିବାରୁ ତାଙ୍କୁ ସ୍ତ୍ରୀଲୋକଙ୍କର ଆସିବା କଥା କହି ସେମାନଙ୍କ ବିଷୟରେ ତାଙ୍କୁ ଠିକ୍ ଭାବେ କିଛି କହି ନ ଥିବାରୁ ଚେନ୍ନାବସବ ଉପରେ ବିରକ୍ତ ହେଲେ।

126

"ମୁଁ ପିଲାକୁ ପଠାଇବି ନାହିଁ ଓ ତା ଛଡ଼ା ଆପଣଙ୍କ ପ୍ରେରିତ ପ୍ରତିନିଧିଙ୍କୁ ମୁଁ ଏହିଠାରେ ଅଟକାଇ ରଖିଛି। ଆପଣ ମୋ ଭଉଣୀ ଓ ଭିଣୋଇଙ୍କୁ ଏଠାକୁ ପଠାଇ ଦିଅନ୍ତୁ। ସେମାନେ ଏଠାରେ ପହଞ୍ଚିବା ମାତ୍ରେ ମୁଁ ଆପଣଙ୍କ ପ୍ରତିନିଧିଙ୍କୁ ମଧ୍ୟ ଫେରାଇଦେବି।" ବୀରରାଜଙ୍କ ଲିଖିତ ଏପରି ପତ୍ର ଯେତେବେଳେ ବାଙ୍ଗାଲୋରରେ ପହଞ୍ଚିଲା ସେତେବେଳେ ରେସିଡେଣ୍ଟ କେସମାଇଜର, ସେନାଧ୍ୟକ୍ଷ ପ୍ରେସର ତଥା ନାଗପୁରର ରେସିଡେଣ୍ଟ ଗ୍ରାହମ ମହୋଦୟ ସେ ପତ୍ର ବିଷୟରେ ବିଚାର-ବିମର୍ଷ କଲେ। ପ୍ରଥମେ ସେମାନେ ଭାବିଲେ ଯେ ଗ୍ରାହମ ମଡ଼କେରୀ ଯାଇ ପିଲା ଓ ପ୍ରତିନିଧିଙ୍କୁ ମୁକ୍ତ କରି ଫେରାଇ ଆଣିବା ଉଚିତ। ଗ୍ରାହମ ମଡ଼କେରୀ ଯିବାକୁ ପ୍ରସ୍ତୁତ ଥିଲେ। ସେଠାରେ ଯେପରି ତାଙ୍କ ଉପରେ କୌଣସି ପ୍ରକାରର ବିପଦ ନ ଆସେ ସେଥିପାଇଁ ଅନେକ ଲୋକଙ୍କୁ ନେଇଯିବାର ଠିକ୍‌ହେବା ସଙ୍ଗେ ସଙ୍ଗେ ତାଙ୍କ ସହ ସ୍ୱୟଂ ପ୍ରେସର ସାହେବ ମଧ୍ୟ ଯିବାକୁ ପ୍ରସ୍ତୁତ ହେଲେ। କିନ୍ତୁ ଏକଥା କେସମାଇଜରଙ୍କ ମନକୁ ପାଇଲା ନାହିଁ।

ସେ ପଚାରିଲେ, "ବୀରରାଜ ଦାରା ସେଠ ଓ ମେନନଙ୍କ ପରି ଗ୍ରାହମଙ୍କୁ ଅଟକାଇ ରଖିଲେ କଣ କରାଯିବ। ରାଜାଙ୍କ ଜିଦ୍ ପାଗଳାମୀର ସୀମା ପର୍ଯ୍ୟନ୍ତ ପହଞ୍ଚିଲାଣି। ସେ କଣ ଆମ ସହ ଝଗଡ଼ା କରି ରହି ପାରିବ? ତଥାପି ସେ ନିଜକୁ ବଳଶାଳୀ ଓ ଆମକୁ ଦୁର୍ବଳ ମନେକରି କଥାବାର୍ତ୍ତା କରୁଛନ୍ତି। ଗ୍ରାହମଙ୍କୁ ବନ୍ଦୀ କରି ଆମର ଅପମାନ କଲେ ଆମକୁ କୋଡ଼ଗ ଉପରେ ଚଢ଼ାଉ କରିବାକୁ ପଡ଼ିବ। ଯଦି ସେ ପାଗଳଟା ଗ୍ରାହମଙ୍କୁ ମାରିଦିଏ ତେବେ କଣ କରାଯିବ? ଏପରି ଆଶଙ୍କାର ଅବକାଶ ଦେବାକୁ ମୁଁ ପ୍ରସ୍ତୁତ ନୁହେଁ।"

ଏହି ଆଶଙ୍କା ଛଡ଼ା ତାଙ୍କ ମନରେ ଆଉ ଗୋଟିଏ ବିଷୟ ଥିଲା ଯାହା ସେ ସବିସ୍ତାରେ କହି ନ ଥିଲେ। "ମନେ କର ଗ୍ରାହମ ଯିବାରୁ ରାଜା ତାଙ୍କ କଥା ସ୍ୱୀକାର କରିନେଲେ ଓ ଝଗଡ଼ା ଶେଷ ହୋଇଗଲା। କାଲି ପୁଣି ତାଙ୍କ ସହ ସଂଘର୍ଷ ହେଲେ ସର୍ବଦା କଣ ଗ୍ରାହମଙ୍କୁ ଡକାଇବା ସମ୍ଭବ ହେବ? ଯେତେ ପୁରାତନ ବନ୍ଧୁତା ଥିଲେ ମଧ୍ୟ ବର୍ତ୍ତମାନ ରାଜା ପୁରାପୁରି ଭୁଲ ରାସ୍ତାରେ ଚାଲୁଛନ୍ତି। ତାଙ୍କୁ ପଦଚ୍ୟୁତ କରିବାର ଏହା ହିଁ ପ୍ରକୃଷ୍ଟ ସମୟ। କୋଡ଼ଗ ରାଜ୍ୟ ହସ୍ତଗତ କରିବାର ଏପରି ସୁଯୋଗ ଛାଡ଼ିବା କଥା ନୁହେଁ।

ମନ୍ତ୍ରଣା ପରେ କୋଡ଼ଗ ଉପରେ ଚଢ଼ାଉ କରିବା ପାଇଁ ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ସ୍ଥିର କରାଗଲା।

Digitized by srujanika@gmail.com

ଏତିକିବେଳେ ଅପ୍ପା ରେସିଡ଼େଣ୍ଟଙ୍କ ନିକଟକୁ ଆସି ଚିଫ୍ କମିଶନରଙ୍କ ନିକଟରେ କରିଥିବା ପ୍ରାର୍ଥନାକୁ ପୁନରାବୃତ୍ତି କଲା। ରେସିଡେଣ୍ଟ ପୁରୁଣା ନାମ ନ ଥିବା ପତ୍ର ସବୁ ଦେଖି ପଚାରିଲେ, "ଆପଣ କୋଡ଼ଗର ରାଜା ହେବାକୁ ଚାହୁଁଛନ୍ତି କିନ୍ତୁ ଏ ବିଷୟ ଉପରେ ଆପଣ ଜୋର ଦେବେ ନାହିଁ ବୋଲି ଏଠାରେ ଲେଖିଛନ୍ତି"। ଅପ୍ପା ଉତ୍ତର ଦେଲେ, "ଏକଥା ସତ୍ୟ ଯେ ମୁଁ ଗଦୀରେ ବସିବି ନାହିଁ ବୋଲି କଥା ଦେଇଛି। ସେ ପ୍ରତିଜ୍ଞା ମୁଁ ଭାଙ୍ଗି ପାରିବି ନାହିଁ। ବର୍ତ୍ତମାନର ରାଜାଙ୍କୁ ଗାଦୀଚ୍ୟୁତ କଲେ ମୋର ପୁତ୍ର ବୀରପ୍ପା ରାଜ୍ୟର ଅଧିକାରୀ ହୋଇପାରେ। ତାକୁ ରାଜ୍ୟ ମିଳିବା ଉଚିତ।"

"ରାଜାଙ୍କ କନ୍ୟା ? ତାର କଣ ଆପଣଙ୍କ ପୁତ୍ରଠାରୁ ରାଜ୍ୟ ଉପରେ ବେଶୀ ଅଧିକାର ନାହିଁ ?"

"ରାଜାଙ୍କ କନ୍ୟା କିଏ ଆଉ ମୋର କନ୍ୟା କିଏ ? ସେ ଗାଦୀରେ ବସିଲେ ମଧ୍ୟ ଭଲ।"

"ଲୋକଙ୍କର ବିଚାର କଣ ?"

"ସେ ଖବର ନିଆଯାଇ ପାରେ।"

"ଆପଣ ଆମକୁ ସାହାଯ୍ୟ କରିବେ ? ଏଥିରେ ଯଦି ଆପଣ ନିଜ ଶକ୍ତି ଅନୁସାରେ ଆମର ସହାୟତା କରନ୍ତି ତେବେ ଆପଣଙ୍କ ପ୍ରାର୍ଥନାକୁ ପୂର୍ଣ୍ଣ କରିବାକୁ ଚେଷ୍ଟା କରାଯିବ।"

"ଠିକ୍ ଅଛି।"

"ଆପଣଙ୍କର ଏ ସବୁ କଥା କଣ ଚେନ୍ନବସବୟା ତଥା ଦେବମ୍ମାଙ୍କୁ କୁହାଯାଇ ପାରେ ?"

"କହିବାରେ କିଛି ଦୋଷ ନଥିଲେ ମଧ୍ୟ ଚାରିଦିନ ଅପେକ୍ଷା କଲେ ଭଲ ହୁଅନ୍ତା।"

"ଠିକ୍ ଅଛି, ସବୁ ଠିକ୍ ହେବା ପରେ ଆମକୁ କଣ କରିବାକୁ ହେବ ତାହା ଆମେ ଆପଣଙ୍କୁ କହିବୁ। ସେ ପର୍ଯ୍ୟନ୍ତ ଆପଣ ଆମ ନିକଟରେ ରହନ୍ତୁ।"

ଏହା କହି ରେସିଡ଼େଣ୍ଟ ଅପ୍ପାଙ୍କୁ ବାଙ୍ଗାଲୋରରେ ଅଟକାଇ ରଖିଲେ। ସେ ଯେପରି ଖସି ପଳାଇ ନ ପାରନ୍ତି ସେଥିପାଇଁ ପହରାର ବ୍ୟବସ୍ଥା ମଧ୍ୟ କରାଗଲା। ଏହି ପରି ଦେବମ୍ମା ତଥା ଚେନ୍ନାବସବୟା ମଧ୍ୟ ତାଙ୍କ ଅଗୋଚରରେ ବାଙ୍ଗାଲୋର ଛାଡ଼ି ପାରିଲେ ନାହିଁ। ତାଙ୍କ ପାଇଁ ମଧ୍ୟ ପହରାର ବନ୍ଦୋବସ୍ତ କରାଯାଇଥିଲା।

ସେ ମନ୍ଦ୍ରାଜରୁ ଗଭର୍ଣ୍ଣରଙ୍କୁ ଏକ ପତ୍ରରେ ଲେଖିଲେ, "ପନ୍ଦର ଦିନ ମଧ୍ୟରେ କୋଡ଼ଗ ଉପରେ ଆକ୍ରମଣର ବ୍ୟବସ୍ଥା କରାଯାଇଛି। ଚାରିପଟୁ ଆମ ଲୋକ ସେଠାରେ ପଶିବେ। ମାଲାବାର ଓ ମାଙ୍ଗାଲୋର କଲେକ୍ଟରଙ୍କୁ ପତ୍ର ଦେଇଛି। କୃପାକରି ଆପଣ ମଧ୍ୟ ସେମାନଙ୍କୁ ଆଜ୍ଞା ଦିଅନ୍ତୁ।"

ଏ ମଧ୍ୟରେ ମେନନ ଲେଖିଥିବା ପତ୍ର ମଧ୍ୟ ମିଳିଲା। ସେଥିରୁ ଆହୁରି ସ୍ପଷ୍ଟ ହୋଇ ଉଠିଲା ଯେ କୋଡ଼ଗ ଉପରେ ଚଢ଼ାଉ କରିବା ଛଡ଼ା ଅନ୍ୟ ଉପାୟ ନାହିଁ।

ପନ୍ଦର ଦିନ ବିତିଗଲା। ମାନ୍ଦ୍ରାଜ ତଥା ବାଙ୍ଗାଲୋରରୁ ଉତ୍ତର ଆସିଗଲା। ଏହା ମଧ୍ୟରେ ଇଂରେଜମାନେ ପର୍ଯ୍ୟାପ୍ତ ସଂଖ୍ୟାରେ ପଠାଇଥିବା ଚୌକିଦାରଗଣ ଆଗରୁ ଚାରିଆଡ଼କୁ ଯାଇ ରାସ୍ତାରେ ପଡୁଥିବା ଗାଁର ମୁଖିଆମାନଙ୍କୁ ଆସୁଥିବା ସେନାମାନଙ୍କ ପାଇଁ ଆବଶ୍ୟକ ସମସ୍ତ ସୁବିଧା ଦେବାକୁ ପଡ଼ିବ ବୋଲି କହିଲେ।

ଏ ମଧ୍ୟରେ ମାନ୍ଦ୍ରାଜ ଗସ୍ତରେ ଆସିଥିବା ଗର୍ଭର୍ଣ୍ଣର ଜେନେରାଲ ବେଣ୍ଟିକ ବୀରରାଜଙ୍କୁ ଚେତାବନୀ ଦେଇ ଏକ ପତ୍ର ଲେଖିଲେ। ବୀରରାଜ ତାହା ପାଇ ଆହୁରି କ୍ରୁଦ୍ଧ ହୋଇ

Digitized by srujanika@gmail.com

ଏକ ବିଜ୍ଞାପନ କରାଇଲେ, "ଇଂରେଜମାନେ ବିଧର୍ମୀ, ବିଦେଶୀ, ସେମାନଙ୍କୁ ଭାରତରୁ ବିଦାୟ ଦେବାପାଇଁ ସେମାନଙ୍କ ବିରୁଦ୍ଧରେ ବିଦ୍ରୋହ କର।"

ଫାଲ୍‌ଗୁନ ମାସର ପ୍ରଥମ ସପ୍ତାହରେ ସେନାପତି ଫ୍ରେସର ସେନାକୁ ତିନିଭାଗ କରି ତିନିଜଣ ନାୟକଙ୍କ ହାତରେ ଦେଇ ତିନି ଦିଗକୁ ପଠାଇଲେ ଓ ନିଜେ ଉପ-ସେନାପତି ଲିଣ୍ଡସେଙ୍କ ସହ ଗୋଟିଏ ଭାଗ ନେଇ ଶ୍ରୀରଙ୍ଗପଟ୍ଟଣ ଦେଇ ପିରିୟାପଟ୍ଟଣ ଆଡ଼କୁ ବାହାରିଲେ।

127

ଯେଉଁ ଦିନ ଶିଶୁଟି ରାଜାଙ୍କ ହାତରେ ପଡ଼ିଲା ଓ ରାଜମହଲକୁ ଅଣାଗଲା ସେଦିନ ତାକୁ ନିଜ ଅଧିକାରକୁ ନେଇ ସାରିବା ପରେ ରାଣୀଙ୍କର ମନେ ହୋଇଥିଲା ଯେପରି କୌଣସି ବିଚିତ୍ର ନାଟକରେ ସେ ଅନିଚ୍ଛା ସତ୍ତ୍ୱେ ଗୋଟିଏ କାଠକୁଣ୍ଢେଇ ପରି ଭାଗ ନେଉଛନ୍ତି।

ଦେବମ୍ମା ବନ୍ଦୀଗୃହରେ ଥିବାବେଳେ ତାଙ୍କ ପତି ତାଙ୍କୁ ଭେଟିବାରେ ରାଣୀଙ୍କର ଯେ ସ୍ୱୀକୃତି ଥିଲା ଏହା ସତ୍ୟ। ରାଜାଙ୍କ କ୍ରୁରତାକୁ ନିଜ ତରଫରୁ ଯଥା ସମ୍ଭବ କମ କରାଇ ନଣନ୍ଦଙ୍କୁ ଦୟା ଦେଖାଇବା ହିଁ ଏହାର ଏକମାତ୍ର ଉଦ୍ଦେଶ୍ୟ ଥିଲା। ସେ ଉଦ୍ଦେଶ୍ୟ ତାଙ୍କ ଅକ୍ତିଆରର ବାହାରେ ଥିବା ଏ ସବୁ ଗଣ୍ଡଗୋଳର କାରଣ ହୋଇ ଯାଇଛି। ମା-ବାପ ସନ୍ତାନଙ୍କୁ ବଞ୍ଚାଇବା ପାଇଁ ଘର ଛାଡ଼ି ପଳାୟନ କରିଥିଲେ। କିନ୍ତୁ କେବଳ ସେମାନେ ଚାଲିଯାଇ ପାରିଲେ, ସନ୍ତାନଟି ବିପଦରୁ ଉଦ୍ଧାର ପାଇ ପାରିଲା ନାହିଁ। ତାଙ୍କ ପ୍ରଯତ୍ନର ଫଳ ସ୍ୱରୂପ ପିଲା ଆହୁରି ଅଧିକ ବିପଦ ମଧ୍ୟରେ ପଡ଼ିଗଲା। ବର୍ତ୍ତମାନ ସେ ମୋ ହାତକୁ ଆସିଛି, ମୋତେ ହିଁ ତାକୁ ରକ୍ଷା କରିବାକୁ ହେବ। କିନ୍ତୁ ତା କଣ କରିବା ସମ୍ଭବ? ଆମଠାରୁ କୌଣସି ବଡ଼ ଶକ୍ତି କାମ କରୁଛି ବୋଲି ଏ ମଧ୍ୟରେ ସ୍ପଷ୍ଟ ହୋଇ ଉଠିଲାଣି। ଭବିଷ୍ୟତରେ ମଧ୍ୟ ଯଦି ତାହା ହିଁ ହୁଏ? "ହେ ଓଁକାର, ହେ ଅମ୍ବା, ଆପଣ ସମସ୍ତଙ୍କର ଦାତା। ସବୁ ଗ୍ରହ ଆପଣଙ୍କ ଇଶାରା ଅନୁସାରେ ଚାଲନ୍ତି। ଏ ପିଲା ଓ ମୋ ପ୍ରତି ଆପଣଙ୍କର କୃପା ରହୁ। ରାଜାଙ୍କ ଉପରେ କୃପା ରହୁ। ତାଙ୍କ ଦ୍ୱାରା ଏ ପିଲା ଉପରେ କୌଣସି ବିପଦ ନ ଆସୁ। ଏହି ଏକମାତ୍ର ଅନୁଗ୍ରହ କରି ଏ ଘରକୁ ରକ୍ଷା କର।" ଏହି ପ୍ରକାର ଦୀନ ଭାବରେ ରାଣୀ ଭଗବାନଙ୍କୁ ପ୍ରାର୍ଥନା କରି ଖୁବ୍ ସତର୍କତାର ସହିତ ପିଲାକୁ ରକ୍ଷା କରିବେ ବୋଲି ସ୍ଥିରକଲେ।

ପିଲା ଅନ୍ତଃପୁରରେ ମହା ଆନନ୍ଦରେ ବଢୁଥିଲା। ଯେଉଁଦିନ ଆସିଲା ସେଦିନ ସେ ମା'ର ଅଭାବ ଅନୁଭବ କରୁଛି ବୋଲି ମନେ ହେଉ ନ ଥିଲା। ସମ୍ଭବତଃ ରାଜ ପରିବାରର ସନ୍ତାନ ହୋଇଥିବାରୁ ଏପରି ହୋଇଥିଲା। ଗରିବ ଘରେ ପିଲା ପାଇଁ ମା ଓ ମା ପାଇଁ ସନ୍ତାନ ସର୍ବସ୍ୱ ହୋଇଥାଏ। ଧନୀ ଲୋକଙ୍କ ଘରେ ମା ନୁହେଁ, ଧାଈ ହେଉଛି ପିଲାର ଆଧାର। ଅପ୍ପଗୋଲଂ ମହଲରେ ସେ ତିନିଜଣ ଦାସୀଙ୍କ ହାତରେ ପାଳିତ ହେଉଥିଲା। ଏଠାରେ ଆସି ଆଉ ତିନିଜଣଙ୍କ ହାତରେ ପାଳିତ ହେବାକୁ ଲାଗିଲା। ସେଥିପାଇଁ ମଡ଼କେରୀ ଅପ୍ପଗୋଲଂ ସଦୃଶ ହିଁ ଥିଲା। ତାର ଛୋଟ ଛୋଟ ଆଖି ନିଜ ମା'ର ମୁହଁ ନ ଦେଖି

Digitized by srujanika@gmail.com

ଯଦି ସାମାନ୍ୟ ଦୁଃଖିତ ମନେ ହେଉଥିଲା ତେବେ ସେହିପରି ଆଉ ଗୋଟିଏ ମୁହଁ ଆସି ତାକୁ ହସାଇ ତୃପ୍ତ କରୁଥିଲା । ରାଜକୁମାରୀ ଦେବମ୍ମାଙ୍କ ସ୍ଥାନ ନେଉଥିଲେ । ଦେବମ୍ମାଙ୍କ ଠାରୁ ବଳି ସେ ତାକୁ ସ୍ନେହ କରୁଥିଲେ ।

ଅନ୍ତଃପୁରରେ ବହୁତ ବର୍ଷ ହେଲା କେହି ପିଲା ଖେଳି ନ ଥିଲେ । ପିଲା ଅସହାୟା ସ୍ୱରରେ କାନ୍ଦିଲେ ଘରର ସମସ୍ତଙ୍କ ମନ କୋମଳ ଭାବପୂର୍ଣ୍ଣ ହୋଇଯାଏ । ଏଇ ଅର୍ଥରେ ଦେଖିବାକୁ ଗଲେ ମନୁଷ୍ୟର ଯେପରି ବ୍ୟକ୍ତିତ୍ୱ ଥାଏ ସେହିପରି ଘରର ମଧ୍ୟ ଏକ ବ୍ୟକ୍ତିତ୍ୱ ଥାଏ । ଘରର ବାୟୁମଣ୍ଡଳ ପିଲା ହସିଲେ ପ୍ରସନ୍ନତା ଓ କାନ୍ଦିଲେ ଦୁଃଖରେ ଭରିଯାଏ । କେବଳ ବୟସ୍କ ବ୍ୟକ୍ତି ରହୁଥିବା ରାଜମହଲ ଓ ସାଧାରଣ ଘରେ କିଛି ପାର୍ଥକ୍ୟ ହୁଏ ନାହିଁ । ବହୁତ ଦିନ ପରେ ଗୋଟିଏ ପିଲାର ଆଗମନ ଯୋଗୁଁ ରାଜମହଲ ଏକ ନବୀନ ଚେତନାରେ ଭରି ଉଠିଲା । ବୟସ୍କ ଲୋକଙ୍କ ଘରେ ବିନା ଡକରାରେ ଦାସୀମାନେ ମାଲିକାଣୀଙ୍କ ପାଖକୁ ଆସନ୍ତି ନାହିଁ ବା ଡାକିବା ମାତ୍ରେ ହସି ହସି ଆସିବା ସମ୍ଭବ ନୁହେଁ । ମାଲିକାଣି ମଧ୍ୟ ବିନା କାର୍ଯ୍ୟରେ ଡାକନ୍ତି ନାହିଁ । ଡାକିବା ପରେ ଦାସୀ ଆସିଲେ ମଧ୍ୟ ହାଲୁକା ଭାବେ କଥା କହି ପାରନ୍ତି ନାହିଁ । ଏମାନଙ୍କ ମଧ୍ୟକୁ ଗୋଟିଏ ଛୋଟ ପିଲା ଆସିବାରୁ ଜୀବନ ଯାପନ ପ୍ରଣାଳୀ ହିଁ ବଦଳିଗଲା । ବିନା କାରଣରେ ଚେଟୀ ପିଲା ପାଖକୁ ଆସି ବସି ପାରୁଥିଲା, ହସି ପାରୁଥିଲା । ତାକୁ ଖେଳାଇବା ବାହାନାରେ ନିଜେ ମଧ୍ୟ ହସି ଖେଳି ପାରୁଥିଲା । ସେହିପରି ମାଲିକାଣି ମଧ୍ୟ ନିଜର ମାଲିକାଣିପଣର ମୁଖାଖୋଲି ଏକ ସାଧାରଣ ନାରୀ ପରି ପିଲା ସହ ଖେଳି ପାରୁଥିଲେ । ମା ପ୍ରସବ ବେଦନା ସହି ଯେଉଁ ଶିଶୁକୁ ଜନ୍ମ ଦିଏ ତାହା ଶହେ ନାରୀଙ୍କ ମନରେ ମାତୃତ୍ୱର ଭାବନା ଜାଗ୍ରତ କରାଏ । ନିଜ ଖେଳ ଯୋଗୁଁ ସେ ଚାରିଆଡ଼େ ଆନନ୍ଦ ଭରିଦିଏ । ମଡ଼କେରୀ ରାଜଭବନ ଯେଉଁ ସୁଖକୁ ବହୁତ ଦିନରୁ ଭୁଲି ଯାଇଥିଲା ଦେବମ୍ମାଙ୍କର ଏଇ ପୁତ୍ରଟି ଆସିବା ପରେ ପୁଣି ସେହି ସୌଭାଗ୍ୟ ପ୍ରାପ୍ତ ହେଲା ।

ଏକମାତ୍ର ରାଜାଙ୍କୁ ହିଁ ଏଥିରେ କୌଣସି ସୁଖ ମିଳିଲା ନାହିଁ । ଅନ୍ତଃପୁରର ଭିତର ଅଂଶରେ କେହି ଏଇ ଶିଶୁକୁ ଖେଳାଇବା ବେଳେ ତାର ଶବ୍ଦ ରାଜାଙ୍କ ବୈଠକ ବା କୋଠରୀ ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ । କେବେ କେମିତି ଚେଟୀ ପିଲାକୁ ଖେଳାଇବା ବେଳେ ପଛପଟକୁ ନେଇ ଆସିଲେ ତାର ଶବ୍ଦ ଅକାରଣେ ରାଜାଙ୍କ କାନରେ ପଡ଼ିଲେ ସେ ଖୁବ୍ ଚିଡ଼ି ଉଠନ୍ତି । ଚବିଶ ଘଣ୍ଟାରେ ମୁହୂର୍ତ୍ତକ ପାଇଁ ମଧ୍ୟ ସେ ଦେବମ୍ମା ଓ ଚେନ୍ନବସବୟାଙ୍କୁ ଭୁଲି ପାରନ୍ତି ନାହିଁ । କେବେହେଲେ ସେ ଭାବନ୍ତି ନାହିଁ ଯେ ସେ ମଧ୍ୟ ସେମାନଙ୍କର କିଛି କ୍ଷତି କରିଛନ୍ତି କିନ୍ତୁ ସେମାନେ ତାଙ୍କ ନିକଟରେ ଯେଉଁ ଭୁଲ କରିଛନ୍ତି ସେ ବିଷୟରେ ସେ ସର୍ବଦା ସଚେତନ । ସେ ସବୁ ଭାବି, କ୍ରୋଧରେ କହି ଉଠନ୍ତି, "ହାରାମଜାଦା ଏଠାରେ ରହି ମୋର ଯାହା କ୍ଷତି କରିଛି ତାହା ଯଥେଷ୍ଟ ନୁହେଁ ଯେ ବର୍ତ୍ତମାନ ଶତ୍ରୁଙ୍କୁ ମୁହଁ ବଢ଼ାଇବାକୁ ଯାଇଛି । ଠିକ୍ ଅଛି । ସେମାନଙ୍କୁ ଠିକ୍ କରୁଛି । ବଦମାସ ସର୍ବଦା ଭଗବାନଙ୍କ ନାମ ନେଉ । ତୋର ଭଗବାନ ହିଁ ତୋର ସନ୍ତାନକୁ ମୋ ନିକଟରେ ପହଞ୍ଚାଇଛି । ତୁମେ ଆସିଲେ ତୁମର ମୁଣ୍ଡ କଟା ଯିବ ନଚେତ୍ ତୁମ ସନ୍ତାନର ଯିବ । ତୁ ବଞ୍ଚିଗଲେ ତୋର ପୁତ୍ର ତୋର କରଜ ସୁଝିବ । ମୋ କୁକୁରମାନଙ୍କର ଭୋଜି ହେବ ।

Digitized by srujanika@gmail.com

ହାରାମଜାଦା, କୁକୁର କୋଉଠିକାର, ତୁ ବା ତୋର ପିଲା ମରି ହିଁ ମୋର ଋଣ ସୁଝିବ।'' ଏପରି ଭାବି ଶିଶୁର ଖିଲିଖିଲି ହସକୁ ସହ୍ୟ କରି ନ ପାରି କୋଠରୀ ମଧ୍ୟରେ ପଶି ଯାଆନ୍ତି।

ରାଜମହଲ, ରାଜା ଓ ଶିଶୁର ମଙ୍ଗଳ ପାଇଁ ରାଣୀ ପ୍ରତିଦିନ ଦୀକ୍ଷିତଙ୍କ ଦ୍ୱାରା ପୂଜା କରାନ୍ତି। ଆଉ କଣ କରାଯିବା ଆବଶ୍ୟକ ' ବୋଲି ଦୀକ୍ଷିତଙ୍କୁ ଡାକି ପଚାରିବାରୁ ସେ ଅନେକ ସମୟ ପର୍ଯ୍ୟନ୍ତ ଚୁପ୍ ରହି କହିଲେ, ''ମୁଁ ଯାହା କିଛି ଜାଣିଛି ତା ତ ପ୍ରଥମରୁ ନିବେଦନ କରି ସାରିଛି ମା।'' ଯମଦଣ୍ଡ ଗୋଟିଏ ତରଫରେ ଓ ଅମୃତ ହସ୍ତ ଗୋଟିଏ ତରଫରେ ଅଛି। ଓଁକାରଙ୍କ କୃପାରୁ ଅମୃତ ହସ୍ତ ଜିତିଲେ ପିଲା ପାଇଁ କିଛି ଭୟ ନାହିଁ। ଅମୃତର ବିଜୟ ହେଲା ପରି କଣ ଆପଣଙ୍କର ପୂଣ୍ୟ ନାହିଁ? ଆପଣଙ୍କ ଆଜ୍ଞାନୁସାରେ ପୂଜା ଚାଲିଛି, ଆଉ କିଛି କରିବାର ଆବଶ୍ୟକତା ମୋତେ ଦେଖାଯାଉ ନାହିଁ। ଆମକୁ ସିଧା ରାସ୍ତାରେ ନେବା ପାଇଁ ଭଗବାନଙ୍କ ନିକଟରେ ପ୍ରତିଦିନ ପ୍ରାର୍ଥନା କରାଯାଉଛି।'' ସେ କିଛି କହୁ କହୁ ଅଟକି ଯିବାରୁ ରାଣୀ କହିଲେ, ''ଆଉ କଣ ଆଜ୍ଞା ଦିଅନ୍ତୁ,'' ''ଆଉ କିଛି କଥା ନାହିଁ''ବୋଲି କହିଲେ ଦୀକ୍ଷିତ।

''ଯାହା ଆପଣଙ୍କ ମନରେ ଅଛି କହି ଦିଅନ୍ତୁ। ହୋଇ ପାରିଲେ କରିବା।'' ''ମହାରାଜଙ୍କ ପାଦ ଧରି ମିନତି କରି ଶିଶୁକୁ ତାର ପିତା-ମାତା ନିକଟକୁ ପଠାଇଦେଲେ କେତେ ଭଲ ହୁଅନ୍ତା! କିନ୍ତୁ ମହାରାଜ ସେଥିରେ ରାଜି ହେବେ ନାହିଁ। ଚେଷ୍ଟା ପରାଯାଇ ପାରେ, କିନ୍ତୁ ଜାଲେ ତାହା ବିଫଳ ହେବ ବୋଲି ମୁଁ କହି ନ ଥିଲି।''

ରାଣୀ କିଛି ଉତ୍ତର ଦେଲେ ନାହିଁ। ଦୀକ୍ଷିତଙ୍କ କଥା ସତ ଥିଲା ବୋଲି ସେ କଥାର କିଛି ଉତ୍ତର ନ ଥିଲା। ସେଥିପାଇଁ ସେ ଚୁପ୍ ହୋଇ ରହିଲେ।

128

ଦିନ ବିତିବାକୁ ଲାଗିଲା, ସପ୍ତାହ ମଧ୍ୟ ବିତିଲା। ବାଙ୍ଗାଲୋର, ମାଙ୍ଗାଲୋର ତଥା ଅନ୍ୟ ସ୍ଥାନ ମାନଙ୍କରୁ ପତ୍ର ଆସିଲା ଓ ତାର ଉତ୍ତର ମଧ୍ୟ ଗଲା। ଏଇ ପତ୍ର ବିଷୟରେ କେବଳ ମାତ୍ର ରାଜା, ବସବ ଓ ଜଣେ ବିଶ୍ୱସ୍ତ ପତ୍ରଲେଖକ ଜାଣିଥିଲେ। ବାକୀ କାହାରିକୁ କଣ ହେଉଛି ଜଣା ନ ଥିଲା।

''ନିଜ ପେଟରୁ ଜନ୍ମିତ ଶିଶୁକୁ ଅକଳ୍ପନୀୟ ସଙ୍କଟରେ ଛାଡ଼ି ଦେବମ୍ମା ଦୂରରେ ରହି ପାରିବେ ନାହିଁ। ଯେ କୌଣସି ପ୍ରକାରେ ପତିଙ୍କୁ ବୁଝାଇ, ସମ୍ଭବ ହେଲେ ତାଙ୍କୁ ସଙ୍ଗରେ ନେଇ ନଚେତ୍ ତାଙ୍କୁ ସେଠାରେ ଛାଡ଼ି ଏକୁଟିଆ ଫେରି ଆସିବେ।'' ରାଣୀଙ୍କ ମନରେ ଏପରି ଏକ ଆଶା ଥିଲା। ବାହାରୁ ଆସିଥିବା ରାଜ-ପ୍ରତିନିଧିଙ୍କୁ ବନ୍ଦୀ କରି ରାଜା ସେମାନଙ୍କ ସନ୍ତାନଙ୍କୁ ବନ୍ଧକ ରୂପେ ରଖିଛନ୍ତି ବୋଲି ରାଣୀ ଜାଣିବା ପରେ ଭାବିଲେ ଏ ବିବାଦକୁ ଏତେ ଆଗକୁ ବଢ଼ିବାକୁ ଦେବା ପରେ ସେମାନେ ଆଉ ଏଠାକୁ ଆସିବେ ନାହିଁ। ସେ ଶିଶୁଟି ପାଇଁ ଖୁବ୍ ଦୁଃଖ ଅନୁଭବ କଲେ। ଦୀକ୍ଷିତଙ୍କ କହିବା ଅନୁସାରେ ରାଜାଙ୍କୁ ଅନୁରୋଧ କରିବା କଥା ସେ ଭାବିଲେ।

Digitized by srujanika@gmail.com

ରାଜା ପ୍ରତିନିଧିଙ୍କୁ ବନ୍ଦୀ କରି ରଖି ଶିଶୁକୁ ବନ୍ଧକ ରୂପେ ରଖିଛନ୍ତି ବୋଲି ରାଣୀ ଜାଣିବା ପରେ ସାରା ଦେଶରେ ଏ ଖବର ବ୍ୟାପିଗଲା। ସଙ୍କଟକାଳ ଆସି ପହଞ୍ଚିଛି ବୋଲି ସମସ୍ତଙ୍କର ମନେ ହେଲା।

ସମସ୍ତଙ୍କ ମନରେ ଗୋଟିଏ ମାତ୍ର କଥା ଥିଲା- ତା ହେଉଛି, ଯଦି ରାଜା ନିଜ ଜିଦ୍ ଯୋଗୁଁ ଇଂରେଜଙ୍କ ସହ ମୁକାବିଲା କରିବାକୁ ଠିଆ ହୁଅନ୍ତି ତେବେ ସେମାନଙ୍କର ସୈନ୍ୟ ନେଇ ଆସିବା ସୁନିଶ୍ଚିତ। ସେମାନେ ଏପରି କଲେ ରାଜା ଶିଶୁ ଓ ରାଜ-ପ୍ରତିନିଧିଙ୍କୁ ଶେଷ କରି ଦେଇ ପାରନ୍ତି। ବାହାର ଲୋକ ଆସିଲେ ଦେଶରେ ଅବ୍ୟବସ୍ଥା ବ୍ୟାପିବ। ବର୍ତ୍ତମାନର ବ୍ୟବସ୍ଥା ଯେ ଭଲ ତା ନୁହେଁ, କିନ୍ତୁ ବର୍ତ୍ତମାନ ମଡ଼କେରୀ ରାଜମହଲ ବା ତାର ଚାରିପଟେ ଯାହା ସବୁ ଘଟିଛି ତାହା ଗୋଟିଏ ସୀମା ମଧ୍ୟରେ ଅଛି। ବର୍ତ୍ତମାନ ଦେଶରେ ଏକପ୍ରକାର ବ୍ୟବସ୍ଥା ଅଛି। କିନ୍ତୁ ବାହାର ଲୋକ ଆସିଲେ ଯେଉଁ ଅବ୍ୟବସ୍ଥା ହେବ ସେଥିଯୋଗୁଁ କେହି ନିଜ ଘରେ ମଧ୍ୟ ନିଶ୍ଚିନ୍ତରେ ରହିପାରିବେ ନାହିଁ।

ତା ତ ଠିକ୍, କିନ୍ତୁ ତାହା ଅଟକାଇବା ପାଇଁ କିଏ କଣ କରିପାରିବ? ଏପରି ଅବସରରେ ଜୀବନ ବିଧାତା ଦ୍ୱାରା ଲିଖିତ ଏକ ନାଟକ ପରି ହୋଇଯାଏ। ଆଉ ନାଟକ ବି କେମିତି? ଯାହା ନାଟ୍ୟକାର ଲେଖି ଅଭିନୟ ପାଇଁ ଦେଇ ଦେଇଛି ଅଭିନେତା କେବଳ ଅଭିନୟ କରିପାରିବ କିନ୍ତୁ ତାହା ବଦଳାଇ ପାରିବ ନାହିଁ। ଏହାକୁ ହିଁ ବିଧିର ବିଧାନ ବୋଲି କହନ୍ତି। ଜଙ୍ଗଲ ମଝି ରାସ୍ତାରେ ଚାଲୁଥିବା ରଥ ସାମନାକୁ ବାଘ ଆସିଗଲେ ରଥ ଜଙ୍ଗଲ ମଧ୍ୟକୁ ପଶିପାରେ ନାହିଁ। ରାସ୍ତା ଉପରେ ହିଁ ଚାଲେ। ଜୀବନର ପ୍ରବାହ ମଧ୍ୟ ସେହିପରି। ରଥ ଓ ଜୀବନ ମଧ୍ୟରେ ଗୋଟିଏ ପାର୍ଥକ୍ୟ ଅଛି। ତାହା ହେଉଛି ବାଘକୁ ଡରି ରଥ ଯେଉଁଠି ହେଲେ ଅଟକି ଯାଇପାରେ କିନ୍ତୁ ମନୁଷ୍ୟ ଜୀବନରେ ସେ ସୌଭାଗ୍ୟ ନାହିଁ। ଅନେକ ଲୋକଙ୍କର ମନ ହେଲା ଯେ ଯେଉଁ ଘଟଣା ହେଲା ସେଥିରେ ଯେ କେବଳ ଶିଶୁ ଓ ରାଜପ୍ରତିନିଧିଙ୍କ ଉପରେ ବିପଦ ଆସିପାରେ ତା ନୁହେଁ, ରାଜାଙ୍କ ଉପରେ ମଧ୍ୟ ବିପଦ ଅଛି। ଏମାନଙ୍କ ମଧ୍ୟରେ ଉଭୟା ତତ୍ତ୍ୱ ଅନ୍ତର୍ଭୁକ୍ତ। ସେ ମଡ଼କେରୀରେ ଗୁଣ୍ଡାଙ୍କ ମାଡ଼ରୁ ରକ୍ଷାପାଇ ବୋପଣ୍ଣାଙ୍କ ଘରେ ଦିନେ ରହି ଗ୍ରାମକୁ ଫେରି ଆସିଥିଲେ।

ପରେ ସବୁ କଥା ଗୋଟିଏ ଗୋଟିଏ କରି ତାଙ୍କ କାନରେ ବାଜିଲା, ରାଜ-ପ୍ରତିନିଧିଙ୍କ ବନ୍ଦୀ ହେବା କଥା ଶୁଣି ତାଙ୍କର ନିଜ ମିତ୍ର ଲିଙ୍ଗରାଜଙ୍କ କଥା ମନେ ପଡ଼ିଲା। ରାଜା ମାନନ୍ତୁ ବା ନ ମାନନ୍ତୁ ମୁଁ ନିଜ ତରଫରୁ ଯାହା କହିବା କଥା କହିବି ବୋଲି ଭାବି ତାଙ୍କୁ ଉପଦେଶ ଦେବା ଉଦ୍ଦେଶ୍ୟରେ ସେ ମଡ଼କେରୀ ଆସିଲେ।

ସେ ଦିନ ରାଣୀ କନ୍ୟାକୁ ପାଖକୁ ଡାକି କହିଲେ, ‘‘ତୋତେ ଗୋଟିଏ କଥା କହୁଛି ଝିଅ, ତୁ ତାହା ବାପାଙ୍କୁ କହିବୁ।’’

‘‘କି କଥା ମା?’’

‘‘କୁନି ପୁଅର ତାର ମା’ଠାରୁ ଦୂରରେ ରହିବାର ଅନେକ ଦିନ ହୋଇଗଲାଣି। ତାକୁ ସେମାନଙ୍କ ପାଖକୁ ପଠାଇ ଦେବାକୁ କହିବୁ।’’

‘‘ମା କୁନିପୁଅ ଆମ ପାଖରେ ଥାଉ।’’

Digitized by srujanika@gmail.com

"ହଁ ଝିଅ, ତାର ମା ଏଠାରେ ଥିଲେ ସେ ରହିପାରି ଥାଆନ୍ତା। ମା ହାତରୁ ଛଡ଼ାଇ ଆମର ତାକୁ ଏଠାରେ ରଖିବା ଠିକ୍ ନୁହେଁ। ତତେ ଯଦି କିଏ ମୋ ପାଖରୁ ଛଡ଼େଇ ନେଇ ଯାଇଥାଆନ୍ତା ?"

ରାଜକୁମାରୀ ଟିକିଏ ଭାବିଲେ। ରାଣୀଙ୍କୁ ଛାଡ଼ି ସେ ଓ ତାଙ୍କୁ ଛାଡ଼ି ରାଣୀ କଣ ରହି ପାରିବେ ? ସେ କଥା ସେ କଳ୍ପନା କରି ପାରିଲେ ନାହିଁ। "ବାପାଙ୍କୁ କଥା କହିବି ମା" ବୋଲି କହିଲେ ସେ।

ବୀରରାଜ ଦ୍ୱିପ୍ରହର ଭୋଜନ ପର୍ବ ଶେଷ କରି ପଲଙ୍କ ଉପରେ ଗୋଡ଼ ଲମ୍ବାଇ ଶୋଇଥିବା ବେଳେ କନ୍ୟା ତାଙ୍କ ପାଖକୁ ଆସିଲେ। ପଲଙ୍କ ପାଖରେ ବସି ପିତାଙ୍କ ଛାତି ଉପରେ ମୁଣ୍ଡ ରଖି କହିଲେ, "ବାପା"

ବୀରରାଜଙ୍କ ଜୀବନରେ ଗୋଟିଏ ମାତ୍ର ସୁଖ ଥିଲା। କନ୍ୟା 'ବାପା' ବୋଲି ଡାକିଲେ ତାଙ୍କ ଛାତି ପ୍ରସନ୍ନତାରେ ଫୁଲି ଉଠୁଥିଲା। 'ନିଜର ଏଇ କନ୍ୟାର ଅନିଷ୍ଟ କରିବାକୁ ସେମାନେ ଚାହୁଁଛନ୍ତି' ଭାବି ସେ ନିଜ ଭଉଣୀ ଓ ଭିଣୋଇଙ୍କ ପ୍ରତି ଦ୍ୱେଷ କରୁଥିଲେ। କନ୍ୟା ହୋଇଥିବାରୁ ତାଙ୍କ ଝିଅକୁ ଛାଡ଼ି ସେମାନେ ଭଉଣୀର ପୁତ୍ରକୁ ରାଜା କରିଦେଇ ପାରନ୍ତି ବୋଲି ତାଙ୍କର ଭୟ ଥିଲା। ସେହି କାରଣରୁ ଭଉଣୀର ପୁତ୍ରକୁ ଦେଖି ତାଙ୍କର ଈର୍ଷା ହେଉଥିଲା। ଭଉଣୀ ଓ ଭିଣୋଇ ଅସ୍ପଗୋଲାଂରୁ ପଳାୟନ କରି ନ ଥିଲେ ମଧ୍ୟ ଅତ୍ୟଧିକ ଈର୍ଷା ଯୋଗୁଁ ବୀରରାଜ ଭଣଜାର ଗଳା ଚିପିବାକୁ ପଛଘୁଞ୍ଚା ଦେଇ ନ ଥାନ୍ତେ।

କନ୍ୟା ପାଖକୁ ଆସି ଛାତି ଉପରେ ମୁଣ୍ଡ ରଖି 'ବାପା' ବୋଲି ଡାକିବାରୁ ତାଙ୍କର ଅସୀମ ଆନନ୍ଦ ହେଲା।

"ବାପା, କୁନିପୁଅ କି ସୁନ୍ଦର ଖେଳୁଛି ଦେଖନ୍ତୁ ତ !"

"ହୁଁ"।

"ମା' କୁ ନ ଦେଖି ସେ କାନ୍ଦୁଛି। ତାକୁ ପିଉସୀଙ୍କ ପାଖକୁ ପଠାଇ ଦିଅନ୍ତୁ।"

ରାଜକୁମାରୀ ତାଙ୍କ କଥା ଶେଷ କରିବା ପୂର୍ବରୁ ବୀରରାଜ ପେଣ୍ଡୁ ପରି ଡେଇଁ ଠିଆ ହୋଇ ପଡ଼ିଲେ। ଝିଅକୁ ଦୂରକୁ ଠେଲି ଦେଇ କହିଲେ, "ଏ କଥା ତତେ କିଏ ଶିଖାଇଛି ? ତୋ ମା ଶିଖାଇଥିବ ନିଶ୍ଚୟ ? ଯା ବାହାରକୁ" କହି କନ୍ୟାକୁ ମାରିବାକୁ ହାତ ଉଠାଇଲେ।

ରାଣୀ କବାଟ ବାହାରେ ଠିଆ ହୋଇଥିଲେ। ପତିଙ୍କ ଗର୍ଜନ ଶୁଣି ଶୀଘ୍ର ଭିତରକୁ ଆସି କନ୍ୟାକୁ ଟାଣିଆଣି ଛାତିରେଲଗାଇ ବାହାରକୁ ଆଣିଲେ ଓ ବୈଠକ ଦେଇ ଅନ୍ତଃପୁରକୁ ନେଇଗଲେ।

ପିତାଙ୍କ ଗର୍ଜନ ଶୁଣି ରାଜକୁମାରୀ କାବା ହୋଇ ରହିଗଲେ। ସେ କେବେହେଲେ ତାଙ୍କ ଉପରେ ଏପରି ବିରକ୍ତ ହୋଇ ନ ଥିଲେ। ସର୍ବଦା ସ୍ନେହ ଦେଖାଉଥିବା ପିତାଙ୍କୁ ସେ ଅନ୍ୟମାନଙ୍କ ଉପରେ କ୍ରୋଧିତ ହେବାର ଦେଖିଥିଲେ ଆଜି ତାଙ୍କ ଉପରେ ଗର୍ଜନ କରିବାର ଦେଖି ସେ ବିଶ୍ୱାସ କରି ପାରିଲେ ନାହିଁ। କ୍ଷଣକ ପରେ ଯେତେବେଳେ ସେ ଘଟଣା କଣ ବୁଝିପାରିଲେ ଭୟ ଓ ଆଶ୍ଚର୍ଯ୍ୟରେ ତାଙ୍କ ହାତ ଗୋଡ଼ ଥରି ଉଠିଲା। ଦୂରକୁ ଠେଲି ଦେଇ ହାତ ଉଠାଇ ମାରିବାକୁ ଆସୁଥିବା ପିତାଙ୍କ ଠାରୁ ଦୂରକୁ ଚାଲିଯିବା

Digitized by srujanika@gmail.com

ପରିବର୍ତ୍ତେ ସେ ଖମ୍ବ ସାମନାରେ ଠିଆ ହୋଇ ରହିଲେ। ତାଙ୍କ ମୁଖରେ ପ୍ରକାଶିତ ଭୟ ଓ ଆଶ୍ଚର୍ଯ୍ୟ ଭାବ ଦେଖି ତାହା କୌଣସି ଚିତ୍ରର ମୁଖ ପରି ମନେ ହେଉଥିଲା। ରାଣୀ ଆସି ତାଙ୍କୁ ଟାଣି ନ ନେଇ ଯାଇଥିଲେ ହୁଏତ ରାଜା ତାଙ୍କୁ ମାରି ଥାଆନ୍ତେ, ଯା ହେଉ ତାହା ହୋଇ ନାହିଁ। ମା ଟାଣି ଆଣିବା ସମୟରେ ସେ ପିତାଙ୍କର କ୍ରୁରତା ଅନୁଭବ କରିଥିଲେ ଓ ପିତାଙ୍କ ଦ୍ୱାରା ଅପମାନିତ ହୋଇ ତାଙ୍କର ହୃଦୟ ଦୁଃଖରେ ଭରି ଉଠିଲା। ଏହା ପୂର୍ବରୁ କେବେ ଏପରି ଦୁଃଖ ପାଇ ନଥିବାରୁ ସେ ଭଙ୍ଗି ଭଙ୍ଗି ହୋଇ କାନ୍ଦିଲେ। ମୃତ୍ୟୁର ଅର୍ଥ ନ ଜାଣିଥିବା ରାଜକୁମାରୀଙ୍କର ଆଉ ବଞ୍ଚି ରହିବା ଉଚିତ ନୁହେଁ ବୋଲି ମନେହେଲା।

ତାଙ୍କର କ୍ରୋଧ ହେତୁ କନ୍ୟା ମନରେ ଏତେ କଷ୍ଟ ହେବ ବୋଲି ବୀରରାଜଙ୍କୁ ଜଣା ନଥିଲା। ମନୁଷ୍ୟର ସ୍ୱଭାବ ମଧ୍ୟ ଜଙ୍ଗଲରେ ଥିବା ରାଜପଥ ସଦୃଶ। ବୀରରାଜ ଏହା ଛଡ଼ା ଆଉ କୌଣସି ରାସ୍ତାରେ ଚାଲି ପାରିବେ ବୋଲି ଭାବିବା ବୃଥା। ରାଜାଙ୍କ ମନରେ ସେତେବେଳେ ଗୋଟିଏ ମାତ୍ର ବିଷୟ ଥିଲା- "ମୁଁ ଏ ସବୁ ଏଇ କନ୍ୟା ପାଇଁ ହିଁ ତ କରୁଛି। ଅଥଚ ସେ ଆସି ମୋତେ ବୁଦ୍ଧି ଶିଖାଉଛି। ଏହାର ମଙ୍ଗଳକୁ ଭୁଲି ତାର ମା ଭଣଜାର ସୁବିଧା କରିବା ପାଇଁ ଚେଷ୍ଟା କରୁଛି। ମୁଁ ତ ତା ବୁଝୁଛି କିନ୍ତୁ ଏ ବୋକୀ ଝିଅଟା କଣ ତା ବୁଝି ପାରୁଛି?"

129

ମହଲରେ ଏପରି ଘଟଣା ଘଟିଛି ବୋଲି ନ ଜାଣି ଭରୟା ତତ୍ତ୍ୱ ରାଜାଙ୍କୁ ସାକ୍ଷାତ କରିବାକୁ ଆସିଲେ। ଯିବା ପୂର୍ବରୁ କେଉଁ କାର୍ଯ୍ୟରେ ଯାଉଛନ୍ତି ତାହା ବୋପଣ୍ଣାଙ୍କୁ କହିବାରୁ ସେ କହିଲେ, "ଚଷୁ କୁଟିବାକୁ ଯାଉଛନ୍ତି। କୁଟୁଥିବା ହାତ ହିଁ ଥକିଯିବ। ଯାଆନ୍ତୁ, ବୁଲି ଆସନ୍ତୁ।"

ରାଜାଙ୍କ ବୈଠକ ପର୍ଯ୍ୟନ୍ତ ଆସି ଦ୍ୱାର ଦେଶରେ ବସିଥିବା ଭୃତ୍ୟକୁ ତତ୍ତ୍ୱ କହିଲେ, "ତତ୍ତ୍ୱ ଆସିଛନ୍ତି ବୋଲି ରାଜାଙ୍କୁ ଖବର ଦିଅ ଭାଇ।"

"ଆଜି ନୁହେଁ ତତ୍ତ୍ୱ ମହାଶୟ ଆପଣ କାଲି ଆସିଲେ ଭଲ ହୁଅନ୍ତା" ଭୃତ୍ୟ ଉତ୍ତର ଦେଲା। ତତ୍ତ୍ୱ କଣ ଭାବି କହିଲେ, "କଣ ଏମିତି ଘଟଣା ହୋଇଛି କି?"

"ମହାରାଜଙ୍କ ମନ ଆଜି ଠିକ୍ ନାହିଁ"।

"ବସବୟା ନାହିଁ କି?"

"ଅଛନ୍ତି ତତ୍ତ୍ୱ ମହାଶୟ, ଟିକିଏ ଅପେକ୍ଷା କରନ୍ତୁ, ଆସୁଥିବେ ବୋଧହୁଏ।"

ସେତିକିବେଳେ ବସବୟା ଆସି ତତ୍ତ୍ୱଙ୍କୁ ଦେଖି ପଚାରିଲା, "କୁଆଡ଼େ ତତ୍ତ୍ୱ ମହାଶୟ?"

"ମହାରାଜଙ୍କୁ ସାକ୍ଷାତ କରିବାକୁ ଆସିଥିଲି। କଥା ହେବାର ଥିଲା।"

"କଥା କଣ କହିଲେ ତାଙ୍କୁ ସୂଚିତ କରିବି। ସେ ସାକ୍ଷାତ କରିବାକୁ ପ୍ରସ୍ତୁତ କି ନୁହେଁ ପଚାରି ଆସୁଛି।"

Digitized by srujanika@gmail.com

ଆଉ କୌଣସି ସମୟ ହୋଇଥିଲେ ତଲ୍ଲ ବସବକୁ କିଛି କହି ନଥାନ୍ତେ। ବର୍ତ୍ତମାନ ତାର ସହାୟତାର ଆବଶ୍ୟକତା ଥିବାରୁ ତଲ୍ଲ ନିଜ ସ୍ୱଭାବ ବିରୁଦ୍ଧ ଶାନ୍ତ ସ୍ୱରରେ କହିଲେ, "ରାଜା ନିଜ ଭଣଜାକୁ ଭଉଣୀ ନିକଟକୁ ପଠାଇ ଦିଅନ୍ତୁ। ମୋର ମନେ ହେଉଛି ଯେପରି ଏହା କହିବା ପାଇଁ ଲିଙ୍ଗରାଜଙ୍କ ଆତ୍ମା ମୋତେ ଏଠାକୁ ପଠାଇଛି।"

ତଲ୍ଲ ଏ କଥା ରାଜାଙ୍କୁ କହନ୍ତୁ ବୋଲି ବସବର ମଧ୍ୟ ଇଚ୍ଛା ଥିଲା। ରାଜା ଇଂରେଜଙ୍କ ସହ ଶତ୍ରୁତା କରି ନିଜର କ୍ଷତି କରିବେ ବୋଲି ସେତେବେଳେ ବସବର ଭୟ ହେଉଥିଲା। "ଅପେକ୍ଷା କରନ୍ତୁ ତଲ୍ଲ ମହାଶୟ, ମୁଁ ପଚାରି ଆସୁଛି" କହି ବସବ ଭିତରକୁ ରାଜାଙ୍କ ପାଖକୁ ଗଲା।

ଭିତରକୁ ଆସି ବସବର ବିନୟ ପୂର୍ବକ ଠିଆ ହେବାର ଢଙ୍ଗ ଦେଖି ବୀରରାଜ ପଚାରିଲେ, "କଥା କଣ ରେ?"

"ଉରୟା ତଲ୍ଲ ଆପଣଙ୍କର ଦର୍ଶନ କରିବାକୁ ଚାହୁଁଛନ୍ତି।"

"ଜାଗିରି ମିଳିଗଲା, ମାଡ଼ ମଧ୍ୟ ହୋଇଗଲା, ଆହୁରି କଣ ଏଇଲା ଚାହୁଁଛି?"

"ଭଉଣୀଙ୍କ ସନ୍ତାନ ସମ୍ବନ୍ଧରେ କଥା ହେବାକୁ ଚାହୁଁଛନ୍ତି।"

"ଶିଶୁକୁ କଣ କରିବାକୁ କହୁଛି? ମାରିବାକୁ କହୁଛି ନା ପାଳିବାକୁ? ମାରିବାକୁ କହୁଛି ତ ତାରି ହାତରେଧରାଇ ଦିଅ। ପାଳିବା କଥା ମୋତେ କହିବାର ଆବଶ୍ୟକତା ନାହିଁ।"

"ଇଂରେଜଙ୍କ ଉପରେ ଚଢ଼ାଉ କରିବାକୁ ହେଲେ ଏମାନଙ୍କର ସହାୟତା ଆବଶ୍ୟକ ମାଲିକ, ସମସ୍ତଙ୍କୁ ଶତ୍ରୁ କରିନେଲେ କିଛି ଲାଭ ହେବ ନାହିଁ।"

"ତେବେ କଣ କରିବାକୁ କହୁଛି?"

"ଆପଣ ଖାଲି ଏତିକି କହିଲେ ଯଥେଷ୍ଟ ଯେ, 'ଆପଣ ଠିକ୍ କଥା କହୁଛନ୍ତି, ଦେଖିବା।"

"ତୁ ସେ କଥା କହିଦେ। ଏମାନେ ଏପରି କଥା କହିଲେ ମୋ ମୁଣ୍ଡ ବୁଲାଉଛି।"

"ଏଠାକୁ ଡାକି ଆଣୁଛି ମାଲିକ। ସେ ଯାହା କହୁଛି ଶୁଣି 'ଠିକ୍ ଅଛି, ଦେଖିବା' କହି ଆଜ୍ଞା ଦିଅନ୍ତୁ। ସେ ଆମର ହୋଇ ଫେରିଯିବେ।"

"ଆଚ୍ଛା ଡାକି ଆଣ। ଯାହା କହିବ କହି ଦେଇ ଯାଉ।"

ବସବ ବାହାରୁ ତଲ୍ଲଙ୍କୁ ଡାକି ଆଣି ରାଜାଙ୍କ କୋଠରୀରେ ତକ୍ତପୋଷ ଉପରେ ବସିବାକୁ କହି କହିଲା, "ରାଜାଙ୍କ ଦେହ ଭଲ ନାହିଁ। ଆପଣଙ୍କର ଯାହା କହିବାର ଅଛି କୁହନ୍ତୁ, ସେ ଶୁଣିବେ।"

ତଲ୍ଲ କହିଲେ, "ଠିକ୍ ଅଛି। ଲିଙ୍ଗରାଜ ମୋତେ ବନ୍ଧୁଭାବେ ଦେଖୁଥିଲେ ମାଲିକ। ମୁଁ ଆପଣ ଓ ଆପଣଙ୍କ ଭଉଣୀକୁ ଛୋଟ ପିଲାବେଳୁ ଜାଣିଛି। ଆପଣଙ୍କ ପିତା ମୃତ୍ୟୁ ସମୟରେ ମୋତେ କହିଥିଲେ ମୁଁ ଚାଲିଯିବା ପରେ ତୁମେ ଏ ଘରଠାରୁ ଅଲଗା ହୋଇଯିବ ନାହିଁ। ସମୟ ଅସମୟରେ ପିଲାଙ୍କ ପ୍ରତି ଧ୍ୟାନ ରଖିବ। ମୁଁ ବା କଣ କରି ପାରିବି? ମୁଁ ଆପଣଙ୍କଠାରୁ ଅଲଗା ହୋଇଗଲି। ଆପଣ ମଧ୍ୟ ମୋତେ ଡାକିଲେ ନାହିଁ। ଭଗବାନଙ୍କ ଦୃଷ୍ଟା ବନ୍ଦ ହୋଇ ଯାଇଥିବାରୁ ଛଅମାସ ପୂର୍ବେ ମୁଁ ଆପଣଙ୍କୁ କଷ୍ଟ ଦେଇଥିଲି। ଆଜି ଏ କଥା ଉଠିଛି ବୋଲି ପୁଣି ଆସିବାକୁ ପଡ଼ିଲା। ଆପଣଙ୍କ ପିତା ଥିଲେ ସ୍ୱୟଂ ମୋତେ ଡକାଇଥାନ୍ତେ। ଆଜି ଆଉ ସେ ନାହାନ୍ତି ବୋଲି ମୋତେ ହିଁ କହିବାକୁ ପଡ଼ିବ।"

Digitized by srujanika@gmail.com

ଏତକ କଥା କହି ଟକ୍କ ଚୁପ୍ ହୋଇଗଲେ। ରାଜା ତାଙ୍କ କଥା ଶୁଣୁଛନ୍ତି ନାଁ ନାହିଁ ସେ ବୁଝି ପାରିଲେ ନାହିଁ। ବୀରରାଜ ବସବଙ୍କୁ କହିଲେ, "କଥା ଶେଷ କରି ଚାଲିଯିବାକୁ କହ।" ବସବ ଟକ୍କଙ୍କୁ କହିଲା, "କହନ୍ତୁ ଟକ୍କ ମହାଶୟ, ମାଲିକ ଶୁଣୁଛନ୍ତି।"

ଟକ୍କ: "ପିତା ନିକଟରେ ପୁତ୍ର ଓ କନ୍ୟା ମଧ୍ୟରେ କିଛି ପ୍ରଭେଦ ନାହିଁ। ନାତି ଓ ନାତୁଣୀ ମଧ୍ୟରେ ପାର୍ଥକ୍ୟ ନ ଥାଏ। ଘରେ କେତେ କଣ ହୁଏ। ଭାଇ ଭଉଣୀ ମଧ୍ୟରେ କଳହ ହୁଏ। ତେବେ ଯାହା ହେଲେ ମଧ୍ୟ ସେଥିରେ ବଡ଼ପଣ ରହିବା ଉଚିତ। ଶିଶୁ ଭଗବାନଙ୍କ ସ୍ୱରୂପ। ମା ଉପରେ ରାଗି ଶିଶୁକୁ ଦୂରରେ ରଖିବା ଉଚିଚିତ ନୁହେଁ।"

ରାଜା କିଛି କହିଲେ ନାହିଁ। ଏହାଙ୍କର ଏତେ କଥା ଶୁଣିଯାଉଥିବା ଦେଖି ବସବକୁ ଆଶ୍ଚର୍ଯ୍ୟ ଲାଗିଲା। ସେ ଟକ୍କକୁ କହିଲା, "ଶିଶୁକୁ ତା ମା ପାଖକୁ ପଠାଇବାକୁ କହୁଛନ୍ତି ନାଁ?"

"ହଁ ଭାଇ, ତାହା ହିଁ ମୁଁ କହୁଛି।"

ଠିକ୍ ଅଛି। ଦେଖିବା ବୋଲି ମାଲିକ କହୁଛନ୍ତି।"

ରାଜା କିଛିହେଲେ କହିଲେ ନାହିଁ। ଯାହା କହିବାର ଥିଲା କହି ଟକ୍କ ଉଠିଲେ।

ବସବ ତାଙ୍କୁ ସାଙ୍ଗରେ ବାହାରକୁ ଆଣି "ରାଜାଙ୍କର ଦେହ ଭଲ ନାହିଁ ବୋଲି ମୁଁ ଆପଣଙ୍କୁ କହିଥିଲି।" ବୋଲି କହି ଟକ୍କଙ୍କୁ ସାନ୍ତ୍ୱନା ଦେଇ ବିଦା କଲା।

130

ରାଜମହଲରେ ଶିଶୁ ବିଷୟ ନେଇ ରାଜା ଅତ୍ୟଧିକ କ୍ରୋଧିତ ହୋଇଛନ୍ତି ବୋଲି ଖବର ଲକ୍ଷ୍ମୀନାରାୟଣଙ୍କ ଘରେ ମଧ୍ୟ ପହଞ୍ଚିଥିଲା। ଏହା ପୂର୍ବରୁ ସବିତ୍ରମ୍ମା ମହଲକୁ ଆସି ଶିଶୁ ବିଷୟରେ ରାଣୀଙ୍କ ସହ କଥାବାର୍ତ୍ତା ହୋଇ ଯାଇଥିଲେ। ରାଣୀଙ୍କ ପରି ଶିଶୁକୁ ମା ପାଖକୁ ପଠାଇ ଦେବାକୁ ବୃଦ୍ଧାର ମଧ୍ୟ ଇଚ୍ଛାଥିଲା। ଆଜିର ଘଟଣା ବିଷୟ ଶୁଣି ସେ ରାଜାଙ୍କ ନିକଟରେ ନିଜର ଇଚ୍ଛା ବ୍ୟକ୍ତ କରିବ ବୋଲି ସ୍ଥିରକଲା।

ସନ୍ଧ୍ୟା ସମୟରେ ରାଣୀ ଗୌରମ୍ମା ପିଲାକୁ ଖେଳାଉଥିବା ସମୟରେ ସବିତ୍ରମ୍ମା ଆସି ରାଣୀଙ୍କୁ ନିଜର ଆସିବା ଉଦ୍ଦେଶ୍ୟ କହିଲା। ରାଣୀ କହିଲେ, "ନିଶ୍ଚୟ କହନ୍ତୁ, ଭଗବାନ ଆପଣଙ୍କ କଥାକୁ ଯଶ ଦିଅନ୍ତୁ। ଝିଅର କଥା ତ ପସନ୍ଦ ହେଲା ନାହିଁ। ଆପଣଙ୍କ କଥା ହୁଏ ତ ରଖି ପାରନ୍ତି।"

ବୃଦ୍ଧୀ ଜଣେ ସେବିକାକୁ ନେଇ ରାଜାଙ୍କ କୋଠରୀ ନିକଟରେ ପହଞ୍ଚି ରାଜାଙ୍କୁ ଦେଖା କରିବା କଥା ବସବକୁ କହିବାରୁ ସେ କହିଲା, "ତାଙ୍କ ସ୍ୱାସ୍ଥ୍ୟ ଭଲ ନାହିଁ। କାଲି ଆସନ୍ତୁ ନାନୀ।"

"କାଲି କଥା କିଏ କହିବ ଭାଇ। ଆସିଛି ଯେତେବେଳେ ଦେଖା କରି ଯିବି। ରାଜା ମନା କରିବେ ନାହିଁ। ତୁମେ ଯାଇ ଟିକିଏ କୁହ।"

"କଥା କଣ ନାନୀ?"

"ଆଉ ଅନ୍ୟ କଥା କଣ ହେବ? ରାଜାଙ୍କ ଭଣଜା କଥା।

Digitized by srujanika@gmail.com

"ସେ କଥା ଉଠାଅ ନାହିଁ। ସେ ବର୍ତ୍ତମାନ ରାଗି ନିଆଁ ହୋଇଯାଇଛନ୍ତି।"

"ନିଆଁ ହେଲେ ମୋର କଣ ଗଲା? ଜଳାଇଦେଲେ ଜଳିକରି ପାଉଁଶ ହୋଇଯିବି। ତାଙ୍କୁ ଯାଇ ମୋତେ ଡାକିବାକୁ କହ।"

ଏମାନଙ୍କ କଥା ଭିତରେ ରାଜାଙ୍କୁ ଶୁଣାଗଲା। ସେ ବସବକୁ ପଚାରିଲେ, "କାହା ସାଙ୍ଗେ କଥା କହୁଛୁ? କଥା କଣ?"

ବସବ ରାଜାଙ୍କ ପାଖକୁ ଯାଇ କହିଲା, "ସାତମ୍ମା ନାନୀ ଆସିଛନ୍ତି। ପିଲା ବିଷୟରେ କହିବାକୁ ଚାହିଁବାରୁ ମୁଁ ମନା କଲି।"

"କଣ କହୁଛି? ଶିଶୁ ଚାହୁଁଛି ନାଁ କଣ?"

ସେତେବେଳକୁ ସବିତ୍ରମ୍ମା କୋଠରୀ ମଧ୍ୟରେ ପହଞ୍ଚି ସାରିଥିଲା। ରାଜାଙ୍କ କଥା ଶୁଣି କହିଲା, "ପିଲା ଚାହିଁବା କଥା କହୁଛନ୍ତି, ଆଉ କଣ ପିଲା ପାଳିବାର ବୟସ ଅଛି ପୁଟ୍ଟାଜୀ? ଶରୀର ଦୁର୍ବଳ ହେଲାଣି। କ୍ଷୀର ଶୁଖିଗଲାଣି। ବର୍ତ୍ତମାନ ତ ରାଜାଙ୍କ ପୁତ୍ର କନ୍ୟାଙ୍କର ସନ୍ତାନ ଦେଖିବା ସମୟ ଆସିଲାଣି। ସେଥିରେ ମୋର ସୁଖ। ଜନ୍ମ ହୋଇଥିବା ଶିଶୁକୁ ଭଲଭାବେ ପାଳିବା ଉଚିତ। ଭଉଣୀର ସନ୍ତାନକୁ ତାର ମା ପାଖକୁ ପଠାଇ ଦିଅନ୍ତୁ। ବଡ଼ଙ୍କ ବିବାଦ ବଡ଼ଙ୍କ ମଧ୍ୟରେ ରହୁ। ଶିଶୁ କାହିଁକି ଭୟଭୀତ ହୋଇ ରହିବ?"

ଉଭୟା ତଙ୍କ କଥା କୌଣସି ପ୍ରକାରେ ସହିଯାଇଥିବା ବୀରରାଜଙ୍କ ସହନଶକ୍ତିର ବନ୍ଧ ବୃଦ୍ଧାର କଥା ଶୁଣି ଭାଙ୍ଗିଗଲା। ତା କଥା ଶୁଣିବା ମାତ୍ରେ ସେ ଚଟ କରି ଉଠିପଡ଼ି ଚିତ୍କାର କଲେ, "ଏ ବୁଢ଼ୀକୁ ଧକ୍କା ଦେଇ ବାହାର କରିଦିଅ। ଦିନେ କହିଲା ମୁଁ ତାର କାନରେ ପରିଶ୍ରା କରିଥିଲି। ଆଜି ତା କାନରେ ସୀସା ଭର୍ତ୍ତି କରାଇ ଦେବି। ଚାଲିଯିବାକୁ କୁହ ତାକୁ। ମୋ ପାଖକୁ ଯେପରି ପଶି ନ ପାରେ।"

ରାଜା ମୁଣ୍ଡ ବୁଲାଇବା କଥା କହିଥିବାରୁ କାଳେ ବେହୋସ ହୋଇଯିବେ ବୋଲି ବସବର ଭୟ ହେଲା। ସେ ରାଜାଙ୍କ ପାଦ ଧରି କହିଲା, "ମାଲିକ, ଆପଣ ଉଠନ୍ତୁ ନାହିଁ, ଶୋଇ ରହନ୍ତୁ। ଯାକୁ ମୁଁ ସମ୍ଭାଳି ନେବି।" ଏହି ପ୍ରକାର ତାଙ୍କୁ ବୁଝାଇ ଶୁଆଇ ଦେଲା ଓ ସବିତ୍ରମ୍ମା ପାଖକୁ ଆସି ହାତଯୋଡ଼ି ଆଉ କିଛି ନ କହିବାକୁ ଇଶାରା କରି ତାକୁ ବାହାରକୁ ନେଇଗଲା। ସବିତ୍ରମ୍ମାଙ୍କୁ ରାଜାଙ୍କ ବ୍ୟବହାର ଦେଖି କ୍ରୋଧ ଅପେକ୍ଷା ବେଶୀ ଆଶ୍ଚର୍ଯ୍ୟ ଲାଗିଲା। ରାଜାଙ୍କ ମନ ବହୁତ ଖରାପ ହୋଇଯାଇଛି ବୋଲି ବୃଦ୍ଧା ମନେ ମନେ ଭାବିଲା। ଭଗବାନ ତାହା ଠିକ୍ କରି ତାଙ୍କୁ ରକ୍ଷା କରନ୍ତୁ। କିଛି ନ କହି ସେ ଅନ୍ତଃପୁରକୁ ଆସି ସବୁ କଥା ରାଣୀଙ୍କୁ କହି ନିଜ ଘରକୁ ଚାଲିଗଲା।

Digitized by srujanika@gmail.com

131

ବୃଦ୍ଧାକୁ ପଠାଇ ବସବ ରାଜାଙ୍କ ନିକଟକୁ ଆସିଲା। ରାଜା କ୍ରୋଧରେ ନିଜେ ନିଜେ କଥା କହୁଥିଲେ। ବସବ ଆସି ପାଖରେ ଠିଆ ହେବାରୁ ସେ କହିଲେ, "ହାରାମଜାଦୀ ବୁଢ଼ୀ କେବେ ବଡ଼ ଥିଲା ବୋଲି କଣ ଏବେ ମଧ୍ୟ ମୋର ଗୁରୁଜନ? ଏଠୁ ତାକୁ ଚାଲିଯିବାକୁ କୁହ। ମୋ ଭଣଜାକୁ ମୋର ଯାହା ଇଚ୍ଛା କରିବି ତାର ସେଥିରେ କଣ ଅଛି?"

ବସବ: "ନାନୀ ଚାଲିଗଲାଣି ମାଲିକ, ଛାଡ଼ନ୍ତୁ ସେ କଥା।"

"ଗୋରାଙ୍କୁ ବିରୋଧୀ ନ କରିବାକୁ ତୁ ମତେ ଶିଖାଉଛୁ। ସେ ବୁଢ଼ା କହୁଛି 'ତୋର ବାପ ଚାଲିଯାଇଛି, ତା ସ୍ଥାନରେ ମୁଁ ତୋର ବାପ'। ଆଉ ଏ ବୁଢ଼ୀ ଭଉଣୀର ପୁତ୍ରକୁ ରକ୍ଷା କରିବାକୁ କହୁଛି। କୋଡ଼ଗ ରାଜାଙ୍କର ଅବସ୍ଥା ଖୁବ୍ ବଢ଼ିଆ।"

ରାଜା କ୍ରୋଧରେ ନିଜ ସହ କଥା କହୁଛନ୍ତି ବୋଲି ବସବ ବୁଝି ପାରି କିଛି ଉତ୍ତର ଦେଲା ନାହିଁ।

ଏ ଶିଶୁ କେଉଁଥିରେ ତିଆରି। ସମସ୍ତଙ୍କ ପରି ହାଡ଼ମାଂସରେ ନାଁ ତାକୁ ସୁନାରେ ତିଆରି କରାଯାଇଛି। ତା ପେଟରେ ହୀରାନୀଳା ଭର୍ତ୍ତି ଅଛି। ସେ ଯେ ସମସ୍ତଙ୍କ ପରି ତାହା ପେଟ ଚିରି ଦେଖାଇବାକୁ ପଡ଼ିବ।"

ଏହିପରି ରାଜା କିଛି ସମୟ ପର୍ଯ୍ୟନ୍ତ ଚୁପ୍ ରହି ପୁଣି ନିଜେ ନିଜେ କ୍ରୋଧରେ ଗପି ଚାଲିଥିଲେ।

ବସବ କିଛି ସମୟ ପର୍ଯ୍ୟନ୍ତ ସେଠାରେ ଛିଡ଼ା ହୋଇ ତାଙ୍କ କଥା ଶୁଣିଲା। ପରେ ବାହାରକୁ ଯାଇ ଭୃତ୍ୟକୁ ଡାକି, "ମହାରାଜଙ୍କ ଦେହ ଭଲ ନାହିଁ। ଡାକି ପାରନ୍ତି। ଏଇଠି ପାଖରେ ଥିବ। କୌଣସି ପ୍ରକାର କଥା କହିବ ନାହିଁ। ପଚାରିଲେ ମୋତେ ଡାକି ଦେବ" ବୋଲି ଆଜ୍ଞା ଦେଇ ନିଜ କାମରେ ଚାଲିଗଲା।

132

ଦ୍ୱିପ୍ରହର ବେଳେ କନ୍ୟାର କଥାରେ ଚିଡ଼ିବା ବେଳୁ ବୀରରାଜଙ୍କ ମନ ଅଜାଣତରେ ବିଚଳିତ ହୋଇ ପଡ଼ିଥିଲା। ଏପରି ପରିସ୍ଥିତିରେ ତାଙ୍କ ପାଖରେ ଗୋଟିଏ ମାତ୍ର ଚିକିତ୍ସା ଥିଲା- ତାହା ହେଉଛି ସୁରାପାନ। ସେଦିନ ମଧ୍ୟ ସେ ଟିକିଏ ବେଶୀ ପରିମାଣରେ ସୁରାପାନ କଲେ। ତାର ପରିଣାମ ସ୍ୱରୂପ ସବୁଦିନ ଠାରୁ ଅଧିକ ଶାନ୍ତ ଭାବେ ଓ ନିଶକ୍ତି ବଶତଃ ବସବର କଥାମାନି ଉଭୟା ତଙ୍କୁ କିଛି ନ କହି ଛାଡ଼ିଦେଲେ। ତାପରେ ପୁଣି କିଛି ସୁରାପାନ କଲେ। ସବିଦ୍ରମ୍ମା ଆସିବାରୁ ଉଠିପଡ଼ି ଖୁବ୍ ଚିତ୍କାର କରି ଶ୍ରାନ୍ତ ହୋଇ ପଡ଼ିଲେ। ଏହି ସବୁ କାରଣ ବଶତଃ ତାଙ୍କ ଶରୀରର ତାପ ବଢ଼ିବା ସଙ୍ଗେ ସଙ୍ଗେ ମନ ମଧ୍ୟ ବିଚଳିତ ହୋଇ ଉଠିଲା।

Digitized by srujanika@gmail.com

''ମୋର ଏବର୍ଷ କଂସ ଯୋଗ ଅଛି ନାଁ? ଭଣଜା କୃଷ୍ଣ ମାମୁଁ କଂସକୁ ମାରିଥିଲା। ମୁଁ ମଧ୍ୟ ଭଣଜା ହାତରେ ପ୍ରାଣ ଦେବି। ଏକଥା ଦୀକ୍ଷିତ କହିଥିଲେ।'' ମୁଁ ଭଉଣୀଙ୍କୁ କେତେ ସ୍ନେହରେ ରଖିଥିଲି। ତାର ପତି ଦୁଷ୍ଟ। ଭଉଣୀ ମଧ୍ୟ ତା ସହିତ ମିଶି ମୋତେ ଦୁଃଖ ଦେଲା। ନାଚାର ହୋଇ ମୁଁ ତାକୁ ବନ୍ଦୀ କରି ରଖିବାରୁ ଗୁପ୍ତ ଭାବେ ଗର୍ଭବତୀ ହୋଇ ଏଇ ସନ୍ତାନକୁ ଜନ୍ମ ଦେଲା। ପିଲାକୁ ରାସ୍ତାରେ ଫୋପାଡ଼ି ଅପରର ଶରଣ ପଶିଲା। ତାକୁ ଶାସ୍ତି ନ ଦେଇ ଛାଡ଼ିଦେବି? ଭବିଷ୍ୟତରେ କଣ କରିବ କିଏ ଜାଣେ? ସେମାନଙ୍କୁ ଦଣ୍ଡ ଦେବା ଉଚିତ। କିନ୍ତୁ ସେମାନେ କାହାନ୍ତି? ସେମାନେ ତ ନାହାନ୍ତି, ତା ବଦଳରେ ଦଣ୍ଡ ପାଇବା ପାଇଁ ଏ ଶିଶୁ ମୋ ହାତରେ ପଡ଼ିଲା।

ବନ୍ଧୁବାନ୍ଧବଙ୍କୁ ଶେଷ କରି ବଡ଼ବାପା ରାଜା ହୋଇ ରହିଲେ। ସେମାନଙ୍କୁ ଶେଷ ନ କରି ପିତା ମଧ୍ୟ ରାଜା ହୋଇ ପାରିଲେ ନାହିଁ। ରାଜା ହୋଇ ମୁଁ ମଧ୍ୟ ଶାନ୍ତ ରହି ପାରିଲି ନାହିଁ। ବଡ଼ବାପାଙ୍କ ଝିଅକୁ ଶେଷ କରିବାକୁ ପଡ଼ିଲା, ବିରୋଧୀ ବନ୍ଧୁବାନ୍ଧବଙ୍କୁ ନିର୍ମୂଳ କରିବାକୁ ପଡ଼ିଲା।

ବର୍ତ୍ତମାନ ଶହ ଶହ ଲୋକଙ୍କ ଆଖି ମୋ ଉପରେ ଅଛି। ମୋ ପରେ ମୋ କନ୍ୟାର ହିଁ ଗଦୀରେ ବସିବା କଥା। କିନ୍ତୁ ତା ବଦଳରେ ନିଜେ ଗଦୀରେ ବସିବାକୁ ଭଉଣୀର ଇଚ୍ଛା। ଭିଶୋଇ କହୁଛି ଯେ ତାର ଏ ପୁତ୍ର ଗଦୀରେ ବସିବ।

ଭଉଣୀର ପୁତ୍ର! ମୋ କନ୍ୟା ଥାଉ ଥାଉ ଭଉଣୀର ପୁତ୍ର ଗଦୀରେ ବସିବ? ସେ ବଞ୍ଚି ରହିଲେ ସିନା ଗାଦୀରେ ବସିବାର ପ୍ରଶ୍ନ ଉଠିବ? ତାକୁ ମୁଁ ଶେଷ କରି ଦେବି।''

ମଝିରେ ମଝିରେ ଉଠି ରାଜା ଢୋକେ ଦି'ଢୋକ ଲେଖା ସୁରାପାନ କରୁଥାନ୍ତି। ଶରୀର ସହ ମନର ତାପ ଆହୁରି ବଢ଼ିଗଲା। ରାତି ବଢ଼ିବାକୁ ଲାଗିଲା। ସାରା ରାଜମହଲ ଶୋଇ ପଡ଼ିଲା। ବସବ ବାହାର କୋଠରୀରେ ରାଜାଙ୍କୁ ଜଗି ଶୋଇଲା। ରାଜାଙ୍କୁ ନିଦ ହେଲା ନାହିଁ। ଠିକ୍ ଢୁଳେଇ ପଡ଼ିବା ସମୟରେ ଗୋଟିଏ ସ୍ୱପ୍ନ ଦେଖିଲେ।

ତାଙ୍କ ନିକଟରେ ପିତା ଲିଙ୍ଗରାଜ ଛିଡ଼ା ହୋଇଛନ୍ତି। ସାମନାରେ ଭଣଜା ବସିଛି। କିଏ ଜଣେ ଆସି ତାଙ୍କୁ ଡାକିଲା ଓ ତାଙ୍କ ମୁଣ୍ଡରୁ ମୁକୁଟ ଓହ୍ଲାଇ ଶିଶୁର ମୁଣ୍ଡରେ ରଖିଦେଲା। ସେ ଦେଖିଲାବେଳକୁ ପିଲାର ଗୋଟାଏ ପାର୍ଶ୍ୱରେ ଦେବମ୍ମା, ଅପର ପାର୍ଶ୍ୱରେ ତାର ପିତା ଚେନ୍ନବସବୟା ଓ ତାଙ୍କ ସାମନାରେ ମହୀଶୂରର ରେସିଡ଼େଣ୍ଟ ସାହେବ ଠିଆ ହୋଇଛନ୍ତି।

ଏହା ତାଙ୍କ ମନ ମଧ୍ୟରେ ଭାବୁଥିବା ଚିତ୍ର ବୋଲି ରାଜାଙ୍କର ମନେ ହେଲା ନାହିଁ। ବରଂ ଭବିଷ୍ୟତରେ ଘଟଣା ତାଙ୍କୁ ଦେଖାଯାଉଛି ବୋଲି ଶିଶୁକୁ ଶେଷ କରିଦେବା ଉଚିତ ବୋଲି ସେ ସ୍ଥିର କଲେ।

ଏହା ସ୍ଥିର କରି ରାଜା ଭିତର କୋଠରୀକୁ ଯାଇ ଏକ ଅର୍ଦ୍ଧଚନ୍ଦ୍ରାକାର ଛୁରା ବାହାର କରି ନିଜ ବୈଠକରୁ ଅନ୍ତଃପୁର ପର୍ଯ୍ୟନ୍ତ ନିଃଶବ୍ଦ ଭାବେ ଚାଲି କରି ଗଲେ। ଦ୍ୱାର ଦେଶରେ ଭୃତ୍ୟମାନେ ଘୁମାଉଥିବାରୁ ରାଜାଙ୍କ ଆସିବା କଥା ସେମାନେ ଜାଣି ପାରିଲେ ନାହିଁ। ପାଦ ଚିପି ରାଜା ରାଣୀଙ୍କ କୋଠରୀକୁ ଗଲେ। ବାହାର ପଟ କୋଠରୀରେ ରାଜକୁମାରୀ ଓ ପଲଙ୍କ ତଳେ ଜଣେ ଦାସୀ ଶୋଇଥିଲା। ମଝି କୋଠରୀରେ ଶିଶୁଟି ଦୋଳୀରେ ଓ ପାଖରେ ଦାସୀ ଏବଂ ତୃତୀୟ କୋଠରୀରେ ରାଣୀ ଶୋଇଥିଲେ।

Digitized by srujanika@gmail.com

ରାଜା ଦୋଳୀ ପାଖରେ ଠିଆ ହୋଇ ପିଲାକୁ ଦେଖିଲେ। ତା ପରେ ଛୁରୀ କାଢ଼ି ତାର ବେକ ଉପରେ ରଖି ଦବାଇ ଦେଲେ। ଶିଶୁଟି ସାମାନ୍ୟ ଭିଡ଼ିମୋଡ଼ି ହୋଇ ନିଶ୍ଚଳ ହୋଇଗଲା। ଛୁରୀ ସେହିଠାରେ ଛାଡି ପାଦ ଚିପି ଚିପି ରାଜା ଅନ୍ତଃପୁରରୁ ବାହାରି ନିଜ ବୈଠକକୁ ଫେରି ଆସିଲେ।

ସମସ୍ତେ ନିଜ ନିଜ ସ୍ଥାନରେ ଶୋଇଥିଲେ ବା ଘୁମାଉଥିଲେ। ସେ ଭାବିଲେ, "ଏମାନେ ଏମିତି ପହରା ଦେଉଛନ୍ତି। ସେ ନିଜ କୋଠରୀକୁ ଯାଇ ଚଉକିରେ ଆଉଜି ପଡ଼ିଲେ।

ସେତିକିବେଳେ ତାଙ୍କ ମନରେ ଅସ୍ଥିରତା ଦେଖାଦେଲା! ସେ ଡାକିଲେ, "ଆରେ ବସବ ଅଛୁ କିରେ?"

133

ଭଉଣୀ ଓ ଭିଣୋଇଙ୍କ ପ୍ରତି ଦ୍ୱେଷ, କନ୍ୟା ଓ ରାଣୀଙ୍କ ଉପରେ ଆସିଥିବା ବିରକ୍ତି ଓ ସବିଭ୍ରମ୍ମା ତଥା ଉଭୟା ତଲ୍ଲଙ୍କ ଉପରେ ଆସିଥିବା କ୍ରୋଧ- ଏ ସବୁ ମିଶି ରାଜାଙ୍କ ଜ୍ୱର ବଢ଼ାଇବା ସଙ୍ଗେ ସଙ୍ଗେ ତାଙ୍କ ସ୍ୱରକୁ ମଧ୍ୟ ବିକୃତ କରିଦେଲା। ଭଣଜାକୁ ମାରିବା ପାଇଁ ସେ ମନକୁ ଶକ୍ତ କରି ଯାଇଥିଲେ। ଫେରିବା ସମୟରେ ତାଙ୍କ ଚେତନା ଏହି କୃତ୍ୟ ଯୋଗୁଁ ଧୈର୍ଯ୍ୟହୀନ ହୋଇ ପଡ଼ିଥିଲା। ବସବକୁ ଡାକିବା ସମୟରେ ତାଙ୍କ ସ୍ୱର ଏତେ କ୍ଷୀଣ ହୋଇ ପଡ଼ିଥିଲା ଯେ ତାହା ବସବକୁ ବିକୃତ ଶୁଣାଗଲା।

କଥା ରାଜା କହୁଥିଲେ ମଧ୍ୟ ସ୍ୱର ତାଙ୍କ ପରି ଶୁଣାଯାଉ ନଥିଲା। ବସବ ସାଙ୍ଗେ ସାଙ୍ଗେ ବିଛଣାରୁ ଉଠି ରାଜାଙ୍କ ବିକୃତ ସ୍ୱର ଶୁଣି ଭୟରେ ତାଙ୍କ କୋଠରୀକୁ ଆସିଲା।

ରାଜା ପୁଣି କହିଲେ, "ଆସିଗଲୁ ଲେଙ୍ଗଡ଼ା।"

ରାଜାଙ୍କର ଏହି 'ଲେଙ୍ଗଡ଼ା' ଶବ୍ଦ ପ୍ରୟୋଗରେ କୌଣସି ଅର୍ଥ ନାହିଁ ବୋଲି ବସବ ଜାଣିଥିଲା। ବାଲ୍ୟକାଳରୁ ରାଜା ତାକୁ କେବେ କ୍ରୋଧରେ, କେବେ ଥଟ୍ଟାରେ ଓ କେବେ ସ୍ନେହରେ ଏହିପରି ସମ୍ବୋଧନ କରୁଥିଲେ। ସେ ଶବ୍ଦ ତା ପାଇଁ 'ବସବ' ନାମର ହିଁ ପ୍ରତିରୂପ ଥିଲା।

ରାଜାଙ୍କ ସ୍ୱର ଆଗପରି ବିକୃତ ଶୁଣାଯାଉଥିଲା। ବସବ ପାଖକୁ ଯାଇ ପଚାରିଲା, "ଆସିଲି ମାଲିକ। ଜ୍ୱର ବେଶୀ ହେଲା କି? ଗରମ ଲାଗୁଛି?"

ବୀରରାଜ: "ସେ କୀଟକୁ ଶେଷ କରି ଦେଇଛି ରେ।"

ବସବ ଏ କଥାର ଅର୍ଥ ବୁଝି ନ ପାରି ଭାବିଲା ଜ୍ୱର ବଢ଼ି ଯାଇଥିବାରୁ ରାଜା ବୋଧହୁଏ ଅସଂଲଗ୍ନ ପ୍ରଳାପ କରୁଛନ୍ତି। ଜ୍ୱର ଦେଖିବା ପାଇଁ ତାଙ୍କ ମୁଣ୍ଡରେ ହାତ ରଖି ସେ ଦେଖିଲା ଯେ ଜ୍ୱର ଯେତେ ଅଛି ତାହା ସ୍ୱରକୁ ବିକୃତ କଲା ପରି ନୁହେଁ। ସେ ପଚାରିଲା, "କଣ କହୁଛନ୍ତି ମାଲିକ? ନିଦ ଲାଗୁଛି?"

"କେତେଥର ଆଉ କହିବି ଯେ ଭଣଜାକୁ ଶେଷ କରି ଦେଇଛି।"

Digitized by srujanika@gmail.com

ସେତେବେଳକୁ ରାଜାଙ୍କ ସ୍ୱର କ୍ଷୀଣ ହୋଇ ସାରିଥିଲା। ବସବ ପାଖରେ ଆସି ବସିବାରୁ ସେ ସାମାନ୍ୟ ଧୈର୍ଯ୍ୟ ଫେରି ପାଇଲେ। ତାଙ୍କ କଥା ଶୁଣି ବସବ ଚମକି ପଡ଼ି ପାଟି କରି ଉଠିଲା।

"କଣରେ ଭୟାଳୁ! ଏଥିରେ ଡରିବାର କଣ ଅଛି? ଯା ଶୋଇ ପଡ଼।

ରାଜାଙ୍କ ସ୍ୱର ସେତେବେଳକୁ ପରିଷ୍କାର ହୋଇ ଯାଇଥିଲା। ବସବ ଉଠି ବାହାରକୁ ଆସି ବିଛଣା ଉପରେ ବସି ପଡ଼ିଲା।

"ବୀରରାଜଙ୍କର ଭଉଣୀ ଓ ଭିଣୋଇ ଉପରେ ବହୁତ ରାଗ ଅଛି। ସେଥିପାଇଁ ଶିଶୁଟି ବଳି ପଡ଼ିବ। ସେ ପିଲାକୁ କଷ୍ଟ ଦେବେ ନଚେତ ମାରି ଦେବେ" ବୋଲି ଶିଶୁକୁ ପାଇବା ଦିନୁ ବସବ ମନରେ ଶଙ୍କା ଥିଲା। ମାରିଦେବାକୁ ଚାହିଁଲେ ସେ କାମ କରିବାକୁ ରାଜା ତାକୁ କହିବେ। ଏ କାମ ସେ କେମିତି କରିବ? ଏ ଭାବନା ତା ମନରେ ଥରେ ଦୁଇଥର ଜାଗ୍ରତ ହୋଇଥିଲା। ବର୍ତ୍ତମାନ ରାଜାଙ୍କ କ୍ରୋଧ ରାଜାହିଁ ହତ୍ୟାକାରୀ କରାଇଲା। ସୀମାରୁ ବାହାର କ୍ରୋଧକୁ ଲୋକେ ଚାଣ୍ଡାଳ କ୍ରୋଧ କହନ୍ତି ବୋଲି ବସବ ଜାଣିଥିଲା। ସମ୍ଭବତଃ ଏପରି କ୍ରୋଧ ହିଁ ସେ ଶବ୍ଦର ଅର୍ଥ। ରାଜାଙ୍କର କଣ ସ୍ୱୟଂ ଏ ପିଲାକୁ ମାରିବାର ଥିଲା?

ଯାହା ହେଉ ଏ କାମ ମୋତେ କରିବାକୁ ପଡ଼ି ନାହିଁ, ଭଲ ହୋଇଛି। ବସବର ମନର କୋଣରେ ଏହା ଏକ ସାନ୍ତ୍ୱନା ଥିଲା। ରାଜା ପିଲାକୁ ମାରିବାକୁ ଆଜ୍ଞା ଦେଇଥିଲେ ବସବ ତାହା ପାଳନ କରିବାକୁ ପଛଘୁଞ୍ଚା ଦେଇଥାନ୍ତା ତାହା ନୁହେଁ ତଥାପି ତାକୁ ଏହା କରିବାକୁ ନ ପଡ଼ିବାରୁ ସେ ଖୁସୀ ହେଲା।

ଏପରି ଭାବନା ପରେ ବସବ ମନରେ ଭାବିଲା ଯେ ଏ କୁକୃତ୍ୟର ପରିଣାମ କଣ ହେବ? ସାରା ଦେଶ ଯେ ରାଜାଙ୍କ ଉପରେ ଛେପ ପକାଇବ ତାହା ସତ। ପିଲାକୁ ଫେରାଇ ଦେଇଥିଲେ କି ସଙ୍କଟ ଆସିଥାନ୍ତା କେଜାଣି? କିନ୍ତୁ ତାକୁ ମାରିଦେବାରୁ ତାଠାରୁ ଅଧିକ ସଙ୍କଟ ପଡ଼ିବାର ସମ୍ଭାବନା ଅଛି। ଭିଣୋଇ ଓ ଭଉଣୀ କେବେହେଲେ ନିଜ ଲୋକ ପରି ନଥିଲେ। କିନ୍ତୁ ବର୍ତ୍ତମାନ ସେମାନଙ୍କ ପାଇଁ ଇଂରେଜ ମଧ୍ୟ ମିତ୍ର ହୋଇ ରହିଲେ ନାହିଁ। ରାଜା ଯେ ରାଜା ହୋଇ ରହିବେ ସେ କଥା ବର୍ତ୍ତମାନ ନିଶ୍ଚିତ ରୂପେ କହିବା କଠିନ।

ମାଳିକ ଏପରି କାମ କରି ଦେଇଛନ୍ତି। ତାଙ୍କୁ କେମିତି ଭାବେ ରକ୍ଷା କରାଯାଇ ପାରିବ? ବସବକୁ କିଛି ରାସ୍ତା ଦେଖା ଯାଉ ନ ଥିଲା। ମାଳିକଙ୍କ ପାଇଁ ତା ମନ ବ୍ୟାକୁଳ ହୋଇ ଉଠିଲା। 'ରାଜା ନଷ୍ଟ ହୋଇ ଗଲେ ସେ ମଧ୍ୟ ନଷ୍ଟ ହୋଇଯିବ', ଏପରି ଭାବନା ହୁଏତ ତା ମନର କୌଣସି କୋଣରେ ଉଦୟ ହୋଇ ମନ ମଧ୍ୟରେ ହିଁ ରହିଯାଇଥିଲା।

କିଛି ସମୟ ପରେ ଏ ବିଷୟ ରାଣୀଙ୍କ ନିକଟକୁ ଯାଇ କହି ଦେବା ଉଚିତ ବୋଲି ବସବ ଭାବିଲା। ତାର ମନେ ହେଲା, ହୁଏତ ପିଲା ଭଲ ଅଛି, ରାଜା ମନର ଭ୍ରାନ୍ତି ଯୋଗୁଁ ଏପରି କହୁଛନ୍ତି। ଏତେବେଳ ପର୍ଯ୍ୟନ୍ତ ଯେଉଁ କଥା ତାର ମନ ମଧ୍ୟକୁ ଆସି ନଥିଲା ତାହା ଆସିବା ମାତ୍ରେ ମନେ ହେଲା- ରାଜା ପ୍ରକୃତରେ ପିଲାକୁ ନ ମାରିଥିଲେ କେତେ ଭଲ ହୁଅନ୍ତା! ଏହା ଭାବି ତା ମନକୁ ଏକ ଅକଥନୀୟ ସାନ୍ତ୍ୱନା ମିଳିଲା।

Digitized by srujanika@gmail.com

ସେତିକିବେଳେ ଅନ୍ତଃପୁରରୁ ଶବ୍ଦ ଶୁଣାଗଲା ।

ପ୍ରତିଦିନ ଏତିକିବେଳକୁ ପିଲା ଉଠିପଡ଼ି କାନ୍ଦେ । ରାତିରେ ପାଖରେ ଶୋଇଥିବା ଦାସୀ ଯେ କି ତାର ଅଭ୍ୟାସ ସହ ପରିଚିତ ପିଲାକୁ ନ ଉଠିବାର ଦେଖି ମନେ ମନେ 'ଆଜି କେତେ ଭଲ ଭାବେ ଶୋଇଛି" ଭାବି ଶୋଇ ଶୋଇ ଦୋଳୀ ହଲାଇ କର ଲେଉଟାଇଲା ।

ସେତିକିବେଳେ ରାଣୀଙ୍କର ମଧ୍ୟ ନିଦ ଭାଙ୍ଗିଲା । ସେ ଦାସୀକୁ ଡାକି କହିଲେ, "ବିଛଣା ଓଦା ହୋଇଛି କି କଣ ଦେଖି ଲୁଗା ବଦଳାଇ ଦେ ।"

ଦାସୀ ଉଠି ବସି ପିଲା ନିକଟରେ ଛୁରୀର ଚକ୍ ଚକ୍ କରୁଥିବା ଅଂଶ ଦେଖି ଘଟଣା କଣ ବୁଝିପାରିଲା ନାହିଁ । ଚଟ୍‌କରି ଠିଆ ହୋଇପଡ଼ି ଦେଖି କଣ ହୋଇଛି ବୁଝିବା ମାତ୍ରେ ଚିତ୍କାର କରି ଉଠିଲା ।

ବସବକୁ ସେହି ଦାସୀର ସ୍ୱର ଶୁଣାଯାଉଥିଲା ।

ଦାସୀର ଚିତ୍କାରରେ ରାଣୀଙ୍କ ହୃଦୟ ଥରି ଉଠିଲା । ସେ ବିଛଣାରୁ ଉଠିପଡ଼ି "କଣ ହେଲା ?" ବୋଲି ପଚାରି ପଚାରି ଦୋଳୀ ନିକଟକୁ ଦୌଡ଼ି ଆସିଲେ ।

ଦାସୀ କାନ୍ଥ ଝରକା ଉପରେ ରଖାଯାଇଥିବା ଦୀପ ଦୋଳୀ ପାଖକୁ ନେଇ ଆସିଲା । ଅର୍ଦ୍ଧଚନ୍ଦ୍ରାକାର ଛୁରୀ ପିଲାର ବେକକୁ କାଟି ଦେଇଥିଲା । ଲୁଗାପଟା ସବୁ ରକ୍ତରେ ଓଦା ହୋଇଯାଇଥିଲା ଓ ପିଲାର ପ୍ରାଣ ନ ଥିଲା ।

ଏ ଛୁରୀ ଯେ ରାଜାଙ୍କ ଭିତର କୋଠରୀର ଅସ୍ତ୍ରାଗାର ମଧ୍ୟରେ ଥିଲା ତାହା ରାଣୀ ଜାଣିପାରିଲେ । ରାଜା ହିଁ ଆସି ପିଲାକୁ ମାରି ଦେଇଛନ୍ତି । ତାଙ୍କ ମୁହଁରୁ କଥା ବାହାରିଲା ନାହିଁ । ଏ ଘୋର ପାପର କି ପ୍ରାୟଶ୍ଚିତ ହୋଇପାରେ ? ଭବିଷ୍ୟତରେ କନ୍ୟାର କଣ ହେବ କେଜାଣି ? ବିଜୁଳୀ ପରି ଏ ସବୁ ଭାବନା ମନକୁ ଆସି ତାଙ୍କ ବୁଦ୍ଧି ଜଡ଼ିତ ହୋଇଗଲା । ପଡ଼ିଯିବାକୁ ବାହାରୁଥିବା ବେଳେ ସେ ନିଜକୁ ସମ୍ଭାଳି ନେଇ ବସି ପଡ଼ି ମୁଣ୍ଡକୁ ହାତ ଉପରେ ରଖି ଦୁଃଖରେ ବୁଡ଼ିଗଲେ ।

ଦାସୀର ଚିତ୍କାରରେ ରାଜକୁମାରୀଙ୍କର ନିଦ ମଧ୍ୟ ଭାଙ୍ଗିଗଲା । ପାଖ କୋଠରୀରୁ ସେ କହିଲେ, "କଣ ହେଲା, କାହିଁକି ପାଟି କରୁଛୁ ? ସ୍ୱପ୍ନ ଦେଖିଲୁ କି ?" ଉତ୍ତର ନ ମିଳିବାରୁ ସେ ଉଠି ବସି ପଡ଼ିଲେ । ପାଖରେ ଶୋଇଥିବା ସେବିକା ମଧ୍ୟ ଉଠି ପଡ଼ିବାରୁ ସେ ତା ସହ ଦୋଳୀ ନିକଟକୁ ଆସିଲେ ।

ଦାସୀ ନଇଁପଡ଼ି ତାଙ୍କ କାନରେ ଫୁସ୍ ଫୁସ୍ ହୋଇ କହିଲା, "ପିଲା ମରି ଯାଇଛି, ଖୁନ୍ ହୋଇ ଯାଇଛି ।"

Digitized by srujanika@gmail.com

ରାଜକୁମାରୀ ଏ କଥା ଭଲଭାବେ ବୁଝି ପାରିଲେ ନାହିଁ। ଯାହା ବା ବୁଝିଲେ ତାହା ତାଙ୍କର ବିଶ୍ୱାସ ହେଲା ନାହିଁ। ଦୋଳୀ ପାଖକୁ ମୁହଁ ବଢ଼ାଇ ମୃତ ଶିଶୁକୁ ଦେଖି ଚିତ୍କାର କରି ବେହୋସ ହୋଇ ଭୂମି ଉପରେ ଗଡ଼ି ପଡ଼ିଲେ। କୋଠରୀ ଭିତରେ ବାହାରେ ସବୁ ଭୃତ୍ୟ ଉଠିପଡ଼ି ଜଣ ଜଣ କରି ଦ୍ୱାରଦେଶରେ ଏକାଠି ହେବାକୁ ଲାଗିଲେ। "କଣ ହେଲା" ବୋଲି ପରସ୍ପରକୁ ପଚାରି ନିଜ ନିଜ ମଧ୍ୟରେ ଧୀର ସ୍ୱରରେ କଥା ହେବାକୁ ଲାଗିଲେ। ଏହାଦ୍ୱାରା ରାଣୀ ବା ରାଜକୁମାରୀଙ୍କର କିଛି ହାନି ହୋଇପାରେ ବୋଲି ସେମାନଙ୍କ ମଧ୍ୟରୁ କାହାରି ମନରେ ନ ଥିଲା। ସମସ୍ତେ ରାଜାଙ୍କୁ "ପାପୀ, ତାର ସତ୍ୟାନାଶ ହେଉ" କହି ଅଭିଶାପ ଦେଲେ।

ଦୁଃଖର ଜୁଆରରୁ ଉଠି ଠିଆ ହୋଇ ରାଣୀ ଦାସୀକୁ କହିଲେ, "ପିଲା ମରି ଯାଇଛି। ବାକୀ କଥାରେ ତୁମର କିଛି ନାହିଁ। କେହି ପଚାରିଲେ ଖାଲି ପିଲା ମରିଗଲା ବୋଲି କହିବ। ବୁଝିଲ ?"

ଧାଇ କହିଲା, "ବୁଝିଲି ରାଣୀମା।" ପୁଣି ସେ ଅନ୍ୟ ଭୃତ୍ୟଗଣଙ୍କୁ "ତୁମେ ସବୁ ମୋ କଥା ମନେ ରଖିଲ ତ ?" ବୋଲି ପଚାରିବାରୁ ସମସ୍ତେ 'ହଁ' ବୋଲି କହିଲେ।

ରାଣୀ ଦାସୀକୁ କହିଲେ, "ବସବୟାକୁ ଡକାଇ ପଠାଅ। ଦାସଦାସୀ ସମସ୍ତେ ନିଜ ନିଜ ସ୍ଥାନକୁ ଯାଅ।"

ବସବ ଅନ୍ତଃପୁର ଦ୍ୱାରଦେଶରେ ଠିଆହୋଇ ପ୍ରତୀକ୍ଷା କରୁଥିଲା। ରାଣୀ କହିବା ମାତ୍ରେ ତାଙ୍କ ସମ୍ମୁଖରେ ଯାଇ ଠିଆହେଲା।

ରାଣୀ: "ତୁମେ ଏ କଥା ଜାଣ ବସବୟା ?"

"ମାଲିକ କହିଥିଲେ ମା।"

ଆଚ୍ଛା ! ଏହାକୁ ନେଇଯାଅ।"

ଠିକ୍ ଅଛି, ମା।"

"ଦୋଳୀ ମଧ୍ୟ ନେଇଯାଅ।"

ବସବ ଜଣେ ଭୃତ୍ୟକୁ ଦୋଳୀ ଧରିବାକୁ ଇଶାରା କରି ନିଜେ ଗୋଟାଏ ପାଖରୁ ଧରି ବାହାରକୁ ନେଲା। ରାଜକୁମାରୀ "ଜୁନା ମୋ ଜୁନା" କହି କାନ୍ଦି କାନ୍ଦି ପିଲା ଉପରେ ପଡ଼ି ଯିବାକୁ ଯାଉଥିବା ବେଳେ ରାଣୀ ତାଙ୍କୁ ଧରି ପକାଇ ନିଜ କୋଠରୀକୁ ନେଇଗଲେ।

ବସବ ଦୋଳୀ ବାହାରକୁ ଆଣି ଛୁରୀ ବାହାର କରି ଧୋଇ ନିଜ ପାଖରେ ରଖିଲା। ପିଲାର ଶବକୁ ମହଲର ମୂଲ୍ୟବାନ ବସ୍ତ୍ରରେ ଗୁଡ଼ାଇ ଅତୀତ ରାଜାମାନଙ୍କର ସମାଧୀସ୍ଥଳ ଆଡ଼କୁ ଅଗ୍ରସର ହେଲା।

Digitized by srujanika@gmail.com

ସୂର୍ଯ୍ୟୋଦୟ ହେଲାବେଳକୁ ଏ ଖବର ସାରା ସହରରେ ବ୍ୟାପି ଯାଇଥିଲା। ରାତିର ଚୌକିଦାରମାନେ ଘରକୁ ଫେରି ନିଜ ମିତ୍ରଙ୍କୁ ଏ କଥା ଗୁପ୍ତ ରୂପେ କହିଲେ। ସେମାନେ ସମ୍ଭବତଃ ନିଜ ମିତ୍ରମାନଙ୍କୁ ରାଜା ଭଣଜାଙ୍କୁ ଖୁନ୍ କରିଛନ୍ତି ବୋଲି କହିଥିବେ। ଏହିପରି ଭାବେ ଏ ସମ୍ବାଦ ଚାରିଆଡ଼େ ବ୍ୟାପିଯିବାରୁ ସମସ୍ତେ ରାଜାଙ୍କୁ ଶାପ ଦେଲେ।

ରାଜା ଏମିତି କରିଛନ୍ତି ବୋଲି କାନରେ ପଡ଼ିବା ମାତ୍ରେ ସମସ୍ତେ ‘‘ପାପୀ, ତୋ ଘରର ସତ୍ୟା...’’ କହୁ କହୁ ରାଣୀ ଓ ରାଜକୁମାରୀଙ୍କ ଖିଆଲ ଆସିବା ମାତ୍ରେ ‘ସତ୍ୟାନାଶ’ ଶବ୍ଦ ପୂରା ମୁହଁରୁ ବାହାରିବା ଆଗରୁ ଅଟକାଇ ଦେଉଥିଲେ।

ଏପରି ଘଟଣା ଅନେକଙ୍କ କାନରେ ପଡ଼ି ଆଉ ସେହି ରୂପରେ ବ୍ୟାପେ ନାହିଁ। କହିଲାବାଲା ନିଜ କଳ୍ପନାରେ ରଙ୍ଗ ଦେଇ ସେ କଥାକୁ ନୂଆ ରୂପ ଦେଇ ଦିଅନ୍ତି।

ବଜାରରେ ଜଣେ କହିଲା, ‘‘ଅର୍ଦ୍ଧରାତ୍ରି ବେଳେ ରାଜା ଉଠି ତରବାରୀ ନେଇ ଯାଉଥିବା ବେଳେ ରାଣୀମା ଅଟକାଇବାରୁ ତାଙ୍କୁ ‘ଯା ହାରାମଜାଦୀ’ କହି ମାଡ଼ ଦେଲେ ଓ କୋଠରୀକୁ ଯାଇ ପିଲାକୁ ଦୁଇଖଣ୍ଡ କରି ହାଣିଦେଲେ।’’

ଦ୍ୱିତୀୟ ଲୋକ: ‘‘ଆଚ୍ଛା, ତେବେ ରାଣୀମା ଆହତ ହୋଇଛନ୍ତି।’’

ତୃତୀୟ: ‘‘ଆହତ ନ ହୋଇ ରହିବେ କେମିତି ? ରାଜା ଭୂତ ପରି ଲୋକ। ତରବାରୀରେ ମାରିଲେ କେହି କଣ ବଞ୍ଚିବ ? ସେ ତ ମୃତପ୍ରାୟ ଅଛନ୍ତି।’’

ଆଉ ଗୋଟାଏ ଜାଗାରେ ତିନିଜଣ ସ୍ତ୍ରୀଲୋକ ନିଜ ମଧ୍ୟରେ କଥା ହୋଇ ଯାଉଥିଲେ। ଜଣେ କହିଲା, ‘‘ଏ ରାଜା ନାଁ ରାକ୍ଷସ। ସେ ଛୋଟ ଶିଶୁ ଉପରକୁ କେମିତି ତା ହାତ ଉଠିଲା ? ତା ଘରର ସତ୍ୟା....’’

ଦ୍ୱିତୀୟ ସ୍ତ୍ରୀ: ‘‘ଏପରି କହ ନାହିଁ। ନିଜ କଥା ଫେରାଇ ନିଅ। ରାଣୀ ମା ଓ ରାଜକୁମାରୀଙ୍କର କି ଦୋଷ ? ରାଜାଙ୍କୁ ଶାପ ଦେଲାବେଳେ ସେମାନଙ୍କୁ କାହିଁକି ଶାପ ଦେଉଛ ?’’

ତୃତୀୟ ସ୍ତ୍ରୀ: ‘‘ତୁମ କଥା ଠିକ୍। ଆମେ କାହିଁକି କାହାକୁ ଶାପ ଦେବା। ପତ୍ନୀ ଓ କନ୍ୟାକୁ ତ ସହ୍ୟ କରିବାକୁ ପଡ଼ିବ। ଆମର ସେଥିରେ କଣ ଯାଏ ?’’

ଆଉ ଗୋଟିଏ ସ୍ଥାନରେ ଚାରିଜଣ ଲୋକ ଏକାଠି ହୋଇ କଥାବାର୍ତ୍ତା ହେଉଥିଲେ। ଜଣେ କହିଲା, ‘‘ବଞ୍ଚିବା ହିଁ କଠିନ ହୋଇ ଉଠିଲାଣି। ଭଉଣୀ ଉପରେ ରାଗ ଭଣଜାକୁ ଖୁନ୍ କରି ସୁଝିଲା।’’

ଜଣେ ସ୍ତ୍ରୀ କହିଲା, ‘‘ ନଅମାସ ଗର୍ଭରେ ଧରି କଷ୍ଟ ସହି ଜନ୍ମ ଦେଇଥିଲେ ଏପରି କରି ନ ଥାନ୍ତା। ପିଲା ଜନ୍ମ କରିବାର କଷ୍ଟ ପୁରୁଷ କ’ଣ ଜାଣିବ ?’’

ଦ୍ୱିତୀୟ: ‘‘ଏ କ’ଣ ? ତୁମେ ପୁରୁଷ ଜାତିକୁ ଦୋଷ ଦେଉଛ। ଜଣେ କିଏ କଲା ବୋଲି କଣ ସମସ୍ତେ ସେମିତି କରିବେ ନାଁ କ’ଣ ?

Digitized by srujanika@gmail.com

ପ୍ରଥମ: "ତାଙ୍କୁ କହିବାକୁ ଦିଅ। ଆମେ ପୁରୁଷ। ଆଉ ଏ କଥା ସତ ଯେ ପୁରୁଷଙ୍କ ମନରେ ଦୟାଭାବ କମ୍।"

ଗୋଟିଏ ଗଳୀରେ ଚାରି ଜଣ କଥା ହେଉଥିଲେ। ଜଣେ କହିଲା, "ଏପରି କାର୍ଯ୍ୟ କରିବା ପରେ ତାଙ୍କର ରାଜା ହୋଇ ରାଜ୍ୟଶାସନ କରିବା ସମ୍ଭବ ନୁହେଁ।"

ଦ୍ୱିତୀୟ ଲୋକ: "ଟିକିଏ ଧୀରେ କୁହ ନଚେତ୍ ଆମ ମୁଣ୍ଡ ମଧ ଚାଲିଯିବ।"

ତୃତୀୟ: "ରାଜା ପର୍ଯ୍ୟନ୍ତ ଏ କଥା କିଏ ପହଞ୍ଚାଇବ? ଏ କଥା କଣ ତାଙ୍କ ପାଇଁ ନୂଆ?

ପ୍ରଥମ: "ନୂଆ ନ ହୋଇ ଏବେ ପୁରୁଣା ହେଉନା। ଉତ୍ସବରେ ନାଟକ ଦେଖିଥିଲ ନାଁ? ତାହା କରାଇଥିବା ଗୋରାମାନେ ସାମାନ୍ୟ ଲୋକ ନୁହଁନ୍ତି। ସେମାନେ ରାଜା ଠାରୁ ଏ କୁକର୍ମର ହିସାବ ମାଗିବେ।"

136

ଲୋକେ ଏପରି କଥାବାର୍ତ୍ତା ହେଉଥିବା ବେଳେ ସହରକୁ ଆଉ ଗୋଟିଏ ଖବର ଆସିଲା। ରାଜାଙ୍କ ଦୁର୍ବ୍ୟବହାର ହେତୁ ଗୋରା ତାଙ୍କ ସେନା ନେଇ ଆସୁଛନ୍ତି। ସେମାନେ ଚାରିଦିନର ରାସ୍ତା ପାର ହୋଇ କୋଡ଼ଗ ଆଡ଼କୁ ଆସୁଛନ୍ତି।

'କୋଡ଼ଗ ଆମର। ଏଠାକୁ ଅନ୍ୟର ସୈନ୍ୟ ଆସିବା ଦ୍ୱାରା ଆମର ଅପମାନ ହେବ।' ଏପରି ଭାବନା ସହରର ଅଧିକାଂଶ ଲୋକଙ୍କର ନ ଥିଲା। ଲୋକଙ୍କ ମନରେ ଥିଲା ଯେ କୋଡ଼ଗ ହେଉଛି ରାଜାଙ୍କର। ଗୋରାମାନେ ତାଙ୍କୁ ଦଣ୍ଡ ଦେଲେ ଭଲ ହେବ।

କେବଳ ଅଳ୍ପ କିଛି ଲୋକଙ୍କୁ ଇଂରେଜ ସେନା ଆସିବା ଭଲ ଲାଗିଲା ନାହିଁ। ଏହି ମୁଷ୍ଟିମେୟ ଲୋକ ଥିଲେ ସହରର ଧନୀ-ମାନୀ ବ୍ୟକ୍ତି। ଇଂରେଜ ସେନା ଯେ କେବଳ ରାଜାଙ୍କୁ ଦଣ୍ଡ ଦେବେ ତା ନୁହେଁ, ସହରର ଧନୀ-ମାନୀ ଲୋକଙ୍କ ଘରେ ମଧ୍ୟ ପଶିବେ। ସେମାନଙ୍କ ଘରେ ପଶିଲେ କଣ ହେବ- ଏହା ହିଁ ସେମାନଙ୍କର ଚିନ୍ତାର କାରଣ ଥିଲା। ଆଉ କିଛି ଲୋକଙ୍କର ଚିନ୍ତା ଥିଲା ଯେ ଘରେ ଯୁବତୀ ଝିଅ ଅଛନ୍ତି। ଘରେ ପଶିଲେ ଇଜ୍ଜତ କେମିତି ରହିବ?

ରାଜା ମଧ୍ୟ ଯୁବତୀ ଝିଅ ବୋହୂଙ୍କ ଇଜ୍ଜତ ନଷ୍ଟ କରିଥିଲେ। କିନ୍ତୁ ତାଙ୍କର ଅବିବେକିତା ଶେଷ ହେବାକୁ ଯାଉଛି। ବଳୀରେ ସନ୍ତୁଷ୍ଟ ଭୂତ ଠାରୁ ନୂଆ ଭୋକିଲା ଭୂତ ଆହୁରି ବିପଜ୍ଜନକ।

ଧନୀ-ମାନୀ ଲୋକ ନିଜ ସମ୍ପତ୍ତିକୁ ଲୁଚାଇବାରେ ଲାଗିଗଲେ ଓ ବୋହୂ-ଝିଅ ଥିବା ଲୋକ ସେମାନଙ୍କୁ ଦେଶ ଭିତରେ ସୁରକ୍ଷିତ ସ୍ଥାନକୁ ପଠାଇବାରେ ଲାଗି ପଡ଼ିଲେ।

ଚିଲ୍କଣା ଶେଟ୍ଟୀ ଉଭୟ ସମାଚାର ଶୁଣି ଭାବିଲା ଯେ ବର୍ତ୍ତମାନ ରାଜାଙ୍କ ସମୟ ସମାପ୍ତ ହେବାକୁ ଯାଉଛି। ସେ ନିଜ ସାଥୀ ସାହୁକାରଙ୍କୁ ଏକତ୍ରିତ କରି କହିଲା, "ଆମର ସବୁ କଥାରେ ବୋପଣ୍ଣାଙ୍କ ଆଜ୍ଞା ପାଳନ କରିବା ଉଚିତ। ରାଜାଙ୍କ ତରଫରୁ ଆସୁଥିବା ଆଜ୍ଞାକୁ ଆମେ ସ୍ୱୀକାର କରିବା ନାହିଁ। ଆପଣମାନଙ୍କର ମତ କଣ?" ସମସ୍ତେ ତାଙ୍କ କଥା ମାନିନେଲେ। ବୋପଣ୍ଣାଙ୍କ ଘରକୁ ଯାଇ ତାଙ୍କୁ ଏ ସବୁ କଥା କହିବାର ସ୍ଥିର ହେଲା।

Digitized by srujanika@gmail.com

ପାର୍ଷଣ୍ଣା ବୋପଣ୍ଣାଙ୍କ ଘରେ ପହଞ୍ଚିଲାବେଳକୁ ସେ ଲକ୍ଷ୍ମୀନାରାୟଣଙ୍କ ଘରକୁ ଯାଇଥିଲେ। ସେଠାକୁ ଗଲେ ଉଭୟଙ୍କ ସହ ସାକ୍ଷାତ ହେବ ବୋଲି ପାର୍ଷଣ୍ଣା ଭାବିଲା।

ଲକ୍ଷ୍ମୀନାରାୟଣଙ୍କ ଘରର ଭିତର କୋଠରୀରେ ସେମାନେ ବସିଥିଲେ ଓ ସବିତ୍ରମ୍ମା ସେମାନଙ୍କୁ କଣ କହୁଥିଲା। ପାର୍ଷଣ୍ଣାର ଆସିବା ଖବର ପାଇ ସେମାନେ ତାକୁ ଭିତରକୁ ଡାକିଲେ।

ସବିତ୍ରମ୍ମା ପାର୍ଷଣ୍ଣାକୁ କହିଲା, "ଏତେ ଶୀଘ୍ର ସାହୁକାରମାନେ କଥାବାର୍ତ୍ତା ହୋଇ ସାରିଲେଣି ପାର୍ଷଣ୍ଣା ?"

ଶେଟ୍ଟୀ କହିଲା, "ଆମର କଥା ହେବାକୁ କେତେ ସମୟ ଦରକାର ମା ? ଆମେ ସବୁ ଠିକ୍ କରି ସାରିଲୁଣି। ମନ୍ତ୍ରୀମାନଙ୍କୁ କହିବା ପାଇଁ ମୋତେ ପଠାଯାଇଛି।"

ସବିତ୍ରମ୍ମା କହିଲା, "ମୁଁ ପୁଅ ଓ ବୋପଣ୍ଣାକୁ କହୁଥିଲି ଯେ ଯାହା ନ ହେବାର ହୋଇଗଲା। ସେ ଅପରାଧ କରିଛନ୍ତି କିନ୍ତୁ ତାଙ୍କ ଉପରେ କ୍ରୋଧିତ ହେବାର ଆବଶ୍ୟକତା ନାହିଁ। ଆଙ୍ଗୁଠିରେ ମଇଳା ଲାଗିଲେ ତାକୁ କାଟିଦିଆଯାଏ ନାହିଁ। ଆପଣମାନେ ମଧ୍ୟ ଏହା ଭାବି ଯାହା ଠିକ୍ ଭାବୁଛନ୍ତି କରନ୍ତୁ। କିନ୍ତୁ ରାଣୀ ଓ ରାଜକୁମାରୀଙ୍କର ଯେପରି କଷ୍ଟ ନ ହୁଏ, ସେଥିପ୍ରତି ଧ୍ୟାନ ରଖିବ।" ଏତିକି କହି ସେ ବାହାରକୁ ଚାଲିଗଲେ।

ବୃଦ୍ଧା ବାହାରକୁ ଯିବା ପରେ ଲକ୍ଷ୍ମୀନାରାୟଣୟା ବୋପଣ୍ଣାକୁ କହିଲେ, "ଆମେ ଚିଲ୍କଣା ଶେଟ୍ଟୀକୁ କହି ପଠାଇବା ପୂର୍ବରୁ ସେ ପାର୍ଷଣ୍ଣାକୁ ପଠାଇ ଦେଇଛନ୍ତି। ଆମେ ମଧ୍ୟ ନିଜ କଥା ତାଙ୍କୁ କହିଦେବା ?"

ବୋପଣ୍ଣା: "କହନ୍ତୁ ପଣ୍ଡିତ ମହାଶୟ।" ଲକ୍ଷ୍ମୀନାରାୟଣୟା ପାର୍ଷଣ୍ଣାକୁ କହିଲେ, "ମହାରାଜ ଜଘନ୍ୟ ପାପ କରିଛନ୍ତି। ଆମେ ତାଙ୍କୁ ରାଜା ଭାବେ ଗାଦୀରେ ରଖିଲେ ଜନତା ମାନିବେ ନାହିଁ। ତା ଛଡ଼ା ତାଙ୍କ ଉପରେ କ୍ରୋଧିତ ହୋଇ ଇଂରେଜ ସେନା ନେଇ ଆସୁଛନ୍ତି। ଅପରର ସେନା ଦେଶରେ ପ୍ରବେଶ କରିବା ଠିକ୍ ନୁହେଁ। ସେଥିପାଇଁ ରାଜାଙ୍କ ନିକଟରେ ଗାଦୀ ଛାଡ଼ିବାକୁ ପ୍ରାର୍ଥନା କରିବାକୁ ପଡ଼ିବ। ସେ ଛାଡ଼ିଲେ ଆଉ କାହାକୁ ଗଦୀରେ ବସାଇବା। ଇଂରେଜଙ୍କୁ ବାହାରେ ଅଟକାଇବାକୁ ସେନା ପଠାଇବାକୁ ପଡ଼ିବ। ବୋପଣ୍ଣା ଓ ମୁଁ ଏହା ସ୍ଥିର କରିଛୁ। ସାହୁକାରମାନେ ଏହି ଅନୁସାରେ ଚାଲନ୍ତୁ।"

"ଠିକ୍ ଅଛି ପଣ୍ଡିତ ମହାଶୟ। ଆମେ ଭବିଷ୍ୟତରେ ବୋପଣ୍ଣାଙ୍କ ଆଜ୍ଞା ପାଳନ କରିବୁ ବୋଲି ଶେଟ୍ଟୀ ମହାଶୟ ନିବେଦନ କରିବାକୁ କହିଥିଲେ। ରାଜା ସିଧା କିଛି ଆଜ୍ଞା ଦେଲେ ମଧ୍ୟ ତାହା ଆପଣଙ୍କ ଅନୁମତି ବିନା ପାଳନ କରାଯିବ ନାହିଁ। ଆପଣ ଏଥିରେ ସହମତି ଦିଅନ୍ତୁ।"

"ଏ କଥା ଠିକ୍, କଣ କହୁଛ ବୋପଣ୍ଣା ?"

ବୋପଣ୍ଣା: "ଓହୋ ! ଏମିତି କଥା ?"

ଏହାପରେ ଉଭୟ ମନ୍ତ୍ରୀ ପାର୍ଷଣ୍ଣାକୁ "ଜୋରରେ ଲୋକଙ୍କ ମନରେ ଯେପରି ଭୟ ଉତ୍ପନ୍ନ ନ ହୁଏ ସେଥିପ୍ରତି ଧ୍ୟାନ ରଖିବ" ବୋଲି କହି ପଠାଇ ଦେଲେ।

ଯେଉଁ କଥା ଚାଲିଥିଲା ତାହା ଲକ୍ଷ୍ମୀନାରାୟଣ ପୁଣି ଆରମ୍ଭ କଲେ। "ଏ ସବୁ କଥା ରାଜାଙ୍କୁ ବସବୟା ଦ୍ୱାରା ସୂଚିତ କରିବାକୁ ହେବ କି ନାହିଁ।"

Digitized by srujanika@gmail.com

ମୁଁ ଯେ ତାଙ୍କୁ ସାକ୍ଷାତ କରିବି ନାହିଁ ଏ କଥା ଠିକ୍। ଏ ସବୁ କହିବା ପାଇଁ ଆପଣଙ୍କର ଯିବା ଠିକ୍ ହେବ ବୋଲି ମନେ ହେଉ ନାହିଁ। ଏହା ତାଙ୍କ ବ୍ୟକ୍ତିଗତ ମନ୍ତ୍ରୀ ହିଁ କହିଲେ ଭଲ ହେବ।''

''ସେ ରାଜି ହେଲେ ରାଜା କାହାକୁ କରାଯିବ? ଯଦି ନ ମାନନ୍ତି ତେବେ କଣ କରାଯିବ?''

''ଏ କଥା ସତ ଯେ ସେ ରାଜି ହେବେ ନାହିଁ।''

''ତେବେ କଣ କରାଯିବ।''

''ବଳପୂର୍ବକ ଗଦୀରୁ ହଟାଇଲେ ଉଭୟ ଆଡୁ ଅସୁବିଧା ହେବା ସଙ୍ଗେ ସଙ୍ଗେ ଦେଶର ହାନୀ ମଧ୍ୟ ହେବ। ସେଥିପାଇଁ ମୁଁ କହୁଛି ଯେ ବାହାର ସେନା କାହିଁକି ଦେଶକୁ ଆସିବେ? ସେ ଲଢ଼େଇରୁ ରକ୍ଷା ପାଇବା ପାଇଁ ଏ ଲଢ଼େଇ କଲେ ଦେଶର କଣ ଲାଭ ହେବ?''

''ହଁ ବୋପଣ୍ଣା ଆମର କେଉଁ ରାସ୍ତାରେ ଯିବା ଉଚିତ ତାହା ଆମକୁ ପୂର୍ବରୁ ନିଶ୍ଚିତ କରିବାକୁ ହେବ। ଅନିଶ୍ଚିତ ଅବସ୍ଥାରେ ରହିଲେ ବହୁତ ଅସୁବିଧା ହୋଇପାରେ। ଆମେ ସର୍ବଦା ଏକାଠି ରହି ପାରିବା ନାହିଁ। ପରସ୍ପରର ବିଚାରକୁ ନ ଜାଣି କିଛି କାମ କଲେ ଲାଭ ନାହିଁ।''

''ପ୍ରଥମେ ନିଜ କଥା ବସବକୁ କହିଲେ ସେ ରାଜାଙ୍କୁ କହିବ। ସେ କଣ କହୁଛନ୍ତି ଜଣା ପଡ଼ିଲେ ପରେ ଆମର ପଥ କଣ ଭାବିବା।''

''ଠିକ୍ ଅଛି ବୋପଣ୍ଣା। ମୁଁ ଆପଣଙ୍କ ପରି ଶୀଘ୍ର କିଛି ସିଦ୍ଧାନ୍ତରେ ପହଞ୍ଚିବା ଲୋକ ନୁହେଁ। ଏ କଥା ଯେପରି ମନେ ରଖ। ମୋତେ କଣ କରିବାକୁ ହେବ ତାହା ଆପଣଙ୍କୁ ଆଗରୁ କହିବାକୁ ପଡ଼ିବ।''

''ଖାଲି ଶୀଘ୍ରତା କଥା ନୁହେଁ। ଆପଣଙ୍କ ମନ ମଧ୍ୟ ନରମ। ରାଜାଙ୍କ ନାମରେ ଆପଣ ତରଳି ଯାଉଛନ୍ତି। ମୁଁ କିନ୍ତୁ ପଥର।''

''ପଥର ନୁହେଁ ବୋପଣ୍ଣା! ଆପଣ ନ୍ୟାୟପୂର୍ବକ ଚାଲନ୍ତି, କିନ୍ତୁ ଦୟା କରିବା ମୋର ଟିକିଏ ଅଭ୍ୟାସ। ସେଥିପାଇ କେବେ କେମିତି ନ୍ୟାୟକୁ ଭୁଲି ଯାଏ। ରାଜ୍ୟ ଚଳାଇବା ପାଇଁ ଆପଣଙ୍କ ପରି ନାୟକ ହେବା ଉଚିତ, ମୋ ପରି ନୁହେଁ।''

''ଆପଣ ମୋର ଗୁରୁଜନ। ମୋ ପିଠିରେ ଆପଣ ହାତ ରଖିଥାନ୍ତୁ। ମୁଁ ନିଜ ପାରୁ ପର୍ଯ୍ୟନ୍ତ ଠିକ୍ ରାସ୍ତାରେ ଚାଲିବି।''

''ମୋର ଆପଣଙ୍କ ଉପରେ ବିଶ୍ୱାସ ଅଛି। ମୁଁ କେବଳ ଏତିକି କହୁଛି ଯେ ଆପଣ ଯାହା କରିବେ ମୋତେ ଆଗରୁ କହିବେ।''

''ପରିସ୍ଥିତିକୁ ଦେଖି ଯାହା ସେ ସମୟରେ ଠିକ୍ ମନେ ହେବ କରିବି। ସେ ସମୟରେ ଆପଣ ପାଖରେ ଥିଲେ ନିଶ୍ଚୟ କହିବି। ନ ହେଲେ କହିବା ସମ୍ଭବ ହେବ ନାହିଁ। ତେବେ ଯାହା ଠିକ୍ ବୋଲି ମନେହେବ ତାହା କରିବି।''

''ଠିକ୍ ଅଛି ବୋପଣ୍ଣା। ଆପଣ ତ ଅବୁଝା ନୁହନ୍ତି। ଆପଣ ଜାଣିଛନ୍ତି ଯେ ମନ୍ତ୍ରୀର ପ୍ରତ୍ୟେକ କାର୍ଯ୍ୟର ପ୍ରଭାବ ହଜାର ଲୋକଙ୍କ ଉପରେ ପଡ଼େ। ଆପଣ ଦେଶର ସ୍ତମ୍ଭ ପରି। ଭଗବାନ ଆପଣଙ୍କୁ ଠିକ୍ ରାସ୍ତା ଦେଖାନ୍ତୁ।''

Digitized by srujanika@gmail.com

"ତା ମଧ୍ୟ ଠିକ୍ ପଣ୍ଡିତ ମହାଶୟ। ଆପଣ ଆଶୀର୍ବାଦ କରନ୍ତୁ ଓ ମା'ଙ୍କୁ ମଧ୍ୟ ଆଶୀର୍ବାଦ ଦେବାକୁ କହନ୍ତୁ। ମୁଁ ଆପଣଙ୍କ ପରି ଚବିଶ ଘଣ୍ଟା ଭଗବାନଙ୍କ ନାମ ଜପେ ନାହିଁ। କିନ୍ତୁ ମୁଁ ମଧ୍ୟ ଠିକ୍ ରାସ୍ତାରେ ଚାଲିବାକୁ ଚାହୁଁଛି। ଠିକ୍ ରାସ୍ତା ପାଇବାରେ ଆପଣଙ୍କ ସ୍ନେହ ସହାୟକ ହେଉ।"

ବୋପଣ୍ଣା ଘରକୁ ଯାଇ ବସବକୁ ଡକାଇ ପଠାଇଲେ। ବସବ ସଙ୍ଗେ ସଙ୍ଗେ ଆସିବାରୁ ସେ ତାକୁ ନିଜର ଅଭିପ୍ରାୟ ସମ୍ବନ୍ଧରେ ବୁଝାଇ କହିଲେ, "ଏ କଥା ଆପଣ ମହାରାଜଙ୍କୁ କହି ସେ କଣ କହୁଛନ୍ତି ତାହା ମୋତେ ଜଣାନ୍ତୁ।"

137

ବସବ କିଛି ନ କହି ତାଙ୍କ କଥା ମାନି ଯିବ ବୋଲି ବୋପଣ୍ଣାଙ୍କର ଆଶା ନ ଥିଲା। ସେ ତାଙ୍କର ସମସ୍ତ କଥା ଶୁଣି କେବଳ ଗୋଟିଏ କଥାରେ ଉତ୍ତର ଦେଇ ଯେ ଉଠିଗଲା, ତାହା ଦେଖି ବୋପଣ୍ଣାଙ୍କୁ ଆଶ୍ଚର୍ଯ୍ୟ ଲାଗିଲା। ସେ କିଛି କହିଥିଲେ ବୋପଣ୍ଣା ଯେ ତାହା ଚୁପ୍‌ଚାପ୍ ଶୁଣିଯାଇଥାନ୍ତେ ତା ନୁହେଁ। ସେ ବସବକୁ କେବଳ ରାଜାଙ୍କ ନିକଟରେ ତାଙ୍କ ପ୍ରାର୍ଥନା ପହଞ୍ଚାଇବା ସେବକ ହିସାବରେ ମାନିବାକୁ ପ୍ରସ୍ତୁତ ଥିଲେ। ବସବ ଯେ ଏ ସମ୍ବନ୍ଧରେ ତାଙ୍କ ସହ ଚର୍ଚ୍ଚା କରିବାକୁ ଉପଯୁକ୍ତ, ତାହା ସେ ମାନିବାକୁ ରାଜି ନ ଥିଲେ। ବୋପଣ୍ଣା ଭାବିଥିଲେ ବସବ ଯଦି କିଛି ପ୍ରତ୍ୟୁତ୍ତର ଦିଏ ତେବେ ତାକୁ କହିବାକୁ ପଡ଼ିବ ଯେ, "ତୁମେ ଏକଥା ମହାରାଜଙ୍କୁ କହିଦିଅ। ତାଙ୍କୁ ଖବର ଦେବା ତୁମର କାମ। ବେଶୀ କଥା କହିବାର ଆବଶ୍ୟକତା ନାହିଁ।" କିନ୍ତୁ ତାର ଆବଶ୍ୟକତା ଯେ ପଡ଼ିଲା ନାହିଁ ଏହା ତାଙ୍କ ପାଇଁ ଆଶ୍ଚର୍ଯ୍ୟର କଥା ଥିଲା।

ବସବର ବୋପଣ୍ଣାଙ୍କ କଥା ଶୁଣିବାର ଓ ତାର ଉତ୍ତର ଦେବାର ଢଙ୍ଗ ଦେଖି ଯେ କେହି ଆଶ୍ଚର୍ଯ୍ୟ ହୋଇଥାନ୍ତା।

ସିନ୍ଦୁରା ଫାଟିବା ପୂର୍ବରୁ ପିଲାର ଶବ ସତ୍କାର କରି ବସବ ବୈଠକଖାନାକୁ ଫେରିବା ବେଳକୁ ବୀରରାଜା 'ଲେଙ୍ଗଡ଼ା କୁଆଡ଼େ ଗଲା' କହି ପାଗଳ ପରି ଡାକି ଚାଲିଥିଲେ। ଭୃତ୍ୟମାନଙ୍କର ନିକଟକୁ ଯାଇ ପଚାରିବାକୁ ସାହସ ନ ହେବାରୁ ସେମାନେ ଆଖପାଖରେ ଠିଆ ହୋଇଥିଲେ। ରାଜା କହି ଚାଲିଥିଲେ, "ଯାକୁ ଏଠାକୁ କାହିଁକି ଆଣିଲ? ବାହାରେ ପକାଇ ଦିଅ।"

ବସବ ଯାଇ ରାଜାଙ୍କ ପାଖରେ ଛିଡ଼ା ହେବାରୁ ବୀରରାଜ ପଚାରିଲେ, "ଏ ଲେଙ୍ଗଡ଼ା, କୁଆଡ଼େ ଯାଇଥିଲୁ? ଏହାକୁ ଏଠିକି କାହିଁକି ଆଣିଲୁ?"

"କଣ ମାଲିକ?"

"ସେ କାନ୍ଥ ପାଖରେ ତାକୁ କିଏ ଓ କାହିଁକି ରଖିଲା?"

ବସବ ରାଜା କହୁଥିବା ସ୍ଥାନକୁ ଚାହିଁଲା। କାନ୍ଥ ପାଖରେ କିଛି ନ ଥିଲା। ହୁଏତ ରାଜା ଅର୍ଦ୍ଧନିଦ୍ରାରେ ଅଛନ୍ତି ନଚେତ ତାଙ୍କର ମତିଭ୍ରମ ହୋଇଛି। ଏ ସବୁ ବିଷୟରେ

Digitized by srujanika@gmail.com

ବସବର ସୂକ୍ଷ୍ମ ବୁଦ୍ଧି ଖୁବ୍ ଶୀଘ୍ର କାର୍ଯ୍ୟ କରୁଥିଲା। ସେ "ଉଠେଇ ଦେଇଛି, ମହାରାଜ" କହି ଉତ୍ତର ଦେଲା ଓ ରାଜାଙ୍କର ଏପରି ଦଶା ଯେପରି ଭୃତ୍ୟମାନେ ଜାଣି ନ ପାରନ୍ତି ସେଥିପାଇଁ ମହାରାଜା ରାଗିଛନ୍ତି, କହି ସେମାନଙ୍କୁ ବୈଠକର ବାହାର ପଟ ଦ୍ୱାର ନିକଟରେ ରହିବାକୁ କହିଲା। ନିଜେ ଫେରି ଆସି ରାଜାଙ୍କ ପାଖରେ ଛିଡ଼ା ହେଲା।

ରାଜା ପଚାରିଲେ, "ଭଉଣୀ ଆସିଲାଣି ? ତୋ ପାଖରେ କିଏ ଠିଆ ହୋଇଛି ?"

ଏହା ମଧ୍ୟ ମତିଭ୍ରମ ଯୋଗୁଁ ରାଜା କହୁଥିଲେ। ବସବ ରାଜାଙ୍କୁ କହିଲା, ଆସି ନାହାନ୍ତି। ଡକାଇ ପଠାଇବି ?"

"କାହିଁକି ଡାକିବୁ ? ଏଇଠି ଠିଆ ହୋଇ ମୁହଁ ଉପରେ କାନି ଧରି କାନ୍ଦୁଛି।"

ବସବ କାହାକୁ ସାନ୍ତ୍ୱନା ଦେଲା ପରି "କାନ୍ଦ ନାହିଁ ମା। ମହାରାଜାଙ୍କର ମନ ଦୁଃଖ ହେଉଛି। ଏଠିକି ଆସ" କହି ଯେପରି କାହାକୁ ଛାଡ଼ିବାକୁ ଦ୍ୱାର ପର୍ଯ୍ୟନ୍ତ ଗଲା। ପୁଣି ଜଣେ ସେବକକୁ ଡାକି ଆଜ୍ଞା ଦେଲା, "ମାଲିକଙ୍କ ଜ୍ୱର ବଢ଼ିଛି ବୋଲି ମା'ଙ୍କୁ ଯାଇ କୁହ। ଅଳ୍ପ ସମୟ ପାଇଁ ଏଠାକୁ ଯେପରି ଆସିବେ।"

ସେ ପୁଣି ପଲଙ୍କ ପାଖକୁ ଆସିବାରୁ ବୀରରାଜ କାନ୍ଥ ଆଡ଼କୁ ଚାହିଁ କହିଲେ, "ତୁ ତ ନେଇ ଯାଇଛୁ ବୋଲି କହିଲୁ। ସେ ତ ଏଇଠି ପଡ଼ି ରହିଛି।"

ରାଣୀ ଶୀଘ୍ର ପାଦ ପକାଇ ଭିତରକୁ ଆସି କାତର ସ୍ୱରରେ ପଚାରିଲେ, "କଣ ହେଲା ବସବୟା ?"

ବସବ: "ଟିକିଏ ଦେଖନ୍ତୁ ତ ମା !"

ରାଣୀ ପଲଙ୍କ ପାଖରେ ଠିଆ ହୋଇ ରାଜାଙ୍କୁ ଦେଖିବାକୁ ଲାଗିଲେ। ସେତିକିବେଳେ ବୀରରାଜ ଚିତ୍କାର କରି ଉଠିଲେ, "ଆରେ ଯାକୁ ଏଠି କାହିଁକି ଛାଡ଼ିଲୁ ? ଏ ଘରକୁ ସେ କାହିଁକି ଆସିଲା ?"

ରାଣୀ ତାଙ୍କ କଥାର ଆଗପଛ କିଛି ବୁଝିପାରିଲେ ନାହିଁ। ବସବ ତାଙ୍କୁ ଇଶାରାରେ 'ଟିକିଏ ଶୁଣନ୍ତୁ' କହି ରାଜାଙ୍କୁ କହିଲା, "ଅଜାଣତରେ ଆସିଯାଇଛନ୍ତି ମାଲିକ, ବର୍ତ୍ତମାନ ପଠାଇ ଦେଉଛି।

"ତା ବାପ ରଖିଥିବା ଧନ ତାର ନୁହେଁ, ରାଜଭବନର। ଯାହା ମିଳୁଛି ଖାଇ ଚୁପ୍‌ଚାପ୍ ପଡ଼ି ରହିବାକୁ କହ। ବନ୍ଦୀରୁ ବାହାରକୁ ଆସିଲେ ଗୁଳି ମାରି ଉଡ଼େଇ ଦେବି।"

"ହଉ ମାଲିକ।"

"ତାକୁ ଉଠାଇ ବାହାରେ ପକା ଓ ଏହାକୁ କାନ୍ଦିବାକୁ ମନାକର। ମୁହଁକୁ ଲୁଚେଇ ରଖିଛି ଯେମିତି କେହି ଜାଣି ନ ପାରନ୍ତି !"

Digitized by srujanika@gmail.com

ସେତେବେଳକୁ ରାଜାଙ୍କର କଣ୍ଠ ହୋଇଛି ବୁଝିପାରି ରାଣୀଙ୍କର ମୁହଁ ଶୁଖିଗଲାଣି ବର୍ତ୍ତମାନ କଣ ହେବ ଭାବି ବ୍ୟାକୁଳ ହେବାକୁ ଲାଗିଲେ।

କିଛି ସମୟ ବିଛଣା ପାଖରେ ଠିଆ ହେବା ପରେ ଦ୍ୱାର ପାଖକୁ ଆସି ଇଶାରାରେ ବସବକୁ ବାହାରକୁ ଡାକିଲେ। ସେ ବାହାର ବୈଠକ ଦ୍ୱାରରେ ଏପରି ଭାବରେ ଠିଆ ହେଲେ ଯେପରି ରାଜା ଡାକିବା ମାତ୍ରେ ତୁରନ୍ତ ଯାଇ ପାରିବା ସଙ୍ଗେ ସଙ୍ଗେ ରାଜାଙ୍କୁ ତାଙ୍କ କଥା ଶୁଣାଯିବ ନାହିଁ।

"ସବୁଦିନ ପରି ବୈଦ୍ୟ ମହାଶୟଙ୍କ ଆସିବାରେ ବିଳମ୍ବ ହେବ ବସବୟା। ତାଙ୍କୁ ବର୍ତ୍ତମାନ ଆସିବାକୁ ଖବର ପଠାଅ। ଆସି କିଛି ଔଷଧ ଦିଅନ୍ତୁ। ପ୍ରଳାପ ବନ୍ଦ ହୋଇଗଲେ ଠିକ୍ ହୋଇଯିବ।"

ବସବ: "ଆଚ୍ଛା ମା, ମୁଁ ଯାଉଛି। ଆପଣ ଟିକିଏ ଏଇଠି ରହନ୍ତୁ।"

ରାଣୀ: "ଠିକ୍ ଅଛି। ତୁମେ ଓ ମୁଁ ପାଳିକରି ଏଠାରେ ରହିବା। ବୈଦ୍ୟ ଆସନ୍ତୁ।"

"ଭୃତ୍ୟମାନେ ଯେପରି ଏକଥା ନ ଜାଣନ୍ତି, ସେଥିପାଇଁ ସେମାନଙ୍କୁ ଦୂରରେ ରଖିଛି, ମା।"

"ଭଲ କରିଛ, ଜ୍ୱରରେ ବେଶୀ ବିରକ୍ତ ହେଉଛନ୍ତି, ସମସ୍ତେ ଦୂରରେ ରହନ୍ତୁ।"

"ପୁଟପ୍ପାଜୀ ମଧ୍ୟ ଏଠାକୁ ଆସିବା ଠିକ୍ ହେବ ନାହିଁ, ଭୟ କରିବେ।"

"ଠିକ୍ ଅଛି। ବୈଦ୍ୟଙ୍କୁ ଟିକିଏ ଶୀଘ୍ର ଆସିବାକୁ କହିବ।"

ବସବ କହି ପଠାଇବାରୁ ବୈଦ୍ୟ ୧୦-୧୫ ମିନିଟ ଭିତରେ ଆସି ପହଞ୍ଚିଲା। ରାଣୀଙ୍କ କହିବା ଅନୁସାରେ ଗୋଟିଏ ବଟିକା ପାଣିରେ ଗୋଳି ରାଜାଙ୍କୁ ପିଆଇ ବାହାର କୋଠରୀରେ ଯାଇ ବସିଲା। ରାଣୀ ନିଜ କୋଠରୀକୁ ଗଲେ।

ବସବ ବୈଦ୍ୟଙ୍କୁ କହିଲା, "ଏ କଥା, ବାହାରକୁ ଗଲେ ମୁଣ୍ଡ କାଟି ଦିଆଯିବ।"

"ମୁଁ ରାଜମହଲର ପୁରୁଣା ସେବକ, ବସବୟା। ରାଜମହଲ ସେବକର ସର୍ବଦା ମୁଣ୍ଡ କାଟ ପାଇଁ ପ୍ରସ୍ତୁତ ରହିବାକୁ ପଡ଼େ ବୋଲି ମୁଁ ଜାଣିଛି।"

ବସବ ହସି ଉଠିଲା। ବୈଦ୍ୟ ଦ୍ୱାର ଦେଶରେ ବସିଥିଲା। ଏହା ଭିତରେ ଦୁଇ ତିନି ମିନିଟରେ ଯେଉଁ କାମ କରାଯାଇ ପାରିବ ତାହା କରିବା ପାଇଁ ସେ ଅଗଣାକୁ ଚାଲିଗଲା।

ବୈଦ୍ୟର ଔଷଧ ଯୋଗୁଁ ରାଜା ଟିକିଏ ଘୁମେଇ ପଡ଼ିଲେ। ପ୍ରାୟ ଚାରି ମିନିଟ ପରେ ତାଙ୍କ ନିଦ ଭାଙ୍ଗିଲା ବେଳକୁ ବୈଦ୍ୟ ପାଖରେ ଠିଆ ହୋଇଥିଲା। ତାଙ୍କର ସମ୍ପୂର୍ଣ୍ଣ ଭାବେ ଆଖି ଖୋଲିବା ପରେ ଆଉ ଗୋଟିଏ ବଟିକା ପାଣିରେ ଗୋଳି ପିଆଇ ଦେବାରୁ ରାଜା ପୁଣି ଶୋଇଗଲେ।

Digitized by srujanika@gmail.com

ଏଣେ ଏପରି ପରିସ୍ଥିତି ଥିବାବେଳେ ତେଣେ ବୋପଣ୍ଣା ବସବୟାକୁ ଡକାଇ ପଠାଇଲେ। ସେତେବେଳେ ରାଜମହଲରେ ସମସ୍ତେ ଜାଣିଲେ ଯେ ଶିଶୁର ମୃତ୍ୟୁ ସମାଚାର ସାରା ସହରରେ ବ୍ୟାପୀ ଯାଇଥିବାରୁ ଲୋକେ ବିଭିନ୍ନ ପ୍ରକାରର ଟୀକା-ଟିପ୍ପଣୀ କରୁଛନ୍ତି। ଏହା ପୂର୍ବରୁ ବୋପଣ୍ଣା କେବେ ବସବୟାକୁ ଡକାଇ ନ ଥିଲେ। ତେଣୁ ବସବୟା ସ୍ପଷ୍ଟ ରୂପେ ଜାଣି ପାରିଲା ଯେ ଏ ଡକରା ପଛରେ କିଛି ବଡ଼ କାରଣ ଅଛି।

ରାଜା ଭଲ ଥିଲେ ବସବ ତାଙ୍କର ଆଜ୍ଞା ନେଇଥାଆନ୍ତା। କିନ୍ତୁ ବର୍ତ୍ତମାନ ସେଥିପାଇଁ ସମୟ ନ ଥିଲା। ସେ ରାଣୀଙ୍କୁ ପଚାରି ପଠାଇଲା "ମୁଁ କଣ ଯାଇ ଅଳ୍ପ ସମୟ ପାଇଁ ଦେଖା କରି ଆସିବି ?" ରାଣୀ ରାଜାଙ୍କ ବୈଠକକୁ ଆସି ବୋପଣ୍ଣା ଓ ବସବ କହିଥିବା କଥା ଶୁଣି କହିଲେ, "ହଁ କିଛି ଦରକାରୀ କଥା ଥିବ। ଯାଇ ଦେଖା କରି ଆସ।"

"ମୁଁ ତାଙ୍କ କଥା ଶୁଣି ସେଥିରେ 'ହଁ' ଭରି ଚାଲି ଆସିବି, ମା'। ମାଲିକଙ୍କ ମତିଭ୍ରମ ହେବା କଥା କେହି ନ ଜାଣିବା ଉଚିତ।"

"ଠିକ୍ ଅଛି ବସବୟା, ଯାହା କରିବା କଥା ମହାରାଜଙ୍କୁ ପଚାରି ତ କରିବା କଥା। ସେଥିପାଇଁ ସେ ଯାହା କହିବେ ଶୁଣି ଚୁପ୍‌ଚାପ୍ ଚାଲିଆସ।"

ରାଜମହଲରେ ଏପରି ପରିସ୍ଥିତି ଉପୁଜିଥିବା ଯୋଗୁଁ ବସବୟା ବୋପଣ୍ଣାଙ୍କ ସମସ୍ତ କଥା ଶୁଣି କିଛି ଉତ୍ତର ନ ଦେଇ ଫେରି ଆସିଲା।

139

ବୋପଣ୍ଣାଙ୍କ କଥା ବସବ ଗୌରମ୍ମାଙ୍କୁ କହିବାରୁ ସେ ରାଜମହଲ ଉପରେ ପଡ଼ିଥିବା ବିପତ୍ତି କଥା ଭାବି ଅତ୍ୟନ୍ତ ଦୁଃଖିତ ହେଲେ।

ଜଣେ ମନ୍ତ୍ରୀ ରାଜାଙ୍କୁ ଏପରି ଭାବେ ଖବର ପଠାଇବାର ସ୍ଥିତି ଆସିଯାଇଛି। ଏ କଥା ଠିକ୍ ଯେ ଦଶମାସ ପୂର୍ବେ ମନ୍ତ୍ରୀମାନେ ଏପରି ପ୍ରସଙ୍ଗ ଉଠାଇଥିଲେ। କିନ୍ତୁ ସେତେବେଳେ ସେମାନେ ଏ କଥା ମର୍ଯ୍ୟାଦାପୂର୍ଣ୍ଣ ଭାବରେ ବସବଙ୍କୁ ତାର ବିବରଣ ଦେଇଥିଲେ। କୌଣସି ସିଦ୍ଧାନ୍ତରେ ପହଞ୍ଚିବା ପରେ ମହାରାଜଙ୍କୁ ସୂଚିତ କରିବାକୁ ବିଚାର କରିଥିଲେ। କିନ୍ତୁ ବର୍ତ୍ତମାନ କୌଣସି କଥାକୁ ଖାତିର କଲେ ନାହିଁ। କେବଳ ସେତିକି ନୁହେଁ ଏଥିରେ ମହାରାଜଙ୍କ ମନକୁ ଆଘାତ ପହଞ୍ଚାଇଲା ପରି କଟୁ ଭାବନା ଅଛି। ଏହା ସିଧା 'ଗଦୀରୁ ଓହ୍ଲାଇଯାଅ' କହିବା ପରି ହେଲା। ତା ମଧ୍ୟ ରାଜାଙ୍କ ଭୃତ୍ୟ ଦ୍ୱାରା କୁହାଯାଉଛି।

ବୋପଣ୍ଣା କ୍ରୋଧୀ ସ୍ୱଭାବର ହେଲେ ମଧ୍ୟ ନିଜ ମର୍ଯ୍ୟାଦା ଛାଡୁ ନଥିଲେ ତ ଲକ୍ଷ୍ମୀନାରାୟଣ ମଧ୍ୟ ତାଙ୍କୁ ବେଳେବେଳେ ଶାନ୍ତ କରି ଦେଉଥିଲେ। ଆଜି ତାଙ୍କର ବ୍ୟବହାର ଏପରି ହେଲେ ମଧ୍ୟ ଲକ୍ଷ୍ମୀନାରାୟଣ ବାଧା ଦେଲେ ନାହିଁ। ଏ ମନ୍ତ୍ରୀମାନେ ଭାବିଲେ ନାହିଁ ଯେ ମୋ ମନର ଅବସ୍ଥା କଣ ହେବ। ରାଜାଙ୍କ ଉପରକୁ ଆସିଥିବା ସଙ୍କଟରେ ସେ ମଧ୍ୟ ଜଣେ ଭାଗୀଦାର ବୋଲି ଗୌରମ୍ମାଙ୍କର ମନେ ହେଲା।

Digitized by srujanika@gmail.com

ଏ ବିଷୟରେ ବସବ ସହିତ ଚର୍ଚ୍ଚା କରିବାର ନୁହେଁ। ରାଜା ସୁସ୍ଥ ଥିଲେ ତାଙ୍କର ଏଥିରେ ମୁଣ୍ଡ ଖେଳେଇବାର ଆବଶ୍ୟକ ନ ଥିଲା। କିନ୍ତୁ ମହାରାଜ ଏ କଥା ଶୁଣି ଉତ୍ତର ଦେବାର ଅବସ୍ଥା ହେବା ପର୍ଯ୍ୟନ୍ତ ତାଙ୍କୁ ହିଁ ସବୁ ସମ୍ଭାଳିବାକୁ ହେବ। ଏ ବିଷୟରେ କଣ କରାଯିବା ଉଚିତ? ସାମାନ୍ୟ ବିଚାର କଲେ ବସବ ଛଡ଼ା ଆଉ କେହି ଦିଶୁ ନାହାନ୍ତି। ରାଜା ନିଜ ବ୍ୟବହାର ଯୋଗୁଁ ନିଜକୁ କେତେ ଏକାକୀ କରି ନେଇଛନ୍ତି ଓ ସେହି କାରଣ ଯୋଗୁ ତାଙ୍କ ପତ୍ନୀ ଓ କନ୍ୟା କେତେ ଅସହାୟ ହୋଇ ପଡ଼ିଛନ୍ତି। ତେଣୁ ସେ ନିଜ ପତିଙ୍କ ପାଇଁ, ତା ଠାରୁ ଅଧିକ ନିଜ ପାଇଁ ଓ ନିଜ ଠାରୁ ଅଧିକ କନ୍ୟା ପାଇଁ ଦୁଃଖ ଅନୁଭବ କଲେ। କିଛି ସମୟ ଭାବିବା ପରେ ସେ ପଚାରିଲେ, "ସେ କଣ ଏହା ଜନତାର ଇଚ୍ଛା ବୋଲି କହିଲେ?"

"ହଁ ମା, ସେ କହିଲେ ଯେ ଶିଶୁର ହତ୍ୟା ଯୋଗୁଁ ଲୋକଙ୍କ ମନରେ କ୍ରୋଧ ଉପୁଜିଛି। ଗୋରାମାନେ ସେନା ନେଇ ଆସୁଛନ୍ତି। ସେମାନଙ୍କୁ ବାଧା ଦେବାକୁ ଜନତାର ସାହାଯ୍ୟ ଆବଶ୍ୟକ। ମହାରାଜ ଗଦୀ ଉପରେ ରହିଲେ ଜନତାର ସହାୟତା ମିଳିବ ନାହିଁ। ସେଥିପାଇଁ ରାଜାଙ୍କର ଗଦୀରୁ ଓହ୍ଲାଇଯିବା ଉଚିତ।"

ରାଣୀ ପୁଣି ଭାବିଲେ। ରାଜା ଗାଦୀ ଛାଡ଼ିଲେ କିଏ ବସିବ। ଗତଥର ସେ ରାଣୀଙ୍କୁ ଶାସନଭାର ନିଜ ହାତକୁ ନେବାକୁ କହିଥିଲେ। ସେତେବେଳେ ରାଣୀଙ୍କର ସେପରି ଇଚ୍ଛା ନ ଥିଲା, ବର୍ତ୍ତମାନ ମଧ୍ୟ ନାହିଁ। ସେ ଅସ୍ୱୀକାର କଲେ ତାଙ୍କ କନ୍ୟାକୁ ଗଦୀ ମିଳିବା ଉଚିତ। ସେଥିରେ କଣ ମନ୍ତ୍ରୀମାନେ ରାଜି ହେବେ?

ଏହା କିପରି ଜଣାଯିବ? ତା ବ୍ୟତୀତ ରାଜାଙ୍କର ମତିଭ୍ରମ ହୋଇଛି। ତାହା ଦିନେ ଦୁଇଦିନ ମଧ୍ୟରେ ଭଲ ହୋଇଯାଇପାରେ। ତା ପୂର୍ବରୁ ଏ ସବୁ କଥା ଉଠାଇବା ଠିକ୍ ନୁହେଁ। ରାଜାଙ୍କ ଅବସ୍ଥା ମଧ୍ୟ କେହି ଜାଣିବା ଉଚିତ ନୁହେଁ। ପୁଣି ଦୁଇ ମିନିଟ ଚିନ୍ତା କରି ରାଣୀ ବସବଙ୍କୁ କହିଲେ, "ବସବୟା ତୁମେ ନିଜ ମାଲିକଙ୍କୁ ଭଗବାନଙ୍କ ପରି ମାନ। ତାଙ୍କ ବୁଦ୍ଧି ବର୍ତ୍ତମାନ ସ୍ଥିର ନ ଥିବାରୁ ସେ ଏ ସବୁ ବିଷୟ ବୁଝି ପାରିବେ ନାହିଁ। ତାଙ୍କ ଅବସ୍ଥା ବିଷୟ ବାହାରେ କେହି ଜାଣିବା ଠିକ୍ ହେବ ନାହିଁ। ଆମର ସେମାନଙ୍କୁ ଦିନେ ଦୁଇଦିନ ଅପେକ୍ଷା କରିବାକୁ କହିବା ଉଚିତ ହେବ। ଏମିତି କରିବ କି ନାହିଁ ଭାବି କୁହ।"

"ମହାରାଜଙ୍କ ଏମିତି ଅବସ୍ଥା ବୋଲି କହିବାର ଆବଶ୍ୟକତା ନାହିଁ। କେବଳ ଏତିକି କହିଲେ ହେବ ଯେ ତାଙ୍କର ସ୍ୱାସ୍ଥ୍ୟ ଭଲ ନାହିଁ, କାଲି କହିବେ।"

"ରାଜାଙ୍କ ଅବସ୍ଥା ବିଷୟରେ ସେମାନେ ଯେପରି ନ ଜାଣନ୍ତି ସେଥିପ୍ରତି ଧ୍ୟାନ ରଖିବ।"

"ମୁଁ ଗୋଟାଏ କଥା ଭାବୁଛି। ଏହି ଘଟଣା ଯୋଗୁଁ ମହାରାଜଙ୍କର ମତିଭ୍ରମ ହେଉଛି। କାନ୍ଥ ଆଡ଼କୁ ଦେଖାଉଛନ୍ତି, କାନ୍ଦୁଥିବା ସ୍ତ୍ରୀ କଥା କହୁଛନ୍ତି। ସେଥିପାଇଁ କିଛି ଦିନ ପାଇଁ ସ୍ଥାନ ପରିବର୍ତ୍ତନ କଲେ କେମିତି ହୁଅନ୍ତା?"

"କେଉଁଠିକି ନେଇଯିବାକୁ କହୁଛ?"

ବାଲ୍ୟକାଳ ଯେଉଁଠାରେ ବିତାଇଥିଲେ, ସେ ସ୍ଥାନ ନାଲକୁନାଡ଼ ତାଙ୍କର ବହୁତ ପ୍ରିୟ। ସେଠାକୁ ନେଇଗଲେ କେମିତି ହେବ?"

Digitized by srujanika@gmail.com

ରାଣୀଙ୍କ ମନକୁ ଏ କଥା ପାଇଲା। "ମହାରାଜଙ୍କ ସ୍ୱାସ୍ଥ୍ୟ ଭଲ ନ ଥିବାରୁ ସ୍ଥାନ ପରିବର୍ତ୍ତନ କରିବାକୁ ନାଲକୁନାଡ଼ ମହଲକୁ ଯାଉଛନ୍ତି। ଦୁଇ ତିନି ଦିନ ପରେ ଆପଣମାନଙ୍କ କଥାର ଉତ୍ତର ଦେବେ ବୋଲି କହିଲେ ବୋପଣ୍ଣାଙ୍କୁ ଅପେକ୍ଷା କରିବାକୁ ପଡ଼ିବ। ରାଜା ମଧ୍ୟ ସ୍ଥାନ ପରିବର୍ତ୍ତନ ଯୋଗୁଁ ଏ ଅପ୍ରିୟ ଘଟଣା ଭୁଲିଯିବେ।" ରାଣୀ ଏହିପରି ମନେ ମନେ ଭାବି ବସବକୁ କହିଲେ, "ତମେ ଭଲ କଥା ଭାବିଛ ବସବୟା। ମୁଁ ମଧ୍ୟ ସାଙ୍ଗରେ ଯିବି। ବିଶ୍ୱସ୍ତ ଲୋକଙ୍କୁ କହି ଏ କାମ ଜଲ୍‌ଦି ହେବା ଉଚିତ। ଆମେ ଚାଲିଯିବା ପରେ ତୁମେ ଯାଇ ମନ୍ତ୍ରୀମାନଙ୍କୁ ଏକଥା କହି ଦେଇ ପାର।"

"ମା, ମୋ ମତରେ ଆପଣଙ୍କର ସେଠାକୁ ଯିବା ଠିକ୍ ହେବ ନାହିଁ।"

"ତେବେ କଣ ତୁମେ ଯିବ ?"

"ଏମାନଙ୍କ କଥାର ଉତ୍ତର ଦେବା ପାଇଁ ମୋତେ ଏହିଠାରେ ରହିବାକୁ ହେବ ମା।"

"ତେବେ ସେଠାରେ କଣ ହେବ ?"

"ଆପଣ ଅନୁମତି ଦେଲେ ଦୋଡବ୍ବାକୁ ସାଙ୍ଗରେ ପଠାଇ ଦେବି। ସେ ଏକୁଟିଆ ଦଶଜଣଙ୍କ ସାଙ୍ଗେ ସମାନ।"

ଦଶବର୍ଷ ପୂର୍ବରୁ ଏ କଥା କହିଥିଲେ ରାଣୀଙ୍କର ପସନ୍ଦ ହୋଇ ନ ଥାନ୍ତା। ତାଙ୍କର ଅସହନୀୟ କଷ୍ଟ ଓ ରାଜାଙ୍କ ବିଳାସୀ ଜୀବନର ପ୍ରତୀକ ଥିଲା ଦୋଡବ୍ବା। କିନ୍ତୁ କିଛି ବର୍ଷ ପୂର୍ବରୁ କୌଣସି ବିଷୟରେ ଖରାପ ଭାବିବା ଅଭ୍ୟାସ ଗୌରମ୍ମା ଛାଡ଼ି ଦେଇଥିଲେ। ନିଜ ବଡ଼ପଣରୁ ଯେଉଁ ଗୌରବ ମିଳୁଥିଲା, ତାହା ହିଁ ଥିଲା ତାଙ୍କର ସମ୍ପତ୍ତି। ରାଜାଙ୍କ ନିତ୍ୟ ନୂତନ ପ୍ରେମ-ଲୀଳାରୁ ତାଙ୍କୁ ପ୍ରତିଷ୍ଠା ମିଳି ନ ଥାନ୍ତା।

କ୍ଷଣକ ପାଇଁ ଚିନ୍ତା କରି ସେ କହିଲେ, "ଆଚ୍ଛା ବସବୟା, ଦୋଡବ୍ବା ଯାଉ, ବୈଦ୍ୟ ମଧ୍ୟ ସାଙ୍ଗରେ ଯାଆନ୍ତୁ, ସକାଳ-ସନ୍ଧ୍ୟାରେ ସେମାନେ ଯେପରି ଖବର ପଠାନ୍ତି। ଆବଶ୍ୟକ ପଡ଼ିଲେ ମୁଁ ମଧ୍ୟ ଯିବି।"

ରାଜା ସେତେବେଳେ କୌଣସି ବିଷୟ ବୁଝିବା ଅବସ୍ଥାରେ ନ ଥିଲେ। ବସବ ସମସ୍ତ ବ୍ୟବସ୍ଥା କରିଦେଲା। ଏହାର ଦୁଇଘଣ୍ଟା ମଧ୍ୟରେ ରାଜାଙ୍କୁ ପାଲିଙ୍କିରେ ବସାଇ ପଛରେ ଦୋଡବ୍ବା ଓ ବୈଦ୍ୟ ଯିବାର ବ୍ୟବସ୍ଥା ହେଲା। ସେ ଚାରିଜଣ ବିଶ୍ୱସ୍ତ ବ୍ୟକ୍ତିଙ୍କ ସହ ରାଜାଙ୍କୁ ନାଲକୁନାଡ଼ ମହଲକୁ ପଠାଇ କିଛି ସମୟ ପରେ ବୋପଣ୍ଣାଙ୍କ ନିକଟକୁ ଗଲା। "ଆପଣଙ୍କ କଥା କହିବାରୁ ରାଣୀମା 'ରାଜାଙ୍କ ସ୍ୱାସ୍ଥ୍ୟ ଠିକ୍ ନାହିଁ, ଟିକିଏ ଅପେକ୍ଷା କର' କହି ମୋତେ ଅଟକାଇଲେ। ବୈଦ୍ୟ ସ୍ଥାନ ପରିବର୍ତ୍ତନ କରିବାକୁ କହିବାରୁ ମହାରାଜ ନାଲକୁନାଡ଼ ମହଲକୁ ଯାଉଛନ୍ତି। ଦିନେ ଦୁଇଦିନ ପରେ ମୁଁ ଯାଇ ତାଙ୍କ ଆଜ୍ଞା ଆପଣଙ୍କ ନିକଟରେ ପହଞ୍ଚାଇ ଦେବି ଭାଇ।"

ରାଜମହଲରୁ ଗୋଟିଏ ପାଲିଙ୍କି, ଦୁଇଟା ଟୋଲି, ଚାରିଜଣ ଭୃତ୍ୟ ତଥା ପ୍ରାୟ ଦଶଜଣ ଘୋଡ଼ାସବାର ପହରାଦାର ଯିବା ଖବର ବୋପଣ୍ଣାଙ୍କ ନିକଟରେ ପହଞ୍ଚି ସାରିଥିଲା। କିନ୍ତୁ ତାହା ରାଜାଙ୍କର ଦଳ ଥିଲା ବୋଲି ସେ ଜାଣି ପାରି ନ ଥିଲେ। ବର୍ତ୍ତମାନ ବସବ କଥାରୁ ଜାଣିଲେ।

Digitized by srujanika@gmail.com

ରାଣୀଙ୍କ ପାଇଁ ରାଜାଙ୍କ ମତିଭ୍ରମ ପରିଚର୍ଯ୍ୟା କରିବା ପ୍ରଥମ କାର୍ଯ୍ୟ ଥିଲା। ତାପରେ ତାଙ୍କୁ ବୋପଣ୍ଡା ପଠାଇଥିବା ଖବର ଆଡ଼କୁ ଧ୍ୟାନ ଦେବାକୁ ପଡ଼ିଲା। ସେଥିପାଇଁ ରାଜାଙ୍କୁ ନାଲକୁନାଡ଼ ପଠାଇବାର ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ରାଣୀ ଆଉ କୌଣସି ଦିଗକୁ ଧ୍ୟାନ ଦେବା ପରିସ୍ଥିତିରେ ନ ଥିଲେ। ରାଜାଙ୍କୁ ପଠାଇ ସାରିବା ପରେ ସେ ନିଜ କନ୍ୟା ପ୍ରତି ଧ୍ୟାନ ଦେବାକୁ ସକ୍ଷମ ହେଲେ।

ରାତିରେ ଦୋଳୀରେ ମୃତ ଶିଶୁକୁ ଦେଖି ମୂର୍ଚ୍ଛିତ ହୋଇଥିବା ରାଜକୁମାରୀ କିଛି ସମୟ ପରେ ଚେତା ଫେରି ପାଇ 'କୁନା ଚାଲିଗଲା' କହି କାନ୍ଦିବାକୁ ଲାଗିଲେ। ଶିଶୁର ଶବସତ୍କାର ପାଇଁ ପଠାଇବା ସମୟରେ ତାଙ୍କୁ ସାନ୍ତ୍ୱନା ଦେବା ଖୁବ୍ କଠିନ ହୋଇ ପଡ଼ିଥିଲା। ଶବକୁ ନେଇଯିବା ପରେ ତାଙ୍କର କୋଠରୀ ମଧ୍ୟରେ ରହିବା ଅସହ୍ୟ ମନେ ହେବାରୁ ସେ ବାହାରକୁ ଚାଲି ଆସିଲେ। ରାଣୀ ତାଙ୍କୁ ବୈଠକରେ ନିଜ ପାଖରେ ବସାଇ ସାନ୍ତ୍ୱନା ଦେଇ କହିଲେ, "କଣ କରାଯିବ ? ଏପରି କେବେ କେବେ ହୁଏ। ଏହା ସହିବାକୁ ପଡ଼େ; ଝିଅ।"

ରାଜକୁମାରୀ ମାତାଙ୍କ ଛାତିରେ ମୁଣ୍ଡ ରଖି ମନଭରି କାନ୍ଦିବା ପରେ ଚୁପ୍ ହୋଇଗଲେ କିଛିକ୍ଷଣ ପରେ ସେ କହିଲେ, "ଦେଖ ମା, କୁନାକୁ ପଠାଇଦେବାକୁ କହିବାରୁ ପିତା କ୍ରୋଧରେ ଏପରି କଲେ। ମୁଁ ଚୁପ୍ ରହିଥିଲେ କୁନା ବଞ୍ଚି ଯାଇଥାଆନ୍ତା।"

କନ୍ୟାକୁ ସାନ୍ତ୍ୱନା ଦେବା ଅପେକ୍ଷା କାଳେ ସେ ନିଜେ ବା ରାଜକୁମାରୀ ହତ୍ୟାର ଦୋଷ ରାଜାଙ୍କ ଉପରେ ଲଗାଇବେ ବୋଲି ରାଣୀ ଅଧିକ ଚିନ୍ତିତ ହେଲେ। ଯାହା ହେବାର ଥିଲା ହୋଇଗଲା। ଲୋକେ ଏ ବିଷୟରେ ଅନେକ ପ୍ରକାର କଥା କହିବେ। ସେମାନଙ୍କୁ ବାଧା ଦେବା କଷ୍ଟକର। କିନ୍ତୁ ଶିଶୁର ପ୍ରାଣ ରାଜାଙ୍କ ହାତରେ ଗଲା ବୋଲି ତାଙ୍କର ବା ରାଜକୁମାରୀଙ୍କ ମୁହଁରୁ ବାହାରିବା ଉଚିତ ନୁହେଁ। ସେ ନିଜ କନ୍ୟାକୁ କହିଲେ, "ପୁଚସା, ମୁନା ତ ଗଲା, କିନ୍ତୁ କାହା ହାତରେ ଗଲା ସେ କଥା ତୋର ବା ମୋର ମୁହଁରୁ ବାହାରିବା ଉଚିତ ନୁହେଁ।"

ସେତିକିବେଳେ ଦାସୀ ଆସି "ବସବୟା ଆପଣଙ୍କୁ ସାକ୍ଷାତ କରିବାକୁ ଚାହୁଁଛନ୍ତି, ମା" ବୋଲି କହିବାରୁ ରାଣୀ "ଆସିବାକୁ କହ" ବୋଲି କହିଲେ। ବସବ ସେଠାକୁ ଆସି ହାତଯୋଡ଼ି ଠିଆ ହୋଇ କହିଲା, "ରାଜାଙ୍କୁ ଦେଖିବା ପାଇଁ ଭଗବତୀକୁ ପଠାଇବାକୁ ଦୋଡବ୍ବା ଗଲାବେଳେ କହିଯାଇଛି। ଭଗବତୀକୁ କଣ ଡକାଇ ପଠାଇବା ମା ?"

"ସେ କଣ ମନ୍ତ୍ର ତନ୍ତ୍ର କରିବ ?"

"ମନ୍ତ୍ର ଜାଣିବା ସଙ୍ଗେ ସଙ୍ଗେ ବୈଦ୍ୟ ମଧ୍ୟ ନ ଜାଣିଥିବା ଅନେକ କଥା ତାକୁ ଜଣା। ଅମାବାସ୍ୟାର ଅନ୍ଧକାର ଓ ପୂର୍ଣ୍ଣିମାର ଚାନ୍ଦିନୀରେ ସେ ଭୂତ ପରି ବୁଲି ଜଡ଼ୀ-ବୁଟୀ ସଂଗ୍ରହ କରେ। ଘରେ ବସି କାମ କରୁଥିବା ବୈଦ୍ୟ ଏ ସବୁ କେମିତି ଜାଣିବ ?"

Digitized by srujanika@gmail.com

"ସତ କଥା, ବସବୟା, ଡକାଇ ପଠାଅ। ମହାରାଜଙ୍କୁ ଦେଖିବା ପାଇଁ ତାଙ୍କୁ ଅନୁରୋଧ କରିବି।"

"ମୁଁ ଯାଇ ଡାକି ଆଣିଲେ କେମିତି ହେବ ମା ?"

"ଭଲ କଥା, ସେଇଆ କର।"

ବସବ ଆଉ ଡେରି ନ କରି ତୁରନ୍ତ ଘୋଡ଼ାରେ ଚଢ଼ି ଆଶ୍ରମକୁ ଯାଇ ଭଗବତୀଙ୍କୁ କହିଲା, "ରାଣୀ ମା ଖବର ପଠାଇଛନ୍ତି ଯେ ରାଜାଙ୍କର ଦେହ ଭଲ ନାହିଁ। ସେ ସ୍ଥାନ ପରିବର୍ତ୍ତନ ପାଇଁ ନାଲକ୍ନାଡ଼ ଯାଇଛନ୍ତି। ଆପଣ ସେଠାକୁ ଯାଇ ତାଙ୍କୁ ଦେଖି ମନ୍ତ୍ର ବା ଔଷଧ ଯାହା ଉଚିତ ଭାବୁଛନ୍ତି ତାହା ପ୍ରୟୋଗ କରନ୍ତୁ।"

ଭଗବତୀ ରାଜାଙ୍କର କଣ ହୋଇଛି ବୋଲି ପଚାରିବାରୁ ବସବ କେବଳ 'ସେ ଅସୁସ୍ଥ ଅଛନ୍ତି' ବୋଲି କହିଲା। କିନ୍ତୁ ସେ ରାଜା ଶିଶୁହତ୍ୟା କରିଛନ୍ତି ବା ତାଙ୍କର ମତିଭ୍ରମ ହୋଇଛି ବୋଲି କହିଲା ନାହିଁ। "ଆପଣ ନାଲକ୍ନାଡ଼ ମହଲରେ ପହଞ୍ଚି ସବୁ ଜାଣି ପାରିବେ" କହିଲା ବସବ।

"ତୁମେ କିଛି ଲୁଚାଉଛ। ରାଜାଙ୍କୁ ଦେଖିବାକୁ କହିବା ପାଇଁ ଭୃତ୍ୟ ନ ପଠାଇ ତୁମେ ନିଜେ ଆସିଛ। କଥା କଣ କୁହ।"

"ଦେଖିଲେ ଜାଣି ପାରିବେ। ମୁଁ ଆଉ ଅଧିକ କଣ କହିବି ?"

"ତୁମେ କାହାକୁ ରକ୍ଷା କରୁଛ ଜାଣ ? ବୀରରାଜ ତୁମ ମାଲିକ ନୁହେଁ, ଶତ୍ରୁ, ତାଙ୍କ ପାଇଁ ଏତେ ବ୍ୟାକୁଳ କାହିଁକି ହେଉଛ ?"

"ସେମିତି କୁହନ୍ତୁ ନାହିଁ ମା। ଆପଣ ସେଦିନ ମଧ୍ୟ ଏହା କହିବାରୁ ମୁଁ ସେତେବେଳେ ଆପଣଙ୍କୁ ମନା କରିଥିଲି। ମୋତେ ଅନ୍ନ ଦେଇ ପାଳିଥିବା ମାଲିକ ମୋ ଶତ୍ରୁ କେମିତି ହୋଇ ପାରନ୍ତି ? ଆପଣଙ୍କ କଥାର ମୁଁ ବିରୋଧ କରି ପାରିବି ନାହିଁ। କୃପାକରି ନାଲକ୍ନାଡ଼ ଯାଇ ତାଙ୍କୁ ରକ୍ଷା କରନ୍ତୁ।"

ଭଗବତୀ: "ଠିକ୍ ଅଛି, ଦେଖିବା।"

ବସବ: "ଘୋଡ଼ା ପ୍ରସ୍ତୁତ କରିବି ?"

ଭଗବତୀ: "ନାଁ, ମୁଁ ଚାଲି କରି ଯିବି।"

ବସବ ମଡ଼କେରୀ ଫେରିଲା। ଘୋଡ଼ାରେ ଚଢ଼ି ମଡ଼କେରୀ ସୀମାରେ ପହଞ୍ଚିଲା ବେଳକୁ ଭଗବତୀଙ୍କୁ ସେ ବ୍ରାହ୍ମଣ ସାହୀର ଦଳେଇରେ ଦେଖି ପାରିଲା। ସେତେବେଳେ ତାର ମନେ ହେଲା ଯେପରି ଭଗବତୀ ମନ୍ତ୍ରଶକ୍ତିରେ ସେଠାରେ ପହଞ୍ଚିଯାଇଛି। ପୁଣି ଭାବିଲା, ମୁଁ ଯେତେବେଳେ ପାହାଡ଼ ତଳ ଲମ୍ବା ରାସ୍ତାରେ ଆସିଲି, ସେତେବେଳେ ସେ ହୁଏତ ଉଚ୍ଚନୀଚ ହୋଇଥିବା ସିଧା ରାସ୍ତାରେ ଚାଲି ଆସିଛି, ତଥାପି ଏ ବୟସରେ ତାଙ୍କ ଶରୀରର ଫୁର୍ତ୍ତି ଦେଖି ବସବ ଆଶ୍ଚର୍ଯ୍ୟ ହେଲା। ମହଲରେ ପହଞ୍ଚି ସେ ରାଣୀଙ୍କୁ କହିଲା, "ଭଗବତୀଙ୍କ ନିକଟରେ ଆପଣଙ୍କ ଆଜ୍ଞା ପହଞ୍ଚାଇ ଦେଇଛି। ସେ ଯିବେ ବୋଲି କହିଲେ। ବର୍ତ୍ତମାନ ଏଇଠି ମନ୍ଦିର ପାଖରେ ତାଙ୍କୁ ଦେଖିଲି।"

Digitized by srujanika@gmail.com

141

ବସବ ସେଠାରୁ ଆସିବା ପରେ ଭଗବତୀ ମଧ୍ୟ ମଡକେରୀ ଆଡ଼କୁ ଆସିଲା। ବସବ ଯେତେବେଳେ ମହଲରେ ପହଞ୍ଚି ରାଣୀଙ୍କୁ ସବୁ କହୁଥିଲା। ଭଗବତୀ ମଧ୍ୟ ସେତେବେଳେ ଓଁକାରେଶ୍ୱର ମନ୍ଦିରରେ ନିଜ ବଡ଼ବାପାଙ୍କୁ ସାକ୍ଷାତ କରି ବସବ ଆସିବା କଥା ଓ ରାଜାଙ୍କୁ ଦେଖିବାକୁ ରାଣୀଙ୍କର ଖବର ପଠାଇବା କଥା ତାଙ୍କୁ କହି ପଚାରିଲା, "ରାଜାଙ୍କର କଣ ହୋଇଛି, ଆପଣ ତ ଜାଣିଥିବେ?"

"ପାପା, ଆସିଛୁ ଯେତେବେଳେ ମହଲକୁ ଯାଇ ରାଣୀମାଙ୍କୁ ସାକ୍ଷାତ କର।"

"ସେ ଡାକିବା ମାତ୍ରେ କଣ ମୋର ସେଠାରେ ପହଞ୍ଚି ଯିବା ଆବଶ୍ୟକ? ମୁଁ ଯାଇ ରାଣୀଙ୍କୁ ସାକ୍ଷାତ କରିପାରେ କିନ୍ତୁ ମୋର କି ଦରକାର?"

"ତୋ କଥା ଠିକ୍ ନୁହେଁ, ପାପା! ତୁ ରାସ୍ତା ଛାଡ଼ି ଚାଲୁଛୁ। ତୁ ଔଷଧ ଦେଇପାରୁ, ପ୍ରାଣ ନୁହେଁ। ଭଗବାନ ହିଁ ବଞ୍ଚାଇବା ବା ମାରିବା ବାଲା ବୋଲି ଆମର ଭୁଲିଯିବା ଉଚିତ ନୁହେଁ। ଆମେ କେବଳ ମାତ୍ର ମନୁଷ୍ୟ।"

"ଆପଣ ତିଳେ ହେଲେ ଦୟାକଲେ ନାହିଁ ଭାଇନା। ମୋର ଦୋଷ ତିଳ ପରି ହେଲେ ତାହା ଆପଣଙ୍କୁ ତାଳ ପରି ଦିଶୁଛି। ମୋର ଅନିଷ୍ଟ କରିଥିବା ବ୍ୟକ୍ତିର ଦୋଷ ଆପଣ ଦେଖି ପାରୁ ନାହାନ୍ତି।"

"ତୋର ଯାହା ଇଚ୍ଛା ତୁ ମତେ କହ ପଛେ କିନ୍ତୁ ଠିକ୍ ରାସ୍ତାରେ ଚାଲ।"

ଆଚ୍ଛା ଭାଇନା ଯାଉଛି, ଯାହା ମୋ ଦ୍ୱାରା ହେବ କରିବି।"

"ଏବେ କଥା ପରି କଥା କହିଲୁ, ଝିଅ।"

"ଆପଣଙ୍କ କଥା ମାନିନେଲେ ଆପଣ କେତେ ନରମ ହୋଇଯାଉଛନ୍ତି ଭାଇନା, ଆଚ୍ଛା ବର୍ତ୍ତମାନ କହନ୍ତୁ ରାଜାଙ୍କର କଣ ହୋଇଛି।"

"ତାଙ୍କର କଣ ହୋଇଛି, ଯାହାକୁ ପଚାରିଲେ ସେ କହିବ। ଯାଇ ପଚାର। ମନ୍ତ୍ର ବା ମାୟା ଯାହା ତତେ ଠିକ୍ ଲାଗୁଛି କର। ମୋର ମଧ୍ୟ ପୂଜାର ସମୟ ହୋଇଗଲାଣି।"

142

ଆଶ୍ରମରୁ ବାହାରିବା ସମୟରେ ନାଲକ୍ନାଡ଼ ଯାଇ ରାଜାଙ୍କୁ ଔଷଧ ଦେବା ଭଗବତୀର ଉଦ୍ଦେଶ୍ୟ ନ ଥିଲା। ଇଂରେଜ ଓ ରାଜାଙ୍କ ମଧ୍ୟରେ ହୋଇଥିବା ମନୋମାଳିନ୍ୟ ବିଷୟରେ ଜାଣି ପାରି ସେ ଭାବିଲେ, "ଖୁବ୍ ଭଲ ହେଲା। ମୋର ଇଚ୍ଛା ଅବଶେଷରେ ପୂରଣ ହେବାକୁ ଯାଉଛି।" ରାଜାଙ୍କ ଅସୁସ୍ଥତା ବଶତଃ ତା'ର ଇଚ୍ଛା ପୂର୍ଣ୍ଣ ହେବାରେ ଆହୁରି ସୁବିଧା ହେବ। ରୋଗୀ ତରଫରୁ କେହି ସହାୟତା ମାଗିବାକୁ ଆସିଲେ ସେଠାରେ ବୈଦ୍ୟର

Digitized by srujanika@gmail.com

କର୍ତ୍ତବ୍ୟ କ'ଣ ସେ ବିଷୟରେ ତା'ର କୌଣସି ସନ୍ଦେହ ନ ଥିଲା। ତାକୁ ବୈଦ୍ୟକ ଶିଖାଇଥିବା ଗୁରୁ ପ୍ରତ୍ୟେକ ଜଡ଼ୀ-ବୁଟୀର ଗୁଣ ସମ୍ବନ୍ଧରେ କହିବା ବେଳେ ପ୍ରତ୍ୟେକଙ୍କ ସାଙ୍ଗରେ ଚେତାବନୀ ମଧ୍ୟ ଦେଇଥିଲେ। ଜଡ଼ୀକୁ ଚିହ୍ନିବା ଓ ମନ୍ତ୍ର ଶିଖିବା କିଛି ବଡ଼ କଥା ନୁହେଁ। ଶିଖିବା ପରେ ତାହା ନିଷ୍ଠାପୂର୍ବକ ପ୍ରୟୋଗ କରିବା ଉଚିତ। ଜୀବନ ନେବାକୁ ଆସିଥିବା ବ୍ୟକ୍ତିକୁ ମଧ୍ୟ ଯଦି ସାପ କାମୁଡ଼େ ତେବେ ମନ୍ତ୍ର ଦ୍ୱାରା ତା'ର ବିଷ ଝଡ଼ାଇ ସେ ବଞ୍ଚିଯିବା ପରେ ତା ହାତରୁ ନିଜ ପ୍ରାଣ ବଞ୍ଚାଇ ପଳାଇଯିବା ଉଚିତ। ତାକୁ ଶତ୍ରୁ ମନେ କରି ମନ୍ତ୍ରର ଉପଯୋଗ ନ କଲେ ତୁମର ଶିଖିଥିବା ବିଦ୍ୟା ମାଟିରେ ମିଶିଯିବ। ଖାଲି ତୁମର ନୁହେଁ, ତୁମକୁ ଶିଖାଇଥିବା ଗୁରୁଙ୍କୁ ମଧ୍ୟ ନର୍କପ୍ରାପ୍ତି ହେବ। ଏପରି ଚେତାବନୀ ପ୍ରତ୍ୟେକ ବୈଦ୍ୟକୁ ଗୁରୁ ନିଜ ଶିଷ୍ୟକୁ ଦିଏ। କିନ୍ତୁ କେବଳ ଶିଷ୍ୟ କାହିଁକି? ଗୁରୁ ମଧ୍ୟ ସେ ଶିକ୍ଷାକୁ ସର୍ବଦା ପାଳନ କରି ପାରେ ନାହିଁ। ଭାଗବତୀଙ୍କ ଜୀବନରେ ଘଟିଥିବା ପ୍ରସଙ୍ଗ ଗୁଡ଼ିକର ସାଧାରଣତଃ ସେ ଶିକ୍ଷା ମନେ ରହେ ନାହିଁ। ମନେ ଥିଲେ ମଧ୍ୟ ଠିକ୍ ଖାପ୍ ଖାଏ ନାହିଁ। ଭଗବତୀ ସେହିପରି ମାନସିକ ସ୍ଥିତିରେ ଥିଲେ। ତଥାପି ସେ ନିଜ ବଡ଼ବାପାଙ୍କୁ ଏ କଥା ନ କହି ରହିପାରିଲେ ନାହିଁ ଓ ନିରପେକ୍ଷ ରହିବା ବିଶ୍ୱାସ ମଧ୍ୟ ତାଙ୍କର ନଥିଲା। ସେଥିପାଇଁ ଦିକ୍ଷୀତ ତାଙ୍କୁ କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ କରାଇ ଦେଲେ। ତେଣୁ ସେ ପ୍ରଥମରୁ ଯାହା ଭାବିଥିଲେ ସେ ସିଦ୍ଧାନ୍ତ ଉପରେ ସ୍ଥିର ରହିବା ସମ୍ଭବ ହେଲା ନାହିଁ। ମନ୍ଦିରରୁ ବାହାରକୁ ଆସିବା ବେଳେ ସେ ନଅରକୁ ଯାଇ ରାଣୀଙ୍କୁ ଭେଟିବେ ନାଁ ନାଲକୁନାଡ଼ ଚାଲିଯିବେ ବୋଲି କ୍ଷଣକପାଇଁ ଭାବିନେଲେ।

ସେତିକିବେଳେ ନାରାୟଣ ସେଠାକୁ ଆସି ତାଙ୍କୁ ଚାହିଁ କହିଲା, "ନମସ୍କାର ମା', କେବେ ଆସିଲେ?"

"ଅଳ୍ପ ସମୟ ହେବ।"

"ପିତାଙ୍କ ସାଙ୍ଗରେ ଦେଖା ହେଲା?"

"ହେଇଛି।"

"କଥା କ'ଣ? କିଛି ଭାବିଲା ପରି ମନେ ହେଉଛି। ଏଠାକାର ସମ୍ବାଦ ଜାଣିଲେଣି?"

"ନାହିଁ ତ! କି ସମ୍ବାଦ?"

"ରାଜା ଭଣଜାକୁ ଖୁନ୍ କରିଛନ୍ତି। ସକାଳୁ ମତିଭ୍ରମ ହୋଇଥିବାରୁ ଲେଙ୍ଗଡ଼ା ତାଙ୍କୁ ନାଲକୁନାଡ଼ ପଠାଇ ଦେଇଛି।"

"ରାଜା ଅସୁସ୍ଥ ବୋଲି ଜାଣିଛି, କିନ୍ତୁ ଏ ସବୁ ଜାଣି ନ ଥିଲି। ଖୁନ୍ କରିଛନ୍ତି।"

"ମୃତ ଶିଶୁର ଶବ ସତ୍କାର ହେବାର ତିରିଶ ଘଣ୍ଟା ହେଲାଣି। ମାରିବା ଲୋକର ହାତରେ ପୋକ ପଡୁ। କେବେ ପଡ଼ିବ, ତା ତ ଭଗବାନ ଜାଣନ୍ତି।"

ଭଗବତୀଙ୍କର ଏ କଥା ଶୁଣି ଖୁବ୍ କ୍ରୋଧ ଆସିଲା। "କଅଁଳ ଶିଶୁକୁମାରିଥିବା ଏ ପାପୀକୁ ବଞ୍ଚାଇବାକୁ ହେବ?' ବୋଲି ମନେ ମନେ ଭାବିଲେ।

"ଭିତରକୁ ଯାଇ ବଡ଼ବାପାଙ୍କ ସାଙ୍ଗରେ ପୁଣି କଥା ହେବି? ନା ନା, ସେ ଏ କଥା ଜାଣିଥିବେ କିନ୍ତୁ ମତେ କିଛି କହିଲେ ନାହିଁ। ବୈଦ୍ୟକ ଜାଣିଛୁ, ଚିକିତ୍ସା କର ବୋଲି କହିଲେ।" କିଛି ସମୟ ଭାବିବା ପରେ ସେ ବୁଝିପାରିଲେ ଯେ ପୁଣି ପଚାରିଲେ

Digitized by srujanika@gmail.com

ମଧ ଦୀକ୍ଷିତ ତାହା ହିଁ କହିବେ। କହନ୍ତୁ, ସେ ବଡ଼। ତାଙ୍କ କହିବା ଅନୁସାରେ କରିବା ମୋ ପାଇଁ ମଙ୍ଗଳକର। ମହଲକୁ ଗଲେ ରାଣୀଙ୍କ ସହ ଏ ସବୁ ବିଷୟରେ ଚର୍ଚ୍ଚା କରିବା କଠିନ ହେବ। ସେ ଖୁବ୍ ମହତ। ରାଜାଙ୍କ ପ୍ରତି ଘୃଣା ଓ ରାଣୀଙ୍କ ଆଦର ବିଷୟରେ ବିଚାର କଲେ ମୋର ମନ ମଧ୍ୟରେ ଆଲୋଡ଼ନ ହେଉଛି। ଏ ଝମେଲାରେ ମୁଁ କାହିଁକି ପଶିବି? ଶେଷକୁ ଭାବି-ଚିନ୍ତି ସେ ନାଲକୁନାଡ଼ ଯିବାକୁ ସ୍ଥିର କଲେ।

ଏହିପରି ବିଚାର କରି ଚାରିପାହୁଣ୍ଡ ଆଗକୁ ଯାଇଛନ୍ତି କି ନାହିଁ ରାଣୀ ପଠାଇଥିବା ଲୋକ ପାଖକୁ ଆସି କହିଲା, "ରାଣୀ ମା ପାଲିଙ୍କି ପଠାଉଛନ୍ତି। ଏଠାରୁ ସେ ପର୍ଯ୍ୟନ୍ତ ଚାଲିବାର ଆବଶ୍ୟକତା ନାହିଁ।"

ଏତିକିବେଳେ ପାଖ ଗଳିରୁ ଚାରିଜଣ ଗୋଟିଏ ପାଲିଙ୍କି ନେଇ ଆସିବାରୁ ଭଗବତୀ ସେଥିରେ ବସି ନାଲକୁନାଡ଼ ମହଲକୁ ଗଲେ।

143

ବାହାକ ମାନେ ପାଲିଙ୍କି କାନ୍ଧେଇ ଖୁବ୍ ଶୀଘ୍ର ଚାଲିଲେ ମଧ ନାଲକୁନାଡ଼ ପହଞ୍ଚିବା ବେଳକୁ ସନ୍ଧ୍ୟା ବିତିବାର ଦୁଇଘଣ୍ଟା ହୋଇଯାଇଥିଲା। ରାସ୍ତାରେ ଦୁଇଟି ସ୍ଥାନରେ ଦେବାର୍ପିତ ଜଙ୍ଗଲରେ ଭଗବତୀ ଓହ୍ଲାଇ ଦେବସ୍ତୋତ୍ର ପାଠ କରି ଜଙ୍ଗଲରୁ କିଛି ଜଡ଼ୀବୁଟି ଗଛ ଓପାଡ଼ି ହାତରେ ମଳି ଶାଢ଼ୀର କାନିରେ ବାନ୍ଧି ରଖିଲେ। ମହଲରେ ପହଞ୍ଚିବା ମାତ୍ରେ ବୈଦ୍ୟ ସହ କଥାବାର୍ତ୍ତା ହୋଇ ରାଜାଙ୍କ କୋଠରୀକୁ ଯାଇ ତାଙ୍କୁ ଦେଖିଲେ। ରାଜାଙ୍କ ନିଦ, ଖିଆପିଆ ଆଦି ବିଷୟରେ ଦୋଲବ୍ବା ଠାରୁ ପଚାରି ବୁଝିଲେ।

ନାରାୟଣ ଦୀକ୍ଷିତ କଥାରୁ ରାଜାଙ୍କର କ'ଣ ହୋଇଥିବ ତାହା ସେ କଳ୍ପନାକରି ନେଇଥିଲେ। ସେଥିପାଇଁ ଆସିବା ସମୟରେ ରାସ୍ତାରୁ ଜଡ଼ୀ-ବୁଟୀ ନେଇ ଯାଇଥିଲେ। ନିଜେ ଆଣିଥିବା ଦୁଇଟି ଜଡ଼ୀ ବାଟି ସେ ରାଜାଙ୍କ ପାଦତଳେ ଲେପ ଦେଲେ ଓ ଆଉ ଦୁଇଟି ଜଡ଼ୀ ସିଝାଇ ସେଥିରୁ ଦୁଇ ଢୋକ ପିଆଇ ବୈଦ୍ୟକୁ କହିଲେ, "ଆପଣ କାଲି ମଡ଼କେରୀ ଫେରିଯାଇ ପାରନ୍ତି।"

ବୈଦ୍ୟ: "ଏହା କିପରି ହୋଇପାରେ ଭଉଣୀ। ରାଜାଙ୍କ ପରିଚର୍ଯ୍ୟା କରିବାକୁ ମୋତେ ଏଠାକୁ ପଠାଯାଇଛି। ସେ ଭଲ ହେବା ପୂର୍ବରୁ କେମିତି ଫେରିଯିବି?"

"ଯାହା ଚିକିତ୍ସା କରିବାର ଥିଲା ଆପଣ କରି ସାରିଛନ୍ତି। ମୁଁ ମଧ ସେଥିପାଇଁ ଆସିଛି। ଏଠାରେ ଦୁଇଜଣଙ୍କର କିଛି କାମ ନାହିଁ।"

"ମୁଁ କିଛି ନ କଲେ ମଧ ଆପଣ ଯେଉଁ ଚିକିତ୍ସା କରିବେ ତାହା ପରୀକ୍ଷା କରି ନିଜ ମତ ତ ଦେଇପାରିବି।"

ମୋ ଚିକିତ୍ସା ଅଧିକାଂଶ ମନ୍ତ୍ର। ତାକୁ ଦେଖିଲେ କେହି କିଛି ଜାଣି ପାରିବେ ନାହିଁ। ମୁଁ ଯେଉଁ ସବୁ ବୁଟୀ ପ୍ରୟୋଗ କରେ ତାହା ବିନା ମନ୍ତ୍ରରେ ଉପଯୋଗ କଲେ ହାନି ହୁଏ ବୋଲି କ'ଣ ଆପଣ ଜାଣନ୍ତି ନାହିଁ?"

Digitized by srujanika@gmail.com

ବୈଦ୍ୟର ମୁହଁ ଫିକା ପଡ଼ିଗଲା। "ଆଚ୍ଛା ଭଉଣୀ, ସକାଳେ ଚାଲିଯିବି। ରାଜାଙ୍କୁ ଆରୋଗ୍ୟ କରିବା ଦାୟିତ୍ୱ ଆପଣଙ୍କର ବୋଲି ରାଣୀଙ୍କୁ ନିବେଦନ କରିବି' କହି ସକାଳ ହେବା ମାତ୍ର ଚାଲିଗଲା।

ସାରା ରାତ୍ରି ଭଗବତୀ ରାଜାଙ୍କ ମୁଣ୍ଡପାଖରେ ବସି ମନ୍ତ୍ର ଜପ କରୁଥିଲେ। ପ୍ରାତଃକାଳରେ ସେ ଉଠିବା ପୂର୍ବରୁ ପାଖ ଜଙ୍ଗଲରୁ ଆବଶ୍ୟକ ଜଡ଼ୀ-ବୁଟୀ ଆଣି ଆଗ ପରି ପାଦତଳେ ଲେପ ଓ ପିଇବାକୁ ଦେଇ ଚିକିତ୍ସା କଲେ।

ସେ ଦିନ, ତା ପର ଦିନ ଓ ତୃତୀୟ ଦିନ ମଧ୍ୟ ଏହି ପ୍ରକାର ଚିକିତ୍ସା ଚାଲିଲା। ରାଜା ସବୁଦିନ ଅପେକ୍ଷା ସାମାନ୍ୟ ବେଶୀ ଭୋଜନ କରି ଭଲ ଭାବେ ଶୋଇଲେ। ନିଦରେ ଯେଉଁ ପ୍ରଳାପ କରୁଥିଲେ ତାହା ଦ୍ୱିତୀୟ ଦିନ କମ ଓ ତୃତୀୟ ଦିନ ପୁରା ବନ୍ଦ ହୋଇଗଲା। ଭଗବତୀ ଦୋଡ଼ବ୍ବା କହିଲେ, "ବର୍ତ୍ତମାନ ରାଜା ଭଲ ଅଛନ୍ତି। କାଲି ମୁଁ ଚାଲିଯିବି।"

ପରଦିନ ବସବ ଆସି ରାଜାଙ୍କ ଅବସ୍ଥା ଦେଖି, ଚତୁର୍ଥ ଦିନ ପୁଣି ଆସିବ କହି ଚାଲିଗଲା।

144

ଭଗବତୀଙ୍କର ସକାଳୁ ଯିବାର ଥିଲା। ସେ ଓ ଦୋଡ଼ବ୍ବା ରାଜାଙ୍କ ସାମନା କୋଠରୀରେ ଶୋଇଥିଲେ। ଦୋଡ଼ବ୍ବା କହିଲା, "ମହାରାଜାଙ୍କର ଭଲ ନିଦ ହେଉଛି, ଆଉ ତ କିଛି ଭୟ ନାହିଁ ନାଁ ?

"ତିଳେମାତ୍ର ଭୟ ନାହିଁ।"

"ସାବତ ପୁଅ ପ୍ରତି ଈର୍ଷା ନ କରି ତାଙ୍କୁ ଭଲ କରି ଦେଲ।"

"ଠିକ୍ କରିବା ନ କରିବା ମନୁଷ୍ୟ ହାତରେ ନାହିଁ। ଭଗବାନ ଯାହା କରାନ୍ତି ତାହା ହିଁ ମନୁଷ୍ୟ କରେ।"

"ପୁଅର ରାଜା ହେବା କଥା କ'ଣ ହେଲା ?"

"ଛୋଟ ଭାଇ ଥାଉ ଥାଉ କ'ଣ ବଡ଼ ଭାଇ ରାଜା ହୋଇପାରେ ନାହିଁ?"

"ତେବେ ଏ ପର୍ଯ୍ୟନ୍ତ ସେ ଆଶା ଅଛି ?"

"କେବଳ ଆଶା ରହିଲେ କ'ଣ ମିଳିବ ଦୋଡ଼ବ୍ବା ?"

"ଏ ଆଶା ପୂର୍ଣ୍ଣ ହେଲେ ଯାଇ ସିନା ?"

ଭଗବାନଙ୍କୁ ତିରିଶ ବର୍ଷର ପୂଜାର ଫଳ ଦେବାକୁ ହିଁ ହେବ।"

"ଏହି ଘର, ଏହି କୋଠରୀରେ ସୁକୁମାରୀ କୁମାରୀ ଭାବେ କି ସୁଖ ପାଉଥିଲ ଓ ସେହି ଘର, ସେହି କୋଠରୀରେ ଆଜି ତୁମେ କ'ଣ କରୁଛ ? ଉଭୟ ଦଶା ମୋତେ ଆଶ୍ଚର୍ଯ୍ୟ ଲାଗୁଛି।"

"ତୁମେ ଆଜି ସେ କଥା କହୁଛ। ମୋର ତ ଚାରିଦିନ ହେଲା ସେ କଥା ମନେ ପଡୁଛି। ଏଇ ସାମନା ବାରଣ୍ଡାରେ ପିଲାର ପାଦ ମୋଡ଼ିଥିଲେ ନାଁ ? ଏଠାରୁ ମୋତେ

Digitized by srujanika@gmail.com

ମୁହଁ ଲୁଚାଇ ଯିବାକୁ ପଡ଼ିଥିଲା। ଅତୀତ ସବୁବେଳେ ସୁଖ ଦାୟକ ହୁଏ ନାହିଁ। ସେଥିରେ ଦୁଃଖ ମଧ୍ୟ ଥାଏ।''

''ସେମିତି ହୁଏ ମା।''

''ବର୍ତ୍ତମାନ ସେ କଥା ଜାଣିଲାବାଲା କେବଳ ଦୁଇଜଣ ଅଛନ୍ତି- ତୁମେ ଓ ତନ୍ତ୍ର।''

''ଜାଣିଲାବାଲା ମୁହଁ ଖୋଲି ପାରିବେ ନାହିଁ। ଆମ ଦୁଇଜଣଙ୍କୁ ତୁମେ ଶପଥ କରାଇଥିଲ।''

ଭଗବତୀ ସକାଳୁ ଚାଲିଯିବେ ବୋଲି ଦୋଡ଼ବ୍ବା ଅତି ନିଜର ଭାବେ ଏ କଥା ଉଠାଇଥିଲା ରାଜା ଶୋଇଛନ୍ତି ବୋଲି ଭାବି ଖୁବ୍ ଧୀର ସ୍ୱରରେ ସେ କଥା ଆରମ୍ଭ କରିଥିଲା। କଥା ମଧ୍ୟରେ ତା ସ୍ୱର ସାମାନ୍ୟ ଉଚ୍ଚ ହୋଇ ଯାଇଥିଲା। ରାଜା ତିନିଦିନ ଖୁବ୍ ଶୋଇଥିବାରୁ ସେ ସମୟରେ ନିଦ୍ରା ଯାଇ ନଥିଲେ। ରାତି ଅଧା ବିତିଯାଇଥିଲା ଓ ରାଜମହଲ ନିସ୍ତବ୍ଧ ଥିବାରୁ ରାଜା ଏମାନଙ୍କର କଥାବାର୍ତ୍ତା ସ୍ପଷ୍ଟ ଶୁଣି ପାରିଲେ।

145

ଭଗବତୀ ଚିକିତ୍ସାରେ ବୀରାରାଜ ଯେ କେବଳ ସୁସ୍ଥ ହୋଇ ଉଠିଥିଲେ ତାହା ନୁହେଁ, ତାଙ୍କ ଶରୀର ପୂର୍ବାପେକ୍ଷା ହାଲୁକା ଲାଗିବା ସଙ୍ଗେ ସଙ୍ଗେ ମନ ମଧ୍ୟ ପ୍ରସନ୍ନ ଥିଲା।

ଏ ଦୁଇଜଣଙ୍କର କଥାବାର୍ତ୍ତା ଶୁଣି ରାଜାଙ୍କୁ ଆଶ୍ଚର୍ଯ୍ୟ ଲାଗିବା ସଙ୍ଗେ ସଙ୍ଗେ ସେ କଥାର ଆଗପଛ କିଛି ବୁଝିପାରିଲେ ନାହିଁ। କିନ୍ତୁ ଏତିକି ସ୍ପଷ୍ଟ ଜଣା ପଡୁଥିଲା ଯେ ଦୋଡ଼ବ୍ବା ଭଗବତୀଙ୍କୁ ବାଲ୍ୟକାଳରୁ ଜାଣେ। ସେତେବେଳେ ସେ ଏଇ ଘରେ ଥିବା ଅବସ୍ଥାରେ କିଛି ଘଟଣା ଯୋଗୁଁ ଦୁଃଖରେ ଚାଲିଯାଇଥିଲା।

ମଡ଼କେରୀରୁ ଆସିବା ବେଳେ ସେ ଅର୍ଦ୍ଧ ଚେତନ ଅବସ୍ଥାରେ ଆସିଥିଲେ ମଧ୍ୟ ନାଲକ୍ନାଡ଼ ପହଞ୍ଚି ତାଙ୍କର ସେ ଅବସ୍ଥା ଚାଲିଯାଇଥିଲା। ତାଙ୍କୁ ଏ କୋଠରୀରେ ଶୁଆଇ ଦେବାପରେ ସେ ସ୍ଥାନ ଚିହ୍ନି ପାରି ପାଖରେ ଥିବା ସେବକଙ୍କୁ ପଚାରିଲେ, ''ଅନ୍ୟ ରାଜମହଲରେ କ'ଣ ମୁଁ ଅଛି ?'' ସେବକ ''ଆଜ୍ଞା ହଁ, ମାଲିକ'' ବୋଲି କହିବାରୁ ସେ ''ଏଠାକୁ କାହିଁକି ଆସିଛୁ'' ବୋଲି ପଚାରିଲେ। ସେବକ ଉତ୍ତର ଦେଲା, ''ସ୍ଥାନ ପରିବର୍ତ୍ତନ କରାଇବାକୁ ରାଣୀ ମା'ଙ୍କର ଇଚ୍ଛା ଥିଲା।'' ରାଜା ସେଇଠାରେ କଥା ଶେଷ୍ କରିଦେଲେ।

ସାରାଦିନ ରାଜାଙ୍କର ମନ ଅଶାନ୍ତି ଥିଲେ ମଧ୍ୟ ସ୍ଥାନ ପରିବର୍ତ୍ତନ ହେତୁ କାନ୍ଥ ପାଖରେ ପଡ଼ିଥିବା ପିଲାର ଶବ ତଥା କୌଣସି ନାରୀର ମୁହଁ ଘୋଡ଼ାଇ କାନ୍ଦିବା ଆଦି ଭ୍ରମ ତାଙ୍କ ମନରୁ ଦୂର ହୋଇଯାଇଥିଲା। ଭଗବତୀ ଆସି ଔଷଧ ପ୍ରଲେପ ଓ ଔଷଧ ପିଆଇବାରୁ ତାଙ୍କ ଶରୀରର ତାପ କମିବା ସଙ୍ଗେ ସଙ୍ଗେ ମନର ଅଶାନ୍ତି ମଧ୍ୟ ଦୂର ହୋଇଗଲା।

ଦ୍ୱିତୀୟ ଦିନ ରାତିରେ ତାଙ୍କର ନିଦ ଭାଙ୍ଗିଲା ବେଳକୁ ସେ ଜଣେ ସୁନ୍ଦରୀ ତଥା ଗମ୍ଭୀର ସ୍ୱଭାବର ସ୍ତ୍ରୀ ତାଙ୍କ ମୁହଁ ଉପରେ ମୁହଁ ନୁଆଁଇ ତାଙ୍କୁ ଦେଖୁଥିବାର ଦେଖିଲେ। ପ୍ରଥମେ ତ ତାଙ୍କର ନିଜ ମା'ଙ୍କ ମୁଖ ବୋଲି ଭ୍ରମ ହେଲା। କିନ୍ତୁ କିଛି କ୍ଷଣ ପରେ ସେ ବୁଝିପାରିଲେ ଯେ ଏହା ତାଙ୍କର ମା'ଙ୍କ ମୁହଁ ନୁହେଁ। ଭୟରେ ଚିତ୍କାର କରିବାକୁ

Digitized by srujanika@gmail.com

ଯାଉଥିବା ବେଳେ ଆଉ ଏକ ସ୍ତ୍ରୀର ମୁଖ ତାଙ୍କର ଦୃଷ୍ଟିଗୋଚର ହେଲା। ତାହା ଦୋଙ୍ଗବୁଙ୍ଗ ମୁହଁ ଥିଲା। ତାକୁ ଦେଖି ତାଙ୍କ ମନକୁ ସାନ୍ତ୍ୱନା ମିଳିଲା ଓ ସେ କହିଲେ 'ଦୋଙ୍ଗି !''

ଦୋଙ୍ଗବୁ: ''କେମିତି ଅଛନ୍ତି ମାଲିକ ? ଅସ୍ଥିର ଲାଗୁନି ତ ?''

''ନାଁ, ଏ କିଏ ?''

''ଭଗବତୀ ଔଷଧ ଦେବାକୁ ଆସିଛନ୍ତି।''

ରାଜାଙ୍କୁ ପୁଣି ନିଦ୍ରା ଲାଗିଗଲା। ସେତେବେଳେକୁ ସେ ଅର୍ଦ୍ଧ ଆରୋଗ୍ୟ ହୋଇ ସାରିଥିଲେ। ଦୁଇଦିନ ବିତିଗଲାଣି। ଭଗବତୀ ତାଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ କରିଦେଲେ। ସେ ଏଠାରେ ଆଗରୁ ରହିଥିବା ପରି ମନେ ହେଉଛି। କିଏ ହୋଇପାରେ ସେ ? ଏ ବିଷୟରେ କାଲି ଖବର ନେବି।

ରାଜା ପଲଙ୍କ ଉପରେ କର ଲେଉଟାଇବାରୁ ସାମାନ୍ୟ ଶବ୍ଦ ହେଲା। ସେ ଚେଇଁଥିବା ଜାଣି ଦୋଙ୍ଗବୁ ପାଖକୁ ଆସି ଚାଦର ଆଦି ଠିକ୍ କରି ଫେରିଗଲା।

ସିନ୍ଦୁରା ଫାଟିବା ମାତ୍ରେ ଭଗବତୀ ସେଠାରୁ ବାହାରି ପଡ଼ିଲେ। ସକାଳ ହେବାରୁ ରାଜା ଦୋଙ୍ଗବୁଙ୍କୁ ପଚାରିଲେ, ''ଭଗବତୀ କିଏ, ଦୋଙ୍ଗି ?'' ସେ ଉତ୍ତର ଦେଲା, ''ଆପଣ ଜାଣନ୍ତି ନାଁ ମାଲିକ ନଦୀକୂଳ ଗୁମ୍ଫାରେ ଯିଏ ମନ୍ଦିର ତିଆରି କରିଛନ୍ତି ? ଏ ହେଉଛନ୍ତି ସେଇ।''

ରାଜା ଭଗବତୀ ସମ୍ବନ୍ଧରେ ପଚାରୁଛନ୍ତି ବୋଲି ଦୋଙ୍ଗବୁର ମନରେ ଶଙ୍କା ହେଲା। ତାଙ୍କର ପୁଣି ମତିଭ୍ରମ ହେଲା ନାଁ କ'ଣ ?''

''ଏ ଦୋଙ୍ଗି, ସେ କଥା କ'ଣ ମୁଁ ଜାଣି ନାହିଁ? ସେ ଆଗରୁ ଏଠାରେ ଥିଲା ବୋଲି ତୁ ରାତିରେ କହୁଥିଲୁ ନାଁ ? ସେ କଥା କହ।''

''ଆଜ୍ଞା, ଆମର ରାତିର କଥାବାର୍ତ୍ତା ସମ୍ବନ୍ଧରେ ପଚାରୁଛନ୍ତି, ତାହା କ'ଣ ଆପଣ ଶୁଣିଛନ୍ତି ?''

''ହଁ।''

''ଆପଣ ତାହା ଅର୍ଦ୍ଧନିଦ୍ରାରେ ଶୁଣିଛନ୍ତି। ଆମେ କ'ଣ କହିଲୁ ଆଉ ଆପଣ ଆଉ କ'ଣ ଶୁଣିଲେ।''

''ତୁମେ କ'ଣ କହିଥିଲ ?''

''ସେ ଅନ୍ୟର କଥା ପଡ଼ିଥିଲା। ଯାଙ୍କର ନୁହେଁ।'' ଭଗବତୀ ତାଙ୍କୁ ଦେଖିଥିଲେ ତାଙ୍କରି ବିଷୟରେ କଥା ହେଉଥିଲୁ।''

ଦୋଙ୍ଗବୁ ସତ ନ କହି କିଛି ଲୁଚାଉଛି ବୋଲି ରାଜା ବୁଝିପାରିଲେ। ତା'ର ଇଚ୍ଛା ବିରୁଦ୍ଧରେ ତା'ଠାରୁ କଥା ବାହାର କରିବାର ସମୟ ଏ ନୁହେଁ। ତେଣୁ ଶେଷ ଚେଷ୍ଟା କରି ଭଗବତୀଙ୍କୁ ଡାକିବାକୁ କହିଲେ।

ଦୋଙ୍ଗବୁ କହିଲା, ''ଭଗବତୀ ଭୋରରୁ ପୂଜା କରିବାକୁ ମନ୍ଦିର ଚାଲିଗଲେଣି।''

Digitized by srujanika@gmail.com

ରାଜାଙ୍କ ମତିଭ୍ରମ ହେବା କଥା ଦବାଇ ରଖିବାପାଇଁ ରାଣୀଙ୍କର ସମସ୍ତ ଚେଷ୍ଟା ବ୍ୟର୍ଥ ହୋଇଛି ବୋଲି ପ୍ରଥମରୁ ସ୍ପଷ୍ଟ ହୋଇଯାଇଛି । ବସବ ଭଗବତୀଙ୍କୁ ସହାୟତା ମାଗିବାରୁ ସେ ମଡ଼କେରୀ ଯାଇ ଦୀକ୍ଷିତଙ୍କୁ ଭେଟିବା ବେଳକୁ ଦୀକ୍ଷିତ ତଥା ନାରାୟଣଙ୍କ ନିକଟରେ ଏ ସମ୍ବାଦ ପୁରୁଣା ହୋଇ ସାରିଥିଲା । ସହରରେ ଏ ଖବର କାହାରି ପାଖରେ ଅଛପା ନଥିଲା ।

ବସବ ଯେତେବେଳେ ବୋପଣ୍ଣାଙ୍କ କଥା ରାଜାଙ୍କୁ କହି ପାରିଲା ନାହିଁ ବୋଲି କହିଲା ସେତେବେଳେ ରାଜା ଉତ୍ତର ଦେବାକୁ ସମର୍ଥ ନୁହନ୍ତି ବୋଲି ଜାଣି ପାରିଲେ । ଏହା କେବଳ ଏକ ବାହାନା ଥିଲା । କିଛି ସମୟ ପରେ ରାଜାଙ୍କ ଅବସ୍ଥାର ସମାଚାର ପାଇବାରୁ ବସବ ସତ କହୁଛି ବୋଲି ସେ ଜାଣି ପାରିଲେ । ବାସ୍ତବରେ ରାଜା ଉତ୍ତର ଦେବାରେ ଅସମର୍ଥ ବା ତାଙ୍କ କଥା ରାଜା ପର୍ଯ୍ୟନ୍ତ ପହଞ୍ଚିପାରିଲା ନାହିଁ, ଏହା ବୋପଣ୍ଣାଙ୍କ ପାଇଁ ମହତ୍ୱପୂର୍ଣ୍ଣ ନଥିଲା । ଇଂରେଜ କୋଡ଼ଗ ଉପରେ ଚଢ଼ାଉ କରିବାକୁ ସେନା ନେଇ ଆସୁଛନ୍ତି ବୋଲି ଖବର ପହଞ୍ଚିବା ପର୍ଯ୍ୟନ୍ତ ସେ ନିଜ ରାସ୍ତା ନିଶ୍ଚିତ କରି ପାରି ନଥିଲେ । କିନ୍ତୁ ବାହାର ସେନା ଦେଶ ଆଡ଼କୁ ଆସୁଛନ୍ତି ବୋଲି ଶୁଣିବା ମାତ୍ରେ ତାଙ୍କ ମନ ମଧ୍ୟରେ ନିଜ ରାସ୍ତା ସ୍ପଷ୍ଟ ହୋଇ ଉଠିଲା ।

ଆଗରୁ ସ୍ଥିର ହୋଇଥିବା ଅନୁଯାୟୀ ସେ କୋଡ଼ଗର ପଇଁତ୍ରିଶ ଇଲାକାର ମୁଖିଆଙ୍କ ନିକଟକୁ ଲୋକ ଦ୍ୱାରା କହି ପଠାଇଲେ "ବାହାର ସେନା ଚଢ଼ାଉ କରିବାକୁ ଆସୁଛନ୍ତି । ତାଙ୍କ ସହ ଲଢ଼ି ରାଜାଙ୍କୁ ରକ୍ଷା କରିବାକୁ ମୁଁ କହୁନାହିଁ । ଏ ବିଷୟରେ ଆପଣମାନେ ନିଜର ସମ୍ମତି ପଠାନ୍ତୁ ନଚେତ୍ ଶୀଘ୍ର ମଡ଼କେରୀ ଆସି ମୋତେ ଦେଖା କରନ୍ତୁ । ଯେପରି ହେଉ ଆପଣ ନିଜ ଇଲାକାରୁ କୋଡ଼ିଏ ଜଣ ଲେଖା ସଶସ୍ତ୍ର ବ୍ୟକ୍ତିଙ୍କୁ ପଠାନ୍ତୁ । ସେମାନଙ୍କ ପାଇଁ ସମସ୍ତ ବ୍ୟବସ୍ଥା ମୁଁ କରିଦେବି ।"

ପଠାଯାଇଥିବା ସମ୍ବାଦ ବାହକମାନଙ୍କ ମଧ୍ୟରୁ ଅଧିକାଂଶ ପରଦିନ ଫେରି ଆସିଲେ ବାକୀ ସମସ୍ତେ ତୃତୀୟ ଦିନ ଆସିଲେ । ସବୁ ମୁଖିଆ ପ୍ରାୟ ଏକପ୍ରକାର ଉତ୍ତର ପଠାଇଥିଲେ, "ଯାହା ବୋପଣ୍ଣା ଠିକ୍ ଭାବିବେ ସେଥିରେ ଆମେ ରାଜି । ବୋପଣ୍ଣାଙ୍କ ଆଜ୍ଞାନୁସାରେ ଆମେ କୋଡ଼ିଏ ଜଣ ଲେଖା ଲୋକ ପଠାଉଛୁ ।"

ବୋପଣ୍ଣା ନିଜ ଉପରେ ସାଥୀ ତକ୍କମାନଙ୍କର ବିଶ୍ୱାସ ଦେଖି ବହୁତ ଗର୍ବ ଅନୁଭବ କରିବା ସଙ୍ଗେ ସଙ୍ଗେ ଦେଶ ଇଂରେଜଙ୍କ ହାତରୁ ରକ୍ଷା ପାଇଯିବ ବୋଲି ଭାବି ସାନ୍ତ୍ୱନା ପାଇଲେ । ତକ୍କମାନେ ଯାହା କହି ପଠାଇଲେ ତାହା ସେ ଲକ୍ଷ୍ମୀନାରାୟଣଙ୍କୁ ଜଣାଇଲେ ।

ଯେଉଁଦିନ ତକ୍କଙ୍କ ପାଖକୁ ସେ ଲୋକ ପଠାଇଥିଲେ ସେହି ଦିନ ସୀମାବର୍ତ୍ତୀ ଗ୍ରାମ ନାୟକମାନେ ମଧ୍ୟ ଶୀଘ୍ର ମଡ଼କେରୀ ଯାଇ ଭବିଷ୍ୟତ କାର୍ଯ୍ୟକ୍ରମ ପାଇଁ ଆଜ୍ଞା ପ୍ରାପ୍ତ କରିବାକୁ ଖବର ପଠାଇଥିଲେ । ସେ ପାଞ୍ଚଜଣ ତା ପରଦିନ ଆସି ପହଞ୍ଚିବାରୁ ବୋପଣ୍ଣା

Digitized by srujanika@gmail.com

ସେମାନଙ୍କୁ କହିଲେ, "ଏ ପର୍ଯ୍ୟନ୍ତ ନାମକୁ ମାତ୍ର ସୀମା ରକ୍ଷା କରାଯାଉଥିଲା। ବେତନ ଆଦି ମୁଁ ନେଉଥିଲି ଓ କାମ ମୁଁ ବା ମହାରାଜ ବତାଉଥିଲୁ। ବର୍ତ୍ତମାନ ବାହାରୁ ସେନା ଆସୁଛନ୍ତି, ତେଣୁ ଭବିଷ୍ୟତରେ ଆପଣମାନଙ୍କୁ ନିଜ କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ ହେବାକୁ ହେବ। ଆମକୁ ରାଜାଙ୍କ ଆଜ୍ଞାନୁସାରେ କାର୍ଯ୍ୟ କରିବାକୁ ହେବ ବୋଲି ମୋର ମନେ ହେଉ ନାହିଁ। କିନ୍ତୁ ମୋ କହିବା ଅର୍ଥ ନୁହେଁ ଯେ ଆପଣମାନେ ଯେ ଆଜ୍ଞାନୁସାରେ କାର୍ଯ୍ୟ କରନ୍ତୁ। ଆପଣମାନେ ଚାହିଁଲେ ଭବିଷ୍ୟତ କାର୍ଯ୍ୟକ୍ରମ ସମ୍ବନ୍ଧରେ ମହଲକୁ ଯାଇ ମହାରାଜାଙ୍କଠାରୁ ଆଜ୍ଞା ନେଇ ପାରନ୍ତି। ମୋ ତରଫରୁ କୌଣସି ବାଧା ଉପୁଜିବ ନାହିଁ।

ଉଭୟା ଗୁଲ୍ମ ନାୟକମାନଙ୍କ ମଧ୍ୟରୁ ଅନ୍ୟତମ। ପାଞ୍ଚଜଣଯାକ ଗୁଲ୍ମ ନାକ ଏକା ସଙ୍ଗେ ବାହାରକୁ ଆସି ପରସ୍ପର ମଧରେ ଆଲୋଚନା କରି କିଛିକ୍ଷଣ ପରେ ଭିତରକୁ ଆସି କହିଲେ, "ଏ ପର୍ଯ୍ୟନ୍ତ ଆମର ନେତା ଥିଲେ ଭବିଷ୍ୟତରେ ମଧ ରହିବେ। ଆମର ମହାରାଜାଙ୍କ ନିକଟକୁ ଯାଇ ସିଧା ତାଙ୍କଠାରୁ ଆଜ୍ଞା ନେବାର ଆବଶ୍ୟକତା ନାହିଁ। ଆପଣ ଯେପରି ଆଜ୍ଞା ଦେବେ ତାହା ହିଁ ହେବ।"

"ଏଥିପାଇଁ ମଧ ମୁଁ ମନା କରିବି ନାହିଁ। ତା' ହେଲେ ଆପଣଙ୍କ କାମ ହେବ, ଇଂରେଜ ସେନା ସୀମାରେ ପହଞ୍ଚିବା ମାତ୍ରେ ଆପଣମାନଙ୍କ ମଧରୁ ଜଣେ ସେମାନଙ୍କ ନାୟକଙ୍କୁ ଭେଟି କହିବେ ଯେ ଆମ ନେତା ଆପଣଙ୍କ ନେତାଙ୍କ ସହ କଥାବାର୍ତ୍ତା ହେବେ। ଏହି କଥାବାର୍ତ୍ତା ଶେଷ ନହେବା ପର୍ଯ୍ୟନ୍ତ ଆପଣ ଆମ ସହ ଲଢ଼ିବେ ନାହିଁ। ଆପଣ ସୀମା ବାହାରେ ରହନ୍ତୁ। ଆମେ କିଛି ଗଣ୍ଡଗୋଳ କରିବୁ ନାହିଁ। ସେମାନେ ଯଦି ଏ କଥା ମାନି ନିଅନ୍ତି ତେବେ ଲଢ଼େଇ ନ କରି ଆପଣ ଏ ପାଖେ ଓ ସେମାନେ ସେପାଖେ ଠିଆହୋଇ ରହିବେ। ମୁଁ ତାଙ୍କ କର୍ଣ୍ଣେଲଙ୍କ ସହ କଥାବାର୍ତ୍ତା କରି ଆଜ୍ଞା ଦେବି। ଆପଣଙ୍କ କଥା ନ ମାନି ସେମାନେ ଭିତରକୁ ଆସିଲେ ସେମାନଙ୍କୁ ବାଧାଦେବା ପାଇଁ ଯୁଦ୍ଧ କରିବାକୁ ହେବ।"

ଗୁଲ୍ମ ନାୟକମାନେ ତାଙ୍କ ଆଜ୍ଞା ବୁଝିପାରି ନିଜ ନିଜ ସ୍ଥାନକୁ ଯିବାପରେ ବୋପଣ୍ଣା ସବୁ କଥା ଲକ୍ଷ୍ମୀନାରାୟଣଙ୍କୁ କହିଲେ। ସମସ୍ତେ ଇଲାକାରୁ ସଶସ୍ତ୍ର ବ୍ୟକ୍ତି ତୃତୀୟ ଦିନ ସନ୍ଧ୍ୟାରେ ମଡ଼କେରୀରେ ପହଞ୍ଚି ବୋପଣ୍ଣାଙ୍କୁ ସାକ୍ଷାତ କଲେ। ସେମାନଙ୍କ ମଧ୍ୟରୁ ତିନିଶହ ବ୍ୟକ୍ତିଙ୍କୁ ବୋପଣ୍ଣା ମଡ଼କେରୀ ଜଗିରହିବାକୁ କହି ବାକୀ ଚାରିଶହ କୁଶାନ ନଗର ଯାଇ ପ୍ରତୀକ୍ଷା କରିବାର ବ୍ୟବସ୍ଥା କଲେ।

ଏହାର ତିନିଦିନ ପରେ ଜଣା ପଡ଼ିଲା ଯେ ବାଙ୍ଗାଲୋରର ସେନା ସୀମାର ପଞ୍ଚମ ଭାଗର ପାଞ୍ଚଟି ଯାକ ରାସ୍ତା ନିକଟରେ ପହଞ୍ଚି ଗଲେଣି। ବସବ ରାଣୀଙ୍କ ଆଜ୍ଞା ନେଇ ବୋପଣ୍ଣାଙ୍କ ପାଖକୁ ଆସି କହିଲା, "ମାଲିକ ଭଲ ଅଛନ୍ତି। ଆପଣଙ୍କ କଥା ତାଙ୍କୁ ନିବେଦନ କରି ତାଙ୍କ ଆଜ୍ଞା କାଲି ଆପଣଙ୍କୁ ଜଣାଇଦେବି। ଦୟାକରି ବର୍ତ୍ତମାନର ବ୍ୟବସ୍ଥା ବିଷୟରେ ମୋତେ କହନ୍ତୁ।" ବୋପଣ୍ଣା ଉତ୍ତର ଦେଲେ, "ତିନି ଦିନ ପୂର୍ବରୁ ମହାରାଜ କିଛି ଆଜ୍ଞା ଦେଇଥିଲେ ବିଚାର କରାଯାଇ ପାରି ଥାଆନ୍ତା। ବର୍ତ୍ତମାନ ଆଉ ସେଥିପାଇଁ ସମୟ ନାହିଁ। ଆକ୍ରମଣକାରୀଙ୍କ ଗତିବିଧି ଦେଖି ବ୍ୟବସ୍ଥା କରିବାକୁ ପଡ଼ିବ। ସେ ସମୟରେ ଯାହା ଠିକ୍ ମନେ ହେବ ତାହା କରାଯିବ ଏହା ହିଁ ମହରାଜଙ୍କୁ ଜଣାଇ ଦେବେ।"

Digitized by srujanika@gmail.com

ବସବର ଆଶା ସମ୍ପୂର୍ଣ୍ଣରୂପେ ଧୂଳିସାତ୍ ହୋଇଗଲା। ସେ ଆସି ଏ କଥା ରାଣୀଙ୍କୁ କହିବାରୁ ସେ ଦୁଃଖିତ ହେଲେ ଯେ ରାଜା ମାତ୍ର ତିନିଦିନ ପୂର୍ବେ ନିଜ ଅଧିକାର ହରାଇ ବସିଛନ୍ତି। ଏହାଠାରୁ ଅଧିକ ଆଉ ସେ କ'ଣ ହରାଇବେ।

ରାଜାଙ୍କ ରାଜ୍ୟାଧିକାର ସମାପ୍ତ ହେବା ସଙ୍ଗେ ସଙ୍ଗେ ତାଙ୍କ ପତ୍ନୀ ହିସାବରେ ମୋର ରାଣୀତ୍ୱ ମଧ୍ୟ ଶେଷ ହୋଇଗଲା। ରାଣୀଙ୍କ ମନରେ ଦୁଃଖ କରି ଭାବିଲେ ଯେ କ'ଣ ଏଇ ଭାଗ୍ୟ ପାଇଁ ମୋର କନ୍ୟା ରାଜମହଲରେ ଜନ୍ମ ହୋଇଥିଲା? ବୋପଣ୍ଣା ଚାହିଁଲେ ତାକୁ ଗଦୀ ଓ ସୁଖ ଉଭୟ ମିଳିପାରିବ। ବୋପଣ୍ଣା ରାଜି ହେଲେ ସେ ତାଙ୍କ ଭଣଜାକୁ ବିବାହ ମଧ୍ୟ କରି ପାରିବ। ପିତାଙ୍କଠାରୁ ଅଧିକ ନାମକରି ମା'ଠାରୁ ଅଧିକ ସୁଖୀ ହୋଇପାରିବ। ଭଗବାନ କ'ଣ ତାହା କରିବେ?"

କିନ୍ତୁ ଏ ବିଷୟରେ କାହାରି ସହିତ କଥା ହୋଇ ପାରୁ ନଥିଲେ ବା କାହାରି ନିକଟରେ ନିଜ ମନ ଖୋଲି ପାରୁ ନଥିଲେ। ପଚାରିଲେ, "ବର୍ତ୍ତମାନ ମହାରାଜ ଭଲ **ଅଛନ୍ତି** ନାଁ ବସବୟା?"

"ହଁ ମା, ବିଛଣା ଛାଡ଼ିଲେଣି। ଚଲାବୁଲା କରିପାରୁଛନ୍ତି। କଥାବାର୍ତ୍ତା ମଧ୍ୟ ଭଲ ଭାବେ କରୁଛନ୍ତି।"

"ତୁମେ ଯାଇ ଏଠାକାର ସବୁ ଖବର କହି ସେ କ'ଣ କହୁଛନ୍ତି ବୁଝି ଆସିବ?"

"ଠିକ୍ ଅଛି, ମା।"

147

ବସବ ତୁରନ୍ତ ନାଲକ୍ନାଡ଼ ରାଜମହଲକୁ ଗଲା। ରାଜାଙ୍କୁ ସେ ବୋପଣ୍ଣାଙ୍କ ସମସ୍ତ କଥା କହି କହିଲା, "ମହାରାଜ କ'ଣ କହୁଛନ୍ତି ବୁଝି ଆସ ବୋଲି ରାଣୀ ମା କହିଛନ୍ତି।"

ତାଙ୍କର କି ଦଶା ହେଲାଣି ତାହା ରାଜାଙ୍କୁ ଜଣା ନଥିଲା। ତାହା ଶୁଣିବା ମାତ୍ରେ ସେ କହି ଉଠିଲେ, "କିଏ ସେ ମୋତେ ଗଦୀରୁ ଓହ୍ଲାଇବାକୁ କହୁଛି। ବନ୍ଧୁକରେ ଉଡ଼େଇ ଦେବି ଖବରଦାର। କୋଡ଼ଗର ରାଜା ଏତେ ସହଜ ନୁହନ୍ତି। ବୋପଣ୍ଣା ବିଦ୍ରୋହୀ ମୋର କିଏ? ବାହାର ସେନା ଆସିଛନ୍ତି ତ କ'ଣ ହେଲା? କୋଡ଼ଗ ଏତେ ଦୁର୍ବଳ ନୁହେଁ। ତୁର୍କୀଙ୍କର କି ଅବସ୍ଥା ହୋଇଥିଲା ତାହା କ'ଣ ସେମାନଙ୍କୁ ଜଣା ନାହିଁ?" ଏ ସବୁ କଥା ସେ ଏପରି ଭାବେ କହୁଥିଲେ ଯେପରି ଷାଠିଏ ବର୍ଷ ପୂର୍ବେ ତାଙ୍କ ବଡ଼ବାପା କୋଡ଼ଗ ଜନତାକୁ ଏକତ୍ରିତ କରି ଆକ୍ରମଣକାରୀଙ୍କୁ ହରାଇ ଦେବା ପରି ସେ ମଧ୍ୟ ଜନତାକୁ ଏକତ୍ରିତ କରି ଆକ୍ରମଣକାରୀଙ୍କୁ ହରାଇ ଦେବେ। ଏପରି ସମୟରେ କ'ଣ କରିବା ଉଚିତ ବସବ ବୁଝି ପାରିଲା ନାହିଁ।

କିଛି ସମୟ ପରେ ସେ ରାଜାଙ୍କୁ କହିଲା, "ଆପଣ ମଡ଼କେରୀ ଯିବେ ମାଲିକ?"

ରାଜା: "ମଡ଼କେରୀ କ'ଣ ଆଉ ନାଲକ୍ନାଡ଼ କ'ଣ? ମୋ କହିବା ଅନୁସାରେ ଚାଲିଲେ ଠିକ୍ ହେବ ବୋଲି ବୋପଣ୍ଣାକୁ କହ। ତଥାପି ସେ ଯଦି ନ ଶୁଣେ ତେବେ ମୁଁ ମଡ଼କେରୀ ଯିବି ଓ ସୀମା ଉପରକୁ ମଧ୍ୟ ଯିବି।"

ବସବ "ଆଚ୍ଛା ମାଲିକ" ବୋଲି ମଡ଼କେରୀ ଫେରିଲା।

Digitized by srujanika@gmail.com

ବସବ ମଡ଼କେରୀରେ ପହଞ୍ଚିବା ପୂର୍ବରୁ ବୋପଣ୍ଣା ନିଜ ସୈନ୍ୟଦଳ ପଛେ ପଛେ କୁଶାଳ ନଗର ଆଡ଼କୁ ଯାଇ ସାରିଥିଲେ। ବୋପଣ୍ଣାଙ୍କୁ ସାକ୍ଷାତ କରିବା ପାଇଁ ତାଙ୍କୁ ଅନୁସରଣ କରିବ କି ନାହିଁ ବସବ ବୁଝି ପାରିଲା ନାହିଁ। ରାଣୀଙ୍କୁ ପଚାରିବାରୁ ସେ କହିଲେ, "ବସବୟା, ମନ୍ତ୍ରୀ ଲକ୍ଷ୍ମୀନାରାୟଣଙ୍କୁ ସାକ୍ଷାତ କର।"

ବସବ ଲକ୍ଷ୍ମୀନାରାୟଣଙ୍କୁ ସାକ୍ଷାତ କରିବାରୁ ସେ "ଚାଲ, ରାଣୀମାଙ୍କ ସହ କଥାବାର୍ତ୍ତା ହେବା" ବୋଲି କହିଲେ। ଉଭୟେ ରାଣୀଙ୍କ ନିକଟକୁ ଆସିଲେ। ଲକ୍ଷ୍ମୀନାରାୟଣ ରାଣୀଙ୍କୁ କହିଲେ, "ସମସ୍ତ ମାମଲା ଏତେ ଗଣ୍ଡଗୋଳିଆ ହୋଇ ଯାଇଛି ଯେ ବର୍ତ୍ତମାନ ଆଉ ମୋ ହାତରେ କିଛି ନାହିଁ ମା। ଏମିତିରେ ଆପଣ ଯାହା ଆଜ୍ଞା ଦେବେ ତାହା କରିବାକୁ ମୁଁ ପ୍ରସ୍ତୁତ ଅଛି। କିନ୍ତୁ କୌଣସି କାର୍ଯ୍ୟ ପାଇଁ ବୋପଣ୍ଣାର ସହମତି ଆବଶ୍ୟକ।"

"ସେ ରାଜାଙ୍କ ପ୍ରତିଦ୍ୱନ୍ଦୀ ରୂପେ ଠିଆ ହୋଇଛନ୍ତି, ତାଙ୍କ ସହମତି କେମିତି ପ୍ରାପ୍ତ କରିବା?"

"ଆପଣଙ୍କୁ ମଧ୍ୟ ରାଜାଙ୍କ ପ୍ରତିଦ୍ୱନ୍ଦୀ ହେବାକୁ ପଡ଼ିବ, ମା। ବର୍ତ୍ତମାନ ପର୍ଯ୍ୟନ୍ତ ପରିସ୍ଥିତି ଏକ ପ୍ରକାର ଥିଲା। କିନ୍ତୁ ଭବିଷ୍ୟତର କଥା ଅନ୍ୟ ରକମ ହେବ।"

"ସେ ସବୁ ତ ହୋଇ ସାରିଛି। ବର୍ତ୍ତମାନ ଆଉ କି ରାସ୍ତା ଅଛି?"

"ବର୍ଷକ ପୂର୍ବରୁ ମୁଁ ଯାହା କହିଥିଲି ସେଥିପାଇଁ ଯଦି ଆପଣ ପ୍ରସ୍ତୁତ..."

"ପତିଙ୍କୁ ବନବାସରେ ପଠାଇବା ସମୟରେ ପତ୍ନୀକୁ ସେ କଥା ଅଲଗା ଭାବେ କହିବାର ଆବଶ୍ୟକତା ନାହିଁ। ଏ କଥା ସୀତା ମଧ୍ୟ କହିଥିଲେ, ପଣ୍ଡିତ ମହାଶୟ। ଯାହା ମହାରାଜଙ୍କର ହେବ ତାହା ମୋର ମଧ୍ୟ ହେବ। ମୁଁ ଅଲଗା ଭାବେ କିଛି ଚାହେଁ ନାହିଁ।"

"ରାମଚନ୍ଦ୍ରଙ୍କ କଥା ସଂସାରରେ ଆଜି କାହା ଉପରେ ଲାଗୁ ହୋଇପାରିବ ମା।"

"ବଡ଼ମାନଙ୍କ କଥା ମାନି ଆମର ଚଳିବା ଉଚିତ, ପଣ୍ଡିତ ମହାଶୟ।"

"ଆପଣଙ୍କ କଥାରେ କିଛି ଭୁଲ ନାହିଁ, ମା। ଦେଖ ଉପରେ ବିପତ୍ତି ଆସିଛି ବୋଲି ଏପରି କହିଥିଲି। କ୍ଷମା କରିବେ। ଆଉ କଣ କରାଯିବ ଆଜ୍ଞା ଦିଅନ୍ତୁ।"

"ଆପଣ ଯାଇ ରାଜାଙ୍କୁ କନ୍ୟାର ଗଦୀରେ ବସିବା କଥା କହି ରାଜି କରାନ୍ତୁ। କୁଶାଳ ନଗର ଯାଇ ବୋପଣ୍ଣାଙ୍କୁ ଏ କଥା କହି ଏ ଗଣ୍ଡଗୋଳକୁ ଏହି ଠାରେ ହିଁ ଶେଷ କରନ୍ତୁ। ବୋପଣ୍ଣାଙ୍କୁ କହିବେ ଯେ ସେ ମନ୍ତ୍ରୀ ଭାବେ ଆମ ସମସ୍ତଙ୍କର ମଙ୍ଗଳ ପାଇଁ ଚେଷ୍ଟା କରିବାକୁ ମୋର ପ୍ରାର୍ଥନା।"

ଲକ୍ଷ୍ମୀନାରାୟଣ "ହଉ ଦେଖୁଛି ମା" କହି ସେଠାରୁ ଘରକୁ ଆସି ସମସ୍ତ କଥା ନିଜ ମାଙ୍କୁ କହିସାରି ବସବ ସହ ନାଲକୁନାଡ଼ ଆଡ଼କୁ ଗଲେ।

Digitized by srujanika@gmail.com

149

ତାଙ୍କୁ ଗାଦୀ ଛାଡ଼ି କନ୍ୟାକୁ ସେଥିରେ ବସାଇବାକୁ ହେବ- କେବଳ ଏତିକି ହୋଇଥିଲେ ସମ୍ଭବତଃ ରାଜା ମାନିଯାଇଥାଆନ୍ତେ। କିନ୍ତୁ ବୋପଣ୍ଣା କଥା ଅନୁସାରେ ଏହା କରିବାକୁ ସେ ରାଜି ହେଲେ ନାହିଁ। ସେ ବସବଙ୍କୁ ଗାଳି ଦେବା ସଙ୍ଗେ ସଙ୍ଗେ ରାଣୀଙ୍କର ନିନ୍ଦା କଲେ, ଲକ୍ଷ୍ମୀନାରାୟଣଙ୍କୁ ଧମକାଇଲେ ଓ ବୋପଣ୍ଣାକୁ ଶାପ ଦେଲେ। ବସିରହି କଥା ନ କହି ଠିଆ ହୋଇ ପଡ଼ି ହାତ ଗୋଡ଼ ହଲାଇ ଚିତ୍କାର କରି କୋଠରୀ ଏକ ପାଖରୁ ଅନ୍ୟ ପାଖକୁ ପାଦ ଚାରଣା କଲେ।

ଲକ୍ଷ୍ମୀନାରାୟଣ ଏ ସବୁ କଥା ଶୁଣି ଚୁପ୍ ହୋଇ ବସି ରହିଲେ। ଶେଷରେ ବସବ ବୀରରାଜଙ୍କ ପାଦ ଧରି, "ମାଲିକ, ଖରାପ ସମୟ ପଡ଼ିଛି। ଯୁଦ୍ଧ ଲାଗିବାକୁ ଯାଉଛି। ସମୟ ଅନୁସାରେ ଚାଲିବାକୁ ହେବ। ଏ ଥର ମାନି ଯାଆନ୍ତୁ, ପରେ ଦେଖାଯିବ" ବୋଲି କହିବାକୁ ଲାଗିଲା। ରାଜା ତା ହାତରୁ ପାଦ ଛଡ଼େଇ ନେଇ ବାରମ୍ବାର କୋଠରୀ ମଧ୍ୟରେ ଏପଟସେପଟ ହୋଇ କହିଲେ, "ଠିକ୍ ଅଛି, ପଣ୍ଡିତ ମହାଶୟ, ମୁଁ କନ୍ୟା ପାଇଁ ଗାଦୀ ଛାଡ଼ିଦେବି। ଆପଣ ଯାଇ ଇଂରେଜମାନଙ୍କୁ ଫେରାଇ ଦିଅନ୍ତୁ।"

ଲକ୍ଷ୍ମୀନାରାୟଣ "ହଉ ମଣିମା" ବୋଲି କହିଲେ।

ରାଜା କହିଲେ, "ଏ କଥା ଆପଣ ଇଂରେଜଙ୍କୁ ମୋ ତରଫରୁ କହିବେ।"

ଲକ୍ଷ୍ମୀନାରାୟଣ ସେ କଥାରେ ରାଜି ହୋଇ ହାତ ଯୋଡ଼ି ବସବ ସାଙ୍ଗରେ ବାହାରକୁ ଗଲେ।

ରାଜା ଏଥିରେ ରାଜି ହେବା କଥା ଜାଣି ରାଣୀଙ୍କୁ ଘୋର ଅନ୍ଧକାର ମଧ୍ୟରେ ସାମାନ୍ୟ ଆଶାର ଆଲୋକ ଦେଖାଗଲା। ସବୁ କଥା ମାଙ୍କୁ କହି ଲକ୍ଷ୍ମୀନାରାୟଣ ବୋପଣ୍ଣାଙ୍କୁ ଦେଖା କରିବାକୁ କୁଶାଳନଗର ଆଡ଼କୁ ବାହାରିଲେ।

150

ଫ୍ରେସରଙ୍କ ଯୋଜନା ଅନୁସାରେ ତାଙ୍କୁ ପାଞ୍ଚୋଟିଯାକ ଦଳ ଏକା ଦିନରେ ପ୍ରାୟ ଦ୍ୱିପ୍ରହର ବେଳକୁ ରାସ୍ତା ପାର ହୋଇ କୋଡ଼ଗ ସୀମା ପର୍ଯ୍ୟନ୍ତ ପହଞ୍ଚିଗଲେ। ଫ୍ରେସର କୁଶାଳନଗର ସୀମାରେ ପହଞ୍ଚିଲେ। ପାଞ୍ଚଟି ଯାକ ସୀମାରେ ସେଠିକାର ଗୁଳ୍ମ ନାୟକ ଅନ୍ୟ ପକ୍ଷ ଦଳର ଅଧିନାୟକମାନଙ୍କୁ ବୋପଣ୍ଣାଙ୍କ ଆଦେଶ ନିଜ ନିଜ ଲୋକଙ୍କ ଦ୍ୱାରା କହି ପଠାଇଲେ।

କୁଶାଳ ନଗରରେ ପହଞ୍ଚିବା ଦଳରେ ଆସିଥିବା ଫ୍ରେସର ସ୍ୱୟଂ ଏ କଥା ଶୁଣି "କିଛି ଆପତ୍ତି ନାହିଁ" ବୋଲି ଉତ୍ତର ପଠାଇଲେ। ବାକୀ ଚାରିଆଡ଼ର ନାୟକମାନେ ମଧ୍ୟ ସେହିପରି ଉତ୍ତର ଦେଲେ। କେବଳ ଥରକଲଗୁଡ଼ର ସୀମାରେ କଥା ସାମାନ୍ୟ ଆଗକୁ ବଢ଼ିଥିଲା।

Digitized by srujanika@gmail.com

ବାଙ୍ଗାଲୋରରୁ ଆସିବା ବେଳେ ଅପ୍ପା କର୍ଣ୍ଣେଲ ସାହେବଙ୍କ ସାଙ୍ଗରେ ଆସିଲେ। କିଛି ଦୂର ଯିବା ପରେ ଅରକଲଗୁଡ଼କୁ ଯାଇଥିବା ଦଳର ସେଇ ସ୍ଥାନ ସହ ପରିଚିତ କୌଣସି ବ୍ୟକ୍ତିର ଆବଶ୍ୟକତା ପଡ଼ିବାରୁ ଅପ୍ପା ସେ ଦଳରେ ଆସି ମିଶିଲେ। ସୀମା ଉପରେ ପହଞ୍ଚି ସାମନା ଦଳର କଥା ଶୁଣି କହିଲେ, "ଏ ଜଣ, ମୁଁ ଦଳର ନାୟକ ପାଖକୁ ଯାଇ ସବୁ କଥା ବୁଝିଆସିଲେ ସବୁ ସ୍ପଷ୍ଟ ହୋଇଯିବ।"

ସେ ଦଳର ନାୟକ ସହ ପରାମର୍ଶ କରି ଏ କାମ ଅପ୍ପା କରିବେ ବୋଲି ସ୍ଥିର କଲେ। ଅପ୍ପା ଆଉ ଜଣେ ଲୋକକୁ ସାଙ୍ଗରେ ନେଇ ଆଗକୁ ଗଲେ।

କେହି ତାର ଅନୁମତି ବିନା ସେଠାରେ ପାଦ ଦେଲେ ତାକୁ ଗୁଳି କରିଦେବାକୁ ସୀମାସ୍ଥିତ ଚୌକିଦାରକୁ ନାୟକର ଆଦେଶ ଥିଲା।

ସୀମାର ସୈନିକ କହିଲା, "ରୁହ, ଆଗକୁ ପାଦ ବଢ଼ାଅ ନାହିଁ।"

ଅପ୍ପା ଏ କଥା ଶୁଣି ପାରିଲେ ନାହିଁ ବା ଶୁଣି ମଧ୍ୟ ବୁଝିପାରିଲେ ନାହିଁ। ସେ "ମୁଁ ଏକୁଟିଆ ଆସୁଛି। ଗୋଟାଏ କଥା କହିବାର ଅଛି" କହି ଆଗକୁ ପ୍ରାୟ ଚାରି ପାହୁଣ୍ଡ ଆସିଥିବେ କି ନାହିଁ ସୀମା ସୈନିକ ବନ୍ଧୁକ ଉଠାଇ ତାଙ୍କ ଛାତିକୁ ଲକ୍ଷ କରି ଗୁଳି ଚଳାଇଲା। ଅପ୍ପା ସେହିଠାରେ ଟଳି ପଡ଼ିଲେ।

ତାଙ୍କ ସହ ଆସିଥିବା ବ୍ୟକ୍ତି ଭୂମି ଉପରେ ଶୋଇ ପଡ଼ିଲା। କ୍ଷଣକ ପରେ ଉଠି ଅପ୍ପାଙ୍କ ଶବ ନେଇ ଦଶ ପାହୁଣ୍ଡ ପଛକୁ ଗଲା। ପୁଣି ଗୁଳିର ଶବ୍ଦ ଶୁଣାଯିବାରୁ ଧୀରେ ଧୀରେ ଶବକୁ ନେଇ ନିଜ ଦଳ ଆଡ଼କୁ ଚାଲିଗଲା।

ସାଥୀ ଲୋକମାନେ ଆଗକୁ ଆସି ଅପ୍ପାଙ୍କ ଶବକୁ ଶିବିର ମଧ୍ୟକୁ ନେଇ ପାଖରେ ଥିବା ପଡ଼ିଆରେ ଗୋଟିଏ ଗାତ ଖୋଳି ତାକୁ ପୋତି ଦେଲେ। ଏ ଘଟଣା ବିଷୟରେ କହିବାକୁ ଦଳର ନାୟକ କୁଶାଳ ନଗରକୁ ଜଣେ ଲୋକ ପଠାଇଲା।

151

ଇଆଡ଼େ କୁଶାଳ ନଗରରେ କର୍ଣ୍ଣେଲ ସାହେବ ବୋପଣ୍ଣାଙ୍କୁ କହି ପଠାଇଲେ। "ଆପଣ ଏଠାକୁ ଆସିବେ ନାଁ ମୁଁ ସେଠାକୁ ଯିବି? ଆପଣଙ୍କର କଣ ଇଚ୍ଛା ଜଣାନ୍ତୁ। ଆପଣଙ୍କ ପ୍ରତିଷ୍ଠାରେ ଦାଗ ଲାଗିବା ପରି କୌଣସି କାର୍ଯ୍ୟ ମୁଁ କରିବାକୁ ଚାହୁଁନାହିଁ।" "ମୁଁ ସେଠାକୁ ଆସିବି" ବୋଲି ବୋପଣ୍ଣା ଜବାବ ଦେଇ ଅଧଘଣ୍ଟା ପରେ ତାଙ୍କ ଶିବିରକୁ ଗଲେ। ଫ୍ରେସର ଅତ୍ୟନ୍ତ ଆଦର ପୂର୍ବକ ବୋପଣ୍ଣାଙ୍କର ସ୍ୱାଗତ କଲେ। ନିଜ ତମ୍ବୁ ଭିତରକୁ ନେଇ ପ୍ରଥମେ ତାଙ୍କୁ ଗୋଟିଏ ଚଉକିରେ ବସିବାକୁ କହି ପରେ ନିଜେ ବସି କହିଲେ, "ଆପଣ କୋଡ଼ଗର ମନ୍ତ୍ରୀ। ଆପଣଙ୍କ ସ୍ଥାନ ଖୁବ୍ ଉଚ୍ଚରେ। ଆପଣଙ୍କର ଏଠାକୁ ଆସିବା ଉଦାରତାର ଲକ୍ଷଣ। ଜନତାର ଆପଣଙ୍କୁ 'ନିଗର୍ବ ଶିରୋମଣି' କହିବା କିଛି ଭୁଲ ନୁହେଁ।"

"ଛାଡ଼ନ୍ତୁ, ଜନତା ମୋ ବିଷୟରେ ଜାଣନ୍ତି ନାହିଁ କିନ୍ତୁ ଆପଣଙ୍କ କଥା ମୋତେ ଭଲ ଲାଗିଲା।"

Digitized by srujanika@gmail.com

"ଖୁବ୍ ଆନନ୍ଦର କଥା। କମ୍ପାନୀ ସରକାର ଓ କୋଡ଼ଗ ମଧ୍ୟରେ ଏ ସମସ୍ୟାର କିପରି ସମାଧାନ ହେବ? ଏ ବିଷୟରେ ଆପଣଙ୍କର ମତ କଣ?"

"ରାଜା ନିଜ ଭଉଣୀ ଓ ଭିଣୋଇଙ୍କ ସହ ଅନ୍ୟାୟ କରିଛନ୍ତି। ସେମାନେ ଆପଣଙ୍କ ନିକଟରେ ପହଞ୍ଚିଛନ୍ତି। ଏ ବିଷୟରେ କଥା ହେବା ପାଇଁ ଆପଣ ଯେଉଁ ପ୍ରତିନିଧି ପଠାଇଥିଲେ ରାଜା ତାଙ୍କୁ ବନ୍ଦୀ କରି ରଖିଲେ। ଭଉଣୀ, ଭିଣୋଇଙ୍କର ସମ୍ମାନ ଓ ପ୍ରାଣ ରକ୍ଷା କରିବା ତଥା ପ୍ରତିନିଧିଙ୍କୁ ମୁକ୍ତ କରିବା ପାଇଁ ଆପଣ ସେନା ନେଇ କୋଡ଼ଗ ଆସିଛନ୍ତି।"

"ରାଜା ନିଜ ଭଣଜାକୁ ଖୁନ୍ କରିଛନ୍ତି। ତାଙ୍କୁ ଦଣ୍ଡ ଦେବା ଆମର କର୍ତ୍ତବ୍ୟ। କୋଡ଼ଗର ଭବିଷ୍ୟତ ମଙ୍ଗଳ ପାଇଁ ଏକ ଉଚିତ ବ୍ୟବସ୍ଥା କରିବା ଆମର କର୍ତ୍ତବ୍ୟ ବୋଲି କମ୍ପାନୀ ସରକାରର ମତ।"

"ଭଉଣୀ ଓ ଭିଣୋଇଙ୍କ ମାନ ରକ୍ଷା କରିବାରେ ହିଁ ସେମାନଙ୍କ ସନ୍ତାନର ମୃତ୍ୟୁ ବିଷୟ ଓତଃପ୍ରୋତ ଭାବରେ ଜଡ଼ିତ। କୋଡ଼ଗର ଭବିଷ୍ୟତ ବ୍ୟବସ୍ଥା କରିବା ତ କୋଡ଼ଗର ପ୍ରମୁଖ ନାଗରିକଙ୍କର କାମ। ବାହାର ଲୋକଙ୍କର ନୁହେଁ।"

"ଯାହା କୋଡ଼ଗର ପ୍ରମୁଖ ଲୋକେ ପସନ୍ଦ କରନ୍ତି ନାହିଁ ତାହା ତାଙ୍କ ଉପରେ ଲଦିବାକୁ ଆମର କିଛିବି ମାତ୍ରା ଇଚ୍ଛା ନାହିଁ। ଆପଣ ନିଜ ଦେଶକୁ ଦେଖାଶୁଣା କରି ପାରିବେ ବୋଲି କମ୍ପାନୀ ସରକାର ଜାଣେ। ତଥାପି ଏପରି ସମୟରେ ଦେଶର ପ୍ରମୁଖ ଲୋକ ଅଗ୍ରସର ହେଲେ ଦୋଷ ସୁଧାରିବାରେ ଡେରି ହୋଇପାରେ।

ବାହାରର ବନ୍ଧୁ ଏପରି ସମୟରେ ବିବାଦ ସମାପ୍ତ କରିବାରେ ସହାୟକ ହୁଅନ୍ତି। ଏଇ ସହାୟତା ବିଷୟରେ ମୁଁ ବର୍ତ୍ତମାନ ଆପଣଙ୍କୁ କହୁଥିଲି।"

"ଖୁସୀର କଥା। ଆପଣ ଆପଣଙ୍କର ଉଦ୍ଦେଶ୍ୟ କଣ କହନ୍ତୁ।"

"ରାଜା କମ୍ପାନୀ ସରକାରର ଅପମାନ କରିଛନ୍ତି। କମ୍ପାନୀ ସରକାର ତାଙ୍କ ଭଉଣୀକୁ ଆଶ୍ରୟ ଦେଇଥିବା ଯୋଗୁଁ କ୍ରୋଧରେ ସେ ନିଜ ଭଣଜାକୁ ଖୁନ୍ କରିଛନ୍ତି। ଏହି ଅପମାନର ଶାସ୍ତି ସ୍ୱରୂପ ତାଙ୍କୁ ଗାଦୀରୁ ହଟେଇବାକୁ ହେବ। ଖୁନ୍‌ର ଦଣ୍ଡ ସ୍ୱରୂପ ତାଙ୍କୁ ମୃତ୍ୟୁଦଣ୍ଡ ବା ଆଉକିଛି ଶାସ୍ତି ଦିଆଯିବ ସେ ବିଷୟରେ ବିଚାର କରିବାକୁ ହେବ।"

"ଆମର ପ୍ରମୁଖମାନେ ରାଜାଙ୍କୁ ଆଗରୁ ଗାଦୀରୁ ଓହ୍ଲାଇ ଦେଇଛନ୍ତି। ଏ ବିଷୟରେ ଆପଣ ଚିନ୍ତା କରିବାର ଆବଶ୍ୟକତା ନାହିଁ।"

"ଠିକ୍ ଅଛି।"

"ଭଉଣୀଙ୍କ ସନ୍ତାନର ଖୁନ୍ ଯୋଗୁଁ ଦଣ୍ଡ ଦେବାର ଅଧିକାର ଆପଣମାନଙ୍କର ନାହିଁ। ସେମାନେ କମ୍ପାନୀ ସରକାରର ପ୍ରଜା ନୁହନ୍ତି।"

"ଠିକ୍ କଥା। ତାଙ୍କୁ ଦଣ୍ଡ ଦେବା କଥା ଆପଣ ନିଜେ ସ୍ଥିର କରି ସାରିଛନ୍ତି ବୋଲି ଆମେ ଜାଣିପାରିଥିଲୁ। ଯଦି ଆପଣ ମନା କରୁଛନ୍ତି ତେବେ ଆମେ ସେଥିରେ ପଶିବୁ ନାହିଁ।"

"ଠିକ୍ ଅଛି। ଆଉ କଣ କହିବାର କହନ୍ତୁ।"

"ଆମ ପ୍ରତିନିଧିଙ୍କୁ ତୁରନ୍ତ ଛାଡ଼ି ରାଜାଙ୍କ ଭଉଣୀ ଓ ଭିଣୋଇଙ୍କର ଉଚିତ ବ୍ୟବସ୍ଥା କରିବାକୁ ହେବ। ଆମ ସେନାକୁ ଆସିବାର ଖର୍ଚ୍ଚ ଦେବାକୁ ପଡ଼ିବ ଓ ଭବିଷ୍ୟତରେ କୋଡ଼ଗରେ ଅବ୍ୟବସ୍ଥା ନ ହେବା ପାଇଁ ଆମ ମନ ମୁତାବକ ବ୍ୟବସ୍ଥା କରିବାକୁ ହେବ।"

Digitized by srujanika@gmail.com

"ଅବ୍ୟବସ୍ଥା ହେବା ଉଚିତ ନୁହେଁ। ଏକଥା ଠିକ୍ କିନ୍ତୁ ଆମ ବ୍ୟବସ୍ଥା ଆପଣଙ୍କ ମନ ମୁତାବକ କାହିଁକି ହେବ ?"

"କାରଣ କୋଡ଼ଗ ଆମ ଶାସିତ ପ୍ରଦେଶ ଗୁଡ଼ିକ ମଝିରେ ଅବସ୍ଥିତ। ଏଠାରେ ଯାହା କିଛି ଗଣ୍ଡଗୋଳ ହେଲେ ତାର ପ୍ରଭାବ ସେ ପ୍ରଦେଶଗୁଡ଼ିକ ଉପରେ ପଡ଼ୁଛି। ଆମ ରାଜ୍ୟରେ ଗଣ୍ଡଗୋଳ ନ ହେବା ପାଇଁ ଆପଣଙ୍କର ଏଠାରେ ଉଚିତ ବ୍ୟବସ୍ଥା କରିବାକୁ ହେବ।"

"ଠିକ୍ ଅଛି, ସାହେବ। ତାହା ଆପଣ କିପରି ଭାବେ କରିବାକୁ ଚାହୁଁଛନ୍ତି ?"

"ଆମେ କୌଣସି ବିଶେଷ ବ୍ୟବସ୍ଥା ସମ୍ବନ୍ଧରେ ନିଶ୍ଚିତ କରିନାହୁଁ। ଆପଣ ଓ ମୁଁ ମିଶି ବିଚାର କରିବା। ଆପଣ ଯାହା ପସନ୍ଦ କରିବେ ମୁଁ ସେଥିରେ ସହମତ। ଆପଣଙ୍କ ଇଚ୍ଛା ବିରୁଦ୍ଧରେ ମୁଁ ପାଦେ ହେଲେ ଆଗେଇବି ନାହିଁ।"

"ଏହା ଶୁଣି ଖୁବ୍ ଖୁସୀ ହେଲି ସାହେବ, ଆଉ କଣ କହନ୍ତୁ।"

"ଆମେ ଏତେ ଦୂରକୁ କୋଡ଼ଗର ମଙ୍ଗଳ ପାଇଁ ହିଁ ଆସିଛୁ। ଆପଣଙ୍କ ଆହ୍ୱାନ ଅନୁଯାୟୀ ଆମେ ଆଗେଇବୁ। ରାଜଗଦୀର ଉତ୍ତରାଧିକାରୀ ନିର୍ଣ୍ଣୟ କରିବା ସମ୍ବନ୍ଧରେ ଆମେ ଆପଣଙ୍କର ସହାୟତା କରିବୁ। ନୂଆ ରାଜା ଗଦୀ ଉପରେ ବସି ଏ ସମସ୍ୟା ସନ୍ତୋଷଜନକ ଭାବେ ସମାଧାନ ହେବା ପରେ ଆପଣଙ୍କ ଆଜ୍ଞା ନେଇ ବନ୍ଧୁ ରୂପେ ଆମେ ନିଜ ସ୍ଥାନକୁ ଫେରି ଯିବୁ।"

"ତେବେ ଆପଣ ଏଥିପାଇଁ ମଡ଼କେରୀ ଆସିବାକୁ ଚାହୁଁଛନ୍ତି ?"

"ଆପଣଙ୍କ ଇଚ୍ଛା ନ ଥିଲେ ମୁଁ ଆସିବି ନାହିଁ। ଆପଣ ଉଚିତ ବ୍ୟବସ୍ଥା କରି ମୋତେ ଖବର ଦିଅନ୍ତୁ। ଆମେ ଏହିଠାରୁ ଫେରିଯିବୁ।"

"ଠିକ୍ ଅଛି। ଟିକିଏ ଭାବି ଘଣ୍ଟାକ ପରେ ଆପଣଙ୍କୁ ଯାହା ସ୍ଥିର କରାଯିବ ଜଣାଇଦେବି।"

"ଉତ୍ତରାଧିକାରୀ ସମ୍ବନ୍ଧରେ ବିଚାର କରିବା ସମୟରେ ଯେଉଁମାନଙ୍କ କଥା ଭାବିବେ ତା ସହିତ ଅତି କମରେ ଆଉ ଦୁଇଜଣଙ୍କ ନାମ ବିଷୟରେ ବିଚାର କରିବାକୁ ପଡ଼ିବ।"

"କିଏ- କିଏ ?"

"ରାଣୀ ଓ ତାଙ୍କ କନ୍ୟା ତ ଆପଣଙ୍କ ହିସାବରେ ଥିବେ। ତୃତୀୟ ହେଉଛନ୍ତି ରାଜାଙ୍କ ଭଉଣୀ। ତାହା ଆପଣ ମାନନ୍ତୁ ବା ନ ମାନନ୍ତୁ। ତାଛଡ଼ା ଆଉ ଦୁଇଜଣଙ୍କ ପ୍ରତି ଏ ପର୍ଯ୍ୟନ୍ତ ଆପଣ ଧ୍ୟାନ ଦେଇ ନାହାନ୍ତି। ସେମାନେ ହେଲେ ରାଜାଙ୍କ ବଡ଼ବାପାଙ୍କ ପୁତ୍ର ଓ ରାଜାଙ୍କ ବଡ଼ ଭାଇ।"

"ରାଜାଙ୍କ ବଡ଼ବାପା ପୁଅ ଓ ନିଜ ଭାଇ ?"

"ଅପ୍ପା ନାମରେ ରାଜାଙ୍କ ବଡ଼ବାପା ଅଛନ୍ତି ତା ତ ଆପଣ ଜାଣିଥିବେ।"

"ଲୋକେ କହନ୍ତି ଯେ ଅପ୍ପା ମରିବାର ତିରିଶ ବର୍ଷ ହୋଇଗଲାଣି।"

"ହୋଇପାରେ, ନିଜକୁ ଅପ୍ପା ବୋଲି ପରିଚୟ ଦେଇ ଆମ ସାଙ୍ଗରେ ଜଣେ ଆସିଛନ୍ତି।"

"କାହାନ୍ତି ?"

"ଏଠାରେ ନାହାନ୍ତି। ଅରକଲଗୁଡ଼ ଯାଇଥିବା ଦଳରେ ଯାଇଛନ୍ତି। ଆପଣ ଚାହିଁଲେ ମୁଁ ତାଙ୍କୁ ମଡ଼କେରୀକୁ ଡକାଇବି ?"

Digitized by srujanika@gmail.com

"ଆପଣ ତାଙ୍କ ପୁତ୍ର କଥା କହୁଛନ୍ତି ?"

"ଆଜ୍ଞା ହଁ।"

"ତାଙ୍କର ପୁତ୍ର କାହିଁ ?"

"ଏଠାରେ ନାହିଁ। ମଡ଼କେରୀରେ ଆପଣଙ୍କୁ ସାକ୍ଷାତ କରିବ।"

"ଆଉ ଦ୍ୱିତୀୟ ଜଣକ ରାଜାଙ୍କ ନିଜ ଭାଇ ?"

"ଆଜ୍ଞା ହଁ।"

"ଏହାତ ମୋ ପାଇଁ ନୂଆ ଖବର। ରାଜାଙ୍କ ଜଣେ ଭଉଣୀ ଛଡ଼ା ଆଉ କିଏ ଅଛି ବୋଲି ମୋତେ ଜଣା ନଥିଲା।"

"ଆଉ ଜଣେ ଭାଇ ଅଛି। ଏ ସମ୍ବନ୍ଧରେ ଆମ ପାଖକୁ ଅନେକ ଚିଠି ଆସିଛି। ଏହା ସମ୍ବନ୍ଧିତ ସମସ୍ତ କାଗଜ ପତ୍ର ମୁଁ ଆଣିଛି। ଆବଶ୍ୟକ ହେଲେ ଆପଣଙ୍କ ଅବକାଶ ସମୟରେ ଦେଖାଇବି।"

"ଠିକ୍ ଅଛି ସାହେବ। ତେବେ ତା ଅର୍ଥ ହେଉଛି ଏ ସବୁ ବିଷୟରେ ବିଚାର କରିବା ପାଇଁ ଆପଣଙ୍କ ମଡ଼କେରୀରେ ରହିବା ପ୍ରୟୋଜନ।"

"ଆପଣଙ୍କର ଇଚ୍ଛା। ଆପଣ ଡାକିଲେ ଆସିବାକୁ ମୋର କିଛି ଆପତ୍ତି ନାହିଁ।"

"ଭାବି ନିଅନ୍ତୁ ମୁଁ ଡାକିଛି ଓ ଆପଣ ଆସିଛନ୍ତି। କାର୍ଯ୍ୟ ଶେଷ ହେଲେ ଆମ ଜନତା ଯେତେବେଳେ କହିବେ ସେତେବେଳେ ଆପଣଙ୍କୁ ଯିବାକୁ ହେବ। ଏ ବିଶ୍ୱାସ ରଖନ୍ତୁ।"

ଆପଣଙ୍କ ସ୍ନେହଠାରୁ ବଳି ଆଉ କିଛି ମୂଲ୍ୟବାନ ପଦାର୍ଥ ଆମ ପାଇଁ ନାହିଁ। ଆମେ କୋଡ଼ଗ ଜନତାର ମିତ୍ର ଓ ସେବକ ହୋଇ ଆସିଛୁ। ଯେଉଁ ମୂହୂର୍ତ୍ତରେ ସେମାନେ ସୁଖୀ ବୋଲି ଜଣାପଡ଼ିବ ସେହି ମୂହୂର୍ତ୍ତରେ ସେମାନଙ୍କର ଆଜ୍ଞା ନେଇ ଆମେ ଫେରିଯିବୁ।"

"ଆଚ୍ଛା, ଆଉ କିଛି କଥା ନାହିଁ ତ ?"

"ଆଉ ତ କିଛି କଥା ନାହିଁ। ଆପଣ ଓ ଆମ ମଧ୍ୟରେ ହୋଇଥିବା ସ୍ୱୀକୃତିର ସାରାଂଶକୁ ଇଂରେଜି ଓ କନ୍ନଡ଼ ଭାଷାରେ ଦଶୋଟି ଲେଖା ବାକ୍ୟରେ ଲେଖି ଆପଣଙ୍କୁ ପଠାଉଛି। ଇଂରାଜି ଭାଷାରେ ସାରାଂଶ ଠିକ୍ ଲେଖା ଅଛି ବୋଲି ଅନୁବାଦକ ଦସ୍ତଖତ କରିବ। ଏ ସବୁ ଯେପରି ଠିକ୍ ଭାବେ ହୁଏ ତା ମୁଁ ଦେଖିବି, କନ୍ନଡ଼ରେ ସାରାଂଶ ଆପଣ ପରେ ଦେଖିବେ। ଆମେ ଦୁଇଜଣ ଦସ୍ତଖତ କରିବା। ତାର ଗୋଟିଏ ପ୍ରତିଲିପି ଆପଣଙ୍କ ପାଖରେ ଓ ଗୋଟିଏ ମୋ ପାଖରେ ରହିବ।"

"ଆପଣ ଚାହୁଁଛନ୍ତି ତ କରନ୍ତୁ।"

"ଏହା ହେଉଛି ଗୋଟିଏ ପ୍ରଥା। କେହି କିଛି କହି ଯେପରି ପରେ ସେ କଥାକୁ କାହାରି ନ ଯାଏ ସେଥିପାଇଁ ଏପରି ଲେଖି ରଖିବା ପ୍ରଥା ଆମର ଅଛି।"

"କହିଥିବା କଥାରୁ ଯେ ପଛରେ ବାହାରିଯାଏ ସେ ସବୁଥିରୁ ଖସି ଯାଇପାରିବ। ଛାଡ଼ନ୍ତୁ, ଏଥିରେ ଆମ ତରଫରୁ କିଛି ଆପତ୍ତି ନାହିଁ, ଆପଣ ଲେଖନ୍ତୁ।"

Digitized by srujanika@gmail.com

152

କର୍ଣ୍ଣେଲ ଫ୍ରେସର ଖୁବ୍ ବୁଦ୍ଧିମାନ ବ୍ୟକ୍ତି ଥିଲେ। ସେ ଯେ କେବଳ ଯୁଦ୍ଧ ବିଷୟରେ ଚତୁର ଥିଲେ ତା ନୁହେଁ। ଲୋକ ସମ୍ପର୍କ ସ୍ଥାପିତ କରିବା ଓ ପ୍ରଶାସନରେ ମଧ୍ୟ ନିପୁଣ ଥିଲେ। ବୋପଣ୍ଣା ଓ ତାଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତାକୁ ସେ ତୁରନ୍ତ ଦଶୋଟି ବାକ୍ୟରେ ଇଂରାଜିରେ ଲେଖି ଅନୁବାଦକକୁ ଡାକି ତାର ଅନୁବାଦ କନ୍ନଡ଼ରେ କରିବାକୁ କହିଲେ। ସେହି କନ୍ନଡ଼ ଅନୁବାଦକୁ ବୋପଣ୍ଣାଙ୍କ ପାଖକୁ ପଠାଇ କହିଲେ, "ଆମ ଦୁଇଜଣଙ୍କ କଥାବାର୍ତ୍ତାର ସାରାଂଶ ଏଥିରେ ଅଛି ନାଁ ନାହିଁ ଦୟା କରି କହିବ।"

"ସବୁ ଠିକ୍ ଥିଲା। ବୋପଣ୍ଣା ନିଜର ସହମତି ଜଣାଇ ପତ୍ରକୁ ଫେରାଇ ଦେଲେ।

ଫ୍ରେସର ଅନୁବାଦକକୁ ସେ କାଗଜର ଦୁଇଟି ପ୍ରତିଲିପି କରିବାକୁ କହି ବୋପଣ୍ଣାଙ୍କୁ କହି ପଠାଇଲେ, "ମୁଁ ଦ୍ୱିପ୍ରହରକୁ ସାଙ୍ଗରେ ରାଜିନାମା ନେଇ ଆପଣଙ୍କ ଶିବିରକୁ ଆସିବି। ଉଭୟେ ଏକସଙ୍ଗେ ସେଥିରେ ଦସ୍ତଖତ କରିବା।"

ସନ୍ଧ୍ୟା ସମୟରେ ସେ ବୋପଣ୍ଣାଙ୍କ ପାଖକୁ ଆସିଲେ। ବୋପଣ୍ଣା ତାଙ୍କୁ ମର୍ଯ୍ୟାଦାପୂର୍ବକ ସ୍ୱାଗତ କରି ପ୍ରଥମେ ତାଙ୍କୁ ବସାଇ ପରେ ନିଜେ ବସିଲେ। ଏପରି ବ୍ୟବହାର କଲେ ଯେପରି କୋଡ଼ଗୀ ଶାଳୀନତା ଇଂରେଜମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହେଁ। ସ୍ୱୀକୃତି ପତ୍ରକୁ ପଢ଼ାଇ ତା ଉପରେ ଉଭୟେ ଦସ୍ତଖତ କଲେ। ଫ୍ରେସର ଗୋଟିଏ କାଗଜ ବୋପଣ୍ଣାଙ୍କୁ ଦେଇ ଗୋଟିଏ ସ୍ୱୟଂ ନେଲେ।

ପ୍ରଧାନ କାମ ଶେଷ ହେବା ପରେ ଫ୍ରେସର ବୋପଣ୍ଣାଙ୍କ ସହ ବନ୍ଧୁ ହିସାବରେ କଥା କହିବାକୁ ବସି କହିଲେ, "ମହୀଶୂର ବହୁତ ସୁନ୍ଦର ପ୍ରଦେଶ। ଆମେ ଯେଉଁ ରାସ୍ତାରେ ଆସିଲୁ ତାହା ଖୁବ୍ ସୁନ୍ଦର। କାବେରୀ ନଦୀ ଦେଖିଲେ ଖୁବ୍ ତୃପ୍ତି ଆସେ। କୋଡ଼ଗ ସୁନ୍ଦର ଦେଶ ଓ ତାର ଅଧିବାସୀମାନେ ବୀର, ସ୍ୱତନ୍ତ୍ରତା ପ୍ରିୟ ଓ ଶାଳୀନ।" ଏହିପରି ସବୁ କଥା କହିଲେ। ବୋପଣ୍ଣା ବେଶୀ କଥା କହିବା ଲୋକ ନ ହେଲେ ମଧ୍ୟ ଏହା ଯେ ଇଂରେଜମାନଙ୍କର ଏକ ପ୍ରକାର ପଦ୍ଧତି ତା ସେ ଜାଣିଥିବାରୁ ଶିଷ୍ଟତାପୂର୍ବକ ତାଙ୍କ କଥା ଶୁଣିବାକୁ ଲାଗିଲେ। ଦୁଇ ଚାରିଟା କଥା ମଝିରେ ଜବାବ ମଧ୍ୟ ଦେଉଥିଲେ।

153

ଏମାନେ ଏପରି କଥାବାର୍ତ୍ତା ହେଉଥିବା ବେଳେ ବାହାରେ ଲକ୍ଷ୍ମୀନାରାୟଣଙ୍କର ସ୍ୱର ଶୁଣାଗଲା। ବୋପଣ୍ଣା ସିଆଡ଼କୁ କାନ ପାରି ଜାଣିଲେ ଯେ ସେ ହେଉଛନ୍ତି ଲକ୍ଷ୍ମୀନାରାୟଣ। ତାପରେ ସେ ଫ୍ରେସରଙ୍କୁ, "ଅଳ୍ପ ସମୟ ପାଇଁ ମୋତେ କ୍ଷମା କରନ୍ତୁ। ମୋର ସାଥୀ ମନ୍ତ୍ରୀ ଆସିବା ପରି ମନେ ହେଉଛି। ତାଙ୍କୁ ସ୍ୱାଗତ କରିବାକୁ ହେବ" କହି ଦ୍ୱାର ନିକଟକୁ ଆସିଲେ।

Digitized by srujanika@gmail.com

ଲକ୍ଷ୍ମୀନାରାୟଣ କୁଶାଳ ନଗର ପହଞ୍ଚିବା କ୍ଷଣି ବୋପଣ୍ଣାଙ୍କ ଶିବିରକୁ ଆସି ବୋପଣ୍ଣାଙ୍କୁ ଦେଖା କରିବି ବୋଲି କହିବାରୁ ଦ୍ୱାରପାଳ କହିଲା, ''ଇଂରେଜ କର୍ଣ୍ଣେଲ ସାହେବ ଆସିଛନ୍ତି। ମନ୍ତ୍ରୀ ମହୋଦୟ ତାଙ୍କ ସଙ୍ଗେ କଥାବାର୍ତ୍ତା କରୁଛନ୍ତି।''

ଇଂରେଜ କର୍ଣ୍ଣେଲ ବୋପଣ୍ଣାଙ୍କ ପାଖକୁ ଆସିବା ପର୍ଯ୍ୟନ୍ତ କଥା ଗଲାଣି ବୋଲି ଲକ୍ଷ୍ମୀନାରାୟଣ ଭାବି ନ ଥିଲେ। ଏ କଥା ଶୁଣିବା ମାତ୍ରେ ତାଙ୍କ ଛାତି ଥରିବାକୁ ଲାଗିଲା। ରାଜାଙ୍କ ଦ୍ୱାରା ପ୍ରେରିତ ପ୍ରସ୍ତାବ ବ୍ୟର୍ଥ ହୋଇଗଲା ବୋଲି ତାଙ୍କର ମନେ ହେଲା।

ଲକ୍ଷ୍ମୀନାରାୟଣଙ୍କୁ ଦେଖି ବୋପଣ୍ଣା କହିଲେ, ''ନମସ୍କାର ପଣ୍ଡିତ ମହାଶୟ, ଆସନ୍ତୁ। କର୍ଣ୍ଣେଲ ସାହେବ ଆସିଛନ୍ତି। ଆପଣ ମଧ୍ୟ ତାଙ୍କୁ ଭେଟି ପାରନ୍ତି।''

''ତା ପୂର୍ବରୁ ଆମ ଦୁଇଜଣଙ୍କର କେତୋଟି କଥା ହବାର ଅଛି ବୋପଣ୍ଣା।''

''ତେବେ ମୁଁ ତାଙ୍କୁ ପଠାଇଦେବି ?''

''ହଁ ପଠାଇ ଦିଅନ୍ତୁ। ଆମେ କଥା ହୋଇ ସାରିବା ପରେ ଆବଶ୍ୟକ ପଡ଼ିଲେ ମୁଁ ଯାଇ ତାଙ୍କୁ ସାକ୍ଷତ କରିବି।''

''ଠିକ୍ ଅଛି। ମୁଁ ତାଙ୍କୁ କହିଦଉଛି।''

ଏହା କହି ବୋପଣ୍ଣା ଫ୍ରେସରଙ୍କ ପାଖକୁ ଯାଇ କହିଲେ, ''ଦୟାକରି ଆପଣ ଆମକୁ ଟିକିଏ ସମୟ ଦିଅନ୍ତୁ। ଆମେ ଆସି ଆପଣଙ୍କ ଶିବିରରେ ଆପଣଙ୍କୁ ସାକ୍ଷାତ କରିବୁ।''

ଫ୍ରେସର ନିଜ ଶିବିରକୁ ଫେରିଗଲେ ଓ ବୋପଣ୍ଣା ଲକ୍ଷ୍ମୀନାରାୟଣଙ୍କ ନିକଟକୁ ଆସିଲେ।

154

''ଆପଣ ଏଠାକୁ ଆସିବେ ବୋଲି ମୁଁ ଭାବି ନଥିଲି।'' କହିଲେ ବୋପଣ୍ଣା। ଲକ୍ଷ୍ମୀନାରାୟଣ ସବୁକଥା କହିସାରିବା ପରେ ବୋପଣ୍ଣା କହିଲେ, ''ଆପଣ ମୋତେ ପଥର ହୃଦୟ ବୋଲି ଭାବନ୍ତୁ ନାହିଁ ପଣ୍ଡିତ ମହାଶୟ। ମୋର ରାଣୀମାଙ୍କ ଉପରେ ଦୟା ଆସୁଛି। କିନ୍ତୁ ରାଜାଙ୍କ କଥା ମୁଁ ଶୁଣିବାକୁ ଚାହୁଁନାହିଁ।''

''ରାଜାଙ୍କ ବିଷୟରେ ଆପଣଙ୍କ ଯେତିକି ବିରକ୍ତି ଆସିଛି ସେତିକି ମୋର ମଧ୍ୟ ଆସିଛି ବୋପଣ୍ଣା। କିନ୍ତୁ ବର୍ତ୍ତମାନ ସେ କଥା ଶେଷ ହୋଇଗଲାଣି। ରାଜା ସ୍ୱୟଂ ଗଦୀ ଛାଡ଼ି କନ୍ୟାଙ୍କୁ ସେଥିରେ ବସାଇବାକୁ ପ୍ରସ୍ତୁତ। ସେ କହିଛନ୍ତି ଯେ ଆମର ସେକଥାରେ ରାଜି ହୋଇ ଇଂରେଜଙ୍କୁ ଫେରାଇ ଦେବା ଉଚିତ। ଏପରି ହେଲେ ଅତି ସହଜରେ ସମସ୍ୟାର ସମାଧାନ ହୋଇଯିବ।''

''ଗଦୀ ଛାଡ଼ିବା ତାଙ୍କ ହାତର କଥା ହେଲେ ମଧ୍ୟ କନ୍ୟାଙ୍କୁ ବସାଇବା କଥା ତାଙ୍କ ହାତରେ ନାହିଁ। ସବୁ 'ତକ୍କ' ଏକତ୍ର ରାଜି ହେଲେ ଯାଇ ତାହା ହୋଇ ପାରିବ।''

''ଏମିତି କଥା।''

''ଦେଖନ୍ତୁ ପଣ୍ଡିତ ମହାଶୟ, ଏ କଥା ସେ ଗତବର୍ଷ, ଛଅମାସ ବା ଆଠଦିନ ଆଗରୁ କହିଥିଲେ ମଧ୍ୟ ମୁଁ ମାନିଯାଇ ଥାଆନ୍ତି। ସେତେବେଳେ ସେ ନାମକୁ ମାତ୍ର ହେଲେ ମଧ୍ୟ ରାଜା ଥିଲେ। କିନ୍ତୁ ବର୍ତ୍ତମାନ ସେ କଣ ?''

Digitized by srujanika@gmail.com

‘‘ଠିକ୍ ଅଛି। ତାଙ୍କ କଥା ଅନୁସାରେ ନ ହେଲେ ମଧ୍ୟ ଆମେ ନିଜ ପାଇଁ ତ ଏହା କରିବା ?’’

‘‘କିଛି ଆପତ୍ତି ନାହିଁ। କିନ୍ତୁ ଏହା ରାଜାଙ୍କ ଆଜ୍ଞା ବୋଲି କହିବାର ଆବଶ୍ୟକତା ନାହିଁ। ଯେ ରାଜା ଥିଲେ ସେ ଗଦୀରୁ ଓହ୍ଲାଇ ସାରିଛନ୍ତି। ଭବିଷ୍ୟତରେ କିଏ ରାଜା ହେବ, କୋଡ଼ଗ ଓ କମ୍ପାନୀର କିପରି ସମ୍ବନ୍ଧ ହେବ, ଏହାର ରାଜାଙ୍କର ଚିନ୍ତା କରିବା କଥା ନୁହେଁ।’’

‘‘ତାଙ୍କ ମନର କଥା ଆପଣଙ୍କୁ କହି ଇଂରେଜଙ୍କ ସହ କଥାବାର୍ତ୍ତା କରି ଆପଣଙ୍କୁ ଫେରିବାକୁ କହିବା ପାଇଁ ରାଜା କହିଥିଲେ। ଆପଣତ ତାଙ୍କ କଥା ହିଁ ଶୁଣିବାକୁ ଚାହୁଁ ନାହାନ୍ତି।’’

‘‘ହଁ ପଣ୍ଡିତ ମହାଶୟ, ଆଉ ଗୋଟିଏ କଥା କହନ୍ତୁ। ରାଜା କଣ ତାଙ୍କ ମନକଥା ପ୍ରଥମେ ମୋତେ ଓ ପରେ ଇଂରେଜଙ୍କୁ କହିବାକୁ କହିଥିଲେ ?’’

ଲକ୍ଷ୍ମୀନାରାୟଣ କିଛି ଉତ୍ତର ନ ଦେଇ ବୋପଣ୍ଣାଙ୍କ ମୁହଁକୁ ଚାହିଁ ରହିଲେ।

‘‘ମୋତେ କହିବାକୁ ସେ ମୋଟେ କହି ନାହାନ୍ତି। ତାଙ୍କୁ ରକ୍ଷା କରିବା ପାଇଁ ଆପଣ ନିଜ ତରଫରୁ ଏହା କହୁଛନ୍ତି।’’

‘‘ସେ ଆପଣଙ୍କ ନାଁ ନେଇ ନ କହିଲେ ମଧ୍ୟ ତାଙ୍କ ଅଭିପ୍ରାୟ ଏହା ହିଁ ଥିଲା।’’

‘‘ଦେଖନ୍ତୁ ପଣ୍ଡିତ ମହାଶୟ, ଆମ ଦୁଇଜଣଙ୍କର ବିଚାର ଏକ ପ୍ରକାର ହେଲେ ମଧ୍ୟ ତାହା ଭାବିବାର ଢଙ୍ଗଟି ଅଲଗା। ଆପଣ ଭାବୁଛନ୍ତି କୋଡ଼ଗ ରାଜାଙ୍କର ଓ ମୁଁ କହୁଛି କୋଡ଼ଗ ଆମର। ସମ୍ମାନ ଦୃଷ୍ଟିରୁ ମୁଁ ଆପଣଙ୍କ ପରି ବ୍ୟକ୍ତିଙ୍କ କଥା ଏପର୍ଯ୍ୟନ୍ତ ମାନି ଆସୁଥିଲି। ରାଜା କୋଡ଼ଗକୁ ନିଜର ଭାବି ବହୁତ ଅତ୍ୟାଚାର କରିଛନ୍ତି। ବର୍ତ୍ତମାନ ତାହା ଶେଷ ହୋଇଯାଇଛି। ଆଉ ଏହି ରାଜାଙ୍କର ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ବୋପଣ୍ଣାକୁ କିଛି କହିବାର ଆବଶ୍ୟକତା ନାହିଁ। ସେ କହି ନାହାନ୍ତି ବୋଲି ଭାବି ମୁଁ ମୋ ଜନତାର ଦଶା ଜାଣି ସେମାନଙ୍କୁ ଏପରି ଅବସ୍ଥାରେ ଛାଡ଼ିବି ନାହିଁ।’’

ବୋପଣ୍ଣା ଗୋଟିଏ ନିଃଶ୍ୱାସରେ ଏତେ କଥା କହିବା ଲୋକ ନଥିଲେ। ଏହା ଶୁଣି ସାରିବା ପରେ ଆଉ ବିବାଦ ବଢ଼ାଇ କିଛି ଲାଭ ନାହିଁ ଭାବି ଲକ୍ଷ୍ମୀନାରାୟଣ ଚୁପ୍ ରହିଲେ।

155

‘‘ଉଭୟେ କଥାବାର୍ତ୍ତା ଶେଷ କରି କର୍ଣ୍ଣେଲ ସାହେବଙ୍କ ଶିବିରକୁ ଗଲେ। ରାସ୍ତାରେ ବୋପଣ୍ଣା ଲକ୍ଷ୍ମୀନାରାୟଣଙ୍କୁ କହିଲେ, ‘‘ଅପ୍ପା ଓ ତାଙ୍କ ପୁଅ କର୍ଣ୍ଣେଲ ସାହେବଙ୍କୁ ସାକ୍ଷାତ କରିଥିଲେ। ଅପ୍ପା ଅରକଲଗୁଡ଼ରୁ ଆସିଥିବା ଦଳରେ ଅଛନ୍ତି।’’ ଲକ୍ଷ୍ମୀନାରାୟଣ କହିଲେ, ‘‘ଖୁବ୍ ଆନନ୍ଦର କଥା କିନ୍ତୁ ଜନତା ତାଙ୍କୁ ରାଜା ରୂପେ ମାନିବା କଷ୍ଟକର। ଏମିତିରେ ତିରିଶ ବର୍ଷରୁ ଅଧିକ ବାହାରେ ରହିଥିବା ଯୋଗୁଁ ତାଙ୍କୁ ଚିହ୍ନିଥିବା ଲୋକ ଖୁବ୍ କମ୍ ଅଛନ୍ତି। ତେଣୁ ତାଙ୍କୁ କେତେଜଣ ବା ସ୍ୱୀକାର କରିବେ ?’’

ବୋପଣ୍ଣା: ‘‘ଆମ ରାଜାଙ୍କର ଜଣେ ବଡ଼ଭାଇ ଅଛନ୍ତି ବୋଲି କର୍ଣ୍ଣେଲଙ୍କୁ କିଏ ପତ୍ର ଲେଖିଛି ଓ ତାଙ୍କୁ କର୍ଣ୍ଣେଲ ସାହେବଙ୍କୁ ଦେଖାଇବାକୁ ମଧ୍ୟ ପ୍ରସ୍ତୁତ ଅଛି।’’

Digitized by srujanika@gmail.com

ଲକ୍ଷ୍ମୀନାରାୟଣ: "ମୋ ଜାଣିବାରେ ତ କେହି ନାହାନ୍ତି। ଯଦି କିଏ ଜବରକରି ନେଇ ଆସିବ ତ ଆଣ, ଦେଖିବା।"

ବୋପଣ୍ଣା: "ମୁଁ ମଧ୍ୟ ସାହେବଙ୍କୁ ସେଇ କଥା କହିଲି।"

ଫ୍ରେସର ସାହେବଙ୍କ ଶିବିରରେ ପହଞ୍ଚି ବୋପଣ୍ଣା ତାଙ୍କ ସହ ଲକ୍ଷ୍ମୀନାରାୟଣଙ୍କର ପରିଚୟ କରାଇଲେ। କର୍ଣ୍ଣେଲ ଠିଆ ହୋଇ ଲକ୍ଷ୍ମୀନାରାୟଣଙ୍କୁ ହାତ ଯୋଡ଼ି ବସିବାକୁ କହିଲେ।

ସମସ୍ତେ ବସିବାପରେ କୁଶଳ-ସମାଚାର ପଚାରାଗଲା। ବୋପଣ୍ଣା, "ଆମ ପଣ୍ଡିତ ମହାଶୟ ସ୍ୱୀକୃତି ପତ୍ର ଦେଖିବାକୁ ଚାହୁଁଛନ୍ତି" କହି ନିଜ ପ୍ରତିଲିପି ଲକ୍ଷ୍ମୀନାରାୟଣଙ୍କୁ ଦେଲେ। ଲକ୍ଷ୍ମୀନାରାୟଣ ତାହା ପଢ଼ି ପଚାରିଲେ, "ଆଉ ଏଥିରେ କିଛି ହୋଇ ପାରିବ ନାହିଁ?"

ବୋପଣ୍ଣା: "ତାହା କଣ ଆପଣଙ୍କର ପସନ୍ଦ ହେଲା ନାହିଁ ପଣ୍ଡିତ ମହାଶୟ?"

"ଗୋଟିଏ କଥା ମୁଁ ବୁଝିପାରୁ ନାହିଁ ବୋପଣ୍ଣା।"

"କୋଉ ବିଷୟ କଥା ଆପଣ କହୁଛନ୍ତି?"

"ବର୍ତ୍ତମାନ ରାଜାଙ୍କୁ କଣ କରିବାକୁ ହେବ?"

"କିଛି କରିବାର ନାହିଁ। ଚୁପ୍‌ଚାପ ଆସି ଆମେ ଯାହା କହୁଛୁ କରିବେ।"

"ସେ କଣ ଆସିବେ ବୋପଣ୍ଣ?"

"ନ ଆସିଲେ ଧରି କରି ଅଣାଯିବ।"

"କଣ ଆମ ଲୋକ ଯିବେ?"

"ଆମ ଲୋକ ଗଲେ ଇଜ୍ଜତ ରହିବ, ନହେଲେ ବାହାର ଲୋକଙ୍କୁ ପଠାଇବାକୁ ପଡ଼ିବ ପଣ୍ଡିତ ମହାଶୟ।"

"ଏତେ କଠିନ ହୃଦୟ ହେଲେ କେମିତି ଚଳିବ?"

"ପଣ୍ଡିତ ମହାଶୟ, ମୁଁ ଆଗରୁ କହିଛି ଯେ ଆପଣଙ୍କର ଓ ମୋର ବିଚାର ଏକ ହେଲେ ମଧ୍ୟ ଭାବିବାର ଢଙ୍ଗ ଭିନ୍ନ। ମୋ କଥା ଭୁଲ୍ ବୋଲି ମନେହେଲେ କହନ୍ତୁ। ପୁଣି ଭାବି ଦେଖି ସୁଧାରି ନେବି। ଠିକ୍ ନ ଲାଗିଲେ ମୋତେ ଯାହା ଠିକ୍ ଲାଗିବ କରିବି। ଆପଣଙ୍କୁ ଚୁପ୍ ହୋଇ ରହିବାକୁ ପଡ଼ିବ। ମୋ କଥା ଶୁଣି ଖରାପ ଭାବିବେ ନାହିଁ।"

ଲକ୍ଷ୍ମୀନାରାୟଣ ଅସହାୟ ଭାବେ ବସି ପଡ଼ି କହିଲେ, "କୋଡ଼ଗ ଆପଣଙ୍କର ବୋପଣ୍ଣା, ଆପଣ ତାହା ଅନ୍ୟକୁ ଦେଇ ପାରନ୍ତି।"

156

ଲକ୍ଷ୍ମୀନାରାୟଣଙ୍କୁ ତାଙ୍କ ପ୍ରତିନିଧିତ୍ୱ ବିଫଳ ହେବା ପରି ମନେ ହେଲା। ତାଙ୍କର ଆଉ ରାଜାଙ୍କୁ କିଛି କହିବାର ନାହିଁ। ବୋପଣ୍ଣାଙ୍କ ଅନୁମତି ନେଇ ସେ ମଡ଼କେରୀ ଫେରି ଆସିଲେ। ପହଞ୍ଚିବା ମାତ୍ରେ ତାଙ୍କ ହାତରେ ଆଉ କିଛି ନାହିଁ ବୋଲି ରାଜା ଓ ରାଣୀଙ୍କୁ କହି ପଠାଇଲେ। ସେ ନିଜେ ନ ଆସିବାରୁ ସେ ତାଙ୍କୁ ଭେଟିବାକୁ ଚାହୁଁ ନାହାନ୍ତି ବୋଲି ଭାବି ରାଣୀ ଚୁପ୍ ରହିଲେ। ସେ କହିଥିବା କଥା ଯେତେବେଳେ ବସବ

Digitized by srujanika@gmail.com

ଦ୍ୱାରା ଆସି ରାଜାଙ୍କ ପାଖରେ ପହଞ୍ଚିଲା ସେ କ୍ରୋଧରେ ଚିତ୍କାର କରି କହିଲେ, "କଣ ହେଲା ନିଜେ କହିବାକୁ ନ ଆସି ସେ ବ୍ରାହ୍ମଣ କହି ପଠାଇଛି ?"

ଲକ୍ଷ୍ମୀନାରାୟଣ ଫେରିବା ପରଦିନ କର୍ଣ୍ଣେଲ ଫ୍ରେସର ତାଙ୍କ ଦଳ ନେଇ କୁଶାଳ ନଗର ଆସିଲେ। ଦ୍ୱିପ୍ରହରକୁ ତାଙ୍କ ଦଳ ବୋପଣ୍ଣାଙ୍କ ଦଳ ସହ ମିଶି ମଡ଼କେରୀ ଆଡ଼କୁ ଅଗ୍ରସର ହେଲେ। ସନ୍ଧ୍ୟା ମଧ୍ୟରେ ଅଧା ରାସ୍ତା ପାର ହୋଇ ପର ଦିନ ପ୍ରାତଃକାଳରୁ ଉଠି ବାକୀ ଅଧା ରାସ୍ତା ପାର ହୋଇ ଦ୍ୱିପ୍ରହରବେଳକୁ ମଡ଼କେରୀରେ ପହଞ୍ଚିଲେ।

ବୋପଣ୍ଣା ଆଗରୁ ଖବର ପଠାଇ ଏ ଯାତ୍ରା ପାଇଁ ଆବଶ୍ୟକ ସମସ୍ତ ବ୍ୟବସ୍ଥା କରିଥିଲେ। ରାସ୍ତାରେ ପଡୁଥିବା ଗ୍ରାମର ଲୋକେ ଏମାନଙ୍କର ଆଦର ପୂର୍ବକ ସ୍ୱାଗତ କଲେ। ଏ ଜନତାର ବେଶଭୂଷା, ଆଦର ବିନୟ, ତାଙ୍କ ତୁରୀ, ଢୋଲ, ସେମାନଙ୍କ ପ୍ରସନ୍ନତା, କୋଳାହଳ ଆଦି ଦେଖି ଚକିତ ହେବା ସଙ୍ଗେ ସଙ୍ଗେ କର୍ଣ୍ଣେଲ ପ୍ରସନ୍ନ ଚିତ୍ତରେ ଭାବିବାକୁ ଲାଗିଲେ ଯେ ଏମାନଙ୍କୁ ଶାସନ କରିବାରେ କୌଣସି ଅସୁବିଧା ହେବ ନାହିଁ।

ମଡ଼କେରୀରେ ଉଭୟା ତକ୍କଙ୍କ ନେତୃତ୍ୱରେ କୋଡ଼ଗର ତକ୍କମାନେ ଓ ଚିକ୍କଣ୍ଣାଙ୍କ ନେତୃତ୍ୱରେ ବଜାରର ବ୍ୟବସାୟୀମାନେ ସହରର ଅନ୍ୟ ପ୍ରମୁଖଲୋକଙ୍କ ସହ ଏମାନଙ୍କର ସ୍ୱାଗତ କଲେ। କର୍ଣ୍ଣେଲ ଫ୍ରେସର ବୋପଣ୍ଣାଙ୍କ ଅନୁମତି ନେଇ ଅନୁବାଦକ ଦ୍ୱାରା ସେମାନଙ୍କ ସହିତ କଥା ହେଲେ। "ଆମେ ଆପଣଙ୍କ ମିତ୍ର ଭାବେ ଆସି ଆପଣଙ୍କ ଆତିଥ୍ୟର ପ୍ରତୀକ୍ଷା କରୁଛୁ। ଆପଣ ଉଦାର ଆତିଥ୍ୟଦ୍ୱାରା ଆମକୁ କେବଳ ଋଣୀ ନ କରି ଆମ ସେବା ମଧ୍ୟ ସ୍ୱୀକାର କରନ୍ତୁ। ଏହା ମୋର ପ୍ରାର୍ଥନା। କୋଡ଼ଗର ଲୋକେ ଯେପରି ସୁଖୀ ହୁଅନ୍ତି ଓ ସେମାନଙ୍କ ଇଚ୍ଛାନୁସାରେ କାର୍ଯ୍ୟ ଚାଲିବ, ଏଥିରେ ସହାୟତା କରିବାକୁ ଆମେ ଇଚ୍ଛୁକ। ଆମର ଏହି ପ୍ରାର୍ଥନାକୁ ଆପଣମାନଙ୍କ ନେତା ବୋପଣ୍ଣା ସ୍ୱୀକାର କରି ସାରିଛନ୍ତି। ସେ ଆମକୁ ଡାକି ଆଣିଛନ୍ତି ଓ ଆପଣମାନେ ଆମକୁ ସ୍ୱାଗତ କରି ନିଜ ସହମତି ବ୍ୟକ୍ତ କରିଛନ୍ତି। ଏହି ସ୍ୱାଗତ ତଥା ଆଦର ପାଇଁ ଆମେ ଆପଣଙ୍କ ନିକଟରେ କୃତଜ୍ଞ।"

ଏକତ୍ରିତ ଜନତା "ସାଧୁ ସାଧୁ" କହି ନିଜର ସନ୍ତୋଷ ପ୍ରକାଶ କଲେ। ଫ୍ରେସର ବୋପଣ୍ଣାଙ୍କ ସହିତ ଶିବିରକୁ ଗଲେ।

ଦ୍ୱିପ୍ରହରକୁ ସେ ବୋପଣ୍ଣାଙ୍କ ଘରକୁ ଆସି ତାଙ୍କୁ ସାଙ୍ଗରେ ନେଇ ନିଜ ଶିବିରକୁ ଫେରିଲେ। ଉଭୟେ ସେଠାରେ ବସି ଭବିଷ୍ୟତ କାର୍ଯ୍ୟକ୍ରମ ସମ୍ବନ୍ଧରେ ବିଚାର-ବିନିମୟ କଲେ।

କଥାବାର୍ତ୍ତା ଆରମ୍ଭ ହେବା ପୂର୍ବରୁ ବୋପଣ୍ଣା ଲକ୍ଷ୍ମୀନାରାୟଣଙ୍କୁ ଏହି କଥାବାର୍ତ୍ତାରେ ଅଂଶ ଗ୍ରହଣ କରିବା ପାଇଁ କହି ପଠାଇଥିଲେ। ଲକ୍ଷ୍ମୀନାରାୟଣ ତା ଉତ୍ତରରେ କହି ପଠାଇଲେ, "କିଛି ସମୟ ପରେ ଆସିବି। ଆପଣମାନେ କଥାବାର୍ତ୍ତା ଆରମ୍ଭ କରନ୍ତୁ। ବୋପଣ୍ଣାଙ୍କ ଇଚ୍ଛା ହିଁ ମୋର ଇଚ୍ଛା।" ଦୁଇ ଘଣ୍ଟା ପରେ ସେ ମଧ୍ୟ ସେଠାରେ ପହଞ୍ଚିଲେ।

ସେତେବେଳକୁ ଏମାନେ ଦୁଇଜଣ କାର୍ଯ୍ୟକ୍ରମ ନିଶ୍ଚିତ କରି ସାରିଥିଲେ। ଫ୍ରେସର କମ୍ପାନୀ ସରକାରର ପ୍ରତିନିଧି ରୂପେ ଏକ ଘୋଷଣା କରିବେ ବୋଲି ସ୍ଥିର ହେଲା। ସେ ଘୋଷଣା ଏହି ପ୍ରକାର ହେବ: "କୋଡ଼ଗର ରାଜା ବୀର ରାଜେନ୍ଦ୍ର ରାଜ୍ୟଶାସନ ଭଲରୂପେ କରିବାକୁ ସକ୍ଷମ ହେଲେ ନାହିଁ। ସେ ପ୍ରଜାଙ୍କୁ କଷ୍ଟ ଦେବା ସଙ୍ଗେ ସଙ୍ଗେ କେତେକ ଖୁନ୍ କରିଛନ୍ତି ଓ ଇଂରେଜ ପ୍ରତିନିଧିଙ୍କୁ ବନ୍ଦୀ କରି କମ୍ପାନୀ ସରକାରର ଅପମାନ କରିଛନ୍ତି। ତେଣୁ

Digitized by srujanika@gmail.com

ତାଙ୍କୁ ଶାସ୍ତି ଦେବା ପାଇଁ ମୋତେ ସୈନ୍ୟ ସହ ଆସିବାକୁ ପଡ଼ିଲା। ରାଜାଙ୍କ ହାତରେ ଅତ୍ୟାଚାରିତ ବ୍ୟକ୍ତିମାନେ ମୋ ନିକଟକୁ ଆପତ୍ତି କରିବାକୁ ଆସିଥିଲେ। ତାହା ଯାଞ୍ଚ କରିବା ମୋର ଉଦ୍ଦେଶ୍ୟ। ଏଠାକୁ ଆସି ମୁଁ ଜାଣିଲି ଯେ ଏଠାକାର ପ୍ରମୁଖ ବ୍ୟକ୍ତିମାନେ ବୀର ରାଜେନ୍ଦ୍ରଙ୍କୁ ରାଜଗାଦୀରୁ ଓହ୍ଲାଇ ଦେଇଛନ୍ତି। ବର୍ତ୍ତମାନ ଆଉ ମୋର ଏ ବିଷୟରେ କିଛି କରିବାର ନାହିଁ। କୋଡ଼ଗର ଜନତାଙ୍କୁ ଜଣେ ନୂତନ ରାଜା ବାଛିବାକୁ ହେବ। ମୁଁ ଯେତେବେଳେ ଏଠାକୁ ଆସିଯାଇଛି ଏ କାର୍ଯ୍ୟରେ ଆପଣଙ୍କର ସହାୟତା କରିବି। ଏ ରାଜଗାଦୀର କେତେକ ଦାବୀଦାରଙ୍କ ପତ୍ର କମ୍ପାନୀ ସରକାର ପାଖରେ ପହଞ୍ଚିଛି। ତାହା ଆପଣଙ୍କ ପ୍ରମୁଖ ବ୍ୟକ୍ତିଙ୍କ ସଭା ସମ୍ମୁଖରେ ବ୍ୟକ୍ତ କରିବି। କୋଡ଼ଗ ଜନତା ସୁଖରେ ରହିବା କମ୍ପାନୀ ସରକାରର ଉଦ୍ଦେଶ୍ୟ। ଏହା ପ୍ରାପ୍ତ କରିବାର ଉପାୟ କୋଡ଼ଗ ଜନତାକୁ ହିଁ ସ୍ଥିର କରିବାକୁ ପଡ଼ିବ। ଏହା କମ୍ପାନୀ ସରକାରର ଇଚ୍ଛା।''

ବୀରରାଜ ଇଂରେଜ ସେନାଙ୍କ ଭୟରେ ନାଲକ୍ନାଡ଼ ରାଜମହଲକୁ ପଳାୟନ କରିଛନ୍ତି। ''କୋଡ଼ଗର ତକ୍କମାନେ ଆପଣଙ୍କୁ ଗଦୀରୁ ଓହ୍ଲାଇ ଦେଇଛନ୍ତି। ଶୀଘ୍ର ଫେରି ଆସି ଆମ ସହ ଯୋଗ ଦିଅନ୍ତୁ।'' ଏପରି ଖବର ପଠାଇଦେବା ଉଚିତ। ତା ସହିତ କୋଡ଼ଗ ସେନାରୁ ପଚାଶ ଜଣ ଓ କମ୍ପାନୀ ସରକାର ତରଫରୁ ପଚାଶ ଜଣ ତାଙ୍କୁ ଆଣିବାକୁ ଯାଆନ୍ତୁ। ଯଦି ରାଜି ହୋଇ ଯାଆନ୍ତି ତ ଚୁପ୍‌ଚାପ ନେଇ ଆସିବେ ନଚେତ୍ ଜିଦ୍ କଲେ ଲଢ଼େଇ କରି ଧରି ଅଣାଯାଉ।

ରାଣୀ ତଥା ରାଜକୁମାରୀଙ୍କ ସହ ଭଦ୍ର ବ୍ୟବହାର କରାଯିବ। ସେମାନଙ୍କୁ କୌଣସି ପ୍ରକାର କଷ୍ଟ ଦିଆ ଯିବ ନାହିଁ ବୋଲି ଆଶ୍ୱାସନା ଦିଆଯାଉ। ଆଗ ଦିନ ସକାଳେ ପ୍ରମୁଖଙ୍କ ସଭା ହୋଇ ନୂତନ ରାଜାଙ୍କ ସମ୍ବନ୍ଧରେ ବିଚାର କରାଯାଉ।

ବର୍ତ୍ତମାନ ପାଇଁ ଏହି ସବୁ ବିଷୟରେ ଆଲୋଚନା ହେବାର ଥିଲା।

ଏମାନେ ଦୁଇଜଣ ଏତେକଥା ସ୍ଥିର କରି ତାହା ଲିପିବଦ୍ଧ କରାଇ ସାରିବା ପରେ ଲକ୍ଷ୍ମୀରାରାୟଣ ଆସି ପହଞ୍ଚି ଏ ସବୁଥିରେ ନିଜର ସ୍ୱୀକୃତି ଦେଲେ।

ଏହାର ଘଣ୍ଟାକ ପରେ ପଚାଶ ଜଣ କୋଡ଼ଗୀ ଓ ପଚାଶ ଜଣ ଇଂରେଜ ସୈନିକ ଲେଫ୍‌ଟନାଣ୍ଟ କର୍ଣ୍ଣେଲ ଆକ୍ସନ୍‌ଙ୍କ ନେତୃତ୍ୱରେ ନାଲକ୍ନାଡ଼ ରାଜମହଲ ଆଡ଼କୁ ବାହାରିଲେ। ଘୋଡ଼ା ଓ ସୈନ୍ୟଙ୍କର ଯେପରି କ୍ଳାନ୍ତ ନ ହୁଅନ୍ତି ସେଥିପାଇଁ ଧୀରେ ଧୀରେ ଚାଲି ବାଟରେ ରାତ୍ରିବେଳା ବିଶ୍ରାମ ନେଇ ପୁଣି ସକାଳୁ ଯାତ୍ରା ଆରମ୍ଭ କରି ପରଦିନ ସକାଳୁ ସୂର୍ଯ୍ୟ ଉଦୟ ବେଳକୁ ରାଜମହଲ ନିକଟରେ ପହଞ୍ଚିଲେ।

Digitized by srujanika@gmail.com

157

ଫ୍ରେସର ସାହେବଙ୍କ ଘୋଷଣା ମଡ଼କେରୀର ଜନତାଙ୍କ ମନକୁ ଖୁବ୍ ପାଇଲା। ବହୁତ ଲୋକ ପରସ୍ପରକୁ ନିଜ ପସନ୍ଦ ସମ୍ବନ୍ଧରେ କହିଲେ। "କମ୍ପାନୀ ଲୋକେ କି ଉଦାର। ସେନା ନେଇ ଆସିଛନ୍ତି, ଆମକୁ ଧମକାଇବାକୁ ଚାହିଁଲେ କିଏ ସେମାନଙ୍କୁ ବାଧା ଦେବ? ତଥାପି କେତେ ଇଜ୍ଜତପୂର୍ବକ ବ୍ୟବହାର କରୁଛନ୍ତି!" ସେମାନଙ୍କ କଥାର ଏହି ସାରାଂଶ ଥିଲା।

ଏହପରି ଭାବେ ରାତି ପାହି ସକାଳ ହେଲା। କୋଡ଼ଗର ତକ୍କ, ଶେଟ୍ଟୀମାନଙ୍କର ନେତା, ସହରର ପ୍ରମୁଖ ବ୍ୟକ୍ତି ସମସ୍ତେ ରାଜମହଲ ସାମନା ମଇଦାନରେ ଏକାଠି ହେଲେ। ସଭା ଦଶଟାବେଳେ ଆରମ୍ଭ ହେବାର ଥିବାରୁ କର୍ଣ୍ଣେଲ ସାହେବ ସେଥିପାଇଁ ପ୍ରସ୍ତୁତ ହେଉଥିଲେ।

କେହି ଜଣେ ନାରୀ ତାଙ୍କୁ ସାକ୍ଷାତ କରିବାକୁ ଚାହୁଁଛି ବୋଲି ଭୃତ୍ୟ ଆସି ଖବର ଦେଲା। ସାହେବ ତାଙ୍କୁ "ବସିବାକୁ କହ, ମୁଁ ଆସୁଛି" କହି ଦୁଇ ମିନିଟ ପରେ ବାହାରକୁ ଆସିଲେ। ତାଙ୍କୁ ସାକ୍ଷାତ କରିବାକୁ ଆସିଥିବା ସ୍ତ୍ରୀ ଭଗବତୀ ଥିଲେ। ସେ ଠିଆ ହୋଇ ନମସ୍କାର କଲେ। ଏତିକିବେଳେ ଅନୁବାଦକ ଗୋଟିଏ କୋଠରୀରୁ ବାହାରକୁ ଆସି ସାହେବଙ୍କ ପାଖରେ ଠିଆ ହୋଇ ଭଗବତୀଙ୍କୁ କହିଲେ, "ଆପଣଙ୍କର ଯାହା କହିବାର ଅଛି କହନ୍ତୁ।"

ଭଗବତୀ କହିଲେ, "ମୋତେ ଏଠିକାର ଲୋକେ ଭଗବତୀ କହନ୍ତି। ମୋର କର୍ଣ୍ଣେଲ ସାହେବଙ୍କୁ କିଛି କହିବାର ଅଛି ବୋଲି ଆସିଛି।"

ଫ୍ରେସର: "ଖୁବ୍ ଖୁସୀର କଥା, କହନ୍ତୁ।"

"ମୁଁ କିଏ, ଏ କଥା ମୋତେ ଆପଣଙ୍କୁ ସବିସ୍ତାରେ କହିବାକୁ ହେବ। ବାଙ୍ଗାଲୋରର ସାହେବଙ୍କୁ ଏହା ପୂର୍ବରୁ କିଛି ପତ୍ର ମିଳିଛି। ଲିଙ୍ଗରାଜଙ୍କର ଆଉ ଜଣେ ଜ୍ୟେଷ୍ଠ ପୁତ୍ର ଅଛି। କୋଡ଼ଗ ରାଜା ହେବା ପାଇଁ ଏ ରାଜାଙ୍କ ଠାରୁ ତାର ବେଶୀ ଅଧିକାର ଅଛି। ଏ କଥା ସେ ପତ୍ରରେ ଲେଖାଯାଇଛି।"

"ଆଜ୍ଞା ହଁ।"

"ସେ ପତ୍ର ମୁଁ ଲେଖିଥିଲି।"

"ସତେ, ଶୁଣି ଖୁସୀ ହେଲି। ଏ ସବୁ କଥା ସଭାରେ ଆଲୋଚନା କରାଯିବ। ଆପଣ ଏ କଥା ସେଠାରେ କହନ୍ତୁ।"

"କହିବି, କିନ୍ତୁ ଆପଣଙ୍କୁ ମୋର ପରିଚୟ ଦେବା ପାଇଁ ମୁଁ ଏ କଥା ଏଠାରେ କହିଲି।"

"ଆଚ୍ଛା।"

"ଶୁଣିଲି ଆପଣ ରାଜାଙ୍କୁ ଧରି ଆଣିବା ପାଇଁ ସେନା ପଠାଇଛନ୍ତି। ସେଠାରେ ଯାହା କରିବା ଉଚିତ ସେ ସମ୍ବନ୍ଧରେ ଗୋଟିଏ କଥା କହିବା ପାଇଁ ଚାହୁଁଛି।"

"ନିଶ୍ଚୟ।"

Digitized by srujanika@gmail.com

"ଏ ରାଜା ଚୁପ୍‌ଚାପ ଆପଣଙ୍କ ସେନା ସହ ଚାଲିଆସିଲେ ତ ଭଲ। ହୁଏତ ସେ ମାନିବେ ନାହିଁ। ଆପଣଙ୍କ ସେନାଙ୍କୁ ହୁଏତ ରାଜମହଲ ଘେରାଉ କରିବାକୁ ପଡ଼ିପାରେ। ସେଥିପାଇଁ ଆପଣଙ୍କ ସେନା କମ୍ ହେବେ।"

"ଆପଣ ଖୁବ୍ ବୁଦ୍ଧିମତୀ ବୋଲି ଜଣାଯାଉଛନ୍ତି। ଆପଣଙ୍କ ମତରେ ବର୍ତ୍ତମାନ କେତେ ଲୋକ ଯାଇଥିବେ ?"

"ପ୍ରାୟ ଶହେ ଜଣ। ଅତିକମ୍‌ରେ ଆଉ ଶହେଜଣ ପଠାଇବା ଆବଶ୍ୟକ। ଏମିତିରେ ରାଜା ସହଜରେ ରାଜି ହେବେ ନାହିଁ। ସେ ଖୁବ୍ ଜିଦ୍‌ଖୋର। ସେ ମହଲରୁ ଖସିଯାଇ ଜଙ୍ଗଲରେ ପଶି ପାରନ୍ତି। ଆପଣଙ୍କୁ ହଇରାଣରେ ପକାଇବେ। ସେ ଖସି ପଳାଇ ନ ପାରିବା ପରି ବ୍ୟବସ୍ଥା ହେବା ଆବଶ୍ୟକ।"

"କଣ କରିବା ଉଚିତ ହେବ କହନ୍ତୁ, ନିଶ୍ଚୟ କରାଯିବ।"

"ନାଲକୁନାଡ଼ ରାଜମହଲର ଗୋଟିଏ କୋଠରୀରୁ ପାଖ ଜଙ୍ଗଲକୁ ଯିବା ପାଇଁ ଗୋଟିଏ ସୁଡ଼ଙ୍ଗ ଅଛି। ଘେରାଉରୁ ବଞ୍ଚିବା ବ୍ୟର୍ଥ ବୋଲି ମନେହେଲେ ରାଜା ସେଇ ସୁଡ଼ଙ୍ଗ ବାଟେ ଚାଲିଯାଇ ପାରନ୍ତି। ତେଣୁ ସେ ସେ ଆଡ଼କୁ ଗଲେ ଯେପରି ଧରା ପଡ଼ିବେ ସେଥିପାଇଁ ଆପଣଙ୍କର ସୁଡ଼ଙ୍ଗ ବାହାର ପଟ କବାଟ ପାଖରେ ସିପାହୀ ଜଗାଇବା ଉଚିତ।"

"ସୁଡ଼ଙ୍ଗର ବାହାର କବାଟ କେଉଁଠି ତାହା ଆପଣ ବୁଝାଇ ପାରିବେ ?"

"ଆଜ୍ଞା ହଁ, ଭୂମିରେ ଦାଗ ଦେଇ କହି ଦେବି, ଆପଣଙ୍କ ଲୋକ ତାହା ବୁଝି ନିଅନ୍ତୁ।"

"ଅଶେଷ ଧନ୍ୟବାଦ, ଭଗବତୀ ଦେବୀ। ଆମେ ଆପଣଙ୍କ ପ୍ରତି ଯେତେ କୃତଜ୍ଞ ହେଲେ ମଧ୍ୟ ତାହା କମ୍। ଆମେ ଯେଉଁ କାମରେ ଆସିଛୁ ତାହା ପୂର୍ଣ୍ଣ ହେବା ମାତ୍ରେ ଆପଣଙ୍କ ଉପକାରର ପ୍ରତିଦାନ ଯେଉଁ ରୂପେ ଆପର ଚାହିଁବେ ସେହି ରୂପରେ ପୂରଣ କରିବାକୁ ପ୍ରୟାସ କରିବୁ।"

"ଏଥିରେ ଇଚ୍ଛାର ପ୍ରଶ୍ନ ଉଠୁ ନାହିଁ। ଏ ରାଜାଙ୍କର ବଡ଼ ଭାଇ ରାଜା ହୁଅନ୍ତୁ ବୋଲି ମୋର ଏକମାତ୍ର ଇଚ୍ଛା।

"ଏଥିରେ ଆପଣଙ୍କର କି ସମ୍ବନ୍ଧ ଅଛି" ବୋଲି ପ୍ରଶ୍ନ ପଚାରିବାକୁ ସାହେବଙ୍କର ଇଚ୍ଛା ହେଲା। କିନ୍ତୁ ସେ କିଛି ନ ପଚାରି "ଠିକ୍ ଅଛି" ବୋଲି କହିଲେ।

"ରାଜାଙ୍କ ସହ ତାଙ୍କ ମନ୍ତ୍ରୀ ବସବୟା ମଧ୍ୟ ଅଛି। ଆପଣଙ୍କ ଲୋକଙ୍କୁ ସେମାନଙ୍କୁ ଧରି ଆଣିବାକୁ ପଡ଼ିବ। ସେମାନଙ୍କୁ କୌଣସି ପ୍ରକାର କଷ୍ଟ ନ ହୋଇ କୁଶଳତା ପୂର୍ବକ ଏଠାରେ ପହଞ୍ଚାଇବାର ବ୍ୟବସ୍ଥା କରନ୍ତୁ।"

ଏ କଥାରେ ବ୍ୟକ୍ତ ହେଉଥିବା ତାଙ୍କର ମନୋଭାବ ଦେଖି ରାଜାଙ୍କୁ ଆଶ୍ଚର୍ଯ୍ୟ ଲାଗିଲା। ଏ ରାଜାଙ୍କୁ ଚାହୁଁ ନାହାନ୍ତି ତ ତାଙ୍କୁ କଷ୍ଟ ହେଲେ ଏହାଙ୍କର କଣ ହେଉଛି ? ତାଙ୍କୁ ଏଠାରେ କୁଶଳତାପୂର୍ବକ କାହିଁକି ପହଞ୍ଚାଇବାକୁ ହେବ ?

ସମ୍ଭବତଃ ମନ୍ତ୍ରୀ ଯୋଗୁଁ ଏ ସତର୍କତା। ସେ ଏହାଙ୍କର ପ୍ରିୟ ହୋଇଥିବ। ସ୍ତ୍ରୀ ରୂପବତୀ। କେହି ନିଜର ପ୍ରିୟ ହେଲେ ଆଶ୍ଚର୍ଯ୍ୟ ହେବାର ନାହିଁ। କିନ୍ତୁ ସେ ଏପରି କଥା ମୁହଁରୁ ବାହାର କରିବା ପରି ସ୍ତ୍ରୀ ନୁହନ୍ତି। କାଗଜ କଲମ ମଗାଇ ଭଗବତୀଙ୍କ ହାତରେ ଦେଇ ସାହେବ କହିଲେ, "ରାଜମହଲ ଦ୍ୱାର କେଉଁଠାରେ ଓ ସୁଡ଼ଙ୍ଗ ଦ୍ୱାର କେଉଁ ପଟେ ?"

Digitized by srujanika@gmail.com

ଭଗବତୀ ଦାଗ ଦେଇ କାଗଜ ଫେରାଇ ଦେଲେ। ସାହେବ କହିଲେ, "ଆପଣଙ୍କ ଦ୍ୱାରା ଆମର ବହୁତ ଉପକାର ହେଲା। ଆପଣଙ୍କର ଆଉ କିଛି କହିବାର ଅଛି?"

"ଆଉ କିଛି ନାହିଁ, ମୁଁ ଦେବୀଙ୍କ ଉପାସିକା। ଏଇ ଅବସରରେ ରାଜା ଆପଣଙ୍କ ହାତକୁ ଆସିବେ। କିନ୍ତୁ ଏ ଗଣ୍ଡଗୋଳରେ ତାଙ୍କର ଯେପରି କିଛି କ୍ଷତି ନ ହୁଏ। ତାଙ୍କୁ ଆଘାତ କରିବା ଉଚିତ ନୁହେଁ ନଚେତ ମୁଁ ଯେଉଁ ବ୍ରତ କରୁଛି ସେଥିରେ ବାଧା ପହଞ୍ଚିବ। ସେଥିପାଇଁ ଯେପରି ତାଙ୍କର ବା ତାଙ୍କ ମନ୍ତ୍ରୀଙ୍କର କୌଣସି ପ୍ରକାର ହାନୀ ନ ହୁଏ ସେଥିପ୍ରତି ଧ୍ୟାନ ରଖିବାକୁ ପଡ଼ିବ। ସେ ଦୁଇ ଜଣ ଏଠାରେ ସୁରକ୍ଷିତ ଭାବେ ପହଞ୍ଚିବାର ବ୍ୟବସ୍ଥା କରନ୍ତୁ। ଏହା ହିଁ ମୋର ଆପଣଙ୍କ ନିକଟରେ ବିଶେଷ ପ୍ରାର୍ଥନା।"

"ଭଲ କଥାଭଗବତୀ ଦେବୀ। ସେଥିପ୍ରତି ମୁଁ ଧ୍ୟାନ ରଖିବି।"

ଭଗବତୀ ଆଜ୍ଞା ନେଇ ଚାଲିଗଲେ। ସାହେବ ଜଣେ ସେବକକୁ ଡକାଇ ବୋପଣ୍ଣାଙ୍କ ନାମରେ ଗୋଟିଏ ଛୋଟ ପତ୍ର ପ୍ରେରଣ କଲେ। "ନାଲକ୍ନାଡ଼ ରାଜମହଲକୁ ଆଉ କିଛି ସୈନ୍ୟ ପଠାଇଲେ ଭଲ ହେବ ବୋଲି ମୋତେ ସୂଚନା ମିଳିଛି। ଆମର କିଛି ଲୋକ ଯିବେ। ଆପଣ ମଧ୍ୟ କିଛି ଲୋକ ପଠାଇଲେ ଭଲ ହେବ। ରାସ୍ତା ଠିକ୍ ରୂପେ ଜାଣିଥିବା ଲୋକ ହେବା ଆବଶ୍ୟକ।"

ବୋପଣ୍ଣା ସଙ୍ଗେ ସଙ୍ଗେ ଉତ୍ତର ପଠାଇଲେ। ଜଣେ ନାୟକ ସହ ପଚାଶ ଜଣ କୋଡ଼ଗୀ ସେନା କିଛି ସମୟ ପରେ ସାହେବଙ୍କ ବଙ୍ଗଳାରେ ଆସି ପହଞ୍ଚିଲେ।

କିଛିକ୍ଷଣ ପରେ ଏ ଅତିରିକ୍ତ ଦଳ କ୍ୟାପଟେନ୍ କାରପେଣ୍ଟରଙ୍କ ନେତୃତ୍ୱରେ ନାଲକ୍ନାଡ଼ ଆଡ଼କୁ ଅଗ୍ରସର ହେଲେ।

158

ଲକ୍ଷ୍ମୀନାରାୟଣୟା ସ୍ୱୟଂ ନ ଆସି ଅନ୍ୟ ଦ୍ୱାରା କହି ପଠାଇଥିବାରୁ ବୀରରାଜ ସାରାରାତି ବିରକ୍ତ ହୋଇ ସକାଳୁ ବାହାରକୁ ଯିବାପାଇଁ ପ୍ରସ୍ତୁତ ହେଉଥିବାବେଳେ ମଡ଼କେରୀରୁ ଏକ ସୈନ୍ୟଦଳ ଆସୁଛନ୍ତି ବୋଲି ଖବର ପାଇଲେ। ତା ପୂର୍ବରୁ ବସବ ଆଖପାଖ ଗାଁରୁ ଶହେ ଦୁଇଶହ ଲୋକ ଡାକି ଆଣିଥିଲା। ସେନା କୌଣସି ଭଲ ଉଦ୍ଦେଶ୍ୟରେ ଆସୁନାହାନ୍ତି ବୋଲି ଭାବି ସେ ସେହି ଲୋକମାନଙ୍କୁ ମହଲର ଚାରିପଟେ ଧାଡ଼ିକରି ଠିଆ କରାଇ ଏ ବ୍ୟବସ୍ଥା ବିଷୟରେ ରାଜାଙ୍କୁ କହିଦେଲା। ସ୍ୱଭାବତଃ ବୀରରାଜ ଭୟାଳୁ ନ ଥିଲେ। ଯୌବନ କାଳରେ ସେ ବାଘ ଓ ହାତୀ ଶିକାର କରିଥିଲେ। କିନ୍ତୁ ବର୍ତ୍ତମାନ ତାଙ୍କ ମନର ସେ ଅବସ୍ଥା ନ ଥିବାରୁ ବସବର କଥା ଶୁଣି ତାଙ୍କ ମୁଖ ବିକୃତ ହୋଇଗଲା। ସେ ପଚାରିଲେ, "କଣ ବାରୁଦ, ଗୁଳି ଓ ବନ୍ଧୁକ ଅଛି?"

"କିଛି ଭୟ ନାହିଁ ମାଲିକ। ଆମ ଲୋକଙ୍କର ଲକ୍ଷ ଅବ୍ୟର୍ଥ। ଆବଶ୍ୟକ ପଡ଼ିଲେ ଦିନେ ଦୁଇଦିନ ଲଢ଼େଇ କରାଯାଇ ପାରେ। ଘୋଡ଼ାସବାର ବାହାର ସେନାଙ୍କ ନେତୃତ୍ୱ ନେଉଛି।

"ଠିକ୍ ଅଛି, ଦେଖିବା। ପ୍ରଥମେ କିଏ ଆସୁଛି ଖବର ନିଅ।"

Digitized by srujanika@gmail.com

"ଏହାର କିଛି ସମୟ ପରେ ବାହାର ସେନା ଦେଖାଗଲେ। ତାର ନେତୃତ୍ୱ ଜଣେ ଇଂରେଜ ଘୋଡ଼ାସବାର ନେଇଥିଲା।

ସେନାଙ୍କୁ ଅନେକ ଦୂରରେ ଠିଆ କରାଇ ସେ ଇଂରେଜ ଜଣେ ଲୋକ ହାତରେ ଗୋଟିଏ ଧଳା ପତାକା ଦେଇ କହି ପଠାଇଲା, "ରାଜମହଲରୁ କାହାକୁ ହେଲେ ପଠାନ୍ତୁ, କଥା ହେବାର ଅଛି।"

ବସବ ରାଜମହଲରୁ ଜଣଙ୍କୁ ପଠାଇଲା। ସେ ଇଂରେଜଙ୍କ ସାଙ୍ଗରେ କଥା ହୋଇ ସାରି ଫେରିଆସି କହିଲା, "ଏ ସେନା ବାଙ୍ଗାଲୋରରୁ ଆସିଛନ୍ତି। କର୍ଣ୍ଣେଲ ସାହେବ ମଡ଼କେରୀ ପହଞ୍ଚି ସାରିଲେଣି। ରାଜା ସାହେବ ସ୍ୱଇଚ୍ଛାରେ ତାଙ୍କ ଶରଣାପନ୍ନ ନ ହେଲେ ଗ୍ରେପ୍ତାର କରିବା ପାଇଁ ସେନା ଆସିଛନ୍ତି।"

ଏ କଥା ଶୁଣିବାମାତ୍ରେ ରାଜାଙ୍କ ମନରେ ଦର୍ପ ଓ କ୍ରୋଧ ଉଭୟ ଆସିଲା। ସେ "ଏହାଙ୍କର ଅହଙ୍କାର ଦେଖ। କେମିତି କି ସାହସରେ କଥା କହୁଛନ୍ତି? ବନ୍ଧୁକ ଉଠାଇ ହାରାମଜାଦାଙ୍କୁ ମାର। ବୁଦ୍ଧି ଆସିଯିବ।" କହିଗର୍ଜ୍ଜନ କଲେ।

ବସବ କହିଲା, "ଆଜ୍ଞା ମାଲିକ। କିନ୍ତୁ ସେମାନେ ବାଙ୍ଗାଲୋରର ସେନା। ସେମାନଙ୍କ ବନ୍ଧୁକ ଆମ ବନ୍ଧୁକ ଠାରୁ ଶ୍ରେଷ୍ଠ। ଆମେ ଅଧିକ ସମୟ ସେମାନଙ୍କୁ ବାଧା ଦେଇ ପାରିବା ନାହିଁ।"

"ତେବେ ମୁଁ ବନ୍ଦୀ ହୋଇ ଯିବା ପାଇଁ ତୁମେ କହୁଛ?"

"ନାହିଁ ମାଲିକ। ଆପଣଙ୍କ ଆଜ୍ଞା ହେଲେ ମୁଁ ଯାଇ ସେମାନଙ୍କୁ କହିବି? ଆମ ମାଲିକ ସ୍ୱୟଂ ଆସିବେ। ଗ୍ରେପ୍ତାର କଥା କୁହ ନାହିଁ। ଏହା ମୁଁ ପଚାରି ଆସୁଛି। ଏଥିରେ ଅପମାନ କିଛି ନାହିଁ। ମୁଣ୍ଡ ଟେକି ଯାଇ ହେବ।"

"ତୁ ଜଣ ନିଜକୁ ଖୁବ୍ ବୁଦ୍ଧିମାନ ବୋଲି ଭାବିଲୁଣି ଲେଙ୍ଗଡ଼ା? ଯାହା କୁହାଯାଉଛି ତାହା କରିବାର ଅଭ୍ୟାସ ତୋର ପଡ଼ି ନାହିଁ?"

"କରୁଛି ମାଲିକ। ଘଣ୍ଟେ ଦୁଇଘଣ୍ଟା ଭିତରେ ସେମାନେ ଆସିଲେ ଆପଣଙ୍କର ଏଠାରେ ରହିବା ଠିକ୍ ହେବ ନାହିଁ।"

"ଏଠାରେ ରହିବା ଠିକ୍ ନ ହେଲେ କେଉଁଠି ଯାଇ ମରିବାକୁ କହୁଛୁ?"

"ଘଣ୍ଟାଏ ଦୁଇଘଣ୍ଟା ମୁଁ ସେମାନଙ୍କୁ ଅଟକାଇ ଦେଇ ପାରିବି। ତା ମଧ୍ୟରେ ଆପଣଙ୍କର ଏପାଖ ସେପାଖ ହୋଇ ସେମାନଙ୍କୁ ଚେହେରା ଦେଖାଇ ସୁଡ଼ଙ୍ଗ ରାସ୍ତାରେ ବାହାରି ଯିବା ଉଚିତ। ଯଦି ସେମାନଙ୍କ ହାତରେ ପଡ଼ିବା ନ ଚାହୁଁଥାନ୍ତି ତେବେ କିଛି ଦିନ ଜଙ୍ଗଲରେ ଲୁଚି ରହିପାରନ୍ତି। ଇଂରେଜ ସେନା ଫେରି ଯିବା ପରେ ବାହାରକୁ ଆସି ମଡ଼କେରୀ ଯାଇ ପାରନ୍ତି।

"ଠିକ୍ କଥା, ତାହା ହିଁ କର, ମୋ ବନ୍ଧୁକ ଆଣ।"

"ଆଜ୍ଞା ମାଲିକ।"

ବସବ ରାଜମହଲର ଲୋକଙ୍କୁ ଆଜ୍ଞା ଦେଲା, "ଯାଇ ସେମାନଙ୍କୁ କୁହ ଯେ ମହାରାଜ ଏଥିପାଇଁ ପ୍ରସ୍ତୁତ ନୁହନ୍ତି। ଆପଣ ଜବରଦସ୍ତି କଲେ ଲଢ଼େଇ ହୋଇ ଲୋକ ମରିବେ।"

Digitized by srujanika@gmail.com

ଚାରି କାଛ ପାଖରେ ଠିଆ କରାଇଥିବା ଲୋକଙ୍କୁ "ପ୍ରସ୍ତୁତ ହୋଇ ରୁହ। ଆଜ୍ଞା ମିଳିବା ମାତ୍ରେ ଗୁଳି ଚଳାଇବ। ଗୁଳି ଯେପରି ଖରାପ ନ ହୁଏ। ଗୋଟିଏ ଗୁଳିରେ ଅତି କମ୍‌ରେ ଗୋଟିଏ ଲୋକ ମରିବା ଆବଶ୍ୟକ" ବୋଲି ଆଜ୍ଞା ଦେଇ ରାଜାଙ୍କ ହାତରେ ଗୋଟିଏ ବନ୍ଧୁକ ଦେଇ କହିଲା, "ଆପଣଙ୍କୁ ଭିତର ପଟୁ ଗୁଳି ଚଳାଇବାକୁ ହେବ ମାଲିକ। ବାହାରକୁ ଯିବେ ନାହିଁ।" ସେ ପାଞ୍ଚଜଣ ଘୋଡ଼ାସବାରଙ୍କୁ ଡାକି ମାଦପ୍ପା ନାମକ ବ୍ୟକ୍ତିକୁ ସେମାନଙ୍କ ନାୟକ କରି ଆଜ୍ଞା ଦେଲା, "ପଛପଟ ସୁଡ଼ଙ୍ଗ ଦ୍ୱାର ପାଖରେ ପ୍ରତୀକ୍ଷା କର। ଘଣ୍ଟେ ଦୁଇଘଣ୍ଟାରେ ମହାରାଜ ସେଠାରେ ପହଞ୍ଚିଯିବେ। ପହଞ୍ଚିବା ମାତ୍ରେ ତାଙ୍କୁ ଘୋଡ଼ାରେ 'ପଦୁକଡ଼େ'ର ଜଙ୍ଗଲ ଆଡ଼କୁ ନେଇଯିବ।"

ମାଦପ୍ପା "ଯେ ଆଜ୍ଞା କହି ସୈନିକଙ୍କୁ ନେଇ ସୁଡ଼ଙ୍ଗ ଦ୍ୱାର ଆଡ଼କୁ ପଛପଟ ଦେଇ ବାହାରିଗଲା।

159

ଭୃତ୍ୟ ରାଜମହଲରୁ ଯାଇ ଇଂରେଜ ଦଳପତିକୁ ବସବର ସନ୍ଦେଶ ଦେବାରୁ ସେ କହିଲା, "ମହାରାଜ ବା ମନ୍ତ୍ରୀ ମହୋଦୟଙ୍କୁ ସାମାନ୍ୟତମ କଷ୍ଟ ନ ଦେବା ପାଇଁ ଆମକୁ ଆଜ୍ଞା ମିଳିଛି। ଆମେ ତାଙ୍କୁ କୌଣସି ପ୍ରକାର ହାନି ପହଞ୍ଚାଇବାକୁ ଚାହୁଁନାହୁଁ। ଯଦି ଲଢ଼େଇ କରିବାକୁ ହେବ ତେବେ ତାହା ଶେଷ ହେବା ପର୍ଯ୍ୟନ୍ତ ସେମାନେ ମହଲ ମଧ୍ୟରେ ରହନ୍ତୁ। ଆମକୁ ସେମାନଙ୍କୁ ଗ୍ରେପ୍ତାର କରି ନେଇଯିବାକୁ ପଡ଼ିବ। ତାପରେ କିପରି ଭାବେ ଲଢ଼େଇ କରାଯିବ ଭାବି ନିଜ ସାଥୀମାନଙ୍କର ବ୍ୟୂହ ରଚନାରେ ଲାଗିଗଲା।

ମହଲକୁ ଫେରି ଭୃତ୍ୟ ଇଂରେଜ ଦଳପତିଙ୍କର ସନ୍ଦେଶ ଦେବାକୁ ଯାଉଥିବା ବେଳେ ମହଲ ଆଡୁ ବନ୍ଧୁକ ଶବ୍ଦ ଶୁଣାଗଲା। ଏ ପଟୁ ମଧ୍ୟ ଗୁଳି ଚାଳନା ହୋଇ ଲଢ଼େଇ ଆରମ୍ଭ ହୋଇଗଲା।

ଉଚ୍ଚନୀଚ ଭୂମିର ସୁବିଧା ଉଠାଇ ତାଙ୍କ ଦଳର ଶହେ ବ୍ୟକ୍ତି ଦୁଇଭାଗ ହୋଇ ଲୁଚି ଲୁଚି ଆଗକୁ ଯିବା ଇଂରେଜ ଦଳପତିଙ୍କର ଉଦ୍ଦେଶ୍ୟ ଥିଲା। ଏଥିରେ କେତେଜଣ କ୍ଷତ ବିକ୍ଷତ ନିଶ୍ଚୟ ହେବେ। ଶେଷରେ ଅଧିକାଂଶ ଲୋକ ପାଚେରୀର ଫାଟକ ଦେଇ ଭିତରକୁ ପଶିବାକୁ ଚେଷ୍ଟା କରି ସାମନାରେ ଥିବା ଲୋକଙ୍କ ଉପରେ ଗୁଳି ଚଳାଇ ଭିତରକୁ ପଶିଯିବା ଉଚିତ।

ଏ କାମ ସହଜ ନୁହେଁ ବୋଲି ସେ ଜାଣିଥିଲା। ମହଲ ତରଫରୁ ହୋଇଥିବା ଦୃଢ଼ ବ୍ୟବସ୍ଥା ଦେଖି ଆଉ କିଛି ଲୋକ ହୋଇଥିଲେ ଭଲ ହୋଇଥାନ୍ତା ବୋଲି ସେ ଭାବିଲା।

କିଛି ସମୟ ପର୍ଯ୍ୟନ୍ତ ଲଢ଼ାଇ ଚାଲିଲା। ଏମାନେ ପ୍ରାୟ ପଚାଶ ଗଜ ଖଣ୍ଡେ ଅଗ୍ରସର ହୋଇଛନ୍ତି କି ନାହିଁ ମଡ଼କେରୀରୁ ଆଉ ଗୋଟିଏ ଦଳର ଅଧିକାଂଶ ଲୋକ ଏମାନଙ୍କ ସହ ଆସି ମିଶିଲେ।

Digitized by srujanika@gmail.com

ରାଜା ମହଲର ଉପର ଭାଗରୁ ନିଜ ଓ ଇଂରେଜ ଦଳଙ୍କ ମଧ୍ୟରେ ହେଉଥିବା ଲଢ଼େଇ ଦେଖୁଥିଲେ। ନିଜ ତରଫର ପ୍ରତ୍ୟେକ ଗୁଳିରେ ଅନ୍ୟ ତରଫର ଚାରିଜଣ ଲୋଖା ଟଳି ପଡ଼ିବା ଦେଖି ତାଙ୍କର ସାମାନ୍ୟ ସାହସ ହେଲା।

ସେତେବେଳକୁ ଇଂରେଜ ସେନା କେବଳ ମାତ୍ର ଜଣେ ଦୁଇଜଣଙ୍କୁ ମାରିଥାନ୍ତି। ବସବ ମହଲର ଅଗଣାରେ ଗୋଟିଏ ଉଚ୍ଚ ସ୍ଥାନରେ ଠିଆ ହୋଇ "ଏପଟୁ ମାର, ସେପଟୁ ଗୁଳିକର" କହି ଦୌଡ଼ାଦୌଡ଼ି କରୁଥାଏ। ପ୍ରଥମ ଏକଘଣ୍ଟା ମଧ୍ୟରେ ମହଲର ସୈନ୍ୟ ହିଁ ବେଶୀ ମାରିଥିଲେ।

ଇଂରେଜ ଦଳପତି ଭାବିଲେ ଯେ ଏଥର ସାହସର ସହିତ ଆଗକୁ ଯିବାକୁ ହେବ। ତାଙ୍କ ସୈନ୍ୟ ଦ୍ରୁତ ପଦରେ ଅଗ୍ରସର ହେବାକୁ ଲାଗିଲେ। ଏହା ଦ୍ୱାରା ଅନେକ ଲୋକ ଆଘାତ ପ୍ରାପ୍ତ ହେଲେ ମଧ୍ୟ ଏହି ବେଗରେ ଅଗ୍ରସର ହେଲେ ଘଣ୍ଟାକ ମଧ୍ୟରେ ପାଚେରୀ ନିକଟରେ ପହଞ୍ଚି ଯିବେ। ସେତେବେଳେ ଆଉ ବର୍ତ୍ତମାନ ପରି ମହଲର ସୈନ୍ୟଙ୍କୁ ସୁବିଧା ମିଳିବ ନାହିଁ। କିନ୍ତୁ ସାମନା-ସାମନି ଲଢ଼େଇରେ ନିଜ ଲୋକଙ୍କ ପ୍ରତି ମଧ୍ୟ ବେଶୀ ବିପଦର ସମ୍ଭାବନା ଥାଏ।

ସେ ସମୟ ମଧ୍ୟରେ ବସବ ପଠାଇଥିବା ପାଞ୍ଚଜଣ ଘୋଡ଼ାସବାର ସୁଡ଼ଙ୍ଗ ଦ୍ୱାରରେ ପହଞ୍ଚି ସାରିଥିଲେ। ମାଦପ୍ପା ସେମାନଙ୍କ ମଧ୍ୟରୁ ଜଣକୁ ସୁଡ଼ଙ୍ଗର ଗୋଟିଏ ପାଖେ ଓ ଅନ୍ୟଜଣକୁ ଆଉ ଗୋଟିଏ ପାଖେ ଠିଆ କରାଇ ଦେଇଥିଲା ଯେପରି କି ରାଜା ଆସିବା ମାତ୍ରେ ତାଙ୍କୁ ଘୋଡ଼ାରେ ବସାଇ ଗୋଟିଏ ଖାଲି ଘୋଡ଼ା ସାଙ୍ଗରେ ନେଇ ପଳାଇଯିବେ।

ସେମାନେ ପ୍ରାୟ ଶହେ ଗଜ ଯିବା ପରେ ବାକୀ ଦୁଇଜଣ ମଧ୍ୟ ପଳାଇବେ। ଏହା ଭାବି ସେ ସ୍ୱୟଂ ପ୍ରତୀକ୍ଷା କରିବାକୁ ଲାଗିଲା। ଅଧଘଣ୍ଟା ପରେ ଆଉ ପାଞ୍ଚଜଣ ଘୋଡ଼ାସବାର ସେଠାରେ ଆସି ପହଞ୍ଚିଲେ। ମୁନପ୍ପା ସେମାନଙ୍କର ନାୟକ ଥିଲା। ସେ ମାଦପ୍ପା ଠାରୁ ଉଚ୍ଚ ଅଧିକାରୀ ଓ ତାର ପରିଚିତ ଥିଲା। କିନ୍ତୁ ସେ ବୋପଣ୍ଣା ନା ଇଂରେଜଙ୍କ ସହିତ ଅଛି ତାହା ମାନପ୍ପାକୁ ଜଣା ନ ଥିଲା। ଆସିବା ମାତ୍ରେ ମୁଦପ୍ପା ପଚାରିଲା, "ମହାରାଜ ବର୍ତ୍ତମାନ ପର୍ଯ୍ୟନ୍ତ ଏଠାରେ ପହଞ୍ଚି ନାହାନ୍ତି?" ମାଦପ୍ପା 'ନାହିଁ' କହି ସଙ୍ଗେ ସଙ୍ଗେ 'ଯାର ତ ମଡ଼କେରୀରେ ରହିବା କଥା, ଏଠାକୁ କେମିତି ଆସିଲା?' ଭାବି ପଚାରିଲା, "ଆପଣ କେତେବେଳେ ଆସିଲେ?"

ମୁଦପ୍ପା: "ଏସବୁ କଥାର ବର୍ତ୍ତମାନ ଆବଶ୍ୟକତା ନାହିଁ। ଯାହା କାମ ମିଳିଛି ତାହା ପୂର୍ଣ୍ଣ କର।"

ଏହା କହି ମୁଦପ୍ପା ନିଜ ସାଥୀ ଚାରିଜଣଙ୍କୁ ଡାକି ସୁଡ଼ଙ୍ଗ ଦ୍ୱାରରେ ଠିଆ କରାଇ ଦେଲା। ଏଇ ନୂଆ ଲୋକମାନେ ଆସିଥିବା ଦିଗରୁ ଆଉ ଦୁଇଜଣ ଆସି ପହଞ୍ଚିଲେ। ସେମାନଙ୍କ ସହିତ ଲଗାମ ଓ ଜିନ୍ ଭିଡ଼ା ହୋଇଥିବା ଦୁଇଟି ଘୋଡ଼ା ମଧ୍ୟ ଥିଲେ।

ମାଦପ୍ପା ମନେ ମନେ ମୁଦପ୍ପାକୁ ବସବ ହିଁ ପଠାଇଥିବ ବୋଲି ଭାବି, ଯା' ହେଉ, ଆଉ ଚାରିଜଣ ସାହାଯ୍ୟକାରୀ ଆସି ପହଞ୍ଚିବାରୁ ଭଲ ହେଲା ବୋଲି ଭାବି ସେ ଚୁପ୍ ରହିଲା।

Digitized by srujanika@gmail.com

ରାଜମହଲ ସାମନାରେ ଜୋରସୋରରେ ଲଢ଼େଇ ହେବାକୁ ଲାଗିଲା। ବାହାର ସୈନ୍ୟ ମହଲ ପାଚେରୀ ନିକଟରେ ପହଞ୍ଚିଗଲେ। ବସବ ବାହାରେ ନିଜ ଲୋକମାନଙ୍କୁ ସାହସ ଦେଇ ଭିତରକୁ ଦୌଡ଼ି ଆସି ରାଜାଙ୍କୁ ପ୍ରାର୍ଥନା କଲା, "ମହାରାଜଙ୍କର ବର୍ତ୍ତମାନ ଏଠାରେ ରହିବା ଠିକ୍ ନୁହେଁ। ସୁଡ଼ଙ୍ଗ ବାଟେ ବାହାରକୁ ଚାଲି ଯାଆନ୍ତୁ।"

ରାଜା ପଚାରିଲେ, "ତୁମେ କଣ କରିବ ?"

"ମୁଁ ମଧ୍ୟ ଆସିବି, ଆପଣ ଚାଲନ୍ତୁ। ବାହାରକୁ ବାହାରିବା ମାତ୍ରେ ଆଗକୁ ଚାଲି ଯିବେ। ମୁଁ ପଛରେ ଆସିବି। ମୋର ପ୍ରତୀକ୍ଷା କରିବେ ନାହିଁ।"

ରାଜାଙ୍କୁ ସୁଡ଼ଙ୍ଗରେ ଛାଡ଼ି ପଛରେ ଜଣେ ଲୋକକୁ ପଠାଇ ବସବ ପୁଣି ଫେରି ଆସିଲା।

ସୁଡ଼ଙ୍ଗରୁ ବାହାରକୁ ବାହାରିବା ମାତ୍ରେ ରାଜା ତାଙ୍କୁ ଅପେକ୍ଷା କରିଥିବା ମୁନ୍ଦସ୍ବା ତଥା ମାଦସ୍ବାକୁ ଦେଖିବାକୁ ପାଇଲେ। ମୁନ୍ଦସ୍ବା ଆଗକୁ ଆସି ନିଜେ ସାଙ୍ଗରେ ଆଣିଥିବା ଘୋଡ଼ାକୁ ଆଗକୁ ଆଣିବା ପାଇଁ ଇଶାରା ଦେଲା ଓ ଘୋଡ଼ା ପାଖକୁ ଆସିବାରୁ ତା ଉପରେ ଚଢ଼ିବାକୁ ରାଜାଙ୍କୁ ସାହାଯ୍ୟ କଲା। ତା ପରେ ନିଜେ ଘୋଡ଼ାରେ ଚଢ଼ି 'ଚାଲ' ବୋଲି ନିଜ ଲୋକଙ୍କୁ ଜୋରରେ କହିଲା। ସେମାନଙ୍କ ମଧ୍ୟରୁ ଜଣେ ଏକ ପ୍ରକାରର ଆବାଜ କଲା ଯାହା କି ସଙ୍କେତ ଧ୍ୱନି ଥିଲା। ମିନିଟିଏ ଦୁଇମିନିଟ ମଧ୍ୟରେ ଏମାନେ ଯେଉଁ ଦିଗରୁ ଆସିଥିଲେ ସେ ଦିଗରୁ ଆଉ ଦଶ ଜଣ ଘୋଡ଼ାସବାର ଆସିଲେ। ଜଣେ ଇଂରେଜ ସେମାନଙ୍କ ନେତୃତ୍ବ ନେଉଥିଲେ। ସେ ଘୋଡ଼ା ଦୌଡ଼ାଇ ଆସି ମୁନ୍ଦସ୍ବାକୁ ହିନ୍ଦୀରେ ପଚାରିଲେ, "ଏ ହେଉଛନ୍ତି ମହାରାଜ ନାଁ ?" ମୁନ୍ଦସ୍ବା 'ହଁ' ବୋଲି କହିଲା। ଇଂରେଜ ବୀରରାଜଙ୍କୁ ସଲାମ କରି ହିନ୍ଦୁସ୍ଥାନୀରେ କହିଲା, "ଆପଣ ଆମର ବନ୍ଦୀ ହେଲେ। ମୁଁ ଆପଣଙ୍କୁ ମର୍ଯ୍ୟାଦା ପୂର୍ବକ ନେଇଯିବି। ଦୟାକରି କୌଣସି ପ୍ରକାର ବାଧା ନ ଦେଇ ଆମ ସଙ୍ଗରେ ଗଲେ ବଡ଼ କୃତଜ୍ଞ ହେବୁ।"

ବୀରରାଜ ଏ ସବୁ କିଛି ବୁଝି ପାରିଲେ ନାହିଁ। "ଏହା କଣ ବସବର ଯୋଜନା ?" ବୋଲି ବିନା ସମ୍ବୋଧନରେ ତାଙ୍କ ମୁହଁରୁ ବାହାରିବା ସଙ୍ଗେ ସଙ୍ଗେ ଅଜାଣତରେ ତାଙ୍କ ହାତ ଅଣ୍ଟାରେ ଥିବା ପିସ୍ତଲ ଉପରେ ପଡ଼ିଲା। ମାଦସ୍ବା ରାଜାଙ୍କର ଏ ପ୍ରଶ୍ନ ଶୁଣି "ହୋଇପାରେ ମାଲିକ" ବୋଲି ଉତ୍ତର ଦେଲା। ସେତିକିବେଳେ ଇଂରେଜ ଦଳପତି କହିଲେ, "ମହାରାଜ ପିସ୍ତଲ ପାଖକୁ ହାତ ନିଅନ୍ତୁ ନାହିଁ। ନ ହେଲେ ମୋତେ ତାହା ଆପଣଙ୍କ ପାଖରୁ ନେଇ ଯିବାକୁ ପଡ଼ିବ। ଆପଣଙ୍କୁ ଅପମାନ ଦେବାକୁ ମୋର ଇଚ୍ଛା ନାହିଁ।"

ରାଜା ପିସ୍ତଲ ଉପରୁ ହାତ ଉଠାଇଦେଲେ। କ୍ଷଣକ ମଧ୍ୟରେ ବସବ ବିଷୟରେ ଶହ ଶହ ପ୍ରଶ୍ନ ବିଜୁଳୀ ବେଗରେ ତାଙ୍କ ମନ' ମଧ୍ୟରେ ଉଠିଲା। ବସବ, ଭଗବତୀ ଓ

Digitized by srujanika@gmail.com

ଦୋଷଦ୍ବାରା ମଧ୍ୟରେ କିଛି ରହସ୍ୟ ଅଛି। ତାଙ୍କ ଅଜାଣତରେ କୌଣସି ଉଦ୍ଦେଶ୍ୟରେ ବସବ ତାଙ୍କୁ ଇଂରେଜଙ୍କ ହାତରେ ଧରେଇ ଦେଇଛି ବୋଲି ସେ ମନେ ମନେ ନିଶ୍ଚିତ ହେଲେ।

ଇଂରେଜ ଦଳପତି ରାଜାଙ୍କୁ ଘେରି ରହିଥିବା ଦଳର ନେତୃତ୍ବ ନିଜେ ନେଲେ। ମହାରାଜ କୃପା କରି ମୋ ସାଙ୍ଗେ ଚାଲନ୍ତୁ କହି ମୁଦସ୍ତାକୁ ଆଜ୍ଞା ଦେଇ ତାଙ୍କ ଲୋକ ତିନିପଟୁ ରାଜାଙ୍କୁ ଘେରି ଚାଲନ୍ତୁ ବୋଲି କହିଲେ। ଏହିପରି ଭାବରେ ସେମାନେ ପାହାଡ଼କୁ ବୁଲି ମହଲ ସାମନାକୁ ଆସିଲେ।

161

ମହଲର ଅଗଣାରେ ଠିଆ ହୋଇ ବସବ ନିଜ ଲୋକଙ୍କୁ ଉତ୍ସାହିତ କରି ଲଢ଼େଇ କରୁଥିବା ସମୟରେ କୋଡ଼ିଏ ଜଣ ଘୋଡ଼ାସବାରଙ୍କ ଘେରରେ ଥିବା ରାଜାଙ୍କ ଉପରେ ଦୃଷ୍ଟି ପଡ଼ିଲା। "ମୋ ଆଖି ଏ କଣ ଦେଖୁଛି ?" ଭାବି ତାର ମୁଣ୍ଡ ଘୁରେଇଦେଲା। ସେ ରାଜା ହୋଇ ନ ପାରନ୍ତି ବୋଲି ସେ ମନେ ମନେ ଭାବିଲା। ପରକ୍ଷଣରେ ସେ ଏମାନେ ସୁଡ଼ଙ୍ଗପଟ ରାସ୍ତାରୁ ଆସୁଛନ୍ତି ଭାବି ଦଳ ମଝିରେ ଥିବା ବ୍ୟକ୍ତିକୁ ଭଲ ଭାବେ ଚାହିଁଲାବେଳକୁ ସେ ଦଳଟି ଯଥେଷ୍ଟ ପାଖକୁ ଆସି ସାରିଥିଲା। ନିରୀକ୍ଷଣ କରି ଦେଖିବାରୁ ବସବର ଆଉ କୌଣସି ସନ୍ଦେହ ରହିଲା ନାହିଁ। କାହାଠାରୁ କୌଣସି ସହାୟତା ପାଇ ରାଜା ପଛଆଡୁ ଲଢ଼େଇ କରିବାକୁ ଆସୁନାହାନ୍ତି ତ ? କ୍ଷଣକ ପାଇଁ ବସବ ମନରେ ଧୂଆଁ ପରି ତା ମନରୁ ସେ ଭାବନା ଉଭେଇଗଲା। ରାଜାଙ୍କ ପାଖରେ ଇଂରେଜ ଅଧିକାରୀଙ୍କୁ ଦେଖି ତାର କଲିଜା ଫାଟି ଯିବା ପରି ଲାଗିଲା। ଏହି ଇଂରେଜ ସୁଡ଼ଙ୍ଗ ଦ୍ୱାର ନିକଟରୁ ରାଜାଙ୍କୁ ଧରି ନେଇଛି ବୋଧହୁଏ। ଆମର ସମସ୍ତ ଚେଷ୍ଟା ବ୍ୟର୍ଥ ହୋଇଛି। ରାଜା ବନ୍ଦୀ ହୋଇଗଲେ। ବର୍ତ୍ତମାନ କଣ କରାଯିବ ? ବସବ ଅଗଣାରୁ ତଳକୁ ଓହ୍ଲାଇ ଫାଟକ ଖୋଲି ବାହାରକୁ ଦୌଡ଼ି ଆସି, "ମାଲିକ, ଏମାନଙ୍କ ହାତରେ ପଡ଼ିଗଲେ ?" ବୋଲି ଚିତ୍କାର କରି ହାତ ଉଠାଇ ରାଜାଙ୍କ ସାମନାକୁ ଚାଲିଆସିଲା।

ଛୋଟେଇ ଛୋଟେଇ ଦୌଡ଼ି ଆସୁଥିବା ଏହି ମୂର୍ତ୍ତିକୁ ଦେଖି ଇଂରେଜ ଦଳପତି ନିଜ ଲୋକଙ୍କୁ ଅଟକିବାକୁ ଇଶାରା କଲେ। ରାଜାଙ୍କର ଓ ନିଜ ଘୋଡ଼ା ଅଟକାଇ ଯେଉଁଠି ଥିଲେ ସେଇଠି ଠିଆହୋଇ ରହିଲେ। "ହାତରେ ପଡ଼ିଗଲେ" ବୋଲି ଚିତ୍କାର କରି ଆସୁଥିବା ବସବକୁ ଦେଖି ରାଜାଙ୍କ କ୍ରୋଧର ସୀମା ରହିଲା ନାହିଁ। ସେ ବସବର ଡାକ ଶୁଣିଥିଲେ ମଧ୍ୟ ତାର କଥା କିଛି ବୁଝିପାରିଲେ ନାହିଁ। ବସବ ହିଁ ତାଙ୍କୁ ଧରାଇ ଦେଇଛି ବୋଲି ତାଙ୍କ ମନରେ ସେତେବେଳକୁ ଦୃଢ଼ ଧାରଣା ହୋଇ ସାରିଥିଲା। ସୁଡ଼ଙ୍ଗରେ ମୋର ଲୁଚି କରି ଯିବା କଥା ତା ଛଡ଼ା ଆଉ କେହି ଜାଣି ନଥିଲେ। ମହଲ ସାମନାରେ ଲଢ଼େଇର ବାହାନା କରି ଗୋଟିଏ ଦଳକୁ ସୁଡ଼ଙ୍ଗକୁ ପଠାଇ ତାଙ୍କୁ ଘେରାଉ କରିବା ପାଇଁ ବସବ ହିଁ କହିଥିବ। ସେହି କାରଣରୁ ତାଙ୍କମନର କ୍ରୋଧ ଦୁଧ ଉତୁରିବା ପରି ବାହାରକୁ ବାହାରି ଆସିଲା। "ନିଜେ ଧରାଇ ଦେଇ ହାତରେ ପଡ଼ିଗଲେ ବୋଲି କହୁଛୁ ହାରାମଜାଦା"

Digitized by srujanika@gmail.com

ବୋଲି ଚିତ୍କାର କରି ଅଣ୍ଟାରୁ ପିସ୍ତଲ କାଢ଼ି ସିଧା ସାମନାରୁ ଆସୁଥିବା ସେବକର ଛାତିକୁ ଲକ୍ଷକରି ଗୁଳି ମାରିଦେଲେ।

ଇଂରେଜ ଅଧିକାରୀ ଜୋରରେ ତାଙ୍କ ହାତ ଧରି ପକାଇ ପଚାରିଲେ, "ଆପଣ ଏମିତି କାହିଁକି କଲେ ?" ରାଜା ନିଜ ହାତକୁ ଛିଞ୍ଚାଡ଼ି ଦେଇ କହିଲେ, "ସେ ବିଶ୍ୱାସଘାତକ। ମୋତେ ଆପଣଙ୍କ ହାତରେ ଧରାଇ ଦେଲା।"

"ଛି, ଆପଣଙ୍କର ଏ ଧାରଣା ଭୁଲ।"

"ଭୁଲ କେମିତି ? ଆପଣମାନଙ୍କୁ ସୁଡ଼ଙ୍ଗଦ୍ୱାର ନିକଟକୁ ସେଇ ପଠାଇଛି।"

ଇଂରେଜ: "ସୁଡ଼ଙ୍ଗ କଥା ତ ମୁଁ ମଡ଼କେରୀରୁ ଜାଣିଥିଲି। ତାହା ଜାଣିବା ପରେ ହିଁ ମୁଁ ଆଉ ଗୋଟିଏ ଦଳ ନେଇ ଏଠାକୁ ଆସିଲି।"

ରାଜାଙ୍କର ବିଶ୍ୱାସ ହେଲା ନାହିଁ।

ଏ ଇଂରେଜ ବାଜେ କଥା ଗପୁଛି ବୋଲି ସେ ଭାବିଲେ। ବସବଙ୍କୁ ହତ୍ୟା କରିଥିବାରୁ ତାଙ୍କର ଆଦୌ ପଶ୍ଚାତାପ ହେଲା ନାହିଁ।

162

ଗତ ସନ୍ଧ୍ୟାରେ ନିର୍ଦ୍ଧାରିତ ହୋଇଥିବା ଅନୁସାରେ ସକାଳ ଦଶଟା ବାଜିବା ମାତ୍ରେ ରାଜମହଲର ବାହାର ଛକରେ କୋଡ଼ଗର ତକ୍କ ଓ ଦେଶର ଅନ୍ୟ ପ୍ରମୁଖ ବ୍ୟକ୍ତିମାନଙ୍କର ସଭା ବସିଲା। "ଠିକ୍ ସମୟରେ ଆସି ପାରିବି ନାହିଁ, ସାମାନ୍ୟ ଡେରି ହେବ" ବୋଲି କର୍ଣ୍ଣେଲ ଫ୍ରେସର କହି ପଠାଇଥିଲେ। କିଛି ସମୟ ପରେ ସେ ପହଞ୍ଚିଲେ। ବୋପଣ୍ଣା ଓ ଲକ୍ଷ୍ମୀନାରାୟଣଙ୍କ ସହ ମନ୍ତ୍ରୀ ପୋନପ୍ପା ମଧ୍ୟ ତାଙ୍କର ସ୍ୱାଗତ କଲେ। ଦୀକ୍ଷିତ ଓ ତକ୍କ ମଧ୍ୟ ସେମାନଙ୍କ ସହ ଥିଲେ।

ଚୌକରେ ତିଆରି ହୋଇଥିବା ମଞ୍ଚର ମଧ୍ୟସ୍ଥଳରେ ଚାରୋଟି ଚକ ଭଳି ଉପରେ କର୍ଣ୍ଣେଲ ଏ ତିନି ମନ୍ତ୍ରୀ ଓ ତାଙ୍କ ପଛରେ ଦୀକ୍ଷିତ, ତକ୍କ ଓ ଲିଙ୍ଗଲେ ବସିଲେ। ମଞ୍ଚର ବାମପଟେ କୋଡ଼ଗର ତକ୍କ ଓ ଡାହାଣ ପଟେ ବଜାରର ପ୍ରମୁଖ ଶେଟ୍ଟୀ ବସିଲେ। ଏକତ୍ରିତ ଜନତା ପଂକ୍ତିବଦ୍ଧ ଭାବେ ତିନିପଟେ ବସିଲେ। କର୍ଣ୍ଣେଲଙ୍କ ବାମପଟେ ଓ ମନ୍ତ୍ରୀ ମାନଙ୍କ ପଛରେ ଅନୁବାଦକ ବସିଲେ।

ଜନତା ସମ୍ମୁଖରେ କି କି କଥା କୁହାଯିବ ତାହା ପ୍ରଥମରୁ କର୍ଣ୍ଣେଲ ତଥା ବୋପଣ୍ଣା ନିଶ୍ଚିତ କରି ରଖିଥିଲେ। ସଭାର ସମସ୍ତ କାର୍ଯ୍ୟ କର୍ଣ୍ଣେଲ ହିଁ କରିବେ ବୋଲି ନିର୍ଣ୍ଣୟ ହୋଇ ସାରିଥିଲେ। ଫ୍ରେସର ସମସ୍ତ କଥା ହିନ୍ଦୀରେ କହିଲେ।

"ସଭା ଆରମ୍ଭ କରିବା ବୋପଣ୍ଣା ମହାଶୟ ?" ବୋପଣ୍ଣା, "କରନ୍ତୁ ସାହେବ" କହି ପୋନପ୍ପା ମନ୍ତ୍ରୀ, ପଣ୍ଡିତ ମହାଶୟ ତଥା ସାଥୀ ମନ୍ତ୍ରୀଗଣଙ୍କୁ ମଧ୍ୟ "ଆରମ୍ଭ କରାଯିବ କି ?" ବୋଲି ପଚାରିଲେ। ସେମାନେ ମଧ୍ୟ "ଆଜ୍ଞା ହଁ, ଆରମ୍ଭ କରନ୍ତୁ" ବୋଲି କହିଲେ।

Digitized by srujanika@gmail.com

ଫ୍ରେସର: " ଆପଣଙ୍କ ରାଜା ବୀରରାଜ ରାଜ୍ୟଶାସନ ଠିକ୍ ରୂପେ କରିପାରିଲେ ନାହିଁ ବୋଲି ମୁଁ ଶୁଣିଲି। ତାଙ୍କ ଉପରେ ଅସନ୍ତୁଷ୍ଟ ହୋଇ ଆପଣମାନେ ତାଙ୍କୁ ଗଦୀରୁ ହଟାଇ ଦେଇଛନ୍ତି। ଏହା କଣ ସତ ?"

କେହି କିଛି ଉତ୍ତର ଦେଲେ ନାହିଁ। ଫ୍ରେସର ଅନୁବାଦକଙ୍କୁ ଏହା କନ୍ନଡ଼ରେ କହିବାକୁ ଆଜ୍ଞା ଦେବାରୁ ସେ ଏକଥା ସଭାରେ କହିଲା।

ବୋପଣ୍ଣା ତକ୍କଙ୍କ ଆଡ଼କୁ ବୁଲି ଇଶାରା କରିବାରୁ ସେପଟୁ "ଆଜ୍ଞା ହଁ" ବୋଲି ଶୁଣାଗଲା। ବୋପଣ୍ଣା ଶେଟ୍ଟୀମାନଙ୍କ ନେତା ତଥା ନଗର ପ୍ରମୁଖଙ୍କ ଆଡ଼କୁ ଚାହିଁବାରୁ ସେପଟୁ ମଧ୍ୟ କେତେକ "ଆଜ୍ଞା ହଁ" ବୋଲି କହିଲେ।

ଫ୍ରେସର: "ଆପଣମାନଙ୍କ ଇଚ୍ଛା ପୂରଣ କରିବାରେ ସହାୟତା ଦେବା ପାଇଁ କମ୍ପାନୀ ସରକାର ମୋତେ ଏଠାକୁ ପଠାଇଛନ୍ତି। ମୁଁ ଆସିବା ପୂର୍ବରୁ ଆପଣମାନେ ଏହା ସ୍ଥିର କରି ଖୁବ୍ ଭଲ କରିଛନ୍ତି। ବର୍ତ୍ତମାନ ଆନନ୍ଦର କଥା ଯେ ଆମେ ବାହାର ଲୋକ ଆପଣମାନଙ୍କୁ ଏ କାମ କରିବାକୁ ପ୍ରେରଣା ଦେଇଛୁ ବୋଲି ଆଉ ଆଶଙ୍କାର ପ୍ରଶ୍ନ ଉଠିବ ନାହିଁ।

ବୋପଣ୍ଣା ପୁଣି ଇଶାରା କରିବାରୁ ପ୍ରମୁଖମାନେ ପୁଣି "ଏପରି କୌଣସି ଶଙ୍କା ନାହିଁ ବୋଲି ଉତ୍ତର ଦେଲେ।

ଫ୍ରେସର: "ତେବେ କୋଡ଼ଗର ପ୍ରଜାମାନଙ୍କୁ ଜଣେ ରାଜା ବାଛିବାକୁ ହେବ। ରାଜାଙ୍କର ପୁତ୍ର ନାହିଁ। ରାଣୀଙ୍କଠାରୁ ଜାତ କେବଳ ଜଣେ ରାଜକୁମାରୀ ଅଛନ୍ତି। ସାଧାରଣତଃ ତାଙ୍କୁ ହିଁ ଗଦୀ ମିଳିବା ଉଚିତ କିନ୍ତୁ ସେ ସାବାଳିକା ନୁହନ୍ତି। ତାଙ୍କୁ ରାଣୀ କରାଗଲେ ତାଙ୍କ ତରଫରୁ କୌଣସି ପ୍ରମୁଖ ବ୍ୟକ୍ତିଙ୍କୁ କାର୍ଯ୍ୟଭାର ସମ୍ଭାଳିବାକୁ ହେବ। ତାଙ୍କ ପୂଜ୍ୟ ମାତା ଏହା ସ୍ୱୀକାର କଲେ ଏପରି ବ୍ୟବସ୍ଥା ହୋଇ ପାରିବ।"

ବୋପଣ୍ଣା ପୋନପ୍ପା ଆଡ଼କୁ ବୁଲିଲେ। ପୋନପ୍ପା କହିଲା, "ରାଜକୁମାରୀଙ୍କୁ ଗଦୀରେ ବସାଇ ରାଣୀଙ୍କୁ ତାଙ୍କ ସଂରକ୍ଷିକା କରିବା ଅପେକ୍ଷା ରାଣୀ ସାହିବାଙ୍କୁ ଗଦୀରେ ବସାଇବା ଅଧିକ ଉତ୍ତମ ହେବ।"

"ରାଣୀ ସାହିବା ଗଦୀରେ ବସିବା ସ୍ୱୀକାର କରିବେ ନାହିଁ ବୋଲି ବୋପଣ୍ଣା ଜାଣି ମଧ୍ୟ ପୋନପ୍ପା ଦ୍ୱାରା ଏ କଥା କାହିଁକି କୁହାଉଛନ୍ତି ?" ବୋଲି ଲକ୍ଷ୍ମୀନାରାୟଣ ଚିନ୍ତା କଲେ। ସେ ବୋପଣ୍ଣାଙ୍କୁ କହିଲେ, "ବୋପଣ୍ଣା ଏସବୁ କଥା ଆମେ ଅଲଗା ବିଚାର କରି ଆବଶ୍ୟକ ହେଲେ ରାଣୀସାହିବାଙ୍କୁ ଭେଟି ତାଙ୍କ ଇଚ୍ଛା ଜାଣି ନିଶ୍ଚିତ କରିବା କଣ ଉଚିତ ହେବ ନାହିଁ ?"

ବୋପଣ୍ଣା, "ତା ତ କରିବାକୁ ହେବ ପଣ୍ଡିତ ମହାଶୟ, ଜନତାଙ୍କ ଇଚ୍ଛା ବି ତ ଜାଣିବା ଆବଶ୍ୟକ ?" ବୋଲି କହି ତାଙ୍କୁ ସାନ୍ତ୍ୱନା ଦେଲେ। ରାଜଗାଦୀ ରାଣୀସାହିବାଙ୍କ ହାତରେ ସମର୍ପଣ କରିବାକୁ ପୋନାପ୍ପା ମନ୍ତ୍ରୀ ମହୋଦୟ କହୁଛନ୍ତି। ଆପଣମାନେ କଣ ଏଥିରେ ରାଜି ?"

ବୋପଣ୍ଣା ତକ୍କଙ୍କ ଆଡ଼କୁ ଚାହିଁବାରୁ ସେମାନେ "ହଁ ଆମେ ରାଜି" ବୋଲି କହିଲେ। ବୋପଣ୍ଣା କହିଲେ, "ଏ କଥା ରାଣୀ ସାହିବାଙ୍କୁ ପଚାରି ସ୍ଥିର କରିବାକୁ ପଣ୍ଡିତ ମହାଶୟ କହୁଛନ୍ତି। ମୋର ମଧ୍ୟ ସେଇ ମତ।"

Digitized by srujanika@gmail.com

ବେପଣ୍ଡା: "ଖବର ନିଆଯାଇ ପାରେ। କିନ୍ତୁ ତାଙ୍କ ସହ କଥାବାର୍ତ୍ତା କରି ଆସିବାକୁ ବିଳମ୍ବ ହେବ। ସେ ପର୍ଯ୍ୟନ୍ତ ଜନତା ଏଠାରେ ପ୍ରତୀକ୍ଷା କରିବାର ଆବଶ୍ୟକତା ନାହିଁ। ସନ୍ଧ୍ୟା ଚାରିଟା ପରେ ପୁଣି ସେମାନେ ଏକତ୍ରିତ ହେଲେ ସବୁ ବିଷୟ ନିଷ୍ପତ୍ତି କରାଯାଇ ପାରିବ।"

ପ୍ରେସର: "ଭଲ ଉପଦେଶ ଦେଲେ। ତାହା ହିଁ କରିବା।"

ଏହା କହି ଜନତାକୁ ସମ୍ବୋଧିତ କରି ପ୍ରେସର କହିଲେ, "ମୋତେ ଓ ମନ୍ତ୍ରୀମାନଙ୍କୁ ରାଣୀ ସାହିବାଙ୍କୁ ଭେଟି ଏ ବିଷୟରେ ବିଚାର କରିବାକୁ ହେବ। ସନ୍ଧ୍ୟାବେଳକୁ ଏ ବିଷୟରେ ସ୍ଥିର କରାଯାଇ ପାରିବ। ବର୍ତ୍ତମାନ ଆପଣମାନେ ନିଜ ନିଜ ଘରକୁ ଯାଇ ସନ୍ଧ୍ୟା ଚାରିଟାବେଳେ ପୁଣି ଏକତ୍ରିତ ହୁଅନ୍ତୁ।"

ଲୋକମାନେ ଉଠି ଯିବାକୁ ଲାଗିଲେ। ମନ୍ତ୍ରୀମାନେ ରାଣୀଙ୍କୁ ଭେଟିବା ପାଇଁ ସମୟ ଠିକ୍ କରିବାକୁ ପଚାରି ପଠାଇବାରୁ ରାଣୀ ଉତ୍ତର ପଠାଇଲେ, "ସଙ୍ଗେ ସଙ୍ଗେ ସେମାନେ ଆସି ପାରନ୍ତି। ମହାରାଜଙ୍କ ବୈଠକରେ ସେମାନଙ୍କୁ ମୁଁ ସାକ୍ଷାତ କରିବି।" ଏମାନେ ସେଠାରେ ପହଞ୍ଚିଲା ବେଳକୁ ରାଣୀ ସେମାନଙ୍କର ପ୍ରତୀକ୍ଷା କରୁଥିଲେ।

163

ଏମାନେ ରାଜାଙ୍କୁ ଗଦୀରୁ ଉତାରି ଦେଇଥିବା ଖବର ରାଣୀ ପାଇ ସାରିଥିଲେ। ଏମାନେ ଯେ ଏତେ ସହଜରେ ରାଜାଙ୍କୁ ପଦଚ୍ୟୁତ କଲେ ତାହା ଭାବି ତାଙ୍କ ମନରେ ବହୁତ ଦୁଃଖ ହେଲା। ସେମାନେ ଯେତେବେଳେ ରାଣୀଙ୍କୁ ଭେଟିବା ପାଇଁ କହି ପଠାଇଲେ ସେତେବେଳେ 'ଆପଣମାନଙ୍କର ଯାହା ଇଚ୍ଛା ତାହା କରନ୍ତୁ' ବୋଲି କହି ପଠାଇବାକୁ ସେ ଭାବୁଥିଲେ। 'ଏଥିରେ ମୋତେ ପଚାରିବାର କିଛି ନାହିଁ। ଆପଣମାନେ ନିଜ ଇଚ୍ଛାନୁସାରେ କାମ କରିବାପାଇଁ ସ୍ୱାଧୀନ।' ପୁଣି ସେ ଭାବିଲେ, "ଆଜି ନ ହେଲେ କାଲି ମୋର କନ୍ୟା ରାଣୀ ହେବ। ମୋ ଯୋଗୁଁ ଭବିଷ୍ୟତରେ ତାର କୌଣସି ହାନି ହେବା ଅନୁଚିତ। ମନରେ ଏହା ବିଚାର କରି ରାଣୀ ସେମାନଙ୍କୁ ଭେଟିବାକୁ ପ୍ରସ୍ତୁତ ହେଲେ। ତାଙ୍କର ବେଶୀ କଥା ହେବାର ନୁହେଁ ଓ ତାଙ୍କର ସାହସ କମିଯାଇଛି ବୋଲି ପ୍ରକଟ ହେବାକୁ ଦେବା ଉଚିତ ନୁହେଁ। ଏହିପରି ଭାବି ସେ ଦୃଢ଼ତା ଓ ଗମ୍ଭୀରତା ସହକାରେ ଭିତରକୁ ଆସି ଘରର ମାଲିକାଣି ହିସାବରେ ସେମାନଙ୍କୁ ବସିବାକୁ କହି ନିଜେ ବସିଲେ। କିଛି ସମୟ ପରେ ପଛରୁ ରାଜକୁମାରୀ ଆସିଲେ। ମା'ଙ୍କ ଅଣ୍ଟା ଉପରେ ହାତ ରଖି ତାଙ୍କୁ ଲାଗି ବସି ପଡ଼ିଲେ।

ପ୍ରେସର କହିଲେ, "ମୁଁ ହେଉଛି କର୍ଣ୍ଣେଲ ପ୍ରେସର। ମୁଁ ଭାବୁଛି ଯେ କେତେବେଳେ ଭଲ ବେଳ ଦେଖି ଆପଣଙ୍କର ଦର୍ଶନ କରିଥିଲେ ଭଲ ହୋଇଥାନ୍ତା। ମୋ କଥା ହୁଏତ ଆପଣଙ୍କର ପସନ୍ଦ ନ ହୋଇ ପାରେ। କିନ୍ତୁ ବ୍ୟକ୍ତିଗତ ରୂପେ କୌଣସି ଅପମାନ କରିବା ପରି ଘଟଣା ଘଟିବ ନାହିଁ ବୋଲି ଆପଣଙ୍କୁ କଥା ଦେଉଛି।" ଏ କଥା ସେ ବହୁତ ବିନୟ ପୂର୍ବକ କହିଲେ।

Digitized by srujanika@gmail.com

ରାଣୀ: "ଆପଣମାନେ ଖୁବ୍ ନ୍ୟାୟପ୍ରିୟ ବୋଲି ମୁଁ ଶୁଣିଛି। ଆପଣମାନେ କେବେହେଲେ ଭୁଲ କାମ କରିବେ ନାହିଁ। ବାକୀ ସବୁ ଭଗବାନଙ୍କ ଇଛା। କଣ କହିବେ କହନ୍ତୁ।"

ପ୍ରେସର: "ମହାରାଜଙ୍କ ସମ୍ବନ୍ଧରେ ଜନତାର ସିଦ୍ଧାନ୍ତ ଆପଣ ଜାଣି ସାରିବେଣି।"

"ହଁ ଜାଣିଛି।"

"ଆପଣ ଗଦୀରେ ବସିବା ପାଇଁ ଜନତାର ଇଛା।"

"ଏହା ସମ୍ଭବ ନୁହେଁ! ଏ ପ୍ରକାର ବ୍ୟବହାର ଆମ ଧର୍ମ ବିରୁଦ୍ଧ। ଏ କଥା ମୁଁ ଆଗରୁ ଆମ ପ୍ରମୁଖମାନଙ୍କ ନିକଟରେ ସ୍ପଷ୍ଟ କରି ଦେଇଛି। ଅତଏବ ଏ କଥା ଏଇଠି ସମାପ୍ତ କରି ଦେବା ପାଇଁ ମୋର ପ୍ରାର୍ଥନା।"

ପ୍ରେସର ମନ୍ତ୍ରୀମାନଙ୍କ ମୁହଁକୁ ଚାହିଁଲେ।

ଲକ୍ଷ୍ମୀନାରାୟଣ କହିଲେ, "ମୁଁ ଆଗରୁ ଏ କଥା କହିଥିଲି। ତେଣୁ ଏ ପ୍ରସଙ୍ଗ ଏହିଠାରେ ବନ୍ଦ କରାଯାଉ।"

ପ୍ରେସର ରାଣୀଙ୍କୁ ସମ୍ବୋଧିତ କରି କହିଲେ, "ସେମିତି ହେଲେ ରାଜକୁମାରୀଙ୍କୁ ଗଦୀ ଉପରେ ବସାଇ ସେ ସାବାଳିକା ହେବା ପର୍ଯ୍ୟନ୍ତ ଆପଣଙ୍କୁ ତାଙ୍କ ସଂରକ୍ଷିକା ଭାବେ ରହିବାକୁ ହେବ।"

"ମହାରାଜଙ୍କର କଣ ହେବ ?"

"ସେ ଯେଉଁ ସ୍ଥାନ ପସନ୍ଦ କରିବେ ଆମେ ତାଙ୍କୁ ସେଠାକୁ ପଠାଇଦେବୁ। ସେଠାରେ ତାଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା କରାଯିବ।"

"ମହାରାଜ ଯେଉଁଠି ରହିବେ ମୁଁ ମଧ୍ୟ ସେଇଠି ରହିବି। ମୋ କନ୍ୟା ରାଜ୍ୟାଧିକାରୀ ହୋଇ ଏଠାରେ ରହିପାରେ। ତାର ସହାୟତା ପାଇଁ ଆଉ କିଛି ବ୍ୟବସ୍ଥା କରନ୍ତୁ।"

"ମା ମୋର ଏସବୁ ଦରକାର ନାହିଁ। ମୁଁ ତୁମ ସାଙ୍ଗେ ରହିବି।" କହି ରାଜକୁମାରୀ ମା'ଙ୍କ ଗାଲରେ ଗାଲ ଲଗାଇ ତାଙ୍କୁ କୁଣ୍ଢେଇ ଧରିଲା।

ଏହା ଦେଖି ସମସ୍ତଙ୍କ ମନ ତରଳିଗଲା। ପ୍ରେସର ମଧ୍ୟ ବ୍ୟଥିତ ହେଲେ। କିନ୍ତୁ କଣ କରାଯିବ? ତାଛଡା ଆଉ କିଛି ରାସ୍ତା ନ ଥିଲା। ସେ କହିଲେ, "ଆପଣ ଏମିତି କହିଲେ ତିନି ଚାରି ବର୍ଷ ପାଇଁ ଆମକୁ ଆଉ କିଛି ବ୍ୟବସ୍ଥା କରିବାକୁ ହେବ।"

ରାଣୀ କିଛି କହିଲେ ନାହିଁ।

ପ୍ରେସର: ଏ ବିଷୟରେ ଆପଣ କଣ କିଛି କହିବାକୁ ଚାହାନ୍ତି ?"

"ମୋର କେବଳ ଏତିକି ଇଛା ଯେ କିଛି ବର୍ଷପରେ ଆମର କନ୍ୟା ରାଜଗଦୀର ଅଧିକାରିଣୀ ହେଉ। ବାକୀ ସବୁ ଆପଣ ଯାହା ଠିକ୍ ଭାବୁଛନ୍ତି କରନ୍ତୁ।"

ଏହା କହି ଉଠିବାକୁ ଯାଉଥିବା ବେଳେ ରାଣୀ ପଚାରିଲେ, "ଏଥର ମୁଁ ଯିବି ?" ରାଣୀ ଏହା କହିବା ମାତ୍ରେ ପ୍ରେସର ଉଠି ଠିଆ ହୋଇ ହାତ ଯୋଡ଼ି କହିଲେ, "ଆମେ ଆଜ୍ଞା ପାଳକ ଓ ଆପଣ ଆଜ୍ଞା ଦେବା ଲୋକ।"

ରାଣୀ ଭକ୍ତି ନମସ୍କାର କରି କନ୍ୟା ସହ ଅନ୍ତଃପୁରକୁ ଚାଲିଗଲେ।

Digitized by srujanika@gmail.com

ଅଗଣା ବାହାରକୁ ଆସିଲାବେଳେ ଲକ୍ଷ୍ମୀନାରାୟଣ ବୋପଣ୍ଣାଙ୍କୁ ଗୋଟାଏ କଡ଼କୁ ଡାକି କହିଲେ, "ମୋର ଆପଣଙ୍କୁ ଗୋଟାଏ କଥା କହିବାର ଅଛି ବୋପଣ୍ଣା। ତାହା ଆପଣଙ୍କୁ ପୂରା କରିବାକୁ ପଡ଼ିବ।"

"ମୁଁ ଆଗେ କଥାଟା ଶୁଣେ ପଣ୍ଡିତ ମହାଶୟ।

"ରାଜାଙ୍କୁ ହଟେଇ ଦିଆଗଲା। ଆଉ କିଛି ବ୍ୟବସ୍ଥା ହୋଇପାରୁ ନାହିଁ। ସେଥିପାଇଁ ଗୋଟିଏ ମାତ୍ର ଉପାୟ ଅଛି। ସେଥିପାଇଁ ଆପଣଙ୍କ ସ୍ୱୀକୃତି ଆବଶ୍ୟକ।"

"ମୋର କରିବା ଯୋଗ୍ୟ ହେଲେ ମୁଁ କେବେହେଲେ ପଶ୍ଚାତ୍‌ପଦ ହେବି ନାହିଁ ପଣ୍ଡିତ ମହାଶୟ।

କ୍ଷଣକ ପରେ ଲକ୍ଷ୍ମୀନାରାୟଣ କହିଲେ, ବର୍ତ୍ତମାନ ରାଜା, ରାଣୀମା, ରାଜକୁମାରୀ କେହି ନହେଲେ ଅତି କମ୍‌ରେ ଆପଣଙ୍କର ଉଦାର ଚିତ୍ତ ହୋଇ ଗଦୀରେ ବସିବା ଉଚିତ।"

ବୋପଣ୍ଣା ଆଶ୍ଚର୍ଯ୍ୟ ହୋଇ ଲକ୍ଷ୍ମୀନାରାୟଣଙ୍କ ଆଡ଼କୁ ଅନାଇ ରହିଲେ। ସେ ଏପରି ଆଶା କେବେହେଲେ କରି ନଥିଲେ। ଏ ବ୍ରାହ୍ମଣ ବ୍ୟଙ୍ଗ ତ କରୁନାହାନ୍ତି ବୋଲି ତାଙ୍କ ମନରେ କ୍ଷଣକ ପାଇଁ ସନ୍ଦେହ ହେଲା। ଲକ୍ଷ୍ମୀନାରାୟଣଙ୍କ ଦୃଷ୍ଟିରେ କୁଟିଳତା ନ ଥିଲା। ସେ ଏକଥା ଶୁଦ୍ଧ ମନରେ କହିଥିବା ପରି ତାଙ୍କର ମନେ ହେଲା। ବୋପଣ୍ଣାଙ୍କ ମନକୁ ସାନ୍ତ୍ୱନା ମିଳିବା ସଙ୍ଗେ ସଙ୍ଗେ ମୁଖ ପ୍ରସନ୍ନ ହୋଇ ଉଠିଲା। ସେ ହସି ଉଠି କହିଲେ, "ଆପଣ ଖୁବ୍ ଭଲ କଥା କହିଲେ ପଣ୍ଡିତ ମହାଶୟ। କୋଡ଼ଗୀ କେବେହେଲେ ଏପରି କାର୍ଯ୍ୟ କରିପାରେ ? ଆଉ କିଛି ନ ହେଲେ ମଧ୍ୟ ରାଜାଙ୍କୁ ଗଦୀରୁ ହଟାଇଥିବା ଲୋକେ ଆଉ କାହାକୁ ଗଦୀରେ ବସାଇଲେ ତାହା ଜନତାର ମଙ୍ଗଳ ପାଇଁ କରାଯାଇଛି ବୋଲି ମନକୁ ସାନ୍ତ୍ୱନା ମିଳିବ। ରାଜାଙ୍କୁ ହଟାଇ ଗଦୀ ଉପରେ ମୁଁ ବସିଲେ ତାହା ଭଲ ପାଇଁ କରାଯାଇଛି କି ମନରେ ଦୁରାଶା ନେଇ କରାଯାଇଛି ତାହା କିଏ କହିପାରିବ ? ଆପଣ ବିଶ୍ୱାସଘାତ ଶବ୍ଦର ପ୍ରୟୋଗ କରୁଛନ୍ତି। ଦେଖିଲାବାଲା ମୋ ପାଇଁ ସେହି ଶବ୍ଦ ପ୍ରୟୋଗ କଲେ ମୁଁ ତାକୁ ମିଥ୍ୟା ବୋଲି କହି ପାରିବି ନାହିଁ।"

"ଆପଣ କିଛି କହିବାର ଆବଶ୍ୟକତା ନାହିଁ। ମୁଁ କହୁଛି। ଏହା ବିଶ୍ୱାସ ଘାତକତା ନୁହେଁ। ମୁଁ ପ୍ରାର୍ଥନା କରୁଛି। ଆପଣ ମନ୍ତ୍ରୀ ହେବା ଦେଶ ପାଇଁ ସୌଭାଗ୍ୟର କଥା ବୋଲି ଲୋକେ ଜାଣନ୍ତି। ସେମାନେ ଆପଣଙ୍କ ପରି ଲୋକର ରାଜା ହେବା ତାହାଠାରୁ ଅଧିକ ସୌଭାଗ୍ୟର କଥା ବୋଲି ଭାବିବେ। ଆପଣ ସ୍ୱୀକାର କରନ୍ତୁ। ମୁଁ ଆପଣଙ୍କ ସାଙ୍ଗରେ ରହି ମନ୍ତ୍ରୀପଦ ସମ୍ଭାଳିବି।"

"ଆପଣ ଯେ ସମ୍ଭାଳି ନେବେ ଏଥିରେ କୌଣସି ସନ୍ଦେହ ନାହିଁ। ଉପରେ ବସିଲେ କେହି ବଡ଼ ହୋଇ ଯାଏ ନାହିଁ। ଏପରି ବିଶ୍ୱାସଘାତ କଥା ମୁଁ ଉଠାଇବି ନାହିଁ, ମୁଁ କୋଡ଼ଗୀ ହୋଇ ରାଜା ହେବି ?"

Digitized by srujanika@gmail.com

"ଆଉ କିଛି ରାସ୍ତା ନ ଥିଲେ ହେବାକୁ ପଡ଼ିବ।"

"ମୋର ଏହା ଦରକାର ନାହିଁ ପଣ୍ଡିତ ମହାଶୟ। ମୁଁ କୋଡ଼ଗୀ ଭୂପୁତ୍ର, ଭୂପତି ହେବା ସ୍ୱୀକାର କରିବି ନାହିଁ। ଏ ଗଣ୍ଡଗୋଳରେ କିଏ ପଶିବ? କୋଡ଼ଗ ରାଜା ହେବାକୁ ଚାହିଁଥିଲେ ଏ ରାଜାଙ୍କ ଅଜା, ପଣଅଜାଙ୍କୁ କାହିଁକି ରାଜା କରାଇଥାନ୍ତି? ପୂର୍ବରାଜା ଯେତେବେଳେ ଦେହତ୍ୟାଗ କଲେ ଦେଶର ନେତାମାନେ ମିଶି ଏ ମାଟି ପିତୁଳାକୁ କାହିଁକି ରାଜା କରିଥାନ୍ତେ? କୋଡ଼ଗୀ ରାଜା ହେବା ଠିକ୍ ନୁହେଁ ବୋଲି ବଡ଼ମାନେ କହିଥିଲେ। ଯିଏ ହେଲେ ଆସି ଗଦୀ ଉପରେ ବସିଲେ ତାଙ୍କୁ ରାଜା ଭାବେ ମାନି ଚଳିବା। ଠିକ୍ ରାସ୍ତାରେ ଚାଲିଲେ ତାଙ୍କ କାନ୍ଧରେ କାନ୍ଧ ମିଳାଇ ରାଜ୍ୟ ଚଳାଇବା। ଏହା କୋଡ଼ଗୀର କର୍ତ୍ତବ୍ୟ। ବ୍ରାହ୍ମଣର କର୍ତ୍ତବ୍ୟ। ଗଦୀରେ ବସିବା କିଛି ବଡ଼ କଥା ନୁହେଁ।"

ବୋପଣ୍ଣାଙ୍କ ସହ ଆଉ କଥା ବଢ଼ାଇବାର ଉପାୟ ନଥିଲା। ଲକ୍ଷ୍ମୀନାରାୟଣ ଚୁପ୍ ହୋଇଗଲେ। ଉଭୟେ ଅଗଣାକୁ ଆସିଲେ।

165

ଅଗଣାରୁ ଅନ୍ୟ ସମସ୍ତେ ଚାଲିଯାଇଥିଲେ, କେବଳ ଦୀକ୍ଷିତ ଓ ଉଡ଼ୟା ତକ୍କ ଏମାନଙ୍କ ପ୍ରତୀକ୍ଷା କରୁଥିଲେ। ଶିଷ୍ଟତା ବଶତଃ ଫ୍ରେସର ସେମାନଙ୍କ ସହ ଗୋଟେ ଦୁଇଟା କଥା କହୁଥିଲେ।

ଏମାନେ ଆସିବା ପରେ ଫ୍ରେସର ଏମାନଙ୍କ ସହ କଥାବାର୍ତ୍ତା ହୋଇ ଭବିଷ୍ୟତ କାର୍ଯ୍ୟକ୍ରମ ସ୍ଥିର କଲେ। ଅନ୍ତତଃ ଅଳ୍ପଦିନ ପାଇଁ ବୋପଣ୍ଣା ଦେଶର ସଂରକ୍ଷକ ହୁଅନ୍ତୁ ବୋଲି ଲକ୍ଷ୍ମୀନାରାୟଣ ସମସ୍ତଙ୍କୁ କହିଲେ। "ନିଜେ ବଡ଼ ହେବା ପାଇଁ ବାହାରୁ ଲୋକ ଆଣି ଏତେ ସବୁ କଲି। ଏପରି ବଦନାମ ଠାରୁ ମୃତ୍ୟୁ ଶ୍ରେୟସ୍କର" କହି ବୋପଣ୍ଣା ଏହା ସ୍ୱୀକାର କଲେ ନାହିଁ। ଉଡ଼ୟା 'ଏକଥା ଠିକ୍' କହି ତାହା ସମର୍ଥନ କଲେ। ଫ୍ରେସର କହିଲେ, "ବୋପଣ୍ଣାଙ୍କ ପରି ମହାନ୍ ବ୍ୟକ୍ତି ଏପରି ଭାବିବା ସ୍ୱାଭାବିକ। ସେ ଦେଶର ସଂରକ୍ଷକ ହେଲେ ଖୁବ୍ ଭଲ ହୁଅନ୍ତା ବୋଲି ମୁଁ ମଧ୍ୟ ଭାବୁଛି କିନ୍ତୁ ଦେଖିବାକୁ ଗଲେ ତାଙ୍କ ନିର୍ଣ୍ଣୟ ଠିକ୍।"

ପୋନପ୍ପା ବା ଲକ୍ଷ୍ମୀନାରାୟଣ କିଛି ସମୟ ପାଇଁ ଦେଶର ସଂରକ୍ଷକ ହୁଅନ୍ତୁ ବୋଲି କେହି କଥା ଉଠାଇଲେ ନାହିଁ। ରାଜାଙ୍କ ଭଉଣୀ ଓ ଭିଣୋଇ ସଂରକ୍ଷକ ହେବା କଥା ବୋପଣ୍ଣାଙ୍କର ପସନ୍ଦ ହେଲା ନାହିଁ। ଲିଙ୍ଗରାଜଙ୍କ କନ୍ୟା ହୋଇଥିବାରୁ ଉଡ଼ୟାଙ୍କର ତାଙ୍କ ପ୍ରତି ସାମାନ୍ୟ ଦୁର୍ବଳତା ଥିଲା। ଫ୍ରେସରଙ୍କ ମତରେ ରାଜକୁମାରୀଙ୍କ ଏହି ବିରୋଧୀମାନଙ୍କୁ ଅଳ୍ପ ସମୟ ପାଇଁ ମଧ୍ୟ ଗଦୀରେ ବସାଇବା ଠିକ୍ ନୁହେଁ।

ବର୍ତ୍ତମାନ ଦୁଇଟି ଉପାୟ ବାକୀ ଅଛି। ଗୋଟିଏ ହେଉଛି ରାଜାଙ୍କ ବଡ଼ବାପା ଅପ୍ପାଙ୍କ ପୁତ୍ର ରାଜା ହେଉ। ଅପ୍ପାଙ୍କ ନାମ ଏମାନେ ସମସ୍ତେ ଜାଣିଥିଲେ। କିନ୍ତୁ ତାଙ୍କ ପୁତ୍ରକୁ ଏମାନଙ୍କ ମଧ୍ୟରୁ କେହି ଦେଖି ନଥିଲେ।

Digitized by srujanika@gmail.com

ଫ୍ରେସର କହିଲେ, "ଅପ୍ପା ଆମ ସହ ବାଙ୍ଗାଲୋରରୁ ବାହାରି ହେବ୍ରାଲେର ଦଳ ସହିତ ସୀମା ଉପରେ ପହଞ୍ଚିଥିଲେ। ସେଠାରେ ସୀମାନ୍ତରକ୍ଷୀଙ୍କ ଗୁଳି ଚୋଟରେ ପ୍ରାଣ ହରାଇଛନ୍ତି। କୁଶାଳନଗରରୁ ଆସିବା ବେଳେ ମୋତେ ଏପରି ଖବର ମିଳିଥିଲା। ବର୍ତ୍ତମାନ ତାଙ୍କର ପୁତ୍ର କିଏ ସେ କଥା ଆପଣମାନଙ୍କୁ ବିଚାର କରିବାକୁ ହେବ।"

ଦୀକ୍ଷିତ କହିଲେ, "ଅପ୍ପାଙ୍କ ପୁତ୍ର ଅପରମ୍ପର ସ୍ୱାମୀ ନାମକ ସନ୍ୟାସୀ ବେଶରେ ଏଠାକୁ ଯିବା ଆସିବା କରୁଥିଲେ। ତାଙ୍କ ନାମ ବୀରଣ୍ଣା।"

ଅନ୍ୟମାନେ ଏକଥା ଜାଣି ନଥିଲେ। ନିଶ୍ଚିତ ରୂପେ କହିବାକୁ ଅପ୍ପାଜୀ ସେଠାରେ ନଥିଲେ। ଅପରମ୍ପର ସ୍ୱାମୀ ଯଦି ସ୍ୱୟଂ 'ମୁଁ ରାଜା ହେବାକୁ ଚାହୁଁଛି' ବୋଲି କହିଥାନ୍ତି ତେଣୁ ଏ ସମ୍ବନ୍ଧରେ ଖୋଜ ଖବର ନିଆଯାଇପାରେ। ଏ କଥା ଫ୍ରେସର ପ୍ରସ୍ତାବ କରିବାରୁ ମନ୍ତ୍ରୀମାନେ ତାହା ସମର୍ଥନ କଲେ।

ଫ୍ରେସର: "ଶେଷ କଥା ହେଉଛି ରାଜାଙ୍କର ଗୋଟିଏ ନିଜ ଭାଇ ଅଛି। ତାଙ୍କର ରାଜା ହେବା ଉଚିତ। ଏ ଭାଇ କିଏ, କେଉଁଠାରେ ଅଛି ତାହା ଆମକୁ ଜଣା ନାହିଁ। କାଲି ଏଠାରେ ଭଗବତୀ ନାମକ ସ୍ତ୍ରୀ ସେ ଏକଥା ଜାଣନ୍ତି ଓ ସଭାରେ ତାହା କହିବାକୁ ପ୍ରସ୍ତୁତ ବୋଲି କହିଲେ। ଆପଣମାନେ ଅନୁମତି ଦେଲେ ସନ୍ଧ୍ୟାବେଳ ସଭାରେ ଏକଥା ତାଙ୍କୁ ପଚରା ଯାଇ ପାରିବ।"

ଉତ୍ତୟା ତକ୍କ କହିଲେ, "ଏକଥା ମୁଁ ମଧ୍ୟ ଜାଣିଛି। କିନ୍ତୁ ଏ ବିଷୟରେ କିଛି କହିବି ନାହିଁ ବୋଲି ମୁଁ ଶପଥ କରିଛି। ସେ ସ୍ତ୍ରୀ କହି ସାରିବା ପରେ ମୁଁ କହିବି। ଏହା ପରେ ସନ୍ଧ୍ୟାକୁ ପୁଣି ଭେଟିବା ପାଇଁ ସ୍ଥିର କରି ସମସ୍ତେ ନିଜ ନିଜ ଘରକୁ ଗଲେ।

166

ସକାଳେ ସ୍ଥିର ହୋଇଥିବା ଅନୁଯାୟୀ ତକ୍କଙ୍କ ନେତା, ଶେଟ୍ଟୀଙ୍କ ନେତା ତଥା ସହରର ଲୋକେ ସନ୍ଧ୍ୟା ସମୟରେ ସଭାସ୍ଥଳରେ ଏକତ୍ରିତ ହୋଇ ନିଜ ନିଜ ସ୍ଥାନରେ ବସିଲେ। ମନ୍ତ୍ରୀମାନେ ଓ ଫ୍ରେସର ଠିକ୍ ସମୟରେ ଆସି ନିଜ ନିଜ ଆସନ ଗ୍ରହଣ କଲେ।

ଫ୍ରେସର ସକାଳର ସ୍ଥିରିକୃତ ସମସ୍ତ କଥାର ସାରାଂଶ ଇଂରାଜୀରେ ତିଆରି କରି ତାହା ଅନୁବାଦକଠାରୁ କନ୍ନଡ଼ରେ ଲେଖେଇ ନେଇଥିଲେ। ସଭାକୁ ଆସି ଅଳ୍ପ ସମୟ ପାଇଁ ବସି ପରେ ଉଠି ପ୍ରଥମେ ଇଂରାଜି ଓ ତାପରେ ହିନ୍ଦୁସ୍ଥାନୀରେ ନିଜ ବିଚାର ପ୍ରକଟ କଲେ। ଶେଷରେ ଅନୁବାଦକ ଦ୍ୱାରା ତାର କନ୍ନଡ଼ ଅନୁବାଦକ ପଢ଼ାଇଲେ।

ରାଜାଙ୍କ ବିଷୟରେ ନିର୍ଣ୍ଣୟ, ରାଣୀ ତଥା ରାଜକୁମାରୀଙ୍କର ତାଙ୍କ ସହ ଯିବାକଥା, ବୋପଣ୍ଣାଙ୍କର ସଂରକ୍ଷକ ପଦ ସ୍ୱୀକାର ନ କରିବା, ରାଜାଙ୍କ ଭଉଣୀ ବା ଭିଣୋଇ ବା ସେ ଦୁଇଜଣଙ୍କର ଏ ପଦ ଗ୍ରହଣ କରିବାରେ ଅନୌଚିତ୍ୟ ପ୍ରଭୃତି ବିଷୟରେ କହିବା ପରେ ପଚାରିଲେ, "ଏ ସବୁ ଆପଣମାନେ ସ୍ୱୀକାର କରୁଛନ୍ତି ?"

ତକ୍କଙ୍କ ନେତା ପଚାରିଲେ, "ଏଥିରେ କଣ ମନ୍ତ୍ରୀଗଣଙ୍କର ସ୍ୱୀକୃତି ଅଛି ?"

ଫ୍ରେସର: "ହଁ ଅଛି।"

Digitized by srujanika@gmail.com

ତକ୍କଙ୍କ ନେତା "ଆମର ମଧ୍ୟ ସ୍ୱୀକୃତି ଅଛି" କହି ସାଥୀ ତକ୍କ ଓ ଶେଟ୍ଟୀଙ୍କ ନେତା ତଥା ଜନତା ଆଡ଼କୁ ଚାହିଁଲେ। ସମସ୍ତେ 'ଆଜ୍ଞା ହଁ, ଆଜ୍ଞା ହଁ' କହି ନିଜ ନିଜର ସ୍ୱୀକୃତି ଦେଲେ।

ପ୍ରେସର: "ବର୍ତ୍ତମାନ ଆଉ ଦୁଇଟି କଥା ବାକୀ ଅଛି। ପ୍ରଥମ କର୍ଥା ହେଉଛି ରାଜାଙ୍କ ବଡ଼ବାପାଙ୍କ ପୁଅ ବୀରଣ୍ଣା ଅପରମ୍ପର ସ୍ୱାମୀ ନାମରେ ଏଠାରେ ଅଛି କି?" ନାରାୟଣ ଦୀକ୍ଷିତ ଉଠି ପଡ଼ି କହିଲା, "ସ୍ୱାମୀ ମହୋଦୟ ପ୍ରାତଃକାଳରେ ଏଠାକୁ ଆସିଥିଲେ। ଦ୍ୱିପ୍ରହର ବେଳକୁ ହେବ୍ବାଲରେ ତାଙ୍କର କେହି ଜଣେ ନିଜ ଲୋକଙ୍କର ସ୍ୱର୍ଗବାସ ହୋଇଯାଇଛି ଶୁଣି ସେଠାକୁ ଚାଲିଗଲେ।"

ପ୍ରେସର: ଠିକ୍ ଅଛି। ସେ ଆସିବା ପରେ ତାଙ୍କ ବିଷୟରେ କଥାବାର୍ତ୍ତା କରାଯାଇପାରିବ। ବର୍ତ୍ତମାନ ଆଉ ଗୋଟିଏ କଥା ଭାବିବାକୁ ହେବ। ରାଜାଙ୍କର ଜଣେ ନିଜ ଭାଇ ଅଛନ୍ତି ବୋଲି ଆପଣଙ୍କ ଏଠିକାର ଜଣେ ମହିଳା ମୋତେ କହିଛନ୍ତି। ତାଙ୍କର ଏଠାକୁ ଆସି ସେ ଭାଇ ବିଷୟରେ କହିବା କଥା। ସେ ଏଠାରେ ଉପସ୍ଥିତ ଅଛନ୍ତି?"

ତା ପୂର୍ବରୁ ଭଗବତୀ ଆସି ସହରର ଲୋକମାନଙ୍କ ଠାରୁ ସାମାନ୍ୟ ଦୂରରେ ବସିଥିଲେ। ପ୍ରେସର ପଚାରିବା ମାତ୍ରେ ସେ ସେଠାରୁ ଉଠି ଆଗକୁ ଆସି ସଭାର ପ୍ରମୁଖଙ୍କୁ ନମସ୍କାର କରି କହିଲେ, "ମୁଁ ଆସିଛି।"

ଭଗବତୀ ଉଠି ସେଠାକୁ ଆସିବାରେ ସଭାରେ ସାମାନ୍ୟ ଉତ୍ତେଜନା ଦେଖାଦେଲା। ଜଣେ "ଆରେ ଏ ତ ଭଗବତୀ!" ଆଉ ଜଣେ "ତାଙ୍କର ଏଥିରେ କି ସମ୍ବନ୍ଧ?" ଓ ତୃତୀୟ ଜଣକ "ରାଜାଙ୍କ ଭାଇକୁ ଏ କେଉଁଠାରେ ଦେଖି ଆସିଛି?" କହି ପରସ୍ପର ମଧ୍ୟରେ କଥାବାର୍ତ୍ତା ହେବାରେ ଲାଗିଲେ।

ପ୍ରେସର ଭଗବତୀଙ୍କୁ କହିଲେ, "ଆପଣ ନିଜ କଥା ସମସ୍ତଙ୍କୁ କହନ୍ତୁ।"

"ଲିଙ୍ଗରାଜଙ୍କର ଗୋଟିଏ ପୁତ୍ର ଅଛି ଯେ କି ବୀରରାଜଠାରୁ ବଡ଼। ଲିଙ୍ଗରାଜଙ୍କ ପରେ ତାର ରାଜା ହେବା କଥା। କିନ୍ତୁ ଅନ୍ୟାୟ ଯୋଗୁଁ ସେ ହୋଇ ପାରିଲା ନାହିଁ। ବର୍ତ୍ତମାନ ବୀରରାଜଙ୍କୁ କୌଣସି କାରଣବଶତଃ ଗଦୀରୁ ହଟାଇ ଦିଆଯାଇଛି। ସେ ସ୍ଥାନ ତାଙ୍କର ବଡ଼ଭାଇଙ୍କୁ ଦେଇ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ପ୍ରତ୍ୟାହାର କରିଦେବା ଉଚିତ," ଗମ୍ଭୀର ଭାବେ କହିଲେ ଭଗବତୀ।

ମନ୍ତ୍ରୀ ପୋନପ୍ପା ପଚାରିଲେ, "କିଏ ସେ ବଡ଼ଭାଇ? ଆମ ଭିତରୁ କାହାରିକୁ ଜଣା ନାହିଁ?"

ଭଗବତୀ: "ଲିଙ୍ଗରାଜ ଆପଣମାନଙ୍କ ଠାରୁ ସତ୍ୟ ଲୁଚାଇଥିଲେ। ମନ୍ତ୍ରୀ ବସବୟା ତାଙ୍କର ଜ୍ୟେଷ୍ଠ ପୁତ୍ର।"

ଏକଥା ଶୁଣି ଉଭୟା ତକ୍କଙ୍କ ଛଡ଼ା ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ। ତାଙ୍କ କନ୍ୟାର ଗୋଟିଏ ପୁତ୍ର ଅଛି ବୋଲି ଜାଣିଥିବା ଦୀକ୍ଷିତଙ୍କ ପାଇଁ ସେ ପୁତ୍ର ଯେ ବସବ-ସେ କଥା ସମ୍ପୂର୍ଣ୍ଣ ନୂତନ ଥିଲା। ବୋପଣ୍ଣା, ପୋନପ୍ପା, ତଥା ଲକ୍ଷ୍ମୀନାରାୟଣ ଆଦି, "ଲେଙ୍ଗଡ଼ା? ଭଣ୍ଡାରୀ? ବସବୟା?" କହି ଆଶ୍ଚର୍ଯ୍ୟ ହୋଇ ତାଙ୍କ ଆଡ଼କୁ ଚାହିଁଲେ। ସଭାର ବାକୀ ଲୋକ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକଟ କଲେ। ଏମାନଙ୍କର କଥା ଶୁଣି ପ୍ରେସର ପଚାରିଲେ, "ଏ ବିଷୟରେ ଏଠାରେ କାହାକୁ କିଛି ଜଣାଥିବା ପରି ମନେ ହେଉ ନାହିଁ। ଏ କଥାର ପ୍ରମାଣ କଣ?"

Digitized by srujanika@gmail.com

ଭଗବତୀ: "ବସବୟା ମୋର ପୁତ୍ର ବୋଲି ଜାଣିଲାବାଲା ଏଠାରେ ଉପସ୍ଥିତ ଅଛନ୍ତି। ଲିଙ୍ଗରାଜ ମୋତେ ବିବାହ କରିଥିଲେ। ଏଠାରେ ଥିବା ଗୁରୁଜନମାନେ ତାହା ଜାଣନ୍ତି। ସଭାରେ ଉପସ୍ଥିତ ଦୀକ୍ଷିତ ମୋର ଦଦେଇ।"

ପ୍ରେସର ତଥା ମନ୍ତ୍ରୀଗଣ ଦୀକ୍ଷିତଙ୍କ ଆଡ଼କୁ ଚାହିଁଲେ। ଦୀକ୍ଷିତ ଉଠି ଠିଆ ହୋଇ କହିଲେ, "ଏ ମୋର ଛୋଟ ଭାଇର କନ୍ୟା। ସେ ଲିଙ୍ଗରାଜଙ୍କ ସହ ରହୁଥିଲା। ଏହାର ଗୋଟିଏ ପୁତ୍ର ଥିଲା ବୋଲି ମୁଁ ଜାଣିଥିଲି। କିନ୍ତୁ ସେ ପୁତ୍ର ଯେ ବସବ ତାହା ମୁଁ ବର୍ତ୍ତମାନ ଜାଣିଲି।"

"ବସବୟା ଆପଣଙ୍କର ପୁତ୍ର ବୋଲି ଆପଣଙ୍କ ଦଦେଇ ଜାଣନ୍ତି ନାହିଁ। ତେବେ ଏପରି କଥା ଜନତା କିପରି ସ୍ୱୀକାର କରିବ?" ଭଗବତୀଙ୍କୁ ପଚାରିଲେ ପ୍ରେସର।

ମୋ ଦଦେଇ ଏସବୁ ବିଷୟରେ ଧ୍ୟାନ ଦେବାର ଲୋକ ନୁହନ୍ତି। ମୁଁ ଏ ବିଷୟ ତାଙ୍କୁ ଠିକ୍ ସମୟରେ କହିବି ବୋଲି କହିଥିଲି। ସେ ସମୟ ବର୍ତ୍ତମାନ ଆସିଛି। ଏ କଥା ଉଭୟା ତଲ୍ଲ ମଧ୍ୟ ଜାଣନ୍ତି।"

ଉଭୟା ତଲ୍ଲ ଉଠି ଠିଆ ହୋଇ ଭଗବତୀଙ୍କୁ ସମ୍ବୋଧିତ କରି କହିଲେ, "ହଁ ଭଉଣୀ, ଆପଣ ରାଣୀଙ୍କଠାରୁ ଲିଙ୍ଗରାଜଙ୍କର ଅଧିକ ପ୍ରିୟ ଥିଲେ। ଏ ସନ୍ତାନକୁ ଜନ୍ମ ଦେଲେ। କିନ୍ତୁ ଏହାଦ୍ୱାରା କଣ ହେଲା? ସେ ବିବାହ କରିବା ପାଇଁ ମିଥ୍ୟା ଶପଥ କରି ପୁଣି ତୁମକୁ ବାହାର କରିଦେଲେ। ପିଲାର ପାଦ ମୋଡ଼ି ଦେଲେ। ସେ କୁକୁରମାନଙ୍କ ଗହଣରେ ବଢ଼ିଲା। ଏକଥା ମୁଁ ଓ ତୁମ ବଡ଼ ମାଉସୀ ଜାଣିଥିଲୁ। ଏ କଥା ଯେପରି ବାହାରକୁ ନ ଯାଏ, ସେଥିପାଇଁ ସେ ମୋତେ ପ୍ରତିଜ୍ଞା କରାଇଲେ। ଚାଳିଶ ବର୍ଷ ବିତିଗଲାଣି। ସେ ପୁତ୍ର କଣ ବର୍ତ୍ତମାନ ଆଉ ରାଜା ହୋଇ ପାରିବ?"

ଭଗବତୀ: "କେହି ପ୍ରତାରଣା କଲେ କଣ ଜଣେ ସ୍ତ୍ରୀର ପତ୍ନୀ ହେବାଟା ମିଥ୍ୟା ହୋଇଯିବ? ପିତା ପୁତ୍ର ପ୍ରତି ଅନ୍ୟାୟ କଲେ। ଗୁରୁଜନମାନେ ତାହା ପ୍ରତିକାର କରନ୍ତୁ।"

ବୋପଣ୍ଣା: "ପ୍ରତିକାର ପୁଣି କଣ କରାଯିବ? ରାଜାଙ୍କୁ ଗାଦୀରୁ ଓହ୍ଲାଇ ଦେଇଥିବା ଲୋକେ କଣ ରାଜାଙ୍କର ସ୍ୱାମୀଭକ୍ତ କୁକୁର ପରି ଥିବା ସେବକକୁ ରାଜା କରିବେ?"

ଭଗବତୀ: "କୁକୁର ପରି କେତେବେଳେ ରହିଲା? ମନ୍ତ୍ରୀମାନଙ୍କ ସହ ମନ୍ତ୍ରୀ ହୋଇ କଣ ରହିଲା ନାହିଁ?

ବୋପଣ୍ଣା: "ମୁଁ ତ ପ୍ରଥମରୁ କହିଥିଲି ଯେ ତାହା ଏକ ମସ୍ତବଡ଼ ଭୁଲ। ବର୍ତ୍ତମାନ ମଧ୍ୟ କହୁଛି ଯେ ଏହାର ଆବଶ୍ୟକତା ନାହିଁ। ଲେଙ୍ଗଡ଼ା ରାଜାଙ୍କର ବ୍ୟକ୍ତିଗତ ମନ୍ତ୍ରୀ ଥିଲା। ଯେଉଁଆଡ଼େ ରାଜା ଯିବେ ସେ ମଧ୍ୟ ଯିବ।"

ଭଗବତୀ: " ତାକୁ ଲେଙ୍ଗଡ଼ା କହି କାହିଁକି ନିଜର ମୁହଁ ଖରାପ କରୁଛନ୍ତି? ସେ ମଧ୍ୟ ଆପଣଙ୍କ ପରି ଜନ୍ମ ହୋଇଥିଲା। ଅନ୍ୟାୟକାରୀମାନେ ତାର ପାଦ ମୋଡ଼ି ଦେଇଥିଲେ।"

ବୋପଣ୍ଣା "ଏ କଥା ଶେଷ ହୋଇଯାଇଛି" କହି ପ୍ରେସରଙ୍କ ଆଡ଼କୁ ବୁଲି କହିଲେ", ବସବ ରାଜାଙ୍କ ଭାଇ କାହିଁକି, ବାପା ହେଲେ ମଧ୍ୟ ଆମ ଭିତରୁ କେହି ତାକୁ ରାଜା ରୂପେ ମାନିବାକୁ ପ୍ରସ୍ତୁତ ନୁହନ୍ତି।" ପୁଣି ସଭା ଆଡ଼କୁ ବୁଲି ସେ ପଚାରିଲେ, "କଣ ତଲ୍ଲ ଓ ଶେଟ୍ଟୀଗଣ, ଆପଣମାନଙ୍କର ମତ କଣ?" ସମସ୍ତେ "ଆଜ୍ଞା ହଁ" କହି ସମର୍ଥନ ଜଣାଇଲେ।

Digitized by srujanika@gmail.com

167

ଭଗବତୀ ଆଉ କଣ କହିବାକୁ ଯାଉଥିଲେ ଓ ତାହା କହିଥିଲେ ମଧ୍ୟ ସେ କଥା କି ରୂପ ନେଇଥାନ୍ତା ଜଣା ନାହିଁ। କାରଣ ଅନୁବାଦକ ଏ ସବୁ କଥା ଫ୍ରେସରଙ୍କୁ ବୁଝାଉଥିବା ସମୟରେ ତାଙ୍କ ଅଧୀନସ୍ଥ ଦଳପତି କାରପେଣ୍ଟର ଘୋଡ଼ା ଉପରେ ମଞ୍ଚର ସିଡ଼ି ପର୍ଯ୍ୟନ୍ତ ଆସି ପହଞ୍ଚିଲେ। ଘୋଡ଼ାରୁ ଓହ୍ଲାଇ ଅଭିବାଦନ କରି ଫ୍ରେସରଙ୍କୁ ରିପୋର୍ଟ ଦେଲେ। "ନାଲକୁନାଡ଼ ଯାଇଥିବା ସେନା ରାଜା ଓ ବସବକୁ ସାଙ୍ଗରେ ନେଇ ଫେରି ଆସୁଛନ୍ତି।"

ଫ୍ରେସର "ଆଚ୍ଛା ? ତେବେ ତ ଖୁବ୍ ଭଲ ହେଲା" କହି ଅନୁବାଦକକୁ ଏକଥା ସମସ୍ତଙ୍କୁ ବୁଝାଇ ଦେବାକୁ ଆଜ୍ଞା ଦେଲେ।

ଅନୁବାଦକ ଏହା କହିବା ମାତ୍ରେ ଏକତ୍ରିତ ଜନତା "ସାବାସ କହି ପାଟି କଲେ। ରାଜା, ବସବ ତଥା ସେମାନଙ୍କ ସହିତ ଆସୁଥିବା ସୈନ୍ୟଙ୍କୁ ଦେଖିବା ପାଇଁ ସମସ୍ତେ ରାଜମହଲ ଆଡ଼କୁ ମୁହଁ ବୁଲାଇଲେ।

କିଛି ସମୟ ପରେ ସେମାନେ ଦୃଷ୍ଟିଗୋଚର ହେଲେ। ସର୍ବପ୍ରଥମେ ଇଂରେଜ ଦଳପତି, ପଛରେ ଦୁଇଜଣ ଘୋଡ଼ା ସବାର, ଗୋଟିଏ ସବାରୀ, ତା ପଛରେ ଚାରି ଜଣ ଘୋଡ଼ା ସବାର, ପୁଣି ଗୋଟିଏ ସବାରୀ ଓ ଶେଷରେ ସୈନ୍ୟମାନେ ଥିଲେ। ସେମାନେ ବେଶ୍ ଦ୍ରୁତ ଗତିରେ ଆଗକୁ ଆସିଲେ। ଇଂରେଜ ଦଳପତି ଘୋଡ଼ାରୁ ଓହ୍ଲାଇ କର୍ଣ୍ଣେଲ ଫ୍ରେସରଙ୍କୁ ସୈନିକ କାଇଦାରେ ଅଭିବାଦନ କରି କହିଲା, "ଆମ କାର୍ଯ୍ୟ ସଫଳ ହୋଇଛି, ରାଜାଙ୍କୁ ନେଇ ଆସିଛୁ କିନ୍ତୁ ଦୁଃଖର ସହିତ କହିବାକୁ ପଡୁଛି ଯେ ବସବୟା ଗୁଳିର ଶିକାର ହୋଇଛନ୍ତି। ପଛ ସବାରୀ ତାଙ୍କ ଶବକୁ ନେଇ ଆସୁଛି।" ଅନୁବାଦକ ଏ କଥାର ଅର୍ଥ ବୋପଣ୍ଣାଙ୍କୁ ବୁଝାଇବାରୁ ତାଙ୍କ ମୁହଁରୁ ହଠାତ୍ ବାହାରି ପଡ଼ିଲା, "କଣ କହିଲେ, ଲେଙ୍ଗଡ଼ା ମରିଗଲା।?"

ଏ କଥା ଭଗବତୀଙ୍କ କାନରେ ପଡ଼ିବାରୁ ତାଙ୍କ ହୃଦୟ ଫାଟିଗଲା ପରି ଲାଗିଲା। ସେ ଚିତ୍କାର କରି ଉଠିଲେ, "କଣ ହେଲା ?"

ଅନୁବାଦକ ଜୋରରେ କହିଲା, "ବସବୟା ଗୁଳିଚୋଟରେ ମରିଯାଇଛି।" ସେତେବେଳକୁ ଜନତା ସେନାଙ୍କ ଠାରୁ ଏ ଖବର ଜାଣି ସାରିଥିଲେ।

କ୍ଷଣକ ମଧ୍ୟରେ ଭଗବତୀ ବୁଝିପାରିଲେ ଯେ ତାଙ୍କ ପୁତ୍ର ମରିଯାଇଛି ଓ ତାର ଶବ ପଛ ସବାରୀରେ ଆସୁଛି। ସେ ଛାତିପିଟି "ତୋତେ ହରାଇ ବସିଲିରେ ପୁଅ" କହି କାନ୍ଦି କାନ୍ଦି ସବାରୀ ଆଡ଼କୁ ଦୌଡ଼ିଲେ। ସବାରୀ ପାଖରେ ଠିଆ ହୋଇଥିବା ଲୋକେ ସେତେବେଳେ ବସବ ଭଗବତୀଙ୍କ ପୁତ୍ର ବୋଲି ଜାଣିଥିଲେ। ସେମାନେ ତାଙ୍କୁ ରାସ୍ତା ଛାଡ଼ିଦେଲେ। ଭଗବତୀ ସେଠାରେ ଆଣ୍ଠୁମାଡ଼ି ବସି ପଡ଼ି ସବାରୀ ମଧ୍ୟକୁ ମୁହଁ

Digitized by srujanika@gmail.com

ନେଇ ମୃତ ପୁତ୍ରର ଉପରେ ହାତ ରଖି ବିଳାପ କରିବାକୁ ଲାଗିଲେ, "ପୁଅ, ତତେ ରାଜା କରିବା ପାଇଁ ମୁଁ ଏ ସବୁ କରିଥିଲି। ମୋର ସବୁ ପରିଶ୍ରମ ବ୍ୟର୍ଥ ହେଲା।"

ଅଶ୍ରୁ ସର୍ବଦା ପବିତ୍ର। ବିଶେଷ କରି ମାଉ ଅଶ୍ରୁ ସମସ୍ତଙ୍କ ଅଶ୍ରୁ ଠାରୁ ବେଶୀ ପବିତ୍ର। ପଶୁମାନଙ୍କ ମଧ୍ୟରେମଧ୍ୟ ଏହା ଦେଖାଯାଏ। ମନୁଷ୍ୟ କଥା ତ ଛାଡ଼। ମୃତବ୍ୟକ୍ତି ବସବ ହେଲେ ମଧ୍ୟ ତା ମାଉ ଦୁଃଖ ଦେଖି ଜନତାର ମନ ତରଳି ଗଲା। ବିଚାରୀ ଚନ୍ଦ୍ରଦାନ୍ତ୍ରୀର କଣ ଦୁଃଖ ହେବ ନାହିଁ?

ରାଜା ସବାରୀରୁ ଓହ୍ଲାଇଲା ବେଳକୁ ଥରୁଥିଲେ। ଠିଆ ହୋଇ ପାରୁ ନ ଥିଲେ। ପ୍ରଥମରେ ଦଶଦିନ ହେଲା ଅସୁସ୍ଥ ଶରୀର ଓ ଆଜି ଘଟିଥିବା ସମସ୍ତ ଆଶ୍ଚର୍ଯ୍ୟକର ଘଟଣା। ଦ୍ୱିତୀୟରେ ଭବିଷ୍ୟତ ସମ୍ପର୍କରେ ଆଶଙ୍କା। ତାଙ୍କ ମୁହଁରୁ ଝାଳ ବୋହି ପଡୁଥିଲା, କ୍ଷୀଣ ସ୍ୱରରେ ସେ "ନମସ୍କାର ସାହେବ" ବୋଲି କହିଲେ।

ଫ୍ରେସର: "ନମସ୍କାର ମହାରାଜ। ମୋତେ ସମର୍ପିତ କାର୍ଯ୍ୟ ସୁଖଦାୟକ ନ ହେଲେ ମଧ୍ୟ ତାହା ମତେ କରିବାକୁ ହେବ। ତାହା ସମ୍ପନ୍ନ କରିବା ବେଳେ ମୁଁ ଆପଣଙ୍କ ସହିତ କୌଣସି ପ୍ରକାର କଠୋର ବ୍ୟବହାର କରିବି ନାହିଁ। ଆପଣଙ୍କ ପଦବୀର ଯୋଗ୍ୟ ସମ୍ମାନ ଦେଖାଇବି। ବର୍ତ୍ତମାନ ଆପଣ ଦୟା କରି ନିଜ ବୈଠକକୁ ଯାଆନ୍ତୁ। ମୁଁ ପରେ ଆପଣଙ୍କୁ ସାକ୍ଷାତ କରିବି।"

ରାଜାଙ୍କ ମୁହଁରୁ କୌଣସି ଶବ୍ଦ ବାହାରିଲା ନାହିଁ। ଫ୍ରେସର ତାଙ୍କୁ ସାଙ୍ଗରେ ନେଇ ମହଲର ଅଗଣାକୁ ଆସିଲେ। ସେଠାରେ ଠିଆ ହୋଇଥିବା ଲୋକଙ୍କ ମଧ୍ୟରୁ କେତେକ ରାଜାଙ୍କୁ ନମସ୍କାର କଲେ, ବାକୀ ଚୁପ୍ ରହିଲେ, ଫ୍ରେସର ରାଜାଙ୍କ ସହ ତାଙ୍କ ବୈଠକ ଦ୍ୱାର ପର୍ଯ୍ୟନ୍ତ ଯାଇ ତାଙ୍କୁ ଭିତରକୁ ପଠାଇ ବାହାରେ ଇଂରେଜ ଦଳପତିଙ୍କୁ ରହିବା ପାଇଁ ଆଜ୍ଞା ଦେଇ ଫେରି ଆସିଲେ। ବୋପଣ୍ଣା ଓ ତାଙ୍କ ସାଥୀ ମନ୍ତ୍ରୀମାନଙ୍କ ସହ ଗୋଟାଏ ଦୁଇଟା କଥା ହୋଇ ଘୋଷଣା କଲେ, "ଆଜିର ସଭାକାର୍ଯ୍ୟ ସମାପ୍ତ ହେଲା। ଏହାର ବିବରଣୀ ମୁଁ କାଲି ଘୋଷଣା କରିବି। ବର୍ତ୍ତମାନ ସମସ୍ତେ ଯାଇ ପାରନ୍ତି।" ପରେ ମନ୍ତ୍ରୀମାନଙ୍କୁ କହିଲେ, "ଆପଣଙ୍କ ଭଗବତୀ ଆମ ବିଦାୟର ମୁଖ୍ୟ କାରଣ। ତାଙ୍କ ଦୁଃଖରେ ଆମର ମଧ୍ୟ ସହାନୁଭୂତି ଦେଖାଇବା ଉଚିତ। ଆପଣମାନେ ମୋ ସହିତ ଯଦି ଯାଇପାରିବେ ଚାଲନ୍ତୁ। ଦେଶର ପ୍ରମୁଖ, ମନ୍ତ୍ରୀଗଣ ଆଦି ସମସ୍ତେ ତାଙ୍କ ସଙ୍ଗରେ ଗଲେ। ସେ ଭଗବତୀଙ୍କ ପାଖକୁ ଆସିଲେ। ଆସିବା ସମୟରେ ଦଳପତି ଜାକସନ୍‌ଙ୍କ ଠାରୁ ମୃତ୍ୟୁର ବିବରଣୀ ଶୁଣିଲେ।

Digitized by srujanika@gmail.com

ସଭା ସମାପ୍ତ ହେବାପରେ ସମସ୍ତେ ଯାଇ ନଥିଲେ। ଭଗବତୀଙ୍କ ଦୁଃଖ ଦେଖି ବହୁତ ଲୋକ ଠିଆ ହୋଇଥିଲେ। ତହିଁ ମଧ୍ୟରୁ ଅଧିକାଂଶ ସ୍ତ୍ରୀ ଲୋକ ଥିଲେ। ସଂସାର ବିଷୟରେ ଅନଭିଜ୍ଞା ଛୋଟ ଝିଅଠାରୁ ଆରମ୍ଭ କରି ସବୁ ଅନୁଭବ ସମାପ୍ତ କରିଥିବା ବୃଦ୍ଧା ପର୍ଯ୍ୟନ୍ତ, ଶୁଷ୍କମୁଖ ଭିକାରୁଣୀଠାରୁ ଅଳଙ୍କାର ପିନ୍ଧିଥିବା ଧନୀ କୁଳର କନ୍ୟା ପର୍ଯ୍ୟନ୍ତ ସମସ୍ତ ବୟସର ଓ ସବୁସ୍ତରର ସ୍ତ୍ରୀଲୋକ ସେଠାରେ ଠିଆ ହୋଇ ନିଜ ସହଜାତି ସ୍ତ୍ରୀର ଦୁଃଖ ଦେଖି ତରଳିଗଲେ।

ଫ୍ରେସର ସବାରୀ ପାଖକୁ ଆସି ଟୋପି ଓହ୍ଲାଇ ଶବ ଆଡ଼କୁ ମୁଣ୍ଡ ନୁଆଁଇ ସମ୍ମାନ ପ୍ରଦର୍ଶନ କରି ଭଗବତୀଙ୍କୁ କହିଲେ, "ମା, ଆମେ ଆପଣଙ୍କର ଏ ଦୁଃଖରେ ଭାଗୀଦାର ହେବା ପାଇଁ ଅସମର୍ଥ। ବର୍ତ୍ତମାନ ଆପଣଙ୍କ ପୁତ୍ରର ଉଚିତ ସଂସ୍କାର କରିବା କଥା। ବେଶୀ ବିଳମ୍ବ ନ କରି ଆପଣଙ୍କୁ ଏ ସବୁ କରିବାକୁ ହେବ।"

ଭଗବତୀ: "ଆପଣମାନେ ଏ ପର୍ଯ୍ୟନ୍ତ ଏହାକୁ ଦେଖାଶୁଣା କରିଛନ୍ତି। ସେଇ ଯଥେଷ୍ଟ। ଆଉ କଣ ବା କରିବାକୁ ବାକୀ ଅଛି। ମାଟିରେ ହିଁ ପକାଇବା କଥା। ଆପଣ ଖାଲି ଏତିକି ଆଜ୍ଞା ଦିଅନ୍ତୁ ଯେ ଶବ କୁକୁରଙ୍କ ଆଗରେ ନ ପକାଇ ମାଟିରେ ପୋତାଯାଉ। ବାକୀ ସବୁ ମୁଁ ଦେଖିବି।"

"ଆପଣ ସ୍ୱର୍ଗବାସୀର ମାତା। ସେଥିପାଇଁ ଆପଣଙ୍କ କଥା ଆମର ମାନ୍ୟ। ଆମ ବିଜୟର କାରଣ ହୋଇଥିବା ଯୋଗୁଁ ଆପଣ ଆମର ଆହୁରି ମାନ୍ୟ ହୋଇଯାଇଛନ୍ତି। ଆପଣଙ୍କ ପୁତ୍ର ଆଉ ନାହିଁ ତା ସତ କିନ୍ତୁ ଏ କଥା ଆମ ଅକ୍ତିଆରର ବାହାର ଥିଲା ବୋଲି ଆମ ଅଧିକାରୀ କହୁଛନ୍ତି। ଏ ବିଷୟରେ ଆପଣ ଆମକୁ ଦୋଷ ଦିଅନ୍ତୁ ନାହିଁ।"

"ଦୋଷ ଦେଇ କଣ କରିବି। ଆପଣଙ୍କର କଣ ବା କ୍ଷତି ହେଉଛି। ଆପଣ ବର୍ତ୍ତମାନ ଯାଆନ୍ତୁ। ଏ ଶବ ମୋତେ ଦେଇ ଦିଅନ୍ତୁ।"

"ଆପଣଙ୍କର କିଛି ଆପତ୍ତି ନଥିଲେ ଏ ସଂସ୍କାରରେ ଆମେ ମଧ୍ୟ ଆପଣଙ୍କ ସାଙ୍ଗରେ ସମ୍ମିଳିତ ହେବାକୁ ଚାହୁଁଛୁ।"

"ଏହାର ସଂସ୍କାର ମୁଁ ଏଠାରେ ନ କରି ମୋ ମନ୍ଦିର ପାଖରେ କରିବି। ଆପଣଙ୍କର ସେଠାର କିଛି କାମ ନାହିଁ।"

"ଭଲ କଥା ମା। ଆପଣଙ୍କ ଦୁଃଖ ସମୟରେ ଆମ ଅଧିକାର ସୀମା ବହିର୍ଭୂତ କାର୍ଯ୍ୟ ଆମେ କରିବୁ ନାହିଁ।"

ଏହା କହି ଫ୍ରେସର ନିଜ ଅଧୀନସ୍ଥ ଅଧିକାରୀ କ୍ୟାପ୍‌ଟେନ୍ ଲେହାର୍ଡଙ୍କୁ ଆଜ୍ଞା ଦେଲେ, "ଦଶଜଣ ଲୋକ ସାଙ୍ଗରେ ନେଇ ତାଙ୍କର ଯେ କୌଣସି ସହାୟତା ଆବଶ୍ୟକ ତାହା କର।" ତା'ପରେ ସ୍ୱୟଂ ମୁଣ୍ଡରୁ ଟୋପି ଓହ୍ଲାଇ ମୁଣ୍ଡ ନୁଆଁଇ ପୁଣି ଥରେ ସମ୍ମାନ ପ୍ରଦର୍ଶନ କରି ନିଜ ସାଥୀମାନଙ୍କୁ ପଚାରିଲେ, "ଏଥର ଏଠାରୁ ଯିବା ?" ସେମାନେ ସମସ୍ତେ 'ହଁ' କହି ତାଙ୍କ ସାଙ୍ଗରେ ବାହାରିଲେ। କେବଳ ଦୀକ୍ଷିତ ସଠାରେ ରହିଲେ।

Digitized by srujanika@gmail.com

169

ଭଗବତୀ ତାଙ୍କ ପାଦ ତଳେ ପଡ଼ି ଗୋଡ଼ି ଦୁଇଟି ଜାକି ଧରି ବିଳାପ କରିବାକୁ ଲାଗିଲେ, "ଏ କଣ ହେଲା ଭାଇନା। ମୁଁ ତ ରାଜ ପଦବୀ ପାଇବି ବୋଲି ଭାବୁଥିଲି। କିନ୍ତୁ ସେ ତ ଚାଲିଗଲା।"

ଦୀକ୍ଷିତଙ୍କ ଆଖି ଲୋତକପୂର୍ଣ୍ଣ ହୋଇ ଉଠିଲା। "ଉଠ ଝିଅ, ଉଠ। ତୁ କଣ ଅଜଣା ସ୍ତ୍ରୀଲୋକ? ଭଗବତୀଙ୍କ ଉପାସନା କରୁଥିବା ଝିଅକୁ କଣ ମୋତେ ବୁଝାଇବାକୁ ହେବ? ଉଠ, ଆଗକୁ ଦେଖ" କହି ନଇଁପଡ଼ି ଝିଅକୁ ହାତ ଧରି ଉଠାଇଲେ।

ଭଗବତୀ ଉଠି ଛିଡ଼ା ହୋଇ ପଚାରିଲେ, "ଏ କଣ ହୋଇଗଲା?"

"ଯାହା ଈଶ୍ୱରଙ୍କ ଇଚ୍ଛା।"

"ତେବେ ଜ୍ୟୋତିଷ ଶାସ୍ତ୍ର ମିଥ୍ୟା ହୋଇଗଲା।"

"ଏ କଥା ପଛେ ଭାବିବା। ବର୍ତ୍ତମାନ ଏହାର ସଂସ୍କାର ବ୍ୟବସ୍ଥା କରିବା।"

"ଏ ସଂସ୍କାର ମୁଁ କେମିତି କରିବି? କରି ପାରିଲେ ମଧ୍ୟ ବଞ୍ଚି ରହି ପାରିବି ନାହିଁ। ଆଶ୍ରମ ପଛପଟ ପାହାଡ଼ରୁ ଡେଇଁପଡ଼ି ମରିଯିବି।"

"ଠିକ୍ ଭାବିଛୁ। ତୁ ସେମିତି କଲେ ମୁଁ ମଧ୍ୟ ସେଠାରୁ ଡେଇଁ ମରିଯିବି। ଉଭୟଙ୍କ ପୂଜାପାଠ ସାର୍ଥକ ହୋଇଯିବ।"

ଭଗବତୀ ଚମକି ପଡ଼ି ଦୀକ୍ଷିତଙ୍କ ମୁହଁ ଆଡ଼କୁ ଚାହିଁଲେ।

"ପୁଅ ଚାଲିଗଲା, ବର୍ତ୍ତମାନ ଆଉ ପିତାର ଆବଶ୍ୟକତା ନାହିଁ ତ ଡେଇଁ ପଡ଼ି ମରିଯା; ଯଦି ପିତାର ଆବଶ୍ୟକତା ଅଛି ତ ଚାଲ ସଂସ୍କାର କରି ଆସିବୁ।"

ଭଗବତୀ ଏ ସ୍ନେହବନ୍ଧନ ଆଗରେ ହାର ମାନିଲେ। କେମିତି ସେ ନିଜ ଦୁଃଖକୁ ଅଙ୍ଗିଆର କରି ନେଲେ କେଜାଣି! କହିଲେ, 'ଆଚ୍ଛା ଭାଇନା, ସେ କଥା ଆଉ କହିବି ନାହିଁ।'

"ଆଚ୍ଛା ଏଥର ତାହେଲେ ଯା। ଯେତେ ଡେରି ହେଲେ ମଧ୍ୟ ଆସି ମୋତେ ସାକ୍ଷାତ କରିବୁ। ମୁଁ ମନ୍ଦିର ମଣ୍ଡପରେ ଥିବି।"

ଭଗବତୀ ପୁତ୍ରର ଶବକୁ ଉଠାଇ ଚାଲିଗଲେ ଓ ଦୀକ୍ଷିତ ଘରକୁ ଆସିଲେ। ଘରର ସମସ୍ତ ସଦସ୍ୟଙ୍କୁ ସ୍ନାନ କରିବାକୁ କହି ସ୍ୱୟଂ ମନ୍ଦିର ପୁଷ୍କରିଣୀରେ ସ୍ନାନ କଲେ। ମନ୍ଦିରର ପୂଜା ଯଥାବିଧି କରି ଭଗବତୀଙ୍କ ପ୍ରତୀକ୍ଷାରେ ମଣ୍ଡପରେ ଯାଇ ବସିଲେ।

ସେ ରାତିରେ ପ୍ରାୟ ସାରା ସହର ଚେଇଁ ରହିଥିଲା। କୋଡ଼ଗ ଇତିହାସରେ ଏ ରାତ୍ରି ଏକ ସନ୍ଧିକାଳ ଥିଲା। ସେହି ରାତିରେ ଜାଗ୍ରତ ସହର ମଝିରେ ଓଁକାରେଶ୍ୱର ମନ୍ଦିରରେ ସଂସାର ଦୃଷ୍ଟିରେ ଅକିଞ୍ଚନ ଗୋଟିଏ ସ୍ତ୍ରୀକୁ ବଞ୍ଚାଇବାକୁ ନିଶ୍ଚିତ କରି ଦୀକ୍ଷିତ ହାଲୁକା ଜହ୍ନରାତିରେ ପ୍ରତୀକ୍ଷା କରି ବସିଥିଲେ।

Digitized by srujanika@gmail.com

ରାତ୍ରିର ଦୁଇ ପ୍ରହର ବିତିଗଲା। ଭଗବତୀ କାହିଁକି ଫେରିଲା ନାହିଁ ବୋଲି ଦୀକ୍ଷିତଙ୍କ ମନରେ ଶଙ୍କା ହେଲା। ବହୁତ ସମୟ ପରେ ସେ ଆସି କହିଲେ, "ମୁଁ ଆସିଗଲି ଭାଇନା।" ଦୀକ୍ଷିତ କନ୍ୟାକୁ ପାଖକୁ ଡାକି କହିଲେ, "ଓଁକାରଙ୍କୁ ସ୍ମରଣ କରି ଶୋଇପଡ଼ ପାପା। ତାଙ୍କ ନାମ ଜପ କଲେ ମନୁଷ୍ୟ ନିଜ ଦୁଃଖ ଭୁଲିଯାଏ।"

ଭଗବତୀ ମଣ୍ଡପର କାନ୍ଥରେ ଭରାଦେଇ ଶୋଇପଡ଼ି କହିଲେ, "ଆପଣ ଶୋଇବେ ନାହିଁ ଭାଇନା ?" "ଶୋଇବି ପାପା, ସାମାନ୍ୟ ଜପ ବାକୀ ଅଛି, ସେତକ ସାରିଦିଏ" କହିଲେ ଦୀକ୍ଷିତ।

170

କିଛି ଅନ୍ୟମାନଙ୍କ ପ୍ରତାରଣା ଯୋଗୁଁ ଓ କିଛି ପରିସ୍ଥିତି ବଶତଃ ଶତ୍ରୁ ହାତରେ ପଡ଼ିବା ଯୋଗୁଁ ରାଜା ବସବଙ୍କୁ ଗୁଳି ମାରିଦେଲେ। ମାଦପ୍ପା ପାଇଁ ଆଉ କିଛି କାର୍ଯ୍ୟ ବାକୀ ନଥିଲା। ବିଜୟୀ ସୈନିକଙ୍କୁ ସେ ସେମାନଙ୍କ ଅଧୀନସ୍ଥ ହୋଇ ରହିବ ବୋଲି କଥା ଦେଇଥିଲା। ମହଲର ଅନ୍ୟ ସେବକଙ୍କ ସହିତ ନିଜ ହତିଆର ନେଇ ବିଜୟୀଦଳ ସହ ସେ ମଡ଼କେରୀରେ ପହଞ୍ଚିଲା। ରାଜମହଲର ସୀମାରେ ପହଞ୍ଚିବା ପରେ ସେ ମୁଦ୍ଦପ୍ପା ଠାରୁ ଅନୁମତି ନେଇ ସମସ୍ତ ବିବରଣୀ ଦେବାପାଇଁ ରାଣୀଙ୍କ ବୈଠକକୁ ଗଲା।

ରାଜା ବନ୍ଦୀ ହେବାର ସମାଚାର ପାଇ ରାଣୀ ଗବାକ୍ଷରୁ ବିଜୟୀ ସେନାଙ୍କର ଆସିବା ଦେଖୁଥିଲେ। ରାଜା ପାଲିଙ୍କିରୁ ଓହ୍ଲାଇବାଠାରୁ ମହଲକୁ ଆସିବା ପର୍ଯ୍ୟନ୍ତ ସମସ୍ତ କିଛି ଦେଖି ସାରି ସେ ତାଙ୍କୁ ଭିତରକୁ ପାଛୋଟି ନେବା ପାଇଁ ତଳକୁ ଓହ୍ଲେଇ ଆସିଲେ। ଭଗବତୀଙ୍କର ଦୁଃଖପୂର୍ଣ୍ଣ ଚିତ୍କାର ଶୁଣି ସେ ତାର କାରଣ ଜାଣିବା ପାଇଁ ଜଣେ ସେବକଙ୍କୁ ପଠାଇଥିଲେ। ଭଗବତୀ ତାଙ୍କ ଶ୍ୱଶୁରଙ୍କ ପ୍ରେୟସୀ ତଥା ବସବ ରାଜବଂଶର ଥିଲା ଜାଣି ରାଣୀଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ।

ପ୍ରେସର ରାଜାଙ୍କୁ ବୈଠକରେ ଛାଡ଼ି ଫେରି ଆସିଲାବେଳକୁ ରାଣୀ କନ୍ୟା ସହ ରାଜାଙ୍କ ନିକଟକୁ ଆସିଲେ। ରାଜା ନିଜ କୋଠରୀର କାନ୍ଥକୁ ଆଉଜି ବସିଥିଲେ। ରାଣୀ କନ୍ୟାକୁ ରାଜାଙ୍କ ପାଖରେ ବସାଇ ସ୍ୱୟଂ ତାଙ୍କ ପାଦ ପାଖରେ ବସିଗଲେ।

ଏତିକିବେଳେ ଜଣେ ସେବିକା ଆସି ନିବେଦନ କଲା, "ଗୁରିକାର ମାଦପ୍ପା ସାକ୍ଷାତ କରିବାକୁ ଚାହୁଁଛନ୍ତି।"

ରାଣୀ ବୈଠକକୁ ଆସିଲେ।

ମାଦପ୍ପା ନାଲକୁନାଡ଼ ମହଲରେ ଘଟିଥିବା ସମସ୍ତ ଘଟଣାର ବିବରଣୀ ଦେଲା। ବସବ ରାଜାଙ୍କ ହାତରେ ମରିଛି ବୋଲି ତାରି କଥାରୁ ରାଣୀ ଜାଣିଲେ। "ଏ କି ବିଧିର ବିଡ଼ମ୍ବନା ?" ଭାବି ତାଙ୍କ ଅନ୍ତରାତ୍ମା ଥରି ଉଠିଲା।

ଦୋଡ୍ଡବ୍ବା ଆସିବାର ସମାଚାର ପାଇ ରାଣୀ ମାଦପ୍ପାକୁ ରାଜାଙ୍କ ପାଖରେ ଅଟକେଇ ରଖି ବୈଠକକୁ ଆସିଲେ। ଦୋଡ୍ଡବ୍ବାକୁ ଡକାଇ ପ୍ରଥମେ ରାଜାଙ୍କ ସ୍ୱାସ୍ଥ୍ୟ ପୂର୍ବାପେକ୍ଷା

Digitized by srujanika@gmail.com

ଉନ୍ନତି କରିଛି କି ନାହିଁ ଖବର ନେଲେ। ତାପରେ ପଚାରିଲେ, "ଦୋଚ୍ଛବ୍ବା, ଭଗବତୀ ଜିଏ ଓ ବସବୟା ତାଙ୍କର ପୁତ୍ର ବୋଲି ତୁ ଜାଣିଥିଲୁ ନାଁ? ସେ କଥାର ଆଭାସ ମୋ ପାଖରେ ତୁ କେବେହେଲେ ଦେଇ ନାହୁଁ। ପୁରାପୁରି ଲୁଚାଇକରି ରଖିଥିଲୁ।"

ଦୋଚ୍ଛବ୍ବା: "ମୋର ଶହେ ଦୋଷ। କିନ୍ତୁ ସେ ସବୁକୁ ପେଟରେ ରଖି ମୋତେ ରକ୍ଷା କରନ୍ତୁ। ମୋତେ ସବୁ ଜଣାଥିଲେ ମଧ୍ୟ ମୁଁ ମୁହଁ ଖୋଲି ପାରି ନଥିଲି। ବଡ଼ ରାଜା ସାହେବ ସେ ଦିନ ମୋତେ ଶପଥ କରାଇଥିଲେ। ସେ ଯେତେବେଳେ ମୋ ଭାଣିଜୀଙ୍କୁ ଦେଖିଥିଲେ ସେତେବେଳେ ସେ ଦୁଇଜଣଙ୍କ ସମ୍ପର୍କ, ଗୁଡ଼ ଓ ପିମ୍ପୁଡ଼ି ସଦୃଶ ଥିଲା। ସେତେବେଳେ ସେ ରାଜା ମଧ୍ୟ ହୋଇ ନ ଥିଲେ। ପିତା ମଧ୍ୟ ପୁତ୍ରକୁ ଖୁବ୍ ସ୍ନେହ କରୁଥିଲେ। କିନ୍ତୁ ରାଣୀ ଏ ପୁତ୍ରକୁ ଜନ୍ମ ଦେବାପରେ ରାଜାଙ୍କର ଜ୍ୟେଷ୍ଠ ପୁତ୍ର ପ୍ରତି ସ୍ନେହ କମିଗଲା। ମୋ ଭଉଣୀ ଜୋର ଦେବାରୁ ପିଲାକୁ ଛଡ଼ାଇ ନେଇ ମୋ ଭଉଣୀ ଓ ଶିଶୁର ମାକୁ ଦେଶରୁ ବାହାର କରିଦେଲେ। ଏ ଶିଶୁକୁ ମୋ କୋଳରେ ଦେଇ କହିଲେ, "ଏ ଦୋଚ୍ଛୀ, ନେ ଧର, ତୋ ଭଉଣୀର ନାତିକୁ ଯେମିତି ଚାହୁଁଛୁ ପାଳ, କିନ୍ତୁ ଖବରଦାର ଏ ପିଲା କାହାର, ତା ଯେମିତି କେହି ନ ଜାଣନ୍ତି? ଯଦି ଏ ଖବର ମନକୁ ମନ ଜଣାପଡ଼େ ଓ ତତେ କେହି ପଚାରେ ତେବେ ମୁହଁ ଖୋଲିବାକୁ ମୁଁ ମନା କରୁନାହିଁ। କିନ୍ତୁ ତୁ ନିଜେ ମୁହଁ ଖୋଲି ଏ କଥା କାହାକୁ ହେଲେ କହିବୁ ନାହିଁ। ସେ ଗୋଟିଏ ନୁହେଁ ତିନୋଟି ଶପଥ କରାଇଥିଲେ। ଏମିତି ଶପଥ ଯାହା ପ୍ରକାଶ କରିବାକୁ ମଧ୍ୟ ଲଜ୍ଜା ଆସୁଛି। କେଉଁଠି କିଛି ଏପଟ ସେପଟ ହେଲେ ତୁ ଓ ନାତି ଉଭୟଙ୍କୁ ଶେଷ କରି ଦିଆଯିବ। ଏହା କହି ସେ ତ ଚାଲିଗଲେ। ମୋର ରହିବା ନ ରହିବାରେ କିଛି ନାହିଁ କିନ୍ତୁ ଏ ଅନାଥ ଶିଶୁ କାହିଁକି ମରିବ? ଏହା ଭାବି ମୁହଁରେ ତାଲା ଲଗାଇଦେଲି ମା।"

ଦୋଚ୍ଛବ୍ବାର ଚକ୍ଷୁ ଅଶ୍ରୁପୂର୍ଣ୍ଣ ହୋଇଯାଇଥିଲା। ରାଣୀଙ୍କର ମନ ମଧ୍ୟ ଭାରି ହୋଇ ଉଠିଲା। "ତୁମେ ତ ଶପଥ ରକ୍ଷା କଲ କିନ୍ତୁ ରାଜାର ପୁତ୍ରକୁ ଚାଳିଶ ବର୍ଷ ପର୍ଯ୍ୟନ୍ତ ଭଣ୍ଡାରୀ ଭାବେ ଜୀବନ ବିତାଇବାକୁ ପଡ଼ିଲା।"

କ୍ଷଣକ ପାଇଁ ଚୁପ୍ ରହି ରାଣୀ କହିଲେ, "ଦେଖ ଦୋଚ୍ଛବ୍ବା, ସେଇ ଗୋଟିଏ ଲୋକ ଚାଲିଯିବାରୁ ମହାରାଜ ମିତ୍ର, ସେବକ, ମନ୍ତ୍ରୀ ସବୁଥିରୁ ବଞ୍ଚିତ ହୋଇଗଲେ। ତାଙ୍କର ହାତଗୋଡ଼ କଟିଗଲା ପରି ହେଲା। କାଲି କଣ ହେବ କେଜାଣି? ମତେ ହିଁ ତାଙ୍କୁ ଦେଖାଶୁଣା କରିବାକୁ ହେବ। ଆଜି ମାଦପ୍ପା ତାଙ୍କ ପାଖରେ ରହିବ। ତୁମେ ମଧ୍ୟ ଦ୍ୱାର ନିକଟରେ ଥିବ। ଗୋଟିଏ ପରିଚିତ ମୁହଁ ହେଲେ ସାମନାରେ ରହୁ।"

ଦୋଚ୍ଛବ୍ବା "ଯେ ଆଜ୍ଞା ରାଣୀମା" କହି ହାତଯୋଡ଼ି ଯିବାକୁ ବାହାରିଥିବା ସମୟରେ ରାଣୀ ପୁଣି କହିଲେ "ସମ୍ଭବ ହେଲେ ନାତିର ଗାଧୁଆ ପାଧୁଆ ମଧ୍ୟ ଦେଖିନେବ।" ଦୋଚ୍ଛବ୍ବା ଠିଆ ହୋଇ "ହଉ ରାଣୀମା" କହି ଚାଲିଗଲା।

Digitized by srujanika@gmail.com

171

ପରଦିନ ସକାଳେ ଫ୍ରେସର ମନ୍ତ୍ରୀମାନଙ୍କ ସହ କଥାବାର୍ତ୍ତା ହୋଇ ସାରିବା ପରେ ଏକୁଟିଆ ମହଲକୁ ଆସି ରାଜାଙ୍କୁ ସାକ୍ଷାତ କରି ସେ ପର୍ଯ୍ୟନ୍ତ ହୋଇଥିବା ସବୁ ବ୍ୟବସ୍ଥା ସମ୍ବନ୍ଧରେ କହିଲେ।

ବୀରରାଜ କହିଲେ ଯେ ତାଙ୍କୁ ହିଁ ରାଜା ହୋଇ ରହିବାକୁ ଅନୁମତି ଦେବା ଉଚିତ ଓ ସେ ସବୁ ବିଷୟରେ ଅଧୀନସ୍ଥ ହୋଇ ରହିବେ। ଫ୍ରେସର କହିଲେ, ''ତା ସମ୍ଭବ ନୁହେଁ। ଖୁବ୍ ବେଶୀ ହେଲେ ରାଜକୁମାରୀ ଗଦୀରେ ବସି ପାରନ୍ତି। ସେ କଥା ମଧ ଗଭର୍ଣ୍ଣର ଜେନେରାଲଙ୍କ ଇଚ୍ଛା ଉପରେ ନିର୍ଭର କରେ। ବର୍ତ୍ତମାନ ରାଜାଙ୍କୁ ମାଙ୍ଗାଲୋର ଯାଇ ଯେଉଁଠାରେ ଆଗରୁ ଟିପୁ ସୁଲତାଙ୍କର ପିଲାମାନେ ରହୁଥିଲେ, ସେହି ମହଲରେ ରହିବାକୁ ହେବ। ସେଠାକୁ ତାଙ୍କ ରାଣୀ ଓ କନ୍ୟା ଏବଂ ତାଙ୍କ ଇଚ୍ଛାନୁସାରେ ଛୋଟ ପରିବାର ମଧ୍ୟ ତାଙ୍କ ସହିତ ମାଙ୍ଗାଲୋର ଯିବ। ତାଙ୍କୁ ପ୍ରତିମାସରେ ଛଅ ହଜାର ଟଙ୍କା ଲେଖା ଖର୍ଚ୍ଚବାବଦ ମିଳିବ।'' ଏହା ମଧ୍ୟରୁ କୌଣସି କଥା ବୀରରାଜ କାଟି ପାରି ନଥିଲେ।

''ଆପଣ ଏଠାରୁ ଯେତେ ଶୀଘ୍ର ଯାଇ ପାରିବେ ଭଲ ହେବ। ସମସ୍ତ ପ୍ରକାର ସୁବିଧା କରି ଦିଆଯିବ। ଆପଣ କେବେ ଯାଇ ପାରିବେ?''

''ମୁଁ ଯେତେବେଳେ ରାଜା ହୋଇ ରହିଲି ନାହିଁ ସେତେବେଳେ ଏଠାରେ ରହି କଣ କରିବି? ବର୍ତ୍ତମାନ ପଠାଇ ଦେଲେ ଯିବି।''

''ଠିକ୍ ଅଛି। ଏ କଥା ରାଣୀ ସାହିବାଙ୍କୁ କହି ପଠାଉଛି। ରାଜମହଲରେ ଥିବା ବସ୍ତ୍ର, ଅଳଙ୍କାର, ଆଦି ଯାହା ଆପଣଙ୍କର ନିଜସ୍ୱ ସମ୍ପତ୍ତି ଅଛି, ସେ ସବୁ ଓ ବାସନ କୁସନ, ଯାହା ଆପଣ ଚାହାଁନ୍ତି ନେଇ ଯାଇପାରନ୍ତି। ସାଙ୍ଗରେ ଯେତେ ନେଇପାରିବେ ନେଇ ଯାଆନ୍ତୁ। ବାକୀ ମୁଁ ପରେ ପଠାଇ ଦେବି।''

''ଏସବୁ ମୁଁ କିଛି ଜାଣି ନାହିଁ। ବସବଙ୍କୁ...''

ରାଜାଙ୍କ ପାଟିରୁ ସବୁବେଳ ପରି ବସବର ନାମ ବାହାରିପଡ଼ିଲା। ସେ ବାକ୍ୟ ଶେଷ କଲେ ନାହିଁ। ''ମୁଁ ତାକୁ ମାରି ଦେଲି ତ!'' ବୋଲି ମନେ ମନେ କହି ଦୁଃଖରେ ଚୁପ୍ ହୋଇଗଲେ। ସେତେବେଳକୁ ସେ ବସବ ତାଙ୍କୁ ଧରାଇ ଦେଇ ନାହିଁ ବୋଲି ଜାଣି ସାରିଥିଲେ। ସୁଡ଼ଙ୍ଗ କଥା ଭଗବତୀ କହି ତାଙ୍କର ଓ ବସବର କୌଣସି ପ୍ରକାର କ୍ଷତି ନ କରିବା ପାଇଁ ସାହେବଙ୍କ ନିକଟରେ ପ୍ରାର୍ଥନା ମଧ୍ୟ କରିଥିଲେ।

''ସତ କଥା। ଏ ସବୁ ଅନ୍ୟମାନେ ଦେଖିନେବେ। ସବୁ ବ୍ୟବସ୍ଥା ହୋଇ ସାରିବା ପରେ ମୁଁ ଆପଣଙ୍କୁ ଖବର ଦେବି'' କହି ଫ୍ରେସର ରାଜାଙ୍କ ଠାରୁ ଆଜ୍ଞା ନେଇ ଚାଲିଗଲେ।

ବୋପଣ୍ଣାଙ୍କ କହିବା ଅନୁସାରେ ରାଜା, ରାଣୀ ତଥା ରାଜକୁମାରୀଙ୍କର ସହର ଯିବା

Digitized by srujanika@gmail.com

ପାଇଁ ସମସ୍ତ ବ୍ୟବସ୍ଥା କରିବାର ଦାୟିତ୍ୱ ଲକ୍ଷ୍ମୀନାରାୟଣଙ୍କୁ ଦିଆଗଲା। "ମୁଁ କେଉଁ ମୁହଁ ନେଇ ରାଣୀମାଙ୍କ ଆଗକୁ ଯିବି ଓ ଏଥିରେ ମୋର ବା କଣ କରିବାର ଅଛି?" କହି ଘରକୁ ଆସି ସବୁ କଥା ନିଜ ମା'ଙ୍କୁ କହିଲେ। ଯାତ୍ରା ପାଇଁ ହୋଇଥିବା ସମସ୍ତ ବ୍ୟବସ୍ଥା ବିଷୟ ଓ ଯାତ୍ରା ପାଇଁ ପ୍ରସ୍ତୁତ ହେବାପାଇଁ କହିବାକୁ ମା'ଙ୍କୁ ପଠାଇଲେ। "ଅନିଷ୍ଟ ପାଇଁ ଶନି ଦର୍ଶନ ଯେପରି ଉପଯୁକ୍ତ ସେହିପରି ଏ ଅଶୁଭ କାର୍ଯ୍ୟ ପାଇଁ ମୋ ପରି ବିଧବା ହିଁ ଉପଯୁକ୍ତ" କହି ସବିତ୍ରମ୍ମା ରାଜମହଲ ଯାଇ ସବୁ କଥା କାନ୍ଦି କାନ୍ଦି ରାଣୀଙ୍କୁ କହିଲେ। ରାଣୀ ସବୁ କଥା ଶାନ୍ତିର ସହ ଶୁଣି ଜଣେ ସେବକକୁ ଡକାଇ ନିଜର ତଥା ମହଲର ଭଣ୍ଡାରର ବସ୍ତ୍ର ଅଳଙ୍କାର ସବୁକୁ ଦଶୋଟି ବାକ୍ସରେ ନିଜ ସାମନାରେ ଭର୍ତ୍ତି କରାଇଲେ। ସୁନା ଇଟା ଓ ମୋହର ଚାରୋଟି ଅଲଗା ବାକ୍ସରେ ଭର୍ତ୍ତି କରାଗଲା। ଗରିବମାନଙ୍କୁ ଦେବା ପାଇଁ ଲୁଗା ଅଲଗା କାଢ଼ି କରି ରଖାଇଲେ ଓ ଭଗବାନଙ୍କୁ ଅର୍ପଣ କରିବା ପାଇଁ ପାଞ୍ଚଟି ହୀରା ତଥା ହଜାରେ ମୋହର ଅଲଗା ରଖିଲେ।

"ମୋର କଣ, ମୁଁ ତ ଚାଲିଯିବି କିନ୍ତୁ ମହଲର ଭୃତ୍ୟମାନଙ୍କର କଣ ହେବ?" ଏ କଥା ସେ ଲକ୍ଷ୍ମୀନାରାୟଣଙ୍କୁ ପଚାରି ପଠାଇଲେ। ସେ ଫ୍ରେସରଙ୍କୁ ଭେଟି ଏ ବିଷୟରେ ଚର୍ଚ୍ଚା କରିସାରି ମହଲକୁ ଆସି ରାଣୀଙ୍କୁ ନିବେଦନ କଲେ, "ସ୍ଥାୟୀ ରୂପେ ମହଲର ସେବା କରୁଥିବା କୌଣସି ସେବକକୁ ଆମେ ଅସହାୟ ଭାବେ ଛାଡ଼ିବୁ ନାହିଁ। ବୃଦ୍ଧମାନଙ୍କୁ ପେନ୍‌ସନ୍ ମିଳିବ ଓ ଯୁବକମାନଙ୍କୁ ଆମେ କାମ ବା ଜମି ଦେବୁ। ରାଜାଙ୍କ ଆଶ୍ରିତ ସ୍ତ୍ରୀମାନଙ୍କର ଦାୟିତ୍ୱ ଆମେ ନେଇ ପାରିବୁ ନାହିଁ।"

ରାଣୀ ସେବକମାନଙ୍କୁ ଏ କଥା କହିଲେ। ଦୋଡ୍ଡବ୍ବାକୁ ଡାକି କହିଲେ, "ଅନ୍ତଃପୁରରେ ଥିବା ସ୍ତ୍ରୀମାନଙ୍କ ମଧ୍ୟରୁ କେଉଁମାନଙ୍କୁ ସାଙ୍ଗରେ ନେଇ ଯିବାକୁ ଚାହୁଁଛନ୍ତି ତାହା ମହାରାଜଙ୍କୁ ପଚାରି ଆସ।"

ଦୋଡ୍ଡବ୍ବା ଆସି ରାଜାଙ୍କୁ ପଚାରିଲା। ସେ ରାଜ୍ୟ ହରେଇଥିଲେ ମଧ୍ୟ ଏ ବିଷୟରେ ଉଦାସୀନ ହୋଇ ନ ଥିଲେ। ଭିନ୍ନ ଭିନ୍ନ କାରଣ ଯୋଗୁଁ ନିଜର ଚାରିଜଣ ପ୍ରିୟ ତରୁଣୀଙ୍କୁ ସାଙ୍ଗରେ ନେଇ ଯିବା କଥା କହିଲେ।

ଦୋଡ୍ଡବ୍ବା ଆସି ରାଣୀଙ୍କୁ ଏ କଥା ନିବେଦନ କଲା। ଗୌରମ୍ମା କିଞ୍ଚିତମାତ୍ର ଅସନ୍ତୋଷ ପ୍ରକଟ ନ କରି କହିଲେ, "ଏମାନେ ଆମ ସାଙ୍ଗେ ଚାଲନ୍ତୁ। ତା ଛଡ଼ା ବାକୀ କେତେ ଜଣ ଅଛନ୍ତି ଦେଖି ଆସ।" ପରେ ନିଜ ପାଇଁ ବାହାରିଥିବା ଶାଢ଼ୀ ସବୁକୁ ଗୋଟାଏ ପାଖରେ ରଖିବାକୁ କହି କହିଲେ, "ଏ ବାକ୍ସସବୁକୁ ଚିଲ୍କଣ୍ଣ ଶେଟ୍ଟୀ ପାଖକୁ ନେଇ ଯାଇ ସେ ଯାହା ଦାମ ଲଗାଇବେ ସେତିକି ସୁନା ନେଇ ଆସ।"

ରାଣୀଙ୍କ ଅଭିପ୍ରାୟ ବୁଝିପାରି ଚିଲ୍କଣ୍ଣ ଶେଟ୍ଟୀ ନିଜେ ଆସି ରାଣୀଙ୍କୁ ପ୍ରାର୍ଥନା କଲା, "ରାଣୀମା, ଆପଣଙ୍କର ବ୍ୟକ୍ତିଗତ ବସ୍ତ୍ର-ଅଳଙ୍କାର, ସୁନା, ମୋହର ଆଦିରୁ କିଛି ହେଲେ ଛାଡିଯିବା ଆବଶ୍ୟକ ନାହିଁ। ଅନ୍ତଃପୁରର ବାଳିକାମାନେ ଯେପରି ଅନାଥ ନ ହୁଅନ୍ତି ତାର ବ୍ୟବସ୍ଥା ମୁଁ କରିବି। ସେମାନଙ୍କୁ ମୁଁ ନିଜର କନ୍ୟା ପରି ରଖିବି।"

ରାଣୀ: "ଆପଣ ଖୁବ୍ ଉଦାର ଶେଟ୍ଟୀ ମହାଶୟ, ତଥାପି ମହଲରେ ଥିବା ବାଳିକାମାନଙ୍କର ଖାଇବା, ରହିବା ଆଦିର ଦାୟିତ୍ୱ ରାଜମହଲ ଉପରେ। ସେ ଦାୟିତ୍ୱ ଅନ୍ୟ ମୁଣ୍ଡ ଉପରେ

Digitized by srujanika@gmail.com

ଲଢ଼ିବା ଠିକ୍ ନୁହେଁ। ତା ଛଡ଼ା ମୋର ଆଉ ବସ୍ତ୍ର-ଅଳଙ୍କାରର ଆବଶ୍ୟକତା କଣ? ରାଜକୁମାରୀଙ୍କ ପାଇଁ ରଖି ନେଇଛି। ଏ ବାଳିକାମାନଙ୍କୁ ଆପଣ ନିଜର ବୋଲି କହିଲେ ମଧ୍ୟ ମୋର ଯେତିକି ସାମର୍ଥ୍ୟ ସେତିକି କରିବି। ବାକୀ ଆପଣ ଦେଖିବେ। ଥରେ ଅନ୍ତଃପୁରକୁ ଆସିଥିବା ବାଳିକାମାନେ ଯେପରି ରାସ୍ତାରେ ଅନ୍ୟର ଧକ୍କା ନ ଖାଆନ୍ତି ତାର ବ୍ୟବସ୍ଥା କରିବାର ପୂଣ୍ୟ ମୋତେ ମଧ୍ୟ କିଛି ମିଳୁ।''

ଚିଲ୍କଣ୍ଡା ଶେଟୀ ଆଉ କୌଣସି ରାସ୍ତା ନ ପାଇ ତାହା ମାନି ରାଣୀ ଦେଇଥିବା ବାକ୍ସ ଉଠାଇ ନେଇଗଲା।

ଏ ସବୁ ବ୍ୟବସ୍ଥା କରିବାରେ ଅନେକ ସମୟ ଲାଗୁଛି ଦେଖି ବୀରରାଜ କହି ପଠାଇଲେ ଯେ ସେ ସେହି ସନ୍ଧ୍ୟାରେ ଚାଲିଯିବେ। ରାଣୀ ଓ ରାଜକୁମାରୀ ପରଦିନ ଯାଇ ପାରନ୍ତି। ରାଣୀ ପଛରେ ଯିବା କଥା ସ୍ୱୀକାର କଲେ ନାହିଁ। ସେ କହି ପଠାଇଲେ, ''ଆଉ କିଛି ବ୍ୟବସ୍ଥା ବାକୀ ନାହିଁ। ମୁଁ ମଧ୍ୟ ସନ୍ଧ୍ୟାବେଳକୁ ଯିବି।'' ଓଁକାରଙ୍କ ବିଶେଷ ପୂଜା ପାଇଁ ଦୀକ୍ଷିତଙ୍କୁ କହି ପଠାଇଲେ। ''ସନ୍ଧ୍ୟାରେ ଆମେ ଯିବା ସମୟରେ ଲୋକଙ୍କ ଭିଡ଼ ଯେପରି ନ ହୁଏ'' ବୋଲି ସମସ୍ତଙ୍କୁ କହିଲେ। ମହଲର ସବୁ ସେବକ ତଥା ଅନ୍ତଃପୁରର ସ୍ତ୍ରୀମାନେ ଆସି 'ଏକଣ ହୋଇଗଲା' କହି ସମସ୍ତେ କାନ୍ଦି ପକାଇଲେ। ରାଣୀ କନ୍ୟାକୁ ନିଜ ପାଖରେ ବସାଇ ସ୍ଥିର ହୋଇ ବସି ରହିଲେ। ସମସ୍ତଙ୍କୁ ସାନ୍ତ୍ୱନା ପୂର୍ଣ୍ଣ କଥା କହି ସାରି ପୁଣି କହିଲେ ''ରାଜକୁମାରୀ ଏଠାକୁ ରାଣୀ ହୋଇ ଆସିବା ପାଇଁ ସମସ୍ତେ ପ୍ରାର୍ଥନା କରନ୍ତୁ।'' କନ୍ୟା ହାତରେ ରାଣୀସମସ୍ତଙ୍କୁ ଚାରୋଟି ଲେଖାଁ ମୋହର ଦେଲେ।

ଦୋଡବ୍ବା ଆସି କହିଲା, ''ଅନ୍ତଃପୁରର ସ୍ତ୍ରୀମାନେ ଆପଣ ଓ ମହାରାଜଙ୍କର ପାଦ ଛୁଇଁବାକୁ ଚାହୁଁଛନ୍ତି।'' ଗୌରମ୍ମା, ''ଠିକ୍ ଅଛି, ଡାକ'' ବୋଲି କହିଲେ।

ପଂକ୍ତିବଦ୍ଧ ଭାବେ ସେ ସ୍ତ୍ରୀମାନେ ଆସି ରାଣୀ ତଥା ରାଜକୁମାରୀଙ୍କ ପାଦ ଛୁଇଁ ରାଣୀଙ୍କୁ କହିଲେ, ''ଆମେ ଲକ୍ଷେ ଦୋଷ କରିଥିଲେ ମଧ୍ୟ ଆପଣ ତାହା ଭୁଲି ଯାଆନ୍ତୁ।'' ଗୌରମ୍ମା କହିଲେ, ''ଆପଣମାନେ ସମସ୍ତେ ମହାରାଜଙ୍କ ସେବା କରିଛନ୍ତି। ତାହା ହିଁ ମୋ ପାଇଁ ଯଥେଷ୍ଟ। ଆପଣଙ୍କର ଏଥିରେ କି ଭୁଲ ଅଛି? ରାଜା ଓ ତାଙ୍କର କନ୍ୟାର ମଙ୍ଗଳ ପାଇ ଆଶୀର୍ବାଦ ଦିଅନ୍ତୁ।'' ଏହା କହି ସେମାନଙ୍କୁ ମଧ୍ୟ କନ୍ୟା ହାତରେ ଚାରୋଟି ଲେଖା ମୋହର ଦିଆଇଲେ।

ଦୋଡବ୍ବା ସମସ୍ତଙ୍କୁ ରାଜାଙ୍କ କୋଠରୀକୁ ନେଇଗଲା। ସମସ୍ତେ ଜଣ ଜଣ କରି ରାଜାଙ୍କୁ ନମସ୍କାର କରି ବାହାରକୁ ଆସିଲେ। ରାଜା କିଛି କଥା କହିଲେ ନାହିଁ। ସେମାନେ ସବୁ ନମସ୍କାର କରିବା ଦେଖି ଚୁପ୍‌ଚାପ୍ ବସି ରହିଲେ। ଜଣେ ଦୁଇଜଣ ଆସିବା ପରେ ତାଙ୍କ ଚକ୍ଷୁ ଲୋତକ ପୂର୍ଣ୍ଣ ହୋଇ ଉଠିଲା। ସମସ୍ତେ ନମସ୍କାର କରି ବାହାରି ଯିବା ବେଳକୁ ଲୁହଧାର ତାଙ୍କ ଗାଲ ଉପରକୁ ବୋହି ଆସିଥିଲା।

ସେମାନେ ସବୁ କାନ୍ଦୁଥିଲେ। ଦୋଡବ୍ବା ମଧ୍ୟ ନ କାନ୍ଦି ରହି ପାରିଲା ନାହିଁ। ସେ ସେମାନଙ୍କୁ ''ତୁମେ ସବୁ ଚାଲ, ମୁଁ ଆସୁଛି'' ବୋଲି କହି ସେମାନଙ୍କୁ ପଠାଇ ଦେଇ ରାଜାଙ୍କ ପାଖକୁ ଆସି କହିଲା, ''ଏମାନଙ୍କର ବ୍ୟବସ୍ଥା ରାଣୀମା' କରି ଦେଇଛନ୍ତି, ମାଲିକ ଚିନ୍ତା କରିବାର୍ ଆବଶ୍ୟକତା ନାହିଁ।'' ବୀରରାଜ ତା କଥା ବୁଝି ପାରି ମୁଣ୍ଡ ହଲାଇ ହଁ ଭରିଲେ।

Digitized by srujanika@gmail.com

"ଆଜ୍ଞା ହେଲେ ମୁଁ ରହିଯିବି। ପୂଜା ଓ ଅନ୍ୟ କୋଠରୀ ସବୁ ରହି ସଫା କରିବି। ବୁଢ଼ୀ ହୋଇ ଗଲିଣି।" ରାଜା ମୁଣ୍ଡ ହଲାଇଲେ। ଦୋଡବ୍ବା ଚାଲିଗଲା।

ଦ୍ୱିପ୍ରହର ବେଳକୁ ଦୀକ୍ଷିତ ଭଗବାନଙ୍କ ପ୍ରସାଦ ନେଇ ଆସିଲେ। ଗୌରମ୍ମା ତାହା ପ୍ରଥମେ ରାଜାଙ୍କୁ ଓ ତା'ପରେ କନ୍ୟାକୁ ଦେଇ ଶେଷରେ ନିଜେ ନେଲେ।

ସେହି ଦିନ ସନ୍ଧ୍ୟାରେ ତିନୋଟି ପାଲିଙ୍କିରେ ବସି ବୀରରାଜ, ଗୌରମ୍ମା ତଥା ରାଜକୁମାରୀ ମଡ଼କେରୀ ଛାଡ଼ି ମାଙ୍ଗାଲୋର ଗଲେ।

172

ବୀରରାଜ ମଡ଼କେରୀରୁ ପ୍ରସ୍ଥାନ କରିବା ମାତ୍ରେ ଫ୍ରେସର ଏକ ନୋଟିସ ବାହାର କରି ତାର କନ୍ନଡ଼ ଅନୁବାଦ କରିବାର ବ୍ୟବସ୍ଥା କଲେ।

କୋଡ଼ଗ ଦେଶର ଜନତା ଏକମତ ହୋଇ "ଆମେ ବୀରରାଜଙ୍କ ଶାସନ ଚାହୁଁ ନାହିଁ, ତେଣୁ ଇଷ୍ଟ ଇଣ୍ଡିଆ କମ୍ପାନୀ ଏହା ହାତକୁ ନେଇନେଉ" ବୋଲି ମତ ବ୍ୟକ୍ତ କଲେ। ସେଥିପାଇଁ ଭାରତର ଗଭର୍ଣ୍ଣର ଜେନେରାଲ ମହୋଦୟ ପ୍ରସନ୍ନତା ସହକାରେ ଏହା କମ୍ପାନୀ ସରକାର ଅଧୀନକୁ ନେଇଛନ୍ତି।

ଦେଶକୁ ପୁନଃ ରାଜାଙ୍କୁ ଶାସନ କରିବାକୁ ଦିଆଯିବ ନାହିଁ ବୋଲି କମ୍ପାନୀ ସରକାର ଆଶ୍ୱାସନା ଦେଉଛି। ଜନତାର ବ୍ୟବହାରିକ ଓ ଧାର୍ମିକ ବିଚାରରେ ହସ୍ତକ୍ଷେପ କରାଯିବ ନାହିଁ। ଜନତାର ମଙ୍ଗଳ ପାଇଁ କମ୍ପାନୀ ସରକାର ସର୍ବଦା କାର୍ଯ୍ୟ କରିବ।

ମଡ଼କେରୀ — ଜେ ରାସ, ଫ୍ରେସର
୭-୫-୧୮୩୪ — ଲେଫ୍‌ଟନାଣ୍ଟ କର୍ଣ୍ଣେଲ ତଥା ରାଜ-ପ୍ରତିନିଧି

ଏ ନୋଟିସ ଲିଖିତ ବିଷୟ ନେଇ କର୍ଣ୍ଣେଲ ସାହେବ ଓ କୋଡ଼ଗର ମନ୍ତ୍ରୀଙ୍କ ମଧ୍ୟରେ ସାମାନ୍ୟ ମନୋମାଳିନ୍ୟ ହୋଇଥିଲା। ମନ୍ତ୍ରୀମାନଙ୍କ ମତରେ ଭବିଷ୍ୟତରେ ରାଜକୁମାରୀଙ୍କ ହାତରେ ରାଜ୍ୟ ଦିଆ ଯାଇ ପାରିବ ବୋଲି ଏ ନୋଟିସରେ ଉଲ୍ଲେଖ କରିବାର ଥିଲା। ଫ୍ରେସର କହିଲେ, "ଆପଣ ମାନଙ୍କର ଯଦି ଏପରି ଇଚ୍ଛା ଥାଏ ତେବେ ଏଥିରେ କି ପ୍ରକାର ବାଧା ଆସିପାରେ ? ସେ ସାବାଳିକା ହେବା ପରେ ଆପଣମାନେ ଚାହିଁଲେ ତାହା ହେବ।"

ଲକ୍ଷ୍ମୀନାରାୟଣ କହିଲେ, "ଏ କଥା ଲିଖିତ ରୂପେ ରଖିଲେ କ'ଣ ଭଲ ହେବ ନାହିଁ?" ବୋପଣ୍ଣା ତାଙ୍କୁ ସାନ୍ତ୍ୱନା ଦେଇ କହିଲେ, "ଆମେ ଚାହିଁଲେ ଏମାନେ ନାହିଁ କରିବାକୁ କିଏ ? ଆପଣ ଚିନ୍ତା କରନ୍ତୁ ନାହିଁ।"

ନୂଆ ଶାସନ ମହୀଶୂର ରାଜ୍ୟର ଚିଫ୍ କମିଶନର ଚଳାଇବେ ବୋଲି ଫ୍ରେସର କହିଲେ। ତାଙ୍କ ତଳକୁ କମିଶନର ନିଯୁକ୍ତ ହେବେ ଓ ସ୍ଥାନୀୟ କାର୍ଯ୍ୟ ଦେଖିବାକୁ ତାଙ୍କ ତଳେ ଜଣେ ସୁପରିଟେଣ୍ଡେଣ୍ଟ ରହିବେ। ଲେହାର୍ଡ୍ରେ ନାମକ ଦଳପତି ଯେ କି ସେମାନଙ୍କ ସାଙ୍ଗରେ ଆସିଥିଲା ପ୍ରଥମେ ସୁପରିଟେଣ୍ଡେଣ୍ଟ ହେଲା।

Digitized by srujanika@gmail.com

ରାଜକୁମାରୀଙ୍କୁ ଇଂରାଜି ଭାଷା ଓ ସଭ୍ୟତା ଶିଖାଇବା ପାଇଁ ଓ ତାଙ୍କର ଇଚ୍ଛା ଥିଲେ ଖ୍ରୀଷ୍ଟଧର୍ମର ଅଧ୍ୟୟନ କରାଇବା ପାଇଁ ଜଣେ ଅଧ୍ୟାପିକା ରଖିବା ପାଇଁ ପାଦ୍ରୀ ଗୌରମ୍ମାଙ୍କୁ ଉପଦେଶ ଦେଲେ। ପୁଣି ବୀରରାଜଙ୍କ ମତ ନେଇ ତଥା ମାନ୍ଦ୍ରାଜ ଗଭର୍ଣ୍ଣରଙ୍କ ଅନୁମତି ନେଇ କୁମାରୀ ଲୁସୀ ହକରଙ୍କୁ ଏଥିପାଇଁ ନିଯୁକ୍ତ କରାଗଲା।

ବୀରରାଜଙ୍କ ଭଉଣୀ ଦେମ୍ମାଙ୍କୁ ଯୌତୁକରେ ମିଳିଥିବା ଜମି ବ୍ୟତୀତ ଟ ୨୫୦/- ମାସିକ ଭତ୍ତା ଦେବାର ସ୍ଥିର ହେଲା। ରାଜାଙ୍କ ଚାରୋଟି ମହଲ ମଧ୍ୟରୁ ଯେ କୌଣସି ଗୋଟିକରେ ସେ ରହିପାରନ୍ତି ବୋଲି ମଧ୍ୟ ଠିକ୍ ହେଲା। ତାଙ୍କ ସେବା ତୁଳନାରେ ଏ ପୁରସ୍କାର ଅତି ନଗଣ୍ୟ ବୋଲି କହି ଚେନ୍ନବସବ କର୍ଣ୍ଣେଲଙ୍କର ନିନ୍ଦା କଲେ! ଭତ୍ତା ଆହୁରି ବଢ଼ାଯାଉ ଓ ରାଜମହଲ ତାଙ୍କୁ ଦେଇ ଦିଆଯାଉ ବୋଲି ସେ ଇଚ୍ଛା ପ୍ରକଟ କଲେ। କିନ୍ତୁ ତାଙ୍କର ଇଚ୍ଛା ପୂରଣ ହେଲା ନାହିଁ। ଦେବମ୍ମାଙ୍କ ସନ୍ତାନ ପାଇଁ ପ୍ରାଣବଳୀ ଦେଇଥିବା ଚୋମାର ପତ୍ନୀଙ୍କୁ ବର୍ଷକୁ ଚାରୋଟି ମୋହର ଭତ୍ତା ମିଳିଲା।

କମିଶନର ମହୋଦୟ ଏକ ବିଶେଷ ଆଦେଶ ଦ୍ୱାରା ଓଁକାରେଶ୍ୱର ମନ୍ଦିର ବଲକାବେରୀ ଭାଗମଣ୍ଡଳ, ଲକ୍ଷ୍ମଣ ତୀର୍ଥ ନଦୀ ସ୍ରୋତ ତଥା ଅନ୍ୟ ମନ୍ଦିର ଓ ସଂସ୍ଥାଗୁଡ଼ିକୁ ମିଳୁଥିବା ସମସ୍ତ ଦାନ ତଥା ପୂଜା ଜାରୀ ରଖିବାକୁ ଆଦେଶ ଦେଲେ।

ଭଗବତୀ ଦେଇଥିବା ସହାୟତାର ପୁରସ୍କାର ସ୍ୱରୂପ ତାଙ୍କୁ 'ଉମ୍ମଲୀ' ଜାଗୀର ରୂପେ ଦିଆଯିବ ବୋଲି କମିଶନର କହିଲେ। କିନ୍ତୁ ତାହା ସେ ଚାହାନ୍ତି ନାହିଁ ବୋଲି ଭଗବତୀ କହି ପଠାଇଲେ।

କିଛି ମାସ ପରେ କମିଶନର ଆଜ୍ଞା ଦେଲେ ଯେ ଭୂମି ଚାଷ କରୁଥିବା ଚାଷୀ ଭାଗ ହିସାବରେ ସରକାରଙ୍କୁ ଶସ୍ୟ ଦେଉଛନ୍ତି। ଏହା କିଛି ଭଲ ବ୍ୟବସ୍ଥା ନୁହେଁ। ତେଣୁ ସେମାନେ ତା ବଦଳରେ ପଇସା ଦିଅନ୍ତୁ।

କୋଡ଼ଗର ଗୋହତ୍ୟା ନିଷିଦ୍ଧ ବୋଲି ଜାଣି ଏ ବିଷୟରେ ଏକ ଆଦେଶ ଜାରୀ କରାଗଲା ଯେ ଇଂରେଜ ବା ଅନ୍ୟ ଯେ କୌଣସି ଜାତିର ଲୋକେ ଆହାର ପାଇଁ କୋଡ଼ଗର ସୀମା ମଧ୍ୟରେ ଗୋବଧ କରି ପାରିବେ ନାହିଁ।

Digitized by srujanika@gmail.com

କଥାଶେଷ

ଚାରିମାସ ବିତିଗଲା। ଉଭୟା ତତ୍ତ୍ୱ ଦିନେ ବୋପଣ୍ଡାଙ୍କ ଘରକୁ ଆସି କହିଲେ, "ସବୁ କିଛି ଠିକ୍ ହୋଇଯାଉ ବୋଲି ଭାବି ଚୁପ୍‌ଥିଲି। ଆଜି ସେ କଥା କହିବାକୁ ଆସିଛି।"

"କହନ୍ତୁ ତତ୍ତ୍ୱ ମହାଶୟ।"

"ରାଜା ଖରାପ ହେଲେ ମଧ୍ୟ ମୋର ବନ୍ଧୁପୁତ୍ର। ଗଦୀ ଛାଡ଼ିବା ପରେ ମଧ୍ୟ ଏଇଠି ରହିଲେ ଭଲ ହୋଇଥାଆନ୍ତା। ସେ ଏଇଠି ରହିବେ ବୋଲି ଆପଣ କହିଥିଲେ ମଧ୍ୟ ସାହେବ ସେଥିରେ ରାଜି ହେଲେ ନାହିଁ। ଆପଣଙ୍କ କଥା ଠିକ୍ ବୋଲି ମୁହଁରେ କହିଲେ ମଧ୍ୟ, ହସି ହସି ସେ କଥା ଏଡ଼େଇ ଦେଇ ନିଜ କଥା ରଖିଲେ। ଆମରି ଲୋକଙ୍କୁ ବନବାସ ମିଳିଲା।"

"ଏଥିପାଇଁ ମୋର ଆଦୌ ଦୁଃଖ ନାହିଁ, ତତ୍ତ୍ୱ ମହାଶୟ। ଗଦୀ ଛାଡ଼ିବା ପରେ ରାଜା ଏଠାରେ ରହିଥିଲେ ତାଙ୍କ ଲୋକ ଷଡ଼ଯନ୍ତ୍ର କରି ପାରି ଥାଆନ୍ତେ ଓ ତାଙ୍କ ବିରୋଧୀ ତାଙ୍କ ଉପରକୁ ହାତ ଉଠାଇ ପାରିଥାଆନ୍ତେ। ଏମିତି କାହିଁକି ବା ହେବ? ତେଣୁ ଦୂରରେ ଖାଇ ପିଇ ସୁଖରେ ରହିବା ଭଲ। ଖାଇବା ପିନ୍ଧିବା ପାଇଁ ତାଙ୍କୁ ଯଥେଷ୍ଟ ଦିଆଯାଇଛି।"

"ଘର ସାମନାରେ ଚୁପ୍‌ଚାପ୍ ବସି ରହିଲେ ମୋର ମନେ ହେଉଛି ଯେମିତି ଲିଙ୍ଗରାଜଙ୍କ ଆତ୍ମା ମତେ କହୁଛି, "ତୁ ମୋର କି ବନ୍ଧୁ? ମୋ ସନ୍ତାନକୁ କ'ଣ ରକ୍ଷା କରିବା ତୋର ଉଚିତ ନଥିଲା?" ଭାବୁଛି, ମୁଁ ବା କ'ଣ କରିବି, ଲୋକେ ତାଙ୍କୁ ପସନ୍ଦ କଲେ ନାହିଁ। ପୁଣି ଯେମିତି ସେହି ସ୍ୱର କହୁଛି, "ରାଣୀ ଓ ରାଜକୁମାରୀଙ୍କୁ ମଧ୍ୟ କ'ଣ ଜନତା ପସନ୍ଦ କରୁନାହିଁ?"

"କ'ଣ କରାଯିବ ତତ୍ତ୍ୱ ମହାଶୟ! ଅଧା ପଚାପଚା ସେ। ଫଳର ସଢ଼ା ଅଂଶକୁ ଫୋପାଡ଼ି ଭଲ ଅଂଶକୁ ରଖିବାକୁ ଚାହୁଁଥିଲି। କିନ୍ତୁ ଭଲ ଅଂଶ ଜିଦ୍ କଲା ଯେ ମୁଁ ରହିଲେ ବାକୀ ଅଧା ମଧ୍ୟ ରହିବ। ଭଲ ଅଂଶକୁ ରଖିବା ପାଇଁ କ'ଣ ପଚା ଅଂଶକୁ ମଧ୍ୟ ରଖାଯାଇ ପାରିବ?"

"ସେ କଥା ତ ଠିକ୍ କିନ୍ତୁ ମନ ମାନୁ ନାହିଁ। ରାଣୀ ମା କୋଡ଼ଗର କନ୍ୟା ଥିଲେ। ଯାହା ହେଲେ ମଧ୍ୟ ତାଙ୍କର ଏଠାରେ ରହିବାର ଉଚିତ ଥିଲା।"

"ମାନୁଛି ତତ୍ତ୍ୱ ମହାଶୟ। ବର୍ତ୍ତମାନ କ'ଣ କରାଯାଇପାରେ କହନ୍ତୁ?"

"କରିବାକୁ କଥା ଦେଲେ କହିବି।"

"ସୀମା ଲଂଘନ କରି କାମ କରାଯାଇ ପାରେ। ଆପଣଙ୍କର ଇଚ୍ଛା କ'ଣ କହନ୍ତୁ?'

Digitized by srujanika@gmail.com

"ଆପଣଙ୍କ ଭଣଜା ସାଙ୍ଗରେ ରାଜକୁମାରୀଙ୍କ ବିବାହ ଦେବା ପାଇଁ ରାଣୀ ମା'ଙ୍କର ଇଚ୍ଛା ଥିଲା। ଆପଣ ପସନ୍ଦ କଲେ ନାହିଁ।"

"ରକ୍ତ ହିଁ ଭଲ ନୁହେଁ ତଙ୍କଜୀ। ସେଥିପାଇଁ ପସନ୍ଦ ଆସିଲା ନାହିଁ।"

"କେବଳ ବାପର ନୁହେଁ, ମା' ରକ୍ତ ମଧ ଅଛି। କନ୍ୟା ମଧରେ ବାପ ଅପେକ୍ଷା ମା'ର ଭାଗ ବେଶୀ ଥାଏ।"

"ଠିକ୍ ଅଛି, ଉତ୍ତା ଯଦି କୁମାରୀକୁ ବିବାହ କହିବାକୁ ଚାହୁଁନ୍ତି ତେବେ ଆପଣ କରାଇ ଦିଅନ୍ତୁ। ମୋର କିଛି ଆପତ୍ତି ନାହିଁ।

ଉତ୍ତୟା ତଙ୍କ ଏକଥା ଶୁଣି ଖୁବ୍ ଆନନ୍ଦିତ ହେଲେ। ସେ ବୋପଣ୍ଣାଙ୍କୁ ମନ ଭରି ପ୍ରଶଂସା କରି ଏ ବିଷୟରେ ଛୋଟ ଉତ୍ତୟାର ସହମତି ନେବା ପାଇଁ ଗଲେ।

ଯୁବକର ରାଜକୁମାରୀଙ୍କୁ ବିବାହ କରିବାର ଇଚ୍ଛା ଥିଲା। କିନ୍ତୁ ମାମୁଁ ବିରୋଧ କରୁଥିଲେ। ବର୍ତ୍ତମାନ ଜେଜେବାପା ଜୋର ଦେବାରୁ ସେ ରାଜି ହୋଇଗଲା। ପ୍ରଥମେ ସେ ଭାବିଲା ଯେ ମୁଁ ନାହିଁ କରେ ବୋଲି ମାମୁଁଙ୍କର ଇଚ୍ଛା ଥିବ। ସାରା ଦିନ ଭାବିବା ପରେ ମାମୁଁଙ୍କ ଇଚ୍ଛା ଅପେକ୍ଷା କନ୍ୟାର ସୌନ୍ଦର୍ଯ୍ୟ ତାକୁ ବେଶୀ ପ୍ରଭାବିତ କଲା। ସେ କହିଲା, "ବୋପଣ୍ଣା ମାମୁଁ ଯଦି ରାଜି ହେଉଛନ୍ତି ତେବେ ମୁଁ ମଧ ବିବାହ ପାଇଁ ପ୍ରସ୍ତୁତ, ଜେଜେ।"

ଏକଥା ଲୁଚାଇ ରଖିବା ତାଙ୍କର ଉଦ୍ଦେଶ୍ୟ ନଥିବାରୁ ବୋପଣ୍ଣା ସ୍ଥାନୀୟ ଅଧିକାରୀଙ୍କୁ ନିଜ କଥା କହିଲେ। ସେ କମିଶନରଙ୍କୁ ରିପୋର୍ଟ ପଠାଇଲେ। କମିଶନର "ଏପରି ପରିସ୍ଥିତିରେ ଏ ସବୁ କାର୍ଯ୍ୟ ପାଇଁ ଆଉ କିଛି ଦିନ ଅପେକ୍ଷା କରିବା ଭଲ" ବୋଲି କହି ଉତ୍ତୟା ତଙ୍କ ଓ ଉତ୍ତୟାଙ୍କୁ ମାଙ୍ଗାଲୋର ଯାଇ କଥାବାର୍ତ୍ତା ହେବାପାଇଁ ଅନୁମତି ଦେବା ସଙ୍ଗେ ସଙ୍ଗେ ମାନ୍ଦ୍ରାଜ ଗଭର୍ଣ୍ଣର ତଥା ବୀରରାଜଙ୍କୁ ଏ ସମ୍ବନ୍ଧରେ ସୂଚିତ କଲେ। ସେତିକି ବେଳେ ଲୁସୀକୁ ମଧ ଏହିପରି ଭାବେ ପତ୍ର ଲେଖିଲେ, "ମୋ ମତରେ ରାଜକୁମାରୀ ଯେଉଁ ଶିକ୍ଷା ଆରମ୍ଭ କରିଛନ୍ତି ତାହା ଶେଷ କରି ସାରିବା ପରେ ବିବାହ କଲେ ତାଙ୍କ ଭବିଷ୍ୟତ ପାଇଁ ତାହା ମଙ୍ଗଳକର ହେବ। କେବଳ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରିବା ପାଇଁ ମୁଁ ଏ ଚିଠି ଲେଖିଲି। କିନ୍ତୁ ମୋ ମତରେ ସେମାନଙ୍କର କୌଣସି ନିର୍ଣ୍ଣୟରେ ବାଧା ଦେବା ଉଚିତ ନୁହେଁ।"

174

ତଙ୍କ ଓ ତରୁଣ ଉଭୟେ ଯିବା ଉଚିତ ନାଁ ସେମାନଙ୍କ ମଧରୁ ଜଣେ କେହି ଗଲେ ଭଲ ହେବ ସେ ବିଷୟରେ ଅନେକ ଚର୍ଚ୍ଚା କରିବା ପରେ ଶେଷରେ ଉଭୟେ ଯିବାର ସ୍ଥିର ହେଲା। ଯଥା ସମୟରେ ସେମାନେ ମାଙ୍ଗାଲୋରରେ ପହଞ୍ଚି ରାଣୀ ଗୌରମ୍ମାଙ୍କୁ ସାକ୍ଷାତ କଲେ।

ରାଣୀଙ୍କ ଚକ୍ଷୁ ଅଶ୍ରୁପୂର୍ଣ୍ଣ ହୋଇ ଉଠିଲା। କମିଶନରଙ୍କ ପତ୍ର ପାଇ ବୀରରାଜ କ୍ରୋଧରେ ଚିତ୍କାର କରିବାକୁ ଲାଗିଲେ। ବୋପଣ୍ଣା ହିଁ ତାଙ୍କ ଦୁର୍ଭାଗ୍ୟର କାରଣ ବୋଲି ସେ ନିଶ୍ଚିତ

Digitized by srujanika@gmail.com

ଥିଲେ। ତା'ର ଭଣଜା ସଙ୍ଗରେ ମୋ କନ୍ୟାର ବିବାହ ହେବ? ଲୁସୀ କମିଶନରଙ୍କ ମତ ବିଷୟରେ ରାଣୀ ଓ ରାଜାଙ୍କୁ ଅବଗତ କରାଇଥିଲେ। ଯାହା ହେଲେ ମଧ୍ୟ ପୁଟମ୍ମା ରାଜବଂଶର କନ୍ୟା। ଭାରତର ଯେ କୌଣସି ବଡ଼ ରାଜବଂଶରେ ପ୍ରବେଶ କରିବାର ଅଧିକାର ତାଙ୍କର ଥିଲା। ତାଙ୍କର ପତି ରାଜକୁମାର ହୋଇ ଯଦି ସେ ରାଜଗଦୀ ଉପରେ ବସନ୍ତି ତେବେ ତାଙ୍କ ପ୍ରତିଷ୍ଠା ଆହୁରି ବଢ଼ିବ। କୋଡ଼ଗରେ ଜନ୍ମ ହୋଇ ଏଇ ସଧାରଣ ତରୁଣଙ୍କୁ ବିବାହ କରି ପୁଣି ସେଇ କୋଡ଼ଗରେ ରହିଲେ ଆଉ ମହତ୍ତ୍ୱ କ'ଣ ରହିବ?

ମେଘଲିଙ୍ଗ ପାଦ୍ରୀଙ୍କ ପ୍ରେରଣା ଅନୁଯାୟୀ ଲୁସୀ ଆଉ ଏକ ପ୍ରକାର ଚେଷ୍ଟାରେ ଲାଗି ପଡ଼ିଥିଲେ। ରାଜକୁମାରୀ ଖ୍ରୀଷ୍ଟଧର୍ମ ଅବଲମ୍ବନ କଲେ ସାରା କୋଡ଼ଗ ସେହି ମତକୁ ସ୍ୱୀକାର କରିବ। ବର୍ତ୍ତମାନ ଏମାନେ ଯେଉଁ ଧର୍ମ ମାନୁଛନ୍ତି ତାହା ଛାଡ଼ିବା ସେମାନଙ୍କ ପକ୍ଷରେ ଶ୍ରେୟସ୍କର ହେବ। ଖ୍ରୀଷ୍ଟଧର୍ମ ଗ୍ରହଣ କଲେ ଗଦୀ ଆପଣଙ୍କୁ ଫେରସ୍ତ ଦିଆଯିବ ବୋଲି କହିଲେ କିଛି ଖରାପ ନୁହେଁ। ଏ ଛୋଟ ଝିଅ ଓ ଜନତାକୁ ଏ ନରକକୁଣ୍ଡାରୁ ରକ୍ଷା କରିବା ଭଗବାନଙ୍କଠାରୁ ସବୁଠାରୁ ପ୍ରିୟ ସେବା ହେବ। ରାଜକୁମାରୀ ବର୍ତ୍ତମାନ ବିବାହ କରି କୋଡ଼ଗ ଫେରିଗଲେ ତାଙ୍କର ଖ୍ରୀଷ୍ଟଧର୍ମ ଗ୍ରହଣ କରିବାର ସମ୍ଭାବନା କମିଯିବ।

ଲୁସୀ ହଜର ମନ ମଧ୍ୟରେ ଆଉ ଗୋଟିଏ ଭାବନା ଥିଲା। କାପ୍‌ଟେନ ସାହେବଙ୍କ ସହ ରାଜକୁମାରୀଙ୍କର ବିବାହ ହେଲେ କୋଡ଼ଗ ରାଜମହଲର ଅମୂଲ୍ୟ ଧନରତ୍ନ ସବୁ ସେ ପାଇବେ। କାପ୍‌ଟେନ୍ ବର୍ତ୍ତମାନ ଉତ୍ତର ଭାରତକୁ ବଦଳି ହୋଇ ଯାଇଥିଲେ ମଧ୍ୟ କୋଡ଼ଗ କଥା ମନେ ପକାଇ ଖଣ୍ଡେ ଦୁଇଖଣ୍ଡ ପତ୍ର ଲେଖୁଥିଲେ।

ଏହି ସବୁ କାରଣ ଯୋଗୁଁ ଉତ୍ତୟା ତକ୍କଙ୍କର ସମସ୍ତ ଚେଷ୍ଟା ନିଷ୍ଫଳ ହେଲା। ବୀରରାଜ ଏମାନଙ୍କୁ ସାକ୍ଷାତ କରିବାକୁ ମନା କରି ଦେଲେ। ଚିତ୍କାର କରି ସେ କହିଲେ, "ମୋ କନ୍ୟା ସହ ସମ୍ବନ୍ଧ କରିବା ପାଇଁ ଏମାନେ ସାହସ କେମିତି କଲେ? ଏଠାରେ ଯେପରି ସେମାନେ ପାଦ ପକାଇ ନପାରନ୍ତି। ଚାଲି ଯାଆନ୍ତୁ ଏଠୁ! ରାଜକୁମାରୀଙ୍କର ଉତ୍ତୟା ତକ୍କଙ୍କୁ ବିବାହ କରିବାକୁ ଇଚ୍ଛା ଥିଲେ ମଧ୍ୟ ପିତାଙ୍କ ଇଚ୍ଛା ବିରୁଦ୍ଧରେ ତାହା କରିବା ଠିକ୍ ମନେ ହେଲା ନାହିଁ। ଗୌରମ୍ମାଙ୍କୁ ଏହା ମଧ୍ୟରେ ଗୋଟିଏ ସମସ୍ୟା ଦେଖାଗଲା। କନ୍ୟା ଉତ୍ତୟାଙ୍କୁ ବିବାହ କଲେ ଭବିଷ୍ୟତରେ ରାଣୀ ହେବାର ଚିନ୍ତା ଛାଡ଼ିବାକୁ ହେବ। ରାଜଗଦୀ ପୁଣି ପ୍ରାପ୍ତ କରିବାକୁ ହେଲେ ଇଂରେଜଙ୍କ କଥା ମୁତାବକ ଚାଲିବାକୁ ହେବ। ଜଣେ ସାଧାରଣ ଲୋକର ପତ୍ନୀ ହେବା ଓ କୋଡ଼ଗର ରାଣୀ ହେବା ପାଇଁ ପ୍ରତୀକ୍ଷା କରିବା ଏଇ ଦୁଇଟି ମଧ୍ୟରୁ କେଉଁଟା କନ୍ୟା ପାଇଁ ଶ୍ରେୟସ୍କର ହେବ। ଗୌରମ୍ମା କିଛି ଠିକ୍ କରି ପାରିଲେ ନାହିଁ। ହୁଏତ ପିତାଙ୍କ କଥା ହିଁ ଠିକ୍ ଭାବି ସେ ଚୁପ୍ ରହିଲେ। ଏମିତିରେ ବି ତାଙ୍କ କଥାକୁ ଉପେକ୍ଷା କରିବା ସହଜ ନଥିଲା।

ଉତ୍ତୟା ତକ୍କ ନିରାଶ ହେଲେ। ଏତେ ବାଟ ଆସି କିଛି ଲାଭ ହେଲା ନାହିଁ। "ଚାଲ ଫେରିଯିବା।" କହି ତରୁଣ ସହ ମଡ଼କେରୀ ଫେରି ଆସିଲେ।

Digitized by srujanika@gmail.com

ଉତ୍ତୟା ତକ୍କ ଓ ଛୋଟ ଉତ୍ତୟା ମାଙ୍ଗାଲୋରରୁ ଫେରିବା ପରେ କୋଡ଼ଗର କମିଶନର ତଥା ମାନ୍ଦ୍ରାଜର ଗଭର୍ଣ୍ଣରଙ୍କୁ ଗୋଟିଏ କଥା ଭାବିବାକୁ ପଡ଼ିଲା। ରାଜା ମଡ଼କେରୀରେ ରହିଲେ ନୂଆ ଶାସନ ବ୍ୟବସ୍ଥାର ବିରୋଧ କରି କିଛି ଗଣ୍ଡଗୋଳ କରିବେ ବୋଲି ତାଙ୍କୁ ମାଙ୍ଗାଲୋର ଅଣା ଯାଇ ଥିଲା। ବର୍ତ୍ତମାନ ଏହି ବୃଦ୍ଧ ଓ ଯୁବକ ଏଠାକୁ ଆସିବାରୁ ସ୍ପଷ୍ଟ ହୋଇ ଉଠିଲା ଯେ ମଡ଼କେରୀରୁ ମାଙ୍ଗାଲୋର ବେଶୀ ଦୂର ନୁହେଁ।

ମାନ୍ଦ୍ରାଜ ଗଭର୍ଣ୍ଣର ରାଜାଙ୍କୁ କହି ପଠାଇଲେ, "ଗୋଟାଏ ଜାଗାରେ ରହି ବିରକ୍ତି ଆସିଯାଇଥିବ। କିଛି ଦିନ କାଶୀ ଯାଇ ବୁଲି ଆସୁନାହାନ୍ତି କାହିଁକି ? ତା ହେଲେ ଉତ୍ତର ଭାରତ ଦେଖିବାର ସୁବିଧା ମଧ ମିଳିବ।" ସେତିକିବେଳେ ଲୁସୀ ମଧ ରାଣୀଙ୍କୁ ମନେ କରାଇ ଦେଲେ, "କାଶୀ ଆପଣମାନଙ୍କ ପାଇଁ ପୁଣ୍ୟ କ୍ଷେତ୍ର। ସେଠାକୁ ଗଲେ ମନକୁ ଶାନ୍ତି ମିଳିବ।"

ବୀରରାଜ ତଥା ଗୌରମ୍ମା ଉଭୟଙ୍କୁ ଏ କଥା ଭଲ ଲାଗିଲା। ମହୀଶୂରରେ ବର୍ଷେ ବ୍ୟତୀତ କରିବା ପରେ ଏମାନେ କାଶୀ ଗଲେ। ଯିବା ପୂର୍ବରୁ ରାଣୀ ଭାବିଲେ, "କାଶୀ ତୀର୍ଥ କରିବାକୁ ଯାଉଛୁ ଯେତେବେଳେ ରାଜମହଲ ତରଫରୁ ଭଗବାନ ବିଶ୍ୱନାଥଙ୍କ ପୂଜା ଦାକ୍ଷିଣାତ୍ୟ ରୀତିରେ କଲେ ଭଲ ହେବ। ସେଥିପାଇଁ ଆମ ପୁରୋହିତ ସାଙ୍ଗରେ ଯିବା ଆବଶ୍ୟକ।" ଏହା ଭାବି ଦୀକ୍ଷିତଙ୍କୁ ଡକାଇବାକୁ ସେ ମଧ ଏମାନଙ୍କ ସହିତ କାଶୀରେ ପହଞ୍ଚିଲେ।

ଏମାନେ କାଶୀ ପହଞ୍ଚିବାର ମାସେ ଦୁଇମାସ ମଧରେ ମେଘଲିଙ୍ଗ ପାଦ୍ରୀଙ୍କ ଉପଦେଶ ଅନୁଯାୟୀ ଉତ୍ତର ଭାରତରେ ଖ୍ରୀଷ୍ଟଧର୍ମ ପ୍ରଚାରକ ମଣ୍ଡଳୀର ପ୍ରମୁଖ ରାଜକୁମାରୀଙ୍କୁ ଇଂରେଜରୀତିରେ ବସବାସ ତଥା ଖ୍ରୀଷ୍ଟଧର୍ମର ତତ୍ତ୍ୱସବୁକୁ ବୁଝାଇବା ପାଇଁ କାପ୍‌ଟେନ୍ ସାହେବଙ୍କ ଭଉଣୀ ଶ୍ରୀମତୀ ଲୋଘନ୍‌ଙ୍କୁ ନିଯୁକ୍ତ କଲେ।

ରାଣୀ ଦୀକ୍ଷିତଙ୍କ ସହ ନିରନ୍ତର ଭଗବାନ ବିଶ୍ୱେଶ୍ୱରଙ୍କ ପୂଜାରେ ଲାଗିଥିବା ବେଳେ ତେଣେ ସେମାନ ସମସ୍ତେ ମିଶି ରାଜକୁମାରୀଙ୍କ ମନ ଖ୍ରୀଷ୍ଟଧର୍ମ ଆଡ଼କୁ ଆକର୍ଷିତ କରିବାରେ ଲାଗିଲେ। କିଛି ମାସ ପରେ ଏମାନଙ୍କ ମଧରୁ କିଏ ରାଜାଙ୍କୁ ଉପଦେଶ ଦେଲା, "ଆପଣଙ୍କ କନ୍ୟା ଖ୍ରୀଷ୍ଟିୟାନ ହେଲେ ତାଙ୍କୁ ରାଜଗଦୀ ପ୍ରାପ୍ତ କରିବାରେ ସୁବିଧା ହେବ। ଯେ ରାଣୀ ହେବ ସେ ଭଲଭାବେ ଜନତାର ମଙ୍ଗଳ ପାଇଁ କାର୍ଯ୍ୟ କରିବ ବୋଲି କମ୍ପାନୀ ସରକାର ଆଶ୍ୱାସନା ଚାହୁଁଛି। ରାଜକୁମାରୀ ଖ୍ରୀଷ୍ଟଧର୍ମ ଅବଲମ୍ବନ କଲେ ଅଲଗାଭାବେ ଏପରି ଆଶ୍ୱାସନା ଦେବାର ଆବଶ୍ୟକତା ପଡ଼ିବ ନାହିଁ। "ରାଜା କହିଲେ, "କାହିଁକି ଖ୍ରୀଷ୍ଟିୟାନ ନ ହେବ। ଏ ଧର୍ମରେ ରହି କ'ଣ ମିଳିଲା ? ସେ ଧର୍ମ ଗ୍ରହଣ କଲେ କ'ଣ ଖରାପ ହେବ ? ରାଜ୍ୟ ମିଳିଲେ ଖ୍ରୀଷ୍ଟମତ ଗ୍ରହଣ କରିବ।"

Digitized by srujanika@gmail.com

ରାଜାଙ୍କର କେବେ ହେଲେ ହିନ୍ଦୁଧର୍ମ ପ୍ରତି ଶ୍ରଦ୍ଧା ନଥିଲା ବୋଲି ରାଣୀଙ୍କୁ ଜଣାଥିଲା। କିନ୍ତୁ କନ୍ୟାର ମନ ଅନ୍ୟ ରାସ୍ତାରେ ଯାଉଚି ଦେଖି ସେ ଖୁବ୍ ଦୁଃଖିତ ହେଲେ। ଦିନେ ସେ ଦୀକ୍ଷିତଙ୍କୁ କହିଲେ, "ପଣ୍ଡିତ ମହାଶୟ ମୁଁ ଜୀବନ ପ୍ରତି ବିତସ୍ପୃହ ହୋଇ ପଡ଼ିଲିଣି। ଆଉ ବଞ୍ଚିରହିବାକୁ ଇଚ୍ଛା ନାହିଁ। ଭଗବାନ ବିଶ୍ୱେଶ୍ୱର ମୋତେ ବର୍ତ୍ତମାନ ତାଙ୍କ ନିକଟକୁ ନେଇଗଲେ କେତେ ଭଲ ହୁଅନ୍ତା!"

ଦୀକ୍ଷିତଙ୍କୁ ତାଙ୍କ ମନର ଅବସ୍ଥା ଜଣାଥିଲା। ତାଙ୍କ ପାଇଁ ସେ ବହୁତ ଦୁଃଖିତ ହୋଇ କହିଲେ, "ରାଣୀ ମା, ମୁଁ ଖୁବ୍ ଜ୍ଞାନୀ ନ ହେଲେ ମଧ୍ୟ ଗୁରୁଜନମାନଙ୍କଠାରୁ କିଛି ଶୁଣିଛି। ସେମାନେ କହିଛନ୍ତି ଯେ ସାତ ଜନ୍ମ ସୁଖ ଓ ତିନିଜନ୍ମ ଦୁଃଖ ପାଇବା ପରେ ଜୀବକୁ ମୁକ୍ତି ମିଳେ। ଭଗବାନଙ୍କ ନାମ ନେଇ କଷ୍ଟ ସହ୍ୟ କରିନେବା ଉଚିତ।"

"କଷ୍ଟ ଦେଇଥିବା ଭଗବାନଙ୍କୁ ପ୍ରାର୍ଥନା କରୁଛି ଯେ ସେ ମୋତେ ଏଥର ମୁକ୍ତ କରନ୍ତୁ।"

ଦୀକ୍ଷିତ ଏ କଥାର କୌଣସି ଉତ୍ତର ଦେଇ ପାରିଲେ ନାହିଁ। ଏପରି ମହାନ୍ ନାରୀ ଏତେ କଷ୍ଟ ପାଉଛନ୍ତି ଭାବି ତାଙ୍କ ମନ ରାଣୀଙ୍କ ପ୍ରତି କୋମଳ ହୋଇ ଉଠିଲା।

176

ଏକ ବର୍ଷ ବିତି ଗଲା। କାଶୀରେ ପହଞ୍ଚିବା ପରେ ଦ୍ୱିତୀୟ ଶ୍ରାବଣ ଆରମ୍ଭ ହେବା କ୍ଷଣି ରାଣୀ ଗୋଟିଏ ବ୍ରତ ଆରମ୍ଭ କଲେ। ପ୍ରତିଦିନ ତିନିଥର ଗଙ୍ଗାସ୍ନାନ, ତର୍ପଣ, ଅନ୍ନଦାନ, ବିଶ୍ୱେଶ୍ୱରଙ୍କ ଅଭିଷେକ- ଏହିପରି କଠିନ ପୂଜାବ୍ରତରେ ଲାଗିପଡ଼ିଲେ। ରାଜା ଓ କନ୍ୟାର ମଙ୍ଗଳ ପାଇଁ ସେ ନିରନ୍ତର ଭଗବାନ ବିଶ୍ୱେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବାକୁ ଲାଗିଲେ। ଗଙ୍ଗାଜଳ ପବିତ୍ର ହେଲେ ମଧ୍ୟ ଶ୍ରାବଣ ମାସରେ ସେ ପାଣିରେ ସ୍ନାନ କଲେ କେବେ କେମିତି କଷ୍ଟ ହୁଏ। ସେଥିରେ ସ୍ନାନ କରିବା ଦ୍ୱାରା ରାଣୀଙ୍କ ଶରୀର ଅସୁସ୍ଥ ହେବାପରି ଲାଗିଲା। ତାହା ତିନିଦିନ ପରେ ଜ୍ୱରର ରୂପ ନେଲା।

ଜ୍ୱରରେ ବ୍ରତ କରିବାର ଆବଶ୍ୟକତା ନାହିଁ ବୋଲି ଦୀକ୍ଷିତ ରାଣୀଙ୍କୁ ବୁଝେଇ ଜ୍ୱର ଛାଡ଼ିବା ପରେ ପୁଣି ବ୍ରତ ଆରମ୍ଭ କରିବାକୁ ତାଙ୍କୁ ଅନୁରୋଧ କଲେ। ରାଣୀ କିନ୍ତୁ ଏହା ସ୍ୱୀକାର କଲେ ନାହିଁ। ସେ କହିଲେ, "ଭଗବାନ ଯେତେବେଳେ ଶରୀର ଦେଇଛନ୍ତି, ମୁଣ୍ଡ ବ୍ୟଥା ଶର୍ଦ୍ଦି ଜ୍ୱର ଆଦି ହେବା ସ୍ୱଭାବିକ। ସେଥିପାଇଁ ବ୍ରତ କାହିଁକି ବନ୍ଦ କରାଯିବ? ଆଉ ବ୍ରତ ବେଶୀ ବାକୀ ନାହିଁ, ତାହା ପୂର୍ଣ୍ଣ କରିବାକୁ ହେବ।"

ଗୌରମ୍ମା କ'ଣ ଦେହତ୍ୟାଗ କରିବାକୁ ସ୍ଥିର କରି ନେଇଥିଲେ? ତାହା ତାଙ୍କର ମନ ଛଡ଼ା ଆଉ କିଏ ବା ଜାଣିବ? ଜ୍ୱର ବଢ଼ିଗଲା। ବ୍ରତ ସମାପ୍ତି ଦିନ ଜ୍ୱରର ପ୍ରକୋପ ଭୀଷଣ ହୋଇ ଉଠିଲା। ଦେହତ୍ୟାଗ କରିବା ସମୟ ଆସିଲା ବୋଲି ରାଣୀ ବୁଝିପାରିଲେ।

ସେହିଦିନ ସନ୍ଧ୍ୟାରେ ସେ କନ୍ୟାକୁ ପାଖକୁ ଡାକି କହିଲେ, "ମୋତେ ବର୍ତ୍ତମାନ ତୁମକୁ ଛାଡ଼ି ଚାଲିଯିବାକୁ ହେବ ବୋଲି ମନେ ହେଉଛି ପୁଟମ୍ମା। ତୁମକୁ ସାହସର ସହିତ ରହିବାକୁ ହେବ ବୁଝିଲ? ତୁମେ ସର୍ବଦା ମୋତେ ଓ ପିତାଙ୍କୁ ସନ୍ତୁଷ୍ଟ କରି ରଖିଛ।

Digitized by srujanika@gmail.com

ଭବିଷ୍ୟତରେ ମଧ୍ୟ ସେହିପରି ସୁନାମ କର। ଭଗବାନ ତୁମକୁ ସୁଖୀ କରନ୍ତୁ।'' ପୁଣି ଦୀକ୍ଷିତଙ୍କୁ କହିଲେ, ''ମୋ ମନରେ କୌଣସି ପ୍ରକାର ଭୟ ନାହିଁ ପଣ୍ଡିତ ମହାଶୟ। ଭଗବାନଙ୍କୁ ସ୍ମରଣ କରୁଛି। ଏଠାରେ କାର୍ଯ୍ୟ ଶେଷ କରି ଆପଣ ନିଜ ଦେଶକୁ ଫେରିଯିବେ। ଓଁକାରଙ୍କ ମନ୍ଦିର ପାଇଁ ଗୋଟିଏ ଥଳୀରେ ସୁନା ରଖିଛି। ମୋ ଗଳାର ହାର ମଧ୍ୟ ଦେଉଛି। ତାହା ମଧ୍ୟ ନେଇଯାଇ ସେଠାରେ ପୂଜା କରିବେ। ମୋ ଭାଗ୍ୟକୁ ଭଗବାନ ସର୍ବଦା ଆପଣଙ୍କୁ ମୋ ପାଖରେ ରଖିଛନ୍ତି।''

''ଏ ସବୁ କଥା କାହିଁକି କହୁଛନ୍ତି ରାଣୀ ମା? ଆପଣ ଭଲ ହୋଇ ଯିବେ। ପୁଣି ଆପଣ ଓଁକାରଙ୍କ ଦର୍ଶନ କରି ପୂଜା କରାଇବେ।'' ଦୀକ୍ଷିତ ଏ କଥା କହିଲେ ମଧ୍ୟ ମନ ମଧ୍ୟରେ ତାଙ୍କର ଏପରି ବିଶ୍ୱାସ ନ ଥିଲା।

ରାଣୀ ଏ କଥାର କିଛି ଉତ୍ତର ନ ଦେଇ କହିଲେ, ''ଏ ହାର ଓ ଥଳୀ ବିଷୟରେ ଅନ୍ୟମାନଙ୍କୁ ମଧ୍ୟ କହିଦିଏ। ଗୁମାସ୍ତାଙ୍କୁ ଡାକନ୍ତୁ।'' ଦୀକ୍ଷିତ ଗୁମାସ୍ତାଙ୍କୁ ଡକାଇଲେ। ରାଣୀ ଅସୁସ୍ଥ ବୋଲି ଜାଣି ରାଜକୁମାରୀଙ୍କ ଅଧ୍ୟାପିକାମାନେ ମଧ୍ୟ ଆସିଲେ। ରାଣୀହାର ଓ ସୁନା କଥା ଲୁସୀକୁ କହିଲେ। ଲୁସୀ, ''ଆଜ୍ଞା, ରାଣୀ ମା'' କହିବା ପରେ ତାଙ୍କ ମନକୁ ଗୋଟାଏ କଥା ଆସିଲା। ସେ ପଚାରିଲେ, ''ରାଜା ସାହେବଙ୍କୁ ଏଠାକୁ ଡକାଇବି?'' ରାଣୀ ''ତାଙ୍କୁ କାହିଁକି କଷ୍ଟ ଦେବ?'' କହି ପୁଣି ନିଶବ୍ଦ ହୋଇ ଆଖି ବୁଜିଦେଲେ। ରାଜବୈଦ୍ୟ ଆସି ନାଡ଼ି ଦେଖି ପରୀକ୍ଷା କରି ଦୀକ୍ଷିତଙ୍କ କାନରେ କହିଲା, ''ଭଗବାନଙ୍କ ସମ୍ମୁଖରେ ଦୀପ ଜଳାନ୍ତୁ।''

ଘଡ଼ିଏ ବିତିଗଲା। ରାଣୀଙ୍କ ନିଶ୍ୱାସ ଧୀରେ ଧୀର କ୍ଷୀଣ ହେବାକୁ ଲାଗିଲା। ବହୁତ ସମୟ ଆଖି ବନ୍ଦ କରି ରଖିଲା ପରେ ପୁଣି ଖୋଲିଲେ। ମୁଣ୍ଡ ପାଖରେ ବସିଥିବା କନ୍ୟାକୁ ଦେଖି ଧୀର ସ୍ୱରରେ ''ବିଶ୍ୱେଶ୍ୱର ଓଁକାର, ମତେ ରକ୍ଷା କର'' କହି ଚୁପ୍ ରହିଲେ। ଆଉ ମୁହଁରୁ ଶବ୍ଦ ବାହାରିଲା ନାହିଁ।

ଆଖି ସେମିତି ଖୋଲା ରହିଲା, ପ୍ରାଣ ବାହାରିଗଲା। ଦୀକ୍ଷିତ ରାଜକୁମାରୀଙ୍କ ହାତରେ ଆଖିପତା ବନ୍ଦ କରାଇଲେ। ଶେଷ ନିଃଶ୍ୱାସ ସହିତ ଜ୍ୱର ଯୋଗୁଁ ମୁହଁ ଉପରେ ଦେଖାଦେଇଥିବା କ୍ଲାନ୍ତିର ଚିହ୍ନ ଉଭେଇ ଗଲା। ଗୌରମ୍ମାଜୀଙ୍କ ଅନ୍ତିମ ମୁଖ-ମୁଦ୍ରା ତାଙ୍କ ଜୀବନର ଅନୁକୂଳ ଶାନ୍ତ ଓ ଗମ୍ଭୀର ଥିଲା। ମୃତ୍ୟୁ ତାଙ୍କ ମୁଖର କାନ୍ତିକୁ କମ୍ କରି ପାରିଲା ନାହିଁ। ମନେ ହେଉଥିଲା ଯେମିତି ଅସାଧାରଣ ଶାନ୍ତି ଯୋଗୁଁ ତାଙ୍କ ମୁଖ ଉପରେ ନୂତନ ଧରଣର କାନ୍ତି ଦେଖା ଦେଇଛି।

Digitized by srujanika@gmail.com

177

ବିଶ୍ୱାରାଧ୍ୟ ଗୁରୁପୀଠର ଜଗନ୍ନାଥବାଟୀର ପ୍ରମୁଖଙ୍କ ସହାୟତା ନେଇ ଦୀକ୍ଷିତ ଗୌରମ୍ମାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଶାସ୍ତ୍ରୋକ୍ତ ବିଧି ଅନୁଯାୟୀ ସମାପନ କଲେ। ରାଣୀଙ୍କ ଆତ୍ମାର ଶାନ୍ତି ଲାଗି ତାଙ୍କୁ ଦଶୋଟି ତୀର୍ଥସ୍ଥାନକୁ ଯାଇ ପୂଜା-ପାଠ କରାଇବା ପାଇଁ ସହାୟତା ଦେବାକୁ ସେ ସ୍ଥାନୀୟ ଇଂରେଜ ଅଧିକାରୀଙ୍କ ନିକଟରେ ପ୍ରାର୍ଥନା କରି ସେମାନଙ୍କ ନିକଟରୁ ଗୋଟିଏ 'ସହାୟତା ପତ୍ର' ପ୍ରାପ୍ତ କଲେ। ଓଁକାରେଶ୍ୱର ମନ୍ଦିର ପାଇଁ ରାଣୀ ଦେଇଥିବା ଅଳଙ୍କାର ତଥା ମୋହରଗୁଡ଼ିକୁ ମଡ଼କେରୀ ପଠାଇବା ଭାର ଇଂରେଜମାନଙ୍କ ହାତରେ ଦେଇ ନିଜର ଫେରିବା କଥା ବୀରରାଜଙ୍କୁ ସୂଚିତ କଲେ ଓ ରାଜକୁମାରୀଙ୍କ ଆଜ୍ଞା ନେଇ କାଶୀରୁ ପ୍ରସ୍ଥାନ କଲେ।

ଦୀକ୍ଷିତଙ୍କ ମନରେ ରାଣୀ ଗୌରମ୍ମାଙ୍କ ପ୍ରତି ଅସୀମ ଶ୍ରଦ୍ଧା ଉତ୍ପନ୍ନ ହେଲା। ସେ ପୁଣ୍ୟାତ୍ମା କି ଯୋଗରେ ଏପରି ସିଦ୍ଧି ପ୍ରାପ୍ତ କଲେ? ଅନ୍ତିମ ସମୟରେ ଏତେ ଶାନ୍ତି! ଯେପରି ଭଗବାନଙ୍କୁ ସ୍ମରଣ କରୁକରୁ ନିଜ ଇଚ୍ଛାରେ ଦେହତ୍ୟାଗ କଲେ! ଏଥିପାଇଁ ସେ କେତେ ତପସ୍ୟା କରି ନ ଥିବେ? ଭଗବାନଙ୍କୁ କେତେ ପ୍ରସନ୍ନ କରାଇଥିବେ! ଏପରି ପୁଣ୍ୟାତ୍ମା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିବା ଅନାବଶ୍ୟକ। ତେବେ ମଧ୍ୟ ତାଙ୍କୁ ସ୍ମରଣ କରି ଦଶୋଟି ତୀର୍ଥକୁ ଯିବା ମୋ ପାଇଁ ମଙ୍ଗଳକର ହେବ। ଏ ସବୁ ସ୍ଥାନକୁ ଗଙ୍ଗାଜଳ ନେଇ ରାଣୀଙ୍କ ନାମରେ ଦଶ ଜଣଙ୍କ ଅନ୍ନଦାନ କରିବା ରାଣୀମା'ଙ୍କ ପ୍ରତି ମୋର ଅନ୍ତିମ କର୍ତ୍ତବ୍ୟ ହେବ।

କାଶୀରୁ ବାହାରି ଦୀକ୍ଷିତ ପ୍ରୟାଗ ଆସିଲେ। ସେଠାରେ ଜାବାଳି କ୍ଷେତ୍ର ହୋଇ ଆଗ୍ନେୟ ଦିଗରେ ଜଗନ୍ନାଥ ପୁରୀ ପହଞ୍ଚିଲେ। ସେଠାରୁ କାଳହସ୍ତୀ, ସିଂହାଚଳ ତିରୁପତି ମାର୍ଗରେ କାଞ୍ଚୀ, ପୁଣି ସେଠାରୁ ଯାଇ ଶ୍ରୀରଙ୍ଗପଟ୍ଟଣମ୍ ପହଞ୍ଚିଲେ। ପରେ ରାମେଶ୍ୱର, କନ୍ୟାକୁମାରୀ ଗଲେ। ତା'ପରେ ତିରୁବନ୍ତପୁରରୁ ମଲୟାଲ ହୋଇ ବୈୟନାଡ଼ ପହଞ୍ଚି ସେଠାକାର ପାହାଡ଼ି ଇଲାକା ପାର ହୋଇ ମଡ଼କେରୀ ପହଞ୍ଚିଲେ। ଏହି ଯାତ୍ରାରେ ତାଙ୍କୁ ପ୍ରାୟ ଦେଢ଼ ବର୍ଷ ସମୟ ଲାଗିଲା।

କାଶୀରେ ରାଣୀଙ୍କ ସ୍ୱର୍ଗବାସ ହେବା ଖବର ମଡ଼କେରୀରେ ବର୍ଷକ ପରେ ପହଞ୍ଚିଲା। କାଶୀର ଅଫିସର ମଡ଼କେରୀର ଅଫିସରଙ୍କୁ ସେ ହାର ପଠାଇଲା ବେଳେ ତା ସହିତ ରାଣୀ ମନ୍ଦିର ପାଇଁ ଦେଇଥିବା ସମସ୍ତ ସୁନା ଭଗବାନଙ୍କ ନିକଟରେ ସମର୍ପିତ କରିବା ପାଇଁ ଲେଖିଥିଲେ। ଦୀକ୍ଷିତ ସହରରେ ପହଞ୍ଚିବା ମାତ୍ରେ ତାଙ୍କ ପୁତ୍ର ଏ କଥା କହିଲା।

ତିନି ବର୍ଷ ପରେ ପୁଣି ଓଁକାରଙ୍କୁ ଦର୍ଶନ କରି ଦୀକ୍ଷିତ ଅପୂର୍ବ ଆନନ୍ଦ ଲାଭ କଲେ। କିନ୍ତୁ ଏଇ ଆନନ୍ଦରେ ଗୋଟିଏ ଅଭାବ ଥିଲା। ଅକଥନୀୟ ଶ୍ରଦ୍ଧା ସହିତ ଏହି ପୂଜା

Digitized by srujanika@gmail.com

କରାଉଥିବା ଗୌରମ୍ମା ଆଉ ପୂଜା କରାଇବ ନାହିଁ। ହୁଏତ ଦେହର ବନ୍ଧନରୁ ମୁକ୍ତ ହୋଇ ସେ ପିବିତ୍ର ଆତ୍ମା ବର୍ତ୍ତମାନ ଏଠାରେ ଭଗବାନଙ୍କ ସେବାରେ ନିଜକୁ ନିଯୋଜିତ କରିଛି।

ଏହିପରି ରାଣୀମା'ଙ୍କୁ ସ୍ମରଣ କରି ଦୀକ୍ଷିତ ପୁଣି ପୂଜାରେ ଲାଗିଲେ। ରାଣୀଙ୍କ ନାମରେ ପୂଜା ଓ ତର୍ପଣ କରି ଗରିବଙ୍କୁ ଅନ୍ନଦାନ କଲେ।

ଏହାପରେ ରାଣୀଙ୍କ ଦ୍ୱାରା ସମର୍ପିତ ହାର ଓ ସୁନା ଆଣିବା ପାଇଁ ବୋପଣ୍ଣାଙ୍କ ନିକଟକୁ ଗଲେ।

178

ଏହି ଦୁଇଦିନ ମଧ୍ୟରେ ଏ ପର୍ଯ୍ୟନ୍ତ କୋଡ଼ଗରେ ଘଟିଥିବା ସମସ୍ତ ଘଟଣାର ବିବରଣୀ ନାରାୟଣ ତାଙ୍କୁ ଦେଇ ସାରିଥିଲା। ଦେଖିବାକୁ ଗଲେ ରାଜାଙ୍କ ଶାସନ ଅପେକ୍ଷା ବର୍ତ୍ତମାନ ଦେଶରେ ବେଶୀ ଶାନ୍ତିପୂର୍ଣ୍ଣ ବାତାବରଣ ଦେଖାଦେଉଛି। ଯଦି କେଉଁଠାରେ ଅସନ୍ତୋଷ ଦେଖା ଦେଇଥିଲା ତା ହେଉଛି ଚାଷୀମାନେ ଭାଗ ହିସାବରେ ଧାନ ବଦଳରେ ଟଙ୍କା ଦେବେ। ସମ୍ପାଦେ ପ୍ରଦେଶର ଗୌଡ଼ ଲୋକଙ୍କର ଏହା ପସନ୍ଦ ନ ହେବାରୁ ସେମାନେ ନୂତନ ସରକାରର ବିରୋଧ କରି ଆନ୍ଦୋଳନ ଆରମ୍ଭ କଲେ। ଏଥିରୁ ସୁବିଧା ଉଠାଇ ଲକ୍ଷ୍ମୀନାରାୟଣଙ୍କ ଭାଇ ସୁରପ୍ପା କୋଡ଼ଗରେ ଅପ୍ପାଙ୍କ ପୁତ୍ର ବୀରପ୍ପା ରାଜା ହେବା ଉଚିତ ବୋଲି କହି ନିଜ ସାଥୀମାନଙ୍କ ସହ ଶାସନର ବିରୋଧ କରିବାକୁ ଲାଗିଲା।

ନୂତନ ସରକାର କୋଡ଼ଗୀମାନଙ୍କ ସହାୟତାରେ ଏ ଗୋଳମାଳକୁ ଦବାଇ ଦେଲେ। ଏହି ବୀରଣ୍ଣା ନାମକ ବ୍ୟକ୍ତି ହିଁ ସନ୍ୟାସୀ ବେଶଧାରୀ ଅପରମ୍ପର ସ୍ୱାମୀ ବୋଲି ଜାଣିପାରି ଇଂରେଜ କମିଶନର ଯାଞ୍ଚ କରିବାର ବାହାନା କରି ସୁରପ୍ପାକୁ ଦେଶାନ୍ତର କଲେ ଓ ବୀରଣ୍ଣାକୁ ବାଙ୍ଗାଲୋରରେ ବନ୍ଦୀ କରିରଖିଲେ। ଲକ୍ଷ୍ମୀନାରାୟଣ ନିଜ ଭାଇର ପକ୍ଷ ନେଉଥିବେ ବୋଲି ଆଶଙ୍କା କରି କମିଶନର ତାଙ୍କୁ ବାଙ୍ଗାଲୋର ଡକାଇ "ଆପଣ ବର୍ତ୍ତମାନ ମଡ଼କେରୀ ନଯାଇ ଏଠାରେ ଆମ ପାଖରେ ରହିବେ" ବୋଲି ଆଜ୍ଞା ଦେବାରୁ ବୋପଣ୍ଣା ତାଙ୍କୁ 'ଏହା ଅନ୍ୟାୟ କଥା' ବୋଲି କହିଲେ। ହୁଏତ ବୋପଣ୍ଣାଙ୍କ କଥା ଅନୁଯାୟୀ କମିଶନର ଲକ୍ଷ୍ମୀନାରାୟଣଙ୍କୁ ଛାଡ଼ି ଦେବାପାଇଁ ରାଜି ହୋଇ ଥାନ୍ତେ କିନ୍ତୁ ଲକ୍ଷ୍ମୀନାରାୟଣ ସ୍ୱୟଂ ଏହା ପସନ୍ଦ କଲେ ନାହିଁ। କହିଲେ, "ଛାଡ଼ନ୍ତୁ ବୋପଣ୍ଣା, ଏବେ ଆଉ ମଡ଼କେରୀ ଓ ବାଙ୍ଗାଲୋର ମଧରେ ପାର୍ଥକ୍ୟ କ'ଣ? ବର୍ତ୍ତମାନ ଆଉ ମଡ଼କେରୀରେ ମୋର ମନ ଲାଗୁ ନାହିଁ। ବାଙ୍ଗାଲୋରରେ ସମୟ କଟାଇ ଦେବି।"

ତାଙ୍କ ଭଣଜା ମଡ଼କେରୀରେ ହିଁ ରହିଲା। ସରକାର ଏଥିରେ କୌଣସି ଆପତ୍ତି କଲେ ନାହିଁ। ପବିତ୍ରମ୍ମା ପୁଅକୁ "ଏଇଠି ଜନ୍ମ ହେଲି, ଏଇଠି ବଢ଼ିଲି, ଆଉ ଚାରିଦିନ ବଞ୍ଚିରହିବା ପାଇଁ ବାହାରକୁ କାହିଁକି ଯିବି।" ବୋଲି କହି ନାତି ସହିତ ସେ ମଧ ମଡ଼କେରୀରେ ରହିଲେ।

Digitized by srujanika@gmail.com

ଭଗବତୀ ବର୍ଷେ ପର୍ଯ୍ୟନ୍ତ ନିଜ ମନ୍ଦିରରେ ଥିଲେ। ମଝିରେ ମଝିରେ ମଡ଼କେରୀ ଆସି ଦୋଡ଼ବ୍ବାଙ୍କୁ ପୂଜାରେ ସହାୟତା କରି ଓ ଦୀକ୍ଷିତଙ୍କ ପିଲା-ଛୁଆଙ୍କ ସହିତ କଥାବାର୍ତ୍ତା କରି ଫେରି ଯାଉଥିଲେ। ବର୍ଷକ ପରେ ସେ ଆଉ ଆସିଲେ ନାହିଁ। କୁଆଡ଼େ ଯେ ସେ ଗଲେ ତାହା କେହି ଜାଣି ମଧ୍ୟ ପାରିଲେ ନାହିଁ।

179

ଦୀକ୍ଷିତ ବୋପଣ୍ଣାଙ୍କ ପାଖକୁ ଆସି ଭଲମନ୍ଦ ପଚାରିବା ପରେ ନିଜ କଥା କହିବାରୁ ବୋପଣ୍ଣା "ହେବ ପଣ୍ଡିତ ମହାଶୟ, ଏଥିରେ କିଛି ଅସୁବିଧା ନାହିଁ ବୋଲି କହିଲେ। ସେ କାଶୀର ସବୁ ଖବର ବିଷୟରେ ପଚାରାପଚରି କଲେ। ରାଣୀ ଏତେ ଶୀଘ୍ର ପ୍ରାଣତ୍ୟାଗ କରିବା ଯୋଗୁଁ ବୋପଣ୍ଣା ବହୁତ ଦୁଃଖିତ ହେଲେ ମଧ୍ୟ କୋଡ଼ଗକୁ ରାଜାଙ୍କ ହାତରୁ ରକ୍ଷା କରି ସେ ଜୀବନରେ ଏକ ସାର୍ଥକ କାର୍ଯ୍ୟ କରିଛନ୍ତି ବୋଲି ତାଙ୍କର ବିଶ୍ୱାସ ଥିଲା। ତେବେ ବର୍ତ୍ତମାନ ଗୋଟିଏ ମାତ୍ର କଥା ହେଉଛି ଯେ ବାହାର ଲୋକେ ରାଜ୍ୟ ଶାସନ କରୁଛନ୍ତି।

ରାଜ୍ୟ ଶାସନ କରୁଥିବା ବ୍ୟକ୍ତି ହେଉଛି ଜନତାର ସେବକ। ଜନତା ସେମାନଙ୍କ ସହିତ ସହଯୋଗ କରିବା ଉଚିତ। ମୁଁ ଯେତେଦିନ ଥିବି ତାହା ଦେଖିବି। ତା'ପରେ ଭବିଷ୍ୟତ ବଂଶଧରମାନେ ଦେଖିବେ। ଦୀକ୍ଷିତ କହିଲେ, "ଯେ କୌଣସି ଶାସନ ହେଲେ ମଧ୍ୟ ତାହା ଗୋଟିଏ ସମାନ ଧର୍ମରେ ଚାଲେ ନାହିଁ। ଚାରି ଦିନ ଠିକ୍ ଭାବେ ଚାଲିଲେ ଚାରିଦିନ ଗଣ୍ଡଗୋଳ ହୁଏ ଓ ସେହି ଚାରିଦିନରେ ଜନତାଙ୍କ ମଧ୍ୟରେ ପରସ୍ପର ବିବାଦ ହୋଇ ଶାସନର ପତନ ହୁଏ। ଏହା ଭଗବାନଙ୍କର ଇଚ୍ଛା। ଗୀତାରେ କୁହାଯାଇଥିବା 'ଯଦା-ଯଦା' ଶ୍ଳୋକର ମଧ୍ୟ ଏହାହିଁ ସାରାଂଶ।"

ବୋପଣ୍ଣା: "ଏ ସବୁ କଥାରେ ଆପଣଙ୍କର ବହୁତ ବିଶ୍ୱାସ, ନୁହେଁ ପଣ୍ଡିତ ମହାଶୟ?"

"ହଁ, ମନ୍ତ୍ରୀ ମହୋଦୟ।"

"ଏବେ ଆଉ ମୁଁ ମନ୍ତ୍ରୀ ନୁହେଁ, ପଣ୍ଡିତ ମହାଶୟ। ସବୁ ତକ୍କଙ୍କ ପରି ମୁଁ ମଧ୍ୟ ଜଣେ ତକ୍କ। ଛାଡ଼ନ୍ତୁ ସେ କଥା। ଏ ନୂଆ ଲୋକେ ଅନ୍ୟାୟ କରି ମାଡ଼ ଖାଇବେ ଏହା ହିଁ ଆପଣଙ୍କର ବକ୍ତବ୍ୟ ନାଁ?"

"ଆଜ୍ଞା ହଁ।"

"ଏ ଲୋକେ ଆଉ କେତେ ଦିନ ରହିବେ ତାହା ହିସାବ କରି କହିବେ ପଣ୍ଡିତ ମହାଶୟ?"

"ହିସାବ ତ ଆଗରୁ କରି ସାରିଛି ତକ୍କ ମହାଶୟ, କିନ୍ତୁ ସେଥିରେ ଆପଣଙ୍କର ବିଶ୍ୱାସ ନାହିଁ।"

"ବିଶ୍ୱାସ ଯେ ନାହିଁ ତା ନୁହେଁ, ପଣ୍ଡିତ ମହାଶୟ। ଜାଣି ମଧ୍ୟ କ'ଣ କରାଯାଇ ପାରିବ? ଦେଖନ୍ତୁ, ଆପଣ କହୁଥିଲେ ଯେ ରାଜା ଭଣଜାକୁ ମାରିଦେବେ। ଆମେ ସମସ୍ତେ

Digitized by srujanika@gmail.com

ମଧ୍ୟ ସେଇଆ କହୁଥିଲୁ। ଆମେ କହିଲେ ମଧ୍ୟ ସେ ମାରି ଦେଲେ। ଆମେ ଜାଣି କ'ଣ ବା ଲାଭ ହେଲା କହନ୍ତୁ?''

''ସତ କଥା ତଙ୍କ ମହାଶୟ। କିନ୍ତୁ ତଥାପି ଭଗବାନ ହୁଏତ ଆମ ମିନତି ଓ ପ୍ରାର୍ଥନା ଶୁଣି ହେବାକୁ ଯାଉଥିବା ଘଟଣାକୁ ବନ୍ଦ କରିଦେବେ ବୋଲି ମନରେ ଭାବନା ଥାଏ। ତାହା ଯଦି ନ ହୁଏ ତେବେ ତାହା ଭୋଗ କରିବାକୁ ପଡ଼ିବ।''

''ସେ କଥା ଠିକ୍। ଆମେ ଘୋଡ଼ା ଉପରେ ବସିଲେ ସେ ଲଗାମରେ କଷା ହୋଇ ଦୌଡ଼େ। ଯଦି ସେ ଲଗାମକୁ ଦାନ୍ତରେ କାମୁଡ଼ି ଧରେ ତେବେ ତା'ର ଦୌଡ଼ିବା ଆପଣଙ୍କ ଇଚ୍ଛାରେ ନୁହେଁ, ତା ଇଚ୍ଛା ଉପରେ ନିର୍ଭର କରେ। ସେ ଯେଉଁଆଡ଼େ ଯିବ ଆପଣ ମଧ୍ୟ ସେ ଆଡ଼େ ଯିବାକୁ ବାଧ୍ୟ। ସେତେବେଳେ ତାକୁ ନିୟନ୍ତ୍ରଣ କରିବା ପ୍ରତି ଦୃଷ୍ଟି ନ ଦେଇ ନିଜକୁ ପଡ଼ିଯିବାରୁ ବଞ୍ଚାଇବା ପାଇଁ ତାକୁ ଜାବୁଡ଼ି ଧରିବା ପ୍ରତି ଆମର ଧ୍ୟାନ ରହେ।''

''ସେ କଥା ଠିକ୍ ତଙ୍କ ମହାଶୟ। ଭାଗ୍ୟ ଲଗାମକୁ ନିଜ ଦାନ୍ତରେ କାମୁଡ଼ି ଧରିଲେ ସମସ୍ତଙ୍କର ସେହିପରି ଦଶା ହୁଏ।''

''କୋଡ଼ଗର ବର୍ତ୍ତମାନର ଭାଗ୍ୟ ଆଉ କେତେ ଦିନ ଚାଲିବ ବୋଲି ଆପଣ ଭାବୁଛନ୍ତି?''

''ଏ କଥା କ'ଣ ଆପଣ ସତରେ ପଚାରୁଛନ୍ତି। ପରିହାସ କରୁ ନାହାନ୍ତି ତ?''

''ଏମିତି କେବେ ହୋଇପାରେ ପଣ୍ଡିତ ମହାଶୟ? ଆପଣ ଯାହା ଜାଣନ୍ତି କହନ୍ତୁ।''

''ଏ ଶାସନ ଦୁଇବର୍ଷର ବର୍ଷଫଳରେ ଦେଖାଯାଉଛି। ଏହା ମଧ୍ୟରେ ସେମାନେ ଶାସନ ଛାଡ଼ିଦେଇ ପାରନ୍ତି ବା ଆପଣ ଚାହିଁଲେ ସେମାନଙ୍କ ହାତରୁ ଶାସନ ଛଡ଼ାଇ ନେଇ ପାରନ୍ତି। ଏଥି ମଧ୍ୟରୁ କିଛି ନ ହେଲେ ଏ ଶାସନ ପୂରା ଶହେ ବର୍ଷ ରହିବ।''

''ଶହେ ବର୍ଷ ପରେ କାହିଁକି ଏହାର ପତନ ହେବ?''

''ତା'ର ଗୋଟିଏ ମାତ୍ର କାରଣ ଅଛି। ମଣିଷ ସ୍ୱାର୍ଥପର ହୋଇଯାଏ। ଭୁଲ କ'ଣ ଓ ଠିକ୍ କ'ଣ ତାହା ଜାଣି ନ ପାରି ଲୋକ ବିବେକଶୂନ୍ୟ ହୋଇଯିବାରୁ ସବୁ ବିଗିଡ଼ି ଯାଏ।''

''ଠିକ୍ ଅଛି ପଣ୍ଡିତ ମହାଶୟ। ଆଉ କିଛି କହନ୍ତୁ।''

ଇଆଡ଼ୁ ସିଆଡ଼ୁ ଦୁଇପଦ କଥା ହୋଇ ଦୀକ୍ଷିତ ଘରକୁ ଚାଲି ଆସିଲେ।

Digitized by srujanika@gmail.com

ଦଶବର୍ଷରୁ ଅଧିକ ସମୟ ଅତିବାହିତ ହୋଇଗଲା । ସେମାନଙ୍କର ଭୂତପୂର୍ବ ରାଜାବୀରରାଜ ଇଂଲାଣ୍ଡ ଚାଲିଗଲେ ବୋଲି କୋଡଗବାସୀ ଖବର ପାଇଲେ । କନ୍ୟାକୁ ରାଜ୍ୟ ଦେବା ଆଶାରେ ବୀରରାଜ ମହାରାଣୀ ଭିକ୍ଟୋରିଆଙ୍କ ପାଖକୁ ପ୍ରାର୍ଥନା ପତ୍ର ପଠାଇ ତାକୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରାଇବା ପାଇଁ ନିବେଦନ କଲେ । ସେ ବୀରରାଜଙ୍କ ପ୍ରାର୍ଥନା ସ୍ୱୀକାର କରିବାରୁ ରାଜକୁମାରୀ ଖ୍ରୀଷ୍ଟଧର୍ମ ଗ୍ରହଣ କଲେ । ଏ ଖବର ସେତେବେଳେ କୋଡ଼ଗରେ ପହଞ୍ଚି ପାରି ନଥିଲା । ମେଘଲିଙ୍ଗ ରାଜକୁମାରୀଙ୍କୁ ରାଜ୍ୟ ଦେବାପାଇଁ ବହୁତ ଦୌଡ଼ାଦୌଡ଼ି କଲେ ମଧ ତାଙ୍କ କଥା ରହିଲା ନାହିଁ । ବର୍ଷେ ଦୁଇବର୍ଷରେ ରାଜକୁମାରୀଙ୍କର କାପ୍‌ଟେନ୍ ସାହେବଙ୍କ ସହ ବିବାହ ହୋଇଗଲା ଓ କିଛି ବର୍ଷ ପରେ ସେ ଗୋଟିଏ କନ୍ୟାସନ୍ତାନକୁ ଜନ୍ମ ଦେଲେ । କନ୍ୟା ଜନ୍ମ ହେବାର ତିନିବର୍ଷ ପରେ ବୀରରାଜ ପ୍ରାଣତ୍ୟାଗ କଲେ । ତା'ର ଦୁଇବର୍ଷ ପରେ ରାଜକୁମାରୀ ମଧ ପ୍ରାଣତ୍ୟାଗ କଲେ । କୋଡ଼ଗ ରାଜଘରାନାର ଇଂରେଜ ଜୀବନର ଚିହ୍ନ ସ୍ୱରୂପ ଏତିଥି ସାତୁ ଭିକ୍ଟୋରିଆ ଗୌରୀ ୦କମ୍ପଲ ନାମ୍ନୀ ଛୋଟ ଝିଅଟି ନିଜ ପିତା କାପ୍‌ଟେନ୍‌ଙ୍କ ସହିତ ଇଂଲାଣ୍ଡରେ ରହିଗଲା ।

ସେତେବେଳକୁ କୋଡ଼ଗ ଇଂରେଜଙ୍କ ହାତରେ ପଡ଼ିବାର ତିରିଶ ବର୍ଷ ହୋଇଯାଇଥିଲା । କୋଡ଼ଗର ଜନତାଙ୍କୁ ଏହା ମଧ୍ୟରୁ କୌଣସି କଥା ଜଣା ନଥିଲା ।

Digitized by srujanika@gmail.com

ଉପସଂହାର

ଆଉ ଷାଠିଏ ବର୍ଷ ବିତିଗଲା। ଭାରତ ନିଜକୁ ଇଂରେଜଙ୍କ ହାତରୁ ମୁକ୍ତ କରିବାର ପ୍ରୟାସ କରୁଥିଲା। ମିତ୍ର ଉତ୍ତୟାଙ୍କ ନିମନ୍ତ୍ରଣ ସ୍ୱୀକାର କରି ମହୀଶୂରରୁ ଚାରିଜଣ ବନ୍ଧୁ ପଡୋଶୀ ରାଜ୍ୟ କୋଡ଼ଗ ଦେଖିବାକୁ ଆସି ତା'ର ସୌନ୍ଦର୍ଯ୍ୟ ଦେଖି ଚକିତ ହୋଇଯାଇଥିଲା କିନ୍ତୁ ଏ କୋଡ଼ଗୀମାନେ ନିଜକୁ କାହିଁକି ଇଂରେଜଙ୍କ ହାତରେ ସମର୍ପି ଦେଲେ ଭାବି ସେମାନେ ଆଶ୍ଚର୍ଯ୍ୟ ହେବାକୁ ଲାଗିଲେ। ବନ୍ଧୁ ଉତ୍ତୟା ସେମାନଙ୍କୁ ଚିକ୍କବୀର ରଜେନ୍ଦ୍ରଙ୍କ କାହାଣୀ ଶୁଣାଇଲେ। "ମୋର ଜେଜେ ବାପା ଉତ୍ତୟାଙ୍କ ସହିତ ରାଜକୁମାରୀଙ୍କ ବିବାହ ପ୍ରସ୍ତାବ ଚାଲିଥିଲା କିନ୍ତୁ ପୁନର ରାଜ୍ୟପ୍ରାପ୍ତି କରିବା ଆଶାରେ ବୀରରାଜ ସେ କଥା ଏଡେଇ ଦେଇ କନ୍ୟାଙ୍କୁ ଖ୍ରୀଷ୍ଟଧର୍ମରେଦୀକ୍ଷିତ କରାଇଦେଲେ।" ସେଥିଯୋଗୁଁ ଏ ରାଜାଙ୍କ ସମ୍ବନ୍ଧରେ ଅନେକ ପ୍ରଚଳିତ କିମ୍ବଦନ୍ତୀ ଶୁଣିବାକୁ ମିଳେ। ସେମାନଙ୍କୁ ଜଣାଗଲା ଯେପରି ଚିକ୍କବୀର ରାଜାଙ୍କ କହାଣୀ ଜନତାର ଆଖି ଖୋଲିବା ପାଇଁ ଯଥେଷ୍ଟ ଥିଲା। ତେଣୁ କାହାଣୀକାର ତାହା ଲେଖିବାକୁ ବିଚାର କଲେ।

ଏହାପରେ ଚାରିବର୍ଷ ବିତିଗଲା। ଭାରତବର୍ଷର ସ୍ୱାଧୀନତା ସଂଗ୍ରାମର ଇତିହାସରେ ଆଉ ଗୋଟିଏ ଲକ୍ଷ ସ୍ଥିର ହୋଇ ସାରିଥିଲା। ଇଂଲାଣ୍ଡରେ 'ଗୋଲ୍ ଟେବୁଲ କନ୍‌ଫରେନ୍ସ୍' ହେଲା। ସେଥିପାଇଁ ଏମାନଙ୍କ ମଧ୍ୟରୁ ଦୁଇଜଣ ମିତ୍ର ଇଂଲାଣ୍ଡ ଗଲେ।

ମନୁଷ୍ୟ ପରି ଜୀବନ ମଧ୍ୟ ନିଜର କାହାଣୀ ରଚନା ଯୋଗୁଁ ହିଁ ମନୁଷ୍ୟମାନଙ୍କ ମଧ୍ୟରେ କାହାଣୀ ରଚନା କରିବାର ପ୍ରବୃତ୍ତି ଦେଖାଯାଏ। ଇଂଲାଣ୍ଡ ପହଞ୍ଚିବାର କିଛି ଦିନ ପରେ ଉଭୟେ ମିତ୍ର ଏ କଥା ଅନୁଭବ କଲେ। ସେମାନଙ୍କୁ ଜଣାଥିଲା ଯେ ସେମାନଙ୍କ ମିତ୍ର କୋଡ଼ଗର କାହାଣୀ ଲେଖିବାକୁ ଚାହୁଁଥିଲା। ସେଥିପାଇଁ ରାଓ ସାହେବ ନିଜ ଅନୁଭବ ସମ୍ବନ୍ଧରେ ତାଙ୍କ ପାଖକୁ ପତ୍ର ଲେଖିଲେ।

"ମିତ୍ର ଉତ୍ତୟାଙ୍କ ସହିତ ଆମର କୋଡ଼ଗ ଇତିହାସ ସମ୍ବନ୍ଧରେ ଚର୍ଚ୍ଚା ହୋଇଥିଲା ଓ ଆପଣ କୋଡ଼ଗ ଇତିହାସକୁ ଆଧାର କରି ଗୋଟିଏ କାହାଣୀ ଲେଖିବା କଥା ଭାବିଥିଲେ। ଏଠାରେ ତିନିଦିନ ମଧ୍ୟରେ ଘଟିଥିବା ଘଟଣାରୁ ମୋର ସେ କଥା ପୁଣି ମନେ ପଡୁଛି। ଆପଣ ଶୁଣିଲେ ଖୁବ୍ ଆଶ୍ଚର୍ଯ୍ୟ ହେବେ। ହୁଏତ ଏ ଘଟଣା ଆପଣଙ୍କ ପାଇଁ ହିଁ ଘଟିଛି।"

କଥାବାର୍ତ୍ତା ଏହି ପ୍ରକାର ଥିଲା :

ରାଓ ସାହେବ : ଆପଣ ନିଜ ଅଜାଙ୍କୁ ଦେଖି ନଥିବେ ତ ?"

"ଏଡିଥ୍ : 'ତା ଠିକ୍, ମା'ଙ୍କ କଥା ମଧ୍ୟ ମୋର ଝାପ୍‌ସା ଭାବେ ମନେ ଅଛି। ମୋ ପିତାଙ୍କର ଖବର ନ ମିଳିବା କଥା ମଧ୍ୟ ଆପଣ ଖବର କାଗଜରେ ପଢ଼ିଥିବେ। ସେତେବେଳେ ମୁଁ ପ୍ରାୟ ସାତବର୍ଷର ଥିଲି। ମୋର ଖାଲି ତାଙ୍କର ଚେହେରା ମନେ ଅଛି।"

Digitized by srujanika@gmail.com

"ବାସ୍ତବରେ ତାଙ୍କର କ'ଣ ହେଲା ତା ବୋଧହୁଏ ପରେ ଖବର ମିଳିଲା ? ପୁସ୍ତକରେ ପଢ଼ିଥିଲି ଯେ ଆପଣଙ୍କ ମାତାଙ୍କ ପାଇଁ ରାଣୀ ଗୌରମ୍ମା ଯେଉଁ ଅଳଙ୍କାର ଓ ରତ୍ନ ରଖିଥିଲେ ତାହା ନେଇ ଆପଣଙ୍କ ପିତା ସକାଳୁ କୁଆଡ଼େ ଚାଲିଗଲେ ଆଉ ଜଣା ପଡ଼ିଲା ନାହିଁ।"

"ଆଜ୍ଞା ହଁ, ମୁଁ ଶୁଣିଥିଲି ଯେ ମୋ ପିତାଙ୍କ କୌଣସି କାର୍ଯ୍ୟରେ ଫ୍ରାନ୍ସ ଯିବାର ଥିଲା। ସେ ଭାବିଲେ ଯେ ଏ ଦାମୀ ଅଳଙ୍କାର ଗୁଡ଼ିକୁ ଘରେ ନରଖି ବ୍ୟାଙ୍କରେ ସୁରକ୍ଷିତ ଭାବେ ରଖିଦେବା ଉଚିତ। ଫଳତଃ ସେ ସବୁ ଜିନିଷ ନେଇ ବ୍ୟାଙ୍କକୁ ଗଲେ। କିନ୍ତୁ ସେ ବ୍ୟାଙ୍କରେ ପହଞ୍ଚି ପାରିଲେ ନାହିଁ ବୋଲି ମୁଁ ସେହି ଦିନ ସନ୍ଧ୍ୟାବେଳେ ଜାଣି ପାରି ପୋଲିସରେ ରିପୋର୍ଟ ଦେଲି। ପୁଲିସ୍ ବହୁତ ଦୌଡ଼ାଦୌଡ଼ି କଲେ ମଧ୍ୟ ମୋ ପିତାଙ୍କର କ'ଣ ହେଲା ଜଣା ପଡ଼ିଲା ନାହିଁ। କେତେକ କହିଲେ ଯେ ମୋ ପିତା ଏ ସବୁ ଦାମୀ ଜିନିଷ ନେଇ କେଉଁଆଡ଼େ ପଳାୟନ କରିଛନ୍ତି। କିନ୍ତୁ ବାସ୍ତବରେ ସେ କଥା ଠିକ୍ ନଥିଲା।"

"ତିନିଦିନ ପୂର୍ବେ ଏହି ସଭାରେ ଭାଗ ନେବାକୁ ଆସିଥିବା ଆମେ ଚାରିଜଣ ସଭା ଭବନ ପାଖରେ ଥିବା ହୋଟେଲକୁ ଦ୍ୱିପ୍ରହରର ସମୟରେ ଖାଇବାକୁ ଯାଇଥିଲୁ। ଭୋଜନ କରୁଥିବା ସମୟରେ ସଭାରେ ହୋଇଥିବା ଗଣ୍ଡଗୋଳ ସମ୍ବନ୍ଧରେ ଆମେ ପାଟି କରି ନିଜ ପକ୍ଷକୁ ସମର୍ଥନ କରୁଥିଲୁ। ଏତିକିବେଳେ ପାଖ ଟେବୁଲରେ ବସିଥିବା ଜଣେ ଇଂରେଜ ମହିଳା ଭୋଜନ ସମାପ୍ତି ପରେ ଆମ ନିକଟକୁ ଆସି ନମସ୍କାର କରି କହିଲେ, "କ୍ଷମା କରିବେ, ଅଜାଣତରେ ଆପଣଙ୍କ କଥାବାର୍ତ୍ତାରୁ ଜଣା ପଡ଼ିଲା ଯେ ଆପଣମାନେ ମହୀଶୂରରୁ ଆସିଛନ୍ତି। ଆପଣଙ୍କ ସହ କଥାବାର୍ତ୍ତା ହେବାକୁ ଇଚ୍ଛା କରି ଆସିଛି।"

ଆମେ ସମସ୍ତେ ଉଠି ତାଙ୍କୁ ଗୋଟିଏ ଚଉକୀ ଉପରେ ବସିବାକୁ କହି ପଚାରିଲୁ, "ମହୀଶୂର ପ୍ରତି ଆପଣଙ୍କ ଦୁର୍ବଳତାର ତ କିଛି କାରଣ ଥିବ ? ଆମେ ତାହା ଜାଣି ପାରୁ କି ?"

"ମହୀଶୂର ପ୍ରତି ମୋ ଉସୁକତାର କାରଣ ହେଉଛି ଯେ ତାହା କୋଡ଼ଗର ପଡୋଶୀ ରାଜ୍ୟ। ମୋର କୋଡ଼ଗ ସହିତ ସମ୍ବନ୍ଧ ଅଛି।"

"ଶୁଣି ଭାରି ଖୁସୀ ଲାଗିଲା। ସେଠାରେ ଆପଣଙ୍କର କଫି ବଗିଚା ଥିବ ବୋଧହୁଏ।"

"ଆଜ୍ଞା ନାଁ। କିନ୍ତୁ ଭଗବାନଙ୍କର ଇଚ୍ଛା ଥିଲେ କୋଡ଼ଗ ମୋର ହୋଇପାରି ଥାଆନ୍ତା।"

"କ'ଣ କଥା ଦୟାକରି ଖୋଲି କରି କହନ୍ତୁ।"

"କୋଡ଼ଗର ଅନ୍ତିମ ରାଜା ରାଜା ବୀର ରାଜେନ୍ଦ୍ର ଏଠାକୁ ଆସି ପ୍ରାଣତ୍ୟାଗ କଲେ ବୋଲି ତ ଆପଣ ଜାଣିଥିବେ ? ତାଙ୍କ କନ୍ୟା ଭିକ୍ଟୋରିଆ ଗୌରମ୍ମା ମଧ୍ୟ ଏହିଠାରେ ଶେଷ ନିଃଶ୍ୱାସ ତ୍ୟାଗ କଲେ। ସେ କାପ୍‌ଟେନ୍‌କୁ ବିବାହ କରିଥିଲେ। ମୁଁ ତାଙ୍କ ଏକମାତ୍ର କନ୍ୟା, ମୋର ନାମ ଏଡିଥ୍ ସାତୁ।"

"ଏହା ଶୁଣି ଆମ୍ଭମାନଙ୍କ ଲୋମ ଟାଙ୍କୁରି ଉଠିଲା। ଆମେ ଖୁବ୍ ପ୍ରସନ୍ନତାର ସହିତ କହିଲୁ, "ଆମେ ଆପଣଙ୍କ ଭାବନାକୁ ବୁଝିପାରୁଛୁ। ଆପଣଙ୍କ ଦର୍ଶନ ପାଇବା ଆମ ପାଇଁ ସୌଭାଗ୍ୟର କଥା।"

Digitized by srujanika@gmail.com

"କାମ ଥିବାରୁ ଆମକୁ ଓ ତାଙ୍କୁ ପୁଣି ବୈଠକକୁ ଯିବାର ଥିଲା। ସେଥିପାଇଁ ସେ ନିଜ ଘର ଠିକଣା ଦେଇ କହିଲେ, "ସମୟ ହେଲେ କେତେବେଳେ ଆମ ଘରକୁ ଚା ପିଇବାକୁ ଆସିଲେ ମୁଁ ଭାରି ଖୁସୀ ହେବି।"

"ସମୟ ମିଳିବାକୁ ଆହୁରି କିଛି ଦିନ ଲାଗିବ। ସେ ପର୍ଯ୍ୟନ୍ତ ଅପେକ୍ଷା କରିବା ସମ୍ଭବ ନୁହେଁ। ସେଥିପାଇଁ ଏ ପତ୍ର ଲେଖୁଛି। ତାଙ୍କୁ ସାକ୍ଷାତ କରି ପାରିବା ପରେ ପୁଣି ଲେଖିବି।

182

ପନ୍ଦର ଦିନ ପରେ ପତ୍ର ଆସିଲା। ତାହା ଏହିପରି ଥିଲା– ଆଜି ମୁଁ ଓ ରାଓ ସାହେବ ଏଡିଥ୍ ସାତୁ ଗୌରମ୍ମାଙ୍କ ଘରକୁ ଯାଇଥିଲୁ। ସେଠାରେ ଘଣ୍ଟାଏ ବସି କଥାବାର୍ତ୍ତା କରି ଚାହା ପିଇ ଫେରିଲୁ।

"ତେବେ ଆପଣ କହୁଛନ୍ତି ଯେ ଆପଣଙ୍କ ପିତା ଏପରି ପ୍ରତାରଣା କରି ଚାଲିଯିବା ପରି ଲୋକ ନଥିଲେ ?"

"ଆଜ୍ଞା ହଁ। ମୋ ପିଉସୀଙ୍କ ମତରେ ଏତେ ଦାମୀ ଅଳଙ୍କାର ବ୍ୟାଙ୍କକୁ ନେଇଯିବା କଥା ଆମ ଭୃତ୍ୟମାନଙ୍କ ମଧ୍ୟରୁ କେହି ଜାଣିଥିଲା। ସେମାନେ ମୋର ପିତାଙ୍କୁ କୌଣସି ଉପାୟରେ ଧରିନେଇ ଯାଇ ଶେଷ କରି ଦେଇଛନ୍ତି। ସେତେବେଳେ ମୁଁ ଖୁବ୍ ଛୋଟ ଥିବାରୁ ଏପରି କଥା ଭାବିବା ଓ ବୁଝିବାର ଶକ୍ତି ମୋର ନଥିଲା। କିନ୍ତୁ ବର୍ତ୍ତମାନ ଭାବିଲେ ବାରମ୍ବାର ପିଉସୀଙ୍କ କଥା ଠିକ୍ ବୋଲି ମନେ ହେଉଛି।"

ରାଓ ସାହେବ: "ଶ୍ରୀମତୀ ଲୀପନେନ ଆପଣଙ୍କ ପିଉସୀ ?"

ଏଡିଥ୍! "ଆଜ୍ଞା ହଁ।"

ରାଓ ସାହେବ! "ଏସବୁ କଥାରୁ ଆପଣଙ୍କ ବିଚାର ଠିକ୍ ବୋଲି ମନେ ହେଉଛି। ଆପରଙ୍କ ପିତାଙ୍କୁ ଚୋର ବୋଲି ବଦନାମ କରିବାର କାହାର ଅଧିକାର ଅଛି ?"

ଏଡିଥ୍: "ଠିକ୍ କଥା। ଏଥିପାଇଁ ମୁଁ ଆପଣଙ୍କୁ ଧନ୍ୟବାଦ ଦେଉଛି।"

"ଏତେ ଧନ ହଜିଯିବାରୁ ଆପଣଙ୍କୁ ବହୁତ ଅସୁବିଧା ହୋଇଥିବ ?"

"ସେମିତି କିଛି ହୋଇନାହିଁ, ଛାଡ଼ନ୍ତୁ। ଯାହା ହଜିଗଲା ତା ତ ଅମୂଲ୍ୟ ସମ୍ପଦ ଥିଲା। ତେବେ ମା'ଙ୍କ ନାମରେ ଥିବା ସମ୍ପତ୍ତି ମୋତେ ମିଳିଥିଲା ଓ ପିତାଙ୍କର ସଞ୍ଚୟ ମଧ୍ୟ ଅନେକ ଥିଲା। ପିଉସୀ ଲୋପନ ଖୁବ୍ ଆରାମ୍‌ରେ ମୋତେ ପାଳିଛନ୍ତି।"

"ଆପତ୍ତି ନଥିଲେ ଆପଣଙ୍କର ବର୍ତ୍ତମାନର ସ୍ଥିତି ଜାଣିବାକୁ ମୁଁ ଖୁବ୍ ଉତ୍ସୁକ।"

"ଏଥିରେ ଆପତ୍ତି କରିବାର କ'ଣ ଅଛି। କହୁଚି, ଶୁଣନ୍ତୁ। କୋଡ଼ିଏ ବର୍ଷ ପରେ ମୋର ବିବାହ ହୋଇଥିଲା। ଚାରିବର୍ଷ ପରେ ଗୋଟିଏ ସନ୍ତାନ ଜନ୍ମ ହେଲା। ୧୯୧୦ରେ

Digitized by srujanika@gmail.com

ମୋର ସ୍ୱାମୀ କାପ୍ଟେନ୍ ୟାର୍ଡ଼ଲୀଙ୍କର ସ୍ୱର୍ଗବାସ ହେଲା । ମୂଳରୁ ମୋର ପୁତ୍ର ସେନାବାହିନୀରେ ଭର୍ତ୍ତି ହୋଇ ଯାଇଥିଲା । ୧୯୧୮ରେ ଅଷ୍ଟ୍ରେଲିଆ ଯାଇ ସେଠାରେ ଯୁଦ୍ଧରେ ପ୍ରାଣତ୍ୟାଗ କଲା । ମୁଁ ଏକୁଟିଆ ଦିନ କାଟୁଛି । ଭଗବାନଙ୍କର ଯେତେଦିନ ବରାଦ ଥିବ ଏମିତି ଭାବେ ଦିନ କଟାଉଥିବି ।''

''ଭଗବାନଙ୍କ ଇଚ୍ଛା ଧୀରେ-ଧୀରେ ପୂର୍ଣ୍ଣ ହେଉ । ଆପଣଙ୍କର ପାଖରେ ଆପଣଙ୍କର ମାତା, ଆଇ ତଥା ଅଜାଙ୍କର ସମ୍ବନ୍ଧିତ କାଗତ-ପତ୍ର ତ ରହିବା କଥା ?''

''କିଛି କାଗଜପତ୍ର ଥିଲା ବୋଲି ଶୁଣିଥିଲି । ସେଥିରୁ କିଛି ହଜିଯାଇଛି, ବାକୀ ସରକାରୀ ଗ୍ରନ୍ଥାଳୟକୁ ଦିଆଯାଇଛି ବୋଲି ପିଉସୀ କହୁଥିଲେ । ବର୍ତ୍ତମାନ କେବଳ ଦୁଇଟି ଜିନିଷ ମୋ ପାଖରେ ରହିଯାଇଛି । ତାହା ହେଉଛି ମୋ ମା ମୋତେ କୋଳରେ ଧରି ଅଜା ଓ ପିତାଙ୍କ ସହିତ ଉଠାଇଥିବା ଫଟୋ ଓ ମୋ ମାଙ୍କ ଦ୍ୱାରା ତିଆରି ହୋଇଥିବା ଆଈଙ୍କର ରଙ୍ଗୀନ ଚିତ୍ର, ତାହା ଆପଣଙ୍କୁ ଦେଖାଉଛି ।''

ଏହା କହି ସେ ଭିତର କୋଠରୀକୁ ଯାଇ ଗୋଟିଏ ଫ୍ରେମ୍‌ରେ ବନ୍ଧାଇ ଚିତ୍ର ଓ ଗୋଟିଏ ଚାରିଜଣିଆ ଫଟୋ ଆଣିଲେ । ଫଟୋରେ ବୀରରାଜଙ୍କ ମୁଖ ବେଶ୍ ତେଜସ୍ୱୀ ଓ ଗମ୍ଭୀର ଦେଖାଯାଉଥିଲା । କନ୍ୟା ଅସୁସ୍ଥ ଥିବା ପରି ମନେ ହେଉଥିଲା । ଜାମାତା ବେଶୀ ଭଲ ବା ବେଶୀ ଖରାପ ନୁହେଁ । ସାଧାରଣ ବ୍ୟକ୍ତି ପରି ଦେଖାଯାଉଥିଲା ।

ଏହା ଦେଖାଇ ସାରିବା ପରେ ସେ ମୋ ହାତରେ ଗୋଟିଏ ପୁରୁଣା ଫଟୋ ଦେଇ ''ଇଏ ମୋର ଆଈ ବୋଲି କହିଲେ ।

ତାହା ଦେଖି ମୋତେ ଆଶ୍ଚର୍ଯ୍ୟ ଲାଗିଲା । ତାହା ପ୍ରଖ୍ୟାତ ନର୍ତ୍ତକୀ ଏଲେନ୍ ଟେରୀର ଚିତ୍ର ଥିଲା ।

ମୁଁ କିଛି କହିବା ପୂର୍ବରୁ ମୋର ହାବ-ଭାବରୁ ତାହା ତାଙ୍କ ଆଈଙ୍କର ଚିତ୍ର ନୁହେଁ ବୋଲି ଜାଣିପାରିଲେ । ''କଣ ? ପୁଣି ମୁଁ ଭୁଲ୍ କରି ଦେଲି ନାଁ କଣ ? ଏମିତି କେତେ ଥର ଏଲେନ୍ ଟେରୀର ଚିତ୍ର ଦେଇ ଦିଏ, ପୁଣି ପରେ ଜାଣିପାରି ଆଈଙ୍କ ଚିତ୍ର ଦେଖାଏ । ଏଲେନ୍ ମୋର ପରିଚିତା ଓ ଖୁବ୍ ପ୍ରସିଦ୍ଧ ନାରୀ । ସେଇ ନିଜେ ମୋତେ ଏ ଚିତ୍ର ଦେଇଥିଲା । ଏ ହେଉଛି ମୋ ଆଈଙ୍କ ଚିତ୍ର'' କହି ଆଉ ଗୋଟିଏ ଚିତ୍ର ଦେଲେ ।

''ଆହା ! କି ସୁନ୍ଦର ମୁହଁ । ଇଏ କୋଡ଼ଗର ରାଣୀ ?''

ଆମେ ଦୁଇଜଣ ତତ୍‌କ୍ଷଣାତ୍ ଉଠି ଚିତ୍ରକୁ ପ୍ରଣାମ କରି ସାରି ଅନେକ ସମୟ ପର୍ଯ୍ୟନ୍ତ ତାହା ଦେଖିବାକୁ ଲାଗିଲୁ । ଏତେ ଦେଖିଲେ ମଧ୍ୟ ମନ ଭରିଲା ନାହିଁ ।

ଏଡ଼ିଥ୍ : ''ଚିତ୍ର ଆପଣମାନଙ୍କୁ ଏତେ ଭଲ ଲାଗିଲା ଦେଖି ମୁଁ ଖୁବ୍ ଖୁସୀ ହେଲି । ଏ ଚିତ୍ରରୁ ଜଣା ପଡୁଛି ଯେ ମୋ ଆଈ ସ୍ୱଭାବତଃ ରାଣୀ ଥିଲେ ।''

''ହଁ ଭଉଣୀ, ନିଜ ମା'ଙ୍କର ଏତେ ସୁନ୍ଦର ଚିତ୍ର ତିଆରି କରିଥିବା ଆପଣଙ୍କ ମା' ଯେ ଜଣେ କୁଶଳୀ ଚିତ୍ରକାର ଏଥିରେ ସନ୍ଦେହ ନାହିଁ ।''

Digitized by srujanika@gmail.com

"ଆଜ୍ଞା ହଁ। କିନ୍ତୁ ପିଉସୀ କହୁଥିଲେ ଯେ କୁଶଳତାରୁ ଅଧିକ ନିଜ ମା'ଙ୍କ ପ୍ରତି ଅତ୍ୟଧିକ ଶ୍ରଦ୍ଧା ହେତୁ ଚିତ୍ରରେ ଏପରି କାନ୍ତି ଆସିଛି।

"ଏଥିରୁ ଜଣାପଡୁଛି ଯେ ଆପଣଙ୍କ ପିଉସୀ ନିଜ ଭାଉଜଙ୍କୁ ବହୁତ ସ୍ନେହ କରୁଥିଲେ।"

"ଆପଣଙ୍କ କଥା ଠିକ୍। ମୋ ମା'ଙ୍କ ଜୀବନ ପ୍ରତି ମୋ ପିଉସୀଙ୍କ ଅଗାଧ ସ୍ନେହ ହିଁ ତାଙ୍କ ପ୍ରସନ୍ନତାର ସବୁଠାରୁ ବଡ଼ କାରଣ ଥିଲା।"

"ଟିକିଏ ସ୍ପଷ୍ଟ କରି କହନ୍ତୁ।"

"କହୁଛି, ଶୁଣନ୍ତୁ। ଏଥିରେ ଲୁଚାଇବାର କଣ ଅଛି। ଅନ୍ତିମ ଦିନଗୁଡ଼ିକରେ ମୋ ମାତା ଓ ପିତାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେଇଥିଲା।"

"ଏ କଥା ମୁଁ କେଉଁଠି ପଢ଼ିଥିଲି।"

"ଆଜ୍ଞା ହଁ। ବାଲ୍ୟକାଳରେ ମୋ ମା ଉଭୟା ନାମକ ଏକ କୋଡ଼ଗୀ ତରୁଣଙ୍କ ସମ୍ପର୍କରେ ଆସିଥିଲେ। ତାଙ୍କ ସହ ବିବାହ କଥା ମଧ୍ୟ ଚାଲିଥିବ। ମୋ ପିତା ସେତେବେଳେ ଭାରତରେ ଥିଲେ। ସେ ମଧ୍ୟ ଏକଥା ଶୁଣିଥିଲେ। ମୋ ମା ଗର୍ଭବତୀ ଅବସ୍ଥାରେ ଖୁବ୍ ବେମାର ପଡ଼ିଥିଲେ। ପ୍ରସବ ଦିନ ନିକଟ ହେବାରୁ ତାଙ୍କର ମନେ ହେଲା ଯେ ସେ ଆଉ ବଞ୍ଚିବେ ନାହିଁ। ସେଥିପାଇଁ ଯଦି ସନ୍ତାନଟି ବଞ୍ଚିରହେ ଓ ପୁତ୍ର ହୁଏ ତ ଉତ୍ତା ଓ କନ୍ୟା ହେଲେ ସାତୁ ତା ନାମ ସହ ଯୋଡ଼ିବାକୁ ଅନୁରୋଧ କରିଥିଲେ। ପତ୍ନୀ ନିଜ ପୂର୍ବତନ ପ୍ରେମିକଙ୍କୁ ଏ ପର୍ଯ୍ୟନ୍ତ ମନେ ପକାଉଛି ଭାବି ମୋ ପିତା ବିରକ୍ତ ହେବାରୁ ପିଉସୀ ରାଗିଯାଇ ତାଙ୍କୁ "ତୁମେ ଓ 'ଅଥେଲୋ' ହୋଇଗଲ" ବୋଲି କହିଲେ।"

"ପୁରୁଷ ଜାତି ହେଉଛି ଅଥେଲୋ।"

"ଏହା ଜାଣି ମୋ ମା ଖୁବ୍ ଦୁଃଖିତ ହେଲେ। ମୁଁ କନ୍ୟା ହୋଇ ଜନ୍ମ ହେବାରୁ ସେ ଆନନ୍ଦିତ ହେଲେ ମଧ୍ୟ ଗୋଟିଏ କଥା ତାଙ୍କ ମନରେ ଥିଲା।"

ଆମେ କିଛି ଉତ୍ତର ନ ଦେବାରୁ ସେ କିଛିକ୍ଷଣ ପରେ ପୁଣି କହିଲେ, "ପିତାଙ୍କ ଇଚ୍ଛାରେ ସେ ଖ୍ରୀଷ୍ଟଧର୍ମ ଗ୍ରହଣ କଲେ। କିନ୍ତୁ ତାଙ୍କ ମା ଯେଉଁ ଓଁକାରେଶ୍ୱରଙ୍କୁ ଅଗାଧ ଭକ୍ତିରେ ଆରାଧନା କରୁଥିଲେ ତାଙ୍କୁ ଗୋଟିଏ ହୀରା ଅର୍ପିତ କରିବାକୁ ତାଙ୍କର ବହୁତ ଇଚ୍ଛାଥିଲା। ସେହି ହୀରାକୁ ସେ ଅଲଗା କରି ରଖିଥିଲେ ମଧ୍ୟ ତାହା ଭାରତ ପଠାଯାଇ ପାରିଲା ନାହିଁ। ମୃତ୍ୟୁ ପୂର୍ବରୁ ସେ ପିତାଙ୍କୁ କହିଲେ, "ମୁଁ ତ ପଠାଇବାରେ ବିଳମ୍ବ କରିଦେଲି, ଆପଣ ପଠାଇଦେବେ।"

"ସେ ହୀରା ଭଗବାନଙ୍କ ନିକଟରେ ପହଞ୍ଚି ପାରିଲା ନାହିଁ?"

"ନାଁ, ପିତା ମଧ୍ୟ ଡେରି କରିଦେଲେ। ସେ ଅନ୍ତର୍ଦ୍ଧାନ ହେବା ଦିନ ଅନ୍ୟ ସବୁ ଅଳଙ୍କାର ସହିତ ତାହା ମଧ୍ୟ ହଜିଗଲା।"

"ତା ବଦଳରେ ଆପଣ କଣ ଆଉ କିଛି ପଠାଇ ପାରିବେ ନାହିଁ?"

Digitized by srujanika@gmail.com

"ତାହା ତ ଦଶ ପନ୍ଦର ହଜାର ପାଉଣ୍ଡ ମୂଲ୍ୟର ହୀରା ଥିଲା। ତା ବଦଳରେ ମୁଁ ବା କଣ ଦେଇ ପାରିବି ?"

ଆମେ ଇଆଡୁ ସିଆଡୁ କଥା ହୋଇ ଫେରି ଆସିଲୁ।

କଣ କାହାଣୀ ଭଲ ନାଁ ? ବୀରରାଜଙ୍କ କନ୍ୟାସହ ନିଜ ଚେଲେବାପା ଉତ୍ତୟାଙ୍କର ବିବାହ ହେବାର କଥା ଥିଲା। ବୀରରାଜ ମାଙ୍ଗାଲୋର ଚାଲି ଯିବାରୁ ସେ ପ୍ରସ୍ତାବ ଭାଙ୍ଗିଗଲା। ଚେଙ୍ଗେ ଉତ୍ତୟା ସେତେବେଳେ ବଡ଼ ଉତ୍ତୟାଙ୍କ ନାତୁଣୀକୁ ବିବାହ କଲେ। ଆମ ମିତ୍ର ଉତ୍ତୟା ଏ ଯେଉଁ କଥା କହିଥିଲେ ତାହା ବର୍ତ୍ତମାନର ପ୍ରସଙ୍ଗ ସହିତ ମିଶିଗଲା।

ବେଶ ଏ ପର୍ଯ୍ୟନ୍ତ କାହାଣୀ ଲେଖି ନ ଥିବା ପରି ମନେ ହେଉଛି। ଶୀଘ୍ର ଲେଖନ୍ତୁ। ମୁଁ ଦେଇଥିବା ବିବରଣୀ ଆପଣଙ୍କ କାର୍ଯ୍ୟରେ ଲାଗିପାରେ। ଉଚିତ ମନେ କଲେ ଆପଣ ଏଇ ତଥ୍ୟ ସବୁକୁ ଉପଯୋଗ କରିପାରନ୍ତି। ଯେତେ ଶୀଘ୍ର ଆପଣ କାହାଣୀ ଲେଖିବେ ସେତେ ଶୀଘ୍ର ମୁଁ ତାହା ପଢ଼ି ସନ୍ତୋଷ ଲାଭ କରିବି।

ଏହି ପ୍ରକାର ପତ୍ର ସମାପ୍ତ ହେଲା। ବଡ଼ମାନଙ୍କ ପତ୍ରରୁ ପ୍ରାପ୍ତ ସମସ୍ତ ବିବରଣ ଏ କାହାଣୀରେ ଉପଯୋଗ କରାଯାଇଛି। ସେ ପତ୍ରକୁ କେବଳ କାହାଣୀ ସହ ପ୍ରଯୁକ୍ତ କଲେ ହେବ ନାହିଁ ବରଂ ସେଥିରେ ଥିବା ବାକ୍ୟ ଦ୍ୱାରା କାହାଣୀ ସମାପ୍ତ କରିବା ଭଲ। ରାଓ ସାହେବଙ୍କ ପତ୍ର ଏ କାହାଣୀ ପାଇଁ 'ଭରତ-ବାକ୍ୟ' ସଦୃଶ।

Printed by Akashdeep Printers, 20 Ansari Road, Darya Ganj, New Delhi-110 002.

Digitized by srujanika@gmail.com

ଚିକ୍କବୀର ରାଜେନ୍ଦ୍ର କନ୍ନଡ଼ି ସାହିତ୍ୟରେ ଏକ ଉଚ୍ଚକୋଟୀର ସାହିତ୍ୟିକ କୃତି ଯାହା ଲାଗି କି ଲେଖକ ଭାରତର ସର୍ବୋଚ୍ଚ ସାହିତ୍ୟିକ ସମ୍ମାନ, ଜ୍ଞାନପୀଠ ଦ୍ୱାରା ପୁରସ୍କୃତ।

ଏହି ଉପନ୍ୟାସ ଦକ୍ଷିଣ ଭାରତର ମହୀଶୂର ରାଜ୍ୟ ସମୀପସ୍ଥ ଏକ ଛୋଟ ଜାଗା କୋଡ଼ଗୁର ଇତିହାସ ସହିତ ସମ୍ବନ୍ଧିତ। **1956** ମସିହାରେ କୋଡ଼ଗୁ ମହୀଶୂର ଏକ ଅଂଶ ରୂପେ ସ୍ଥାପିତ ହେଲା। ଇଂରେଜମାନେ ଏହା ଚିକ୍କବୀର ରାଜେନ୍ଦ୍ରଙ୍କ ସମୟରେ ନିଜର ଅଧୀନକୁ ନେଇଥିଲେ। ଏହାର ପୂର୍ବ ଘଟଣାବଳୀ ବି ଲେଖକ ଏଥିରେ ପରିଷ୍କାର ଭାବେ ଦର୍ଶାଇଛନ୍ତି। ରାଣୀ-ଗୌରମ୍ମାଜୀ, ରାଜାଙ୍କର ଭଉଣୀ-ଦେବମ୍ମାଜୀ, ରାଜାଙ୍କର ଝିଅ, ମନ୍ତ୍ରୀ- ବୋପନ୍ନା, ଜାମାତା-ଚିନ୍ନବସବ, ବଂଧୁ-ଲଙ୍ଗଡା ବସବ (ଜଙ୍କ ବସବ) ଇତ୍ୟାଦି ମୁଖ୍ୟ ଐତିହାସିକ ଚରିତ୍ରଙ୍କୁ ନେଇ ଏହି ଅମୂଲ୍ୟ ଗ୍ରନ୍ଥର ରଚନା।

ଶ୍ରୀନିବାସ (ମସ୍ତିଭେଙ୍କଟେଶ ଆୟଙ୍ଗାର) କନ୍ନଡ଼ ସାହିତ୍ୟର ଜଣେ ଅଗ୍ରଗଣ୍ୟ ଔପନ୍ୟାସିକ ତଥା ଗାଳ୍ପିକ। ତାଙ୍କୁ କନ୍ନଡ଼ ସାହିତ୍ୟର ଜନକ କୁହାଯାଏ। କନ୍ନଡ଼ ସାହିତ୍ୟ ସମ୍ମିଳନୀ ତଥା କନ୍ନଡ଼ ସାହିତ୍ୟ ପରିଷଦର ମଧ୍ୟ ସେ ଅଧ୍ୟକ୍ଷ ଥିଲେ।

ଟ 54.00

ନ୍ୟାସ୍‌ନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com